# ଅଙ୍ଗେନିଭା କଥା

ଡାକ୍ତର ହୃଷୀକେଶ ପରିଡ଼ା



Digitized by srujanika@gmail.com

# ଅଙ୍ଗେନିଭା କଥା

ଆତ୍ମଜୀବନୀ

ଡାକ୍ତର ହୃଷୀକେଶ ପରିଡ଼ା

ଆରୋହୀ

Digitized by srujanika@gmail.com

# ଅଙ୍ଗେନିଭା କଥା

ଆତ୍ମଜୀବନୀ

ଲେଖକ :

**ଡାକ୍ତର ହୃଷୀକେଶ ପରିଡ଼ା**

■

ପ୍ରକାଶକ :

**ଆରୋହୀ**

କଲ୍ୟାଣୀନଗର, କଟକ-୧୩

■

ମୁଦ୍ରଣ :

ଟେକ୍ନୋଆର୍ଟସ୍ ଅଫସେଟ୍

କଲ୍ୟାଣୀନଗର, କଟକ-୧୩

■

ମୂଲ୍ୟ : ଟ.୧୭୫/-

■

ପ୍ରଥମ ସଂସ୍କରଣ : ୨୦୦୮

# ANGENIBHA KATHA

**Autobiography**

■

Writer :

**Dr. Hrusikesh Parida**

■

Publisher :

**AROHEE**

Kalyani Nagar, Cuttack-13

■

Printed at :

**TECHNOARTS OFFSET**

Kalyani Nagar, Cuttack-13

■

Price : **Rs. 175/-**

■

First Edition : **2008**

*Digitized by srujanika@gmail.com*

# ଉତ୍ସର୍ଗ



ପରଲୋକଗତା ମୋର ମମତାମୟୀ ମା' ପଦ୍ମାବତୀଙ୍କ ପୁଣ୍ୟସ୍ମୃତି
ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ

Digitized by srujanika@gmail.com

# ସୂଚୀପତ୍ର


| | | |
|---|---|---|
| ୧. | ମୋ ପିଲାଦିନ | ୭ |
| ୨. | କଟକରେ ପାଠପଢ଼ା | ୨୪ |
| ୩. | ଡାକ୍ତରୀ ଜୀବନର ପହିଲି ସ୍ୱାଦ | ୫୨ |
| ୪. | ଅଭୁଲା ସ୍ମୃତି : ବିଲାତ | ୭୩ |
| ୫. | ସ୍ନାତକୋତ୍ତର ଉପାଧି ଓ କଲେଜ ଚାକିରି | ୯୧ |
| ୬. | ସର୍ଜରୀ ସ୍ପେଶାଲିଷ୍ଟ | ୯୮ |
| ୭. | ସର୍ଜନ ବାବୁ | ୧୧୦ |
| ୮. | ବିରଜା କ୍ଷେତ୍ରରେ ତିନୋଟି ବର୍ଷ | ୧୨୦ |
| ୯. | କାହାଣୀ ନୁହେଁ | ୧୩୬ |
| ୧୦. | ଆଦିବାସୀ ମେଳରେ ୪ ବର୍ଷ | ୧୫୦ |
| ୧୧. | ରାଜୁଡ଼ା ରାଇଜର ରାଜା | ୧୭୩ |
| ୧୨. | କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ | ୧୯୨ |
| ୧୩. | ନିର୍ବାଣ ପଥେ | ୨୦୫ |
| ୧୪. | ଅବସର ପରେ ୨୦ ବର୍ଷ | ୨୨୦ |


୦୦୦

Digitized by srujanika@gmail.com

# ଭୂମିକା

କେବଳ ସତ୍ୟ ଉପରେ ଆଧାରିତ ଜୀବନର ଘଟଣାବଳୀ ସ୍ୱୟଂସଂପୂର୍ଣ୍ଣ ଜୀବନୀ ନୁହେଁ। ତତ୍‌କାଳୀନ ସାମାଜିକ ଚଳଣି ଉପରେ ଏହାର ପ୍ରଭାବ ତଥା କିଛିମାତ୍ରାରେ ଶିକ୍ଷଣୀୟ ବିଷୟବସ୍ତୁ ଅନ୍ତର୍ଭୁକ୍ତ ହେବା ଉଚିତ। ମନୋରଂଜନ ପାଇଁ ବିଷୟବସ୍ତୁ ନ ରହିଲେ ସାଧାରଣ ପାଠକଙ୍କୁ ହୁଏତ ଆକର୍ଷଣ କରିପାରିବ ନାହିଁ।

କଟକ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀରେ ୧୯୨୯ରେ ବଳଦଗାଡ଼ି ଯୁଗରେ ମୋର ଜନ୍ମ। ସାଇକେଲଟିଏ ବି ଦେଖି ନଥିଲି ବାଲ୍ୟଜୀବନରେ। ଆଧୁନିକ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟର ନାମଗନ୍ଧ ନଥିଲା।

ବାଲ୍ୟକାଳରୁ ପିତାଙ୍କୁ ହରାଇଛି। ବଙ୍ଗଳା ରାମାୟଣ ପଢ଼ିପାରୁଥିବା ମା (ବୋଉ) ଥିଲା ମୋର ସବୁକିଛି। ଦାରିଦ୍ର୍ୟର କଷାଘାତ ମୋର ପ୍ରଗତିପଥ ଅବରୋଧ କରିପାରିନି। ମା'ର ଆର୍ଶୀବାଦ, ସ୍ୱାଭିମାନକୁ ପାଥେୟ କରି ମୁଁ ଆଗେଇଛି। ଜୀବନର ସବୁ ଘାତପ୍ରତିଘାତ ମୁଣ୍ଡ ପାତି ସହିଛି। ରାଜ୍ୟର ସବୁଠାରୁ ଭଲ କଲେଜ (ରେଭେନ୍ସା କଲେଜ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ)ରେ ଅଧ୍ୟୟନ କରି ସୁନାମ ଅର୍ଜନ କରିଛି। ଉଚ୍ଚଶିକ୍ଷା ପାଇଁ ବିଲାତ ଯାଇଛି।

Digitized by srujanika@gmail.com

ଚାକିରୀ ଜୀବନରେ ମେଡ଼ିକାଲ କଲେଜ୍‌ରୁ ଆରମ୍ଭ କରି ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ କାମ କରି ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରି ୧୯୮୮ରେ ଯୁଗ୍ମସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଭାବେ ଅବସର ନେଇଛି ।

ତତ୍‌କାଳୀନ ଓଡ଼ିଶାର ସାମାଜିକ ଚିତ୍ର, ସ୍ୱାସ୍ଥ୍ୟସେବାର ଅବସ୍ଥା, ବିଲାତର ସ୍ୱାସ୍ଥ୍ୟସେବା ସହ ତୁଳନା, ପ୍ରତ୍ୟେକ ଜିଲ୍ଲାର ଦର୍ଶନୀୟ ସ୍ଥାନ ଓ ତାର ସ୍ୱତନ୍ତ୍ର ଆକର୍ଷଣ, କଲିକତା, ଦିଲ୍ଲୀ, ବମ୍ବେ, ମାଡ୍ରାସ୍ ଇତ୍ୟାଦି ମହାନଗରୀ ସମେତ ଜାମ୍ମୁକାଶ୍ମୀରର ଦର୍ଶନୀୟ ସ୍ଥାନ, ଭାରତର ଧର୍ମପୀଠ ବିଶେଷକରି ଚାରିଧାମ ବଦ୍ରିନାଥ, ରାମେଶ୍ୱର, ଦ୍ୱାରିକା, ନୀଳାଚଳ ସମେତ ଧନାଢ୍ୟ ଭେଙ୍କଟେଶ୍ୱର, ସାଇବାବା, ଶ୍ରୀ ଅରବିନ୍ଦ, ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦ ଇତ୍ୟାଦି ସ୍ଥାନ ପାଇଛି ।

ମୋର ବିଶ୍ୱାସ, ସବୁପ୍ରକାର ପାଠକମାନଙ୍କ ମନଛୁଇଁଲାଭଳି କିଛି କିଛି ବିଷୟବସ୍ତୁ ରହିଛି । ମୋର ଅତି ପ୍ରିୟବଂଧୁ (କୁନି ଡାକ୍ତର) ପ୍ରଫେସର ଡକ୍ଟର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ପ୍ରେରଣାରେ ଅଶୀ ବର୍ଷ ବୟସରେ ପୁଣିଥରେ କଲମ ଧରିଛି । ଯଦି ମୋରି ଭଳି ଦୁଃସ୍ଥ ପିଲାମାନଙ୍କୁ କିଛିଟା ପ୍ରେରଣା ଦେବ ମୁଁ ନିଜକୁ ଧନ୍ୟ ମନେ କରିବି ।

ସର୍ବେସନ୍ତୁ ନିରାମୟାଃ

୩.୮.୦୮ — **ହୃଷୀକେଶ ପରିଡ଼ା**

ଗଣପତି ପୂଜା — ଯୋବ୍ରାରୋଡ଼, କଟକ

୦୦୦

Digitized by srujanika@gmail.com

# ମୋ ପିଲାଦିନ

## ୨୬.୧୦.୨୯ ରୁ ୫.୭.୪୭

କଟକ ଜିଲ୍ଲା କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍‌ର ଏକ ଅଖ୍ୟାତ ପଲ୍ଲୀରେ ମୋର ଜନ୍ମ । ନାଟ୍ୟକାର ଗୋପାଳ ଦାଶଙ୍କ ପାଇଁ ଏ ଗ୍ରାମଟି ବାହାର ଦୁନିଆରେ ଜଣାଶୁଣା ।

ଗ୍ରାମର ନାମ ପଳସିଂହା । ସାନମାଣତିଆ ପଳସିଂହା ଦୁଇଟି ସାମିଲ ମୌଜା । ତହସିଲ ରେକର୍ଡରେ ଦୁଇଟି ପୃଥକ ଗ୍ରାମ ହେଲେବି ସୀମା ସରହଦ ବାରି ହୁଏନି । କଟକ ଚାନ୍ଦବାଲି ରାସ୍ତାର ୬୫ କିଲୋମିଟର ଦୂରରେ ବନଦେବୀ ପଥରକଣି ଠାକୁରାଣୀଙ୍କ ପାଖରୁ ଲମ୍ବି ଯାଇଛି ଦକ୍ଷିଣରୁ ଉତ୍ତରକୁ । ତିନି କିଲୋମିଟରେ ଲମ୍ବ । ରାସ୍ତା ତ ନାହିଁ । ଚଲାବାଟ । ଗୁଡ଼ାଏ କିଆବାଡ଼ ଅତିକ୍ରମ କଲେ ମୁସଲମାନ ବସ୍ତି । ଗ୍ରାମ ଶେଷମୁଣ୍ଡରେ ହରିଜନ ପଡ଼ା । ମଝିରେ ସବର୍ଣ୍ଣମାନେ ସାତଟି ପଡ଼ାରେ ବିଭାଜିତ । ବିଭିନ୍ନ ପାଟକର ଲୋକଙ୍କ ପାଇଁ ଅଲଗା ଅଲଗା ପଡ଼ା ।  ତେଲି ପାଟଣା, ବ୍ରାହ୍ମଣ ଶାସନ, ଗୁଡ଼ିଆ ପାଟଣା, ଗୋବିନ୍ଦ ଛାଉ ପାଟଣା, ମହନ୍ତ ପାଟଣା, ଶେଷରେ ଖୋଦ୍ ପଳସିଂହା । ମୁକ୍ତେଶ୍ୱର ମହାଦେବଙ୍କ ବିଜେସ୍ଥଳୀ । ସବୁ ପଡ଼ାର ଇଷ୍ଟଦେବ ସେ । ପାଖରେ ଗ୍ରାମଦେବତୀ । ପରିଡ଼ା ବଂଶର ଇଷ୍ଟଦେବ ମଦନମୋହନ ଜିଉ । ଅଦୂରରେ ହନୁମାନଜିଉ ମଠ । ଏଇଠି ଭଂଜ ପରିବାର ଗ୍ରାମର ଜମିଦାର । ଏ ଅଂଚଳର ହର୍ତ୍ତାକର୍ତ୍ତା ।

୧୯୨୯ ମସିହା ଅକ୍ଟୋବର ୨୬ ତାରିଖ ଶନିବାର, ଦିବା ୪ଟା ୪୦ ମିନିଟ, ୧୩୩୭ ସାଲ ତୁଳ ୧୧ ଦିନ, କାର୍ତ୍ତିକ କୃଷ୍ଣ ନବମୀ ଶନିବାର ଦିବା ଦ୧୫ଣ୍ଡ ୩୭ ଲିତାରେ ପ୍ରସିଦ୍ଧ ଭଂଜ ପରିବାରରେ ପିତା ମକଦ୍ଦମ କ୍ଷେତ୍ରବାସୀ ପରିଡ଼ା, ମାତା ପଦ୍ମାବତୀ ଦେଈଙ୍କ ଔରସରୁ ପଂଚମ ଗର୍ଭଜାତ ସନ୍ତାନ -ମୁଁ ।

Digitized by srujanika@gmail.com

## ରାଶିଚକ୍ର




## ବଂଶାବଳୀ




Digitized by srujanika@gmail.com

କେବଳ ପଳସିଂହା କାହିଁକି ପାଖଆଖ ଅଂଚଳରେ ଭଂଜ ପରିବାର ଖୁବ୍ ପ୍ରଭାବଶାଳୀ । ବେଣୁଧର ଥାନ୍ତି କେନ୍ଦ୍ରାପଡ଼ାରେ ପେସ୍କାର। ପ୍ରାଣକୃଷ୍ଣ କେନ୍ଦ୍ରାପଡ଼ାର ପଖ୍ୟାତ ଜମିଦାର ନରେନ୍ଦ୍ର ଦେବଙ୍କ ସିରସ୍ତାର ଜଣେ ଗୁମାସ୍ତା । ଏବେ ବି କେନ୍ଦ୍ରାପଡ଼ା ଲୋକେ କହନ୍ତି ସ୍ୱର୍ଗରେ ଇନ୍ଦ୍ର, ମର୍ତ୍ତ୍ୟେ ନରେନ୍ଦ୍ର । ସେହି ସୁଯୋଗରେ ଛୋଟ ଛୋଟ ଜମିଦାରୀ ବେନାମୀ ସୂତ୍ରରେ ନିଲାମ ଧରିବା, ସେ କାଳର ସୂର୍ଯ୍ୟାସ୍ତ ଆଇନ ଅନୁସାରେ ମହାଜନୀ କାରବାର କରି ଅନ୍ୟମାନଙ୍କ ଭୂସଂପତ୍ତି ଅପହରଣ କରି, ଏହି ପରିବାର ନିଜର ଭୂସଂପତ୍ତି ତଥା ପ୍ରତିପତ୍ତି ବଢ଼ାଇ ଚାଲିଥାନ୍ତି । ବିଶେଷ କରି ନଅଙ୍କ ଦୁର୍ଭିକ୍ଷ ବେଳେ ଏଇ ପରାଙ୍ଗପୁଷ୍ଟ ପରିବାର ଅତ୍ୟଧିକ କ୍ଷମତାଶାଳୀ ହୋଇ ଉଠିଲେ । କଂସାର କବାଟ ପଡ଼ିଲା ଧନବଳ ତଥା ବାହୁବଳ ଦ୍ୱାରା । ପାଖ ଆଖ ଅଂଚଳର ଲୋକଙ୍କୁ ଭୟଭୀତ କରି ରଖିଲେ ।

ଭଂଜ ପରିବାରକୁ ଘେରି ରହିଥାନ୍ତି କେତେକ ହରିଜନ ପରିବାର । ସେମାନଙ୍କୁ କୁହା ଯାଉଥିଲା କୋଠପୁଅ । କ୍ରୀତଦାସଙ୍କ ଅପେକ୍ଷା ସେମାନଙ୍କ ଅବସ୍ଥା ଆହୁରି ଖରାପ । ଭୋକିଲା ପେଟରେ ହାଡ଼ଭଙ୍ଗା ଖଟଣୀ । ତଥାପି ଜମିଦାରଙ୍କ ସ୍ୱାର୍ଥରକ୍ଷା ପାଇଁ ପାଖ ଗ୍ରାମ ଲୋକଙ୍କୁ କରନ୍ତି ଆକ୍ରମଣ । ତାଙ୍କ କ୍ଷେତ ଉଜାଡ଼ନ୍ତି । ଜମି ବେଦଖଲ କରନ୍ତି । ଏଇମାନେ ହେଲେ ଭଂଜ ପରିବାରର ଅଘୋଷିତ ସେନାବାହିନୀ ।

ବୃଦ୍ଧ ବେଣୁଧରଙ୍କ ପୁତ୍ର ସୂର୍ଯ୍ୟମଣି ଓ ପୌତ୍ର ଗୋପୀନାଥ ଅକାଳରେ ମୃତ୍ୟୁ ବରଣ କରିବାରୁ ମୋର ବଡ଼ଭାଇ ପ୍ରହଲାଦଙ୍କୁ ମାତ୍ର ଅଢ଼େଇବର୍ଷ ବୟସରେ ୧୯୨୨ ମସିହାରେ ମୃତ୍ୟୁଶଯ୍ୟାରେ ପୋଷ୍ୟପୁତ୍ର ରୂପେ ଗ୍ରହଣ କରନ୍ତି । ଏଇଠୁ ପାରିବାରିକ କଳହ ବିଶେଷ କରି କୃଷ୍ଣ ଓ ପ୍ରାଣକୃଷ୍ଣଙ୍କ ମଧରେ ଉଗ୍ରରୂପ ଧାରଣ କଲା ।

କୃଷ୍ଣଙ୍କର ତିନିପୁତ୍ର ଥାଉ ଥାଉ ପ୍ରାଣକୃଷ୍ଣଙ୍କର ଏକମାତ୍ର ପୌତ୍ରକୁ ବେଣୁଧର ପୋଷ୍ୟପୁତ୍ର ରୂପେ ଗ୍ରହଣ କରିବାରୁ କୃଷ୍ଣ ଚରଣଙ୍କର ଗାତ୍ରଦାହ ହୁଏ । ତାର କୁ-ପ୍ରଭାବ ପଡ଼େ ପରବର୍ତ୍ତୀ କାଳରେ । ଏଇ ବିରାଟ ପରିବାରର ବଂଶଧରମାନେ ତାର ଶିକାର ହୁଅନ୍ତି ।

ପୋଷ୍ୟପୁତ୍ର ଗ୍ରହଣ ପରେ ପରେ ବେଣୁଧରଙ୍କର ଦେହାନ୍ତ ହୁଏ । ପୌତ୍ରକୁ ଦାନ କରିବା ପୂର୍ବରୁ ମଧ ତାଙ୍କର ଅର୍ଦ୍ଧାଧିକ ଜମି ବିକ୍ରି କବଲା ସୂତ୍ରରେ ଦଖଲ କରିଥାନ୍ତି ପ୍ରାଣକୃଷ୍ଣ ।

ମୋ ଜନ୍ମ ପରେ ପରେ ପିତାମହ ପ୍ରାଣକୃଷ୍ଣ ଓ ତାଙ୍କ ପତ୍ନୀ ଚାନ୍ଦମଣି ମୃତ୍ୟୁ ବରଣ କରନ୍ତି - ବ୍ୟାଧିଗ୍ରସ୍ତ ହୋଇ । ୧୯୩୧ ମସିହା ସୁନିଆ ପରଦିନ ହଇଜାରେ ପ୍ରାଣ ଦିଅନ୍ତି ମୋର ପୂଜ୍ୟ ପିତା କ୍ଷେତ୍ରବାସୀ । କଳେ ବଳେ କୌଶଳେ ଅନ୍ୟର ସଂପତ୍ତି ଅପହରଣ କରିବାର ଦୁର୍ବାର ଲାଳସାରେ ଯବନିକା ପଡ଼େ । ଏଇଠି ମନେ ପଡ଼େ କବିବର ରାଧାନାଥଙ୍କର କେଇଧାଡ଼ି :-

"ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟଡୋରୀ
ନିଜ ଭାଗ୍ୟଡୋରୀ କାଳ ହସ୍ତେ ଏହା
ପକାନ୍ତି ହେଳେ ପାଶୋରି ।"

Digitized by srujanika@gmail.com

ମତେ ଦୁଇବର୍ଷ ନ ପୂରୁଣୁ ମୋ ବାପାଙ୍କର ଦେହାନ୍ତ ହୁଏ । ତାଙ୍କୁ ଜାଣିବାର ବା ଚିତ୍ରପଟ ଦେଖିବାର ସୌଭାଗ୍ୟ ନ ଥିଲା । ତାଙ୍କ ଦେହାନ୍ତ ପୂର୍ବରୁ ମୋର ଦୁଇ ଭାଇ ପର୍ଶୁ ଓ ବାବାଜୀ ଅକାଳରେ ମୃତ୍ୟୁବରଣ କରି ସାରିଥାନ୍ତି । ତିନୋଟି ନାବାଳକ ପିଲାଙ୍କୁ ବଢ଼ାଇ ମଣିଷ କରିବାର ଦାୟିତ୍ୱ ପଡ଼େ ପରଦାସୀନ ବିଧବା ମା' ଉପରେ । ସେ ବଂଚି ଥାଉଥାଉ ତା ପିଲା କ'ଣ ଅନାଥ ହେବେ ? ସେ ଭାଙ୍ଗି ପଡ଼ିଲାନି । ଜମିଦାର ଘର ଝିଅ ଜମିଦାର ଘର ବୋହୂ । ତାରି ପଣତ କାନି ତଳେ ଆମେ ସବୁ ବଢ଼ି ଚାଲିଲୁ ଶୁକ୍ଳପକ୍ଷ ଚାନ୍ଦପରି । ସିଂହ ଶାବକ ଘାତ ପ୍ରତିଘାତ ଭିତରେ ସିଂହ ହେବ - ଶୃଗାଳ ନୁହେଁ ।

ଖଳନାୟକ ଦୁର୍ଯ୍ୟୋଧନ ପାଣ୍ଡବମାନେ ତାର ରାଜ୍ୟପ୍ରାପ୍ତି ପଥରେ କଣ୍ଟା ବୋଲି ଭାବି ସେମାନଙ୍କୁ କୌଣସିମତେ ବାଟରୁ ହଟାଇ ଦେବା ଏପରିକି ମାରି ଦେବାକୁ ଯୋଜନା କରିଥିଲା । ଧନ ସମ୍ମାନ ବଳରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୃପାଚାର୍ଯ୍ୟ ଏପରିକି ମାଦ୍ରୀଙ୍କ ଭାଇ ଶଲ୍ୟକୁ ନିଜ ପକ୍ଷକୁ ନେଇ ପାରିଥିଲା । ଏଠି ସେମିତି ଆମ ଦାଦାଙ୍କ ପ୍ରରୋଚନାରେ କେବଳ ଜଣେ ବଡ଼ବାପା ସୁଦର୍ଶନ ପରିଡ଼ାଙ୍କୁ ବାଦ୍ ଦେଲେ ଗ୍ରାମରେ ସମସ୍ତେ ଆମର ବିରୋଧୀ । ଅନ୍ୟମାନଙ୍କ ଠାରୁ ଶୁଣାକଥାରେ ବିଶ୍ୱାସ କରି ଆମ ଜୀବନ ଉପରେ ଆଶଂକା ଥାଇପାରେ ଭାବି ଦାଦାଙ୍କ ଘରର କୌଣସି ଖାଦ୍ୟ ଏପରିକି ବାହାରର କୌଣସି ଖାଦ୍ୟ ଆମକୁ ଖାଇବାକୁ ଦେଉ ନ ଥିଲା । ନିଜର ହିତ ସାଧନ ପାଇଁ ଅନ୍ୟର ଅନିଷ୍ଟ କାମନା କଲେ ଅପକୀର୍ତ୍ତି ହିଁ ସାର ହେବ ।

ବାପାଙ୍କ ଦେହାନ୍ତ ପରେପରେ ତାଙ୍କ ଦାଦିପୁଅ ଭାଇମାନେ ପୋଷ୍ୟପୁତ୍ର ଦଲିଲକୁ ରଦ୍ଦ କରିବାକୁ ମକଦ୍ଦମା କଲେ । ସେଥିରେ ସଫଳ ନ ହେବାରୁ ମୋ ଭାଇଙ୍କୁ ବେଣୁଧର ପରିଡ଼ାଙ୍କ ବୃଦ୍ଧାସ୍ତ୍ରୀର ତତ୍ତ୍ୱାବଧାନରେ ରଖିବାକୁ ଉଦ୍ୟମ ଅବ୍ୟାହତ ରଖିଲେ । ଏଇ ମକଦ୍ଦମା ଚଳାଇବା ପାଇଁ ଆମର ବହୁତ ସୁନା, ରୂପା ଓ ଜମିବାଡ଼ି ବିକ୍ରି ହେଲା । ସେତେବେଳେ ସୁନାଭରି ଟ.୩୫୦.୦୦ ରୂପା ଭରି ୧୦ ପଇସା । ରୂପା ଭାର ଭାର ହୋଇ କେନ୍ଦ୍ରାପଡ଼ା ଯାଉଥିଲା ବିକ୍ରିପାଇଁ ।

ମକଦ୍ଦମା ଚଳାଉଥାନ୍ତି ମୋର ପିଉସା ସ୍ୱାଧୀନତା ସଂଗ୍ରାମୀ କୃଷ୍ଣମୋହନ ରାଉତରାୟ ଓ ରାମଚନ୍ଦ୍ରପୁର ପିଉସାଙ୍କ ବଡ଼ଭାଇ ଭାସ୍କର ବେଉରିଆ । ଶେଷରେ ଆମର ଡିଗ୍ରୀ ହେଲା । ମୋ ଭାଇ ସାବାଳକ ହେବା ପର୍ଯ୍ୟନ୍ତ ତାଙ୍କ ଜନ୍ମିତ ମାତାଙ୍କ ତତ୍ତ୍ୱାବଧାନରେ ରହିଲେ । ତାଙ୍କ ଜମିଜମା ବୁଝିବାର ଦାୟିତ୍ୱ ରହିଲା ମୋ ବୋଉ ଉପରେ । ପ୍ରତିବର୍ଷ ଜମାଖର୍ଚ୍ଚ ହିସାବ କୋର୍ଟରେ ଦାଖଲ କରିବାକୁ ପଡୁଥିଲା । ବେଣୁଧର ପରିଡ଼ାଙ୍କ ବୃଦ୍ଧା ସ୍ତ୍ରୀର ଭରଣ ପୋଷଣ ପାଇଁ ତାଙ୍କୁ ବର୍ଷକୁ ଆଠ ଭରଣ (କୋଡ଼ିଏ ବସ୍ତା) ଧାନ ଦେବାକୁ ପଡ଼େ ।

ମକଦ୍ଦମା ଚାଲିଥିବା ବେଳେ ମୋ ବୋଉ ନିୟମିତ୍ ବ୍ୟବଧାନରେ କଟକ ଯାଉଥିଲା । ମୁଁ ତା ସାଙ୍ଗରେ ଯାଏ । ଆମେ ଘରୁ ବଳଦଗାଡ଼ିରେ କେନ୍ଦ୍ରାପଡ଼ା ଯାଉ । ସେଠୁ ଲଞ୍ଚରେ ଯୋବ୍ରା ଆନିକଟ । ଅଦୂରରେ କଟକ ଠେଙ୍ଗା । ଲଞ୍ଚରେ ରୋଷେଇବାସ ଓ ଖିଆପିଆ । ଯୋବ୍ରାରେ ପିଉସା ଥାନ୍ତି । ସେଠୁ ଆମେ ଘୋଡ଼ା

Digitized by srujanika@gmail.com

ଗାଡ଼ିରେ ବାଙ୍କାବଜାର ଯାଉ । ସେଠି ଧର୍ମଶାଳାରେ କୋର୍ଟ କାମ ସରିବା ପର୍ଯ୍ୟନ୍ତ ରହୁ । ଏଇ ସମୟତକ ମୋ ପାଇଁ ବେଶ୍ ଆନନ୍ଦଦାୟକ ଥିଲା ।

ଚିରାଚରିତ ପ୍ରଥାରେ ମୋର ବିଦ୍ୟାରମ୍ଭ ହୁଏ ଗ୍ରାମ ଅବଧାନଙ୍କ ପାଖରେ । ପେସ୍କାରଙ୍କ ଗୁହାଳ ଘରେ ସେଇ ମୂଷକିଆ ତଳ ଖଡ଼ିରେ ମାଟି ଉପରେ 'O' ଲେଖୁ ଲେଖୁ କାନଫଟା ସ୍ୱରରେ ଡାକି ଚାଲେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ।

ତା'ପରେ ସାନମାଣତିଆ ଗୋପୀ ସାମଲଙ୍କ ଚାଟଶାଳୀ । ଭଲ ପଢ଼ିବା ପାଇଁ ତିଗିରିଆ କୃଷ୍ଣପିଇସା ମତେ ନେଇଗଲେ ତାଙ୍କ ଘରେ ରହି ପଢ଼ିବା ପାଇଁ ।

ଏତିକିବେଳେ ସାନମାଣତିଆ ଗ୍ରାମ ଶେଷ ମୁଣ୍ଡରେ ଗୋଟିଏ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଖୋଲା ହେଲା । ମୁଁ ସେଠି ଆସି ନାମ ଲେଖାଇଲି । ଶିକ୍ଷକ ଥାନ୍ତି ବାଳକୃଷ୍ଣ ସାମଲ । ଲେଖାଯୋଖା ଭାଇ । ମୋ ସାଥିରେ ପଢୁଥାନ୍ତି ପାଖ ଗାଁର ମାୟାଧର, ନାରଣ, ବାଳକୃଷ୍ଣ, ମଥୁରୀ ଇତ୍ୟାଦି ।

ଏଇ ସମୟରେ ମୁଁ ଅପେକ୍ଷାକୃତ ଦୁଷ୍ଟ ଥିଲି ବୋଲି ଡାକନାମ ଥିଲା ଚଣ୍ଡିଆ । ଅବଶ୍ୟ ମୋ ବୋଉ ଶେଷ ପର୍ଯ୍ୟନ୍ତ ଡାକୁଥିଲା ଶୁକୁଟା । ମୁଁ ବିଦ୍ୟାଳୟ ଯାଏନି । ଆମ୍ବବଗିଚା କି ତାଳଗଛ ମୂଳେ ବୁଲୁଥାଏ । ମୋ ବାପା ଜୀବିତ ଥିବାବେଳେ ତାଙ୍କ ବଡ଼ଭଉଣୀର ପୁଅ ଗଗନ ସାମଲଙ୍କୁ ଆଣି ପୁଅ କରି ରଖିଥିଲେ । ଗଗନ ଭାଇ ଯୋରକରି ମତେ ଟେକି ଟେକି ବିଦ୍ୟାଳୟକୁ ନିଅନ୍ତି । ଇଏ ଗୋଟିଏ ନିତିଦିନିଆ କଥା । ଭାଇ ମଝିରେ ମଝିରେ ସେ ସ୍କୁଲକୁ ଗଲେ । ମୁଁ ଭୟରେ ଯାଇଁ ସ୍କୁଲରେ ବସିଲି ।

୧୯୩୭ରେ ମତେ ଆଠବର୍ଷ ହେଲା ବେଳକୁ ମୁଁ ପ୍ରଥମ ଶ୍ରେଣୀରେ ପଢୁଥାଏ । ଏଇ ସମୟରେ ମୁଁ ଏକାଙ୍ଗୀ ବାତରୋଗରେ ଆକ୍ରାନ୍ତ ହେଲି । ବାମପଟ ପୁରା ଅଚଳ । ମୁଁ ଅଚେତ ହୋଇ ରହିଲି । ସେକାଳରେ ପାଖ ଆଖରେ କେଉଁଠି ଡାକ୍ତର ନ ଥାନ୍ତି । ମୋ ବୋଉ ମତେ ଆମଘର ଠାକୁର ଭାଗବତ ଗୋସେଇଁଙ୍କ ପାଖରେ ପାଣି ଛଡ଼େଇ ଦେଲା । ସେଇଦିନୁ ମୁଁ ହେଲି ବାବାଜୀ । ମୋ ବୋଉର ଡାକ ଠାକୁର ଶୁଣିଲେ । ତାର ଯତ୍ନ ଓ ବୈଦ୍ୟରାଜ କବିରାଜ ସୁଦର୍ଶନ ନାଥଙ୍କ ଚିକିତ୍ସାରେ ମୁଁ କ୍ରମେ ଆରୋଗ୍ୟ ଲାଭ କଲି । ସଂପୂର୍ଣ୍ଣ ଭଲ ହେବାକୁ ମତେ ଗୋଟିଏ ବର୍ଷ ଲାଗିଲା । ଭଲ ହେବା ପରେ ମତେ ନେଇ ପୁରୀ ବଡ଼ଛତା ମଠରେ ବାବାଜୀ କରିଦେଲେ ।

ଛୋଟେଇ ଛୋଟେଇ ବିଦ୍ୟାଳୟକୁ ଯିବାବେଳେ ପିଲାମାନେ ଉପହାସ କରନ୍ତି । କେହି କେହି ଗୀତ ବୋଲନ୍ତି - ଛୋଟା ନଡ଼ନଡ଼, ଛୋଟା ମାଇପ ପିଠାକରେ ଆଣ ଭଡ଼ ଭଡ଼ । ସବୁ ଥଟ୍ଟା ଉପହାସକୁ ହଜମ କରି ବଡ଼ି ସକାଳୁ ବିଦ୍ୟାଳୟକୁ ଯାଉଥିଲି - 'ଶୂନ'ରୁ ରକ୍ଷା ପାଇବା ପାଇଁ । ସେକାଳରେ ବିଳମ୍ବରେ ଆସୁଥିବା ପିଲାମାନଙ୍କୁ ଧାଡ଼ିରେ ଛିଡ଼ାକରି ହାତରେ ବେତ୍ରାଘାତ (ଶୂନ) କରାଯାଉଥିଲା ।

ମୁଁ ବିଶେଷ କାହାରି ସାଥିରେ ମିଶୁ ନଥିଲି । ମୋ ବୋଉର ତାଗିଦ୍ । ତୁ ଜମିଦାର ପିଲା । ଗାଉଁଆଳଙ୍କ ସହ ମିଶିବୁ ନାହିଁ । ଏତକ ମୋର ସ୍ୱାଭିମାନ

Digitized by srujanika@gmail.com

ବଢ଼ାଇଲା । ମୁଁ ଶୃଙ୍ଖଳିତ ହେଲି । ହେଲେ ଗଛଚଢ଼ା, ଖେଳ କସରତ, ପହଁରା ଶିଖି ପାରିଲିନି । ଥରେ ଗାଁର ପୋଖରୀରେ ବୁଡ଼ିଗଲି । ସେହିଦିନ ଠାରୁ ପୋଖରୀ ପାଖକୁ ଯିବା ମନା ।

ସେ କାଳରେ ତ ଆମ ଗ୍ରାମରେ ପୋଷ୍ଟ ଅଫିସ ନ ଥିଲା । କେନ୍ଦ୍ରାପଡ଼ାରେ ବ୍ୟାଙ୍କ ଥିଲା କି ନାହିଁ ମତେ ଜଣା ନାହିଁ । ମୋ ବୋଉ ଆମର ସୁନା ରୁପା ସବୁ ଗୋଟେ ପିତ୍ତଳ ହାଣ୍ଡିରେ ରଖି ତା ଉପରେ ଢାଙ୍କୁଣି ଦେଇ ଆମ ଶୋଇବା ଘରେ ଗୋଟେ ଗାତ ଖୋଳି ତା ଭିତରେ ରଖି ମାଟି ଘୋଡ଼ାଇ ଦେଉଥିଲା । ଏଥିରେ ସାହାଯ୍ୟ କରେ କୁମାର ପାଟଣାର ଜଣେ ବସନ୍ତିଆଣି । ବୋଉର ଅତି ବିଶ୍ୱସ୍ତ । ତା ଉପରେ ଖଟପଡ଼େ । ଖଟ ଉପରେ ଆମେ ମା ପୁଅ ଝିଅ ତିନିଜଣ ଶୋଉ । ଚୋର, ତସ୍କରଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଏ ବ୍ୟବସ୍ଥା ।

ସେତେବେଳେ ଟଙ୍କାକ ଷୋଳଅଣା, ଚଉଷଠି ପଇସା । ପଇସାକ ଦୁଇ ଅଧଲା, ତିନି ପାହୁଲା । ଦୋ ପଇସି ବି ଥାଏ । ଚାରି ପଇସାରେ ଗୋଟେ ଅଣି । ମତେ ବେଳେ ବେଳେ ବଂଧୁ ବାଂଧବ ପଇସାଏ ଦିପଇସା ଦେଇ ଯାନ୍ତି । ମୁଁ ସେ ପଇସାକୁ ଗୋଟେ ଡବାରେ ପୂରାଇ ଆମ ଅଗଣାରେ ଥିବା ଚଉଁରା ପାଖରେ ପୋତିଦିଏ । ମୋ ବୋଉ ତ ରଖୁଚି । ମୁଁ କାହିଁକି ନ ରଖିବି ? ପିଲା ଦିନରୁ ମୋର ଏ ସଂଚୟ ପ୍ରବୃତ୍ତି ରହି ଆସିଛି ।

ଆମ ଲୋକଙ୍କ ଆର୍ଥିକ ମାନଦଣ୍ଡ, ଶିକ୍ଷା, ସ୍ୱାସ୍ଥ୍ୟ ରାସ୍ତାଘାଟ ସବୁ କିଛି ନିମ୍ନମାନର ।

ସାଧାରଣ ଖାଦ୍ୟ ତ ପଖାଳଭାତ ଶାଗ ଖରଡ଼ା । ତା ବି ସବୁବେଳେ ମିଳେନା । ଆମର ମୁଖ୍ୟ ଜଳଖିଆ ଥିଲା ଚୂଡ଼ା, ଚୂଡ଼ା ସାଥିରେ ଆମ୍ବ, ପଣସ, କଦଳୀ, ନଡ଼ିଆ, ଦୁଧ ଦହି ଯାହା ମିଳିଲା । ସବୁ କିନ୍ତୁ ନିଜ ବାଡ଼ି ବଗିଚାର । ଗାଁ ଦୁଇମୁଣ୍ଡରେ ଦୁଇଟି ତେଜରାତି ଦୋକାନ । ଗୋଟିଏ ବଳିଆ ବଡ଼ାପାର ଅନ୍ୟଟି ଧନୁସାହୁର । ସେଠୁ କେବଳ ଆସେ ତେଲ, ମସଲା, ଗୁଡ଼, ପିନ୍ଧିବାକୁ ତନ୍ତିବୁଣା ଧୋତି କି ଶାଢ଼ୀ । ପ୍ୟାଣ୍ଟ, ସାର୍ଟ, ଜୋତା କେହି ଦେଖନ୍ତି ନାହିଁ । ନୁଆଣିଆ ଚାଳଘର । କୋଠାବାଡ଼ି ତ ଦୂରର କଥା, ଇଟା ଖଣ୍ଡେ ବି ଦେଖିବା ସ୍ୱପ୍ନ ।

ପୋଷ୍ଟ ଅଫିସ ଗାଁଠାରୁ ଦଶ କିଲୋମିଟର ଦୂର । କାଁ ଭାଁ ଚିଠି ଖଣ୍ଡିଏ କଲିକତାରୁଁ ଆସିଲେ ପଢ଼ି ଶୁଣାଇବାକୁ କେହି ନଥାନ୍ତି । ମୁଁ ଯାଇଁ ପଢ଼େ । କାର୍ଡରେ ଚିଠି ବି ଲେଖେ । ବଂଧୁ ଘରକୁ ମଲା ଗଲା ଖବର ବାରିକ ନେଇଯାଏ । ଦୁଇ ତିନି ଦିନ ପରେ ସେମାନେ ପାନ୍ତି । ଶୁଦ୍ଧି ବେଳକୁ ଆସନ୍ତି । ଗାଁରେ ସମସ୍ତେ ଚାଷୀ । ସବୁରି ଘରେ ହଳେ ଦିହଳ ବଳଦ । ଚାଷରୁ ଯାହା ଆୟ ହୁଏ ।

ସ୍ୱାସ୍ଥ୍ୟ ଅବସ୍ଥା ନ କହିଲେ ଭଲ । ଠୁଣୁଠୁଣୁକା, ଝଡ଼ାଫୁଙ୍କା ମୋ ଦାଦା କରନ୍ତି । ସାତ ଚଉଁରା ପାଣି, ଏକୋଇ ମୁଦି, ତ୍ରିଛକିରେ ପଣା, ଯନ୍ତାଳ, ଠାକୁରାଣୀଙ୍କ ପାଖରେ ଧାରଣା ଏସବୁ ହେଲା ଚିକିତ୍ସା ପଦ୍ଧତି ।

Digitized by srujanika@gmail.com

ରାସ୍ତାର ଚିହ୍ନବର୍ଣ୍ଣ ନ ଥାଏ । ଚଲା ବାଟରେ ତିନି କିଲୋମିଟର ଗଲେ ନାଲିଗୋଡ଼ି ରାସ୍ତା । ରାସ୍ତା ସାରା କେଉଁଠି ପାହାଡ଼ ତ କେଉଁଠି ପୋଖରୀ । ତା ବି ଅଧିକାଂଶ ଲୋକ ଦେଖି ନ ଥାନ୍ତି । ଯାନିଯାତ୍ରା ଦେଖି ବାହାରିଲେ ପଦଯାତ୍ରା ।

ଛୁଆଁ ଅଛୁଆଁ ସମସ୍ୟା ଆହୁରି ଉତ୍କଟ । କଣ୍ଡରାଙ୍କୁ ଦେଖିଲେ ଲୁଗା ବଦଳାଇ ଘରକୁ ଆସିବାକୁ ପଡୁଥିଲା । କଣ୍ଡରା, ପାଣ ବି ପରସ୍ପରକୁ ଛୁଉଁ ନ ଥିଲେ । ମୋର ମନେ ପଡୁଛି ଭାଇଙ୍କ ସାଥିରେ ମୁଁ ଆମ ଗ୍ରାମର ଜଣେ ଧନୀ ଲୋକ ଅଧିକାରୀଙ୍କ ଘରକୁ ଯାଇଥିଲି। ଜମିଦାର ହିସାବରେ ଭାଇଙ୍କର ଖାତିର । ସେ କିନ୍ତୁ ବ୍ରାହ୍ମଣ । ଭୟରେ ବସିବାକୁ ଖଣ୍ଡେ ଚେୟାର ଦେଲେ । ଆମେ ଘରୁ ଗୋଡ଼ କାଢ଼ିବା ପରେ ପରେ ଚେୟାର ଧୁଆ ହେଲା । ୭୦/୭୫ ବର୍ଷ ତଳେ ଏଇ ଥିଲା ଆମ ଗ୍ରାମର ଅବସ୍ଥା । ଆଉ ମୁଁ ସେଇଠି ବଢ଼ିଥିଲି ।

ଉତ୍କଟ ଦାରିଦ୍ର୍ୟ ଭିତରେ ବି ଲୋକଙ୍କ ମନରୁ ସରସତା ଲିଭିଯାଇ ନ ଥିଲା । ଆମ ଗ୍ରାମଟି ମଠ ମନ୍ଦିରରେ ଭରା । ସବୁଦିନେ ସଂଧ୍ୟାରେ ରାମଦାସ ମଠରେ ବାବାଙ୍କ ପ୍ରିୟ ଗଂଜେଇ ଭୋଗ । ଗୋପାଳ ଦାଶ ତାଙ୍କ ଠାକୁର ବୃନ୍ଦାବନ ଜୀଉଙ୍କ ପାଖରେ କରନ୍ତି ଦାଣ୍ଡଯାତ୍ରା । ଦୋଳପୂର୍ଣ୍ଣିମୀ ପର ଦ୍ବିତୀୟା ଠାରୁ ୫ମୀ ପର୍ଯ୍ୟନ୍ତ ତିନି ଦିନ ଧରି ଯାତ୍ରା ହୁଏ ।

ଊନବିଂଶ ଶତାବ୍ଦୀରେ ଗୋପାଳ ଦାଶଙ୍କ ଜନ୍ମ ଆମ ଗ୍ରାମର ଏକ ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟଭୁକ୍ତ ବ୍ରାହ୍ମଣ ପରିବାରରେ । ତାଙ୍କ ପିତା କହ୍ନେଇ ଦାଶ ମଧ୍ୟ ଥିଲେ ଜଣେ ନାଟ୍ୟକାର । ଜଣେ ପ୍ରସିଦ୍ଧ ଯାତ୍ରାକାର ଭାବେ ଗୋପାଳ ଦାଶ ଖାଲି ଓଡ଼ିଶା ନୁହେଁ ଓଡ଼ିଶା ବାହାରେ ବି ଗୀତିନାଟ୍ୟକୁ ଗତିଶୀଳ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କ ରଚିତ ଦକ୍ଷଯଜ୍ଞ, ରଙ୍ଗସଭା, ଊରୁଭଙ୍ଗ, ପ୍ରଭାସ ଯଜ୍ଞ ଆଦି ଗୀତାଭିନୟ ଇତ୍ୟାଦି ଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ । ତାଙ୍କ ପୁଅ କୁଳିଦାସଙ୍କ ଦଳରେ ଥିବା ହଳିଆ ନନାର ହାସ୍ୟରସ ଭରା ଫାର୍ସ ସବୁ ବହୁ ଚର୍ଚ୍ଚିତ ବହୁ ଆଦୃତ ବି । ସେହିପରି ରାଜା ରାଣୀଙ୍କର ସଂଗୀତ ମାଧ୍ୟମରେ ନିଜର ପରିଚୟ, । ଯୁଦ୍ଧ ଦୃଶ୍ୟରେ ତରବାରୀର ଘନଘନ ସଂଘର୍ଷ ମନ୍ତ୍ରମୁଗ୍ଧ କରି ରଖିଥିଲା କୋମଳମତି ବାଳକ ବାଳିକାଙ୍କୁ ।

ମୋ ଜେଜ କୃଷ୍ଣ ପରିଡ଼ାଙ୍କର ବି ଗୋଟେ ଯାତ୍ରାଦଳ ଥାଏ । ଏଥିରେ ବିଶ୍ୱନାଥ ଭାଇ, ପରମାନନ୍ଦ ରାଉତ, ଶୁକରାୟ, ବୈକୁଣ୍ଠ ସମେତ ଜମିଦାରୀରେ ଥିବା ବହୁତ ବଛା ବଛା କଳାକାର ଅଭିନୟ କରୁଥାନ୍ତି ।

ଆମ ଗ୍ରାମ ପାଖ କୁହ୍ମାରପାଟଣାରେ ବି ଦିବାଗିରିର ଗୋଟେ ଯାତ୍ରାଦଳ । ଗ୍ରାମୀଣ ଜୀବନକୁ ସରସ ସୁନ୍ଦର କରିବାକୁ, ଏଇ ଯାତ୍ରାଦଳ ଗୁଡ଼ିକର ଅବଦାନ ବହୁତ ।

ଯାତ୍ରା ଛଡ଼ା ମୋ ଜେଜେ ଓ ନିଶୁଆ ଦାଦା ଦୀନବଂଧୁଙ୍କର ଝୁଙ୍କ୍ ଗୋଟିପୁଅ ବା ଦକ୍ଷିଣି ନାଚରେ । ଦୁଇଟି ଅଳ୍ପ ବୟସର ପିଲା ବିଶେଷ କରି ଚମ୍ପୁ ଗାଇବା ସାଥେ ସାଥେ ନାଚ କରନ୍ତି । ମୋ ଦାଦା ଯେତେବେଳେ 'ଗୋଲାପୀ ବଧୂ

Digitized by srujanika@gmail.com

ମୋର ଋଷି ବସିଛି ତା ନାଗର ଦଗାଦାର ଦଗା ଦେଇଛି' ବୋଲି ନାଚନ୍ତି, ସଭାମଂଚ ପୁଲକିତ ହୋଇ ଉଠେ ।

ଆମ ଗ୍ରାମର ପାଲାଦଳ ବି ନାମକରା । ପାଖ ଗ୍ରାମର ହରିନାଥ, ନରିନାଥଙ୍କ ପାଲା ବି ସାରା ଓଡ଼ିଶାରେ ଚହଳ ପକାଇଥାଏ । ଭାଇ ଗୋଟିଏ ହରିଜନ ପିଲା ନରି ମଳିକକୁ ପାଲା ଶିଖାଉଥାନ୍ତି ।

ମଦନ ମୋହନଙ୍କ ଝୁଲଣଯାତ୍ରା, ଭାଲୁକୁଣୀ ମେଲଣ, ବୃନ୍ଦାବନ ଦାଦା ପୁଅ ପାଇଁ କରୁଥିବା ଗଣେଶ ମେଲଣ ସାଥିକୁ ମୁକ୍ତେଶ୍ୱର ମହାଦେବଙ୍କ ଦୋଳ ଯାତ୍ରା ଖୁବ୍ ଯାକଜମକରେ ହୁଏ । ଦୋଳରେ ଆମେ ମଦନ ମୋହନଙ୍କୁ ନେଇ ପାଖ ଆଖ ଗ୍ରାମ ବା ମଠ ମେଲଣରେ ଯୋଗ ଦେଉ । ଦଧିବାମନ ଜୀଉଙ୍କ ପାଖରେ ହେଉଥିବା ଛାମୁ ମେଲଣ ପ୍ରସିଦ୍ଧ । ଠାକୁରଙ୍କ ଆଗରେ ସଂକୀର୍ତ୍ତନ ଦଳ । ମୃଦଙ୍ଗରେ ଓସ୍ତାଦ ମଧୁଭାଇ ଓ ବିଶିଭାଇ । ଗୋପୀ ମଳିକର ଢାଲସପାରି, କେଳାଙ୍କ ବାଉଁଶରାଣୀ, ମୁସଲମାନ ଭାଇଙ୍କ ବାଡ଼ିଖେଳ ଏବେ ବି ମନରେ ଉନ୍ମାଦ ସୃଷ୍ଟି କରେ ।

ରଜ ଆମ ଅଂଚଳର ବଡ଼ପର୍ବ । ତିନିଦିନ ଧରି ପାଳନ କରାଯାଏ । ଆଷାଢ଼ ସଂକ୍ରାନ୍ତି ତା ପୂର୍ବ ଓ ପରଦିନ । ଆଷାଢ଼ସ୍ୟ ପ୍ରଥମ ଦିବସ । ରଜ ପାଗ ନିଆରା । ବସୁମତି ରଜସ୍ୱଳା ରହେ । ଚାଷକାମ ବନ୍ଦ । ସମସ୍ତେ ତ ଚାଷୀ । ଖେଳ କଉତୁକରେ ଦିନ କାଟନ୍ତି । ରଜପିଠା । ପୋଡ଼ପିଠା ସ୍ୱତନ୍ତ୍ର । ତା ସାଥିକୁ ଆମ୍ବ, ପଣସ, ଓଠ ନାଲି କରୁଥିବା ବାସନା ପାନ ଖିଲ। ସମସ୍ତେ ନୂଆ ଲୁଗା ପିନ୍ଧନ୍ତି । ଝିଅ ବୋହୁ ପିଲାମାନେ ଦୋଳି ଖେଳରେ ବ୍ୟସ୍ତ । "ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ" ବୋଲି ଗୀତରେ ଦାଣ୍ଡ ଫାଟେ । ଯୁବକମାନେ ରଜ ପଡ଼ିଆରେ ବାଗୁଡ଼ି, ଗୁଡ଼୍, ପଶାପାଲି ଏମିତି କେତେ ଜାତିକା ଖେଳ ବାଜି ଲଗାଇ ଖେଳ ହୁଏ। ପାଚିଲା କଦଳୀ କାନ୍ଧି ଝୁଲୁଥାଏ, କିମ୍ବା ଛେଳି ଛୁଆ ବନ୍ଧା ହୋଇଥାଏ । ପାଖ ଗାଁରୁ ଦଳ ଦଳ ହୋଇ ଯୁବକମାନେ ଆସନ୍ତି । ଢୋଲର ତାଳେ ତାଳେ ଖେଳ ଚାଲେ । ବିଜୟୀ ଦଳ ବାଜି ମାରି ନେଇଯାଏ । ରଜ ପରଦିନ ବସୁମତି ଗାଧୁଆ ପରେ ପୁନର୍ବାର ଚାଷକାମ ହୁଏ ।

ଆମ ଲୋକେ ସରଳ ବିଶ୍ୱାସୀ । ଅନ୍ଧ ବିଶ୍ୱାସୀ ବି କୁହାଯାଇପାରେ । ଆଧ୍ୟାତ୍ମିକ ଚେତନା ଜାଗ୍ରତ ପାଇଁ ଆଗ୍ରହୀ । ପାଠତ ପଢ଼ି ନାହାନ୍ତି । ଦେହପା' ଖରାପ ହେଲେ, ମାଲି ମକଦ୍ଦମାରେ ଘାଣ୍ଟି ହେଉଥିଲେ ଗୀତ ବସାନ୍ତି । ବ୍ରାହ୍ମଣ ପଢ଼େ । ସେମାନେ ଉପବାସ ରହି ଶୁଣନ୍ତି । ଆମ ଗାଦିରୁ ଭାଗବତ, ରାମାୟଣ, ମହାଭାରତ, ହରିବଂଶ ଆଦି ମାନସିକମତେ ନିଅନ୍ତି । ବ୍ରାହ୍ମଣ ମାନଙ୍କୁ ଶୋଷଣ ପାଇଁ ବାଟ ମିଳିଯାଏ ।

ମୋ ବୋଉ ଖୁବ୍ ଧର୍ମ ପରାୟଣା। ସଂଧ୍ୟାରେ କରଂଜ ତେଲର ଦୀପ ଲଗାଇ ରାମାୟଣ ପଢ଼େ । ମତେ ବି ପଢ଼ିବାକୁ କହେ । ମୁଁ ତ ପ୍ରଥମେ ପ୍ରଥମେ ପଢ଼ି ପାରୁ ନଥିଲି । ତେବେ ତାର କିଛିଟା ପ୍ରଭାବ ପଡ଼ିଛି ।

Digitized by srujanika@gmail.com

ମୁଁ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ବେଳେ ମୋ ଭାଇଙ୍କର ବିଭାଘର ୧୯୩୮ ମସିହାରେ । କୃଷ୍ଣ ପିଉସା ଲାଗିପଡ଼ି ବିଭାଘର ଯୋଗାଡ଼ କରିଥାନ୍ତି । ପଲେଇ ନନ୍ଦ ସାମଲଙ୍କ ଝିଅ । ନନ୍ଦ ସାମଲ ସେଠିକାର ବଡ଼ ଜମିଦାର । ପ୍ରଭାବଶାଳୀ । ଗର୍ଭିଣୀ ଗାଈ ବାଟ ଛାଡ଼ିଦେବ। ଭାଇ ଆମର ଯୁବନେତା । ଛୋଟ ଜମିଦାର ବି । ସେ ଗ୍ରାମକୁ ରାସ୍ତାଘାଟ ନ ଥିଲା । ତଥାପି ଯାକ ଯମକରେ ବାହାଘର ହେଲା ।

କୋରଡ଼ାପିମ୍ପଳ ବଂଧୁଘରୁ ଘୋଡ଼ା ସବୁ ଆସିଲେ । ଆମ ଭାଇ ବିରାଦର, ପ୍ରଜା, କୋଠପୁଅମାନେ ବରଯାତ୍ରୀ । ଗାଡ଼ି ମଟର ନ ଥିଲା । ଆମେ ସବୁ ଘୋଡ଼ାରେ ଗଲୁ । ବୁଢ଼ା ବୁଢ଼ା ମୁରବୀ ମାନଙ୍କ ପାଇଁ ପାଲିଙ୍କି ସବାରୀ । ଅନ୍ୟମାନେ ପଦଯାତ୍ରୀ । ରୋଷଣୀ ଲାଗିଛି, କେଇଖଣ୍ଡ ପେଟ୍ରୋମାକ୍ସ ଲାଇଟ୍, ଢୋଲ ମହୁରୀ, କେଳା କେଲୁଣୀ, ଷଣ୍ଢନାଚ, ଢାଲସ ପାରୀ, ବାଡ଼ିଖେଳ । ବର ଆଗେ ଆଗେ ଆମ ଦକ୍ଷିଣୀ । ସେ କାଳରେ ଗଛବାଣର ଚାହିଦା ବହୁତ । ବାଟ ସାରା ଗଛରେ ବଂଧା ହୋଇଥାଏ । ତା ଛଡ଼ା ଗଡ଼ମା, ଘରିବାଣ, ପାନିକି ପାଖରେ ମହତା ଆଉ ବାରିକର ମଶାଲ ।

ବାହାଘର ସରିଗଲା ଭଲରେ ଭଲରେ । ବରକନ୍ୟା ବିଦାହେଲେ ସବାରୀ ପାଲିଙ୍କିରେ । କନ୍ୟାର କାନ୍ଦଣା ଲୁଚିଗଲା ଗଉଡ଼ଙ୍କ ହାଁକୁ ଧାବଲ କୁହାଟରେ ।

ଯାନି ଯୌତୁକ କହିଲେ ଖଟ, ଆଲମିରା, ଭାର ବୋଝ ଧରି ଗୌଡ଼ ପଂକ୍ତାଏ ଚାଲିଥାନ୍ତି ଗାଁର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ।

ଭାଇଙ୍କ ଶ୍ୱଶୁର, ସାଥିରେ ରୋଷେଇ ସରଂଜାମ, ବ୍ରାହ୍ମଣ ବାରିକ ଧରି ଝିଅ ଘରକୁ ଆସିବା ବେଶ୍ କୌତୁହଳପ୍ରଦ । ମୁଁ ମଧ ତାଙ୍କ ଘରକୁ ସବାରିରେ ଯାଏ । ଭାଇଙ୍କ ଶଳା, ବଟ ସାମଲ ମତେ ଭଲ ପାଆନ୍ତି । ଭାଇଙ୍କର ଗୋଟେ ଶାଳୀ ଥିଲା । ତା ନାମ ଚୂରିଆ । ଚୂରିଆ, ହୁରିଆ (ମୋ ଡାକ ନାମ) ବୋଲି ଚିଡ଼ାନ୍ତି । ଏତେ ଗହୀରକୁ ମୋର ସେତେବେଳେ ଚାଷ ନଥିଲା ।

ଆମ ଘରଟା ଥିଲା ଲୁଚି ଛପି କାମ କରୁଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପାଇଁ ଆଶ୍ରୟସ୍ଥଳୀ । ଚୂନିଦେଈ, ଶୋଭାଦେଈ ଓ ଆହୁରି ବହୁତ କର୍ମୀ ବରାବର ରହୁଥିଲେ । ଏମାନେ ଦିନବେଳା ଆମ୍ବୁ ଉପରେ ଲୁଚି ରହନ୍ତି । ରାତିକୁ ଯାନ୍ତି ଗ୍ରାମକୁ ଗ୍ରାମ ପ୍ରଚାର ପାଇଁ । ରାସ୍ତାରୁ ସରକାର ଲଗାଇଥିବା ଯାନ ପାଇଁ ବେଗ ନିୟନ୍ତଣ ବା ଦୂରତା ଲେଖାଥିବା ପଟା ସମେତ ଖୁଣ୍ଟ ସବୁ ଓପାଡ଼ି ଆଣନ୍ତି । ଜଗୁ ସୂତାର ବଢ଼େଇ ଆସି ସେଥିରେ ଅରଟ ତିଆରି କରେ । ସେଗୁଡ଼ିକୁ ମାଗଣାରେ ଗରିବ ସ୍ତ୍ରୀ ଲୋକମାନଙ୍କୁ ବଣ୍ଟାଯାଏ ସୂତା କାଟିବା ପାଇଁ ।

ଆମ ଗ୍ରାମ ବି ଗୋଟେ ସୂତାକଟା କେନ୍ଦ୍ର । ଏଠୁ ସୂତା ସଂଗୃହୀତ ହୋଇ କଟକ ଯାଏ । ଗ୍ରାମରେ ଗୋଟେ କଂଗ୍ରେସ କମିଟି ଥିଲା । ତାର ସଭାପତି ଥିଲେ ଆମ ଦାଦା ବୃନ୍ଦାବନ ପରିଡ଼ା । ହରେକୃଷ୍ଣ ସାମଲ ଓ ବୃନ୍ଦାବନ ପରିଡ଼ା ଦୁହେଁ ପ୍ରଥମେ କାରାବରଣ କଲେ ସତ୍ୟାଗ୍ରହୀ ରୂପେ ।

ଭାଇ ଥିଲେ ଏ ଅଂଚଳର ଜଣେ ଟାଣୁଆ କଂଗ୍ରେସ କର୍ମୀ ଓ ଭଲ ସଂଗଠକ । ତାଙ୍କ ନାମରେ ସବୁଦିନେ ୱାରଣ୍ଟ । ଯେଉଁଦିନ ଆମଘର ଉପରେ

Digitized by srujanika@gmail.com

ଚଢ଼ାଉ ହେବ ତା ପୂର୍ବଦିନ ଦଫାଦାର କହି ଦେଇଯାଏ । ଭାଇ ରାତିରେ ସବାରୀରେ ତାଙ୍କ ଶଶୁର ଘରକୁ ପଳାନ୍ତି । ତାଙ୍କୁ ସାଇକେଲ ଚଢ଼ା ଜଣା ନ ଥିଲା । ମୋ ଭଉଣୀ ସୁନା ଅଳଙ୍କାର ଧରି ପଡ଼ିଶା ଘରକୁ ପଳାଏ । ଅନ୍ୟାନ୍ୟ ମୂଲ୍ୟବାନ ଗହଣାଗାଣ୍ଠି ଚିଠା ହୋଇ ଆମ ସୂର୍ଯ୍ୟବଂଧୁ ସାନମାଣତିଆର ବେଣୁ ଥାଟୋଇଙ୍କ ଘରକୁ ଯାଏ । ଏମିତିକି ବର ଓଳିଆ ଗୁଡ଼ା ପଡ଼ିଶା ଘରେ ରଖାଯାଏ । ଘରେ ମୁଁ, ମୋ ବୋଉ ଓ ନୂଆବୋଉ ରହୁ । ପୋଲିସବାଲା ଆସି ପଚରା ଉଚରା ଓ ଘର ଖୋଜା ଖୋଜି କରି ଫେରିଯାନ୍ତି । ଏମିତି ସ୍ୱାଧୀନତା ସଂଗ୍ରାମୀମାନେ ପୋଲିସ ସହାୟତାରେ ତାଙ୍କ ସଂଗ୍ରାମ ଚଳାଉଥିଲେ ।

ସ୍ୱାଧୀନତା ଆନ୍ଦୋଳନବେଳେ ବି ଗ୍ରାମର ଅଭାବୀ ପରିବାର ଗୁଡ଼ିକ ମାଲିମକଦ୍ଦମା ଓ ବ୍ରାହ୍ମଣମାନଙ୍କ ତୁଷ୍ଟି ସାଧନପାଇଁ ଋଣଗ୍ରସ୍ତ । କଥା କଥାକେ ବ୍ରାହ୍ମଣ ଭୋଜନୀ । ସତେ ଯେମିତି ସେମାନେ ସ୍ୱର୍ଗକୁ ପଠାଇ ଦେବେ ।

ଗାଁ ଟାଉଟରମାନେ ବି ସେମାନଙ୍କୁ ଶୋଷଣ କରିବାକୁ ପାରଂଗମ । ମୋ ଦାଦା ବୃନ୍ଦାବନ ପରିଡ଼ା, ପାଖ ଗ୍ରାମର ଗଜି ପରିଡ଼ା ଓ ବାବାଜୀ ମିଶ୍ର ଏ ତ୍ରିମୂର୍ତ୍ତି ଏ ଅଂଚଳର ହର୍ତ୍ତା କର୍ତ୍ତା ଦଇବ ବିଧାତା । କେତେକ ମିଛ ମକଦ୍ଦମାରେ ସିଦ୍ଧହସ୍ତ ।

ମକଦ୍ଦମା କହିଲେ ମୁଖ୍ୟ ତ କାଞ୍ଜିଆହୋଦା ମକଦ୍ଦମା । କ୍ଷେତରେ ଫସଲ ନଷ୍ଟ କରୁଥିବା ବଳଦଙ୍କୁ କାଞ୍ଜିଆହଡା ନେବାବେଳେ ବାଟରେ ଫଉଦାରୀ ସବୁ ମିଛ, ଏ ମକଦ୍ଦମା ଦାଏର ହେଲେ ସରକାର ଚଳାନ୍ତି । ଯା ହେଉ ସେ ସମୟରେ ଗୋରୁ ଗାଈଙ୍କ ଉପରେ କିଛିଟା କଟକଣା ଥିଲା । ଏବେ ଆଉ ସେ ଭୟ ନାହିଁ ।

ନୂଆବୋଉଙ୍କ ସ୍ନେହ ସୌହାର୍ଦ୍ଦ୍ୟରୁ ମୁଁ ବେଶ୍ ଆରାମରେ ରହିଲି । ଭଲ ପଢ଼ା ପଢ଼ି କଲି । ୩ୟ ଶ୍ରେଣୀ । ବୃତ୍ତି ପରୀକ୍ଷା ପାଇଁ ପ୍ରସ୍ତୁତି ଚାଲିଲା ।

ଆମ ସ୍କୁଲରେ ସରସ୍ୱତୀ ପୂଜା ହୁଏ । ସରସ୍ୱତୀ ବୁଡ଼ିଲା ବେଳକୁ ପୋଖରୀରେ ଗୋଟେ କଣରେ ଖଣ୍ଡେ ବେତ ପୋତା ହୁଏ । ବେତ ଯେ ପାଇକରି ଆଣିବ ସେ ହେବ ବଡ଼ଚାଟ । ମାଷ୍ଟ୍ରଙ୍କର ପ୍ରିୟପାତ୍ର । ମାଷ୍ଟ୍ରେ ଲୁଗା ଯୋଡ଼େ ପାଇବେ ତା ଠାରୁ । ବେତ କେଉଁଠାରେ ଅଛି ତାର ଇଂଗିତ ମତେ ଆଗରୁ ମିଳିଥାଏ । ଆଉ ମୁଁ ବରାବର ବେତ ଆଣେ ।

ବୃତ୍ତି ପରୀକ୍ଷା ପାଖେଇ ଆସିଲା । ପରୀକ୍ଷାକୁ ଯିବା ପୂର୍ବଦିନ ରାତିରେ ଲୁଚିକରି ଯାତ୍ରା ଦେଖି ପଳାଇଲି । ବେଶ୍ ଉତ୍ତମ ମଧ୍ୟମ ମାଡ଼ ମିଳିଲା ।

ବୃତ୍ତି ପରୀକ୍ଷା ଚଉଦକୁଳାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୁଏ । ସେଠାରେ ରହି ବୃତ୍ତି ପରୀକ୍ଷା ଦେଲି, ବୃତ୍ତି ପାଇଲି ନାହିଁ ।

ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବାପରେ ଗ୍ରାମ ଛାଡ଼ିବାକୁ ପଡ଼ିଲା । ଆଖ ପାଖରେ ଉଚ୍ଚ ପ୍ରାଥମିକ ବା ମଧ୍ୟଇଂରାଜୀ ବିଦ୍ୟାଳୟ ନ ଥିଲା । ଗ୍ରାମଠୁଁ ଚଲାବାଟରେ ତିନି କିଲୋମିଟର ଦୂରରେ ଚଉଦକୁଳାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାହେଲା ।

Digitized by srujanika@gmail.com

ବିଦ୍ୟାଳୟରେ ୫ଜଣ ଶିକ୍ଷକ । ପ୍ରଧାନ ଶିକ୍ଷକ ମାନଗୋବିନ୍ଦ ପଣ୍ଡା । ସାନମାଣତିଆର ବୃନ୍ଦାବନ ରାଉତ ପଂଚମ ଶିକ୍ଷକ । ସ୍ଥାନୀୟ ଶିକ୍ଷକ କାଦର ମାଷ୍ଟ୍ରେ ଓ ଭାଗବତ ସାର। ବିଦ୍ୟାଳୟରେ ଭଲ ପଢ଼ାହୁଏ । ବେଶ୍ ସୁଖ୍ୟାତି ବି ଥାଏ । ଉଚ୍ଚ ପ୍ରାଥମିକ କହିଲେ ୪ର୍ଥ ଓ ପଂଚମ ଶ୍ରେଣୀ । ଏଇଠୁ ଇଂରେଜୀ ପଢ଼ା ଆରମ୍ଭ । କିନ୍ତୁ ଇଂରାଜୀ ପଢ଼ାଇବା ଭଳି ଶିକ୍ଷକ କେହି ନ ଥିଲେ ।

ଆମ ଗ୍ରାମ ପାଖରୁ ତିନିଜଣ ସେ ସ୍କୁଲକୁ ଚାଲି ଚାଲି ଯାଉଥିଲୁ । କାଶୀଭାଇ, ମଥୁରୀ ନାୟକ ଓ ମୁଁ । ମଝିରେ ମଝିରେ ଆମ ଗ୍ରାମ ଚୌକିଦାର ନନ୍ଦ ମଲିକ ମତେ କାନ୍ଧରେ ବସାଇ ସ୍କୁଲକୁ ନିଏ । କୁହେ ମୋ ବାବୁ ବଡ଼ ହେଲେ ମୁନିସି ହେବ । ତା ଆଖିରେ ମୁନିସି ସବୁଠୁଁ ବଡ଼ ଅଫିସର ।

ଯିବା ବାଟରେ କେଉଁଦିନ କିଆରେ ନିଆଁ ଲଗାଉ ତ କେଉଁଦିନ ଜାମୁକୋଳି ଖାଉ । ସ୍କୁଲରେ କାଦର ମାଷ୍ଟ୍ରଙ୍କ ଘୋଡ଼ା ଚଢୁ । ସ୍କୁଲରେ ପଲ୍ଲୀବାର୍ତ୍ତା ପ୍ରତିଦିନ କଳାପଟାରେ ଲେଖନ୍ତି ଜଣେ ଜଣେ, ତାଙ୍କ ଗ୍ରାମର ମଲାଗଲା ଖବର। ମୁଁ ଥରେ କିଆପୋଡ଼ା କଥା ଲେଖିଦେଲି । ହାସ୍ୟରୋଳ ତ ହେଲା କିନ୍ତୁ ମତେ ବେଞ୍ଚ ଉପରେ ଛିଡ଼ା ହେବାକୁ ପଡ଼ିଲା ।

କ୍ରମେ ଅନ୍ୟ ଦୁଇଜଣ ସ୍କୁଲ ଯିବା ବଂଦ କରିଦେବାରୁ ମୁଁ ବାଧ୍ୟ ହୋଇ ହଷ୍ଟେଲରେ ରହିଲି । ଏତେ କମ୍ ବୟସରେ ବୋଉକୁ ଛାଡ଼ି ହଷ୍ଟେଲରେ ରହିବାକୁ ଭଲ ଲାଗୁ ନଥିଲା । ଛାତ୍ରାବାସ ପାଇଁ ମାସିକ ଦେୟ ଚାଉଳ ୫ଗୌଣୀ (କୋଡ଼ିଏ କେ.ଜି.) ଓ ଦୁଇଟଙ୍କା ।

ଆମେ ସବୁ ତଳେ ମଶିଣା ପକାଇ ଶୋଉ । ସାର ଶୁଅନ୍ତି ଖଟ ଉପରେ । ସେଇ ଏକାଘରେ । ମୋ ପାଖରେ ଶୋଉଥିଲା ଅଧରନାଥ । ଭଲ ଗୀତ ଗାଏ ।

ବିଦ୍ୟାଳୟରେ ନୀତିଶିକ୍ଷା ଦିଆଯାଏ । ବକ୍ତୃତା ପ୍ରତିଯୋଗିତା ହୁଏ । ବଗିଚା କାମ କରାନ୍ତି ବୃନ୍ଦାବନ ମାଷ୍ଟ୍ରେ। ଭଲ ପାଠପଢ଼ା ହୁଏ । କିନ୍ତୁ ଚରିତ୍ର ଗଠନ ପାଇଁ ଉପଯୁକ୍ତ ଧ୍ୟାନ ଦିଆଯାଏନି। ଛାତ୍ର ଓ ଶିକ୍ଷକମାନେ ମିଶି ପାଖ ନଡ଼ିଆ ଗଛରୁ ରାତିରେ ନଡ଼ିଆ ତୋଳି ମାଟିତଳେ ଲୁଚାଇ ରଖିବା ନିତି ଦିନିଆ ଘଟଣା ।

ମାନଗୋବିନ୍ଦ ସାରଙ୍କ ଘର ଅରୁଆ । ଚଉଦକୁଳାଟରୁ ଦୁଇ କିଲୋମିଟର। ଆମେ କେଇଜଣ ଶନିବାର ଦିନ ତାଙ୍କ ଘରକୁ ଯାଉ । ଗଲାବେଳେ ଘସି, ଖଡ଼ା ନେଇକରି ଯାଉ । ସେଠି ରବିବାର ଦିନ ପାଠପଢ଼ା ହୁଏ ।

ସାର ଜଣେ ସମାଜ ସଂସ୍କାରକ । ବିଧବା ବିବାହ କରିଛନ୍ତି । ତାଙ୍କର ପୁଅ ଝିଅ ଦୁଇଟି । ତାରାକାନ୍ତ ଓ ସରସ୍ୱତୀ । ବୁଢ଼ୀମା' । ଏମିତି ପରିବାରରେ ପାଂଚଜଣ। ଆମକୁ ସେ ତାଙ୍କର ପରିବାରର ପିଲା ଭଳି ଦେଖନ୍ତି । ସେ ଜଣେ ସୁଲେଖକ । କେତେ ଛାନ୍ଦ ଜଣାଣ ଲେଖିଛନ୍ତି। "ପରଘର ଝିଅ" ବୋଲି ତାଙ୍କର ଗୋଟିଏ ଗୀତି କବିତା ପ୍ରକାଶ ପାଇଛି । ଏଇ ଛାନ୍ଦ ଜଣାଣ ସବୁ ଆମେ ଶିଖୁ ଓ ମେଳା ମହୋତ୍ସବରେ ଖଂଜଣୀ ଓ କାଠତାଳି ସାହାଯ୍ୟରେ ବୋଲୁ। ଏହାର ଏକ ଆଧ୍ୟାତ୍ମିକ ଛାପ ମୋ ଉପରେ ପଡ଼ିଥିଲା। ପଦେ ଏଠି ଅବତାରଣା କରୁଛି ।

Digitized by srujanika@gmail.com

ମନ ତୁ ବାଉଳା ହୋଇ ନ ଯା ଏଣେତେଣେ
ମୁକ୍ତି ନାହିଁ ନଦିଆରେ ପୁରୀ ବୃନ୍ଦାବନେ ।

ଏଇ ସମୟରେ ଆମ ଗ୍ରାମରେ ଖଦୀ ଯାତ୍ରା ହେଲା - ରଜ ପଡ଼ିଆରେ। ସେଇଦିନଠାରୁ ସେ ପଡ଼ିଆର ନାମ ବଦଳି ହେଲା ଖଦୀଯାତ୍ରା ପଡ଼ିଆ। ଭାଇ ଥିଲେ ତାର ପୁରୋଧା । ସବୁ ଖର୍ଚ୍ଚ ଆମ ତହବିଲରୁ ।

ଅଖଣ୍ଡ ସୂତ୍ର ଯଜ୍ଞ । ଅସ୍ପୃଶ୍ୟତା ନିବାରଣ ଆଦି ଗାନ୍ଧୀଜୀଙ୍କର ଅନ୍ୟାନ୍ୟ ରଚନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆଗଲା । ସମ୍ମିଳନୀ ମଣ୍ଡପର ଚାରିପଟେ ବିଭିନ୍ନ ହସ୍ତକର୍ମ, ଗାନ୍ଧିଜୀଙ୍କ ରଚନାବଳୀ, କଂଗ୍ରେସର ପ୍ରଚାର ପୁସ୍ତିକା ଆଦିର ପସରା ମେଲିଲା । ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଭିତରେ ଥାନ୍ତି ପ୍ରାଣକୃଷ୍ଣ ପଢ଼ିଆରୀ, କେନ୍ଦ୍ରାପଡ଼ାର ରଘୁ ମହାନ୍ତି, ଶଚୀ ମହାନ୍ତି, ଆଳିର ସହଦେବ ଦାସ ଇତ୍ୟାଦି । ଗ୍ରାମର ଯୁବକମାନେ ହାଡ଼ିବାଜା କାନ୍ଧରେ ପକାଇ ସେମାନଙ୍କୁ ପାଛୋଟି ଆଣିଲେ ।

କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ଇନ୍ଦୁପୁର, କାଇପଡ଼ା, ରାମଚନ୍ଦ୍ରପୁର ଇତ୍ୟାଦି ସ୍ଥାନରୁ ସୂତାକଟାଳି ମାନେ ତାଙ୍କ ଅରଟ ନେଇ ଆସିଥାନ୍ତି । ମୁଁ ବି ତକିଲି ଧରି ସେଠି ହାଜର ସୂତା କାଟିବା ପାଇଁ ।

ଆମ ଘରର ଝିଅ ବୋହୂମାନେ ରୋଷେଇ କଲେ । ପଂକ୍ତି ଭୋଜନ । ଛୁଆଁ ଅଛୁଆଁ କିଛି ନାହିଁ ।

ଆନନ୍ଦ ଉଲ୍ଲାସରେ ମେଳା ସରିଲା । ହେଲେ ମୋ ବଡ଼ଦାଦା ପୁରସ୍ତମ ପରିଡ଼ା ବଡ଼ ରକ୍ଷଣଶୀଳ। ସେ ସାନଖୁଡ଼ାଙ୍କୁ ଘରେ ପୂରାଇ ଦେଲେ ନାହିଁ । ସେ ଜାତି ହେଲେ । ମୋ ଭାଇ ବି । ପରିବାରର ଶୃଙ୍ଖଳା ମାନିବାକୁ ପଡ଼ିବ ।

ମୁଁ ତ ସ୍କୁଲରେ ଭଲ ପଢୁଥିଲି । ଶ୍ରେଣୀରେ ସବୁବେଳେ ପ୍ରଥମ । ବୃତ୍ତି ପାଇଁ ବଛା ହେଲି। ବୃତ୍ତି ପରୀକ୍ଷା ଦେଲି । ହେଲେ ଏଥର ବି ପୂର୍ବପରି ଅସଫଳ ।

ଚଉଦକୁଳାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଲାପରେ ଖୋଜା ପଡ଼ିଲା ମଧ୍ୟ ଇଂରାଜୀ ବିଦ୍ୟାଳୟ । ଇନ୍ଦୁପୁର ଠାରେ ନୂଆକରି ଗୋଟିଏ ମାଇନର ସ୍କୁଲ ଖୋଲିଥାଏ। ମୋ ପିଉସାଙ୍କ ପୁଅ ହରିଶ୍ ଭାଇ ସେଠି ଥାନ୍ତି ଜଣେ ଶିକ୍ଷକ । ସେଠାକୁ ପ୍ରଥମେ ଗଲି । ହରିଶ ଭାଇଙ୍କ ପାଖରେ ରହିଲି। ସେ ଇଂରାଜୀ ବ୍ୟାକରଣ ଶିଖାଇଲେ। ବିଶେଷ କରି କ୍ରିୟାର କାଳ (ଟେନ୍ସ) ଉପରେ ଲମ୍ବା ଚାର୍ଟଟିଏ କରିଦେଲେ ।

ସ୍କୁଲରେ ଭଲ ପାଠପଢ଼ା ହୁଏନାହିଁ । ପ୍ରଧାନ ଶିକ୍ଷକ ବଡ଼ କଡ଼ା ମିଜାଜର । ଅତି ପ୍ରତ୍ୟୁଷରୁ ପ୍ରାର୍ଥନାସଭା ହୁଏ । କେହି ନ ଆସିଲେ ମାଡ଼ । ମୋର ମନେ ପଡୁଛି ଥରେ ଗୋଟିଏ ପିଲାର କିଛି ଚୋରୀ ହେଲା । ସବୁ ପିଲା ବସିଲେ । ଗୁଣିଆ ଆସି ମନ୍ତୁରା ବେତ ବୁଲାଇଲା । ଯେଉଁ ପିଲା ଦେହରେ ସେ ମନ୍ତୁରା ବେତ ଲାଗିଲା ତାକୁ ସ୍କୁଲରୁ ବହିଷ୍କାର କରାଗଲା ।

ପାଖ ଆଖରେ ଦୁଇଟି ପୁରୁଣା ମଧ୍ୟ ଇଂରାଜୀ ବିଦ୍ୟାଳୟ। ଗୋଟିଏ ପଟ୍ଟାମୁଣ୍ଡାଇର ମନ୍ମଥନାଥ ଓ ଅନ୍ୟଟି କେନ୍ଦ୍ରାପଡ଼ାର ବଳଦେବଜୀଉ । ଭାଇ ମତେ କେନ୍ଦ୍ରାପଡ଼ା ବଳଦେବ ଜୀଉ ସ୍କୁଲକୁ ନେଇଗଲେ । ସାଙ୍ଗରେ ଯାଇଥାନ୍ତି ବୃନ୍ଦାବନ

Digitized by srujanika@gmail.com

ମାଷ୍ଟ୍ରେ । ମୋ ସାର୍ଟିଫିକେଟ୍ ବା ପରୀକ୍ଷାରେ ପାଇଥିବା ନମ୍ବର ଉପରେ ତାଙ୍କର ଆସ୍ଥା ନ ଥିଲା । ସେଠିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ୧୯୪୨ରେ ଷଷ୍ଠଶ୍ରେଣୀରେ ନାମ ଲେଖାଇଲି । ସେଠି ରାଜକନିକାର ନୀଳମଣି ମାଷ୍ଟ୍ରେ ସର୍ବେସର୍ବା । ସେ ମୋ ଦାୟିତ୍ୱ ନେଲେ । ଭାଇଙ୍କୁ ଆଗରୁ ଜାଣିଥିଲେ । ମୁଁ ଛାତ୍ରାବାସରେ ରହିଲି ।

ସ୍କୁଲରେ ଶିକ୍ଷାଦାନ ଉତ୍ତମ । ଛାତ୍ରାବାସରେ ଶୃଙ୍ଖଳା ଅନନ୍ୟ ସାଧାରଣ । ଛାତ୍ର ଓ ଶିକ୍ଷକ ମାନଙ୍କ ଭିତରେ ସଂପର୍କ ଗୁରୁକୁଳ ପରି । ଛାତ୍ରାବାସର ଖାଦ୍ୟ ମନ୍ଦ ନୁହେଁ । ନିଜ ବାସନ ନିଜେ ଧୋଉ । ଘଣ୍ଟା ବାଜିଲେ ଥାଳି ଧରି ରୋଷେଇ ଘରକୁ ଦଉଡୁ । ଅନ୍ତେବାସୀମାନେ ମେସ୍ ଖବର ବୁଝନ୍ତି । ଛାତ୍ରମାନଙ୍କୁ ପ୍ରତ୍ୟକ୍ଷ ତଥା ପରୋକ୍ଷରେ ସ୍ୱାବଲମ୍ବୀ ହେବାକୁ ଶିକ୍ଷା ଦିଆଯାଏ । ପାଖରେ ହାଟ। କେନ୍ଦ୍ରାପଡ଼ା କେନାଲର ଏ ପାଖ ସେ ପାଖ । କେନାଲରେ ଡଙ୍ଗା ପଡ଼ି ରଣି ଲଗାଯାଇଥାଏ । ସପ୍ତାହରେ ଥରେ ହାଟରୁ ସଉଦା ଆସେ ।

ଛାତ୍ରାବାସରେ ଆମେ ସବୁ ତଳେ ଶୋଉଥିଲୁ । ବିଦ୍ୟାଳୟରେ କେହି ଛାତ୍ରୀ ଥିଲା ପରି ମନେ ପଡୁନି । ବିଛଣା କହିଲେ ଛୋଟିଆ ଦରି ଖଣ୍ଡିଏ । ଛୋଟ ସୁଟକେଶରେ ବହିପତ୍ର ଦିଖଣ୍ଡ । ବିଛଣା ଗୁଡ଼ାହୋଇ ସୁଟକେଶ୍ ଉପରେ ରହିଥାଏ। ସଂଧ୍ୟାରେ ଲଣ୍ଠନ ଲଗାଇ ପଢୁ । ସାର୍ ସେଇଠି ବସିଥାନ୍ତି । ଢୋଳାଇଲେ ଅଦ୍ଭୁତ ପ୍ରକାର ଦଣ୍ଡ ।

ସାର୍‌ଙ୍କ ଖଟ ପାଖରେ ଠିଆହେବ। ମୁଣ୍ଡ ଉପରେ ପାଣିଡାଳ। ଗୋଟିଏ ହାତରେ ଲଣ୍ଠନ ଅନ୍ୟ ହାତରେ ବହି । ପାଟିକରି ପଢ଼ିବ । ଢୋଳାଇଲେ ବା ଅନ୍ୟମନସ୍କ ହେଲେ ପାଣି ଡାଳଟି ପଡ଼ିଯିବ । ତା ପରେ ପ୍ରହାର ।

ମୋର ଇଂରାଜୀରେ ଭଲ ହେଉ ନଥିଲା । ଏପରିକି ବିଦ୍ୟାଳୟକୁ କେହି ପରିଦର୍ଶକ ଆସୁଥିଲେ ସେହି ସମୟପାଇଁ ଆମ କେଇଜଣଙ୍କୁ ଶ୍ରେଣୀଗୃହ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆ ଯାଉଥିଲା । ମୋର ଓଡ଼ିଆ ଓ ଗଣିତରେ ଖୁବ୍ ଭଲ ହେଉଥିଲା । ଅପର୍ତ୍ତି ପଣ୍ଡିତ (ସାହିତ୍ୟ ଶିକ୍ଷକ)ଙ୍କର ମୋ ଉପରେ ଆଖି ।

ଏତିକି ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ । କେନ୍ଦ୍ରାପଡ଼ାରେ ବୋମା ପଡ଼ିବ ବୋଲି ମଝିରେ ମଝିରେ ଗୁଜବ ସୃଷ୍ଟି ହୁଏ । ସାମୟିକ ଭାବେ ଛାତ୍ରାବାସ ବନ୍ଦ ହୋଇଯାଏ । କଙ୍କଡ଼ାକୁ ଗୋଳିପାଣି ସୁହାଇଲା ଭଳି ମୁଁ ଆନନ୍ଦରେ ଘରକୁ ଚାଲିଯାଏ ।

କେନ୍ଦ୍ରାପଡ଼ା ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପୀଠସ୍ଥଳୀ । ରଘୁ ମହାନ୍ତି (ଲୋକାଲ୍ ବୋର୍ଡ଼ ଚେୟାରମ୍ୟାନ), ଶଚୀ ମହାନ୍ତି (ପରବର୍ତ୍ତୀ କାଳରେ ଭୂଦାନ ଆନ୍ଦୋଳନର ଅନ୍ୟତମ ପୁରୋଧା) ଇତ୍ୟାଦିଙ୍କ ପ୍ରଭାବ ଆମ ଉପରେ ପଡ଼େ । ଇଂରାଜୀ ନ ପଢ଼ିବା ପାଇଁ ନେତାମାନେ ପ୍ରବର୍ତ୍ତାନ୍ତି । ଇଂରାଜୀ ପଢ଼ିଲେ ଦାସ ମନୋବୃତ୍ତି ବଢ଼ିଯିବ । ମୋର ତ ଇଂରାଜୀ ହେଉ ନଥିଲା । ସୁତରାଂ ଏଇଟି ମୋ ମନକୁ ବେଶ୍ ପାଇଥିଲା ।

Digitized by srujanika@gmail.com

ଫରିମିଆଁ ବୋଲି ଜଣେ ସଂବାଦପତ୍ର ବିକାଳି କେନ୍ଦ୍ରାପଡ଼ା ବସଷ୍ଟାଣ୍ଡରେ ଖଣ୍ଡିଏ ଉଠା ଦୋକାନ ପକାଇଥାନ୍ତି । ତାଙ୍କୁ ଆମେ ସମସ୍ତେ ଫରିଭାଇ ଡାକୁ । ମାଗଣାରେ ସମାଜ ପଢୁ । ନିଜ ପକେଟ ଖର୍ଚ୍ଚ ପଇସା ତଥା ଅନ୍ୟମାନଙ୍କ ଠାରୁ ସଂଗୃହୀତ ପଇସାରେ ପ୍ରତି ରବିବାର ଦିନ ଫରଭାଇ ଦୋକାନକୁ ଆସୁଥିବା ଇଂରାଜୀ ସମ୍ବାଦପତ୍ର ଗୁଡ଼ିକ କିଣି ପୋଡ଼ିବା କାମରେ ମୁଁ ଅଗ୍ରଣୀ ।

୧୯୪୨ ଅଗଷ୍ଟ ବିପ୍ଳବ ପୂର୍ବରୁ ସବୁବେଳେ ତ କଂଗ୍ରେସ ବାଲାଙ୍କ ଶୋଭାଯାତ୍ରା । ବେଳେବେଳେ ଶୋଭାଯାତ୍ରା ପଛରେ ଗଲେ ପୋଲିସ ବାଲା ଭ୍ୟାନରେ ପୂରାଇ ବଳଦେବଜୀଉ ମନ୍ଦିର ପାଖରେ ଛାଡ଼ି ଦିଅନ୍ତି । ବେତ୍ରାଘାତ ହେଲାପରି ମନେ ପଡୁନି । ସେଠାରୁ ଆମେ ଚାଲି ଚାଲି ଆସୁ । ସହର ମଝିରେ ଜେଲଖାନା । ଯଦି ବା କେବେ ଫାଟକ ପାଖକୁ (ଜେଲକୁ ନୁହେଁ) ନିଆଯାଏ, ଚୁଡ଼ାଗୁଡ଼ ଖାଇ ଇନ୍‌କିଲାବ ଜିନ୍ଦାବାଦ ଧ୍ୱନି କରି ପଳାଇ ଆସୁ ।

ଖାଦ୍ୟାଭାବ ଦୂରୀକରଣ ପାଇଁ ନେତାମାନେ ଆଧ୍ୟାତ୍ମିକ ଚେତନା ଭରି ଦେଇଥିଲେ । ଆମେ ଖାଇବା ପାଇଁ ବଂଚିନେ । ବଂଚିବା ପାଇଁ ଯେତିକି ଆବଶ୍ୟକ ସେତିକି ଖାଅ । ଅନ୍ୟକୁ ବଂଚିବାକୁ ଦିଅ । ପାକସ୍ଥଳୀ ଖାଲି ରହିଲେ ଶରୀର ସୁସ୍ଥ ରହିବ ଇତ୍ୟାଦି । ସପ୍ତାହରେ ବେଳାଏ ଲେଖାଁ ଆମେ ଉପବାସ ରହୁଥିଲୁ । ମେସ୍ ବି ସେଦିନ ବଂଦ ହୋଇ ଯାଉଥିଲା ।

ବଳଦେବଜୀଉ ମନ୍ଦିର ଆମ ବିଦ୍ୟାଳୟଠାରୁ ଦୁଇ କିଲୋମଟର ବାଟ । ନାମୀ ଦେବତା । ପୁରୀ ଜଗନ୍ନାଥ ପରି କେନ୍ଦ୍ରାପଡ଼ାର ବଳଦେବଜୀଉ । କନ୍ଦରାସୁରକୁ ବଧ କରି ତୁଳସୀକୁ ବିବାହ କରିଥିଲେ। ତେଣୁ ଏ ସ୍ଥାନ ତୁଳସୀକ୍ଷେତ୍ର ରୂପେ ପ୍ରସିଦ୍ଧ ।

କେନ୍ଦ୍ରାପଡ଼ାର ରସାବଳି ଥରେ ଖାଇଲେ ମନରୁ ଛାଡ଼ିବନି । ସେ କାଳରେ ରସାବଳି କେବଳ ମନ୍ଦିରରେ ମିଳୁଥିଲା । ଠାକୁରଙ୍କର ରଥଯାତ୍ରା ପରି ବହୁତ ପର୍ବପର୍ବାଣି । ମଝିରେ ମଝିରେ ଠାକୁର ଦର୍ଶନରେ ଯାଏ । ସେଠି ପ୍ରାୟ ସବୁଦିନେ ବ୍ରାହ୍ମଣ ଭୋଜନୀ ଚାଲିଥାଏ । ପଇତା ସଂଗାଡ଼ିଏ ପକାଇଲେ ବ୍ରାହ୍ମଣ ହୋଇଗଲ । ଖାଇବାକୁ ମିଳିବ ପୁଣି ବିଦାକି ଅଣିଟିଏ । ଛାଡୁଛି କିଏ ?

ମୁଁ ବଳଦେବଜୀଉ ସ୍କୁଲରେ ପଢ଼ିବାବେଳେ ମୋ ଭଉଣୀର ବିଭାଘର । ବର କୁଶୁପୁର ଦାମ ଜେନା । ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଘର ପାଖରେ । ତାଙ୍କ ବଡ଼ଭାଇ ସଂଗ୍ରାମୀ ଶଚୀ ଜେନା । ତାଙ୍କରି ମଧ୍ୟସ୍ଥିରେ ଏ ବିଭାଘର । ମୋ ପିଉସା ଓ ଭାଇ ମଧ୍ୟ କଂଗ୍ରେସୀ ନେତା ।

କୁଶୁପୁର ଆମ ଘର ଠାରୁ ୨୨ କିଲୋମିଟର ବାଟ । ପଟ୍ଟାମୁଣ୍ଡାଇ କେନାଲ ବଂଧ ଏକ ମାତ୍ର ରାସ୍ତା । ତାଙ୍କ ଘର କେନାଲ କୂଳରେ । ଆମ ଘରକୁ ଘାଗରା ଠାରୁ ଶାଖା କେନାଲ ବଂଧରେ ଆସିବାକୁ ପଡ଼େ ପ୍ରାୟ ତିନି କିଲୋମିଟର । ଦାମଭାଇ କମ୍ପାଉଣ୍ଡରୀ ପାଶ୍ କରିଥାନ୍ତି । ହୋମିଓପାଥି ଡିପ୍ଲୋମା ଲଗାଇ ଡାକ୍ତର ଡି.ଜେନା ବୋଲି ଲେଖୁଥାନ୍ତି ।

ବରଯାତ୍ରୀ ସବୁ ଶଗଡ଼ ଗାଡ଼ିରେ ଆସିଥାନ୍ତି । ଖଦୀଯାତ୍ରା ପଡ଼ିଆରୁ ରୋଷଣୀ ଆରମ୍ଭ । ମତେ ବରଧରା କାମ ତୁଲାଇବାକୁ ପଡ଼ିଲା ସେଇ ରୋଷଣି ପଡ଼ିଆରୁ ।

Digitized by srujanika@gmail.com

ଚନ୍ଦନ ଲଗାଇ ଧୋତି କୁର୍ତ୍ତା ପିନ୍ଧି ସବାରିରେ ବସି ବ୍ରାହ୍ମଣ ଅବଧାନ ବାରିକ ଶଂଖୁଆଙ୍କ ଗହଣରେ ଗଲି ପଡ଼ିଆକୁ । ସେଇ ଢୋଲ ବାଜା, ମଇଞ୍ଚେନାର ମହୁରୀ । ସେ ବି ଗୋଟେ ଅଭିଜ୍ଞତା ।

ମୁଁ ପହଁଚିଲା ପରେ ରୋଷଣୀ ହେଲା । ବରଯାତ୍ରୀଙ୍କ ଅଭ୍ୟର୍ଥନା ପରେ ବାହାଘର । ମୋ ଭଉଣୀ କାନ୍ଦଣା ବହି କିଣି ମୁଖସ୍ଥ କରି ଘରେ ଘରେ ବୁଲି କାନ୍ଦୁଥାଏ । ମୋ ନୂଆବୋଉ ତାକୁ ବଳି ଯାଇଥାଏ । ଯା ହେଉ ସେ ଖଦଡ଼ ଶାଢ଼ୀ ପିନ୍ଧି ବେଦୀରେ ବାହାହେଲା । ବରକନ୍ୟା ଭଲରେ ବିଦା ହୋଇଗଲେ ।

ଇଚ୍ଛା ଥିଲେ ବି ଭଉଣୀ ଘରକୁ ଯିବାର ଉପାୟ ନ ଥିଲା। ମୁଁ ବଡ଼ ହୋଇ ଗଲିଣି। ସବାରିରେ କିଏ ନେବ ? ଏତେ ବାଟ ଚାଲିଚାଲି ଯିବି କିପରି ? ଭାଇ ତାଙ୍କର ଯାଉଥାନ୍ତି । ସେ ତ ଏକ୍ସପ୍ରେସ୍ ଗାଡ଼ି । ମୋ ଭିଣୋଇ ନିୟମିତ ବ୍ୟବଧାନରେ ଛାତ୍ରାବାସକୁ ଆସି ମିଠା ପାକେଟ୍‌ଟିଏ ଦେଇଯାନ୍ତି ।

ବଳଦେବଜୀଉ ସ୍କୁଲରେ ଦୁଇଟି ବର୍ଷ କଟିଗଲା । ମୁଁ କୃତିତ୍ୱର ସହ ଏମ୍.ଇ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି ।

ଏବେ ଖୋଜା ଚାଲିଲା ଉଚ୍ଚ ଇଂରାଜୀ ବିଦ୍ୟାଳୟ । କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ଏକମାତ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ କେନ୍ଦ୍ରାପଡ଼ା ହାଇସ୍କୁଲ । ଏଠି ମୋ ବଡ଼ ଭାଇ ପଢୁଥିଲେ । ଧରାଧରି କରି ମଧ ଉତ୍ତୀର୍ଣ୍ଣ ହୋଇ ପାରିଲେନି । ନବମ ଶ୍ରେଣୀରୁ ଡୋରି ବଂଧା । ଏ ସ୍କୁଲରୁ କେହି ଦ୍ୱିତୀୟ ଶ୍ରେଣୀରେ ପାସ୍ କରିବାର ରେକର୍ଡ ମଧ ନଥିଲା ।

ତିରିଶ କିଲୋମିଟର ଦୂରରେ ସାଲେପୁର ହାଇସ୍କୁଲ । ସେଠିକା ପିଲାମାନଙ୍କ ସମ୍ବନ୍ଧରେ ନାନା ଗୁଜବ ସୃଷ୍ଟି ହେଉଥିବାରୁ ମୋ ବୋଉ ସେଠିକୁ ପଠାଇବାକୁ ରାଜି ହେଲାନି । ମୁଁ ବାଧ ହୋଇ କେନ୍ଦ୍ରାପଡ଼ା ହାଇସ୍କୁଲରେ ନାମ ଲେଖାଇଲି । ସେଠି ସାନମାଣିତିଆର ନାରଣ ଥାଟୋଇ ପଢୁଥାନ୍ତି ।

ଛାତ୍ରାବାସରେ ରହିଲି । ଛାତ୍ରାବାସରେ ବହୁତ ପିଲା ଥିଲେ । ଦୁଇଜଣଙ୍କ ନାମ ମନେ ପଡୁଛି । ଧୀର ଦ୍ୱିବେଦୀ । ଦୁର୍ଯୋଧନ ସାମଲ, ଡାକ ନାମ ଦୀଯ । ଦୀଯ ଘର ମାର୍ଶାଘାଇ। ସେ ତାଙ୍କ ଘରୁ ଛେନାମିଶା ପାଗକରା ଚୂଡ଼ାମୁଆଁ ଆଣେ । ଆମେ ସବୁ ଲୁଚାଇ କରି ଖାଇଦେଉ । ଧୀର ସଂଗ୍ରାମୀ ସୁରେନ୍ଦ୍ର ଦ୍ୱିବେଦୀଙ୍କ ସାନଭାଇ । ପରେ ଇଂଜିନିଅର ହୋଇ ଭୁବନେଶ୍ବରରେ ବସବାସ କରୁଛି ।

ଏଠି ଆଉ ତଳେ ଶୋଇବାକୁ ପଡ଼ିଲାନି । ଖଟିଆ ମିଳିଲା । ବାସନ ଧୋଇବାକୁ ବି ପଡ଼େନି । ମେସ୍‌ର ବାସନ । ହଷ୍ଟେଲ ସୁପରିଣ୍ଟେଣ୍ଡେଟ୍ ଥାନ୍ତି ନକୁଳ ପଣ୍ଡିତେ । କ୍ଷୀରବାଲା ଗଉଡୁଣୀ କହେ ମୋ ଦୁଧ ପଣ୍ଡିତେ ଖାଉଛନ୍ତି, ଆଉ ଏ ପୁଅ ମନଙ୍କୁ ଯାଉନି । ଖୁବ୍ ହସ ହୁଏ ।

ମାନଗୋବିନ୍ଦ ସାରଙ୍କ ପୁଅ ତାରାକାନ୍ତ ପଣ୍ଡା । ମୋ ଠୁଁ ଦୁଇକ୍ଲାସ ଉପରେ ପଢୁଥାନ୍ତି । ମୁଁ ତ ଆଗରୁ ଜାଣିଥିଲି । ବୃନ୍ଦାବନ ମାଷ୍ଟ୍ରେ କହିଥାନ୍ତି ସେ ମୋ ପଢ଼ାପଢ଼ି ଦେଖନ୍ତି । ସେ କାଳରେ ଟିଉସନ ବୋଲି କିଛି ନ ଥିଲା । ଦରକାର ହେଲେ ତାଙ୍କ ଗାଁ ଅରୁଆକୁ ପଇସାପତ୍ର ପାଇଁ ପଠାନ୍ତି, ବିନା ଦ୍ୱିଧାରେ ଯାଇ ନେଇ ଆସେ ।

Digitized by srujanika@gmail.com

ନାମ ଲେଖା ପରେ ପଢ଼ାପଢ଼ି ଆରମ୍ଭ । ଓଡ଼ିଆ ଓ ସଂସ୍କୃତକୁ ଛାଡ଼ି ଆଉ ସବୁଥିରେ ଶିକ୍ଷାଦାନର ମାଧମ ଇଂରାଜୀ । ବହିପତ୍ର ବି ଇଂରାଜୀ । ତଥାପି ଶିକ୍ଷକମାନେ ଓଡ଼ିଆରେ ବୁଝାନ୍ତି ।

ଓଡ଼ିଆ ଶିକ୍ଷକ ଥାନ୍ତି ଚିନ୍ତାମଣି ସ୍ୱାଇଁ । ଜଣେ ସ୍ୱାଧୀନଚେତା ସ୍ୱାଭିମାନୀ ଯୁବକ । ମୁଁ ରଚନା (ପ୍ରବନ୍ଧ) ଗୁଡ଼ିକ ଭାବିଚିନ୍ତି ଘରେ ଲେଖେ । ଖୁବ୍ ଲମ୍ୱା ହୋଇଯାଏ । ସେ ପଢ଼ି ପସନ୍ଦ କରନ୍ତି । ଓଡ଼ିଆରେ ତାଙ୍କ ମତାମତ ଲେଖନ୍ତ । "ଖୁବ୍ ଭଲ ହୋଇଛି। ପରୀକ୍ଷାରେ ଏପରି ଲେଖି ପାରିବ ତ?"

ଆମର ଆଠଟି ବିଷୟ ଥିଲା । ଇଂରାଜୀ ୨୦୦, ଓଡ଼ିଆ ୧୦୦, ସଂସ୍କୃତ ୧୦୦, ବିଜ୍ଞାନ ୧୦୦, ଇତିହାସ ୫୦, ଭୂଗୋଳ ୫୦, ଇଚ୍ଛାଧୀନ ବିଷୟ ସଂସ୍କୃତ ବା ଗଣିତ ୧୦୦, ମୋଟ ୮୦୦ । ମୋର ଇଚ୍ଛାଧୀନ ବିଷୟ ଗଣିତ ଦଶମ ଶ୍ରେଣୀରୁ ଇଚ୍ଛାଧୀନ ବିଷୟ ନିଆଯାଇଥିଲା ।

ଇଂରାଜୀକୁ ଛାଡ଼ି ମୋର ଅନ୍ୟ ଗୁଡ଼ିକ ଭଲ ହେଉଥିଲା । ଦୀର୍ଘ ୪ ବର୍ଷ କାଳ ଇଂରାଜୀରେ ଅବହେଳା କରିବାର ପରିଣତି ଏବେ ବୁଝିଲି । ଇଂରାଜୀ ବ୍ୟାକରଣ ଶୁଦ୍ଧି ନ ଥାଏ । ପ୍ରବନ୍ଧ ଗୁଡ଼ିକ ଘୋଷି ଦେଉଥିଲି । ପ୍ରଥମେ ଓଡ଼ିଆରେ ଲେଖି ଇଂରାଜୀରେ ଅନୁବାଦ କରୁଥିଲି । ମୌଖିକ ଉତ୍ତର ଇଂରାଜୀରେ ଦେବା ଏକ ପ୍ରକାର ଅସମ୍ଭବ । କେବଳ କିପରି ପାଶ୍ ମାର୍କ ରହିବ ସେ ଚିନ୍ତା । ଏମିତି କ'ଣ କାମ ଚଳିବ ?

ଏଇ ସମୟରେ ମୋର ଆକୁଳାନନ୍ଦ ଷଡ଼ଙ୍ଗୀଙ୍କ ସହ ସଂପର୍କ ବଢ଼େ । ସେ ମୋ ଉପର ଶ୍ରେଣୀରେ ପଢୁଥାନ୍ତି । ଜଣେ ମେଧାବୀ ଛାତ୍ର ଓ ସୁବକ୍ତା ଭାବେ ତାଙ୍କର ଖ୍ୟାତି । ଘରୁ ଆସିଲା ବେଳେ ଇଂରାଜୀ ଅଭିଧାନଟା ହାତରେ ଧରି ଆସିଥାନ୍ତି । ପ୍ରତିଦିନ କିଛି କିଛି ନୂଆ ଶବ୍ଦ ଶିଖନ୍ତି । ଗରିବ ଘର ପିଲା ହେଲେ ବି ସେଥିପ୍ରତି ଭ୍ରୂକ୍ଷେପ ନ ଥାଏ ।

ତାଙ୍କରି ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ପ୍ରତି ଏକାଦଶୀ ଦିନ ବଳଦେବ ଜୀଉ ମନ୍ଦିର ଯାଉ । ଭାଗବତ ଚର୍ଚ୍ଚା ହୁଏ । ପରଦିନ ସକାଳେ ସୂର୍ଯ୍ୟୋଦୟ ପରେ ଯାହା କିଛି ଆହାର । ଏଇଠି ମୁଁ ଛାତ୍ର କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦାନ କରି ଜଣେ ଛାମୁଆ ଛାତ୍ରନେତା ହିସାବରେ ନିଜକୁ ପ୍ରତିଷ୍ଠିତ କରି ପାରିଲି ।

ଏ ବିଦ୍ୟାଳୟରେ ଦୁଇବର୍ଷ କଟିଲା । ଏଥିଭିତରେ ଭାଇ ଖୁବ୍ ସୁନାମ ଅର୍ଜନ କରିଥିଲେ । ୧୯୪୬ରେ ସେ ପଟ୍ଟାମୁଣ୍ଡାଇରୁ କଂଗ୍ରେସ୍ ଟିକେଟ୍ ପାଇ ଜିଲ୍ଲାବୋର୍ଡ ସଭ୍ୟଭାବେ ପ୍ରତିଦ୍ୱନ୍ଦ୍ୱିତା କଲେ । ଏବକାର ପଟ୍ଟାମୁଣ୍ଡାଇ, ରାଜନଗର ଓ ଆଳିକୁ ନେଇ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ଗଢ଼ା । ତାଙ୍କ ବିରୁଦ୍ଧରେ ଛିଡ଼ା ହୋଇଥାନ୍ତି କେନ୍ଦ୍ରାପଡ଼ାର ଟାଣୁଆ ନେତା ବାଗ୍ମୀ ଯଦୁମଣି ମଂଗରାଜଙ୍କ ପୁତୁରା ବିଜୟ କେତନ ମଂଗରାଜ । ତାଙ୍କ ପଛରେ ଖଣ୍ଡାୟତ ମହାସଭାର ପ୍ରଚ୍ଛନ୍ନ ସମର୍ଥନ । ଭାଇ ମଧ ଖଣ୍ଡାୟତ ମହାସଭା ପାଇଁ କାମ କରୁଥିଲେ । ଆଳିର ଗୋପାଳମାନଙ୍କ ଟାଣୁଆ ସଂଘ ଭାଇଙ୍କୁ ସମର୍ଥନ କଲା.। ସହଦେବ ଦାସ ବି ତାଙ୍କର ସମର୍ଥକ।

ସେ କାଳାରେ ସାବାଳକ ଭୋଟ ପ୍ରଥା ନ ଥିଲା । ଚୌକିଦାରୀ ଟ୍ୟାକ୍ସକୁ

ଭିତିକରି ଭୋଟର। ମୁଁ ମଧ୍ୟ ଜଣେ ଭୋଟର । ସୁତରାଂ ଭୋଟର କମ୍, କ୍ଷେତ୍ରଫଳ ବେଶୀ ।

ଭାଇତ ସାଇକେଲ ଚଢ଼ି ଜାଣି ନ ଥାନ୍ତି । ଚାଲି ଚାଲି ସବୁ ଆଡ଼େ ପ୍ରଚାର କରୁଥାନ୍ତି । ମିଟିଂ ସାରି ସେଇ ଗ୍ରାମରେ ରହନ୍ତି । ଫେରିବା କଥା ନାହିଁ । ପାର୍ଟି ଅଫିସ ପଟ୍ଟାମୁଣ୍ଡାଇରେ। ତାଙ୍କ ସାଥିରେ ଥାନ୍ତି ମୂଳବସନ୍ତର ଯୁଧିଷ୍ଠିର ମଙ୍ଗରାଜ ଓ ପଟ୍ଟାମୁଣ୍ଡାଇର ସବୁ କଂଗ୍ରେସ କର୍ମୀ, ପ୍ରତି ଗ୍ରାମ ମୁଣ୍ଡରେ ସଭା ।

ସେ ପିଲାଦିନେ କାନରେ ବାଉଳି, ହାତରେ ତାବିଜ ଓ ସୁନାଖଡୁ ପିନ୍ଧୁଥିଲେ ଜମିଦାର ପିଲାବୋଲି । ତାଙ୍କ ପ୍ରତିପକ୍ଷ ସେଥିପାଇଁ ତାଙ୍କୁ ନାଚ ପାର୍ଟିର ପିଲା ବୋଲି ଚିତ୍ରଣ କଲେ। ଲଢ଼େଇ ପାଲାରେ ପୂଜାବାଲା ଜବାବ ଦେଲା ଭଳି ସେ ଜବାବ ଦିଅନ୍ତି । ହଁ ମୁଁ ନାଚ ପିଲା । ହେଲେ ମୋ ଗୁରୁ ଗାନ୍ଧୀ ମହାରାଜ । ମତେ ଯେମିତି ନଚାଏ ମୁଁ ସେମିତି ନାଚେ। ଏଇଟା ସମସ୍ତଙ୍କ ମନକୁ ପାଏ ।

ଠିକ୍ ସେମିତି କଂଗ୍ରେସର ଦୋଷ ଦୁର୍ବଳତାକୁ ନେଇ ଆକ୍ଷେପ କଲେ କହନ୍ତି କଂଗ୍ରେସ ଗୋଟ କାଚହାଣ୍ଡି । କେଉଁଠି ଟିକିଏ ମଇଳା ପଡ଼ିଲେ ସମସ୍ତଙ୍କୁ ଦେଖା ଯାଉଛି । ତମରତ ଧାନଉଁଷା ହାଣ୍ଡି ଯେତେ ମଇଳା ପଡ଼ିଲେ ବି କାହାରିକୁ ଦେଖା ଯିବନି । ହାସ୍ୟ ରୋଳ ହୁଏ ।

ମୁଁ ତାଙ୍କ ନିର୍ବାଚନୀ ସଭା ଦେଖିଛି ଓ ଭାଷଣ ଶୁଣିଛି । ମନ୍ତ୍ରମୁଗ୍ଧ ହୋଇ ଶୁଣନ୍ତି ଉପସ୍ଥିତ ଜନତା । ଘନ ଘନ କରତାଳି ଓ ଗେଣ୍ଡୁଫୁଲର ପାଖୁଡ଼ା ବୃଷ୍ଟି ମଧ୍ୟରେ। ସଭା ପୂର୍ବରୁ ଓ ସଭା ପରେ ପଟୁଆର, ଅନ୍ୟ ଗ୍ରାମକୁ ଯିବା ପାଇଁ ।

ବହୁ ଭୋଟ ବ୍ୟବଧାନରେ ସେ ବିଜୟ କେତନ ମଂଗରାଜଙ୍କୁ ହରାଇଲେ ।

ଜିଲ୍ଲାବୋର୍ଡ଼ ସଭ୍ୟଭାବେ କିଛି ଗସ୍ତ ଖର୍ଚ୍ଚ ମିଳିଲା । ତା ପରେ ମତେ କେନ୍ଦ୍ରାପଡ଼ାରୁ କଟକ ନେବାକୁ ମନ ବଳାଇଲେ । ତାଙ୍କର ରାଜନୈତିକ ଜୀବନରେ ଉନ୍ନତି ହେବା ସାଥେ ସାଥେ ମୋ ଜୀବନରେ ପରିବର୍ତ୍ତନର ସୂଚନା ମିଳିଲା ।

୦୦୦

Digitized by srujanika@gmail.com

# କଟକରେ ପାଠପଢ଼ା

**୫.୭.୪୬ - ୨୦.୧୨.୫୫**

ମୋ ପିଉସାଙ୍କ ପୁଅ ହରିଶଭାଇ କଟକରୁ ଦ୍ଵିତୀୟ ଶ୍ରେଣୀରେ ମାଟ୍ରିକ୍ ପାଶ୍ କରିଥିବାରୁ ପିଉସା ତାଙ୍କ ଗ୍ରାମ ତଥା ଆମ ଗ୍ରାମରେ ବିରାଟ ଭୋଜିର ବ୍ୟବସ୍ଥା କରିଥାନ୍ତି । ସେଇଠି ଠିକ୍ ହେଲା ମୁଁ କଟକରେ ପଢ଼ିବି । ମୋ ମନ କୁଣ୍ଢେ ମୋଟ । ଗୋଡ଼ ତଳେ ଲାଗୁ ନଥାଏ । ମୋ ବୋଉ ଗ୍ରାମଦେବତୀଙ୍କୁ କଳାଶାଢ଼ୀ ଯାଚିବାଠାରୁ ଜଗନ୍ନାଥଙ୍କୁ କେତେ କଣ ମନାସିଲାଣି । ତା ପୁଅ କଟକରେ ପଢ଼ିବ । କେତେ ଜଣଙ୍କ ଭାଗ୍ୟରେ ଏପରି ଯୁଟେ ।

ଦିନ ବାର ଦେଖି ୧୯୪୬ ମସିହା ଜୁଲାଇ ୫ ତାରିଖରେ ପିଉସା ଓ ମୁଁ କଟକ ବାହାରିଲୁ । ସ୍ଵାଧୀନତା ସଂଗ୍ରାମୀ ଭାବେ ପିଉସା କୃଷ୍ଣମୋହନ ରାଉତରା ବେଶ୍ ଜଣାଶୁଣା ।

କଟକରେ ତିନୋଟି ଉଚ୍ଚ ଇଂରାଜୀ ବିଦ୍ୟାଳୟ କୁଇନ ଭିକ୍ଟୋରିଆ, ପ୍ୟାରିମୋହନ ଏକାଡେମୀ ଓ ରେଭେନ୍ସା କଲିଜିଏଟ୍ ଜଣାଶୁଣା । ଶେଷୋକ୍ତ ସ୍କୁଲଟି ସରକାରୀ ଓ ଅନ୍ୟ ଦୁଇଟି ଘରୋଇ। ସବୁଠି ନାମଲେଖା ପୂର୍ବରୁ ପ୍ରବେଶିକା ପରୀକ୍ଷା । କୁଇନ ଭିକ୍ଟୋରିଆ (ଏବକାର ଭକ୍ତମଧୁ ବିଦ୍ୟାପୀଠ)ରେ ଭଲ ପାଠପଢ଼ା ହୁଏନି । ଦୁର୍ବଳ ମଫସଲିଆ ପିଲାମାନେ ସେଠି ପଢ଼ନ୍ତି । ପଟ୍ଟାମୁଣ୍ଡାଇ ଅଂଚଳରୁ ତିନୋଟି ପିଲା ସେଠି ପଢୁଥିଲେ । ମୂଳବସନ୍ତର ବ୍ରଜପାତ୍ର, ସେକପୁରର ବଳରାମ ଖଣ୍ଡାୟୀ ଓ ନିରାକାର ଲେଙ୍କା । ସେଇମାନଙ୍କ ସହାୟତାରେ ପ୍ରବେଶିକା ପରୀକ୍ଷା ଦେଇ ସେଠି ଗୋଟିଏ ସ୍ଥାନ ସଂରକ୍ଷିତ କରି ପାରିଲି ।

ତା ପରେ ଗଲି କଲିଜିଏଟ୍ । ଇଂରାଜୀରେ ମୁଁ ଦୁର୍ବଳ । ମତେ କୁହା ଯାଇଥିଲା ଷ୍ଟେସନ୍‌ରୁ କିପରି ଆସିଲ ଭାଇଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖ । ମୁଁ ତ ଆଗରୁ ରିକ୍ସା ଦେଖି ନ ଥିଲି । ରିକ୍ସାବାଲା ଇଂରାଜୀ ଜାଣିବି କେଉଁଠୁ ! ଯା ହେଉ ସାହିତ୍ୟ ଓ ଗଣିତରେ ଭଲ କରିଥାଏ ।

ସ୍କୁଲର ସଂପାଦକ ଥାନ୍ତି ଶିକ୍ଷାବିତ୍ ମହେଶ ପ୍ରଧାନ । ପିଉସା କେବେ ତାଙ୍କ ସଙ୍ଗରେ କେଉଁଝରରେ ହାତୀରେ ଆସିଥିଲେ । ମତେ ସେ ତାଙ୍କର ପୁଅ ବୋଲି ପରିଚୟ ଦେଇ ବହୁତ ତାରିଫ କରି କହିଲେ । ତାଙ୍କରି ସୁପାରିଶରେ ମୁଁ ୧୦ମ ଶ୍ରେଣୀରେ ନାମ ଲେଖାଇଲି ଓ ଗଣିତକୁ ଇଚ୍ଛାଧୀନ ବିଷୟ ଭାବେ ବାଛିନେଲି ।

Digitized by srujanika@gmail.com

ରହିଲି ରାଜାବଗିଚାରେ ଥିବା ଖଣ୍ଡାୟତ କ୍ଷତ୍ରିୟ ଛାତ୍ରାବାସରେ । ଜାତିଆଣ ଭିତ୍ତିରେ କେବଳ ସ୍କୁଲ ପିଲାଙ୍କୁ ଏଠି ରଖାଯାଏ । ପରିଚାଳକ ଥାନ୍ତି କ୍ଷେତ୍ରମୋହନ ବରାଳ । କଟକ ଜିଲ୍ଲାବୋର୍ଡ ଅଫିସ୍‌ର ଜଣେ କିରାଣୀ । ଭାଇ ସେହିବର୍ଷ ଜିଲ୍ଲାବୋର୍ଡ ସଭ୍ୟଭାବେ ପଟ୍ଟାମୁଣ୍ଡାଇରୁ ନିର୍ବାଚିତ ହୋଇ ଆସିଥାନ୍ତି ।

ଛାତ୍ରାବାସଟି କାଠଯୋଡ଼ି କୂଳରେ । ଚାଳଘର ୫ ବଖରା । ବଖରାକରେ ରହନ୍ତି ସଂଚାଳକ । ବଖରାଏ ଅଫିସ । ଅନ୍ୟ ତିନି ବଖରାରେ ଆମେ ଦଶବାର ଜଣ ପିଲା । ରୋଷେଇ ଓ ଖାଇବା ଘର ସ୍ୱତନ୍ତ୍ର । କୂଅ ପାଖରେ ପାଇଖାନା । ହତା ଚାରିପଟରେ ଦେବାଲ ନାହିଁ । ପାଖରେ କୈବଲ୍ୟ କୁଟୀର । ଘରଭଡ଼ା ନାହିଁ । ମେସ୍‌ଖର୍ଚ୍ଚ ମାସକୁ ୫ ଗୌଣୀ ଚାଉଳ ଓ ପାଂଚଟଙ୍କା । ଭାଇ ଆଣି ଦେଇ ଯାନ୍ତି । ସ୍ଥାନୀୟ ଅଭିଭାବକ କ୍ଷେତ୍ରମୋହନ ବରାଳ ।

ଛାତ୍ରାବାସରେ ଥାନ୍ତି ରବି ସାମଲ । ଆମେ ଦୁହେଁ ଏକାଶ୍ରେଣୀର । ସେ ଏବେ ଚାଟାର୍ଡ ଆକାଉଣ୍ଟାଣ୍ଟ୍ । ଉପର ଶ୍ରେଣୀରେ ପଢୁଥାନ୍ତି ମହେଶ୍ୱର ସାମନ୍ତରାୟ, ବଳରାମ ଖଣ୍ଡାୟୀ ଓ ବ୍ରଜପାତ୍ର । ବଳରାମ ବାବୁ ଗଣିତରେ ଭଲ କରୁଥାନ୍ତି । ମତେ ଜ୍ୟାମିତି ଉପପାଦ୍ୟ ସବୁ ବତାଇ ଦେଉଥାନ୍ତି । ମୁଁ କ୍ରମେ ସେମାନଙ୍କ ସହ ନିଜକୁ ଖାପ ଖୁଆଇ ନେଲି । ମହେଶ୍ୱର ବାବୁ ସନ୍‌ସାଇନ୍ ପଡ଼ିଆରେ ସାଇକେଲ ଶିଖାଇଦେଲେ । ବ୍ରଜପାତ୍ରଙ୍କୁ ମାମୁଁ ଡାକୁଥିଲି ।

ଛାତ୍ରାବାସର ପୂଜାରୀ ନୀଳମଣି । ଭଲ ରୋଷେଇ କରେ । ପିଲାମାନଙ୍କ ସହ ତାର ସଂପର୍କ ଭଲ । ତା ଦହି ବାଇଗଣ ଖଟା ଏପର୍ଯ୍ୟନ୍ତ ମୁଁ ଭୁଲିନି ।

ନିର୍ଦ୍ଦିଷ୍ଟ କେତେକ ଜଣାଶୁଣା ଖଣ୍ଡାୟତଙ୍କ ସହାୟତାରେ ଏ ଛାତ୍ରାବାସ ଚାଲୁଥାଏ । ସେମାନେ ମାସକୁ ମାସ କିଛି ଚାନ୍ଦା ଦିଅନ୍ତି । ସେମାନଙ୍କ ଭିତରେ ଥିଲେ କାଶୀନାଥ ଦାଶ, ଧନୁଲେଙ୍କା, ଯଦୁମଣି ମଂଗରାଜ ଓ ଅନ୍ୟମାନେ । ଆମେ ଛାତ୍ରାବାସର ଅନ୍ତେବାସୀମାନେ ବୁଲି ବୁଲି ସେମାନଙ୍କ ଠାରୁ ଚାନ୍ଦା ଆଦାୟ କରୁ ।

ନୃସିଂହ ସାମନ୍ତ ସିଂହାର ଜଣେ ଟାଣୁଆ ନେତା । ସେ ସେଠି ରହୁଥାନ୍ତି । ମହାସଭାର ମୁଖପାତ୍ର 'ନାୟକ' ତାଙ୍କ ସଂପାଦନାରେ ଚାଲିଥାଏ । ମୁଁ ବି ଟିକିଏ ସାହାଯ୍ୟ କରେ । ହେଲେ ବୁଦ୍ଧିଜୀବୀମାନେ ଏ ସଂଗଠନ ପାଇଁ ଆଗଭର ହେଉ ନଥିଲେ । ମୋର ମନେ ଅଛି କେଶରୀ ବାହିନୀ ବୋଲି ଗୋଟିଏ ଯୁବ ସଂଗଠନ ଗଢ଼ା ହୋଇଥାଏ ଓ ତା ପାଇଁ ସଭା ହେଉଥାଏ ଚଷାପଡ଼ାଠାରେ । ଫଟୋ ଉଠାଇଲାବେଳେ ଫଟୋଗ୍ରାଫର ଆସିଲା ବେଳକୁ ଉଦ୍ୟୋକ୍ତାମାନେ କିଏ କୁଆଡ଼େ ଚାଲିଗଲେ । ନିଜକୁ ଖଣ୍ଡାୟତ ବୋଲି ପରିଚୟ ଦେବାକୁ ଭୟ । ବ୍ରାହ୍ମଣ କରଣ ଅଫିସରମାନେ ଜାଣିଲେ ହିନସ୍ତା ହେବା ଆଶଂକାରେ । ହୁଏତ ସହରରେ ବ୍ରାହ୍ମଣ କରଣ ପିଲାମାନଙ୍କ ପାଇଁ ଛାତ୍ରାବାସର ଅଭାବ ନ ଥାଏ ।

ଛାତ୍ରାବାସରୁ କଲିଜିଏଟ୍ ସ୍କୁଲ ପ୍ରାୟ ଦୁଇ କିଲୋମିଟର । ଖାଇସାରି ବହି ବସ୍ତାନୀ ଧରି କାଠ ଯୋଡ଼ି ବଂଧରେ ଚାଲିଚାଲି ଯାଏ। ସ୍କୁଲରେ ମୋ ସାଥୀରେ ପଢୁଥାନ୍ତି ରାଧାରଥ । ଏବକାର ଭେଷଜ ବିଶେଷଜ୍ଞ, ହରି ମହାନ୍ତି ଇତ୍ୟାଦି । ମୁଁ ତ ମଫସଲିଆ ପିଲା । କିନ୍ତୁ ସବୁବେଳ ଆଗ ବେଞ୍ଚରେ ।

Digitized by srujanika@gmail.com

ମନ ଦେଇ ପଢ଼ାପଢ଼ି କରେ । ଖେଳାଖେଳିର ପ୍ରଶ୍ନ ନାହିଁ । ଷାଣ୍ମାସିକ ପରୀକ୍ଷାରେ ଇଂରାଜୀରେ ଅକୃତକାର୍ଯ୍ୟ ହେଲି । ମୁଁ ତ କେନ୍ଦ୍ରାପଡ଼ାରେ ଭଲ କରୁଥିଲି ବୋଲି ସାର୍ଟିଫିକେଟ୍ ନେଇ ଆସିଥିଲି । ପ୍ରଧାନଶିକ୍ଷକ ମୋହିନୀ ନନ୍ଦ ଉପହାସ କରି କହିଲେ ନିରସ୍ତ ପାଦୋପ ଚ ଏରୁଣ୍ଡୋପି ଦ୍ରୁମାୟତେଃ । କଥାଟା ମତେ ବହୁତ ବାଧିଲା । ସେତେବେଳକୁ ଆମକୁ ଇଂରାଜୀ ପଢ଼ାଉଥାନ୍ତି ସଦ୍ୟ ବିଲାତଫେରନ୍ତା ଶତ୍ରୁଘ୍ନ ନାଥ ଓ ଇଂରେଜୀ ଗ୍ରାମାର ବହି ଲେଖିଥିବା ଦାଶରଥୀ ପାଠୀ । ଆମର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା । ଟିଉସନ ହେବାକୁ ଇଚ୍ଛା ଥିଲେ ବି କହି ପାରୁ ନଥିଲି । ଶେଷରେ ଅନନ୍ୟୋପାୟ ହୋଇ କୁଇନ ଭିକ୍ଟୋରିଆ ଶିକ୍ଷକ ଚିନ୍ତାମଣି ପତିଙ୍କ ପାଖରେ ଇଂରେଜୀ ଟିଉସନ ହେଲି । ସେ ମହାଶୟ ମୋ ପରିଶ୍ରମ ଦେଖି ବା ଦୟା ପରବଶ ହୋଇ ଅନ୍ୟ ସମୟରେ ଇତିହାସ ମଧ୍ୟ ପଢ଼ାଉଥିଲେ। ଟିଉସନ ଫି ମାସକୁ ଦଶଟଙ୍କା । ସେ ଦେବୋପମ ଶିକ୍ଷକଙ୍କ ସହାୟତାରେ ମୁଁ କ୍ରମେ ଇଂରାଜୀରେ ସବଳ ହେଲି । ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ୬୮ (ଦୁଇଶହରୁ) ପ୍ରିଟେଷ୍ଟରେ ୧୧୮ ଟେଷ୍ଟରେ ୧୨୨ ଓ ମାଟ୍ରିକ ପରୀକ୍ଷାରେ ୧୩୦ ରଖିବାକୁ ସମର୍ଥ ହୋଇ ପାରିଥିଲି । ମଣିଷର ଉଦ୍ୟମ ପାଖରେ ସବୁ ହାର ମାନେ ।

ଓଡ଼ିଆ ଓ ସଂସ୍କୃତକୁ ବାଦ୍ ଦେଇ ଇତିହାସ, ଭୂଗୋଳ ସମେତ ଅନ୍ୟସବୁ ବିଷୟ ଇଂରେଜୀ ମାଧ୍ୟରେ ପଢ଼ା ହେଉଥିଲା। ମୁଁ ପ୍ରଥମେ ଅସୁବିଧାର ସମ୍ମୁଖୀନ ହେଉଥିଲେ ବି ପରେ ସବୁ ଠିକ୍ ହୋଇଗଲା ।

ସ୍କୁଲରେ ପ୍ରତି ସପ୍ତାହରେ ବକ୍ତୃତା ପ୍ରତିଯୋଗିତା ହୁଏ । ବିଜ୍ଞାନ ପ୍ରଦର୍ଶନୀ ଓ ମାସିକ ପତ୍ରିକା ବି ପ୍ରକାଶ ପାଏ। ମୁଁ ଏ ସବୁଥିରେ ଭାଗ ନିଏ କିନ୍ତୁ ଖେଳାଖେଳିରେ ନୁହେଁ ।

ଆମର ବିଜ୍ଞାନ ପଢ଼ାହୁଏ ଗୋଟିଏ ଅଲଗା କୋଠାରେ । ନନ୍ଦବାବୁ ଥାନ୍ତି ବିଜ୍ଞାନ ଶିକ୍ଷକ । ସେ ପିଲାଙ୍କ ଠାରୁ ପାଠ ଆଦାୟ କରିବାରେ ଧୁରନ୍ଧର । ଥରେ ଆମକୁ ବିଦ୍ୟାଧରପୁର ଫାର୍ମ ବୁଲାଇବାକୁ ନେଲେ । ମୁଁ ବାଟରୁ ଖସିଗଲି । ପରଦିନ ଶ୍ରେଣୀଗୃହରେ ପ୍ରଶ୍ନବାଣ । ମୁଁ ନିର୍ଭୟରେ ଉତ୍ତର ଦେଲି, ମୁଁ ଚାଷୀପିଲା । ଦି'ବାଟି ଜମିରେ ଆମର ଧାନଚାଷ । ସେଠି କି ଧାନଚାଷ ଦେଖିବି ? ତାଙ୍କ ପ୍ରଶ୍ନର ଯଥାଯଥ ଉତ୍ତର ପାଇବାରୁ ଶାନ୍ତ ପଡ଼ିଲେ ।

ତରଳ ବୟସରେ ଛାତ୍ରମାନେ ଭାବପ୍ରବଣ । ଆନ୍ଦୋଳନାତ୍ମକ କାର୍ଯ୍ୟ ପାଇଁ ସମ୍ବେଦନଶୀଳ । ମୋ କ୍ଷେତ୍ରରେ ତାହାହିଁ ହୋଇଛି । ମୁଁ କେନ୍ଦ୍ରାପଡ଼ାରେ ଛାତ୍ରକଂଗ୍ରେସ ସହ ସଂପୃକ୍ତ ଥିଲି । ଗୋଟିଏ ବିପ୍ଳବୀ ପରିବାରରେ ମୋ ଜନ୍ମ । କଟକ ଆସିବା ପରେ ପରେ ଆରମ୍ଭ ହେଲା ୧୯୪୬ର ଐତିହାସିକ ଇଉନିଅନଜାକ୍ ମୁଭ୍‌ମେଣ୍ଟ । ଓଡ଼ିଶାରେ ପ୍ରଥମ ସଫଳ ଛାତ୍ର ଆନ୍ଦୋଳନ ।

ରେଭେନ୍‌ସା କଲେଜ ଖେଳ ପଡ଼ିଆରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବେଳେ ବ୍ରିଟିଶ୍ ସରକାରଙ୍କ ଜାତୀୟ ପତାକା ଇଉନିଅନଜାକ୍‌କୁ ଅବତରଣ କରି ଉଡ଼ାଗଲା ତ୍ରିରଙ୍ଗ ପତାକା, ଭାରତର ସ୍ୱାଭିମାନର ପ୍ରତୀକ । ଦୁର୍ଦ୍ଦାନ୍ତ ବ୍ରିଟିଶ୍ ସରକାର ଏ ଅବମାନନା ସହନ୍ତେ କିପରି ? ଚାଲିଲା ଛାତ୍ରଙ୍କ ଉପରେ ଲାଠିମାଡ଼ ଓ ଅକଥନୀୟ

Digitized by srujanika@gmail.com

ଅତ୍ୟାଚାର । ମୁଣ୍ଡଟେକିଲା ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ । ନେତୃତ୍ୱ ନେଲେ ନନ୍ଦିନୀ ଦେବୀ, ଧୂଳେଶ୍ୱର ବସ୍ତିଆ, ପ୍ରବିର ପାଲିତ ଓ ଅନ୍ୟମାନେ ।

ମୁଁ ପିକେଟିଂ କରୁଥାଏ କଲିଜିଏଟ୍ ସ୍କୁଲରେ । ଦିନେ ମୁଖ୍ୟ ଫାଟକ ସାମ୍ନାରେ ତଳକୁ ମୁହଁମାଡ଼ି ଶୋଇଥାଏ । ଗର୍ଜି ଉଠିଲେ ସହକାରୀ ପ୍ରଧାନ ଶିକ୍ଷକ ଗଣିତଜ୍ଞ ନାରଣ ପତି । ଯାହାଙ୍କ ନାମ ଶୁଣିଲେ ଛାତ୍ର ସମାଜ ଥରହର । ମଫସଲିଆ ! ଏଠିକୁ ପାଠ ପଢ଼ିବାକୁ ଆସିଛୁ ନାଁ ତାମସା କରିବାକୁ ଆସିଛୁ ? ଗୋଡ଼ରେ ଆଡ଼େଇ ଦେଇଛନ୍ତି । ମତେ ଟେକି ନେଇଛନ୍ତି ସ୍କୁଲର ଦୁଇଜଣ ପିଅନ । ଏଥିରେ ତାଙ୍କର ମୋ ପ୍ରତି ଅସୂୟାଭାବ ନ ଥିଲା । ଭରି ରହିଥିଲା ଅନୁରାଗ । ତାଙ୍କର ସହାୟତାରେ ମୁଁ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ପାଇଁ ଭିତ୍ତି ପକାଇଲି । ସେଇ ମହାପୁରୁଷଙ୍କ ଫଟୋଟିଏ ଦେଖିଲେ ଆପେ ଆପେ ଆଖିରୁ ପାଣି ଗଡ଼ିପଡ଼େ ।

ଛାତ୍ର ଆନ୍ଦୋଳନର ଅବସାନ ହେଲା । ମୁଁ ଫେରି ଆସିଲି ମୋର ପୁରୁଣା ଅଭ୍ୟାସ ଖଟ ଉପରେ ପେଟେଇ ଶୋଇ ପଢ଼ିବାକୁ । ବୁଲାବୁଲି କରିବାକୁ ଇଚ୍ଛା ଥିଲେ ବି ନାଚାର । ସେଇ କାଠଯୋଡ଼ି କୂଳର ଚୋରାବାଲି ଆମ ହସଖେଳର ସଂସାର । ଥରେ ଚିଲକା ଯିବାକୁ ଇଚ୍ଛା ହେଲା । କ୍ଷେତ୍ରମୋହନ ବାବୁ ତ ଅଭିଭାବକ । ପଇସା ମାଗିଲି । କହିଲେ ଭାଇ ଆସନ୍ତୁ । ତାଙ୍କଠାରୁ ପଇସା ରଖିଲେ ଆଉ ମାସକୁ ଦେବି । ତାଙ୍କୁ ଆଉ ମାଗିବାକୁ ପଡ଼ିଲାନି । ମୁଁ ରାତିରେ ମିଲ୍ ବଂଦ କରିଦେଲି କେଇଦିନ ପାଇଁ । ସେଇ ପଇସାରେ ବ୍ରଜପାତ୍ର ଓ ମୁଁ ଚିଲିକା ଯାଇଁ ବୁଲି ଆସିଲୁ । ଟ୍ରେନ୍‌ରେ ଗଲୁ ବାଲୁଗାଁ । ସେଠୁ ବଳଦ ଗାଡ଼ିରେ ଚିଲିକା । ଘାଟ ଡଙ୍ଗାରେ ପାରିକୁଦ ଯାଇଁ ବୁଲି ଆସିଲୁ । ଆଠଣା ପଇସା ଡଙ୍ଗାଭଡ଼ା । ସମୁଦାୟ ଖର୍ଚ୍ଚ ଦଶଟଙ୍କା ଭିତରେ ।

୧୯୪୭ ମସିହା ଅଗଷ୍ଟ ପନ୍ଦର । ଦେଶ ସ୍ୱାଧୀନ ହେଲା । ଆମ ହଷ୍ଟେଲରେ ରେଡ଼ିଓ ନ ଥିଲା । ଆନନ୍ଦ ଉଲ୍ଲାସରେ କଟକ ସହର ପ୍ରକମ୍ପିତ । ଆମ ନେତା ବିରେନ୍ ମିତ୍ର ରହୁଥାନ୍ତି ଚୌଧୁରୀ ବଜାର ରାଜ ମହଲ ହୋଟେଲରେ । ହୋଟେଲ ସେଦିନ ଲୁଟ । କିଲା ପଡ଼ିଆରେ ସଭା । ପିମ୍ପୁଡ଼ି ଧାର ଭଳି ପିଲାମାନଙ୍କର ଧାଡ଼ି ଲାଗିଛି । ହାତରେ ତ୍ରିରଙ୍ଗ ପତାକା । ମୁହଁରେ ଗାନ୍ଧୀ ମହାତ୍ମାକୀ ଜୟ । ଚାରିପଟେ ବିଶୃଙ୍ଖଳ ଜନତା ସମସ୍ତେ ଆଗେଇଛନ୍ତି ସେଇ ମଇଦାନକୁ ।

ଏଇ ଘଟଣା ପରେ ଦୁର୍ଘଟଣା । ୧୯୪୮ ଜାନୁଆରୀ ୩୦ ତାରିଖରେ ମହାମାନବ ମହାତ୍ମାଗାନ୍ଧୀ ଚଳି ପଡ଼ିଛନ୍ତି ଆତତାୟୀର ଗୁଳିମାଡ଼ରେ - ବିରଳା ହାଉସରେ ସଂଧ୍ୟାର ପ୍ରାର୍ଥନା ସଭାରେ । ଶେଷ ନିଃଶ୍ୱାସ ପୂର୍ବରୁ ତାଙ୍କର 'ହା ରାମ' ଡାକ ସ୍ତବ୍ଧ କରିଛି ଅଗଣିତ ଜନତାଙ୍କୁ । ରକ୍ଷା କରି ପାରିନାହାନ୍ତି ସ୍ୱାଧୀନ ଭାରତର ଜନନେତା ବା ପୋଲିସବାହିନୀ । ଦୂରରୁ ଭାସି ଆସୁଥିଲା ଇଂରେଜ ମାନଙ୍କର ଅଟ୍ଟହାସ୍ୟ । ବଜ୍ର ପଡ଼ିଲା । ମେଦିନୀ ଫାଟିଲା । ସମସ୍ତେ ଧାଉଁଛନ୍ତି ରେଡ଼ିଓ ପାଖକୁ । ସବୁଠି ଭିଡ଼ । ମୁଁ ଦଉଡ଼ିଛି ଚୌଧୁରୀ ବଜାର । ସବୁରି ମୁହଁରେ ପ୍ରଶ୍ନ - କିଏ ସେ ? ରେଡ଼ିଓରୁ ଉତ୍ତର ଭାସି ଆସୁଛି ଗଡ୍‌ସେ । ଛାତ୍ରାବାସରେ ମୋର ରହଣୀ କାଳ ଭିତରେ ଏ ଦୁଇଟି ଥିଲା ଯୁଗାନ୍ତକାରୀ ଘଟଣା ।

Digitized by srujanika@gmail.com

ମାଟ୍ରିକ୍ ପରୀକ୍ଷା ପାଖେଇ ଆସିଲା । ଆମେ ସବୁ ପୁରା ଦମ୍‌ରେ ମାତିଗଲୁ । ଦିନ ନାହିଁ ରାତି ନାହିଁ । ଖାଇବା ପିଇବା ସବୁ ଭୁଲିଗଲୁ ।

ପରୀକ୍ଷା ଅଳ୍ପଦିନ ରହିଲା । ନାରଣ ସାର କହିଲେ ତାଙ୍କ ଘରକୁ ଯିବାପାଇଁ । ମୋର ତ ଟ୍ୟୁସନ ଫିସ୍ ଦେବାର ସମ୍ବଳ ନ ଥିଲା । ମତେ ସେ ଅଳ୍ପ ସମୟ ପାଇଁ ଅଲଗା ଦେଖନ୍ତି । ସେ କାଳରେ ଫାଷ୍ଟ ଡିଭିଜନରେ ବହୁତ କମ୍ ପିଲା ପାଶ୍ କରୁଥିଲେ । ସେତକ ପୁଣି ସେଇ କଲିଜିଏଟ୍‌ରୁ । କାଁ ଭାଁ ଅନ୍ୟସ୍କୁଲରୁ । ମାଷ୍ଟର ମାନେ ଲାଗି ପଡ଼ନ୍ତି କିପରି ତାଙ୍କ ପିଲା ଭଲ କରିବେ । ପରୀକ୍ଷା ପୂର୍ବଦିନ ମତେ ସେ ଯେତିକି ଜ୍ୟାମିତି ବତାଇ ଦେଇଥିଲେ ସେତିକି ପଡ଼ିଥିଲା । ସାର୍‌ମାନେ ଜାଣନ୍ତି ତାଙ୍କ ପିଲାଙ୍କର ଦୁର୍ବଳତା । ମତେ ସେ ନିଜ ପୁଅ ଭଳି ଦେଖୁଥିଲେ ।

ଚିନ୍ତାମଣି ଆଚାର୍ଯ୍ୟଙ୍କ ପୁଅ ଆମ ସାଥିରେ ପରୀକ୍ଷା ଦେଉଥାନ୍ତି । ସେ ସେଇ ପାଖ ଝାଞ୍ଜିର ମଙ୍ଗଳାରେ ରହୁଥାନ୍ତି । ଇଂରାଜୀ ଟ୍ରାନ୍‌ସଲେସନ୍ ଓ ଓଡ଼ିଆ ପ୍ରଶ୍ନପତ୍ରର ନକଲ କେଉଁଠୁ ଆଣିଥାନ୍ତି । ତାଙ୍କ ପାଖକୁ ଯାଇଁ ଏ ପ୍ରଶ୍ନପତ୍ର ଆଣିବାକୁ କେହି ଆଗ୍ରହ ଦେଖାଇ ନଥାନ୍ତି । କିଏ ଯିବ ସମୟ ନଷ୍ଟ କରି ? ଶେଷରେ ସେ ନିଜେ ଆଣି ଦେଇଗଲେ । ତଥାପି ତାକୁ କେହି ଦେଖିଲେନି । ହୁଏତ ବିଶ୍ୱାସ କଲେନି । କିନ୍ତୁ ପରୀକ୍ଷାରେ ଅବିକଳ ସେଇ ପ୍ରଶ୍ନ ପଡ଼ିଥିଲା । ଇଏ ଥିଲା ସେବେଳ । ଚିନ୍ତାକର ଏ ବେଳକୁ ।

ମାଟ୍ରିକ୍ ପରୀକ୍ଷା ସରିଲା । ଆମେ ସବୁ ପରସ୍ପରଠାରୁ ବିଦାୟ ନେଇ ଛାତ୍ରାବାସ ଛାଡ଼ିଲୁ । ପରୀକ୍ଷା ଫଳକୁ ଚାତକ ପରି ଚାହିଁ ରହିଲୁ । କିଏ କେଉଁ ଡିଭିଜନରେ ପାଶ୍ କରିବ କେବଳ କଳ୍ପନା ଜଳ୍ପନା ।

୦୦୦

Digitized by srujanika@gmail.com

# କଲେଜରେ ପାଠପଢ଼ା

୧୯୪୮ରେ ମାଟ୍ରିକ ପରୀକ୍ଷା ଦେଇ ଗ୍ରାମରେ ଥାଏ । ଗାନ୍ଧୀଜୀଙ୍କ ପ୍ରବର୍ତ୍ତିତ ନୟିତାଲିମ ପ୍ରତି ସମସ୍ତଙ୍କର ଆକର୍ଷଣ । ସେବାଗ୍ରାମ ଆମ ଆଖିରେ ଭୂସ୍ୱର୍ଗ । ମୋର ଏକାନ୍ତ ଇଚ୍ଛା ମୁଁ ସେଇଠି ପଢ଼ିବି । ପାଖ ଆଖରେ ଯେଉଁ କେତୋଟି ମୌଳିକ ସ୍କୁଲ କୁଶିଆପାଳ, ଅହିଲ୍ଲାବାଦ, ରାମଚନ୍ଦ୍ରପୁର ଇତ୍ୟାଦି ଥିଲା ସେଗୁଡ଼ିକ ବୁଲି ଦେଖୁଥାଏ ।

ରାମଚନ୍ଦ୍ରପୁର ମୋ ପିଉସାଘର । ସେଠି ଗୋପବାବୁ ଓ ରମାଦେବୀଙ୍କର ଅଖଣ୍ଡ ପ୍ରଭାବ । ପିଉସାଘର ପିଲାମାନେ ସମସ୍ତେ ମୌଳିକ ସ୍କୁଲ ଢାଞ୍ଚାରେ ଗଢ଼ା । ମୋ ପିଉସା ପୁଅ ଭାଇ ମୁକ୍ତେଶ୍ୱର ମୋର ସମ ବୟସ୍କ । ତାର ପ୍ରଭାବ ବି ପଡ଼ିଲା ।

ମୁଁ ତ ବହୁତ ଆଗରୁ ହାତରେ ସୂତାକାଟି ଖଦୀ ପିନ୍ଧୁଥିଲି । ହାତକଟା ସୂତା ଦେଲେ ଖଦୀ ମିଳୁଥିଲା । ସମସ୍ତଙ୍କୁ ନୁହେଁ । ଚାଦର ସାଥିରେ ଖଣ୍ଡିଏ ଝୁଲା ମୁଣା ଦେଖିଲେ ସମସ୍ତେ ଆପଣାର କରି ନିଅନ୍ତି । ଆବଶ୍ୟକ ହେଲେ ଭାଇଙ୍କ ପରିଚୟ ଦିଏ ।

ମୁଁ ଏମିତି ବୁଲୁଥିବା ବେଳେ ମାଟ୍ରିକ ପରୀକ୍ଷା ଫଳ ବାହାରିଲା । ଫାଷ୍ଟ ଡିଭିଜନରେ ପାଶ୍ କରିଥିବା ପିଲାଙ୍କୁ ସମସ୍ତେ ଭଲ ପାନ୍ତି । ମୋର ବି ଖୁବ୍ ଭଲ ନମ୍ବର ଥାଏ । ସେ କାଳରେ ଖୁବ୍ କମ୍ ପିଲା ଫାଷ୍ଟ ଡିଭିଜନରେ ପାଶ୍ କରୁଥିଲେ ।

ମୋ ନମ୍ବର ଦେଖି ମୋ ଭିଣୋଇ କାଶୀନାଥ ସ୍ୱାଇଁ ଭାଇଙ୍କୁ ପ୍ରବର୍ତ୍ତାଇଲେ ମତେ କଲେଜରେ ପଢ଼ାଇବା ପାଇଁ । ସେତେବେଳେ ରେଭେନ୍‌ସା କଲେଜର ଅଧ୍ୟକ୍ଷ ଥାନ୍ତି ମହେଶ ପ୍ରଧାନ । ସେ ମତେ ତ ଆଗରୁ ଜାଣିଥିଲେ । ତାଙ୍କ ସହ ପରାମର୍ଶ କରି ଭାଇ ରେଭେନ୍ସା କଲେଜରେ ମୋର ନାମ ଲେଖାଇଲେ ଆଇ.ଏସ୍‌ସିରେ ।

ଗ୍ରାମରେ ମତେ କହିଲେ ତୁ ତ ହିନ୍ଦୀ କହି ପାରୁନୁ । ୱାର୍ଦ୍ଧାରେ କିପରି ଚଳିବୁ ? କଟକରେ ରହି କିଛିଦିନ ହିନ୍ଦୀ ପଢ଼ । ତା'ପରେ ଯିବୁ । ମୁଁ ସେତେବେଳକୁ ହିନ୍ଦୀରେ ମଧ୍ୟମା ପାଶ୍ କରି ସାରିଥିଲି । ମୋ କଥା କେହି ଶୁଣିଲେନି । ମୋର କାନ୍ଦାକଟା ସବୁ ବ୍ୟର୍ଥ ହେଲା । ମୋ ବୋଉ ଯିଏ ମୋ ଆଖିରେ ଲୁହ ଦେଖିଲେ ମୁଣ୍ଡ ପିଟି ଦିଏ । ସେ ବି ଭାଇଙ୍କ କଥାରେ ରାଜି ହୋଇଗଲା । ମୁଁ ବାଧ୍ୟ ହୋଇ ରେଭେନ୍ସା କଲେଜରେ ପଢ଼ିଲି ।

Digitized by srujanika@gmail.com

ନାମ ଲେଖା ତ ସରିଥିଲା । ଭାଇଙ୍କ ସାଥିରେ ଆସି ପୂର୍ବ ଛାତ୍ରାବାସରେ ରହିଲି । ୧୬ ନମ୍ବର ରୁମ୍‌ରେ ସିଟ୍ ମିଳିଲା । ସୁପରିଣ୍ଟେଣ୍ଡେଣ୍ଟ୍ ଥାନ୍ତି ସୁନ୍ଦରମ୍ । ତଳ ମହଲାରେ ପ୍ରଥମ ବାର୍ଷିକ ଛାତ୍ରମାନେ ରହୁଥିଲେ । ପ୍ରଥମ ବର୍ଷର ପରୀକ୍ଷା ଫଳ ଦେଖିଲା ପରେ ଉପର ମହଲାରେ ଜଣିକିଆ ବା ଦିଜଣିଆ ରୁମ୍ ମିଳେ । ଏଇଠି ମୋ ମନୋଭାବରେ ପରିବର୍ତ୍ତନ ଆସିଲା । ମୁଁ ଖଦୀ ଛାଡ଼ି ଗଦି ପ୍ରତି ମନ ବଳାଇଲି । ଅବଶ୍ୟ କଲେଜ ଛାଡ଼ିବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ସହ ସଂପୃକ୍ତ ଥିଲି ।

ହଷ୍ଟେଲ ଖର୍ଚ୍ଚ ଜଳଖିଆ ସମେତ ମାସକୁ ଷୋଳଟଙ୍କା । କଲେଜ ଫି ୩ଟଙ୍କା, ସେତକ ବି ଛାଡ଼ । ଭାଇ ମତେ ସମୁଦାୟ ମାସକୁ କୋଡ଼ିଏ ଟଙ୍କା ଦିଅନ୍ତି । ସେଇଥିରେ ମୁଁ ଚଳେ। କଲେଜ ଛକରେ ଥିବା ସାଉଥ ଇଣ୍ଡିଆନ ହୋଟେଲରେ ବେଳେବେଳେ ଯାଇ ଜଳଖିଆ ଖାଏ ।

ମୋ ପାଖ ରୁମ୍‌ରେ ଥାନ୍ତି ନୀଳାମ୍ବର ଆଚାର୍ଯ୍ୟ । ବଡ଼ପଡ଼ାର, ଆମ ଅଂଚଳର । ତାଙ୍କ ବଡ଼ଭାଇ ଡାକ୍ତର। ଅନ୍ୟ ଜଣେ ସାଥୀ ଲଳିତ । ଦାମବାବୁ (ଦାମ ସାହୁ) ମୋ ଉପର କ୍ଲାସରେ । ଆମ ଗ୍ରାମ ପାଖର । ପରେ ଜଣେ ନାମକରା ଇଂଜିନିଅର ହେଲେ । ଇଷ୍ଟ ହଷ୍ଟେଲରେ ସାଧାରଣତଃ ସାଇନ୍‌ସ ପିଲାମାନେ ରହନ୍ତି । ଓ୍ୱେଷ୍ଟ ହଷ୍ଟେଲରେ କଳା ।

ରେଭେନ୍ସା ଓଡ଼ିଶାର ପ୍ରଥମ ଓ ମୁଖ୍ୟ କଲେଜ । ସହରର ପ୍ରବେଶ ପଥରେ । ରେଭେନ୍ସା ସାହେବଙ୍କ ନାମରେ ନାମିତ । ଆକାରରେ ବିରାଟ ପ୍ରଶସ୍ତ ହତା । ରାଜ୍ୟର ସବୁ ପ୍ରଶାସକ, ଜନନେତା, ଡାକ୍ତର, ଇଂଜିନିଅର, କଳାକାର, ଖେଳଓ୍ୱାଡ଼ ସର୍ବୋପରି ସାରସ୍ୱତ ସାଧକ ମାନଙ୍କର ଜନ୍ମପୀଠ । ଏଭଳି ଗୋଟିଏ କଲେଜରେ ସ୍ଥାନ ପାଇବା ଗର୍ବ ଓ ଗୌରବର କଥା । କଲେଜର ଐତିହ୍ୟକୁ ବଜାୟ ରଖି ନିଜେ ବିକାଶ ପଥରେ ଆଗେଇବାକୁ ସଂକଳ୍ପ କରି ପାଠପଢ଼ା ଆରମ୍ଭ କଲି ।

କଲେଜ ମଝିରେ କନିକା ଲାଇବ୍ରେରୀ । ସବୁରି ଆକର୍ଷଣର କେନ୍ଦ୍ରବିନ୍ଦୁ । ବିଦ୍ୟାର୍ଥୀ ମାନଙ୍କ ପାଇଁ ଅପୂର୍ବ ସୁଯୋଗ । ସବୁବେଳେ ତ କ୍ଲାସ୍ ନ ଥାଏ । କ୍ଲାସ ନଥିବା ସମୟରେ ଲାଇବ୍ରେରୀର ଉପଯୋଗ କରୁ । ପାଠ୍ୟ ପୁସ୍ତକ ବାହାରେ ରେଫରେନ୍ସ ବହି । ଘରକୁ ବି ବହି ନେଇହୁଏ ।

ଆମର ଦୁଇଟି ସେକ୍‌ସନ ଥିଲା । ପ୍ରତି ସେକ୍‌ସନରେ ୧୨୦ ପିଲା । ମୋ ରୋଲ ନମ୍ବର ୮୧ । ଆମ ସେକ୍‌ସନରେ ୭/୮ଜଣ ଝିଅ ପିଲା ଥିଲେ । ମୀରା ବୋଲି ଗୋଟିଏ ଝିଅ ଥିଲା । ତା ରୋଲ ନମ୍ବର ୧୮ । ଝିଅ ପିଲାମାନେ ଆଗ ଧାଡ଼ିରେ ବସନ୍ତି । ତାଙ୍କ ପାଖରେ ବା ତାଙ୍କ ପଛଧାଡ଼ିରେ ବସିବା ପାଇଁ ଦଉଡ଼ା ଦଉଡ଼ି ହୁଏ । କ୍ଲାସ ଆରମ୍ଭ ପୂର୍ବରୁ କଳାପଟାରେ ଝିଅ ମାନଙ୍କ ନାମରେ ଗୀତ ଲେଖା ହୁଏ । ମୁଁ ଅବଶ୍ୟ ଏଥିରେ ଭାଗୀଦାର ନ ଥିଲି।

ମୋର ଗ୍ରୁପ ଥିଲା ଫିଜିକ୍ସ, କେମିଷ୍ଟ୍ରି, ମ୍ୟାଥମେଟିକ୍ସ ଓ ଇଚ୍ଛାଧୀନ ବିଷୟ ବାଇଓଲୋଜି । ଫିଜିକ୍ସ ପଢ଼ାଉଥାନ୍ତି ନାରଣ ମିଶ୍ର, କେମିଷ୍ଟ୍ରି- ଡଃ. ପ୍ରସାଦ, ବଟାନୀ-

Digitized by srujanika@gmail.com

ବଂଶୀଧର ସାମନ୍ତରାୟ, ଜୁଲୋଜି- ବାଗ୍‌ଚୀ, ଇଂରେଜୀ- ଜନ୍ ଓ ସୁନ୍ଦରମ୍ । ଏମାନେ ସମସ୍ତେ ଖ୍ୟାତନାମା ଶିକ୍ଷକ ଓ ଛାତ୍ରବତ୍ସଳ । ଟ୍ୟୁଟରିଆଲ କ୍ଲାସରେ ଜଣ ଜଣ କରି ସବୁ ପିଲାଙ୍କୁ ବୁଝାନ୍ତି । ଟିଉସନ ବା ପ୍ରାଇଭେଟ୍ କୋଚିଂ କ'ଣ ଆମେ ଜାଣି ନଥିଲୁ । କେତେବେଳେ କେମିତି ଆବଶ୍ୟକ ପଡ଼ିଲେ ଶିକ୍ଷକ ମାନଙ୍କ ଘରକୁ ଯାଉ ସେମାନେ ଆଗ୍ରହରେ ବୁଝାଇ ଦିଅନ୍ତି । ଖାଇବାକୁ ବ ଦିଅନ୍ତି ।

କଲେଜ ଇଉନିଅନ ନିର୍ବାଚନ ଗୁଡ଼ିକ ସ୍ମରଣୀୟ ଘଟଣା । ଏଗୁଡ଼ିକ ଭବିଷ୍ୟତରେ ରାଜନେତା କି ପ୍ରଶାସକ ହେବାରେ ସାହାଯ୍ୟ କରେ । ପ୍ରଥମ ବର୍ଷ କଥା । ଜଣାଶୁଣା କମ୍ । ହେଲେ ମୋର ତ ଛାତ୍ର କଂଗ୍ରେସ୍ ଛାପା । ସଭାପତି ପ୍ରାର୍ଥୀ ପର୍ଶୁରାମ ନେଗୀ । ତାଙ୍କ ବିରୁଦ୍ଧରେ ପ୍ରାର୍ଥୀ ରବିରାୟ । ଖଣ୍ଡାୟତ ଆସୋସିଏସନ୍ ପକ୍ଷରୁ ନିର୍ଦ୍ଦେଶ ରବିବାବୁଙ୍କୁ ଜିତାଇବା ପାଇଁ । ଇଏ କିପରି ହେବ ? ରବିବାବୁ ସମାଜବାଦୀ ପାର୍ଟିର ପ୍ରାର୍ଥୀ । ମୁଁ କୁଳଧର୍ମ ନଷ୍ଟ କରିବି କିପରି ? ନେଗୀ ବାବୁ ପଂଚମ ବାର୍ଷିକ କଳା, ରବିବାବୁ ୪ର୍ଥ ବାର୍ଷିକ ଛାତ୍ର । ୧ମ, ତୃତୀୟ, ୫ମ ବାର୍ଷିକ ଛାତ୍ର ମାନଙ୍କୁ ସଂଗଠିତ କରାଗଲା । ଏମାନଙ୍କ ସଂଖ୍ୟା ବେଶୀ । ନେଗୀବାବୁଙ୍କର ଶାନ୍ତ ସୌମ୍ୟ ମନଲୋଭା ଚେହେରା । କାନ୍ଥବାଡ଼ରେ ଛାଇ ହୋଇଗଲା - ଅରୁଣା ଲୋହିଆ, ଜୟ ପ୍ରକାଶ, ଶ୍ୟାମଳି ଲାହିଡ଼ି, ଛବି ଦାଶ । ଛାତ୍ର କଂଗ୍ରେସର ପ୍ରଭାବ କ୍ଷୁଣ୍ଣ ହୋଇନି । ନେଗୀବାବୁ ଜିତିଲେ । ଅବଶ୍ୟ ପରବର୍ଷ ରବିବାବୁ ପ୍ରେସିଡେଣ୍ଟ ହେଲେ ।

ଛାତ୍ରାବାସରେ ମେସ ସେକ୍ରେଟେରୀ ପାଇଁ ବି ନିର୍ବାଚନ । ମୁଁ ଆସିଷ୍ଟାଣ୍ଟ ମେସ୍ ସେକ୍ରେଟେରୀ ପଦବୀ ପାଇଁ ନିର୍ବାଚିତ ହୋଇଥିଲି । ଭଲ ଖାଇବାକୁ ଗଣ୍ଡେ ମିଳେ । ମେସ୍ ପଇସା ଡେରିରେ ଦେଲେ ଚଳେ ।

ଆମେ ସାଙ୍ଗମାନେ ସାଙ୍ଗ ହୋଇ ଯୋବ୍ରା ଆନିକଟକୁ ବୁଲିବାକୁ ଆସୁ । ଷଡ଼େଇକଳାର ଦେବଦାସ ମୋ ସାଙ୍ଗ । ମାର୍ଜିତ ବ୍ୟବହାର । ଲେଖାଲେଖିରେ ପାରଙ୍ଗମ । ସେ ହିଁ ପ୍ରଥମେ ଶ୍ରେଣୀ ଗୃହକୁ ଆସି କଳାପଟାରେ ଝିଅମାନଙ୍କ ନାମରେ ଗୀତ ଲେଖନ୍ତି । ଦିନେ ଆନିକଟରେ ଡେଉଁ ଡେଉଁ ଗୋଡ଼ ଖସିଗଲା । ଭଉଁରୀରେ ପଡ଼ି ପ୍ରାଣ ଦେଲେ । ଆମେ ସବୁ ଅଧୀର ହୋଇ ପଡ଼ିଲୁ । ଶବ କଲେଜକୁ ଆସିଲା । ତାଙ୍କ ବାପା ଆସିଲେ । ତାଙ୍କର ଏକମାତ୍ର ପୁଅ । ସେ ବରଂ ଆମକୁ ପ୍ରବୋଧନା ଦେଲେ । ମୁଁ ତମରିମାନଙ୍କ ଭିତରେ ଦେବଦାସକୁ ଦେଖିବାକୁ ଚାହେଁ । ଏ ଥିଲା ଜଣେ ଉଦାରମନା ପିତାର ଭାଷା । କଟକରେ ଶବ ସଂସ୍କାର ପରେ ସେ ଚିତାଭସ୍ମ ନେଇ ଫେରିଗଲେ। ମୁଁ ହରାଇଲି ଜଣେ ଅନ୍ତରଙ୍ଗ ବଂଧୁ ।

ଏତିକିବେଳେ ମୋ ପିଉସୀପୁଅ ଭାଇ ହରିଶ୍ ଚନ୍ଦ୍ର ରାଉତ୍‌ରାୟଙ୍କ ବାହାଘର । ସେ କାଳରେ ଭାଉଜମାନେ ସବୁ ଗୀତ ଲେଖି ବାହାଘର ବେଳେ ବାଣ୍ଟୁଥିଲେ । ମତେ ଭାଇ ଗୀତ ଲେଖିବାକୁ କହିଲେ । ମୁଁ ନୂଆ ନୂଆ ଲେଖୁଥିଲି । ତଥାପି ଲେଖିଲି । ମନେ ପଡୁଛି ତାର ପ୍ରଥମ ପଦ ଥିଲା :

Digitized by srujanika@gmail.com

"କୋମଳ ଦୁର୍ବା ଶିହରଇ ଧରି
　　　　କୋମଳ କୁସୁମ କଳି
କଣ୍ଟକିତ ଏ ପଥେ କିଏ ଆସ
　　　　କୋମଳ ଚରଣ ଚାଳି ।"

ମୁଁ ତାକୁ ମୋର ଭିଣୋଇ ସୁଲେଖକ ଜ୍ଞାନୀନ୍ଦ୍ର ବର୍ମାଙ୍କୁ ଦେଖାଇଥିଲି । ସେ ଖୁବ୍ ତାରିଫ୍ କରିଥିଲେ। ହେଲେ ଘଟଣା କ୍ରମେ ମୋର ସେ ଲେଖାର ଝୁଙ୍କ୍ ରହିଲାନି ।

ଆମେ ସବୁ ତାଙ୍କ ବାହାଘରକୁ ତାଙ୍କ ଘରକୁ ଗଲୁ । ତାଙ୍କ ଗ୍ରାମ ତିଗିରିଆ । ନଈକୂଳରେ ଘର । ସବୁ ତ ଚାଳଘର । ଲାଇଟ ସବୁ ପେଟ୍ରୋମାକ୍ସ । ଲାଇଟ ଦାୟିତ୍ୱରେ ଆମ ଗ୍ରାମ ପିଲା ଶୁକ ରାୟ । ପିଉସା ଥାନ୍ତି । ତାଙ୍କ ନିର୍ଦ୍ଦେଶରେ ଖଣ୍ଡାୟତ ମହାସଭାର ବିଶିଷ୍ଟ ଅତିଥି ମାନଙ୍କ ଖବର ମୁଁ ବୁଝୁଥାଏ । ମୋ ଭାଇଙ୍କ ଆଦରର ସାନଭାଇ ହରିଶ୍ । ବର କେମିତି ଯାକଯମକରେ ଯିବ ସେଥିନେଇ ସେ ବ୍ୟସ୍ତ । ହଠାତ୍ ନିଆଁ ଲାଗିଗଲା ପେଟ୍ରୋମାକ୍ସ ଲାଇଟ୍‌ରୁ । ଘଡ଼ିକେ କେତେବଡ଼ ଗ୍ରାମଟା ଜଳି ପାଉଁଶ ହୋଇଗଲା । ତା ସାଥିରେ ଆମ ସରାଗବି । ମୁଁ ଆଉ ବାହାଘର ଦେଖି ପାରିଲିନି । ବାହାଘର ପରେ ବରକନ୍ୟା ତାଙ୍କ ନୂଆ ଘରକୁ ଫେରିଲେ ଉପରପାଳ ଗ୍ରାମକୁ ।

ଚାହୁଁ ଚାହୁଁ ରେଭେନ୍ସା କଲେଜରେ ଦୁଇବର୍ଷ କଟିଗଲା । ୧୯୫୦ରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେଇ ମୁଁ ଗ୍ରାମକୁ ଗଲି । ଗ୍ରାମରେ ଥାଏ, ପରୀକ୍ଷା ଫଳ ବାହାରିଲା । ଦ୍ୱିତୀୟ ଶ୍ରେଣୀରେ ପାଶ୍ କରିଥିବାରୁ ବହୁତ ଦୁଃଖ କଲି । ଭାବିଥିଲି ପ୍ରଥମ ଶ୍ରେଣୀ ପାଇବି । ଅବଶ୍ୟ ଭଲ ନମ୍ବର ଥିଲା ।

କଟକ ଆସି ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜରେ ସିଟ୍ ପାଇଁ ଦରଖାସ୍ତ କଲି । ସେଇ ତ ଗୋଟିଏ କଲେଜ। ପୁଣି ୫ବର୍ଷ ହେଲା ସ୍କୁଲରୁ କଲେଜ ହୋଇଛି । ପ୍ରଥମ ବ୍ୟାଚର ପିଲା ଡାକ୍ତର ହେଲେଣି । ତାଙ୍କ ଭିତରେ ଥାନ୍ତି ଡାକ୍ତର ପାର୍ଥ ରାଓ । ସିଟ୍ ୨୫ରୁ ବଢ଼ି ୩୫ ହୋଇଛି । କିନ୍ତୁ ଝିଅପିଲା, ଖେଳଓ୍ୱାଡ଼, ବିଚ୍ଛିନ୍ନାଞ୍ଚଳ ଓଡ଼ିଆ, ଆଦିବାସୀ, ହରିଜନ ଓ କେରଳ ପିଲାଙ୍କ ପାଇଁ ସଂରକ୍ଷିତ ସ୍ଥାନ ବାଦ ସାଧାରଣ ପିଲାଙ୍କ ପାଇଁ ମାତ୍ର ୧୭ଟି ସ୍ଥାନ । ଆମର ଇଂଜିନିଅରିଂ କଲେଜ ନ ଥିଲା । ଆମ ପିଲା ଇଂଜିନିଅରିଂ ପଢ଼ିବା ପାଇଁ କେରଳ ଯାନ୍ତି । ପ୍ରତିବଦଳରେ କେରଳ ପିଲା ଡାକ୍ତରୀ ପଢ଼ିବା ପାଇଁ ଓଡ଼ିଶା ଆସନ୍ତି । ୯୦୦ରୁ ଅଧିକ ପ୍ରାର୍ଥୀ । ନେତାମାନଙ୍କ ସୁପାରିଶ ଅନୁସାରେ ପ୍ରାର୍ଥୀଙ୍କ ଭିତରୁ ପିଲା ବଛା ହେବେ । ମୋ ବୋଉର ଇଚ୍ଛା ମୁଁ ଡାକ୍ତର ହେବି । ତାର ଇଚ୍ଛା ଅନୁସାରେ କୌଣସି ଘରୋଇ କଲେଜରେ ଚାନ୍ଦା ଦେଇ ସ୍ଥାନ ସଂରକ୍ଷଣ ପାଇଁ ମୁଁ କଲିକତା ଗଲି ।

କଲିକତାରେ ମୋ ପିଉସା ପୁଅ ଭାଇ ହରିଶ ଚନ୍ଦ୍ର ରାଉତରାୟଙ୍କ ଖିଦିରପୁର ବସାରେ ରହିଲି । ହରିଶ୍ ଭାଇ ଜଣେ ରେଳବାଇ କର୍ମଚାରୀ । ନୂଆ କରି ବିବାହ କରିଛନ୍ତି । ସେଇ ବସାରେ ନୂଆବୋଉ । ହରିଶ ଭାଇଙ୍କର ସିଆଲଦା ମାର୍କେଟରେ ପାନ ବ୍ୟବସାୟ ଚାଲୁଥାଏ । ବାଲେଶ୍ୱରର ବହୁତ ଲୋକ ତାଙ୍କ ସାଙ୍ଗ । ମତେ

Digitized by srujanika@gmail.com

ପାନ ବ୍ୟବସାୟ ଚଳାଇବାକୁ କହି ସେ ଗ୍ରାମକୁ ପଳାଇଲେ । କଲିକତାରେ ମୁଁ ନୂଆ । ବଙ୍ଗଳା ଜଣାନାହିଁ । ସିଆଳଦାରେ ଦଲାଲ କେତେ ଟଙ୍କାରେ ପାନ ବିକିବ ଦେଖିବି । ସେ ଯେଉଁ ଟଙ୍କା ଦେବ ତାକୁ ପାନ ମହାଜନ ପାଖକୁ ପଠାଇ ଦେବି । ଇଏତ କମ୍ ଝମାଲା ନୁହେଁ ।

ଏହି ଅବସରରେ ଖିଦିରପୁରଠାରେ ଥିବା ରସାନନ୍ଦ ସାହୁଙ୍କ ସମେତ ବହୁ ଓଡ଼ିଆ ଭାଇଙ୍କୁ ଭେଟିଲି । ସେମାନଙ୍କ ଅମାୟିକ ବ୍ୟବହାର ମତେ ଆକୃଷ୍ଟ କଲା । ଦୁଃଖ ଦୈନ୍ୟ ଭୁଲି ସମସ୍ତେ ଲାଗିଛନ୍ତି ମାଲିକକୁ ସନ୍ତୁଷ୍ଟ କରିବାକୁ ।

କଲିକତାରେ ରହଣୀ ସମୟରେ ଦର୍ଶନୀୟ ସ୍ଥାନ ସବୁ ବୁଲି ଦେଖିଲି । ସାଙ୍ଗରେ ସେଇ କୁଲି ମୁଲିଆ ଗାଁ ପଡ଼ୋଶୀ ।

କଲିକତା ମହାନଗରୀକୁ ପ୍ରଥମ କରି ଆସିଛି । ବଙ୍ଗଳା ଭାଷା ବୁଝିଲେ ବି କହିବାର ଯୁ ନାହିଁ । ଟ୍ରାମ୍ ବସ୍ ଧରି ବୁଲିବା କଥା । ଗାଇଡ୍ ଥିଲେ ବି ଓଡ଼ିଆ ଭାଇମାନେ ସହାୟକ।

ପ୍ରଥମେ ଆରମ୍ଭ ହାୱଡ଼ା ପୋଲରୁ । ଗଙ୍ଗା ନଦୀର ଏ କୂଳରୁ ସେ କୂଳ । ପୃଥିବୀର ତୃତୀୟ ବୃହତ୍ତମ ପୋଲ। ଅବିରାମ ଗତିରେ ଗାଡ଼ି ମଟର ସାଥିକୁ ଚାଲିଛନ୍ତି ପାଦଚଲା ଲୋକ । ରବୀନ୍ଦ୍ର ସେତୁ ବୋଲି ନାମ କରଣ ହେଲାଣି । ଗଙ୍ଗାନଦୀ ଉପରେ ଏବେ ଆଉ ଗୋଟିଏ ପୋଲ - ବିଦ୍ୟାସାଗର ସେତୁ ।

ସେଇଠୁ ଆସିଲୁ ଚୌରଙ୍ଗୀ । କଲିକତାର ମୁଖ୍ୟ ବଜାର । ଆଖି ଖୋସି ହୋଇ ଯାଉଥାଏ । ଚୌରଙ୍ଗୀରୁ ଲମ୍ବି ଯାଇଛି କଲିକତା ମଇଦାନ । ବିରାଟ ଅଂଚଳ । ଆମ କିଲା ମଇଦାନ ତାର କେଉଁ କୋଣରେ ପଶିଯିବ । ସେଇଠି ଦେଖିଲୁ ଭିକ୍ଟୋରିଆ ମେମୋରିଆଲ । ତାଜମହଲ ମଡ଼େଲରେ ଗଢ଼ା । ୧୯୨୧ରୁ ତିଆରି ହେଲାଣି । ସେଣ୍ଟପଲ କଥେଡ଼ାଲ ଦେଖି ଚାହିଁଲୁ ରାଇଟସ୍ ବିଲଡିଂ । ଆମ ସେକ୍ରେଟେରିଏଟ ପରି ପଶ୍ଚିମବଙ୍ଗର ସବୁ ସରକାରୀ ଅଫିସ, ମନ୍ତ୍ରୀମାନଙ୍କ ଅଫିସ ସେହି ବିରାଟ କୋଠାରେ ।

ପରଦିନ ଗଲୁ ବଟାନିକାଲ ଗାର୍ଡନ୍ । ୧୭୮୬ ମସିହାରୁ ହେଲାଣି । ଆମ ବଟାନିକାଲ ଗାର୍ଡନ୍‌ଠାରୁ ବହୁ ଗୁଣରେ ବଡ଼ । ଚାଲି ଚାଲି ଗୋଡ଼ ଥକିଯିବ । ସେଇଠି ଥିବା ଦୁଇଶହ ବର୍ଷର ବିରାଟ ବରଗଛ ଏହାର ଅନ୍ୟତମ ଆକର୍ଷଣ । ଇଡେନ୍ ଗାର୍ଡନ୍‌କୁ ଲାଗି କ୍ରିକେଟ ପଡ଼ିଆ ଇଣ୍ଡିଆନ୍ ମ୍ୟୁଜିୟମ ଭାରତର ବୃହତ୍ତମ ଯାଦୁଘର । ବୁଲି ଦେଖିବାକୁ ବହୁତ ସମୟ ଲାଗିଲା । ଠିକ୍ ସେମିତି ଚିଡ଼ିଆଖାନା ବୁଲି ବୁଲି ଗୋଡ଼ ଫୋଟକା ହୋଇଗଲା ।

କଲିକତାରେ କାଳୀ ମନ୍ଦିର । ବେଲୁରମଠ ନ ଦେଖିଲେ ଭ୍ରମଣ ଅସଂପୂର୍ଣ୍ଣ ରହିଯିବ । ହୁଗୁଳି ନଦୀ କୂଳରେ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର । ମନ୍ଦିରରେ ୯ଟି ଚୂଡ଼ା ଥିବାରୁ ନବରତ୍ନ ମନ୍ଦିର କୁହାଯାଏ । ବେଲୁରମଠ ଗୋଟିଏ ମନ୍ଦିର ପରି । ଦୂରରୁ ବିଭିନ୍ନ କୋଣରୁ ଚାହିଁଲେ ମନ୍ଦିର, ମସ୍‌ଜିଦ୍ କି ଗୀର୍ଜା ଭଳି ଦେଖାଯିବ । ଏହା ହେଉଛି ତାର ବିଶେଷତ୍ୱ । ରାମକୃଷ୍ଣ ପରମହଂସଙ୍କ ସାଧନାରେ ପୀଠ । ସ୍ୱାମୀ ବିବେକାନନ୍ଦ ଏଇଠୁ ଆରମ୍ଭ କରିଥିଲେ ତାଙ୍କ ସର୍ବଧର୍ମ ସମ୍ମିଳନୀ ପାଇଁ ବିଜୟଯାତ୍ରା । ଗାନ୍ଧୀଘାଟରେ ଗାନ୍ଧୀ ମିଉଜିଅମ ବି ଦେଖିଲୁ ।

Digitized by srujanika@gmail.com

ଆମ ଗାଁ ଲୋକେ ଟଙ୍କାଶାଳ ଓ ଅଲିପୁର ପୋତାଶ୍ରୟ ବୁଲାଇ ଦେଖାଇଲେ । ସେମାନେ ସବୁ ସେଇଠି କାମ କରନ୍ତି ।

ହରିଶ ଭାଇ ଆସିବା ପରେ ମୁଁ କଟକ ଫେରିଲି । କଟକ ଚୌଧୁରୀ ବଜାରରେ ଥିବା ଅଟଳବାବୁଙ୍କ ଦୋକାନରେ ଗୋଡ଼ ଡ୍ରେସିଂ କରି ଔଷଧ ଖାଇଲି । ଦୁଇଦିନ ପରେ ମେଡ଼ିକାଲ ପ୍ରବେଶିକା ପରୀକ୍ଷା ପାଇଁ ମୋର ସାକ୍ଷାତକାର । ପ୍ରଖ୍ୟାତ ନାରୀନେତ୍ରୀ ସରଳାଦେବୀ ମୋର ସୁପାରିଶକାରିଣୀ ।

୧୯୫୦ ମସିହା ଜୁନ ୨୧ ତାରିଖ ଅପରାହ୍ନ ତିନିଟା ବେଳେ ସାକ୍ଷାତକାର । ପରିଧାନ ଖଦୀବସ୍ତ୍ର । ମତେ ପଚାରିଲେ ପ୍ୟାଣ୍ଟ କେବେ ପିନ୍ଧିବ ? ଏ ବ୍ୟଙ୍ଗୋକ୍ତି ମୁଁ ବୁଝି ପାରିଲିନି । ଜବାବ ଦେଲି ଜନ୍ମ ହୋଇଥିଲି ଲଙ୍ଗଳା ହୋଇ । ତା ପରେ କୌପୁନୀ । ଏବେ ଧୋତି । ଦରକାର ହେଲେ ପ୍ୟାଣ୍ଟ । ଆବଶ୍ୟକତାକୁ ଚାହିଁ ପୋଷାକ ।

ସାକ୍ଷାତକାର ସାରି ବୀରଦର୍ପରେ ଫେରୁଥିବା ବେଳେ ଦେଖାହେଲେ ମୋର ଦାଦା ବୃନ୍ଦାବନ ପରିଡ଼ା । ମତେ ଯେମିତି ନେବା ପାଇଁ ସେ ଜଗି ରହିଥିଲେ । ମତେ ପଚାରିଲେ ଘରକୁ ଯିବୁ ପରା ? ମୁଁ ତ ବହୁତ ଦିନରୁ ଘରକୁ ଯାଇ ନ ଥାଏ । ସାକ୍ଷାତକାର ସରି ଯାଇଥାଏ । ତେଣୁ ସାଥେ ସାଥେ ତାଙ୍କ ସାଥୀରେ ଘରକୁ ବାହାରି ପଡ଼ିଲି । ପଟାମୁଣ୍ଡାଇ ବସ୍‌ରେ ଆମେ ଦୁହେଁ ଆସିଲୁ । ସଂଧ୍ୟା ହୋଇଗଲାଣି । ଦୋବନ୍ଧା ଛକରେ ଓହ୍ଲାଇଲୁ । ଦୋବନ୍ଧା ଛକରୁ ବସ୍ତି ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟରେ କିଆବଣ । ବସ୍ତି ପାଖରେ ଦାଦା ଛଳ ଛଳ ଆଖିରେ କହି ପକାଇଲେ ତୋ ବୋଉ ଆଉ ନାହିଁ । ମୁଁ ସେଇଠି ଟଳି ପଡ଼ିଲି । ସଂଜ୍ଞାହୀନ ଅବସ୍ଥାରେ ଘରକୁ ବୁହାହୋଇ ଆସିଲି ।

ବୋଉ ମୋର ସବୁକିଛି । ସେ ବାପା, ବୋଉ, ଭାଇ, ଭଉଣୀ, ସାଙ୍ଗସାଥୀ ସବୁ କିଛି । ତାକୁ ଛାଡ଼ି ମୋର ଆଉ ଅଛି କିଏ ? ମୁଁ କାହାପାଇଁ ବଂଚିବି ? ଦିନକ ଆଗରୁ ତା ମର ଶରୀର ଭସ୍ମୀଭୂତ ହୋଇ ସାରିଲାଣି । ନିମୋନିଆ ରୋଗରେ ପ୍ରାଣ ହରାଇଛି । ତାକୁ ଦେଖି ପାରିଲିନି କି ତା ମୁହଁରେ ଟୋପାଏ ପାଣି ଦେଇ ପାରିଲିନି. । ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ମୋର ସାକ୍ଷାତକାର ଥିବାରୁ ସେ ତାର ଅସୁସ୍ଥତା ଖବର ମତେ ନ ଜଣାଇବା ପାଇଁ ସମସ୍ତଙ୍କୁ କହିଛି । ତଥାପି ମୋର ସମସ୍ତଙ୍କ ଉପରେ ଅଭିମାନ । ଭାଇ ଭାଉଜ, ଭଉଣୀ ଭିଣୋଇ କେହି ମତେ ସାନ୍ତ୍ୱନା ଦେଇପାରି ନାହାନ୍ତି । ନିରବରେ ମୋ ଆଖିରୁ ଅଶ୍ରୁଧାରା ମାସ ମାସ ଧରି ବହି ଚାଲିଛି । ବୋଉ ଚାଲିଗଲା । ଏ ଜୀବନଦୀପ ଆଉ କାହା ସେବା ପାଇଁ ?

ବୋଉର ଅନ୍ତ୍ୟେଷ୍ଟିକ୍ରିୟା ପରେ କଟକ ଫେରିଲି, କଲେଜରେ ନାମ ଲେଖାଇବାକୁ । ମେଡିକାଲ କଲେଜର ପ୍ରବେଶିକା ପରୀକ୍ଷା ଫଳ ଡେରିରେ ବାହାରେ । ରେଭେନ୍ସା କଲେଜରେ ଉଦ୍‌ଭିଦ ବିଜ୍ଞାନରେ ଅନର୍ସ ନେଇ ବି.ଏସ୍‌ସିରେ ନାମ ଲେଖାଇଲି । ସେଇ ଇଷ୍ଟ ହଷ୍ଟେଲ୍‌ରେ ରହିଲି । ହେଲେ ଆଚରଣରେ ସଂପୂର୍ଣ୍ଣ ପରିବର୍ତ୍ତନ । ଛାତ୍ର ରାଜନୀତିରୁ ପୁରା ଅଲଗା । କାହାରି ସହ କଥାବାର୍ତ୍ତା ନାହିଁ । ଶ୍ରେଣୀଗୃହରେ ମଧ୍ୟ ମୂକ । ସବୁବେଳେ ଅନ୍ୟମନସ୍କ ।

Digitized by srujanika@gmail.com

ଘରକୁ ଗଲାବେଳେ କଟକରୁ କେନ୍ଦ୍ରାପଡ଼ା ରୋଡ଼୍ ଗୋଟିଏ ଷ୍ଟେସନ୍ । ଆମେ ପ୍ରାୟ ଟ୍ରେନ୍‌ରେ ଟିକେଟ୍ କରୁନା । ସେଇଠୁ ବସ୍ ମିଳେ ଘରକୁ ଯିବା ପାଇଁ । ବେଳେବେଳେ କେନ୍ଦ୍ରାପଡ଼ା ରୋଡ଼ରେ ନ ଓହ୍ଲାଇ କେଉଁଝର ରୋଡ଼ରେ ଓହ୍ଲାଏ । ଏପରିକି ବିପରୀତ ଦିଗରେ ଯାଉଥିବା ଟ୍ରେନ୍‌ରେ ବସି ଖୋର୍ଦ୍ଧାରୋଡ଼୍ ପର୍ଯ୍ୟନ୍ତ ଚାଲିଯାଏ । ବହୁ ସମୟରେ ରେଲୱେ ଷ୍ଟେସନ ବା ପାର୍କରେ ବସୁଥିଲି । ପାଠପଢ଼ା ପ୍ରତି ଆଉ ସରାଗ ନ ଥାଏ । ଉଦାସୀ ମନ ସହ ତାଳ ଦେଇ ଶାରୀରିକ ଦୁର୍ବଳତା ବଢ଼ିଚାଲେ ।

ଏତିକିବେଳେ ମେଡ଼ିକାଲ ପ୍ରବେଶିକା ପରୀକ୍ଷା ଫଳ ବାହାରିଲା । ସେଥିରେ ମୋ ନାମ ନ ଥାଏ । ଦୁଃଖ ଦ୍ୱିଗୁଣିତ ହେଲା । ମୋ ବୋଉ ଚାହିଁଥିଲା ମୁଁ ଡାକ୍ତର ହେବି । ସେଇଥିପାଇଁ ମୁଁ ତାକୁ ଦେଖି ପାରିଲିନି । ତା ସେବାରୁ ବଂଚିତ ହେଲି । ମୁଁ ତାର କି ପୁଅ ? ବିଧବା ମା ଆଖିରୁ ପାଣି ଢାଳି କୋଳରେ ପୂରାଇ ଏତେବଡ଼ କରିଥିଲା । ମୁଁ ଆଉ କଣ କରିବି ?

ଶତସିଂହର ବଳନେଇ ପୁଣି ରାଜନୀତିରେ ଝାମ୍ପ ଦେଲି । ସରଳାଦେବୀଙ୍କ ପାଖକୁ ଗଲି । ସେ ଦୁଃଖ କରି କହିଲେ ପୁଅରେ ମୋ କଥା ରହିଲାନି । ଜର୍ଜ (ଜର୍ଜ ପଟ୍ଟନାୟକ) ଯାହା କହିଲା ତାହାହିଁ ହେଲା । ଭଗୁବାବୁ (ତାଙ୍କ ସ୍ୱାମୀ) କହିଲେ ଯାଇଁ ଲିଙ୍ଗରାଜ (ମନ୍ତ୍ରୀ)କୁ କହ । ଅମିତାଭ ବାବୁ (ତାଙ୍କ ପୁଅ) ଟିକିଏ ତତେଇବାକୁ କହିଲେ ଏ ସରକାରରେ ନ୍ୟାୟ ମିଳିବନି ।

ଲିଙ୍ଗରାଜ ମିଶ୍ର ଥାନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ସେ ଆମକୁ ଆଗରୁ ପ୍ରତିଶ୍ରୁତି ଦେଇଥିଲେ ମେଧାକୁ ଭିତ୍ତିକରି ମନୋନୟନ କରାଯିବ । ତା ହୋଇ ନ ଥାଏ । ଥାର୍ଡ଼ ଡିଭିଜନରେ ପାଶ୍ କରିଥିବା ପିଲାମାନେ ବି ପାଇଥାନ୍ତି । ଆର୍ଥିକ ସ୍ୱଚ୍ଛଳତାକୁ ଭିତ୍ତିକରି ମନୋନୟନ କରାଯାଇଥିଲା । ଯୁକ୍ତି, ଅଭାବୀ ପିଲା ମଝିରୁ କଲେଜ ଛାଡ଼ି ଚାଲିଯିବ । ଗଙ୍ଗାଧର ମିଶ୍ର, ସୁର ଚୌଧୁରୀ ସମେତ ଆମେ ପନ୍ଦର ଜଣ ପିଲା ନଖାଇ ନପିଇ ତାଙ୍କ ଘରେ ବସି ରହିଲୁ । ସିଟ୍ ପାଇ ନଥିବା ମୋର ଜଣେ ସାଙ୍ଗ ଗଙ୍ଗାଧର ମିଶ୍ରଙ୍କ ଭାଇ ରତ୍ନାକର ମିଶ୍ର ଥାନ୍ତି ଅର୍ଥ ସଚୀବଙ୍କ ପାଖରେ । ତାଙ୍କ ଭାଇ ଭାଉରୀବଂଧୁ ମହାପାତ୍ର ଥାନ୍ତି ରାଜସ୍ୱ ବିଭାଗରେ । ସେକ୍ରେଟେରିଏଟ୍ ଚାଲିଥାଏ କଲିଜିଏଟ୍ ସ୍କୁଲ ପାଖରେ । ସେ ଦୁଇଜଣ ଆଉ ଦୁଇ ଜଣଙ୍କୁ ନେଇ କଥାବାର୍ତ୍ତା ଆରମ୍ଭ କଲେ ଲିଙ୍ଗରାଜ ବାବୁଙ୍କ ସହ । ସେ ତାଙ୍କ ପ୍ରତିଶ୍ରୁତି ରକ୍ଷାକଲେ । ଆମେ ପନ୍ଦର ଜଣ ପିଲା ନ ଖାଇ ନ ପିଇ ତାଙ୍କ ଘରେ ବସି ରହିଲୁ । ଶେଷରେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଶ୍ୱବିଦ୍ୟାଳୟରେ ମିଳିଥିବା ନମ୍ବରକୁ ଭିତ୍ତି କରି ନୂଆ ମନୋନୟନ ତାଲିକା ବାହାରିଲା । ପ୍ରଥମ ମନୋନୟନ ତାଲିକା ରଦ୍ଦ କରାଗଲା । ପୁରୁଣା ତାଲିକାରୁ ୧୫ ଜଣ କଟିଗଲେ । ସେମାନେ ମେଡ଼ିକାଲ କଲେଜରେ ନାମ ଲେଖାଇ ସାରିଥିଲେ । ତେଣୁ ପ୍ରତ୍ୟେକ ଏକଲକ୍ଷ ଟଙ୍କା କ୍ଷତିପୂରଣ ଦାବୀ କରି ଉଚ୍ଚ ନ୍ୟାୟାଳୟରେ ରିଟ ଆବେଦନ କଲେ । ସରକାର ବାଧ ହୋଇ ଆଉ ୧୫ଟି ସିଟ୍ ବଢ଼ାଇଲେ । ଏଇ ବ୍ୟାଚ୍ ହାଇକୋର୍ଟିଆ ବ୍ୟାଚ୍ ବୋଲି କୁଖ୍ୟାତି ଅର୍ଜନ କଲା ।

Digitized by srujanika@gmail.com

୧୮୭୬ ଫେବୃଆରୀ ୧୫ ତାରିଖରେ କଟକରେ ଗୋଟିଏ ମେଡ଼ିକାଲ ସ୍କୁଲ ଖୋଲାଗଲା । ୧୯୪୬ରେ ଏହାକୁ କଲେଜରେ ପରିଣତ କରାଗଲା । ପ୍ରଥମେ ୨୦ଟି ସିଟ୍ ଥିଲା । ପରେ ସିଟ୍ ସଂଖ୍ୟା ବୃଦ୍ଧି କରି ୩୫ରେ ସୀମିତ ରଖାଗଲା ।

୧୯୫୦ ସେପ୍ଟେମ୍ବରରେ ମୁଁ ମେଡ଼ିକାଲ କଲେଜରେ ନାମ ଲେଖାଇଲି । ଆନନ୍ଦର ସୀମା ନାହିଁ । ଛାତ୍ରାବାସରେ ରହିବାକୁ ସ୍ଥାନ ନ ଥାଏ । ଆମେ କେଇଜଣ ପ୍ରଥମ ବାର୍ଷିକ ଛାତ୍ର ରହିଲୁ ଜୀବଜନ୍ତୁଙ୍କ ପରୀକ୍ଷା ନିରୀକ୍ଷା ପାଇଁ ଥିବା ଘରେ - ଆନିମାଲ ହାଉସରେ । ଡାକ୍ତରୀ ଛାତ୍ର ମାନଙ୍କ ପାଠପଢ଼ା ପାଇଁ ଦରକାର ହେଉଥିବା ଶଶା, ମୂଷା, ବେଙ୍ଗ ଇତ୍ୟାଦି ରହିବା ପାଇଁ ଏ ଘର । ଅଳ୍ପଦିନ ପରେ ଅବଶ୍ୟ ନୂଆକରି ତିଆରି ହେଉଥିବା ଛାତ୍ରାବାସକୁ ଚାଲିଗଲୁ ।

କଲେଜରେ ନାମ ଲେଖାଇବା ପରେ ଭାଇ ମୋପାଇଁ ଦୁଇହଳ ପ୍ୟାଣ୍ଟସାର୍ଟ କରିଦେଲେ । ଚିପାପ୍ୟାଣ୍ଟ୍ ତିଆରି ହେଲା କଲେଜ ଛକରେ ଥିବା ପଂଜାବୀ ଟେଲରିଂରେ । ସିଲେଇ ମଜୁରୀ ୩ଟଙ୍କା ପ୍ୟାଣ୍ଟ ପ୍ରତି । ଦଶଟଙ୍କାରେ ମୋଚୀ ତିଆରି ଯୋତା ହଳେବି । ପ୍ରଥମେ କ୍ଲାସରେ ଯୋଗ ଦେଲି ପ୍ୟାଣ୍ଟସାର୍ଟ ପିନ୍ଧି । ଟିକିଏ ଅଡୁଆ ଅଡୁଆ ଲାଗୁଥିଲେ ବି ସାକ୍ଷାତକାର ବେଳର ପ୍ରଶ୍ନ ଭୁଲି ନ ଥିଲି ।

ଏମ୍.ବି.ବି.ଏସ୍ ପାଠ୍ୟକ୍ରମ ୩ ଭାଗରେ ବିଭକ୍ତ ।

୧ମ ଭାଗ - ଫାଷ୍ଟ ଏମ୍.ବି.ବି.ଏସ୍ (୨ ବର୍ଷ) ଆନାଟମି, ଫିଜିଓଲଜି ଓ ବାଇଓକେମିଷ୍ଟ୍ରି ।

ସେକେଣ୍ଡ୍ ଏମ୍.ବି.ବି.ଏସ୍.(ଦେଢ଼ ବର୍ଷ) ପାଥୋଲୋଜି, ଫର୍ମାକୋଲଜି, ଯୁରିସ୍‌ପ୍ରୁଡେନ୍ସ ଓ ହାଇଜିନ୍ ।

ଫାଇନାଲ ଏମ୍.ବି.ବି.ଏସ୍ (ଦେଢ଼ ବର୍ଷ) ଭେଷଜ, ଶଲ୍ୟ ଚିକିତ୍ସା, ପ୍ରସୂତି ବିଜ୍ଞାନ, ଚକ୍ଷୁ, ନାସା, କର୍ଣ୍ଣ ଓ ଗଳା ।

ଫାଷ୍ଟ ଏମ୍.ବି.ବି.ଏସ୍.ରେ ଶରୀର ତତ୍ତ୍ୱ ଉପରେ ପ୍ରହାର। ଏଇ ବିଭାଗଟା କଲେଜର ପ୍ରଧାନ ଗୃହଠାରୁ ଟିକିଏ ଦୂରରେ । ପ୍ରଫେସର ଥାନ୍ତି ରାଇକୃଷ୍ଣ ମହାନ୍ତି । ଟରଣ୍ଟୋ ଫେରନ୍ତା । ଗୋଟିଏ ଲମ୍ବା ହଲ । ଆଗକୁ ଶ୍ରେଣୀଗୃହ । ହଲରେ ନିୟମିତ ବ୍ୟବଧାନରେ ପଡ଼ିଛି କେତୋଟି ଟେବୁଲ୍ । ପ୍ରତି ଟେବୁଲ ଉପରେ ଗୋଟିଏ କରି ମୁର୍ଦ୍ଦାର । ତାକୁ ହିଁ କାଟି ଶରୀର ତତ୍ତ୍ୱ ଶିକ୍ଷା କରିବାକୁ ପଡ଼ିବ । ପ୍ରତି ମୁର୍ଦ୍ଦାର ପାଇଁ ପାଂଚ ଜଣିଆ ଗୋଟିଏ ବ୍ୟାଚ । ୪ ଜଣ କାଟନ୍ତି । ଜଣେ ପଢ଼େ । ମହାନ୍ତି ସାର ଆମକୁ ସେ ହଲକୁ ଡାକିନେଇ ଆଇ ଲଭ ମାଇଁ କାଡାଭର କହି ଗୋଟେ ମୁର୍ଦ୍ଦାରକୁ ଚୁମା ଦେଇଦେଲେ । ଆମେ ତ ମୁର୍ଦ୍ଦାର କାଟିବାକୁ ଆସିଛୁ । ଆମ ମନରେ କୌଣସି ବିକାର ନ ଥିଲା । ତାପରେ ଶ୍ରେଣୀ ଗୃହରେ ଆମକୁ ପ୍ରାରମ୍ଭିକ ସୂଚନା ଦେଲେ ।

ଶବ ବ୍ୟବଚ୍ଛେଦ ଗୃହରେ ପ୍ରବେଶ କଲୁ । ସମସ୍ତଙ୍କର ଆପ୍ରନ । ପକେଟରେ ଗୋଟେ ଛୁରୀ ଦୁଇଟା ଚୁମୁଟା ବା ଯନ୍ତ୍ରବାକ୍ସ । ମୁର୍ଦ୍ଦାର କଟା ବେଳେ ଜୁନିଅର ସହାୟକମାନେ ପାଖରେ ରହି ବତାଇ ଦିଅନ୍ତି । ପ୍ରଫେସର ବି ବେଳେ ବେଳେ

Digitized by srujanika@gmail.com

ଆସନ୍ତି । ପ୍ରତି ସପ୍ତାହରେ ପରୀକ୍ଷା । ବୋଉର ଦେହାନ୍ତ ପରେ ମୁଁ ବହୁତ ଝଡ଼ି ଯାଇଥିଲି । ମୋର କେଇଜଣ ସାଙ୍ଗ ମତେ କାଡାଭର (ମୁର୍ଦ୍ଦାର) ବୋଲି ଡାକୁଥାନ୍ତି, ସେଥିପ୍ରତି ଭ୍ରୂକ୍ଷେପ ନ ଥାଏ ।

ଫିଜିଓଲଜି ପ୍ରଫେସର ଥାନ୍ତି ଡାକ୍ତର ବାନାର୍ଜୀ । ଅତି ଅମାୟିକ । ଭୟଭ୍ରାନ୍ତି ନ ଥାଏ । ପୁରୁଣା ପାଠର ପୁନରାବୃତ୍ତି ଭଳି ଲାଗୁଥାଏ । ଆନାଟମି ଭଳି ଏଠି ବି ପ୍ରାକ୍ଟିକାଲ । ହେଲେ ମଣିଷ ଉପରେ ନୁହେଁ । ଜୀବନ୍ତ ବେଙ୍ଗ ଉପରେ । ତାର ମସ୍ତିଷ୍କର ମଜ୍ଜା ନଷ୍ଟ କରିଦେଲେ (ପିଥିଙ୍ଗ) ସେ ଅଚେତ ହୋଇପଡ଼େ । ଆମେ ବୋର୍ଡରେ ବେଙ୍ଗକୁ ଫିକ୍ସ କରି ଅପରେସନ କରି ସବୁ ସିଷ୍ଟମ ଦେଖୁ । ଗୋଟିଏ ପଟେ ମୁର୍ଦ୍ଦାର ଅନ୍ୟପଟେ ଜୀବନ୍ତ ବେଙ୍ଗ । ମଣିଷ ସହ ବେଙ୍ଗର କିଛିଟା ସାମଞ୍ଜସ୍ୟ ରହିଛି । ପ୍ରଥମ ବର୍ଷ ବାଇଓ କେମିଷ୍ଟ୍ରି ପଢ଼ା ହୁଏନି । ପାଠପଢ଼ା ପ୍ରତି କ୍ରମେ ଆଗ୍ରହ ବଢ଼ିଲା ।

ନୂଆ ହଷ୍ଟେଲରେ ଗୋଟିଏ ରୁମ୍‌ରେ ଆମେ ୩ ଜଣ ରହିଲୁ । ନୀଳାମ୍ବର ଆଚାର୍ଯ୍ୟ ରେଭେନ୍ସା କଲେଜର ସହପାଠୀ । ମୁଁ ଓ ରେଲଓ୍ୱାନୀ । ରେଲଓ୍ୱାନୀ ସିନ୍ଧିପିଲା। ତାଙ୍କ ଭାଇ ବିଦ୍ୟାଧରପୁର ଫାର୍ମରେ ଚାକିରୀ କରିଥାନ୍ତି । ମୋର ସେ ଅତି ଅନ୍ତରଙ୍ଗ। ପରେ ଚରଣ ବେହେରା ଆସି ଆମ ସାଥିରେ ମିଶିଲେ । ଆମ ରୁମ ଠାରୁ ଦୁଇଟି ରୁମ ଛାଡ଼ି କମନ ରୁମ୍ । ସେଠି ପଡ଼ିଥାଏ ପିଙ୍ଗପଙ୍ଗ ଟେବୁଲ୍ । କିନ୍ତୁ ଆମେ କେହି ଖେଳିବାକୁ ଯାଉନା । ବିପରୀତ ପାର୍ଶ୍ୱରେ ଆଉ ଗୋଟିଏ ରୁମ୍‌ରେ ଥାନ୍ତି ବିରେନ୍ ଭୂୟାଁ ଓ କିଶୋର ମହାନ୍ତି । ମୁଁ ବହୁ ସମୟରେ ଭୂୟାଁ ପାଖରେ ବସି ତା ବହି ପଢ଼େ ।

ବହି କିଣା ହେଲା । ଗେ ଆନାଟମି, ରାଇଟ୍ ଫିଜିକ୍ସ । କନିଂହାମ ମାନୁଆଲର ତିନିଟା ଭଲ୍ୟୁମ । ପାର୍ଟ ଓ୍ୱାନଟା ହରିଶ ଭାଇ କଲିକତାରୁ ପଠାଇଥିଲେ । ରେଫରେନ୍ସ ପାଇଁ ଯାହା ଦରକାର ପଡ଼େ ମୁଁ ଯାଇ ଲାଇବ୍ରେରୀରେ ପଢ଼ିଦିଏ ।

ଅଲଗା ଅଲଗା ମେସ୍ । ପ୍ରତି ୧୫/୨୦ ଜଣ ପିଲାଙ୍କ ପାଇଁ ଗୋଟିଏ ମେସ୍ । ପୂଜାରୀ ଅଲଗା ଅଲଗା । ପୂଜାରୀ ସିଧା ସଳଖ ଆମଠୁଁ ପଇସା ନିଏ । ସଉଦା ପତ୍ର କିଣେ । ଆମ ପୂଜାରୀ ନାମ ଜଳଧର । ଅଧାଦିନ ନେଉଳି ମାଛ ତରକାରୀ । ମିଲଗୋଟା ଛଅଣା । ମାସରେ ଥରେ ଭୋଜି । ସେଦିନ ମିଲ ୩ଟଙ୍କା । ମାସକୁ ଦେୟ ୨୫ ଟଙ୍କା । ସେ ବି ବାକି ରହେ ।

ଭାଇ ଜିଲ୍ଲା ବୋର୍ଡ ସଭ୍ୟ ଭାବେ ମାସକୁ ଗସ୍ତଖର୍ଚ୍ଚ ପାନ୍ତି ୨୮ ଟଙ୍କା । ସେଥିରୁ ମତେ ଦିଅନ୍ତି ୨୫ ଟଙ୍କା । ମୁଁ ଘରୁ ଚୁଡ଼ା ନଡ଼ିଆ ନେଇ ଆସେ । କୌଣସି ପ୍ରକାର ଚଳିଯାଏ ।

ଦୟାନିଧି ବଳ ତୃତୀୟ ବାର୍ଷିକ ଛାତ୍ର । ଘର ରାଜକନିକା । ପିଉସାଙ୍କ ଜଣାଶୁଣା । ମତେ ଚିହ୍ନା କରାଇ ଦେଇଗଲେ । ତାଙ୍କୁ କହିଲେ ମୋ ଉପରେ ନଜର ରଖିବା ପାଇଁ। ମୁଁ ତ କଟକରେ ୪ ବର୍ଷ କଟାଇଲିଣି । ପୁଣି ଜଣେ ଛାତ୍ରନେତା । ଆଉ କଣ ଡର । ପିଉସା ମତେ ନେଇ କଂଗ୍ରେସ ଦଳର ନେତା ମାନଙ୍କୁ ଚିହ୍ନା କରେଇ ଦେଲେ । ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ,

Digitized by srujanika@gmail.com

ନିତ୍ୟାନନ୍ଦ କାନୁନ୍‌ଗୋ ଇତ୍ୟାଦି । ସମସ୍ତଙ୍କୁ କହୁଥାନ୍ତି, ମୁଁ ତାଙ୍କର ପୁଅ । ମୋର ମନେ ପଡୁଛି ନିତ୍ୟାନନ୍ଦ ବାବୁ କହିଲେ ବାବୁରେ ! କାହାରିକୁ ଧୋକା ଦେବୁନି । ମୁଁ ସେତକ ମନେ ରଖିଛି ।

ବୋଉର ଦେହାନ୍ତ ବେଳର ଦୁଃଖଦ ଅନୁଭୂତି ଭୁଲି ଆସିଲିଣି । ପାଠ ଉପରେ ଏକାଗ୍ରତା ବଢ଼ିଲାଣି । ମୁଁ ତ ଖେଳାଖେଳି କରେନି । କେତେବେଳେ କେମିତି କମନରୁମ୍‌ରେ କ୍ୟାରମ କି ପିଙ୍ଗପଙ୍ଗ ଖେଳେ । ଖେଳ ସରଞ୍ଜାମ ସବୁ ହସ୍‌ପିଟାଲ କଣ୍ଟ୍ରାକ୍‌ଟର ଦିଅନ୍ତି । ମଙ୍ଗଳାବାଗରେ ଥିବା ମଦ ବେପାରୀ ହାଡ଼ିବଂଧୁ ସାହୁ ବି । ଅବକାରୀ ବିଭାଗର ଖାନତଲାସୀ ବେଳେ ତାଙ୍କ ଘରୁ ଲକ୍ଷ ଲକ୍ଷ ଟଙ୍କାର ଖୁଚୁରା ଟଙ୍କା ବାହାରିଲା । ତାଙ୍କର ଦେହାନ୍ତ ଖବର ବିଜୁଳି ବେଗରେ ବ୍ୟାପିଗଲା । ହେଲେ ସମସ୍ତେ କହିଲେ ହାଡ଼ିଆ ମରିଗଲା । ଏଇ ହେଉଛି କଳାଟଙ୍କାର ପରିଣତି ।

ମନକୁ ଆଉ ଟିକିଏ ସତେଜ ରଖିବାକୁ ଏନ୍.ସି.ସିରେ ଯୋଗଦାନ କଲି । ହେଲେ ଥରେ ବଂଧୁକ ଧରି ଡାକ୍ତରଖାନା ହତାରେ ଦଉଡ଼ିବା ପରେ ନମସ୍କାର କରି ବିଦାୟ ନେଲି । ରାଜନୀତିରୁ ଦୂରେଇ ଯାଇଥିଲି । ଏତିକି ବେଳେ ଆକୁଳି ବାବୁଙ୍କ ସହ ପୁଣି ଯୋଗାଯୋଗ ହେଲା । କେନ୍ଦ୍ରାପଡ଼ାର ସଂପର୍କ ପୁଣି ଗଜୁରି ଉଠିଲା । ହରିହର ମହାପାତ୍ରଙ୍କ ପୃଷ୍ଠପୋଷକତାରେ ଗୋଟିଏ ନିର୍ଦ୍ଦଳୀୟ ଛାତ୍ରସଂଘ ଗଢ଼ା ହୋଇଥାଏ । ତାର ଜଣେ କାର୍ଯ୍ୟଦାର ସାଜିଲି ।

ଏଇ ସମୟରେ ରନ୍ତଲେଇର ନେପାଳି ବାବାଙ୍କ ଆବିର୍ଭାବ । ଶହ ଶହ ଲୋକ ହଇଜାରେ ମଲେ । ମୁର୍ଦ୍ଦାର ପଡ଼ି ରହିଲା ରେଳ ଷ୍ଟେସନରେ । କଙ୍କଡ଼ାକୁ ଗୋଳି ପାଣି ସୋହିଲା ଭଳି ଆମକୁ କାଟିବାକୁ ଅଧିକ ମୁର୍ଦ୍ଦାର ମିଳିଲା । ସମାଜ ସେବା ନାମରେ ଇଂଜେକ୍‌ସନ ଦିଆ ଶିଖିଲୁ । ସେହି ପ୍ଲାଟଫର୍ମରେ ସାଲାଇନ୍ ଚାଲିଲା ।

କାଳିଆବୋଦା ମଠରେ ଯୌନ ବ୍ୟଭିଚାର ପାଇଁ ବାବାଜୀ ମାନଙ୍କ ଉପରେ ପୋଲିସର ଅତର୍କିତ ଆକ୍ରମଣ । ବାୟା, ପାଗଳା, ଘୁଙ୍ଗା, କ୍ଷେପା ସମସ୍ତେ ଜେଲରେ । ଯେଉଁ ସୁଡ଼ଙ୍ଗରେ ଦେବତା ମାନେ ପଶି ନଥିଲେ ଆମେ ତା ଭିତରେ ପଶି ପ୍ରାଥମିକ ଚିକିତ୍ସା ଦେଲୁ ।

ଆନନ୍ଦ ଉଲ୍ଲାସରେ କିଛିଦିନ ଚାଲିଲା । ଖଣ୍ଡିଉଡ଼ା ଦେଲା ବେଳକୁ ପୁଣି ପକ୍ଷଚ୍ଛେଦ । ଠାକୁର ଯେପରି ଚାହୁଁ ନାହାନ୍ତି ମତେ ନିର୍ବିଘ୍ନରେ ଆଗେଇ ଯିବାକୁ ।

୧୯୫୦ ମସିହା ଶେଷ ବେଳକୁ ହଠାତ୍ କୃଷ୍ଣ ପିଉସାଙ୍କର ଦେହାନ୍ତ ହୋଇଗଲା । ସେ ମତେ କେତେ ଭଲ ପାଉଥିଲେ । ଜଣେ ବିଚକ୍ଷଣ ସ୍ୱାଧୀନତା ସଂଗ୍ରାମୀ ଭାବେ ସାରା ପ୍ରଦେଶରେ ଜଣାଶୁଣା । ବିଭିନ୍ନ ଦଫାରେ ବିଚାର ହୋଇ ୨୨ ବର୍ଷ ସଶ୍ରମ କାରାଦଣ୍ଡ ପାଇଥିଲେ । କଟକ ଜେଲରେ ଆମେ ସବୁ ତାଙ୍କୁ ଯାଇଁ ଦେଖୁଥିଲୁ । ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୪୬ରେ ତାଙ୍କୁ ଜେଲରୁ ଛାଡ଼ି ଦିଆ ଯାଇଥିଲା । ସେ ଥିଲେ ନିର୍ଭୀକ । ଅତି ଅଳ୍ପ ସମୟ ମଧ୍ୟରେ ଅନ୍ୟର ହୃଦୟ ଜୟ କରିବାରେ ସେ ଥିଲେ ପାରଂଗମ । ବଂଚି ରହିଥିଲେ ହୁଏତ କେଉଁଠି

Digitized by srujanika@gmail.com

ମନ୍ତ୍ରୀପଦ ଅଳଂକୃତ କରିଥାନ୍ତେ । ସେ ଦକ୍ଷତା ତାଙ୍କର ଥିଲା। ପିଉସାଙ୍କ ଦେହାନ୍ତ ସମ୍ବାଦରେ ବ୍ୟଥିତ ହୋଇ ତାଙ୍କ ଘରକୁ ଗଲି । ଭାଇତ ଥାନ୍ତି । ମୁଁ ବା କାହାକୁ କି ସାନ୍ତ୍ୱନା ଦେବି ।

ସେ କାଳର ରାଜନୀତିରେ ରୋଜଗାର କମ୍, ଖର୍ଚ୍ଚ ବେଶୀ । ଆମ ଘରର ଆୟ ଖୁବ୍ ସୀମିତ । ଖର୍ଚ୍ଚ ତୁଲାଇବା ପାଇଁ ଜମି ବିକା ଚାଲେ । ଜମିର ରେକର୍ଡ ମୋ ନାମରେ । ମୁଁ ନାଁ ବାଳକ । ବୋଉ ଜମି ବିକେ । ଟଙ୍କା ଯାଏ ଭାଇଙ୍କ ହାତକୁ । ମୁଁ ରେଭେନ୍ସା କଲେଜରେ ପଢ଼ିଲାବେଳେ ଥରେ ବୋଉକୁ ଲେଖିଥିଲି ତେଲଲୁଣ ପାଇଁ ଜମି ବିକିଲେ ଜମିଦାର ବଂଚିବେ କିପରି ?

ଦିନକର ଘଟଣା । ଆମର ଗୋଟିଏ ଆମ୍ବବଗିଚା ଘନ ମଳିକ ତୋଟା ଉପରେ ଭାଇଙ୍କର ଜଣେ ସାଥୀ ସ୍ୱାଧୀନତା ସଂଗ୍ରାମୀ ଆଖି ପକାଇଲେ । ତାଙ୍କ ଜମିକୁ ସେଇଟା ଲାଗିଛି । ଭାଇ କହିଲେ ସେଇଟା ତ ହୁର ନାମରେ (ମୋ ନାମରେ) ତାକୁ ଟିକିଏ ପଚାରିଦିଅ । ସେ ଆସି ମତେ ପଚାରିଲେ । ମୁଁ କହିଲି ସେ ଘର ଚଳାଉଛନ୍ତି ଯଦି ବିକିବେ ମତେ ପଚାରିବା କ'ଣ ଦରକାର ? ପୁଣି ପ୍ରଶ୍ନ କଲେ ତୋ ମତ କ'ଣ ? ମୁଁ ପଚାରିଲି - କାହିଁକି ବିକିବେ ? ଜବାବ ମିଳିଲା ସେଇଟାତ ତୁମର କିଛି ଦରକାରରେ ଆସୁନି । ଆମ୍ବ ସବୁ କିଏ କୁଆଡ଼େ ନେଇ ଯାଉଛନ୍ତି । ତୁମର କ'ଣ ହେବ ? ମୁଁ ନମ୍ର ଅଥଚ ଦୃଢ଼ ଗଳାରେ କହିଥିଲି, ଆମର ବହୁତ ସୁନା ଅଛି, କେହି ଗହଣା ପିନ୍ଧୁ ନାହାନ୍ତି । ସ୍ତ୍ରୀ ଅଛନ୍ତି ପିଲା ନାହିଁ। (ଭାଇ ବିଭା ହେବାର ବହୁତ ଦିନ ପର୍ଯ୍ୟନ୍ତ ପିଲାପିଲି ହୋଇ ନ ଥିଲେ) ତାକୁ ସବୁ ବିକିଦେବା ? ସେଇ ଦିନରୁ ଜମି ବିକ୍ରିରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ।

ମେଡ଼ିକାଲ କଲେଜରେ ପଢୁଥିବା ବେଳେ ପ୍ରତ୍ୟେକ ବର୍ଷ ପର୍ଯ୍ୟଟନ ପାଇଁ ଯିବାର ସୁବିଧା ମିଳୁଥିଲା । ଦ୍ୱିତୀୟ ବାର୍ଷିକ ଛାତ୍ର ଥିବାବେଳେ ଆମେ ଗଲୁ ମାଡ୍ରାସ, ଶରୀର ବିଜ୍ଞାନ ଉପରେ ଅଧିକ ଜ୍ଞାନ ଆହରଣ ପାଇଁ । ସେଠି ମାଡ୍ରାସ ମେଡ଼ିକାଲ କଲେଜରେ ରହିଲୁ । ସେଠି ଆମ ପାଇଁ ରହିବାର ବ୍ୟବସ୍ଥା କରାଯାଇଥାଏ । ସେଠି ତାଙ୍କର ଶବ ସଂରକ୍ଷଣ ପଦ୍ଧତି ଓ ଶବ ବ୍ୟବଚ୍ଛେଦ ଗୃହ ବୁଲି ଦେଖିଲୁ । ତାଙ୍କ ଆନାଟମି ମ୍ୟୁଜିଅମ ବୁଲି ଦେଖିବାକୁ ଗୋଟେଦିନ ଲାଗିଲା । ଷ୍ଟାନଲି ମେଡ଼ିକାଲ କଲେଜ ବି ଯାଇଁ ଦେଖିଲୁ ।

ଏଇ ଅବସରରେ ମାଦ୍ରାଜର କେତେଗୁଡ଼ିଏ ଦର୍ଶନୀୟ ସ୍ଥାନ ବି ବୁଲି ଦେଖିଲୁ । ମାଦ୍ରାଜର ସମୁଦ୍ରତଟ ବେଳାଭୂମି ପୃଥିବୀର ଦୀର୍ଘତମ ବେଳାଭୂମି - ୧୩ କି.ମି ଲମ୍ବା । ରେଳଡବା ନିର୍ମାଣ କାରଖାନା ଦେଖିଲୁ । ନୂଆ ହୋଇଥାଏ । ସେଣ୍ଟଜର୍ଜ ଫୋର୍ଟ ହାଉସରେ ତାଙ୍କ ସଚିବାଳୟ । ସରକାରୀ ଯାଦୁଘର - ନାସନାଲ ଆର୍ଟ ଗାଲେରୀ ଅତ୍ୟନ୍ତ ଚିତାକର୍ଷକ ଓ ଶିକ୍ଷଣୀୟ । ଗିନିଡି ଜାତୀୟ ଉଦ୍ୟାନକୁ ଲାଗିଛି ସର୍ପ ଉଦ୍ୟାନ। ଯେଉଁଠି ଖେଳୁଛନ୍ତି ଗୋଖର, ତମ୍ପ, ଅଜଗର ଇତ୍ୟାଦି । ତା' ପାଖକୁ ଲାଗିଛି ଶିଶୁ ଉଦ୍ୟାନ। ସେଇଠି ବିଭିନ୍ନ ପ୍ରକାରର ପକ୍ଷୀମାନଙ୍କ କାକଳୀ ।

କିଣାକିଣି କରିବାକୁ ବାହାରିଲୁ । ସବୁଠି ଦରକଷାକଷି ବା ବାର୍‌ଗେନିଂ । ମୋର ମନେ ପଡୁଛି ରଙ୍ଗନାଥନ ଷ୍ଟ୍ରିଟରେ ହଳେ ଜୋତା ମୂଲାଉଥିଲି। ମୁଁ

Digitized by srujanika@gmail.com

ଅଧାଦାମ କହିବାରୁ ସେ ଚଟାପଟ ପଟେ ଜୋତା ଗୁଡ଼ାଇ ଧରାଇଦେଲା । ମୁଁ ତ ଭାଷା ଜାଣିନି । ସେ ଜୋତାକୁ ସେଠି ରଖିଦେଇ ତରବରରେ ଦୋକାନରୁ ବାହାରି ଆସିଲି । ସବୁ ହୋଟେଲରେ ସେଇ ଚାରୁ ଚହ୍ଲା । ଯା ହେଉ ଆମେ ବୁଲାବୁଲି କରି ଫେରିଲୁ । ମୋର ଏ ଦ୍ୱିତୀୟ ମହାନଗରୀ ଦର୍ଶନ । ବେଶ୍ ଉପଭୋଗ କଲି ।

ସେହି ୧୯୫୨ରେ ଡାକ୍ତରମାନେ ଧର୍ମଘଟ କଲେ ଦରମା ବଢ଼ାଇବା ପାଇଁ । ଛାତ୍ରମାନେ ସେ ଆନ୍ଦୋଳନରେ ଝାସ ଦେଲେ । ମୁଁ ବା ଛାଡ଼ ପାନ୍ତି କିପରି ? ଛାତ୍ରାବାସ ବଂଦ କରି ଦିଆଗଲା । ଆମେ ସବୁ ବିଛଣା ମୁଣ୍ଡାଇ ଶୋଭାଯାତ୍ରାରେ ଗଲୁ । ସ୍ଲୋଗାନ ଥିଲା :

ଦିନଗଲା କାଟି କାଟି ପଚାସଢ଼ା ଗଂଧିଆ ମୁର୍ଦ୍ଦାର
ଭୋକିଲା ଡାକ୍ତର କରେ ଫୁକାର

ଆମ ପ୍ରତି ଜନ ସମର୍ଥନ ଥିଲା । ଇଂଜିନିଅର ମାନଙ୍କର ଦରମାଠାରୁ ଆମ ଦରମା କମ୍ । ହୁଏତ ଆମେ ବେଶୀ ବର୍ଷ ପଢୁ ଆଉ ଗଧ ପରି ଖଟୁ । ମାସକୁ ମିଳେ ୧୫୦ ଟଙ୍କା । ନବକୃଷ୍ଣ ଚୌଧୁରୀ ଥାନ୍ତି ମୁଖ୍ୟମନ୍ତ୍ରୀ । କମିସନ ବସିଲା । ଆମ ଦରମା ବଢ଼ିଲା । ଦୁଇଟି ଗ୍ରେଡ୍ । କଲେଜ ପାଇଁ ଗ୍ରେଡ୍ ୧ ଦରମା ଦୁଇଶହ । ପେରିଫେରି ପାଇଁ ଗ୍ରେଡ୍ ୨, ଦରମା ୧୭୫ ଟଙ୍କା । ଡିପ୍ଲୋମା ହୋଲ୍ଡ଼ର ଏଲ.ଏମ.ପି ମାନଙ୍କ ପାଇଁ ଗ୍ରେଡ୍ ୩ ଦରମା, ପୂର୍ବ ଭଳି ମାସିକ ୧୨୦ ଟଙ୍କା । ଆମେ ଲଢ଼େଇରେ ଜିତିବି ହାରିଲୁ । କାରଣ ଗ୍ରେଡ୍ ୧, ଗ୍ରେଡ୍ ୨ ଚାକିରୀ ନାହିଁ । ସମସ୍ତେ ସେଇ ଗ୍ରେଡ୍ ୩ରେ ନିଯୁକ୍ତି ପାଇଲେ । ଅବଶ୍ୟ ପରେ ଗ୍ରେଡ୍ ୧, ଗ୍ରେଡ୍ ୨ ପଦବୀ ସୃଷ୍ଟି କରାଗଲା ।

ଏଇ ସମୟରେ ଆଉ ଗୋଟିଏ ସ୍ମରଣୀୟ ଘଟଣା । ସୀମା ଆନ୍ଦୋଳନ । ୨୩.୧.୪୭ରେ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ପ୍ରଗାଢ଼ ଉଦ୍ୟମ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆଶୀର୍ବାଦରୁ ଓଡ଼ିଶା ଷ୍ଟେଟ ଏଜେନ୍ସି ଅନ୍ତର୍ଭୁକ୍ତ ୨୬ଟି ଗଡ଼ଜାତ ଓଡ଼ିଶାରେ ମିଶିଲା । ପ୍ରଜାଙ୍କ ଶାସନ ଚାଲିଛି କହି ମୟୂରଭଂଜ ମହାରାଜା ସେତେବେଳେ ଓଡ଼ିଶାରେ ମିଶିଲେ ନାହିଁ । ଷଢ଼େଇକଳା ଖରସୁଆଁକୁ ଯିବାପାଇଁ ଆଉ ବାଟ ନଥିଲା । ଏଇ ସୁଯୋଗରେ ଷଢ଼େଇକଳା ଖରସୁଆଁର ଆଦିବାସୀମାନେ ଓଡ଼ିଶାରେ ମିଶିବାକୁ ଚାହୁଁ ନାହାନ୍ତି କହି ୧୯୪୮ରେ ବିହାର ସହିତ ମିଶାଇ ଦିଆଗଲା । ହୁଏତ ପ୍ରଥମେ ସେମାନେ ଓଡ଼ିଶା ସହିତ ମିଶିବାକୁ ରାଜି ହୋଇଥିଲେ । ସେହି ଅନୁସାରେ ମିଶ୍ରଣ ଚୁକ୍ତି ସଂପାଦିତ ହୋଇଥିଲା। ଓଡ଼ିଶା ସାରା ଜନ ଆନ୍ଦୋଳନ ବ୍ୟାପିଲା ମିଶ୍ରଣ ବିରୁଦ୍ଧରେ । ଛାତ୍ରନେତାମାନେ ପ୍ରାଣବଳୀ ଦେଲେ । ଓଡ଼ିଶା ବିଧାନସଭାରେ ୧୯୫୨ରେ ପୁନଃ ମିଶ୍ରଣ ଦାବୀ କରି ସର୍ବ ସମ୍ମତ ପ୍ରସ୍ତାବ ଗ୍ରହଣ କରାଗଲା । ସମୂହ ଇସ୍ତଫାର ଧମକ ଦିଆଗଲା । ୧୯୫୩ରେ ଫଜଲଅଲି କମିଶନ ଗଢ଼ାଗଲା ସୀମା ନିର୍ଦ୍ଧାରଣ ପାଇଁ । କେନ୍ଦ୍ର ସରକାରଙ୍କ ଚାପରେ (କୁହାଯାଏ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ପାଇଁ) କମିସନ ଓଡ଼ିଶାର ଦାବୀକୁ ପ୍ରତ୍ୟାଖ୍ୟାନ କଲା । ଛାତ୍ର ଆନ୍ଦୋଳନ ଆହୁରି ବ୍ୟାପକ ହେଲା ।

Digitized by srujanika@gmail.com

ଆକାଶବାଣୀ ସାମ୍ନାରେ ଗୁଳି ଚାଲିଲା । ହେଲେ ସବୁ ନିଷ୍ଫଳ । ଦୁଇଟି ଖାଣ୍ଟି ଓଡ଼ିଆ ରାଜ୍ୟ ସବୁଦିନ ବିହାରରେ ରହିଗଲା ।

ମୋ ଭାଇ ମତେ ଖୁବ୍ ଭଲପାନ୍ତି । ଆମେ ଦୁଇଭାଇ ଶେଷ ପର୍ଯ୍ୟନ୍ତ ସାଙ୍ଗ ହୋଇ ଗୋଟିଏ ଥାଳିରେ ଖାଉଥିଲୁ । ମୁଁ ଯଦି କେଉଁ ଆଡ଼କୁ ଯାଇଥାଏ ସେ ଫେରିବା ପର୍ଯ୍ୟନ୍ତ ବସି ରହୁଥିଲେ । ମୁଁ କେମିତି ବୃତ୍ତି ପାଇବି, ଭଲ ପଢ଼ିବି, ମୋ ପାଠପଢ଼ା ଖର୍ଚ୍ଚ କେମିତି ତୁଲାହେବ, ଏ ସବୁ ତାଙ୍କ ଚିନ୍ତା । ମୋ ବୋଉର ଦେହାନ୍ତ ପରେ ତାଙ୍କ ଦାୟିତ୍ୱ ବଢ଼ି ଯାଇଛି । ସେ ଆଗରୁ ଘର ଖବର ବୁଝୁ ନ ଥିଲେ। ବୋଉ ମହାଜନି କାରବାର ସୁନା ବା ଜମି ଖର୍ଦ୍ଦି ବିକ୍ରି କରି ଘର ଚଳାଉଥିଲା । ମୁଁ ଘରେ ଥିବାବେଳେ ଭାଇଙ୍କୁ ଥରେ ଟାଇଫଏଡ୍ ଜ୍ୱର ହେଲା । ସେତେବେଳେ କ୍ଲୋରାମାଇସେଟିନ୍ କାପସୁଲ ମିଳୁ ନ ଥାଏ । ସାଲେପୁରରୁ ୧୨ଟି କାପ୍‌ସୁଲ୍ ଆସିଲା । ମୋ ଭିଣୋଇ ଆସିଥାନ୍ତି । ତାଙ୍କ ଜର କମିଲା । ଗୋଟିଏ ମଜା କଥା ହେଲା - ମୋ ଭିଣୋଇଙ୍କ ପାଇଁ ଗୋଟିଏ କୁକୁଡ଼ା ଅଣା ଯାଇଥିଲା । ରାତିରେ ମାରି ପାରି ନଥିଲୁ। ଅଗଣାରେ ଘୋଡ଼େଇ ରଖିଥିଲୁ । ସକାଳୁ ସେ ରାବି ରାବି ଉଡ଼ିଗଲା । ସେ କାଳରେ କେହି କୁକୁଡ଼ା ଖାଉ ନଥିଲେ । ଗାଁ ସାରା ହଲ୍ଲା ହୋଇଗଲା, ମୁଁ ଡାକ୍ତରୀ ପଢୁପଢୁ କୁକୁଡ଼ା ଖାଇଲିଣି । ଇଏ ଥିଲା ୫୦ ବର୍ଷ ତଳେ ଆମ ଗ୍ରାମର ଅବସ୍ଥା ।

ପୂଜା ଛୁଟିରେ ମୁଁ ଘରକୁ ଆସିଥାଏ । ଭାଇଙ୍କୁ ସାମାନ୍ୟ ଜ୍ୱର । ଛୁଟିପରେ ମତେ ଦଶଟି ଟଙ୍କା ଦେଇ କହିଲେ ତୁ ନେଇଯା । ମୋ ଦେହ ଭଲ ହୋଇଗଲେ ମୁଁ କଟକ ଯିବି, ତୋ ଟଙ୍କା ଦେଇ ଆସିବି । ସେତେବେଳେ ଗୋଗୁଆରୁ କଟକ ବସ୍ ଭଡ଼ା ଦେଢ଼ଟଙ୍କା । ମୁଁ ଆସି ହଷ୍ଟେଲରେ ପହଁଚି ଦେଖେ ମୋ ଲୁଗାପଟା ସବୁ ଚୋରୀ ହୋଇଯାଇଛି । ଟଙ୍କା ପାଇଁ ଟେଲିଗ୍ରାମ କଲି । କିନ୍ତୁ ପରେ ପରେ ଟେଲିଗ୍ରାମ ପାଇଲି, 'ଭାଇ ସାଂଘାତିକ, ଶୀଘ୍ର ଆସ' । ମୁଁ ସାଥେ ସାଥେ କିଛି ଫଳ ନେଇ ଗ୍ରାମକୁ ଗଲି । ହାତରେ ଥାଏ ଆଉ ତିନିଟଙ୍କା ଆଠଣା ।

ମୁଁ ଦୋବନ୍ଧା ଛକରେ ଓହ୍ଲାଇ ଖୁବ୍ ଦ୍ରୁତ ଗତିରେ ଯାଉଥାଏ । ତେଲିପାଟଣା ଛକରେ ଭେଟିଲେ ମୋର ସହପାଠୀ ବଂଧୁ ବିପିନ ଦାଶ । ଛଳ ଛଳ ଆଖିରେ କହିଲେ ଭାଇ ଆଉ ନାହାନ୍ତି । ମୁଁ ସେଇଠି ବସି ପଡ଼ିଲି । ୧୯୫୧ ଅକ୍ଟୋବର ମାସରେ ମାତ୍ର ୩୨ ବର୍ଷ ବୟସରେ ଅଭିଶପ୍ତ ଦରଫୁଟା ଫୁଲ ହୋଇଛି ବୃନ୍ତଚ୍ୟୁତ । କବିବର ରାଧାନାଥଙ୍କ ଭାଷାରେ :-

"ବଡ଼କ୍ରୁର କାଳ ବଡ଼ ଅବିଶ୍ୱାସୀ
ହାବୋଡ଼ି ଯିବସେ ଆଚମ୍ବିତେ ଆସି ।"

ମୋର ସବୁ ସରିଗଲା । ବାପା, ମା ଯାଇଥିଲେ । ଏବେ ଭାଇ ଚାଲିଗଲେ । ସବୁ ସ୍ୱପ୍ନ ଭୁଷୁଡ଼ି ପଡ଼ିଲା । ମୁଁ ଏକାକୀ ନିରିମାଖୀ ହୋଇଗଲି । ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ "ଦୁଃଖେର ଯାଦେର୍ ଜୀବନ ଗଡ଼ା ତାଦେର ଆବାର ଦୁଃଖ କି ?"

Digitized by srujanika@gmail.com

ମୁଁ ଭାଙ୍ଗି ପଡ଼ିଲେ ଘର ଭାଙ୍ଗିଯିବ । ମନକୁ ଟାଣ କରି ଏକା ନିଃଶ୍ୱାସକେ ଘରେ ପହଁଚିଲି । କାହାରିକୁ କିଛି ନ ପଚାରି ପୁରୋହିତଙ୍କୁ ଡାକି କହିଲି, ସଜ୍ଜକ୍ରିୟା ଆରମ୍ଭ କର ।

ସେତେବେଳକୁ ଭାଇ ମରିବାର ୩ଦିନ ହୋଇ ଗଲାଣି । ଏତେବଡ଼ ଘର । ଡାକ୍ତର ଡାକିବାକୁ ପଇସା ନଥିଲା । ବେଣାପୁର ପିଉସା ଆସି ପଇସା ଦେବାରୁ, କେନ୍ଦ୍ରାପଡ଼ା ଡାକ୍ତର ଆସି ମୃତ ବୋଲି ଘୋଷଣା କଲେ । ସେ ସେରିବ୍ରାଲ ମ୍ୟାଲେରିଆରେ ମରିଥାଇ ପାରନ୍ତି ବୋଲି କହିଗଲେ । ଭାଇ ଚିତ୍କାର କରୁଥିବାରୁ ତାଙ୍କୁ ବ୍ରହ୍ମରାକ୍ଷସ ଗ୍ରାସିଛି ବୋଲି ଝଡ଼ାଫୁଙ୍କା କରୁଥିଲେ ।

ମୋର ଅବଶୋଷ ରହିଗଲା । ବୋଉକୁ ଦେଖି ନ ଥିଲି, ଭାଇଙ୍କୁ ବି ଦେଖି ପାରିଲିନି । କେତେ ଲୋକ ତାଙ୍କ ପାଖରେ । ଗାଁରୁ କଟକ ୩ଘଣ୍ଟାର ବାଟ । କଟକ ନନେଲେ ବି କେନ୍ଦ୍ରାପଡ଼ା ନେଇ ପାରିଥାନ୍ତେ । ସାଇକେଲରେ କଟକ ଯିବା ବଡ଼କଥା ନୁହେଁ । ମୁଁ ଅନ୍ତତଃ ମୃତ ଦେହଟାକୁ ଦେଖି ପାରିଥାନ୍ତି । ସୁଖର ସାଥୀ ସମସ୍ତେ । ଦୁଃଖର ସାଥୀ କିଏ ? ସେ ଥିଲେ ଏ ଅଂଚଳର ଦୀପ । ଏଇ ତାର ପରିସମାପ୍ତି । ମନେମନେ ସବୁ ଅସନ୍ତୋଷକୁ ଚାପିରଖି ଆଗେଇଲି ମୋ କାମରେ ।

ସଜ୍ଜକ୍ରିୟା ଆରମ୍ଭ କରିବାର ଉଦ୍ଦେଶ୍ୟ, ସମସ୍ତଙ୍କୁ କାମରେ ଲଗାଇ ଦୁଃଖ ପ୍ରଶମିତ କରବା । ମୋ ହାତରେ ମାତ୍ର ତିନିଟଙ୍କା ଆଠଣା । ଡାକ୍ତର ଡାକିବାକୁ ଯେଉଁଘରେ ପଇସା ନ ଥିଲା, ଶୁଦ୍ଧିକାମ ପାଇଁ ପଇସା ଆସିବ କୁଆଡୁ ! କିଭଳି ଭାବେ ମୁଣ୍ଡ କଚାଡୁଥିବା ବିଧବା ଭାଉଜଙ୍କୁ ପଇସା କଥା ପଚାରିବି ?

ସେ କାଳରେ ଭାର ବେଭାର କେହି ଟଙ୍କା ଆକାରରେ ଦେଉ ନ ଥିଲେ । ଦେଉଥିଲେ ଦ୍ରବ୍ୟ ଆକାରରେ । କେହି ମାଛ ଦିଏ ତ କେହି ଦହି ଏମିତି । ଯେଉଁ ବଂଧୁମାନେ ସଂଖୋଳିବାକୁ ଆସିଥିଲେ, ସମସ୍ତଙ୍କୁ ଅନୁରୋଧ କଲି ଭାର ନଦେଇ ଟଙ୍କା ଦେବାକୁ । ମୋ ଦାଦା ଓରଉଣ୍ଡି ବସିଛନ୍ତି ଜମି ବିକିବାକୁ । କେଉଁ ଜମି ବିକାହେବ ତାଲିକା କରି ତାପାଇଁ ଗରାଖ ଯୋଗାଡ଼ ହେଲେଣି । ହୁଏତ ସୁନା ବଂଧା ଦେଇ ଟଙ୍କା କେତେଟା ଯୋଗାଡ଼ କରିଥିଲେ ଭାଇ କେନ୍ଦ୍ରାପଡ଼ା କି କଟକ ଯାଇ ପାରିଥାନ୍ତେ ।

କେହି ସହଯୋଗ କରୁ ନଥାନ୍ତି । ଧୋବା କାଠ ହାଣୁନି । ଆମେ ଘରଖର୍ଚ୍ଚ ପାଇଁ ସଉଦା ଆଣୁ ଆମ ବଂଧୁ ଘାଗରା ପର୍ଶୁ ପରିଡ଼ାଙ୍କ ଦୋକାନରୁ । ମୁଁ ଆମର ସୂର୍ଯ୍ୟବଂଧୁ ସୂର୍ଯ୍ୟମଣି ରାଉତ ଓ ଦୁଇଜଣ ମୁଲିଆ ନେଇ ସଂଧ୍ୟାରେ ତାଙ୍କ ଦୋକାନକୁ ଗଲି ସଉଦା ପାଇଁ । ସଉଦା ଦେବାତ ଦୂରର କଥା କାହିଁକି ଆସିଛୁ ବୋଲି ପଚାରିଲେ ନାହିଁ । ଶୁଣିଲି ପୂର୍ବରୁ ସଉଦା ଟଙ୍କା ବାକୀ ଅଛି । ସିଏ ହୁଏତ ଭାଇଙ୍କ ଖାତିରରେ ସଉଦାପତ୍ର ପଠାଇ ଦେଉଥିଲେ । ମୁଁ ଲୁଗାପଟା, ସମେତ ସବୁ ସଉଦାପତ୍ର କେନ୍ଦ୍ରାପଡ଼ାରୁ ମୋ ସହପାଠୀ ରୋଶନ ଦୋକାନରୁ ଆଣିଲି । ସେ ବି ଭରସା ଦେଲା ଯାହା ଦରକାର ହେବ କହିବୁ ।

Digitized by srujanika@gmail.com

ସିଧା ଆଙ୍ଗୁଠିରେ ଘିଅ ଉଠେନି । ଲୁହାକୁ କଅଁଳିଆ ପାଇଲେ ବିରାଡ଼ି ବି କାମୁଡ଼େ । ମୁଁ ଡାକ୍ତରୀ ପଢୁଛି ବୋଲି ଯେଉଁ କେତେଜଣଙ୍କର ସହାନୁଭୂତି ଥିଲା, ସେଇମାନଙ୍କ ସହଯୋଗ ନେଲି । ଅନ୍ୟ ମାନଙ୍କ ପ୍ରତି ଅତି ନିଷ୍ଠୁର ଭାବେ ଜମିଦାର ଘରର ଆଦବ କାଇଦା ପ୍ରୟୋଗ କଲି । ଭଗବାନଙ୍କ ଦୟାରୁ ସବୁକାମ ସୁରୁଖୁରୁରେ ହୋଇଗଲା । ସବୁ ବଂଧୁବାଂଧବ ଆସିଲେ । ଭାଇଙ୍କ ସହକର୍ମୀ ସେ ଅଂଚଳର ସବୁ ସ୍ୱାଧୀନତା ସଂଗ୍ରାମୀ ଆସିଲେ । ସ୍ୱାଧୀନତା ସଂଗ୍ରାମୀ କହିଲେ ସବୁ କଂଗ୍ରେସବାଲା । ସଭା ସମିତି କରି ଅଶ୍ରୁ ନିଗାଡ଼ିଲେ । ମୁଁ ଆମର ପ୍ରଚଳିତ ଧାରାରେ ଗୋସେଇଁ ନିମନ୍ତ୍ରଣ, ବ୍ରାହ୍ମଣ ଭୋଜନ, ଆଖପାଖ ଗ୍ରାମର ଲୋକଙ୍କୁ ନିମନ୍ତ୍ରଣ ଇତ୍ୟାଦି ଯଥାବିଧି ସଂପନ୍ନ କଲି । ଦ୍ୱାଦଶରେ ସବୁ ବଂଧୁବାଂଧବ ବିଦା ହୋଇଗଲେ ।

ଏବେ ନିଜ ଚିନ୍ତା । ମେଡ଼ିକାଲ କଲେଜରେ ମାତ୍ର ଗୋଟିଏ ବର୍ଷ କଟିଛି । ଆଗକୁ ଆହୁରି ଚାରିବର୍ଷ । ଖର୍ଚ୍ଚ କେଉଁଠୁ ଆସିବ ? ଘର କେମିତି ଚଳିବ ? ଘରେ ତରଳ ବୟସର ବିଧବା ଭାଉଜ । କେମିତି ରହିବେ ଏକଲା ? ଏସବୁ ସମସ୍ୟାକୁ ନେଇ ଭାରାକ୍ରାନ୍ତ ହୋଇ ପଡ଼ିଲି ।

କାହାର ପରାମର୍ଶ ନେବି ? ଗାଁର ପ୍ରଥମ ମାଟ୍ରିକୁଲେଟ, ପ୍ରଥମ କଲେଜ ପଢୁଆ, ଡାକ୍ତରୀ ଛାତ୍ର ବୋଲି ଯେଉଁ ଦମ୍ଭ ଥିଲା ତା ବି ଭାଙ୍ଗି ପଡ଼ିଲା । ତଥାକଥିତ ହିତାକାଂକ୍ଷୀମାନେ କହିଲେ କୁଳାକ ଚାଉଳ କୁକୁରକୁ ଦେଇ ଖପରାରେ ଖାଇବୁ ? ଜମିବାଡ଼ି ସବୁ ଅଜଡ଼ା ହେବ । ଭୂତ ଖାଇବେ । ଦି ବାଟି ସଂପତ୍ତି, ଦି'ଟା ପେଟ । ପେଟ କ'ଣ ଅପୋଷା ରହିବ ? ଘରେ ରହି ଚାଷ ଖବର ବୁଝ । ଈର୍ଷାରେ ଜଳୁଥିବା ଶକୁନୀ ମାନଙ୍କର ଚାଲ୍ ଜାଣିବାକୁ ବାକୀ ନ ଥିଲା ।

ଆମର ଯେଉଁ ବଂଧୁମାନେ କିଛି କିଛି ପାଠ ପଢ଼ିଥିଲେ, ପଇସା ରୋଜଗାର କରୁଥିଲେ - ମୋ ପିଉସୀପୁଅ ହରିଶ ଭାଇ, ଭିଣୋଇ ଦାମଜେନା ସାହାଯ୍ୟ କରିବା ତ ଦୂରର କଥା ପଦେ ସାନ୍ତ୍ୱନା ବାଣୀ ବି ଶୁଣାଇଲେ ନାହିଁ । ମୋ ପିଲାଦିନର ପ୍ରାଥମିକ ସ୍କୁଲ ଶିକ୍ଷକ ବୃନ୍ଦାବନ ରାଉତ, ଯେଉଁ କାରଣରୁ ହେଉନା କାହିଁକି ସାହସ ଦେଇ କହିଥିଲେ, ପାଠପଢ଼ା ବଂଦ କରନି ପଇସା ଯେଉଁଠୁ ହେଲେ ଆସିବ ।

ଘରେ ଜଣେ କାହାକୁ ରଖିବାକୁ ହେବ ଘର ଖବର ବୁଝିବା ପାଇଁ । ଏଇ ଆଶା ନେଇ ମୋର ଦାଦା ଚକ୍ରଧର ପରିଡ଼ାଙ୍କୁ ନେଇ ଗଲି ବେଣୀପୁର । ସେ ଆମର ଟାଣୁଆ ବଂଧୁ । ବଳିଆରା ଉପାଧି । ତାଙ୍କ ଘରେ ବହୁତ ପିଲା । ଚାହିଁଥିଲେ ଘର ଖବର ବୁଝାବୁଝି ପାଇଁ କାହାକୁ ଜଣକୁ ପଠାଇ ପାରିଥାନ୍ତେ । ମୋ ପିଉସାଙ୍କ ବଡ଼ଭାଇ ଜୟକୃଷ୍ଣ ବଳିଆରା କହିଲେ ନିର୍ବାଣଦୀପେ କିମୁ ତୈଳଦାନଂ । ମୋ ପିଉସୀ ଇହଧାମରେ ନ ଥିଲେ । ମୋ ନିଜ ପିଉସା କଲେଜ ଖର୍ଚ୍ଚ ପାଇଁ ମଝିରେ ମଝିରେ ଟଙ୍କା ସାହାଯ୍ୟ ଦେଇଛନ୍ତି । ମତେ ସେ ଖୁବ୍ ଭଲ ପାଉଥିଲେ ।

Digitized by srujanika@gmail.com

ମୋ ଭାଇଙ୍କ ଶଳା ବଟକୃଷ୍ଣ ସାମଲ । ତାଙ୍କର ପାଠ ଶାଠ ବହୁତ କମ୍ । ସେ ଜମିଦାରୀ ସିରସ୍ତା ବୁଝନ୍ତି । ତାସ କି ପଶା ଖେଳନ୍ତି । ସେ କିନ୍ତୁ ଆଗେଇ ଆସିଲେ ସାହାଯ୍ୟ କରିବାକୁ । ହୋଇପାରେ ତାଙ୍କ ଭଉଣୀର ସ୍ୱାର୍ଥ ପାଇଁ। ତାଙ୍କ ସାନଭାଇ ନାରଣ ରହିଲା ଘର ଖବର ବୁଝିବା ପାଇଁ । ପ୍ରତି ମାସରେ କୋଡ଼ିଏ ଟଙ୍କା ଲେଖାଁ ଦେବାପାଇଁ ପ୍ରତିଶ୍ରୁତି ଦେଲେ । ତାଙ୍କ ଜମିଦାରୀ ଖବର ବୁଝୁଥିବା ବିଚ ମହାନ୍ତି ପ୍ରତି ମାସରେ କୋଡ଼ିଏ ଟଙ୍କା ଲେଖାଁ ଦେଇ ମୋ ଠାରୁ ରସିଦ ନେଉଥିଲେ । ମୁଁ ପାଶ୍ କରିବା ମାତ୍ରେ ତାଙ୍କର ସବୁ ଟଙ୍କା ସୁଝି ଦେଇଛି । ମୋର ଅନ୍ୟ ପିଉସା ରାମଚନ୍ଦ୍ରପୁରର ବେଣୁଧର ବେଉରିଆ ବି ପାଠପଢ଼ା ଖର୍ଚ୍ଚ ପାଇଁ ମଝିରେ ମଝିରେ ସାହାଯ୍ୟ ଦେଉଥିଲେ ।

ଘର ସମସ୍ୟା ସମାଧାନ ହୋଇଗଲା । ପାଠପଢ଼ା ପାଇଁ କୋଡ଼ିଏ ଟଙ୍କା ମିଳିବା ପରେ ମୋର ସାହସ ହୋଇଗଲା । ଆଉ ୫/୧୦ଟଙ୍କା ହେଲେ କାମ ଚଳିଯିବ । ନ ହେଲେ ଜମି ବିକାଯିବ । ସେ ତ ଶେଷ ଅସ୍ତ୍ର ।

ଭାଇ ସବୁ ଜମି ଭାଗ ଦେଇଥିଲେ । ମୁଁ ଘରର ଆୟ ବଢ଼ାଇବା ପାଇଁ ନାରଣ ଭରସାରେ ସବୁ ଜମି ହାତକୁ ନେଇ ଆସିଲି । ଏଥିରେ ମତେ ପ୍ରଥମ ବର୍ଷ ସାହାଯ୍ୟ କଲେ ଆମ ପାଖ ଗ୍ରାମ ମିରିଜାପୁର କୋଳିତିରା, ତେଲିପାଟଣାର ଚାଷୀଭାଇମାନେ । ସେଇ ମାନଙ୍କ ହଳ ଲଙ୍ଗଳରେ ଚାଷ ଓ ବୁଣାବୁଣି ହୋଇଗଲା । ସେ କାଳରେ କଳ ଲଙ୍ଗଳ ନ ଥିଲା କି ମୂଲିଆ ସମସ୍ୟା ନ ଥିଲା । ତା ପରବର୍ଷ ମୁଁ ଧାର ଉଧାର କରି ଚାରିହଳ ବଳଦ କିଣିଦେଲି । ଗୋପୀ ମଳିକ, ଗୋଖେଇ ଜେନା, ମୂଷେଇ ମଳିକ, ଯୁତି ମଳିକ ସମେତ ୪/୬ ଜଣ କୋଠିଆ ରହିଲେ । ନଟ ଜେନା ରହିଲା ବଳଦ ରଖିବାକୁ ।

ନାରଣ ଖୁବ୍ ହିସାବୀ । ଚାଷରେ ତାର ବହୁତ ଅଭିଜ୍ଞତା । ଚାଷକାମ ସେ ସୂଚାରୁ ରୂପେ ତୁଲାଇଲା । ବାଡ଼ି ବଗିଚାରୁ କଦଳୀ, ନଡ଼ିଆ, ପନିପରିବା ଆସିଲା । ସେଥିରେ ଘରଖର୍ଚ୍ଚ ବାଦ କିଛି ଉଦ୍‌ବୃତ୍ତ ବି ରହିଲା ।

ଅଚ୍ଚ କିଛି ଟଙ୍କା ହାତରେ ଧରି ମୁଁ କଲେଜ ଫେରିଥିଲି । ଜଣେ ଛାତ୍ରନେତା ତଥା ମେଧାବୀ ଛାତ୍ର ଭାବେ ମତେ ପ୍ରଫେସର ମାନେ ଜାଣିଥିଲେ । ମୋର ଏ ଦୁର୍ଦ୍ଦିନରେ ସେମାନଙ୍କ ସହାନୁଭୂତି ଆପେଆପେ ଓଜାଡ଼ି ହୋଇ ପଡ଼ିଲା । କଲେଜରେ ହେଉଥିବା ପ୍ରତିଯୋଗିତା ଗୁଡ଼ିକରେ ଭାଗନେଇ ସେଥିରୁ କିଛି ପାଉଥାଏ । ଛାତ୍ରବୃତ୍ତି ବି ମିଳିଲା । ଉପାସ ଭୋକେ ଆଗେଇଲି । ଜମିଦାର ପିଲା ତ ଗୁମାନ ଭାଙ୍ଗିନି ।

ଛାତ୍ରାବାସରେ ଥିବାବେଳେ, ଯେଉଁମାନଙ୍କ ଠାରୁ ରାଜନୀତି କରିବା ପାଇଁ ଭାଇ କରଜ ଆଣିଥିଲେ, ସେମାନେ ଆସି ପଇସା ପାଇଁ ମୁଣ୍ଡ ଗଡ଼ାନ୍ତି । ମୁଁ ନମ୍ର ଭାବରେ କହେ ଡାକ୍ତର ହେଲେ ତୁମ ପଇସା ସୁଝି ଦେବି। ମନେ ପଡ଼େ ସାତପଢ଼ା ଉଦ ଅଧିକାରୀଙ୍କ ତାଗିଦ୍ । ଥରେ ବିରକ୍ତ ହୋଇ କହିଲି, ହ୍ୟାଣ୍ଡ୍‌ନୋଟ୍ ତ ଅଛି । ମକଦ୍ଦମା କରି ପଇସା ନେଉ ନାହାନ୍ତି ? ଯା ହେଉ ଡାକ୍ତର ହେବା ପରେ ଭାଇଙ୍କ କରଜ ସବୁ ସୁଝି ଦେଇଛି ।

Digitized by srujanika@gmail.com

ଭାଇ ତାଙ୍କ ଶେଷ ଜୀବନରେ ଚାଳଘର ଖଣ୍ଡିଏ କରୁଥିଲେ । କାଠ ଆଣିଥିଲେ ବେଣୀପୁର ପିଉସାଙ୍କଠାରୁ । ବାଉଁଶ ଓ ରଶି ଅଳିଆଡିଆ ଶିବ ପାତ୍ରଙ୍କଠାରୁ। ଏପରିକି ମିସ୍ତ୍ରୀ ମଜୁରୀ ମଧ୍ୟ ବାକୀ ଥିଲା । ସମସ୍ତଙ୍କ ପଇସା ଦିଆ ହୋଇଗଲା । ଘର କିନ୍ତୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ବହୁଦିନ ରହିବା ପରେ ଭଙ୍ଗା ହୋଇ ସେ ସ୍ଥାନରେ ଗୋଟିଏ କୋଠା ହୋଇଛି ।

ଭାଇ ମଲାବେଳକୁ ନୂଆବୋଉ ଅନ୍ତଃସତ୍ତ୍ୱା । ତାଙ୍କର ଆଗରୁ ଦୁଇଟି ପିଲା ହୋଇ ଜନ୍ମର ମାସକ ଭିତରେ ପରଲୋକ ପ୍ରାପ୍ତି ହୋଇଛି । ଗର୍ଭସ୍ଥ ସନ୍ତାନ ଯେ ଅତ୍ୟନ୍ତ ମୂଲ୍ୟବାନ କାହାରି ସଂଦେହ ନାହିଁ । ମୁଁ ଡାକ୍ତରୀ ପଢୁଛି, ଭାଉଜଙ୍କର ଅଳିଅଳ ଦିଅର । ମୋ ଦାୟିତ୍ୱ ସମ୍ବନ୍ଧରେ ମୁଁ ସଚେତନ ହୋଇ ପଡ଼ିଲି । ମୁଁ ତ ମାତ୍ର ଦ୍ୱିତୀୟ ବାର୍ଷିକ ଛାତ୍ର । ଏ ସମ୍ବନ୍ଧରେ ମୋର ଜ୍ଞାନ ନାହିଁ । ପରାମର୍ଶ କଲି ଉପର ଶ୍ରେଣୀର ଛାତ୍ର ହାଉସ ସର୍ଜନ ଓ ଷ୍ଟୁଡେଣ୍ଟ ମାନଙ୍କ ସହ । ତାଙ୍କୁ ଯେତେ ଶୀଘ୍ର କଟକ ଆଣି ପରୀକ୍ଷା ନିରୀକ୍ଷା କରିବା ଜରୁରୀ ମନେ ହେଲା । କଟକରେ ରହିବେ କେଉଁଠି ? ମୋର ସମ୍ବଳ କାହିଁ । ଏ ବିଷୟରେ ମୋର ମୁଖ୍ୟ ପରାମର୍ଶଦାତା ଡାକ୍ତର ଭକ୍ତ ପଟ୍ଟନାୟକ । ସେ ସେତେବେଳେ ପ୍ରସୂତି ବିଭାଗର ହାଉସ ସର୍ଜନ ଥିଲେ । ଏବେ ଇଂଲଣ୍ଡରେ କନସଲଟାଣ୍ଟ ଅଛନ୍ତି ।

ସାତମାସ ଗର୍ଭ ହୋଇଥିବାବେଳେ ତାଙ୍କୁ କଟକ ଅଣାଗଲା । ସବାରିରେ କେନ୍ଦ୍ରାପଡ଼ା । ସେଠୁ ଲଞ୍ଚରେ କଟକ । ସାଥିରେ ଦୁଇଜଣ ସହାୟିକା । ମଲ୍ଲୀ ଓ ଫୁଲଅପା । ତାଙ୍କ ସହିତ ୧୩ ଜଣ ଦେଖଣାହାରୀ । ଏମାନଙ୍କ ଖର୍ଚ୍ଚ ତୁଲାଇବା ମୋ ପକ୍ଷେ କଷ୍ଟକର ବ୍ୟାପାର । ଯା ହେଉ ସେ ଆସି ପ୍ରସୂତି ଭବନରେ ରହିଲେ । ଭକ୍ତବାବୁ ତ ସେଇଠି ଥାନ୍ତି । ରକ୍ତପରୀକ୍ଷା ପରେ ପେନ୍‌ସିଲିନ୍ ଇଂଜେକ୍‌ସନ ଦିଆଗଲା । ସେତେବେଳେ ନୂଆକରି ପେନ୍‌ସିଲିନ୍ ବାହାରିଥାଏ । ପ୍ରସବ ସମୟ ତ ଡେରି ଥିଲା । ତେଣୁ ସେ ଯାଇଁ ତାଙ୍କ ଭଉଣୀ ଘର କଣ୍ଟେଇ ଦେଇ ବସାରେ ରହିଲେ । ତାଙ୍କ ଭଉଣୀଜ୍ୱାଇଁ ଖୁବ୍ ଭଲ ଲୋକ । ଗର୍ଭ ଯନ୍ତ୍ରଣାହେବା ପୂର୍ବରୁ ଡାକ୍ତରଖାନରେ ଆଣି ଛାଡ଼ି ଦେଇଗଲେ । ମୁଁ ଅବଶ୍ୟ ସ୍ଥିର କରିଥିଲି ସମୁଦାୟ ସମୟ ଡାକ୍ତରଖାନରେ ରଖିବାକୁ ।

ମୁଁ ମୋ ସାଙ୍ଗ ମାନଙ୍କ ସହାୟତାରେ ଯୋଗାଡ଼ କଲି ଶାନ୍ତି ନାମ୍ନୀ ଜଣେ ସହାୟିକା । ଭକ୍ତବାବୁ ଓ ଜଣେ ଆଙ୍ଗ୍‌ଲୋ ଇଣ୍ଡିଆନ୍ ନର୍ସ ଲିଲିର ପ୍ରଚେଷ୍ଟାରେ ସୁରୁଖୁରୁରେ ଜନ୍ମନେଲା ଏକ କନ୍ୟା ସନ୍ତାନ ୧୯୫୨ ମସିହା ମାର୍ଚ୍ଚ ମାସରେ । ମନ ଫିକା ପଡ଼ିଗଲା। ଏତେ କଷ୍ଟ ସହିଥିଲି । ଦୁହିତା ଦୁଇ କୂଳକୁ ପିତା । ମା'ର କ୍ଷୀର ହେଉନି । ପିଲା କାନ୍ଦୁନି । ଶାନ୍ତିର ଅକ୍ଳାନ୍ତ ପ୍ରଚେଷ୍ଟାରେ ପିଲା କାନ୍ଦିଲା । କେତେକ କାରଣରୁ ଡାକ୍ତରଖାନାରେ ଅଧିକ ଦିନ ରଖି ହେଲାନି । ମା ଓ ଛୁଆ ଆସିଲେ ରାଣୀହାଟ ଗଉଡ଼ସାହିର ଗୋଟିଏ ଭଡ଼ା ଘରକୁ । ଶାନ୍ତି ସେଠି ଅନବରତ ରହୁଥାଏ ।

ଏକୋଇଶିଆ ଦୁଇଦିନ ଥାଏ । ପଳସିଂହା ନେଇ ଆସିଲି । ସେଠି ବିନା ଯାକ ଯମକରେ ଏକୋଇଶିଆ ହେଲା । ଅମୁଲ ଖାଇ ଛୁଆ ଆସ୍ତେ ଆସ୍ତେ

Digitized by srujanika@gmail.com

ବଢ଼ିଲା । ଶାନ୍ତିର ତତ୍ତ୍ୱାବଧାନରେ ଜନ୍ମିଥିବାରୁ ଓ ଘରେ ଶାନ୍ତି ଫେରାଇ ଆଣିଥିବାରୁ ତାର ନାମ ରଖାଗଲା ଶାନ୍ତି ।

ସମୟ ଗଡ଼ି ଚାଲିଛି । ସବୁ କାମ ଭିତରେ ବହି ଟିକିଏ ଦେଖୁଥାଏ । ହେଲେ ପ୍ରାକ୍ଟିକାଲ କିପରି ହେବ ? ଯଥା ସମୟରେ ଫାଷ୍ଟ ଏମ୍.ବି.ବି.ଏସ୍ ପରୀକ୍ଷା ହେଲା ୧୯୫୨ରେ । ବିଳମ୍ବରେ ନାମ ଲେଖା, ପିଉସା ଓ ଭ୍ରାତୃ ବିୟୋଗ, ଭାଉଜଙ୍କୁ କଟକ ଆଣି ଚିକିତ୍ସା, ଧର୍ମଘଟ ଇତ୍ୟାଦିରେ ବ୍ୟସ୍ତରହି ଭଲଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ପାରି ନଥିଲି । ଶରୀର ବିଜ୍ଞାନ - ଆନାଟମିରେ କୃତକାର୍ଯ୍ୟ ହୋଇ ପାରିଲିନି । ପରୀକ୍ଷାରେ ଅକୃତକାର୍ଯ୍ୟ ହେବାର ସ୍ୱାଦ ପ୍ରଥମଥର ପାଇଁ ଚାଖିଲି । କିନ୍ତୁ ଭାଙ୍ଗି ପଡ଼ିଲିନି । ପର ଛମାସରେ କୃତକାର୍ଯ୍ୟ ହେଲି ।

ସେକେଣ୍ଡ ଏମ୍.ବି.ବି.ଏସ୍‌ରୁ ବା ଥାର୍ଡ଼ ଇଅରରୁ କ୍ଲିନିକାଲ କ୍ଲାସ ଆରମ୍ଭ । ରୋଗୀ ଆଉଟଡୋର, ଇନ୍‌ଡୋର ସହ ଆମର ସଂପର୍କ ଆରମ୍ଭ । ବିଷୟବସ୍ତୁ କିନ୍ତୁ ନିଦାନ ବା ପାଥୋଲଜି - ପରୀକ୍ଷା କରିବ ମଳ, ମୂତ୍ର,ଖଙ୍କାର । କିନ୍ତୁ ଏଇ ରିପୋର୍ଟକୁ ଭିତ୍ତି କରି ରୋଗ ନିର୍ଣ୍ଣୟ କରାଯାଏ । ପ୍ରଫେସର ଥାନ୍ତି ଗୋପୀ ମହାନ୍ତି, ଜଗଦୀଶ ଦତ୍ତ । ହାଇଜିନ୍ ବା ସ୍ୱାସ୍ଥ୍ୟରକ୍ଷା, ହଇଜା, ବସନ୍ତ ଆଦି ସଂକ୍ରାମକ ରୋଗର ସଂକ୍ରମଣ ବଂଦ କିପରି କରାଯିବ ତା ପାଇଁ ଏପାଠ , ତା ପାଇଁ ବି ଅଲଗା ଡିପାର୍ଟମେଣ୍ଟ ପବ୍ଲିକ୍ ହେଲ୍‌ଥ । ଦରମା ବେଶି । ପ୍ରଫେସର ଥାନ୍ତି ଡାକ୍ତର ପାଣିଗ୍ରାହୀ । ତାଙ୍କରି ନୋର୍ଟ ପଢ଼ି ଆମେ ପାଶ୍ କରୁ । ପ୍ରଶ୍ନ ଆସେ କେବଳ ସେହି ନୋଟରୁ ବହିରୁ ନୁହେଁ । ୩ୟ ବିଷୟ ବସ୍ତୁ ଯୁରିସପ୍ରୁଡେନ୍ସ ବା ମେଡ଼ିକୋଲିଗାଲ କେସ୍ ଉପରେ ସମୀକ୍ଷା । ବିଶେଷ କରି ଶବ ବ୍ୟବଚ୍ଛେଦ । ଗୁଳିଗୋଳା ସମେତ ବିଭିନ୍ନ ଅସ୍ତ୍ର ଶସ୍ତ୍ରରେ ମାଡ଼ର ଚିହ୍ନ ଇତ୍ୟାଦି । ଏଥିପାଇଁ ଆମକୁ କୋର୍ଟକୁ ବାରଂବାର ଧାଇଁବାକୁ ପଡ଼େ । ଅବଶ୍ୟ ଦି ପଇସା ରୋଜଗାର ହୁଏ । କଟକର ସିଭିଲ ସର୍ଜନ ଆସି ଯୁରିସ ପଢ଼ାନ୍ତି । ଶେଷ ବିଷୟଟି ଫର୍ମାକୋଲଜି ରୋଗପାଇଁ ଔଷଧ ଓ ତାର ଅନୁପାନ । ଏଇ ବିଷୟ ଗୁଡ଼ିକ ସିଧା ସଳଖ କ୍ଲିନିକାଲ ନ ହେଲେ ବି ପରୋକ୍ଷ ସଂପର୍କ ରହିଛି ।

ଥାର୍ଡ ଇଅରର ପ୍ରାରମ୍ଭରେ ଆପ୍ରନ ପିନ୍ଧି କାନ୍ଧରେ ଷ୍ଟେଥୋ ଝୁଲାଇ ହାତରେ ରକ୍ତଚାପ ମାପ ଯନ୍ତ୍ର ଧରି ହଲିହଲି ୱାଡ଼କୁ ଯିବାର ଆନନ୍ଦ କଳନା କରି ହେବନି । ତୃତୀୟ ବାର୍ଷିକ ଛାତ୍ରର ଷ୍ଟେଥୋ ପ୍ରତି ସରାଗ ଠିକ୍ ନବ ବିବାହିତ ସ୍ୱାମୀର ସ୍ତ୍ରୀ ପ୍ରତି ଆକର୍ଷଣ ।

ସକାଳ ବେଳା ବହିର୍ବିଭାଗ । ୱାର୍ଡରେ ରୋଗୀ ଦେଖା ଆଲୋଚନା, ସର୍ଜରୀ ୱାର୍ଡରେ ଡ୍ୟୁଟି ଥିଲେ ଅପରେସନ ଦେଖା । ପ୍ରସୂତି ବିଭାଗରେ ପ୍ରସବ କାଳରେ ସାହାଯ୍ୟ କରିବା ଇତ୍ୟାଦିରେ ସମୟ ଯାଏ । ଉପରବେଳା କ୍ଲାସ କରୁ ।

୩ୟ ବାର୍ଷିକ ଛାତ୍ର ଥିବା ସମୟର ଦୁଇଟି ଘଟଣା ମନେ ପଡୁଛି ।

ତୃତୀୟ ବାର୍ଷିକ ଛାତ୍ର ଭାବେ ଲକ୍ଷ୍ନୌ ଗଲୁ ନିଦାନ ବିଭାଗର କିଛି ପ୍ରତ୍ୟେକ୍ଷ ଜ୍ଞାନାର୍ଜନ ପାଇଁ । ଆମ ସାଥିରେ ଝିଅ ପିଲାମାନେ ବି ଗଲେ । ଆମ ସାଙ୍ଗରେ

Digitized by srujanika@gmail.com

୫ଜଣ ଝିଅ ପଢୁଥିଲେ । ରାଧାମଣୀ ଦେବୀ ଏବେ ଜଣେ ପ୍ରତିଷ୍ଠିତ ନାରୀ ନେତ୍ରୀ । ଆଶା କର ଇହଧାମରେ ନାହାନ୍ତି । ସ୍ୱର୍ଣ୍ଣ, ବାଙ୍ଗାରାମା ଓ ଯହିରୁବ ନିଶା ବେଗମ । ଏ ସମସ୍ତେ ଜଣେ ଜଣେ ଦକ୍ଷ ଡାକ୍ତରାଣୀ ଭାବେ ଏବେ ବି କାମ କରୁଛନ୍ତି । କଟକରୁ ଟ୍ରେନରେ ସିଟ୍ ସବୁ ରିଜର୍ଭ । ରାଧାମଣି ଟିକିଏ ଆଗଭର । ଉଦ୍ଦାମ ଯୌବନରେ ସମସ୍ତେ ମତୁଆଲା । ଗାଡ଼ି ଚାଲିଲା । ସମସ୍ତେ ଏକ ସ୍ୱରରେ ତାଳି ମାରି ଗାଇଲେ ସିନେମା ଗୀତର ଅନୁକରଣରେ – "ଚାଲେ ରାଧାମଣି, ହାତେ କାତି ଘେନି, କାଟି ନେବରେ ତୋର ଗଣ୍ଡିଧନକୁ" । ପ୍ରତିରୋଧ କରିବାକୁ କାହାରି ଯୁ •ନାହିଁ ।

ଲକ୍ଷ୍ନୌ ମେଡ଼ିକାଲ କଲେଜରେ ନିଦାନ ବିଭାଗ ବୁଲି ଦେଖିଲୁ । ସମସ୍ତେ ତ ହୋଟେଲରେ ଖାଉ । ସେଠି ମୁଣ୍ଡ ଗଣତିରେ ପଇସା ଦିଆଯାଏ । ଆମ ସାଥିରେ ଥାନ୍ତି ପ୍ରଫୁଲ ତ୍ରିପାଠୀ । ସେ ଥରକେ ୨୦/୨୫ଟି ଚପାଟି ଖାଇଯାନ୍ତି । ହୋଟେଲ ବାଲା ଜଳକା ।

ଗୋମତୀ ନଦୀ କୂଳରେ ଲକ୍ଷ୍ନୌ ସହର । ଏଇଟିକୁ ନବାବ ନଗରୀ, ସିଟି ଅଫ୍ ନବାବସ୍ କୁହାଯାଏ । କ୍ଲକ ଟାୱାର, ରୁମି ଦରୱାଜା, ଛତର ମଂଜିଲ, ବଡ଼ ଇମାମ ବଡ଼ା, ଛୋଟ ଇମାମବଡ଼ା ଡିଲଖୁସ ଏମିତି ସବୁ ବୁଲି ଦେଖିଲୁ । ସବୁ ନବାବ ମାନେ ହିଁ ଗଢ଼ିଛନ୍ତି ।

ଆମେ କେଇଜଣ କୃଷ୍ଣଙ୍କର ଜନ୍ମସ୍ଥାନ ବ୍ରଜଭୂମି ଦେଖିବାକୁ ବାହାରିଲୁ । ମଥୁରା ଓ ଗୋକୁଳକୁ ନେଇ ବ୍ରଜଭୂମି, ଯମୁନା ନଈର ପୂର୍ବରେ ଗୋକୁଳ (ଗଉଡ଼ଙ୍କ ବାସସ୍ଥଳୀ) ପଶ୍ଚିମରେ ମଥୁରା । ମଥୁରାରେ କୃଷ୍ଣ ଜନ୍ମ ହେବାପରେ ବସୁଦେବ ତାଙ୍କୁ ଗୋକୁଳକୁ ଲୁଚାଇ ନେଇଆସି ନନ୍ଦ ଘରେ ରଖିଥିଲେ । ଏସବୁ ପୁଣ୍ୟଭୂମି ।

ମଥୁରା ଯମୁନା କୂଳରେ ଛୋଟ ସହରଟିଏ । ବୃନ୍ଦାବନ ମଥୁରାରୁ ୧୫ କି.ମି. । ଛୋଟ ଗ୍ରାମଟିଏ । କିନ୍ତୁ ମଥୁରାର ସୀମା ଭିତରେ । ଏଠି କୃଷ୍ଣ ଗୋପୀ ଓ ରାଧାଙ୍କ ସହ ଲୀଳା କରୁଥିଲେ । ସେଇ ପାଖରେ ସବୁ ନନ୍ଦଗାଁ, ଗୋବର୍ଦ୍ଧନ । କୁସୁମ ସରୋବର ଇତ୍ୟାଦି । ଯା ହେଉ କୌତୁହଳି ମନଟା, ଟିକିଏ ଶାନ୍ତ ହେଲା । ଲକ୍ଷ୍ନୌରୁ ଯଥା ସମୟରେ ଫେରି ଆସିଲୁ ।

ସେ ସମୟରେ ମେଡ଼ିକାଲ କଲେଜ ଡ୍ରାମା ପାଇଁ ନାମ କରିଥାଏ । ବାବି, ପୀର ଆସି ନିର୍ଦ୍ଦେଶନା ଦିଅନ୍ତି । କିନ୍ତୁ ସବୁ ଐତିହାସିକ ନାଟକ । ପୁଅପିଲାମାନେ ଝିଅ ପାର୍ଟ କରନ୍ତି । ସେ ବର୍ଷ ଜଗତ ମୋହନ ସୁବୁଦ୍ଧି ଡ୍ରାମା ସେକ୍ରେଟାରୀ । ଝୁଙ୍କ ସାମାଜିକ ନାଟକ ହେବ । ଝିଅ ପିଲା ଅଭିନୟ କରିବେ । ରାଜେଶ୍ୱରୀ ଦଳବେହେରା ପାର୍ଟ ନେବା ପାଇଁ ରାଜି ହୋଇଥାନ୍ତି । ତାଙ୍କ ମା'ଙ୍କର ସର୍ତ୍ତ ପୁଅ ଝିଅ ଗୋଟିଏ ଦୃଶ୍ୟରେ ରହିବେ ନାହିଁ । ସେହି ଅନୁସାରେ ଡ୍ରାମା ଲେଖାହେଲା । ଲେଖିଲେ ନାଟ୍ୟକାର ନିତ୍ୟାନନ୍ଦ ମହାପାତ୍ର । ନାମ ରହିଲା 'ନାଟକ' । ନିର୍ଦ୍ଦେଶନା ଦେଲେ ବାବି । ବିଷୟବସ୍ତୁ ନାଟ୍ୟ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଛି । ଗୋଟିଏ ଦୁଇଟି ଦୃଶ୍ୟପରେ ଦର୍ଶକମାନେ ନାୟିକାକୁ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି ।

Digitized by srujanika@gmail.com

ନାୟିକାକୁ ଖୋଜା ଚାଲିଛି । ନାୟିକା ରେଳ ଦୁର୍ଘଟଣାରେ ନିହତ । ଯବନିକା ପଡ଼ିଛି । ପଚାଶ ବର୍ଷ ତଳେ ଏ ଥିଲା ମେଡ଼ିକାଲ ରଂଗମଂଚର ଅବସ୍ଥା ।

୪ର୍ଥ ବାର୍ଷିକ ଛାତ୍ର ଥିବା ବେଳେ ବମ୍ବେ ଗଲୁ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଳିଆ ଆବର୍ଜନା ସମେତ ମହାନଗରୀର ବର୍ଜ୍ୟବସ୍ତୁ ସବୁ କିପରି ସମୁଦ୍ରରେ ଫିଙ୍ଗା ହେଉଛି ଦେଖିବା ପାଇଁ । ଆମ ଉଦ୍ଦେଶ୍ୟ ଭାରତ ଭ୍ରମଣ ଓ ଦର୍ଶନୀୟ ସ୍ଥାନ ସବୁ ଦେଖି ଉପଭୋଗ କରିବା ।

ବମ୍ବେରେ ଭାରତର ପ୍ରବେଶଦ୍ୱାର ଗେଟଓ୍ୱେ ଟୁ ଇଣ୍ଡିଆ ଗେଟ୍ ଦେଖିଲୁ । ୧୯୨୭ରେ ତିଆରି ହୋଇଛି । ପଂଚମ ଜର୍ଜଙ୍କର ୧୯୧୧ରେ ଭାରତ ଆଗମନର ସ୍ମାରକୀ ରୂପେ ।

ହଜରତ ହାଜି ଅଲି ମସଜିଦ । ଟାଉନ ହଲରେ ଲାଇବ୍ରେରୀ, କ୍ରଫୋଡ଼ ମାର୍କେଟ ଇତ୍ୟାଦି ବୁଲିଲୁ । ମାଡ୍ରାସ ଭଳି ବମ୍ବେର ସମୁଦ୍ର ଉପକୂଳ ଜୁହୁବିଚ ମଧ ଉପଭୋଗ୍ୟ । କିନ୍ତୁ ମହାନଗରୀଠାରୁ ଦୂରରେ ପ୍ରାୟ ୩୦ କିଲୋମିଟର ।

ବମ୍ବେ ଆସି ହାତୀଗୁମ୍ଫା ନ ଦେଖିଲେ ଭ୍ରମଣ ସଂପୂର୍ଣ୍ଣ ହେବନି । ହାତୀଗୁମ୍ଫା ଦ୍ୱୀପ ଗେଟଓ୍ୱେ ଅଫ ଇଣ୍ଡିଆ ଠାରୁ ୧୦ କି.ମି. ଦୂର । ପର୍ତ୍ତୁଗୀଜ ମାନେ ଏଠାରେ ପାଦ ଦେବାବେଳେ ଗୋଟେ ହାତୀ ମୂର୍ତ୍ତି ଦେଖି ଏପରି ନାମ କରଣ କରିଛନ୍ତି । ଆପୋଲୋ ବଂଦରଠାରୁ ମଟର ବୋଟ ସବୁ ଯାତ୍ରୀମାନଙ୍କୁ ସେଠାକୁ ନିଏ ଓ ବୁଲାବୁଲି ପରେ ଫେରିଆସେ । ଏହା ଗୋଟିଏ ଶିବ ମନ୍ଦିର । ଷାଠିଏ ହଜାର ବର୍ଗଫୁଟ ପରିମିତ ଅଂଚଳରେ ପଥର କାଟି ଏ ମନ୍ଦିର କରା ଯାଇଛି । କେଉଁଠି ଯୋଡ଼ା ହୋଇନି, କୋଡ଼ିଏ ଫୁଟ ଉଚ୍ଚତା ବିଶିଷ୍ଟ ଶିବଙ୍କର ତିନୋଟି ମୁଖ ଦେଖା ଯାଉଛି । ଏ ମୂର୍ତ୍ତି ଅତ୍ୟନ୍ତ ଚିତାକର୍ଷକ ଓ ଭାରତୀୟ ଚାରୁକଳାର ପ୍ରକୃଷ୍ଟ ନିଦର୍ଶନ । ମୂଳ ସଦାଶିବ ମୂର୍ତ୍ତି ଛାଡ଼ି ଆହୁରି ଆଠଟି ମୂର୍ତ୍ତି ଖୋଦେଇ ହୋଇଛି - କଲ୍ୟାଣ ସୁନ୍ଦର, ଗଂଗାଧର, ଅର୍ଦ୍ଧନାରୀଶ୍ୱର, ଉମାମହେଶ୍ୱର, ନଟରାଜ, ଯୋଗୀଶ୍ୱର ଇତ୍ୟାଦି ।

ହାତୀଗୁମ୍ଫା ଦେଖି ସାରିବା ପରେ କୌତୁହଳୀ ହୋଇ ଗଲୁ ଅରଙ୍ଗାବାଦର ଅଜନ୍ତା ଏଲୋରା ଦେଖିବାକୁ ।

ଅଜନ୍ତା ଅରଙ୍ଗାବାଦରେ । ଏଠି ୨୯ଟି ଗୁମ୍ଫା ଅଛି । ସବୁଠି ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ବା ତାଙ୍କ ଜୀବନୀ ଉପରେ ଆଧାରିତ ।

ଏଲୋରା ଅରଙ୍ଗାବାଦରୁ ୩୦ କି.ମି ଦୂର । ଏଠାରେ ୩୪ଟି ଗୁମ୍ଫା । ହିନ୍ଦୁ, ବୌଦ୍ଧ ଓ ଜୈନ ମାନଙ୍କର ସ୍ମାରକୀ । ଏଠାରେ ଥିବା କୈଳାଶନାଥ ମନ୍ଦିର ଦକ୍ଷିଣ ଭାରତୀୟ ମନ୍ଦିର ଢାଞ୍ଚାରେ ଅଷ୍ଟମ ଶତାବ୍ଦୀରେ ନିର୍ମିତ । ୬୦,୦୦୦ ବର୍ଗଫୁଟ ମାଡ଼ି ବସିଥିବା ମନ୍ଦିରର ଉଚ୍ଚ ୯୦ ଫୁଟ । ମନ୍ଦିର ଚାରିପଟେ ବୁଲିବାକୁ ପ୍ରଦକ୍ଷିଣ ପଥ ରହିଛି । କୁହାଯାଏ ୪୦୦,୦୦୦ ଟନ୍ ପଥର କଟାଯାଇ ଏ ମନ୍ଦିର ନିର୍ମାଣ କରାଯାଇଛି । ଯା ହେଉ ମନସ୍କାମନା ପୂର୍ଣ୍ଣ ହେଲା । ଆମେ କଟକ ଫେରି ଆସିଲୁ ଯଥା ସମୟରେ ।

ପରୀକ୍ଷା ପାଖେଇ ଆସିଲା । ଏବେ ପଢ଼ାପଢ଼ିରେ ଲାଗି ପଡ଼ିଲି । ଭଲରେ ଭଲରେ ପାଶ୍ ହୋଇଗଲା ।

Digitized by srujanika@gmail.com

ଏବେ ଫାଇନାଲ ଏମ୍.ବି.ବି.ଏସ୍ । ଭେଷଜ, ଅସ୍ତ୍ର ଚିକିତ୍ସା, ପ୍ରସୂତୀ ବିଦ୍ୟା, ଚକ୍ଷୁ ନାସା କର୍ଣ୍ଣ ଗଳା । ସବୁ ଗୁଡ଼ିକ ଜୀବନର ପ୍ରତି ମୁହୂର୍ତ୍ତରେ ଆବଶ୍ୟକ । ଡାକ୍ତରର ଦକ୍ଷତା, ରୋଗୀସେବା ଓ ସମାଜରେ ପ୍ରତିଷ୍ଠା ପାଇଁ ଜୀବନକୁ ପଣ ରଖି ଆଗେଇବାକୁ ପଡ଼ିବ । ସେକାଳରେ ସ୍ପେଶିଆଲାଇଜେସନ୍ ନ ଥିଲା । ସୁତରାଂ ସବୁ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡୁଥିଲା । ତଥାପି ଭେଷଜ ବିଜ୍ଞାନର ଚାହିଦା ବେଶୀ । ମୁଁ ତା ଉପରେ ଅଧିକ ଗୁରୁତ୍ୱ ଦେଉଥିଲି । ପ୍ରଫେସର ପେସାରୋଟି ଚାଲି ଯାଇଥାନ୍ତି । ରଘୁସାହୁ ପ୍ରଫେସର ହୋଇ ଆସିଥାନ୍ତି । ଗୋଟିଏ ଇଉନିଟ । କ୍ଲିନିକାଲ ପ୍ରଫେସର ମଦନ ପ୍ରଧାନ । ଆସିଷ୍ଟାଣ୍ଟ ପ୍ରଫେସର ଘନଶ୍ୟାମ ମହାପାତ୍ର । ରେଜିଷ୍ଟ୍ରାର ଶରତ ମିଶ୍ର, ପାର୍ଥ ରାଓ ସିନିଅର ହାଉସ ସର୍ଜନ । କେହି କାହାରିକୁ ଊଣା ନୁହନ୍ତି । ମୁଁ ଭଲ ପାଠପଢ଼ା, ଲେଖାଲେଖି, ୱାର୍ଡରେ ଖଟଣୀ ଦ୍ୱାରା ପ୍ରଫେସରଙ୍କୁ ସନ୍ତୁଷ୍ଟ କରି ରଖିଥାଏ ।

ସର୍ଜରୀରେ ଖେରା ସାହେବ ଆମକୁ ପଢ଼ାଇ ନାହାନ୍ତି । ଗିରିଜାବାବୁ ପ୍ରଫେସର, ରାଧାନାଥ ମିଶ୍ର କ୍ଲିନିକାଲ ପ୍ରଫେସର। କ୍ଷିତିଶ ବାବୁ ରେଜିଷ୍ଟ୍ରାର । ଏଠି ପାଠ ଅପେକ୍ଷା ଛୁରୀଧରା ବଡ଼କଥା । ରୋଗୀ କମକୁ ଡାକ୍ତର କମ୍ । ପ୍ରତିଦ୍ୱନ୍ଦ୍ୱିତା ବି କମ୍ । କ୍ଷିତିଶ ବାବୁଙ୍କୁ ତେଲ ମାରି ହାଇଡ୍ରୋସିଲ ହାର୍ଣ୍ଣିଆ ଶିଖିବା କଥା । କ୍ଷିତିଶ ବାବୁ ପାନୁଆ ମୁଁ ପାନ ଛୁଏନି । ମୁଁ ସେସବୁ ଭୁଲି ଚାରିଖଣ୍ଡ ପାନ ତାଙ୍କ ପାଇଁ ପକେଟରେ ଭରି ଅପରେସନ ଘରେ ପଶେ ।

ପ୍ରସୂତି ବିଭାଗରେ ଜ୍ୟୋସ୍ନା ଦେଇ ପ୍ରଫେସର, ଧର୍ମରାଓ ପଟ୍ଟନାୟକ କ୍ଲିନିକାଲ ପ୍ରଫେସର । ଜ୍ୟୋସ୍ନା ଦେଇ ଯାହା ପଢ଼ାନ୍ତି ପ୍ରଥମ ବେଞ୍ଚରେ ବସିଥିବା ପିଲାଙ୍କୁ ବି ଶୁଭେନି । ଅପରେସନ କହିଲେ ପ୍ରୋଲାପ୍ସ ରିପାୟାର, ତାହା ବି ଅତି ମନ୍ଥର । ଧର୍ମରାଓ ପଟ୍ଟନାୟକ ଭଲ ସର୍ଜନ, ଛାତ୍ର ବତ୍ସଳ । ପିଲାଙ୍କୁ କାମ ଶିଖାଇ ଦେବାକୁ ବି ବହୁତ ଆଗ୍ରହ । ମୁଁ ଅପରେସନରେ ତାଙ୍କୁ ସାହାଯ୍ୟ କରିବାକୁ ଚଟାପଟ ବାହାରି ଆସେ । ହେଉପଛେ ଥାର୍ଡ ଆସିଷ୍ଟାଣ୍ଟ ।

ଜ୍ୟୋସ୍ନାଦେଇ ଥାନ୍ତି ସମାଜସେବା ଏସ୍.ଏସ୍.ଜି ଦାୟିତ୍ୱରେ । ମୁର୍ଦ୍ଦାର ଉଠାଇଲେ ଖୁସି । ଆମେ ତ ପୁଚାସଢ଼ା ମୁର୍ଦ୍ଦାର କାଟୁଥିଲୁ । ଏବେ ସଦ୍ୟ ମୃତ ମୁର୍ଦ୍ଦାର ଉଠାଇବାକୁ କୁଣ୍ଠା କାହିଁକି ? ଖାଇବାକୁ ମିଳେ, ପ୍ରଫେସରଙ୍କ ସହ ଘନିଷ୍ଠତା ବଢ଼େ । ଜ୍ୟୋସ୍ନା ଦେଇ ଅବିବାହିତ ଥିଲେ। ସଦ୍ୟ ରେଜିଷ୍ଟ୍ରେସନ ମ୍ୟାରେଜ କରିଥାନ୍ତି ଜଣେ ଆଡ଼ଭୋକେଟଙ୍କୁ । ତାଙ୍କ ବାସଗୃହ ଆମ ହଷ୍ଟେଲ ପାଖାପାଖି । ଆଡ଼ଭୋକେଟ ଜଣକ ସାଇକେଲ ପେଲି ପେଲି କ୍ୱାର୍ଟରସ୍‌ରୁ ଯାନ୍ତି । ଦେଖିଲେ ଦୟା ଲାଗେ । ସେକାଳରେ ଲେଡି ଡାକ୍ତରମାନଙ୍କୁ ବିବାହ କରିବା ମନା ଥିଲା ।

ପ୍ରସୂତି ବିଭାଗରେ ଆଉ ଗୋଟିଏ ବଡ଼କାମ ସନ୍ତାନ ପ୍ରସବ । ଏଥିପାଇଁ ଆମକୁ ରାତି ଉଜାଗର ରହି ଜଗି ରହିବାକୁ ପଡ଼େ । ଦିନକର କଥା । ଡାକ୍ତର ସରସ୍ୱତୀ ସ୍ୱାଇଁ ଗୋଟେ ଫରସେପ୍ସ ଲଗାଇଥାନ୍ତି ଟାଣି ପାରୁ ନ ଥାନ୍ତି । ମୁଁ ଟାଣିଲି । ୧୨/୧୩ ପାଉଣ୍ଡର ପିଲା । ଜାଣିଜାଣି ତାଙ୍କ ଉପରେ ପଡ଼ିଗଲି । ଏମିତି ବି ହୁଏ ।

ଆଖିରେ ମହେନ୍ଦ୍ରବାବୁ ଦେବତା । କେହି ଫେଲ ହୁଅନ୍ତିନି । ଅପରେସନ କହିଲେ ଦନ୍ତୁଡ଼ା ଛୁରୀରେ ପରଳ (ମୋତିଆବିନ୍ଦୁ) କଢ଼ା । ନାସାକର୍ଣ୍ଣ ଗଳା ବିଭାଗରେ

Digitized by srujanika@gmail.com

ପ୍ରଫେସର ହୃଷୀକେଶ ହାଜରା । ସେ କାହିଁକି ମତେ ଭଲ ପାଉଥିଲେ ଜାଣେନା । ସେଥିପାଇଁ ମୁଁ ତାଙ୍କ ପାଖରେ ବର୍ଷେ ପାଖାପାଖି ହାଉସ ସର୍ଜନ ରହି କାମ କରିଛି । ତାଙ୍କ ପାଖରେ ଗୋକୁଳି ବାବୁ ଥାନ୍ତି । ଅପରେସନ କହିଲେ ପଲିପ କଢ଼ା ନାକଧୁଆ (ଆଣ୍ଟ୍ରମ ୱାସ) ନାକଦଣ୍ଡି କଟା (ଏମ୍.ଏମ୍.ଆର) ଟନସିଲେକ୍ଟମି କେତେବେଳେ କେମିତି ମାଷ୍ଟଏଡେକ୍ଟମି । ସେତକ ସେ ନିଜେ କରନ୍ତି ।

ସମସ୍ତଙ୍କୁ ସନ୍ତୁଷ୍ଟ କରି ପାଠ ପଢ଼ା ସାଥିରେ ୱାର୍ଡ କାମ ଓ ଅପରେସନ ସବୁ ଚାଲିଥାଏ ।

ସବୁବର୍ଷ ପରି ଶେଷବର୍ଷ ଆମେ ଗଲୁ କାଙ୍କେ ମାନସିକ ହସପିଟାଲ । ସେତେବେଳେ ଆମର ମେଣ୍ଟାଲ ହସପିଟାଲ ନଥିଲା । ମାନସିକ ବ୍ୟାଧିଗ୍ରସ୍ତ ରୋଗୀମାନଙ୍କ ଚିକିତ୍ସା ଶିଖିବାକୁ ସେଠି ଗୋଟିଏ ମାସ ଟ୍ରେନିଂର ବ୍ୟବସ୍ଥା । ଆମର ତ ଛାତ୍ର ଜୀବନ ସରି ଆସିଲାଣି । ସେଠି ଡାକ୍ତରଖାନା କର୍ତ୍ତୃପକ୍ଷ ଆମ ରହିବାର ବ୍ୟବସ୍ଥା କରିଥାନ୍ତି । ଆମେ ଏ ମାସଟି ରୋଗୀ ଦେଖିବା ସାଥେ ସାଥେ ହସି ଖେଳି କଟାଇ ଦେଇ ସମସ୍ତଙ୍କର ସନ୍ତୋଷ ଭାଜନ ହେଲୁ । ମୁଁ ତ କେବେ ଖେଳେନି । ଏଠି ଭଲିବଲ ଖେଳିଲି ! ଡାକ୍ତରଖାନା ଛାଡ଼ିବା ପୂର୍ବରୁ ଆମେ ଗୋଟିଏ ଡ୍ରାମା କରିଥିଲୁ । ମୁଁ ବି ଗୋଟିଏ ପାଗଳା ରୋଲ କରିଥିଲି । ରେଲୱାନିର ସେ ଦିନର ଗୀତ ମନେ ପଡ଼ୁଛି ।

"ଏ ଦୋ ଦିନ୍‌କା ମେଲା
କୋଇ ଚଲେଗଇ କୋଇ ଯାଓ୍ୱେ
କୋଇ ଗଣ୍ଠେରି ବାନ୍ଧସେ ଧାଓ୍ୱେ
ସବ୍ ଏକାଲା ।"

ସବୁସ୍ଥାନ ପରି ଏଠି ବି ଗୟା, ବୋଧଗୟା ଦେଖିଲୁ । ଗୟା ପାଟନାଠାରୁ ୧୦୦ କି.ମି ଦୂରରେ ଫଲ୍‌ଗୁ ନଦୀ ତୀରରେ ଅବସ୍ଥିତ । ଏଠାରେ ବିଷ୍ଣୁ ଗୟାସୁରକୁ ବଧ କରିଥିଲେ । ସେତେବେଳେ ତାକୁ କଥା ଦେଇଥିଲେ ଗୟାସୁର ଦେହରେ ରହିବେ । ହିନ୍ଦୁ ଓ ବୌଦ୍ଧ ମାନଙ୍କର ଏହା ତୀର୍ଥ ସ୍ଥଳ । ସେଥିପାଇଁ ଗୟାରେ ପିଣ୍ଡ ଦାନ ଦେଲେ ପିତୃପୁରୁଷ ମୁକ୍ତି ପାନ୍ତି । ରାମ ସୀତା ଏଠାରେ ଦଶରଥଙ୍କୁ ପିଣ୍ଡଦାନ ଦେଇଥିଲେ । ସୀତାଙ୍କ ଅଭିଶାପରୁ ଫଲ୍‌ଗୁନଦୀ ଶୁଖିଲା, ପାଣି ନାହିଁ ।

ଫଲ୍‌ଗୁ ନଦୀ ତୀରେ ତୀରେ ବହୁ ଘାଟ ଓ ମନ୍ଦିର । ଏହା କୂଳେକୂଳେ ଥିବା ଅଶ୍ୱତ୍‌ଥ ଓ ବରଗଛ ଗୁଡ଼ିକ ମଧ୍ୟ ପବିତ୍ର ।

**୧) ବିଷ୍ଣୁପଦ ମନ୍ଦିର** - ଏହି ପାଦଚିହ୍ନକୁ ବୌଦ୍ଧମାନେ ବୁଦ୍ଧଙ୍କର ପାଦଚିହ୍ନ କହିଲାବେଳେ ହିନ୍ଦୁମାନେ ବିଷ୍ଣୁଙ୍କର ପାଦଚିହ୍ନ ବୋଲି ପୂଜା କରନ୍ତି ।

**୨) ମଙ୍ଗଳା ଗୌରୀ** - ଦୁଇଟି ଗୋଲ ପଥର ସତୀ ପାର୍ବତୀଙ୍କର ସ୍ତନ ଯୁଗଳ ବୋଲି ପୂଜା ପାଉଛନ୍ତି ।

**୩) ମହାବୋଧି ମନ୍ଦିର** - ଏଇଟି ବୌଦ୍ଧ କୀର୍ତ୍ତି ।

ବୋଧଗୟା । ଗୟାଠାରୁ ୧୫ କି.ମି. ଦୂର । ଏଠାରେ ବୁଦ୍ଧଦେବ ତତ୍ତ୍ୱଜ୍ଞାନ ଲାଭ କରିଥିଲେ । ଏଠି ଗୋଟିଏ ବିଶ୍ୱବିଦ୍ୟାଳୟ ଅଛି । ରାଜଗିରି, ନାଳନ୍ଦା,

Digitized by srujanika@gmail.com

ପାଟଳିପୁତ୍ର, ବୈଶାଳୀ ଦିନେ ଭାରତର ଜ୍ଞାନ ଗରିମାର ପୀଠସ୍ଥଳୀ ଥିଲା ।

ସମସ୍ତଙ୍କଠାରୁ ବିଦାୟ ନେଇ ହସଖୁସିରେ ଫେରି ଆସିଲୁ । ଶେଷ ବର୍ଷର ପରୀକ୍ଷା ପାଖେଇ ଆସିଲା । ଆମେ ଦିନରାତି ନଖାଇ ନପିଇ ଲାଗି ପଡ଼ିଲୁ । ସବୁ ପିଲାଙ୍କ ଆଖି ମେଡ଼ିସିନ କି ସର୍ଜରୀ ଉପରେ ।

ମେଡ଼ିସିନ ପ୍ରଫେସର ରଘୁ ସାହୁଙ୍କ ସୁଦୃଷ୍ଟି ମୋ ଉପରେ ଥାଏ । କିନ୍ତୁ ପରୀକ୍ଷାରେ ବାହାରୁ ଆସିଥିବା ପରୀକ୍ଷକ ମାନଙ୍କ ପ୍ରଭାବ କମ୍ ନୁହେଁ । ତେବେ ଆମ ପ୍ରଫେସର ମାନେ ଚାହିଁଲେ ସେମାନେ ଫେଲ କରିପାରିବେନି । ଶୁଣିଛି ଆଶା କରକୁ ଏକ୍ସଟରନାଲ ଯେତେ କମ୍ ନମ୍ବର ଦେଲେ ଗିରିଜାବାବୁ ତେତେ ଅଧିକ ନମ୍ବର ଦେଲେ । ସେ ପରୀକ୍ଷକ ଶୂନ ଦେଇଥିଲେ ଗିରିଜାବାବୁ ୫୦ କରିଦେଇଥାନ୍ତେ । ଆମ ପ୍ରଫେସରମାନେ କେହି ଚାହାନ୍ତିନି ତାଙ୍କ ପିଲା ପରୀକ୍ଷାରେ ଅକୃତକାର୍ଯ୍ୟ ହୁଅନ୍ତୁ ।

ମେଡ଼ିସିନ ପରୀକ୍ଷାରେ ଲଙ୍ଗ୍ କେଶ୍‌ରେ ବାହାରୁ ଆସିଥିବା ପରୀକ୍ଷକ ମୋ ସହ ଏକମତ ହେଲେ ନାହିଁ । ଆମର ପରୀକ୍ଷାରେ ଗୋଟିଏ ଲଙ୍ଗ୍ କେଶ୍, ଦୁଇଟି ସର୍ଟ କେଶ୍ ଓ କିଛି ସ୍ଲାଇଡ୍ ଥାଏ । ମୁଁ ପରୀକ୍ଷକଙ୍କ ସହ ଯୁକ୍ତି କଲିନି । ଅନ୍ୟ ଗୁଡ଼ିକ ଭଲ ହୋଇଥାଏ । ମନ ଦୁଃଖରେ ପରୀକ୍ଷା ହଲ୍‌ରୁ ଆସି ଏଣେ ତେଣେ ବୁଲାବୁଲି କଲି । ଶରତବାବୁ ସାନ୍ତ୍ୱନା ଦେଇ କହିଲେ - ପ୍ରଫେସର କଣ ତୁମକୁ ଫେଲ କରିଦେବେ ? କାହିଁକି ବ୍ୟସ୍ତ ହେଉଛ ? ମୋର ମେଡିସିନ୍ ପରୀକ୍ଷାରେ ଭଲ ନମ୍ବର ରହିଲାନି । ସର୍ଜରୀରେ ଭଲ କରିଥାଏ । ତେଣୁ ସର୍ଜରୀ ଆଡ଼କୁ ମୁହାଁଇଲି । ମୁଁ ଯାହା ଚାହୁଁଥିଲି ତାହା ହେଲାନି । ଠାକୁରଙ୍କର ଯାହା ଇଚ୍ଛା ତାହାହିଁ ହେବ । ସେକାଳରେ ସମସ୍ତେ ଭେଷଜବିତ୍ ହେବାକୁ ଚାହୁଁଥିଲେ । କାରଣ ଶଲ୍ୟ ଚିକିତ୍ସା ବିଶେଷ ଉନ୍ନତ ସ୍ତରକୁ ଆସି ନଥିଲା । ଅନ୍ୟ ସବୁ ବିଷୟରେ ଭଲ କରିଥିଲି ।

୧୯୫୫ ଡିସେମ୍ବର ୨୦ ତାରିଖରେ ଆମ ଶେଷ ପରୀକ୍ଷାର ଫଳ ବାହାରିଲା । ମୁଁ ହେଲି ଏମ୍.ବି.ବି.ଏସ୍ ଡାକ୍ତର । ଆଖିରେ ଆନନ୍ଦାଶ୍ରୁର ଢେଉ । ମୋ ବୋଉର ଇଚ୍ଛା ମୁଁ ପୂରଣ କରିଛି । ଅଭାବ ଅନାଟନରେ କାହାରି ପାଖରେ ମୁଣ୍ଡ ନଇଁନି । ନିର୍ବାଣ ଦୀପ ପୁଣି ଜଳି ଉଠିଛି । ଜମିଦାର ଘରର ଗର୍ବ ଓ ଗୌରବ ଲୁଚି ଯାଇନି ।

କଟକ ଚଣ୍ଡୀ ମନ୍ଦିରରେ ମା'ଙ୍କ ପାଖରେ କୃତଜ୍ଞତା ଜଣାଇ ଫେରିବା ପରେ ମୋର ପ୍ରଥମ ଚିଠି ଥିଲା ମୋ ଭିଣୋଇଙ୍କ ପାଖକୁ ଗଡୁଥିବା ଗୋଟିଏ ଚକ୍ରର ଚିତ୍ର ସାଥୀରେ ।

ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନି ଚ ଦୁଃଖାନି ଚ ।

ସବୁ ପ୍ରଫେସରଙ୍କ ଘରେ ଦେଖା କଲି । ମତେ ଲାଗୁଥିଲା ଯେମିତି ଗୋଟିଏ ଯୁଗର ଅବସାନ ।

ooo

Digitized by srujanika@gmail.com

# ଡାକ୍ତରୀ ଜୀବନର ପହିଲି ସ୍ୱାଦ

**୨୦.୧୨.୫୫ ରୁ ୧୦.୧୨.୫୯**

୧୯୫୫ ମସିହାରେ କେନ୍ଦ୍ରାପଡ଼ା ସବ୍‌ଡିଭିଜନରୁ ଆମେ ଚାରିଜଣ ଏମ୍.ବି.ବି.ଏସ୍ ଡାକ୍ତର ବାହାରିଲୁ - ଲମ୍ବୋଦର ପତି, ନୀଳାମ୍ବର ଆଚାର୍ଯ୍ୟ, କିଶୋର ମହାନ୍ତି ଓ ମୁଁ । ମୁଁ ଜାଣିବାରେ ଆଗରୁ ଦୁଇଜଣ ଥିଲେ । ଘନଶ୍ୟାମ ତ୍ରିପାଠୀ ଓ ଦିବାକର ନାଥଶର୍ମା । ଘନଶ୍ୟାମବାବୁ ଆମେରିକାରେ, ଦିବାକରବାବୁ ରାଜନୀତିରେ । ଅନ୍ୟମାନେ ଏଲ.ଏମ୍.ପି. ବା ଏଲ୍.ଏମ୍.ଏଫ୍ ଭଳି ଡିପ୍ଲୋମା ହୋଲ୍‌ଡର ।

ପାଶ୍ କରିବା ପରେ ଆଇନ ଅନୁସାରେ ଅଭିଜ୍ଞତା ଅର୍ଜନ ପାଇଁ ଖୁବ୍ କମ୍‌ରେ ୬ ମାସ ମେଡ଼ିକାଲ କଲେଜରେ ହାଉସ ସର୍ଜନ ଭାବେ କାମ କରିବାକୁ ପଡ଼େ । ତା ପରେ ମେଡ଼ିକାଲ କାଉନସିଲରେ ରେଜିଷ୍ଟ୍ରେସନ । ରେଜିଷ୍ଟ୍ରେସନ ପରେ ଚାକିରୀ ବା ଘରୋଇ ଚିକିତ୍ସା । ହାଉସ ସର୍ଜନ ଭାବେ କାମ କରୁଥିବା ବେଳେ ମାସକୁ ପଚାଶ ଟଙ୍କା ଭତ୍ତା ମିଳେ। ତା ପୁଣି ସମସ୍ତଙ୍କୁ ନୁହେଁ, ଯେଉଁମାନଙ୍କର ଭଲ ନମ୍ବର ଥାଏ ବା ଯେଉଁ ବିଭାଗକୁ କାମ କରିବାକୁ କେହି ଯାଉ ନଥାନ୍ତି ସେଇଠି ଏତକ ସୁବିଧା ମିଳେ ।

ମୁଁ ପ୍ରଥମେ ଭେଷଜ ଓ ପରେ ପରେ ନାସା କର୍ଣ୍ଣ ଗଳା ବିଭାଗରେ କର୍ଣ୍ଣେଲ ହାଜରାଙ୍କ ପାଖରେ କାମ କଲି ।

ପ୍ରଥମେ ଭେଷଜ ବିଭାଗରେ ପ୍ରଫେସର ମଦନ ପ୍ରଧାନଙ୍କ ପାଖରେ କାମ କଲି । ମୁଁ ବହୁତ ପରିଶ୍ରମ କରୁଥିଲି ଓ ସଂପୃକ୍ତ ପ୍ରଫେସରଙ୍କୁ ସନ୍ତୁଷ୍ଟ କରିବାକୁ ସାଧ୍ୟମତେ ଚେଷ୍ଟା କରୁଥିଲି । ଡକ୍ଟର ପ୍ରଧାନ ମୋ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ୱାର୍ଡର ସମସ୍ତ କାର୍ଯ୍ୟ ମୋ ଉପରେ ଛାଡ଼ିଦେଲେ । ଆଡ଼ମିସନ, ଚିକିତ୍ସା, ଡିସଚାର୍ଜ ସବୁ ମୋ ଦାୟିତ୍ୱରେ । ସେ କେବଳ ଆଉଟଡୋରକୁ ଆସି ୱାର୍ଡ ବୁଲିଦେଇ ଚାଲି ଯାଆନ୍ତି । କିଛି ଅସୁବିଧା ହେଲେ ବା କିଛି ବୁଝିବାକୁ ଥିଲେ ମୁଁ ତାଙ୍କ କ୍ୱାର୍ଟରକୁ ଯାଉଥିଲି । ସେଠି ବି ଖାଇବାକୁ ମିଳେ । ମୁଁ ତାଙ୍କ ବ୍ୟକ୍ତିଗତ ରୋଗୀ ଓ ନର୍ସିଂହୋମରେ ରହୁଥିବା ରୋଗୀମାନଙ୍କୁ ବି ଦେଖୁଥିଲି । ୱାର୍ଡ କେଶରୁ କେହି ଟଙ୍କା ନେଉ ନ ଥିଲେ । ନର୍ସିଂହୋମରୁ ରୋଗୀମାନେ ଗଲାବେଳକୁ କିଛି କିଛି ଉପହାର ଦେଇଯାନ୍ତି । ମୁଁ ରୂପାର ସିଗାରେଟ ଖୋଳ, ତାରକସି କାମ, କଲମ, ସାର୍ଟ, ପ୍ୟାଣ୍ଟ କପଡ଼ା ବହୁତ ପାଇଛି ।

Digitized by srujanika@gmail.com

ଭେଷଜ ବିଭାଗରେ ୬ମାସ ହାଉସ ସର୍ଜନ ରହିବା ପରେ ମୋର ଆତ୍ମ ବିଶ୍ୱାସ ବଢ଼ିଗଲା । ମୁଁ ଭୁବନେଶ୍ୱର ଯାଇ ସେଠାରେ ଥିବା ମେଡ଼ିକାଲ କାଉନସିଲରେ ରେଜିଷ୍ଟ୍ରେସନ କଲି। ମୋ ରେଜିଷ୍ଟ୍ରେସନ ନମ୍ବର ୧୨୮୯ (ଉତ୍କଳ) ତା ପରେ ରୋଗୀ ଦେଖା, ପେଟରୁ ପାଣି କଢ଼ା (ସିରୋସିସଲିଭର୍) ଭଳି ଛୋଟ ଛୋଟ ଅପରେସନ ବୁଲି ବୁଲି କଲି ଓ ଦି ପଇସା ପାଇଲି ।

ତା ପରେ ନାସା କର୍ଣ୍ଣ ଗଳା ବିଭାଗରେ ହାଉସ ସର୍ଜନ ରହିଲି । କର୍ଣ୍ଣେଲ ହାଜରା ଖୁବ୍ ଭଲଲୋକ । ମତେ ସେ ଭଲ ପାଉଥିଲେ । ସେଠି ତ ଭିଡ଼ ନାହିଁ । ମୁଁ ଏକମାତ୍ର ହାଉସ ସର୍ଜନ । ଗୋକୁଳିବାବୁ ତାଙ୍କ ସହକାରୀ । ମୋ କାର୍ଯ୍ୟକାଳ ଭିତରେ ମତେ ସେ ମାଷ୍ଟଏଡେକ୍ଟମି ଛାଡ଼ି ଅନ୍ୟ ସବୁ ଅପରେସନ ଏକା ଏକା କରିବାକୁ ଦେଇଛନ୍ତି । ମୁଁ ତାଙ୍କର ଅତି ବିଶ୍ୱସ୍ତ ଥିଲି ।

ଏମ୍.ବି.ବି.ଏସ୍ ପାଶ୍ କରିବା ପରେ ସମସ୍ତଙ୍କର ଝୁଙ୍କ୍ ସ୍ନାତକୋତ୍ତର ଉପାଧି ପାଇଁ । ଓଡ଼ିଶାରେ ତ ଗୋଟିଏ କଲେଜ । ତା ପୁଣି ନୂଆ । ସ୍ନାତକୋତ୍ତର ଉପାଧି ନଥାଏ । ଆମ ଡାକ୍ତରମାନେ ଅନ୍ୟ ରାଜ୍ୟରେ ସାଧାରଣତଃ ପାଟନା ଯାଇ ଏମ୍.ଡି., ଏମ୍ଏସ୍ କରୁଥାନ୍ତି । ତା ପୁଣି ସବ୍‌ଷ୍ଟାଣ୍ଡାର୍ଡ ବୋଲି ଅଭିଯୋଗ । ବିଲାତ ଯାଇଁ ଫେଲୋସିପ୍ କରିବା ବ୍ୟୟବହୁଳ ଓ ସମୟ ସାପେକ୍ଷ । ମୋ ସାଙ୍ଗ ରେଲ୍‌ଓ୍ୱାନି ଏମ୍.ଏସ୍. କରିବା ପାଇଁ ବମ୍ବେ ପଳାଇଲା । ତାରି ସହାୟତାରେ ମୁଁ ବମ୍ବେ ବିଶ୍ୱବିଦ୍ୟାଳୟରେ ରେଜିଷ୍ଟ୍ରେସନ କଲି । ସେ ତା କଲେଜରେ ମୋ ପାଇଁ ଗୋଟେ ସିଟ୍ କରିଦେବ ବୋଲି ଭରସା ଦେଲା । ତାର କେହି ଆତ୍ମୀୟ ତା କଲେଜରେ ସର୍ଜରୀ ପ୍ରଫେସର ଥାନ୍ତି ।

ନାସା କର୍ଣ୍ଣ ଗଳା ବିଭାଗରୁ ମୁଁ ଆସିଲି ଶଲ୍ୟ ଚିକିତ୍ସା ବିଭାଗକୁ । ସେ ସମୟରେ ସର୍ଜରୀରେ ଦୁଇଟି ଇଉନିଟ ଥାଏ । ଗୋଟିଏ ପ୍ରଫେସର ଗିରିଜା ଶଙ୍କର ଦାସ ମହାପାତ୍ରଙ୍କର, ଅନ୍ୟଟି କ୍ଲିନିକାଲ ପ୍ରଫେସର ରାଧାନାଥ ମିଶ୍ରଙ୍କର । ମୁଁ ରାଧାନାଥ ବାବୁଙ୍କ ଇଉନିଟରେ କାମ କଲି। ତାଙ୍କ ପାଖରେ ମୋର ସହପାଠୀ ଲଳିତ ମହାପାତ୍ର କାମ କରୁଥାନ୍ତି । ସେ ରାଧାନାଥ ବାବୁଙ୍କର ଦୂର ସଂପର୍କୀୟ । ତାକୁ ଅପରେସନ କରିବା ପାଇଁ ସୁଯୋଗ ଦିଅନ୍ତି । ମୁଁ ଯେତେ ପରିଶ୍ରମ କଲେ ବି ରାଧାନାଥ ବାବୁ ମତେ ଆଦୌ କିଛି କରିବାକୁ ଦିଅନ୍ତି ନାହିଁ । ମୁଁ ତାଙ୍କ ପାଖରେ ରେଜିଷ୍ଟାର ଥିବା କ୍ଷିତିନବାବୁଙ୍କୁ ବହୁ ଖୋସାମତି କରି ହାଇଡ୍ରୋସିଲ ହାର୍ଣ୍ଣିଆ ଅପରେସନ ଶିଖେ ।

ଗିରିଜା ବାବୁ ଭଲ ହାର୍ଣ୍ଣିଆ ରିପେୟାର କରନ୍ତି । ଭଲ ସର୍ଜନ ବୋଲି ନାମ ଥାଏ । ରାଧାନାଥ ବାବୁ କିନ୍ତୁ ଡରୁଆ । ଥରେ ଦାନ୍ତ ମୂଳରୁ ଗୋଟେ ଏପୁଲିସ୍ କାଟୁଥିଲେ ଯେ ରକ୍ତ ପିଚ୍ ପିଚ୍ ବାହାରିଲା । ସେତିକିରେ ଛାନିଆ । ନିଶା ଡାକ୍ତର ଆସି ବଂଦ କଲେ । ସେ କାଳରେ କଟେରି ମେସିନ ବି ନଥିଲା ।

ଅପରେସନ ସବୁ ଅତି ନିମ୍ନ ମାନର । ଆପେଣ୍ଡିସାଇଟିସ୍ କି ପେପଟିକ ଅଲସର୍ ପରଫୋରସେନ ଭଳି କେଶ୍‌କୁ ଅପରେସନ ନକରି କଞ୍ଜରଭେଟିଭ

Digitized by srujanika@gmail.com

ଲାଇନରେ ଔଷଧ ଇଂଜେକ୍‌ସନ ଦେଇ ଭଲ କରୁଥିଲେ । ଅସ୍ଥିଶଲ୍ୟ, ପ୍ଲାଷ୍ଟିକ, ଇଉରୋଲଜି କି ନିଉରୋଲଜି ଭଳି କିଛି ନଥିଲା । ସବୁ ସେଇ ଜେନେରାଲ ସର୍ଜନ । ସେମାନଙ୍କର ଅଭିଜ୍ଞତା ସୀମିତ ।

ରାଧାନାଥ ବାବୁଙ୍କଠାରୁ ଭଲ ବ୍ୟବହାର ନପାଇବାରୁ ମନେମନେ କ୍ଷୁବ୍ଧ ହୋଇ ଚାକିରୀ ପାଇଁ ପଳାଇ ଯିବାକୁ ସ୍ଥିର କଲି । ଆମର ପିଏସ୍‌ସି ବସି ନ ଥାଏ । ଆଡହକ ବେସିସ୍‌ରେ ମଧ୍ୟ ନିଯୁକ୍ତି ଦିଆଯାଉ ନ ଥାଏ । କିଛିପଇସା ହେଲେ ବମ୍ଚେ ପଳାଇବି ଭାବି ଅର୍ଦ୍ଧ ସରକାରୀ ଚାକିରୀ ଆଡ଼କୁ ମୁହାଁଇଲି ।

ଜିଲ୍ଲାବୋର୍ଡ ଡାକ୍ତରଖାନାରେ ସବୁ ଚାକିରୀ ଖାଲିଥାଏ । କଟକ ଜିଲ୍ଲାବୋର୍ଡ ଚେୟାରମ୍ୟାନ ଥାନ୍ତି ନୀଳମଣି ପ୍ରଧାନ । ମୋ ଭାଇଙ୍କ ସାଙ୍ଗ । କିରାଣୀ ଜଣକ ପଟାମୁଣ୍ଡାଇର ଲୋକ । ମୁଁ ନୀଳମଣି ବାବୁଙ୍କୁ ଚିହ୍ନାଦେଇ ପଟାମୁଣ୍ଡାଇରେ ପୋଷ୍ଟିଂ ପାଇଁ କହିଲି । ପଟାମୁଣ୍ଡାଇ ଖାଲି ନଥିଲା । ସେ ବିଂଝାରପୁର ଡାକ୍ତରଖାନାରେ ପୋଷ୍ଟିଂ କଲେ । ମୁଁ ଅଭିମାନରେ କାହାରିକୁ କିଛି ନକହି ହସପିଟାଲରୁ ପଳାଇ ଆସିଲି ।

ଆଗରୁ ବିଂଝାରପୁରରେ ରହୁଥିବା ଜଣେ ଡିପ୍ଲୋମାଧାରୀ ମୁସଲମାନ ଡାକ୍ତର ବହୁଦିନ ଧରି ଛୁଟିରେ ଥିଲେ । ସେ କଟକ ସହରର ଲୋକ । ଚେୟାରମ୍ୟାନଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କଠାରୁ ଯାଇଁ ଡାକ୍ତରଖାନା ଚାବି ଆଣି ବିଂଝାରପୁର ବାହାରି ପଡ଼ିଲି । କଟକରୁ ବସରେ ଯାଜପୁର ଚାଲି ଆସିଲି । ୩/୪ ଘଣ୍ଟାର ବାଟ ।

ଯାଜପୁରରୁ ବିଂଝାରପୁର ୧୫ କିଲୋମିଟର ବାଟ । ୧୯୫୫ ବନ୍ୟାପରେ ରାସ୍ତାଘାଟ ସବୁ ଭାଙ୍ଗି ଯାଇଥାଏ । ଚଲାରାସ୍ତା । ତା ପୁଣି କାଦୁଅ । ଗୋଟିଏ ମୂଲିଆ ଯୋଗାଡ଼ କଲି । ସେ ମୋ ଛୋଟ ଟ୍ରଙ୍କ ଓ ବିଛଣା ମୁଣ୍ଡାଇ ଆଗେ ଆଗେ ଚାଲିଲା । ଆଉ ତା ପଛରେ ମୁଁ ବହୁତ କଷ୍ଟରେ ଚାଲି ଚାଲି ୬/୭ ଘଣ୍ଟାରେ ବିଂଝାରପୁରେ ପହଁଚିଲୁ ।

ବିଂଝାରପୁର ଥାନା ସଦର ମହକୁମା ଖରସ୍ରୋତା ନଦୀ କୂଳରେ । ଆଗକୁ ସିଂପୁର, ଏ ଅଂଚଳର ବ୍ୟବସାୟ ପେଣ୍ଠ । ଥାନା, ପଶୁ ଡାକ୍ତରଖାନା, ପୋଷ୍ଟ ଅଫିସ, ଜଳସେଚନ ବିଭାଗର ଇଂଜିନିଅରଙ୍କ ଅଫିସ ଇତ୍ୟାଦି ଅଛି । ବେଶ୍ ଜନ ବହୁଳ ଅଂଚଳ । ବହୁ ସଂଖ୍ୟାରେ ମୁସଲମାନ ।

ମୁଁ ପହଁଚିବା ମାତ୍ରେ ଆମ କମ୍ପାଉଣ୍ଡର ଦୈତାରୀ ବାବୁ ଆସି ପାଛୋଟି ନେଲେ । ଡାକ୍ତରବାବୁଙ୍କ ପାଇଁ ରହିବା ଘର ଅଛି । ସାହାଯ୍ୟ କରିବାକୁ ଜଣେ ବେହେରା ଓ ଜଣେ ମେହେନ୍ତର । ମୁଁ ଲୁଗା ବଦଳାଇ ସାଥେ ସାଥେ ଡାକ୍ତରଖାନା ଦେଖିବାକୁ ଗଲି । ଏମ୍.ବି ଡାକ୍ତର ଆସିଛନ୍ତି ବୋଲି ଲୋକ ଧାଡ଼ି ବାଂଧିଛନ୍ତି ଦେଖିବାକୁ ।

ଡାକ୍ତରଖାନାରେ ଯନ୍ତ୍ରପାତିତ ଦୂରର କଥା, ପାଣି ଗରମ କରିବାକୁ ଷ୍ଟୋଭଟିଏ ବି ନଥାଏ । ସେ କାଳରେ ସେଠିକୁ ବିଜୁଳି ଯାଇ ନ ଥିଲା । ହାତଟଣା ପଖା । ଦଉଡ଼ି ନାହିଁ । ପଂଖାଟି ସେମିତି ମୁଣ୍ଡ ଉପରେ ଝୁଲୁଛି । ଏସବୁ ଦେଖି ମୋ ହାଲିଆ ଶୁଖିଲାଣି । ତେବେ ବହୁ ଲୋକ ଘେରିଛନ୍ତି । ସେତିକି ସାନ୍ତ୍ୱନା ।

Digitized by srujanika@gmail.com

ଡାକ୍ତରଖାନା ଚେୟାରମ୍ୟାନ ଥାନ୍ତି ପ୍ରାଣକୃଷ୍ଣ ପଟ୍ଟନାୟକ । ଘର କଲ୍ୟାଣପୁର । ଡାକ୍ତରଖାନାଠୁଁ ତିନି କିଲୋମିଟର ଦୂର । ଖବର ପାଇ ଆସିଲେଣି । ଖଦଡ଼ିଆ ଲୋକ । କଂଗ୍ରେସ ଦଳର ଜଣେ କାଗପଟଦାର । ଭାଇଙ୍କୁ ଜାଣିଛନ୍ତି । ସମସ୍ତେ 'ଅଜା' ବୋଲି ଡାକୁଥାନ୍ତି । ନିଯୁକ୍ତିପତ୍ର ତ ଆସି ଯାଇଥାଏ । ଭାଗ୍ୟରେ ଥିଲେ ଏମ୍.ବି. ଡାକ୍ତର ମିଳେ । ସେ ଖୁସି । ମୁଁ ତାଙ୍କ ସହିତ କିଛି ସମୟ ଆଳାପ କରିବା ଭିତରେ ଡାକ୍ତରଖାନାର ଅଭାବ ଅସୁବିଧା ବି ଦର୍ଶାଇଲି । ସବୁ ହୋଇଯିବ ବୋଲି ଆଶ୍ୱାସନା ଦେଲେ । ମୁଁ ଜାଣେ ଏ ସବୁ ତାଙ୍କ କର୍ତ୍ତୃତ୍ୱର ବାହାରେ । କମ୍ପାଉଣ୍ଡର ବାବୁଙ୍କ ଘରେ ଖାଇ ସେଦିନ ବିଶ୍ରାମ ନେଲି ।

ବେହେରାଟି ରୋଷେଇ କରେ । ଖାଇବା ଖର୍ଚ୍ଚ ବିଶେଷ କିଛି ନୁହେଁ । ସବୁ ତ ରୋଗୀମାନେ ଆଣନ୍ତି । ଯେ କୌଣସି ମାଛ ବିଶା (ପ୍ରାୟ ଦୁଇ କେ.ଜି) ଟଙ୍କାଏ । ସଦ୍ୟ ନଈରୁ  ଧରା ହୋଇଥାଏ । ଅଧିକାଂଶ ସମୟ କମ୍ପାଉଣ୍ଡର ବାବୁ ବି ତରକାରୀ ପତ୍ର ପଠାନ୍ତି । ଆମେ ଦୁଇଜଣ (ବେହେରା ଓ ମୁଁ) ଖାଇଦେଉ ।

ଡାକ୍ତରଖାନା ଦୁଇବେଳା ଖୋଲା । ମୁଁ ଦୁଇବେଳାଯାକ ଡାକ୍ତରଖାନା ଆସେ । ବସାରେ କ'ଣ କରିବି ? ଡାକ୍ତରଖାନାରେ ରୋଗୀ ଭିଡ଼ । ବିଶେଷ କରି ଏମ୍.ବି ଡାକ୍ତରଙ୍କୁ ଦେଖିବା ପାଇଁ । ଔଷଧ କହିଲେ କମ୍ପାଉଣ୍ଡରଙ୍କ ଦ୍ୱାରା ପ୍ରସ୍ତୁତ କେତେକ ମିକ୍ସଚର - ହଜମ ପାଇଁ କାର୍‌ମିନେଟିଭ, ଜ୍ୱର ପାଇଁ ଆଲକାଲାଇନ, କାଶ ପାଇଁ କଫ୍ ମିକ୍ସଚର ଇତ୍ୟାଦି ଆଉ ତାଙ୍କରି ଦ୍ୱାରା ପ୍ରସ୍ତୁତ ମଲମ - କାଛୁ(ସଲଫର), ଘା (ମରକ୍ୟୁରୋକ୍ରୋମ) । ଖଣ୍ଡେ ଟାଇଲ, ସ୍ପାଚୁଲା ଭେସେଲିନ, ଆଉ ଜିଲ୍ଲାବୋର୍ଡ ଯୋଗାଉଥିବା କେତେକ ପାଉଡ଼ର ହେଉଛି ତାଙ୍କର ସମ୍ବଳ । ରୋଗୀଙ୍କ ପାଇଁ ସଲ୍‌ଫା ବଟିକା । ସଲ୍‌ଫଗ୍ୱାନିଡିନ ଝାଡ଼ା ପାଇଁ ସଲ୍‌ଫା ଡାଇଜିନ୍ ଘା ବଥ ପାଇଁ, ପାଲୁଡ୍ରିନ ମ୍ୟାଲେରିଆ ଜର ପାଇଁ, କଲେରା ଇଂଜେକସନ ଇତିଶ୍ରୀ । ସମୁଦାୟ ବାର୍ଷିକ ବଜେଟ ତିନିଶହ ଟଙ୍କାର ଔଷଧ । ସେଇ ସବୁ ଔଷଧ ମୁଁ ଲେଖିଦିଏ । ଔଷଧ ଦୋକାନ ତ ନ ଥାଏ । ମୁଁ ମୋ ପାଖରେ କିଛି ଔଷଧ ରଖିଥାଏ । ତା ବି ବେଶି ଦାମିକା ନୁହେଁ । ଘରେ ଯେଉଁ ରୋଗୀ ଦେଖେ ବା କଲରେ ଯାଏ ତାକୁ ଦିଏ । ବିଶେଷ କରି କିଛି ଇଂଜେକ୍‌ସନ, ସେଥିରେ ଲୋକଙ୍କ ବିଶ୍ୱାସ ।

ମୁଁ ତ ବିବାହ କରି ନଥାଏ । ସମୟ କଟାଇବା ପାଇଁ ସାଙ୍ଗସାଥି ଦରକାର । ପାଇଲି ପଶୁ ଡାକ୍ତର ବାବୁ ଜୀବନାନନ୍ଦ ଆଚାର୍ଯ୍ୟ । ସେ ତାଙ୍କରି ବିଭାଗର ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରି ସାରିଲେଣି । ଥାନାର ଜମାଦାର ବାବୁ ପ୍ରଫୁଲ୍ଲ ପଟ୍ଟନାୟକ । ମଝିରେ ମଝିରେ ଆସନ୍ତି ଜଣେ ଇଂଜିନିଅର । ସମସ୍ତେ ଅବିବାହିତ । ଆମ ସାଙ୍ଗରେ ମିଶିଲେ ପୋଷ୍ଟମାଷ୍ଟର ବାବୁ । ସେ ବିବାହିତ । କିନ୍ତୁ ଖୁବ୍ ମଜାଦାର ଲୋକ । ଆମେ ସାଙ୍ଗ ହୋଇ ତାସ ଖେଳୁ । ସାଙ୍ଗ ହୋଇ ବୁଲି ଯାଉ । ପୋଷ୍ଟ ମାଷ୍ଟର ବାବୁ ମଜା ମଜା କଥା କହି ଆମକୁ ହସାନ୍ତି । ଥରେ ମତେ ପଚାରିଲେ କହିଲ ଦେଖି :-

Digitized by srujanika@gmail.com

"ନାଲିଆ ଶଂଖାଲୋ ଗୌର ଦେହା
ଧୋଇ ଧାଇ ଦେଉ କାହାର ଛୁଆ
ଏ ପିଲା ଯାହାଙ୍କ କୁମର
ତାଙ୍କର ପିତା ମୋହର ଶଶୁର

ଏମିତି ହସଖୁସିରେ ସମୟ ଗଡ଼ି ଚାଲିଲା ।"

ଥାନାବାବୁ ସବୁ କେଶ୍ ଡାକ୍ତରଙ୍କ ପାଖକୁ ପଠାନ୍ତି । ମୁଁ ରିପୋର୍ଟ ନ ଦେଲେ କେଶ୍ ହେବନି । ଥାନାକୁ ଯାହା ସବୁ ଆସେ ସେଥିରୁ ମୋ ପାଖକୁ କିଛି ପଠାଇ ଦିଅନ୍ତି । ସେ ଏକଲା ଲୋକ । ଜୀବନ ବାବୁଙ୍କ ଠାରୁ ଅଣୁବୀକ୍ଷଣ ଯନ୍ତ ନେଇ ମୁଁ ଝାଡ଼ା, ପରିସ୍ରା, ରକ୍ତ ପରୀକ୍ଷା କରି ବେଶ୍ ଦି ପଇସା ରୋଜଗାର କଲି । ବିଂଝାରପୁର ମୁସଲମାନ ବହୁଳ ଅଂଚଳ । ସେମାନେ ବେଶ୍ ପ୍ରଭାବଶାଳୀ । ସୁନତି କଲେ ଦଶଟଙ୍କା ଓ ଯୋଡ଼େ ଲୁଗା ମିଳେ । ତେବେ ଆୟ ହୁଏ ମିଛ ସାର୍ଟିଫିକେଟ୍‌ରୁ । ଓଡ଼ିଶା ବାହାରେ ଯେଉଁମାନେ ଚାକିରୀ କରନ୍ତି ସେମାନେ ଛୁଟି ସାରି ଫେରିଲା ବେଳକୁ ଫିଟ୍, ଅନ୍‌ଫିଟ୍ ଦୁଇଟା ସାର୍ଟିଫିକେଟ୍ ନିଅନ୍ତି । କମ୍ପାଉଣ୍ଡର ବାବୁ ଲେଖନ୍ତି, ମୁଁ କେବଳ ଦସ୍ତଖତ କରେ । ମୋ ଦରମାତ ମାସକୁ ଶହେ ଟଙ୍କା ଜି.ପି.ଏଫ୍ ଦଶଟଙ୍କା । ଏଇଥିରୁ ବେଶ୍ କିଛି ମିଳେ । ଆମଘର ଚଲାବାଟରେ ବିଂଝାରପୁରରୁ ୧୫ କିଲୋମିଟର । ମୁଁ ଘରେ ଥିଲେ କମ୍ପାଉଣ୍ଡର ବାବୁ ସାର୍ଟିଫିକେଟ୍ ସବୁ ଘରକୁ ପଠାଇ ଦିଅନ୍ତି ଦସ୍ତଖତ ପାଇଁ । ବେହେରା ଦସ୍ତଖତ କରି ନେଇଆସେ ।

ରାସ୍ତାଘାଟ ତ ନାହିଁ । ଯେଉଁମାନେ ଘରକୁ ଡାକନ୍ତି ପାହାନ୍ତାରୁ ବଳଦ ଗାଡ଼ି ଲଗାନ୍ତି । ମୁଁ ସେଇ ଗାଡ଼ିରେ ଯାଇ ଡାକ୍ତରଖାନା ଖୋଲିବା ପୂର୍ବରୁ ହାଜର । ଗାଡ଼ିରେ ଗାଡ଼ିଏ ମାଲ । ଖଲାସ ହୁଏ କମ୍ପାଉଣ୍ଡର ବାବୁଙ୍କ ଘରେ । ମୋର କ'ଣ ହେବ ? ନଈ ପାରି ହୋଇ ପାଖ ଗ୍ରାମକୁ ଯିବାକୁ ପଡ଼େ । ମତେ ତ ପହଁରା ଜଣାନାହିଁ । ଡଙ୍ଗା ବି ବାହିପାରେନି । ତେଣୁ ନଈ ପାରିକୁ ଡର । ଝିଅମାନେ କାତ ମାରି ଡଙ୍ଗା ବାହି ନିଅନ୍ତି । ନଈ ପାର କରାନ୍ତି । ହେଲେ ମୁଁ ବିଭିନ୍ନ ଆଳ ଦେଖାଇ ଡଙ୍ଗାରେ ଯାଏନି । ସାଇକେଲରେ ଯାଇହେବ କଲ୍ୟାଣପୁର । ସିଙ୍ଗପୁର ନଦୀବଂଧରେ। କଚାରାସ୍ତା ନଈବଂଧ ପୁଣି ଅଣ ଓସାରିଆ । ତେଣୁ କହ୍ନେଇ (ମେହେନ୍ତର) କୁ ସାଙ୍ଗରେ ନେଇଯାଏ । ରାତି ଅଧରେ ପାଖ ଆଖ ଗ୍ରାମକୁ ପ୍ରାୟ ଚାଲି ଚାଲି ଯାଏ । ସବୁ ଗୁଡ଼ିକ ଉନ୍ମାଦ (ହିଷ୍ଟିରିଆ) ରୋଗୀ । ଝିଅ ଗୁଡ଼ିକ ଅସୁନ୍ଦର ନୁହନ୍ତି । କିନ୍ତୁ କେଜାଣି କାହିଁକି ଏତେ ବୟସ ପର୍ଯ୍ୟନ୍ତ ଅବିବାହିତ ରହନ୍ତି ଜାଣେନି। ଘରକୁ ଗଲେ ମିଳେ ଦୁଇଟଙ୍କାରୁ ପାଂଚଟଙ୍କା, ଲୋକ ଓ ଦୂରତାକୁ ବିଚାରକୁ ନେଇ । ତଥାପି ମୁଁ ଖୁସି ।

ମୁଁ ଏକୁଟିଆ ରହୁଥିଲି ବୋଲି ମୁନସୀ ବାବୁଙ୍କ ପୁଅ ମୋ ପାଖକୁ ଆସେ। ମୁଁ ତା ପଢ଼ାପଢ଼ି ଦେଖେ । ଭଲ ପାଠ ପଢ଼େନି । ବେଳେବେଳେ ମୋ ପାଖରେ ରହିଯାଏ । ଖୁବ୍ ଭଦ୍ର ବ୍ୟବହାର। ପରେ ସେ କଣ କଲା ମୁଁ ମନେ ମନେ ବହୁତ ଖୋଜିଲେ ବି ତାର ସଂଧାନ ପାଇଲିନି ।

Digitized by srujanika@gmail.com

ଦିନକର ଘଟଣା । ଗୋପାଳ ଗୋଖା ଫଉଦାରୀ । ଗୋଟିଏ ଗୋଖାର ବର୍ଚ୍ଛା ଗଉଡ଼ର ଛାତିରେ । ଲକ୍ଷ୍ମଣର ଶକ୍ତିଭେଦ ଭଳି । ବାଉଁଶ ମୁଠାଟା ଉପରକୁ ଉଠିଛି । ତାକୁ ଶୋଭାଯାତ୍ରାରେ ଆଣୁଛନ୍ତି ଶହ ଶହ ଲୋକ । ରୋଗୀ ପହଁଚିବା ପୂର୍ବରୁ କମ୍ପାଉଣ୍ଡର ଦଣ୍ଡଧାରୀ ବାବୁ ଆସି ମତେ ସତର୍କ କରିଦେଲେ । ସେ କେଶ୍ ଏଠି ଦେଖିବେ ନାହିଁ । ଯାଜପୁର ପଠାଇ ଦେବେ । ମୁଁ କହିଲି ଯାଜପୁରେ କ'ଣ ହେବ ? ସେ ଉତ୍ତର ଦେଲେ ଯାଜପୁରେ ବଡ଼ ଡାକ୍ତର ଅଛନ୍ତି ସେଠି ମରୁ । ଏଠି ଆମର କିଏ ଅଛି ? ମୁଁ ଟିକିଏ ହସିଦେଇ କହିଲି, ମୁଁ କ'ଣ ଛୋଟ ଡାକ୍ତର ? ଆମ ପଛକୁ ତ ଥାନାବାଲା ଅଛନ୍ତି । ଆପଣ ଡରୁଛନ୍ତି କାହିଁକି ? ହୃତ୍‌ପିଣ୍ଡରେ ପଶିଥିଲେ ସେ ଏଠିକି ଆସି ନ ଥାନ୍ତା । ଗୋଟାଏ ଫୁସ୍‌ଫୁସ୍ ଚାଲିଯାଉ କ'ଣ ହେବ ? ଏଇଭଳି କଥାବାର୍ତ୍ତା କରୁ କରୁ ଶୋଭାଯାତ୍ରା ଆସି ପହଁଚିଗଲା । ତାଙ୍କ ନେତାମାନେ ମୋ ପାଖକୁ ଆସିଲେ । ମୁଁ ଯାଇଁ ରାସ୍ତାରେ ରୋଗୀକୁ ଦେଖିଲି । କହିଲି ବାଉଁଶ ମୁଠାଟାକୁ କାଟି ଘର ଭିତରେ ପୂରାଇ ଦେଲେ ମୁଁ ଅପରେସନ କରିଦେବି । ମୁଁ ଧରିଲି ସେମାନେ ବାଉଁଶଟା କାଟିଦେଲେ ।

ରୋଗୀ ଡାକ୍ତରଖାନାର ଡ୍ରେସିଂ ରୁମ୍‌କୁ ଆସିଲା । ସେଇ ତ ଅପରେସନ ଥିଏଟର । ଯନ୍ତପାତି ସେମିତି କିଛି ନ ଥାଏ । ଖଣ୍ଡେ ପୁରୁଣାକାଳିଆ ଛୁରୀ - ସ୍କାଲପେଲ, ଦୁଇ ତିନିଟା ଆର୍ଟେରି ଫରସେପ୍ସ । ମୁଁ ତାକୁ ମରଫିନ ଇଂଜେକ୍‌ସନ ଦେଇ ଶୋଇ ପକାଇଲି । ସେ କାଳରେ ସେଇ ନିଶା । ମୁଁ ସାଙ୍ଗରେ ଆଣିଥିବା ଯାଇଲୋକେନ ଇଂଜେକ୍‌ସନ ଦେଇ କଟା ଆରମ୍ଭ କରିଦେଲି । ଯନ୍ତ୍ରତ ନାହିଁ, ଷ୍ଟେରିଲାଇଜେସନ କ'ଣ ହେବ ? ଯା ହେଉ କଟାକଟି କରି ତିନିଟା ବଙ୍କାମୁନ ଥିବା ବର୍ଚ୍ଛା ବାହାର କରିଦେଲି । ମଫସଲ ଲୋକଙ୍କର କଷ୍ଟ ସହିବା ଶକ୍ତି ନ ଦେଖିଲେ ବିଶ୍ୱାସ କରି ହେବନି । ଡାକ୍ତରଖନା ଚାରିପଟେ ଜନସମୁଦ୍ର । ବର୍ଚ୍ଛା ବାହାରିବାର ଦେଖି ହୁଳହୁଳି, କରତାଳି, ଡାକ୍ତରବାବୁଙ୍କର ଜୟ ଜୟକାର ଶବ୍ଦରେ ସ୍ଥାନ ପ୍ରକମ୍ପିତ ହେଲା । କ୍ୟାଟଗଟ୍ ନ ଥାଏ । ପଇତା ସୂତା ଓ ନାଇଲନରେ କାମ ଚଳାଇଦେଲି । ଡାକ୍ତରଖାନାରେ ଷୋଳଦିନ ରହି ଭଲ ହୋଇଗଲା କେବଳ ସଲ୍‌ଫା ବଟିକା ଖାଇ । ଏମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବି ବହୁତ । ଡାକ୍ତରଖାନାରେ ଥିବା ବେଳେ କେତେ ଆଡୁ ଲୋକ ଆସିଲେ ତାକୁ ଦେଖିବା ପାଇଁ । ସଫଳ ଅପରେସନ କାହାଣୀ ବନାଗ୍ନି ପରି ଚାରିଆଡ଼େ ବ୍ୟାପିଗଲା । ଛୁରୀ ଧରି ଜାଣିଥିଲେ ଓ ନିଜ ଉପରେ ବିଶ୍ୱାସ ଥିଲେ ସବୁ କିଛି କରିହେବ ଏ ଧାରଣା ଦୃଢ଼ ହେଲା ।

ସେ ରୋଗୀ ଭଲ ହୋଇ ଗଲାବେଳେ ମତେ ଗୋଟିଏ ରବିନ୍‌ହୁଡ୍ ସାଇକେଲ ଦେଇଥିଲା । ମୁଁ ସେଇ ଗାଡ଼ିରେ ସାଇକେଲ ଚଢ଼ା ଅଭ୍ୟାସକଲି । ଶିଖିଥିଲି ସନସାଇନ ପଢ଼ିଆରେ ରେଭେନ୍ସା କଲେଜିଏଟ୍‌ରେ ପଢୁଥିବା ବେଳେ । ସେ ସାଇକେଲଟି ମତେ ଘର ଚଳାଇବାରେ ସାହାଯ୍ୟ କରୁଥିବା ସାନମାଣତିଆର ବୀରବର ରାଉତଙ୍କ ପାଖରେ ଏବେ ବି ଅଛି ।

Digitized by srujanika@gmail.com

ଆଉ ଦିନକର ଘଟଣା । ମୁଁ ଡାକ୍ତରଖାନାରେ ବସି ରୋଗୀ ଦେଖୁଥାଏ । କମ୍ପାଉଣ୍ଡର ବାବୁ ଆସି କହିଲେ ଏସ.ଡି.ଓ ଆସିଛନ୍ତି । ଡାକୁଛନ୍ତି ଯାଇଁ ଦେଖା କରିବା ପାଇଁ । ଟୋକା ଖଣ୍ଡାୟତ ରକ୍ତ । ମୁଁ କହିଲି ମୋର କି ଦରକାର ? ତାଙ୍କର ଦରକାର ଥିଲେ ସେ ଆସିବେ । ମୁଁ କାହିଁକି ଯିବି ? ତାଙ୍କୁ କଥାଟା ଭଲ ଲାଗିଲାନି । କହିଲେ ଏସ୍.ଡି.ଓ ବଡ଼ ଅଫିସର । ଡାକନ୍ତୁ ନ ଡାକନ୍ତୁ ସମସ୍ତେ ଯାଇଁ ଦେଖା କରନ୍ତି । କିନ୍ତୁ କିଛି ସମୟ ପରେ ଏସ୍.ଡି.ଓ ନିଜେ ଆସିଲେ । ତାଙ୍କୁ ଦେଖି ମୁଁ ବହୁତ ଲଜ୍ଜିତ ହେଲି । ସେ ମୋର ଦୂର ସଂପର୍କୀୟ ମଉସା, ଜଣେ ଶୁଭାକାଂକ୍ଷୀ । ମୁଁ ପାଦଛୁଇଁ ନମସ୍କାର ହେଲି । ଯେ ଯାଜପୁର କେବେ ଆସିଛନ୍ତି ମୁଁ ଜାଣି ନ ଥିଲି । ସେ ମତେ ପାଖକୁ ଡାକି ନେଇ କହିଲେ ଏଠିକୁ କାହିଁକି ଆସିଲ ? ସାବଧାନ ହୋଇ ଚଳିବ । ଏତିକି କହି ଚାଲିଗଲେ । ମୁଁ ସେଠି ଏଗାରମାସ ରହିଛି । ଖୁବ୍ ଭଲରେ ରହିଛି । ୫୦ ବର୍ଷ ପରେ ବି ବିଂଝାରପୁର ରୋଗୀ ମୋ ପାଖକୁ ଆସୁଛନ୍ତି ।

ଆଉ ଗୋଟିଏ ଘଟଣା ନ ଲେଖିଲେ ବିଂଝାରପୁର ରହଣୀର ପୂର୍ଣ୍ଣ ଚିତ୍ର ମିଳିବନି । କିଶୋରୀ ମୋହନ ଦାଶ ବୋଲି ଜଣେ ଶିକ୍ଷକ ରାଜନୀତି କରୁଥାନ୍ତି । ଘର ସେହି ମହାସରା । ପ୍ରେସିଡେଣ୍ଟ ପ୍ରାଣକୃଷ୍ଣ ବାବୁଙ୍କ ପୁତୁରା । ହେଲେ ପାଣୁ ବାବୁ କଂଗ୍ରେସ, ସେ କିନ୍ତୁ ପ୍ରଜା ସୋସାଲିଷ୍ଟ ପାର୍ଟି। କିଶୋରୀ ବାବୁ ଯୁବକ ଓ ଜଣେ ଭଲ ସଂଗଠକ । ତାଙ୍କ ହାତରେ ସ୍ଥାନୀୟ ସବୁ ଟୋକା । ମୁଁ ପାଣୁବାବୁଙ୍କ ଲୋକ ବୋଲି ଜଣାଶୁଣା, ହେଲେ କିଶୋରୀ ବାବୁଙ୍କ ସାଥିରେ ଖିଆପିଆ ବସାଉଠା କରେ ।

ଥରେ ମୁଁ ଆମ ଗ୍ରାମରୁ ଫେରିଲା ବେଳକୁ ଆମ ଡାକ୍ତରଖାନା ଘେରାଉ । ମୋ ବିରୁଦ୍ଧରେ ନୁହେଁ ଡାକ୍ତରଖାନା ପ୍ରେସିଡେଣ୍ଟ ପାଣୁବାବୁଙ୍କ ବିରୁଦ୍ଧରେ । ଜଣେ ଦୋକାନୀ ଘର ସେଲଟ୍ୟାକ୍ସ ବାଲା ଚଢ଼ାଉ କରିବାରୁ ସେ ଆତ୍ମହତ୍ୟା କରିଛି । ପାଣୁ ପଟ୍ଟନାୟକର ଦୋଷ, ସେ ଏ ଅଂଚଳର ନେତା ହୋଇ କିଛି କରୁନାହାନ୍ତି । ଲୋକେ ଡାକ୍ତରଖାନା ଘେରାଉ କରି ପାଣୁ ପଟ୍ଟନାୟକ ମୁର୍ଦ୍ଦାବାଦ କରୁଛନ୍ତି । କିଶୋରୀବାବୁଙ୍କ ପ୍ରରୋଚନାରେ ଏସବୁ ହୋଇଛି । ତଥାପି ମୁଁ ଘଟଣା କଣ ବୁଝିବାକୁ ଓ ପ୍ରକୃତ ପରିସ୍ଥିତି ଆକଳନ ପାଇଁ ଥାନାକୁ ଗଲି । ଥାନା ଡାକ୍ତରଖାନା ପାଖରୁ ଖଣ୍ଡେଦୂର । ଗଲାବେଳେ ଚୁପ୍‌ଚାପ୍ କହି ଯାଉଥିଲି କିଶୋରୀବାବୁ ଜିନ୍ଦାବାଦ ମୁଁ ଥାନାରେ ଅଛି । ସବୁଲୋକ କିଶୋରୀ ବାବୁ ଜିନ୍ଦାବାଦ କହି ପଳାଇଲେ । ଏ ଥିଲା ସେକାଳରେ ଡାକ୍ତରଙ୍କର ପ୍ରଭାବ ।

ମୁଁ ହାଉସ ସର୍ଜନ ଥିବାବେଳେ ରେଲୱେ ଚାକିରୀ ପାଇଁ ବିଜ୍ଞାପନ ବାହାରିଥିଲା । ମୁଁ ସେଥିପାଇଁ ଦରଖାସ୍ତ କରିଥିଲି । ଏଇ ସମୟରେ ସେହି ରେଳବାଇ ଚାକିରୀ ପାଇଁ ବମ୍ବେରେ ସାକ୍ଷାତକାର ସକାଶେ ଚିଠି ଆସିଲା । ଆମେ ଓଡ଼ିଶାରୁ ଚାରିଜଣ ଡାକ୍ତର ଯାଇଥିଲୁ । ସାରା ଭାରତରୁ ବହୁତ ଡାକ୍ତର ଆସିଥାନ୍ତି । ବହୁତ ଦିନ ଧରି ସାକ୍ଷାତକାର ଚାଲିଲା ।

Digitized by srujanika@gmail.com

ସେତେବେଳେ ବମ୍ବେର ରାଜ୍ୟପାଳ ଥାନ୍ତି ହରେକୃଷ୍ଣ ମହତାବ । ମୁଁ ତାଙ୍କୁ ଆଗରୁ ଜାଣିଥିଲି । ଛାତ୍ର କଂଗ୍ରେସର କୁଜିନେତା ଭାବେ ପ୍ରଜାତନ୍ତ୍ର ଅଫିସକୁ ଯାଉଥିଲି । ମୋ ପିଉସା ମଧ୍ୟ ଚିହ୍ନାଇ ଦେଇ ଯାଇଥିଲେ । ଏଇ ସୁଯୋଗରେ ତାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି । ମୁଁ ଓଡ଼ିଶାରୁ ଆସିଛି ବୋଲି ଖୁସି ହେଲେ ।

ସାକ୍ଷାତକାର ପରେ ମୁଁ ରେଲୱାନି ସହ କଥାବାର୍ତ୍ତା କରି ପଳାଇ ଆସିଲି। ଡକ୍ଟର ମହତାବଙ୍କ ଆଶୀର୍ବାଦରୁ ବା ମୁଁ ସାକ୍ଷାତକାର ବେଳେ ଭଲ କରିଥିବାରୁ ନିଯୁକ୍ତିପତ୍ର ଆସିଲା । ବମ୍ବେ ପାଖରେ ପାରେଲ ହସ୍‌ପିଟାଲରେ ପୋଷ୍ଟିଂ । ରେଲୱାନି ସହ ପରାମର୍ଶ କଲି । ଠିକ୍ ହେଲା ମୁଁ ପାରେଲରେ ରହି ବମ୍ବେରେ ସେ ଏମ୍‌ଏସ୍ କରୁଥିବା ଡାକ୍ତରଖାନାରେ ଏମ୍‌ଏସ୍ କରି ପାରିବି । ବିଶେଷ ଅସୁବିଧା ହେବନି । ମୋ ପିଉସୀ ପୁଅ ଭାଇ ରେଲୱେରେ ଚାକିରୀ କରନ୍ତି । ଏଇଟି ଅଣଗେଜେଟେଡ ପୋଷ୍ଟ ବୋଲି ସେ ମୋତେ ନିବର୍ତ୍ତାଇଲେ । ହେଲେ ତାଙ୍କ ଉପରେ ମୋର ଅଭିମାନ । ସେ ମତେ ପାଠ ପଢ଼ା ବେଳେ ଆଦୌ ସାହାଯ୍ୟ କରି ନାହାନ୍ତି । ସୁତରାଂ ମୁଁ ତାଙ୍କଦ୍ୱାରା ପ୍ରଭାବିତ ହେଲିନାହିଁ ।

ଠିକ୍ ଏତିକି ବେଳେ ଆମର ଓଡ଼ିଶା ପି.ଏସ୍.ସି ଅନୁମୋଦନ କ୍ରମେ ପୋଷ୍ଟିଂ ହୋଇଗଲା । ଆଠଗଡ଼ ବ୍ଲକ ଡାକ୍ତର ଭାବେ ମୋତେ ଅବସ୍ଥାପିତ କରାଗଲା । ଦରମା ମାସକୁ ଟ ୧୭୫/- । ଗେଜେଟେଡ ପୋଷ୍ଟ । ହାତରୁ ଚାଲିଗଲେ ସିନିଅରିଟି ହରାଇବି । ତେଣେ ସ୍ନାତକୋତ୍ତର ଉପାଧିର ମୋହ । କିଛିଟା ସ୍ଥିର କରି ପାରୁ ନ ଥାଏ । ଉଭୟ ସ୍ଥାନରୁ ଘନ ଘନ ଚିଠି ଆସୁଥିଲେ ବି ମୁଁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସମୟ ନେଉଥାଏ ।

ବିଧିର ବିଡ଼ମ୍ବନା । ଆମ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଥାନ୍ତି ବି.ଡି. ଖୁରାନା । ସରକାରଙ୍କ ଠାରୁ ଟଙ୍କା କରଜ ନେଇ ବିଲାତରେ ଏଫ୍.ଆର.ସି.ଏସ୍ କରିବାକୁ ମୋ ନାମ ସୁପାରିଶ କଲେ। ଓଡ଼ିଶା ସରକାରଙ୍କ ଦପ୍ତରରେ ତ ସାଥେ ସାଥେ କିଛି ହୁଏନି । ବହୁଦିନ ଲାଗେ । ଯା ହେଉ ବିଲାତ ଯିବାର ଆଶା ସମ୍ବରଣ କରି ନ ପାରି ରେଲୱେ ଚାକିରୀ ଓ ବମ୍ବେରେ ଏମ୍‌ଏସ୍ କରିବାର ମୋହ ତୁଟାଇ ଆଠଗଡ଼ରେ କାର୍ଯ୍ୟରେ ଯୋଗଦାନ ପାଇଁ ନିଷ୍ପତ୍ତି ନେଲି ।

ମୁଁ ବାହା ହୋଇ ନ ଥାଏ । ଦେଖିବାକୁ ଡଉଲ ଡାଉଲ । ଜମିଦାର ପିଲା । ସେଥିରେ ପୁଣି ଏମ୍.ବି.ବି.ଏସ୍ ଡାକ୍ତର । ସମସ୍ତଙ୍କ ଆଖି ପଡ଼ିଲା । ବରୀ, ରାମଚନ୍ଦ୍ରପୁର, ବଉଲାଙ୍ଗ ଇତ୍ୟାଦି ବିଂଝାରପୁରକୁ ଲାଗି ଗ୍ରାମ ଗୁଡ଼ିକ ଖଣ୍ଡାୟତ ବହୁଳ । ସେ ଅଂଚଳର ଖଣ୍ଡାୟତମାନେ ସ୍ୱାଭିମାନୀ । ନିଜକୁ ଭଲ ଖଣ୍ଡାୟତ ବୋଲି ଦାବୀ କରନ୍ତି । ଚାରିଆଡୁ ଖାଇବାକୁ ଡାକରା । ଝିଅ ଦେଖିଲେ କାଳେ ଭଳିଯିବି । ରାସ୍ତାଘାଟ ନ ଥିଲେ ବି ମୁଁ ଯାଏ । ଜାଗା ବୁଲି ଦେଖିବା, ଭଲ ଗଣ୍ଡିଏ ଖାଇବା, କ୍ଷତି କ'ଣ ?

Digitized by srujanika@gmail.com

ଥରେ ଦୁଇଜଣ ଭାଟ ଆସି ପହଁଚିଲେ ଗୋଟେ ପ୍ରସ୍ତାବ ନେଇ । ସେଥିପାଇଁ ମୁଁ ପ୍ରସ୍ତୁତ ନ ଥିଲି । କମ୍ପାଉଣ୍ଡର ବାବୁଙ୍କୁ ପଚାରିଲି । ସେ କହିଲେ ଯାଉନାହାନ୍ତି ବୁଲି ଦେଖି ଆସିବେ । ସେ ବି ଖଣ୍ଡାୟତ ଲୋକ । ତାଙ୍କୁ ସାଥିରେ ନେଇଗଲି । ବାଟରେ ଶ୍ଳୋକ ଶୁଣି ଶୁଣି ପେଟ ପୂରିଗଲା । ଫେରିଲା ବେଳକୁ ରାତି ଦୁଇଟା । ଏମିତି ବି ହୁଏ ।

ମୁଁ ନବମ ଶ୍ରେଣୀରେ ପଢୁଥାଏ । ମୋର ପ୍ରଥମ ବିଭାଘର ପ୍ରସ୍ତାବ ଆସିଲା ଛୋଟୀ ପଦନ ବଳ ଘରୁ । ପଦନ ବଳ କଲିକତାରେ ଲେବର କଣ୍ଟ୍ରାକ୍‌ଟର । କଲିକତାକୁ କୁଲି ମୁଲିଆ ପଠାନ୍ତି । କଲିକତାରେ ସୁନାମ । ବହୁତ ଧନ ସଂପତ୍ତି । ହେଲେ ଏତେ କମ୍ ବୟସରେ ବାହା କରାଇବାକୁ ମୋ ଭାଇ ରାଜି ହେଲେନି । ମୋ ବାପା ୩୬ ବର୍ଷ ବୟସରେ ମରି ଯାଇଥିଲେ । ଅଳପ ଆଇସିଆ (ଆୟୁଷ) ଘର ବୋଲି ସେମାନେ ବି ଓହରିଗଲେ ।

ମୁଁ ଡାକ୍ତରୀ ପାଶ୍ କରିବା ପର୍ଯ୍ୟନ୍ତ ଆଉ କେହି ମୋ ବିଭାଘର ପ୍ରଶ୍ନ ଉଠାଇ ନାହାନ୍ତି । କେହିତ ମୁରବୀ ନ ଥିଲେ ଉଠାନ୍ତା କିଏ ? ପ୍ରେମ କରି ବାହାହେବା ଭଳି ମନୋଭାବ ବା ଯୋଗ୍ୟତା ମୋର ନ ଥିଲା । ମୁଁ କଟକରେ ହାଉସ ସର୍ଜନ ଥିବା ବେଳେ କେତେଗୁଡ଼ିଏ ପ୍ରସ୍ତାବ ଆସିଥିଲା । ଆଡ଼ଭୋକେଟ କ୍ଷେତ୍ରମୋହନ ସ୍ୱାଇଁ, ପ୍ରଫେସର ମଦନ ମୋହନ ପ୍ରଧାନ ଇତ୍ୟାଦିଙ୍କ ତରଫରୁ। ହେଲେ ମୋର ତ କେହି ମୁରବୀ ନ ଥିଲେ । ତା ଛଡ଼ା ଜୀବନ ଯାପନ ପ୍ରଣାଳୀ ଅତି ସରଳ, ନିରାଡମ୍ବର । ଖଦୀ ପ୍ୟାଣ୍ଟ, ଖଦୀ କୁର୍ତ୍ତା ପରିଧାନ। ଦାରିଦ୍ର୍ୟକୁ ଲୁଚାଇଲା ଭଳି କୌଣସି ଉପାଦାନ ମୋ ପାଖରେ ନଥିଲା । ସୁତରାଂ ଏସବୁ ପ୍ରସ୍ତାବ କେବଳ ପ୍ରସ୍ତାବରେ ହିଁ ରହିଗଲା ।

କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ଲୋକସଂଖ୍ୟା ଦଶଲକ୍ଷ । ଖଣ୍ଡାୟତ ବହୁଳ ଅଂଚଳ। ଚାରିପାଂଚ ଲକ୍ଷ ହେବ । ମୁଁ ଜାଣିବାରେ ସେତେବେଳେ ମୁଁ ଏକମାତ୍ର ଖଣ୍ଡାୟତ ଏମ୍.ବି.ବି.ଏସ୍ ଡାକ୍ତର । ବାହା ବଜାରରେ ଡାକ୍ତରଙ୍କ ଚାହିଦା ବହୁତ । ଆମ ପରିବାର ବିଶେଷ କରି ଭାଇ ଖୁବ୍ ଜଣାଶୁଣା । ତଥାପି ସେଭଳି କିଛି ଆଖି ଦୃଶିଆ ପ୍ରସ୍ତାବ ଆସି ନ ଥାଏ । ମୋ ଦାଦାପୁଅ ଭାଇମାନେ ମୋ ଠାରୁ ବହୁତ ସାନ ହେଲେ ବି ବାହା ହୋଇ ଗୋଟିଏ ଦୁଇଟି ପିଲାର ବାପା ହେଲେଣି ।

ମୁଁ ବିଲାତ ଯିବି ବୋଲି ମନେ ମନେ ସିଦ୍ଧାନ୍ତ ନେଇ ସାରିଲିଣି । ଘର ପ୍ରତି ଆକର୍ଷଣ କମିଲାଣି । କାହାରିକୁ କହି ନଥାଏ । କୌଣସି ଗୋଟିଏ ସ୍ଥାନରେ ବାହାହୋଇ ପଡ଼ିଲେ ଗ୍ରାମରେ ଗୋଟିଏ ସ୍ଥିତି ରହିବ । ଏହା ହେଉଛି ବିଚାର ବା ଅବିଚାର ।

ଆମ ପରିବାରର ଡାକ୍ତର ବଂଧୁ ମୋ ସାଥୀ ଡାକ୍ତର କିଶୋର ମହାନ୍ତିଙ୍କ ବାପା ସ୍ୱାଧୀନତା ସଂଗ୍ରାମୀ ଡାକ୍ତର ଘନଶ୍ୟାମ ମହାନ୍ତିଙ୍କ ଜରିଆରେ ପ୍ରଥମ ପ୍ରସ୍ତାବ ଆସିଲା ପଟ୍ଟାମୁଣ୍ଡାଇ ପାଖ ବାଲିପଡ଼ିଆ ନକୁଳି ନାୟକଙ୍କ ଝିଅ ସହିତ । ନକୁଳି ବାବୁ ଜଣେ ଜଣାଶୁଣା ପ୍ରଥମ ଶ୍ରେଣୀ କଣ୍ଟ୍ରାକ୍‌ଟର। ମୁଁ ତାଙ୍କୁ ଜାଣେନି କି ଝିଅକୁ ଦେଖିନି । ଝିଅଟି ଅଣ୍ଡର ମାଟ୍ରିକ୍ । ଘନବାବୁଙ୍କ ପ୍ରତି ମୋର ଥିଲା ଯଥେଷ୍ଟ

Digitized by srujanika@gmail.com

ସମ୍ମାନ । ସେ ଆମର ଶୁଭେଚ୍ଛୁ । ତାଙ୍କ ପୁଅ ମୋ ପିଲାଦିନରୁ ସହପାଠୀ । ମୁଁ ବରାବର ତାଙ୍କ ଘରକୁ ଯାଏ । ତାଙ୍କରି ଖାତିରିରେ ମୁଁ ରାଜି ହୋଇଗଲି । ସ୍ୱୀକାର ଆସିଲା । ତାପରେ ମୋ ଭିଣୋଇଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ଜେନା ଆସି କହିଲେ ଆରେ ତୁ ସେ କଳିହୁଡ଼ିଟାକୁ ବାହାହେବୁ ? ଦେଖିଛୁ ତାକୁ ? ଇତ୍ୟାଦି । କୁନାଭାଇ (ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଡାକନାମ କୁନା) ପୋଲିସ ଅଫିସର । ମତେ ଖୁବ୍ ଭଲ ପାଆନ୍ତି । ତାଙ୍କ ସ୍ତ୍ରୀ ବି। ମୁଁ କଟକରେ ପଢ଼ିଲା ବେଳେ ତାଙ୍କ ବସାଟା ମୋର ବୈଠକଖାନା । ଏକଥା କାନକୁ ତିନିକାନ ହେଲା । ମୁଁ ନିରବ ନିଶ୍ଚଳ । ମୋ ଆଗରେ ବିଲାତର ରଂଗୀନ ସ୍ୱପ୍ନ । ଠିକ୍ ହେଉ ବା ଭୁଲ ହେଉ ଏଥିପ୍ରତି ମୁଁ ଆଦୌ ଗୁରୁତ୍ୱ ଦେଲିନି ।

ଏଥି ଭିତରେ ମୋ ଭିଣୋଇ ଦାମଜେନା ଆଉ ଗୋଟିଏ ପ୍ରସ୍ତାବ ଦେଲେ । କେନ୍ଦୁପାଟଣା ବାମନ ପରିଡ଼ାଙ୍କ ଝିଅ ସହିତ। ବାମନ ପରିଡ଼ା ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର । ସ୍ୱାଧୀନତା ସଂଗ୍ରାମୀ । ସ୍ୱାମୀ ନିଗମାନନ୍ଦଙ୍କ ପରମ ଭକ୍ତ । ସେ ଅଂଚଳରେ ତାଙ୍କ ସୁନାମ ବହୁତ । ମୁଁ ଝିଅ ଦେଖିବାକୁ ଗଲି । ପ୍ରଥମେ ଦେଖିଲି ମୋର ଛୋଟ ଛୋଟ ଭାବୀ ଶଳା ଦୁଇଟିଙ୍କୁ । ସେମାନେ ମତେ ବଶ କରିନେଲେ । ସୁନ୍ଦର ସୌମ୍ୟ ଅନାବିଳ ଦୁଇଟି ମୁହଁ । ମୋ ଜୀବନର ଦୁର୍ବଳତା ।

ଝିଅ ଦେଖିଲି । ସୁନ୍ଦରୀ ନ ହେଲେ ବି ଅସୁନ୍ଦରୀ ନୁହେଁ । ମାଟ୍ରିକ୍ ପାଶ୍ କରିଛନ୍ତି । ମୁଁ ତ ବାହା ହୋଇ ପଡ଼ିବାକୁ ଉଦ୍‌ବିଗ୍ନ । ମୋର ସମ୍ମତି ପ୍ରଦାନ କରିଦେଲି । ବାମନ ବାବୁ ସର୍ତ୍ତ ରଖିଲେ ପ୍ରଥମେ ନକୁଳି ବାବୁଙ୍କ ସ୍ୱୀକାର ଫେରାଇ ଦେବାକୁ ପଡ଼ିବ । ତାହା ହିଁ ହେଲା। ନକୁଳି ବାବୁ ଆପେ ଆପେ ଅପସରି ଗଲେ ।

ବାମନବାବୁଙ୍କ ଘରୁ ସ୍ୱୀକାର ଆସିଲା । ଖୁବ୍ ଉଚ୍ଚକୋଟୀର ବେଭାର । ଏମିତି ବେଭାର ଆମ ଗ୍ରାମରେ ଆଗରୁ କେହି ଦେଖି ନଥିଲେ । କିନ୍ତୁ ତାପରେ ପରେ ଖବର ଆସିଲା ସେ ଛତରଖିଆ । ତାଙ୍କ ଘରେ କେହି ପାଣି ପିଅନ୍ତିନି । ପଇସା ବଳରେ ହେଉ ବା ଅନ୍ୟ କୌଣସି ଉପାୟରେ ହେଉ ପରକୁ ଆପଣାର କରିବାରେ ସେ ସିଦ୍ଧହସ୍ତ । ମୋର ଯେଉଁ ତଥାକଥିତ ନିଜର ବଂଧୁ ଥିଲେ ସେମାନଙ୍କୁ ସେ ନିଜର କରି ନେଇ ସାରିଲେଣି । ମୋ ଭିଣୋଇ କହିଲେ ସେ କେଉଁ ଅମଳର କଥା । ଏବେ ସେ ଭଲ ଖଣ୍ଡାୟତ ଘରେ ବଂଧୁ କରିଗଲେଣି । ମୋ ପିଉସାଙ୍କ ପୁଅ ହରିଶ୍ ଭାଇ କହିଲେ ଆରେ ଗଙ୍ଗାରେ ଯିଏ ପଡ଼ିବ ସିଏ ପବିତ୍ର। ଆମ ପରିବାରର ସୁନାମ ସବୁକିଛି ଡାଙ୍କି ପକାଇବ। ଯୁବକ ରକ୍ତ । ଖଦଡ଼ଧାରୀ । ଜାତିଗୋତ୍ର ଉପରେ ବିଶେଷ ଗୁରୁତ୍ୱ ଦିଏନି । ଗୋଟେ ଜାଗାରେ ଭାଙ୍ଗିଲାଣି । ଏଠି ପୁଣି ସମସ୍ୟା ଉପୁଜିବ କାହିଁକି ?

ରାୟ ପରିଡ଼ା କଂପାନୀ ସାରା ଓଡ଼ିଶାରେ ବଡ଼ ବଡ଼ କାମର ଠିକା ନେଉଥିଲେ । କଂପାନୀର ୪ ଜଣ ଅଂଶୀଦାର । ବାମନ ପରିଡ଼ା ମୁଖ୍ୟ । ଅନ୍ୟମାନେ ହେଲେ ମିଆଁବାବୁ, ଧ୍ରୁବ ସ୍ୱାଇଁ ଓ ବିରଜା ରାୟ । ବିରଜାବାବୁ ସ୍ୱାଧୀନତା ସଂଗ୍ରାମୀ । ପ୍ରଜା ସୋସାଲିଷ୍ଟ ଦଳର ନେତା । ମୁଁ ତାଙ୍କୁ ଆଗରୁ ଜାଣିଥିଲି । ତାଙ୍କ

Digitized by srujanika@gmail.com

ପୁଅ ଜଣେ ଡାକ୍ତର ବି । ସ୍ୱୀକାର ଆସିବା ପରେ ବିରଜାବାବୁ ତାଙ୍କର କର୍ମକ୍ଷେତ୍ର ସାଲେପୁରର ଡାକ୍ତର ବାସୁଦେବ କରଙ୍କ ଡାକ୍ତରଖାନାରେ ମତେ ପଚାରିଲେ ତୁମ ଶଶୁର କହୁଥିଲେ ଗୋଟିଏ ଗାଡ଼ି ଦେବା ପାଇଁ । କି ଗାଡ଼ି ନେବ ? ମୁଁ ତାଙ୍କୁ ଜଣେ ସଂଗ୍ରାମୀ ଭାବେ ବହୁତ ସମ୍ମାନ ଦିଏ । ନମ୍ରତାର ସହ ଜବାବ ଦେଲି ମୋ ଦରମା ମାସକୁ ଶହେ ଦଶଟଙ୍କା । ବିରଜା ବାବୁ କହିଲେ ସେ ତେଲ ଦେଇ ଦେବେ । ମୋର ଦ୍ୱିତୀୟ ପ୍ରଶ୍ନ ଗାଡ଼ି ରହିବ କେଉଁଠି ? ଉତ୍ତର ମିଳିଲା ସେ ଘର କରିଦେବେ । ମୁଁ ଦେଖିଲି ବିରଜା ବାବୁ ମତେ ବୁଝିବାକୁ ଚେଷ୍ଟା କରୁ ନାହାନ୍ତି । ମୁଁ ନମ୍ର ଭାବରେ କହିଲି ତାଙ୍କ ଗୁହାଳେ ବି ମୋ ପାଇଁ କିଛି ଜାଗା ଛାଡ଼ିଦେଲେ ଚଳନ୍ତା । ବିରଜାବାବୁ ମୋ ସ୍ୱାଭିମାନରେ ଆଂଚ ଆସିଲା ଭଳି ଆଉ କୌଣସି ପ୍ରଶ୍ନ ନକରି ଚୁପ୍ ରହିଲେ । ଦବାନବା ପ୍ରଶ୍ନରେ ସେଇଠି ପୂର୍ଣ୍ଣଚ୍ଛେଦ ପଡ଼ିଲା ।

ସ୍ୱୀକାର ଆସିବାର ପ୍ରାୟ ଚାରିମାସ ପରେ ୧୯୫୭ ନଭେମ୍ବର ୨୩ ତାରିଖରେ ବିଭାଘର । ଏଥି ଭିତରେ ଆମ ଅଗଣାରେ ଥିବା କୂଅର ଭଙ୍ଗା ବୁଢ଼ା ନନ୍ଦଟା ବଦଳା ଯାଇ ପକା ନନ୍ଦ ବସିଛି। ବାଡ଼ିରେ ବରପାଲି ପାଇଖାନା ପଡ଼ିଛି ।

ମାସକ ଆଗରୁ ମୋର ଆଠଗଡ଼ ବ୍ଲକରେ ପୋଷ୍ଟିଂ ହୋଇଛି । ବିଂଝାପୁର ଛାଡ଼ିନି । ସମୟ ଗଡ଼ାଇ ଚାଲିଛି । ବିଭାଘରରେ ମୋ ଭିଣୋଇ ଘରର ପ୍ରାୟ ସମସ୍ତେ ଅଗ୍ରଣୀ । ସତେ ଯେମିତି ତାଙ୍କର ଭାଇ କି ପୁଅ ବାହା ହେଉଛି । ବରଧରା ଆସିଲା । ବରଧରା ଗାଡ଼ିରେ ଆଗେ ଆଗେ ବରହମପୁରର ବ୍ୟାଣ୍ଡପାର୍ଟି । ସେ କାଳରେ ଏସବୁ କଳ୍ପନାତୀତ । ଆମ ଗ୍ରାମକୁ ଗାଡ଼ି ଯିବା ଭଳି ରାସ୍ତା ନ ଥିଲା । କେବଳ ଏଇଥିପାଇଁ ରାସ୍ତା ହୋଇଥିଲା ।

ଆମର ସବୁ ବଂଧୁବାଂଧବ ଆସିଥାନ୍ତି । ସେମାନଙ୍କ ଭିତରେ ଥାନ୍ତି ରାମଚନ୍ଦ୍ରପୁର ଓ ବେଣୀପୁରର ପିଉସା, କୋରଡ଼ା ପିମ୍ପଳର ନିମାଇ, ତିଗିରିଆର ହରିଶ ଭାଇ, ପଲେଇର ଚୂଟ, ମଙ୍ଗଳପୁରର କାଙ୍ଗାଳି ଦାଦା, ସବଳଙ୍ଗର ଗଣେଶ ମାମୁଁ, ବାରଗାଁର ସାଧୁଭାଇ, ଭାରତପୁରର ଭାଇ, ମୂଳ ବସନ୍ତର ଯୁଧିଷ୍ଠିର ମଂଗରାଜ, କେନ୍ଦ୍ରାପଡ଼ା ପଟାମୁଣ୍ଡାଇର ବହୁ ସ୍ୱାଧୀନତା ସଂଗ୍ରାମୀ ଓ ଗଣ୍ୟମାଣ୍ୟ ବ୍ୟକ୍ତି, ଯେଉଁମାନଙ୍କର ଆଶୀର୍ବାଦ ମୋ ଉପରେ ଅଜାଡ଼ି ହୋଇ ପଡୁଥିଲା ।

ବର ବାହାରିବା ପୂର୍ବରୁ ଗ୍ରାମବାସୀ ଓ ଆଖପାଖ ଗ୍ରାମର ଲୋକେ ଖାଆନ୍ତି । ଖଳନାୟକ ମାନଙ୍କର ଅଭାବ କେଉଁଠି ନ ଥାଏ । ହଠାତ୍ ମୋର ଦୁଇଟି ଦାଦା (ବୃନ୍ଦାବନ ଓ ଯଦୁ) ଅଡ଼ି ବସିଲେ ଆମେ ଖାଇବୁନି କି ସେ ଛତରଖିଆ ଘରକୁ ଯିବୁନି । ଏ କଥା ମୋ କାନକୁ ଆସିଲା । ମୁଁ ପ୍ରଥମେ ପଳସିଂହା ଗ୍ରାମ ଲୋକଙ୍କୁ ନଡାକି ଆମ୍ବପଡ଼ା, ସାନମାଣତିରିଆ, ପଟଣା, ସାତପଡ଼ା, କୋଳଡିରା, ମିରିଜାପୁର ଇତ୍ୟାଦି ପାଖ ଗ୍ରାମର ଲୋକଙ୍କୁ ଖୁଆଇ ଦେଲି । ଅନ୍ୟ ପଟରେ ହରିଜନମାନେ ବି ଖାଇଦେଲେ । ବରଯାତ୍ରୀ ନେବାକୁ ବାମନବାବୁ ଗାଡ଼ି, ଟ୍ରକ ସବୁ ପଠାଇଥାନ୍ତି । ଖାଇସାରି ଏମାନେ ସବୁ ଗାଡ଼ିରେ ବସି ପଳାଇଲେ - ଜାଗା ମିଳିବନି ଭାବି । ଜମିଦାର, ତା ଉପରେ ପୁଣି ଡାକ୍ତର । ତାଙ୍କୁ ସନ୍ତୁଷ୍ଟ କରିବେ । ବାହାଘର ଦେଖିବେ । ଶେଷରେ ଆମ ଗ୍ରାମର ଲୋକେ ଅନ୍ୟନ୍ୟୋପାୟ ହୋଇ ଖାଇଲେ

Digitized by srujanika@gmail.com

ଓ ଶେଷ ଗାଡ଼ିରେ ଗଲେ। ମୁଁ ତ ବରଧରା କାର୍‌ରେ ଗଲି । ଗାଁ ଦାଣ୍ଡରେ ବି ଶୋଭାଯାତ୍ରାର ଟ୍ରେଲର ଦେଖାଗଲା ।

ଆମ ଗାଡ଼ିସବୁ ସାଲେପୁର ବାଟ ଦେଇ ଚିତ୍ରୋତ୍ପଳା ନଦୀକୂଳରେ ଥିବା ଜଳସେଚନ ଡାକ ବଙ୍ଗଳା ପାଖକୁ ଗଲା । ସେଠି ଅଭ୍ୟର୍ଥନା ଓ ଜଳଯୋଗର ବ୍ୟବସ୍ଥା । ସେଇଠୁ ଶୋଭାଯାତ୍ରା ଆରମ୍ଭ । ଗୋଟେ ପଟେ କେନ୍ଦ୍ରାପଡ଼ା କେନାଲ, ଆରପଟେ ଚିତ୍ରୋତ୍ପଳା ନଦୀ । ବରଯିବା ପାଇଁ ଆସିଥିବା ଗାଡ଼ିଟି ସଜା ହୋଇଥାଏ ଗୋଟିଏ ପକ୍ଷୀରାଜ ଘୋଡ଼ା ପରି । ବର ଆଗରେ ଗୋଟେ ଗାଡ଼ିରେ ଦକ୍ଷିଣି ନାଚ । ତା ଆଗକୁ ଆଲୋକ ମାଳରେ ସୁଶୋଭିତ ବିଭିନ୍ନ ବାଦ୍ୟଯନ୍ତ୍ରର ପଟୁଆର । ଆଖି ପାଉ ନଥାଏ । ତେବେ ସେକାଳରେ ଆଜିକାଲିକା ଭଳି ଉଦଣ୍ଡ ନାଚ ନଥିଲା । ବାଣ ଶବ୍ଦରେ କାନ ଅତଡ଼ା । ବିଭିନ୍ନ କିସମର ବାଣ । ରକେଟ ମାଡ଼ ଭିତରେ ବରଣମାଳା ସହ ଅଭିନନ୍ଦନ । ଅସୁମାରୀ ଲୋକଭିଡ଼ । ଆମ ବରଯାତ୍ରୀ ତ ପାଂଚଶହ । ଦେଖଣାହାରୀ ବହୁତ । ଆମେ ତାଙ୍କ ଘରେ ପହଁଚୁ ପହଁଚୁ ସକାଳ । ଏତେ ବିରାଟ ରୋଷଣୀ ମୁଁ ଆଗରୁ ଦେଖି ନଥିଲି । ଏ ପର୍ଯ୍ୟନ୍ତ ବି ଦେଖିନି ।

ବର ପହଁଚିବା ପରେପରେ ବରଯାତ୍ରୀ ମାନଙ୍କର ସତ୍କାର । ନିଗମାନନ୍ଦ ସରସ୍ୱତୀଙ୍କ ଧର୍ମାବଲମ୍ବୀ ବୋଲି ତାଙ୍କ ବାହା ଭୋଜିରେ ବି ଆମିଷ ହୁଏନି । ମୋ ଡାକ୍ତର ବଂଧୁ କେଇଜଣ ଚୁପଚାପ ହେଉଥିଲେ । ବିରଜାବାବୁ ଓ ଧ୍ରୁବବାବୁ ଆସି ସେମାନଙ୍କୁ ବୁଝାଇଦେଲେ ।

ବର ବରଣୀ ପରେ ପରେ ପଣ୍ଡିତମାନଙ୍କ ଦ୍ୱାରା ବେଦଧ୍ୱନି ମଧ୍ୟରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଗଲା । ମୋର ମନେ ପଡୁଛି ବାହାବେଦୀରେ ବେଭାର ଚାଳିବା ପାଇଁ ମୋପାଖରେ ପର୍ଯ୍ୟାପ୍ତ ପରିମାଣରେ ଟଙ୍କା ନଥାଏ । ସାଥିରେ ଥାନ୍ତି ମୂଳ ବସନ୍ତର ବ୍ରଜ ପାତ୍ର । ପାଠପଢ଼ା ବେଳୁ ତାଙ୍କୁ ମାମୁଁ ବୋଲି ଡାକୁଥିଲି । ସେସବୁ ବେଭାର ଟଙ୍କା ଦେଇ ଦେଉଥାନ୍ତି । ବଂଧାଣ ଟଙ୍କା କାହାର ପ୍ରାପ୍ୟ ବୋଲି ବାଦାନୁବାଦ ଚାଲିଥିବା ବେଳେ ମୁଁ ହସିହସି କହି ପକାଇଲି ସବୁ ତ ବରର । ତ୍ାଙ୍କ କଥାକୁ ସମ୍ମାନ ଦେଇ ସେମାନେ ସବୁଟଙ୍କା ଆମକୁ ଦେଇଦେଲେ ଓ ସେ ଟଙ୍କା ତାଙ୍କ ଗ୍ରାମ ଚାନ୍ଦା ଓ ମନ୍ଦିର ବିଦାକୀ ଇତ୍ୟାଦି ପାଇଁ ଦିଆଯାଇଥିଲା ।

ବାହାଘର ପରେ ପରେ ବରଯାତ୍ରୀ ସବୁ ବିଦା ହୋଇଗଲେଣି । ଏବେ ଝିଅ ତ୍ାଙ୍କ ବିଦାହେବା କଥା । ତାର କିଛି ସମୟ ପୂର୍ବରୁ ରାଜୁବାବୁ ମତେ ଡାକି କହିଲେ, "ଡାକ୍ତର ବାବୁ କାନ୍ତିର ଟିକିଏ ମୁଣ୍ଡଦୋଷ ଅଛି । ବେଳେବେଳେ ବାତ ମାରେ । ଆପଣ ତ ଡାକ୍ତର ।" ରାଜୁବାବୁ ସେତେବେଳେ ଖଣ୍ଡସାହି ଉଚ୍ଚ ଇଂରାଜୀ ବିଦ୍ୟାଳୟର ଜଣେ ଶିକ୍ଷକ ଓ କାନ୍ତି (ମୋ ସ୍ତ୍ରୀ)ର ଟ୍ୟୁସନ ମାଷ୍ଟର । ସେ ବି ଜଣେ ସ୍ୱାଧୀନତା ସଂଗ୍ରାମୀ । ପରେ ସେ ପାଟକୁରା ବିଧାନସଭା ସଦସ୍ୟ ଓ ଖଦୀବୋର୍ଡ଼ ଚେୟାରମ୍ୟାନ ଇତ୍ୟାଦି ପଦରେ ଅଳଂକୃତ ହୋଇଛନ୍ତି । ରାଜୁବାବୁଙ୍କ କଥାରେ ମୋ ମୁଣ୍ଡରେ ଚଡ଼କ ପଡ଼ିଲା । ସମୁଦାୟ ଆକାଶଟା ଯେପରି ମୋ ଉପରେ ଭୁଷୁଡ଼ି ପଡୁଛି । ରାଗ ଅଭିମାନରେ ମୁଁ ଜଳି ଯାଉଛି । ଏ ବାତ ଯେ

Digitized by srujanika@gmail.com

ଅପସ୍ମାର ବାତ ମତେ ଜାଣିବାକୁ ସମୟ ଲାଗିଲା ନାହିଁ । ବାମନ ବାବୁଙ୍କ ପ୍ରତି ମୋର ଯେଉଁ ସମ୍ମାନ ଥିଲା ନିମିଷକ ଭିତରେ ଉଭେଇ ଗଲା । ନିଜ ଝିଅର ସ୍ୱାର୍ଥ ପାଇଁ ଯିଏ ଅନ୍ୟର ସର୍ବନାଶ କରିବାକୁ ପଛାଉ ନାହାନ୍ତି ତାକୁ କୌଣସି ଠାକୁର ଆଶ୍ରୟ ଦେଇ ପାରିବେନି ।

ବିଭାଘର ହଠାତ୍ ହୋଇନାହିଁ । ସ୍ୱୀକାର ଦେବାର ଚାରିମାସ ପରେ ବାହାଘର । ମୋ ଭିଣୋଇଙ୍କ ଗ୍ରାମର ଅଧିକାଂଶ ଲୋକ, ମୋ ଭଉଣୀ ବି ସ୍ୱାମୀ ନିଗମାନନ୍ଦଙ୍କ ଭକ୍ତ । ମାସରେ ଦୁଇ ତିନିଥର ବାମନବାବୁଙ୍କ ଘରକୁ ଆସନ୍ତି । ଏ ରୋଗ ଲୁଚାଇ ହେବନି । ବିକଟାଳ ଚିତ୍କାର ସମସ୍ତେ ଶୁଣିବେ । ସୁତରାଂ ଝିଅର ଏ ରୋଗ ସମ୍ବନ୍ଧରେ କେହି ଜାଣି ନାହାନ୍ତି କହିବା ସତ୍ୟର ଅପଳାପ । ମୋ ଭିଣୋଇ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ମତେ ଯୂପକାଠିରେ ଚଢ଼ାଇଛନ୍ତି । ସମସ୍ତଙ୍କ ପ୍ରତି ରାଗ, ଅଭିମାନ, ଉତ୍ସାହ ବିହୀନ । ଏବେ ଆଉ କଣ କରିହେବ ? କିଏ ବା ଅଛି ମୋର ? ମୁଁ ଯେ ନିଃସହାୟ । ନିଜକୁ ସମ୍ଭାଳି ନେଇ କହିଥିଲି ସବୁ ଭଗବାନଙ୍କ ଦାନ ।

ଶାନ୍ତିର ମୂଳ ଆଧାର ପରିବାର। କାହାକୁ ନେଇ ପରିବାର ? କଣ ଏକା ଏକା ପରିବାର ଗଢ଼ିବ ? ଏ ଦ୍ୱନ୍ଦ୍ୱର ସମାଧାନ କରିବ କିଏ ? ପରିବାର ଭିତରେ ଶାନ୍ତି ନଥିଲେ ମଣିଷ ଜୀବନରେ କେବେ ହେଲେ ଶାନ୍ତି ଲାଭ କରିପାରେ ନାହିଁ । ସେ ଯେଉଁ ଆଡ଼େ ଯାଏ ଅଶାନ୍ତିର ଗୋଟିଏ ବୋଝ ବୋହି ନେଇଯାଏ । ହା ହୁତାଶ ମଧ୍ୟରେ ତା ଜୀବନ ଅତିବାହିତ ହୁଏ । ଶାନ୍ତି ପାଇବାକୁ ହେଲେ ତ୍ୟାଗ ହିଁ ପ୍ରୟୋଜନ । ବିବେକୀ ମଣିଷ ଆବଶ୍ୟକ ବେଳେ ସର୍ବସ୍ୱ ତ୍ୟାଗ କରିଥାନ୍ତି । ସେଥିପାଇଁ ମାନସିକ ପ୍ରସ୍ତୁତି ଲୋଡ଼ା ଓ ତା ବି ସମୟ ସାପେକ୍ଷ ।

ଗ୍ରାଣ୍ଡମାଲ ଏପିଲେପ୍ସି । ଅପସ୍ମାର ବାତରୋଗୀ ପାଇଁ ସେ କାଳରେ କୌଣସି ଭଲ ଔଷଧ ବାହାରି ନ ଥିଲା । ଏ ରୋଗୀମାନେ ପ୍ରାୟତଃ ନିଆଁରେ ପୋଡ଼ି ହୋଇ ବା ପାଣିରେ ବୁଡ଼ି ମରୁଥିଲେ । ବିଶେଷ କରି ଏ ରୋଗ ବଂଶଗତ । ପିଲାମାନଙ୍କ ମଧ୍ୟରୁ ଖୁବ୍ କମ୍‌ରେ ଏକ ଚତୁର୍ଥାଂଶ ଏହାର ଶିକାର ହୁଅନ୍ତି । ସେଥିପାଇଁ ଏ ରୋଗୀମାନଙ୍କୁ ବିବାହ ପାଇଁ ବାରଣ କରାଯାଉଥିଲା ।

ମୁଁ କେବେ ସେ ଶ୍ୱଶୁରଙ୍କୁ ବାପା ବୋଲି ସମ୍ବୋଧନ କରିନି କି ବାପାର ସମ୍ମାନ ଦେଇନି । ମୋ ଆଖିରେ ସେ ଶେଷ ପର୍ଯ୍ୟନ୍ତ ରହିଗଲେ ଜଣେ ପ୍ରତାରକ । ଧନଗର୍ବରେ ସେ ଅନ୍ୟର ସର୍ବନାଶ କରିବାକୁ ପଛେଇ ନାହାନ୍ତି । ତାଙ୍କର ସତ୍ ସାହସ ଥିଲେ ବିବାହ ପୂର୍ବରୁ ଏକଥା ସେ ମତେ କହି ପାରିଥାନ୍ତେ । ତାଙ୍କ ଧନ ସଂପତ୍ତି ପାଖରେ ମୁଁ ଅତ୍ୟନ୍ତ ନ୍ୟୂନ । ସେ ବି ନିର୍ଲଜ ଭାବେ ମୋ ଭିଣୋଇଙ୍କୁ (ସତ ମିଛ ତାଙ୍କୁ ଜଣା) କୋର୍ଟକୁ ଯିବାର ଧମକ ଦେଇଛନ୍ତି । ପରବର୍ତ୍ତୀ କାଳରେ ବାମନ ବାବୁ ସନ୍ନ୍ୟାସ ଗ୍ରହଣ କରିଛନ୍ତି । ତାଙ୍କୁ ସମାଧି ଦିଆ ଯାଇଛି । ସବୁଠିକୁ ମୁଁ ଯାଇଛି । ସବୁ ଲୋକ ଦେଖାଣିଆ, କେଉଁଠି ଆନ୍ତରିକତା ନ ଥିଲା ।

ଦୁଃଖରେ ଭାଙ୍ଗି ପଡ଼ିବାର ଲୋକ ମୁଁ ନୁହେଁ । ଦୁଃଖରେ ଯାର ଜୀବନ ଗଢ଼ା, ତା ଦେହ ଆବାର ଦୁଃଖ କି ? ମନ ଭିତରେ ସବୁ କୋହକୁ ଚାପି ରଖି

Digitized by srujanika@gmail.com

ଆମେ ଫେରିଲୁ ଘରକୁ । ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଗଲେ ଜାଣେ କିଏ ?

ଆମ ଘରେ ପହଁଚିବା ପରେ ବୋହୁକୁ ବାତ ମାରିଲା । ପ୍ରତି ତିନି ଚାରି ଘଣ୍ଟାରେ ଥରେ । ବିକଟାଳ ଚିତ୍କାର (ପୋଷ୍ଟ ଏପିଲିପ୍ଟିକ୍ କ୍ରାଏ) ଘର କଂପୁଛି, ଲୁଚାଇ ରଖିବାର ଉପାୟ ନାହିଁ। ସାଇ ପଡ଼ିଶା ସମସ୍ତେ ଜାଣିଲେଣି। ଡାହାଣୀ ଲାଗିଛି, ଭୂତ ଲାଗିଛି, ପ୍ରେତ ଗ୍ରାସିଛି ଏମିତି କେତେ କଥା । ଦଳଦଳ ହୋଇ ମାଇପେ ଛୁଟିଲେ । ଦେହ ଅସୁସ୍ଥ କହି ଘର ବଂଦ କରିଦେଲି।

ମୋ ବୃନ୍ଦାବନ ଦାଦା ଯେ କି ଛତରଖିଆ ଘରେ ବଂଧୁ କରିବେନି ବୋଲି ଅଡ଼ି ବସିଥିଲେ ସେ ଏବେ କହି ବୁଲିଲେଣି - ତାଙ୍କ ଝିଅକୁ ଫେରାଇଦେବା । ଆମ ପୁଅକୁ ଅନ୍ୟ ସ୍ଥାନରେ ବିବାହ କରିବା । ଏହାର ପରିଣାମ ମୁଁ ହୃଦୟଙ୍ଗମ କରିନେଲି। ବାମନ ପରିଡ଼ାଙ୍କ ଝିଅକୁ ଛାଡ଼ପତ୍ର ଦେବା ମୋ ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ । ଯାହା କଲେ ବି ଏକ ଅଶାନ୍ତ ପରିବେଶ ଭିତରେ ମତେ ଜୀବନ କଟାଇବାକୁ ପଡ଼ିବ । ସେଥିପାଇଁ ମୁଁ ନିଜକୁ ପ୍ରସ୍ତୁତ କରିନେଲି ।

ମୋ ପାଇଁ ଚଉଠି ରାତି ଆଉ ବାସର ରାତି ହୋଇ ନ ଥିଲା । ଭିଜା ଆଖିରେ ରାତି କଟିଲା । ମୁଁ ଅଗ୍ନିକୁ ସାକ୍ଷୀ ରଖି ବିବାହ କରିଥିବା ପତ୍ନୀଙ୍କ ଆଡ଼କୁ ଟିକିଏ ଚାହିଁବି ନଥିଲି ।

ତାରି ଭିତରେ ଚତୁର୍ଥୀ, ଅଷ୍ଟମଙ୍ଗୁଳା, ଭାର ବେଭାର ଆସୁଥାଏ । ସେଗୁଡ଼ିକୁ ଚାହିଁବାକୁ ମୋର ମନ ନଥାଏ । ଅଷ୍ଟମଂଗୁଳା ପରେ ପରେ ତାଙ୍କ ମା ଦେହ ଭଲ ନଥିବା ଆଳରେ ଆମ ସ୍ତ୍ରୀ ତାଙ୍କ ବାପଘରକୁ ଚାଲିଗଲେ ।

ବାମନବାବୁଙ୍କ ଝିଅକୁ ମୁଁ ଅର୍ଥଲୋଭରେ ବା ସଂସ୍କାରକ ଭାବେ ବିବାହ କରି ନଥିଲି । ମୋ ସରଳତା ଓ ଅସହାୟତାର ସୁଯୋଗ ନେଇଥିଲେ ମୋ ଭିଣୋଇ ଓ ବାମନବାବୁ । ମୋ ଭଉଣୀ ମୋ ଜୀବନ । ତା ମନରେ କଷ୍ଟ ନ ଦେବା ପାଇଁ ଭିଣୋଇଙ୍କ ପ୍ରତି ମୋ ମନୋଭାବ ମୁଁ ଶେଷ ପର୍ଯ୍ୟନ୍ତ ଚାପି ରଖିଛି ।

ବିବାହ ବେଳେ ମତେ ସେମାନେ ଖଣ୍ଡିଏ ୧.୫ ରୟାଲ ଏନ୍‌ଫିଲ୍ଡ ମଟର ବାଇକ ଦେଇଥିଲେ । ମୁଁ ସେଇଟିକୁ ତାଙ୍କୁ ଯଥା ସମୟରେ ଫେରାଇ ଦେଇଛି । ଅନ୍ୟ ଯୌତୁକ କହିଲେ ଖଟ, ସୋଫା, କାଠ ଆଲମିରା ସବୁ ସାଇତା ହୋଇ ରହିଛି । ହାତ ବାକ୍ସରେ ଥିଲା ଏକ ହଜାର ଟଙ୍କା । ଚତୁର୍ଥୀ ବାସୀ ଚେନ୍, ମୁଦି ଇତ୍ୟାଦି ଯେଉଁ ଗହଣା ସବୁ ଦିଆ ଯାଇଥିଲା ଗୋଟିଏ ମୁଦି ବ୍ୟତୀତ ଅନ୍ୟସବୁ ଓହ୍ଲାଇ ହାତବାକ୍ସରେ ଥିବା ଟଙ୍କା ସମେତ ସବୁ ଜିନିଷ ତାଙ୍କ ଝିଅକୁ ଧରାଇ ଦେଇଥିଲି । ଝିଅକୁ କଣ ଗହଣା ଦେଇଥିଲେ ଦେଖିବାକୁ ମୋର ଧୈର୍ଯ୍ୟ ନଥିଲା । ଏଇ ଯୌତୁକ ଲୋଭରେ ମୁଁ ଗୋଟେ ଅପସ୍ମାର ରୋଗୀକୁ ବିବାହ କରିଥିଲି ବୋଲି ଯଦି କେହି କହେ ମୁଁ ନାଚାର ।

ପରେ ଅବଶ୍ୟ ବାମନବାବୁ ମତେ ବା ମୋମନ କିଣିବା ପାଇଁ ୧୯୬୪ରେ ୧୬ ହଜାର ଟଙ୍କାରେ ଗୋଟିଏ ଫିଆଟ ଗାଡ଼ି କିଣି ଦେଇଥିଲେ। ହେଲେ ତାଙ୍କ ଝିଅର ଚିକିତ୍ସା ପାଇଁ ହୋଇଥିବା ଖର୍ଚ୍ଚର ପରିମାଣ ଠାରୁ ଏ ଅର୍ଥ ବହୁତ କମ୍ ।

Digitized by srujanika@gmail.com

ମତେ କିଣିବା ପାଇଁ ତାଙ୍କର ସମସ୍ତ ଅପଚେଷ୍ଟା ବ୍ୟର୍ଥ ହୋଇଛି ।

ବିଭାଘର ବେଳକୁ ମୁଁ ବିଂଝାରପୁର ଛାଡ଼ି ନ ଥାଏ । ସରକାରୀ ଅର୍ଡର ପାଇଲେ ବି ଦେହ ଖରାପ ଆଳରେ ଛୁଟି ନେଇ ରହିଥାଏ । ମୋ ସ୍ତ୍ରୀ ତାଙ୍କ ବାପଘରକୁ ଚାଲିଯିବା ପରେ ମୁଁ ବିଂଝାରପୁର ଆସି ସେଠାରୁ ବିଦାବିଦି ହୋଇ ଆଠଗଡ଼ ଗଲି । ଚାକିରୀ କ୍ଷେତ୍ରକୁ ଚାଲିଗଲେ ସବୁ ଭୁଲିଯିବି, ଇଏ ଥିଲା ବିଚାର ।

୨୮.୨.୫୮ରେ ମୁଁ ଆଠଗଡ଼ ବ୍ଲକ ଡାକ୍ତର ଭାବେ ଆଠଗଡ଼ ସବ୍‌ଡିଭିଜନାଲ ଡାକ୍ତରଖାନାରେ ଯୋଗଦାନ କଲି ସରକାରୀ ବିଜ୍ଞପ୍ତି ନଂ. ୭୬୫୬/ଏଚ୍ ୧୬.୧୦.୫୭ ଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ହୁକୁମନାମା ୨୦୬୯୩ ଏମ୍/ ୨୫.୧୦.୫୭ ଅନୁସାରେ । ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଚାରିମାସ କାଳ ବିଭିନ୍ନ ଆଳରେ ଛୁଟି ନେଇ ରହିଥିଲି । ସେହି ସମୟ ଭିତରେ ବିଭାଘର ହୋଇଗଲା ।

ଓଡ଼ିଶାରେ ମିଶିଥିବା ୨୬ଟି ଗଡ଼ଜାତ ମଧ୍ୟରୁ ଆଠଗଡ଼ ଅନ୍ୟତମ । ଆଠଗଡ଼ ସବ୍‌ଡିଭିଜନର ସଦର ମହକୁମା । କଟକରୁ ୫୦ କି.ମି. ଦୂର । ଛୋଟିଆ ସହରଟିଏ । ସମତଳ ଓ ପାର୍ବତ୍ୟ ଅଂଚଳର ସମ୍ମିଶ୍ରଣ । ସହରର କେନ୍ଦ୍ରସ୍ଥଳରେ ଜଗନ୍ନାଥ ମଂଦିର । ମଂଦିର ଦୁଇ ପାଖରେ ବଜାର । ମୁଣ୍ଡିଆ ଉପରେ ମହାରାଜାଙ୍କ ନାମରେ ନାମିତ ଉଚ୍ଚ ଇଂରାଜୀ ବିଦ୍ୟାଳୟ । ତା ପଛକୁ ରାଜାଙ୍କ ନଅର । ମୁଣ୍ଡିଆରୁ ତଳକୁ ଗଡ଼ିଲେ ସବ୍‌ଡିଭିଜନାଲ ହସ୍‌ପିଟାଲ ।

ମୋର ପୋଷ୍ଟିଂ ଆଠଗଡ଼ ବ୍ଲକ ମେଡିକାଲ ଅଫିସର ଭାବେ । ଦରମା ମାସକୁ ଟ୧୭୫/- । ସମୁଦାୟ ଦରମା ଓ ଭତ୍ତା ମିଶି ବି.ଡି.ଓଙ୍କ ଦରମାଠାରୁ ବେଶି । ସେତିକିରେ ଆତ୍ମ ସନ୍ତୋଷ । ଆମ ବ୍ଲକ ଉନ୍ନୟନ ଅଧିକାରୀ ଥାନ୍ତି ଶ୍ୟାମ କୁମାର ପାଢ଼ୀ । ମୁଁ ସାକ୍ଷାତ କଲି । ଖୁବ୍ ଖୁସି ହେଲେ । କ'ଣ କେମିତି କରାଯିବ କଥାବାର୍ତ୍ତା ହେଲୁ ।

ନୂଆକରି ସବୁ ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଛି । ସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବ୍ଲକର ସଦର ମହକୁମାରେ ନୁହେଁ । ଆଠଗଡ଼ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବରହମପୁର । ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ପାଖାପାଖି । ଆଠଗଡ଼ରୁ ୧୮ କିଲୋମିଟର ।

ଆଠଗଡ଼ ବ୍ଲକ ରାଧାନାଥ ବାବୁଙ୍କର । ରାଧାନାଥ ରଥ କେବଳ ସମାଜ ସଂପାଦକ ନୁହନ୍ତି । ଜଣେ ଟାଣୁଆ ମନ୍ତ୍ରୀ ଓ ଜନପ୍ରିୟ ନେତା । ଆଠଗଡ଼ ଅଂଚଳର ଲୋକେ ତାଙ୍କୁ ବାବୁ ବୋଲି ଡାକନ୍ତି । କଥା କଥାକେ ଲୋକେ କହନ୍ତି ବାବୁଙ୍କ ପାଖକୁ ଯାଇଥିଲି ସେ କହିଛନ୍ତି ଆପଣଙ୍କୁ ଭେଟିବା ପାଇଁ । ମୁଁ ଆଠଗଡ଼ରେ କାମରେ ଯୋଗ ଦେବା ପୂର୍ବରୁ ରାଧାନାଥ ବାବୁଙ୍କ ଆଶୀର୍ବାଦ ନେଇ ଆସିଥିଲି । ଖୁବ୍ ଭଲଲୋକ । ସେଠି କିଛି ଅସୁବିଧା ହେବ ନାହିଁ ବୋଲି ମତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

Digitized by srujanika@gmail.com

ମୁଁ ସ୍ଥାନୀୟ ସବ୍‌ଡିଭିଜନାଲ ହସ୍‌ପିଟାଲରେ କାମ କରିବି ବୋଲି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ । ମୋ ଚାକିରୀ କିନ୍ତୁ ବ୍ଲକରେ। ବିଡିଓ ଶ୍ୟାମକୁମାର ପାଢ଼ୀ । ସମ୍ବଲପୁର ଲୋକ । ତାଙ୍କ ଅଧୀନରେ ଆମ ଚାକିରୀ । ତାଙ୍କ ଉପରକୁ ଉପଖଣ୍ଡ ଅଧିକାରୀ - ଏସ୍‌ଡିଓ । ଟିକିଏ ଅତୁଆ ଅତୁଆ ଲାଗୁଥାଏ । ଏସ୍. ଇ. ଓ. ଥାନ୍ତି ବାରିପଦାର ଶରତ ଦାଶ । ମିଳିମିଶି କାମ କରିବାରେ ଗୁରୁ ।

ମୁଁ ବ୍ଲକ ଅଫିସରୁ ଗଲି ସଦର ହସ୍‌ପିଟାଲକୁ । ସେଠି ଡାକ୍ତର ଥାନ୍ତି ସଏଦ ଅଲିନୁର । ବୟସ୍କ ମୁସଲମାନ ଲୋକ । ମତେ ଦେଖି କେତେ ଖୁସି ହେଲେ । ଅର୍ଡର ପାଇ ସାରିଥାନ୍ତି । ମୁଁ ଡାକ୍ତରଖାନା ବୁଲି ଦେଖିବା ପରେ ଖୁସ୍ । କାମ କରିବା ପାଇଁ ସୁଯୋଗ ଅଛି । ଜନ୍ମେଶ୍ୱର ମିଶ୍ର ଫର୍ମାସିଷ୍ଟ । ମିଷ୍ଟଭାଷୀ । ଧୂର୍ତ୍ତ - ଆଠଗଡ଼ି ।

କାମ ତ ବ୍ଲକ ପିଏଚ୍‌ସି, ସବ୍‌ଡିଭିଜନାଲ ହସପିଟାଲ ସବୁଠି । କାମ କରିବି କେଉଁଠି ? କାହାକୁ ସନ୍ତୁଷ୍ଟ କରିବି ? ଟୋକା ଲୋକ, କିଛି ଚିନ୍ତା ନାହିଁ । ସବୁଠି ହାତ ପକାଇବା କ୍ଷତି କ'ଣ ? ମୁଣ୍ଡ ଗୁଂଜିବାକୁ ସ୍ଥାନ ନ ଥାଏ । ସରକାରୀ ବାସଗୃହ ସବୁ ନିର୍ମାଣାଧୀନ । ଯା ହେଉ ପାଖରେ ଥିବା ସମାଜ କଲ୍ୟାଣ ବିଭାଗ ଅଫିସ ଗୃହରୁ (Social Welfare Board Office) ଗୋଟିଏ କୋଠରୀ ମତେ ମିଳିଲା ରହିବା ପାଇଁ । ଅଫିସର ଜଣେ ମହିଳା । ମୁଁ ଟିକିଏ ଲାଜକୁଳା । ତାଙ୍କ ଅଫିସ ଖୋଲିବା ପୂର୍ବରୁ ମୁଁ ନିତ୍ୟକର୍ମ ସାରି ଡାକ୍ତରଖାନା ଚାଲିଯାଏ । ସକାଳବେଳା ସେଠି ରହି ଡାକ୍ତରଖାନାର ସବୁ କାମ ସାରି ବ୍ଲକ ଅଫିସକୁ ପଳାଏ । ସେଠି ମିଲ୍ ମଗାଇ ଖାଏ । ଡାକ୍ତରବାବୁ ସମ୍ଭବତଃ ମୁସଲମାନ ବୋଲି ତାଙ୍କ ଘରେ ମତେ କିଛି ଖାଇବାକୁ ଦିଅନ୍ତିନି । ସଂଧ୍ୟାରେ ବେହେରା ହାତରେ ଫଳ ଅଣ୍ଡା ମିଠା ଇତ୍ୟାଦି ପଠାଇ ଦିଅନ୍ତି ।

ଆଠଗଡ଼ରେ ୧୦ଟି ପଂଚାୟତ । ପ୍ରତି ପଂଚାୟତରେ ଜଣେ ଗ୍ରାମ ସେବକ । ଜଣେ ଗ୍ରାମ ସେବିକା । ଦୁଇଟି ପଂଚାୟତ ପାଇଁ ଜଣେ ସହାୟିକା ନର୍ସ ବା ଏ.ଏନ୍.ଏମ୍ । ଏଇମାନେ ହେଲେ କ୍ଷେତ୍ର କର୍ମଚାରୀ - ସହାୟକ, ସହାୟିକା । ଏଇମାନେ ଗ୍ରାମ ସ୍ତରରେ କାମ କରନ୍ତି । ପଂଚାୟତ ସ୍ତରରେ ଲୋକ ଡାକନ୍ତି, ମିଟିଂ କରନ୍ତି । ଆମେ ଯାଉ, ରୋଗୀ ଦେଖୁ, ଔଷଧ ଦେଉ, ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ କିଛି ଉପଦେଶ ଦେଉ । ଉପର ବେଳା ଏ କାମ ହୁଏ । ଏ କାମ ବଡ଼ କୌତୁହଳପ୍ରଦ ।

ଆମେ ସବୁ ଅଫିସର ଗୋଟିଏ ଜିପ୍‌ରେ ଯାଉ । ଅଫିସର କହିଲେ ଡାକ୍ତର, ଏସ୍‌ଇଓ, ଏଲ୍‌ଏଚ୍‌ଭି, ଓଭର ସିଅର ଦୁଇଜଣ (ଜଣେ ରାସ୍ତାଘାଟ ପାଇଁ ଦେବେନ୍ଦ୍ର ମିଶ୍ର, ଅନ୍ୟ ଜଣକ ବିଜୁଳି ଯୋଗାଣ କୃପାସିନ୍ଧୁ ନନ୍ଦ) । ସଦର ମହକୁମା ଗ୍ରାମ ସେବକ ଗୋକୁଳି । ପ୍ରତ୍ୟେକ ନିଜ ନିଜ ବିଭାଗର କାମ ତଦାରଖ କରନ୍ତି । ଶେଷରେ ସାଧାରଣ ସଭା । ନାଚଗୀତ । ସଭାରେ ଭାଷଣ ଦେଇ ନେତାଗିରି ଶିଖିବାକୁ ପଡ଼େ । ମିଟିଂ ଶେଷରେ ଭୋଜିଭାତ । ପଂଚାୟତକୁ ଦରି ବା ପେଟ୍ରୋମାକ୍ସ ପ୍ରଦାନ ହେବାର ପ୍ରତିଶ୍ରୁତି । ଟଙ୍କା କେଉଁଠୁ ଆସେ ଏସ୍‌ଇଓ ଜାଣନ୍ତି । ଉପରେ ଦେଖିବାକୁ ସବୁ ଖର୍ଚ୍ଚ ସରପଂଚମାନେ କରନ୍ତି ।

Digitized by srujanika@gmail.com

ପ୍ରତି ମାସରେ ବ୍ଲକ ମିଟିଂ ହୁଏ । ଚେୟାରମ୍ୟାନ ଅଚ୍ୟୁତାନନ୍ଦ ପତି । କମ୍ୟୁନିଷ୍ଟ ପାର୍ଟିର ଜଣେ ଟାଣୁଆ ନେତା ଗତିକୃଷ୍ଣ ପଣ୍ଡା । ଉଭୟଙ୍କର ଅହିନକୁଳ ସଂପର୍କ । ମିଟିଂର ପ୍ରଥମ କାର୍ଯ୍ୟସୂଚୀ ଡାକ୍ତର ତାଙ୍କ କର୍ମଚାରୀ ମାନଙ୍କୁ ନେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବେ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଘରଦ୍ୱାର ତିଆରି ସରି ନ ଥାଏ । ଛୋଟିଆ ଗାଁ । ଭଡ଼ାଘର ମିଳିବନି । ତେବେ ଶସ୍ୟ ସଂରକ୍ଷଣ ପାଇଁ ଗୋଟିଏ ଘର ଥିଲା - ଗ୍ରେନ୍‌ଗୋଲା । ତାକୁ ହିଁ ଆଖି ଆଗରେ ରଖି ଏପରି ଉଦ୍ଭଟ ପ୍ରସ୍ତାବ ଅଣା ଯାଇଥିଲା ।

ଆମ ଡାଇରେକ୍ଟର ଥାନ୍ତି ଖୁରାନା ସାହେବ। ସେ କାହିଁକି ସ୍ଥାନୀୟ ରାଜନୀତିରେ ପ୍ରଭାବିତ ହେବେ ? ସେ ଅର୍ଡର କରନ୍ତି ରହିବା ପାଇଁ। ପର୍ଯ୍ୟାପ୍ତ ସୁବିଧା ନ ହେବା ପର୍ଯ୍ୟନ୍ତ ମୋ କର୍ମଚାରୀ ସେଠାକୁ ଯିବେ ନାହିଁ । ଏମିତି ଛକା ପଂଝାରେ ଦିନ ଗଡ଼ି ଚାଲିଲା ।

ଆମ କର୍ମଚାରୀମାନେ ହେଲେ :

୧) ଫର୍ମାସିଷ୍ଟ - ଆଦିକନ୍ଦ ଦାଶ

୨) ସାନିଟାରୀ ଇନ୍‌ସପେକ୍ଟର - ସୁଧୀର ପଟ୍ଟନାୟକ

୩) ଏଲଏଚ୍‌ଭି - ସୁଭାଷିନୀ ପଣ୍ଡା

୪) ଏଏନ୍‌ଏମ୍ - କମଳା

୫) ଡ୍ରାଇଭର - ଭାଲୁ

୬) ୪ର୍ଥ ଶ୍ରେଣୀ କର୍ମଚାରୀ ସ୍ଥାନୀୟ ପିଲା ଦୁଇଟି ।

ଏ ସମସ୍ତେ କମ୍ ବୟସର । କାମ କରିବାକୁ ଆଗ୍ରହୀ । ସେମାନଙ୍କ ଆଗ୍ରହ ଦେଖି ମୁଁ ଫର୍ମାସିଷ୍ଟ, ଏଏନ୍‌ଏମ୍ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନେଇ ଗ୍ରେନ୍‌ଗୋଲାରେ ଛାଡ଼ିଲି । କମଳା ଗ୍ରାମ ସେବିକା ପାଖରେ ରହିଲା । ଫର୍ମାସିଷ୍ଟ ଗ୍ରେନଗୋଲାରେ । ଏଲଏଚ୍‌ଭିକୁ ପାଢ଼ୀ ସାହେବ ପାଖରୁ ଛାଡ଼ନ୍ତିନି । ଫର୍ମାସିଷ୍ଟ ମୋ ଲାଞ୍ଜ.ଧରିଥାଏ । ମୁଁ ଗାଡ଼ି ଧରି ସପ୍ତାହରେ ଦୁଇଦିନ ଯାଉଥାଏ । ଏ ବ୍ୟବସ୍ଥାରେ ସମସ୍ତେ ଶାନ୍ତି ।

ଆଠଗଡ଼ ରହଣୀ ଭିତରେ ମୁଁ ଜିପ୍ ଚଳାଇ ଶିଖିଲି ଓ ଲୋକ ସଂପର୍କ କିପରି ରଖିବାକୁ ହୁଏ ଜାଣିଗଲି ।

ଆମକୁ ସବୁ ସରକାରୀ ବାସଗୃହ ମିଳିଲା । ବିଡିଓଙ୍କ ବାସଗୃହ ପାଖରେ ମୋ ବାସଗୃହ । ବିଜୁଳି ସଂଯୋଗ ହୋଇ ନ ଥାଏ । ବିଡିଓ ତାଙ୍କ କ୍ୱାର୍ଟରକୁ ଆଗ ଯିବା ପାଇଁ ତରଭର । ବିଜୁଳି ବିଭାଗ ଇଂଜିନିଆର କୃପାସିନ୍ଧୁ ନନ୍ଦ ଲାଗିପଡ଼ି ମୋ ଘରେ ଆଗ ବିଜୁଳି ସଂଯୋଗ କରିଦେଲେ । ମୁଁ ଦିନକ ଆଗରୁ ଆସି ରହିଗଲି । ମଜା ହେଲା । ଆମର କାହାରି ପ୍ରତି ଈର୍ଷା ଦ୍ୱେଷ ନଥିଲା । ସେହିଦିନୁ ନନ୍ଦବାବୁଙ୍କ ସହ ମୋର ବଂଧୁତା ବଢ଼ିଲା । ମୁଁ ତ ଏକା ରହୁଥିଲି । ସେ ବି ବିବାହ କରି ନଥିଲେ । ଆମେ ଏକାଠି ଖିଆପିଆ କରୁଥିଲୁ ।

ବ୍ଲକ କ୍ୱାର୍ଟରସ୍ ଗୁଡ଼ିକ ମୁଣ୍ଡିଆ ଉପରେ । ସେଠି ସାଇକେଲରେ ବସିଲେ ସାଇକେଲ ଆପେ ଆପେ ଆସି ଡାକ୍ତରଖାନରେ ଲାଗେ । ପ୍ୟାଡେଲ ମାରିବାକୁ ପଡ଼େନି । ପାଖରେ ରାଜାଙ୍କ ନଅର । ରାଜାଙ୍କ ନଜର ମୋ ଉପରେ ପଡ଼େ ।

Digitized by srujanika@gmail.com

ବେଳେବେଳେ ଡକାଇ ପଠାନ୍ତି । ମୁଁ ବି ଯାଏ। ଗପସପ କରି ଫେରିଆସେ ।

ଦିନକର ଘଟଣା । ମୁଁ ଡାକ୍ତରଖାନା ଗଲାବେଳକୁ ସବୁ ଚୁପ୍‌ଚାପ୍ । ଡାକ୍ତରବାବୁଙ୍କ ମୁହଁରେ ହସ ନ ଥାଏ । କମ୍ପାଉଣ୍ଡର ଯମେଶ୍ୱର ମିଶ୍ର ଆସି ସବୁକଥା କହିଲେ । ସକାଳେ କୁଆଡ଼େ ଡାକ୍ତରଖାନା ମେହେନ୍ତାଣୀ ଡାକ୍ତରବାବୁଙ୍କ ଗାଧୁଆ ଘରେ ପାଣି ଦେବାକୁ ଗଲାବେଳେ ସେ ତାକୁ ବଳାତ୍କାର କଲେ । ତାର ରକ୍ତସ୍ରାବ ହୋଇଛି ବୋଲି ଯମେଶ୍ୱରବାବୁ ଗୋଟିଏ ଆଉଟଡୋର ଟିକେଟ କରିଛନ୍ତି । ସକାଳୁ ଯମେଶ୍ୱରବାବୁ ଆଉଟଡୋରରେ ବସନ୍ତି । କଥାଟା ମତେ କେମିତି କେମିତି ଲାଗିଲା । ଡାକ୍ତରବାବୁ ବୃଦ୍ଧ, ମୁଁ ଜାଣିବାରେ ନୀତିବାନ ଲୋକ । ଗାଧୁଆ ଘରକୁ ଲାଗିଛି ତାଙ୍କ ବସାଘର। ସେଠି ତାଙ୍କ ପିଲାଛୁଆ ଅଛନ୍ତି । ରକ୍ତସ୍ରାବ ପର୍ଯ୍ୟନ୍ତ କଥା ଗଲା କେମିତି ? ଯଦିବା କିଛି ହୋଇଥିଲା, ଯମେଶ୍ୱର ବାବୁ ଟିକେଟ କଲେ କିପରି ? ଡାକ୍ତରଖାନାରେ ନର୍ସ ଅଛନ୍ତି । ଯା ହେଉ ଖବର ପାଇ ସିଭିଲ ସର୍ଜନ ସତ୍ୟବାଦୀ ରଥ ସାଥେ ସାଥେ ଆସି ତଦନ୍ତ କଲେ । ଅଭିଯୋଗ ମିଥ୍ୟା ବୋଲି ପ୍ରମାଣିତ ହେଲା । ହେଲେ କଳଙ୍କ ପୋଛି ହେଲାନି । ମୁଁ ମଧ୍ୟ ଶିକ୍ଷା ପାଇଲି । ମୁଁ ତରଳ ବୟସର ଝିଅ ମାନଙ୍କ ସହ ସମୟ କଟାଉଛି । ସେମାନଙ୍କ ପ୍ରତି ସତର୍କ ରହିବାକୁ ପଡ଼ିବ ।

ସାନିଟାରୀ ଇନ୍‌ସପେକ୍ଟର ସୁଧୀର ବଡ଼ ଚଗଲା । କେଉଁଠିକୁ ଯାଏନି । ମିଛ ଡାଏରୀ ଦିଏ । କିନ୍ତୁ ମୋ ପ୍ରତି ଅନୁରକ୍ତ । ତାର କାମ ହେଉଛି ପ୍ରତିଷେଧକ ଇଂଜେକ୍‌ସନ ଦେବା ଓ ଔଷଧ ବାଣ୍ଟିବା । ଏ ଦିଗରେ ସଚେତନତା ସୃଷ୍ଟି କରିବା । ଥରେ ବ୍ଲକରେ ହଇଜା ଲାଗିଛି ବୋଲି ପ୍ରଚାର ହେଲା । ଏସ୍‌ଡିଓ ମୋ ପାଖକୁ ଚିଠି କଲେ । ମୁଁ ସେ ଗ୍ରାମରୁ ବୁଲି ଆସି ଗୋଟିଏ ରିପୋର୍ଟ ଦେଲି, "ମୁଁ ଡାକ୍ତର ହିସାବରେ କହୁଛି କେଉଁଠି ହଇଜା ଲାଗିନାହିଁ । ତରଳ ଝାଡ଼ା କି ବାନ୍ତି ହଇଜା ନୁହେଁ । ମଳରେ ହଇଜା ଜୀବାଣୁ ବାହାରିଲେ ହଇଜା ବୋଲି କୁହାଯାଏ । ସାଧାରଣ ଲୋକଙ୍କ କଥା ଶୁଣି ହଇଜା ବ୍ୟାପୁଛିବୋଲି ଆତଙ୍କ ସୃଷ୍ଟି କରିବା ପ୍ରଶାସକ ପକ୍ଷରେ ସହାୟକ ହେବ ନାହିଁ । ସେଥିରୁ ଖାନ୍ତ ହେବାକୁ ଅନୁରୋଧ ।" ମୁଁ ଆଲୋଚନା ପାଇଁ ତାଙ୍କ ପାଖକୁ ଗଲି ନାହିଁ । ଏତିକିରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ।

ବିବାହର କେଇଦିନ ପରେ ଆଠଗଡ଼ ଆସିଥିଲି । ମୋ ସ୍ତ୍ରୀ ତାଙ୍କ ବାପଘରେ। ମୋର ମାନସିକ ଅବସ୍ଥା ଯାହା ହେଉନା କାହିଁକି ମୁଁ ତାଙ୍କୁ ତ୍ରୁଟିକରି ପଦେ କହିନି କି ଅସୌଜନ୍ୟ ବ୍ୟବହାର ଦେଖାଇନି । ତାଙ୍କ ବାପଘର ସମ୍ବନ୍ଧରେ ମଧ୍ୟ କୌଣସି ମନ୍ତବ୍ୟ ଦେଇନି । ତାଙ୍କର ବା ଦୋଷ କ'ଣ ? ସବୁ ଝିଅ ଚାହାନ୍ତି ବାହାହୋଇ ସୁଖ ଶାନ୍ତିରେ ଘର ସଂସାର କରିବେ। ସେ ବା ସେଥିରୁ ବାଦ ଯିବେ କାହିଁକି ? ବଡ଼ଲୋକ ଘରର ଝିଅ ବୋଲି ତାଙ୍କ ମନରେ ଗର୍ବ କି ଅହଂକାରର ସୂଚନା ମୁଁ ପାଇନି ।

ମୋ ଶଳା ଦୁଇଜଣ ବରାବର ଆଠଗଡ଼ ଆସନ୍ତି । ଯମଜ ସନ୍ତାନ । ୭/୮ ବର୍ଷ ବୟସ । ବେଶ୍ ଗୋଲଗାଲ ଦେଖିବାକୁ । ଆମ ଅଫିସର ସିନି (କିରାଣୀ) ଦେଖିଲେ କେତେ ଖୁସି ହୁଏ। ସାରଙ୍କ ପୁଅ ଆସିଛନ୍ତି ବୋଲି କହିବୁଲେ । ଅଫିସ ସାରା ସେ ଦୁଇ ଭାଇଙ୍କୁ ଆଦର ।

Digitized by srujanika@gmail.com

ଏଇ ସମୟରେ ମତେ କଲିକତା ପଠାଗଲା ଜନସ୍ୱାସ୍ଥ୍ୟ ବିଭାଗରେ ଉଚ୍ଚତର ଶିକ୍ଷାଲାଭ ପାଇଁ । ଚାରିଜଣ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କର ନେତୃତ୍ୱ ନେଇ ମତେ ଯିବାକୁ ପଡ଼ିବ । କଙ୍କଡ଼ାକୁ ଗୋଳି ପାଣି ସୁହାଏ । ମୁଁ ଘରଠାରୁ ଟିକିଏ ଦୂରରେ ରହିବାକୁ ଚାହୁଁଥିଲି ।

ଆମେ ସବୁ ଠିକଣା ସମୟରେ ପ୍ରଶିକ୍ଷଣ କେନ୍ଦ୍ରରେ ହାଜର ହେଲୁ । ପ୍ରଶିକ୍ଷଣ କଲେଜକୁ ଲାଗି ଛାତ୍ରାବାସ । ସେଠି ଆମ୍ଭମାନଙ୍କର ରହିବା ଓ ଖାଇବା ବ୍ୟବସ୍ଥା । ପୂର୍ବାଞ୍ଚଳର ପ୍ରାୟ ସବୁ ରାଜ୍ୟରୁ ସ୍ୱାସ୍ଥ୍ୟ (Public Health) ବିଭାଗର କର୍ମଚାରୀମାନେ ଆସିଥାନ୍ତି । ସମସ୍ତେ ସେହି ଛାତ୍ରାବାସରେ ରହୁଥାନ୍ତି । ପ୍ରଥମ ଦିନ ସମସ୍ତେ ଶ୍ରେଣୀ ଗୃହରେ ନିଜ ନିଜର ପରିଚୟ ପ୍ରଦାନ କରି ନିଜ ରାଜ୍ୟର ସମସ୍ୟା ଉପରେ ଆଲୋକପାତ କଲେ । ମୁଁ ମୋ ବକ୍ତବ୍ୟ ଆରମ୍ଭରେ ଆମେ ଜଗନ୍ନାଥ ଧାମ ଓଡ଼ିଶାରୁ ଆସିଛୁ କହି ସର୍ବ ଧର୍ମର ସମନ୍ୱୟ ଜଗନ୍ନାଥ ତତ୍ତ୍ୱର ମୂଳ ଭିତ୍ତି ବୋଲି ପ୍ରତିପାଦିତ କରିବା ପରେ ଜୟ ଜଗନ୍ନାଥ କହି ମୋର ସଂକ୍ଷିପ୍ତ ଭାଷଣ ଶେଷ କଲି । ସ୍ୱତସ୍ଫୂର୍ତ୍ତ ଭାବେ ଜୟ ଜଗନ୍ନାଥ ଧ୍ୱନିରେ ଶ୍ରେଣୀ ଗୃହ ପ୍ରକମ୍ପିତ ହେଲା ।

ମେଳା ପରିଚାଳନା, ହଇଜା ଓ ମ୍ୟାଲେରିଆ ନିରାକରଣ ଉପରେ ପାଠପଢ଼ା । କ୍ଲାସ ପରେ ଫିଡ୍ ବ୍ୟାକ୍ ପାଇଁ ଦଳବଦ୍ଧ ଆଲୋଚନା । ପ୍ରତ୍ୟେକ ଦଳରେ ଗୋଟିଏ ଦୁଇଟି ରାଜ୍ୟର ପ୍ରତିନିଧି । ଏଠି ଜନସଚେତନତା ତଥା ଜନମତ ପ୍ରଭାବିତ କରିବା ପାଇଁ ଗଣମାଧ୍ୟମର ଆବଶ୍ୟକତା ଉପରେ ଆଲୋଚନା ହୁଏ । ଏଇଟା ଥିଲା ଆମ ପାଇଁ ପ୍ରାକ୍‌ଟିକାଲ ଟ୍ରେନିଂ । ଆମ ଭାଷଣ ଗୁଡ଼ିକ ଟେପ୍ ରେକର୍ଡରେ ରେକର୍ଡ କରାଯାଇ ତାର ପୁନରାବୃତ୍ତି (ରିପ୍ଲେ) କରାଗଲା ବେଳେ ଆମର ତ୍ରୁଟି ଦେଖାଇ ଦିଆଯାଏ । ଅନ୍ୟ ଡାକ୍ତର ଓ ତାଙ୍କ ସ୍ୱାସ୍ଥ୍ୟ କର୍ମୀମାନେ ମଧ୍ୟ ତାଙ୍କ ମତାମତ ଦିଅନ୍ତି । ମୁଁ ତ ଆଗରୁ ଟେପ୍‌ରେକର୍ଡ ଦେଖି ନ ଥିଲି । ଏଇଟା ଥିଲା ମୋପାଇଁ ସୁନ୍ଦର ଅନୁଭୂତି ।

ପାଠପଢ଼ା ସାଥେ ସାଥେ କ୍ଷେତ୍ର ଉପରେ କାର୍ଯ୍ୟ କିପରି ହେଉଛି ତାହା ଦେଖାଇବାକୁ ଆମକୁ ବିଭିନ୍ନ ସ୍ଥାନକୁ ନେଉଥିଲେ । ପାଖରେ ତାରକେଶ୍ୱର ଶୈବପୀଠ । ବଂ ବଂ ତାରକେଶ୍ୱର କହି ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ କାନ୍ଧରେ ଗଙ୍ଗାଜଳ ଭାର କରି ଧାଉଁଥାନ୍ତି ଶିବଙ୍କ ମୁଣ୍ଡରେ ଢାଳିବାକୁ । ଆମେ ସବୁ ସେଠାକୁ ଯାଉ ଶୈବପୀଠରେ ଭକ୍ତମାନଙ୍କ ରହିବା, ଖାଇବା, ପିଇବା, ଦୋକାନ ବଜାର ନିୟନ୍ତ୍ରଣ ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନାର୍ଜନ ପାଇଁ ।

Tropical School of Medicine କୁ ଆମେ କେଇଜଣ ଡାକ୍ତର ଯାଉଥିଲୁ ପାଠପଢ଼ା, ଗବେଷଣାଗାରରେ ମ୍ୟାଲେରିଆ, ଫାଇଲେରିଆ ପାଇଁ ରକ୍ତ ପରୀକ୍ଷା, କଲେରା ରୋଗ ଚିହ୍ନଟ ପାଇଁ ମଳ କଲ୍‌ଚରରୁ ହଇଜା ଜୀବାଣୁ ଦେଖିବା ପାଇଁ । ଅନୁଷ୍ଠାନର ଗାଡ଼ି ଆମକୁ ସେଠିକୁ ନେଇଯାଏ ଓ କ୍ଲାସପରେ ନେଇ ଆସେ ।

Digitized by srujanika@gmail.com

ପ୍ରତି ସାତ ଦିନରେ ପରୀକ୍ଷା । ମୁଁ ଛାତ୍ରାବାସରେ କେଇଦିନ ରହବା ପରେ ଶାନ୍ତି ନିକେତନ ପଳାଇ ଆସିଲି ଓ ସେଠି ଆଠଦଶଦିନ ରହିଲି ।

ଶାନ୍ତି ନିକେତନ ହାଓ୍ୱଡାରୁ ବୋଲପୁର ୧୩୬ କିଲୋମିଟର । ଖଣ୍ଡେ ଦୂରରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ । ଚାଲିଗଲେ ଚଳିବ । ରିକ୍ସା ବି ମିଳୁଥାଏ । କଲିକତାରୁ ସିଧା ବସ୍ ବି ଅଛି ୨୧୦ କି.ମି ।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ମିଳନପୀଠ ବିଶ୍ୱଭାରତୀ । ପ୍ରକୃତରେ ଶାନ୍ତି ଏଠି ବିରାଜମାନ । ଆଖିରେ ନ ଦେଖିଲେ ଏ ବିଶ୍ୱବିଦ୍ୟାଳୟର ମହିମା ଉପଲବ୍ଧି କରି ପାରିବ ନାହିଁ । ଇନ୍ଦିରାଗାନ୍ଧୀ, ସତ୍ୟଜିତ୍‌ରାୟ, ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟସେନ ଭଳି ଛାତ୍ରମାନେ ଏଇ ଶିକ୍ଷାୟତନରୁ ବାହାରିଛନ୍ତି । ଖୋଲା ମଇଦାନରେ ଶିକ୍ଷା ଦିଆଯାଉଛି । ଭାରତର ସବୁ ରାଜ୍ୟର ପିଲାମାନେ ଏଠି ଠୁଳ । ଓଡ଼ିଆ ପିଲା ଅଛନ୍ତି । ଓଡ଼ିଆ ଭାଷାରେ ସ୍ନାତକୋତ୍ତର ଉପାଧି ବି ।

ଖାଇବା ରହିବାରେ କଟକଣା ନାହିଁ । ମୁଁ ପ୍ରାୟ ଗୋଟିଏ ସପ୍ତାହ ଛାତ୍ରାବାସରେ ରହିଗଲି । ଜୁଲାଇ ମାସ । ବର୍ଷାମଂଗଳ ମହୋତ୍ସବ ଚାଲିଥାଏ । ପାଠପଢ଼ା ଭିତରେ ନାଚଗୀତ । ବର୍ଷସାରା ମହୋତ୍ସବ ଲାଗି ରହିଛି । ପୌଷମେଳା, ମାଘ ମହୋତ୍ସବ, ବସନ୍ତ ଉତ୍ସବ, ଶାରଦ ଉତ୍ସବ, ରବୀନ୍ଦ୍ର ଜନ୍ମୋତ୍ସବ ଏମିତି କେତାଣି କେତେ ।

କ୍ୟାମ୍ପସ ଭିତରେ ଉତ୍ତରାୟନ କମ୍ପ୍ଲେକ୍ସ । ସେଠି ରବୀନ୍ଦ୍ର ଭବନ, କଳା ଭବନ, ସଂଗୀତ ଭବନ ଇତ୍ୟାଦି । ଏଇଠି କବିଗୁରୁ ରବୀନ୍ଦ୍ରନାଥ ରହୁଥିଲେ ।

ଏହି ସ୍ଥାନରେ ୧୮୬୩ ମସିହାରେ ରବୀନ୍ଦ୍ରନାଥଙ୍କ ପିତା ଦେବେନ୍ଦ୍ରନାଥ ଗୋଟିଏ ଆଶ୍ରମ ସ୍ଥାପନ କରିଥିଲେ । ୧୮୬୨ରେ ଏହିଠାରୁ ସେ ବ୍ରାହ୍ମଧର୍ମ ପ୍ରଚାର କରିଥିଲେ । ୧୯୦୧ ମସିହାରେ ରବୀନ୍ଦ୍ରନାଥ ନିଜେ ସତ୍ୟବାଦୀ ବନ ବିଦ୍ୟାଳୟ ଭଳି ଗୋଟିଏ ମୁକ୍ତାକାଶ ବିଦ୍ୟାଳୟ ଖୋଲିଲେ । ପ୍ରାୟ ପଚାଶ ବର୍ଷର ସାଧନା ପରେ ଏହା ଏକ ମହାଦ୍ରୁମରେ ପରିଣତ ହୋଇ ବିଶ୍ୱଶାନ୍ତି ପାଇଁ ଆହ୍ୱାନ କରୁଛି ।

ମୁଁ ମୋ ସଂକ୍ଷିପ୍ତ ରହଣୀ କାଳ ଭିତରେ ଶାନ୍ତି ନିକେତନର ସବୁ କାର୍ଯ୍ୟକ୍ରମ ଉପଭୋଗ କରିଛି । ରବୀନ୍ଦ୍ର ଭବନରେ ଥିବା ଯାଦୁଘର ଅନ୍ୟାନ୍ୟ ଚିତ୍ରକଳା ବୁଲି ଦେଖିଛି । ଜୟଦେବଙ୍କ ଜନ୍ମପୀଠ କୁହାଯାଉଥିଲା କେନ୍ଦୁଲି ଭଳି ବହୁ ପର୍ଯ୍ୟଟନ କେନ୍ଦ୍ର ପାଖରେ ଥିଲେ ବି ଦେଖିବାର ସୁଯୋଗ ନ ଥିଲା । ମୋର ଇଚ୍ଛା ବିରୁଦ୍ଧରେ ମତେ ମୋ କର୍ମପୀଠ ପ୍ରଶିକ୍ଷଣ ଛାତ୍ରାବାସକୁ ଫେରି ଆସିବାକୁ ପଡ଼ିଲା ।

ଟ୍ରେନିଂ ପରେ ପରୀକ୍ଷା । ସମସ୍ତେ ପାଶ୍ କରିବେ ବୋଲି ଜଣାଶୁଣା । ଡର କାହିଁକି ? ମୁଁ ବିଲାତ ଯିବା ପାଇଁ ମନୋନୀତ ହୋଇଛି ବୋଲି ସମସ୍ତେ ଜାଣି ଯାଇଥିବାରୁ ମୋ ପ୍ରତି ଆଦର ବଢ଼ି ଯାଇଥିଲା । ଯା ହେଉ ତିନି ସପ୍ତାହ ପାଠପଢ଼ା । ଟ୍ରେନିଂ ପରେ ପରୀକ୍ଷା ଦେଲି । ସାର୍ଟିଫିକେଟ୍ ଧରି ଆମେ ଓଡ଼ିଶା ଫେରିଲୁ ।

Digitized by srujanika@gmail.com

ଆଠଗଡ଼ ରହଣୀ କାଳରେ ମୁଁ ମୋ ବିଲାତ ଯିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗୁଡ଼ିକୁ ତ୍ୱରାନ୍ୱିତ କଲି । ସେତେବେଳେ ବିଲାତ ଯିବା ପାଇଁ ପୋଲିସ ରିପୋର୍ଟ ଖୋଜା ଯାଉଥିଲା । ଷଢ଼େଇକଳା ଖରସୁଆଁ ପୁନଃମିଶ୍ରଣ ପାଇଁ ଆନ୍ଦୋଳନ ଚାଲିଥିବା ବେଳେ ମୋ ବିରୁଦ୍ଧରେ କିଛି ମନ୍ତବ୍ୟ ଥିଲା । ଯା ହେଉ ସ୍ଥାନୀୟ ପୋଲିସ ଅଧିକାରୀ ସେ ସବୁ ନ ଦର୍ଶାଇ ଗୋଟିଏ ଭଲ ପୋଲିସ ରିପୋର୍ଟ ଦେଇଥିଲେ ।

୧୯୫୯ ମସିହା ଡିସେମ୍ବର ୧୦ ତାରିଖରେ ମୁଁ ଆଠଗଡ଼ ଛାଡ଼ିଲି ସାଙ୍ଗସାଥୀମାନଙ୍କ ସହ କୋଳାକୋଳି ଭିତରେ । ଯୌବନର କୃଷ୍ଣଚୂଡ଼ା ପରି ଉନ୍ମାଦ ନ ଥିଲା, ହେଲେ ଲୁଚି ଯାଇଥିଲା ଅବସାଦ ।

୦୦୦

Digitized by srujanika@gmail.com

# ଅଭୁଲା ସ୍ମୃତି : ବିଲାତ

## ୧୦.୧୨.୫୯ ରୁ ୨୦.୧୨.୬୪

୧୯୫୫ ମସିହା ଡିସେମ୍ବର । କୃତିତ୍ୱର ସହ ଏମ୍.ବି.ବି.ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି ଓଡ଼ିଶାର ଏକମାତ୍ର ଡାକ୍ତରୀ ଶିକ୍ଷାନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜରୁ । ସମସ୍ତଙ୍କର କି ଇଚ୍ଛା ସ୍ନାତକୋତ୍ତର ଉପାଧି ଏମ୍.ଡିଏମ୍.ଏସ୍ ପାଇଁ । ମୁଁ ବା ସେଥିରୁ କ୍ଷାନ୍ତ ହୁଅନ୍ତି କିପରି ? ସେ କାଳରେ ଓଡ଼ିଶାରେ ସ୍ନାତକୋତ୍ତର ଉପାଧି ପାଇଁ କିଛି ବ୍ୟବସ୍ଥା ନ ଥିଲା ।

୧୯୫୭ରେ ରେଳବାଇ ଚାକିରୀ ପାଇଁ ବମ୍ବେରେ ଇଣ୍ଟରଭିଉ ଦେଲି । ବମ୍ବେର ତତ୍‌କାଳୀନ ରାଜ୍ୟପାଳ ଡକ୍ଟର ହରେକୃଷ୍ଣ ମହତାବଙ୍କ ଆଶୀର୍ବାଦରୁ ସେଥିରେ କୃତକାର୍ଯ୍ୟ ହୋଇ ବମ୍ବେ ନିକଟସ୍ଥ ପାରେଲ ହସ୍‌ପିଟାଲରେ ଖଣ୍ଡିଏ ଚାକିରୀ ପାଇଲି । ମୋର ସହପାଠୀ ଡା. ରେଲୱାନୀ, ସେ ପି.ଜି କରୁଥିବା କଲେଜରେ ମୋ ପାଇଁ ଗୋଟେ ସିଟ୍‌ର ବ୍ୟବସ୍ଥା କରିଦେଲେ । ପାରେଲରେ ଚାକିରୀକରି ବମ୍ବେରେ ପି.ଜି. କରିହେବ।

ଆମେ ପାଶ୍ କଲାବେଳକୁ ଦୁଇଜଣ ଓଡ଼ିଆ ଡାକ୍ତର ଡା. ଗୁରୁପ୍ରସାଦ ମହାନ୍ତି ଓ ଡା. ଫନୀଭୂଷଣ ଚକ୍ରବର୍ତ୍ତୀ ୨ ବର୍ଷରେ ସର୍ଜରୀରେ FRCS କରି ବିଲାତରୁ ଫେରିଥାନ୍ତି । ଭାରତରେ ଏମ୍.ଏସ୍ ପାଇଁ ୩/୪ ବର୍ଷ ଲାଗୁଥାଏ । FRCS ବିଲାତି Diploma ବୋଲି ସେମାନଙ୍କୁ ଅଧିକ ମର୍ଯ୍ୟାଦା ଦିଆଯାଏ । ଏଇ ପରିପ୍ରେକ୍ଷୀରେ ମନ ବଳିଲା ବିଲାତ ଯାଇ FRCS କରିବାକୁ । ଏ ମନ ପାଞ୍ଚୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ଓଡ଼ିଶା ସରକାର ସେତେବେଳ ବଛାବଛା ପିଲାଙ୍କୁ ଛାତ୍ରବୃତ୍ତି ଦେଇ ଇଂଲଣ୍ଡର Royal College of Surgeons ରେ ସିଟ୍ ଯୋଗାଡ଼ କରି ପଠାଉଥାନ୍ତି ଏଫ୍‌ଆରସିଏସ୍ ପାଇଁ। ଆମ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଥାନ୍ତି ବି.ଡି. ଖୁରାନା । ଖୁରାନା ସାହେବ ରାଜନୈତିକ ଚାପକୁ ଭ୍ରୂକ୍ଷେପ ନ କରି ଯୋଗ୍ୟତା ଭିତ୍ତିରେ ପିଲାମାନଙ୍କୁ ବାଛୁଥିଲେ । ବିରାଡ଼ି କପାଳକୁ ଶିକା ଛିଡ଼ିଲା ଭଳି ମୁଁ ଅଚାନକ ଭାବେ ମନୋନୀତ ହୋଇଗଲି । ପାରିବାରିକ ଅଶାନ୍ତିରୁ ମୁକ୍ତି ପାଇବା ପାଇଁ ମୁଁ ଘରଛାଡ଼ି ଚାଲିଯିବାକୁ ଗୋଡ଼ ଟେକି ବସିଥାଏ । ବିଲାତ ନ ହେଲେ ବମ୍ବେ ପଳାଇଯିବି। ମୁଁ ଏଇ ସୁଯୋଗ ହାତଛଡ଼ା କରିବାକୁ ପ୍ରସ୍ତୁତ ନ ଥିଲି । ୩ଟି କିସ୍ତିରେ ୮ ହଜାର ଟଙ୍କା ଋଣ ମିଳିବ ଓ ତାହା ପାଉଣ୍ଡ ବା sterlinga ଆକାରରେ ଦିଆଯିବ । ସିଧା ସଳଖ ଯିବା ସମ୍ଭବ ନୁହେଁ । ସିଟ୍ ଯୋଗାଡ଼

Digitized by srujanika@gmail.com

କରାଯାଇପାରେ। କିନ୍ତୁ ବୈଦେଶିକ ମୁଦ୍ରା ଯୋଗାଡ଼ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଯାହା ହେଉ ମୁଁ କାଳବିଳମ୍ବ ନ କରି ଓଡ଼ିଶା ସରକାରଙ୍କ ସହ ଚୁକ୍ତିନାମା କରିନେଲି । ସେ ବଣ୍ଡ ରେଜିଷ୍ଟ୍ରେସନ୍ ହେଲା । ଜାମିନ୍‌ଦାର ରହିଲେ ମୋ ଶ୍ୱଶୁର। ଏଇ ଏତିକି ଛଡ଼ା ମୋ ଶଶୁରଘର ବିଲାତ ଯିବା ପାଇଁ ବିଶେଷ କିଛି ସାହାଯ୍ୟ କରି ନାହାନ୍ତି । ଅବଶ୍ୟ ପରେ ଦ୍ୱିତୀୟ ଓ ତୃତୀୟ କିସ୍ତିର ବୃତ୍ତି ମଞ୍ଜୁରୀ କରାଇ ପଠାଇଛନ୍ତି ।

ଏଇ ବ୍ୟାଚରେ ଆମେ ୪ଜଣ ବଛା ହୋଇଥିଲୁ । ନୟାଗଡ଼ର ଅରକ୍ଷିତ ଦାଶ, ଦଶପଲ୍ଲାର ଜଗତମୋହନ ସୁବୁଦ୍ଧି, ବାରିପଦାର ରମେଶ ଶତପଥୀ ଆଉ ମୁଁ। ଆମେ ସମସ୍ତେ ସହପାଠୀ । ପାଣି ଜାହାଜରେ ଯିବୁ । ଟିକେଟ ପାଇଁ କମ୍ପାନୀ ଏଜେଣ୍ଟ ସବୁ ବୁଲୁଥାନ୍ତି । ସେଇମାନେ ପାସ୍‌ପୋର୍ଟ, ଭିସା ଇତ୍ୟାଦିର ବ୍ୟବସ୍ଥା କରିଦିଅନ୍ତି । ମୁଁ ସେତେବେଳକୁ ଆଠଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥାଏ । ପ୍ରଥମ ସରକାରୀ ଚାକିରୀ । ୧୯୫୫ ମସିହା ସୀମା ଆନ୍ଦୋଳନ ବେଳେ ମୋ ବିରୁଦ୍ଧରେ କିଛି ପୋଲିସ ରିପୋର୍ଟ ଥିଲା । ଯା ହେଉ ମୁଁ ବିଲାତ ଯାଉଥିବାରୁ ଥାନା ଅଫିସର ସେତକ ଚପାଇ ଦେଲେ । ପାସ୍‌ପୋର୍ଟ ମିଳିଗଲା ।

ଟିକଟ ବା ଯିବା ଖର୍ଚ୍ଚ ଟ୧୨୦୦/- । ସେତକ ବି ଯୋଗାଡ଼ କରିବା ମୋ ପକ୍ଷେ କଷ୍ଟକର । ଆଠଗଡ଼ରୁ ଯେଉଁ ଦରମା ପାଉଥିଲି ସେଇଥିରୁ ସଞ୍ଚିତ ଟଙ୍କାରେ ହୋଇଗଲା । କେବଳ ଟ୭୫୦/-ର ବିନିମୟ ମୁଦ୍ରା ଯିବାବେଳେ ସାଥିରେ ନେବା ପାଇଁ ମିଳେ । ଧୀରେ ସୁସ୍ଥେ ସବୁ ହୋଇଗଲା ।

୧୯୫୯ ମସିହା ଡିସେମ୍ବର ୧୭ ତାରିଖରେ ଆମ ଜାହାଜ ଛାଡ଼ିବ ବମ୍ବେରୁ । ଯେଉଁମାନେ ଆଗରୁ ବିଲାତ ଯାଇଥିଲେ ସେମାନଙ୍କ ପରାମର୍ଶରେ ଗୋଟିଏ ସୁଟ୍, ନାଇଟ୍‌ଡ୍ରେସ୍ ଓ ଖଣ୍ଡେ ଗାଉନ୍ ବମ୍ବେରୁ କିଣାଯିବ ବୋଲି ସ୍ଥିର ହେଲା । ଲଣ୍ଡନରେ ଭଲ ଜିନିଷ ଶସ୍ତାରେ ମିଳିବ ।

ମନରେ ଅସରନ୍ତି ଆନନ୍ଦ । ଆଉ ଯା ହେଉ ନ ହେଉ ମୁଁ ଘରଛାଡ଼ି ଚାଲିଯିବି । ସବୁକିଛି ଭୁଲିଯିବି । ଡିସେମ୍ବର ୧୦ ତାରିଖରେ ମୁଁ ଆଠଗଡ଼ ଛାଡ଼ିଲି । କେତେ ଶୁଭେଚ୍ଛା, କେତେ କୋଳାକୋଳି, କେତେ ହସକାନ୍ଦ ଭିତରେ ଶଶୁରଘର ଗାଡ଼ିରେ ଯାଇ ଆମ ଗାଁ ପଳସିଂହାରେ ପହଞ୍ଚିଲି । ସେଠି ଲୋକ ଆନନ୍ଦରେ ନାଚୁଛନ୍ତି । ନିପଟ ମଫସଲ ପିଲାଟେ ବିଲାତ ଯିବ। ଛୁଆ ଜମିଦାର ବିଲାତ ଯିବେ । ଘରେ ଘରେ ବୁଲି ବିଦାୟ ନେବାକୁ ପଡ଼ିଲା । ସମସ୍ତଙ୍କ ଘରେ କିଛି ଖାଇବି, ଆଉ ମାଇପଙ୍କ କାନ୍ଦଣା ଶୁଣିବି । ତା'ପରେ ଆସିଲି ଶଶୁର ଘର । କେନ୍ଦୁପାଟଣା । ସେଠି ଭବ୍ୟ ସମ୍ବର୍ଦ୍ଧନା । ଶେଷ ମୁହୂର୍ତ୍ତରେ ବି ମୋ ଶ୍ୱଶୁର ପଚାରିଥିଲେ, ନଗଲେ ଚଳନ୍ତାନି ? ମୁଁ ନୀରବରେ ଛିଡ଼ା ହୋଇଥିଲି । ଶ୍ୱଶୁର ଘରର ଶେଷ ଆକର୍ଷଣ ମୋ ଶଳା ଦୁଇଟି । ରମା ଓ ରଞ୍ଜନୀ । ସେମାନଙ୍କୁ ଛାଡ଼ିଲି । ବେଦଧ୍ୱନି ମଧରେ ଶୁଭଲଗ୍ନରେ ମୁଁ କଟକ ଆସିଲି । ସାଥିରେ ଶ୍ୱଶୁର ଘରର ଲୋକ ସବୁ । ବମ୍ବେ ପର୍ଯ୍ୟନ୍ତ ମୋ ସାଥିରେ ଆସିଲେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପୁଅ ହେମନ୍ତ କୁମାର ବଳ । ସେ ମୋ ଶ୍ୱଶୁରଙ୍କ ବନ୍ଧୁ ଓ ମୋର ଜଣେ ଶୁଭେଚ୍ଛୁ। ବମ୍ବେରେ ହରିଦାସ ଓ ନୃସିଂହ ମିଶ୍ର ପି.ଜି. କରୁଥାନ୍ତି । ଅରକ୍ଷିତ ଦାସ ଓ ମୁଁ ସେମାନଙ୍କ ପାଖରେ ରହିଲୁ ।

Digitized by srujanika@gmail.com

୧୭ ତାରିଖ ପୂର୍ବାହ୍ନ ୧୦ଟା ବେଳେ ଆମ ଜାହାଜ ଛାଡ଼ିବ ବମ୍ବେ ଉପକୂଳରୁ । ଭାରତ ଭୂମିକୁ ମୁଣ୍ଡିଆ ମାରି ଜାହାଜରେ ଚଢ଼ିଲୁ । ଜନମ ମାଟିର ବନ୍ଧନ । ତେଣେ ବିଲାତର ଡାକରା । ତା'ରି ଭିତରେ ଭାବ ବିହ୍ୱଳ ହୋଇ, ସାଙ୍ଗସାଥୀ ପରିଜନମାନଙ୍କ ଶୁଭେଚ୍ଛାକୁ ପାଥେୟ କରି ଚାହିଁ ରହିଲୁ ଆରବ ସାଗରର ଅସୀମ ଜଳରାଶିକୁ । ରହିବା ପାଇଁ ଉଦ୍ଦିଷ୍ଟ ଘରେ ଆଖି ବୁଲାଇ ଆଣିଲି । ଦୁଇଜଣକ ପାଇଁ ବ୍ୟବସ୍ଥା । ଅରକ୍ଷିତ ଦାସ ଓ ମୁଁ । ଜାହାଜ ଚାଲିଲା କରାଚୀ ଅଭିମୁଖେ ।

ବମ୍ବେରୁ କରାଚୀ ଦିନକର ବାଟ । ସମୁଦ୍ର ଶାନ୍ତ । କରାଚୀରେ ପହଁଚିବା ପରେ ଆମେ ସବୁ କରାଚୀ ନଗରୀ ଦେଖିବାକୁ ଗଲୁ । ଆଗରୁ ଭିସା ମିଳିଥାଏ । କରାଚୀ ଭାରତର ନଗରୀମାନଙ୍କ ଭଳି । ହେଲେ ଟିକିଏ ଅଧିକ ସଫା ସୁତୁରା । ଜାହାଜରେ ଖାଇବା ପିଇବା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ବି କିଣିବାକୁ ମିଳେ । ଜାହାଜ ତରଫରୁ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରଭୋଜନ ମିଳେ। ପ୍ରଥମ ଦୁଇଦିନ ଭାରତୀୟ ଖାଦ୍ୟ ।

ଦ୍ୱିତୀୟ ଦିନକୁ ଆମକୁ ଲାଇଫବୋଟ୍ ବା ଜୀବନତରୀ ବ୍ୟବହାର ସମ୍ବନ୍ଧରେ ଟ୍ରେନିଂ ଦିଆଗଲା । ମୋତେ ତ ପହଁରା ଜଣା ନ ଥାଏ । ଭାବୁଥାଏ ଭବସାଗର ଲୀଳା ଆରବ ସାଗରରେ ଶେଷ ନ ହେଉ । ଆମେ ସମୟ ସମୟରେ ପଢ଼ାପଢ଼ି କରୁଥିଲେ ବି ଅଧିକାଂଶ ସମୟ ଡେକ୍ ଉପରେ ବସି ମଜାକରୁ । ସୁବିସ୍ତୀର୍ଣ୍ଣ ସାଗର ତୁଳନାରେ ମଣିଷ କେତେ ଛୋଟ । ହେଲେ ସେ ତା'ର ବୁଦ୍ଧି ବଳରେ ସାଗର ବକ୍ଷରେ ନିର୍ଭୀକ ଭାବରେ ବାଟ କାଟି ଚାଲିଛି । ଆରବ ସାଗର ଅତିକ୍ରମ କଲାପରେ ସମୁଦ୍ର ବେଳେବେଳେ ଅଶାନ୍ତ ରହେ । ଆମକୁ ଡର ଲାଗିଲେ ଘର ଭିତରେ ଯାଇ ଶୋଇପଡୁ । ମୁଁ କେବେ ବାନ୍ତି (sea-sickness) ବା ସେଭଳି କିଛି ଉପସର୍ଗର ଶିକାର ହୋଇନାହିଁ।

ଏହାପରେ ଆମ ଜାହାଜ ଲାଗିଛି ଏଡେନ୍ ବନ୍ଦରରେ । ଏଡେନ୍ ସୁଏଜ୍ କେନାଲ୍‌ରେ ପ୍ରବେଶ ପଥରେ । ସୁଏଜ୍ କେନାଲ ମିଶର ଭିତର ଦେଇ ଯାଇଛି । ଖୋଳିଛନ୍ତି ବ୍ରିଟିଶ ସରକାର ୧୮୬୭ରେ । ମିଶର ଏ ପର୍ଯ୍ୟନ୍ତ ଏହାକୁ ଜାତୀୟକରଣ କରିପାରି ନାହିଁ । ମିଶରର ରାଷ୍ଟ୍ରପତି ନାସେରଙ୍କ ସହ ଆମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଭଲ ସଂପର୍କ । ମଧ୍ୟ ପ୍ରାଚ୍ୟର ଏହି ରାଷ୍ଟ୍ରରେ ଭାରତୀୟମାନଙ୍କ ପ୍ରତି ପ୍ରଗାଢ଼ ସମ୍ମାନ । ବନ୍ଦର ନଗରୀ ବୁଲି ଦେଖିଲୁ । ସୁଏଜ୍ କେନାଲ୍ ଅତିକ୍ରମ କରି ଜାହାଜ ଲାଗିଲା ପୋର୍ଟ ସଏଦ୍‌ରେ । ଏଠି ଜାହାଜ ବେଶ୍ କିଛି ସମୟ ରହିଲା ତେଲ ଓ ଖାଦ୍ୟଦ୍ରବ୍ୟ ଭରିବା ପାଇଁ । ଆମେ ଏଇ ସୁଯୋଗରେ ନଗରୀ ଭିତରେ ପ୍ରବେଶ କରି କିଛିଟା କିଣାକିଣି କଲୁ ।

ଏହାପରେ ଜାହାଜ ପ୍ରବେଶ କଲା ଭୂମଧ୍ୟ ସାଗର (mediterranean sea)ରେ । ଏହାର ନାତିଶୀତୋଷ୍ଣ ଜଳରାଶି ବେଶ୍ ଆରାମଦାୟକ । ଏଇଠି କିନ୍ତୁ ସମୁଦ୍ର ବେଳେ ବେଳେ ଅଶାନ୍ତ ରହିଛି । କେହି କେହି ବାନ୍ତି କରିଛନ୍ତି, କିନ୍ତୁ ହତୋତ୍ସାହ ହୋଇ ନାହାନ୍ତି । ମଧ୍ୟାହ୍ନ ଭୋଜନ ବେଳେ ବିଅର ପରିବେଷଣ କରାଯାଏ ପାନୀୟ ଭାବେ। ଅଳ୍ପ କେଇଦିନ ପରେ ଜାହାଜ ଲାଗିଲା ମାର୍ସେଲିସ ବନ୍ଦରରେ ।

Digitized by srujanika@gmail.com

ମାର୍ସେଲସି ଫ୍ରାନ୍ସର ପ୍ରଖ୍ୟାତ ବନ୍ଦର । ଆମେ ଓହ୍ଲାଇ ନଗର ଭିତରେ ପ୍ରବେଶ କଲୁ । ଆମ ଇଂରେଜୀ ଭାଷା ବି କେହି ବୁଝୁ ନ ଥାନ୍ତି । ହୋଟେଲରେ ପାଣି ମିଳୁନି ପିଇବାକୁ । ହାତ ମୁହଁ ତ ଧୋଇବାର ପ୍ରଶ୍ନ ନାହିଁ । ବିଅର ହେଉଛି ପାନୀୟ । ଆମକୁ ପାଣି ପାଇଁ ରେଳଷ୍ଟେସନ ଦେଖାଇଦେଲେ । ସେଠି ଯାଇଁ ପାଣି ପିଇଲୁ । ମାର୍ସେଲିସ୍ ଛାଡ଼ିଲା ପରେ ପହଁଚିଲୁ ଜିବ୍ରାଲଟର । ତାକୁ ପାରହୋଇ ଗଲାପରେ ଇଂଲିସ୍ ଚାନେଲ । ତା'ର ଗୋଟିଏ ଦିନ ପରେ ୧୯୬୦ ମସିହା ଜାନୁଆରୀ ୨ ତାରିଖରେ ଆମ ଜାହାଜ ଲାଗିଲା ଆମ ସ୍ୱପ୍ନର ବିଲାତ ମାଟିରେ । ଦୀର୍ଘ ୧୭ ଦିନ କାଳ ସମୁଦ୍ର ବକ୍ଷରେ ବିତାଇବା ପରେ ପହଞ୍ଚିଲା ପୋଟସ୍ ମାଉଥ୍ ବନ୍ଦରରେ ।

ପୋର୍ଟ୍ସ ମାଉଥ୍ ବ୍ରିଟେନର ବୃହତ୍ତମ ବାଣିଜ୍ୟିକ ବନ୍ଦର । ଆଗରୁ ଖବର ପାଇ ଆମ ଓଡ଼ିଆ ଭାଇମାନେ ଅପେକ୍ଷା କରି ରହିଛନ୍ତି ଆମକୁ ପାଛୋଟି ନେବା ପାଇଁ । ଆମେ ବି ସେମାନଙ୍କ ପାଇଁ ଓଡ଼ିଶାରୁ କିଛି କିଛି ନେଇକରି ଆସିଛୁ । ପ୍ରଥମ ଦେଖାରେ କୋଳାକୋଳି, କୁଶଳ ବାର୍ତ୍ତାର ଦେଣନେଣ । ଆମ ଜିନିଷପତ୍ର ଯାଞ୍ଚ ଚାଲିଥାଏ । ଆମେ ତ declaration ଦେଇ ସାରିଥାଉ । ମୋ ପାଖରେ ଥିଲା କିଛି ଗୁଣ୍ଡି, ଡଃ. ଆଶାଲତା କରଙ୍କ ପାଇଁ । ତାଙ୍କ ବାପା ବିଶ୍ୱନାଥ ବାବୁ ପଠାଇଥାନ୍ତି । ଡାକ୍ତର କର ମୋ ସହପାଠିନୀ । ସେଇଟାକୁ ଚିପାଚିପି କଲାପରେ ମତେ ଛାଡ଼ିଦେଲେ । ଆମେ ସମସ୍ତେ (ଚାରିଜଣ ଯାକ ଡାକ୍ତର) ଆସିଲୁ ଭାରତୀୟ ଛାତ୍ରାବାସ Indian Students Hostel, 89 Guilgord street london wc 1 । ଭାରତୀୟ ରାଷ୍ଟ୍ରଦୂତଙ୍କ ମାଧମରେ ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ ସେଇଠି ଆମ ରହିବା ଓ ଖାଇବା ପିଇବାର ବ୍ୟବସ୍ଥା କରାଯାଇଥାଏ । ଆମେ ସେଠି ରାତ୍ରିଜାପନ କଲୁ ।

ଭାରତୀୟ ଛାତ୍ରାବାସଟି ଲଣ୍ଡନରେ ଚଳିବା ପାଇଁ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର । କିପରି ବିନା ପାଣିରେ ପାଇଖାନା ଯିବ । କାର୍‌ପେଟ୍ ବିଛାଘରେ ଗାଧୁଆ କୁଣ୍ଡରେ ଗାଧୋଇବ ହୁଏତ କାର୍‌ପେଟ୍‌ରେ ପାଣି ପଡ଼ିବନି । ଠିକ୍ ସମୟରେ ପ୍ରାତଃଭୋଜନ, ମଧ୍ୟାହ୍ନ ଭୋଜନ, ସନ୍ଧ୍ୟାଭୋଜନ । କଣ୍ଟା ଚାମଚ ସାହାଯ୍ୟରେ ଖାଇବ । ଆଗନ୍ତୁକ ମାନଙ୍କୁ କିପରି ଅଭ୍ୟର୍ଥନା କରିବ, କରମର୍ଦ୍ଦନ କରିବ । କେତେବେଳେ କେଉଁ ପୋଷାକ ପିନ୍ଧିବ, ଗଳାବନ୍ଧନୀରେ କିପରି ଗଣ୍ଠି ପଡ଼ିବ । ବାହାର ଲୋକଙ୍କ ସାହାଯ୍ୟ କିପରି ନେବ ଇତ୍ୟାଦି ଅଭ୍ୟାସରେ ପରିଣତ କରିବାକୁ ପଡ଼େ । ଜାହାଜରେ ସିନା ଲାଇଫ୍‌ବୋଟ୍ ବ୍ୟବହାର ଶିଖିଥିଲୁ । ଏଠି ସୀମିତ ଇଂରାଜୀଜ୍ଞାନ ଭିତରେ ଜୀବନ ନୌକା ଚଳାଇବା କଷ୍ଟକର । ଇଂରେଜୀ ଭାଷା ବୁଝିହେଉନି କି ବାକ୍ ପଟୁତା (ଫ୍ଲୁଏନ୍‌ସି) ଅଭାବରୁ କହି ହେଉନି । ନିଜ ନିଜ ଭିତରେ ସେତକ ଅଭ୍ୟାସ କରିବାକୁ ପଡ଼ିବ। ଓଡ଼ିଆ ଭାଷା ପୁରାପୁରି ଭୁଲିଯିବାକୁ ପଡ଼ିବ । ଦିନକର କଥା । ଆମେରିକାରୁ ଜଣେ ଓଡ଼ିଆ ଡାକ୍ତର ଆସିଥାନ୍ତି । ଅନର୍ଗଳ ଇଂରାଜୀରେ କହି ଚାଲିଥାନ୍ତି । ଏଠିକାର ଜଣେ ନୂଆକରି ଆସିଥିବା ଡାକ୍ତର ତାଙ୍କୁ ଏକ ଶକ୍ତ ଧକ୍କା ଦେଲା । ସେ ଚିତ୍କାର କରି ଉଠିଲେ - ଶଳା ଦେବି ଯେ ଦି ଥାପଡ଼ । ସମସ୍ତେ ହସି ଉଠିଲେ । ମାତୃଭାଷାର କି ଆକର୍ଷଣ !

ସ୍କଟଲାଣ୍ଡ, ଇଂଲଣ୍ଡ ଓ ଉତ୍ତର ଆୟାରଲାଣ୍ଡ ଏଇ ଅଢ଼େଇଟି ଦ୍ୱୀପକୁ ନେଇ ଗଢ଼ା ବ୍ରିଟିଶ ଦ୍ୱୀପପୁଞ୍ଜ ବା ଗ୍ରେଟ ବ୍ରିଟେନ । ଇଂଲଣ୍ଡ ସହ ଯୋଡ଼ା ଓଏଲସ୍ ।

Digitized by srujanika@gmail.com

ଦକ୍ଷିଣ ଆୟାରଲାଣ୍ଡ ଗୋଟେ ସ୍ୱତନ୍ତ୍ର ଦେଶ । ଉତ୍ତର ଆୟାରଲାଣ୍ଡ ଅଲଗା ହୋଇ ଯିବାକୁ ଲଢ଼େଇ ଜାରି ରଖିଛି ଆମ କାଶ୍ମୀର ଭଳି । ଏମାନଙ୍କ ଭିତରେ ବି ସଂହତିର ଅଭାବ । କଟିକୀ ସମ୍ବଲପୁରୀ କି ଗଞ୍ଜାମୀ ଭଳି ଇଂଲସ, ସ୍କଟିସ୍, ଆଇରିସ୍ ଭେଦଭାବ। ଏତେ ଭେଦଭାବ ଥାଇ ବି ଗୋଟିଏ ଜାତି ଭାବେ ଠିଆ । ମଇଁଷି ଶିଙ୍ଘ ଫଟା, ଯୁଝିଲା ବେଳକୁ ଗୋଟା । ସମୁଦାୟ ଲୋକସଂଖ୍ୟା ପାଞ୍ଚକୋଟି । ବିହାର ଓଡ଼ିଶାଠାରୁ ଛୋଟ । ନିଜର ଦୂରଦୃଷ୍ଟି, ତୀକ୍ଷ୍ଣ ବୁଦ୍ଧି ଓ ଅଧ୍ୟବସାୟ ବଳରେ ସାରା ପୃଥିବୀକୁ କବଳିତ କରି ରଖିଥିଲେ । ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହେଉ ନ ଥିଲେ । ଭାରତକୁ ହାତଛଡ଼ା କରିବା ପରେ ରାଜ୍ୟଗୋଷ୍ଠୀ ପରିକଳ୍ପନା ।

ବିଲାତର ରାଜଧାନୀ ଲଣ୍ଡନ ମହାନଗରୀ । ବହୁ ପୁରାତନ ଓ ଖ୍ୟାତି ସଂପନ୍ନ ନଗରୀ । ଗଢ଼ି ଉଠିଛି ଥେମ୍ସ (thames) ନଦୀକୂଳରେ । କୋଳରେ ତା'ର Bunkingham palace, 10 Downing street, st. paul, cathedral, wimbledon stadium, west minister abey, trafalgar square, london bridge ଏମିତି କେଜାଣି କେତେ ଆକର୍ଷଣ । ସମୟ କ୍ରମେ ଏଗୁଡ଼ିକ ବୁଲି ଦେଖିଲୁ ।

ବ୍ରିଟେନ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲେ ବି ରାଜତନ୍ତ୍ରର ଛାପ ରହିଛି । ବିଲାତର ରାଣୀ ଶାସନମୁଖ୍ୟ, ତାଙ୍କ ହାତରେ ବିଶେଷ କିଛି କ୍ଷମତା ନ ଥିଲେ ବି ତିନୋଟି ଦ୍ୱୀପକୁ ଗୋଟିଏ ସୂତାରେ ଧରି ରଖିବାରେ ସହାୟକ । ଆମ ଠାକୁର ରାଜାଙ୍କ ପରି, ରାଷ୍ଟ୍ରପତି ଏପରିକି ରାଜ୍ୟପାଳଙ୍କ କ୍ଷମତା ଠାରୁ ତାଙ୍କ କ୍ଷମତା କମ୍ ।

ରାଜ ପରିବାର ରହୁଥିବା ବହୁ ଚର୍ଚ୍ଚିତ Bunkingham palace ଟି ଆମ ମୟୂରଭଂଜ ମହାରାଜାଙ୍କ ରାଜପ୍ରାସାଦ ଠାରୁ ଛୋଟ ।

10 Downing street - ଏଠି ବ୍ରିଟେନର ପ୍ରଧାନମନ୍ତ୍ରୀ ଅଫିସ କରନ୍ତି ।

Bigben clock tower - ବିରାଟ ଘଣ୍ଟା ଝୁଲୁଛି

British Parliament - ର କିଛି ଅଂଶ ଏଇ ଘରେ ।

st. Paul cathedral - ବହୁ ପୁରୁଣା ଚର୍ଚ୍ଚ । ଏହାର ଗଠନ ଓ କାରୁକାର୍ଯ୍ୟ ପାଇଁ ବେଶ୍ ଜଣାଶୁଣା ।

West Ministry Abey - ଏହା ମଧ୍ୟ ଏକ ବିରାଟ ଚର୍ଚ୍ଚ ।

Wimbledon stadium - ଇଉରୋପ ମହାଦେଶର ପ୍ରଖ୍ୟାତ କ୍ରୀଡ଼ାଙ୍ଗନ । ଫୁଟ୍‌ବଲ୍ ଖେଳ ପାଇଁ ପ୍ରସିଦ୍ଧ ଏବେ କ୍ରିକେଟ୍ ସମେତ ସବୁ ପ୍ରକାର ଖେଳ ଏଠି ହୁଏ ।

London Bridge - ଥେମସ୍ ନଦୀ ଉପରେ ଏଇ ପୋଲ । ଏହାରି ଉପର ଦେଇ ମହାନଗରୀ ପାର ହୋଇ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳକୁ ଯିବାକୁ ପଡ଼େ । Trafalgan square ଏକ ବିରାଟ ପାର୍କ । ଲର୍ଡ ନେଲ୍‌ସନ୍‌ଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ଏଠି ଦଣ୍ଡାୟମାନ । ନେଲ୍‌ସନ୍ ବ୍ରିଟେନର ନୌ ସେନାପତି ଥିଲେ । ଏଠି ରାଜନୈତିକ ଦଳ ଗୁଡ଼ିକର ତଥା ଅନ୍ୟାନ୍ୟ ବଡ଼ ବଡ଼ ସଭା ସମିତି ହୋଇଥାଏ ।

ଏସବୁ ଛାଡ଼ି ମହାନଗରୀରେ ଭରି ରହିଛି ଅସଂଖ୍ୟ ପାର୍କ । ସେଥିମଧ୍ୟରୁ Hyde park ଅନ୍ୟତମ । ଏଗୁଡ଼ଇକ ସହରବାସୀଙ୍କ ଜୀବନ । ମହାନଗରୀର ପ୍ରାୟ

Digitized by srujanika@gmail.com

ଅଶୀଭାଗ ଲୋକ ହୋଟେଲରେ ରହନ୍ତି । ଟିକିଏ ଖରାପାଗ ହେଲେ ଛୁଟି ପାଇଲେ ଅଫିସ କର୍ମଚାରୀ ମାନେ ଆସନ୍ତି ଏଇସବୁ ପାର୍କକୁ । ଡାଫୋଡିଲ୍ ଫୁଲର ଆକର୍ଷଣ, କ୍ୟାଣ୍ଟିନରେ ବସିବା ଶୋଇବା ପାଇଁ ଲମ୍ବା ଲମ୍ବା ବେଞ୍ଚ । ଘଣ୍ଟା ଘଣ୍ଟା ଧରି ଯୁବକ ଯୁବତୀମାନେ ସେଠି ବସି ଗପୁଥାନ୍ତି ।

ଆମ ଭାରତୀୟ ରାଷ୍ଟ୍ରଦୂତ ଅଫିସ Indian embassy ମହାନଗରୀର କେନ୍ଦ୍ରସ୍ଥଳୀରେ । ଆମ ହାତରେ ତ ବୈଦେଶିକ ମୁଦ୍ରା (ପାଉଣ୍ଡ କି starling) ନ ଥାଏ । ମାତ୍ର ୮୭୫୦/-ର ବୈଦେଶିକ ମୁଦ୍ରା ସାଥୀରେ ଧରି ଆସିଥିଲୁ । ସେତକ ବାଟରେ ଖର୍ଚ୍ଚ ହୋଇ ଯାଇଥାଏ । ଭାରତୀୟ ମୁଦ୍ରା କେବଳ କରାଚୀରେ ଚଳେ । ଏଠି ଅଚଳ । ଆମ ଛାତ୍ରବୃତ୍ତି ଷ୍ଟାଇପେଣ୍ଡ ଭାରତୀୟ ଦୂତାବାସକୁ ଆସେ । ସେମାନେ ଆମକୁ ଦେଇ ଦିଅନ୍ତି । ଆମ ପାଖରେ ଟଙ୍କା ନ ଥିଲେ ଦୂତାବାସ ସମୟ ସମୟରେ କିଛି ଟଙ୍କା ଧାର ବା କରଜ ଆକାରରେ ଦେଇଥାଏ । ଆମ ଷ୍ଟାଇପେଣ୍ଡର ପ୍ରଥମ କିସ୍ତିର ଟଙ୍କା ଦୂତାବାସକୁ ଆସି ସାରିଥାଏ । ସେତକ ଯାଇ ନେଇ ଆସିଲୁ ।

ବିଲାତ ଲୋକେ ଭାରତୀୟ ମାନଙ୍କୁ କେତେ ଭଲ ପାଆନ୍ତି କହି ହେବନି । ତେବେ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ପାଇଁ ସମ୍ମାନ ଦିଅନ୍ତି । ଏମ୍ବାସିରେ ପହଞ୍ଚି ପଣ୍ଡିତ ନେହେରୁଙ୍କର ଗୋଟିଏ ଲେଖା ଦେଖିଲି ।

I do not bother how much time you take but see how perfectly you do the job. ଯାହା ସମୟ ଲାଗୁନା କାହିଁକି କାମଟି ଭଲ ଭାବରେ କର । ଦୂତାବାସରେ କର୍ମଚାରୀମାନେ ଆମକୁ ବେଶ୍ ସାହାଯ୍ୟ ସହଯୋଗ କରନ୍ତି । ଆମ କାଗଜପତ୍ର ଦେଖିଲାପରେ କୁଶଳ ଜିଜ୍ଞାସା କରି ଆମ ଟଙ୍କା ଦେଇ ଦିଅନ୍ତି । ଟଙ୍କା ନେଇ ସାଥେ ସାଥେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଜମା କରିଦେଉ। ଏଠି ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ ଖୁବ୍ ଉନ୍ନତ । ଦୋକାନ କି ହୋଟେଲରେ ଚେକ୍ ଦେଲେ ସେମାନେ ତାକୁ ଗ୍ରହଣ କରନ୍ତି । ବ୍ୟାଙ୍କରେ ଟଙ୍କା ନ ଥିଲେ ବି ଚେକ୍ ପେମେଣ୍ଟ ହୋଇଥାଏ । ଏହି ଅଧିକ ଉଠାଣ ଟଙ୍କା ଆମେ ପରେ ବ୍ୟାଙ୍କ୍‌ରେ ଜମା ଦେଇଦେଉ । ଆମ ଭଳି କମ୍ ଟଙ୍କା ଧରି ଆସିଥିବା ପିଲାଙ୍କ ପାଇଁ ଏହା କମ୍ ସାହାଯ୍ୟ ନୁହେଁ ।

ମହାନଗରୀର ପାଗ ଆମ ପାଇଁ ଅନୁକୂଳ ନୁହେଁ । ମାସେ ଦୁଇମାସ ଛାଡ଼ିଦେଲେ ସବୁବେଳେ ଦିନସାରା ବର୍ଷା ବା ବରଫପାତ । ଶିମିଳିତୁଳା ପଡ଼ିଲା ପରି ବରଫ କଣିକା ସବୁ ଝଡ଼ି ପଡୁଥାଏ । ଶୀତଦିନେ ରାସ୍ତାଘାଟ ବରଫାବୃତ । ବରଫ କଟା ନ ହେଲେ ଘରୁ ପଦାକୁ ବାହାରି ହେବନି । ଡ୍ରୋଜର ସବୁ ସକାଳୁ ବରଫ କାଟି ରାସ୍ତା ସଫା କରନ୍ତି ।

ଲୋକମାନେ ସମସ୍ତେ କର୍ମଠ । କେହି ଘରେ ରହନ୍ତିନି । ଖଣ୍ଡେ ଖଣ୍ଡେ ଓଭରକୋର୍ଟ ଗଳେଇ ଘରେ ପ୍ରାତଃଭୋଜନ ସାରି ପ୍ରତ୍ୟେକ ନିଜ ନିଜ ଗନ୍ତବ୍ୟସ୍ଥଳକୁ ବାହାରି ଯାନ୍ତି । କର୍ମକ୍ଷେତ୍ରରେ ମଧ୍ୟାହ୍ନ ଭୋଜନ । ଘରକୁ ଫେରିଲେ ସଂଧ୍ୟାଭୋଜନ, ନୈଶ୍ୟ ଭୋଜନ ଇତ୍ୟାଦି ।

ରାସ୍ତା କଡ଼ରେ ସମ୍ବାଦପତ୍ର ସବୁ ଗଦା ହୋଇଥାଏ । ଜଗିବାକୁ ବା ବିକିବାକୁ କେହି ନ ଥାନ୍ତି । ସମସ୍ତେ ସେଠି ପଇସା ପକାଇ ଦେଇ ଖଣ୍ଡେ ଖଣ୍ଡେ କାଗଜ

Digitized by srujanika@gmail.com

ନେଇଯାନ୍ତି । ଠିକ୍ ସେମିତି ରାସ୍ତାକଡ଼ରେ କ୍ଷୀର, ଚକୋଲେଟ୍ ବା ଫୋନ୍ ଇତ୍ୟାଦିର ବ୍ୟବସ୍ଥା । ପଇସା ପକାଇ ବଟମ୍ ଚିପିଲେ ସବୁ ମିଳିବ । ବିକ୍ରେତାର ଆବଶ୍ୟକତା ନାହିଁ ।

ପାଗ ପାଇଁ ଟ୍ୟୁବ୍‌ଟ୍ରେନ୍ ବା ମାଟିତଳ ରାସ୍ତା । ଗାଇଡ୍ ବା ରୋଡ୍ ମ୍ୟାପ୍ ରାସ୍ତାନକ୍ସା ଖଣ୍ଡେ ହେଲେ ମହାନଗରୀର ଯେ କୌଣସି ସ୍ଥାନକୁ ଯାଇପାରିବ । ଦୋକାନ ବଜାରରେ ବେଶୀ ବିକ୍ରେତା ନ ଥାନ୍ତି । ନିଜେ ନିଜ ଜିନିଷ ଦୋକାନରୁ ସଂଗ୍ରହ କରି କାଉଣ୍ଟରକୁ ଯିବ । ସେଠି ହିସାବ ମୁତାବକ ଟଙ୍କା ଦେଇ ଜିନିଷ ନେଇ ବାହାରିଯିବ । ନିତି ଦିନିଆ ଜିନିଷ ସବୁ ପ୍ରାୟ ସ୍ତ୍ରୀଲୋକମାନେ ସଂଗ୍ରହ କରନ୍ତି ।

ଖାଦ୍ୟପେୟ ସାଧାରଣ କହିଲେ ଚଳେ । ସକାଳ ଜଳଖିଆରେ ଥାଏ ଦୁଧ, ଶସ୍ୟଗୁଣ୍ଡ, ଅଣ୍ଡା ବା ଘୁଷୁରୀ ମାଂସର କବାବ୍ ଓ ଚାହା । ମଧ୍ୟାହ୍ନଭୋଜନ ନିଜ ମନ ମୁତାବକ। କିଛି ସେକା ମାଂସ, ରୋଷ୍ଟେଡ୍ ମଟନ୍ ବା ଚିକେନ୍, ଦୁଇ ତିନିଖଣ୍ଡ ପାଉଁରୁଟି ବା ସାଣ୍ଡୱିଚ୍ ଓ ଚାହା । ସଂଧ୍ୟାଭୋଜନ ବା ଡିନର ମୁଖ୍ୟ ଖାଦ୍ୟ । ସଂଧ୍ୟା ପୂର୍ବରୁ ଖିଆ । ୩ ବା ୫ ଥରରେ 3 or five course dinner । ପ୍ରଥମେ ସୁପ୍ । ଏହା ଆମିଷ ବା ନିରାମିଷ ହୋଇପାରେ । ବେଶ୍ ରୁଚିକର ଓ କ୍ଷୁଧାବର୍ଦ୍ଧକ appetiser । ତା'ପରେ ଆସେ ସେକା ମାଂସ ମଟନ୍, ବିଫ୍ ବା ଚିକେନ୍। ବେଳେବେଳେ ମାଂସ ଝୋଳ Irish stew ତା ପାଖରେ ଥାଏ । ଆଳୁ ଚକଟା smashed potato । କୋବି ବା ଅନ୍ୟ କିଛି ପରିବା ସିଝା । ଦୁଇ ତିନିଖଣ୍ଡ ପାଉଁରୁଟି ସହ ବଟର୍ ବା ସାଣ୍ଡଉଇଚ୍ । ଶୁକ୍ରବାର ଦିନ ସମସ୍ତେ ମାଛ ଖାଆନ୍ତି । ମାଛ କହିଲେ ଦୁଇ ତିନିଖଣ୍ଡ ଭଜାମାଛ । ତା'ପରେ ମିଠା । ମିଠା କହିଲେ କେକ୍, କଷ୍ଟାର୍ଡ । ବେଳେ ବେଳେ ଆଇସ୍‌କ୍ରିମ୍ କୁଲ୍‌ଫି । ତା'ପରେ ଡ୍ରାଏ ଫ୍ରୁଟ୍‌ସ୍ ବା ନଟ୍‌ସ୍ । ଏଗୁଡ଼ିକର ଆବରଣକୁ ଛଡ଼ାଇ ଖାଇବାକୁ ପଡ଼େ । ତା' ସାଙ୍ଗକୁ ଚିଜ୍ ବିସ୍କୁଟ । ସର୍ବଶେଷରେ ଚାହା ବା ଡ୍ରିଙ୍କ୍ । ଏଗୁଡ଼ିକ କୌଣସିଟି ସୁସ୍ୱାଦୁ ନୁହେଁ । ସଂଧ୍ୟାଭୋଜନ ପରେ କ୍ଲବକୁ ଯାନ୍ତି । ସେଠି ଡ୍ରିଙ୍କ ଏବଂ ଡ୍ୟାନ୍‌ସ । ସେଠୁ ଫେରି କେହି କେହି ରାତ୍ରିଭୋଜନ ସୁପର୍ ପରେ ଶୋଇ ଯାଆନ୍ତି । ରାତ୍ରି ଭୋଜନରେ ଥାଏ ଅଣ୍ଡା ଆଉ ଫଳମୂଳ । ମହାନଗରୀରେ ଭାରତୀୟ ହୋଟେଲ ବି ଭରପୂର । ଖାଦ୍ୟ ସୁସ୍ୱାଦୁ । ଯାହା ଖୋଜିବ ମିଳିବ । ନିଜର ସୀମିତ ସମ୍ବଳ ଭିତରେ ଭାତ ଦୋ ପିଆଜି ଥିଲା ମୋର ସବୁଦିନିଆ ପ୍ରିୟ ଖାଦ୍ୟ ।

ବେଶଭୂଷା ପାଗକୁ ଚାହିଁ । ଶୀତ ବସ୍ତ୍ର କହିଲେ ତ ନିଶ୍ଚୟ ଗରମ ପୋଷାକ । ୩ ପିସ୍ ସୁଟ୍ ପ୍ରାୟ ସମସ୍ତେ ପିନ୍ଧନ୍ତି । ଗଳାବନ୍ଧନୀ (ନେକ୍ ଟାଏ) ତ ନିଶ୍ଚୟ ଥିବ । ଘରୁ ବାହାରିବା ପୂର୍ବରୁ ଇଲେକ୍‌ଟ୍ରିକ୍ ରେଜରଟାକୁ ମୁହଁସାରା ବୁଲାଇ ପାଉଡର ମାଖିବାକୁ ପଡ଼େ । ବାହାରକୁ ଗଲା ବେଳକୁ ଓଭର୍‌କୋଟ, ତା ଉପରକୁ ଖଣ୍ଡେ ରେନ୍‌କୋଟ୍ ବି । ମୁଣ୍ଡଢଙ୍କା, ହାତରେ ଗ୍ଲୋବ୍, ଡିନର ପାଇଁ କଳା କୋଟ୍ । କ୍ଲବ୍ ପାଇଁ ଅଲଗା ଡ୍ରେସ୍ । ଘର ଭିତରେ ରାତିରେ ନାଇଟ୍ ଡ୍ରେସ୍ । ଶୋଇଲା ବେଳକୁ ଗଦି ଉପରେ ସଜା ହୋଇ ରହିଥିବା କମ୍ବଳ ଭିତରେ ପଶିଯିବାକୁ ପଡ଼ିଥାଏ ।

Digitized by srujanika@gmail.com

ସେଲୁନ୍‌ରେ ମାସରେ ଥରେ ଅଧେ ଚୂଳ କଟା, ରେଟ୍‌ତ ଲେଖା ହୋଇଛି, ତା' ଉପରକୁ ବକ୍‌ସିସ୍ । ଫାଇଭ୍‌ଷ୍ଟାର ହୋଟେଲରେ ମିଲ୍ ଦାମ୍ ସାଙ୍ଗରେ ବକ୍‌ସିସ୍ ଦେବା ଭଳି ଏଠ ବି ବକ୍‌ସିସ୍ ଦେବାକୁ ପଡ଼େ । ପ୍ରତିଦିନ କେହି ସ୍ନାନ କରନ୍ତି ନାହିଁ । ସାଧାରଣତଃ ୭ ଦିନରେ ଥରେ ସ୍ଲଟରେ ପଇସା ପକାଇଲେ ଗରମ ପାଣି ଆସେ । ପଇସା ଅନୁସାରେ ଗରମ ପାଣିର ପରିମାଣ । ଘର ସବୁ ସେଣ୍ଟ୍ରାଲ୍ ହିଟେଡ୍ । ଝରକା ନାହିଁ । କାନ୍ଥ ସବୁ କାଠ । ତା ଉପରେ କାଗଜ ଛପା। ପ୍ରତି ଛ ମାସରେ ଥରେ କାଗଜ ବଦଳିଯାଏ । ଚଟାଣ ବି ସେହିପରି । ମ୍ୟାଟ୍ ତଳେଇ ଉପରେ କାର୍ପେଟ୍ ବା ଗାଲିଚା ।

ଏଇ ସମୟରେ ଆମେ ଲଣ୍ଡନ ମହାନଗରୀରେ ଆଠ ଦଶଜଣ ଓଡ଼ିଆ ଥାଉ । ଡାକ୍ତର, ପି.ଏଚ୍‌ଡି କରିବାକୁ ଆସିଥିବା ଅଧ୍ୟାପକ, ବାର୍-ଆଟ୍-ଲ କରିବାକୁ ଆସିଥିବା ଓକିଲ ଦଳ । ସେଥି ଭିତରେ ଥାନ୍ତି ଗଣିତ ଅଧ୍ୟାପକ ଘନଶ୍ୟାମ ଦାସ । ଆଡ୍‌ଭୋକେଟ ବାଦଲ କର ଓ ଡାକ୍ତର ପାର୍ଥ ରାଓ । ଆମେ ପ୍ରତି ରବିବାର ଦିନ ଗୋଟିଏ ଜାଗାରେ ପରସ୍ପରକୁ ଭେଟୁ । ସାଙ୍ଗ ହୋଇ ଖାଉ । ଦୁଃଖ ସୁଖ ହୋଇ ନିଜ ନିଜ ଜାଗାକୁ ଫେରିଯାଉ । ଏମିତି ଆନନ୍ଦରେ ଦିନ ଗଡ଼ି ଚାଲିଥାଏ।

ମୋର ଲେଖାଲେଖି ଆଡ଼କୁ ଟିକିଏ ମନ ଥିଲା । କଲିକତାରେ ରହୁଥିବା ମୋ ପିଉସୀପୁଅ ଭାଇ ହରିଶ ଚନ୍ଦ୍ର ରାଉତରାୟ ମତେ କଲିକତାରୁ ବାହାରୁଥିବା ଓଡ଼ିଆ ପତ୍ରିକା 'ଆସନ୍ତାକାଲି' ପାଇଁ ଲେଖା ପଠାଇବାକୁ ପ୍ରବର୍ତ୍ତାଇଲେ । ମୁଁ ମୋ ଜଳଯାତ୍ରାର କାହାଣୀ ଓ ସେ କାଳର ବ୍ରିଟେନ୍‌ର ଟିକିନିଖି ଖବର ଲେଖି ପଠାଇଲି । ଖବର ଗୁଡ଼ିକ ସମ୍ବାଦପତ୍ର ବିଶେଷ କରି Guardian ରୁ ସଂଗୃହୀତ ହେଉଥାଏ । ସେଗୁଡ଼ିକ ପ୍ରକାଶ ପାଇ ବେଶ୍ ଆଦୃତ ହେଲା । 'ଆସନ୍ତାକାଲି' ପତ୍ରିକା ଗୁଡ଼ିକ ମଧ୍ୟ ମୋ ପାଖକୁ ଆସୁଥିଲା । ଏଥିରୁ ମତେ କିଛିଟା ଆନନ୍ଦ ମିଳିଲା ।

**FRCS ପଢ଼ା :**

ମୁଁ ଲଣ୍ଡନରେ ପହଞ୍ଚିବା ପରଦିନ ସକାଳୁ ମୋ କାଗଜପତ୍ର ଧରି ଚାଲିଲି । ରୟାଲ କଲେଜ ଅଫ୍ ସର୍ଜନ୍‌ସ । ଲଣ୍ଡନରେ ମାଟିତଳେ ରେଳରେ ଯିବା ଖୁବ୍ ସହଜ। ରୋଡ୍ ମ୍ୟାପ୍ ରାସ୍ତାକଡ଼ରେ ସବୁଠି ମିଳେ । ସାହେବମାନେ ଅଜଣା ଲୋକଙ୍କୁ ଖୁବ୍ ସାହାଯ୍ୟ କରନ୍ତି । କେତେବେଳେ ନିଜ ଗାଡ଼ିରେ ଗନ୍ତବ୍ୟ ସ୍ଥଳରେ ଛାଡ଼ି ଦିଅନ୍ତି ତ କେତେବେଳେ ଚିତ୍ରକାଟି ରାସ୍ତା ବତାଇ ଦିଅନ୍ତି । ଯାହେଉ ମତେ କଲେଜ ପାଇବାରେ ଅସୁବିଧା ହେଲାନି। ଆଗରୁ ସବୁ ସରିଥିଲା । ମୁଁ କେବଳ ମୋ ପରିଚୟପତ୍ର ଦେଲି ଓ ଯଥା ସମୟରେ ଶ୍ରେଣୀ ଗୃହରେ ବସିଲି । ପାଠପଢ଼ା ଆରମ୍ଭ ହେଲା ।

କଲେଜଟି ବିଶେଷ ବଡ଼ ନୁହେଁ କି ଚାକଚକ୍ୟ ନାହିଁ । ଶିକ୍ଷକମାନେ ନିଜେ ଆସି ପଢ଼ାଇ ଦେଇ ଚାଲିଯାନ୍ତି । ତା'ରି ଭିତରେ କ୍ୟାଣ୍ଟିନ୍ । କ୍ୟାଣ୍ଟିନ୍‌ରେ ସବୁ କିଛି ଖାଇବାକୁ ମିଳେ । ଅବକାଶ ସମୟରେ ରିସେସ୍‌ରେ ଅଧ୍ୟାପକ, ଛାତ୍ରଛାତ୍ରୀ ତଥା କର୍ମଚାରୀ ଯାଇ ଖାଆନ୍ତି । ସମସ୍ତେ ଧାଡ଼ିରେ ସେଇ ଏକା ଟେବୁଲ୍‌ରେ । ଅଧ୍ୟାପକମାନଙ୍କୁ ପିଅନ ଆଣି କମନ୍ ରୁମ୍‌ରେ ଚାହା ଦିଏନି ।

କ୍ଲାସରେ ତ ଭଲ ବୁଝିପାରେନି । ଯେଉଁ ନୋଟ୍ ମିଳିଥାଏ ଘରେ ଆସି ପଢ଼େ । ଏ କୋର୍ସ ୧୪ ସପ୍ତାହ । ଦିନପରେ ଦିନ ଗଡ଼ି ଚାଲିଲା । କୋର୍ସ

Digitized by srujanika@gmail.com

ସରିଗଲା । ଏଠି ଆଉ ପରୀକ୍ଷା ନାହିଁ କି ପ୍ରାଇଭେଟ କୋଚିଂ ନାହିଁ । ଏଫ୍‌ଆର୍‌ସିଏସ୍ ପ୍ରାଇମେରୀ ପାଇଁ ପ୍ରତି ୬ ମାସରେ ପରୀକ୍ଷା । ନିର୍ଦ୍ଧାରିତ ସମୟରେ ଲଣ୍ଡନ, ଏଡିନ୍‌ବରା ଓ ଡବଲିନ୍ ପରୀକ୍ଷା କେନ୍ଦ୍ରମାନଙ୍କରେ ପରୀକ୍ଷା ହୁଏ । ପିଲାମାନେ ନିଜ ସୁବିଧା ଅନୁସାରେ ଯେ କୌଣସି କେନ୍ଦ୍ର ବାଛି ନେଇଥାନ୍ତି । ଲଣ୍ଡନ ସମ୍ମାନଜନକ ହେଲେ ବି ଅପେକ୍ଷାକୃତ କଷ୍ଟ । ରୟାଲ କଲେଜ ଅଫ୍ ସର୍ଜନ୍‌ସରେ ପଢ଼ା ସରିବା ପରେ ଘୋଷାଘୋଷି କରି ପ୍ରଥମ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଗଲି । ନିର୍ଦ୍ଧାରିତ ସମୟରେ ଫର୍ମ ପୂରଣ କରି ଫି' ଇତ୍ୟାଦି ଦେଇଦେଲି । ପରୀକ୍ଷା ଦିନ ଯେତିକି ପାଖେଇ ଆସୁଥାଏ ସେତିକି ଧୈର୍ଯ୍ୟହରା ହୋଇ ପଡୁଥିଲି । ଯା ହେଉ ସାହସ କରି ଯଥା ସମୟରେ ଲଣ୍ଡନ କେନ୍ଦ୍ରରେ ପରୀକ୍ଷା ଦେଲି । ପ୍ରଶ୍ନ ଆଦୌ ଜଟିଳ ନୁହେଁ । ହେଲେ ଇଂରେଜୀ ଭାଷାରେ ଭାବପ୍ରକାଶ କରିବାର ଅକ୍ଷମତା ଓ ଉତ୍ତର ଦେବାର ଶୈଳୀ କାଳ ହେଲା । ପରୀକ୍ଷାରେ ଅକୃତକାର୍ଯ୍ୟ ହେଲି। ମୋ ସାଥିରେ ଯେତେ ଓଡ଼ିଆ ପିଲା ପରୀକ୍ଷା ଦେଇଥିଲେ ସମସ୍ତେ ଚିତ୍‌ପଟାଙ୍ଗ୍ । ସେଥିରେ ମୋର ଯାଏ ଆସେ କେତେ ? ଗୁରୁବାବୁଙ୍କ ସମୟ ଆଉ ନାହିଁ । ଏଠି ଏବେ ପରୀକ୍ଷାଫଳ କାହାରି ଆଶାନୁରୂପ ନୁହେଁ । ପ୍ରତିଯୋଗିତା ବହୁତ ବେଶୀ । କେବଳ ଭାରତୀୟ ପିଲା ନୁହନ୍ତି, ତାଙ୍କ ନିଜ ଦେଶର ପିଲାଙ୍କ ସମେତ ପାକିସ୍ତାନୀ, ୟୁରୋପର ବିଭିନ୍ନ ଦେଶ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ମଧ୍ୟପ୍ରାଚ୍ୟର ଛାତ୍ରଛାତ୍ରୀମାନେ ଆସିଗଲେଣି । ଏଫ୍‌ଆର୍‌ସିଏସ୍, ଏମ୍‌ଆର୍‌ସିପି ପ୍ରତି ଆକର୍ଷଣ ସବୁ ଦେଶରେ। ପ୍ରତିଥର ହଜାର ହଜାର ପିଲା ପରୀକ୍ଷା ଦେଉଛନ୍ତି । କୃତକାର୍ଯ୍ୟ ହେଉଛନ୍ତି ଶହେ କି ଦୁଇଶହ । ଏମାନେ ସବୁ ବ୍ରିଟେନ କି ଅଷ୍ଟ୍ରେଲିଆର ।

ଭାରତୀୟ ଦୂତାବାସରେ ଦେଖିଥିବା ନେହେରୁଙ୍କ ଲେଖା ମନେ ପକାଇ ଆଶ୍ୱସ୍ତ ହେଲି । ପୁଣି ଲାଗିଲି ପୂରା ଦମ୍‌ରେ । ଏଥର ବି ପୂର୍ବପରି ଅକୃତକାର୍ଯ୍ୟ । ଆଉ ତ ଭାରତୀୟ ଛାତ୍ରାବାସରେ ସ୍ଥାନ ମିଳିବ ନାହିଁ । କେଉଁ ଲାଣ୍ଡ ଲେଡି ଘରେ ରହିବ ବେଡ୍ ବ୍ରେକ୍‌ଫାଷ୍ଟ ନେଇ । ତାଙ୍କ ଘରେ ରହି କେବଳ ସକାଳ ଜଳଖିଆ ଗଣ୍ଡିକ ଖାଇବ । ମଧ୍ୟାହ୍ନ ଓ ସଂଧ୍ୟାଭୋଜନ ବାହାରେ ବେଶୀ ଖର୍ଚ୍ଚ। କିନ୍ତୁ ଲଣ୍ଡନରେ ଅଧିକାଂଶଙ୍କର ଏଇ ଅବସ୍ଥା । ମୋର ଟଙ୍କା ସରି ଆସିଲା । ନିଜ ଉପରୁ ଆସ୍ଥା ତୁଟିଲା । କ'ଣ କରିବି ଚିନ୍ତା କଲି । ବିବେକ କହିଲା, ସମସ୍ତେ ଯାହା କରୁଛନ୍ତି ସେଇଆ କର । ଡାକ୍ତରଖାନାରେ ଚାକିରି କରି କାମ ଶିଖ । ତାଙ୍କରି ପଇସାରେ ପରୀକ୍ଷା ଦିଅ । ଯେତେ ବାଟ ଯିବ । ସେଇଆ କରିବାକୁ ମନେ ମନେ ସ୍ଥିର କଲି । ମହାଜନ ଜନେ ଗତସ୍ୟ ପନ୍ଥା। ଆଗରୁ ଏଇଆ କରିଥିଲେ ହୁଏତ ପରିସ୍ଥିତି ଭିନ୍ନ ହୋଇ ପାରିଥାନ୍ତା । ଶୀଘ୍ର ଫେରିଯିବି ବୋଲି ବହିଧରି ବସି ପଡ଼ିଥିଲି।

ଚାକିରୀ କରିବାକୁ ସେଠି ପ୍ରଥମେ ନାମ ରେଜିଷ୍ଟ୍ରେସନ କରବାକୁ ପଡ଼େ । ଇନ୍‌ସୁରାନ୍ସ ବା ବୀମାକରଣ ବି । ରାଜ୍ୟ ଗୋଷ୍ଠୀ ଅଫିସ୍‌ରେ ନାମ ରେଜିଷ୍ଟ୍ରି କଲି ୨୫.୮.୬୦ରେ । ରେ. ନଂ. ସି.୬୧୧୮ । ଏଠି ଚାକିରୀ ସାଥେ ସାଥେ ମିଳେନି । ସୁପାରିଶ ପତ୍ର ଦରକାର । ଆମ ପାଇଁ ସୁପାରିଶ କରିବ କିଏ ? ଚାକିରୀ ସବୁଦିନିଆ ନୁହେଁ । ଛ' ମାସ ବା ଖୁବ୍ ହେଲେ ବର୍ଷକ ପାଇଁ। ଏଇ ସମୟ ଭିତରେ କାମ ଭଲ ନ କଲେ ବା କନ୍‌ସୁଲ୍‌ଟାଣ୍ଟଙ୍କୁ ଖୁସି ନ ରଖିଲେ ଆଉ କାମ ମିଳିବନି । ସୁପାରିଶପତ୍ର ପାଇଁ ସମସ୍ତେ ଅସ୍ଥାୟୀ ଚାକିରୀ କରନ୍ତି । ଛୁଟିରେ

Digitized by srujanika@gmail.com

ଯାଉଥିବା ଡାକ୍ତରଙ୍କ ସ୍ଥାନରେ ଏ ଚାକିରୀ ୧୫ ଦିନ ବା ମାସକ ପାଇଁ । ଏଇ କାମଚଳା ଚାକିରୀ ଭିତ୍ତିରେ ସୁପାରିଶ ପତ୍ର ମିଳେ । ବଡ଼ ବଡ଼ ଡାକ୍ତରଖାନାରେ ଭାରତୀୟ ଡାକ୍ତରମାନେ ଚାକିରୀ ପାଆନ୍ତି ନାହିଁ। ସେସବୁ ଚାକିରୀ ତାଙ୍କ ପିଲାଙ୍କ ପାଇଁ । ଆମେ ଚାକିରୀ ପାଉ କାଉଣ୍ଟି ହସ୍‌ପିଟାଲରେ । ପ୍ରତ୍ୟେକ ସ୍ଥାନରେ ପରିଚାଳନା ସମିତି ସ୍ୱତନ୍ତ୍ର । ଏସବୁ ଡାକ୍ତରଖାନା ଆମ ଜିଲ୍ଲା ବୋର୍ଡ ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭଳି । କିନ୍ତୁ ଚିକିତ୍ସା ଅତି ଉନ୍ନତ ଧରଣର ।

ଶ୍ରମିକ ସରକାର ବ୍ରିଟେନରେ ସ୍ୱାସ୍ଥ୍ୟସେବାକୁ ଜାତୀୟକରଣ କରିଥାନ୍ତି । ସମସ୍ତଙ୍କୁ ସ୍ୱାସ୍ଥ୍ୟବୀମା କରିବାକୁ ପଡ଼େ । ପ୍ରତି ମାସରେ ଦରମାରୁ କିଛି ପଇସା କଟିଯାଏ ବା ହାତରୁ ଦେବାକୁ ପଡ଼ିଥାଏ । ଚିକିତ୍ସା ପାଇଁ କାହାରିକୁ ପଇସା ଦେବାକୁ ପଡ଼େ ନାହିଁ । କେବଳ ଔଷଧ ପାଇଁ ନାମମାତ୍ର କିଛି ପଇସା ଦେବାକୁ ହୋଇଥାଏ । ଦୁଇସ୍ତରୀୟ ଚିକିତ୍ସା । ଘରୋଇ ଡାକ୍ତର ଓ ସରକାରୀ ଡାକ୍ତରଖାନା । ଦୁଇହଜାରରୁ ପାଞ୍ଚ ହଜାର ଲୋକଙ୍କ ଚିକିତ୍ସା ପାଇଁ ଜଣେ ଘରୋଇ ଡାକ୍ତର । ତାଙ୍କର ପରାମର୍ଶ ପ୍ରକୋଷ୍ଠ ପାଇଁ ସରକାର ଆସବାବପତ୍ର ଓ ଯନ୍ତ୍ରପାତି ଯୋଗାଇ ଦେଇଥାନ୍ତି । ରୋଗୀସଂଖ୍ୟା ଅନୁସାରେ ସେମାନେ ବେତନ ପାନ୍ତି । ସେମାନେ ନ ପାରିଲେ ହସ୍‌ପିଟାଲରେ ଖଟିଆ ବ୍ୟବସ୍ଥା କରନ୍ତି । ଆମ୍ବୁଲାନ୍ସ ଆସି ରୋଗୀଙ୍କୁ ତାଙ୍କ ଘରୁ ନେଇଯାଏ । ଏସବୁ ପାଇଁ କେଉଁଠି ପଇସା ଦେବାକୁ ପଡ଼େ ନାହିଁ । ସେମାନେ ମଧ୍ୟ ଡାକ୍ତରଖାନାର ବହିର୍ବିଭାଗରେ ଚିକିତ୍ସା ପାଇଁ ନିର୍ଦ୍ଦିଷ୍ଟ ବିଶେଷଜ୍ଞ ପାଖକୁ ନିର୍ଦ୍ଦିଷ୍ଟ ସମୟରେ ରୋଗୀକୁ ପଠାନ୍ତି । ପୂର୍ବରୁ ଚିକିତ୍ସକମାନଙ୍କ ସହିତ ପରାମର୍ଶ କରି ସମୟ ଧାର୍ଯ୍ୟ କରାଯାଇଥାଏ । ଆମ୍ବୁଲାନ୍ସ ଆସି ନେଇଯାଏ ଓ ପରୀକ୍ଷା ପରେ ପୁଣି ଘରେ ଛାଡ଼ି ଦେଇଯାଏ ।

ଏଠି ସାକ୍ଷାତକାର ବେଳେ ସାଧାରଣତଃ ବମ୍ବେ କି କଲିକତା ମେଡିକାଲ କଲେଜରୁ ପାସ୍ କରି ଆସିଥିବା ଭାରତୀୟ ଡାକ୍ତରଙ୍କୁ ଅଧିକ ପସନ୍ଦ କରିଥାନ୍ତି । କଟକ କି ଓଡ଼ିଶା ନାମ କେହି ଶୁଣି ନାହାନ୍ତି । ହେଲେ ସାକ୍ଷାତକାର ପାଇଁ ଆମେ ପାଉ ବାଟଖର୍ଚ୍ଚ । ଜାଗା ବୁଲି ଦେଖିଆସୁ । କିଛିଟା ଅଭିଜ୍ଞତା ବି ହୁଏ । ଯା ହେଉ ବହୁତ ଖୋଜାଖୋଜି ପରେ ଖଣ୍ଡେ ଚାକିରୀ ପାଇଲି। ୟର୍କସାୟାରରେ ସିନିୟର ହାଉସ୍ ଅଫିସର ଭାବେ । ଏହା ଆମ ମେଡିକାଲ କଲେଜର ସିନିୟର ହାଉସ ସର୍ଜନ ବା ପିଜି ଷ୍ଟୁଡେଣ୍ଟ ଭଳି ଚାକିରୀ । ବିଲାତରେ ପ୍ରଥମ ଚାକିରୀ । ଏଥିରେ ସନ୍ତୁଷ୍ଟ ହେବାକୁ ପଡ଼ିବ ।

**ବିଲାତରେ ଚାକିରୀ**

1. MONTAGU HOSPITAL MEXBOROUGH (8.12.60 TO 7.6.61)
   YORK SHIRE (SHO CASUALTY)
2. COLCHESTER GROUP OF HOSPITALS
   BLACKNOTELY HOSPITAL (6.6.61 TO 2.7.61)
   BRAIN TREE, ESSEX (SHO ORTHOPAEDICS)
3. MANSFIELD & DISTRICT GENERAL (11.7.61 TO 15.9.61)
   HOSPITAL MANSFIELD NOTTS, SHO SURGERY

Digitized by srujanika@gmail.com

4. DORSET COUNTY HOSPITAL (16.10.62 TO 16.9.63)
DORCHESTER
SHO CASUALITY, ORTHO PAEDICS & ENT

5. DOWN PATRIC HOSPITAL (19.9.63 TO 10.12.64)
DOWN PATRIC N IRELAND
SHO SURGERY
MONTAGU HOSPITAL, MEXBOROUGH, YORKSHIRE

ନୂତନ ପରିବେଶ ସହ ମୁଁ ନିଜକୁ ଖାପ ଖୁଆଇ ନେଲି । ସେଇ ଭାଷା ବି ଛିଡ଼ା ହେଲା ପ୍ରଧାନ ପ୍ରତିବନ୍ଧକ ଭାବେ । ଆଞ୍ଚଳିକ କଥିତ ଭାଷା ସ୍ପୋକନ୍ ଲାଙ୍ଗୁଏଜ୍ ବହପଢ଼ା ଇଂରେଜୀ ଭାଷା ବି ଲଣ୍ଡନ ମହାନଗରୀର ଭାଷାଠାରୁ ଭିନ୍ନ । ଭାଷା ନ ବୁଝିଲେ ରୋଗ ଚିହ୍ନଟ କରିବି କିପରି ବା ଚିକିତ୍ସା କରିବି କେମିତି ? ପରିଚାଳନା ସମିତି ମୋର ଅସହାୟତା ହୃଦୟଙ୍ଗମ କରି ମୋ ପାଖରେ ଜଣେ ସେବିକା ନର୍ସକୁ ସହାୟକ ଭାବେ ରଖିଲେ କିଛିମାସ ପାଇଁ । ସେ ଥିଲେ ଇଣ୍ଟରପ୍ରିଟର ବା ଅନୁବାଦକ । ଏଇ ସହଯୋଗ ପାଇଁ ମୁଁ ସେମାନଙ୍କ ପାଖରେ କୃତଜ୍ଞ । ରହିବା, ଖାଇବା ପିଇବା ସବୁ ପରଚାଳନା ସମିତି ପକ୍ଷରୁ । ମୋ ମନ ମୁତାବକ ସେମାନେ ସବୁ ଯୋଗାଇ ଦେଲେ । ଏଇ ମୋର ପ୍ରଥମ ଚାକିରୀ ବୋଲି ସେମାନେ ସବୁ ପ୍ରକାର ସାହାଯ୍ୟ ସହଯୋଗ କରିଛନ୍ତି । ମୁଁ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଛି ।

ପ୍ରଥମେ କାମ କଲି ଆଶୁ ଚିକିତ୍ସା ବିଭାଗରେ । ଏଠିକୁ ପ୍ରାୟ ସବୁ ପ୍ରକାର ରୋଗୀ ଆସନ୍ତି । ଜରୁରୀ ଚିକିତ୍ସା ଲୋଡୁଥିବା ରୋଗୀଙ୍କୁ ମୁଁ ପ୍ରାଥମିକ ଚିକିତ୍ସା ଦେଇ ସଂପୃକ୍ତ କନ୍‌ସୁଲ୍‌ଟାଣ୍ଟଙ୍କ ପାଖକୁ ପଠାଇଦିଏ । ମୋ ପାଖରେ ଥିବା ସେବିକା ତାଙ୍କ ସହ ଯୋଗାଯୋଗ କରି ରୋଗୀକୁ ସମୟ ଦିଏ ।

ଏଇ ସୁଯୋଗରେ ମୁଁ ସେମାନଙ୍କ ସାମାଜିକ ବ୍ୟବସ୍ଥା ଜାଣିବାକୁ ଚାହିଁଲି । ସେଠି ଜଣେ ଡାକ୍ତର ଓ ଜଣେ କାରଖାନା ଶ୍ରମକର ଦରମା ହାରରେ ବିଶେଷ ତାରତମ୍ୟ ନ ଥାଏ । ଶ୍ରମିକ ଅଳ୍ପ ବୟସରୁ ରୋଜଗାର କଲାବେଳକୁ ଡାକ୍ତର ବିଳମ୍ବରେ ପଇସା ପାଏ । ସାମାଜିକ ସ୍ତରରେ କେହି ଅନ୍ୟକୁ ନ୍ୟୂନ ଆଖିରେ ଦେଖେ ନାହିଁ । ତେଣୁ ସେଠିକା ପିଲା ଡାକ୍ତରୀ ପଢ଼ିବାକୁ ପସନ୍ଦ କରନ୍ତି ନାହିଁ । ସେଇଥିପାଇଁ ବାହାର ଦେଶର ଡାକ୍ତରଙ୍କ ଦ୍ୱାରା ଅପେକ୍ଷାକୃତ କମ୍ ପଇସାରେ କାମ ଚଳାନ୍ତି ।

ଦିନକର କଥା, ଆଶୁ ଚିକିତ୍ସା ବିଭାଗକୁ ଆସିଥିବା ଜଣେ ସୁଶ୍ରୀ ଯୁବକକୁ ଆପଣ କ'ଣ କରନ୍ତି ବୋଲି ପ୍ରଶ୍ନ କରିବାରୁ ସେ ଜବାବ୍ ଦେଲେ କାଓ ବଏ । ମେଣ୍ଢା ଜଗନ୍ତି । କ୍ଷେତରେ କାମ କରନ୍ତି । ଆଉ ଅଧିକ କାହିଁକି ପଢ଼ିଲନି ବୋଲି ପ୍ରଶ୍ନ କରିବାରୁ ସେ ଜବାବ୍ ଦେଲା, ବୁଦ୍ଧି କମ୍ ଥିଲା । I was not that meritorious to take up higher study. ତାଙ୍କର ଏଇ ସତ୍ୟବାଦୀତା ମତେ ମୁଗ୍ଧ କଲା । ଆମ ପିଲା କହିଥାନ୍ତେ ବାପ ପଇସା ଦେଲାନି । ସ୍ୱାସ୍ଥ୍ୟ ଭଲ ରହିଲାନି ଇତ୍ୟାଦି ।

Digitized by srujanika@gmail.com

ସରକାରୀ ବା ଚର୍ଚ୍ଚ ସହାୟତାରେ ପ୍ରାୟ ସବୁ ପିଲାଙ୍କୁ ଦଶବର୍ଷ ବୟସ ପର୍ଯ୍ୟନ୍ତ ମାଗଣାରେ ଶିକ୍ଷା ଦିଆଯାଏ । ଦଶବର୍ଷ ବୟସରେ ୧୦+ ପରୀକ୍ଷା ହୁଏ । ଏଇ ପରୀକ୍ଷାଫଳକୁ ଭିତ୍ତି କରି କିଏ କ'ଣ ପଢ଼ିବ ସ୍ଥିର କରାଯାଏ । ଯେଉଁ ଅଭିଭାବକମାନେ ସେଥିରେ ଏକମତ ହୁଅନ୍ତି ନାହିଁ ସେମାନେ ନିଜ ଖର୍ଚ୍ଚରେ ପିଲାଙ୍କୁ ପଢ଼ାନ୍ତି। ଖୁବ୍ କମ୍ ପିଲା ନିଜ ଖର୍ଚ୍ଚରେ ପବ୍ଲିକ୍ ସ୍କୁଲରେ ପଢ଼ନ୍ତି । ୧୦+ ପରୀକ୍ଷା ଫଳକୁ ସବୁ ବାପା ମା' ବିନା ଦ୍ୱିଧାରେ ଗ୍ରହଣ କରିଯାନ୍ତି ।

ଏଠି ମୋର ଦୁଇଜଣ କନ୍‌ସୁଲ୍‌ଟାଣ୍ଟ । ଜଣେ ଅସ୍ଥିଶଲ୍ୟ ବିଭାଗର Mr. D.S. Muray ଅନ୍ୟ ଜଣକ ENT (ନାସା, କର୍ଣ୍ଣ, ଗଳା)ର Mr. P.H. Beals । ଉଭୟେ ମତେ ଖୁବ୍ ଭଲ ପାଆନ୍ତି । ମୁଁ ମୋ କାମ ସାରି ଅସ୍ତ୍ରୋପଚାର ଗୃହ (ଓଟି) ଓ କ୍ଲିନିକରେ ସେମାନଙ୍କୁ ସାହାଯ୍ୟ କରେ ଅଧିକ କାମ ଶିଖିବା ପାଇଁ। ଛୋଟ ଛୋଟ ହାଡ଼ଭଙ୍ଗା କେସ୍ ଗୁଡ଼ିକ ମୁଁ ନିଷ୍ୱେତକ ଡାକ୍ତରଙ୍କ ସହାୟତାରେ କରିଦିଏ । ଦିନକର ଘଟଣା । ଦୁଇଥର ସେଟ୍ କଲେ ବି ହାଡ଼ ଠିକ୍ ଭାବେ ସେଟ୍ ହୋଇ ନ ଥିଲା ବୋଲି ମୁଁ ଅନୁଭବ କଲି । ତଥାପି ତାକୁ ପ୍ଲାଷ୍ଟର କରି ଚେକ୍ ଏକ୍ସ-ରେ ପରେ ବହିର୍ବିଭାଗକୁ ପଠାଇଦେଲି । ପରଦିନ ସେ ଫଟୋ Mr. Muray ଦେଖି ସମସ୍ତଙ୍କ ସାମ୍ନାରେ ମତେ ବହୁତ ତାରିଫ କରି କହିଲେ, ମୋ ଆସିଷ୍ଟାଣ୍ଟ ଯେପରି କରିଛି ମୁଁ ମଧ୍ୟ ସେମିତି କରିପାରି ନଥାନ୍ତି । ପରେ ମତେ ଡାକି କହିଲେ - ଉପଯୁକ୍ତ ଭାବେ ସେଟ୍ ନହେବା ପର୍ଯ୍ୟନ୍ତ ପ୍ଲାଷ୍ଟର କରିବନି । କେତେବେଳେ କେସ୍‌ରେ ପଡ଼ିଯାଇପାର । ଆମର ଏଠି ରୋଗୀ ସାମ୍ନାରେ ଗାଳି କରିଥାନ୍ତେ । ଯା ହେଉ ସେ ଭଦ୍ରଲୋକ । ତାଙ୍କର ମହନୀୟତା ପାଇଁ ମୁଁ କୃତଜ୍ଞ । ମତେ ବହୁତ କାମ ଶିଖାଇଛନ୍ତି । ବିଶେଷ କରି ହାଡ଼ଭଙ୍ଗା ବିଭାଗରେ । ଠିକ ସେମିତି Mr. Beals ଓଟିକୁ ଡାକି ମତେ ସ୍ୱାଧୀନ ଭାବେ କାମ କରିବାକୁ ଦିଅନ୍ତି । DNS ପାଇ SMR, Polyp କଢ଼ା, Sinusitis ପାଇଁ Antrum Wash, କାନ ପାଇଁ Mastodectomy ଭଳି ଅପରେସନ୍ ସବୁ ମୁଁ ସ୍ୱାଧୀନଭାବେ କରେ । ମୋ ପ୍ରଥମ ଚାକିରୀରେ ଏମାନଙ୍କଠାରୁ ସହଯୋଗ ପାଇ ମୁଁ ବେଶ୍ କୃତଜ୍ଞ ।

ଆମେ ପର୍ଯ୍ୟାୟକ୍ରମେ ସପ୍ତାହରେ ୫ ଦିନ କାମ କରୁ । ଶୁକ୍ରବାର ଉପରବେଳାଠାରୁ ଛୁଟି । ଏଇ ଅବସରରେ ଜଣେ ଜଣେ ଝିଅକୁ ନେଇ ଡାକ୍ତରମାନେ ବାହାରକୁ ଯାନ୍ତି ଛୁଟି କଟାଇବା ପାଇଁ । ଏସବୁ ମୋ କଳ୍ପନାର ବାହାରେ । ଦେହ ଭଲ ନାହିଁ କି ମନ ଭଲ ନାହିଁ କହି ବସାରେ ରହିଯାଏ । ପଇସା କିଛି ବି ହାତରେ ରହିଯାଏ, ଆଗାମୀ ପରୀକ୍ଷା ପାଇଁ । ଠିକ୍ ସେମିତି ବର୍ଷକିଆ ଚାକିରୀରେ ମାସେ ଓ ୬ ମାସିଆ ଚାକିରୀରେ ୧୫ ଦିନ ଛୁଟି ମିଳେ । ଏଇ ଛୁଟି ବ୍ୟବହାର କରାଯାଏ ଦେଶ ଭ୍ରମଣରେ, ବିଶେଷ କରି ମହାଦେଶ (ୟୁରୋପ)ର ଫ୍ରାନ୍ସ, ଜର୍ମାନୀ ଭଳି ଦେଶ ବୁଲି ଦେଖିବାରେ । ଏ ସୁଯୋଗ ମୁଁ ହାତଛଡ଼ା କରିନାହିଁ । ଏଠି ୬ମାସ ମୁଁ ଆନନ୍ଦରେ କଟାଇଲି । କିନ୍ତୁ ଶଲ୍ୟ ଚିକିତ୍ସା ପାଇଁ ସୁବିଧା ନ ଥିବାରୁ ମୁଁ କହିପୋଛି ସେ ସ୍ଥାନ ଛାଡ଼ିଲି ।

ମୋର ବିଲାତରେ ୫ ବର୍ଷର ରହଣୀ ଭିତରେ ତିନିବର୍ଷ ବିଭିନ୍ନ ଡାକ୍ତରଖାନାରେ କାମ ଶିଖିଛି, ଶଲ୍ୟ ଚିକିତ୍ସା, ଅସ୍ଥିଶଲ୍ୟ, ଆଶୁ ଚିକିତ୍ସା ଓ ନାସାକର୍ଣ୍ଣ ଗଳା ବିଭାଗରେ । ସବୁଠାରୁ ବେଶୀ ସମୟ ଜେନେରାଲ ସର୍ଜରୀ ବା ସାଧାରଣ

Digitized by srujanika@gmail.com

ଶଲ୍ୟଚିକିତ୍ସା ବିଭାଗରେ । ଏଥିରେ ମୁଁ ବିଶେଷ ଉପକୃତ ହୋଇଛି । ଏଇ ଅଭିଜ୍ଞତା ମୋର ପରବର୍ତ୍ତୀ କାଳରେ ବହୁ ସହାୟକ ହୋଇଛି । ଏଫ୍‌ଆର୍‌ସିଏସ୍ ପାଇବାରୁ ବଞ୍ଚିତ ହେଲେ ବି ରୋଗୀସେବା ପାଇଁ ଏଇ ଅଭିଜ୍ଞତା ହେଲା ମୋର ପରମ ସମ୍ବଳ । ଅନ୍ୟମାନଙ୍କ ପାଖରେ ମୁଁ କେବେ ନିଜକୁ ନ୍ୟୂନ ମନେ କରିନାହିଁ । ଛ ମାସିଆ ବା ବର୍ଷକିଆ ଚାକିରୀ ନ ପାଇଲେ ବସି ରହିବା ଅପେକ୍ଷା କେଉଁଠି Locum ଚାକିରୀ କରିଥାଉ । କେହି ଛୁଟିରେ ଯାଇଥିଲେ ତା' ସ୍ଥାନରେ ଏ କାମ । ସେହଭଳି ଏକ ହସ୍ପିଟାଲ Colchester group of Hospitals-Blacknotely Hospital Brain Tree essex.

Blak notely Hospital ଲଣ୍ଡନ ପାଖରେ । ଅସ୍ଥିଶଲ୍ୟ ଚିକିତ୍ସା ପାଇଁ ଏ ହସ୍ପିଟାଲର ସୁନାମ ରହିଛି । ବିଶେଷ କରି Replacement Anthroplasty କଟିହାଡ଼ ଓ ଆଣ୍ଠୁହାଡ଼ ବଦଳାଇବା ଭଳି ବଡ଼ ବଡ଼ କାମ । ବଡ଼ ବଡ଼ ସର୍ଜନମାନଙ୍କ ଠାରୁ କାମ ଶିଖିବା କଷ୍ଟ । ଆର୍ତ୍ତ ଆସିଷ୍ଟାଣ୍ଟ ଭାବେ କାମ କରି ମାସକ ଭିତରେ ଯେତିକି ଶିଖିଲି ସେତିକିରେ ସନ୍ତୁଷ୍ଟ ।

ତାପରେ କାମ କଲି Mansfield District Genrral Hospitalର ଶଲ୍ୟ ଚିକିତ୍ସା ବିଭାଗରେ ୩ ମାସ ପାଇଁ । ଏଇଟା ଜିଲ୍ଲାର ସଦର ମହକୁମା ହାସପାତାଳ । ଏଠି ମୋ ପୂର୍ବରୁ କାମ କରୁଥିଲେ ଆମ ଓଡ଼ିଶାର P. Tejeswar Rao । ତାଙ୍କର ବେଶ୍ ସୁନାମ ଥିଲା । ୩ ମାସ ହେଲେ ବି ଏଠି ମୁଁ ସର୍ଜରୀରେ ବେଶ୍ କିଛି କାମ ଶିଖିଲି । ମୋର ରେଜିଷ୍ଟ୍ରର୍ ଥାନ୍ତି ଜଣେ ଅଷ୍ଟ୍ରେଲିଆନ ସର୍ଜନ ମି. ରାଇଟ୍ । ସେ ମତେ ବହୁତ ଭଲ ପାଉଥିଲେ । ସବୁ କାମ ସ୍ୱାଧୀନ ଭାବେ କରିବାକୁ ଦେଉଥିଲେ । ନିଜେ ସାହାଯ୍ୟ କରୁଥିଲେ । ହାତ ଧରି କାମ ଶିଖାଇଛନ୍ତି । ଏଇଠି ମୁଁ କଲି Partial gastrectomy, cholecystectomy, prostatectomy ଇତ୍ୟାଦି । ପ୍ରତିଦିନ ବହୁତ ଆପେଣ୍ଡିକ୍ସ କେସ୍ ଆସେ । ମୋର ନିଜ ଉପରେ ଆସ୍ଥା ବଢ଼ିଲା । ଆମ କନ୍‌ସୁଲଟାଣ୍ଟ ସର୍ଜନ Mr. Mc Auaid । ଖୁବ୍ ଫାଷ୍ଟ ସର୍ଜନ । ମୁଁ ତାଙ୍କୁ ସାହାଯ୍ୟ କରେ । ବେଳେ ବେଳେ ଗାଳି ବି ଖାଏ । ହେଲେ ସେ ମତେ ଭଲପାନ୍ତି । ତାଙ୍କରି ନିର୍ଦ୍ଦେଶରେ ମି. ରାଇଟ୍ ମତେ କାମ ଶିଖାନ୍ତି । ଦିନକର କଥା । ମୁଁ ହାତ ଧୋଇ ଆସୁ ଆସୁ ସେ ଏକା ଏକା ଗୋଟେ ଆପେଣ୍ଡିକ୍ସ ଅପରେସନ କରିସାରିଲେଣି । ମତେ ଲାଜ ଲାଗିଲା । ହେଲେ ସେଇଦିନରୁ ମୁଁ ବି ନିଜକୁ ଜଣେ ଫାଷ୍ଟ ସର୍ଜନ ହେବାକୁ ତିଆରି କରିବାରେ ଲାଗିଲି । ଏଇ ତିନିମାସର ଅଭିଜ୍ଞତା ମତେ ପରଜୀବନରେ ବହୁତ ସାହାଯ୍ୟ କରିଛି । ମୋ ଭବିଷ୍ୟତ ଜୀବନ ପାଇଁ ମୂଳଦୁଆ ପକାଇଛି କହିଲେ ଚଳେ ।

ଏଇ ତିନିମାସ ସରିବା ବେଳକୁ ମୋ ହାତରେ କିଛି ପଇସା ହୋଇ ଯାଇଥିଲା । ଇଂରେଜୀ ଭାଷା ଉପରେ ବିଶେଷ ଦକ୍ଷତା ନ ଥିଲେ ବି ମୁଁ ନର୍ଭସ୍ ହେଉନଥିଲି । ମୋ ଶ୍ୱଶୁରଙ୍କ ସହାୟତାରେ ଦ୍ୱିତୀୟ କିସ୍ତିର ଋଣଟଙ୍କା ଆସି ଯାଇଥିଲା । ମନ ଦମ୍ଭ କଲି । ପୁଣି ବସି ପଢ଼ାପଢ଼ି କରି ଆଉଥରେ ପରୀକ୍ଷା ଦେବାକୁ ସ୍ଥିର କଲି । ସେଇଆ ହେଲା । ହେଲେ ଏଥର ବି ମୋ ଭାଗ୍ୟରବି ଉଦୟ ହେଲେ ନାହିଁ । ମନ ଭାଙ୍ଗି ପଡ଼ିଲା । ହୁଏତ ସେଇଥିପାଇଁ ଦେହ ଖରାପ ହେଲା । ଅତ୍ୟଧିକ ପରିଶ୍ରମ ତଥା ମାନସିକ ଚାପ ହେତୁ ସମ୍ଭବତଃ କଳାଝାଡ଼ା

Digitized by srujanika@gmail.com

ହେଲା । ଡାକ୍ତରମାନେ ଅପରେସନ୍ ପାଇଁ ଇଣ୍ଡିକେସନ୍ ନାହିଁ କହି ଅପରେସନ୍ କରିବାକୁ ମନା କରିଦେଲେ । ମୋର ଡାକ୍ତରବନ୍ଧୁମାନେ ମତେ ବହୁତ ସାହାଯ୍ୟ କରିଛନ୍ତି । ବିଶେଷ କରି ମୋର ସହପାଠୀ ଡାକ୍ତର ଜଗତମୋହନ ସୁବୁଦ୍ଧି ନିଜେ କାମ କରୁଥିବା ୱେଲ୍ସର ଗୋଟିଏ ହସ୍ପିଟାଲକୁ ମତେ ନେଇ ଆସିଲେ । ସେଠି ରହି ମୁଁ ଆରୋଗ୍ୟଲାଭ କଲି । ଅନ୍ୟ ଜାଗାରେ ଚାକିରୀ ପାଇବା ପରେ ସେଠୁ ଫେରି ଆସିଲି ।

ପ୍ରାୟ ବର୍ଷକ ପରେ Traumatic Surgery ରେ ଗୋଟେ ବର୍ଷକିଆ ପୋଷ୍ଟିଂ ପାଇଲି । Dorset County Hospital Dorchester ରେ Senior House Officer SHO ଭାବେ ।

ମୁଁ ଆମ ଦେଶରୁ ଆସିବାର ୩ ବର୍ଷ ହୋଇଗଲାଣି । ଆମର ସେଠି ମୋ ଉପରେ ସନ୍ଦେହ କଲେଣି । ଏତିକିବେଳେ ମୋ ଭିଣୋଇ ଚିଠି ଦେଲେ କାନ୍ତି (ମୋ ସ୍ତ୍ରୀ) ଦେହ ଭଲ ହୋଇ ଗଲାଣି । ତାକୁ ପାଖକୁ ନେଇଯା । ତୋ ମନ ଭଲ ରହିବ । ପରୀକ୍ଷାରେ ଗଡ଼ି ଗଡ଼ି ମୋ ଅଣ୍ଟା ଭାଙ୍ଗି ଗଲାଣି । ତେବେ ଭାବିଲି, ଆସନ୍ତୁ, ଭଲ କରିବାକୁ ଗୋଟେ ଉଦ୍ୟମ କରିବା । ଡାକ୍ତରଖାନରେ ଫ୍ୟାମିଲି ଆକୋମୋଡେସନ୍ ମିଳିଥାଏ । ଏ ସୁବିଧା ସବୁ ଡାକ୍ତରଖାନାରେ ନାହିଁ । ପ୍ରାୟ ବ୍ୟାଚ୍‌ଲର ଆକମୋଡେସନ୍ ସବୁଠି । ବାହାରେ ପିଲାଥିବା ଭାରତୀୟମାନଙ୍କୁ ଘର ଭଡ଼ାରେ ମିଳେନି । ବହୁ ଭାବିଚିନ୍ତି ହଁ ଭରିଲି । ଉଡ଼ାଜାହାଜରେ ଆସି ଲଣ୍ଡନରେ ପହଞ୍ଚିବାକୁ ସମୟ ନେଲାନି । ମୁଁ ସେଠାରୁ ଡାକ୍ତରଖାନାକୁ ନେଇ ଆସିଲି । ହାୟ ! ଏ ପୁଣି କ'ଣ ? ପୂର୍ବପରି ବାତ ମାରୁଛି । ଅବଶ୍ୟ ଯେତେ ଘନ ଘନ ମାରୁଥିଲା ତା' ନାହିଁ । ସେଠି କେଜାଣି କାହିଁକି ମୋ ପ୍ରତି ସମସ୍ତଙ୍କର ସହାନୁଭୂତି ଥିଲା । ପରୀକ୍ଷା ନିରୀକ୍ଷା ପରେ ଔଷଧ ସେବନ। ହେଲେ ନିୟମିତ ଔଷଧ ସେବନ ପାଇଁ ପ୍ରିୟତମା ନାରାଜ । ଜଣେ ଭାରତୀୟ ମହିଳାକୁ ସେମାନେ ଖୁବ୍ ସମ୍ମାନ ଦେଇଛନ୍ତି । ମୋ ସ୍ତ୍ରୀର ଇଂରେଜୀ ଭାଷା ଉପରେ ଦଖଲ ନ ଥିଲେ ବି ମହିଳା କର୍ମୀମାନଙ୍କ ସହ ମିଶି ଯାଇଛନ୍ତି । ନିଜେ ବଜାର ସଉଦା କରୁଥାନ୍ତି । ଭାରତୀୟ ଖାନା ସେମାନଙ୍କୁ ବି ମୁଗ୍ଧ କରିଛି ।

ଦୁଇଜଣ ଯାକ କନ୍‌ସୁଲଟାଣ୍ଟ ସର୍ଜନ୍ ମତେ ଭଲ ପାଉଥିଲେ । ବିଶେଷ କରି ଅସ୍ଥିଶଲ୍ୟ ବିଭାଗର କନ୍‌ସୁଲ୍‌ଟାଣ୍ଟ Mr. Howel Devies ସେମାନଙ୍କଠାରୁ କାମ ଶିଖିଲି । ତାଙ୍କ ପିଲାମାନଙ୍କୁ ମୁଁ ଇଷ୍ଟର ସନ୍‌ଡେରେ ଭେଟିଦିଏ ଇଷ୍ଟର ଏଗ୍ । ଯୀଶୁଖ୍ରୀଷ୍ଟଙ୍କର ପୁନରୁତ୍ଥାନ ସ୍ମୃତିରେ ଇଷ୍ଟର ପର୍ବ । ଗୁଡ୍ ଫ୍ରାଇଡେ ପରେ ପଡୁଥିବା ପ୍ରଥମ ରବିବାର ଦିନ ଏହି ପର୍ବ । ଇଷ୍ଟର ଏଗ୍‌ଟି ଚିତ୍ରିତ ନକଲି ଅଣ୍ଡା । କେକ୍‌ରେ ତିଆର ବିଭିନ୍ନ ଆୟତନର । ବଡ଼ ଅଣ୍ଡାଟିଏ ଦେଖି ପିଲାମାନେ ଖୁସି ହୁଅନ୍ତି । ଆମ ଘରକୁ ଆସି ଭାରତୀୟ ଖାଦ୍ୟ ଖାଆନ୍ତି । ଗୀତ ବୋଲନ୍ତି। ନାଚନ୍ତି । ଏମିତି ଭାବେ ଦିନ ଗଡ଼ି ଚାଲିଥାଏ ।

ଆମେ ଆସିଲା ବେଳକୁ ଓଡ଼ିଶାରେ ଡାକ୍ତରୀ ବିଦ୍ୟାରେ ପିଜି ବା ସ୍ନାତକୋତ୍ତର ଉପାଧି ପାଇଁ ବ୍ୟବସ୍ଥା ନଥିଲା । ଏବେ ସେଠାରେ ପିଜି କ୍ଲାସ ଖୋଲିଲାଣି । ମନକୁ ଛୁଇଁଲା ଏଠି ତ କିଛି ହେଉନି । ଓଡ଼ିଶା ଫେରିଯାଇ ସେଠି ପିଜି କରିବା । ଏଠି ଆଉ କେତେକାଳ ଏମିତି ଅସହାୟ ଅବସ୍ଥାରେ ସମୟ କଟାଇବା । ଏଣେ

Digitized by srujanika@gmail.com

ପୁଣି ଗୋଟେ ବୋକଚା, ଯାକୁ ନେଇ କୁଆଡ଼େ ଯିବି ? ମାନ ସମ୍ମାନ ଭୁଲି କଟକରେ ଗୋଟେ ସିଟ୍ ପାଇଁ ଲେଖିଲି । ମୋ ଶ୍ୱଶୁରଘର ଲୋକଙ୍କୁ ଖୋରାକ ଜୁଟିଗଲା । ସେମାନେ ତ ଓର ଉଣ୍ଡୁଥିଲେ । ଆପ୍ଲିକେସନ୍ ଫର୍ମ ଇତ୍ୟାଦି ପଠାଇଦେଲେ । ମୁଁ ଏସବୁ କାହାରିକୁ ନକହି କରି ଚାଲିଥାଏ ।

ଏ ଡାକ୍ତରଖାନାରେ ମୋ ସମୟ ହୋଇ ଆସିଲା । ମୁଁ ତ ସାଧାରଣ ଶଲ୍ୟ ଚିକିତ୍ସା ଜେନେରାଲ୍ ସର୍ଜରୀ ପାଇଁ ବ୍ୟସ୍ତ । ଏଠି କାମରେ ମନ ଲାଗୁନି । ମତେ ଏ ଡାକ୍ତରଖାନା ଛାଡ଼ିବାକୁ ପଡ଼ିବ । ଠିକ୍ କଲି ଆୟାରଲାଣ୍ଡ ପଳାଇବି । ସମସ୍ତଙ୍କଠାରୁ ଦୂରରେ ରହିବି । ସେଠି କାମ କରିବାକୁ ଅଧିକ ସୁବିଧା ମିଳିବ । ମୁଁ ବି କିଛି କିଛି ଜାଣି ଗଲିଣି । ଏଣିକି ନିଜେ ନିଜେ କେତେ ଅଧିକ କଲେ ମୋର ଆତ୍ମବିଶ୍ୱାସ ବଢ଼ିବ । ଶେଷଥର ପାଇଁ ଡବ୍ଲିନ୍‌ରେ ପରୀକ୍ଷା ଦେବି । ନ ହେଲେ ଫେରିଯିବି । ସେହି ଅନୁସାରେ ସାକ୍ଷାତକାର ଦେଇ Down Patrick Hospital ରେ ସିନିଅର ହାଉସ୍ ଅଫିସର ଭାବେ ଗୋଟେ ବର୍ଷକିଆ ଚାକିରି ପାଇବାରୁ ଏ ଡାକ୍ତରଖାନା ଛାଡ଼ି ସସ୍ତ୍ରୀକ ଆୟରଲାଣ୍ଡ ଚାଲିଲୁ, ଇଂଲଣ୍ଡର ମାୟାମମତା ତୁଟାଇ । ସମୁଦ୍ରରେ ଇଂଲିସ୍ ଚାନେଲ୍ ପାର ହୋଇ ଉତ୍ତର ଆୟାରଲାଣ୍ଡରେ ପହଞ୍ଚିଲି । Down Patrick Hospital, Down Patrick ।

୧୯୬୩ ମସିହା ଡିସେମ୍ବର ୧୯ ତାରିଖ । ନିର୍ଦ୍ଧାରିତ ସମୟରେ ହସ୍ପିଟାଲରେ ପହଞ୍ଚିଲି । ହସ୍ପିଟାଲ୍ ସିକ୍ୟୁରିଟି ଆମକୁ ପାଛୋଟି ନେଲେ । ଆମକୁ ଦିଆଯାଇଥିବା ଘର ସଫାସଫି ହୋଇ ରହିଥିଲା । ବିଛଣାପତ୍ର ଓ ଖାଦ୍ୟପେୟ ବି । ଆଇରିସ୍ ଲୋକେ ଇଂରେଜମାନଙ୍କ ପରି ରକ୍ଷଣଶୀଳ ନୁହନ୍ତି । ଖୁବ୍ ହୃଦୟବାନ ଓ ଉଦାର ।

ମୁଁ ସାଥେ ସାଥେ ୱାର୍ଡ଼କୁ ପଳାଇ ଆସିଲି । ଡାକ୍ତରଖାନା କର୍ମଚାରୀମାନେ କେତେ ଆନନ୍ଦ । ୱାର୍ଡ଼ ସବୁ ବୁଲାଇ ଦେଖାଇଲେ । ମୁଁ ବି ରୋଗୀମାନଙ୍କୁ ହେଲୋ ହାଓ ଡୁ ୟୁ ଡୁ କହି, କେଉଁଠି କେମିତି କରମର୍ଦ୍ଦନ କରି କନ୍‌ସୁଲ୍‌ଟାଣ୍ଟଙ୍କ ପାଖରେ ପହଞ୍ଚିଲି । କନ୍‌ସୁଲ୍‌ଟାଣ୍ଟ Mr. Boyd । ଦେବପ୍ରତିମ ଲୋକ । ସବୁ ବିଷୟ ଟିକିନିଖି ପଚାରି ବୁଝିଲେ । ବାପା ବି ପୁଅକୁ ଏତେ ପଚାରିବନି । ମୁଁ ଖୁବ୍ ଖୁସି । ଇଂଲଣ୍ଡର ଦୁଃଖ ଭୁଲିଗଲି । Mr. Boyd ମୋ ସାଥୀରେ ଆମକୁ ଦିଆଯାଇଥିବା ବସାଘରକୁ ଆସି ମୋ ସ୍ତ୍ରୀକୁ ଅଭ୍ୟର୍ଥନା ଜଣାଇଲେ । ଆମକୁ ଦିଆଯାଇଥିବା ଘରକୁ ଲାଗି ଡାକ୍ତରଖାନାର କେତେକ ମହିଳା କର୍ମଚାରୀ ରହୁଥାନ୍ତି । ସେମାନେ ସିଲେଇରେ ପାରଙ୍ଗମ । ସେମାନଙ୍କୁ ମୋ ସ୍ତ୍ରୀର ସମସ୍ତ ଖବର ବୁଝିବାକୁ କହିଗଲେ । ସେଠାରୁ ଯାଇ ସାଥେ ସାଥେ ଚାଉଳ ପଠାଇଲେ । ସଂଧ୍ୟାକୁ ପୁଣି ଆସି ହାଜର । ଏଇ ବ୍ୟବହାରରେ ମୁଁ ଅଭିଭୂତ ହୋଇ ପଡ଼ିଲି ।

ଖୁବ୍ ମନଦେଇ କାମ କଲି । ସମସ୍ତଙ୍କର ପ୍ରିୟଭାଜନ ହେଲି । Mr. Boydଙ୍କ ଆଶୀର୍ବାଦରୁ ସ୍ୱାଧୀନ ଭାବେ ଅପରେସନ ସବୁ କରିବାର ସୁଯୋଗ ମିଳିଲା । ପ୍ରଥମେ ପ୍ରଥମେ ସେ ନିଜେ ସାହାଯ୍ୟ କରୁଥିଲେ । ତାଙ୍କର କେହି ରେଜିଷ୍ଟ୍ରାର ନଥାନ୍ତି । ସୁତରାଂ ମୁଁ ସର୍ବେସର୍ବା ।

ଆଗକୁ ଖ୍ରୀଷ୍ଟମାସ । ଯୀଶୁଖ୍ରୀଷ୍ଟଙ୍କର ବାର୍ଷିକ ଜନ୍ମୋତ୍ସବ । ଖ୍ରୀଷ୍ଟମାସ୍ ଡେ ଡିସେମ୍ବର ୨୫ ତାରିଖ ବଡ଼ଦିନ ପର୍ବ । ଖ୍ରୀଷ୍ଟିଆନ ମାନଙ୍କର ସବୁଠାରୁ ବଡ଼ପର୍ବ । ଛୋଟବଡ଼ ସମସ୍ତେ ମତୁଆଲା । ନିଜ ନିଜ ଘର ସଜାଇବାରେ ବ୍ୟସ୍ତ । ଘରେ

Digitized by srujanika@gmail.com

ଘରେ ଦୀପାବଳି ଶୋଭିତ ଖ୍ରୀଷ୍ଟମାସ୍ ଟ୍ରି, ଖ୍ରୀଷ୍ଟମାସ୍ ଇଭ୍ ଖ୍ରୀଷ୍ଟ ଜନ୍ମୋତ୍ସବର ପୂର୍ବଦିନ (ଡିସେମ୍ବର ୨୪ ତାରିଖ) । ବନ୍ଧୁମାନଙ୍କ ପାଖକୁ ଶୁଭେଚ୍ଛାବାର୍ତ୍ତା, ଖ୍ରୀଷ୍ଟମାସ୍ କାର୍ଡ, କିଛି ଉପହାର - ଖ୍ରୀଷ୍ଟମାସ ବକ୍ସ ପଠାଇବାର ବିଧି ରହିଛି । ମୁଁ ସେଥିରେ କାର୍ପଣ୍ୟ ଜଣାଇଲି ନାହିଁ । ମୁଁ ଆସିବାର ଗୋଟିଏ ସପ୍ତାହ ହୋଇନି, ସବୁ ଡାକ୍ତରଙ୍କ ପାଖରୁ ନିମନ୍ତ୍ରଣ । ସମସ୍ତଙ୍କ ଘରକୁ ମୁଁ ଯାଇଛି । Mr. Boydଙ୍କ ଘରକୁ ଗୋଟେ ସେରିଚେରି ବୋତଲ ନେଇ ଯାଇଥିଲି । କି ଆନନ୍ଦ, ସେଇଟାକୁ ପ୍ରଥମେ ଖୋଲିଲେ । ମୁଁ ତ ଖାଏନି ବୋଲି ଜାଣନ୍ତି। ମୁଁ ଖ୍ରୀଷ୍ଟମାସ୍ ଟ୍ରି ପାଖରେ ଛିଡ଼ା ହୋଇଥାଏ । ତଥାପି ମତେ ଅଫର୍ କଲେ । ଖାଇବା ପରେ ଆମକୁ ଆଣି ଘରେ ଛାଡ଼ି ଦେଇଗଲେ ।

ସ୍ନେହ ସହାନୁଭୂତିରେ ଦିନ ଗଡ଼ି ଚାଲିଲା । ମୁଁ ମୋ ବିଫଳତାକୁ ଭୁଲିଯାଇ କାମରେ ଅଧିକ ମନୋନିବେଶ କଲି । ସପ୍ତାହ ଶେଷ ଅବକାଶରେ ବୁଲିଯିବାଟା ଏକ ପ୍ରକାର ପ୍ରଚଳିତ ଧାରା । ସମସ୍ତେ ଯାଆନ୍ତି । ପୁଅ ଝିଅଙ୍କୁ ଆନନ୍ଦ ମିଳେ । ଫେରିଲେ ପୁଅମାନେ ଝିଅମାନଙ୍କୁ ନେଇ ତାଙ୍କ ଘରେ ଛାଡ଼ିଦେଇ ଆସନ୍ତି । ଏଥିରେ ମା' ମାନଙ୍କର ସ୍ୱୀକୃତି ଥାଏ । ମୁଁ ଜାଣିବାରେ ଏଥିରେ ଯୌନବ୍ୟଭିଚାରର ପ୍ରଶ୍ନ ନ ଥାଏ ।

ଏମାନଙ୍କର ବାହାଘର ଯେତିକି ସହଜ, ଛାଡ଼ପତ୍ର ତା'ଠାରୁ ଅଧିକ ସହଜ । ହାଣ୍ଡି ବଦଳାଇଲା ଭଳି ପ୍ରେମିକ ବଦଳାନ୍ତି । ମୁସଲମାନଙ୍କଠାରୁ କିନ୍ତୁ କମ୍ । ପୁଅ ଝିଅ କିଛିଦିନ ମିଳିମିଶି ବୁଲାବୁଲି କରନ୍ତି । ମନ ମିଳିଲେ ଏନ୍‌ଗେଜ୍‌ମେଣ୍ଟ ରିଙ୍ଗ୍ ଦିଆନିଆହୁଏ । ବିବାହ ପାଇଁ ଅଙ୍ଗୀକାରବଦ୍ଧ ହୁଅନ୍ତି । ବାପା, ମା'ଙ୍କ ସ୍ୱୀକୃତି ପରେ ଘର ଖୋଜାଖୋଜି କରନ୍ତି । ଆସବାବପତ୍ର କିଣନ୍ତି ନିଜ ଆୟରେ । ଏସବୁ ହୋଇଗଲେ ବିବାହ ପାଇଁ ଦିନ ସ୍ଥିର ହୁଏ । ତା'ପରେ ଅବାଧ ମିଳାମିଶା । ତା ପୂର୍ବରୁ ନୁହେଁ । ଏ ପର୍ବ ଚାଲେ ବର୍ଷାଧିକ କାଳ । ଏ ଭିତରେ ମନ ଫାଟିଗଲେ ବାହାଘର ଭାଙ୍ଗିଯାଏ । ଏ ବ୍ୟବସ୍ଥା ଆମ ବିଭାଘରଠାରୁ ନିଶ୍ଚୟ ଭଲ । ବିଭାଘର ପାଇଁ ସେମିତି ଯାକଜମକ କି ଖର୍ଚ୍ଚବାର୍ଚ୍ଚ ନାହିଁ । ବିଭାଘର ଚର୍ଚ୍ଚରେ ହୁଏ । ଅଚ୍ଛ କେଇଜଣ ସାଙ୍ଗସାଥୀ । ବିଭାଘର ପରେ ପୁଅବୋହୂ ଅଲଗା ଘରେ । ବୃଦ୍ଧ ପିତାମାତାଙ୍କୁ ଭେଟନ୍ତି କେତେବେଳେ କେମିତି ଫୁଲତୋଡ଼ା ବା ଅନ୍ୟକିଛି ଦେଇ । ଏହାର କାରଣ କେହି କାହାଉପରେ ପୂର୍ଣ୍ଣ ଭାବରେ ନିର୍ଭର କରନ୍ତି ନାହିଁ । ସରକାର ସବୁ ଦାୟିତ୍ୱ ନିଅନ୍ତି । ସେଥିପାଇଁ ସାଧାରଣ ଜନତାର ସଞ୍ଚୟ ମନୋବୃତ୍ତି କମ୍ ।

ନୂଆ ଡାକ୍ତରଖାନରେ ୨/୩ ମାସ ହୋଇଗଲାଣି । ମୁଁ ଏକ ପ୍ରକାର ସ୍ଥାନୀୟ ଲୋକ ଭାବେ ଗଣା । ଏଠି ଦୋକାନ ସଉଦା ସ୍ତ୍ରୀ ଲୋକମାନେ କରନ୍ତି । ମୁଁ କିନ୍ତୁ ଅଧିକାଂଶ ସମୟ ନିଜେ ଯାଉଥିବାରୁ ବହୁ ପ୍ରଶ୍ନର ଶରବ୍ୟ ହୁଏ । ସ୍ତ୍ରୀର ଦେହ ଭଲନାହିଁ କହି ଏଡ଼ାଇ ଦିଏ । ସମସ୍ତଙ୍କର ଚାରିଚକିଆ ଗାଡ଼ି । ଦୁଇଚକିଆ ଗାଡ଼ିରେ ପ୍ରଚଳନ ନାହିଁ । ଆମେ କିନ୍ତୁ ଚାଲିଚାଲି ଯାଉ । ମୁଁ ଅବଶ୍ୟ ଲଣ୍ଡନରେ ଥିବାବେଳେ ଗାଡ଼ିଚଲା ଶିଖି Common wealth driving licence ହାସଲ କରିଥିଲି ! ଗାଡ଼ି ବହୁତ କମ୍ ଦାମ ଛ' ସାତ ହଜାର ଟଙ୍କା । ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବାରୁ ଗାଡ଼ି ରଖିବାକୁ ମନ ବଳାଇ ନଥିଲି । ଏଇଠି ଖଣ୍ଡିଏ

Digitized by srujanika@gmail.com

ପୁରୁଣା Hilman ଗାଡ଼ି କିଣିଥିଲି । ଆସିବା ପୂର୍ବରୁ ସେଠି ଦେଇ ଆସିଲି । ମୋ ସ୍ତ୍ରୀ ଚାଲି ଚାଲି ଆସୁଥିବାର ଦେଖିଲେ ସେମାନେ ଗାଡ଼ିରେ ଆଣି ଛାଡ଼ି ଦେଇ ଯା'ନ୍ତି । ଆମ ମାଛଦୋକାନୀ ଆମ ଚାହିଦା ମୁତାବକ ମାଛ ଆଣି ଆମ ଘରେ ଦେଇଯାଏ । ଏ ସୁବିଧା ସମସ୍ତଙ୍କ ପାଇଁ ନୁହେଁ ।

ଘରେ ସକାଳ ଜଳଖିଆ ଓ ରାତ୍ରିଭୋଜନ । ଡାକ୍ତରଖାନାରେ ମଧ୍ୟାହ୍ନ ଭୋଜନ, ଆମେ ସବୁ ଡାକ୍ତର ସାଙ୍ଗ ହୋଇ ଖାଉ । Mr. Boyd ବି । ଏଠି ଧର୍ମକୁ ବହୁତ ସମ୍ମାନ । ବିଫ୍ ବା ଗୋରୁମାଂସ ଦେବାର ପ୍ରଶ୍ନ ନ ଥାଏ । ମୁଁ ତ କେବଳ କୁକୁଡ଼ା ମାଂସ ଖାଉଥିଲି । ମୋ ପେଟରେ ଘା' ପେପ୍‌ଟିକ୍ ଅଲସର ହୋଇଥିବାରୁ ତାହା ନ ଦେଇ ମତେ ସବୁବେଳେ କ୍ଷୀର ଦିଅନ୍ତି । ପ୍ରତି ୩ ଘଣ୍ଟାରେ ବୋତଲେ କ୍ଷୀର ମୋପାଇଁ ବରାଦ । ଅପରେସନ ବେଳେ ନର୍ସ ଆଣି କ୍ଷୀର ଥୋଇ ଦେଇଯାଏ ।

ଅଳ୍ପ କେଇମାସ ଭିତରେ ଡାକ୍ତରଖାନା ଉପରେ ମୋ ପ୍ରଭାବ ଅନୁଭୂତ ହେଲା । ମୁଁ ଶଲ୍ୟ ଚିକିତ୍ସାର ପ୍ରତ୍ୟେକ ବିଭାଗରେ କାମ କରିଗଲି । ତାରି ଭିତରେ ପରୀକ୍ଷା ପାଇଁ ପଢୁଥାଏ । କିନ୍ତୁ ଆଉ ଆନ୍ତରିକତା ନଥାଏ । ବିଶେଷ କରି କଟକରେ ଏମ୍.ଏସ୍ କରିବାର ସୁବିଧା ପାଇବା ପରେ ।

ଘରକରଣା ଜିନିଷ କେଇଖଣ୍ଡ କିଣିଲି । Transistor, tape rcorder, camera, projector, refrigerator, cooking range ଇତ୍ୟାଦି । ଚାହିଁଲାମାତ୍ରେ କମ୍ପାନୀ ସବୁ ଆଣି ଦେଇଯାନ୍ତି । ପରେ ପଇସା ନିଅନ୍ତି ।

ରେକର୍ଡିଂ ପାଇଁ ଗୋଟେ ପିଲାକୁ ଡାକିଲି ସେ ଗୀତ ବୋଲିଲା - when I was knee high my mama told me son be a proud man hold your head high.

ଏ ଗୀତଟି ମତେ ଖୁବ୍ ଭଲ ଲାଗିଲା । ଏ ଗୀତର ରେକର୍ଡ ମୁଁ ଏ ପର୍ଯ୍ୟନ୍ତ ରଖିଛି । ଛୋଟ ପିଲା ଭିତରେ ଭରି ଦିଆଯାଇଛି ବ୍ରିଟିଶ ଜାତିର ସ୍ୱାଭିମାନ । ତା'ରି ପାଖକୁ ଆଉ ଗୋଟିଏ ଗୀତ । Married by bible, divorced by law every day I see such a saw. ଗୋଟିଏ ମୁଦ୍ରାର ଦୁଇପାଖ ।

ଛୁଟି ସମୟରେ weekend ରେ ବୁଲି ଚାରିଆଡ଼େ ଫଟୋ ଉଠାଏ । ଏଇ ଫଟୋ ଗୁଡ଼ିକ ପ୍ରୋଜେକ୍ଟରରେ ଦେଖି ଆନନ୍ଦ ପାଉ । ଆମର ଟି.ଭି ନଥିଲା । ସେତେବେଳେ ଓଡ଼ିଶାରେ ଟି.ଭି. ନଥିଲା ବୋଲି ମୁଁ କିଣି ନଥିଲି ।

ଦିନକର କଥା । ମୋର ଜଣେ ଅଳ୍ପବୟସ୍କା ନର୍ସ ଦାନ୍ତୁଡ଼ି ଥିଲା । ସେ ଦିନ ତାର ଦାନ୍ତଗୁଡ଼ିକ ଅତି ସୁନ୍ଦରଭାବେ ସେଟିଂ କରାଯାଇ ଖୁବ୍ ସୁନ୍ଦର ଦେଖା ଯାଉଥିଲା । ମୁଁ ହସିହସି କହିଲି - କ'ଣ ବିଉଟି କୁଇନ୍ ବନି ଗଲଣି । ସେ ପାଖେଇ ଆସିଲା । ମୁଁ ତା ମନକଥା ବୁଝିଲି, ଟିକିଏ ଝୁଙ୍କିପଡ଼ି ଚୁମାଟେ ଦେଇଦେଲି । ଏଇ ହେଉଛି ସେଦେଶ ଓ ଏଦେଶର ରୀତି ନୀତି ଭିତରେ ତଫାତ୍ ।

ପରୀକ୍ଷା ସମୟ ଆସିଲା । ମୁଁ Mr. Boyd ଙ୍କୁ କହି Dubli ଗଲି । ସେ ତାଙ୍କର ଶୁଭେଚ୍ଛା ଜଣାଇଲେ । Dublin ଦକ୍ଷିଣ ଆୟାରଲାଣ୍ଡର ରାଜଧାନୀ । ସେଠି ହୋଟେଲରେ ରହିଲି । ଏମାନେ ଅପେକ୍ଷାକୃତ ଗରିବ । କିନ୍ତୁ ହୃଦୟହୀନ ନୁହନ୍ତି । ମୋ ଯଶାରେ ପରିବର୍ତ୍ତନ ହେଲାନାହିଁ । ବିଫଳ ମନୋରଥ ହୋଇ ଫେରିଲି ।

Digitized by srujanika@gmail.com

"ଦଇବ ଦଉଡ଼ି ମଣିଷ ଗାଇ, ଯେଣିକି ଓଟାରେ ତେଣିକି ଯାଇ ।"

ଗାଁ ମାଟି ଡାକିଲା । ମାଟି ମା' ପାଖରେ ଲାଜ କ'ଣ ? ସେ ତ ଛୋଟା ଲେଙ୍ଗଡ଼ା ସମସ୍ତଙ୍କୁ କୋଳେଇ ନେବ । କଟକରେ ଜେନେରାଲ୍ ସର୍ଜରୀରେ ଏମ୍.ଏସ୍ ପାଇଁ ସିଟ୍ ମିଳିଥାଏ । ମୁଁ ଯେତିକି ଅଭିଜ୍ଞତା ହାସଲ କରିଛି ସେଥିରେ ଖୁସି । ଏଣେ ନିଜେ ରୋଗୀ ତ ସ୍ତ୍ରୀ ରୋଗିଣୀ । ଆଉ ଅଧିକ ସମୟ ନରହି ଫେରିଯିବି ବୋଲି ନିଷ୍ପତ୍ତି ନେଲି । ଏକାନ୍ତରେ Mr. Boyd ଙ୍କୁ ଭେଟି ସବୁକଥା କହିଲି । ସେ ଖୁବ୍ ଦୁଃଖ କଲେ କିନ୍ତୁ ମୋ ସିଦ୍ଧାନ୍ତରେ ଏକମତ ହେଲେ ।

ସେ ଆମ ଦୁଇଜଣଙ୍କ ପାଇଁ ଜାହାଜରେ ଟିକେଟର ବ୍ୟବସ୍ଥା କଲେ । ପାସ୍‌ପୋର୍ଟ ନବୀକରଣ ହୋଇଗଲା । ଡିସେମ୍ବର ୩ ତାରିଖ ୧୯୬୪ ମସିହାରେ ମୁଁ ଅଶ୍ରୁଳ ନୟନରେ ବିଲାତ ଛାଡ଼ିଲି । ମନକୁ ମନ ସାନ୍ତ୍ୱନା । ଦୀର୍ଘ ୫ ବର୍ଷର ଉଦ୍ୟମ ବ୍ୟର୍ଥ ହୋଇନି । ସାଙ୍ଗରେ ନେଉଛି ଅଭିଜ୍ଞତା । ରଖି ଦେଇ ଯାଉଛି ମୂଲ୍ୟବାନ ପାଉଣ୍ଡ । ସବୁ ଭବିଷ୍ୟତ ପାଇଁ ।

ଜାହାଜ ଚାଲିଲା ଭାରତ ଅଭିମୁଖେ । ମୁହଁରୁ ହସ ଉଭେଇ ଯାଇଥିଲା । ଅଶାନ୍ତ ମନ ଅଶାନ୍ତ ଢେଉ ସହ ମିଶିଗଲା । ବମ୍ବେରେ ପହଁଚିଲି ଡିସେମ୍ବର ୧୮ ତାରିଖରେ । ସେଠାରୁ ମତେ ପାଛୋଟି ନେବାକୁ ଆସିଥାନ୍ତି ହେମନ୍ତ କୁମାର ବଳ । ହେମବାବୁ, ମୋ ଶ୍ୱଶୁରଙ୍କର ବନ୍ଧୁ ଓ ମୋର ଶୁଭାକାଂକ୍ଷୀ । ସେ ହିଁ ମତେ ବିଦାୟ ଦେଇଥିଲେ ୧୯୫୯ ଡିସେମ୍ବର ୧୭ ତାରିଖରେ ଏଇ ବମ୍ବେ ପୋତାଶ୍ରୟରେ । ତାଙ୍କ ସାଥିରେ ଭିଜା ଆଖିରେ କଟକ ଫେରିଲି । ସେଠୁ ଶ୍ୱଶୁର ଘର ଓ ନିଜ ଗ୍ରାମ ପଳସିଂହା ।

ପଳସିଂହାରେ ଭବ୍ୟ ସମ୍ବର୍ଦ୍ଧନା । ବିଲାତ ଫେରନ୍ତା ଡାକ୍ତର । ଭିତର କଥା କିଏ ଜାଣୁଛି । ଦୋବନ୍ଧା ଗ୍ରାମ ମୁଣ୍ଡରୁ ପଟୁଆର ଲାଗି ରହିଛି ଆମ ଘର ପର୍ଯ୍ୟନ୍ତ । ୩ କିଲୋମିଟର ଲମ୍ବର ରାସ୍ତା । ହଜାର ହଜାର ଲୋକ । ବାଣ ରୋଷଣୀ, ନାଚ ଗୀତରେ ଉନ୍ମତ୍ତ ସେମାନେ । ଘରେ ସମସ୍ତଙ୍କପାଇଁ ଭୋଜିର ବ୍ୟବସ୍ଥା । ଗାଁ ଲୋକଙ୍କର ସ୍ନେହଶ୍ରଦ୍ଧାରେ ମୁଁ ଅଭିଭୂତ ହୋଇ ପଡ଼ିଲି । ମୋ ଡାକ୍ତରୀ ଜୀବନରେ ମୁଁ ସେମାନଙ୍କୁ ଯଥାସମ୍ଭବ ସେବା ଯୋଗାଇଛି । ଏବେ ବି ଯୋଗାଉଛି । ସମ୍ଭବତଃ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏହା ଚାଲୁ ରହିଥିବ । ଗାଁମାଟି ପ୍ରତି ମୁଁ ଅକୃତଜ୍ଞ ହେବିନାହିଁ ।

୦୦୦

Digitized by srujanika@gmail.com

# ସ୍ନାତକୋତ୍ତର ଉପାଧି ଓ କଲେଜ ଚାକିରୀ

**୨୧.୧୨.୬୪ ରୁ ୫.୧୨.୬୮**

ବିଲାତରୁ ଫେରି ୨୧.୧୨.୬୪ରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ଅଫିସରେ ଯୋଗଦାନ କଲି । ପୋଷ୍ଟିଂ ପାଇଁ ସେକ୍‌ସନ ଅଫିସରଙ୍କୁ ଅନୁରୋଧ କଲି । ସେ ଆଜି ଆସ, କାଲି ଆସି ଏମିତି ସମୟ ଗଡ଼ାଇ ଶେଷରେ କହିଲେ ଆପଣ ଶ୍ୱଶୁରଙ୍କୁ କହୁ ନାହାନ୍ତି ଆସିବାକୁ ? ମୁଁ ଏ କଥାର ମର୍ମ ବୁଝିଗଲି । ଏ ପର୍ଯ୍ୟନ୍ତ ମତେ ଲାଞ୍ଚ ମିଛ ସ୍ପର୍ଶ କରିନି । ପୁଣି ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେବି ବିଲାତ ଫେରନ୍ତା ବୋଲି ଅଭିମାନ ଅଛି । ଜବାବ ଦେଲି ଚାକିରୀ ତ ମୁଁ କରିବି, ଶ୍ୱଶୁର କାହିଁକି ଆସିବେ ? ଏତିକିରେ ସବୁ ଓଲଟ ପାଲଟ ହୋଇଗଲା । ଫାଇଲ୍‌ରେ ନୋଟ ଦିଆଗଲା ତାଙ୍କର ଚାକିରୀ ନାହିଁ । ବିଲାତ ଗଲା ବେଳକୁ ତାଙ୍କର ଚାକିରୀ ସ୍ଥାୟୀ ହୋଇ ନଥିଲା। ସେ ମାତ୍ର ୫ ବର୍ଷ ଛୁଟି ନେଇଥିଲେ । ଏବେ ୫ ଦିନ ଅଧିକା ହୋଇ ଗଲାଣି । ଶ୍ୱଶୁର ଆସି ମାଲପାଣି ଦେଇଥିଲେ ମୋର ପୋଷ୍ଟିଂ ଏଇ ୫ ଦିନ ଛୁଟି ଡାଇରେକ୍ଟର ମଂଜୁର କରିଥାନ୍ତେ ବା ମଂଜୁରୀ ପାଇଁ ସରକାରଙ୍କୁ ଲେଖିଥାନ୍ତେ ।

ଡାଇରେକ୍ଟର ଥାନ୍ତି ଡାକ୍ତର ଘନଶ୍ୟାମ ମହାପାତ୍ର । ସେ ମାତ୍ର ଜଣେ ଡାଇରେକ୍ଟର । ସବୁ ବିଭାଗ କଥା ବୁଝୁଥାନ୍ତି । ମୁଁ ପଢ଼ିଲାବେଳେ ସେ ମେଡ଼ିସିନ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଥିଲେ । ତାଙ୍କ ଶଳା ବୀରେନ୍ଦ୍ର ଭୂୟାଁ ମୋର ସହପାଠୀ । ମୁଁ ତାଙ୍କ ଘରକୁ ଯାଉଥିଲି । ସେ ମତେ ଭଲ ଭାବରେ ଜାଣନ୍ତି। ମୋ ଶ୍ୱଶୁରଙ୍କୁ ବି । ତାଙ୍କଠାରୁ ମୁଁ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା କଥା ଶୁଣିଛନ୍ତି । ମତେ ସାନ୍ତ୍ୱନା ଦେଇ କହିଲେ ଅଭିଜ୍ଞତା ଅଛି । ଏମ୍‌ଏସ୍ କରିଦିଅ ।

ମୁଁ ପୋଷ୍ଟିଂ ପାଇଁ କହିଲି । ମତେ କହିଲେ ତୁମେ ପି.ଜି କରୁଥାଅ, ସେ କଥା ମୁଁ ବୁଝିବି। ଦଉଡ଼ା ଦଉଡ଼ି କରି ମୁଁ ବ୍ୟସ୍ତ ହେଲିଣି । ଶେଷରେ ସିଦ୍ଧାନ୍ତ ହେଲା ନୂଆ ନିଯୁକ୍ତି ଦେଇଦିଅ । ପରେ ନିୟମିତ କରାଯିବ। କିରାଣୀଙ୍କ କାଗଜାଦି ଡାଇରେକ୍ଟର ବି ଟାଳି ପାରିଲେନି । ଆଶୁ ଚିକିତ୍ସା ବିଭାଗରେ ମୋର ପୋଷ୍ଟିଂ ହେଲା । ପରବର୍ତ୍ତୀ କାଳରେ ଏହାର ବହୁଦିନ ପରେ ଚାକିରୀ ନିୟମିତ କରାଗଲା ଅର୍ଥ ବିଭାଗରୁ ଅନୁମତି ମିଳିବା ପରେ । ବିଲାତରେ ଥିବା ସମୟରେ ଚାକିରୀ ଗଣାଗଲା । ମୋର ବରିଷ୍ଠତା ବଜାୟ ରହିଲା ।

୧୯୬୨ରେ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜରେ ଶଲ୍ୟ ଚିକିତ୍ସା ବିଭାଗରେ ସ୍ନାତକୋତ୍ତର ଉପାଧିରେ ଏମ୍.ଏସ୍ ପାଇଁ ବ୍ୟବସ୍ଥା ହେଲା । ପ୍ରଥମ

Digitized by srujanika@gmail.com

ବ୍ୟାଚ ପିଲା ପାଶ୍ କଲେଣି । ଡିଙ୍ଗର ମେହେର ପ୍ରଥମ ବ୍ୟାଚର । ପୂର୍ବରୁ ପାଟଣା, ଦରଭଙ୍ଗାରୁ ଡାକ୍ତରମାନେ ଏମଏସ୍ କରି ଆସିଥାନ୍ତି । ସିନିଅର ଡାକ୍ତରମାନଙ୍କୁ ସୁବିଧା ଦେବା ପାଇଁ ଅଧାସିଟ୍ ରିଜର୍ଭ। ସେମାନେ ଚାକିରୀ ସହ ପାଠ ପଢ଼ିବେ। ସରକାର ନିୟମ କରିଛନ୍ତି, ସ୍ନାତକୋତ୍ତର ଉପାଧି ନଥିଲେ ସିଭିଲ ସର୍ଜନ ହୋଇ ପାରିବ ନାହିଁ । ଚାକିରୀରେ ସିନିଅରିଟି ଅନୁସାରେ ସିଭିଲ ସର୍ଜନ ବଛା ହେଉଥିଲେ। ଏବେ ଡାଃ. ବିପିନ ଦାଶ ଓ ଡାଃ. ରମାମିଶ୍ର ପଢୁଛନ୍ତି ।

ମୁଁ ଏମ୍.ଏସ୍. ପାଇଁ ଆବଶ୍ୟକୀୟ ଫର୍ମ ସବୁ ପୂରଣ କରିବା ପରେ ନାମ ଲେଖାଇଲି । ମୋ ପାଇଁ ସେଇ ନିୟମ ଲାଗୁ ହେଲା । ବିଲାତ ନ ଯାଇଥିଲେ ୫ ବର୍ଷ ପୂର୍ବରୁ ଏମ୍.ଏସ୍. କରି କଲେଜ ଚାକିରୀ ପାଇଁ ମୋ ବରିଷ୍ଠତା ରକ୍ଷା କରିପାରିଥାନ୍ତି ।

ପ୍ରଫେସର ଗିରିଜା ଶଙ୍କର ଦାସ ମହାପାତ୍ରଙ୍କ ଅଧୀନରେ ପି.ଜି କରିବାକୁ ପଡ଼ିବ । ସେ ତ ମୋର ପ୍ରଫେସର ଥିଲେ । ଫର୍ମ ପୂରଣ ଓ ନାମଲେଖା ପରେ ତାଙ୍କୁ ଦେଖା କଲି । ସେ ମୁଁ ଏଫ୍.ଆର.ସି.ଏସ୍‌ରେ ଅକୃତକାର୍ଯ୍ୟ ହୋଇ ଫେରି ଆସିଛି ବୋଲି ଜାଣିଥାନ୍ତି । କିନ୍ତୁ କିଛି କହିଲେନି ସେ ବିଷୟରେ । ସେ ନିଜେ ଏଫ୍‌ଆରସିଏସ୍ । ଏମ୍‌ଏସ୍ ପାଇଁ ଥେସିସ୍ କରିବା ଦରକାର । ଏଫ୍‌ଆରସିଏସ୍ ପାଇଁ ଥେସିସ୍ ଦରକାର ନ ଥିଲା । ମତେ ପଚାରିଲେ କଣ ଥେସିସ୍ ନେବୁ ? ମୁଁ କହିଲି ଯାହା ଦେବେ । ମତେ ଦେଲେ Surgical Jaundice କ'ଣ କିପରି ଲେଖିବାକୁ ପଡ଼ିବ । ତା'ର ସୂଚନା ବି ଦେଲେ । ସେତେବେଳେ ଅଧିକ ତଥ୍ୟ ପାଇଁ ଲାଇବ୍ରେରୀରେ ବହି ମିଳୁଥିଲା । ମୁଁ ମଧ୍ୟ କିଛି କିଣିଲି। କାମ ଆରମ୍ଭ କରି ତାଙ୍କୁ ଦେଖାଇଲି । ତାଙ୍କଠାରୁ ସବୁଜ ସଂକେତ ପାଇବା ପରେ ମୁଁ ଆଗେଇଲି ।

ଆମ ଉପର ବ୍ୟାଚରେ ଥାନ୍ତି ମୋର ସହପାଠୀ ଡାକ୍ତର ନୀଳାମ୍ବର ଆଚାର୍ଯ୍ୟ । ମୋ ସାଙ୍ଗରେ ମୋର ପୂର୍ବତନ ରୁମ୍‌ମେଟ୍ ଡାକ୍ତର ଚରଣ ବେହେରା । ଆମକୁ ସବୁ ସେଇ ସର୍ଜିକାଲ ବ୍ଲକରେ ଥିବା ଗୋଟିଏ ଗୋଟିଏ କୋଠରୀ ମିଳିଥାଏ । ମୁଁ ବିଲାତରୁ ଆଣିଥିବା ଇଲେକ୍‌ଟ୍ରିକ ଓଭେନ୍ ସେଇ କୋଠରୀରେ ରଖିଥାଏ । ସେଥିରେ ରାନ୍ଧି ରାତିରେ ତଥା ସକାଳେ ଜଳଖିଆ ତିଆରି କରି ଖାଏ । ମଧ୍ୟାହ୍ନ ଭୋଜନ ମେସ୍‌ରେ ।

ଆମକୁ ଶଲ୍ୟ ଚିକିତ୍ସା ବିଭାଗର ୱାର୍ଡ, ବହିର୍ବିଭାଗ ତଥା ଜରୋରୀ ଚିକିତ୍ସା ପାଇଁ ସମୟ ଦେବାକୁ ପଡ଼େ । ଆମ ପାଇଁ ସ୍ୱତନ୍ତ୍ର ପାଠପଢ଼ାର ବ୍ୟବସ୍ଥା ନାହିଁ । କାମ ଭିତରେ ପ୍ରଫେସର ମାନଙ୍କ ପଛରେ ଗୋଡ଼େଇ ଗୋଡ଼େଇ ଯେତିକି ଶିଖିବୁ । ମୋର କାମ ବା ପାଠ ପ୍ରତି ଭୟ ନ ଥାଏ । ପରୀକ୍ଷାରେ ଘନ ଘନ ବିଫଳତାର ଅଭିଶାପ ମୁଣ୍ଡ ତଳକୁ କରିଥାଏ । ସମ୍ଭବତଃ ମୋର ଏଇ ମନୋଭାବକୁ ଜାଣିପାରି ଗିରିଜା ବାବୁ ମତେ କ୍ଲିନିକାଲ କ୍ଲାସ ନେବାକୁ କହିଲେ ।

ମୁଁ ଆଗ୍ରହ ସହକାରେ ଘରେ ପଢ଼ାପଢ଼ି କରି ପୂର୍ବ ଅଭିଜ୍ଞତାକୁ ମିଶାଇ କ୍ଲାସ ନେଲି । ମୋର ପ୍ରଥମ ବ୍ୟାଚର ପିଲାଥିଲେ ସୁବୋଧ ପ୍ରହରାଜ ଓ ରତ୍ନାକର ଦାଶ । ସୁବୋଧ ଶିଶୁ ବିଭାଗର ପ୍ରଫେସର ଭାବେ ଚାକିରୀରୁ ଅବସର ନେଲେଣି । ଏବେ ବି ମୋ ପିଲାମାନଙ୍କୁ ଦେଖିବାକୁ ଆସନ୍ତି । ରତ୍ନାକର ମେଡ଼ିସିନ୍‌ରେ ଏମ୍.ଡି କଲାପରେ କେଉଁଠି ଅଛନ୍ତି ଜାଣେନି । ଯା ହେଉ ଏଥିରେ ମୁଁ ସଫଳ ହୋଇ

Digitized by srujanika@gmail.com

ପ୍ରଫେସରଙ୍କୁ ସନ୍ତୁଷ୍ଟ କରି ପାରିଲି ।

ମୋର ପ୍ରଥମେ ଆଶୁ ଚିକିତ୍ସା ବିଭାଗରେ ପୋଷ୍ଟିଂ ହୋଇଥିଲା । ଅପରେସନ ଓ ୱାର୍ଡ କାମ କରୁଥିବାରୁ ମତେ ସେଠି ଅଧିକାଂଶ ସମୟ ରାତି ଡିଉଟି କରିବାକୁ ପଡୁଥିଲା । ଯେତେ କଷ୍ଟ ହେଲେ ବି ମୁଁ କାମରେ ଅବହେଳା କରିନି କି କେଉଁଠି ଆପତ୍ତି ଅଭିଯୋଗ ଆଣିନି। ଯା ହେଉ କିଛିଦିନ ପରେ ମତେ ୱାର୍ଡରେ ପୋଷ୍ଟିଂ ଦେଲେ ଜଣେ ସହକାରୀ ସର୍ଜନ ଭାବେ ଓ ପରେ ପରେ କ୍ଲିନିକାଲ ଟ୍ୟୁଟର । ଏଣିକି ମୁଁ ପୁରାମାତ୍ରାରେ ସମୟ ଦେଇ ସର୍ଜରୀ ବିଭାଗରେ କାମ କଲି । ବିଶେଷ କରି ଅସ୍ତ୍ରୋପଚାର ଗୃହରେ ।

ସର୍ଜରୀରେ ଦୁଇଟି ଇଉନିଟ ଥାଏ। ପ୍ରଫେସର ଦାସ ମହାପାତ୍ର ଓ ପ୍ରଫେସର ମଧୁସୂଦନ ଖାଡ଼ଙ୍ଗା । ଗିରିଜା ବାବୁଙ୍କ ପାଖରେ ତାଙ୍କ ପ୍ରିୟ ଛାତ୍ର ଡିଙ୍ଗର ମେହେର । ପ୍ରଫେସର ଖାଡ଼ଙ୍ଗାଙ୍କ ପାଖରେ ରାଜକିଶୋର ଦାଶ । କାଶୀବାବୁଙ୍କ ପୁଅ ରମା ମିଶ୍ର ଥାନ୍ତି ଆସିଷ୍ଟାଣ୍ଟ ପ୍ରଫେସର । ମୁଁ କ୍ଲିନିକାଲ ଟ୍ୟୁଟର ଭାବେ ତାଙ୍କରି ପାଖରେ କାମ କଲି । ମତେ ବି କିଛି ସ୍ୱାଧୀନତା ମିଳିଲା । ବିଲାତରୁ ଫେରିବା ପରେ ମୋର ପ୍ରଥମ ଅପରେସନ ଥିଲା ସ୍ପ୍ଲେନେକ୍ଟୋମି । ରାସ୍ତା ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇଥିବା ପ୍ଲିହାକୁ କାଟି ଉଡ଼ାଇ ଦିଆଗଲା । ଅଳ୍ପଦିନ ଭିତରେ ରୋଗୀ ଭଲ ହୋଇ ଘରକୁ ଗଲା ।

ବିଶେଷ ବଡ଼ ଅପରେସନ ବି ସେ ସମୟରେ ହେଉ ନଥିଲା । ଜରୁରୀ କାଳୀନ ଅସ୍ତ୍ରୋପଚାର କହିଲେ, ଆପେଣ୍ଡିସାଇଟିସ୍, ଭଲଭୁଲସ୍, ପରଫୋରେସନ୍, ଷ୍ଟ୍ରାଙ୍ଗୁଲେଟେଡ୍, ହାର୍ଣ୍ଣିଆ ଏମିତି କେତୋଟି ।

ରୁଟିନ୍ ଅପରେସନ୍‌ରେ ଥାଏ ଗାଷ୍ଟ୍ରୋଜେଜୁନୋଷ୍ଟମି, ପାର୍ସିଆଲ୍ ଗାଷ୍ଟ୍ରେକ୍ଟମି, ପ୍ରୋଷ୍ଟାଟେକ୍ଟମି, ପାର୍ସିଆଲ ଥାଇରଏଡେକ୍ଟମି । ମୁଁ ବି ଥାଇରଏଡ୍‌ରେ ହାତ ମାରିନି । ସେଇ ଛୋଟ ମୋଟ ଅପରେସନ, ହାଇଡ୍ରୋସିଲ, ହାର୍ଣ୍ଣିଆ, ଅର୍ଶ, ଭଗନ୍ଦର, ବ୍ଲାଡର ଷ୍ଟୋନ, ଷ୍ଟ୍ରିକ୍‌ଚର ଇଉରେଥ୍ରା, ଫାଇଲେରିଆ ଲେଗ୍ ଖୁବ୍ ହେଲେ କଲିସିଷ୍ଟେକ୍ଟମିରେ ବେଳ ଯାଉଥିଲା । ହାତତ ଆଗରୁ ସେଟ ହୋଇଥିଲା । ଏଠି କେବଳ ଦୋହରାଇବା କଥା । ଗିରିଜା ବାବୁଙ୍କ ଭାଷାରେ ଛୁରୀ ଧରି ଜାଣିଥିଲେ ସବୁ ଅପରେସନ କରିପାରିବ ।

ନିୟମିତ ଭାବେ ସେମିନାର ହୁଏ । ଆମେ କେଶ୍ ପ୍ରେଜେଣ୍ଟ କରୁ । ଆଲୋଚନା ହୁଏ । ପ୍ରଫେସରମାନେ ଆଲୋଚନାରେ ଭାଗ ନିଅନ୍ତି। ଆସିଷ୍ଟାଣ୍ଟ ପ୍ରଫେସର, କ୍ଲିନିକାଲ ଟ୍ୟୁଟର, ରେସିଡେଣ୍ଟ ସର୍ଜନ ସମସ୍ତେ ଉପସ୍ଥିତ ରହିବା ଏକ ପ୍ରକାର ବାଧ୍ୟତାମୂଳକ । ଗିରିଜାବାବୁ ତା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ମୁଁ ବି ଆଗ୍ରହ ସହକାରେ ମୋ କାମ କରୁଥିଲି ।

ଥେସିସ୍ ବା ଗବେଷଣାମୂଳକ ପ୍ରବନ୍ଧ ଲେଖା ଏମ୍.ଏସ୍. ପରୀକ୍ଷାର ପ୍ରଧାନ ଅଙ୍ଗ । ଥେସିସ୍ ଗ୍ରହଣ ହେଲାପରେ ପରୀକ୍ଷା ଦେବ । ଏଥିପାଇଁ ମତେ ବେଶ୍ କିଛି ସମୟ ଦେବାକୁ ପଡ଼ିଲା । ଆରମ୍ଭରୁ ତ ଲାଇବ୍ରେରୀରେ କିଛି ସମୟ କଟାଇଥିଲି । ଏବେ ଅଧିକ ସମୟ ଦେଇ ଲାଗି ପଡ଼ିଲି କାମ ଶେଷ କରିବାକୁ । ମୋ ଥେସିସ୍ ସର୍ଜିକାଲ ଜଣ୍ଡିସ୍ ।

**ସର୍ଜିକାଲ ଜଣ୍ଡିସ୍**

Digitized by srujanika@gmail.com

ଜଣ୍ଡିସ୍ ଫରାସୀ ଶବ୍ଦ Jaun ରୁ ଉଦ୍ଭୂତ । ଯାହାର ଅର୍ଥ ହଳଦିଆ । ସାଧାରଣତଃ ହଳଦିଆ ଦେଖାଗଲେ ଆମେ କାମଳ ବା ଜଣ୍ଡିସ୍ ହୋଇଛ ବୋଲି କହୁ । ଅବଶ୍ୟ ଏହି ରୋଗରେ ଜିହ୍ୱା, ଚର୍ମ, ନଖ, ପରିସ୍ରା ମଧ ହଳଦିଆ ଦେଖାଯାଏ ।

ରକ୍ତରେ ଅଧିକ ବିଲିରୁବିନ ରହିଲେ ଆଖି ହଳଦିଆ ଦେଖାଯାଏ । ଆମ ଦେହରେ ଥିବା ଶତକଡ଼ା ୮୦ ଭାଗ ବିଲିରୁବିନ ଲୋହିତ ରକ୍ତ କଣିକାରେ ଥିବା ହେମୋଗ୍ଲୋବିନ୍‌ରୁ ଯକୃତ ସେଲ୍ ହେପାଟୋସାଇଟ୍ ଦ୍ୱାରା ପ୍ରସ୍ତୁତ ହୁଏ । ପ୍ରତିଦିନ ଆମ ଦେହରେ ୨୫୦ରୁ ୩୦୦ ମିଲିଗ୍ରାମ (ଶରୀର ଓଜନର କିଲୋଗ୍ରାମ ପ୍ରତି ୪ ମି.ଗ୍ରା. ହିସାବରେ) ବିଲିରୁବିନ ପ୍ରସ୍ତୁତ ହୁଏ । ଆମ ରକ୍ତରେ ସାଧାରଣତଃ ୧୦୦ ମି.ଲିଟର ପିଛା ୧.୫ ମି.ଗ୍ରାମ ବିଲିରୁବିନ ଥାଏ । ୩ ମି.ଗ୍ରାମରୁ ବେଶୀ ହେଲେ ଜଣ୍ଡିସ ହୁଏ ।

ବିଲିରୁବିନ ଯକୃତରେ ତିଆରି ହୋଇ ହେପାଟିକ ଡକ୍ଟଦ୍ୱାରା ପ୍ରବାହିତ ହୋଇ ପୀତକୋଷରେ ସଂରକ୍ଷିତ ହୋଇ ରହେ । ଖାଇଲା ବେଳେ ପୀତକୋଷ ସଂକୋଚନ ହେଲେ ବିଲିରୁବିନ୍ ମିଶ୍ରିତ ପୀତ ପୀତନଳୀ (ବାଇଲ ଡକ୍ଟ) ବାଟେ ମଧୁକୋଷରେ ପ୍ରବେଶ କରି ମଧୁକୋଷ ରସ ସହ ମିଶି କମନ ବାଇଲ ଡକ୍ଟ ନାମରେ ଖାଦ୍ୟନଳୀ (ଡିଓଡିନମ)ରେ ଥିବା ରନ୍ଧ୍ରରେ ଆମ୍ପୁଲା ବାଟେ ବୁନ୍ଦା ବୁନ୍ଦା ହୋଇ ପଡ଼ି ଖାଦ୍ୟ ହଜମରେ ସାହାଯ୍ୟ କରେ ଓ ମଳବାଟେ ଦେହରୁ ବାହାରିଯାଏ ।



ନିମ୍ନଲିଖିତ କାରଣରୁ ରକ୍ତରେ ବିଲିରୁବିନ ପରିମାଣ ବୃଦ୍ଧି ପାଇ ଜଣ୍ଡିସ୍ ରୋଗ ସୃଷ୍ଟି କରିଥାଏ ।

୧) ଅତ୍ୟଧିକ ବିଲିରୁବିନ୍ ତିଆରି
୨) ରୋଗଗ୍ରସ୍ତ ଯକୃତ
୩) ପୀତନଳୀରେ ପୀତ ପ୍ରବାହ ବାଧାପ୍ରାପ୍ତ

ପୀତପ୍ରବାହ ବାଧାପ୍ରାପ୍ତ ହେଲେ ବିଲିବିରୁବିନ୍ ପୁଣି ଲିମ୍ଫାଟିକ ଚାନେଲ ଦ୍ୱାରା ରକ୍ତକୁ ଫେରିଯାଏ।

ମୁଖ୍ୟ ପୀତବାହିନଳୀରେ ପୀତ ପ୍ରବାହ ଅନେକ କାରଣରୁ ବାଧାପ୍ରାପ୍ତ ହୋଇଥାଏ । ବିଶେଷ କରି

କ) ନଳୀ ଭିତରେ ପଥର ସୃଷ୍ଟି, ପରଜୀବୀ (ପାରାସାଇଟ୍) ରାଉଣ୍ଡୱାର୍ମ, ହାଇଡାଟିଡସିଷ୍ଟର ଅଂଶ ବିଶେଷ । ଫ୍ଲୁକିଲଏଡ ଇତ୍ୟାଦିଙ୍କ ପ୍ରବେଶ ଦ୍ୱାରା ବାଟ ବଂଦ ହୋଇଯାଏ ।

Digitized by srujanika@gmail.com

ପରଜୀବୀର ଲାର୍ଭା (ପ୍ରଥମାବସ୍ଥା) ଅନ୍ତନଳୀରୁ ପୋର୍ଟାଲ ଭେନ୍ ବାଟେ ଯକୃତରେ ପ୍ରବେଶ କରେ । ପୂର୍ଣ୍ଣାବୟବ ପରଜୀବୀ ପାପିଲା ବାଟେ ପୀତନଳୀରେ ପ୍ରବେଶ କରେ ।

ଖ) ନଳୀ କାନ୍ଥି (ୱାଲ)ରେ ଷ୍ଟ୍ରିକ୍‌ଚର କ୍ୟାନ୍‌ସର

ଗ) ନଳୀ ବାହାରେ ଲିମ୍ଫିଗ୍ଲାଣ୍ଡ ଆମ୍ପୁଲା କି ମଧୁକୋଷରେ କ୍ୟାନସର ଇତ୍ୟାଦି ପୀତ ପ୍ରବାହ ବ୍ୟାହତ କରେ।

ଯେଉଁ ଜଣ୍ଡିସକୁ ଭଲ କରିବା ପାଇଁ ଅସ୍ତ୍ରୋପଚାର ଏକାନ୍ତ ଆବଶ୍ୟକ ତାକୁ ସର୍ଜିକାଲ ଜଣ୍ଡିସ୍ କୁହାଯାଏ । ବିଶେଷ କରି ପୀତବାହୀ ନଳୀରେ ପୀତପ୍ରବାହ ବାଧାପ୍ରାପ୍ତ ହେଲେ ବା ପୀତକୋଷରେ ପଥର ପରଜୀବୀ ବା ଇନ୍‌ଫେକ୍‌ସନ ଲାଗି ରହିଲେ ଅପରେସନ ବିନା ଅନ୍ୟ ଉପାୟ ନ ଥାଏ । ଏବେ ଏଣ୍ଡୋସ୍କୋପି ଦ୍ୱାରା ବହୁ ସମସ୍ୟାର ସମାଧାନ କରାଯାଇ ପାରୁଛି ।

ସର୍ଜିକାଲ ଜଣ୍ଡିସ୍‌ର ବିଭିନ୍ନ କାରଣ ଓ ବିଭିନ୍ନ ପ୍ରକାର ଅପରେସନ ଉପରେ ଅନୁଧ୍ୟାନ କରିବାକୁ ପଡ଼ିଲା । ମୁଁ ସ୍ନାତକୋତ୍ତର ଉପାଧି ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଯକୃତ ଓ ପୀତକୋଷର ରୋଗ ନିର୍ଣ୍ଣୟ ପାଇଁ ଆଜିକାଲିକା ଭଳି ୟୁଏସ୍‌ଜି, ସିଟି ସ୍କାନ, ଏମଆର୍‌ଆଇ ବା ଏମ୍‌ଆର୍‌ସି ଭଳି ଅତ୍ୟାଧୁନିକ ବ୍ୟବସ୍ଥା କିଛି ନଥିଲା ।

ଏକ୍ସ-ରେ, ରକ୍ତ ପରୀକ୍ଷା, ଲିଭର ବାଇଓପ୍ସିକୁ ମୁଖ୍ୟ ଆୟୁଧ କରି ମୁଁ ମୋ ଥେସିସ ତିଆରି କଲି । ବିଶେଷ କରି ବିଭିନ୍ନ ପ୍ରକାର ପରଜୀବି ଯଥା ଆସ୍କାରିସ ଷ୍ଟ୍ରଙ୍ଗିଲଏଡ଼୍, ହାଇଡ୍ରାଟିଡ଼୍, ଟ୍ରାଇଚେର୍ନେଲା, ଇଏଚ୍, ଫିସକି ସିପ ଲିଭର ଫ୍ଲୁକ୍ ପ୍ରଭୃତିଙ୍କ ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲି ।

ଅନ୍ୟମାନଙ୍କ ତଥ୍ୟ ସହ ମୁଁ ନିଜେ ପାଇଥିବା ତଥ୍ୟ ତଥା ମତାମତର ସମାହାର, ପ୍ରତ୍ୟେକ ପଦକ୍ଷେପ ପରେ ପ୍ରଫେସରଙ୍କ ମତାମତ ଓ ଅନୁମୋଦନ ନେବାକୁ ପଡ଼େ । ପ୍ରତିସ୍ତରରେ ପ୍ରଫେସର ମତେ ଦିଗ୍‌ଦର୍ଶନ ଦେଇଛନ୍ତି । ତାଙ୍କ ସହଯୋଗ ଓ ପ୍ରେରଣା ବିନା ଥେସିସ୍ ମନୋଜ୍ଞ ଓ ଗ୍ରହଣୀୟ ହେବା ସମ୍ଭବ ନୁହେଁ ।

ଥେସିସ୍ ଚିଠା ପ୍ରସ୍ତୁତ ପରେ ଲେଖା, ଫଟୋଉଠା, ଟାଇପକରା, ବଂଧେଇ ଇତ୍ୟାଦି ବହୁତ କାମ । ଏସବୁ କାମରେ ମତେ ସାହାଯ୍ୟ କରିଛନ୍ତି ସୁବୋଧ ଓ ରତ୍ନାକର । ଏ ଦୁହିଁଙ୍କ ବିନା ସାହାଯ୍ୟରେ ମୁଁ ଠିକଣା ସମୟରେ ଥେସିସ୍ ଦେଇ ପାରି ନଥାନ୍ତି । ମୋର ସଫଳତାପାଇଁ ସେ ଦୁଇଜଣ ଦାୟୀ ଓ ମୁଁ ସେମାନଙ୍କ ପାଖରେ କୃତଜ୍ଞ ।

ଯଥା ସମୟରେ ଥେସିସ ଦାଖଲ କଲି । ବାହାରକୁ ଗଲା ପରୀକ୍ଷା ପାଇଁ । ଥେସିସ୍‌ଟି ପ୍ରଶଂସିତ ହୋଇ ଫେରିଲା ।

**କନ୍ୟାରତ୍ନ ଲାଭ**

କଟକରେ ତ ରହିବାକୁ ମୋର ଘର ନଥିଲା । ମୁଁ ଶଲ୍ୟ ଚିକିତ୍ସା ବିଭାଗରେ ରହୁଥିଲି । ମୋ ସ୍ତ୍ରୀ ତାଙ୍କ ବାପଘରେ । କଟକରେ ଥିବା ଶ୍ୱଶୁରଙ୍କ ଘରେ ରହିବାକୁ ମୁଁ ପସନ୍ଦ କଲିନାହିଁ । ଜାହାଜରେ ଗର୍ଭ ସଂଚାର । ନୈତିକତା ଦୃଷ୍ଟିରୁ ମତେ ଶ୍ୱଶୁର ଘରକୁ ଯିବାକୁ ପଡ଼େ । ମୋ ସାଥୀ ପ୍ରଫେସର ଉମାକାନ୍ତ ନନ୍ଦ

Digitized by srujanika@gmail.com

ପ୍ରସୂତି ବିଭାଗର ମୁଖ୍ୟ । ସେ ଯାଇ ଦେଖୁଥାନ୍ତି । ସନ୍ତାନ ପ୍ରସବ ସମୟ ପାଖେଇ ଆସିଲା । ଆକାଂକ୍ଷତ ଦିବସ (ଇ.ଡି.ଡି) ୧୫.୬.୬୫ । ଗର୍ଭ ଯନ୍ତ୍ରଣାର ସୂଚନା ନାହିଁ । କୋଡ଼ିଏ ତାରିଖରେ ମୋ ଶାଶୁ ଆଣି ମେଡ଼ିକାଲ କଲେଜର ପ୍ରସୂତି ୱାର୍ଡରେ ଛାଡ଼ି ଦେଇଗଲେ । ୨୨.୬.୬୫ରେ ବିନା ଅସ୍ତ୍ରୋପଚାରରେ କନ୍ୟା ସନ୍ତାନଟିଏ ଜନ୍ମ ନେଲା।

ଆମ ପରିବାରରେ ଦୀର୍ଘ ୩୬ ବର୍ଷ ପରେ ସନ୍ତାନଟିଏ । ମୁଁ ଆମ ପରିବାରର ସର୍ବ କନିଷ୍ଠ ସନ୍ତାନ ଆଉ ମୋର ଜନ୍ମ ୧୯୨୯ରେ । ମୋ ବାପା, ବୋଉ କି ଭାଇ ଥିଲେ କେତେ ଖୁସି ହୋଇଥାନ୍ତେ । ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବାର ଦୁଃଖ ଭୁଲିଯାଇନି । ଇଏ ଯେ ଭଗବାନଙ୍କ ଦାନ ।

ଗର୍ଭ ଯନ୍ତ୍ରଣା ପୂର୍ବରୁ ଶ୍ୱଶୁର ଘର ଲୋକେ ଜଗି ବସିଛନ୍ତି। ତାଙ୍କର ବି ଇଏ ପ୍ରଥମ ନାତୁଣୀ । ପିଲାକୁ ଦେଖିବାକୁ ଆସୁଥିବା ବୁଢ଼ାବୁଢ଼ୀମାନେ କହୁଥାନ୍ତି ପ୍ରଥମ ପିଲା ଝିଅ ହେଲେ ବାପ ମା'ଙ୍କର ଆୟୁଷ ବଢ଼ିବ। ସୁଖ ସମୃଦ୍ଧି ବି ।

ଡାକ୍ତରଖାନାରେ ଦୁଇଦିନ ରହିବା ପରେ ତା ମାମୁଘର ନେଇଗଲେ । ମହା ସମାରୋହରେ ପଂଚୁଆତି ବଣ୍ଟା ହେଲା । ଷଷ୍ଠୀଦେବୀ ପୂଜା । ପଳସିଂହାରେ ମୋ ଭାଉଜ ଷଠୀଘର କଲେ । ଗାଁ ଲୋକ ଅଡ଼ି ବସିଲେ ଶୀଘ୍ର ଝିଅକୁ ଆଣ ଆମେ ଦେଖିବୁ । ଆମ ଗ୍ରାମରେ ଡାକ୍ତରୀ ସୁବିଧା କିଛି ନାହିଁ । କିଛି କହି ହେଉନି, ଲୋକଙ୍କ ସ୍ନେହଶ୍ରଦ୍ଧା ଏଡ଼ାଇ ଦେଇ ହେବନି । ମତେବି ପତିଆରା ସୃଷ୍ଟି କରିବାକୁ ପଡ଼ିବ ।

ଜମିଦାର ଘର । ବିଲାତ ଫେରନ୍ତା ଡାକ୍ତରଙ୍କର ପ୍ରଥମ ସନ୍ତତି । କିଛି କରିବାକୁ ପଡ଼ିବ । ସ୍ଥିର ହେଲା ଯେତେ ଅସୁବିଧା ହେଲେବି ଗ୍ରାମରେ ଏକୋଇଶିଆ କରିବାକୁ ପଡ଼ିବ ।

ସେହି ଅନୁସାରେ ପ୍ରସ୍ତୁତି ଚାଲିଲା । ନିମନ୍ତ୍ରଣପତ୍ର ଛପାହେଲା । ମୁଁ ପ୍ରଥମ ଖଣ୍ଡିକ ପଠାଇଲି ଡବଲିନ୍ ମୋର ଶେଷ କନସଲଟାଣ୍ଟ ମିଷ୍ଟର ଯେ. ଏସ୍ ବଏଡ଼୍ଙ୍କ ପାଖକୁ । ସମସ୍ତଙ୍କୁ ଚକିତକରି ସେ ପଠାଇଲେ ତାପାଇଁ ଶେଯ, ଡ୍ରେସ୍ ଓ ଖେଳଣା ସହ ଶୁଭେଚ୍ଛା ବାର୍ତ୍ତା । ଯାହା ଏକୋଇଶିଆ ପୂର୍ବଦିନ ଆସି ପହଁଚିଲା ।

୧୨.୭.୬୫ରେ ଏକୋଇଶିଆ । ସେଦିନ ଅହୋରାତ୍ରୀ ବାଦୀପାଲା । ସଂଧ୍ୟାବେଳକୁ ସତ୍ୟ ନାରାୟଣ ପୂଜା ଓ ପ୍ରୀତି ଭୋଜନ । ମୋ ଭାଉଜ, ଦାଦା ଲାଗି ପଡ଼ିଛନ୍ତି କେମିତି ଖୁବ୍ ବଡ଼ ଆକାରରେ କରିବେ। ଶଶୁରଘର ଗାଡ଼ି ଆମକୁ ନେଇ ୯ ତାରିଖ ଦିନ ଅପରାହ୍ନରେ ପଳସିଂହାରେ ଛାଡ଼ିଦେଇ ଆସିଲା । ସେଇ ଦିନରୁ ଆରମ୍ଭ ହେଲା ବଂଧୁ ବାଂଧବଙ୍କ ଗହଳି । ଗାଁ ଲୋକଙ୍କ ସୁଅ ଛୁଟିଲା ଡାକ୍ତରଙ୍କ ଝିଅକୁ ଦେଖିବାପାଇଁ ।

ପାଲାପାଇଁ ଆମ ଅଂଚଳ ପ୍ରସିଦ୍ଧ । ତରଡ଼ିପାଳର ନରିନାଥ ଓ ହରିନାଥ ଓଡ଼ିଶାର ନାମକରା ପାଲାଗାୟକ । ନରିନାଥ ମୋ ସାଙ୍ଗ ବୃନ୍ଦାବନ ନାଥର ବାପା । ହରି ତାଙ୍କ ସାନଭାଇ । ଶଶୁରଘର ଦୁଇଟି ଦଳ ପଠାଇଥାନ୍ତି କିଶନନଗର ଓ ସାଲେପୁର ଅଂଚଳରୁ । ପାଲା ବେଶ୍ ଜମିଲା । ସୋମବାର (୧୨.୭.୬୫) ସକାଳ ୧୦ଟାରୁ ରାତ୍ରି ଶେଷ ପର୍ଯ୍ୟନ୍ତ । ତାରି ଭିତରେ ଖିଆପିଆ, ସତ୍ୟ ନାରାୟଣ ପୂଜା ସବୁକିଛି । ଦେଖଣାହାରୀଙ୍କ ସୁଅ ଛୁଟିଛି।

Digitized by srujanika@gmail.com

ମା'ର ଇଚ୍ଛା ଅନୁସାରେ ସାଗର ବକ୍ଷରେ ସଂଚାର ହୋଇଥିବାରୁ ଝିଅର ନାମ ରଖାଗଲା ସାଗରୀକା । ଝିଅକୁ ଦେଖିବାକୁ ଯେତିକି ଭିଡ଼, ତା'ଠାରୁ ଅଧିକ ଭିଡ଼ ଥିଲା ମିଷ୍ଟର ବଏଡ୍ ପଠାଇଥିବା ଉପହାର ଓ ତା ମାମୁଁ ଘର ଦେଇଥିବା ପ୍ରାମ ଠେଲାଗାଡ଼ି ଦେଖିବାକୁ । ହସଖୁସି, ଆନନ୍ଦ ଉଲ୍ଲାସରେ ଗାଁ ଲୋକେ ଓ ପୂଜାବାଲା ଫେରିଲେ । ପରଦିନ ବଂଧୁବାଂଧବ । ଦିନେ ଦୁଇଦିନ ରହି ମୁଁ କଟକ ଫେରିଲି । ତା' ପରେ ପରେ ତାଙ୍କ ମାମୁଁ ଘର ଆସି ତାଙ୍କ ଝିଅ ଓ ନାତୁଣୀକୁ ନେଇଗଲେ ।

ମା ଚାହେଁ ପୁଅଟିଏ । ପରିବାର ଚାହେଁ ପୁଅଟିଏ । ପୁଅ ପୋଷିବ । ମୁଖାଗ୍ନି ଦେବ । ବାପ ମା'ଙ୍କ ନାଁ ରଖିବ ଇତ୍ୟାଦି । ମୁଁ ନିଜେ ବି ଏ ପ୍ରକାର ଚିନ୍ତାଧାରାରୁ ମୁକ୍ତ ହୋଇନି । ମୋ ସ୍ତ୍ରୀ ତାଙ୍କ ବ୍ରତ ଆରମ୍ଭ କଲେ ପୁଅଟିଏ ପାଇଁ । ଯଥାକାଳେ ଗର୍ଭସଂଚାର ହେଲା । ମୋ ସ୍ତ୍ରୀ ତାଙ୍କ ବାପଘରେ ଥାନ୍ତି । ଗର୍ଭ ଯନ୍ତ୍ରଣା ଆରମ୍ଭ ପୂର୍ବରୁ ମେଡ଼ିକାଲ ଆସିଲେ । ପୂର୍ବପରି ଡାକ୍ତର ଉମାକାନ୍ତ ନନ୍ଦ ପ୍ରସବ କରାଇଲେ - ପ୍ରସୂତି ଓ୍ୱାର୍ଡ଼ରେ । ପୁଣି ଝିଅଟିଏ ୧୨.୩.୬୭ରେ ଦୁଇବର୍ଷ ନ ପୂରୁଣୁ । ମନ ଫିକା ପଡ଼ିଗଲା। ମୋର ତ ପଢ଼ା ସରିନି । ପରୀକ୍ଷା ଆଉ ଅଳ୍ପଦିନ । ମା, ଝିଅ ଗଲେ କେନ୍ଦୁପାଟଣା । ସେଇଠି ଏକୋଇଶିଆ, ଜନ୍ମଦିନ ସବୁକିଛି । ମା' ବ୍ରତ କରି ପାଇଥିବାରୁ ନାମ ଦିଆଗଲା ଶୁଭବ୍ରତା । ଡାକ ନାମ ବେବି ।

ଦୁଇଟି ଝିଅ ପରେ ଡାକ୍ତର ନନ୍ଦ ପରାମର୍ଶ ଦେଲେ, କିଛିଦିନ ଛାଡ଼ିଦିଅ, ପୁଅ ହେବ । ତାଙ୍କ ପରାମର୍ଶ ପରେ ପାଂଚ ବର୍ଷ ବଂଦ କରିଦେଲୁ ।

ମୁଁ ଏବେ ମନପ୍ରାଣ ଦେଇ ପାଠପଢ଼ାରେ ଲାଗି ପଡ଼ିଲି । ପ୍ରଫେସରଙ୍କୁ ସନ୍ତୁଷ୍ଟ କରିବା ବଡ଼କାମ । ସେଥିପାଇଁ ତ ବହୁତ ଉପାୟ । ମୁଁ କିନ୍ତୁ ସ୍ଥିର କଲି କାମ କରି ସନ୍ତୁଷ୍ଟ କରିବି ।

ସମୟ ଗଡ଼ି ଚାଲିଲା । ଯଥା ସମୟରେ ପରୀକ୍ଷା ହେଲା । ପରୀକ୍ଷାରେ ମୋ ଏକ୍ସଟର୍ନାଲ ଥାନ୍ତି ପ୍ରଫେସର ସୁକୁମାର ଦାଶ । ପରୀକ୍ଷାରେ କୃତକାର୍ଯ୍ୟ ହେଲି । ୧୯୬୮ ଜୁଲାଇରେ ଏମ୍.ଏସ୍ ଡିଗ୍ରୀ ମିଳିଲା । ଏମ୍.ଏସ୍. ପାଇବାରେ ମାଦକତା ନଥିଲା କି ଆନନ୍ଦ ଉଲ୍ଲାସ ନଥିଲା ।

ପ୍ରମୋସନ ପାଇଁ ଡିଗ୍ରୀ । ଭିନ୍ନ ବିଭାଗ ଖୋଲିବାର ସମ୍ଭାବନା ନ ଥିଲା । କଲେଜରେ ରହିଲେ ଜୁନିଅର ହୋଇ ରହିବି । ପ୍ରମୋଶନ ପଥ ଅବରୁଦ୍ଧ । ଏଣେ ଟିଚିଙ୍ଗ ପୋଷ୍ଟ ଶିକ୍ଷକତା ପାଇଁ ପ୍ରବଳ ଆଗ୍ରହ । କେବଳ ପ୍ରଫେସର ଖାଡ଼ଙ୍ଗା ପରାମର୍ଶ ଦେଲେ କଲେଜରେ ରହି ଏକ୍ସପେରିମେଣ୍ଟ ସର୍ଜରୀ ଭଳି ନୂଆ ବିଭାଗ ଖୋଲିବାକୁ ଚେଷ୍ଟାକର । ତାପାଇଁ ବି ଗଗନ ମିଶ୍ର ଲାଗିଥାନ୍ତି । ସେଭଳି ପ୍ରଚେଷ୍ଟାରେ ସଫଳ ହେବି, ଏ ବିଶ୍ୱାସ ବି ମୋର ନଥିଲା ।

ମୁଁ ପୂର୍ବଭଳି କ୍ଲିନିକାଲ ଟ୍ୟୁଟର ପୋଷ୍ଟରେ ରହି ପାଠ ପଢ଼ାଉଥାଏ । ତିନିବର୍ଷ ଗଲାଣି । ତଥାକଥିତ ପ୍ରମୋସନ ଅର୍ଡର ଆସିଲା ରେଜିଷ୍ଟ୍ରାର ଭାବେ। ଅଧିକ ଭତ୍ତା, ମାସକୁ ୮୭୫/- । କିନ୍ତୁ ବଦଳି ବୁର୍ଲାକୁ ।

ବୁର୍ଲା ନୂଆ କଲେଜ । ସେଠି ଚଳିବା କଷ୍ଟକର । ମୁଁ ବହୁ ଚିନ୍ତାକରି ଜୀବନର ସବୁ ଆଶା ଭରସାକୁ ଜଳାଞ୍ଜଳି ଦେଇ ସବୁଦିନ ପାଇଁ କଲେଜ ଚାକିରୀ ଛାଡ଼ି ୫.୧୨.୬୮ରେ ଲୁହଭିଜା ଆଖିରେ ଗଲି ବାରିପଦା ସର୍ଜିକାଲ ସ୍ପେଶାଲିଷ୍ଟ ଭାବେ ।

ଠଠଠ

Digitized by srujanika@gmail.com

# ସର୍ଜରୀ ସ୍ପେଶାଲିଷ୍ଟ

## ୬.୧୨.୬୮ ରୁ ୩.୮.୭୦

୧୯୬୮ ମସିହା ଡିସେମ୍ବର ପ୍ରଥମ ସପ୍ତାହରେ ମୁଁ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜରୁ ସର୍ଜରୀରେ ସ୍ନାତକୋତ୍ତର ଉପାଧି ଏମ୍.ଏସ୍. ହାସଲ କଲି । ଏମ୍.ଏସ୍. ପାଇବାରେ କୌଣସି ମାଦକତା ବା ଆନନ୍ଦ ଉଲ୍ଲାସ ନ ଥିଲା । ବିଲାତ ଯାଇ ନ ଥିଲେ ପାଂଚବର୍ଷ ପୂର୍ବରୁ ଏତକ ମିଳିଥାନ୍ତା । ଚାକିରୀ ବା ପ୍ରମୋସନ ପାଇଁ ଏତକ ଦରକାର । ବିଦ୍ୟାବୁଦ୍ଧିରେ ବିଶେଷ ପରିବର୍ତ୍ତନ ନାହିଁ ।

ଏବେ ମୋ ସାଙ୍ଗମାନଙ୍କ ଅଧୀନରେ ମୋତେ କାମ କରିବାକୁ ପଡୁଛି । ମୁଁ ମେଡ଼ିକାଲ କଲେଜରେ କ୍ଲିନିକାଲ ଟ୍ୟୁଟର ଭାବେ କାମ କରୁଥାଏ । ଆଉ ନୂଆ କଲେଜ ହେବ ବା ଏଇ ଗୋଟିଏ କଲେଜରେ ଭିନ୍ନ ଭିନ୍ନ ବିଭାଗ ନିକଟରେ ଖୋଲିବ; ଏଭଳି ସମ୍ଭାବନା ନଥିଲା । ମୁଁ ପ୍ରଫେସର ଓ ମୋର ହିତାକାଂକ୍ଷୀମାନଙ୍କ ସହ ପରାମର୍ଶ କରୁଥାଏ । ଅଧ୍ୟାପନା ପ୍ରତି ମୋର ଦୁର୍ବଳତା । ସେହି ଆଶାରେ ବିଲାତ ଯାଇଥିଲି । ଯେଉଁ କେଇଦିନ କ୍ଲିନିକାଲ ଟ୍ୟୁଟର ଭାବେ କାମ କରିଛି ବେଶ୍ ସୁନାମ ଅର୍ଜନ କରିଛି । ମୋ ଛାତ୍ର ତଥା ଶିକ୍ଷକମାନେ ଖୁବ୍ ଖୁସି । ମୁଁ ପ୍ରତିଦିନ ଘରେ ପଢ଼ାପଢ଼ି କରି କ୍ଲାସକୁ ଆସୁଥାଏ । ପ୍ରଫେସର ମଧୁସୂଦନ ଖାଡ଼ଙ୍ଗା ପରାମର୍ଶ ଦେଲେ ଏକ ଏକ୍ସପେରିମେଣ୍ଟାଲ ସର୍ଜରୀ ଭଳି ନୂଆ ବିଭାଗ ଖୋଲ । ନିଜେ ଲାଗିପଡ଼ ହୋଇଯିବ । ଆଉ ତମେ ସେଇ ବିଭାଗ ଚାର୍ଜରେ ରହିବ ।

ଏତିକି ବେଳେ ବୁର୍ଲା ମେଡ଼ିକାଲ କଲେଜକୁ ରେଜିଷ୍ଟ୍ରାର ଭାବେ ବଦଳି ହେଲା । ଏକା ପାହିଆ ହେଲେବି ଅଧିକ ଭତ୍ତା ମାସକୁ ଟ୭୫/- । ଜନ ମାନବ ଶୂନ୍ୟ ବୁର୍ଲା । ଅର୍ଡର ଦେଖି ମୁଁ ବାଇଆ ହୋଇଗଲି । ଆଖିରୁ ନିଦ ହଜିଗଲା । କାହାଠୁ କି ପରାମର୍ଶ ନେବି ।

ଠିକ୍ ଏଇ ୧୯୬୮ ମସିହାରେ ସରକାର ମେଡିସିନ୍ ଓ ସର୍ଜରୀ ସ୍ପେଶାଲିଷ୍ଟ ପୋଷ୍ଟ ତିନୋଟି ଡାକ୍ତରଖାନରେ ଖୋଲିଥିଲେ - ଭୁବନେଶ୍ୱର କାପିଟାଲ ହସ୍ପିଟାଲ, କୋରାପୁଟ ଜିଲ୍ଲା ସଦର ମହକୁମା ହସ୍ପିଟାଲ ଓ ବାରିପଦା ହସ୍ପିଟାଲ । ବିଶେଷଜ୍ଞ ଭତ୍ତା । ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ସୁବିଧା ।

କଲେଜ ଛାଡ଼ିବାକୁ ପଡ଼ିବ । ପରେ ଆସିଲେ ବି ଆହୁରି ଜୁନିଅର ହୋଇଯିବ । ସୁତରାଂ ଭବିଷ୍ୟତରେ କଲେଜକୁ ଫେରିବାର ଆଶା ତୁଟାଇବାକୁ ପଡ଼ିବ। ଏଇ ମାନସିକ ଦ୍ୱନ୍ଦ୍ୱ ।

Digitized by srujanika@gmail.com

ମୟୂରଭଂଜ ସିଭିଲସର୍ଜନ ଶ୍ରୀରାମ ଚନ୍ଦ୍ର ଭଂଜ ମେଡ଼ିକାଲ କଲେଜ ହସ୍‌ପିଟାଲକୁ ଅଧୀକ୍ଷକ ଭାବେ ବଦଳି ହୋଇ ଆସିଥାନ୍ତି । ସେ ମୋର ଜଣେ ଶୁଭାକାଂକ୍ଷୀ । ସେ କହିଲେ ବାରିପଦା ଡାକ୍ତରଖାନରେ ୨୫୦ ଶଯ୍ୟା । ସେଥିରୁ ସର୍ଜରୀ ପାଇଁ ପଚାଶ ଶଯ୍ୟା ସଂରକ୍ଷିତ । ଭଲ ଅପରେସନ ଗୃହ । ସମସ୍ତ ପ୍ରକାର ଯନ୍ତ୍ରପାତି ରହିଛି । ଏଠି ପ୍ରଫେସରଙ୍କର ୫୦ଟି ଶଯ୍ୟା । ତୁମେ କେବେ ପ୍ରଫେସର ହେବ । କାହିଁକି ଏଠି ପଡ଼ି ରହିବ । ତାଙ୍କ କଥାଟା ମନକୁ ପାଇଲା । ସୁପରାମର୍ଶ ଦେବାକୁ ଆଉ କେହି ନଥିଲେ । କଲେଜ ଅଧ୍ୟାପକ ହେବାର ବହୁଦିନର ଆଶା ଆକାଂକ୍ଷାକୁ ଜଳାଞ୍ଜଳି ଦେଇ ବାରିପଦା ଯିବାକୁ ସ୍ଥିର କଲି ।

ସ୍ୱାସ୍ଥ୍ୟ ବିଭାଗ ଡାଇରେକ୍ଟରଙ୍କ ଅଫିସକୁ ଅର୍ଡର ପରିବର୍ତ୍ତନ ପାଇଁ ଧାଇଁଲି । ସେମାନେ କହିଲେ ଭବିଷ୍ୟତରେ ଆଉ ଦାବୀ ନକରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡ଼ିବ । ଏ କିରାଣୀଙ୍କ ଖେଳ ମତେ ପ୍ରଭାବିତ କରି ପାରିଲାନି । ମୁଁ ରାଜି ହୋଇଗଲି । ଅର୍ଡର କରିବେ ହେଲ୍‌ଥ ସେକ୍ରେଟାରୀ । ପୁଣି ମନ୍ତ୍ରୀଙ୍କ ସହମତି ଆବଶ୍ୟକ । କାରଣ ବୁର୍ଲାକୁ କେହି ଯିବାପାଇଁ ରାଜି ନୁହନ୍ତି । ମୁଁ ଜଣେ ରାଜନେତାଙ୍କ ସହାୟତାରେ ତତ୍‌କାଳୀନ ସ୍ୱାସ୍ଥ୍ୟ ଉପମନ୍ତ୍ରୀ ଗୋବିନ୍ଦ ମୁଣ୍ଡାଙ୍କ ଠାରୁ ସହମତି ନେଇ ଆସିଲି । ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଦୀପ୍ତ ବାବୁ ଚିହ୍ନା ହେଲେ ବି ତାଙ୍କ ପାଖକୁ ଯାଇ ନଥିଲି । ଯାଇଥିଲେ ହୁଏତ ସେ ମତେ ଏ ନିଷ୍ପତ୍ତି ବଦଳାଇବାକୁ କହି ପାରିଥାନ୍ତେ, ଜଣେ ଶୁଭେଚ୍ଛୁ ଭାବେ । ଯାହା ବିଧି ନିର୍ଦ୍ଦିଷ୍ଟ ତାହା ନିଶ୍ଚିତ ହେବ । କେହି ରୋକି ପାରିବେ ନାହିଁ ।

ମୋ କହିବା ମତେ ବାରିପଦା ହସ୍ପିଟାଲରେ ମତେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଭାବେ ଅବସ୍ଥାପିତ କରାଗଲା । ତା ପୂର୍ବରୁ ଡାକ୍ତର ପନ୍ନଗ ଭୂଷଣ ଦାଶଙ୍କୁ ସେଠାରେ ଅବସ୍ଥାପିତ କରାଯାଇଥାଏ । ସେ କାର୍ଯ୍ୟଭାର ଗ୍ରହଣ କରି ନଥାନ୍ତି । ଏତକ ଜାଣିବା ପରେ ସେଇ କିରାଣୀ ମାନଙ୍କ ପରାମର୍ଶରେ ମୁଁ ରାତାରାତି ଗାଡ଼ି ଛୁଟାଇ ଡିସେମ୍ବର ୬ ତାରିଖ ସକାଳ ୭ଟା ବେଳେ ବାରିପଦାରେ ପହଁଚିଲି ।

ସର୍ଜନ ବାବୁ (ଭାରପ୍ରାପ୍ତ ସର୍ଜନ) ଥାନ୍ତି ଡାକ୍ତର ଦୀନବଂଧୁ ଦାଶ । ସିଭିଲ ସର୍ଜନ କିରଣ ଘୋଷ । ଦୀନବଂଧୁ ବାବୁ ଆଗରୁ ଜଣାଶୁଣା । ତାଙ୍କ ଘର ଅସୁରେଶ୍ୱର । ମୋ ଶଶୁର ଘର ପାଖରେ । ତାଙ୍କୁ ମୋ ଯୋଗଦାନ ପତ୍ର ଦେଲି । ସେ କହିଲେ ପନ୍ନଗ ଆସିଗଲେଣି । ତୁମେ ପିଛିଲା ତାରିଖରେ ଜଏନିଂ ରିପୋର୍ଟ ଦିଅ । ମୁଁ ତାହାହିଁ କଲି । ସେ ତାକୁ ସିଭିଲ ସର୍ଜନ ଅଫିସକୁ ପଠାଇ ଦେଲେ । ପନଙ୍ଗ ବାବୁ ସିଭିଲ ସର୍ଜନ ଅଫିସରେ ଜଏନିଂ ରିପୋର୍ଟ ଦେଇଥିଲେ। ଦୀନବଂଧୁ ବାବୁ ମୋ ଜଏନିଂ ରିପୋର୍ଟ ଗ୍ରହଣ କରି ମତେ ୱାର୍ଡକୁ ପଠାଇଦେଲେ କାମ କରିବାକୁ । ମୁଁ ସିଧା ସିଧା ୱାର୍ଡ୍‌କୁ ପଳାଇ ଆସିଲି । ମୁଁ ୱାର୍ଡରେ ବୁଲି ରୋଗୀ ଦେଖୁଥିବା ବେଳେ ସିଭିଲ ସର୍ଜନ କିରଣ ଘୋଷ ଆସିଲେ । ମୁଁ ନମସ୍କାର କରି କହିଲି କାଲିଠାରୁ ଆସିଲିଣି । ୱାର୍ଡରେ ଦିନେ ଦିଦିନ କାମ କରି ସୁବିଧା ଅସୁବିଧା ଆପଣଙ୍କୁ ଜଣାଇଥାନ୍ତି । ପ୍ରାରମ୍ଭରୁ ମିଥ୍ୟାର ଆଶ୍ରୟ ।

କିରଣ ବାବୁ କିଛିଟା ଅସ୍ଥିଶଲ୍ୟ ଚିକିତ୍ସା ସମ୍ବନ୍ଧରେ ଜାଣନ୍ତି ବୋଲି ତାଙ୍କର ଗର୍ବ । ସେ କେଉଁଠି ସହକାରୀ ଅଧ୍ୟାପକ ଭାବେ କାମ କରିଛନ୍ତି - ମୋର ତ ବିଲାତ ଅଭିଜ୍ଞତା ଥିଲା । ମୁଁ ଖଂଜା ରୋପଣ (ରିପ୍ଲେସ୍‌ମେଣ୍ଟ ଆର୍ଥ୍ରୋପ୍ଲାଷ୍ଟି)

Digitized by srujanika@gmail.com

ଉପରେ ଗୋଟିଏ ଛୋଟକାଟିଆ ଭାଷଣ ଦେଲି । ସେତିକିରେ ତାଙ୍କର ପନଙ୍ଗ ବାବୁଙ୍କ ପାଇଁ ଯେଉଁ ଦରଦ ଥିଲା ତାହା ଶୀତଳ ଭଣ୍ଡାରରେ ରହିଗଲା ।

ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ପାଖକୁ ଲେଖାଲେଖି ହେଲା । ସବୁଠି ତ ଧରାଧରି । ଶେଷରେ ମୋ ଯୋଗଦାନ କାଏମ ରହିଲା । କଟିକିଆ ଚାଲ । ପନଙ୍ଗବାବୁ କିଛିଦିନ ରହିବାପରେ କେଉଁଝର ଚାଲିଗଲେ ।

ମୁଁ ବାରିପଦା ଏକା ଆସିଥାଏ । ମୋ ଗାଡ଼ି ମୁଁ ନିଜେ ଚଳାଉଥାଏ । ରହିବି କେଉଁଠି ? କ୍ୱାଟର୍‌ସ ନାହିଁ । ଗାଡ଼ି ସର୍ଜନ ବାବୁଙ୍କ ଗାରେଜରେ ରଖିଲି । ମୋ ବଂଧୁ ଡାକ୍ତର ବ୍ରଜ ଗୋପାଳ ଜେନା ଥାନ୍ତି ଚକ୍ଷୁରୋଗ ବିଶେଷଜ୍ଞ । ତାଙ୍କ ବସା ସର୍ଜନ ବାବୁଙ୍କ ବସା ପାଖରେ । ଗୋଟିଏ ହତା କହିଲେ ଚଳେ । ସେଇଠି ରହିଲି । କି ଶ୍ରଦ୍ଧା ! କି ସ୍ନେହ ! ଘରେ ସେ ନିଜେ, ତାଙ୍କ ସ୍ତ୍ରୀ ଓ ଛୋଟ ପୁଅଟିଏ ।

ଜେନାବାବୁ ବାଲେଶ୍ୱରର । ତାଙ୍କ ସ୍ତ୍ରୀ ବଂଗାଳି । ଉଭୟେ ମାଛ ପ୍ରିୟ । ଦୁଇବେଳା ମାଛ । ବାରିପଦାରେ ମାଛ ଶସ୍ତା । ମାଛ ବାଲେଶ୍ୱରରୁ ଆସେ। ସବୁ ସମୁଦ୍ର ମାଛ । ଦୀନବଂଧୁ ବାବୁଙ୍କ ଘରେ ବି ସମୟ ସମୟରେ ଖାଏ । ତାଙ୍କ ସ୍ତ୍ରୀ ବହୁତ ସମ୍ମାନ ଦିଅନ୍ତି ।

ପ୍ରତିଦିନ ସଂଧ୍ୟାରେ ଆମେ ଦୁଇଜଣ (ଜେନାବାବୁ ଓ ମୁଁ) ଭଡ଼ାଘର ଖୋଜିବାକୁ ଯାଉ । ଜେନାବାବୁ ଜଣାଶୁଣା ହୋଇଗଲେଣି । ଯେଉଁଠିକୁ ଯାଉ ତାଙ୍କ ଘରେ ଜଳଖିଆ ଖାଇବାକୁ ମିଳେ । ବାରିପଦାରେ ଭଡ଼ାଘର ମିଳିବା କଷ୍ଟ । ମୁଁ ତାଙ୍କ ଘରେ ବେଶିଦିନ ରହିବାକୁ ଭଲ ପାଉ ନ ଥିଲି । ଯା ହେଉ ପ୍ରାୟ ୧୫ ଦିନ ଭିତରେ ଗୋଟିଏ ଭଡ଼ାଘର ମିଳିଲା । ଘର ବୋଇଲେ ବଖୁରାଟିଏ, ଖଣ୍ଡେ ବାରଣ୍ଡା । ଘର ମାଲିକାଣୀ ବଂଗାଳୀ । ଝିଅ ତାଙ୍କର ସ୍ଥାନୀୟ ସ୍କୁଲରେ ଶିକ୍ଷୟିତ୍ରୀ । ଆଉ କେହି ନାହାନ୍ତି । ମୁଁ ଆଉ ଅଧିକ ଦିନ ଜେନାବାବୁଙ୍କ ବୋଝ ହେବାକୁ ଚାହୁଁ ନ ଥିଲି । ତେଣୁ ସେଠି ରହିବାକୁ ରାଜି ହୋଇଗଲି ।

ସେ ଭଦ୍ର ମହିଳା ପ୍ରତିଦିନ ସକାଳେ ମୋ ପାଇଁ ଜଳଖିଆ ପ୍ରସ୍ତୁତ କରି ଦିଅନ୍ତି । ବଙ୍ଗାଳି ଖାନା । ବିଲାତରେ ଲାଣ୍ଡଲେଡିର ବେଡ୍ ବ୍ରେକ୍‌ଫାଷ୍ଟ କଥା ମନେ ପଡ଼ିଲା । ଯା ହେଉ ଅଳ୍ପଦିନ ପରେ ଜଣେ ଡାକ୍ତର ବାବୁଙ୍କ ଘର ଖାଲି ହେଲା । ସେଇଟି ମୁଁ ପାଇଗଲି । ଯୁବିଲି ଲାଇବ୍ରେରୀ ପାଖରେ ତାଙ୍କ ଘର । ଅଗଣାରେ ଗୋଟେ ବେଲଗଛ । ସେଠିକା ମାଇନିଂ ଅଫିସରଙ୍କ ଗାରେଜଟି ବି ଖାଲି ପଡ଼ିଥିଲା । ସେଇଟି ବ ଏ ଭଡ଼ାଘର ପାଖକୁ । ମୁଁ ସେଠିକୁ ଉଠିଗଲି । ବେଶ୍ ଆରାମରେ ରହିଲି । ଗୋଟେ ପିଲା ରୋଷେଇ କରିଦେଲା ।

ଭେଷଜ ବିଶେଷଜ୍ଞ ଥାନ୍ତି କାଶୀନାଥ ବିଶୋଇ । ମୋ ଠାରୁ କନିଷ୍ଠ । ବୟସରେ ବି ସାନ । ହେଲେ ବହୁତ ଖାତିର । ବହୁତ ଲୋକପ୍ରିୟ । ତାଙ୍କ ସହ ଆଳାପ ଆଲୋଚନା ପରେ ବାରିପଦାର ଡାକ୍ତରୀ ପ୍ରାକ୍ଟିସ ସମ୍ବନ୍ଧରେ ଗୋଟେ ସ୍ଥୁଳ ଧାରଣା କରିନେଲି ।

ବାରିପଦା ମୟୂରଭଂଜର ରାଜଧାନୀ । ମୟୂର ଓ ଭଂଜବଂଶର ରାଜାମାନେ କ୍ରମାନ୍ୱୟରେ ଅବିଚ୍ଛିନ୍ନ ଭାବେ ପ୍ରାୟ ହଜାରେ ବର୍ଷ ଧରି ଶାସନ କରିଥିବାରୁ ଏ ରାଜ୍ୟର ନାମ ମୟୂରଭଂଜ । ମୟୂରଭଂଜ ଓଡ଼ିଶାରେ ମିଶିଥିବା ୨୪ଟି ଦେଶୀୟ

Digitized by srujanika@gmail.com

ରାଜ୍ୟ ମାନଙ୍କ ମଧ୍ୟରେ ଅନ୍ୟତମ ଓ ସର୍ବବୃହତ । ଏଇଠି ଓଡ଼ିଶାରେ ମିଶିଥିବା ଗଡ଼ଜାତ ଗୁଡ଼ିକର ଐତିହାସିକ ପୃଷ୍ଠଭୂମି ସମ୍ବନ୍ଧରେ କେଇଧାଡ଼ି ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ।

୧୯୩୬ ଏପ୍ରିଲ ପହିଲାରେ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ କରାଗଲା । ସେହିବର୍ଷ ଓଡ଼ିଶା ଷ୍ଟେଟ୍ ଏଜେନ୍ସି ଅଧୀନରେ ୨୬ଟି ଗଡ଼ଜାତ ରହିଲା । ସେଗୁଡ଼ିକୁ ୩ ଶ୍ରେଣୀରେ ବିଭକ୍ତ କରାଗଲା କ(୧୧), ଖ(୧୨) ଓ ଗ(୩) । ୧୯୪୭ ଅଗଷ୍ଟ ପହିଲାରେ ଓଡ଼ିଶା ସହ ମିଶ୍ରଣ ପାଇଁ ଦାବୀ କରୁଥିବା ପ୍ରଜା ଆନ୍ଦୋଳନକୁ ପ୍ରତିହତ କରିବାକୁ ବଲାଙ୍ଗିର ରାଜା, ରାଜେନ୍ଦ୍ରନାରାୟଣ ସିଂଦେଓଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟସଂଘ ଗଢ଼ାହେଲା । ୧୯୪୭ ସେପ୍ଟେମ୍ବର ୧୬ ତାରିଖରେ ମୟୂରଭଂଜ ମହାରାଜା ପ୍ରତାପ ଚନ୍ଦ୍ର ଭଂଜଦେଓ ପ୍ରଜା ମନୋରଂଜନ ନାମରେ ଶରତଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ତିନି ଜଣିଆ ମନ୍ତ୍ରୀମଣ୍ଡଳ ଗଢ଼ି ଶାସନ ଚଳାଇଲେ ।

୧୯୪୭ ନଭେମ୍ବର ୨୦ ତାରିଖରେ ଘରୋଇ ସଚୀବ ଭି.ପି. ମେନନଙ୍କ ପ୍ରକୋଷ୍ଠରେ ଓଡ଼ିଶାରେ ଗଡ଼ଜାତ ରାଜ୍ୟ ଗୁଡ଼ିକର ମିଶ୍ରଣ ପାଇଁ ସମସ୍ତେ ଏକମତ ହେଲେ । ସର୍ଦ୍ଦାର ପଟେଲ ଦେଶୀୟ ରାଜ୍ୟସଂଘକୁ ଭାଙ୍ଗି ଦେବାକୁ ପରାମର୍ଶ ଦେଲେ । ୧୪.୧୨.୪୭ରେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଓ ସର୍ଦ୍ଦାର ପଟେଲଙ୍କ ଚାପରେ ସବୁରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ। ୨୩.୧୨.୪୭ରେ ଏଇ ୨୬ଟି ଗଡ଼ଜାତ ଶାସନଭାର ଓଡ଼ିଶାକୁ ଅର୍ପଣ କରାଗଲା । ୧୯୪୮ ଜାନୁଆରୀ ପହିଲାରୁ ଏହା କାର୍ଯ୍ୟକାରୀ ହେଲା ।

ମୟୂରଭଂଜ ମହାରାଜା ପ୍ରଜା ସମ୍ମତ ଶାସନ ଚଳାଉଛନ୍ତି ବୋଲି ଯୁକ୍ତି ବାଢି ସମୟ ଗଡ଼ାଇଲେ । ଅବଶେଷରେ ୧୬.୮.୪୮ରେ ମୟୂରଭଂଜ ଭାରତ ସହ ମିଶିଲା । ୧୯୪୯ ଜାନୁଆରୀରେ ଭାରତ ସରକାର ଏହି ରାଜ୍ୟକୁ ଓଡ଼ିଶା ସରକାରଙ୍କୁ ପ୍ରତ୍ୟାର୍ପଣ କଲେ ।

ଏଇ ସୁଯୋଗରେ ୧୯୪୮ରେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ସାହସରେ ବିହାରୀ ମାନଙ୍କ ପ୍ରରୋଚନାରେ ଷଢ଼େଇକଳା ଖରସୁଆଁରେ ଆଦିବାସୀ ମାନଙ୍କ ଦ୍ୱାରା ଆନ୍ଦୋଳନର ସୂତ୍ରପାତ ହେଲା । ଓଡ଼ିଶାରୁ ମୟୂରଭଂଜ ବାଟ ଦେଇ ଷଢ଼େଇକଳା ଯିବାକୁ ହୁଏ । ତାହାହିଁ ଏକମାତ୍ର ବାଟ । ମୟୂରଭଂଜ ଓଡ଼ିଶାରେ ମିଶି ନଥିବାରୁ ଓଡ଼ିଶାର ପୁଲିସ ବାହିନୀ ଷଢ଼େଇକଳା ଖରସୁଆଁ ଯାଇଁ ଆନ୍ଦୋଳନ ଦମନ କରି ପାରିଲେ ନାହିଁ । ଏ ଦୁଇ ରାଜ୍ୟକୁ ବିହାର ସହିତ ମିଶାଇ ଦିଆଗଲା । ସୀମା ଆନ୍ଦୋଳନ ସତ୍ତ୍ୱେ ସୀମା କମିଶନ, ଚାପର ବଶବର୍ତ୍ତୀ ହୋଇ ଏ ଦୁଇ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଓଡ଼ିଶାରେ ମିଶାଇଲେ ନାହିଁ । ମୟୂରଭଂଜ ମହାରାଜା ସମୟ ଉପଯୋଗୀ ସିଦ୍ଧାନ୍ତ ନନେବାରୁ ଆମେ ଦୁଇଟି ଗଡ଼ଜାତ ହରାଇଲୁ ।

ବାରିପଦା ହସ୍ପିଟାଲ ମହାରାଜାଙ୍କ ଅବଦାନ । ୨୫୦ ଶଯ୍ୟା । ଓଡ଼ିଶାର ଏକମାତ୍ର ମେଡ଼ିକାଲ କଲେଜ ତାଙ୍କରି ନାମରେ ନାମିତ। ତାଙ୍କ ଦାନର ସୀମା ନାହିଁ । ହସ୍ପିଟାଲରେ ୫୦ଟି ସର୍ଜିକାଲ ବେଡ଼ । ସର୍ଜନ ବହୁତ । ସିଭିଲ ସର୍ଜନ, ସର୍ଜନବାବୁ, ସର୍ଜରୀ ସ୍ପେଶାଲିଷ୍ଟ । ହେଲେ ବିଶେଷ କିଛି ଅସୁବିଧା ନଥିଲା । ସିଭିଲ ସର୍ଜନ ତ ପ୍ରାୟ କିଛି କରନ୍ତି ନାହିଁ । ଗୋଟେ ଦୁଇଟି ହାଡ଼ଭଙ୍ଗା କେଶ୍

Digitized by srujanika@gmail.com

ଆସିଲେ ପ୍ଲାଷ୍ଟର କରନ୍ତି । ସେମିତି ସର୍ଜନବାବୁ ଗୋଟେ ଦୁଇଟା ହାଇଡ୍ରୋସିଲ ଅପରେସନ କଲେ ଖୁସି । ତାଙ୍କ ଫିସ୍ ଦଶଟଙ୍କା । ଆଜି କାଲିକା ପରି ଟଙ୍କା ପାଇଁ ଟଣା ଓଟରା ହେଉ ନଥିଲା । ସେ ଦୁଇଜଣ ଯେଉଁ କେତୋଟି ରୋଗୀଙ୍କୁ ରଖୁଥିଲେ ମୁଁ ସେମାନଙ୍କୁ ବେଶ୍ ପ୍ରାଧାନ୍ୟ ଦେଉଥିଲି ଓ ସେମାନଙ୍କ ଭଲ ମନ୍ଦ ଖବର ପ୍ରଥମେ ପଚାରି ବୁଝୁଥିଲି ।

ମତେ ସାହାଯ୍ୟକରିବାକୁ ଥିଲେ ଆଉଜଣେ ସହକାରୀ ସର୍ଜନ- ଡାକ୍ତର ସଜଳେନ୍ଦୁ ମାଳାକାର । ସେ ଜଣେ ଅବସରପ୍ରାପ୍ତ ସିଭିଲ ସର୍ଜନଙ୍କ ପୁଅ । ବାରିପଦା ସହରର ପିଲା । ଖୁବ୍ ଶାନ୍ତଶିଷ୍ଟ । ମୁଁ ତାଙ୍କୁ ମୋ ଛୁଆ ଭାଇ ଭଳି ଦେଖୁଥିଲି । ସେ ମଧ୍ୟ ମତେ ସମ୍ମାନ ଦେଉଥିଲେ । ଭଲ ପାଉଥିଲେ ବି । ଆମର ସେ ପୂର୍ବ ସଂପର୍କ ରହିଛି । ସେ ଭୁବନେଶ୍ୱରରେ ତାଙ୍କ ନର୍ସିଂହୋମ କରିଛନ୍ତି ।

ସର୍ଜରୀ ସ୍ପେଶାଲିଷ୍ଟ ପୋଷ୍ଟ ନୂଆ । ଆଗରୁ ଦୂର ଦୂରାନ୍ତରରେ ଅପରେସନ ହେଉ ନ ଥିଲା । ମୁଁ ଟିକିଏ ଆଗ୍ରହ ସହକାରେ କାମ କଲି । ବିଭିନ୍ନ ପ୍ରକାର ଅପରେସନ ବି । ସେ କାଳରେ ନିଶ୍ଚେତକ ନଥିଲେ। ଆମକୁ ସବୁ କରିବାକୁ ପଡ଼େ । ଡାକ୍ତର ମାଳାକାର ନିଶା ଦିଅନ୍ତି । ଅପରେସନରେ ବି ସାହାଯ୍ୟ କରନ୍ତି । ବିଲାତରୁ ଫେରିଛି । ଗାଡ଼ି ଖଣ୍ଡିଏ ଅଛି, ବୟସ ବେଶୀ ନୁହେଁ । ସ୍ଥାନୀୟ ଲୋକେ ଓ ସହକର୍ମୀ ମାନଙ୍କ ସହଯୋଗରୁ ଖୁବ୍ ଶୀଘ୍ର ନାଁ ହୋଇଗଲା । କେତେଗୁଡ଼ିଏ ଅପରେସନ କେଶ୍‌ର ଅବତାରଣା ଏଠାରେ କରୁଛି ।

ବାରିପଦାର ଜଣେ ଅବସରପ୍ରାପ୍ତ ମିଉଜିଅମ ତତ୍ତ୍ୱାବଧାରକ - କ୍ୟୁରେଟର । ନାମ ତାଙ୍କର ପରମାନନ୍ଦ ଆଚାର୍ଯ୍ୟ । ସହରରେ ଖ୍ୟାତି ଅଛି । ବୟସ ଅଶୀ ପାଖାପାଖି । ତାଙ୍କ ପୁଅ ବାବୁଲି ବିଦ୍ୟୁତ ବିଭାଗର କଣ୍ଟ୍ରାକ୍‌ଟର । ପରମାନନ୍ଦ ବାବୁଙ୍କର ହାର୍ଣିଆ ଥିଲା । ମତେ ଡାକିଲେ ଦେଖିବାକୁ । ମୁଁ ଦେଖିକରି କହିଲି, ମୁଁ ଅପରେସନ କରିଦେବି । ଆପଣଙ୍କୁ କଷ୍ଟ ହେବନି । ସେ ରାଜି ହେଲେ । ଡାକ୍ତର ମାଳାକାରଙ୍କ ସହାୟତାରେ ବଧିରା ଇଂଜେକ୍ସନ ଦେଇ ତାଙ୍କ ଅପେରସନ କରିଦେଲି । ସେ ସାତଦିନ ପରେ ଭଲହୋଇ ଘରକୁ ଚାଲିଗଲେ । ତାଙ୍କ ପୁଅ ମତେ ଗୋଟିଏ ଟେବୁଲ୍ ଫ୍ୟାନ ଉପହାର ଦେଇଥିଲେ । ମୁଁ ତାକୁ ଏ ପର୍ଯ୍ୟନ୍ତ ସ୍ମାରକୀ ଭାବେ ସାଇତି ରଖିଛି । ସେ 'ମୁଁ ଭଲ ସର୍ଜନ' ବୋଲି କହି ବୁଲିଲେ। ଡାଃ. ଜେନା ଓ ଡାଃ. ବିଶୋଇ ମଧ୍ୟ ମୋ ସପକ୍ଷରେ କହୁଥାନ୍ତି ।

ଏଇ ସମୟର ଆଉ ଗୋଟିଏ ଘଟଣା । ରାଜେନ୍ଦ୍ର ପ୍ରସାଦ ମିଶ୍ର ବୋଲି ଜଣେ ସ୍କୁଲ ଛାତ୍ର । ଗୁଜରାଟି ପିଲା । ସ୍ୱଚ୍ଛଳ ପରିବାରର ନୁହନ୍ତି । ଘରେ ଆସି ଦେଖାକଲେ । ତାଙ୍କ ଜନନେନ୍ଦ୍ରିୟ ବହୁତ ମୋଟା ହୋଇ ଯାଇଛି - ଫାଇଲେରିଆ ପାଇଁ । ଏଇଟାକୁ ଆମେ କହୁ ଏଲିଫାଣ୍ଟିଆସିସ୍ ପେନିସ୍ । ସେଠି ଏ ଭଳି କେଶ୍ କେହି ଦେଖି ନଥାନ୍ତି । ମୁଁ ଗିରିଜା ବାବୁଙ୍କ ପାଖରେ ଥିବା ବେଳେ ୧୫/୨୦ କେଜିର ଗୋଡ଼କାଟି ଚମଡ଼ା ପକାଇ ଭଲ କରିଛି । ମୁଁ ସେ ପିଲାକୁ ଅଭୟ ଦେଲି, ଭଲ କରିଦେବି । ତାଙ୍କ ବାପା ଆସି ଦେଖାକଲେ ।

ମୁଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲି । ସେମିତି ବଧିରା ଇଂଜେକ୍‌ସନ ଦେଇ ମୋଟା ଅଂଶଟିକୁ କାଟି ବାହାର କରିଦେଲି । ଜଙ୍ଘରୁ ଚମଡ଼ା ନେଇ ତା ଉପରେ ପକାଇ ଦେଲି । ପରିସ୍ରା ପାଇଁ ପେଟ ଉପରେ କଣା କରି ଗୋଟେ

Digitized by srujanika@gmail.com

ପାଇପ୍ ଦେଇଦେଲି । ୧୫/୨୦ ଦିନ ପରେ ସେ ତାଙ୍କ ସ୍କୁଲକୁ ଗଲେ । ସେଇ ଦିନରୁ ମୋତେ କକା ବୋଲି ଡାକନ୍ତି । ସେ ଦିଲ୍ଲୀରେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ମୁଁ ତାଙ୍କ ପାଖରେ ଯାଇ ରହିଛି । ଆମେ କାଶ୍ମୀର ଭ୍ରମଣରେ ଯାଇଛୁ । ମୋ ପିଲାମାନେ ଦିଲ୍ଲୀ ଗଲେ ତାଙ୍କ ଘରେ ରହନ୍ତି । ତାଙ୍କର ଦୁଇଟି ପିଲା । ବଡ଼ ଚାକିରୀ କରେ। ହେଲେ କଟକ ଯେବେ ଆସନ୍ତି ମୋ ପାଖକୁ ଆସନ୍ତି । ମୁଁ ମଧ ମୋ ପୁଅଠାରୁ ବଳି ତାଙ୍କୁ ଭଲପାଏ । ଇଏ ହେଲା ଡାକ୍ତର ରୋଗୀ ସଂପର୍କ ।

ଗୋଟିଏ ବଡ଼ ଅପରେସନ ଜୁଟିଲା । ବର୍ଜରସ ଡିଜିଜ୍ । ସମ୍ଭବତଃ ବାଲେଶ୍ୱର ଜିଲ୍ଲା ଲୋକ । ଏ ରୋଗରେ ଗୋଡ଼ ବିଂଧେ । ଆଙ୍ଗୁଠି ସବୁ ଛିଡ଼ି ଝଡ଼ି ପଡ଼େ । ବହୁ ଯନ୍ତ୍ରଣା ଦାୟକ । କୌଣସି ଔଷଧ କାମ କରେନି । ତାଙ୍କୁ ଡାକ୍ତରଖାନାରେ ରଖିଲି ।

ଡାକ୍ତର ମାଳାକାର ନିଶା ଦେଲେ । ପନଙ୍ଗ ବାବୁ ସେ ପର୍ଯ୍ୟନ୍ତ ବାରିପଦା ଛାଡ଼ି ନଥାନ୍ତି । ସେ ବି ଜଣେ ଭଲ ସର୍ଜନ । ସେ ସାହାଯ୍ୟ କଲେ । ଆମେ ଦୁହେଁ ମିଶି ଲମ୍ବର ସିମ୍ପାଥେକ୍ଟୋମି ଅପରେସନ କଲୁ । ପ୍ରଥମ ଲମ୍ବର ଗାଙ୍ଗିଲିଅନରୁ ୧୦ ସେଣ୍ଟିମିଟର ପର୍ଯ୍ୟନ୍ତ ତଳକୁ ଯେତେ ଗାଙ୍ଗଲିଅନ ଥିଲା ସବୁ କାଟି ଉଡ଼ାଇ ଦିଆଗଲା । ସେ ରୋଗୀ ଭଲ ହୋଇଗଲା ପରେ ଡାକ୍ତରଖାନାର ସୁନାମ ବଢ଼ିଲା ।

ମୟୂରଭଂଜ ଜିଲ୍ଲାରୁ ତ ରୋଗୀ ଆସିଲେ । ଜିଲ୍ଲା ବାହାରୁ, ଉତ୍ତର ବାଲେଶ୍ୱର, ମେଦିନାପୁର ଏପରିକି ସିଂହଭୂମି ଅଂଚଳରୁ ବି ଆସିଲେ । ମୁଁ ଗାଡ଼ି ଧରି କରଂଜିଆ, ରାଇରଂଗପୁର ଅଂଚଳର ରୋଗୀମାନଙ୍କୁ ଦେଖିବାକୁ ମାଡ଼ି ଯାଉଥିଲି । ସେ ବୟସରେ ପଇସା ଅପେକ୍ଷା ନାମ କମେଇବାର ନିଶା ଅଧିକ ।

ସଦର ସବ୍‌ଡିଭିଜନ ବାରିପଦାକୁ ଛାଡ଼ି ମୟୂରଭଂଜରେ ଆହୁରି ୩ଟି ସବ୍‌ଡିଭିଜନ । ଉଦଳା ତାଙ୍କ ଭାତହାଣ୍ଡି, ରାଇରଙ୍ଗପୁର ଖଣିଖାଦାନରେ ଭରା । କରଂଜିଆ ମାରଓ୍ୱାରୀ ମାନଙ୍କ ସାମ୍ରାଜ୍ୟ । ସେଇଠୁ ମୁଁ ବେଶ୍ ଦି ପଇସା ପାଏ । ବାରିପଦା ସହରଟି ମାସିକିଆ । କିଏ ତେଲ ଦିଏ ତ କିଏ ଚାଉଳ ଅଟା । କାହାର କପଡ଼ା, ଲୁଗା ତ କାହାର ନିତି ନିତି ମିଠା ।

ଏଥି ଭିତରେ ଦୀନବଂଧୁ ବାବୁ (ସର୍ଜନବାବୁ)ଙ୍କର ବଦଳି ହୋଇଗଲା । ତାଙ୍କ ସ୍ଥାନରେ କାହାରିକୁ ପୋଷ୍ଟିଂ କରାଗଲା ନାହିଁ । ମୁଁ ତାଙ୍କ ଚାର୍ଜରେ ରହିଲି । ତାଙ୍କର ସେ ବିରାଟ ବାସଭବନଟି ମତେ ମିଳିଲା । କ୍ୱାର୍ଟରଟି ହସପିଟାଲ ସମ୍ମୁଖରେ । ପାଖକୁ ଲାଗିଛି ରାଜରାସ୍ତା । ଗାଡ଼ି ରଖିବା ପାଇଁ ଗାରେଜ୍ । ଚାକର ମାନଙ୍କ ପାଇଁ ଅଲଗା ଗୃହ । ଗୁଡ଼ାଏ ବଡ଼ ବଡ଼ କୋଠରୀ । ଅଗଣାରେ ୫ ଶହ ଲୋକ ବସି ଖାଇବେ । ଠିକ୍ ସେମିତି ପ୍ରଶସ୍ତ ବାରଣ୍ଡା। ସବୁ ରାଜକୀୟ ଢାଞ୍ଚାରେ । ଏ ଘର ପାଇଲା ପରେ ମୁଁ ପିଲାମାନଙ୍କୁ ପାଖକୁ ନେଇ ଆସିଲି । ପିଲା କହିଲେ ମୋ ସ୍ତ୍ରୀ ଆଉ ୩ ବର୍ଷର ଗେହ୍ଲାଝିଅ ବେବୀ । ବଡ଼ଝିଅକୁ ତା ମାମୁଁ ଘର ଛାଡ଼ିଲେନି । ବେବୀ ସ୍ଥାନୀୟ କନଭେଣ୍ଟ ସ୍କୁଲରେ ପଢ଼ିଲା ।

ମୁଁ ସର୍ଜନ ବାବୁ ଚାର୍ଜରେ ରହିବା ପରେ ମୋ ଦାୟିତ୍ୱ ବଢ଼ିଗଲା । ତେବେ ମୁଁ ସମସ୍ତଙ୍କୁ ନେଇ ହସ ଖୁସିରେ ସମୟ କଟାଇଦେଲି ।

Digitized by srujanika@gmail.com

ସହକାରୀ ସର୍ଜନ, ସ୍ପେଶାଲିଷ୍ଟ, ସର୍ଜନବାବୁ, ସିଭିଲ ସର୍ଜନଙ୍କୁ ମିଶାଇ ଆମେ ଦଶବାରଜଣ ଡାକ୍ତର । ୪/୫ ଜଣ ନର୍ସ । ଫର୍ମାଶିଷ୍ଟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ, କେହି ବିଶୃଙ୍ଖଳ ନୁହନ୍ତି । ଆମ ଭିତରେ ସଂହତି ଥାଏ । ପ୍ରତ୍ୟେକ ଅନ୍ୟକୁ ସାହାଯ୍ୟ କରିବାକୁ ତତ୍ପର ।

ଶବ ବ୍ୟବଚ୍ଛେଦ ସମସ୍ତେ ପାଳିକରି କରନ୍ତି । ସେଇଥିପାଇଁ ଟିକିଏ ଟଣା ଓଟରା । ସବୁ ରିପୋର୍ଟ ତ ସର୍ଜନ ବାବୁଙ୍କ ମାଧ୍ୟମ ଦେଇ ଯିବ, ଭୟ କ'ଣ ?

ଥରେ ସେହି ବାରିପଦା କଲେଜର ଜଣେ ଅଧ୍ୟାପକ ସମ୍ଭବତଃ ପ୍ରେମ ଜନିତ କାରଣରୁ ନିଜ ଗାଧୁଆ ଘରେ ବେକ କାଟି ଆତ୍ମହତ୍ୟା କଲେ । ଚାରିଆଡ଼େ ହଲ୍ଲା ହୋଇଗଲା । ଛୁଟିଦିନ ଥାଏ । ମୁଁ ନିଜେ ଗଲି । ଡାକ୍ତର ସୁରେଶ ଦାଶ ଶବ ବ୍ୟବଚ୍ଛେଦ କଲେ । ଆତ୍ମହତ୍ୟା କି କେହି ହତ୍ୟା କରିଛି ଏ ନେଇ ବେଶ୍ ଚର୍ଚ୍ଚା ହେଲା । କ୍ଷତ ସ୍ଥାନକୁ ଦେଖି ଛୁରିସ୍ ବହି ସହିତ ମିଳାଇ ଆତ୍ମହତ୍ୟା ବୋଲି ମୁଁ ରିପୋର୍ଟ ସାଙ୍ଗେ ସାଙ୍ଗେ ଦେଇଦେଲି । ସବୁ ଥଣ୍ଡା ପଡ଼ିଗଲା ।

ସ୍ୱର୍ଗୀୟ ସୁଷମା ଶୋଭିତ ସବୁଜ ବନାନୀରେ ଭରା ମୟୂରଭଂଜ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କମ୍ ଗୌରବମୟ ନୁହେଁ । ବାରିପଦା ସହରରେ ମହାରାଜାଙ୍କ ରାଜ ପ୍ରାସାଦ ଓ ତାଙ୍କ ଅଧିଷ୍ଠାତ୍ରୀ ଦେବୀ ଅମ୍ବିକାଙ୍କ ମନ୍ଦିର । ନୂଆକରି ଗଢ଼ା ଜଗନ୍ନାଥ ଓ ଅନ୍ୟାନ୍ୟ ମନ୍ଦିର । ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଗଣିତ । ପୁରୀ ଘୋଷଯାତ୍ରାର ଦ୍ୱିତୀୟ ଦିନରେ ବାରିପଦା ଘୋଷଯାତ୍ରା ଅନୁଷ୍ଠିତ ହୁଏ। ଜଗନ୍ନାଥ ମନ୍ଦିର ବଡ଼ ବଜାରରେ ଅବସ୍ଥିତ । ତିନୋଟି ରଥ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ । ରଥରେ ଛେରାପହଁରା କରନ୍ତି ମୟୂରଭଂଜର ପ୍ରତିଷ୍ଠାତ୍ରୀ ଦେବୀ ମା ଅମ୍ବିକାଙ୍କର ପୂଜାରୀ । ରଥଟଣା ଗୋଟିଏ ଦିନରେ ସଂପୂର୍ଣ୍ଣ ନହୋଇ ଦୁଇଦିନ ଧରି ହୁଏ । ଭକ୍ତମାନେ ରଥରେ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି ଲଡୁଭୋଗ ଲଗାଇ । ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣି ଟାଣି ନିଅନ୍ତି । ତିନିରଥ ପାଇଁ ଜିଲ୍ଲାର ତିନି ବଡ଼ ବଡ଼ ଅଫିସର - କଲେକ୍ଟର, ଏସ୍‌ପି ଓ ସିଭିଲ ସର୍ଜନ । ସୁଭଦ୍ରାଙ୍କ ରଥ ଦାୟିତ୍ୱରେ ସିଭିଲ ସର୍ଜନ । ତିନି ଠାକୁର ସୁନାବେଶ ହୁଅନ୍ତି ।

ବାରିପଦାର ଲାଲ ବଜାର ଠାରେ ସାନ ଜଗନ୍ନାଥ ମନ୍ଦିର - ବାଣ୍ଡିଆ ଜଗନ୍ନାଥ । ତାଙ୍କ ରଥ ଚଉଦ ବର୍ଷରୁ କମ୍ ବୟସର ପିଲାମାନେ ଟାଣନ୍ତି ।

କିମ୍ବଦନ୍ତୀ ଅନୁସାରେ ବାରିପଦାରେ ମହାରଜା ମନ୍ଦିର ତୋଳାଇ ବିଗ୍ରହ ମାନଙ୍କୁ ପ୍ରତିଷ୍ଠା ପରେ ଶ୍ରୀକ୍ଷେତ୍ର ମାନ୍ୟତା ପାଇଁ ଶ୍ରୀଜଗନ୍ନାଥଙ୍କ ଆରାଧନା କଲେ । ଜଗନ୍ନାଥ ସନ୍ତୁଷ୍ଟ ହୋଇ କହିଲେ ଶ୍ରୀକ୍ଷେତ୍ରରେ ରଥଟଣା ପରଦିନ ସେଠାକୁ ଯିବେ ଓ ଦୁଇଦିନ ରହିବେ। ତେଣୁ ରଥଟଣା ପୁରୀର ଶ୍ରୀଗୁଣ୍ଡିଚା ପରଦିନ ହୁଏ ଓ ଦୁଇଦିନ ଧରି ଟଣାହୁଏ ।

ମୟୂରଭଂଜ ଗୋଟିଏ ଆଦିବାସୀ ବହୁଳ ଜିଲ୍ଲା । ଜନସଂଖ୍ୟାର ୫୭ ଭାଗ ଆଦିବାସୀ । ଓଡ଼ିଶାରେ ଦେଖା ଯାଇଥିବା ୬୨ ପ୍ରକାର ଆଦିବାସୀଙ୍କ ଭିତରୁ ଏ ଜିଲ୍ଲାରେ ଅଛନ୍ତି ୫୩ ପ୍ରକାର । ଭୂମିଜ, କୋହ୍ଲ, ସାନ୍ତାଳ, ଗଣ୍ଡ, ଭୂୟାଁ ଇତ୍ୟାଦି ପ୍ରଧାନ । ମୁଖ୍ୟତଃ ସାନ୍ତାଳି ଓ କୁଇ ଭାଷାରେ କଥାବାର୍ତ୍ତା କରନ୍ତି । ଆଲଚିକି ଲିପିରେ ଲେଖାପଢ଼ା ହୁଏ । ଏମାନେ ଠାକୁରମୁଣ୍ଡା, ଖୁଣ୍ଟା, ଯଶୀପୁର, ତିରିଂ ଅଂଚଳରେ ଅଧିକ ସଂଖ୍ୟାରେ ଦେଖାଯାନ୍ତି । ଏମାନେ ପ୍ରାୟ ସମସ୍ତେ ଦାରିଦ୍ର୍ୟ

Digitized by srujanika@gmail.com

ସୀମାରେଖା ତଳେ । ତଥାପି ପର୍ବପର୍ବାଣୀ ବହୁତ । ତାରି ଭିତରେ ସେମାନେ ଭୁଲିଯାନ୍ତି ସେମାନଙ୍କ ଦୁଃଖ ଦୈନ୍ୟ ।

ଧରିତ୍ରୀ (ଭୂମି) ମା ଓ ସୂର୍ଯ୍ୟଙ୍କୁ ବିଭିନ୍ନ ରୂପରେ ବିଭିନ୍ନ ନାମରେ ପୂଜା କରନ୍ତି । ମକର ପ୍ରଭା (ମକର ସଂକ୍ରାନ୍ତି) ଏମାନଙ୍କର ପ୍ରଧାନ ପର୍ବ । ପରିବାରର ସମସ୍ତେ ସେଦିନ ଏକାଠି ହୁଅନ୍ତି । ନୂଆଲୁଗା ପିନ୍ଧନ୍ତି, ଭୋଜିଭାତ, ନାଚଗୀତ ସାଙ୍ଗକୁ ହାଣ୍ଡିଆ, ମାଙ୍କଡ଼ ନାଚ, କୁକୁଡ଼ା ଲଢ଼େଇ, ମହନ୍ତ ମାନଙ୍କ ଟୁସୁ ଭସାଣି ଇତ୍ୟାଦି ମୁଖ୍ୟ ଆକର୍ଷଣ ।

ଧାନବୁଣା, ଫସଲ ନଷ୍ଟହେଲେ ଜମତାବେଙ୍ଗ, ବର୍ଷା ପାଇଁ ବର୍ଷା ଦେବତା ଏମିତି କେତେ ପର୍ବପର୍ବାଣୀ ଅଛି ।

ଉଦାରମନା ମହାରାଜା ମାନଙ୍କ ପାଇଁ ମୟୂରଭଂଜର କଳା ଓ ସଂସ୍କୃତି ଉଚ୍ଚମାନର । ଓଡ଼ିଶୀ କି ସମ୍ବଲପୁରୀ ଭଳି ଛଉନାଚ ମୟୂରଭଂଜର ନିଜସ୍ୱ ଓ ବହୁ ପୁରାତନ । ଛୋଟ ନାଗପୁର ଅଂଚଳରେ ଏହାର ଅଯମାରମ୍ଭ । ଛଉନାଚ ପ୍ରଥମେ ପାଇକ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିଲା । "ଛଉ" ଛାଉଣୀ (ମିଲିଟାରୀ କ୍ୟାମ୍ପ)ର ଅପଭ୍ରଂଶ । ମୟୂରଭଂଜ ଛଉନାଚରେ ସ୍ୱତନ୍ତ୍ରତା ରହିଛି । ଏପରିକି ଏହା ଷଢ଼େଇକଳା ଖରସୁଆଁ ଠାରୁ ଭିନ୍ନ । ଯଦୁନାଥ ଭଂଜଦେଓ (୧୮୨୩-୬୩)ଙ୍କ ଅମଳରୁ ତାଙ୍କରି ପୃଷ୍ଠପୋଷକତାରେ ଛଉ ମୟୂରଭଂଜରେ ମୁଣ୍ଡ ଟେକିଛି । ପ୍ରଥମେ ଚୈତ୍ର ସଂକ୍ରାନ୍ତି ଏପ୍ରିଲ ୧୧ରୁ ୧୩ ବା ରାମନବମୀରେ ଏମାନେ ନାଚୁଥିଲେ । ୫୦/୬୦ ବର୍ଷ ତଳେ ମୁଖାପିନ୍ଧି ନାଚୁଥିଲେ । ରାମଚନ୍ଦ୍ର ଭଂଜଦେଓଙ୍କ ଅମଳରେ ଏହା ବ୍ୟାପକ ହେଲା । ସୋଲୋ, ଡୁଏଟ୍, ଟିଳା ଭଳି ବିଭିନ୍ନ ପ୍ରକାର ଭେଦ ବି ରହିଲା । ରାମଚନ୍ଦ୍ର ଭଂଜ ଦେଓଙ୍କ ସମୟରେ ଉତ୍ତର ସାହୀ, ଦକ୍ଷିଣ ସାହି; ପ୍ରତାପ ଚନ୍ଦ୍ର ଭଂଜଦେଓଙ୍କ ସମୟରେ କାଳୀୟଦଳନ, କିରାତ ଅର୍ଜୁନ ଭଳି ନାଟକ କରି ଦେଖାଇଲେ । ୧୯୪୯ରେ ଓଡ଼ିଶା ସହ ମିଶ୍ରଣ ପର୍ଯ୍ୟନ୍ତ ମହାରାଜାଙ୍କ ପୃଷ୍ଠପୋଷକତା ରହିଥିଲା । ତାପରେ ଓଡ଼ିଶା ସରକାରଙ୍କ ସହାୟତା ମିଳିଲା । ୧୯୫୧-୫୨ରେ ଡକ୍ଟର ମହତାବ ବିଶେଷ ଭାବେ ଉତ୍ସାହିତ କଲେ । ଏବେ ସଙ୍ଗୀତ ନାଟକ ଏକାଡେମୀର ସହାୟତାରେ ବାରିପଦାରେ ଛଉ ନୃତ୍ୟ ପ୍ରତିଷ୍ଠାନ ଏହାକୁ ଚଳାଉଛି ।

ଛଉଭଳି ନାଚଗୀତ, ରଂଗମଂଚରେ ବି ବାରିପଦା ପ୍ରସିଦ୍ଧି ଲାଭ କରିଛି । ଆମ ସିଭିଲ ସର୍ଜନ କିରଣ ବାବୁ ନାଟପ୍ରିୟ ।· ତାଙ୍କୁ ସନ୍ତୁଷ୍ଟ କରିବାକୁ ଆମେ ସବୁ ଲାଗିପଡୁ । ନାଟକ ଲେଖନ୍ତି ଫର୍ମାଶିଷ୍ଟ ଆନନ୍ଦ ଶଙ୍କର । ଆନନ୍ଦବାବୁଙ୍କ ଲେଖା ଅତ୍ୟନ୍ତ ଉଚ୍ଚକୋଟୀର । ମୁଁ ଥିଲା ସମୟରେ ଦୁଇଟି ନାଟକ ମଂଚସ୍ଥ ହୋଇଥିଲା, ଟଙ୍କାର ରଙ୍ଗ କଳା ଓ ବେଶ୍ୟା ହେଲା କୁଳବଧୂ । ଡାକ୍ତର ମାଳାକାର ସବୁ ନାଟକରେ ହିରୋ । ଦ୍ୱିତୀୟ ନାଟକରେ ମୁଁ ମଧ୍ୟ ଗୋଟିଏ ଛୋଟିଆ ଭୂମିକାରେ ଅଭିନୟ କରିଥିଲି । ବାରିପଦା ରଂଗମଂଚର ଖ୍ୟାତି ରହିଛି - ବିଶେଷ କରି ଡାକ୍ତରଖାନା କର୍ମଚାରୀ ମାନଙ୍କ ଦ୍ୱାରା ମଂଚସ୍ଥ ହେଉଥିବା ନାଟକ ଗୁଡ଼ିକ ବେଶ୍ ଆଦୃତ । ଚାନ୍ଦା ଉଠାଇବାରେ ଡାକ୍ତର ବିଶୋଇ ସିଦ୍ଧହସ୍ତ । ସିଭିଲସର୍ଜନ ନିଜେ ନିର୍ଦ୍ଦେଶନା ଦିଅନ୍ତି । ଗୀତ ବି ତାଙ୍କ ନିଜ ଲେଖା । ଅବଶ୍ୟ ତା ପାଇଁ ଡାଇରେକ୍ଟରଙ୍କର ଅଭାବ ନ ଥାଏ । ଏବେ ବି ଗୋଟିଏ ଗୀତର ପ୍ରଥମ ଧାଡ଼ି ମନେ ପଡୁଛି· "ତୀର ମାରିଛି ଛାତିରେ"- ନର୍ସମାନେ ପାର୍ଟ କରନ୍ତି । ଡଃ. ଘୋଷଙ୍କ ନିର୍ଦ୍ଦେଶ କେହି ଅମାନ୍ୟ କରନ୍ତି ନାହିଁ ।

Digitized by srujanika@gmail.com

ବାରିପଦା ମୟୂରଭଂଜର ସାଂସ୍କୃତିକ ପ୍ରାଣକେନ୍ଦ୍ର । ରାଜାଙ୍କ ପ୍ରୋତ୍ସାହନରେ ସାହିତ୍ୟ ଚର୍ଚ୍ଚା ହୁଏ । ମଝିରେ ମଝିରେ ସଂଗୀତ ଆସର ବି । ସାହିତ୍ୟ ଚର୍ଚ୍ଚା ଜୀବନକୁ ସରସ ସୁନ୍ଦର କରି ଗଢ଼େ ।

ମୟୂରଭଂଜ ଜିଲ୍ଲାରେ ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣ ବହୁତ । ଖିଚିଂରେ କୀଚକେଶ୍ୱରୀ, ଜାତୀୟ ପାର୍କ ସିମିଳିପାଳରେ ବାଘ ଗର୍ଜନ ସହ ତାଳ ଦେଇ ଜଳ ପ୍ରପାତ ଗୁଡ଼ିକର ଭୟଙ୍କର ଶବ୍ଦ, ଦେଓକୁଣ୍ଡରେ ଶକ୍ତି ସ୍ୱରୂପିଣୀ ଅମ୍ବିକା ଠାକୁରାଣୀଙ୍କ ମନ୍ଦିର । ମାଣିତ୍ରୀର ବାବା ବୈଦ୍ୟନାଥ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଭୀମକୁଣ୍ଡ ଏମିତି କେତେ । ଏଗୁଡ଼ିକ ବୁଲି ଉପଭୋଗ କରିବାର ଲୋଭ ସମ୍ବରଣ କରିହେବନି ।

ଖିଚିଂ କରଂଜିଆ ସବ୍‌ଡିଭିଜନରେ । ବାରିପଦାରୁ ୧୫୦ କିଲୋମିଟର । ଭଂଜ ଶାସକ ମାନଙ୍କର ପୁରୁଣା ରାଜଧାନୀ । ସେମାନଙ୍କ ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀଙ୍କ ମନ୍ଦିର । ୭ମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ନିର୍ମିତ । ଭାଙ୍ଗି ରୁଜି ଯାଇଥିବା ବିଂଶ ଶତାବ୍ଦୀରେ ପୁନଃ ନିର୍ମାଣ କରାଯାଇଛି । ଭିତରେ ଦଶଭୁଜା ଚାମୁଣ୍ଡା । ବାହାରେ ଗୋଟିଏ ନାଟ୍ୟ ମନ୍ଦିର ।

ଏଠାରେ ଥିବା ଆଠଟି ଶିବ ମନ୍ଦିରରୁ ୭ଟିକୁ ଚିହ୍ନ ହେଉଛି । କୁଟେଇ କୁଣ୍ଡା, ଚନ୍ଦ୍ରଶେଖର ଓ କୀଚକେଶ୍ୱରୀଙ୍କ ପାଇଁ ନିର୍ମିତ ମନ୍ଦିର ଗୁଡ଼ିକ ଭଲ ଅବସ୍ଥାରେ ଅଛି । ଲାଟେରାଇଟ୍ ବ୍ଲକରେ ଏଗୁଡ଼ିକ ଗଢ଼ା । ଚନ୍ଦ୍ରଶେଖର ମନ୍ଦିରରେ ଚଣ୍ଡ ପ୍ରଚଣ୍ଡଙ୍କ ମୂର୍ତ୍ତି ଅଛି । ଅଦୂରରେ ବିରାଟ ଗଡ଼ ଓ କୀଚକ ଗଡ଼ର ଭଗ୍ନାବଶେଷ । ଏଇ ମନ୍ଦିର ଗୁଡ଼ିକ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ବା ବ୍ରହ୍ମେଶ୍ୱର ମନ୍ଦିରର ସମସାମୟିକ । ପାଖରେ ଗୋଟିଏ ମିଉଜିଅମ୍ । ସେଠି ରହଛି ବୁଦ୍ଧ, ମହିଷ ମର୍ଦ୍ଦିନୀ ଦୁର୍ଗା, ଉମାମହେଶ୍ୱର, ବୈଷ୍ଣବୀ, ଗଣେଶ, ନନ୍ଦି, ପାର୍ଶ୍ୱନାଥ, ତାରା, କାର୍ତ୍ତିକ, ପାର୍ବତୀ ଇତ୍ୟାଦିଙ୍କ ପ୍ରତିମୂର୍ତ୍ତି । କୁଶାଣ ମୁଦ୍ରା ସମେତ ଅନ୍ୟାନ୍ୟ ବହୁ ଜିନିଷ ପ୍ରତ୍ନତତ୍ତ୍ୱବିତ୍‌ମାନେ ସଂରକ୍ଷିତ କରି ରଖିଛନ୍ତି । ଯେପରି ଜଣା ଯାଉଛି ସେ ସମୟରେ ବ୍ରାହ୍ମଣ୍ୟ, ବୌଦ୍ଧ ଓ ଜୈନଧର୍ମ ଏକ ସମୟରେ ବଳବତ୍ତର ଥିଲା । ଭଂଜ ନରପତି ମାନେ ବିରାଟ ରାଜାର ବଂଶଧର ବୋଲି ଲୋକ ମୁଖରୁ ଶୁଣିବାକୁ ମିଳେ ।

ଦେଓକୁଣ୍ଡ ବାରିପଦାରୁ ୬୫ କିଲୋମିଟର । ଏଠି ଗୋଟିଏ ଜଳ ପ୍ରପାତ । ପର୍ବତ ଶିଖରୀରେ ମା ଅମ୍ବିକାଙ୍କର ମନ୍ଦିର । ଏଇ ଶକ୍ତିପୀଠ ଭୂୟାଁ ରାଜା ମାନଙ୍କ ଦ୍ୱାରା ନିର୍ମିତ । ମା ଅମ୍ବିକା ସେମାନଙ୍କ ଅଧିଷ୍ଠାତ୍ରୀ ଦେବୀ । ଜଗନ୍ନାଥଙ୍କ ଭଂଜଙ୍କ ରାଜତ୍ୱରେ ଏ ମନ୍ଦିର ନିର୍ମାଣ କରାଯାଇଛି ।

ବାରିପଦା ଚାକିରୀ ଭିତରେ ଦୁଇଜଣ ଯୁବବଂଧୁଙ୍କ ସଂସ୍ପର୍ଶରେ ଆସିଲି - ଅଶୋକ ଘୋଷ, ଆଲୋକ ଘୋଷ ଦୁଇଭାଇ । ସହର ମଝିରେ ଘର । ଜଣେ ବ୍ୟାଙ୍କ କର୍ମଚାରୀ । ଏମାନେ ମୋ ଘରର ସବୁ କାମ କରି ଦିଅନ୍ତି । ବଜାର ସଉଦା, ମାଛକିଣା ସମେତ । ସେ ଦୁଇଜଣ ବାରିପଦା ଓ ଆଖପାଖ ଅଂଚଳର ସବୁ ଦର୍ଶନୀୟ ସ୍ଥାନ ମତେ ବୁଲାଇ ଦେଖାଇଛନ୍ତି ।

ମୁଁ ମଧ କଲେଜ ଓ ହଷ୍ଟେଲର ଡାକ୍ତର ଭାବେ କାମ କରୁଥିଲି । ଗୋଟିଏ କଲେଜ । ଏହାଦ୍ୱାରା ପିଲାମାନଙ୍କ ସହ ସୁସଂପର୍କ ରକ୍ଷା କରି ପାରିଥିଲି ।

Digitized by srujanika@gmail.com

ଆମେ ଡାକ୍ତରଖାନାର ସମସ୍ତ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫ ମିଳିମିଶି ଅନ୍ତତଃ ମାସରେ ଥରେ ଭୋଜିକରୁ । ଉଦ୍ୟୋକ୍ତା ଡାକ୍ତର ତ୍ରିଲୋଚନ ମହନ୍ତ । ସେ ସେଇ ସହରର । ଏହାଦ୍ୱାରା ଆମ ଭିତରେ ସୁସଂପର୍କ ରହୁଥିଲା । ଭାଇଭାଇ ଭଳି ଚଳୁଥିଲୁ । ଭୋଜି ଶେଷ ବେଳକୁ ମୁଢ଼ିମାଂସ । ଏହା ସେମାନଙ୍କର ଚଳଣି । ବାରିପଦା ମୁଢ଼ି ଓଡ଼ିଶା ପ୍ରସିଦ୍ଧ । ମୁଁ ମୋ ଶାଶୁଙ୍କ ପାଇଁ ପ୍ରତି ମାସରେ ଟିଣାଏ ଲେଖାଁ ମୁଢ଼ି ପଠାଉଥିଲି ।

ମୟୂରଭଂଜର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ସମସ୍ତେ ବ୍ୟାକୁଳ । ଦିନକର ଘଟଣା । ମୋ ଶଳା ରଜନୀ ଆସିଥାଏ । ତାକୁ ନେଇ ବାହାରିଲି ସିମିଳିପାଳ ଜାତୀୟ ପାର୍କ ବରେହି ପାଣି ଜଳ ପ୍ରପାତ ଦେଖାଇବାକୁ ।

ଜିଲ୍ଲା ଯକ୍ଷ୍ମା ନିବାରଣ ଅଫିସର ତ୍ରିଲୋଚନ ମହନ୍ତଙ୍କ ଜିପ୍ । ଡ୍ରାଇଭର ଭାଲୁ । ସାଙ୍ଗରେ ଆଉ ୪/୫ଜଣ ଡାକ୍ତର । ସକାଳୁ ଜଳଖିଆ ଖାଇ ବାହାରି ପଡ଼ିଲୁ ।

ବାଙ୍ଗିରପୋଷି ଘାଟି ପାର ହୋଇ ପଶିଲୁ ସିମିଳିପାଳ ଜଙ୍ଗଲରେ । ଘାଟି ରାସ୍ତା । ଗାଡ଼ି ମହାପ୍ରଭୁଙ୍କ ରଥ ଭଳି ଧୀରେ ଧୀରେ ଉପରକୁ ଉଠୁଥାଏ । ଦୁଇପଟରେ ବନାନୀର ଶୋଭା, ଜଙ୍ଗଲର ଜନ୍ତୁ, ମୟୂରମାନଙ୍କର ନାଚ ଦେଖି ଆତ୍ମହରା । ବରେହି ପାଣି ଦୃଶ୍ୟ ଦେଖି ଆଉ କେଉଁଠିକୁ ଯିବାକୁ ଇଚ୍ଛା ହେଲାନି । ୪୦୦ ମିଟର ଉପରୁ ଜଳ ପଡୁଛି । ଭୀମ ଗର୍ଜନ ଶବ୍ଦ । ପାଖରେ କେଉଁଠି ବଙ୍ଗଳା ବା ଜଳଯୋଗ ପାଇଁ କୌଣସି ବ୍ୟବସ୍ଥା ନାହିଁ । ସିମିଳିପାଳ ପର୍ଯ୍ୟଟନ ସ୍ଥଳୀ ହୋଇଥିଲେ ବି ସେ କାଳରେ ସେ ସବୁର କୌଣସି ବ୍ୟବସ୍ଥା ନଥିଲା । ଭୋକ ହେଲାଣି ଗଛରୁ ଆମ୍ବ ତୋଳି ଖାଇଲୁ ।

ବାହାରିଲା ବେଳକୁ ଗାଡ଼ିରେ ତେଲ ଶେଷ । ଡ୍ରାଇଭର କଳନା କରି ପାରିନାହିଁ କି ଅଳ୍ପ ତେଲ ନେଇଛି ନିର୍ଦ୍ଦିଷ୍ଟ ପରିମାଣର ନ ନେଇ । ସେ ସାହସ କରି ବ୍ରେକ ଦେଇ ଗାଡ଼ି ତଳକୁ ଗଡ଼ାଇଲା । ଘାଟି ତଳକୁ ଗାଡ଼ି ଚାଲି ଆସିଲା । ଆଦିବାସୀ ଗ୍ରାମ । ପେଟ୍ରୋଲ କେଉଁଠୁ ମିଳିବ ? କିରୋସିନି ପକାଇ କିଛିବାଟ ଆସିଲୁ । ସବୁ ଧୂଆଁ ହୋଇଗଲା । ସେଠାରୁ ମୁଖ୍ୟ ରାସ୍ତା ୬/୭ କିଲୋମିଟର । ଗାଡ଼ି ଠେଲି ଠେଲି ଆଣିବା ଛଡ଼ା ଅନ୍ୟ ଗତି ନାହିଁ । ସଂଧ୍ୟା ହେଲାଣି । ଭୋକ ବି । ଖାଇବାକୁ କଣ ବା ମିଳିବ ? ଜଣାଶୁଣା ରୋଗୀ ସବୁ ଜୁଟିଲେ । ତେବେ ତାଙ୍କ ଘରେ ମୁଢ଼ି ଛଡ଼ା ଆଉ କଣ ଅଛି ? ଯା ହେଉ ସେଇଥିରୁ କିଛି କିଛି ପାଟିରେ ପକାଇ ଗାଡ଼ି ପେଲି ପେଲି ରାସ୍ତା ଧରିବା ବେଳକୁ ରାତି ଦଶ ।

ଆମର ଡେରି ହେବାରୁ ସିଭିଲ ସର୍ଜନ ସାହେବ ଆଉ ଗୋଟିଏ ଗାଡ଼ିରେ ତେଲ ଓ ଖାଦ୍ୟଦ୍ରବ୍ୟ ପଠାଇଥିଲେ । ସେ ଗାଡ଼ି ଦେଖି ଆମର ହାଲିଆ ପଶିଲା । ଆମେ ଖାଇପିଇ ଘରକୁ ଫେରିଲୁ । ଏସବୁ ଜୀବନର ଗୋଟିଏ ଗୋଟିଏ ଅନୁଭୂତି । ଏବକାର ସିଭିଲ ସର୍ଜନ ଆମକୁ କାରଣ ଦର୍ଶାଅ ନୋଟିସ ଦେଇଥାନ୍ତେ ।

ବାରିପଦାରେ ଥିବାବେଳେ ୧୯୬୯ରେ ମୋ ଝିଆରୀ (ଭାଇଙ୍କ ଝିଅ)ର ବିଭାଘର । ଏଠି ସିମିଳି ତୁଳା ବହୁତ ଶସ୍ତା । ମୁଁ ତା ପାଇଁ ଏଠି ତକିଆ ଓ ରେଜେଇ ଇତ୍ୟାଦି ବିଛଣା ପତ୍ର କରିଥିଲି ।

Digitized by srujanika@gmail.com

ମୁଁ ବିଲାତ ଗଲାବେଳକୁ ମୋ ଝିଆରୀକୁ ଆଠବର୍ଷ । ସେ ଗ୍ରାମ ସ୍କୁଲରେ ପଢୁଥିଲା । ମୁଁ ଫେରିବା ପରେ ସେ କଟକରେ ମୋ ବଡ଼ବାପାଙ୍କ ଝିଅ ବୁଲି ବସାରେ ରହି ପଢ଼ାପଢ଼ି କଲା । ତା ପାଠପଢ଼ା ଦେଖୁଥିଲେ ଆମର ଜଣେ ସଂପର୍କୀୟ ଇଂଜିନିଅର ବଂଧୁ ପ୍ରେମାନନ୍ଦ ଖଣ୍ଡାୟୀ । ମୁଁ ତ ବାରିପଦା ଯିବା ପର୍ଯ୍ୟନ୍ତ ଏକ ପ୍ରକାର ଅସ୍ଥାୟୀ । ହଷ୍ଟେଲରେ ରହୁଥାଏ । ଘରେ ମୋ ଦାଦା ପୁଅ ଭାଇ ଗଣେଶ । ତାକୁ ହିଁ ମୁଁ ଖୁବ୍ ଭଲ ପାଏ । ତାରି ପରାମର୍ଶରେ ଗ୍ରାମକାମ ସବୁ କରିଥାଏ । ସେ ଖଦୀ ପିନ୍ଧେ । ନୀତିବାନ । ସଚ୍ଚୋଟ । ପରିବାରର ସମ୍ମାନ ରଖିବାକୁ ସବୁବେଳେ ତତ୍ପର ।

ମାତୁ (ମୋ ଝିଆରୀ) ଭଲ ପଢୁ ନ ଥାଏ । ଅଠର ବର୍ଷ ହେଲାଣି । ମାଟ୍ରିକ୍ ପାଶ୍ କରି ପାରୁନି । ଗଣେଶ ହିଁ ପ୍ରଥମେ ପରାମର୍ଶ ଦେଲା ତା ବାହାଘର ପାଇଁ । ମୁଁ ବର ଖୋଜିଲି ।

ବିଲାତରୁ ଫେରିବା ପରେ ମୁଁ ମୋ ଭଉଣୀ ଘର କୁଶୁପୁର ଓ ଭାଇଙ୍କ ଶଶୁର ଘର ପଲେଇରେ ଦେଖିଥିଲି 'ସଂଜୟ'ଙ୍କୁ । ସଂଜୟ ସୂର୍ଯ୍ୟମଣି ଜେନାଙ୍କ ପୁଅ । ବି.ଏ ପାଶ୍ କରିଛନ୍ତି । ସୁଶ୍ରୀ । ମୋ ଭଉଣୀ ଘରକୁ ଲାଗିଛି ତାଙ୍କ ଘର । ତାକ ବାପା ମରି ଯାଇଛନ୍ତି । ସେ ତିନି ଭାଇ । ବଡ଼ଭାଇ, ହିସାବରେ ମୋ ମଉସା । ମୋ ବେଣୀପୁର ପିଉସାଙ୍କ ପୁଅ ତାଙ୍କ ଭଉଣୀକୁ ବିବାହ କରିଛନ୍ତି । ମୁଁ ମୋ ପିଉସାଙ୍କୁ ଝିଆରୀ ବିବାହ ପାଇଁ କହିବାରୁ ସେ ତାଙ୍କ ଘରେ କରିବାକୁ ପ୍ରସ୍ତାବ ଦେଲେ । କିନ୍ତୁ ସଂଜୟର ବଡ଼ଭାଇ ଅଜୟ ପାଇଁ । ମୁଁ ନୂଆବୋଉଙ୍କୁ କହିଲି । ସେ ଧରାଛୁଆଁ ଦେଲେନି । କହିଲେ ମୋ ଝିଅ ମୁଣ୍ଡ କୁଣ୍ଡାଇ ଜାଣିନି ଏବେ କି ବାହାଘର ? ହୁଏତ ସେ ନିଜେ ତେରବର୍ଷ ବୟସରେ ବିବାହ କରିଥିଲେ । ମୁଁ ଚୁପ୍ ରହିଲି ।

ପରେ ବୁଝିଲି ବୃନ୍ଦାବନ ଦାଦା ଅନ୍ୟ ସ୍ଥାନରେ ପ୍ରସ୍ତାବ ପକାଇଛନ୍ତି । ସେ ପିଲାଟି ରାଜନୀତି କରେ । ଦେଖିବାକୁ ସୁନ୍ଦର । କିନ୍ତୁ ବୟସ ବହୁତ ବେଶି । ମୁଁ କିଛି କହିଲିନି । ଏଥି ଭିତରେ ଅଜୟର ବିଭାଘର ହୋଇଗଲା । ବୃନ୍ଦାବନ ଦାଦାଙ୍କ ପ୍ରସ୍ତାବ କାଟ ଖାଇଲା । ମୁଁ ଦେଖିଲି ଝିଅ ପଢୁନି । ବିଭାଘର ନ କଲେ ନାନା କଥା ଶୁଣିବାକୁ ପଡ଼ିବ । ଭରସି କରି କିଛି କହି ପାରୁନଥାଏ । ଭଲ ପାଠ ପଢୁଥିଲେ ମୋ ପାଖରେ ଆଣି ରଖିଥାନ୍ତି । ସମୟ ଗଡ଼ି ଚାଲିଲା । ମୋ ପିଉସା ପୁଣି ପ୍ରସ୍ତାବ ଦେଲେ ସଂଜୟ ପାଇଁ । ମୁଁ ତ ଆଗରୁ ଆଖେଇ ଥିଲି। ନୂଆବୋଉ ବୋଧହୁଏ ତାଙ୍କ ବାପଘର ଦ୍ୱାରା ପ୍ରଭାବିତ ହୋଇ ସେଠି କରିବାକୁ ରାଜି ହେଲେ । ସଂଜୟବାବୁ ପିଲାକୁ ଦେଖିଥିଲେ । ସୁତରାଂ ବିଭାଘର ସେଇଠି ହେବ ବୋଲି ସ୍ଥିର ହୋଇଗଲା । ମୁଁ ଟିକିଏ ଆଶ୍ୱସ୍ତ ହେଲି ।

ମୋର ସେତେବେଳକୁ ବିଶେଷ ଆୟ ନ ଥିଲା । ନୂଆବୋଉ ଘରୁ କିଛି ସୁନା ଦେଲେନି । ସ୍ୱର୍ଣ୍ଣ ନିୟନ୍ତ୍ରଣ ଜାରି । ଲୁଚାଛପାରେ ସୁନା ମୋହର ସବୁ ବିକ୍ରି ହେଉଥାଏ । ମୁଁ ଦୁଇଟି ମୋହର (କୋଡ଼ିଏ ତୋଳା) କିଣିଲି । ମୋ ରାମଚନ୍ଦ୍ରପୁର ପିଉସାଙ୍କ ପୁଅ ବିଷ୍ଣୁ ବକ୍ସିବଜାର ବଣିଆ ସାହିରେ ବସି ତା ରୁଚି ମୁତାବକ ଗହଣା କଲା । ବାସନ କୁସନ ବି ସେ କିଣିଲା । କାଠ ସରଞ୍ଜାମ (ଖଟ ଇତ୍ୟାଦି) ମୋ ଶଶୁର ଘର ଦେଇଥିଲେ ।

Digitized by srujanika@gmail.com

କୁଶୁପୁର ମୋ ଭଉଣୀ ଘର । ବିଶେଷ କରି ଅଦ୍ୱୈତ ଭାଇ (ମୋ ଭିଣୋଇଙ୍କ ବଡ଼ଭାଇ) ଲାଗି ପଡ଼ିଲେ । ବାହାଘର ସୁରୁଖୁରୁରେ ହୋଇଗଲା । ସେତେବେଳକୁ ଯୌତୁକ ଦାବୀ ବେଶି ନଥିଲା ।

ମୋ ମଝିଆ ଦାଦା ଦୀନବଂଧୁ ରୋଷେଇ ଦାୟିତ୍ୱ ନେଇଥିଲେ । ଗୋଟିଏ ହସକଥା ମନେ ପଡ଼ୁଛି । ନୂଆବୋଉଙ୍କ ଗ୍ରାମରୁ ଜଣେ ମାତା ଆସି ଆମ ଘରେ ରହୁଥିଲେ । ସେ ଭଜାମାଛ ସବୁ ଆମ ପଡ଼ୋଶୀ ହରେକୃଷ୍ଣ ରାଉତଙ୍କ ଘରକୁ ବୋହିନେଲେ । ମୁଁ ଜାଣିଲେ ବି ନିରବ ରହିଲି । ମୁଁ ଜାଣିଥିଲି ବରଯାତ୍ରୀ ମୋ ଖାତିରିରେ କେହି କିଛି କହିବେ ନାହିଁ । ବାହାଘର ସରିଲା। ବରକନ୍ୟା ବିଦାହେଲେ । କୌଣସି ସମସ୍ୟା ସୃଷ୍ଟି ହୋଇନି । ମୁଁ ଖୁସୀ । ନୂଆବୋଉ ବି । ଚତୁର୍ଥୀ ଓ ଅଷ୍ଟମଂଗଳା ଭାର ବେଭାର ରୀତିମତ ଦିଆଗଲା । ମୋ ଶଶୁରଘର ଯେଉଁ ବାସନ କୁସନ ଦେଇଥିଲେ ସେଇଗୁଡ଼ିକ ରହିଥିଲା ଏଇଠି କାମରେ ଲାଗିଗଲା ।

ବାହାଘରର କିଛିଦିନ ପରେ ଝିଅ ବାପଘରକୁ ଆସେ ଓ ଫେରେ କିଛି ବେଭାର ନେଇ । ଏହାକୁ ଭାରଫିତା ବା ଫୁଲଫିତା କୁହାଯାଏ । ସାଧାରଣତଃ ବରଘରର ଲୋକଙ୍କ ପାଇଁ ଲୁଗାପଟା ଓ ମିଠେଇ ଭାର ଯାଇଥାଏ । ମୁଁ ତାହାହିଁ ଦେଇ ନିଜେ ତାଙ୍କ ଘରକୁ ଗଲି ।

ଏଥି ଭିତରେ କଣ ସବୁ ହୋଇଛି ମତେ ଜଣା ନାହିଁ । ମୋର ବିଭାଘର ବେଭାର ସମ୍ବନ୍ଧରେ ବିଶେଷ ଧାରଣା ନ ଥିଲା । ମୋ ଦାଦାଙ୍କ ପରାମର୍ଶ ଅନୁସାରେ ସବୁକିଛି ହେଉଥିଲା ।

୧୯୭୦ ଅଗଷ୍ଟ ମାସରେ ମୋର ବାରିପଦାରୁ ବଦଳି ହେଲା ନୟାଗଡ଼ ଭାରପ୍ରାପ୍ତ ସର୍ଜନ (ସର୍ଜନବାବୁ) ଭାବେ । ଏଇଟା ହେଲା ପ୍ରମୋସନ । ସହକାରୀ ସର୍ଜନରୁ ଭାରପ୍ରାପ୍ତ ସର୍ଜନ । ଅନୁବିଭାଗୀୟ ଡାକ୍ତରଖାନା ଚଳାଇବ । ଚାକିରୀ ଜୀବନରେ ବଦଳି ମାମୁଲି ଘଟଣା । ତଥାପି ସାଙ୍ଗ ସାଥିଙ୍କ ସ୍ନେହ ବଂଧନ ତୁଟାଇ ଯିବାକୁ ପଡ଼ିବ । ଅଗଷ୍ଟ ୩ ତାରିଖରେ ମୁଁ ଦାୟିତ୍ୱ ହସ୍ତାନ୍ତର କଲି । ଡାକ୍ତର ବଂଧୁ ଓ ସାଙ୍ଗସାଥୀ ମାନଙ୍କଠାରୁ ବିଦାୟ ନେଲି । ଡାକ୍ତର ମାଳାକାରଙ୍କ ଘରକୁ ଯାଇଥିଲି । ସେ ଖଣ୍ଡିଏ ୟୁରିସ ବହି ଉପହାର ଦେଲେ । ତାଙ୍କ ଘରୁ ଫେରିବା ବେଳକୁ ଆଖିରୁ ଦି ଥୋପା ଲୁହ ଗଡ଼ି ପଡ଼ିଲା । ମମତାର ବଂଧନ କିଛି ମାନେନି । ସବୁ ଯୁକ୍ତିତର୍କ ତା ପାଖରେ ମୁଣ୍ଡ ନୁଆଁଏ ।

ଅଗଷ୍ଟ ଚାରି ତାରିଖ ସକାଳୁ ବାରିପଦା ଛାଡ଼ି ପିଲାମାନଙ୍କୁ ଧରି ସିଧା ଆସିଲି କଟକ, ମୋ ଗାଡ଼ିରେ ।

୦୦୦

Digitized by srujanika@gmail.com

# ସର୍ଜନ ବାବୁ

**୫.୮.୭୦ ରୁ ୧୭.୨.୭୨**

କଟକରୁ ନୟାଗଡ଼ ପ୍ରାୟ ୧୦୦ କିଲୋମିଟର । ପୂର୍ବଦିନ ବାରିପଦାରୁ ଆସି ମୁଁ କଟକରେ ଥିଲି । ୧୯୭୦ ମସିହା ଅଗଷ୍ଟ ୫ ତାରିଖ ସକାଳ ୭ଟାରେ କଟକରୁ ବାହାରିଲି ମୋ ଗାଡ଼ିରେ, ପିଲାମାନଙ୍କୁ ସାଥିରେ ଧରି । ମତେ ପ୍ରାୟ ଅଢ଼େଇ ଘଣ୍ଟା ଲାଗିଲା । ଭୁବନେଶ୍ୱର ଖୋର୍ଦ୍ଧା ପାର ହୋଇ ନୟାଗଡ଼ରେ ପହଁଚିଲା ବେଳକୁ ଦିନ ୧୦ଟା ।

ରାସ୍ତା ପାଖରେ ଡାକ୍ତରଖାନା । ପାଚେରୀ ନାହିଁ । ଡାକ୍ତରଖାନା ହତା ଭିତରେ ମୋ ସରକାରୀ ବାସଗୃହ । ଆଗରୁ ଜଣାଇଥିଲି। ମୋ କର୍ମଚାରୀମାନେ ମତେ ଅପେକ୍ଷା କରି ରହିଥିଲେ । କର୍ମଚାରୀଙ୍କ ମଧ୍ୟରେ ଜଣେ ମହିଳା ଡାକ୍ତରାଣୀ ସରୋଜିନୀ ମହାନ୍ତି, ତାଙ୍କ ସ୍ୱାମୀ ରାଧାକୃଷ୍ଣ ମହାନ୍ତି ସହକାରୀ ସର୍ଜନ, ଜଣେ ଫର୍ମାଶିଷ୍ଟ, ୩/୪ ଜଣ ଷ୍ଟାଫ୍‌ନର୍ସ ଓ କେଇଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ।

ମୋ ଗାଡ଼ିଟି ସିଧାସଳଖ ମୋ ବାସଗୃହ ପାଖକୁ ନେଇଗଲି । ସେଇଟି ସଫାସୁତୁରା ହୋଇ ରହିଥିଲା । ମୋ ପୂର୍ବରୁ ଥିବା ଡାକ୍ତରବାବୁ ଗୋଡ଼ ଟେକି ରହିଥିଲେ ଭଂଜ ନଗର ଯିବା ପାଇଁ । ସେ ତାଙ୍କ ପିଲାମାନଙ୍କୁ ପଠାଇ ଦେଇଥିଲେ । ଭଂଜନଗର ତାଙ୍କ ଘର । ସେ ଡାକ୍ତରଖାନା ନୟାଗଡ଼ଠାରୁ ଉନ୍ନତମାନର । ସେ ମୋଠାରୁ ଚାକିରୀରେ ବରିଷ୍ଠ । ତାଙ୍କ ଅଭିଜ୍ଞତାରୁ ମତେ କିଛିଟା ପରାମର୍ଶ ଦେଲେ ।

ମୋ ପିଲା କହିଲେ ମୋ ସ୍ତ୍ରୀ ଓ ଛୋଟ ଝିଅ ବେବି । ଡାକ୍ତରାଣୀ ସରୋଜିନୀ ତାଙ୍କୁ ସବୁ ଘର ଭିତରକୁ ନେଇଗଲେ । ମୁଁ ବାହାରେ ବସି ଅନ୍ୟମାନଙ୍କ ସହ କିଛି ସମୟ ଆଳାପ କଲି । ବିଦାୟୀ ଡାକ୍ତର ବାବୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କଲି । ଆମର କେବଳ କାଗଜପତ୍ରରେ ଦସ୍ତଖତ କରିବା କଥା । ଜିନିଷ ପତ୍ର ଗଣାଗଣି ନଥାଏ । ଅନ୍ୟମାନେ ସବଚାର୍ଜରେ ଥାନ୍ତି । ମୁଁ ରାଧାକୃଷ୍ଣ ସାଥିରେ ୱାର୍ଡ଼ ବୁଲି ଦେଖିବା ପରେ ବହିର୍ବିଭାଗରେ ଗୋଟିଏ ଦୁଇଟି ରୋଗୀ ଦେଖି ଘରକୁ ଆସିଲି ।

ଛୋଟିଆ ଡାକ୍ତରଖାନା । ୪୦ଟି ଶଯ୍ୟା । ବାରିପଦା ସମୁଦ୍ର ହେଲେ ନୟାଗଡ଼ ଗୋଟେ ଚୂଆ । ମୁଁ କେନ୍ଦ୍ରାପଡ଼ା ପାଇଁ କହିଥିଲି, ମିଳିଲା ନୟାଗଡ଼ । ଡାଇରେକ୍ଟର ଅଫିସ ଷ୍ଟାଫ, ବିଦାୟୀ ଡାକ୍ତରବାବୁଙ୍କୁ ସମସ୍ତେ ତାରିଫ କରି କହିଛନ୍ତି। ଯା ହେଉ ମତେ ସେଇଥିରେ ସନ୍ତୁଷ୍ଟ ହେବାକୁ ପଡ଼ିବ ।

Digitized by srujanika@gmail.com

ନୟାଗଡ଼ ଗୋଟିଏ ପୂର୍ବତନ ଗଡ଼ଜାତ । ଅନ୍ୟ ୨୪ଟି ଦେଶୀୟ ରାଜ୍ୟର ଓଡ଼ିଶା ସହ ମିଶ୍ରଣ ବେଳେ ନୟାଗଡ଼ ବି ମିଶିଛି । ଗୋଟିଏ ସ୍ୱତନ୍ତ୍ର ସବ୍‌ଡିଭିଜନ ପୁରୀ ଜିଲ୍ଲା ଅନ୍ତର୍ଭୁକ୍ତ । ପୁରୀ ତ ମନ୍ଦିର ମାଳିନୀ । ନୟାଗଡ଼ ପାହାଡ଼ ପର୍ବତ ବଣ ଜଙ୍ଗଲ ଘେରା ହେଲେ ବି ମନ୍ଦିର କମ୍ ନୁହେଁ । ମୁଁ ମୋ ରହଣୀ କାଳରେ ବେଶ୍ ଉପଭୋଗ କରିଛି ସମୁଦାୟ ଅଂଚଳଟି ବୁଲାବୁଲି କରି ।

ନୟାଗଡ଼ର ରାଜା ସାହେବ ନୟାଗଡ଼ରେ ରହୁଥାନ୍ତି । ରାଜବାଟୀ ବିଶେଷ ଆକର୍ଷଣୀୟ ନୁହେଁ । ହେଲେ ନିଜର ଗୋଟିଏ ସିନେମାହଲ୍ ଥାଏ । ରାଜା କିନ୍ତୁ ଅଫିସର୍‌ମାନଙ୍କ ସହ ବିଶେଷ ମିଳାମିଶା କରନ୍ତି ନାହିଁ ।

ନୟାଗଡ଼ ଡାକ୍ତରଖାନା ଏ ଅଂଚଳର ଅସ୍ତ୍ରୋପଚାର ପାଇଁ ନାମ କରିଛି । ସେଇଥିପାଇଁ ବୋଧହୁଏ ମତେ ଏଠିକୁ ପଠା ଯାଇଛି । ଡାକ୍ତର ନୟିମଙ୍କ ସମେତ ମୋ ପୂର୍ବସୁରୀମାନେ ଅପରେସନ କରି ନାମ କରିଛନ୍ତି । ଡାଃ. ନୟିମ କୁଆଡ଼େ ଅପରେସନ ବେଳେ ଅପରେସନ ଗୃହ ଖୋଲା ରଖୁଥିଲେ ସର୍ବ ସାଧାରଣଙ୍କ ପାଇଁ । ଅପରେସନ ପରେ ବାହାରୁଥିବା ମାଂସ ପେଣ୍ଡୁଳାକୁ ଟ୍ରକ୍‌ରେ ନେଇ ରାସ୍ତାରେ ବୁଲାଉଥିଲେ । ମୁଁ ଏ ପ୍ରକାର ପ୍ରଚାରରେ ବିଶ୍ୱାସ କରେନି । ସେଗୁଡ଼ିକ ଶୁଣି ନଶୁଣିଲା ପରି ବ୍ୟବହାର କଲି ।

ନୟାଗଡ଼ ଲୋକେ ଖୁବ୍ ସରଳ । ଅନ୍ଧ ବିଶ୍ୱାସୀ । କୃଷି ସେମାନଙ୍କର ଜୀବିକା । ଅଧିକାଂଶ ଲୋକ ଆଖୁଚାଷ କରନ୍ତି । ପାଖରେ ଗୋଟିଏ ଚିନିକଳ ଥାଏ । ନୟାଗଡ଼ ଗୁଡ଼ର ବି ବେଶ୍ ବଜାର ଅଛି । ଏମାନେ ତେଣ୍ଡାଚାପି ପାଣି ମଡ଼ାନ୍ତି । ସେଇଥିପାଇଁ ବହୁତ ଲୋକଙ୍କର ହାର୍ଣ୍ଣିଆ ରୋଗ । ଅପରେସନ ବିନା ଅନ୍ୟ ପ୍ରତିକାର ନାହିଁ । ସେହିପରି ପୁରୀ ଜିଲ୍ଲା ବାତଜ୍ୱର ପାଇଁ ଖ୍ୟାତି ଲାଭ କରିଛି । ବାତଗୋଡ଼ ଓ ବିରାଟ ବିରାଟ କୋଷ (Filariasis scrotum) ଧରି ବୁଲୁଥାନ୍ତି । ସୁତରାଂ ଅପରେସନ ପାଇଁ ଆସନ୍ତି ହାର୍ଣ୍ଣିଆ, ହାଇଡ୍ରୋସିଲ, ଫାଇଲେରିଆ ସ୍କ୍ରୋଟମ୍ ଇତ୍ୟାଦି । ମୁଁ ସେଇମାନଙ୍କୁ ନେଇ ପ୍ରଥମେ ମୋ କାମ ଆରମ୍ଭ କଲି । ଲୋକମାନଙ୍କ ଭିତରେ ପତିଆରା ଓ ବିଶ୍ୱାସ ସୃଷ୍ଟି ପାଇଁ । ମୁଁ ଜାଣେ ପ୍ରଚାର ଆପେ ଆପେ ହେବ । ରାଧାକୃଷ୍ଣବାବୁ ନିଶା ଦେଲେ । ଅପରେସନରେ ମତେ ସାହାଯ୍ୟ ବି । ଜଣେ ନର୍ସକୁ ଅପରେସନ ଥିଏଟରର ଦାୟିତ୍ୱ ଦିଆଗଲା । ଯନ୍ତ୍ରପାତି ଯାହାଥିଲା ସେଇଥିରେ କାମ ଚଳିଲା ।

ମୁଁ ବେଶୀ ପଇସା ନେଉ ନଥିଲି । କିନ୍ତୁ ସେମାନେ ପୂର୍ବରୁ ଅଭ୍ୟସ୍ତ । ଅପରେସନ୍ ପୂର୍ବରୁ ଡାକ୍ତରଙ୍କ ଘରକୁ ସିଦ୍ଧା ଆସେ । ସେଥିରେ ଚାଉଳ, ଡାଲି, ପରିବା, ଗୁଡ଼, ଆଖୁ କିଛି ପଇସା ବି ଥାଏ । ଏତକ ଅପରେସନ ଫିସ୍ ବାହାରେ । ସବୁ ଅପରେସନ ରୋଗୀଙ୍କୁ ସାଲାଇନ ଇଂଜେକ୍‌ସନ ଦିଆଯାଏ । ତାକୁ ସେମାନେ ଗଛ ଇଂଜେକ୍‌ସନ କହନ୍ତି । ପ୍ରତି ବୋତଲ ପାଇଁ ପଚାଶ ଟଙ୍କା ଦିଅନ୍ତି ।

ସ୍ତ୍ରୀ ରୋଗୀ ମାନଙ୍କୁ ଡାଃ ସରୋଜିନୀ ମହାନ୍ତି ଦେଖନ୍ତି । ମୁଁ ପ୍ରାୟ ହସ୍ତକ୍ଷେପ କରେନି । ୱାର୍ଡ ବୁଲି ଦେଖିଲା ବେଳେ ସବୁରୋଗୀଙ୍କୁ ଦେଖେ । ପ୍ରସବ ବେଳେ କିଛି ଅସୁବିଧା ହେଲେ ସେ ଡାକନ୍ତି । ଆମେ ମିଳିମିଶି କରି ଦେଉ । ମୋ ରହଣୀକାଳ ଭିତରେ ଦୁଇ ତିନୋଟି ସିଜେରିଆନ ସେକ୍‌ସନ୍ । ପେଟକାଟି ପିଲା ବାହାର କରାଯାଇଥିବ । ଫୁଲ ପଡୁନଥିଲେ ମୁଁ ହାତ ପୂରାଇ ବାହାର କରିଦିଏ ।

Digitized by srujanika@gmail.com

ଅଳ୍ପ କେଇଟା ଜନ୍ମ ନିରୋଧ ଅପରେସନ କରିଛି । ବିଶେଷ ବଡ଼ ଅପରେସନ ହାତକୁ ନେଇନାହିଁ ।

ସବୁଦିନେ ଅପରେସନ ନଥାଏ । ଅପରେସନ ପାଇଁ ଦିନବାର ମଧ୍ୟ ନ ଥାଏ । ସକାଳବେଳା ବହିର୍ବିଭାଗରେ ବସି ରୋଗୀ ଦେଖେ । ତାପରେ ଅପରେସନ ପାଇଁ ଯାଏ । ସରୋଜିନୀ ଅନ୍ୟ ରୋଗୀ ମାନଙ୍କୁ ଦେଖିନିଏ । ଉପରବେଳା ବି ରୋଗୀ ଦେଖେ । ସେ କାଳରେ ଡାକ୍ତରଖାନା ଦୁଇବେଳା ଖୋଲା ରହୁଥିଲା ।

ନୟାଗଡ଼ ଲୋକେ ଅନ୍ଧବିଶ୍ୱାସୀ । ଚେର ମୂଳି, ମନ୍ତ୍ରତନ୍ତ୍ର ପରେ ଡ଼ାକ୍ତରଖାନା ଆସନ୍ତି । ଦେହ ଦେଖାଇ ଔଷଧ ପତ୍ର ନେଲେ ପଇସା ଦିଅନ୍ତି ନାହିଁ । ଘରେ ଦେଖାଇଲେ ବି ପଇସା ଦିଅନ୍ତି ନାହିଁ । ସେ ପଟ୍ଟାରେ ଆୟ ଶୂନ୍ୟ ।

ଅନ୍ୟ ଆୟର ପନ୍ଥା । ମେଡିକୋଲିଗାଲ ସାର୍ଟିଫିକେଟ୍ । ଫଉଦାରୀ କେଶ୍‌ରେ ପୋଲିସବାଲା କୌଣସି ମାଡ଼ ଚିହ୍ନ ଥାଉ ନ ଥାଉ ସବୁ କେଶ୍ ସାର୍ଟିଫିକେଟ୍ ପାଇଁ ପଠାଇ ଦିଅନ୍ତି । ସାର୍ଟିଫିକେଟ୍ ନେଲେ କେଶ୍ ହେବ । ପ୍ରତି କ୍ଷତ ଚିହ୍ନପାଇଁ ଦଶଟଙ୍କା । ଫିସ୍ ଅନୁସାରେ କ୍ଷତର ଆକାର ପ୍ରକାର, ସଂଖ୍ୟା ବଢ଼େ ବା କମେ । ବ୍ୟବହୃତ ଅସ୍ତ୍ର କି ଶସ୍ତ୍ରର ବିବରଣୀ ଦଆଯାଏ ।

ଶବ ବ୍ୟବଛେଦ ପାଇଁ ମୋଟା ଅଙ୍କର ପଇସା ମିଳେ । ଏ ସବୁ ସର୍ଜନ ବାବୁଙ୍କ ପକେଟକୁ ଯାଏ । ପୋଲିସ ବାଲାଙ୍କ ସହ ସୁସଂପର୍କ ରଖିବାକୁ ପଡ଼େ ।

ରୋଗୀମାନେ କମ୍ ସମୟରେ ଅଳ୍ପ ପଇସାରେ ଭଲ ହେବାରୁ ମୋର ସୁନାମ ବଢ଼ିଲା । ବେଶି ବେଶି ରୋଗୀ ବି ଆସିଲେ । ମୋର ମନେ ପଡୁଛି ଡାକ୍ତରଖାନା ପ୍ରବେଶ ପଥରେ ଗୋଟିଏ ଔଷଧ ଦୋକାନ ଥିଲା । ସେ ଦୋକାନୀ ବରହମପୁରରୁ ହାର୍ଣିଆ ଅପରେସନ ହୋଇ ଆସିଥିଲା । ତାର କୁଆଡ଼େ ସାତଘଣ୍ଟା ଲାଗିଥିଲା । ସେ ଏଠି ଘଣ୍ଟାକ ଭିତରେ ଅପରେସନ ହୋଇ ରୋଗୀ ଭଲ ହେଉଥିବାର ଦେଖି ବିସ୍ମିତ ହେଲା । ତେବେ ସେ କି ଅପରେସନ ହୋଇଥିଲା, କିଏ କରିଥିଲା ମୁଁ ଜାଣେନି ।

ଯା ହେଉ ଅଳପକରେ ସନ୍ତୁଷ୍ଟ ହେବା ଲୋକ ନୁହଁ । ବଡ଼ ବଡ଼ ଅପରେସନ କରି ଆସିଛି । ହାତ ଖଜବଜ ହେଲାଣି ।

ନୟାଗଡ଼କୁ ଘେରି ୪/୫ଟି ଡାକ୍ତରଖାନା, ଖଣ୍ଡପଡ଼ା, କଣ୍ଟିଲୋ, ଓଡ଼ଗାଁ, ଶରଣକୂଳ ଇତ୍ୟାଦି । ଏଠି ସାତ ଆଠ ଜଣ ଯୁବ ଡାକ୍ତର ଥାନ୍ତି। ସେମାନେ ସମସ୍ତେ ମୋ ଠାରୁ କନିଷ୍ଠ । ଏମାନଙ୍କୁ ନେଇ ନୟାଗଡ଼ରେ ଗୋଟିଏ ଭାରତୀୟ ଡାକ୍ତରୀ ସଂଘ ଆଇ.ଏମ୍.ଏ ର ଶାଖା ଖୋଲାଗଲା । ସମସ୍ତେ ଆନନ୍ଦରେ ସଭ୍ୟଚାନ୍ଦା ଦେଇ ସଭ୍ୟ ହେଲେ । ଆମେ ପ୍ରତିମାସରେ ଗୋଟିଏ ଗୋଟିଏ ସ୍ଥାନରେ ସଭା କରିବାକୁ ନିଷ୍ପତ୍ତି ନେଲୁ । ସଭା ଓ ଖାଇବା ପିଇବା ଖର୍ଚ୍ଚ ସେଇ ସ୍ଥାନର ଡାକ୍ତର ବହନ କରିବେ । ପୁରୀ ଜିଲ୍ଲାର ସିଭିଲ ସର୍ଜନ ଥାନ୍ତି ଡାକ୍ତର ରଘୁନନ୍ଦନ ପାଣିଗ୍ରାହୀ । ସେ ଖୁସି ହେଲେ । ଆମକୁ ସହଯୋଗ ବି କଲେ ।

ପୁରୀ ଜିଲ୍ଲାର ପ୍ରତ୍ୟେକ ସ୍ଥାନ ତୀର୍ଥସ୍ଥଳୀ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ଓ ବଣଭୋଜୀ ପାଇଁ ଉଦ୍ଦିଷ୍ଟ । ପ୍ରତ୍ୟେକ ଡାକ୍ତରଖାନାରେ ମିଟିଂ । ଡାକ୍ତରମାନେ ସମସ୍ତେ ମୋ ଗାଡ଼ିରେ ଯାନ୍ତି । ମୁଁ କିଛି ମିଠା ନେଇଯାଏ । ଏଇ ଡାକ୍ତରମାନଙ୍କ ଭିତରେ ଥିଲେ ଶରଣକୂଳର ଡାକ୍ତର ବ୍ରଜସୁନ୍ଦର ମିଶ୍ର । ସେ ଖୁବ୍ ଉତ୍ସାହୀ ।

Digitized by srujanika@gmail.com

ଏବେ ତ ଜଣେ ଦକ୍ଷ ଆଖି ଡାକ୍ତର ଭାବେ ଓଡ଼ିଶାରେ ନାମ କରିଛନ୍ତି । ବିଡ଼ାନାସୀ ରୋଟାରୀ ହସ୍ପିଟାଲରେ ଚକ୍ଷୁ ବିଶେଷଜ୍ଞ ।

ପ୍ରଥମ ମିଟିଂ ନୟାଗଡ଼ରେ । ନୟାଗଡ଼ରେ ଜଗନ୍ନାଥ ମନ୍ଦିର । କାଳୀ ପ୍ରତ୍ୟେକ୍ଷ ଠାକୁରାଣୀ ବୋଲି ସବୁଆଡ଼େ ଡାକ । ସମସ୍ତଙ୍କ ଡାକ ଶୁଣନ୍ତି । ସେଠି ପ୍ରସାଦ ବ୍ୟବସ୍ଥା ହେଲା । ମନ୍ଦିରରେ ପ୍ରସାଦ ବ୍ୟବସ୍ଥା ଥାଏ । ଆମେ ମା'ଙ୍କ ଦର୍ଶନ କରି ଆମ ବସାକୁ ପ୍ରସାଦ ନେଇ ଆସିଲୁ। ଜଗନ୍ନାଥ ଦର୍ଶନ ବି କଲୁ ।

ଆମ ବସାରେ ମିଟିଂ ହେଲା । ଆମ ଶାଖା ପାଇଁ କର୍ମକର୍ତ୍ତା ନିୟମ କାନୁନ ତିଆରି ହେଲା । ଅନୁମୋଦନ ପାଇଁ ଓଡ଼ିଶା ଶାଖାକୁ ଲେଖାଗଲା । ପ୍ରସାଦ ସେବନ ପରେ ସମସ୍ତେ ଘରକୁ ଗଲେ ।

ତା ପର ମିଟିଂ ଓଡ଼ଗାଁ । ନୟାଗଡ଼ରୁ ୨୫ କିଲୋମିଟର । ଏଠି ରଘୁନାଥ ମନ୍ଦିର । ଠାକୁରଙ୍କର ବହୁତ ସଂପତ୍ତି, ଦେବୋତ୍ତର ବିଭାଗ ବୁଝାସୁଝା କରେ । ତାଙ୍କର ସ୍ୱତନ୍ତ୍ର ଭୋଗ କ୍ଷୀରୀ । ଅତ୍ୟନ୍ତ ସୁସ୍ୱାଦୁ । ମନ୍ଦିରରେ ପ୍ରସାଦ ବ୍ୟବସ୍ଥା ଅଛି । ଦେବୋତ୍ତର ବିଭାଗର ଅଫିସର ଆମକୁ ଆପ୍ୟାୟିତ କଲେ । ରାମଲୀଳା ପ୍ରସିଦ୍ଧ ଯାତ୍ରା । ସେ ସମୟରେ ଏ ସ୍ଥାନ ଯାତ୍ରୀମାନଙ୍କ ଦ୍ୱାରା ଭରପୂର ।

ଶରଣକୂଳ ନୟାଗଡ଼ରୁ ୨୦ କିଲୋମିଟର ପ୍ରସିଦ୍ଧ ଶୈବପୀଠ । ଲଡୁବାବାଙ୍କ ମନ୍ଦିର । ଡାକ୍ତର ମିଶ୍ରଙ୍କ ଘରପାଖେ । ଶିବରାତ୍ରିରେ ନାହିଁ ନଥିବା ଭିଡ଼ । ନାମ ଅନୁସାରେ ଭୋଗ ଲଡୁ । ମିଟିଂ ପରେ ମନ୍ଦିର ପରିକ୍ରମା ଓ ପ୍ରସାଦ ସେବନ ।

ଖଣ୍ଡପଡ଼ା ଆଉଗୋଟିଏ ଗଡ଼ଜାତ । ଗୋଟିଏ ସ୍ୱତନ୍ତ୍ର ତହସିଲ । ପାଖାପାଖି ଦୁଇଟି ଡାକ୍ତରଖାନା । ଦୁଇଜଣ ଡାକ୍ତର । ଜଣେ ନୀଳକଣ୍ଠ ସାହୁ, ଅନ୍ୟଜଣଙ୍କ ନାମ ମନେ ପଡୁନି । ଛେନାପୋଡ଼ ବହୁତ ଶସ୍ତା ଓ ସୁସ୍ୱାଦୁ । ଡାକ୍ତରଖାନାର ଅନତି ଦୂରରେ ଗୋଟିଏ ମୁଣ୍ଡିଆ । ତାରି ଉପରେ ଆମ ମିଟିଂ ଓ ବଣଭୋଜି । ଜହ୍ନ ଆଲୁଅ । ତଥାପି କୁଟୁରା ଆପେ ଆପେ ଧରା ଦିଅନ୍ତି । ଜଂଗଲି ମାଂସ ଡାକ୍ତରବାବୁ ଯୋଗାଡ଼ କରିଥାନ୍ତି । ଆମେ ନିଜ ହାତରେ ରୋଷେଇ କଲୁ । ସେଇ ଭାତ ମାଂସରେ ଭରି ରହିଥିଲା ଅପୂର୍ବ ଆନନ୍ଦ । ପ୍ରକୃତିର ଆକର୍ଷଣ ପାଖରେ ଯୌବନର ମାଦକତା । ଫେରୁ ଫେରୁ ରାତି ଅଧ କି ପାହାନ୍ତା ।

କଣ୍ଟିଲୋ ନୟାଗଡ଼ରୁ ୨୫ କିଲୋମିଟର । ମହାନଦୀ କୂଳରେ ନୀଳମାଧବ ମନ୍ଦିର । କଣ୍ଟିଲୋ ଗ୍ରାମ ଅତିକ୍ରମ କଲେ ମନ୍ଦିର । ଗାଁ ସାରା କଂସା ବାସନ ଦୋକାନ । କଣ୍ଟିଲୋ ବାସନ ଓଡ଼ିଶା ପ୍ରସିଦ୍ଧ । ନୀଳମାଧବ ଦର୍ଶନ କରି ନଈବାଲିକୁ ଓହ୍ଲାଇଲୁ । ନଈ ଆରପଟରେ ବଡ଼ମ୍ବା ଗଡ଼ର ଭଟାରିକା । ହୁଲି ଡଙ୍ଗାରେ ଯିବା ଆସିବା । ଡାକ୍ତରବାବୁ ଆମ ପାଇଁ ବଡ଼ ଡଙ୍ଗାର ବ୍ୟବସ୍ଥା କରିଥାନ୍ତି । ଆମେ ଡଙ୍ଗାରେ ପାରିହୋଇ ଠାକୁରାଣୀ ଦର୍ଶନ କଲୁ । ଅତି ମନୋରମ ସ୍ଥାନ । ସେଇଠି ଆଳାପ ଆଲୋଚନା । ଡଙ୍ଗାରେ ଭୋଜି ଖୁବ୍ ଭଲ ଲାଗିଲା ।

ଏମିତି ନୂଆ ନୂଆ ସ୍ଥାନ ଦର୍ଶନ ଡାକ୍ତରଖାନା ପରିଦର୍ଶନ । ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ । ସଂଘ ମାଧ୍ୟମରେ ଡାକ୍ତର ମାନଙ୍କ ସହ ସୁସଂପର୍କ । ଏମିତି ହସଖୁସିରେ କାମ ଚାଲିଲା ।

ନୟାଗଡ଼କୁ ଲାଗି ରଣପୁର । ଆଉ ଗୋଟିଏ ରାଜୁଡ଼ା ରାଜ୍ୟ । ରାଣୀ ସାହେବାଙ୍କର ରାଜନୀତିରେ ନାମ ଅଛି । ପାଖରେ ମଣିନାଗ ପର୍ବତ । ତା ଉପରେ

Digitized by srujanika@gmail.com

ମଣିନାଗେଶ୍ୱର ମନ୍ଦିର । ନୟାଗଡ଼ରୁ ୩୦ କିଲୋମିଟର । ରବିବାରିଆ ଛୁଟିଦିନ । ଦିନସାରା ପାହାଡ଼ ବୁଲିବୁଲି ସାଥିରେ ନେଇଥିବା ଶୁଖିଲାଖାଦ୍ୟ ଖାଇ ସଂଧ୍ୟାକୁ ଫେରିଲୁ ।

କେବଳ ଡାକ୍ତରମାନଙ୍କୁ ନେଇ ବଂଚି ହେବନି । ସମାଜରେ ବଂଚି ରହିବାକୁ ହେଲେ ସମସ୍ତଙ୍କୁ ସାଥିରେ ନେଇ ଚଳିବାକୁ ପଡ଼ିବ । ଏଠି ସାଙ୍ଗ ମିଳିଲେ ଜଂଗଲ ବିଭାଗର ଡି.ଏଫ୍.ଓ ମନି ମିତ୍ର । ଡାକ୍ତରଖାନା ପାଖରେ ତାଙ୍କ ବସା । ମୋ ସାଙ୍ଗ ଇଂଜିନିଅର ଶରତ ଜେନା, ସାଇଭକ୍ତ କିଶୋର ଶତପଥୀ ଭଳି ଜଣେ ଦୁଇଜଣ ଆଡ଼ଭୋକେଟ ପୋଲିସ ଅଫିସର । ଏଇମାନେ ହେଲେ ସାଙ୍ଗସାଥୀ ।

ମନିବାବୁ କେଜାଣି କାହିଁକି ମତେ ବହୁତ ଭଲ ପାଉଥାନ୍ତି । ପ୍ରତିଦିନ ସଂଧ୍ୟାରେ ତାଙ୍କ ଘରେ ତାସଖେଳ । ଖାନାପିନା ବି । ସେ ବି ଟୁର୍‌ରେ ଗଲେ ମତେ ସାଙ୍ଗରେ ନିଅନ୍ତି । ମୋର ବି ବୁଲିବୁଲି ନୂଆ ଜାଗା ଦେଖିବାର ସଉକ । ତାଙ୍କ ସାଥିରେ ବରକୂଳ ଡାକବଂଗଳାରେ କେତେଥର ରହିଛି । ମହାନଦୀର ସାତକୋଶିଆ ଗଣ୍ଡ କୂଳେକୂଳେ ଜଂଗଲ ଭିତରେ ଯିବାକୁ ମୁଁ ବେଶ୍ ଉପଭୋଗ କରିଛି । ମିତ୍ରବାବୁ ମୁଁ ନୟାଗଡ଼ ଛାଡ଼ିଲା ବେଳକୁ ମତେ ପିଆଶାଳ କାଠରେ ନିର୍ମିତ ଦୁଇଟି ଖଟ ଉପହାର ଦେଇଥିଲେ । ସେ ଏବେ ଅବସର ନେବା ପରେ କଟକରେ ଦେଉଳ ସାହିରେ ରହୁଛନ୍ତି । ତାଙ୍କ ପୁଅ ବି ଜଣେ ଡି.ଏଫ୍.ଓ ।

ଜଂଗଲ ବିଭାଗରେ ନୂଆ କର୍ମଚାରୀ ଫରେଷ୍ଟ ଗାର୍ଡ଼, ଫରେଷ୍ଟର, ରେଞ୍ଜର ଇତ୍ୟାଦି ନିଯୁକ୍ତି ପାଇଁ ସାକ୍ଷାତକାର ପୂର୍ବରୁ ଦୌଡ଼ିବା ପାଇଁ ସେମାନଙ୍କର ସାମର୍ଥ୍ୟ ଥିବା ଦର୍ଶାଇ ମୋ ଠାରୁ ସାର୍ଟିଫିକେଟ୍ ନିଅନ୍ତି । ଏତକ ନକଲେ ସେମାନେ ଦଉଡ଼ାରେ ଭାଗ ନେଇ ପାରିବେନାହିଁ । ସୁତରାଂ ସେ ସୂତ୍ରରୁ ମୁଁ କିଛି ପଇସା ପାଏ ।

ଡାକ୍ତର, ପୋଲିସ, ଓକିଲ ତଥା ସ୍ଥାନୀୟ ଅଫିସର ମାନଙ୍କ ସହ ସୁସଂପର୍କ ସ୍ଥାପନ ପରେ ନୟାଗଡ଼ ଦଶପଲ୍ଲା, ଖୋର୍ଦ୍ଧା ଅଂଚଳରୁ ବଡ଼ ବଡ଼ ଅପରେସନ କେଶ୍ ଆସିଲା । ମୁଁ ଏବେ ନିର୍ଭୟରେ ସଫଳତାର ସହ ଆପେଣ୍ଡିସାଇଟିସ୍, ପେପଟିକ୍ ଅଲସର ଭଳି କେଶ୍ ଅପରେସନ କରି ସୁନାମ ଅର୍ଜନ କଲି । କିଛି କିଛି ହାଡ଼ଭଙ୍ଗା କେଶ୍ ବି। କାମ ବଢ଼ିଲା, ଆମ ଦାମ୍ ବି ବଢ଼ିଲା ।

ମୋ ଝିଅକୁ ଧରାଧରି ପାଇଁ ପାଖ ଗାଁ ଗୋଡ଼ିପଡ଼ାରୁ ସନାତନ ବୋଲି ଗୋଟିଏ ପିଲା ଆସି ରହିଲା । ଏଇ ପିଲାଟି ଆମ ପାଖରେ ବହୁତ ଦିନ ଧରି ରହିଥିଲା । ଫୁଲବାଣୀରେ ଗୋଟିଏ ଚୋରୀ କେଶରେ ସଂପୃକ୍ତ ହେବାରୁ ବିଦାୟ ନେଲା । ସେ ଏ ପର୍ଯ୍ୟନ୍ତ ମଝିରେ ମଝିରେ ମୋ ପାଖକୁ ଆସୁଛି ।

ନୟାଗଡ଼ ସବ୍‌ଜେଲର ଅଧୀକ୍ଷକ ଓ୍ୱାର୍ଡ଼ରମାନେ ଘରକୁ କାମ କରିବାକୁ ଆସନ୍ତି । ମୋର ବା କି କାମ ? ସନାତନ ତ ଝିଅକୁ ଖେଳାଏ । ଏମାନେ କେତେବେଳେ କେମିତି ତାକୁ ପାଖ ସ୍କୁଲକୁ ନିଅନ୍ତି । ତା ମା ତାକୁ ଘରେ ପଢ଼ାଏ ।

ମୁଁ ନୟାଗଡ଼ କଲେଜ ଛାତ୍ରାବାସର ଡାକ୍ତର ଥାଏ। ଏଇ ଚାକିରୀଟି ମତେ ଭଲଲାଗେ । ଛାତ୍ରାବାସରେ ପିଲାମାନଙ୍କ ସହ କିଛି ସମୟ କଟାଇଲେ ଆନନ୍ଦ

Digitized by srujanika@gmail.com

ମିଳେ । ସେମାନେ ଡାକ୍ତରଖାନାରୁ ଆସି ଔଷଧ ନିଅନ୍ତି । ମୁଁ ଜେଲ ଓ ହଷ୍ଟେଲରୁ କିଛି ପଇସା ବି ପାଏ ।

ଭୁବନେଶ୍ୱରରୁ ନୟାଗଡ଼ ଦେଇ ଦଶପଲ୍ଲା ଯାଉଥିବା ରାସ୍ତା ଉପରେ ନୟାଗଡ଼ ବଜାର ବା ସହର । ସେଇଠି କେତୋଟି ଦୋକାନ, ବସ୍ ଷ୍ଟାଣ୍ଡ ବି । ତାରି ଭିତରେ ଗୋଟିଏ ଔଷଧ ଦୋକାନ । ଦୋକାନ ମାଲିକ ଚିମନବାବୁ । ମାରୱାଡ଼ି । ତାଙ୍କ ଘର ଇଟାମାଟି । ନୟାଗଡ଼ର ବ୍ୟବସାୟ କେନ୍ଦ୍ର । ସେଠି ହାସ୍ୟରସାତ୍ମକ କବି ଯଦୁମଣି ମହାପାତ୍ରଙ୍କ ଘର। ତାଙ୍କର 'ଅନ୍ଧରାଜ୍ୟକୁ ଗଲି ଦର୍ପଣ ବିକି, କନ୍ଧ ହସ୍ତରେ ଦେଲି ଗୋଦାନ ଟେକି' ଭଳି ଲେଖା ଖୁବ୍ ଲୋକପ୍ରିୟ । ସେଠି ଜଣେ ଯାଦୁକର ବି ଥାନ୍ତି । ସେ ଗ୍ରାମକୁ ରୋଗୀ ଦେଖିଗଲେ ବେଶ୍ ଦି ପଇସା ମିଳେ । ଚିମନଭାଇଙ୍କ ସାନଭାଇ ଦୋକାନରେ ବସନ୍ତି । ମଝିରେ ମଝିରେ କିଛି ନୂଆ ଜିନିଷ ଉପହାର ରୂପେ ଆଣି ଦିଅନ୍ତି । ଗୋଟିଏ ଫାଇବର ଆଟାଚି ଦେଇଥିଲେ । ଏ ପର୍ଯ୍ୟନ୍ତ ଅଛି । ମୁଁ ନୟାଗଡ଼ରେ ଥିବା ପର୍ଯ୍ୟନ୍ତ ସେ ଦୁଇ ଭାଇ ଥିଲେ ମୋର ରକ୍ଷା କବଚ ।

ନୟାଗଡ଼ର ସାଂସ୍କୃତିକ ପରିବେଶ ଖୁବ୍ ଉଚ୍ଚକୋଟୀର । ହେଲେ ସବୁଠି ରାଜନୀତି । ନୟାଗଡ଼ ଗୋଟିଏ ବିଜ୍ଞାପିତ ଅଂଚଳ । ତାର ଚେୟାରମାନ ଥାନ୍ତି ରଘୁନାଥ ଦାଶ । ଜଣେ କମ୍ୟୁନିଷ୍ଟ । ମୁଁ ବୋଧହୁଏ ଜନ୍ମରୁ କମ୍ୟୁନିଷ୍ଟ ବିରୋଧୀ । ଭଙ୍ଗା ଛଡ଼ା ଗଢ଼ିବା କମ୍ୟୁନିଷ୍ଟ ମାନଙ୍କ ଜାତକରେ ନାହିଁ । ସର୍ବହରାର ଶାସନ ପାଇଁ କୋଟିପତିମାନେ ଲାଗି ପଡ଼ିଛନ୍ତି । ଶ୍ରମିକ ମାନଙ୍କୁ ଶୋଷଣ କରି, ସେଇମାନଙ୍କ ଅର୍ଥରେ ସେଇମାନଙ୍କ ପିଠିରେ ଭରାଦେଇ ଉପରକୁ ଉଠନ୍ତି ଓ କେଇଜଣ ହୋହଲ୍ଲା କରନ୍ତି । ଏମାନଙ୍କ ପଛରେ ଜନ ସମର୍ଥନ ନଥାଏ । ସେ କେମିତି ଚେୟାରମାନ ହୋଇ ପଡ଼ିଲେ କେଜାଣି !

ଡାକ୍ତରଖାନାର ପୂର୍ବ ଓ ପଶ୍ଚିମ ପଟେ ବିଜ୍ଞାପିତ ଅଂଚଳର ଜମି, ପାଚେରୀ ନାହିଁ । ମଝିରେ ମଝିରେ ବାଡ଼ । ଚେୟାରମାନ ସାହେବ ପଶ୍ଚିମ ପଟରେ ଥିବା ବାଡ଼ ଉଠାଇ କିଛି କୋଠାବାଡ଼ି ତିଆରି କରିଦେଲେ। ସାଧାରଣ ସୌଜନ୍ୟ ଦୃଷ୍ଟିରୁ ମୋ ସହିତ ପରାମର୍ଶ କଲେ ନାହିଁ । ମୁଁ ଏଥିରେ ଉତ୍କ୍ଷିପ୍ତ ହୋଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ଥିବା ମୋର ସହପାଠୀ ଓ ବଂଧୁ ଇଂଜିନିଅର ଶରତ ଜେନାଙ୍କ ସହାୟତାରେ ଦକ୍ଷିଣ (ସାମ୍ନାପଟ) ଓ ପୂର୍ବପଟ ତାଙ୍କ ଜାଗାକୁ ମଡ଼ାଇ ରାତାରାତି ପାଚେରୀ ଉଠାଇ ଦେଲି । ସେ କାଳରେ କୋଠାବାଡ଼ି ମରାମତ ପାଇଁ ଆମ (ସର୍ଜନବାବୁ) ହାତରେ କିଛି ପଇସା ରହୁଥିଲା । ଅବଶିଷ୍ଟ ପୂର୍ତ୍ତବିଭାଗ ବଜେଟରୁ । ବେଶ୍ ହୋହଲ୍ଲା ହେଲା ।

ସିଭିଲ୍ ଏସ୍‌ଡିଓ ଥାନ୍ତି ମଦନମୋହନ ଖଟୁଆ ମୋର ବ୍ୟକ୍ତିଗତ ବଂଧୁ । ଖୁବ୍ ସାଧାରଣ ଜୀବନ ଯାପନ କରନ୍ତି । ପାପ ତାଙ୍କୁ ସ୍ପର୍ଶ କରିନାହିଁ । ଘର ଦେଖିଲେ କେହି ଏସ୍‌ଡିଓ ଘର ବୋଲି କହିବେ ନାହିଁ । ଗୁଡ଼ିଏ ଛୁଆ । ସମସ୍ତେ ଦେଖିବାକୁ ସୁନ୍ଦର । ସେମାନେ ଏବେ ସୁପ୍ରତିଷ୍ଠିତ । ଏସ୍.ଡି.ଓ ମତେ ସମର୍ଥନ କଲେ ।

ଆମ ଡରୁଆ ସିଭିଲ ସର୍ଜନ ପୁରୀରୁ ଦଉଡ଼ି ଆସିଲେ । ମୁଁ କହିଲି, ପାଚେରୀ ନଥିଲା ସବୁବେଳେ ଗୋରୁ ଗାଈ ପଶୁଥିଲେ, ମୁଁ ପାଚେରୀ କରି ଦେଇଛି । ସବୁ ତ ସରକାରଙ୍କ ଜାଗା । ମୁଁ ବାଡ଼ ଯେଉଁଠି ଥିଲା ସେଇଠି ପାଚେରୀ ଉଠାଇଛି । ସେପଟରେ ଘର ତିଆରି ପୂର୍ବରୁ ଚେୟାରମାନ କଣ ମତେ ପଚାରିଥିଲେ ? ସିଭିଲ

Digitized by srujanika@gmail.com

ସର୍ଜନ ବୁଝିଲେ ମୋ ପଛରେ ସମସ୍ତଙ୍କ ସମର୍ଥନ ରହିଛି । ସେ କିଛ ନ କହି ଫେରିଗଲେ। ଏଥିରେ ମୋର କିଛି ସମ୍ମାନ ବଢ଼ିଲା । ଷ୍ଟାଫ୍‌ମାନେ ବି ଭୟ କଲେ ।

ମୁଁ କଟକ ଆସିଲେ ମୋର ରହିବାକୁ ଜାଗା ନ ଥାଏ । ଶଶୁର ଘରେ ରହିବାକୁ ପସନ୍ଦ କରେନି । ତାଙ୍କ ଘରେ ବି କେହି ନଥାନ୍ତି । ସୁଦର୍ଶନ ବଡ଼ବାପାଙ୍କ ଝିଅ ବୁଲି । ତାଙ୍କ ଜ୍ୱାଇଁ ହୃଦାନନ୍ଦ ମଲ୍ଲିକ ପିଠାପୁରେ ଘର ଭଡ଼ା ନେଇ ରହୁଥାନ୍ତି । ତାଙ୍କ ନିଜର ଘର ନ ଥିଲା । ପରେ ଅବଶ୍ୟ ଜାଗା କିଣି ସେଇଠି ସେ ଘର କଲେ । ମୁଁ ଯାଇଁ ତାଙ୍କ ଘରେ ରହେ । ହୃଦାନନ୍ଦ ବାବୁ ଷ୍ଟେଟବ୍ୟାଙ୍କ କିରାଣୀ । ତାଙ୍କ ପିଲାମାନେ ବି ମତେ ମାମୁଁର ସମ୍ମାନ ଦିଅନ୍ତି । ବୁଲି ଭଲ ରାନ୍ଧେ । ସେମାନଙ୍କ ସ୍ନେହ ମମତାରେ ମୁଁ ବାନ୍ଧି ହୋଇ ପଡ଼ିଥିଲି । ଏଇଠି ଦେଖାହୁଏ ଲଳିତ । ଲଳିତ ହୃଦାନନ୍ଦ ବାବୁଙ୍କର ଦାଦୀ ପୁଅ ଭାଇ । ପଢୁଥାଏ । ମୁଁ ତାଙ୍କ ଗ୍ରାମକୁ ବି ଯାଇଛି । ବହୁତ ସ୍ନେହୀ । ସ୍ନେହ ଶ୍ରଦ୍ଧା ଭିତରେ ତାଙ୍କ ସହ ବଂଧୁତା ବଢ଼ିଛି । ମୁଁ କଳାହାଣ୍ଡିରେ ଥିଲାବେଳେ ସେ ରାୟପୁରରେ ଥିଲେ ବ୍ୟାଙ୍କ କିରାଣୀ । ସେଠିକୁ ଯାଇଛି । ଏବେ ସେ ଖୋର୍ଦ୍ଧାରେ ବ୍ୟାଙ୍କ ମ୍ୟାନେଜର ।

ମୁଁ ନୟାଗଡ଼ରେ ଥିବାବେଳେ ମୋ ଝିଆରୀ ଜ୍ୱାଇଁଙ୍କର ବଡ଼ଭାଇ ପ୍ରତାପ ବାବୁଙ୍କର ଗାଡ଼ି ଦୁର୍ଘଟଣାରେ ମୁଣ୍ଡରେ ଆଘାତ ହେଲା। ସେ କୋରାପୁଟ ଡାକ୍ତରଖାନରେ ଚିକିତ୍ସିତ ହେଉଥାନ୍ତି । ମୁଁ କୋରାପୁଟ ଗଲି। ସେଠି ସିଭିଲ ସର୍ଜନ ଥାନ୍ତି ଡାକ୍ତର ରସିକ ପଟ୍ଟନାୟକ । ଆମ ଅଂଚଳ ଲୋକ । କୋରାପୁଟକୁ ସିଧା ସଳଖ ରାସ୍ତା ନ ଥିଲା । ମୁଁ ଟ୍ରେନ୍‌ରେ ବିଶାଖାପାଟଣା ଦେଇ କୋରାପୁଟ ଗଲି । କୋରାପୁଟ ସେ ଜିଲ୍ଲାର ସଦର ମହକୁମା । ଏବକାର ପଂଚାୟତ ହେଡ଼କ୍ୱାର୍ଟରସ ଠାରୁ ବି ଛୋଟ । ଖାଇବାକୁ ହୋଟେଲ ନାହିଁ । ଯା ହେଉ ସେଦିନ ରସିକ ବାବୁଙ୍କ ଘରେ ରହିଲି । ପ୍ରତାପ ବାବୁଙ୍କ ମୁଣ୍ଡର ଆଘାତ ବିଶେଷ ଗୁରୁତର ନ ଥିଲା । ମୁଁ ତାଙ୍କୁ ସାଙ୍ଗରେ ନେଇ ଆସିଲି। ସେ ନୟାଗଡ଼ରେ ରହି ଭଲ ହୋଇଗଲେ ।

ରୋଗୀସଂଖ୍ୟା କ୍ରମେ ବଢ଼ିବାକୁ ଲାଗିଲା । ଖଟିଆ କମ୍ । ରୋଗୀସବୁ ତଳେ ଶୋଇଲେ । ଘରେ ତ ତଳେ ଶୋଉଛନ୍ତି । ଡାକ୍ତରଖାନରେ ଶୋଇବେ । ଅସୁବିଧା କେଉଁଠି ? ତଥାପି କେତେକଙ୍କର ଚକ୍ଷୁଶୂଳ ହେଲି ।

ଦିନକର ଘଟଣା । ସେତେବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଥାନ୍ତି ସୋମନାଥ ରଥ । ଡାଇରେକ୍ଟର ମଦନ ମୋହନ ପ୍ରଧାନ । ମଦନ ବାବୁଙ୍କ ପାଖରେ ମୁଁ ହାଉସ ସର୍ଜନ ଥିଲି । ତାଙ୍କ ରୋଗୀସବୁ ଦେଖୁଥିଲି । ତାଙ୍କର ଡାକ୍ତର ହିସାବରେ ନାମ ଥିଲା । ମନ୍ତ୍ରୀ ଅଚାନକ ପରିଦର୍ଶନରେ ଆସିଛନ୍ତି । ସାଙ୍ଗରେ ଅଛନ୍ତି ଡାଇରେକ୍ଟର । ଲୋକ ଗହଳି । ମନ୍ତ୍ରୀଙ୍କ ଡାକ୍ତରଖାନା ପରିଦର୍ଶନ ମୋ ଚାକିରୀ କାଳରେ ଏ ପ୍ରଥମ । ସୋମନାଥ ବାବୁ ଗଂଜାମୀ ଲୋକ । ଛେନାରୁ ଚୋପା ଛଡ଼ାଇବାକୁ ଭଲ ପାଆନ୍ତି । ପାଟିତୁଣ୍ଡ କଲେ ଲୋକ ବାହାବା କହିବେ । ଡାକ୍ତର ବି ଭୟଭୀତ ହୋଇ ମନ୍ତ୍ରୀଙ୍କ ଘରକୁ ଦଉଡ଼ିବ । ମୋ ନିର୍ଭୀକ ପଣିଆ ଡାଇରେକ୍ଟରଙ୍କୁ ଜଣା । ଚାମଚା ଯାଙ୍କେ କହିଛନ୍ତି ରୋଗୀକୁ ଖାଇବା ପାଇଁ ଦିଆଯାଉନି । ମନ୍ତ୍ରୀ ୱାର୍ଡ ବୁଲିଲେ । ନିର୍ଦ୍ଦିଷ୍ଟ ରୋଗୀ ପାଖକୁ ଗଲେ । ସାଲାଇନ ଚାଲିଛି । ନାକବାଟେ ନଳି

Digitized by srujanika@gmail.com

ଦିଆଯାଇ ଘଣ୍ଟାକୁ ଘଣ୍ଟା ପେଟରୁ ପାଣି କଢ଼ା ହେଉଛି । ପେଟ ଅପରେସନ । ତିନିଦିନ ହେଲାଣି । ସେଇ ପ୍ରଶ୍ନ । ଏତେ ସିରିଅସ ରୋଗୀକୁ ଖାଇବାକୁ ଦିଆଯାଉନି । ଫଳରସ ଦେଉନ ? ମୁଁ କହିଲି ଆମେ ଶିରାବାଟେ ତାକୁ ଆବଶ୍ୟକୀୟ ଖାଦ୍ୟ ଦେଉଛୁ । ତାପରେ ମଦନବାବୁ ପ୍ରାଂଜଳ ଭାବେ ସବୁ ବୁଝାଇଦେଲେ ।

ଆମ ଘର ଖବର ବୁଝୁଥିବା ବୀରବର ରାଉତଙ୍କ ପୁଅ ପ୍ରତାପ ଆମ ଘରେ ଆସି କିଛିଦିନ ରହିଲେ । ଗାଁ ପାଖ ସ୍କୁଲରେ ପଢୁଥାନ୍ତି । ଗାଁ ହିସାବରେ ମୋର ନାତି । ମୁଁ ଯେଉଁଠିକୁ ଯାଏ ତାକୁ ସାଙ୍ଗରେ ନେଇଯାଏ । ସଂଧ୍ୟାବେଳେ ବି ବୁଲିଯାଉ । ରାଜାଙ୍କ ନଅର, କଲେଜ ଛାତ୍ରାବାସ ଇତ୍ୟାଦି । ପରେ ମୁଁ ଫୁଲବାଣୀରେ ଥିଲାବେଳେ ତାକୁ ଖଣ୍ଡିଏ ଚାକିରୀ ମିଳିଲା । ଆମଘରେ ପିଲାମାନେ ତାକୁ କୁଣିଆବାବୁ ଡାକନ୍ତି । ସେ ଏବେ ଦାରିଙ୍ଗବାଡ଼ିରେ ଲାବୋରେଟରି ଟେକ୍ନିସିଆନ ଅଛନ୍ତି ।

ନୟାଗଡ଼ରେ ସବୁ ଶବ ବ୍ୟବଚ୍ଛେଦ ମୁଁ କରୁଥିଲି । ନୟାଗଡ଼ ଲୋକେ କମ୍ ମକଦ୍ଦମାଖୋର ନୁଅନ୍ତି । ଥରେ ଗୋଟେ ଲୋକକୁ ମାରି ତା ଉପରେ କାନ୍ଥ ଭାଙ୍ଗି ପକାଇଦେଲେ । ହଲ୍ଲା କଲେ କାନ୍ଥ ଡେଇଁ ଚୋରୀ କରିବାକୁ ଘରେ ପଶୁଥିଲା । କାନ୍ଥ ଭାଙ୍ଗି ତା ଉପରେ ପଡ଼ି ପ୍ରାଣ ଗଲା । ପୋଲିସ୍ ଲାସ୍ ମଇନା ପାଇଁ ମୋ ପାଖକୁ ପଠାଇଲା । ମୁଁ ଶବ ବ୍ୟବଚ୍ଛେଦ ପରେ ରିପୋର୍ଟ ଦେଲି । ପକ୍ଷ କେହି ମୋ ପାଖକୁ ଆସିଲେନି । ସେମାନେ ସେଠିକାର ପ୍ରଭାବଶାଳୀ ଲୋକ । ପଇସାବାଲା ବି ।

ଯୋଗକୁ ମୁଁ ଥିବାବେଳେ ସେ କେଶ୍ ସେଇଠିକା ମାଜିଷ୍ଟ୍ରେଟଙ୍କ ଆଗରେ ପଡ଼ିଲା । ସେମାନେ କଟକରୁ ନାମଜାଦା ଓକିଲ ସବୁ ଆଣିଲେ । ମତେ ଡକା ହେଲା । ମୁଁ ସାକ୍ଷୀ ଦେବାକୁ ଗଲି । ମୋର ଜମାନବନ୍ଦୀ ହେଲା । ମୁଁ ଦୃଢ଼ ଭାବରେ କହିଲି ମୃତଙ୍କର ମୃତ୍ୟୁ ପୂର୍ବରୁ ଯେଉଁସବୁ କ୍ଷତ ହୋଇଥିଲା ସେଇଥିରେ ସେ ମରିଛି । କାନ୍ଥରୁ ଖସିଥିବା ମାଟି ଅତଡ଼ା ପାଇଁ ନୁହେଁ । ସେମାନେ ଏକାଧିକ ଜୁରିସ୍ ବହି ଦେଖାଇଲେ । ମୁଁ କହିଲି ବହି ପଢ଼ାଯାଏ ଅଭିଜ୍ଞତା ପାଇଁ । ମୁଁ ସେ ଅଭିଜ୍ଞତା ହାସଲ କରି ସାରିଛି । ମୁଁ ମଧ୍ୟ ବହି ଲେଖି ପାରିବି । ମୃତ୍ୟୁ ପୂର୍ବରୁ କ୍ଷତ କେମିତି ହେଲା, କିଏ କଲା, ସେଥିରେ ମୃତ୍ୟୁ ହେବ କି ନାହିଁ ତାହାହିଁ ବିଚାର୍ଯ୍ୟ । ମୋର ଦୃଢ଼ ମତ ସେ ମୃତ୍ୟୁ ପୂର୍ବର କ୍ଷତପାଇଁ ମରିଛି ।

ଡାକ୍ତରଙ୍କ ସାକ୍ଷ୍ୟ ନିଷ୍ପତ୍ତିମୂଳକ । ସେହି ଅନୁସାରେ ସେମାନଙ୍କୁ ସଜା ହୋଇଗଲା । ଏଥିରେ ନୟାଗଡ଼ର ଓକିଲମାନେ ମଧ୍ୟ ବିସ୍ମିତ ହେଲେ । ଦଶପଲ୍ଲା ଆଉ ଗୋଟିଏ ଗଡ଼ଜାତ । ନୟାଗଡ଼ରୁ ୪୦ କିଲୋମିଟର ଦୂର । ସେଠି ମୋ ଭିଣୋଇଙ୍କ ବଡ଼ଭାଇ ରମେଶ ଜେନା ଘରଦ୍ୱାର କରି ରହିଛନ୍ତି । ଦଶପଲ୍ଲା ରାଜାଙ୍କ ବ୍ୟକ୍ତିଗତ ସହାୟକ । ତେଣୁ ବେଶ୍ ଖାତିର । ତାଙ୍କ ପୁଅ ବୁଲୁ ମୋର ସମବୟସ୍କ । ରବିବାରିଆ ଦେଖି ସେଠିକୁ ମୋ ଗାଡ଼ିରେ ପଳାଉଥିଲି । ସେଠି ବି ଆମ ଡାକ୍ତରଖାନା ଅଛି । ସବୁଆଡ଼େ ଜଙ୍ଗଲ । ବୁଲାବୁଲି କରୁ । ତାଙ୍କ ଘରେ ଖାଇବା ପିଇବା । ସେମାନେ ବହୁତ ସ୍ନେହୀ । ତାଙ୍କ ଭାଇ ମଧୁଭାଇ । ସେ ବି ଘରଦ୍ୱାର

Digitized by srujanika@gmail.com

କରି ରହିଛନ୍ତି। ତାଙ୍କ ପିଲାମାନେ ବେଶ୍ କର୍ମଠ । ତାଙ୍କର ଚାଷଜମି ବାଡ଼ିବଗିଚା ଅଛି । ସେଠିକି ଯାଉ । କଦଳୀ, ପିଜୁଳି, ପପେୟା ଯେତେବେଳେ ଯାହା ଥାଏ ଖାଉ ।

ଏଠିକାର ବନବିଭାଗ ଅଫିସର ସ.ଇ.ଏଫ୍ ବୁଲୁର ସାଙ୍ଗ । ଜଙ୍ଗଲ ବୁଲାବୁଲି ବେଳେ ମୋର ଚିହ୍ନା ହୋଇଗଲେ । ମତେ ବହୁତ ସମ୍ମାନ ଦିଅନ୍ତି । ଜଙ୍ଗଲ ବୁଲାନ୍ତି । ଚୋରା କାଠ ସବୁ ନିଲାମ ହୁଏ । ମୋ ଘର ତିଆରି ବେଳେ ଶାଳ ପିଆଶାଳ କାଠ ଯୋଗାଇ ଦେଇଥିଲେ । ବିରାଟ ବିରାଟ ଗଣ୍ଡି । ୧୬/୧୭ ଫୁଟ ଗୋଲେଇ ।

ଏଇଠି ମୋ ସାଙ୍ଗ ଜଗତ ମୋହନ ସୁବୁଦ୍ଧିର ଘର । ସେ ଆମେରିକାରେ ରହିଗଲା । ଆମେ ସାଙ୍ଗ ହୋଇ ବିଲାତ ଯାଇଥିଲୁ । ତା ବାପା ନାମରେ ସେଇଠି କଲେଜ କରିଛି ।

ପୁରୀ ଜିଲ୍ଲା ସାରା ସବୁଆଡ଼େ ଜଗନ୍ନାଥ ମନ୍ଦିର । ସବୁଠି ରଥ । ଏଠିକାର ସ୍ୱତନ୍ତ୍ରତା ମହାବୀର ମନ୍ଦିର । ଦଶହରାରେ ଲଙ୍କାପୋଡ଼ି । ଏଠିକାର ଲଙ୍କାପୋଡ଼ି ଓଡ଼ିଶା ବିଖ୍ୟାତ । ବହୁ ଜନ ସମାଗମ । ମୁଁ ନୟାଗଡ଼ରେ ଥିବା ସମୟରେ ବରାବର ଯାଉଥିଲି ।

ନୟାଗଡ଼ରେ ମୋର କାର୍ଯ୍ୟକାଳ ପୁରି ଆସିଲାଣି । ପିଲାମାନେ ଚାହିଁଲେ ଚିଲିକା ଯିବାକୁ । ମୁଁ ଆଗରୁ ଯାଇଥିଲେ ବି ସେମାନେ ଯାଇ ନାହାନ୍ତି । ମୁଁ ମିଟିଂ ନାମରେ ସାରା ନୟାଗଡ଼ କ୍ଷେପି ସାରିଲିଣି । ସେମାନେ ଘରେ ବସିଛନ୍ତି । ତାଙ୍କୁ ତ ପୁଣି ସନ୍ତୁଷ୍ଟ କରିବାକୁ ପଡ଼ିବ।

ଛୁଟିଦିନ ଦେଖି ମୋ ଗାଡ଼ିରେ ବାହାରି ପଡ଼ିଲୁ । ସାଙ୍ଗରେ ଗଲେ ଚିମନ ବାବୁର ଭାଇ । ସେ ଡ୍ରାଇଭିଂ ଜାଣନ୍ତି । ଗାଡ଼ି ଚଳାଇଲେ । ସାଙ୍ଗରେ କିଛି ଖାଦ୍ୟ ଦ୍ରବ୍ୟ ବି ନେଲୁ । କବିବର ରାଧାନାଥ ରାୟଙ୍କ ନୀଳାମ୍ବୁ ଚିଲିକା ଡାକିଲାଣି । ମନ ଅଥୟ । ବାଟରେ କେଉଁଠି ନରହି ବାଲୁଗାଁ ଡେଇଁ ଚିଲିକା କୂଳରେ ପହଁଚିଲୁ ।

ଗାଡ଼ି ରଖିଦେଇ ଚିମନବାବୁଙ୍କ ଭାଇ ଗୋଟିଏ ଡଙ୍ଗା ବରାଦ କଲେ। ସେ କାଳରେ ଏତେ ଭିଡ଼ ନ ଥିଲା । ସାଙ୍ଗରେ ଜଣେ ଗାଇଡ୍ । ଉତ୍କଳମଣି ଗୋପବଂଧୁ ଦାସଙ୍କ 'ବନ୍ଦୀର ଆତ୍ମକଥା'ରୁ -

"ରହରହ କ୍ଷଣେ ବାଷ୍ପୀୟ ଶକଟ -
ଦେଖିବି ଚିଲିକା ଚାରୁ ଚିତ୍ରପଟ ।" ମନେ ପଡୁଛି ।

ଚିଲିକା ଏସିଆର ବୃହତ୍ତମ ଲୁଣିହ୍ରଦ । ବଙ୍ଗୋପସାଗରଠାରୁ ବାଲିବନ୍ଧ ଦ୍ୱାରା ବିଚ୍ଛିନ୍ନ । ସ୍ଥାନୀୟ ତଥା ବିଦେଶାଗତ ପକ୍ଷୀମାନଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳ । କ୍ଷେତ୍ରଫଳ ୧୧୦୦ ବର୍ଗ କିଲୋମିଟର । ଆକାରରେ ଗୋଜିଆ ନାସପାତି ପରି । ଚିଲିକା ଭିତରେ ପାରିକୁଦ, ମାଲୁଦ ସମେତ ବହୁତ ଛୋଟ ଛୋଟ ଦ୍ୱୀପ । ସେଠି ବଣ ଜଙ୍ଗଲ ଭିତରେ ନାନା ପ୍ରକାର ଜନ୍ତୁ ହାତୀ, ହରିଣ ସବୁକିଛି । କୂଳେ କୂଳେ ଲୁଣି ଜଂଗଲ । ନଳବଣରେ ବିଦେଶାଗତ ପକ୍ଷୀ ମାନଙ୍କର କାକଳି ।

ଚିଲିକାରେ ଲୁଣି ଓ ମଧୁର ମାଛ । ପାଖ ବାସିନ୍ଦାଙ୍କର ମାଛ ମରା ଜୀବିକା । ସକାଳୁ ସକାଳୁ ଡଙ୍ଗା ଧରି ବାହାରି ପଡ଼ନ୍ତି । ଖାଇବା ପୂର୍ବରୁ ହାଜର । ଡଙ୍ଗାରେ ମାଛ ଭର୍ତ୍ତି ।

Digitized by srujanika@gmail.com

ଡଙ୍ଗା ଆସି ଯାଇଥିଲା । ଗାଇଡ୍ ସହ ଡଙ୍ଗାରେ ବସିଲୁ । ସେଇ ଡଙ୍ଗାରେ ବସି ଖାଇଲୁ । ଡଙ୍ଗା ଆଗେଇ ଚାଲିଲା । ଚାରିଆଡ଼େ ପକ୍ଷୀର ସମ୍ଭାର । ଦୂରରୁ ଦିଶୁଛି ନଳବଣ । ଭାଲେରୀ ଶିଖରରେ ଥିବା ଜଂଗଲ । ମଝିରେ ମଝିରେ ଡଲଫିନ ଦେଖୁଥାଉ । ସାମୁଦ୍ରିକ ମାଛ ୪/୫ ଫୁଟ ଲମ୍ବ । ଗାଇଡ୍ ଦେଖାଉଥାନ୍ତି କେଉଁଟା ପ୍ରାତଃଭୋଜୀ ଦ୍ୱୀପ ତ କେଉଁଟା ମଧୁମାସ ଦ୍ୱୀପ । କେଉଁଠି ଜଗନ୍ନାଥଙ୍କୁ ପଣ୍ଡାମାନେ ଲୁଚାଇ ରଖିଥିଲେ ଇତ୍ୟାଦି ।

ଲଞ୍ଚ ଆଗେଇଲା କାଳିଜାଇ ମନ୍ଦିର ଆଡ଼େ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାଳିଜାଇ କାବ୍ୟର କିୟତ ଅଂଶ ମନେ ପଡ଼ିଲା - "ଭଲ କରି ନାହା ବାହାରେ ନାଉରୀ ଝିଅକୁ ମାଡୁଛି ଡର" । ଜାଇ ବାପା ସାଥୀରେ ଶାଶୁଘର ପାରିକୁଦ ଯାଉଥିବା ବେଳେ ଝଡ଼ ତୋଫାନରେ ତା ପ୍ରାଣବାୟୁ ଉଡ଼ି ଯାଇଛି । ଆଉ ଜାଇର ଆତ୍ମା ଏବେ ବି ଘୂରି ବୁଲୁଛି କାଳିଜାଈ ମନ୍ଦିର ଚାରିପଟେ । ସେ ଥିଲେ ବାପଝିଅ । ଆମ ସାଥିରେ ଗୋଟିଏ ଝିଅ ଥିଲେ ବି କେତେ ଲୋକ । ଇଂଜିନ ଲଗା ଡଙ୍ଗା। ଭୟ କ'ଣ ? ଏମିତି ଭାବୁ ଭାବୁ କାଳିଜାଈ ମନ୍ଦିରରେ ପହଁଚିଗଲୁ । ଭୋଗରାଗ କଲୁ । ସେଠି ପ୍ରସାଦ ବି ମିଳିଲା । ଏଠି ମାଘମାସ ମକର ମେଳା ବେଳେ ବହୁତ ଯାତ୍ରୀଭିଡ଼ । ଏବେ ସେମିତି କିଛି ନାହିଁ। ସେଠୁ ଟିକିଏ ପାରିକୁଦ ଯାଇଁ ବୁଲାବୁଲି କରି ଫେରିଲୁ । ଘରେ ପହଁଚିଲା ବେଳକୁ ସଂଧ୍ୟା ।

ଚାକିରୀ ଜୀବନରେ ବଦଳି ଅବଶ୍ୟମ୍ଭାବୀ । ସେ ବି ଭଲ । ରାଜ୍ୟ ସାରା ବୁଲିବ । କେତେ ନୂଆ ନୂଆ ଜାଗା ଦେଖିବ, ସରକାରୀ ପଇସାରେ । କେତେ ନୂଆ ନୂଆ ବଂଧୁ । ସେଇମାନେ ହେବେ ତୁମର ସହାୟକ । ସ୍ମୃତିପଟରେ ନାଚୁଥିବେ ଜୀବନ ସାରା ।

ତିନିବର୍ଷ ପାଖାପାଖି ହେଲାଣି । କେନ୍ଦ୍ରାପଡ଼ା ନିଶା ଛାଡ଼ି ନ ଥାଏ । ବଦଳି ଅର୍ଡର ଆସିଲା, ଯାଜପୁର ବିରଜା ପୀଠକୁ । ଦାୟିତ୍ୱ ହସ୍ତାନ୍ତର କରି ୧୯୭୨ ମସିହା ଫେବୃଆରୀ ୧୭ ତାରିଖରେ ନୟାଗଡ଼ ଛାଡ଼ିଲି ଦକ୍ଷିଣକାଳୀଙ୍କୁ ମୁଣ୍ଡିଆ ମାରି ।

୦୦୦

Digitized by srujanika@gmail.com

# ବିରଜା କ୍ଷେତ୍ରରେ ତିନୋଟି ବର୍ଷ

## ୨୧.୨.୭୨ ରୁ ୨୭.୪.୭୫

ଚାକିରୀ ଜୀବନରେ ପ୍ରତି ୩ ବର୍ଷରେ ବଦଳି । ନୟାଗଡ଼ରେ ମୋର ପ୍ରାୟ ୩ବର୍ଷ ହୋଇ ଗଲାଣି । କେନ୍ଦ୍ରାପଡ଼ା ଯିବା ନିଶା ଛାଡି ନଥାଏ । ହେଲେ ବଦଳି ଅର୍ଡର ଆସିଲା ଯାଜପୁରକୁ । ଯାଜପୁରର ସୁନାମ ଅପେକ୍ଷା ଦୁର୍ନାମ ବେଶି । ଏଠି କୁଆଡ଼େ ଶୋଇଲାବେଳେ ଲୋକେ ଟିପଚିହ୍ନ ନେଇଯାନ୍ତି । ହାଟରୁ ଫେରିଲାବେଳେ ପଇସା ବଳିଥିଲେ ପୁଅ ବାପ ନାମରେ ବି ଗୋଟିଏ ମକଦ୍ଦମା ରୁଜୁ କରିଦିଏ । ମିଛସାକ୍ଷୀ କିଣାବିକା ହୁଅନ୍ତି । ଯାଜପୁର, ଭଦ୍ରଖ ଓ ଆନନ୍ଦପୁରକୁ ନେଇ ଗଢ଼ା ଅପରାଧୀ ତ୍ରିଭୁଜ । "ଫୁଲବାଣୀ ପାଣ, କଟିକୀ କରଣ, ଭଦ୍ରଖ ପଠାଣ, ଯାଜପୁରୀ ସର୍ବସାଧାରଣ" ଏମିତି କେତେ । ଏସବୁ ଶୁଣି ଶୁଣି ମୋର ସେଠାକୁ ଯିବାପାଇଁ ମନ ବଳୁ ନଥାଏ ।

ମୋ ମଉସା (ସତୁଙ୍କ ବାପା) ମାଧବ ଜେନା ନିର୍ବାହୀ ଯନ୍ତ୍ରୀ ଭାବେ ଅବସର ଗ୍ରହଣ କରିଥାନ୍ତି । ତାଙ୍କ ଘର ଯାଜପୁର ସବ୍‌ଡିଭିଜନର କୋଠପୁର ଗ୍ରାମ । ସେ ମୋର ଯାଜପୁର ଡାକ୍ତରଖାନାରେ ପୋଷ୍ଟିଂ ହେବା କଥା ଶୁଣି କହିଲେ ହୃଷୀବାବୁ ! ଯାଜପୁର ଭଲ ଜାଗା । ତୁମେ କାହାରି କଥା ଶୁଣ ନାହିଁ । ଆଖି ବୁଜି ସେଠାରେ କାର୍ଯ୍ୟଭାର ଗ୍ରହଣ କର । ମତେ ତାଙ୍କ ଗାଡ଼ିରେ ନେଇ ଯାଜପୁର ବୁଲାଇ ଆଣିଲେ । କେତେଲୋକଙ୍କ ସହ ଚିହ୍ନା ପରିଚୟ କରାଇଦେଲେ । ଡାକ୍ତରଙ୍କ ରହିବା ଘର ଚାଳଘର । ହତା ଭିତରେ କଦଳୀ ବଣ । ଡାକ୍ତର ଥାନ୍ତି ଭରତ ବେହେରା । ସେ ଆମ ଗୁରୁଭାଇ (ସ୍ୱାମୀ ନିଗମାନନ୍ଦଙ୍କ ଭକ୍ତ) । ତାଙ୍କ ସ୍ତ୍ରୀ କହିଲେ ଆପଣ ଏଭଳି ଜାଗାରେ ରହିବେ ? ବିଲାତ ଫେରନ୍ତା ଡାକ୍ତର । ଏଠିତ ମଶା ଟେକି ନେଇଯିବେ । ଲୋକ ଗୁଡ଼ାକ ଟାଉଟର ଇତ୍ୟାଦି । ମୁଁ ମଉସାଙ୍କ ସାଥିରେ ଥାଏ । ଭରତ ଭାଇ କହିଲେ ଅର୍ଡର ତ ଆସିଗଲାଣି । ଆପଣ ଯେବେ ଆସିବେ ମୁଁ ଚାର୍ଜ ଦେଇଦେବି । ତାଙ୍କ କଥାରେ ବିଶ୍ୱାସ କଲି । ମୁଁ ସେ ପର୍ଯ୍ୟନ୍ତ ନୟାଗଡ଼ ଛାଡ଼ି ନଥାଏ । ମଉସାଙ୍କ ଦ୍ୱାରା ପ୍ରଭାବିତ ହୋଇ ମୋ ଇଚ୍ଛା ବିରୁଦ୍ଧରେ ଯାଜପୁର ଯିବି ବୋଲି ମନ ସ୍ଥିର କଲି ।

କଟକ ଜିଲ୍ଲାର ୬ଟି ସବ୍‌ଡିଭିଜନ ଭିତରୁ ଯାଜପୁର ଲୋକ ସଂଖ୍ୟା ଓ କ୍ଷେତ୍ରଫଳ ଭିତ୍ତିରେ ସର୍ବବୃହତ୍ତ । ସେତେବେଳକାର ଲୋକସଂଖ୍ୟା ୧୧ ଲକ୍ଷ । ଶିକ୍ଷା, ସଂସ୍କୃତିରେ ଅନ୍ୟମାନଙ୍କଠାରୁ ଆଗୁଆ । ବୈତରଣୀ, ବିରୂପା, ଖରସ୍ରୋତା,

Digitized by srujanika@gmail.com

ବୁଢ଼ା ନଦୀ ଗୁଡ଼ିକ ଛନ୍ଦି ହେଲା ଭଳି ରହିଛି । ବନ୍ୟାର ବିଭୀଷିକା ଦାଉ ସାଧିଲେ ବି ଲୋକମାନଙ୍କର ଆର୍ଥିକ ଅବସ୍ଥା ଅପେକ୍ଷାକୃତ ସ୍ୱଚ୍ଛଳ । ଯାଜପୁରେ ଖଣ୍ଡାୟତ ମାନଙ୍କ ସଂଖ୍ୟା ତଥା ପ୍ରଭାବ ବେଶ୍ ଅନୁଭୂତ । ଲୋକମାନେ ସ୍ୱାଭିମାନୀ ତଥା କଳାପ୍ରିୟ ।

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ମନ୍ଦିର ୧୫୬୮ରେ କଳାପାହାଡ଼ ଧ୍ୱଂସ କରି ମା'ଙ୍କ ପାଷାଣ ପ୍ରତିମାକୁ କୂପ ଭିତରକୁ ନିକ୍ଷେପ କଲା । ୧୮୨୮ ମସିହାରେ ବିରଜା ମନ୍ଦିର ପୁନଃନିର୍ମାଣ କଲେ ଯାଜପୁରର ତତ୍‌କାଳୀନ ଜମିଦାର ଚୌଧୁରୀ ସୁଦର୍ଶନ ମହାପାତ୍ର । ମୂର୍ତ୍ତି ପ୍ରତିଷ୍ଠାର କିଛି ବର୍ଷ ପରେ ଗୋଟିଏ କୂପ ଭିତରୁ ପ୍ରାଚୀନ ଭଗ୍ନମୂର୍ତ୍ତି ଉଦ୍ଧାର କରାଗଲା । ଜମିଦାରଙ୍କ ପ୍ରଦତ୍ତ ମୂର୍ତ୍ତିକୁ ସ୍ଥାନାନ୍ତର କରି ଭଗ୍ନ ମୂର୍ତ୍ତିକୁ ସ୍ଥାପନ ଓ ପୂଜାର୍ଚ୍ଚନା କରାଗଲା । ଦେବୀ ଦ୍ୱିଭୁଜା, ମହିଷାସୁର ମର୍ଦ୍ଦିନୀ କିନ୍ତୁ ସିଂହବାହିନୀ ନୁହନ୍ତି ।

ମା'ଙ୍କର ବହୁ ପୂଜା ପର୍ବାଣୀ ଭିତରେ ଶାରଦୀୟ ଦୁର୍ଗାପୂଜା ଅନ୍ୟତମ । ଏହି ପୂଜା ୧୬ ଦିନ ଧରି ହୋଇଥାଏ । ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ଦେବୀ ରଥାରୁଢ଼ ହୋଇ ମନ୍ଦିର ବେଢ଼ା ପରିକ୍ରମା କରନ୍ତି । ଅଷ୍ଟମୀ ଦିନ ଛାଗବଳି ଦିଆଯାଏ । ନବମୀ ଦିନ ଲାଖବିଂଧା ଉତ୍ସବ ସାରି ଦେବୀ ମନ୍ଦିରକୁ ଫେରିଲେ ମହିଷବଳି ଦିଆଯାଏ - ମଂଦିର ବାହାରେ । ଦେବୀଙ୍କୁ ବଳିଭୋଗର ମସ୍ତକ କି ରକ୍ତ ଅର୍ପଣ କରାଯାଏ ନାହିଁ ।

ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଅବସ୍ଥିତ ଆଦିଶକ୍ତିପୀଠ ନାଭିଗୟା । ଏଠାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ସେମାନେ ମୁକ୍ତି ପାନ୍ତି । ପବିତ୍ର ବାରୁଣୀ ସ୍ନାନବେଳେ ଦଶାଶ୍ୱମେଧ ଘାଟରେ ବୁଡ଼ ପକାଇଲେ ସାତଜନ୍ମର ପୁଣ୍ୟ ଫଳ ମିଳେ । ବୈତରଣୀ ନଦୀ ଗର୍ଭରେ ବରାହଜୀ ମଂଦିର । ନଦୀ କୂଳରେ ଦୁଇ ପାର୍ଶ୍ୱରେ ଶିବଲିଙ୍ଗ। ଶୈବ ଓ ଶକ୍ତିର ସମନ୍ୱୟପୀଠ ଯାଜପୁର ।

୧୯୭୨ ମସିହା ଫେବୃଆରୀ ମାସ ୧୭ ତାରିଖ ଶୁକ୍ରବାର ଦିନ ସକାଳୁ ନୟାଗଡ଼ରୁ ମୋ କାର୍‌ରେ ଏକା ଏକା ବାହାରି ଯାଜପୁର ଡାକ୍ତରଖାନାରେ ପହଁଚିଲି ପ୍ରାୟ ଦିନ ୧୧ଟା ବେଳେ । ଭରତଭାଇ ତ ପ୍ରତିଶ୍ରୁତି ଦେଇଛନ୍ତି ଚାର୍ଜ ଦେଇଦେବେ । ମୋର ଆଉ ଚିନ୍ତା କଣ ? ଅଫିସ୍‌ରେ ବସିଲି । ଭରତ ବାବୁଙ୍କର ରୋଗୀ ଦେଖା ଚାଲିଛି । ୩ଟା ବେଳକୁ କହିଲେ - "ଏ ଅର୍ଡର ବଦଳିଯିବ" । ମନ୍ତ୍ରୀ କହିଛନ୍ତି । ମୁଁ ନିଜକୁ ସମ୍ଭାଳି ନେଇ ଜବାବ ଦେଲି ମନ୍ତ୍ରୀ ତ ମତେ ପଠାଇଲେ । ସେଠୁ ସ୍ୱର ବଦଳାଇ କହିଲେ - ନାଇଁ ତାଙ୍କ ପାଖ ଲୋକ । ଏ ପାଖଲୋକ କିଏ ? ବୁଝିଲି ସାଲେପୁରର ବିଧାନସଭା ସଦ୍ୟ - ସେ ମୋ ଶ୍ୱଶୁରଙ୍କ ଲୋକ । ମୋର ଚିହ୍ନା । ଆଗରୁ ସାଲେପୁର କଲେଜର ଅଧ୍ୟାପକ ଥିଲେ । ଏ ପରିସ୍ଥିତି ମୋ ପାଇଁ ନୂଆ । ତେବେ ସେଠି ମୁଁ କାହାରିକୁ କିଛି ନକହି ଗାଡ଼ି ଧରି କଟକ ପଳାଇ ଆସିଲି । କଟକରେ ସେତେବେଳେ ଦିବ୍ୟଜୀବନ ସଂଘର ଆଧାତ୍ମିକ ଆଲୋଚନା ସଭା ଚାଲିଥାଏ । ସଭାରେ କିଛି ସମୟ କଟାଇଲି । ପରଦିନ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ଅଫିସ ଭୁବନେଶ୍ୱର ଗଲି । ସେଠି ସେମାନେ ମତେ ଏକକ ଦାୟିତ୍ୱ ଗ୍ରହଣ ରିପୋର୍ଟ (ଇଉନିଲାଟରାଲ ଚାର୍ଜ ରିପୋର୍ଟ) ଦେବାକୁ ପରାମର୍ଶ ଦେଲେ । ମୁଁ ସଂପୃକ୍ତ ବିଧାନସଭା ସଦସ୍ୟଙ୍କୁ ବି ଭେଟିଲି । ସେ ଭରତ

Digitized by srujanika@gmail.com

ବାବୁଙ୍କୁ ସେଭଳି କିଛ ଭରସା ଦେଇ ନାହାନ୍ତି ବୋଲି କହିଲେ । ମୁଁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ଦପ୍ତରରୁ ଫେରୁଥିବାବେଳେ ଭରତ ଭାଇଙ୍କୁ ବି ବାହାରି ଆସୁଥିବାର ଦେଖିଲି । କିନ୍ତୁ କିଛି କହିଲି ନାହିଁ । ରବିବାର ଦିନଟି କଟକରେ ରହି ଦିବ୍ୟ ଜୀବନ ସଂଘର ଧର୍ମଚର୍ଚ୍ଚାରେ ଭାଗନେଲି । ସୋମବାର ଦିନ ସକାଳ ପ୍ରାୟ ୧୧ଟା ବେଳେ ମୋଗାଡ଼ିରେ ପହଁଚିଲି ଏକାଏକା । ସେତେବେଳକୁ ଭରତବାବୁ ଚାର୍ଜ ଦେବାକୁ ସ୍ଥିର କରି ସାରିଛନ୍ତି । ସମ୍ଭବତଃ ଅଶୋକ ଦାସଙ୍କ ଇଙ୍ଗିତରେ ସେପରି କରୁଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ବାଧ୍ୟ ହୋଇଛନ୍ତି ଚାର୍ଜ ଦେବାକୁ । ମତେ କହିଲେ ସେ ଏବେ ବସାଘର ଛାଡ଼ିବେ ନାହିଁ । ଜଳସେଚନ ଅଫିସରଙ୍କୁ କହି ମୋପାଇଁ ଗୋଟିଏ ସୁଟ୍ ସ୍ଥାନୀୟ ଡାକ ବଙ୍ଗଳାରେ ସଂରକ୍ଷିତ କରିଥିଲେ । ମୁଁ ତାଙ୍କଠାରୁ ଡାକ୍ତରଖାନା ଦାୟିତ୍ୱ ଗ୍ରହଣ କଲାପରେ ସେଇ ବଂଗଳାରେ ଯାଇଁ ରହିଲି । ଡାକ୍ତରଖାନାର ଗୋଟେ ପିଅନ ସୁରେନ୍ଦ୍ର ମୋର ଖାଇବା ପିଇବା ତଥା ଅନ୍ୟାନ୍ୟ ଖବର ବୁଝିଲା ।

ଏଇଠି ଦେଖାହୁଏ ଭାଗବତ । ଭାଗବତ ନୂଆଗାଁ ନିତ୍ୟାନନ୍ଦ ରାଉତଙ୍କ ପୁଅ । ଲେଖାଯୋଖା ଭାଇ । କଲେଜରେ ପଢୁଥାଏ । ମୁଁ ଯେଉଁ କେତେଦିନ ବଙ୍ଗଳାରେ ରହିଲି ସେ ମୋ ପାଖେ ପାଖେ ରହିଲା – ଛାଇପରି । ମୋର ବି ସମୟ କଟାଇବା ପାଇଁ ଗୋଟେ ସାଙ୍ଗ ଦରକାର ହେଉଥିଲା । ମୁଁ ତାଙ୍କ ଘରକୁ ଯାଏ । ଏ ପର୍ଯ୍ୟନ୍ତ ସେ ସୁସଂପର୍କ ରଖିଛି । ଯାଜପୁରର କୌଣସି ଗୋଟିଏ ସ୍କୁଲରେ ଶିକ୍ଷକତା କରୁଛି । ବଙ୍ଗଳାରେ ୪/୫ ଦିନ ରହିବା ପରେ ନୂଆକରି ତିଆରି ହେଉଥିବା ଡାକ୍ତରଖାନା ଭିତରକୁ ଚାଲି ଆସିଲି । ସେଠି ଡାକ୍ତରଖାନର ଅନ୍ୟ କର୍ମଚାରୀମାନେ ମଧ୍ୟ ଅସ୍ଥାୟୀ ଭାବେ ରହୁଥିଲେ । ସେମାନଙ୍କ ଭିତରେ କୁସୁମ ବୋଲି ଗୋଟିଏ ଧାଇ ଥିଲା । ସେ ମୋ ଖବର ବୁଝେ । ମୁଁ ଏଠି ପ୍ରାୟ ୪ ମାସ ରହିଲି । ଏଇ ସମୟତକ ମୋ ପାଇଁ ଥିଲା ଏକ ଆହ୍ୱାନ । ମୁଁ ତାର ପୂର୍ଣ୍ଣ ସଦୁପଯୋଗ କଲି । ଲୋକ ସଂପର୍କ ବଢ଼ାଇବା ପାଇଁ ଏହା ଆଣିଦେଲା ସୁବର୍ଣ୍ଣ ସୁଯୋଗ । ଉପରବେଳା ଡାକ୍ତରଖାନାରେ ବିଶେଷ କାମ ନଥାଏ । ମୁଁ ଓ କେତେକ ଓକିଲ ବଂଧୁ ବିଶେଷ କରି କୁଳମଣି ଜେନାଙ୍କ ସହାୟତାରେ ମୋ ଗାଡ଼ିରେ ଆଖପାଖ ଗ୍ରାମ ମାନଙ୍କୁ ଗଲି । ସେଠି ସଭାସମିତି ହେଲା – ଆଧ୍ୟାତ୍ମିକ ଚର୍ଚ୍ଚା ବି । କ୍ରମେ ବିଭିନ୍ନ ସ୍ଥାନରୁ ନିମନ୍ତ୍ରଣ ଆସିଲା । ମୁଁ ବି ସେଗୁଡ଼ିକୁ ସାଦରେ ଗ୍ରହଣ କଲି । ମୋସାଥିରେ ମୋ ଗାଡ଼ିରେ ଯୁବକମାନେ ଯିବାପାଇଁ ଆଗଭର ହେଲେ । ମୁଁ ସେମାନଙ୍କୁ ସଂଗୀତ ଆସର ପାଇଁ ପ୍ରୋତ୍ସାହନ ଦେଲି । ପ୍ରଫୁଲ୍ଲ କର ଆସିଲେ । ବିଭିନ୍ନ ଟୁର୍ଣ୍ଣାମେଣ୍ଟ ବି ହେଲା । ସହରର ଯୁବ ଅନୁଷ୍ଠାନ ଗୁଡ଼ିକ ଏକ ପ୍ରକାରର ମୋ ନିୟନ୍ତ୍ରଣକୁ ଆସିଗଲା । ଓକିଲମାନଙ୍କ ଉଦ୍ୟମରେ ହେଉଥିବା ସାହିତ୍ୟଚର୍ଚ୍ଚା ବା ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକରେ ଭାଗନେବାକୁ ପଛାଇଲି ନାହିଁ । ସାମ୍ବାଦିକ ଆନନ୍ଦ ବର୍ମା ଏଇ ଗୁଡ଼ିକ ପ୍ରକାଶ କରିବାରେ ତତ୍ପର । କ୍ରମେ ମୁଁ ଯାଜପୁର ଅଂଚଳରେ ବେଶ୍ ଲୋକପ୍ରିୟ ହୋଇଗଲି । ଭରତଭାଇଙ୍କ ଘରୋଇ ଚିକିତ୍ସା କମିଗଲା । ସେ ଆଉ ଯାଜପୁରେ ରହିବାର ଆଶା ଛାଡ଼ି ପୁଡ଼ିପୁଟୁଳା ବାନ୍ଧି ପଳାଇଗଲେ । ମୋ ପିଲାମାନେ ଶଶୁରଘରେ ରହୁଥାନ୍ତି । ମୁଁ ଆଉ ବିଳମ୍ବ ନକରି ସେମାନଙ୍କୁ ନେଇ ଆସିଲି ବସା ଘରକୁ – ସେଇ ଚାଳଘର, କଦଳୀବାଡ଼ି ।

Digitized by srujanika@gmail.com

ଡାକ୍ତରଖାନା ଓ ମୋ ବସାଘର ମଝିରେ ରାଜରାସ୍ତା । ଡାକ୍ତରଖାନାର ପ୍ରବେଶପଥରେ ବହିର୍ବିଭାଗ । ତା ଭିତରକୁ ରୋଗୀ ମାନଙ୍କ ରହିବା ଘର - ଇନ୍‌ଡୋର। ଦକ୍ଷିଣପଟରେ ମହିଳା ଡାକ୍ତରଙ୍କର ରହିବା ଘର । ଉତ୍ତରପଟରେ ମୋ ଅଫିସ - ପ୍ରଶାସନ ବିଭାଗ । ଏକ୍ସରେ, ମଳମୂତ୍ର ପରୀକ୍ଷାଗାର - ଲାବୋରେଟରି । ସବୁ ଗୁଡ଼ିକ ଗୋଟିଏ ଛାତତଳେ । ଇନ୍‌ଡୋର ପଛକୁ କଲେରା ୱାର୍ଡ଼ । ଡାକ୍ତରଖାନା ମଝିରେ ଛୋଟ ଶିବ ମନ୍ଦିର - ରୋଗୀ ଓ କର୍ମଚାରୀ ମାନଙ୍କ ପୂଜାର୍ଚ୍ଚନା ପାଇଁ । ହତା ବାହାରେ ପୂର୍ବକୁ କୁସୁମା ପୋଖରୀ । ଉତ୍ତରକୁ ମ୍ୟୁନିସିପାଲିଟି ଓ ଜନସ୍ୱାସ୍ଥ୍ୟ ବିଭାଗ ।

ଡାକ୍ତରଖାନାରେ ମାତ୍ର କୋଡ଼ିଏଟି ଶଯ୍ୟାର ବ୍ୟବସ୍ଥା ଥାଏ । ଆଉ ୫୦ଟି ପାଇଁ ଘର ତିଆରି ଚାଲିଥାଏ । ନିର୍ମାଣ ଦାୟିତ୍ୱରେ ଥାନ୍ତି ଇଂଜିନିଅର ଗଣେଶ୍ୱର ପରିଡ଼ା । ଡାକ୍ତର ସଂଖ୍ୟା ମତେ ମିଶାଇ ୪ଜଣ । ମହିଳା ଡାକ୍ତର ଅନିଲା ବ୍ରାଉନ୍ । ସହକାରୀ ଡାକ୍ତର ଦୁଇଜଣ ବାଚସ୍ପତି ନନ୍ଦକିଶୋର ଦାସଙ୍କ ପୁଅ ଓ ବୋହୂ । ସେ ଦୁଇଜଣ ବାହାରେ ରହନ୍ତି । ବିଶେଷ ଲୋକପ୍ରିୟ ନୁହନ୍ତି । ଡାକ୍ତରଖାନା ପାଖରେ ହକର ଡାକୁଥାଏ "ସ୍ୱାମୀ ଡାକ୍ତରକୁ ସ୍ତିରୀ ଡାକ୍ତର, ଡାକ୍ତରଖାନାଟା ଆମ ଘରସଂସାର"।

ସକାଳ ୮ଟାରୁ ୧୨ ପର୍ଯ୍ୟନ୍ତ ଆଉଟଡୋରରେ ରୋଗୀ ଦେଖେ । ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ଆଉଟଡୋର । ସେମାନଙ୍କୁ ମହିଳା ଡାକ୍ତର ଦେଖନ୍ତି । ୧୨ଟା ପରେ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଦେଖି କିଛି ସମୟ ଅଫିସରରେ କାମ କରେ । ସେଠି ଏକ୍ସରେ କାର୍ଯ୍ୟକ୍ରମ ତଦାରଖ କରେ । ସଂଧ୍ୟାରେ ଆଉଥରେ ଇନ୍‌ଡୋର ରୋଗୀମାନଙ୍କୁ ଦେଖିନିଏ । ଉପରବେଳା ଓ ସଂଧ୍ୟାରେ ବସାରେ ରୋଗୀଦେଖା ବହୁତ ଭିଡ଼ । ଫିସ ଜଣ. ପିଛା ମାତ୍ର ଚାରିଟଙ୍କା । କେହି କେହି ପାଂଚଟଙ୍କା ବି ଦିଅନ୍ତି । କିନ୍ତୁ ଗଣିବାକୁ ବେଳ ନଥାଏ ।

ଭରତବାବୁ ଗଲାପରେ ଡାକ୍ତରଖାନାର ଉନ୍ନତିପାଇଁ ଅଧିକ ଧ୍ୟାନ ଦେଲି । ନିର୍ମାଣ ବିଭାଗ କର୍ମଚାରୀମାନଙ୍କ ସାଥିରେ ଲାଗି ଘର ତିଆରି କାମ ଶେଷ କରିଦେଲି । ଭୁବନେଶ୍ୱର ଯାଇଁ ସ୍ୱାସ୍ଥ୍ୟ ବିଭାଗ ଡାଇରେକ୍ଟରଙ୍କର ମୁଖ୍ୟ ଭଣ୍ଡାର ସେଣ୍ଟ୍ରାଲ ଷ୍ଟୋରରୁ ଖଟିଆ ଓ ଗଦି ନେଇ ଆସିଲି । ସେଥିପାଇଁ ଅର୍ଥବରାଦ ବା ଆଲଟମେଣ୍ଟ ନଥାଏ । ଜିଲ୍ଲା ଔଷଧ ଭଣ୍ଡାରରୁ କହିପୋଛି କିଛି ଔଷଧ ବି ଆଣିଲି । ପୁରା ଦମ୍‌ରେ କାମ ଚାଲିଲା । ପ୍ରାୟ ୧୦୦ ପାଖାପାଖି ଖଟିଆ । ସବୁ ଭଙ୍ଗାରୁଜା ଖଟିଆ ମରାମତି ହୋଇଥାଏ । ସବୁରି ସହଯୋଗରେ ଡାକ୍ତରଖାନା ଭର୍ତ୍ତି । ଖଟିଆ ବାଦ୍ ବି ରୋଗୀ ତଳେ ରହିବାକୁ ଆପତ୍ତି କଲେ ନାହିଁ ।

ସେଠି ଫର୍ମାଶିଷ୍ଟ ଥାନ୍ତି ଆଦିକନ୍ଦ ଦାଶ । ଖୁବ୍ ଭଲ ପିଲା। ୧୫ ବର୍ଷ ତଳେ ମୁଁ ଆଠଗଡ଼ରେ ଥିଲାବେଳେ ସେ ମୋ ପାଖରେ ଥିଲେ । ମୁଁ ତାଙ୍କୁ ଡାକିକରି କହିଲି ଆଠଟା ପୂର୍ବରୁ ଅପରେସନ ସାରିଦେଲେ କିପରି ହୁଅନ୍ତା । ତା ହେଲେ ଡାକ୍ତରଖାନା କାର୍ଯ୍ୟରେ କିଛି ବ୍ୟାଘାତ ଜନ୍ମନ୍ତା ନାହିଁ । ମୁଁ ବାରିପଦା ଓ ନୟାଗଡ଼ ଡାକ୍ତରଖାନାରେ ଯେଉଁ ଅଭିଜ୍ଞତା ଅର୍ଜନ କରିଥିଲି ତାକୁ ଏଠି କାର୍ଯ୍ୟରେ ଲଗାଇବାକୁ ଚାହିଁଲି । ସେ ରାଜି ହୋଇଗଲେ । ବାସନ୍ତୀ ଷ୍ଟାଫନର୍ସ । ବିଦ୍ଧ, ସୁର ବେହେରା । କହ୍ନେଇ ମେହେନ୍ତର । ଏଇ ହେଲା ଆମ ଟିମ୍ । ସକାଳ ୫ଟାରୁ

Digitized by srujanika@gmail.com

ଅପରେସନ ଆରମ୍ଭ ହୋଇ ଆଠଟା ପୂର୍ବରୁ ସରେ । ଆଠଟା ବେଳକୁ ସମସ୍ତେ ଆଉଟଡୋରରେ ହାଜର । ଅସମୟରେ ଅଧିକା କାମ କରିବେ । ଅଧିକ ପଇସା ପାଇବେ । ଆଇନ ଯା ହେଉନା କାହିଁକି କିଛି ଅନୈତିକ କାର୍ଯ୍ୟ ନୁହେଁ । ପ୍ରତି ଅପରେସନ ପିଛା ରୋଗୀ ଟ୫୦/- ଦିଅନ୍ତି ଆଦିକନ୍ଦକୁ । ସେ ତାକୁ ପାଖରେ ରଖି ସମସ୍ତଙ୍କୁ ବାଣ୍ଟିଦିଏ । ସମସ୍ତେ ଆୟବ୍ୟୟର ବିବରଣୀ ଜାଣନ୍ତି । ମୁଁ ହାଇଡ୍ରୋସିଲ, ହାର୍ଣ୍ଣିଆ, ଅର୍ଶ, ଭଗନ୍ଦର ସମେତ ଅଧିକ ମାତ୍ରରେ ସ୍ତ୍ରୀ ଲୋକମାନଙ୍କର ଅପରେସନ କରୁଥିଲି । ସିଜେରିଆନ୍ ସେକ୍‌ସନ (ପେଟକାଟି ପିଲା ବାହାର କରିବା) ମାମୁଲି ଅପରେସନ । ଓଭାରିଆନ୍ ଟ୍ୟୁମର, ହିଷ୍ଟେରେକ୍ଟମି ପ୍ରୋଲାପ୍ସ ରିପେୟାର ଭଳି ବଡ଼ ବଡ଼ ଅପରେସନ ନିଜେ ସ୍ପାଇନାଲ ନିଶ୍ଚା ଦେଇ କରୁଥିଲି । କେବେ କୌଣସି ଅପ୍ରାତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ । ଅପରେସନ ଗୁଡ଼ିକ ସଫଳ ହେବାରୁ ରୋଗୀମାନେ ଭଲ ହୋଇ ଘରକୁ ଫେରିଲେ । ମୋର ସୁନାମ ଯାଜପୁର ତଥା ଯାଜପୁର ବାହାରକୁ ବି ବ୍ୟାପିଗଲା । ଏଥି ଭିତରେ ଡାକ୍ତର ଦାଶଙ୍କର ବଦଳି ହୋଇଗଲା । ତାଙ୍କ ସ୍ଥାନରେ ଆସିଲେ ଡାକ୍ତର ଦେବେନ୍ଦ୍ର ମିଶ୍ର । ଭେଷଜ ବିଦ୍ୟା ମେଡ଼ିସିନ୍‌ରେ ତାଙ୍କର ଜ୍ଞାନ ବହୁତ । ପରେ ସେ ସେହି ବିଭାଗରେ ସ୍ନାତକୋତ୍ତର ଉପାଧି ଏମ୍‌ଡି ପାଇଛନ୍ତି । ଜଣେ ମେଡ଼ିକାଲ ବାଲା ହାତ ପାହାନ୍ତାରେ ରହିବାରୁ ମୋର ସାହସ ବି ବଢ଼ିଗଲା । ଦେବେନ୍ଦ୍ର ବାବୁଙ୍କ ଘର ପୁରୀ ସହର । ମତେ ଖୁବ୍ ସମ୍ମାନ ଦିଅନ୍ତି । ଏ ପର୍ଯ୍ୟନ୍ତ ସେ ସୁସଂପର୍କ ବଜାୟ ରଖିଛନ୍ତି ।

ଡାକ୍ତରଖାନାର ସୁନାମ ବଢ଼ିବାରୁ ସିଭିଲ ସର୍ଜନ ସାହେବ ଘନ ଘନ ଟୁର ପକାଇଲେ । ସିଭିଲ ସର୍ଜନ ଥାନ୍ତି ରଘୁନନ୍ଦନ ପାଣିଗ୍ରାହୀ । ମୁଁ ନୟାଗଡ଼ରେ ଥିବାବେଳେ ସେ ଥିଲେ ପୁରୀର ସିଭିଲ ସର୍ଜନ । ସେଠି ମୋ ଅସ୍ତ୍ରୋପଚାରର ଦକ୍ଷତା ଦେଖିଥିଲେ । ସୁତରାଂ ତାଙ୍କର ମୋ ପାରିବା ପଣିଆ ଉପରେ କୌଣସି ସଂଦେହ ନ ଥିଲା । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ମିତ୍ର ମଧ୍ୟ ଆସିଲେ । ଡାକ୍ତର ପାଣିଗ୍ରାହୀଙ୍କ ସହ ତାଙ୍କର ସଂପର୍କ ଭଲ । ସେମାନେ କାମ ଦେଖି ଖୁବ୍ ସନ୍ତୁଷ୍ଟ ହେଲେ । ଔଷଧ କି ଅନ୍ୟାନ୍ୟ ଜିନିଷପତ୍ରର ଅଭାବ ରହିଲା ନାହିଁ । ଆଲଟ୍‌ମେଣ୍ଟ ପାଇଁ ମତେ କୌଣସି ରାଜନେତାଙ୍କ ପାଖରେ ବା ଅଫିସରେ ଗୋଡ଼ଭାଙ୍ଗି ଛିଡ଼ାହେବାକୁ ପଡ଼ିଲା ନାହିଁ ।

ସେତେବେଳେ ଯାଜପୁର ସହରରେ ୨୨ ଜଣ ଡାକ୍ତର ଘରୋଇ ଚିକିତ୍ସା କରୁଥାନ୍ତି । ଡା. ବ୍ରଜମୋହନ ସିହ୍ନାଙ୍କୁ ବାଦ୍ ଦେଲେ ଆଉ ସମସ୍ତେ ଯୁବକ । ସେ ସମସ୍ତଙ୍କର ସମ୍ମାନ ଓ ସହାନୁଭୂତି ମୋ ପ୍ରତି ଥାଏ । ମୁଁ ଆବଶ୍ୟକ ବେଳେ ସେମାନଙ୍କୁ ସାହାଯ୍ୟ କରେ । ସେମାନେ ଅପରେସନ ପାଇଁ ରୋଗୀ ପଠାନ୍ତି । ବେଳେବେଳେ ଅପରେସନ୍‌ରେ ସାହାଯ୍ୟ ବି କରନ୍ତି । ସେହିମାନଙ୍କ ଭିତରେ ଡା. ବଟକୃଷ୍ଣ ମହାନ୍ତି ଅନ୍ୟତମ । ସେ ଏବେ ଯାଜପୁରେ ନର୍ସିଂହୋମ କରି ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । ବଟବାବୁ ଅଶୋକ ବାବୁଙ୍କ ପାଖଲୋକ । ମୋ ସହିତ ଏ ପର୍ଯ୍ୟନ୍ତ ସଂପର୍କ ରଖିଛନ୍ତି । ଯାଜପୁରେ ମୋ ଝିଅ ବିଭାଘର ପାଇଁ ବେଶ କିଛି ସାହାଯ୍ୟ କରିଥିଲେ ।

ଡାକ୍ତର ସାରଙ୍ଗଧର ଦାସ ଯାଜପୁର ସହରର ଲୋକ । ଜଣାଶୁଣା ଜମିଦାର ପରିବାର ବି । ଯାଜପୁର ଡାକ୍ତରଖାନାରେ ପୋଷ୍ଟିଂ ପାଇଁ ଚେଷ୍ଟା କରି ସଫଳ

Digitized by srujanika@gmail.com

ହୋଇ ନାହାନ୍ତି । ପ୍ରତି ରବିବାର ଦିନ ସେ ଘରକୁ ଆସନ୍ତି । ସେ ଦିନ ତାଙ୍କ ପାଖରେ ରୋଗୀଙ୍କର ମେଳା । ସେଥିରେ ଅନ୍ୟମାନଙ୍କର ଗାତ୍ରଦାହ । ବିଶେଷକରି ଡା. ଭରତ ବେହେରାଙ୍କ ସହ ତାଙ୍କର ସୁସଂପର୍କ ନଥିଲା । ସେଥିପାଇଁ ସେ ବୋଧହୁଏ ଡାକ୍ତରଖାନା ଆସନ୍ତି ନାହିଁ କି ଡାକ୍ତରଖାନା କର୍ମଚାରୀମାନଙ୍କ ସହ ଭଲ ସଂପର୍କ ରଖନ୍ତି ନାହିଁ । ଆମେ ଏକା ସାଙ୍ଗରେ ଏମ୍.ଏସ୍ କରୁଥିଲୁ । ସେ ଜଣେ ଭଲ ସର୍ଜନ । ମୁଁ ଯାଜପୁର ଆସିଲାପରେ ମୋପାଖକୁ ଆସନ୍ତି । ତାଙ୍କ ଘରକୁ ବରାବର ଖାଇବାକୁ ଡାକନ୍ତି । ବିରାଟ ବିରାଟ ଚିଙ୍ଗୁଡ଼ି । ଗୋଟା ୨୫୦/୩୦୦ ଗ୍ରାମ ହେବ । କେଉଁଠୁ ଯୋଗାଡ଼ କରନ୍ତି କେଜାଣି । ସାରଙ୍ଗ ବାବୁ ପରେ ଡାଇରେକ୍ଟର ଭାବେ ଅବସର ଗ୍ରହଣ କରିଛନ୍ତି ।

ମୋ ପିଲାମାନେ ଆସିବା ପର ଆମେ ନିୟମିତ ବିରଜା ମନ୍ଦିରକୁ ଯାଉଥିଲୁ । ଆମ ପଣ୍ଡା ଦନେଇ ନନା ଛାଡ଼ିବା ଲୋକ ନୁହନ୍ତି। କେବେ କେମିତି ଡେରି ହୋଇଗଲେ ସେ ଧଣ୍ଡା ଧରି ହାଜର । ବିରଜା ମନ୍ଦିର ଯିବା ବାଟରେ ପଡ଼େ ଟୁକୁବାବୁଙ୍କ ଘର । ମୁଖ୍ୟ ରାସ୍ତା ଉପରେ ବିରାଟ ବଂଗଳା । ଜମିଦାର ଘର । ତାଙ୍କ ସାନଭାଇ, ଡାକନାମ ଛତରା । ସୁନ୍ଦର ମନଲୋଭା ଚେହେରା । ନରସ୍ୟ ଆଭରଣ ରୂପମ୍ । ରୂପସ୍ୟ ଆଭରଣ ଗୁଣମ୍ । ଉଭୟର ସମାହାର । ସେ ପ୍ରାୟ ପ୍ରତିଦିନ ଆସନ୍ତି । ଫର୍ମିମର ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରବର୍ତ୍ତନ୍ତି । ଶିଳ୍ପ ସମ୍ବନ୍ଧରେ ମୋର କୌଣସି ଧାରଣା କି ଆଗ୍ରହ ନଥିଲା । ହେଲେ ଏକାନ୍ତରେ ବସି କିଛି · ସମୟ କଥାବାର୍ତ୍ତା କରିବାକୁ ମନ । ବେଳେ ବେଳେ ଖାସ୍ ତାଙ୍କୁ ଦେଖିବାକୁ ତାଙ୍କ ଘରକୁ ପଳାଏ । ସେଠି ଆଦର ଅଭ୍ୟର୍ଥନାର ଅଭାବ ନଥାଏ ।

ବିରଜା ମନ୍ଦିର ବିପରୀତ ଦିଗରେ ଯାଜପୁର କଲେଜ । କଲେଜ ଡେଇଁଲେ ଅନିରୁଦ୍ଧ ବାବୁଙ୍କ ଘର, ବୁଢ଼ା ନଈ କୂଳରେ । ଅନିରୁଦ୍ଧ ବାବୁଙ୍କ ପୁଅ ଯାଜପୁର କଲେଜରେ ଲାବୋରେଟରି ଆସିଷ୍ଟାଣ୍ଟ । ତାଙ୍କ ବାଡ଼ିରେ ତେଜପତ୍ର, ଡାଲଚିନି ଏମିତି କେତେ ପ୍ରକାରର ନୂଆ ଗଛ। ଅନିରୁଦ୍ଧ ବାବୁ ବୟସ୍କ ଲୋକ । ବହୁତ ଆଦର କରନ୍ତି । କେତେ ପରାମର୍ଶ ଦିଅନ୍ତି । ଅବସର ପାଇଲେ ତାଙ୍କ ସାନ୍ନିଧ ପାଇଁ ଗାଡ଼ି ଧରି ସମୟ ସମୟରେ ତାଙ୍କ ଘରକୁ ମାଡ଼ି ଆସେ । କିଛି ସମୟ କଟାଇ ଫେରିଯାଏ । ଫେରିବା ବାଟରେ ପଡ଼େ ଡି.ଆଇ.ସି ଅଫିସ୍ । ସେଠିକା ଅଫିସର ଦୁଇଜଣ ଯୁବକ । ମେଳାପି । ମୋ କଟକ ଘର ପାଇଁ ସେମାନେ ଚଉକାଠ, କବାଟ, ଝରକା ଇତ୍ୟାଦି ବନାଇ ଦେଇଥିଲେ । ସେମାନଙ୍କ ପାଖରେ କିଛି ସମୟ କଟାଇ ଫେରିଆସେ ।

ଯାଜପୁର ତ ଜାଲିଆତିରେ ଭରା । ସେଠି ପୁଣି ଜାଲପୁର ବୋଲି ଗୋଟିଏ ଗ୍ରାମ ଅଛି । ବୁଢ଼ାନଦୀ କୂଳରେ ଏଇ ଗ୍ରାମଟି ଗୁଣ୍ଡି ପାଇଁ ପ୍ରସିଦ୍ଧ । ଖାଲି ଓଡ଼ିଶା ନୁହେଁ, ଓଡ଼ିଶା ବାହାରକୁ ବି ଗୁଣ୍ଡି ରପ୍ତାନୀ ହୁଏ। ସେ କାରଖାନାର ମାଲିକଙ୍କ ପୁଅ ଦୁଇଟି ଆସନ୍ତି ମୋ ପାଖକୁ ଚିକିତ୍ସା ପାଇଁ । ସୁନ୍ଦର ଚେହେରା । ସେଇମାନଙ୍କ ଅନୁରୋଧରେ ଦିନେ ସେ ଗ୍ରାମକୁ ଗଲି। ରୋଗୀ ଦେଖିବା ସାଥେ ସାଥେ କାରଖାନା ବି ବୁଲି ଦେଖିଲି । ଗୁଣ୍ଡି ପାଇଁ ଏଭଳି ଗୋଟେ କାରଖାନା ହୋଇପାରେ ତାହା ମୋ ଧାରଣାର ବାହାରେ । ବହୁ ପ୍ରକାରର ଗୁଣ୍ଡି । ମୋ ଭାଉଜଙ୍କ ପାଇଁ ଗୁଣ୍ଡି ଆଣିଲି । ସେ ସବୁବେଳେ ବସି ଗୁଣ୍ଡିପାନ ଚୋବାଉଥାନ୍ତି ।

Digitized by srujanika@gmail.com

ଆଉ ଗୋଟିଏ ପିଲା ଆସୁଥିଲା, ବିଭୂତି । ବିଭୂତି କଟକରେ ନାମକରା ଓକିଲ । ପ୍ରଫୁଲ ଧଳଙ୍କ ଭାଇ । ତାଙ୍କର ଆଉ ଗୋଟିଏ ଭାଇ ଫୁସୁଲି ଧଳ ବି ଯାଜପୁରେ ଓକିଲାତି କରୁଥାନ୍ତି । ବିଭୂତି ସ୍କୁଲ କି କଲେଜରେ ପଢୁଥାଏ । ଗୁଲୁରୁ ଗୁଲୁରୁ କେତେକଥା କହେ । ପରବର୍ତ୍ତୀ ସମୟରେ ସେ ମୋର ନିକଟବର୍ତ୍ତୀ ହୋଇଛି । ଆଇ.ଏ.ଏସ୍ ପରୀକ୍ଷା ଦେବା ପାଇଁ ଆମ ଘରେ ଆସି ରହିଛି । ହେଲେ କୃତକାର୍ଯ୍ୟ ହୋଇ ପାରିନି । ଏବେ କେଉଁଠି ଇତିହାସ ଅଧ୍ୟାପକ ଅଛି । ଭୁବନେଶ୍ୱରରେ ଘର କରିଛି । ଆମ ପରିବାର ସହ ସୁସଂପର୍କ ରଖିଛି । ଆମର ସବୁ ବାହାଘରକୁ ଆସେ ।

ଯାଜପୁରରେ ମୋ ପାଇଁ ସବୁଠାରୁ ବଡ଼ ଆକର୍ଷଣ ଥିଲା କୁନି । କୁନି କଲିକତାରେ ହୋମିଓପାଥି ପଢୁଥାଏ । ଘର ଆଖୁଆପଦା। ତାଙ୍କ ବଡ଼ଭାଇ ଜଣେ ସୁଲେଖକ । ସେ ନିଜେ ବି । କୁନି ଛୁଟିରେ ଘରକୁ ଆସିଲେ ଆମ ପାଖରେ ଅଧିକାଂଶ ସମୟ କଟାନ୍ତି । ଭାରି ମେଳାପି ପିଲା । ମୋ ସ୍ତ୍ରୀ ସହ ବି ଭଲ ସଂପର୍କ । ଯାଜପୁର ଏସ୍‌ଡିଓ ବଳିଆରସିଂ ତାଙ୍କ ସଂପର୍କୀୟ । ମୋ ପିଲା ଦୁଇଟିଙ୍କୁ ବେଳେବେଳେ ପଢ଼ାନ୍ତି । ଯାଜପୁର ଛାଡ଼ିଲା ପରେ ବି ସେଇ ସୁସଂପର୍କ ରଖିଥାନ୍ତି । ସମ୍ବଲପୁର, ଫୁଲବାଣୀ, କଳାହାଣ୍ଡି ସବୁଠିକୁ ଯାଇଛନ୍ତି । ମୋ ପିଲାମାନେ କୁନି ଡାକ୍ତର ଆସିଛନ୍ତି ବୋଲି କୁରୁଳି ଉଠନ୍ତି । କୁନି ବଡ଼ ହୋଇଛନ୍ତି । ବାହା ହୋଇଛନ୍ତି, ୫ଟି ପିଲାର ଜନକ । ଆମ ଭିତରେ ଗଢ଼ି ଉଠିଥିବା ସଂପର୍କ ରୂପ ନେଇଛି ୨୦୦୧ ମସିହା ମେ ପହିଲାରେ - ମୋ ପୁଅ ସହିତ ତାଙ୍କ ବଡ଼ ଝିଅର ବାହାଘର ଦ୍ୱାରା । ହେଲେ ମୁଁ କିନ୍ତୁ ସମୁଦୀ ବୋଲି ଡାକି ପାରିନି । ମୋ ଆଖିରେ ସେଇ ୩୦ ବର୍ଷ ତଳର କୁନି ।

ରାଜନେତା, ଯୁବନେତା, ପୋଲିସ, ସାମ୍ବାଦିକ, ଅଫିସର ସହରର ବିଶିଷ୍ଟ ନାଗରିକ ବିଶେଷ କରି ପୋଲିସ ଓ ଓକିଲ ବଂଧୁମାନଙ୍କ ସକ୍ରିୟ ସହାୟତାରେ ଡାକ୍ତରଖାନାଟି ଦିନୁଦିନ ଲୋକପ୍ରିୟ ହୋଇ ଉଠିଲା । ମନେ ପଡୁଛି ଗୋଟେ ଛୋଟ ଘଟଣା । ହଠାତ୍ ଗଣ୍ଡଗୋଳର ସୂତ୍ରପାତ । ଆମ ହତାକୁ ଲାଗି ଉତ୍ତର ପଟରେ ଜନସ୍ୱାସ୍ଥ୍ୟ ବିଭାଗର ଜାଗା । ସେମାନେ ଆମ ଜାଗାକୁ ମଡ଼ାଇ ତାଙ୍କ କର୍ମଚାରୀ ମାନଙ୍କ ବାସଗୃହ ନିର୍ମାଣ କରିବାକୁ କାମ ଆରମ୍ଭ କଲେ । ସେହି ବାଟ ଦେଇ ଡାକ୍ତରଖାନାର ପାଣି ନିଷ୍କାସନ ହୁଏ । ତେଣୁ ମୁଁ ବିରୋଧ କଲି । ଧମକ ଦିଆଗଲା - ଖଣ୍ଡେ ଇଟା ଉଠାଇଲେ ଗୋଟେ ମୁଣ୍ଡ ଗଡ଼ିବ । ଜଗା ବଳିଆ ଭଳି ମୋର ଦୁଇ ସହାୟକ ବିଦୁ, ସୁର । ଏ ଖବର ତଡ଼ିତ୍ ବେଗରେ ପ୍ରଚାର ହୋଇଗଲା । ସିଭିଲ ଏସ୍‌ଡିଓ ଓ ଥାନାକୁ ଲେଖିକରି ଜଣାଇ ଦିଆଗଲା । ଖବର ପାଇ ସିଭିଲ ସର୍ଜନ ଡାକ୍ତର ପାଣିଗ୍ରାହୀ ଆସିଲେ । ତାଙ୍କୁ ଅଫିସ ଘରେ ନଜରବଂଦୀ ଭାବେ ରଖାଗଲା । ମୁଁ ନିର୍ଭୀକ ଭାବେ କହିଲି ଏ ଡାକ୍ତରଖାନାର ଭାରପ୍ରାପ୍ତ ଅଫିସର ମୁଁ । ମୋ ସମସ୍ୟା ମୁଁ ସମାଧାନ କରିବି । ଆପଣ ଏଥିରେ ମୁଣ୍ଡ ପୁରାନ୍ତୁନି । ଏଇଭଳି ଗୋଟିଏ ଘଟଣା ମୁଁ ନୟାଗଡ଼ରେ ଥିଲାବେଳେ ହୋଇଥିଲା । ସେଠିକା ସିଭିଲ ସର୍ଜନ ଥିଲେ ସେହି ପାଣିଗ୍ରାହୀବାବୁ । ସିଭିଲ ଏସ୍.ଡି.ଓ ନରେନ୍ଦ୍ର କୁମାର ବଳିଆର ସିଂ ମତେ ସମର୍ଥନ କରୁଥାନ୍ତି । ଡାକ୍ତର ପାଣିଗ୍ରାହୀ ତାଙ୍କ ସହ ପରାମର୍ଶ କରି ଫେରିଗଲେ । ସେ ପ୍ରସ୍ତାବରେ ଜବନିକା ପଡ଼ିଲା । ଜନ ସଂପର୍କ

Digitized by srujanika@gmail.com

ରଖିବାର ଇଏ ହେଉଛି ପରିଣତି । ମୋ ଲୋକପ୍ରିୟତାର ନମୁନା ବି ।

ଯାଜପୁର ଜାଲିଆତିରେ ଶୀର୍ଷସ୍ଥାନ ଅଧିକାର କରିଛି ବୋଲି ଲୋକେ କହନ୍ତି । କେତୋଟି ଅଜଣା କଥା ଏଠି ଉଲ୍ଲେଖ କରୁଛି ଓକିଲ ଓ ପୋଲିସଙ୍କୁ କେନ୍ଦ୍ର କରି ।

ସାଧାରଣତଃ ଓକିଲମାନେ କଳାକୁ ଧଳା କରିବାରେ ସିଦ୍ଧହସ୍ତ । ଯାଜପୁର ଓକିଲଙ୍କ ଖଣି । ତ୍ରୈଲୋକ୍ୟ ପାଣି, ନବ ଶତପଥୀ, ଗୋବିନ୍ଦ ବାବୁ, କୁଳମଣି ବାବୁ, ଫୁସୁଲି ଧଳ ଏମିତି କେତେ । ତେବେ ପାଣି ବାବୁ ଥିଲେ ମୋର ଅତି ଅନ୍ତରଙ୍ଗ । ଆଇନ କାନୁନ କଥା ଉଠିଲେ ମୁଁ ସବୁବେଳେ ତାଙ୍କ ପରାମର୍ଶ କରେ । ଏପରିକି ମୁଁ ଯାଜପୁର ଛାଡ଼ିଲାପରେ ମଧ୍ୟ ତାଙ୍କ ପରାମର୍ଶ ଲୋଡ଼ିଛି । ସେ ମତେ ବିନା ଦ୍ୱିଧାରେ ସାହାଯ୍ୟ କରିଛନ୍ତି । ଥରେ ମୋର ଇଲେକ୍‌ଟ୍ରିକ୍ ବିଲ ବଢ଼ାଯାଇ ଲାଇନ କଟା ହେବାକୁ ନୋଟିସ ଆସିଥାଏ । କେଇଟା ବା ଟଙ୍କା ମୁଁ ଦେଇ ପାରିଥାନ୍ତି । ପାଣିବାବୁ ଶୁଣି କହିଲେ ଆପଣ ସେ ଟଙ୍କା ଦିଅନ୍ତୁନି, ମୁଁ ବୁଝୁଛି । ଗୋଟେ କେଶ୍ ହେଲା । ମିଟର ରିଡ଼ିଂ ବେଳେ ମୋ ଦସ୍ତଖତ ନିଆ ଯାଇନି । ମିଟର ଆମ ଘର ଭିତରେ, ମିଟର ରିଡରକୁ ପ୍ରଶ୍ନ ହେଲା ତୁ ଘର ଭିତରକୁ କାହାକୁ କହି ଯାଇଥିଲୁ ? ଅନଧିକାର ପ୍ରବେଶ ପାଇଁ ତା ଉପରେ କେଶ୍ ହେବାର ଆଶଂକାରେ ସେ ମିଛ ଲେଖିଛି ବୋଲି କହିଲା ଓ ବିଲ୍ ଭୁଲ୍ ବୋଲି ପ୍ରମାଣିତ ହେଲା । ଅଫିସର ଭୁଲ ମାଗିଲେ ।

ଆଉ ଦିନକର କଥା । ଟ୍ରେଜେରୀରେ ଆମ ପିଅନ ବିଦୁ ସବୁବେଳେ ଗଣ୍ଡଗୋଳ କରେ । ଦିନେ ମୁହଁ ଶୁଖାଇ କହିଲା ମତେ ଆଜି ଟ୍ରେଜେରୀରେ ବହୁତ ଗାଳିକଲେ ଓ ଧକ୍କା ଦେଇ ବାହାର କରିଦେଲେ । ସାଥେ ସାଥେ ତା ହାତ ପ୍ଲାଷ୍ଟର କରାଯାଇ ଏକ୍ସରେ ସାର୍ଟିଫିକେଟ ସହ ସେ ପାଣିବାବୁଙ୍କ ପାଖକୁ ଗଲା । ସେତିକିରେ ଫଇସଲା । ସେ କିରାଣୀ ବିଦୁକୁ କ୍ଷମା ମାଗିଲେ ।

ମୋର ଚାକିରୀର ପ୍ରତ୍ୟେକ କ୍ଷେତ୍ରରେ ମୁଁ ସ୍ଥାନୀୟ ପୋଲିସ ମାନଙ୍କ ସହ ସୁସଂପର୍କ ରଖିଥାଏ । ଡାକ୍ତର ପାଖରୁ ସାର୍ଟିଫିକେଟ ନପାଇବା ପର୍ଯ୍ୟନ୍ତ ପୋଲିସ କୌଣସି ଫଉଦାରୀ କେଶ୍ ଗ୍ରହଣ କରେନି । ଏଠି ବି ଯାଜପୁର ପୋଲିସ ସହ ମୁଁ ସୁସଂପର୍କ ବଜାୟ ରଖିଥିଲି । ଲାଲା ବୋଲି ଗୋଟେ ମାରୱାଡ଼ି ବ୍ୟବସାୟୀ ଯାଜପୁରଠାରୁ ପ୍ରାୟ ୨୦ କି.ମି. ଦୂର ସୁଜନପୁରଠାରେ ବ୍ୟବସାୟ କରୁଥାଏ । ସୁଧିଆ ଟଙ୍କା ସୁଝି ନ ପାରି କେତେଲୋକ ତାକୁ ମର୍ଦ୍ଦନ କରିବାକୁ ପ୍ଲାନ କଲେ। ପୋଲିସ ଜାଣିଲା । ପୋଲିସକୁ ବି ଖବର ଦିଆଗଲା । ପୋଲିସ ବାଲା ଆସି ସୁଜନପୁର ନ ଯାଇ ଡାକ୍ତରଖାନରେ ବସି ରହିଲେ। ଲାଲା ମର୍ଦ୍ଦନ ହେବାର ଖବର ମିଳିବା ପରେ ଏମାନେ ସେଠାକୁ ଯାଇ ଖାନତଲାସୀ ଚଳାଇଲେ । ସାର୍ଟିଫିକେଟ୍ ପାଇଁ ମୋ ପାଖରେ ଆସି ଲୋକ ଜମା ହେଲେ ।

ଯାଜପୁର ରାଜନୀତିରେ ପ୍ରସିଦ୍ଧି ଲାଭ କରିଛି । ସେ ସମୟର ରାଜନେତା ଅଶୋକ ଦାସ । ସେ ଜନତା ଦଳର । ତାଙ୍କର ସବୁ ଏକଚାଟିଆ ଅଧିକାର । ଯାଜପୁର କହିଲେ ଅଶୋକ ଦାସଙ୍କୁ ବୁଝାଉଥିଲା । ଅଶୋକ ବାବୁ ସେଠିକାର ଜମିଦାର, ଧନୀଲୋକ ବି । ତାଙ୍କରି ବାହୁଛାୟା ତଳେ ଉରତଭାଇ ତାଙ୍କ ଜାଲ ବିଛାଇଥିଲେ । ଅନାଦି ଦାସ (କଂଗ୍ରେସ ନେତା)ଙ୍କ ଘର ବିଂଝାରପୁର । ତାଙ୍କର

Digitized by srujanika@gmail.com

କାଟତି ସେତେ ନ ଥାଏ । ତେବେ କଂଗ୍ରେସ ନେତା ଭାବେ ମୋର ଜଣାଶୁଣା । ପରବର୍ତ୍ତୀ ସମୟରେ ମତେ ସେ ସାହାଯ୍ୟ କରିଛନ୍ତି । ଯାଜପୁରେ କିନ୍ତୁ କଂଗ୍ରେସର ସଂଗଠନ ଦୁର୍ବଳ ମନେହୁଏ । ୧୯୭୨ ମସିହା ସାଧାରଣ ନିର୍ବାଚନକୁ ଇନ୍ଦିରାଗାନ୍ଧୀ ଆସିଲେ ପ୍ରଚାର ପାଇଁ ଯାଜପୁର ରୋଡ଼ । ମୁଁ ଯାଇଥାଏ ସିଭିଲ ସର୍ଜନଙ୍କ ପ୍ରତିନିଧି ଭାବେ । ହେଲିକାପ୍ଟର ଓହ୍ଲାଇଲା । ଲୋକଭିଡ଼ କହିଲେ ନସରେ । ବିରାଟ ସାଧାରଣ ସଭା । ହେଲେ ଜିତିଲେ ଅଶୋକ ଦାସ ।

ନେତାଙ୍କ ବାଦ୍ କେଇଜଣ ଯୁବନେତା । ସେମାନଙ୍କ ଭିତରେ ନାରଣ ସାମନ୍ତ, ଚିତ୍ତ ନାୟକ, ଶିଶିର ନାୟକ, ଦିଗାମ୍ବର କର, ଭାଗିରଥୀ ପତି ଇତ୍ୟାଦି । ଏମାନେ ସମସ୍ତେ ପାଳି କଲା ଭଳି ମୋ ପାଖକୁ ଆସନ୍ତି । ସକାଳେ ଉତ୍କଳ (ଅଶୋକ ବାବୁଙ୍କ ସାନଭାଇ ପରେ ପୌରସଭା ଚେୟାରମ୍ୟାନ) ତ ସଂଧ୍ୟାକୁ ଅନାଦି ବାବୁଙ୍କ ଲୋକ । ଦିଗାମ୍ବର ବାବୁ ପ୍ରାୟ ସବୁବେଳେ । ତାଙ୍କ ବାପା ସେଠିକାର ବଡ଼ଚାଷୀ । ତାଙ୍କ ବାଡ଼ିରେ ହେଉଥିବା ବଡ଼ ବଡ଼ କୋବି ଧରି ଆସନ୍ତି । ତାଙ୍କ ଭଣଜା ଭାଗିରଥି ପତି । ମୁଁ ତାଙ୍କୁ ଖୁବ୍ ଭଲ ପାଉଥିଲି । ପରବର୍ତ୍ତୀ କାଳରେ ସେ କଟକରେ ଆଇନ କଲେଜ ଛାତ୍ର ଥିବାବେଳେ ମତେ ବହୁତ ସାହାଯ୍ୟ କରିଛନ୍ତି । ଏଇ ଯୁବନେତାମାନେ ସମସ୍ତେ ମତେ ସାହାଯ୍ୟ କରିବାକୁ ତତ୍ପର । ଚାନ୍ଦା ଭେଦାର ପ୍ରଶ୍ନ ନ ଥିଲା । କାହାର କେମିତି ଅପରେସନ ହେବ । ସେ ପୁଣି ବିନା ପଇସାରେ ନୁହେଁ । ଏଇ ନେତାମାନଙ୍କୁ ହାତେଇବା ପାଇଁ ଦିଗାମ୍ବର ବାବୁର ଶଳା ସଦାକୁ ଡାକ୍ତରଖନାର ଖାଦ୍ୟ ଯୋଗାଣ କଣ୍ଟ୍ରାକ୍‌ଟର ଭାବରେ ନିଯୁକ୍ତି ଦେଇ ସେମାନଙ୍କୁ ଡାକ୍ତରଖାନାର ନିୟନ୍ତ୍ରଣକୁ ନେଇ ଆସିଲି ।

**ପିଲାଙ୍କ ପାଠପଢ଼ା**

ମୋ ପାଖରେ ମୋ ସାନଝିଅ ବେବି (ଶୁଭବ୍ରତା) ଥାଏ । ତା ବଡ଼ଭଉଣୀ ମାମି (ସାଗରୀକା) ତା ମାମୁଘରେ ଥାଏ । ସେଠି ଭଲ ପଢୁ ନଥିଲା ବୋଲି ପାଖକୁ ନେଇ ଆସିଲି । ଉଭୟେ ସ୍ଥାନୀୟ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ଭଲ ଘରୋଇ ଶିକ୍ଷକ ବି ଘରେ ଆସି ପଢ଼ାଇଲେ। ଉଭୟେ ଭଲ ପଢୁଥିଲେ । ସେମାନଙ୍କ ପାଇଁ ମୋର କିଛି ଚିନ୍ତା ନ ଥିଲା ।

**ମୋ ଶଳା ମାନଙ୍କ ବାହାଘର**

ଯେଉଁ ଟିକି ଟିକି ପିଲା ଦୁଇଟିଙ୍କୁ ଦେଖି ମୁଁ କେନ୍ଦୁପାଟଣାରେ ବାହା ହେବାକୁ କଥା ଦେଇଥିଲି, ଆଠଗଡ଼ରେ ଯେଉଁ ଦୁଇଭାଇଙ୍କୁ ମୋ ପୁଅ ବୋଲି କହୁଥିଲେ । ସେଇମାନେ ବଡ଼ ହୋଇ ଗଲେଣି । ଏବେ ବାହାହେବେ । ଏ ଦୁଇଜଣ ଯାଆଁଳା । ବଡ଼ଟି ରମା, ସାନଟି ରଜନୀ । ମୁଁ ଉଭୟଙ୍କୁ ଭଲପାଏ । ରଜନୀକୁ ତା ଭଉଣୀ ଭଳି ବାତ ମାରୁଥିଲା । ମୁଁ ବିଲାତରୁ ଫେରିବା ପରେ ଡାକ୍ତର ପାର୍ଥରାଓଙ୍କ ପରାମର୍ଶ ଅନୁସାରେ ଓ ତାଙ୍କଠାରୁ ଚିଠି ନେଇ ରଜନୀକୁ ସାଥିରେ ନେଇ ସେଠାରେ ଇ.ଇ.ଜି. କରି ଡାକ୍ତରଙ୍କ ସହ ପରାମର୍ଶ କଲି । ସେଠି ଅପସ୍ମାର (ପେଟିଟମାଲ ଏପିଲେପ୍ସି) ବୋଲି ରୋଗ ନିର୍ଣ୍ଣୟ ହେଲା । ନିୟମିତ ଔଷଧ ସେବନ ପରେ ରୋଗ ଭଲ ହୋଇଗଲା ।

Digitized by srujanika@gmail.com

ମୁଁ ବିଲାତରୁ ଫେରିବା ବେଳକୁ ମୋ ଶାଳୀ କୁନିର ବିଭାଘର ସରିଥିଲା । ମନେ ପଡୁଛି ସେ ଶୈଳବାଳା ମହାବିଦ୍ୟାଳୟରେ ପଢୁଥିବା ବେଳେ ମୁଁ ଲେଖିଥିବା ଖଣ୍ଡିଏ ଚିଠି କଥା । ଏ ଚିଠିରେ ଆବିଳତା ନ ଥିଲା । ଥିଲା ଆଦର୍ଶ ଛାତ୍ରୀ ହେବା ପାଇଁ କେତୋଟି ଉପଦେଶ । କିନ୍ତୁ ଉପରେ ସମ୍ବୋଧନ କରାଯାଇଥିଲା 'ପ୍ରାଣର କୁନି' । ସମ୍ଭବତଃ ସମୁଦାୟ ଚିଠିଟି ପଢ଼ିବାକୁ ସୁପରିଣ୍ଟେଣ୍ଡେଣ୍ଟଙ୍କର ଧୈର୍ଯ୍ୟ ନଥିଲା । ସେ ଚିଠିଟି ମୋ ଶଶୁରଙ୍କ ପାଖକୁ ପଠାଇଦେଲେ । ଶଶୁର ଦେଲେ ତାଙ୍କ ଝିଅକୁ । ଅବଶେଷରେ ଫେରିଲା ମୋ ପାଖକୁ । ମୁଁ ଲମ୍ବା ହସଟାଏ ହସିଥିଲି ନଷ୍ଟଚରିତ୍ର ଶିକ୍ଷୟିତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ।

ଯା ହେଉ ଟିକି ପିଲା ଦୁଇଟି ବଡ଼ ହୋଇ ଗଲେଣି । ବାହାଘର ହେବ । ରମାର ବିଭାଘର ଏକ ପ୍ରକାର ସ୍ଥିର ହୋଇ ଯାଇଥିଲା ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପୁଅ ବସନ୍ତ କୁମାର ବଳଙ୍କ ଝିଅ ସହିତ । ବସନ୍ତ ବାବୁ ମୋର ବ୍ୟକ୍ତିଗତ ବଂଧୁ । ପରିବାରର ସୁନାମ ଅଛି । ହେଲେ ସେ ପ୍ରସ୍ତାବ କାଟ ଖାଇଲା ଏଇଭଳି ଗୋଟେ ପ୍ରେମପତ୍ର (?) ପାଇଁ । ମୁଁ ବା କାହିଁକି ହସ୍ତକ୍ଷେପ କରିବି । ଶଶୁର ତାଙ୍କ ସମୁଦିଙ୍କ ସହ ପରାମର୍ଶ କରି ଦୁଇଟି ଯାକ କନ୍ୟା ସ୍ଥିର କଲେ । ବାହାଘର ଦିନ ଧାର୍ଯ୍ୟ ହେଲା । ଗୋଟିଏ ଲଗ୍ନରେ ଦୁଇଟି ବାହାଁ ଦୁଇଟି ଅଲଗା ଅଲଗା ସ୍ଥାନରେ । ବାମନ ବାବୁଙ୍କର ଲୋକ ବଳର ଅଭାବ ନାହିଁ । ଜ୍ୱାଇଁ ମାନଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ବାହାଘର ଦାୟିତ୍ୱ ଦିଆଗଲା । ମୁଁ ବଡ଼ ହୋଇଥିବାରୁ ମୋ ଭାଗରେ ପଡ଼ିଲା ରମା । ରମାର ବାହାଘର ଢେଙ୍କାନାଳ । ଗଙ୍ଗନୀର ବାହାଘର ବାଲେଶ୍ୱର । ଆମେ ସବୁ ଠିକଣା ସମୟରେ ବାହାରିଲୁ । ରମାର ଶଳା ଥାନ୍ତି ଢେଙ୍କାନାଳ କଲେଜର ଅଧ୍ୟାପକ । ସେଇ ହତା ଭିତରେ ବାହାଘର। ଅଭାବ କ'ଣ ଅଛି ? ବାମନବାବୁଙ୍କ ପୁଅ ବାହାହେବ । ବେଶ୍ ବାଣ ରୋଷଣୀ ସହ ଆମେ ପହଁଚିଲୁ । ସେମାନେ ବି ଯଥାରୀତିରେ ଅତିଥି ସତ୍କାର କଲେ । ବୈଦିକ ମତରେ ବାହାଘର ହେଲା । ଆଉ ଯାହା ହେଉନା କାହିଁକି ଝିଅଟି ରମାର ମନଲାଖି, ମତେ ଖୁବ୍ ଭଲ ଲାଗିଲା ।

ଚାହୁଁ ଚାହୁଁ ୩୦ ବର୍ଷ ବିତିଗଲାଣି । ରମାର ଦୁଇଟି ପୁଅ । ବଡ଼ଟି ଇଂଜିନିଅର । ଚାକିରୀ କରିଛି । ସାନଟି ବି.କମ୍ ପାଶ୍ କରି କଣ୍ଟ୍ରାକ୍ଟରୀ କରୁଛି । ଯେଉଁ ରମାକୁ ଏତେ ଭଲ ପାଉଥିଲି ସେ ଆଉ ଆମ ଭିତରେ ନାହିଁ । ୧୯୯୭ ମସିହାରେ ବାରିପଦାଠାରେ ହୋଇଥିବା ପରମହଂସ ଶ୍ରୀ ଶ୍ରୀ ନିଗମାନନ୍ଦଜୀଉଙ୍କ ମେଳାରେ ଘଟିଥିବା ଅଗ୍ନିକାଣ୍ଡରେ ସମ୍ଭବତଃ ସେ ପ୍ରାଣ ହରାଇଛି, କିନ୍ତୁ ତାର ଶବର ସଂଧାନ ମିଳିନାହିଁ।

**୩ୟ କନ୍ୟାରତ୍ନ ଲାଭ**

ଧୁମ୍ ଧାମ୍‌ରେ ଦୁଇ ଶଳାଙ୍କର ବାହାଘର ସରିଲା । ମୁଁ ଚାହିଁଛି ଆମ ଧର୍ମପତ୍ନୀ ହସଖୁସିରେ ବାପଘରୁ ଫେରି ଆସିବେ । ଏ କ'ଣ ହେଲା ? ବିଧିର ବିଡ଼ମ୍ବନା । ଫେରିଲେ ଭଙ୍ଗା ଗୋଡ଼ଟାକୁ ନେଇ । ବାମ ଜଙ୍ଘ ହାଡ଼ ଫିମର ମଝିରୁ ଦୁଇଖଣ୍ଡ ହୋଇ ଯାଇଛି । ମୁଁ ସାଥେ ସାଥେ ନେଇ ଡାଃ ତେଜେଶ୍ୱର ରାଓଙ୍କୁ ଦେଖାଇଲି । ସେ ଅସ୍ଥିଶଲ୍ୟ ବିଭାଗର ଅଧ୍ୟାପକ ଥାନ୍ତି । ଆମେ ସାଥି ହୋଇ ବିଲାତରେ ଥିଲୁ। ସେ ଫଟୋ ଉଠାଇଲା ପରେ ଅଣ୍ଟା ଉପରୁ ପାଦ ପର୍ଯ୍ୟନ୍ତ ପୁରା

Digitized by srujanika@gmail.com

ପ୍ଲାଷ୍ଟର କରିଦେଲେ । ସେତେବେଳକୁ ମୋ ସ୍ତ୍ରୀ ଅନ୍ତଃସତ୍ତ୍ୱା । ପ୍ରସବ କିପରି ହେବ ଏ ଚିନ୍ତା ଘାରିଲା । ସିଜେରିଆ ସେକ୍‌ସନ ଅପରେସନ କରିବାକୁ ମୁଁ ଚାହିଁଲିନି । ଫଟୋ ଉଠାଇଲି ହାଡ଼ ଯୋଡ଼ି ହୋଇ ଆସୁଥିଲା । ମନରେ ସାହସ ବାଂଧିଲି । ପ୍ରସବ ବେଦନା ଆରମ୍ଭ ହେଲା ମାତ୍ରେ ପ୍ଲାଷ୍ଟର ଖୋଲିଦେଲି । ୧୯୭୩ ମେ ପହିଲାରେ ପ୍ରସବ କରାଇଲେ ଏ.ଏନ୍.ଏମ୍ ସ୍ୱର୍ଣ୍ଣ ଓ ଷ୍ଟାଫ୍‌ନର୍ସ ବାସନ୍ତୀ ମୋ ଉପସ୍ଥିତିରେ । ପିଲା ଜନ୍ମ ପରେ ସାଥେ ସାଥେ ପୂର୍ବପରି ପ୍ଲାଷ୍ଟର କରିଦିଆଗଲା । କିଛି ଅସୁବିଧା ହେଲାନି ।

ଡାକ୍ତରଙ୍କ ପରାମର୍ଶ ଅନୁସାରେ ୬ବର୍ଷ ବ୍ୟବଧାନରେ ଏ ସନ୍ତାନ । ମା କେତେ କଷ୍ଟ ପାଇଛି । ପୁତ୍ର ସନ୍ତାନ ହେବ ବୋଲି ସମସ୍ତଙ୍କର ଆଶା । ଗଣକ ମାନେ ଖଡ଼ି ପକାଇ କେତେ ଆଶା ଦେଇଛନ୍ତି । ଭାଗ୍ୟର ବିଡ଼ମ୍ବନା । କାହାରି ମୁହଁରେ ହସ ନାହିଁ । ହୃଦୟର ବ୍ୟଥାକୁ ଚାପି ରଖି ମୁଁ କାମରେ ଲାଗିଲି । ଯେତେ ଅଲୋଡ଼ା ହେଲେ ବି ନିଜ ଝିଅ । ପୁଣି ମୋ ତତ୍ତ୍ୱାବଧାନରେ ଜନ୍ମ । ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି । ମନ ପୋଡ଼ିଗଲେ କିଏ ଜାଣେ । ଶୁଭେଚ୍ଛୁ, ସାଙ୍ଗସାଥୀ, କର୍ମଚାରୀମାନେ ଶାନ୍ତ୍ୱନା ଦେଲେ । ମୁଁ ଯେତେବେଳେ ମନ ଦୁଃଖରେ ଇତସ୍ତତ ବୁଲୁଥିଲି ସେତିକିବେଳେ ବେବି ମାମିଙ୍କୁ ଟିଉସନ କରୁଥିବା ଶିକ୍ଷକ ଜଣକ ମୋତେ ସାଇବାବାଙ୍କର ଗୋଟେ ଫଟୋ ଆଣି ଦେଇ କହିଥିଲେ ଏଇ ଫଟୋ ରଖନ୍ତୁ ଏଥର ନିଶ୍ଚୟ ପୁଅ ହେବ । ତାଙ୍କ କଥା ପରେ ସତ୍ୟ ବୋଲି ପ୍ରମାଣିତ ହେଲା । ମୁଁ ବାବାଙ୍କ ଫଟୋ ଏବେ ବି ପୂଜା କରୁଛି । ଯାଜପୁରେ ଥିବା ସମୟରେ ବାବାଙ୍କର ଯେଉଁ ସବୁ ସଭା ସମିତି ହୁଏ, ସେଥିରେ ଯୋଗ ଦିଏ । ସମିତି ସଭ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା (ଫାଷ୍ଟଏଡ଼୍) ସମ୍ବନ୍ଧରେ ତାଲିମ ଦିଏ ।

ଝିଅର ଏକୋଇଶିଆ ଇତ୍ୟାଦି ଯଥା ରୀତି ପାଳନ କରାଗଲା । ତା ନାମ ରଖାଗଲା ସୁଚରିତା । ଡାକ ନାମ ଠୁବୁ । ଠୁବୁ ଆସ୍ତେ ଆସ୍ତେ ବଢ଼ି ଚାଲିବାକୁ ଆରମ୍ଭ କଲା । ତାର ବାଳ ପଡ଼ିବା କଥା ଚିନ୍ତା କରାଗଲା । ସେ ବି ଗୋଟେ ପରଂପରା । ସମସ୍ତେ ମତ ଦେଲେ ଆଖଣ୍ଡଳମଣିଙ୍କ ପାଖରେ ବାଳ ପକାଇବାକୁ । ମୁଁ ବି ରାଜି ହେଲି ।

ଆଖଣ୍ଡଳମଣିଙ୍କର ବିଜେସ୍ଥଳୀ ଆରଡ଼ି ଧାମ । ଓଡ଼ିଶା ତଥା ଭାରତବର୍ଷର ଏକ ପୁରାତନ ଶୈବପୀଠ । କେନ୍ଦ୍ରାପଡ଼ା, ଯାଜପୁର ଓ ଭଦ୍ରଖ ସବ୍‌ଡିଭିଜନର ମଧ୍ୟସ୍ଥଳୀରେ ପୁଣ୍ୟତୋୟା ବୈତରଣୀ ଓ ସାଳନ୍ଦୀର ସଂଗମ ଚଡ଼ାରେ ଏ କ୍ଷେତ୍ରଟି ବିଦ୍ୟମାନ । ବାବା ମଣି ଏଠି ପୂଜା ପାଉଛନ୍ତି ଅନାଦି କାଳରୁ ।

କିମ୍ବଦନ୍ତୀ କହେ, ଗୁରୁପତ୍ନୀ ଅପହରଣ ପାଇଁ ଗୌତମ ଋଷିଙ୍କ ଦ୍ୱାରା ଅଭିଶପ୍ତ ଇନ୍ଦ୍ରଙ୍କର ସର୍ବାଙ୍ଗ ଶରୀର ସହସ୍ର ଯୋନିରେ ଆଚ୍ଛାଦିତ ହୋଇ କୁତ୍ସିତ କଦାକାର ହୋଇଗଲା । ଇନ୍ଦ୍ର ପ୍ରତିକାର ପାଇଁ ବ୍ରହ୍ମାଙ୍କର ଶରଣାପନ୍ନ ହେଲେ । ପିତାମହଙ୍କ ଉପଦେଶ ଅନୁସାରେ ବୈତରଣୀ ନଦୀକୂଳରେ ନିର୍ଜନ ହେନ୍ତାଳ ଅରଣ୍ୟାନି ମଧ୍ୟରେ ମୁକ୍ତାକାଶରେ ଶିବଲିଙ୍ଗ ସ୍ଥାପନ କରି ଧ୍ୟାନମଗ୍ନ ହେଲେ । ଶିବ ସନ୍ତୁଷ୍ଟ ହୋଇ ତ୍ରିଦଶ ସମ୍ରାଟ (ଆଖଣ୍ଡଳ) ଇନ୍ଦ୍ରଙ୍କର ସହସ୍ର ଯୋନିକୁ ସହସ୍ରାକ୍ଷରେ ପରିଣତ କଲେ ଓ ବାସବ ସେବିତ ଲିଙ୍ଗ ଆଖଣ୍ଡଳମଣି ନାମରେ ଖ୍ୟାତି ଲାଭ କଲା ।

Digitized by srujanika@gmail.com

ଏହି ଲିଙ୍ଗ କାଳର କରାଳ କବଳରେ ପୋତି ହୋଇ ପଡ଼ିଥିଲା । ଜଣେ କ୍ଷତ୍ରିୟ ଲଙ୍ଗଳରେ ଚାଷ କରୁଥିବା ବେଳେ ଫାଳ ବାଜି ଲିଙ୍ଗର ଅଗ୍ରଭାଗ ଭାଙ୍ଗିଯାଇ ରକ୍ତସ୍ରାବ ହେଲା । ବୈତରଣୀ ଜଳରେସ୍ନାନ କରାଇବାରୁ ଏହି ରକ୍ତସ୍ରାବ ବନ୍ଦ ହେଲା । କନିକା ମହାରାଣୀଙ୍କୁ ସ୍ୱପ୍ନାଦେଶ ହେବାରୁ ମହାରାଜା ବର୍ତ୍ତମାନର ମନ୍ଦିର ନିର୍ମାଣ କରି ସେବା ପୂଜାର ବନ୍ଦୋବସ୍ତ କରିଛନ୍ତି ।

ଭଦ୍ରଖ ଠାରୁ ଆରଡ଼ି ୪୫ କିଲୋମିଟର । ଆମେ କଇଁଆଗୋଲା ଘାଟରେ ବୈତରଣୀ ପାରହୋଇ ଆରଡ଼ିରେ ପହଁଚିବା ପାଇଁ ସ୍ଥିର କଲୁ । ବିନ୍ଦୁ, ସୁର ଆଗରୁ ଯାଇଁ ସେଠି ଭୋଗରାଗର ବ୍ୟବସ୍ଥା କଲେ । ଆମେ ଡାକ୍ତରଖାନାର ସବୁ କର୍ମଚାରୀ ଦୁଇଟି ଗାଡ଼ିରେ ଘାଟ ପାଖକୁ ଗଲୁ । ସେଠାରୁ ଗୋଟିଏ ବଡ଼ ଡଙ୍ଗାରେ ନଦୀ ପାର ହୋଇ ଆରଡ଼ିରେ ପହଁଚିଲୁ ।

ସ୍ଥାନଟି ଅତି ମନୋରମ । କନକ ଚମ୍ପା, କନିଅର, ବିଲ୍ୱବୃକ୍ଷରେ ଶୋଭାବନ । ପାଖରେ ପୁଷ୍କରିଣୀ । ସେଠାରେ ପଦଧୌତ କରି ମନ୍ଦିରରେ ପ୍ରବେଶ କଲୁ । ଛୋଟିଆ ମନ୍ଦିର, ହେଲେ ଗର୍ଭଗୃହ, ନାଟ୍ୟଶାଳା, ଜଗମୋହନ ସବୁକିଛି । ମନ୍ଦିର ଶିଖରୀରେ ପତାକା ଫର ଫର ହୋଇ ଉଡୁଛି । ଠାକୁର ଦର୍ଶନ କଲୁ । ଶିବଲିଙ୍ଗ ପାଖରେ ଦେବୀ ପାର୍ବତୀଙ୍କ ପ୍ରତିମା । ଚଉପାଶରେ ସିଦ୍ଧିଦାତା ଗଜାନନ । ସେନାପତି ଷଡ଼ାନନ ।

ପବିତ୍ର ଏ ଶୈବ ପୀଠ । ସତ, ରଜ, ତମର ଅପୂର୍ବ ସମାହାର । ପ୍ରଭାତରେ ଉଲଗ୍ନ ବେଶ । ମଧ୍ୟାହ୍ନରେ ପିଙ୍ଗଳଯୋଗୀ । ସଂଧ୍ୟାରେ ମନଲୋଭା ବଡ଼ସିଂହାର ବେଶ । ଆହା ! କି ମନୋହର ବାବା ମଣିଙ୍କରବହୁ ପର୍ବ ପର୍ବାଣି । ହେଲେ ଶିବରାତ୍ରି ପ୍ରସିଦ୍ଧ । ବହୁ ଭକ୍ତଙ୍କର ସମାଗମ ସେଦିନ ।

ବାଳପକା ପାଇଁ ଟ୍ରଷ୍ଟବୋର୍ଡ଼ରେ ଟିକେଟ କାଟିଲୁ । ବିଧି ମୁତାବକ ଠୁକୁର ବାଳ ପଡ଼ିଲା । ସାଧାରଣ ବିଶ୍ୱାସ ବାବାଙ୍କୁ ନବଜାତ ଶିଶୁର ପ୍ରଥମ ବାଳ ଅର୍ପଣ କଲେ ବାବା ସମସ୍ତ ଅନିଷ୍ଟକାରୀ ଶକ୍ତିରୁ ଶିଶୁଟିକୁ ରକ୍ଷା କରିବେ । ଭୋଗ ରାଗ ପରେ ଆମେ ସମସ୍ତେ ପ୍ରସାଦ ସେବନ କଲୁ । ବେଡ଼ା ବୁଲାବୁଲି କରି ଆନନ୍ଦରେ ଯାଜପୁର ଫେରି ଆସିଲୁ । ମୁଁ ପରେ ବହୁବାର ଭଦ୍ରଖ ବାଟେ ଆଖଣ୍ଡଳମଣିଙ୍କ ପାଖକୁ ଯାଇଛି । ହେଲେ ସେପରି ଆନନ୍ଦ ଉପଭୋଗ କରିନି ।

ଯାଜପୁର ସମ୍ବନ୍ଧରେ ମୁଁ ଯେଉଁ ଧାରଣା ନେଇ ଆସିଥିଲି, ତାହା ସଂପୂର୍ଣ୍ଣ ବଦଳି ଯାଇଛି । ଯାଜପୁର ଲୋକଙ୍କର ବନ୍ଧୁତା, ସ୍ନେହ, ଶ୍ରଦ୍ଧା, ସମ୍ମାନ ମତେ ଅଭିଭୂତ କରିଛି । ଧନ ଜନ ଗୋପ ଲକ୍ଷ୍ମୀ ସବୁ ମୋ ହାତ ପାହାନ୍ତାକୁ ଆସିଛି । ଶଲ୍ୟ ଚିକିତ୍ସାରେ କୃତିତ୍ୱର ସହ ଚରମ ସୀମାରେ ପହଁଚିଛି । ସୁନାମ ଅର୍ଜନ ସାଥେ ସାଥେ ପଇସା ବି ରୋଜଗାର କରିଛି । ଏଠିକାର ବଂଧୁତା କ୍ଷଣସ୍ଥାୟୀ ନୁହେଁ । ସାରାଜୀବନ ପାଇଁ ରକ୍ଷାକବଚ ଭଳି କାମ କରିଛି । ଯାଜପୁର ପଇସା, ଯାଜପୁର ଲୋକଙ୍କର ଶ୍ରମରେ ମୁଁ କଟକରେ ଖଣ୍ଡେ ଭଲ ଘର କରିଛି । ଯାଜପୁର ଲୋକଙ୍କ ସହାୟତାରେ ମୋର ପୈତୃକ ସମ୍ପତ୍ତିର ସୁରକ୍ଷା କରି ପାରିଛି । ଚାକିରୀରେ ପଦୋନ୍ନତି ହୋଇଛି । ଗୋଟିଏ ବାକ୍ୟରେ କହିବାକୁ ଗଲେ ମୁଁ ମୋର ଯାଜପୁର ରହଣୀରେ ତିନୋଟି ବର୍ଷ ସଂପୂର୍ଣ୍ଣ ଭାବେ ଉପଭୋଗ କରିଛି । ସେଥିପାଇଁ ମୁଁ

Digitized by srujanika@gmail.com

ଯାଜପୁର ସର୍ବସାଧାରଣଙ୍କ ପାଖରେ କୃତଜ୍ଞ । ଏଇ କେତୋଟି ଘଟଣା ଉଲ୍ଲେଖ କରୁଛି ।

**ପୈତୃକ ସମ୍ପତ୍ତିର ସୁରକ୍ଷା**

ମୁଁ ଯାଜପୁରେ ଥିବାବେଳେ ସରକାର ଆଇନ କଲେ କେହି ଚାଷଜମି ୧୦ ଷ୍ଟାଣ୍ଡାର୍ଡ ଏକରରୁ ଅଧିକା ରଖି ପାରିବେ ନାହିଁ । ଅଧିକା ଜମି ସରକାର ନେଇଯିବେ । ବିନବାବୁ (ବିନୋଦ ବିହାରୀ ନାୟକ, ଶିଶିରର ବାପା) ଜମିଜମା ସଂକ୍ରାନ୍ତରେ ପୋଖତ ଲୋକ । ତାଙ୍କ ସହିତ ପରାମର୍ଶ କଲି । ସ୍ଥିର ହେଲା ବଳକା ଜମି ହସ୍ତାନ୍ତର କରିବାକୁ । ମୁଁ ମୋର ରାମଚନ୍ଦ୍ରପୁର ପିଉସା ବେଣୁଧର ବେହରାଙ୍କୁ ଦାନ ସୂତ୍ରରେ ହସ୍ତାନ୍ତର କରିବାକୁ ଚାହିଁଲି । ସେଠି ମୋ ଜମି ସୁରକ୍ଷିତ ରହିବ । ସେ ଯାଜପୁର ଲୋକ । ମୋର ଯାଜପୁର ତହସିଲରେ ଜମି ନାହିଁ। ବିନବାବୁ ସାଥେ ସାଥେ ତାଙ୍କ ଜମିରୁ ମୋ ନାମରେ ଆଠବିଶ୍ୱା ଖର୍ଦ୍ଦ ବିକ୍ରି ସୂତ୍ରରେ କରିଦେଲେ । ମୋର ଅଧିକା ଜମି ସବୁ ଦାନସୂତ୍ରରେ ହସ୍ତାନ୍ତର ହୋଇଗଲା । ମୋ ହାତରୁ ପଇସାଟିଏ ଖର୍ଚ୍ଚ କରିନାହିଁ । ଯାହା ଖର୍ଚ୍ଚ ହୋଇଥିବ ସବୁ ବିନବାବୁଙ୍କ ପକେଟରୁ । ଏ ଥିଲା ଯାଜପୁର ଲୋକଙ୍କ ସହାନୁଭୂତି । ପରବର୍ତ୍ତି କାଳରେ ଚକବନ୍ଦୀ ସମୟରେ ଏ ଜମି ସବୁ ପୁଣି ମୋ ନାମରେ ହୋଇଥିଲା । କେହି ଜାଣିଲେନି ।

ଏଇ ସମୟରେ ବି ଚକବନ୍ଦୀ ହେଲା । ମୋ ଭାଇ ୧୯୫୦ରେ ପ୍ରାଣତ୍ୟାଗ କରିଥିଲେ । ମୁଁ ତାଙ୍କ ଜମିରେ ହାତ ଦେଇ ନ ଥିଲି । ତାଙ୍କ ନାମରେ ଥିବା ଜମିସବୁ ତାଙ୍କ ଝିଅ ନାମରେ ଦରଜ କରିନେଲେ । ତାଙ୍କ ବିଧବା ସ୍ତ୍ରୀ ଥାଉ ଥାଉ ଏହା କିପରି ସମ୍ଭବ ! ମୁଁ ଏଇଟାକୁ ପସନ୍ଦ କରି ପାରିଲିନି । ତତ୍କାଳୀନ ଯାଜପୁର ମାଜିଷ୍ଟ୍ରେଟ୍‌ଙ୍କ ସହ ପରାମର୍ଶ କଲି । ସେ ପଚାରିଲେ ଝିଅ ଜନ୍ମ କେବେ ? ମୁଁ ୧୯୫୧ରେ ବୋଲି ଜବାବ ଦେବାରୁ ସେ କହିଲେ ୧୯୫୨ରୁ ଏ ଆଇନ ଲାଗୁ ହୋଇଛି, ସୁତରାଂ ସଂପତ୍ତି ଝିଅ ନାମରେ ହୋଇ ପାରିବନି । ସାଥେ ସାଥେ ଡ୍ରାଫ୍‌ଟ ତିଆରି ହୋଇଗଲା । ମୁଁ ନେଇକରି ଗଲି ଭୁବନେଶ୍ୱର ଚକବନ୍ଦୀ କମିଶନରଙ୍କ ପାଖକୁ । କମିଶନର ଥାନ୍ତି ରାଧାକାନ୍ତ ନାୟକ । ସେ ମୋର ଆଗରୁ ଚିହ୍ନାଜଣା । ସେ ମୟୂରଭଂଜ କଲେକ୍ଟର ଥିବାବେଳେ ମୁଁ ସେଠି ସର୍ଜିକାଲ ସ୍ପେଶାଲିଷ୍ଟ ଥିଲି ଓ ତାଙ୍କ ସ୍ତ୍ରୀକୁ ଚିକିତ୍ସା କରୁଥିଲି । ସେ ସାଙ୍ଗେ ସାଙ୍ଗେ କେନ୍ଦ୍ରାପଡ଼ା ଚକବନ୍ଦୀ ଅଫିସରଙ୍କୁ ଫୋନ କରି କହିଲେ । ଝିଅ ନାମ କଟାଯାଇ ଜମି ମୋ ବିଧବା ଭାଉଜଙ୍କ ନାମରେ ରହିଲା ।

**କଟକ ଘର**

କଟକ ମହାନଗରୀରେ ମୋର ଯେଉଁ ଘର, ସବୁ ସେହି ଯାଜପୁରବାସୀଙ୍କର ଅର୍ଥ ଓ ଶ୍ରମଦାନରେ ଆରମ୍ଭ । ସାଧାରଣରେ ଯେଉଁ ଧାରଣା ଶଶୁରଘର ସାହାଯ୍ୟ କରିଛନ୍ତି, ସେଥିରେ କୌଣସି ସତ୍ୟତା ନାହିଁ ।

୧୯୭୧ ମସିହାରେ ଏ ଜାଗା ମୁଁ କିଣିଲି ଯୋବ୍ରାରୋଡ଼ରେ, ମୋ ସଡ଼ୁ ସୁରସେନ ଜେନାଙ୍କ ସହାୟତାରେ । ସେତେବେଳକୁ ସେ ୩ଗୁଣ୍ଠ ଜମି କିଣି ସାରିଛନ୍ତି । ଜମି ଦେଖି ମୋର ଲୋଭ ହେଲା । ସେ କାଳରେ ଜମି ବହୁତ ଶସ୍ତା ଥିଲା । ବାଦାମବାଡ଼ି ଅଚଂଳରେ ଗୁଣ୍ଠ ୨/୩ ହଜାର । ସେଠି ବସ୍‌ଷ୍ଟାଣ୍ଡ ହେବ ବୋଲି ସ୍ଥିର ହୋଇ ନ ଥିଲା । ତା ଛଡ଼ା ଶଙ୍କରପୁରିଆଙ୍କ ଠାରୁ ଜମି କିଣିବା

Digitized by srujanika@gmail.com

ନିରାପଦ ନୁହେଁ । ଏ ଜମି ଗୁଣ୍ଠ ୬ ହଜାର । ଜମି ଯୋବ୍ରା ରାଇସମିଲ ମାଲିକଙ୍କର । ବିଶ୍ୱମ୍ଭର ସରାଫଙ୍କ ମା ଯମୁନା ଦେଈ ସରାଫଙ୍କ ନାମରେ । ସେଠି ଗୋଟିଏ ହ୍ୟୁମ ପାଇପ କାରଖାନା ଥିଲା । ସିଲିଂ ବହିର୍ଭୂତ ଜମି ବୋଲି ସବୁ ପ୍ଲଟ କରି ବିକ୍ରି କରି ଦେଉଛନ୍ତି । ମାଧ ମଉସା (ମୋ ସତୁଙ୍କ ବାପା) ସବୁ ଦାୟିତ୍ୱ ନେଲେ । ରେଜେଷ୍ଟ୍ରି ଖର୍ଚ୍ଚ ସମେତ ୩ ଗୁଣ୍ଠ ଜମିର ଦାମ୍ କୋଡ଼ିଏ ହଜାର ଟଙ୍କା । ପରେ ବିଶ୍ୱମ୍ଭର ଆମ ପରିବାରର ଜଣେ ସଭ୍ୟ ବନିଗଲେ । ମୁଁ କଟକ ଆସିଲେ ତାଙ୍କ ଘରେ ଖିଆପିଆ କରେ । କଟକ ବଦଳି ହୋଇ ଆସିବା ପରେ ସେ ବି ଆମ ଘରକୁ ଆସନ୍ତି । ଏ ପର୍ଯ୍ୟନ୍ତ ଆମର ସେ ସଂପର୍କ ତୁଟିନି । ମୋ ସତୁ କହୁଥିଲେ ଆଉ ୧୦ ଗୁଣ୍ଠ କିଣିବା ପାଇଁ। ମୋ ପାଖରେ ଟଙ୍କାର ଅଭାବ ନ ଥିଲା । କଣ କରିବା ପଚାରିବାରୁ କହିଲେ ସିନେମାଘର । ମୁଁ ଆଉ ସେଥିରେ ମନ ବଳାଇଲି ନାହିଁ । ସେତେବେଳେ କିଛି ଜମି କିଣିଥିଲେ ଏବେ ଲକ୍ଷ ଲକ୍ଷ ଟଙ୍କାର ମାଲିକ ହୋଇ ପାରିଥାନ୍ତି ।

ମାଷ୍ଟର ପ୍ଲାନ ଅନୁସାରେ ସହରର ମଧ୍ୟସ୍ଥଳୀରେ ଏ ସ୍ଥାନ ସଂରକ୍ଷିତ ଶିଳ୍ପ ପ୍ରତିଷ୍ଠା (ଇଣ୍ଡଷ୍ଟ୍ରି) ପାଇଁ । ବିଚିତ୍ର ପ୍ଲାନିଂ । ଘର କିପରି ହେବ ? ପ୍ଲାନ ଦେଲେ ଚିଫ୍ ଆରଚିଟେକ୍ଟ ଆଦିକନ୍ଦ ବିଶ୍ୱାଳ । ଆଦିକନ୍ଦ ମୋ ଦାଦା ଝିଅ ଭଉଣୀର ଦିଅର । ପଢ଼ିଲା ବେଳୁ ଜଣାଶୁଣା । ପ୍ଲାନଟି କାର୍ଯ୍ୟକାରୀ ହେବ ଦୁଇଟି ପର୍ଯ୍ୟାୟରେ - ତିଆସିଲି କାରଖାନା ପାଇଁ । ପ୍ରଥମ ପର୍ଯ୍ୟାୟରେ କର୍ମଚାରୀ ମାନଙ୍କ ରହିବା ପାଇଁ ଓ ଦ୍ୱିତୀୟ ପର୍ଯ୍ୟାୟରେ କାରଖାନା । ତାଙ୍କର ବହୁତ ଜଣାଶୁଣା । କହିପୋଛି ପ୍ଲାନଟି ମଂଜୁରୀ କରିଦେଲେ । ମୁନିସିପାଲିଟିରେ ହେଲ୍‌ଥ ଅଫିସର ଥାନ୍ତି ମୋ ସହପାଠୀ ଡାକ୍ତର ନିରାକାର ପାତ୍ର ଓ ନକ୍ସାଙ୍କନ ଟ୍ରେସର ଦାୟିତ୍ୱରେ ଥାନ୍ତି ମୋର ଜଣେ ଦୂର ସଂପର୍କୀୟ ବଂଧୁ । ଉଭୟେ ପଇସା ନେଲେ । ପ୍ଲାନ୍ ଆପ୍ରୁଭ ହୋଇ ମୋ ହାତକୁ ଆସିଲା ।

ଏବେ ଘର ତିଆରି ହେବ । ସିମେଣ୍ଟ କି ରଡ଼, କିଛି ମିଳୁ ନଥାଏ । ସିମେଣ୍ଟ ଆସିଲା ଟ୍ରକ୍‌ରେ ରାଜଗାଙ୍ଗପୁରରୁ ଆଣିଲେ ମୋ ପାଖରେ ଥିବା ଯାଜପୁର ଡ୍ରାଇଭର । ବସ୍ତା ପାଂଚଟଙ୍କା । ଟ୍ରେନ୍‌ରେ ରଡ୍ ଆସିଲା ରାଉରକେଲାରୁ ଟନ ଟ୧୧୦୦/- । ଇଟା କଟକର ପ୍ରସିଦ୍ଧ ପାଣୁ ସ୍ୱାଇଁ ଭାଟିରୁ । କାଠ ଦଶପଲ୍ଲା ଜଙ୍ଗଲରୁ ଲଟରେ ଡି.ଏଫ୍.ଓ ମନି ମିତ୍ରଙ୍କ ସହାୟତାରେ । ମୁଁ ନୟାଗଡ଼ରେ ଥିବାବେଳେ ସେ ଥିଲେ ମୋର ପ୍ରତିବେଶୀ ଓ ବଂଧୁ । ମୁଲିଆ ମଜୁରୀ ଦିନକୁ ଟ୩/-, ରାଜମିସ୍ତ୍ରୀ ମଜୁରୀ ଟ୫/-, ବଢ଼େଇ ମିସ୍ତ୍ରୀ ବି ଟ୫/- । ସବୁ ମୁଲିଆ, ମିସ୍ତ୍ରୀ ଯାଜପୁରର । କାମ ଦେଖୁଥାନ୍ତି ଯୋବ୍ରାର ଧନୀ ଭାଇ । ମୋ ଶ୍ୱଶୁରଙ୍କର ବଂଧୁ । ତଦାରଖ ବା ସୁପରଭିଜନ କରୁଥିଲେ ଇଂଜିନିଅର ବିରଂଚି ବିଶ୍ୱାଳ । ଆଦିକନ୍ଦ ବାବୁଙ୍କର ବଡ଼ ଭାଇ । କାମ ଆଗେଇଲା ।

ମୁଁ ଘରକଲା ବେଳକୁ ଏଠି ଘରଦ୍ୱାର ବିଶେଷ ନ ଥିଲା । ପାଖରେ ସୁନ୍ଦରଦାସ ତି ହଂସରାଜଙ୍କ ପାଣିପମ୍ପ ଦୋକାନ । ସାମ୍ନାରେ ଚିମନବାବୁର ବମ୍ବେ ହୋଟେଲ । ଟିକିଏ ଆଗକୁ ମେହେନ୍ତର ବସ୍ତି । ତେଣୁ ମୁଁ ଏଠିକାର ଆଦିମ ଅଧିବାସୀ ବୋଲି ଗର୍ବ କରେ । କିଛିଟା ଜିନିଷ ରଖି ହୁଏନି । ଯାହା ରଖିଲେ ମେହେନ୍ତର ବସ୍ତିର ଭାଇମାନେ ନେଇଯାନ୍ତି । ବିଶ୍ୱମ୍ଭରବାବୁ ଏଇ ପ୍ଲଟର ପଛରେ

Digitized by srujanika@gmail.com

ଖାଲି ପଡ଼ିଥିବା ତାଙ୍କର ଗୋଟିଏ ଘର ମତେ ଦେଲେ । ସେଇଠି ମୁଁ ସିମେଣ୍ଟ ରଖେ । ମିସ୍ତ୍ରୀମାନେ କେତେବେଳେ କେମିତି ରହନ୍ତି । ମୁଁ ବମ୍ବେ ହୋଟେଲରେ ଖାଏ । ମାଲିକ ଚିମନ ବାବୁ ଭଦ୍ରଲୋକ । ମୋ ସନ୍ତୁ ସୁରସେନ ଜେନା ପାଠ ପଢ଼ିଲା ବେଳେ ଏଇ ହୋଟେଲରେ ରହୁଥିଲେ । ଚିମନବାବୁ ବି ମତେ ବହୁତ ସାହାଯ୍ୟ କରିଛନ୍ତି । ପରବର୍ତ୍ତୀ ସମୟରେ ଘରଭଡ଼ା ଦେବାପାଇଁ ତାଙ୍କ ପରାମର୍ଶ ଲୋଡ଼ିଛି । ତାଙ୍କ ବିନା ପରାମର୍ଶରେ କାହାରିକୁ ଘରଭଡ଼ା ଦିଆଯାଉନଥିଲା ।

ପ୍ରଥମ ପର୍ଯ୍ୟାୟ ଘରକାମ ପ୍ରାୟ ଦୁଇବର୍ଷ ଲାଗିଲା । କାମ ଦେଖିବା ପାଇଁ ମୁଁ ବେଳେବେଳେ କଟକରେ ରହିବାକୁ ବାଧ ହେଉଥିଲି । ସେତିକିବେଳେ ରହୁଥିଲି ହୃଦାନନ୍ଦ ମଲ୍ଲିକଙ୍କ ବସାଘରେ । ହୃଦାନନ୍ଦ ମୋର ବଡ଼ବାପା ଝିଅ ବୁଲି(ଲକ୍ଷ୍ମୀପ୍ରିୟା)କୁ ବିବାହ କରିଛନ୍ତି । ସେ ଥାନ୍ତି ଷ୍ଟେଟବ୍ୟାଙ୍କ କିରାଣୀ । ସେତେବେଳକୁ ତାଙ୍କର ନିଜ ଘର ନ ଥିଲା । ରହୁଥିଲେ ପିଠାପୁରେ ଭଡ଼ାଘରେ । ସେଇଠି ଚିହ୍ନା ହୁଏ ତାଙ୍କ ଦାଦୀପୁଅ ଭାଇ ଲଳିତ ସାଥିରେ । ଲଳିତ ପାଠ ପଢୁଥାଏ । ଖୁବ୍ ସ୍ନେହୀ । ମୋ ସହ କ୍ଷୀର ନୀର ସଂପର୍କ । ବ୍ରାହ୍ମଣୀ ନଈ ପାର ହୋଇ ମୁଁ କେତେଥର ତାଙ୍କ ଘରକୁ ଯାଇଛି । ସେ ଏବେ ବ୍ୟାଙ୍କ ମ୍ୟାନେଜର ଅଛନ୍ତି । ଆମର ସେ ସଂପର୍କ ତୁଟିନି । ହୃଦାନନ୍ଦ ବାବୁ ମଧ ତାଙ୍କ ନିଜଘର କରିଛନ୍ତି । ତାଙ୍କ ପୁଅ, ଝିଅ, ଜ୍ୱାଇଁ ସମସ୍ତେ ଡାକ୍ତର । ସେ ଏବେ ଚାକିରୀରୁ ଅବସର ନେଲେଣି ।

ପ୍ରଥମ ପର୍ଯ୍ୟାୟ ଘରକାମ ୧୯୭୩ରେ ସରିଲା । ପି.ଏଚ୍.ଡି କାମ କଲେ ଆମ ପେଣ୍ଠପାଳ ବଂଧୁ ନେତ୍ରାନନ୍ଦ ବିଶ୍ୱାଳ । ନନ୍ଦ ମୋ ଭିଣୋଇ ଜଗବଂଧୁ ବିଶ୍ୱାଳଙ୍କ ଭାଇ । ଇଲେକ୍ଟ୍ରିକ୍ କାମ କଲେ ଯୋବ୍ରାର ସାହୁବାବୁ । ସାହୁବାବୁ ଏବେ ଆମ ଘର ପାଖରେ "ସାହୁ ଇଲେକ୍ଟ୍ରିକାଲ୍ସ" ବୋଲି ଖଣ୍ଡିଏ ଦୋକାନ କରିଛନ୍ତି । ତାଙ୍କ ପିଲାମାନେ ଦୋକାନ ଚଳାଉଛନ୍ତି । ପାଣି ଓ ବିଜୁଳି ଆଲୁଅର ଦାୟିତ୍ୱ ନନ୍ଦ ଓ ସାହୁବାବୁ ସୁଚାରୁ ରୂପେ ତୁଲାଇଛନ୍ତି ।

ନୂଆଘର ଖଣ୍ଡେ କଲେ ଆୟକର ବିଭାଗର କ୍ରୁର ଆଖି ଓ ମୁନିସିପାଲିଟି ଟିକସ ପାଇଁ ଟଣାଓଟରାରୁ ରକ୍ଷା ମିଳେନି । ମୋ ଆୟକର ହାଲଚାଲ ବୁଝୁଥାନ୍ତି ମୋର ସହପାଠୀ ଓ ବଂଧୁ ରବୀନ୍ଦ୍ରନାଥ ସାମଲ । ସେ ଆୟକର ଅଫିସରକୁ ଡାକି ଘର ଦେଖାଇଲେ । ଆୟକର ଅଫିସର ମାଡ୍ରାସୀ ଲୋକ। ସେ ଘରର ଫିନିସିଂ କାମ ସରିବା ପୂର୍ବରୁ ତଦନ୍ତ କାମ ସାରିବାକୁ ପରାମର୍ଶ ଦେଲେ। ଦୁଇ ମହଲା ଘର । କ୍ଷେତ୍ରଫଳ ୧୮୦୦ ସ୍କୋୟାରଫୁଟ । ଘର ତିଆରି ଖର୍ଚ୍ଚ ମାତ୍ର ୪୦ ହଜାର ଟଙ୍କା ବୋଲି ଏଷ୍ଟିମେଟ୍ ହେଲା । ଏହି ଟଙ୍କା ଆମ ଗ୍ରାମରେ ଥିବା ଚାଷ ଜମିର ଆୟରୁ ଆସିଛି ବୋଲି ଦେଖାଗଲା । ସେ ଭଦ୍ରଲୋକ ଘରର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଗୋଟିଏ ପଇସା ବି ନେଇ ନାହାନ୍ତି ।

ମୁନିସିପାଲିଟି ଟିକସ ଦାୟିତ୍ୱରେ ଆମର ଜଣେ ବଂଧୁ ଥିଲେ । ସେ ମଧ ଖୁବ୍ କମ୍ ଟିକସ ଧାର୍ଯ୍ୟ କରି ଚାଲିଗଲା । ମୋ ମୁଣ୍ଡରୁ ଗୋଟେ ବଡ଼ ବୋଝ ଗଲା ।

ଘର ତିଆରି ସରିଲା । ଲୋକ ରହିଲେ । ହେଲେ ଯେଉଁମାନେ ଘର କରାଇଥିଲେ ସେମାନେ ଆଜି କେହି ନାହାନ୍ତି । ମାଧ ମଉସା, ଧନୀଭାଇ, ବିରଞ୍ଚି, ନନ୍ଦ ସମସ୍ତେ ତାଙ୍କ ବାଟ କାଟି ସାରିଲେଣି ।

Digitized by srujanika@gmail.com

**ପଦୋନ୍ନତି**

୧୯୭୪ ମସିହାରେ ସରକାର ନୂଆକରି କେତେଗୁଡ଼ିଏ ପ୍ରଥମଶ୍ରେଣୀ ପଦବୀ ସ୍ୱାସ୍ଥ୍ୟ ବିଭାଗରେ ସୃଷ୍ଟି କଲେ । ଏ.ଡି.ଏମ୍.ଓ, ଏସ୍.ଡି.ଏମ୍.ଓ । ଏମାନେ ଜିଲ୍ଲା ବା ସବ୍‌ଡିଭିଜନ ଦାୟିତ୍ୱରେ ରହିବେ । ସିଭିଲ ସର୍ଜନ ପଦବୀ ଉଠାଇ ସି.ଡି.ଏମ୍.ଓ ବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ସୃଷ୍ଟି କରାଗଲା । ଜିଲ୍ଲା ମୁଖ୍ୟ ଚିକିତ୍ସକ ହେବା ପାଇଁ ପର୍ଯ୍ୟାୟକ୍ରମେ ତିନି ବିଭାଗର ଜନସ୍ୱାସ୍ଥ୍ୟ (ପବ୍ଲିକ୍ ହେଲ୍‌ଥ), ପରିବାର କଲ୍ୟାଣ (ଫ୍ୟାମିଲି ୱେଲଫେୟାର), ସାଧାରଣ ସ୍ୱାସ୍ଥ୍ୟ (ମେଡିକାଲ) ବିଭାର ଏ.ଡି.ଏମ୍.ଓ ଭାବେ କାର୍ଯ୍ୟ କରିବାକୁ ବାଧ୍ୟତାମୂଳକ କରାଗଲା । ମୁଁ ସବ୍‌ଡିଭିଜନାଲ ହସପିଟାଲ ଗୁଡ଼ିକରେ କାର୍ଯ୍ୟ କରି ସାରିଥିଲି । ସି.ଡି.ଏମ୍.ଓ ହେବା ପାଇଁ ଏବେ ଏ.ଡି.ଏମ୍.ଓ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ୧୫.୨.୭୫ରେ ମୋର ପଦୋନ୍ନତି ହୋଇ ସମ୍ବଲପୁରକୁ ବଦଳି କରାଗଲା, ଏ.ଡି.ଏମ୍.ଓ ମେଡିକାଲ ଭାବେ ମୋର ଅନିଚ୍ଛା ସତ୍ୱେ (ନୋଟିଫିକେସନ ନମ୍ବର ୪୫୩୮, ତାରିଖ ୧୫.୨.୭୫) । ଯେଉଁ ସ୍ଥାନକୁ ଆସିବା ପାଇଁ ମୁଁ ଏତେ ଦ୍ୱିଧା ପ୍ରକାଶ କରୁଥିଲି ଏବେ ସେ ସ୍ଥାନ ଛାଡ଼ିକରି ଯିବା ପାଇଁ ମନ ବଳୁନି । ଝିଅ ବିଦା ହେବାର ଯନ୍ତ୍ରଣାଠାରୁ ବଳି ପଡ଼ିଲା ମୋର ଏ ଯାଜପୁର ବଦଳି । ଝିଅ ବାହାଘରେ ଝିଅମାନେ ଘର ଘର ବୁଲି ଭୋଜି ଖାଇଲା ଭଳି ମୁଁ ଦୁଇମାସ କାଳ ଯାଜପୁର ସାରା ବୁଲି ବୁଲି ବିଦାୟକାଳୀନ ସମ୍ବର୍ଦ୍ଧନା ନେଲି । ଶେଷରେ ୨୭.୪.୭୫ରେ ମୁଁ ଦାୟିତ୍ୱ ହସ୍ତାନ୍ତର କରି ୩.୪.୭୫ରେ ସମ୍ବଲପୁର ଅଭିମୁଖେ ଯାତ୍ରା କଲି, ମା' ବିରଜାଙ୍କୁ ମୁଣ୍ଡିଆ ମାରି । ଅଶ୍ରୁଳ ନୟନରେ ମୁଁ ଓ ମୋ ପିଲାମାନେ ଗାଡ଼ିରେ ବସିଲୁ । ପଛରେ ରହିଗଲେ ମୋର ଅତି ଆପଣାର ଯାଜପୁର ସର୍ବସାଧାରଣ ଓ କୁସୁମା ପୋଖରୀ ମାଛ ।

୦୦୦

Digitized by srujanika@gmail.com

# କାହାଣୀ ନୁହେଁ

## ୩୦.୪.୭୫ ରୁ ୧୧.୬.୭୬

୧୯୭୪ ମସିହା । ଡାକ୍ତରୀ ସଂଘର (ଓଏମ୍ଏସ୍ଏ) କ୍ରମାଗତ ଆନ୍ଦୋଳନ ଫଳରେ ଓଡ଼ିଶା ସରକାର କେତେଗୁଡ଼ିଏ ପ୍ରଥମଶ୍ରେଣୀ ପଦବୀ (ଜୁନିଅର କ୍ଲାସ-୧) ସୃଷ୍ଟି କଲେ - ଏସ୍‌ଡିଏମ୍‌ଓ ଓ ଏଡିଏମ୍‌ଓ । ଏସ୍‌ଡିଏମ୍‌ଓ ମାନେ ସବ୍‌ଡିଭିଜନରେ ଥିବା ହସ୍‌ପିଟାଲ ଦାୟିତ୍ୱରେ ରହିବେ । ଏଡିଏମ୍‌ଓ ମାନେ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ - ପରିବାର କଲ୍ୟାଣ, ଜନସ୍ୱାସ୍ଥ୍ୟ, ସାଧାରଣ ସ୍ୱାସ୍ଥ୍ୟ ଦାୟିତ୍ୱରେ ରହିବେ । ଏଡିଏମ୍‌ଓ (ମେଡିକାଲ) ଜିଲ୍ଲା ସଦର ହସ୍ପିଟାଲର ଅଧୀକ୍ଷକ (ଡେପୁଟି ସୁପରେଣ୍ଟେଣ୍ଡେଣ୍ଟ) କେନ୍ଦ୍ରିୟ ଔଷଧ ଭଣ୍ଡାର (ସେଣ୍ଟ୍ରାଲ ଷ୍ଟୋର) ଦାୟିତ୍ୱରେ ରହବା ସାଥେ ସାଥେ ସିଡିଏମ୍‌ଓ (ଜିଲ୍ଲା ମୁଖ୍ୟ ଚିକିତ୍ସକ)ଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରିବେ । ସିଭିଲ ସର୍ଜନ ପଦବୀ ବଦଳରେ ସିଡିଏମ୍‌ଓ ପଦବୀ ସୃଷ୍ଟି ହେଲା । କିନ୍ତୁ ତାଙ୍କ କ୍ଷମତା ବହୁ ପରିମାଣରେ ସଂକୁଚିତ କରାଗଲା । ଏଥିରେ ଏଡିଏମ୍‌ଓ (ମେଡିକାଲ୍) ପଦଟି ଅଧିକ ଦାୟିତ୍ୱ ସଂପନ୍ନ ହେଲା । ଆଉ ଗୋଟିଏ ଧାରା ରହିଲା - ଜଣେ ଡାକ୍ତର ତିନୋଟି ଏଡିଏମ୍‌ଓ ପଦବୀରେ ପର୍ଯ୍ୟାୟକ୍ରମେ କାମ କଲା ପରେ ସିଡିଏମ୍‌ଓ ହୋଇ ପାରିବ । ସିଡିଏମ୍‌ଓ ପଦବୀ ପାଇଁ ସମସ୍ତେ ଲାଳାୟିତ ।

ସେତେବେଳକୁ ମୁଁ ଯାଜପୁର ଡାକ୍ତରଖାନାର ଭାରପ୍ରାପ୍ତ ସହକାରୀ ସର୍ଜନ ଭାବେ କାମ କରୁଥାଏ । ଡାକ୍ତର ଗୋପୀନାଥ ମହାନ୍ତି ଥାନ୍ତି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ । ସେ ମୋର ନିଦାନ ବିଭାଗ (ପାଥୋଲଜି) ପ୍ରଫେସର ଥିଲେ । ମତେ କହିଲେ, ତୋର ସିଡଏମ୍‌ଓ ହୋବକୁ ଇଚ୍ଛା ନାହିଁ କି ? ମୁଁ ସମ୍ମତି ପ୍ରାଦନ କଲି । ଡାକ୍ତର ପି.ସି. ରାଉତ ଥାନ୍ତି ସମ୍ବଲପୁର ସିଡିଏମ୍‌ଓ। ସେ ଆଗରୁ କଟକରେ ମୋର ସିଭିଲ ସର୍ଜନ ଥିଲେ । ସମ୍ବଲପୁର ସମ୍ବନ୍ଧରେ ଏକ ରଙ୍ଗୀନ ଚିତ୍ର ଦେଇ ମତେ ପ୍ରରୋଚିତ କଲେ ସେଠାକୁ ଯିବା ପାଇଁ । ସମ୍ବଲପୁର ହାସପାତାଳ ସେତେବେଳକୁ ବୁର୍ଲା ମେଡ଼ିକାଲ କଲେଜର ଅଧୀନରେ ଥାଏ । ବୁର୍ଲା ମେଡ଼ିକାଲ କଲେଜର ଡାକ୍ତରମାନେ ସମ୍ବଲପୁରରେ ରହି ଘରୋଇ ଚକିତ୍ସା (ପ୍ରାଇଭେଟ୍ ପ୍ରାକ୍ଟିସ୍) କରୁଥାନ୍ତି ଓ ଡାକ୍ତରଖାନା ଚଳାଉଥାନ୍ତି । ସେତେବେଳକୁ ବୁର୍ଲାରେ ରୋଗୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଖଟିଆ ନ ଥାଏ । ଯା ହେଉ ସ୍ୱାସ୍ଥ୍ୟ ବିଭାଗ ଚାହୁଁଥାଏ ସମ୍ବଲପୁର ଜିଲ୍ଲା ହାସପାତାଳକୁ ବୁର୍ଲା ମେଡ଼ିକାଲ କଲେଜର ନିୟନ୍ତ୍ରଣରୁ

Digitized by srujanika@gmail.com

ମୁକୁଳାଇବା ପାଇଁ । ସେମାନେ ଜଣେ ଭଲ ସର୍ଜନ ଥିଥା ଦକ୍ଷ ପ୍ରଶାସକ ଖୋଜୁଥାନ୍ତି । ସମ୍ଭବତଃ ମୋ ଉପରେ ନଜର ପଡ଼ିଲା । ସୁତରାଂ ମୋ ସ୍ୱାର୍ଥ ପାଇଁ ନୁହେଁ । ପ୍ରଶାସନର ସ୍ୱାର୍ଥ ପାଇଁ ମୋର ନିଯୁକ୍ତି ହେଲା ସମ୍ବଲପୁର ଏଡଏମ୍‌ଓ (ମେଡ଼ିକାଲ) ସହକାରୀ ଜିଲ୍ଲା ଚିକିତ୍ସକ ଭାବେ ।

୧୯୬୮ ମସିହାରେ ମୋତେ ବୁର୍ଲା ମେଡ଼ିକାଲ କଲେଜରେ ଅଧ୍ୟାପକ (କ୍ଲିନିକାଲ ଟ୍ୟୁଟର) ଭାବେ ଅବସ୍ଥାପିତ କରାଯାଇଥିଲା । ସେତେବେଳକୁ ବୁର୍ଲା ମେଡ଼ିକାଲ କଲେଜର ଶୈଶବାବସ୍ଥା । ମୁଁ ସେ ଆଦେଶକୁ ବଦଳାଇ ବାରିପଦା ଯାଇଥିଲି ଶଲ୍ୟ ଚିକିତ୍ସା ବିଶେଷଜ୍ଞ (ସର୍ଜରୀ ସ୍ପେଶାଲିଷ୍ଟ) ଭାବେ । ଏବେ ପୁଣି ସେହି ସମ୍ବଲପୁରକୁ ବଦଳି । ଯାଜପୁର ଛାଡ଼ିବାର ଇଚ୍ଛା ନ ଥାଏ । ଏଣେ ସିଡିଏମ୍‌ଓ ପଦବୀର ମୋହ ।

ବୀର ସୁରେନ୍ଦ୍ରସାଏଙ୍କ ଜନ୍ମପୀଠ ସମ୍ବଲପୁର ପଶ୍ଚିମ ଓଡ଼ିଶା ଜିଲ୍ଲାମାନଙ୍କ ମଧ୍ୟରେ ଅଗ୍ରଣୀ । ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ଆଣି ଓଡ଼ିଶାରେ ମିଶାଇବାରେ ଚନ୍ଦ୍ରଶେଖର ସାହୁଙ୍କ ଭଳି ସମ୍ବଲପୁରୀ ନେତାମାନଙ୍କ ଉଦ୍ୟମ ଅବିସ୍ମରଣୀୟ । ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଓଡ଼ିଆ ଜାତିର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମ୍ବଲପୁରର ଦୁଇଜଣ ସାରସ୍ୱତ ସାଧକ ଉତ୍କଳ ଜନନୀର ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ ତାଙ୍କ କାଳଜୟୀ କାବ୍ୟ କବିତା ମାଧ୍ୟମରେ । ବରପାଲିର ସ୍ୱଚ୍ଛ ଶିକ୍ଷିତ ସ୍ୱଭାବ କବି ଗଙ୍ଗାଧର ମେହେର ମାତୃଭାଷାର ସୁରକ୍ଷାପାଇଁ ଲେଖିଥିଲେ -

ମାତୃଭୂମି ମାତୃଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

ଠିକ୍ ସେମିତି ମାନବବାଦର ମୂର୍ତ୍ତିମନ୍ତ ପ୍ରତୀକ, ମହିମା ଧର୍ମର ପ୍ରଚାର ଓ ପ୍ରସାରକ ରେଢ଼ାଖୋଲର ଜନ୍ମାନ୍ଧ କବି ଭୀମ ଭୋଇ ଲେଖିଛନ୍ତି -

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।

ଏସିଆ ମହାଦେଶର ସର୍ବବୃହତ ନଦୀବନ୍ଧ ,ହୀରାକୁଦ କେବଳ ସମ୍ବଲପୁରକୁ ଶସ୍ୟଶ୍ୟାମଳା କରିନି, ଓଡ଼ିଶାକୁ ବହୁ ପରିମାଣରେ ବନ୍ୟା ଦାଉରୁ ରକ୍ଷା କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ସବୁଥିରେ ସମ୍ବଲପୁର କଟକର ସମକକ୍ଷ । ବାଣୀବିହାର ପରି ଜ୍ୟୋତିବିହାର । ଏସ୍‌ସିବି ମେଡ଼ିକାଲ କଲେଜ ପରି ଭିଏସ୍‌ଏସ୍ କଲେଜ । ଓଡ଼ିଶୀ ପରି ସମ୍ବଲପୁରୀ ଓ ଡାଲଖାଇ ନୃତ୍ୟ । ଆମର ଖୋଲା ମଞ୍ଚକୁ ଉପହାସ କରେ ବରଗଡ଼ର ଧନୁଯାତ୍ରା । ଆମର ରୂପାର ତାରକଷି କାମ ପରି ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ କୃତି ବରପାଲିର ବନ୍ଧକଳା । କଟକର କଟକଚଣ୍ଡୀ ପରି ସମ୍ବଲପୁରର ସମଲେଶ୍ୱରୀ । ଆମର ବାରମାସରେ ତେର ପର୍ବ ପରି ତାଙ୍କର ନୂଆଖାଇ,

Digitized by srujanika@gmail.com

ଶୀତଳଷଷ୍ଠୀ, ଗନ୍ଧମାର୍ଦ୍ଦନ ପର୍ବତ ଶିଖରେ ନୃସିଂହନାଥ ମେଳା ଇତ୍ୟାଦି। ଭାଷା ତଥା ଚଳଣୀରେ କିଛିଟା ପାର୍ଥକ୍ୟ ଥିଲେ ବି ସାଂସ୍କୃତିକ ସମନ୍ୱୟ ଘଟିଛି । ଏସବୁ ସତ୍ତ୍ୱେ ବି ବିଭେଦର ଗୁଞ୍ଜରଣ । ଏଇ ବିଭେଦର ସ୍ରଷ୍ଟା କତିପୟ ସମ୍ବଲପୁରୀ ଅଫିସର, ଯେଉଁମାନଙ୍କର ସବୁ ଶିକ୍ଷାଦୀକ୍ଷା କଟକ ବା ଭୁବନେଶ୍ୱରରେ ।

ବୀର ପ୍ରସବିନୀ ରତ୍ନଗର୍ଭା ସମ୍ବଲପୁର ପ୍ରତି ଆକର୍ଷଣ ବଢ଼ିଲା । ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ମନ ବଳାଇଲି ।

ମୋର ପଦୋନ୍ନତି ଓ ବଦଳି ପାଇଁ ସରକାରୀ ବିଜ୍ଞପ୍ତି ପ୍ରକଶ ପାଇଲା ୧୫.୨.୧୯୭୫ରେ । (ନୋଟିଫିକେସନ ନମ୍ବର ୪୫୩୮, ତାରିଖ ୧୫.୨.୭୫) ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ମତେ ଜଣାଇଲେ ୧୫.୩.୭୫ରେ (ଲେଟର ନମ୍ବର ୧୮୪୪ ତାରିଖ ୧୫.୩.୭୫) । ସେଥିରେ ନିର୍ଦ୍ଦେଶ ଥିଲା ୨୫.୩.୭୫ ସୁଦ୍ଧା ଚାର୍ଜ ଦେଇ ସମ୍ବଲପୁର ଯିବା ପାଇଁ । ଡାଇରେକ୍ଟରଙ୍କଠାରୁ ଟେଲିଫୋନ୍ ପାଇ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସକ ୨୬.୩.୭୫ରେ ମୋତେ ଟେଲିଗ୍ରାମ କଲେ । ମହିଳା ଡାକ୍ତରଙ୍କୁ ଦାୟିତ୍ୱ ଅର୍ପଣକରି ୩୦ ତାରିଖ ସୁଦ୍ଧା ସମ୍ବଲପୁର ଯିବା ପାଇଁ । ସମ୍ବଲପୁର ସିଟି ହସ୍ପିଟାଲ ୧.୪.୭୫ରେ ଉଦ୍‌ଘାଟନ ହେବ। ମତେ ତା'ର ଦାୟିତ୍ୱ ବହନ କରିବାକୁ ପଡ଼ିବ । ବିଭିନ୍ନ ସୂତ୍ରରୁ ଘନ ଘନ ନିର୍ଦ୍ଦେଶ ପାଇବା ପରେ ମୁଁ ଯାଜପୁରର ମାୟା ମମତା ତୁଟାଇ, ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ମୁଣ୍ଡିଆ ମାରି ୩୦.୪.୭୫ରେ ସମ୍ବଲପୁର ଯାତ୍ରା କଲି ଓ ସେଇଦିନ ସେଠି ଦାୟିତ୍ୱ ଗ୍ରହଣ କଲି ।

୩୦.୪.୭୫ରେ ପ୍ରାୟ ପୂର୍ବାହ୍ନ ୧୧ଟା ବେଳକୁ ମୁଁ ସମ୍ବଲପୁରରେ ପହଞ୍ଚିଲି । ସିଡିଏମ୍ଓ ଡାକ୍ତର ପି.ସି ରାଉତଙ୍କ ନିର୍ଦ୍ଦେଶ ଓ କର୍ମଚାରୀମାନଙ୍କ ସୌଜନ୍ୟରୁ ମୋ ପାଇଁ ଉଦ୍ଦିଷ୍ଟ ସରକାରୀ ଘର ସଫାସୁତୁରା ହୋଇ ବିଛଣାପତ୍ରର ବ୍ୟବସ୍ଥା କରାଯାଇଥିଲା । ମୁଁ ପିଲାମାନଙ୍କୁ ବସାରେ ଛାଡ଼ି ମୋ ଗାଡ଼ିରେ ସିଡିଏମ୍ଓ ଅଫିସକୁ ଗଲି । ସେଠି ମୁଖ୍ୟ ଚିକିତ୍ସକଙ୍କୁ ସାକ୍ଷାତ କଲି । ଅଫିସ କର୍ମଚାରୀମାନଙ୍କ ସହ ମୋତେ ପରିଚୟ କରିଦିଆଗଲା । ମୁଁ ଡାକ୍ତର ହରପ୍ରସାଦ ମହାନ୍ତି ଏଡିଏମ୍ଓ (ଏଫ୍‌ଡବ୍ଲ୍ୟୁ)ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କଲି । ଷ୍ଟେନୋ ବାବୁ ସବୁ ଠିକ୍‌ଠାକ୍ କରି ରଖିଥିଲେ। କେବଳ ଦସ୍ତଖତ କରିବା କଥା । ଷ୍ଟେନୋ ବାବୁ ଢେଙ୍କାନାଳର ପିଲା । ଅଳପ ବୟସ । ହସ ହସ ମୁହଁ, ସୁନ୍ଦର ଚେହେରା - ନରସ୍ୟ ଆଭରଣ ରୂପମ୍ ।

ସେଠୁ ଆସି ଏଡିଏମ୍ଓ (ମେଡ଼ିକାଲ) ବା ଡାକ୍ତରଖାନା ଅଫିସ୍‌ରେ ବସିଲି । ସେଠିକୁ ସବୁ ଡାକ୍ତର ଆସିଲେ । ଅଫିସ୍ ତରଫରୁ ଚା ଭୋଜିର ବ୍ୟବସ୍ଥା ହେଲା। ଆମ ଭିତରେ ଆଳାପ ଆଲୋଚନା ହେଲା । ପରସ୍ପରକୁ ଜାଣିବା ପାଇଁ ସୁଯୋଗ ମିଳିଲା। ଡାକ୍ତରଖାନା ସୁରୁଖୁରୁରେ ଚଳାଇବା ପାଇଁ ସେମାନଙ୍କ ସହଯୋଗ ଲୋଡ଼ିଲି । ସବୁ ବଡ଼ ବଡ଼ ବିଭାଗର ବିଶେଷଜ୍ଞ ଥାନ୍ତି। କେତେକଙ୍କ ନାମ ମନେ ପଡୁଛି - ଶଲ୍ୟ ଚିକିତ୍ସିକ ଡା. ଝସକେତନ ସାହୁ, ନିଦାନ ବିଶେଷଜ୍ଞ ଡାଃ. ନୃପେନ୍ଦ୍ର ପଟେଲ, ନିଶ୍ଚେତକ ଡା. ରାଧାକୃଷ୍ଣ ମହାନ୍ତି, ଯକ୍ଷ୍ମା ନିବାରଣ ଅଫିସର ଡା. ଏମ୍.

Digitized by srujanika@gmail.com

ମହାପାତ୍ର, ମହିଳା ଡାକ୍ତର ଗୀତା ମିଶ୍ର, ସହକାରୀ ସର୍ଜନ ଡାକ୍ତର ଆର.ବି. ମିଶ୍ର, ଟି.କେ. ସେନ୍ ପ୍ରଭୃତି । ଅଧିକାଂଶ ଡାକ୍ତର ସମ୍ବଲପୁର ବା ବଲାଙ୍ଗୀରର ।

ଏକଶତ ଶଯ୍ୟା ବିଶିଷ୍ଟ ସମ୍ବଲପୁର ହାସପାତାଳ ସହର ମଝିରେ । ଅଫିସ ଡାକ୍ତରଖାନାର ଗୋଟିଏ ପାଖକୁ । ବିପରୀତ ଦିଗରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ରହିବା ଘର ସବୁ। ଡାକ୍ତରଖାନା ପାଖାପାଖି । କେବଳ ମୁଖ୍ୟ ଚିକିତ୍ସକଙ୍କ ବଙ୍ଗଳା ଟିକିଏ ଦୂରରେ, ମୁଣ୍ଡିଆ ଉପରେ । ହସ୍ପିଟାଲ ଦଖଲ କରିଛନ୍ତି ବୁର୍ଲା ମେଡ଼ିକାଲ କଲେଜର କେତେଜଣ ଅଧ୍ୟାପକ - ସରକାରୀ ନିର୍ଦ୍ଦେଶରେ ସେମାନଙ୍କ ମଧ୍ୟରେ ଥାନ୍ତି ଡା. ବି. ମିଶ୍ର । ସେ ଜଣେ ଖ୍ୟାତନାମା ସର୍ଜନ । ସମ୍ବଲପୁରୀ ଲୋକ । ମୁଁ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବାକୁ ଗଲାବେଳେ ସେ ହସି ହସି କହିଲେ ଡ. ପରିଡ଼ା ଅର୍ଡର ଆସି ଯାଇଛି । ଆମେ ଚାଲିଯିବୁ । ମୁଁ କହିଲି, ଡାକ୍ତରଖାନା ଆପଣମାନଙ୍କର । କାଗଜପତ୍ରରେ ଯାଇ ପାରନ୍ତି । କିନ୍ତୁ ଆମକୁ ସାହାଯ୍ୟ ସହଯୋଗ କରିବେ ।

ମୋ ଭିଣୋଇ ଲକ୍ଷ୍ମୀଧର ମଲ୍ଲିକ ସେଠି ଥାନ୍ତି ଜିଲ୍ଲା ଜଜ୍ । ତାଙ୍କୁ ସାକ୍ଷାତ କଲି । ତାଙ୍କ ପରାମର୍ଶ ଅନୁସାରେ କଲେକ୍ଟର, ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ଆର୍‌ଡିସିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲି ସେମାନଙ୍କର ସହଯୋଗ କାମନା କଲି । ଜଣେ ଦୁଇଜଣ ଘରୋଇ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ବି ସାକ୍ଷାତ କଲି ।

ସଂଧ୍ୟାରେ ପିଲାମାନଙ୍କୁ ନେଇ ମା' ସମଲେଶ୍ୱରୀଙ୍କ ଦର୍ଶନ କରି ଫେରିଲି। ମେ ପହିଲାରୁ କାମ ଆରମ୍ଭ । ନୂଆ ପୋଷ୍ଟ୍ । ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଆଶୀର୍ବାଦ (ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍) ଭାରପ୍ରାପ୍ତ ଅଧିକାରୀ ଭାବେ ଡାକ୍ତରଖାନା ଦେଖିବା ମୋ ଦାୟିତ୍ୱ । ଡାକ୍ତରଖାନାରୁ ଶହେଟି ଶଯ୍ୟାରୁ କୋଡ଼ିଏଟି ଶଯ୍ୟ ଶଲ୍ୟ ଚିକିତ୍ସା ପାଇଁ ଉଦ୍ଦିଷ୍ଟ । ସିଡିଏମ୍‌ଓଙ୍କ ପରାମର୍ଶ ଅନୁସାରେ ଦଶଟି ମୁଁ ରଖିଲି । ଅବଶିଷ୍ଟ ଦଶଟି ଶଲ୍ୟ ଚିକିତ୍ସକ ଝସକେତନ ସାହୁଙ୍କ ଦାୟିତ୍ୱରେ ରହିଲା । ସପ୍ତାହରେ ଗୋଟିଏ ଦିନ ଅପରେସନ କରାହୁଏ । ଅପରେସନ୍ ବେଳେ ଡାକ୍ତର ସାହୁ ବି ରହନ୍ତି । ନୂଆ କରି ଯାଇଛି । ନିଜର ସୁନାମ ପାଇଁ ପ୍ରତିଦିନ ଡାକ୍ତରଖାନା ବୁଲିକରି ଦେଖେ । ସବୁ ଡାକ୍ତର ସାଥୀରେ ଥାନ୍ତି । ରୋଗୀମାନଙ୍କର ଟିକିନିଖି ଖବର ବୁଝେ । ଆବଶ୍ୟକ ପଡ଼ିଲେ ଡାକ୍ତରମାନଙ୍କୁ ବି କିଛି ପରାମର୍ଶ ଦିଏ । ଡାକ୍ତରମାନେ ଠିକ୍ ସମୟରେ ଡାକ୍ତରଖାନା ଆସନ୍ତି । ଡାକ୍ତରଖାନା ପରିଷ୍କାର ରହେ। ରୋଗୀମାନଙ୍କର ବିଛଣାପତ୍ର ପାଇଖାନା ସଫା ରହେ। ସାଧାରଣ ବହିର୍ଚିକିତ୍ସା ବିଭାଗ (ଆଉଟ୍‌ଡୋର) ତଥା ବିଶେଷଜ୍ଞମାନଙ୍କ ଆଉଟ୍‌ଡୋର୍ ବି ବୁଲି ଦେଖେ । କେତେବେଳେ କେମିତି ବି ସେଠି ବସି ସବୁ ନିରୀକ୍ଷଣ କରେ । ରୋଗୀମାନଙ୍କ ଖାଦ୍ୟ ପ୍ରସ୍ତୁତ ପରେ ପ୍ରତିଦିନ ଜଣେ ଡାକ୍ତର ଏହାକୁ ଚାଖି ଗୋଟେ ବହିରେ ମନ୍ତବ୍ୟ ଦିଅନ୍ତି । ଠିକ୍ ସେମିତି ଗଉଡ଼ ଗାଈ ଦୁହିଁ କ୍ଷୀର ଦେଲାବେଳେ ଜଣେ ଡାକ୍ତର ଉପସ୍ଥିତ ରହନ୍ତି । ଡାକ୍ତରଖାନା ମାଳି ଛୋଟିଆ ବଗିଚାଟିରେ କିଛି ଫୁଲ ଗଛ ଆଣି ଲଗାଏ ।

Digitized by srujanika@gmail.com

ସାଧାରଣ ସ୍ୱାସ୍ଥ୍ୟ (ମେଡ଼ିକାଲ ୱିଙ୍ଗ) ବିଭାଗର ସବୁ କର୍ମଚାରୀଙ୍କ ଚାକିରୀ ସମ୍ବନ୍ଧୀୟ ନଥିପତ୍ର, ଦରମା, ୩ୟ, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଛୁଟି ମଞ୍ଜୁରୀ ଦାୟିତ୍ୱ ମତେ ଦିଆଗଲା । ଏସବୁ କାମ ପାଇଁ ସିଡିଏମ୍‌ଓ ତାଙ୍କ ଅଫିସରେ ମତେ ଗୋଟିଏ ପ୍ରକୋଷ୍ଠ (ରୁମ୍) ଦେଲେ । ମୁଁ ତାଙ୍କ ଅଫିସରେ ବସି ଏ ସବୁ କାମ କରିଦିଏ । ଡାକ୍ତରଖାନା କର୍ମଚାରୀଙ୍କ କାଗଜପତ୍ର, ଦରମା, ଛୁଟି ଇତ୍ୟାଦି ଖବର ଡାକ୍ତରଖାନା ଅଫିସରେ ଦେଖେ । ସଦର ସବ୍‌ଡିଭିଜନରେ ଥିବା ଡାକ୍ତରଖାନା ସବୁ ବୁଲି ଦେଖିବାକୁ ମତେ କହିଲେ । ମୋରତ ଗାଡ଼ି ଥିଲା । ମୁଁ ନିଜେ ଗାଡ଼ି ଚଳାଉଥିଲି । ଆଗୁଆ ଗସ୍ତ କାର୍ଯ୍ୟକ୍ରମ ମଞ୍ଜୁର କରାଇ ପଠାଇ ଦେଉଥିଲି । ମୋ ପାଖରେ ଥିବା ପିଅନ ବା କେତେବେଳେ କେମିତି ଷ୍ଟେନୋ ବାବୁଙ୍କୁ ସାଥିରେ ନେଇ ଡାକ୍ତରଖାନା (ପି.ଏଚ୍.ସି/ଡିସ୍‌ପେନ୍ସରୀ) ସବୁ ପ୍ରୋଗ୍ରାମ ଅନୁସାରେ ବୁଲି ଦେଖୁଥିଲି । ଏହାଦ୍ୱାରା ଲୋକସମ୍ପର୍କ ବଢ଼ିଲା । ଡାକ୍ତରମାନଙ୍କର ମୋପ୍ରତି ସଦ୍‌ଭାବ ସୃଷ୍ଟି ହେଲା । ସେମାନଙ୍କର ସମସ୍ୟା ସମାଧାନରେ ବି ସାହାଯ୍ୟ କଲି ।

ସେ ସମୟରେ ଘରୋଇ ଚିକିତ୍ସା ଉପରେ କଟକଣା ନଥିଲା । ସଂଧ୍ୟାରେ ମୋ ସରକାରୀ ବାସଭବନରେ କିଛି ରୋଗୀ ଦେଖେ । ଫି' କୋଡ଼ିଏ ଟଙ୍କା । କେହି ଡାକିଲେ ତାଙ୍କ ଘରକୁ ବି ଯାଏ । ଏ ହେଲା ମୋର ନିତିଦିନିଆ କାମ । ପିଲାମାନଙ୍କ ପାଠପଢ଼ା - ସରକାରୀ କାମ ଭିତରେ ନିଜକଥା ତଥା ପିଲାମାନଙ୍କ ପାଠପଢ଼ା ଖବର ବି ବୁଝିବାକୁ ପଡ଼ିବ । ମୋର ଦୁଇଟି ଝିଅ ସାଗରିକା (ମାମି), ଶୁଭବ୍ରତା (ବେବି) ଯାଜପୁରରୁ ଟିସି (ସ୍ଥାନାନ୍ତର ପ୍ରମାଣପତ୍ର) ନେଇ ଆସିଥିଲେ । ଏଠି ଚନ୍ଦ୍ରଶେଖର ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲେ । ତାଙ୍କ ସାଥିରେ ମୋ ପଡ଼ୋଶୀ ଶଲ୍ୟ ଚିକିତ୍ସକ ଡାକ୍ତର ସାହୁଙ୍କ ଝିଅ ବି ଗଲା । ତିନିଜଣଯାକ ସାଙ୍ଗ ହୋଇ ରିକ୍ସାରେ ଯା'ନ୍ତି ଓ ସ୍କୁଲ ଛୁଟି ପରେ ଘରକୁ ଫେରନ୍ତି । ନବା ଆଣିବା ସମସ୍ୟା ନାହିଁ କି ଘରୋଇ ଶିକ୍ଷକର ଆବଶ୍ୟକତା ନାହିଁ । ତାଙ୍କୁ ଯାହା ଘରେ (ହୋମ୍‌ୱାର୍କ) କରିବାକୁ ଦିଆଯାଏ, ସେମାନେ ସ୍କୁଲରେ ରହି ସେତକ କରିଦେଇ ଆସନ୍ତି । ପାଠପଢ଼ା ଭଲ ହୁଏ । ଏ ଅଞ୍ଚଳରେ ଏହା ଏକ ନାମୀ ସ୍କୁଲ । ମୋର ତୃତୀୟ ଝିଅ ସୁଚରିତା (ଠୁବୁ) ବର୍ଷକର । ସେ ମା' ପାଖରେ ଖେଳେ । କେତେବେଳେ କେମିତି ଝସବାବୁ କି ଗୀତା ଘରକୁ ଯାଏ । ଭଲ ପଡ଼ୋଶୀ ସଂପର୍କ । ଆମେ ମିଳିମିଶି ସମଲେଶ୍ୱରୀ ମନ୍ଦିର କି ଝାଡ଼ୁଆପଡ଼ା ଶିବମନ୍ଦିର ଯାଉ । ଏମିତି ପିଲାମାନେ ସମୟ କଟାନ୍ତି ।

ଦିନକର ଘଟଣା । ମୁଁ ସମ୍ବଲପୁରରେ କାର୍ଯ୍ୟରେ ଯୋଗଦାନ କରିବାର ଦିନକ ପରେ । ଯାଜପୁରରୁ ୪/୫ ଜଣ ଚିହ୍ନାଲୋକ ଆସି ପହଁଚିଲେ । ମୁଁ ଖୁବ୍ ଖୁସି ହେଲି । କୁଆଡ଼େ କିପରି ଚାଲି ଆସିଲ ବୋଲି ପଚାରି ବୁଝିଲି । ଯାଜପୁରରେ କିଏ ପ୍ରଚାର କରିଛି - ବାଟରେ ମୋ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ମୁଁ ଟିକିଏ ହସିଦେଇ କହିଲି - ମା' ବିରଜା ଯାର ସହାୟ ତାର କିଏ କଣ କରିବ ? ଯାଜପୁର ଲୋକ ତାଙ୍କ ପ୍ରକୃତି ଛାଡ଼ିବେ କିପରି ? ସର୍ପକୁଳେ ଜନ୍ମ ଦେଲୁ ମୋତେ, ସ୍ୱଭାବ ଛାଡ଼ିବି କେମନ୍ତେ ?

Digitized by srujanika@gmail.com

ମେଡ଼ିକାଲ ରିପ୍ରେଜେଣ୍ଟେଟିଭ୍ (ବିଭିନ୍ନ ଡାକ୍ତରୀ ସଂସ୍ଥାର ପ୍ରତିନିଧି), ଘରୋଇ ଚିକିତ୍ସକ (ପ୍ରାଇଭେଟ୍ ପ୍ରାକ୍ଟିସିନର) ଓ ଡାକ୍ତରଖାନାର କେତେକ ଡାକ୍ତରଙ୍କୁ ନେଇ ମଝିରେ ମଝିରେ ବଣଭୋଜିର ଆୟୋଜନ ହୁଏ । ରିପ୍ରେଜେଣ୍ଟିଭମାନେ ମୁଖ୍ୟତଃ ସବୁ ଦାୟିତ୍ୱ ବହନ କରନ୍ତି । ସେଠି ଭାବର ଆଦାନ ପ୍ରଦାନ ହୁଏ । ଥରେ ଜଣେ ରିପ୍ରେଜେଣ୍ଟିଭ୍ ସାଥିରେ ଗୋଟିଏ ଓଡ଼ିଶା ମାନଚିତ୍ର ନେଇଥାନ୍ତି । ଖାଇବା ପ୍ରକୋଷ୍ଠରେ ତାକୁ ଟଙ୍ଗାଇ ପଚାରିଲେ, କହିଲ ଦେଖି ଏହାର ପୂର୍ବ କିଏ ପଶ୍ଚିମ କିଏ ? ଏ ପ୍ରଶ୍ନର ତାତ୍ପର୍ଯ୍ୟ ବୁଝିବାକୁ ବାକି ରହିଲାନି । ପଶ୍ଚିମ କହିଲେ ମୁଖ୍ୟତଃ ସମ୍ବଲପୁରକୁ ବୁଝାଏ । ସମ୍ବଲପୁରୀ-କଟକୀ ଭେଦାଭେଦ ପାଇଁ ଏ ପ୍ରଶ୍ନ । ହାସ୍ୟରୋଳରେ ଘର ପ୍ରତିଧ୍ୱନିତ ହେଲା ।

ସମ୍ବଲପୁରରେ ଭାରତୀୟ ଡାକ୍ତରୀ ସଂଘର (ଆଇଏମ୍ଏ) ଶାଖା ଥାଏ । ମୁଁ ତାର ସକ୍ରିୟ ସଭ୍ୟ ଓ ପୃଷ୍ଠପୋଷକ । ପ୍ରତିମାସରେ ସଭା ହୁଏ । ଘରୋଇ ଡାକ୍ତରମାନେ ବି ଆସନ୍ତି । ଭୋଜି ହୁଏ । ଡାକ୍ତରୀ ପାଠ ସଂପର୍କରେ ଆଲୋଚନା ହୁଏ । କେହି କେହି ରୋଗୀ ଆଣି ଦେଖାନ୍ତି । ଏ ଆଲୋଚନା ପରେ ଡାକ୍ତରମାନଙ୍କୁ ନୂଆ ନୂଆ କଥା ଜାଣିବା ପାଇଁ ସୁଯୋଗ ଦିଏ । ନିଜ ଭିତରେ ସୁସଂପର୍କ ବଢ଼ାଏ । ସିଡିଏମ୍ଓ ରାଉତ ଆମକୁ ଉତ୍ସାହିତ କରନ୍ତି ।

ଏମିତି ହସଖୁସିରେ ଦିନ ଗଡ଼ି ଚାଲିଲା । ସମୟ ଜଣା ପଡୁ ନଥାଏ । ହେଲେ ଏ ଖୁସି ବେଶୀଦିନ ରହିଲାନି । ୩ମାସ ପରେ ସିଡିଏମ୍ଓ ପି.ସି. ରାଉତଙ୍କର ବଦଳି ହେଲା । ଯକ୍ଷ୍ମାରୋଗ ବିଶେଷଜ୍ଞ (ଡି.ଏସ୍.ସି. ପଣ୍ଡା ଡିଟିଡି) ସମ୍ବଲପୁରୀ ଲୋକ । ପି.ସି. ରାଉତଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଗଲା । ସେ ଗଲାବେଳେ ମତେ ଏକାନ୍ତରେ କହିଲେ - "ହୃଷୀ ! ତୁମକୁ ମୁଁ ଆଣିଥିଲି, ସାବଧାନରେ ଚଳିବ ।" ଏ କଥାର ତାତ୍ପର୍ଯ୍ୟ ମୁଁ ବୁଝିଲି- ବେଙ୍ଗ ବୋଲେ ବେଙ୍ଗୁଲିଲୋ ମହୀ କ୍ଷଣ କ୍ଷଣକେ ଆନ ।"

ନୂଆ ସିଡଏମ୍ଓ ବିନା ପଇସାରେ କିଛି କରନ୍ତିନି । ଏପିରକି ସାମୟିକ ଛୁଟି (ସି.ଏଲ) ମଞ୍ଜୁର, ଗସ୍ତ ବିବରଣୀ ଅନୁମୋଦନ (ଟୁର୍ ଡାଏରୀ ଆପ୍ରୁଭ୍ଡ୍) ପାଇଁ ପଇସା ଦେବାକୁ ପଡ଼େ ବୋଲି ଡାକ୍ତର ରାଧାକୃଷ୍ଣ ମହାନ୍ତି ଆସି ମତେ କହିଲେ । ସେ ଆଗରୁ ନୟାଗଡ଼ରେ ମୋ ପାଖରେ ଥିଲେ । ମୁଁ ବିଶ୍ୱାସ କରିପାରିଲିନି ବରଂ କହିଲି, ତୁମେ କଟିକିଆ ଡାକ୍ତର ସବୁ ତାଙ୍କ ବିରୁଦ୍ଧରେ ଅପପ୍ରଚାର କରୁଛ । ସେ ଜବାବ୍ ଦେଲେ ଆପଣ ଆପଣଙ୍କ ବଦଳି ଗସ୍ତଖର୍ଚ୍ଚ (ଟ୍ରାନ୍ସଫର ଟି.ଏ) ପାଇ ନାହାନ୍ତି । ଦେଖିବେ କ'ଣ ହେବ ? ସତକୁ ସତ ମୁଁ ବହୁତ ଥର କହିଲା ପରେ ବି ମୋ ଗସ୍ତଖର୍ଚ୍ଚ ମିଳିଲାନି । ସମ୍ବଲପୁରୀ ଡାକ୍ତର ଝସକେତନ ସାହୁ କହିଲେ ମନ୍ଦିରରେ ପୂଜାର୍ଚ୍ଚନା ନକରିବା ପର୍ଯ୍ୟନ୍ତ କିଛି ମିଳିବନି ।

୧୯୬୪ରେ ବିଲାତରୁ ଫେରିବା ପରେ ଦୀର୍ଘ ଦଶବର୍ଷ କାଳ ବିଭିନ୍ନ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ମାନଙ୍କ ସହ ମିଳିମିଶି କାମ କରିଛି । ହସଖୁସିରେ ସମୟ କଟାଇଛି । ଚାକିରୀ ଜୀବନର ଇଏ ଏକ ନୂଆମୋଡ଼ । ଏଥିପାଇଁ ମାନସିକ ପ୍ରସ୍ତୁତି ନଥିଲା । ପରିସ୍ଥିତିର ଦାସ ନହୋଇ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ

Digitized by srujanika@gmail.com

ସଂକଳ୍ପ କଲି । ଗାନ୍ଧିଜୀଙ୍କ ରାମଧୂନର ନିର୍ଭୟ କର ପ୍ରଭୁ ରାଜାରାମ କାନେ କାନେ ପ୍ରତିଧ୍ୱନିତ ହେଲା । ଅନ୍ୟାୟ ଅନୀତି ପାଖରେ ମୁଣ୍ଡ ନନୋଇଁ ଦୁର୍ନୀତି ବିରୋଧରେ ସଂଗ୍ରାମ କରି ମୋ ହକ୍ ମୁଁ ଆଦାୟ କରିବାକୁ ଆଗଭର ହେଲି ।

ଆମ୍ଭମାନଙ୍କର (ସିଡିଏମ୍‌ଓ, ଏସ୍‌ଡିଏମ୍‌ଓ) କାର୍ଯ୍ୟର ପରିସର (ଜବ୍ ଚାଟ୍) ଜିଓ ନଂ ୧୫୨୮୧୪ ତା ୨୯.୫.୭୫ ସରକାରଙ୍କଠାରୁ ବିଭିନ୍ନ ସ୍ତରଦେଇ ଆସି ଆମ ଅଫିସରେ ପହଞ୍ଚିଲା । ମୁଖ୍ୟ ଚିକିତ୍ସକଙ୍କ ଦପ୍ତରରୁ ତା'ର ନକଲ ମତେ ମିଳିଲା ୧୫.୯.୭୫ରେ (ଚିଠି ନଂ ୮୭୨୯) । ଏଥିରେ ମୁଖ୍ୟ ଚିକିତ୍ସକଙ୍କ କ୍ଷମତା ବହୁ ପରିମାଣରେ ସଂକୁଚିତ । କେନ୍ଦ୍ରିୟ ଔଷଧ ଭଣ୍ଡାର (ସେଣ୍ଟ୍ରାଲ ଷ୍ଟୋର) ମୁଖ୍ୟ ଚିକିତ୍ସକଙ୍କ ହସ୍ତମୁଦି ମାହାଲ । ଜିଲ୍ଲାର ସବୁ ଡାକ୍ତରଖାନା ପାଇଁ ଆବଶ୍ୟକ ହେଉଥିବା ଔଷଧ, ଯନ୍ତପାତି, ବିଛଣା, ବାସନକୁସନ, ଅନ୍ୟାନ୍ୟ ଆସବାବପତ୍ର ସବୁକିଛି ସିଭିଲ ସର୍ଜନ ନିଜେ କିଣନ୍ତି ନିଜର ପ୍ରିୟ ଲୋକଙ୍କଠାରୁ । ଏଇଟା କିନ୍ତୁ ଏବେ ଏଡିଏମ୍‌ଓ (ମେଡ଼ିକାଲ) ଦାୟିତ୍ୱ । ଜିନିଷପତ୍ର କିଣା ପାଇଁ ଗୋଟେ କମିଟି (ପର୍ଚେସ୍ କମିଟି) ତିନି ଏଡିଏମ୍‌ଓ, ଭଣ୍ଡାର ଘର ଡାକ୍ତର (ଷ୍ଟୋର ମେଡ଼ିକାଲ ଅଫିସର) ବର୍ଷକ ପାଇଁ ଆବଶ୍ୟକ ହେଉଥିବା ଜିନିଷପତ୍ରର ଚିଠା କରିବେ । ସରକାରଙ୍କ ଦ୍ୱାରା ଅନୁମୋଦିତ କଂପାନୀମାନଙ୍କଠାରୁ ସେସବୁ ଜିନିଷ ନିର୍ଦ୍ଧାରିତ ଦରରେ କିଣାହେବ । ଏଡିଏମ୍‌ଓ (ମେଡ଼ିକାଲ) ଷ୍ଟକ୍ ଏଣ୍ଟ୍ରି ସାର୍ଟିଫିକେଟ୍ ଦେବା ପରେ କମ୍ପାନୀମାନେ ପଇସା ପାଇବେ। ଏଡିଏମ୍‌ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍ (ଅଧିକ୍ଷକ) ଭାବେ ସଦର ହାସପାତାଳ ଦାୟିତ୍ୱରେ ରହିବେ । (ସାଧାରଣ ସ୍ୱାସ୍ଥ୍ୟ ମେଡ଼ିକାଲ ୱିଙ୍ଗ) ବିଭାଗର ସବୁ କର୍ମଚାରୀଙ୍କ ଦରମା ଦେବେ ଓ ତାଙ୍କର ଚାକିରୀ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ରଖିବେ। ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଛୁଟି ମଞ୍ଜୁର କରିବେ। ସଦର ସବ୍‌ଡିଭିଜନରେ ଥିବା ସବୁ ଡାକ୍ତରଖାନା ପରିଦର୍ଶନ କରି ରିପୋର୍ଟ ଦେବେ । ମୁଖ୍ୟ ଚିକିତ୍ସକଙ୍କର ପ୍ରଧାନ ସହାୟକ ଭାବେ କାମ କରିବେ । ଏସବୁ କାମ ମୁଁ କରୁଥିଲି ।

୨୪.୧୦.୭୫ରେ ଚିଠି ଆସିଲା ଯାଞ୍ଚ କରିବା ପରେ (ଭେରିଫିକେସନ) କେନ୍ଦ୍ରୀୟ ଔଷଧ ଭଣ୍ଡାର (ସେଣ୍ଟ୍ରାଲ ଷ୍ଟୋର)ର ଦାୟିତ୍ୱ ନେବାପାଇଁ । ଏଇଠୁ ଆରମ୍ଭ ହେଲା ଯୁଦ୍ଧ ପାଇଁ ପ୍ରସ୍ତୁତି ପର୍ବ । ସେଣ୍ଟ୍ରାଲ ଷ୍ଟୋର ଦାୟିତ୍ୱରେ ଥାନ୍ତି ଯକ୍ଷ୍ମା ଅଧିକାରୀ ଡିଟିଓ ଡାକ୍ତର ଏମ୍ ମହାପାତ୍ର ତାଙ୍କ ବନ୍ଧୁ । ଫାର୍ମାସିଷ୍ଟ ମୁରଲୀଧର ଖଟୁଆ । କିରାଣୀ ଏଲ.ଏନ୍. ପ୍ରଧାନ ଓ ମୁଖ୍ୟ କିରାଣୀ ଗୋବିନ୍ଦ ବାବୁ । ବିଭିନ୍ନ ଆଳ ଦେଖାଇ ସେମାନେ ମତେ ଯାଞ୍ଚ କରିବାକୁ ଦେଲେନି କି ମୁଁ ସେଣ୍ଟ୍ରାଲ ଷ୍ଟୋରର ଦାୟିତ୍ୱ ନେଇ ପାରିଲିନି । ତାଙ୍କ ପଛରେ ଡାକ୍ତରଖାନାର ଅଧିକାଂଶ କର୍ମଚାରୀ । ସ୍ଥାନୀୟ ଲୋକ ହିସାବରେ ସହାନୁଭୂତି ରହିବା ସ୍ୱାଭାବିକ । "ଯୁଦ୍ଧ ଯଦି କରି ବସିବ ସଙ୍ଗେ ଥିବ ଭାଇ" । ମୁଁ କଟିକିଆ ଅଫିସରମାନଙ୍କୁ ଏକଜୁଟ୍ କରିବାର ପ୍ରୟାସ କଲି । ମୋ ପଛରେ ଆମ ଡାକ୍ତରୀ ସଂଘ ଓଏମଏସ୍‌ଏ ଓ ସମ୍ବଲପୁରରୁ ପ୍ରକାଶ ପାଉଥିବା 'ସମ୍ବାଦପତ୍ର'ର କେତେକ କର୍ମଚାରୀ ।

Digitized by srujanika@gmail.com

ପର୍ଚ୍ଚେଜ୍ କମିଟି ନବଯାଇ ସିଡିଏମ୍‌ଓ ନିଜେ ଇଣ୍ଡେଣ୍ଟ୍ ତିଆରି କରି ଅଫିସ୍ କପିରେ ସବୁ ଏଡିଏମ୍‌ଓଙ୍କଠାରୁ ଦସ୍ତଖତ କରାଇ ନିଅନ୍ତି । ମୁଁ କିନ୍ତୁ ଦସ୍ତଖତ କଲି ନାହିଁ। ଜିନିଷ କିଣିବା ପାଇଁ ନିର୍ଦ୍ଦେଶ ଗଲା । ଜିନିଷ ଆସିଲା, ଷ୍ଟକ୍ ଏଣ୍ଟ୍ରି ସାର୍ଟିଫିକେଟ୍ (ଔଷଧ ଭଣ୍ଡାରରେ ରହିଲା ବୋଲି) ଦେବା ପାଇଁ ମୋତେ କୁହାଗଲା । ମୁଁ ତ ଦାୟିତ୍ୱ ନେଇନାହିଁ । ଜିନିଷ ଦେଖି ନାହିଁ। ଭଣ୍ଡାରଘରକୁ ଯାଇନି । ଯାହା ଶୁଣେ - ଜିନିଷ ଖୁବ୍ କମ୍ ଆସେ ଓ ଯାହା ଆସେ ତାହା ଅତି ନିମ୍ନ ମାନର । ଏଭଳି ପରିସ୍ଥିତିରେ ପ୍ରମାଣପତ୍ର ସାର୍ଟିଫିକେଟ୍ ଦେବି କିପରି । ମୁଁ ବିଲ୍ ଉପରେ ପ୍ରତିକୂଳ ମନ୍ତବ୍ୟ ଦେଇ ପଠାଇଦେଲି । ସେ ଫାର୍ମର ପ୍ରତିନିଧି ଆସି ଟଙ୍କା ଯାଚିଲେ । ମୁଁ ହାତ ଯୋଡ଼ି କହିଲି । ନୂଆ ଚାକିରୀ, କେବଳ ପଦୋନ୍ନତି ପାଇଁ ଆସିଛି । ମତେ କ୍ଷମା କରିବ । ସେ ଯାଇ କ'ଣ କହିଲା ଜାଣେନି । କିନ୍ତୁ ସେମାନେ ପୂରା ଟଙ୍କା ପାଇଲେ ।

ଏଇଠୁ ଆରମ୍ଭ ହେଲା କୈଫିୟତ୍ ଏକ୍ସପ୍ଲାନେସନ୍ ପର୍ବ । ଗୁଡ଼ିଏ ମିଛ ତଥ୍ୟ ଉପରେ କୈଫିୟତ ମଗାଗଲା ଭୟଭୀତ କରି ନିଜ ଉଦ୍ଦେଶ୍ୟ ସାଧନ ପାଇଁ । ତା' କିପରି ସମ୍ଭବ । ପ୍ରତ୍ୟେକ କୈଫିୟତରେ ଧମକ ଥାଏ - ଏହା ତୁମ ଚରିତ୍ର ପଞ୍ଜିକା ସିସିଆରରେ ଲିପିବଦ୍ଧ ରହିବ । ମୁଁ ପ୍ରତ୍ୟେକ କୈଫିୟତର ଯଥାଯଥ ଉତ୍ତର ଦେଇ ତା'ର ନକଲ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଓ କଲେକ୍ଟରଙ୍କୁ ପଠାଇଲି । ଏହାଦ୍ୱାରା ଅଧିକ ଉତ୍କ୍ଷିପ୍ତ ହେଲେ। ମତେ ସାହାଯ୍ୟ କରୁଥିଲେ ଆମ ଷ୍ଟେନୋ ଓ ଆର୍‌ଡିସି ଅଣ୍ଡର ସେକ୍ରେଟାରୀ ମିତ୍ରବାବୁ । ଡିକ୍ଟେସନ ଦେବା ମାତ୍ରେ ମତେ ଷ୍ଟେନୋ ବାବୁ କହିଦିଅନ୍ତି । ମୁଁ ଅଣ୍ଡର ସେକ୍ରେଟାରୀଙ୍କ ପରାମର୍ଶରେ ତା'ର ପ୍ରତ୍ୟୁତ୍ତର ଲେଖି ରଖିଥାଏ । ଚିଠି ଆସିବା ମାତ୍ରେ ସେହି ପିଅନକୁ ଦେଇଦିଏ । କେତେକ କୈଫିୟତ ଏଠି ଉଲ୍ଲେଖ କରୁଛି -

ପ୍ରଥମ ଅଭଯୋଗ - ଜମା ଖର୍ଚ୍ଚ ହିସାବ ଭୁଲ (Cash analysis is wrong), ନଗଦ ତହବିଲ (କ୍ୟାସ୍) ଜମାଖର୍ଚ୍ଚ ହିସାବ ବହି (କ୍ୟାସ୍ ବୁକ୍) ସହ ମିଳୁନି । ମୋ ଅଫିସ୍‌ର କ୍ୟାସ୍ ବହି ପ୍ରତିଦିନ ଲେଖାଯାଏ । ସାମାନ୍ୟ କିଛି କ୍ୟାସ୍ କୋଷାଧକ୍ଷଙ୍କ ପାଖରେ ଥାଏ । ମୋ ଅଜାଣତରେ ତଦନ୍ତ କ୍ୟାସ୍ ଭେରିଫିକେସନ୍ ହେଲା କେମିତି ? ସାଧାରଣ ସ୍ୱାସ୍ଥ୍ୟ ବିଭାଗ (ମେଡ଼ିକାଲ ଓ୍ୱିଙ୍ଗ୍)ର କର୍ମଚାରୀମାନଙ୍କର ଦରମା ଇତ୍ୟାଦି ପ୍ରାପ୍ୟ ଦେବା ମୋର ହେଲେ ବି ସେ ବହି ତାଙ୍କ ପାଖରେ । କାରଣ ତହବିଲରୁ ଟଙ୍କା ନେଇ ହିସାବ ରକ୍ଷକଙ୍କ ଶାଳକ ଠିକାଦାରୀ କରନ୍ତି । ଏ ପ୍ରକାର ଅଭିଯୋଗ ଗୁରୁତର । ତେଣୁ ଏହାର ତୀବ୍ର ବିରୋଧ କଲି । ଡାଇରେକ୍ଟରଙ୍କୁ ଜଣାଇଲି । ସେ ଅଭିଯୋଗର ଇତିଶ୍ରୀ ଘଟିଲା ।

ଦ୍ୱିତୀୟ ଅଭିଯୋଗ - ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦେଉଥିବା ପ୍ରମାଣପତ୍ର ଲାଗି ଟଙ୍କା ନେଉଛି । ଏ ସାର୍ଟିଫିକେଟ୍ ମୁଁ ଦିଏନି । ସହକାରୀ ଡାକ୍ତରମାନେ ଦିଅନ୍ତି। ପ୍ରତିବାଦ କଲି । ପ୍ରମାଣ କରି ନପାରିଲେ ବିଚାରାଳୟ (କୋର୍ଟ)କୁ ଟାଣିବିବୋଲି ଧମକ ଦେଲି । ସେଥିରୁ କ୍ଷାନ୍ତ ରହିଲେ ।

Digitized by srujanika@gmail.com

ତୃତୀୟ ଅଭିଯୋଗ - ରୋଗୀ ଭଲ ଖାଇବାକୁ ପାଉନାହାନ୍ତି । ବଗିଚା ନଷ୍ଟ ହୋଇ ଗଲାଣି । ମୁଁ କିଛି ଦେଖୁନି - ଉତ୍ତରରେ ଲେଖିଲି ଠିକାଦାର କହୁଛି ରୋଗୀଙ୍କ ପାଇଁ ଆସୁଥିବା ମାଂସରୁ ସିଡିଏମ୍‌ଓ ନେଉଛନ୍ତି । ମାଳି କହୁଛି ସିଡିଏମ୍‌ଓଙ୍କ ଗାଈ ବଗିଚା ନଷ୍ଟ କରୁଛି - ମୁଁ ଦେଖିଛି ବି ।

ଚତୁର୍ଥ ଅଭିଯୋଗ - ମୁଁ ଭୁବନେଶ୍ୱର ଦୁଇଥର ଫୋନ୍ କରିଛି। ସେ ବାବଦ ଟଙ୍କା ଦେଇନି । ମୁଁ ଉତ୍ତରରେ ଲେଖିଲି - ମୁଁ ଫୋନ୍ କରିନାହିଁ। ଆପଣ କ୍ରାଇମ୍‌ବ୍ରାଞ୍ଚ୍‌କୁ ଦେଇ ଦିଅନ୍ତୁ । ଏଭଳି ଚିଠିର ଉତ୍ତର ମୁଁ ଦେଇ ପାରିବିନି ।

ପଞ୍ଚମ ଅଭିଯୋଗ - ଶବ ଉଠାଇବା ପାଇଁ କାହିଁକି ଦଶଟଙ୍କା ଦେଇଛ ? ମୁଁ ଲେଖିଲି ମ୍ୟୁନିସିପାଲିଟି ପନ୍ଦର ଟଙ୍କା ନିର୍ଦ୍ଧାରଣ କରିଛି । ମୁଁ ବରଂ କମ୍ ଦେଇଛି ।

ଷଷ୍ଠ ଅଭିଯୋଗ - ଛୁଟି ମଞ୍ଜୁର ହେବା ପୂର୍ବରୁ ଛୁଟି ଦରଖାସ୍ତ ପକାଇ କାହିଁକି ଚାଲି ଯାଇଛ ? ସାମୟିକ ଛୁଟି (ସିଏଲ୍) ମଞ୍ଜୁର ହେବା ଆଶାରେ ଛୁଟିରେ ରହି ପାରିବ ନାହିଁ କି ଛୁଟି ତୁମେ ଦାବି କରି ପାରିବ ନାହିଁ। ମୁଁ ଲେଖିଲି ଛୁଟି ଦାବି କରିବାର ଅଧିକାର ନଥାଇପାରେ କିନ୍ତୁ ଛୁଟିର ଆବଶ୍ୟକତା ସରକାର ଅନୁମୋଦନ କରିଛନ୍ତି । ଏକ ସପ୍ତାହ ପୂର୍ବରୁ ଛୁଟି ଦରଖାସ୍ତ ଦିଆଯାଇଛି । ଆପଣ ଏଥି ଭିତରେ ନାମଞ୍ଜୁର କରିପାରିଥାନ୍ତେ। ଛୁଟି ଦରଖାସ୍ତ ଚାପି ରଖିବାକୁ କେଉଁଠି ସରକାରୀ ନିର୍ଦ୍ଦେଶ ନାହିଁ ।

ଏଭଳି ମିଥ୍ୟା, ନିରର୍ଥକ ଅଭିଯୋଗରେ ଅତିଷ୍ଠ ହୋଇ ପଡ଼ିଲେ ବ ଧୈର୍ଯ୍ୟ ହରାଇ ନଥିଲି । ଡାଇରେକ୍‌ଟର ଭାସ୍କର ରଥଙ୍କୁ ଦେଖା କଲି । ସେ ବଲାଙ୍ଗିର ଲୋକ । ସମ୍ବଲପୁରୀ ପ୍ରୀତିର ଚରମ ସୀମାରେ । ଶିଶିରବାବୁ ଭାସ୍କର ଭାଇନା କହିଲେ ସେ ସ୍ୱର୍ଗୁ ଉଠିଯିବା ପରି ମନେ କରନ୍ତି । ମତେ କହିଲେ, ତୁମେ କାମ କର। ମୁଁ ତାକୁ କହିଦେବି । ମୋର ପ୍ରତିବେଶୀ ଶଲ୍ୟ ଚିକିତ୍ସକ ଡାକ୍ତର ଝସକେତନ ସାହୁଙ୍କ ପରାମର୍ଶରେ ତାଙ୍କ ଘରକୁ ଗଲି ଭୁଲ୍ ବୁଝାମଣାର ଅବସାନ ପାଇଁ । ସାଥିରେ ତାଙ୍କ ପ୍ରିୟ କଳାକାହ୍ନୁ । ତା'ର କିଛି ପ୍ରଭାବ ପଡ଼ିଲାନି । ମୁଁ କ୍ଷୁବ୍ଧ ହେଲି ।

ବଦଳି ବେଳର ଗସ୍ତଖର୍ଚ୍ଚ ତ ମିଳି ନ ଥିଲା । ଅଦାଲତକୁ ଯାଉଥିବା ଗସ୍ତଖର୍ଚ୍ଚ ବି ମିଳିଲାନି । ଗସ୍ତଖର୍ଚ୍ଚ ନ ପାଇଲେ ମୁଁ ଅଦାଲତକୁ ଯାଇ ପାରିବିନି ବୋଲି ସବୁ ନଥିପତ୍ର ସହ ସେସନ୍‌କୋର୍ଟକୁ ଜଣାଇଲି । କୋର୍ଟ ସାର୍ଟିଫିକେଟ ପରିବର୍ତ୍ତନ ହୋଇଛି ବୋଲି ଅଭିଯୋଗ ହେଲା । ମୁଁ କୋର୍ଟକୁ ଲେଖିଲି । ସେଠୁ ସ୍ପଷ୍ଟୀକରଣ ଆସିଲା । ତଥାପି ମିଳିଲାନି। ବାଧହୋଇ ସମ୍ବଲପୁର କଲେକ୍ଟର, ସ୍ୱାସ୍ଥ୍ୟ ବିଭାଗ ସେକ୍ରେଟାରୀଙ୍କୁ ପକ୍ଷ କରି ଗସ୍ତ ଖର୍ଚ୍ଚ ବାବଦ ୧୫୯୬ ଟଙ୍କା ଦେଇଦେବାକୁ ଓକିଲ ନୋଟିସ୍ ପଠାଗଲା । ଓକିଲ ନୋଟିସ୍ ପାଇବା ପରେ ସରକାରରୁ ତାଗିଦ୍ ଆସିଲା । ଆମ ସଂଘ ଓଏମ୍‌ଏସ୍‌ଏ ଲେଖିଲା । ଏବେ ମୋ ପାଖକୁ ଚିଠି ଆସିଲା, କାର୍‌ରେ କାହିଁକି ଯାଇଛ ? ମୁଁ ଲେଖିଲି କାର୍‌ରେ ନ ଯିବା ପାଇଁ ବା ପୂର୍ବରୁ ଶାସନ କର୍ତ୍ତାଙ୍କଠାରୁ ଅନୁମତି ନେବା ଲାଗି କେଉଁଠି ସରକାରୀ ନିର୍ଦ୍ଦେଶନାମା ନାହିଁ । ଅବଶେଷରେ ଗସ୍ତଖର୍ଚ୍ଚ ମିଳିଲା ।

Digitized by srujanika@gmail.com

**ପୁତ୍ର ସନ୍ତାନ ଲାଭ**

ଘନ ବାଦଲର ସଂଘର୍ଷରୁ ଜନ୍ମନିଏ ବିଜୁଳି । ଅନ୍ଧାର ଭିତରେ ଆଲୁଅ । ଅଶାନ୍ତି ଭିତରେ ଶାନ୍ତି। ଦୁଃଖ ଭିତରେ ସୁଖ । ସବୁ ଠାକୁରଙ୍କ ଇଚ୍ଛା । ମୋ ସ୍ତ୍ରୀ ସେତେବେଳେ ଅନ୍ତସତ୍ତ୍ୱା । ପ୍ରସବ ସମୟ ପାଖେଇ ଆସିଲାଣି । ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତରାଣୀ ସରୋଜିନୀ ମହାନ୍ତି ଆସି ଯାଇଛନ୍ତି । ସେ ପୂର୍ବରୁ ନୟାଗଡ଼ରେ ମୋ ପାଖରେ କାମ କରୁଥିଲେ । ମୋ ସ୍ତ୍ରୀ ସହ ଭଲ ସଂପର୍କ। ସେ ଦେଖିଲେ, କହିଲେ - ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପିଲା ହେବ। ମୋର ସ୍ତ୍ରୀଙ୍କର ସବୁ ପ୍ରସବ (ଡେଲିଭରି) ଡାକ୍ତର ଉମାକାନ୍ତ ନନ୍ଦ କରାଇଛନ୍ତି । ମୋ ବହୁଦିନର ସାଙ୍ଗ । ସେ ଏବେ ବୁର୍ଲାରେ ପ୍ରଫେସର । ମୁଁ ତାଙ୍କୁ ଖବର ଦେଲି । ସରୋଜିନୀ କହିଲା ଡ଼େଲିଭରି ସାର୍ କରୁଛନ୍ତି । ସବୁଯାକ ଝିଅ। ମୁଁ ଏଥର କରିବି । ମୁଁ କିଛି କହିଲିନି ।

୧୯୭୬ ମାର୍ଚ୍ଚ ଦଶ ତାରିଖ । ଫଗୁ ଦଶମୀ ସଂଧ୍ୟା, ବିଛୁଡ଼ି ହୋଇ ପଡ଼ିଛି ଚନ୍ଦ୍ରର ସ୍ନିଗ୍ଧ କିରଣ ମୋ ଅଗଣାରେ । ମୁଁ ଖଣ୍ଡେ ସପ ପକାଇ ଗଡୁଛି । ପାଖ ଘରେ ମୋ ଝିଅ ଦୁଇଟି ପଢୁଛନ୍ତି । ଏତିକିବେଳେ ଆରମ୍ଭ ହେଲା ପ୍ରସବ ବେଦନା । ଖବର ପାଇ ଧାଇଁ ଆସିଛି ସରୋଜିନୀ । ମୁଁ ନିର୍ଲିପ୍ତଭାବେ ଗଡୁଛି ଅଗଣାରେ । ଆମେ ତ ସବୁ ମୁଖାପିନ୍ଧା ମଣିଷ । ହସିବା କାନ୍ଦିବା କେବଳ ଅଭିନୟ । ମନଗହନ କଥା ଜାଣୁଛି କିଏ ? ସରୋଜିନୀ ଚିତ୍କାର କଲା 'ବାବୁ'ଟାଏ । (ସମ୍ବଲପୁରରେ ପୁଅମାନଙ୍କୁ 'ବାବୁ' ଓ ଝିଅମାନଙ୍କୁ 'ବୁଇ'କହନ୍ତି) । ମନରେ ଆନନ୍ଦର ଢେଉ । ସାଇବାବାଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲି । ପରେ ପରେ ସବୁ ଡାକ୍ତର ଆସିଛନ୍ତି । ଡାକ୍ତର ଉମାକାନ୍ତ ବି । ବାହାବା ନେଇଛି ସରୋଜିନୀ । ସଂଗେ ସଂଗେ ଜ୍ୟୋତିଷ ଆସିଛି, ପାଠୁଆ ପିଲା ସେ । ମତେ କାହିଁକି ଭଲ ପାଏ ମୁଁ ଜାଣେନି । ପୁଅର ରାଶିଚକ୍ର, ମିଥୁନ । ନାମକରଣ ଦିଆଯିବ 'ଛ' ଅକ୍ଷରରେ । ପିଲା ପାଇଁ ମୋର ବଦଳି ଅବଶ୍ୟମ୍ଭାବୀ, ଏମିତି କେତେ । ସିଡିଏମ୍‌ଓ ସହ ମୋର ତିକ୍ତ ସଂପର୍କ କେବଳ ସମ୍ବଲପୁର ନୁହେଁ ଓଡ଼ିଶା ସାରା ଜାଣିଲେଣି । ହୁଏତ ତାକୁ ଲକ୍ଷ୍ୟକରି ବଦଳି ହେବ ହେବ ବୋଲି କହିଛି ।

ଦୀର୍ଘଦିନର ପ୍ରତୀକ୍ଷା ଓ ତିନୋଟି କନ୍ୟା ସନ୍ତାନ ପରେ ପୁତ୍ର । କିଏ ବା ଆନନ୍ଦ ନହେବ । ହେଲେ 'ମନେ ନାହିଁ ଶାନ୍ତିସୁଧା, କଣ୍ଠେ ନାହିଁ ଭାଷା' । ନିଜକୁ ତିଆର କରିନେଲି । ଜମିଦାର ପିଲା । ମୁଣ୍ଡ ନୋଇଁବା ମୋ ଜାତକରେ ନାହିଁ । ସିଡିଏମ୍‌ଓ ତ କାଗଜ ବାଘ। ଦାମ୍ଭିକତାର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ 'ଯୁଦ୍ଧଂଦେହୀ' ଡାକରରେ କ'ଣ ପଛଘୁଞ୍ଚା ଦେବି ? ଆଗେଇଲି । ଖୁବ୍ ଜାକଜମକରେ ଏକୋଇଶିଆ ହେଲା । ତା' ମାମୁଘରୁ ଭାରବେଭାର ଆସିଲା । ମୋର ସବୁ ବନ୍ଧୁବାନ୍ଧବ ଆସି ଗୁଣ୍ଡ ହେଲେ । ଭୋଜି ଦାୟିତ୍ୱ ଡାକ୍ତରଖାନା କର୍ମଚାରୀମାନଙ୍କ ଉପରେ । ଡାକ୍ତରଖାନାର ସବୁ କର୍ମଚାରୀ, ଜିଲ୍ଲାର ଅଧିକାଂଶ ଡାକ୍ତର, ସବୁ ଉଚ୍ଚ ପଦାଧିକାରୀ (କଲେକ୍ଟର, ଏସ୍.ପି, ଡିଷ୍ଟ୍ରିକ୍ଟ ଜଜ୍) ଇତ୍ୟାଦି ରାଜନେତା ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଆସି ପିଲାକୁ ଆଶୀର୍ବାଦ କଲେ । ପିଲାର ନାମ ରଖାଗଲା - ଛତ୍ରପତି । ଡାକ୍ତରଖାନା କର୍ମଚାରୀମାନେ ତାଙ୍କ ଦାୟିତ୍ୱ ଖୁବ୍

Digitized by srujanika@gmail.com

ଶୃଙ୍ଖଳାର ସହ ତୁଲାଉଛନ୍ତି । ସମସ୍ତେ ସମ୍ବଲପୁରର । ସମସ୍ତଙ୍କୁ କଟକ ବିରୋଧୀ ଭାବିବା ଅନୁଚିତ । ମୋ ପାଖରେ ଯେଉଁ ବେହେରା ଥିଲା ସେ ଗୋଟେ ଗାଈ ଆଣି ବାନ୍ଧିଦେଲା । ମୋ ପୁଅ ସେଠି ଥିବା ପର୍ଯ୍ୟନ୍ତ ତିନିମାସକାଳ କ୍ଷୀର ଖାଇଲା । ପଇସା ନେବାକୁ ମନାକଲା । ଜବାବ୍ ଦେଲା ସେ କ'ଣ ମୋ ପୁଅ ନୁହେଁ। ଇଏ ହେଲା ଗୋଟେ ସମ୍ବଲପୁରୀ ୪ର୍ଥ ଶ୍ରେଣୀ କର୍ମଚାରୀର ହୃଦୟ ।

ପୁଅ ଏକୋଇଶିଆ ପରେ ସିଡିଏମ୍‌ଓ ବରଂ ଅଧିକ ଉଗ୍ର ହୋଇ ଉଠିଲେ । ମିଥ୍ୟା ଅଭିଯୋଗର କୌଣସି ପ୍ରଭାବ ମୋ ଉପରେ ପଡ଼ିଲାନି। ଆରମ୍ଭ ହେଲା କ୍ଷମତା ଅପହରଣ ପର୍ବ । ପ୍ରତ୍ୟେକ ଚିଠିରେ ସେଇ ପୁରୁଣା କଥା ଆଦେଶ ନ ମାନିଲେ ତୁମ ଚରିତ୍ର ପଞ୍ଜିକା (ସିସିଆର୍‌)ରେ ଲିପିବଦ୍ଧ କରାଯିବ ଓ ଆଦେଶ ଅବମାନନା ବୋଲି ଧରାଯିବ । ସେ ଯାହା କହିବେ ତାହା ହିଁ ଆଇନ । ମୁଁ କହିଲି ଆପଣଙ୍କ 'ହୁକୁମ' ସମସ୍ତେ ପାଳନ କରିବେ ଏ ଆଶା କାହିଁକି କରୁଛନ୍ତି ? ଆମ କାର୍ଯ୍ୟଧାରା ସରକାର ନିର୍ଦ୍ଧାରଣ କରିଛନ୍ତି। ସେହି ଅନୁସାରେ ମୁଁ ମୋ ଦାୟିତ୍ୱ ତୁଲାଇବି। ତାଙ୍କ ଫମ୍ପା ଆୱାଜରେ ମୁଁ ଡରିଯିବା ଲୋକ ନୁହେଁ । "କଂସାରୀ ଘରର ପାରା ତାକୁ କୁଲା ଡାଉଁ ଡାଉଁ ଡରା ।" ତେବେ ଏସବୁ ମୋ ଚରିତ୍ର ପଞ୍ଜିକାରେ ଲେଖିବା ପାଇଁ ଏକ ସୁପରିକଳ୍ପିତ ପନ୍ଥା ଭାବି ଉତ୍ତର ଦେଲାବେଳେ ତାଙ୍କ ଚିଠି ସହ ମୋ ଉତ୍ତରକୁ ଗୁପ୍ତ ଚିଠିରେ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଦେଲି ଓ ସି.ଡ଼ି.ଏମ୍.ଓ. ମୋ ସିସିଆର୍ ନଲେଖିବା ପାଇଁ ଅନୁରୋଧ କଲି । କଲେକ୍ଟରଙ୍କୁ ବି ଚିଠିର ନକଲ ଦିଆଗଲା । ସେ କାଳରେ କଲେକ୍ଟର ସିସିଆର୍‌ରେ ପ୍ରତିସ୍ୱାକ୍ଷର କରୁଥିଲେ ।

ପ୍ରଥମେ ମୁଁ ତାଙ୍କ ଅଫିସର ଯେଉଁ ପ୍ରକୋଷ୍ଠରେ ବସି କାଗଜପତ୍ର ଦେଖଉଥିଲି ତାକୁ ମୁଖ୍ୟ କିରାଣୀଙ୍କୁ ଦେଇଦେଲେ । ମୁଁ ଆଉ ତାଙ୍କ ଅଫିସକୁ ଗଲି ନାହିଁ ।

୧.୧୨.୭୫ରେ ଅର୍ଥନୈତିକ କ୍ଷମତା (ଡ୍ରଇଂ ଡିସ୍‌ବର୍ସିଙ୍ଗ୍ ପାୱାର ଫର୍ ମେଡ଼ିକାଲ ୱିଙ୍ଗ୍) ଅପହରଣ କରାଗଲା। ମୁଁ ଗୋଟାଏ ଝଞ୍ଜାଳରୁ ମୁକ୍ତି ପାଇଲି । ତା'ପରେ ହୁକୁମ୍ ହେଲା ତୁମେ ଯେଉଁ ଶଯ୍ୟା ରଖିଛ ଦେଇଦିଅ । ମୁଁ ମନା କରିଦେଲି । ସବୁ ଶଯ୍ୟାରେ କଟିକିଆ ରୋଗୀ ରହିଲେ । ସେ ଭୟରେ ୱାର୍ଡ଼କୁ ଗଲେନି । ମୋ ଆଗୁଆ ଗସ୍ତ କାର୍ଯ୍ୟକ୍ରମ (ଆଡ୍‌ଭାନ୍ସ ଟୁର୍ ପ୍ରୋଗ୍ରାମ) ମଞ୍ଜୁର କଲେନି । କିନ୍ତୁ ମୁଁ ଗସ୍ତ କଲି । ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଛୁଟି ମଞ୍ଜୁର ନକରିବାକୁ ନିର୍ଦ୍ଦେଶ ଆସିଲା । ଛୁଟି ଦରଖାସ୍ତ ପାଉଥିବା ପର୍ଯ୍ୟନ୍ତ ମୁଁ ମଞ୍ଜୁର କଲି । ଡାକ୍ତରଖାନା କର୍ମଚାରୀମାନଙ୍କ ସର୍ଭିସ୍ ବହି ଓ ବ୍ୟକ୍ତିଗତ ନଥିପତ୍ର ଦେଇଦେବାକୁ ନିର୍ଦ୍ଦେଶ ଆସିଲା । ମୁଁ ନିରବ ରହିଲି । କାରଣ ତାହା ଅଧିକ୍ଷକ ଡେପୁଟି ସୁରେଣ୍ଟେଣ୍ଡେଣ୍ଟଙ୍କ କାମ । ଶେଷରେ ସେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍ କ୍ଷମତା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଆସିଲା । ମୁଁ ଭ୍ରୂକ୍ଷେପ କଲିନାହିଁ । କାରଣ ତାହା ତାଙ୍କ କ୍ଷମତାର ବହିର୍ଭୂତ । ସରକାରୀ ହୁକୁମନାମା (ଅର୍ଡର) ଓ ସିଡିଏମଓଙ୍କ ନିର୍ଦ୍ଦେଶରେ ମୁଁ ସମ୍ବଲପୁର ଜିଲ୍ଲା ହସ୍‌ପିଟାଲ ଷ୍ଟୋର ଦାୟିତ୍ୱ ୩୦.୪.୭୬ରେ ନେଲି ଓ ସେହି ମର୍ମରେ ୧୪.୫.୭୬ରେ ତାଙ୍କୁ ଜଣାଇଦେଲି । ସେ ବୋଧହୁଏ ମୋର

Digitized by srujanika@gmail.com

ଏ ଦାୟିତ୍ୱ ନେବାଟାକୁ ଚାହୁଁ ନ ଥିଲେ । ଫାର୍ମାସିଷ୍ଟଠାରୁ ଷ୍ଟୋର ଚାବି ନେଇ ମୋ ଅଜଣାରେ ତାଲା ଖୋଲି ଆଉ ଗୋଟିଏ ଚାବି ୧୬.୫.୭୬ରେ ଷ୍ଟୋରରେ ପକାଇଦେଲେ । ୧୭.୫.୭୬ରେ ମୋତେ ନିର୍ଦ୍ଦେଶ ମିଳିଲା ଫାର୍ମାସିଷ୍ଟକୁ ଷ୍ଟୋରଚାର୍ଜ ଓ ଚାବି ଦେଇ ଦେବା ପାଇଁ। ମୁଁ ଦେଖିଲି ମୁଖ୍ୟ ଚକିତ୍ସକ ମହାଶୟ ବହୁତ ବାଟ ଆଗେଇଲେଣି । ସରକାରୀ ନିର୍ଦ୍ଦେଶ ନପାଇବା ପର୍ଯ୍ୟନ୍ତ ଚାବି ଦିଆଯିବ ନାହିଁ ବୋଲି ରୋକଠୋକ୍ ମନା କରିଦେଲି । ମୁଁ ଓଏମ୍ଏସ୍ଏ (ଡାକ୍ତରୀ ସଂଘ)ର ଜଣେ କର୍ମକର୍ତ୍ତା ବୋଲି ଡାକ୍ତରମାନେ କେହି ବାହାରୁ ନାହାନ୍ତି । ମୁଁ ସେହି ୧୭.୫.୭୬ରେ ନିଜେ ଯାଇ ଷ୍ଟୋରରେ ଗୋଟେ ତାଲା ପକାଇଦେଲି ଓ କଲେକ୍ଟର, ଏସ୍ପି, ଡିଏଚ୍ଏସ୍ (ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ) ଓ ସ୍ୱାସ୍ଥ୍ୟ ବିଭାଗ ସର୍ବୋଚ୍ଚ କର୍ତ୍ତା (ସେକ୍ରେଟାରୀ)ଙ୍କୁ ଜଣାଇଦେଲି । କେଇଜଣ କଟିକିଆ ଟୋକା ଷ୍ଟୋର ଆଗରେ ପଇଁତରା ମାରିଲେ । ଏ ଚାବି ପଡ଼ି ରହିଲା, ୧୧.୬.୭୬ରେ ମୁଁ ଦାୟିତ୍ୱ ହସ୍ତାନ୍ତର କରିବା ପର୍ଯ୍ୟନ୍ତ । ଏଇ ଖବର ସମାଜରେ ପ୍ରକାଶ ପାଇଲା । ସହର ହୁଲସ୍ଥୁଲ । ସବୁଠି ଚାପା ଗୁଞ୍ଜରଣ ।

**ମୋର ବଦଳି**

ମୋର ବଦଳି ହେଉଛି ବୋଲି ଖବର ଆସିଲା । ଚାହିଁଥିଲେ ସେଠି ରହି ପାରିଥାନ୍ତି । ମୋର ମାନସିକ ଶାନ୍ତି ନଷ୍ଟକରି ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ଘଟାଇ ସେଠି ଆଉ ରହିବାକୁ ଚାହିଁଲିନି । ବିଶେଷକରି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ପ୍ରତି ମୋର ସମ୍ମାନ ତୁଟିଗଲା । ସେ ଯାହା କହନ୍ତି ତାର ଓଲଟା କରନ୍ତି । ତାଙ୍କର ଉତ୍କଟ ସମ୍ବଲପୁରୀ ପ୍ରୀତି ମୁଁ ପସନ୍ଦ କରି ପାରିଲିନି । ଆମ ଜିଲ୍ଲା ଯକ୍ଷ୍ମା ନିବାରଣ ଅଫିସର ଡାକ୍ତର ଏମ୍. ମହାପାତ୍ର ମୋର ବଦଳି ଆଦେଶ ତ୍ୱରାନ୍ୱିତ କରୁଥାନ୍ତି । ମୋର ସେଥିପ୍ରତି ଭ୍ରୂକ୍ଷେପ ନଥାଏ । ୨୮.୫.୭୬ରେ ସରକାରୀ ବିଜ୍ଞପ୍ତି ନଂ ୧୭୯୩୯ ଏଚ୍/୨୮.୫.୭୬ ପ୍ରକାଶ ପାଇଲା । ଫୁଲବାଣୀ ଏଡିଏମ୍ଓ ଡା. ଗୁଣନିଧି ସାହୁ, ସମ୍ବଲପୁର ଯିବେ ମୁଁ ଫୁଲବାଣୀ ଆସିବି । ଅର୍ଡର ପାଇବା ପୂର୍ବରୁ ମୁଁ ନିଜକୁ ପ୍ରସ୍ତୁତ କରିନେଲି । ଫୁଲବାଣୀ ଯାଇ ବୁଲି ଦେଖି ଆସିଲି । ସିଡିଏମ୍ଓ ଥାନ୍ତି ଡାକ୍ତର ଗୌରହରି ନନ୍ଦ । ସେ ମତେ ଦେଖି ଖୁସିହେଲେ । ସିଡ଼ିଏମ୍ଓ ପଠାଇଥିବା ଚିଠି 'ସାଧୁ ସାବଧାନ' ଦେଖାଇଲେ। କହିଲେ ତୋର କ'ଣ ନାହିଁ ? ତୁ ଏଠି ହେବୁ ସର୍ବେସର୍ବା। ଆଦିବାସୀମାନଙ୍କର ସେବା କରିବୁ ତୋ ପିଲାଙ୍କର ମଙ୍ଗଳ ହେବ ।

ବଦଳି ଆଦେଶ ପାଇବା ପୂର୍ବରୁ ତଥା ସମ୍ବଲପୁର ଛାଡ଼ିବା ପୂର୍ବରୁ ସିଡିଏମ୍ଓଙ୍କ କାର୍ଯ୍ୟକଳାପ ଗୁପ୍ତ ଚିଠିରେ ଉଲ୍ଲେଖ କରି ଜିଏ ଡିପାର୍ଟମେଣ୍ଟକୁ (ଜେନେରାଲ୍ ଆଡ୍ମିନିଷ୍ଟ୍ରେସନ୍, ସାଧାରଣ ଶାସନ) ପଠାଇଦେଲି ଓ ସିଡିଏମ୍ଓ ଯେପରି ମୋ ଚରିତ୍ର ପଞ୍ଜିକା ସିସିଆର୍‌ରେ ହାତ ନଦିଅନ୍ତି ସେଥିପାଇଁ ଅନୁରୋଧ କଲି । ନିରାକାର ଲେଙ୍କା ବୋଲି ଆମ ଅଞ୍ଚଳର ଜଣେ କିରାଣୀ ସେଠି ଥାନ୍ତି ସେ ମତେ ସାହାଯ୍ୟ କରୁଥାନ୍ତି । ଗୁପ୍ତ ଚିଠିରେ ଉଲ୍ଲେଖ ଥିଲା -

Digitized by srujanika@gmail.com

୧) ବେଆଇନ୍ ଔଷଧ କିଣା

୨) କର୍ମନିଯୁକ୍ତି (ଏମ୍ପ୍ଲଏମେଣ୍ଟ ଏକ୍‌ସଚେଞ୍ଜ) ଅଫିସରୁ ନାମ ନ ମାଗି ବିନା ସାକ୍ଷାତକାରରେ ଚାକିରୀ ଦେବା ଓ ଚୁକ୍ତି ଅନୁସାରେ ଟଙ୍କା ନଦେଲେ ଚାକିରୀରୁ ବହିଷ୍କାରା କରିବା ।

୩) ଅଧସ୍ତନ କର୍ମଚାରୀମାନଙ୍କର ଘନ ଘନ ବଦଳି ଓ ବଦଳି ଆଦେଶ ପ୍ରତ୍ୟାହାର ।

୪) ବିନା ଟେଣ୍ଡରରେ ନିଜ ପ୍ରିୟଲୋକଙ୍କଠାରୁ ଉତ୍‌କୋଚ ନେଇ ଖାଦ୍ୟ ସାମଗ୍ରୀ, ବାସନକୁସନ ଓ ଷ୍ଟେସନାରୀ ଦ୍ରବ୍ୟ ଯୋଗାଣ ପାଇଁ ବରାଦ ଦେବା ।

ଏସବୁ ଅଭିଯୋଗ ପାଇଁ ପ୍ରାମାଣିକ ନଥିପତ୍ର ସଂଲଗ୍ନ କରାଗଲା। ତା ସହିତ ସରକାରୀ ନିର୍ଦ୍ଦେଶନାମା ଅବମାନନା କରି ଉଦ୍ଦେଶ୍ୟମୂଳକ ଭାବେ ମତେ ହଇରାଣ ହରକତ କରିଥିବାର ସବୁ କାଗଜପତ୍ର ବି ରହିଲା । ହେଲେ ଏସବୁର କିଛି ଫଳ ହେଲାନି । ସାଥେ ସାଥେ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରାଗଲା ନାହିଁ। ସରକାରୀ ଆଇନର ବିରୁଦ୍ଧାଚରଣ କରି ତାଙ୍କ ଜିଲ୍ଲାରେ ରହିଲେ । ମୋ ଗୁପ୍ତ ଚରିତ୍ର ପଞ୍ଜିକା ସିସିଆର୍‌ରେ ବହୁତ କିଛି ଲେଖିଲେ। ଗୋଟିଏ ଚିଠି ଲେଖୁଛି - He is not only bodily fat but mentaly too ସେ କେବଳ ମୋଟା ନୁହନ୍ତି ମୋଟା ବୁଦ୍ଧିଆ ବି, ସେ ସବୁର ନକଲ ସରକାର Do no 4006 of 13.6.77 from Deputy Secy. to govt. P & S Dept. ଓ ଆମ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଅଫିସରୁ Do no 1889C of 26.9.77 from Sri B Tripathy Establishment Officer DHS ଆସିବା ପରେ ମୁଁ ତା'ର ୧୫ ପୃଷ୍ଠା ସମ୍ବଳିତ ଯଥୋଚିତ ଉତ୍ତର ଦେଲି ଓ ସେଗୁଡ଼ିକ ମୋ ସିସିଆର୍‌ରେ ଲିପିବଦ୍ଧ ହେଲା ନାହିଁ । କିନ୍ତୁ ବର୍ଷକପାଇଁ ମୁଁ ଭଲ ସିସିଆର୍‌ରୁ ବଞ୍ଚିତ ହେଲି ।

୭.୬.୭୬ରେ ମୁଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ଅଫିସ୍‌ରୁ ବଦଳି ଆଦେଶ ପାଇଲି Memo no 20993 of 31.5.76 with reference to Govt. notification no 17939 of 28.5.76 ମୁଁ ତ ଆଗରୁ ସରକାରୀ ନିର୍ଦ୍ଦେଶନାମା ପାଇ ସଜବାଜ ହୋଇ ସାରିଥିଲି । ଏବେ କେବଳ ଗଣ୍ଠିଲି ବାନ୍ଧିବା କଥା । ମୁଁ କାଳବିଳମ୍ବ ନ କରି ଟ୍ରକ୍‌ରେ ମୋ ଜିନିଷପତ୍ର ପଠାଇଦେଲି - ଫୁଲବାଣୀ । ଆଗରୁ ବ୍ୟବସ୍ଥା କରିଥିଲି । ଟ୍ରକ୍ ସାଥିରେ ଗଲା ମୋ ବ୍ୟକ୍ତିଗତ ଚାକର ପିଲା ସନାତନ ।

ବିଧି ରକ୍ଷା କରି ମୋପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ଆୟୋଜନ ହେଲା ୧୦.୬.୭୬ରେ । ମୁଖ୍ୟ ଚିକିତ୍ସକଙ୍କ ନିର୍ଦ୍ଦେଶରେ ମୋ ପାଇଁ ଯେଉଁ ଫୁଲମାଳ ଆସିଥିଲା ସେଗୁଡ଼ିକ ମୋ ମୁଣ୍ଡରେ ଗଳିବନି । ଏ ଖବର ମତେ ଷ୍ଟେନୋ ମିଶ୍ରବାବୁ ଦେଇଦେଲେ । ସୁତରାଂ ଯେଉଁମାନେ ଫୁଲମାଳ ଦେବାକୁ ଆସିଲେ ମୁଁ ମୁଣ୍ଡ ନ ଦେଖାଇ ହାତରେ ଧରିନେଲି ବା ତାଙ୍କ ମୁଣ୍ଡରେ ପକାଇଦେଲି ।

ବିଦାୟକାଳୀନ ଭାଷଣରେ ସମସ୍ତେ ତାରିଫ କରି କହିଲେ ମୁଖ୍ୟ ଚିକିତ୍ସକ ବି । ଡାକ୍ତରମାନେ କହିଲେ ସାର୍ ସମ୍ବଲପୁର ଭୁଲିପାରିବେନି । ଏଠି ଯାହା

Digitized by srujanika@gmail.com

ପାଇଛନ୍ତି ଆଉ କେଉଁଠି ପାଇବେନି। ଏଇଟା ଅବଶ୍ୟ ମୋ ପୁଅକୁ ଲକ୍ଷ୍ୟ କରି କୁହାଯାଇଥିଲା । ମୁଁ ମଧ୍ୟ ମୋ ଭାଷଣରେ ସମସ୍ତଙ୍କୁ ଧନ୍ୟବାଦ ଦେଲି । ସମସ୍ତଙ୍କର ସହଯୋଗ ଓ ସହାନୁଭୂତି ପାଇଁ କୃତଜ୍ଞତା ଜଣାଇଲି ।

୧୧.୬.୭୬ରେ ଦାୟିତ୍ୱ ହସ୍ତାନ୍ତର କରି ୧୨.୬.୭୬ ସକାଳୁ ବାହାରି ପଡ଼ିଲି ମୋ ପୁଅର ଜନ୍ମର ୩ ମାସ ପରେ । ପ୍ରାୟ ସବୁ କର୍ମଚାରୀ ଜମା ହୋଇଗଲେ ଭିଜା ଆଖିରେ । ପ୍ରକୃତରେ ସମ୍ବଲପୁରରେ ଶାସନ କ'ଣ ମୁଁ ଶିକ୍ଷା କଲି । ଏଇଠି ମୂଳଦୁଆ ପଡ଼ିଲା ମୋର ଆଗାମୀ ଦିନର ମୁଖ୍ୟ ଚିକିତ୍ସକ ଜୀବନ ପାଇଁ । କାହାରି ପ୍ରତି ମୋ ମନରେ ତିକ୍ତତା ନଥାଏ । ଅଶ୍ରୁଳ ନୟନରେ ସମ୍ବଲପୁର ଛାଡ଼ିଲି । ଭୁଲିପାରିନି ଷ୍ଟେନୋ ବାବୁର ସେ ଦରୋଟି ମୁହଁ ।

ଧୀରେ ଧୀରେ ମୋ କଳା ଫିଆଟ୍ କାର୍ ଡାକ୍ତରଖାନା ହତା ଛାଡ଼ିଲା। ପଛରେ ରହିଗଲେ ଡାକ୍ତର, ନର୍ସ ଆଉ ଅନ୍ୟାନ୍ୟ କର୍ମଚାରୀ ।

୦୦୦

Digitized by srujanika@gmail.com

# ଆଦିବାସୀ ମେଳରେ ଚାରିବର୍ଷ

## ୧୮.୬.୭୭ ରୁ ୧୨.୧୨.୮୦

ଫୁଲବାଣୀ ଓଡ଼ିଶାର ସବୁଠୁ ଅବହେଳିତ ୧୩ ନମ୍ବର ଜିଲ୍ଲା । ବଉଦ, ବାଲିଗୁଡ଼ା, ଫୁଲବାଣୀ ଏମିତି ତିନୋଟି ସବ୍‌ଡିଭିଜନ । ୧୫ଟି ବ୍ଲକ । ମୋଗଲବନ୍ଦୀ କନ୍ଧମାଳ ସହ ଗଡ଼ଜାତ ବଉଦ ରାଜ୍ୟର ମିଶ୍ରଣ । ତେଣୁ ଏ ଜିଲ୍ଲାକୁ ବଉଦ କନ୍ଧମାଳ କୁହାଯାଉଥିଲା। ଫୁଲବାଣୀ ସଦର ମହକୁମା । ବଉଦ ଅଂଚଳ ମହାନଦୀ କୂଳରେ ଓ ଅପେକ୍ଷାକୃତ ଉନ୍ନତ । କନ୍ଧମାଳ ଆଦିବାସୀ ଅଧ୍ୟୁଷିତ ଓ ଅତି ଅନୁନ୍ନତ । ସହର ବଜାର କିଛି ନାହିଁ । ତଥାକଥିତ ବଜାର 'ମେନରୋଡ଼'ରେ ଗୋଟେ ପେଟ୍ରୋଲ ପମ୍ପ ଓ ଚାହା ଦୋକାନ - 'ବିରଜା କାଫେ' । ସେତକ ପୁଣି ଜିଲ୍ଲାର ସଦର ହାସପାତାଳଠାରୁ ଖଣ୍ଡେ ଦୂରରେ ।

କଲେକ୍ଟର, ଏସ୍.ପି ବଙ୍ଗଳା, ସର୍କିଟ୍ ହାଉସ୍, ଏସ୍‌ଡିଓଙ୍କ ବାସଗୃହ ବିଶେଷ ଆକର୍ଷଣୀୟ ନୁହେଁ । ସାରା ଜିଲ୍ଲାରେ ଗୋଟିଏ କଲେଜ । ସିନେମା ଘର ନ ଥାଏ । ପାଚେରୀ ବିହୀନ ଜିଲ୍ଲା । ସଦର ହାସପାତାଳ ରାଜରାସ୍ତା ଉପରେ । ଜିଲ୍ଲା ମୁଖ୍ୟ ଚିକିତ୍ସକ ତଥା ସହକାରୀ ମୁଖ୍ୟ ଚିକିତ୍ସକଙ୍କ ବାସଗୃହ ଡାକ୍ତରଖାନା ପାଖରେ । ଡାକ୍ତରଖାନାର ଅନତି ଦୂରରେ ପିଲାସାଲୁଙ୍କି ନଦୀ ବହି ଯାଉଛି । ହେଲେ ବଣ ଜଙ୍ଗଲ ଘେରା ଏଇ ଜିଲ୍ଲାଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ପ୍ରକୃତ ଏଠି ଜଡ଼ ନୁହେଁ ଜୀବନ୍ତ । ବ୍ରହ୍ମବିଦ୍ୟାର ଆଧାର । ସରଳ ଆଦିବାସୀମାନେ ମଣିଷ ନୁହନ୍ତି । ଅମୃତର ସନ୍ତାନ - "ଅମୃତସ୍ୟ ପୁତ୍ରାଃ"

୧୧.୦୬.୭୬ରେ ସମ୍ବଲପୁର ଡାକ୍ତରଖାନାର ଦାୟିତ୍ୱ ହସ୍ତାନ୍ତର କରି ୧୨.୦୬.୭୬ରେ ଫୁଲବାଣୀ ବାହାରିଲି । ପ୍ରାୟ ଦିନ ୧୨ଟା ବେଳକୁ ଫୁଲବାଣୀରେ ପହଁଚିଲି । ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସକ ଡା. ଗୌରହରି ନନ୍ଦଙ୍କୁ ସାକ୍ଷାତ କଲି । ବିଶାଳ ବପୁ, ପ୍ରଶସ୍ତ ହୃଦୟ, ବୃଦ୍ଧ ଗୌରହରି ନନ୍ଦ ମତେ ସମ୍ଭାଷଣ କରି କହିଲେ ତୁ ରାଜାପିଲା, ତୋର କଣ ନାହିଁ ? ତୁ ଏଠି ହେବୁ ସର୍ବେସର୍ବା । ଆଦିବାସୀ ମାନଙ୍କର ସେବା କରିବୁ । ତୋର ଓ ତୋ ପିଲାମାନଙ୍କର ମଙ୍ଗଳ ହେବ । ଅଫିସ୍‌ରେ ସବୁ ଡାକ୍ତରମାନଙ୍କ ସହ ପରିଚୟ କରାଇଦେଲେ । ଜନସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ ଡାକ୍ତର ରମେନ୍ଦ୍ର ନାରାୟଣ ଦେବ। ପରିବାର କଲ୍ୟାଣ ବିଭାଗର ଏଡିଏମ୍‌ଓ ଡାଃ ଦାମୋଦର ମିଶ୍ର । ଶଲ୍ୟ ଚିକିତ୍ସକ ଡାକ୍ତର

Digitized by srujanika@gmail.com

ଚିତ୍ତରଂଜନ ସାହୁ । ଭେଷଜ ବିଭାଗର ଡାକ୍ତର କେ.ସି. ଦାଶ । ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଗଦାଧର ପଣ୍ଡା । ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ସୋମନାଥ ସାହୁ । ଚକ୍ଷୁ ବିଭାଗର ଡା. ପ୍ରବୋଧ ଦାଶ । ନାସା କର୍ଣ୍ଣ ଗଳା ବିଶେଷଜ୍ଞ ଡାଃ. ରଜନୀ ମହାନ୍ତି । ମହିଳା ଡାକ୍ତର ବିଜୟଲକ୍ଷ୍ମୀ ଓ ଅନ୍ୟମାନେ । ଅଫିସର ମୁଖ୍ୟ କିରାଣୀ, ହିସାବ ରକ୍ଷକ, ଷ୍ଟେନୋ ଇତ୍ୟାଦିଙ୍କୁ ମଧ ଚିହ୍ନାଇଦେଲେ ।

ନିଜେ ମତେ ନେଇ ଆଗରୁ ମୋ ପାଇଁ ପ୍ରସ୍ତୁତ ହୋଇ ରହିଥିବା ବାସଗୃହରେ ଛାଡ଼ିଦେଇ ଆସିଲେ । ମୋ ସାଥିରେ ମୋର ତିନି ମାସର ପୁଅ ବାବୁ, ଦୁଇ ବର୍ଷର ଝିଅ ଠୁବୁ, ଦୁଇଟି ସ୍କୁଲରେ ପଢୁଥିବା ଝିଅ ବେବି, ମାମୀ ଓ ତାଙ୍କ ମା । ଏ ସମସ୍ତେ ଥଇଥାନ ହେଲେ । ତାଙ୍କପାଇଁ ରୋଷେଇ ବ୍ୟବସ୍ଥା ହୋଇଥିଲା ।

ଉପରବେଳା ମୁଁ ପୁଣି ଡାକ୍ତରଖାନା ଗଲି । ଭାବିଥିଲି ମତେ ଦାୟିତ୍ୱ ନେବାକୁ କହିବେ । କିନ୍ତୁ ଡାକ୍ତର ନନ୍ଦ ଡାକିଲେ ଗିରିଶ ପଟ୍ଟନାୟକଙ୍କୁ । ଗିରିଶବାବୁ ଜଣେ କିରାଣୀ ଓ ଜିଲ୍ଲା ଯାନବାହନ ଦାୟିତ୍ୱରେ । ମତେ ଚିହ୍ନାଇ ଦେଇ କହିଲେ ତାଙ୍କୁ ସାରା ଜିଲ୍ଲା ବୁଲାଇ ଦେଖାଇଦେବ। ତାପରେ ସେ ଦାୟିତ୍ୱ ନେବେ । ମୁଁ ଦେଖିଲି ଶିଶିର ପଣ୍ଡା ଓ ଗୌରହରି ନନ୍ଦଙ୍କ ଭିତରେ ଥିବା ଆକାଶ ପାତାଳ ପ୍ରଭେଦ ।

ଗିରିଶ ସୁଶ୍ରୀ, ଯୁବକ । ଘର ଅନୁଗୁଳ । ଅବିବାହିତ, ଅବିକଳ ସମ୍ବଲପୁର ଷ୍ଟେନୋ ପରି । ସେ ଫୋର୍‌ମ୍ୟାନ୍ ବାଲାଜୀ ବାବୁଙ୍କୁ ଡାକିଲେ । ଆମେ ବସି କେଉଁ କେଉଁ ଅଂଚଳ ଯିବୁ ସ୍ଥିର କଲୁ । ଏଇ ଅବସରରେ ଫୁଲବାଣୀର ଶିକ୍ଷା ଓ ସଂସ୍କୃତି ଉପରେ କିଛିଟା ଧାରଣା କରିନେବି ବୋଲି ସ୍ଥିର କଲି । ଫୁଲବାଣୀ ସଂପର୍କରେ ଜାଣିବାପାଇଁ ବହିପତ୍ର ଖୋଜିଲି ।

ଫୁଲବାଣୀର ଲୋକସଂଖ୍ୟା ୬ ଲକ୍ଷ । ସ୍ତ୍ରୀ ପୁରୁଷଙ୍କ ଆନୁପାତିକ ସଂଖ୍ୟା ପ୍ରାୟ ସମାନ । ଜନବସତି ଘଞ୍ଚ ନୁହେଁ, ଜନାକୀର୍ଣ୍ଣ । ପ୍ରତି ବର୍ଗ କିଲୋମିଟରରେ ୫୬ ଜଣ ଲୋକ ବାସ କରନ୍ତି । ଜନସଂଖ୍ୟା ବୃଦ୍ଧିହାର ଭାରତ ତଥା ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାଠାରୁ କମ୍ । ବର୍ଷକୁ ୧.୫ ହାରରେ ବୃଦ୍ଧି ପାଉଛି । ଲୋକସଂଖ୍ୟାର ୬୭ ଭାଗ ଓଡ଼ିଆ। ୩୨ ଭାଗ କୁଇ ଓ ଅଳ୍ପ କେତେ ଲୋକ ଗଣ୍ଡା । ନିଜଭାଷାରେ କଥାବାର୍ତ୍ତା କରନ୍ତି । ଅଧିକାଂଶ ଦ୍ୱିଭାଷୀ । ଧର୍ମ ଭିତରେ ୯୩ ଭାଗ ୫ ଲକ୍ଷ ଅଣି ହଜାର ହିନ୍ଦୁ । ୬.୫ (୪୦,୫୦୦) ଖ୍ରୀଷ୍ଟିଆନ୍, ଅଳ୍ପକିଛି ମୁସଲମାନ ଓ ମହିମାଧର୍ମ ଅବଲମ୍ବୀ ।

ଅଧିକାଂଶ ହିନ୍ଦୁ ହେଉଛନ୍ତି ଆଦିବାସୀ ୨ଲକ୍ଷ ୫୦ ହଜାର ବା ୪୦ ଭାଗ; ହରିଜନ ଶତକଡ଼ା ୨୦ ଭାଗ ଏକଲକ୍ଷ ଅଠର ହଜାର । ଅବଶିଷ୍ଟ ସବର୍ଣ୍ଣ ହିନ୍ଦୁ ୪୦ ଭାଗ । ଖ୍ରୀଷ୍ଟିଆନ ମାନେ କାଥଲିକ ସମ୍ପ୍ରଦାୟର । ସେମାନେ ବାଲିଗୁଡ଼ା ସବ୍‌ଡିଭିଜନର ରାଇକିଆ, ଉଦୟଗିରି, ଦାରିଙ୍ଗିବାଡ଼ି ବ୍ଲକରେ ରହନ୍ତି । ଅଳ୍ପ କେତେକ ଆଦିବାସୀ ଗୋଷ୍ଠୀ ଓ ହରିଜନ ଧର୍ମ ପରିବର୍ତ୍ତନ କରିଛନ୍ତି । ସ୍ଥାନେ ସ୍ଥାନେ ସେମାନଙ୍କ ଚର୍ଚ୍ଚ ରହିଛି ।

ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ଜାତି ପ୍ରଥାର ଗୁରୁତ୍ୱ ବେଶ୍ ଅନୁଭୂତ । ଉଚ୍ଚବର୍ଣ୍ଣର ହିନ୍ଦୁମାନେ ହେଲେ ବ୍ରାହ୍ମଣ (ଝାଡୁଆ/ଓଡ଼ିଆ), କରଣ (ଝାଡୁଆ/ଓଡ଼ିଆ),

Digitized by srujanika@gmail.com

ବଣିଆ, ମାଳି(ତାନ୍ତ୍ରିକ ଓ ଭୈରବୀ ପୂଜକ), ଗଉଡ଼ (ଯଦୁବଂଶୀ ଶ୍ରୀକୃଷ୍ଣଙ୍କ ପୂଜକ) ଅନ୍ୟମାନେ ହେଲେ କ୍ଷତ୍ରିୟ, ପାଇକ, କୁଲଥା, ତନ୍ତି, କୁମ୍ଭାର, କହ୍ଲାର ଇତ୍ୟାଦି । ସେମାନେ ସମସ୍ତେ ନିଜ ନିଜର କୌଳିକ ବୃତ୍ତିରେ ନିୟୋଜିତ ।

ଆଦିବାସୀ ୬୩ ପ୍ରକାରର ଜନଜାତି ମଧ୍ୟରୁ ୨୯ ପ୍ରକାର ଜନଜାତି ଫୁଲବାଣୀରେ ଦେଖିବାକୁ ମିଳନ୍ତି । ତେବେ ସେମାନଙ୍କର ତିନୋଟି ସଂପ୍ରଦାୟ କନ୍ଧ, ସଉରା ଓ ଗଣ୍ଡ ପ୍ରଧାନ । କନ୍ଧମାନେ ସମୁଦାୟ ଜନଜାତିର ୯୬ ଭାଗ । ଏମାନେ ପୁଣି ୩ ଉପଜାତିରେ ବିଭକ୍ତ । ଡଙ୍ଗରିଆ ବା ମାଲୁଆ କନ୍ଧ ପାର୍ବତ୍ୟ ଅଞ୍ଚଳରେ ରହନ୍ତି । ଦେଶିଆ କନ୍ଧ ବା ଓଡ଼ିଆ କନ୍ଧ ସମତଳ ଅଞ୍ଚଳରେ ରହନ୍ତି, ଅଣ ଆଦିବାସୀଙ୍କ ସହ ବସବାସ କରନ୍ତି । କୁଟିଆ କନ୍ଧ ବେଲଘର ଅଂଚଳରେ ଦେଖିବାକୁ ମିଳନ୍ତି । ଏମାନେ ମୁହଁରେ ଚିତା କୁଟାନ୍ତି ନାହିଁ । ଖଣ୍ଡିଏ କପଡ଼ା ପିନ୍ଧନ୍ତି, ଅଣ୍ଟା ଉପରକୁ କିଛି ନ ଥାଏ ।

ହରିଜନ - ଧୋବା, ଗଣ୍ଡ, ଡମ, ଘାସି, ହାଡ଼ି, ଖଦଲା ଓ ପାଣ । ଏମାନେ ମୁଖ୍ୟତଃ ଖଜୁରୀପଡ଼ା, ଫିରିଙ୍ଗିଆ, ଉଦୟଗିରି ବ୍ଲକରେ ରହନ୍ତି । ଚାଷ ଓ ଚମଡ଼ା ବ୍ୟବସାୟ କରି ପେଟ ପୋଷନ୍ତି । ପାଣମାନେ ହରିଜନଙ୍କ ଭିତରେ ସର୍ବ ବୃହତ୍ତ ଗୋଷ୍ଠୀ । ପ୍ରାୟ ସମସ୍ତେ ସମତଳ ଅଂଚଳରୁ ଆସିଛନ୍ତି । ପ୍ରଥମେ କନ୍ଧଙ୍କର ମୂଲିଆ ଭାବେ କାମ କରୁଥିଲେ । ବଳିପାଇଁ ମେରିଆ (ମଣିଷ ବା ମଇଁଷି) ଯୋଗାନ୍ତି । ପ୍ରତିବଦଳରେ କିଛି ଜମି ଓ ବିଭାଘର ବେଳେ ଟଙ୍କା ନିଅନ୍ତି । କନ୍ଧମାନଙ୍କ ସହ ଏକାପଡ଼ାରେ ବାସ କରନ୍ତି । ଏବେ ବିକାକିଣାରେ ମଧ୍ୟସ୍ଥ ସାଜି କନ୍ଧମାନଙ୍କୁ ଶୋଷଣ କରୁଛନ୍ତି । କନ୍ଧମାନଙ୍କୁ ଟଙ୍କା କରଜ ଦେଇ ସୁଧ ନେଉଛନ୍ତି । କନ୍ଧମାନଙ୍କୁ ସବୁ କାମରେ ପରାମର୍ଶ ଦିଅନ୍ତି ।

ସାକ୍ଷରତା ହାର ୧୨.୩ । ସ୍ତ୍ରୀଲୋକମାନେ ପ୍ରାୟ ନିରକ୍ଷର । ବହୁ ସଂଖ୍ୟକ ପ୍ରାଥମିକ ତଥା ଆବାସିକ ଉଚ୍ଚଇଂରାଜୀ ବିଦ୍ୟାଳୟ ଥିଲେ ମଧ୍ୟ ସାକ୍ଷରତା ହାର ଆଶାନୁରୂପ ବୃଦ୍ଧି ପାଉନି । ସମ୍ଭବତଃ କୁଇ ଭାଷାଭାଷି ଶିକ୍ଷକ ଅଭାବରୁ ପିଲାମାନେ ଓଡ଼ିଆ ଭାଷା ବୁଝି ପାରୁନାହାନ୍ତି । ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି ହେଉନି । ଶିକ୍ଷକମାନେ ମଧ୍ୟ ସ୍କୁଲରେ ରହୁନାହାନ୍ତି ।

ଶିକ୍ଷା ଭଳି ସ୍ୱାସ୍ଥ୍ୟ ବିଭାଗରେ ମଧ୍ୟ ଡାକ୍ତରଖାନା ଚାଲେନି । କନ୍ଧମାନେ ଚେରମୂଳ, ଗୁଣିଗାରେଡ଼ି, ଗ୍ରାମଦେବୀ ପୂଜା, ତନ୍ତ୍ରମନ୍ତ୍ର କରନ୍ତି ରୋଗ ଉପଶମ ପାଇଁ । ଡାକ୍ତରଖାନାକୁ କମ୍ ରୋଗୀ ଆସନ୍ତି ।

କନ୍ଧମାନେ ପୋଡୁଚାଷ କରନ୍ତି । ସୋରିଷ, ହଳଦୀ, ଅଦା, କାନ୍ଦୁଲ, ମାଣ୍ଡିଆ ମୁଖ୍ୟ ଫସଲ । ଜଙ୍ଗଲ କାଠ କି ଖଳିଦନାରୁ କିଛି ପଇସା ମିଳେ। ଯାତାୟତର ସୁବିଧା କି ପାଖରେ ବଜାର ନଥିବାରୁ ଉତ୍ପାଦିତ ଦ୍ରବ୍ୟକୁ ବହୁ କମ୍ ଦାମରେ ସମତଳ ଅଂଚଳର ବେପାରୀ ବା ମହାଜନମାନଙ୍କୁ ବିକ୍ରି କରି ଦିଅନ୍ତି । ଯାହାବି ମିଳେ ଠାକୁରାଣୀ ପୂଜା, ପର୍ବପର୍ବାଣୀ, ମଦରେ ଖର୍ଚ୍ଚକରି ଋଣଗ୍ରସ୍ତ ହୁଅନ୍ତି । ୪/୬ ମାସରେ ସବୁ ଆୟ ସରିଯାଏ । ବର୍ଷର ଅବଶିଷ୍ଟ ସମୟତକ ତେନ୍ତୁଳି ମଂଜି, ଆମ୍ବଟାକୁଆ, ପଣସ ମଂଜି, ଜଂଗଲ ଫଳମୂଳ, ଆମ୍ବ, ପଣସ କଠା, ପାଚିଲା

Digitized by srujanika@gmail.com

ପଣସ ଉପରେ ନିର୍ଭର କରନ୍ତି । ବାର୍ଷିକ ମୁଣ୍ଡପିଛା ଆୟ ହାରାହାରି ୫୦୦ ଟଙ୍କା । ଦାରିଦ୍ର୍ୟ ଏମାନଙ୍କର ଚିର ସହଚର ।

ଜିଲ୍ଲାର ୧୫ଟି ଗୋଷ୍ଠୀ ଉନ୍ନୟନ ବ୍ଲକରୁ ୯ଟି ଆଦିବାସୀ ଉନ୍ନୟନ ବ୍ଲକ । ଟିକାବାଲିର ସେବା ସମବାୟ ସମିତି, ବେଲଘର ଓ ସୁବର୍ଣ୍ଣଗିରିରେ ଥିବା ସୁଲଭ ମୂଲ୍ୟର ଦୋକାନଗୁଡ଼ିକ ଏମାନଙ୍କର ଅବସ୍ଥାରେ କୌଣସି ଆଖିଦୃଶିଆ ଉନ୍ନତି ଆଣି ପାରିନାହିଁ ।

କନ୍ଧମାନେ ଖୁବ୍ ସରଳ, ମିଷ୍ଟଭାଷୀ, ଅତିଥି ପରାୟଣ । ଜନ୍ତୁମାନଙ୍କ ପାଖରେ ସାହସୀ, ଅସ୍ତ୍ରଶସ୍ତ୍ର ନଥିବା ଲୋକମାନଙ୍କ ପାଖରେ ନମ୍ର । ପୋଷାକ କହିଲେ ଖଣ୍ଡିଏ କନା କୌପୀନ କରି ମାରିଥାନ୍ତି । ଅଣ୍ଟା ଚାରିପଟେ ଗୁଡ଼ାଇ ଆଗରୁ ପଛକୁ ନେଇଥାନ୍ତି । ପଛରେ ଲାଞ୍ଜ ପରି ଝୁଲୁଥାଏ । ମୁଣ୍ଡରେ ଲମ୍ବାବାଳ ରଖି ଗଣ୍ଠି ପକାନ୍ତି । ସେଥିରେ ଫିକା, ପାନିଆ ବା ପକ୍ଷୀପର ଖୋସା ଯାଇଥାଏ । ସ୍ତ୍ରୀ ଲୋକମାନେ ଦୁଇଖଣ୍ଡ କପଡ଼ା ପିନ୍ଧନ୍ତି । ଖଣ୍ଡିଏ ଅଣ୍ଟା ଚାରିପଟେ, ଅନ୍ୟ ଖଣ୍ଡିକ ଛାତି ଉପରେ । କୁଟିଆ କନ୍ଧ ସ୍ତ୍ରୀ ଲୋକମାନେ କେବଳ ଖଣ୍ଡିଏ କପଡ଼ା ଅଣ୍ଟା ଚାରିପଟେ ଗୁଡ଼ାଇ ଥାନ୍ତି । ଛାତି ଉପରେ ପଡ଼ିଥାଏ ମାଳି କି ତାଳପତ୍ର । ମୁହଁରେ ଚିତା । ଗହଣା ପ୍ରତି ଏମାନଙ୍କର ବହୁତ ସଉକ । ସିଲ୍‌ଭର ତିଆରି ହାର, ବେକରେ ରଙ୍ଗବେରଙ୍ଗ ମାଳି, ମୁଣ୍ଡରେ ପାନିଆ, କାନରେ ରିଙ୍ଗ, ନାକରେ ଫାସିଆ, ଅଣ୍ଟାରେ ଅଣ୍ଟାସୂତା, ହାତରେ ଚୁଡ଼ି, ମୁଦି, ଗୋଡ଼ରେ ବଳା, ମୁଦି ଇତ୍ୟାଦି ।

ଆଦିବାସୀମାନେ ଭଲ ଖେଳାଳୀ । ବାରହା ସାଥୀରେ ଲଢ଼େଇ କରନ୍ତି । ଧନୁଶରରେ ଲକ୍ଷଭେଦ ଅବ୍ୟର୍ଥ ।

ଭାତ ଏମାନଙ୍କର ପ୍ରଧାନ ଖାଦ୍ୟ । ତିଅଣ ନ ଥାଏ । ଲଙ୍କା ଲୁଣ ତେନ୍ତୁଳି ଲଗାଇ ଖାଆନ୍ତି । ମାଣ୍ଡିଆ, କାନ୍ଦୁଲ, ମକା, ବିଭିନ୍ନ ପ୍ରକାର ଛତୁ, ମୂଳ ବା କନ୍ଦା ବେଳେବେଳେ ଖାଆନ୍ତି । ଏମାନେ ମାଂସପ୍ରିୟ । ମାଛ ମିଳିଲେ ଖାନ୍ତି । ଗୋରୁମାଂସ ଖାଆନ୍ତି ନାହିଁ । ଦୁଧ ପିଅନ୍ତି ନାହିଁ । ଘରେ ପଣସମଂଜି, ଆମ୍ବ ଟାକୁଆ, ତେନ୍ତୁଳି ମଂଜି ସାଇତି ରଖିଥାନ୍ତି - ନିଅଣ୍ଟିଆ ସମୟ ପାଇଁ ।

ହାଣ୍ଡିଆ ପ୍ରାୟ ସମସ୍ତେ ପିଅନ୍ତି । ଏହା ତାଙ୍କ ପାଇଁ ପାନୀୟ ନୁହେଁ, ଖାଦ୍ୟ । ମହୁଲି, ସଲପ ରସ ବି ଚଳେ । ପ୍ରତି ଆଦିବାସୀ ପରିବାର ଓ ଶୁଣ୍ଢିମାନେ ଘରେ ମଦ ତିଆରି କରି ହାଟରେ ବିକନ୍ତି । ସାମାଜିକ ଓ ଧାର୍ମିକ ସଭାରେ ମଦର ପ୍ରଚଳନ ଅଛି । କେବେ କେମିତି ବିଡ଼ି, ପିକା. ଭାଙ୍ଗ, ଗଂଜେଇ ମଧ ଚଳେ ।

ଆଦିବାସୀ ଗ୍ରାମଗୁଡ଼ିକ ଛୋଟ । ଅଳ୍ପ କେତୋଟି ଘରକୁ ନେଇ ଗୋଟିଏ ଗ୍ରାମ । ପ୍ରତି ପରିବାର ପାଇଁ ଗୋଟିଏ ଘର । ଗୋଟିଏ ଘର ୪/୫ ବଖରା । ପରିବାର ସଂଖ୍ୟା ୩ରୁ ୮ । ପୁଅ ବାହାହେଲେ ବାପ ମାଙ୍କ ପାଖରୁ ଯାଇ ଅଲଗା ଘରେ ରହେ । ଯୌଥ ପରିବାର ପ୍ରାୟ ନାହିଁ । ଘର ଗୁଡ଼ିକର କାନ୍ଥ କାଠ, ବତା ଓ ଘାସ ବା ପତ୍ରର ଛାଉଣୀ । ଘର ଭିତର ଲିପା ହୋଇ ଚିତା ପଡ଼ିଥାଏ । ଖୁବ୍ ପରିଷ୍କାର । ହେଲେ ସେଇଥିରେ କୁକୁଡ଼ା, ଗାଈ ଓ ସେମାନଙ୍କ ସାଥିରେ ନିଜେ

Digitized by srujanika@gmail.com

ବି ଗହନ୍ତି । ଆସବାସ କହିଲେ ଖୁବ୍ ବେଶୀରେ ଖଣ୍ଡେ ଚାରପାଇ (ଦଉଡ଼ିଆ ଖଟିଆ) । ବାସନ କୁସନ ହେଲା ଶାଳ ଓ ଶିଆଳି ପତ୍ରର ଥାଳି ଓ ଦନା । ଖଣ୍ଡେ ଅଧେ ସିଲଭର ଗିଲାସ । ପତ୍ର ଦନାରେ ପାଣି ପିଅନ୍ତି । ମାଟି ହାଣ୍ଡିରେ ରୋଷେଇ କରନ୍ତି । ଆଲୁଅ କହିଲେ ନିଆଁଲଗା କାଠ ବା ଡିବିରି । ଲଣ୍ଠନ ନ ଥାଏ । ସଂଧ୍ୟା ପୂର୍ବରୁ ଖାଇ ଦିଅନ୍ତି ।

ପ୍ରତି ଗ୍ରାମ ମୁଣ୍ଡରେ ଧାଙ୍ଗଡ଼ା ଘର । ଗ୍ରାମର ଅବିବାହିତ ପୁଅ ଝିଅମାନେ ଏଠି ରହନ୍ତି । ନାଚ ଗୀତରେ ସମୟ କଟାନ୍ତି । ବାଦ୍ୟଯନ୍ତ୍ର - ଖଂଜଣୀ, ଚାଙ୍ଗୁ, ନାଗରା ଇତ୍ୟାଦି ସେଇଠି ଥାଏ ।

ଗାଁ ମଝିରେ ଗୋଟିଏ ବିରାଟ ମାଦଳ ବା ଢୋଲ । ପର୍ବ ପର୍ବାଣିରେ ସମସ୍ତେ ସେଠି ଋଣ୍ଡ ହୁଅନ୍ତି । ନାଚଗୀତ ହୁଏ । ପ୍ରତି ଗ୍ରାମରେ ଗ୍ରାମଦେବତୀ । ଗ୍ରାମଦେବୀ କହିଲେ ଖଣ୍ଡେ କାଠ ବା ପଥରରେ ସିନ୍ଦୂର ବୋଳା ହୋଇଥାଏ । ସେଇ ହେଲେ ତାଙ୍କର ଦୁର୍ଗା ବା ଯୋଗ୍ନୀ । ପ୍ରତି ଗ୍ରାମରେ ଜଣେ ଧର୍ମଯାଜକ । ତାଙ୍କୁ କହନ୍ତି ଦେହୁରୀ, ଯାନି ବା ଗୁରୁ । ଏମାନେ ଠାକୁରପୂଜା କରନ୍ତି । ବିଭାଘର କରାନ୍ତି । ବହୁ ଆଡ଼ମ୍ବରରେ ପୂଜାପର୍ବ ହୁଏ । ପ୍ରତିଥର ପଶୁବଳି । ପୂର୍ବେ ମେରିଆ ବଳି ଦିଆ ଯାଉଥିଲା ।

କେତେଗୁଡ଼ିଏ ଗ୍ରାମକୁ ନେଇ ଗୋଟିଏ ମୁଠା । ପ୍ରତି ମୁଠା ପାଇଁ ଜଣେ ସର୍ଦ୍ଦାର ବା ମୁଠା ମାଲିକ । କନ୍ଧମାନେ ବିବାହ ସମେତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ହିନ୍ଦୁ ପ୍ରଥା ଅନୁସାରେ କରିଥାନ୍ତି । ପ୍ରଥମ ଗର୍ଭଧାରଣ ପରେ ଝିଅ ବାପଘରକୁ ଯାଏ । ଷଷ୍ଠୀ, ଏକୋଇଶିଆ, ବାଲପକା, ବିଦ୍ୟାରମ୍ଭ ଆଦି ହିନ୍ଦୁମତରେ ହୁଏ ।

କନ୍ଧମାନେ କଥାବାର୍ତ୍ତା ଜରିଆରେ ବିବାହ ସ୍ଥିର କରନ୍ତି । ଜାତକ ସେମାନଙ୍କର ନ ଥାଏ । ସୁତରାଂ ଜାତକ ମେଳକ ପ୍ରଶ୍ନ ଉଠୁନି । ବାପା ମା ଦେହୁରୀ ସହାୟତାରେ ଗୋଟେ ଝିଅ ପସନ୍ଦ କରନ୍ତି । ଝିଅର ବାପ ମା ରାଜି ହେଲ କନ୍ୟାସୁନା ବା କନ୍ୟାର ଦର ସ୍ଥିର ହୁଏ । ଦବାନବା ଟଙ୍କା, ଗହଣା, ଗୃହପାଳିତ ପଶୁ କିମ୍ବା ବାସନକୁସନ ଆକାରରେ ଦିଆଯାଏ । ଟଙ୍କା ପଇସା ଦେଇ ନ ପାରିଲେ ଭାବି ବର କନ୍ୟାଘରେ ଟଙ୍କା ସୁଝିଲା ପର୍ଯ୍ୟନ୍ତ କାମ କରେ । ବାହାଘର ପୂର୍ବରୁ ଝିଅ କାନରେ ଗହଣା ପିନ୍ଧେ ଓ ମୁହଁରେ ଚିତା କୁଟାଏ । ବାହାଘର ଦିନ ବରପକ୍ଷର ପିଲାମାନେ ବାଜା ବଜାଇ ରୋଷଣୀ କରି କନ୍ୟା ଘରକୁ ଆସନ୍ତି । ସେଠି ଯାନି ବିଭାଘର କରାଏ । ବାହାଘର ପରେ ବରକନ୍ୟା ବରଘରକୁ ଯାଆନ୍ତି । ବାଟରେ ମିଛିମିଛିକା ଲଢ଼େଇ ହୁଏ । କନ୍ୟାକୁ ଫେରାଇ ନନେବା ପାଇଁ କନ୍ୟା ପକ୍ଷ ହାରି ଯାଆନ୍ତି । କନ୍ୟା ବର ସାଥିରେ ଯାଏ । ପରଦିନ ଧରମା ପେନୁକୁ ପୂଜା କରନ୍ତି । କୁକୁଡ଼ା ବଳି, ଭାତ ଓ ମଦ ଦିଅନ୍ତି । କନ୍ଧ ପକ୍ଷରେ ଏକପତ୍ନୀ ଗ୍ରହଣ ବାଧ୍ୟତା ମୂଳକ । ପିଲାପିଲି ନହେଲେ ଆଉ ଗୋଟିଏ ସ୍ତ୍ରୀ ଗ୍ରହଣ କରାଯାଇପାରେ । କିନ୍ତୁ ଉଭୟ ସ୍ତ୍ରୀଙ୍କୁ ସମାନ ବ୍ୟବହାର ଦେଖାଇବାକୁ ପଡ଼ିବ ।

ହିନ୍ଦୁମାନଙ୍କ ପରି ମୃତ୍ୟୁପରେ ଶବକୁ ଶ୍ମଶାନରେ ଦାହ ବା ପୋତି ଦିଆଯାଏ । ଗର୍ଭବତୀ ସ୍ତ୍ରୀର ଶବକୁ ପୋତି ଦିଆଯାଏ । ପରଦିନ ପୁରୋହିତ ଶବ ସଂସ୍କାର

Digitized by srujanika@gmail.com

କରିବାକୁ ଯାଇଥିବା ଲୋକମାନଙ୍କୁ ଶୌଚ କରାଏ । କିଛିଦିନ ପରେ ହାଣ୍ଡି ବଦଳାଇ ଆତ୍ମୀୟ ମାନଙ୍କୁ ଭୋଜି ଦିଅନ୍ତି । ପୂର୍ବ ପୁରୁଷଙ୍କୁ ସ୍ମରଣ କରି ସେମାନଙ୍କ ଉଦ୍ଦେଶ୍ୟରେ ପଶୁବଳି ଦିଆଯାଏ ।

ଆଦିବାସୀ ମାନଙ୍କର ୮୪ ପ୍ରକାର ଦେବାଦେବୀଙ୍କ ମଧ୍ୟରୁ ଧରଣୀପେନୁ ସର୍ବୋତ୍ତମ । ନିଜର ଦେବାଦେବୀଙ୍କ ସହିତ ହିନ୍ଦୁମାନଙ୍କର ସବୁ ଦେବାଦେବୀ ରାଧାକୃଷ୍ଣ, ଜଗନ୍ନାଥ, ଶିବ, ଦୁର୍ଗା ଇତ୍ୟାଦିଙ୍କୁ ପୂଜା କରନ୍ତି ।

ଆଦିବାସୀମାନେ ନାଚଗୀତ ପ୍ରିୟ । ସେଇଥିରୁ ସେମାନେ ଆନନ୍ଦ ପାଆନ୍ତି । ସବୁ ଦୁଃଖ କଷ୍ଟ ଭୁଲିଯାନ୍ତି । ମୁଖ୍ୟ ନାଚ ହେଲ :

୧) **ଧାଙ୍ଗଡ଼ା ନାଚ :** ଏହି ନାଚ ବିବାହ ପୂର୍ବରୁ ହୁଏ । ଧାଙ୍ଗଡ଼ା ତାର ନିତିଦିନିଆ ପୋଷାକ ପିନ୍ଧେ । ଧାଙ୍ଗିଡ଼ୀ ପିନ୍ଧେ କବଟ ଅଣ୍ଟାତଳୁ । ଆଉ ଖଣ୍ଡେ ଉପରକୁ, ବ୍ଲାଉସ୍ ନ ଥାଏ । ଅଣ୍ଟାରେ ଟଙ୍କାମାଳ । ଗୋଡ଼ରେ ବଳା । ନାଚବେଳେ ଏକ ପ୍ରକାର ଶବ୍ଦ ସୃଷ୍ଟି କରେ । ପୁଅ ଝିଅ ସାମ୍ନା ସାମନି ଛିଡ଼ା ହୁଅନ୍ତି । ପୁଅ ଖଂଜଣୀ ବଜାଇ ଗୀତ ଗାଏ । ଝିଅ ନାଚେ । ଖଂଜଣି ପରିବର୍ତ୍ତେ ଚାଙ୍ଗୁ, ନାଗରା, ସିଂଘା ଇତ୍ୟାଦି ବଜାଯାଏ ।

୨) **ପାଇକ ନାଚ :** ଏଥିରେ ହରିଜନ ମାନେ ମଧ୍ୟ ଆଦିବାସୀଙ୍କ ସହ ମିଶି ନାଚନ୍ତି । ଚାରିଜଣ ପୁଅପିଲା ଧୋତି ବା ଶାଢ଼ୀକୁ ଘାଗରା କରି ପିନ୍ଧନ୍ତି । ମୁଣ୍ଡରେ ପଗଡ଼ି ଓ ଶୈଗା । ଅଣ୍ଟାରେ ଘାଗୁଡ଼ି, ପାଦରେ ଘୁଙ୍ଗୁର ହାତରେ ଧନୁଶର କି କୁରାଢ଼ି । ସେମାନଙ୍କ ସାଥିରେ ଗୋଟେ ଯୋକର ବି ନାଚେ । ଗୀତ ବୋଲାହୁଏ, ଡ୍ରମ ବାଜେ ।

୩) **ଡାଇଖାଇ ନାଚ :** ମାର୍ଗଶୀର ମାସ ଗୁରୁବାର ଦିନ ଲକ୍ଷ୍ମୀପୂଜା ଅବସରରେ ଏ ନାଚ ହୁଏ । ବନଦେବୀଙ୍କ ପୂଜା ପରେ ଅଁଳା ଡାଳ ଧରି ନାଚନ୍ତି । ଢୋଲ ମହୁରୀ ବାଜୁଥାଏ ।

୪) **କରମା ନାଚ :** ଘାସି ସଂପ୍ରଦାୟର ପୁଅଝିଅ ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀରେ କରମା ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଏ ନାଚ କରନ୍ତି । ଝିଅମାନେ କରମା ଗୀତ ଗାଉଥିବାବେଳେ ପୁଅମାନେ ଢୋଲ ମହୁରୀ ବଜାନ୍ତି ।

ବର୍ଷସାରା ଲାଗି ରହିଥିବା ପର୍ବପର୍ବାଣି ଆଦିବାସୀ ମାନଙ୍କର ଜୀବନକୁ ଆନନ୍ଦ ମୁଖର କରିଥାଏ । ଏଠାରେ ଅଳ୍ପ କେତୋଟିର ଅବତାରଣା କରୁଛି ।

କ) **ଠାକୁରାଣୀ ପୂଜା :** ଜଳସକୁମ୍ଭାର ସୃଷ୍ଟିକର୍ତ୍ତା ବରାଳ ଦେବୀଙ୍କ ଉଦ୍ଦେଶ୍ୟରେ ଏ ପୂଜା । ସେମାନଙ୍କୁ ତଥା ଗୃହପାଳିତ ଜୀବଜନ୍ତୁଙ୍କୁ ବନ୍ୟପ୍ରାଣୀଙ୍କ ଆକ୍ରମଣରୁ ରକ୍ଷା ପାଇଁ ଏ ପୂଜା । ପ୍ରଥମେ ଦେହୁରୀ ଦ୍ୱାରା ଗୋଟିଏ ଖମ୍ବ ପୋତା ଯାଏ । ବେଲପତ୍ର, ଅରୁଆ ଚାଉଳ, ହଳଦୀରେ ଖମ୍ବ ପୂଜା ସରିବା ପରେ ଛାଗ ବଳି ଦିଆଯାଏ ।

ଖ) **କେନ୍ଦୁଯାତ୍ରା :** ଚୈତ୍ରମାସରେ ମାଟିମା'ଙ୍କୁ ସନ୍ତୁଷ୍ଟ କରିବାପାଇଁ ମେରିଆ ବଳି ଦେଉଥିଲେ । ଏବେ ମଇଁଷି ବଳି ଦିଆଯାଉଛି, ୫ଦିନଧରି ଏଯାତ୍ରା ଚାଲେ ।

ଗ) **ପର୍ବତ ଦେବତା ପୂଜା :** ଜ୍ୟେଷ୍ଠ ମାସରେ ଗ୍ରାମବାସୀମାନେ ଶୋଭା

Digitized by srujanika@gmail.com

ଯାତ୍ରାରେ ପର୍ବତ ଉପରକୁ ଯାଇ ଛେଳି ବଳି ଦିଅନ୍ତି ଓ ସେଇ ମାଂସରେ ଭୋଜି କରନ୍ତି ।

ଘ) ବାରୁଣୀ ଯାତ୍ରା : ଚୈତ୍ର ମାସରେ ଦାରିଙ୍ଗବାଡ଼ିର ଋଷିମାଳ ଠାରେ ଋଷିକୁଲ୍ୟା ନଦୀର ଉତ୍ପତ୍ତି ସ୍ଥଳରେ ବୁଡ଼ ପକାନ୍ତି । ଏ ସ୍ଥାନର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନୋରମ ।

ଆଦିବାସୀମାନଙ୍କ ପରି ଅଣଆଦିବାସୀମାନଙ୍କର ମଧ ବହୁ ଦେବାଦେବୀ ଓ ପର୍ବପର୍ବାଣୀ ରହିଛି । ଏଗୁଡ଼ିକୁ ସବର୍ଣ୍ଣ ହିନ୍ଦୁ, ଆଦିବାସୀ ଓ ହରିଜନମାନେ ମିଳିମିଶି ପାଳନ୍ତି । ଦେବଦେବୀଙ୍କ ଭିତରେ ଚକାପାଦର ବିରୁପାକ୍ଷ, ପୁରୁଣାକଟକର ଭୈରବୀ, ବଉଦର ଚାରିଶମ୍ଭୁ ଓ ଫୁଲବାଣୀର ନାରାୟଣୀ ପ୍ରଧାନ । ପର୍ବପର୍ବାଣୀ ଭିତରେ ମକର ଯାତ୍ରା, ମାଘ ପୂର୍ଣ୍ଣିମା, ଦୋଳଯାତ୍ରା, ରାମନବମୀ, ରଥଯାତ୍ରା, ଦଶହରା, ଠାକୁରାଣୀ ଯାତ୍ରା, କାଳୀ ପୂଜା, କାର୍ତ୍ତିକ ପୂର୍ଣ୍ଣିମା ପ୍ରଧାନ । ଚକାପାଦର ବିରୁପାକ୍ଷ ମନ୍ଦିର ଅନନ୍ୟ ।

ଚକାପାଦ ଗୋଟିଏ ତୀର୍ଥସ୍ଥାନ । ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ଶୋଭାରେ ବିମୋହିତ ଶିବ ବିରୁପାକ୍ଷ ମଂଦିରରେ ଶୋଭା ପାଉଛନ୍ତି । ଆନନ୍ଦେଶ୍ୱରଙ୍କ ପାଇଁ ଆଉ ଗୋଟିଏ ମନ୍ଦିର । ତା ପାଖକୁ ଲାଗି ଅର୍ଦ୍ଧନିର୍ମିତ ଯୋଗେଶ୍ୱର ମନ୍ଦିର । ଏହି ଶୈବପୀଠ ପାଖରେ ବୁଟୁଙ୍ଗା ନଈ କୁଳକୁଳୁ ହୋଇ ବହି ଯାଉଛି ମହାନଦୀରେ ମିଶିବା ପାଇଁ । ଗଛଗୁଡ଼ିକ ସବୁ ଦକ୍ଷଣକୁ ଢଳିଛି ।

ଏଠାରେ ଥିବା ବନବାସୀ କଲ୍ୟାଣ ଆଶ୍ରମରେ ଛାତ୍ରମାନେ ପାଠ ପଢ଼ିବା ସହ ବେଦ ଅଧ୍ୟୟନ କରନ୍ତି । ସବୁ ଗୁଡ଼ିକ ଆଦିବାସୀ ପିଲା । ଗୋଟିଏ ସଂସ୍କୃତ ଟୋଲ ବି ଅଛି । ଧର୍ମାନ୍ତରୀକରଣ ବିରୁଦ୍ଧରେ ସେମାନେ ଜାଗ୍ରତ ପ୍ରହରୀ । ଶିବରାତ୍ରିରେ ବହୁ ଜନସମାଗମ । କାର୍ତ୍ତିକ ପୂର୍ଣ୍ଣିମା ମଧ ମହାସମାରୋହରେ ପାଳିତ ହୁଏ । ସ୍ଥାନଟିକୁ ଗୋଟିଏ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯାଇପାରେ ।

ଫୁଲବାଣୀରେ ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡିସ୍ପେନସରି ମେଡ଼ିକାଲ ଏଡ଼୍ ସେଣ୍ଟର ସବୁ ମିଶାଇ କୋଡ଼ିଏ ପଚିଶଟି । ଚାହିଁଲେ ଗୋଟିଏ ଦିନରେ ବୁଲି ଆସିବ । କେବଳ ପାହାଡ଼ି ରାସ୍ତା । ଘାଟରୋଡ଼ ବୋଲି ସମୟ ଲାଗେ । ଅଧିକାଂଶ ରାସ୍ତା ଦୁର୍ଗମ । ପଶିଲା ବେଳକୁ ଖଜୁରୀ ପଡ଼ା ଘାଟି । ବାହାରିଲା ବେଳକୁ କଳିଙ୍ଗା ଘାଟି ।

ଗିରିଶ ବାବୁଙ୍କ ସାଙ୍ଗରେ ପ୍ରଥମେ ଗଲି ଦାରିଙ୍ଗବାଡ଼ି, ସାଙ୍ଗରେ ଷ୍ଟୋର କିରାଣୀ । ସେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ କିଛି ଔଷଧ ନେଇଥାନ୍ତି । ସ୍ଥାନଟି ଅତ୍ୟନ୍ତ ମନୋରମ । ଫୁଟିଲା ଶିମଳି ତୁଳା ବିଂଚି ହୋଇ ପଡ଼ିଲା ପରି ବରଫ ପଡୁଛି । ପାଇନ ଜଙ୍ଗଲ ସବୁ ପାହାଡ଼ର ପାଦଦେଶରେ । ଉପରକୁ ଚାହିଁଲେ କଳାଧଳା ମେଘସବୁ ଧାଇଁ ଆସୁଛନ୍ତି ସତେ ଯେମିତି ପାହାଡ଼ ଗୁଡ଼ାକୁ ଗିଳିଦେବେ । ପାହାଡ଼ ତା ବକ୍ଷରେ ସଜାଇ ରଖିଛି ତୋପ ସଦୃଶ ପଥର ଖମ୍ବ ସବୁ । ପଦାତିକ ସୈନ୍ୟବାହିନୀ ସମ ଅଗଣିତ ବୃକ୍ଷରାଜି ପ୍ରସ୍ତୁତ ହୋଇ ରହିଛନ୍ତି ପ୍ରତିରୋଧ କରିବାକୁ । ସୋରିଷ କିଆରିରେ ହଳଦୀ ଗୁରୁଗୁରୁ ଫୁଲଗୁଡ଼ା ମୁଣ୍ଡ କୋଡୁଛନ୍ତି ଭୟରେ ଆତଙ୍କରେ

Digitized by srujanika@gmail.com

ଦେହଥରା ପବନରେ। ସୁନ୍ଦର ମନଲୋଭା ଦୃଶ୍ୟ ପ୍ରକୃତି ସଜାଡ଼ି ଦେଇଛି ତାର ଅମୃତର ସନ୍ତାନ ଏଇ ଆଦିବାସୀ ଭାଇ ଭଉଣୀଙ୍କ ତୃପ୍ତି ପାଇଁ । ସେଇଥିରେ ଆତ୍ମହରା ହୋଇ ସେ ଖଟେ । ରକ୍ତ ନିଗାଡ଼ି ଉପୁଜାଏ ଅଦା, ହଳଦୀ, ସୋରିଷ, ସବୁକିଛି ମହାଜନ ପାଇଁ । ଶୋଷଣ ତାର ଭାଗ୍ୟରେ ଲେଖା । ଦାରିଦ୍ର୍ୟ ତାର ଚିର ସହଚର ।

ସେଠି ପୂର୍ତ୍ତବିଭାଗର ଗୋଟିଏ ବଂଗଳା । ସେଇଠି ବିଶ୍ରାମ ନେଲୁ । ଏଇ ବଙ୍ଗଳାଟି ହେଲା ମୋର ମୁଖ୍ୟ ଆକର୍ଷଣ । ମୋ ରହଣୀ ସମୟରେ ବିଲାତ ସରକାରଙ୍କ ସହାୟତାରେ ସ୍ୱାସ୍ଥ୍ୟ ବିଭାଗର ଯେଉଁ କୋଠାବାଡ଼ି ସବୁ ନିର୍ମାଣ ହେଲା ତାକୁ ଦେଖାଚାହାଁ କରିବାକୁ ଆସୁଥିବା ଭାରତୀୟ ଓ ବ୍ରିଟିଶ ଅଫିସର ମାନଙ୍କୁ ମୁଁ ଏଇ ବଙ୍ଗଳାକୁ ଆଣୁଥିଲି ଓ ତାକୁ ପଶ୍ଚିମବଙ୍ଗର ଦାର୍ଜିଲିଂ ଆଖ୍ୟା ଦେଉଥିଲି । ସ୍ଥାନୀୟ ଡାକ୍ତର କିଏ ଥିଲେ ମନେ ପଡୁନି । ଡାକ୍ତରବାବୁ ଓ ଗିରିଶବାବୁ ସମସ୍ତଙ୍କୁ କହୁଥାନ୍ତି ନୂଆ ସାହେବ ଆସିଛନ୍ତି । ହସ ହସ ମୁହଁରେ ସମସ୍ତଙ୍କୁ ଚାହିଁଥାଏ । କାହାରି ଭାଷା ବୁଝିବାର ଜ୍ଞାନ ନାହିଁ ।

ମଧ୍ୟାହ୍ନ ଭୋଜନ ସାରି ଆସିଲୁ ବାଲିଗୁଡ଼ା ସବ୍‌ଡିଭିଜନାଲ ହସ୍ପିଟାଲ । ଦାରିଙ୍ଗବାଡ଼ିରୁ ୪୦ କିଲୋମିଟର । ୩୦ଟି ଖଟିଆ । ଅଳ୍ପ କେଇଟିରେ ରୋଗୀ ଥାନ୍ତି । ବାଲିଗୁଡ଼ାରେ ରହନ୍ତି ଫୁଲବାଣୀ ହସ୍ପିଟାଲର କଣ୍ଟ୍ରାକ୍‌ଟର । ଟୋକା ଲୋକ । ତାଙ୍କୁ ଗିରିଶ ବାବୁ ଡାକି ଆଣିଲେ। ଆମେ ସାଙ୍ଗହୋଇ ଗଲୁ ତୁମୁଡ଼ିବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ସେଠୁ ଗଲୁ କୋଟଗଡ଼ ହସ୍‌ପିଟାଲ । ହସ୍ପିଟାଲ ଡାକ୍ତର ଗୋପାଳ ତ୍ରିପାଠୀ । ଯୁବକ ଭଦ୍ର ଓ ମିଷ୍ଟାଳାପୀ । ଖୁବ୍ ଆରାମରେ ଅଛନ୍ତି । ଜାଗାଟି ଫୁଲବାଣୀର ଅନ୍ୟତମ ଆକର୍ଷଣ । ଏଠିକାର ଜଙ୍ଗଲ ବିଭାଗର ଜଣାଶୁଣାରେ ଅଫିସରମାନେ ଶିକାର କରନ୍ତି । ସେଇଠି ଭୋଜି ହୁଏ । କିଛି ମାଂସ ଧରି ଘରକୁ ଫେରନ୍ତି । ଏଥିରୁ ମୁଁ ମଧ୍ୟ ବାଦ୍ ପଡ଼ିନି । ହସ୍ପିଟାଲ କଣ୍ଟ୍ରାକ୍‌ଟର ଲକ୍ଷ୍ମଣ ପାତ୍ରଙ୍କ ସହାୟତାରେ ଡାକ୍ତରଖାନା ଗାଡ଼ି ନେଇ ସୁବର୍ଣ୍ଣଗିରି ଅଂଚଳରେ ବହୁବାର କୁଟୁରା, ହରିଣ ଓ ସମ୍ବର ଶିକାର କରିଛୁ । ବାଘ ବି ଯୁଟିଛନ୍ତି। ସେଇଠୁ ଫେରିଲୁ ଫୁଲବାଣୀକୁ ।

ସତକୁ ସତ ମନ ପରିବର୍ତ୍ତନ ହେଲା । ଫୁଲବାଣୀ ପ୍ରତି ଆକର୍ଷଣ ବଢ଼ିଲା । ପରଦିନ ମୁଁ ନିଜେ ଡାକିଲି । ଏଥର ଆମେ ଗଲୁ ବେଲଘର । ଅଗମ୍ୟ ପାହାଡ଼ି ରାସ୍ତା, କେତେବେଳେ ଜିପ୍ ଗଡ଼ିବ ଜଣା ନାହିଁ । ଆଶଂକା ଓ ଉତ୍କଣ୍ଠା ମଧ୍ୟରେ ଆଗକୁ ଆଗକୁ ଗାଡ଼ି ମାଡ଼ି ଚାଲିଥାଏ । ବେଲଘର ପାହାଡ଼ର ଶୀର୍ଷ ଦେଶରେ । ଏଇଠି ଆମ ଡାକ୍ତରଖାନା । କେବଳ କାଠରେ ନିର୍ମିତ ଜଙ୍ଗଲ ବିଭାଗର ଡାକ ବଂଗଳା। ଖାଇବାକୁ କିଛି ନାହିଁ । ଆଦିବାସୀମାନେ ସଂପୂର୍ଣ୍ଣ ଲଙ୍ଗଳା । ଡାକ୍ତରଖାନାରେ କେହି ଷ୍ଟାଫ୍ ନ ଥାନ୍ତି । ରୋଗୀମାନେ ଚେରମୂଳି, ଗୁଣି ଗାରେଡ଼ିରେ ଖୁସି । କେତେକ ଖଦଡ଼ିଆ ଲୋକଙ୍କୁ ଦେଖିଲି । ସେମାନେ ସମାଜସେବୀ । ଆଦିବାସୀ ମାନଙ୍କୁ ସାହାଯ୍ୟ କରିବାକୁ ଏଠି ରହିଛନ୍ତି । କୌଣସି ଖ୍ରୀଷ୍ଟିଆନ ମିଶନାରୀଙ୍କୁ ସେଠି ଦେଖିଲି ନାହିଁ । ସେଦିନ ସେଠି ରାତ୍ରି ଯାପନ କଲୁ । ସେ ବଙ୍ଗଳାରେ

Digitized by srujanika@gmail.com

ଶୋଉ ଆଦିବାସୀ କଲ୍ୟାଣ ନାମରେ ଯେଉଁ ହରିଲୁଟ ଚାଲିଛି, ସେ କଥା ଭାବୁଥିଲି । ଭାତ କୁକୁଡ଼ା ତରକାରୀ ହୋଇଥାଏ । ଗିରିଶ ବାବୁଙ୍କୁ ଧନ୍ୟବାଦ ଦେଲି । ରାତିରେ ବାଘ ଗର୍ଜନ । ସାହା ଭରସା ସେଇ ହରି ।

ପରଦିନ ଝିରିପାଣି ହୋଇ ଫେରିଲୁ । ଝିରିପାଣିରେ ଆଉ ଗୋଟିଏ ଅବହେଳିତ ଅବସ୍ଥାରେ ଥିବା ଡାକ୍ତରଖାନା । ସେଠି ସେମିତି କୌଣସି ସରକାରୀ ଚାକିରିଆ ରହନ୍ତି ନାହିଁ । ଘରଦ୍ୱାର ନାହିଁ । ପିଇବା ପାଣି ପାଇଁ ଖଣ୍ଡେ ବାଟ ଝରଣା ପର୍ଯ୍ୟନ୍ତ ଯିବାକୁ ପଡ଼େ । ରାସ୍ତାଘାଟ କଥା ନ କହିଲେ ଭଲ ।

ଶେଷରେ ଗଲି ଜି. ଉଦୟଗିରି । ଏଠି ଖ୍ରୀଷ୍ଟିଆନ ମିଶନାରୀମାନେ ଖୁବ୍ ଭଲକାମ କରିଛନ୍ତି । ଧର୍ମାନ୍ତରୀକରଣ ଫୁଲବାଣୀରେ ନୂଆ ନୁହେଁ । କେତେକ କନ୍ଧ ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିଛନ୍ତି । ମିଶନାରୀମାନଙ୍କ ଉଦ୍ୟମରେ ଗୋଟିଏ ଭଲ ଡାକ୍ତରଖାନା - ମୁର୍ସିଦ୍ ମେମୋରିଆଲ ଖ୍ରୀଷ୍ଟିଆନ୍ ହସ୍ପିଟାଲ ୧୯୩୯ ମସିହାରୁ କାମ କରୁଛି । ୧୨୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାଟି ସବୁବେଳେ ଭରପୂର । ସାରା ଓଡ଼ିଶାରେ ଚହଳ ପକାଇଛନ୍ତି ନାମକରା ସର୍ଜନ ଡାକ୍ତର ଥମାସ୍ । ଆଧୁନିକ ଯନ୍ତ୍ରପାତି । ମୃତ୍ୟୁ ମୁଖରୁ ବଂଚାଇବା ଭଳି ଅପରେସନ ବି। ଯେଉଁଠି ସବୁ ସୁବିଧା ଥାଇ ମଧ୍ୟ ଆମ ଡାକ୍ତରମାନେ ରହୁନାହାନ୍ତି, ସେଠି ସେମାନେ ଦରିଆ ପାରି ହୋଇ ହଜାର ହଜାର କିଲୋମିଟର ଦୂରରେ ନିଜ ପିଲାଛୁଆଙ୍କୁ ଛାଡ଼ି ଆଦିବାସୀଙ୍କ ସେବାରେ ଲାଗିଛନ୍ତି । କୃତଜ୍ଞତାରେ ମୋ ମୁଣ୍ଡ ନଇଁଗଲା । ପାଖରେ ଆମର ଗ୍ରେସିଙ୍ଗିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ସେଠିକାର ଦୁଇଜଣ ଯୁବ ଡାକ୍ତରଙ୍କୁ ମିଶନାରୀ ଡାକ୍ତରଙ୍କଠାରୁ ଶିଖିବାକୁ ପରାମର୍ଶ ଦେଲି । କିଛି ଲାଭ ହେଲାନି । ରୋଗୀ ସଂଖ୍ୟା ବଢ଼ିଲାନି କି ଅପରେସନ ହେଲାନି ।

ଜି.ଉଦୟଗିରିର ଅନ୍ୟନାମ ପ୍ରେମନଗରୀ ମିଶନାରୀମାନଙ୍କ ପ୍ରଭାବରୁ । ଏବେ ଅବଶ୍ୟ ସେ ଡାକ୍ତରଖାନା ମୃତପ୍ରାୟ । ଡାକ୍ତର ଜୟାନନ୍ଦ ମଲ୍ଲିକ ଓ ତାଙ୍କ ପୁଅ କୌଣସି ପ୍ରକାରେ ଅନୁଷ୍ଠାନଟିକୁ ବଂଚାଇ ରଖିଛନ୍ତି । ଏଠି ଗୋଟିଏ ଚର୍ଚ୍ଚ ଅଛି । ପ୍ରାର୍ଥନାପାଇଁ ବହୁ ଲୋକ ଆସନ୍ତି । ଏ ଅଂଚଳ ବେଶ୍ ଉପଭୋଗ୍ୟ ।

ବଉଦ ଅଂଚଳ ପରେ ବୁଲିକରି ଦେଖିଲି। ଏ ଅଂଚଳ ଅପେକ୍ଷାକୃତ ଉନ୍ନତ । ବଉଦ ରାଜାଙ୍କ ପ୍ରାସାଦ । ତାଙ୍କରି ସହାୟତାରେ ମୋ ବାଘ ଚମଡ଼ା ଟାନିଂ କରିଥିଲି ଟିଟିଲାଗଡ଼ରେ ।

ରାଜନେତାମାନେ ବିଶେଷ ହସ୍ତକ୍ଷେପ କରନ୍ତି ନାହିଁ । ୪ଜଣ ବିଧାନ ସଭା ସଦସ୍ୟ । ଦୁଇଜଣ ଆଦିବାସୀ, ଜଣେ ହରିଜନ । ସବର୍ଣ୍ଣ ଜଣକ ବଉଦର ହିମାଂଶୁ ପାଢ଼ୀ । ଉପବାଚସ୍ପତି ଥିଲେ । ସେମାନଙ୍କର ଅକୁଣ୍ଠ ସମର୍ଥନ ପାଇଲି ।

କାର୍ଯ୍ୟରେ ଯୋଗଦାନ ପୂର୍ବରୁ ଏସ୍.ଡି.ଓ, କଲେକ୍ଟର, ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କଲି । ଏସ୍‌ଡିଓ ବ୍ରଜ ରାଉତଙ୍କଠାରୁ ସହଯୋଗ ବି ଚାହିଁଲି । ଠାକୁରଙ୍କୁ ମୁଣ୍ଡିଆ ମାରି ୧୮.୬.୭୬ରେ କାର୍ଯ୍ୟଭାର ଗ୍ରହଣ କଲି ପରିବାର କଲ୍ୟାଣ ବିଭାଗର ଏଡିଏମ୍‌ଓ ଡାକ୍ତର ଦାମ ମିଶ୍ରଙ୍କ ଠାରୁ । ଗୁଣନିଧି ବାବୁ ତାଙ୍କୁ ଦାୟିତ୍ୱ ଦେଇ ଚାଲି ଯାଇଥିଲେ ।

Digitized by srujanika@gmail.com

ଝିଅ ଦୁଇଜଣଙ୍କର ନାମ ଲେଖା ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ କରାଗଲା । ଘରେ ଠୁବୁ ଓ ଟିକିପୁଅ ବାବୁ । ଗାଇଟିଏ ବଂଧା ହେଲା ବାବୁ ପାଇଁ । ଆଦିବାସୀମାନେ କ୍ଷୀର ଦୁହନ୍ତି ନାହିଁ । ଗାଈକ୍ଷୀର ତା ଛୁଆ ପାଇଁ । ବାଛୁରୀ କେବଳ ତାଙ୍କର । ସେଥିପାଇଁ କ୍ଷୀର କିଣିବାକୁ ମିଳେନି । କ୍ଷୀର ପାଇଁ ସେମାନେ ପଇସା ନିଅନ୍ତି ନାହିଁ । କେତେ ଉଦାର ! ପେଟକୁ ଦାନା ନାହିଁ । ତ୍ୟାଗର ସୀମା ନାହିଁ ।

ମୁଁ ଦାୟିତ୍ୱ ନେବା ପରେ ସଦର ହାସପାତାଳର ଉନ୍ନତି ପାଇଁ ଲାଗି ପଡ଼ିଲି । ମୁଁ ନିଜେ ଡାକ୍ତର ଚିତ୍ତରଂଜନ ସାହୁଙ୍କ ସହାୟତାରେ କିଛି ଅପରେସନ କଲି । ପ୍ରତ୍ୟେକ ବିଭାଗର ଡାକ୍ତରଙ୍କୁ ନିଜ ନିଜ ବିଭାଗର ରୋଗୀ ସଂଖ୍ୟା ବଢ଼ାଇବାକୁ ଉତ୍ସାହିତ କଲି । ସେମାନେ ସମସ୍ତେ ସହଯୋଗ କଲେ ।

ଆମ ଡାକ୍ତରୀ ସଂଘ ଓମସା ଓ ଆଇଏମ୍ଏ ଫୁଲବାଣୀ ଶାଖାକୁ ମଜଭୁତ କରାଗଲା । ପ୍ରତି ମାସରେ ମିଟିଂ ହୁଏ । ଜିଲ୍ଲାର ସବୁ ଡାକ୍ତର ଭାଗ ନିଅନ୍ତି । ଦିନବେଳା ସରକାରୀ କାମ । ନିଜ ନିଜ ଡାକ୍ତରଖାନାର ବିଭିନ୍ନ ପ୍ରୋଗ୍ରାମର ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନା କରନ୍ତି । ସଂଧ୍ୟାରେ ସଂଘ କାମ । ବେତନ, ପଦମର୍ଯ୍ୟାଦା ସରକାରଙ୍କ ପାଖରେ ବିଭିନ୍ନ ଦାବୀ ଉପସ୍ଥାପନ ପାଇଁ ପନ୍ଥା ନିରୂପଣ ବିଷୟରେ ଚର୍ଚ୍ଚା ହୁଏ । ବିଶେଷଜ୍ଞ ଡାକ୍ତରମାନେ ତାଙ୍କ ବିଭାଗରେ କିଛି ନୂଆ କେଶ୍ ଥିଲେ ଆଣି ଦେଖାନ୍ତି ଓ ତାଉପରେ ଚର୍ଚ୍ଚା ହୁଏ । ଏଥିପାଇଁ ସବୁ ଡାକ୍ତର ପଡ଼ାପଡ଼ି କରି ଆସନ୍ତି । ନିଜନିଜ ଭିତରେ ସହଯୋଗ ବଢ଼େ। ଶେଷରେ ଭୋଜିଭାତ ହୁଏ ।

ଘରୋଇ ଚିକିତ୍ସାରେ ପ୍ରାୟ କିଛି ମିଳେନି । କୁକୁଡ଼ା, ପଣସ, ଆମ୍ବ, ପଣସମଂଜି ଆକାରରେ ଯାହା କିଛି ଫିସ୍ ମିଳେ । ସେଥିରେ ଆମର ଆନନ୍ଦ । ମୁଁ ଅପରେସନ କରିବା ପରେ କଟକ କି ଗଂଜାମ ରୋଗୀଙ୍କଠାରୁ କିଛି କିଛି ପଇସା ମିଳିଲା । ଯା ହେଉ ଅଳ୍ପ କେଇଦିନ ମଧ୍ୟରେ ସବୁରି ସହଯୋଗରେ ଡାକ୍ତରଖାନାଟି କର୍ମ ମୁଖର ହୋଇ ପଡ଼ିଲା ।

ଫୁଲବାଣୀରେ ରକ୍ତ ଭଣ୍ଡାର ନ ଥିଲା। ସରକାରୀ ପ୍ରୋତ୍ସାହନରେ ସେତକ କରାଗଲା । ଆମର ଗୋଟିଏ ବଡ଼ ଅଭାବ ମେଣ୍ଟିଲା । କଲେକ୍ଟର ରେଡକ୍ରସ ଫଣ୍ଡରୁ ଆମକୁ ଯଥାସମ୍ଭବ ସହାୟତା କରିଛନ୍ତି । ଆମେ ରକ୍ତଦାନ କ୍ୟାମ୍ପ କରି ରକତ ସଂଗ୍ରହ କରି ରଖିଲୁ । ଯେଉଁମାନେ ରକ୍ତଦାନ କରିବେ ସେମାନେ ତାଙ୍କ ଆବଶ୍ୟକ ବେଳେ ରକ୍ତ ଭଣ୍ଡାରରୁ ରକ୍ତ ପାଇପାରିବେ । ବ୍ୟାଙ୍କରେ ଟଙ୍କା ରଖିବା ଭଳି ରକ୍ତଦାନ ପାଇଁ ଉତ୍ସାହିତ କରାଗଲା । ରକ୍ତଦାନ ଦ୍ୱାରା କିଛି କ୍ଷତି ହୁଏନି ବୋଲି ଲୋକ ବୁଝିଗଲେ । ଆମେ ଏଣିକି ବଡ଼ ବଡ଼ ଅପରେସନ ପାଇଁ ସାହସ କଲୁ ।

ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ପାଇଁ ସାକ୍ଷାତକାର ହୁଏ। କର୍ମନିଯୋଗ କେନ୍ଦ୍ର ମାଧ୍ୟମରେ ପ୍ରାର୍ଥୀ ସବୁ ଆସନ୍ତି । ଧାଡ଼ିବାଂଧି ଛିଡ଼ା ହୁଅନ୍ତି । ସବୁରି ଉପସ୍ଥିତିରେ ଡାକ୍ତର ନନ୍ଦ ବାଛି ନିଅନ୍ତି ତାଙ୍କ ମନ ମାନିଲା ଭଳି ପ୍ରାର୍ଥୀଙ୍କୁ । ଆମେ

Digitized by srujanika@gmail.com

ସମସ୍ତେ ହଁ ଭରୁ ଦସ୍ତଖତ ବି କରୁ । କାହାରି ସନ୍ଦେହର ଅବକାଶ ନ ଥାଏ ।

ଅବସର ବିନୋଦନ ପାଇଁ ମଝିରେ ମଝିରେ ଭି.ଡି.ଓ (ସିନେମା) ଦେଖାଯାଏ । ଏଥିରେ ଏସ୍‌ଡିଓ ବ୍ରଜରାଉତ ଅଗ୍ରଣୀ । ଆମେ ଗଣେଶ ପୂଜା କରୁ । ମଝିରେ ମଝିରେ ପିକ୍‌ନିକ୍ ବି । ନିଜ ନିଜ ଭିତରେ ସୁସଂପର୍କ ବଢ଼ାଇବା ପାଇଁ ଏଗୁଡ଼ିକ ଗୋଟିଏ ଗୋଟିଏ ମାଧ୍ୟମ ।

ସତ୍ୟସାଇ ବାବାଙ୍କ ନାମରେ ସେବା ସମିତି ସବୁଥାଏ । ବାବୁର ଜନ୍ମ ପରଠାରୁ ମୁଁ ଏଇ ସେବାସମିତି ଗୁଡ଼ିକୁ ଅଧିକ ସକ୍ରିୟ ସହଯୋଗ କରୁଥିଲି । ବିଶେଷକରି ତାଙ୍କ ସଭ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ଟ୍ରେନିଂ ଦେବା, ଆଲୋଚନାରେ ଅଂଶ ଗ୍ରହଣ କିମ୍ବା ପୂଜାର୍ଚ୍ଚନାରେ ଭାଗ ନେବାରେ କାର୍ପଣ୍ୟ ନ ଥିଲା ।

ଗିରିଶର ସାଙ୍ଗ ସୂର୍ଯ୍ୟ ବରହମପୁର ପିଲା । ସେ ଭଲ ଫଟୋଗ୍ରାଫର । ବାବୁର ସବୁ ଫଟୋ ଉଠାଏ । ବିଶେଷ କରି ତା ଜନ୍ମଦିନରେ କାର୍ଡ଼ ନପଠାଇ ଫଟୋ ବାଣ୍ଟେ । ସେ ପିଲାଟି ମୋ ପାଖରେ ପ୍ରାୟ ସବୁବେଳେ ଥାଏ ।

ସଦର ଡାକ୍ତରଖାନା ବାଗେଇବାପରେ ମୁଁ ରୀତିମତ ଜିଲ୍ଲାର ସବୁ ଡାକ୍ତରଖାନାକୁ ପରିଦର୍ଶନରେ ଗଲି । ଅଧିକାଂଶ ସ୍ଥାନରେ ଛୋଟବଡ଼ ଅପରେସନ ବି କଲି । ମୋର ସୁନାମ ବଢ଼ିଲା । ଡାକ୍ତରମାନଙ୍କର କାମପ୍ରତି ଆଗ୍ରହ ବି ବଢ଼ିଲା ।

ମୋର ମନେ ପଡୁଛି ମନମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଥାନ୍ତି ଅମରେଶ ମିଶ୍ର । ଏଇ ଡାକ୍ତରଖାନାଟି ସୋନପୁର ପାଖରେ । ସେଠି ଜଣେ ପରିବା ବିକାଳୀ ଥିଲେ । ତାଙ୍କର ଗୋଟିଏ ବିରାଟ ଓଭାରିଆନ ଟ୍ୟୁମର ସମଗ୍ର ପେଟକୁ ଆବୋରି ରଖିଥାଏ । ମୁଁ ଟୁରରେ ଯାଇଥିଲାବେଳେ ମତେ ଦେଖାଇଲେ । ମୁଁ ବଧିରା ଇଂଜେକ୍‌ସନ ଦେଇ ସେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କରି ସହାୟତାରେ ସେ ଟ୍ୟୁମରଟି ବାହାର କରିଦେଲି । ସକସନ ଆପାରାଟସ ନ ଥାଏ । କୌଣସି ଅସୁବିଧା ହୋଇନି । ଏମାନଙ୍କର ଧୈର୍ଯ୍ୟ ଓ ସହନଶୀଳତା ବହୁତ ବେଶୀ । ସେ ଭଦ୍ରମହିଳା ମତେ ମୋ ସ୍ତ୍ରୀପାଇଁ ଗୋଟେ ସୋନପୁରୀ ପାଟଶାଢ଼ୀ ଓ ଦୁଇଟି ଗାମୁଛା ଦେଇଥିଲେ ।

ବର୍ଷକ ଭିତରେ ଫୁଲବାଣୀକୁ ମୁଁ ମୋ କରାୟତକୁ ନେଇ ଆସିଲି । ଡାକ୍ତରମାନେ ଫୁଲବାଣୀରେ ଗୋଡ଼ ଦେଲାମାତ୍ରେ ବଦଳି ପାଇଁ ଆଉ ଲାଗିଲେ ନାହିଁ। ମୋ ପଛରେ ମୁଖ୍ୟ ଚିକିତ୍ସକ ଗୌରହରି ନନ୍ଦଙ୍କ ପ୍ରଚ୍ଛନ୍ନ ଆଶୀର୍ବାଦ ଥାଏ । ତାଙ୍କର ଆନନ୍ଦ ବି କହିଲେ ନସରେ ।

ସବୁକାମ ଭିତରେ ମୁଁ ମୋ ନିଜକଥା ଭୁଲି ନଥିଲି । ଛୋଟିଆ ଜିଲ୍ଲା । ସୀମିତ ଘରୋଇ ଚିକିତ୍ସା । ଆଗକୁ ପଦୋନ୍ନତି । ଏଇସବୁ କଥା ଚିନ୍ତାକରି ଫୁଲବାଣୀରେ ଥିବା ସମୟରେ ପଦୋନ୍ନତିପାଇଁ ସାହାଯ୍ୟ କରୁଥିବା ବିଭିନ୍ନ ଟ୍ରେନିଂ ନେଲି ।

Digitized by srujanika@gmail.com

## ୧) ପ୍ରଶାସନିକ ତାଲିମ ୧.୮.୭୭ ରୁ ୩୧.୮.୭୭

ପ୍ରଶାସନିକ ଅଫିସରମାନଙ୍କ ପାଇଁ ତାଲିମ କେନ୍ଦ୍ରଟି ଭୁବନେଶ୍ୱର ଶହୀଦ ନଗରରେ ଥିଲା । ଓଡ଼ିଶା ସରକାରଙ୍କର ସବୁ ଅଫିସରଙ୍କ ସମେତ ଜଙ୍ଗଲ ବିଭାଗ ଅଫିସରମାନଙ୍କୁ ଏଠି ଟ୍ରେନିଂ ନେବାକୁ ପଡ଼ିଥାଏ । ଟ୍ରେନିଂ ସମୟ ଏକମାସ । ଜଣେ ଦକ୍ଷ ପ୍ରଶାସକ ହେବାକୁ କିଛିଟା ସୂଚନା ଦିଆଯାଇଥାଏ । ରାଜଧାନୀଠାରୁ ଦୂରରେ ଥିବା ଅଫିସରମାନେ ଏଇ ସମୟ ଭିତରେ ତାଙ୍କ ନିଜ ବିଭାଗରେ ଥିବା ବକେୟାକାମ ସବୁ କରାଇ ନିଅନ୍ତି ।

ଟ୍ରେନିଂ ସମୟରେ ଶିକ୍ଷାର୍ଥୀ ମାନଙ୍କୁ ନିଜ ମତାମତ ଦେବାକୁ ପଡ଼ିଥାଏ । ମୋର ମନେ ପଡୁଛି ମୁଁ ମୋ ଭାଷଣରେ କହିଥିଲି - ଭାରତର ସର୍ବୋତ୍କୃଷ୍ଟ ଆଦର୍ଶ ଶାସକ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । ସେ ଯାହା ଚାହିଁଛନ୍ତି କରିଛନ୍ତି । ତାଙ୍କରି ଇଙ୍ଗିତରେ ମହାଭାରତ ଯୁଦ୍ଧ ୧୮ ଦିନ ଧରି ଚାଲିଲା । ନିରୀହ ବେଲାଳସେନ ବଳି ପଡ଼ିଲା । ଯେଉଁ ଶାସକ ବିନା ବାଧାରେ ବା ସର୍ବନିମ୍ନ ବାଧାରେ ଇପ୍ସିତ ସମୟ ମଧ୍ୟରେ ତାର ଲକ୍ଷ୍ୟ ହାସଲ କରେ ସେ ହିଁ ସୁଶାସକ।

ମୋର ଏ ଭାଷଣ ଆଦୃତ ହେଲା ।

## ୨) ଡାକ୍ତରଖାନା ଅନୁଶାସନ - ୬.୨.୭୮ ରୁ ୧୦.୨.୭୮

ଡାକ୍ତରଖାନା ରେକର୍ଡ, ଔଷଧପତ୍ର ତଥା ଯନ୍ତ୍ରପାତି ସଂରକ୍ଷଣ (ମ୍ୟାଟେରିଆଲ୍ ମ୍ୟାନେଜ୍‌ମେଣ୍ଟ) ପାଇଁ ଏକ ପାଂଚଦିନିଆ ଟ୍ରେନିଂ ଦିଲ୍ଲୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟଣଣ ଅନୁଷ୍ଠାନରେ ଦିଆଯାଏ । ଅନୁଷ୍ଠାନର ରହିବା ପାଇଁ ହଷ୍ଟେଲ ଅଛି । ସେଠି ବି ଖାଇବା ପିଇବା ପାଇଁ ବ୍ୟବସ୍ଥା ।

ମୁଁ ଛାତ୍ରାବସ୍ଥାରେ ୧୯୫୩ ମସିହାରେ ଦିଲ୍ଲୀ ଯାଇଥିଲି ନିଦାନ ବିଭାଗରେ ଅଧିକ ପ୍ରଶିକ୍ଷଣ ପାଇଁ ଷ୍ଟଡି ଟୁରରେ । ଦିଲ୍ଲୀ ସମ୍ବନ୍ଧରେ ମୋର ବିଶେଷ କିଛି ଧାରଣା ନ ଥିଲା । ଦିଲ୍ଲୀରେ ଅବସ୍ଥାପିତ ଆମର ସର୍ଜିକାଲ କଂପାନୀ ସବୁ ମତେ ବହୁତ ସାହାଯ୍ୟ ସହଯୋଗ କଲେ । ମନେ ପଡୁଛି ଓଡ଼ିଶା ସାଇଣ୍ଟିଫିକ୍ କମ୍ପାନୀର ମିଷ୍ଟର ଭିଗ୍‌ଙ୍କ ଆତିଥେୟତା । ସେ ପ୍ରଥମେ ଷ୍ଟେସନରେ ପହଁଚି ଗୋଟିଏ ଟାକ୍ସିରେ ନେଇ ମତେ ହୋଟେଲରେ ରଖିଲେ । ପରେ ମୁଁ ହଷ୍ଟେଲକୁ ଗଲି । ଦିଲ୍ଲୀ ବୁଲାବୁଲି କରି ଦେଖିବା ପାଇଁ ମିଷ୍ଟର ଭିଗ ଗୋଟିଏ ଗାଡ଼ି ବି ଦେଲେ।

ସେତେବେଳେ ମୋର ବଂଧୁ ରାଜେନ୍ଦ୍ର ପ୍ରସାଦ ମିଶ୍ର ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ପଢୁଥିଲେ । ଏଇ କେଇଦିନ ମୋର ଟ୍ରେନିଂ ସମୟ ଭିତରେ ଦିଲ୍ଲୀର ଦର୍ଶନୀୟ ସ୍ଥାନ ସବୁ ବୁଲି ଦେଖିଲି ତାଙ୍କରି ସହାୟତାରେ । ନିମ୍ନରେ କେତୋଟି ସ୍ଥାନ ସମ୍ବନ୍ଧରେ ସୂଚନା ଦେଉଛି ।

**୧) ଇଣ୍ଡିଆ ଗେଟ୍ :** ପ୍ରଥମ ବିଶ୍ୱଯୁଦ୍ଧରେ ଯେଉଁ ୯୦ ହଜାର ଭାରତୀୟ ଯବାନ ବିଲାତି ଶାସକଙ୍କ ପାଇଁ ପ୍ରାଣବଳୀ ଦେଇଥିଲେ, ସେଇମାନଙ୍କ ସ୍ମୃତିରେ ୪୨ ମିଟର ଉଚ୍ଚତା ବିଶିଷ୍ଟ ଏଇ ସ୍ମୃତିସ୍ତମ୍ଭ ଗଢ଼ା ହୋଇଥିଲା ୧୯୨୧ ରୁ ୧୯୩୧

Digitized by srujanika@gmail.com

ମସିହା ଭିତରେ । ସେଠି ଅମର ଯବାନ ଜ୍ୟୋତି ପ୍ରଜ୍ଜ୍ୱଳିତ । ସେଇ ଯବାନ ମାନଙ୍କ ଉଦ୍ଦେଶ୍ୟରେ ପ୍ରଣତି ଢାଳି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କଲି ।

**୨) ଲାଲ କିଲ୍ଲା (ରେଡ଼୍ ଫୋର୍ଟ) :** ଭାରତର ଗର୍ବ ଓ ଗୌରବ ମୋଗଲ ସମ୍ରାଟ ମାନଙ୍କର ଏଇ ଦୁର୍ଗ ୧୬୩୮ ମସିହାରେ ଶାହାଜାହାନ ଆରମ୍ଭ କରିଥିଲେ । ୧୬୪୮ ମସିହାରେ ଏହା ପୂର୍ଣ୍ଣାଙ୍ଗ ହେଲା । ଏଇ ଦୁର୍ଗର ପ୍ରବେଶ ପଥରେ ଗୀତିବାଦ୍ୟ, ତା ପଛକୁ ସାଧାରଣ ଜନତା ପାଇଁ ଦିୱାନ-ଇ-ଆମ, ତା ପଛକୁ ସମ୍ରାଟଙ୍କ ପାରିଷଦ ମାନଙ୍କ ପାଇଁ ଦିୱାନ-ଇ-ଖାସ । ଏଇଠି ଥିଲା ମୟୂର ସିଂହାସନ । ତା ପଛକୁ ସ୍ନାନାଗାର, ରାଣୀଙ୍କ ପାଇଁ ରଂଗମହଲ ଓ ପୂଜାର୍ଚ୍ଚନା ପାଇଁ ମୋତି ମସ୍‌ଜିଦ୍ । ସଂଧାରେ ଆଲୋକମାଳାରେ ସୁସଜ୍ଜିତ ଲାଲ୍‌କିଲ୍ଲା ଅତି ମନମୁଗ୍ଧକର ।

**୩) ଜୁମା ମସ୍‌ଜିଦ୍ :** କୋଡ଼ିଏ ହଜାରରୁ ଅଧିକ ଲୋକ ଏକା ସାଙ୍ଗରେ ନମାଜ କରିପାରୁଥିବା ଭାରତର ଏଇ ସର୍ବବୃହତ୍ତ ମସ୍‌ଜିଦ୍ ୧୬୫୮ ମସିହାରେ ଶାହାଜାହାନଙ୍କଦ୍ୱାରା ନିର୍ମିତ ହୋଇଥିଲା ।

**୪) କୁତବ ମୀନାର :** ୨୩୮ ଫୁଟ ଉଚ୍ଚତା ବିଶିଷ୍ଟ ଏଇ ସ୍ତମ୍ଭ ଦିଲ୍ଲୀର ପ୍ରଥମ ସୁଲତାନ କୁତ୍‌ବୁଦ୍ଦିନ ନିର୍ମାଣ କରିଥିଲେ । ତା ପାଖରେ ୭ମିଟର ଉଚ୍ଚତା ବିଶିଷ୍ଟ ଗୋଟିଏ ଲୌହସ୍ତମ୍ଭ ଅକ୍ଷତ ଅବସ୍ଥାରେ ରହିଛି । ଗୁପ୍ତଯୁଗରେ ଏହା ନିର୍ମାଣ । ସେ କାଳର ଶିଳ୍ପୀ ମାନଙ୍କର ଲୌହଧାତୁ ସଂରକ୍ଷଣର ଜ୍ଞାନ ସମ୍ବନ୍ଧରେ ଏହା ଏକ ପ୍ରମାଣ ।

**୫) ଲୋକସଭା :** ଭାରତୀୟ ସଂସଦୀୟ ଗଣତନ୍ତ୍ରର ସ୍ମାରକୀ ଏକ କିଲୋମିଟର ପରିଧି ବିଶିଷ୍ଟ ଏଇ ବିଶାଳ ସୌଧରେ ଲୋକସଭା ଓ ରାଜ୍ୟସଭାର ସମସ୍ତ ଅଧିବେଶନ ଅନୁଷ୍ଠିତ ହୁଏ । ଓଡ଼ିଶାର ଲୋକସଭା ସଦସ୍ୟ ଡାକ୍ତର କୃପାସିନ୍ଧୁ ଭୋଇଙ୍କ ସୌଜନ୍ୟରୁ ଏହା ଭିତରକୁ ଯିବାର ଓ ବୁଲି ଦେଖିବାର ସୌଭାଗ୍ୟ ମିଳିଥିଲା ।

**୬) ରାଷ୍ଟ୍ରପତି ଭବନ :** ୩୩୦ ଏକର ଜମି ଉପରେ ୩୪୦ ରୁମ୍ ବିଶିଷ୍ଟ ଏଇ ବିରାଟ ପ୍ରାସାଦ ବୁଲି ଦେଖିବାର ସୁଯୋଗ ମିଳିଲା ନାହିଁ । ୪.୬.୨୧ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୭.୯.୨୯ରେ ଶେଷ ହୋଇଥିଲା । ଦେଖିବାକୁ ଇଂରାଜୀ ଅକ୍ଷର 'ଏଚ୍' ଭଳି । ବାରନ୍ଦାର ଦୈର୍ଘ୍ୟ ଦେଢ଼ ମାଇଲ । ରାଷ୍ଟ୍ରପତିଙ୍କର ଏହା ବାସଗୃହ । ଆଗରୁ ଭାଇସରାୟ ମାନେ ଏଠାରେ ରହୁଥିଲେ ।

**୭) ମୋଗଲ ଗାର୍ଡ଼େନ :** ରାଷ୍ଟ୍ରପତି ଭବନରେ ଏହା ଅଂଶ ବିଶେଷ । ଏହାର କ୍ଷେତ୍ରଫଳ ୪୧୪ ଏକର । ଫେବୃଆରୀ ଓ ମାର୍ଚ୍ଚ ମାସରେ ଏହା ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ । ସୁତରାଂ ମନ ପୂରାଇ ଦେଖିବାରେ ବାଧା ନ ଥିଲା ।

**୮) ଯନ୍ତର ମନ୍ତର :** ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରଙ୍କ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ସମସ୍ତ ଯନ୍ତ୍ରପାତି ଏଠି ରହିଛି । ମହାରାଜା ଜୟସିଂହଙ୍କ ଦ୍ୱାରା ଏହା ନିର୍ମିତ । ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ଓ କନଟସରକମ୍ ସଂଯୋଗ ସ୍ଥଳରେ ଏହା ଅବସ୍ଥିତ ।

Digitized by srujanika@gmail.com

**୯) ବିରଳା ମନ୍ଦିର :** ୧୯୩୮ରେ ଶିଳ୍ପପତି ବିରଳାଙ୍କ ଦ୍ୱାରା ନିର୍ମିତ ଓ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଉନ୍ମୋଚିତ । ଏଠି ବିଷ୍ଣୁ ଓ ଲକ୍ଷ୍ମୀଙ୍କ ପ୍ରତିମା ପୂଜା ପାଉଛନ୍ତି ।

**୧୦) ରାଜଘାଟ :** ମହାତ୍ମା ଗାନ୍ଧୀଙ୍କ ସମାଧୀପୀଠ । ଗୋଟିଏ ମିଉଜିଅମ ମଧ୍ୟ ଅଛି ।

**୧୧) ତିନିମୂର୍ତ୍ତି ଭବନ :** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ୰ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ବାସଭବନ । ଏଠାରେ ନେହୁରୁ ମ୍ୟୁଜିୟମ ଓ ପ୍ଲାନେଟୋରିଅମ ଅଛି ।

**୧୨) ପୂଜାପୀଠ : କ) ଦିଗମ୍ବର ଜୈନ ମାନଙ୍କ ପୂଜାପୀଠ**

**ଖ) ଗୌରୀଶଙ୍କର ମନ୍ଦିର** - ଶିବ ପାର୍ବତୀଙ୍କ ସହ ଲକ୍ଷ୍ମୀନାରାୟଣଙ୍କ ପ୍ରତିମୂର୍ତ୍ତି ମଧ୍ୟ ରହିଛି ।

**ଗ) ବାହା-ଇ-ମନ୍ଦିର** - ସବୁଧର୍ମର ଲୋକେ ଏଠାରେ ଉପାସନା କରିବାର ସୁବିଧା ରହିଛି ।

**ଘ) ଜଗନ୍ନାଥ ମନ୍ଦିର** - ସର୍ବଧର୍ମ ସମନ୍ୱୟର ପ୍ରତୀକ ଜଗତର ନାଥ ଜଗନ୍ନାଥଙ୍କ ବିଜେସ୍ଥଳୀ ।

**ଙ) ଫତେପୁର ମସ୍‌ଜିଦ୍** - ଶାହାଜାହାନଙ୍କ ପତ୍ନୀ ବେଗମ ଫତେପୁରୀଙ୍କ ଦ୍ୱାରା ୧୬୩୦ରେ ନିର୍ମିତ ।

ରାଜଧାନୀରେ ଏମିତି ସବୁ ଧର୍ମର ଲୋକଙ୍କ ପାଇଁ ପୂଜାର୍ଚ୍ଚନା ପାଇଁ ବହୁ ମନ୍ଦିର, ମସ୍‌ଜିଦ୍, ଗୀର୍ଜା ରହିଛି । ବିଭିନ୍ନ ପାର୍କ ବି ।

**କ) ବୁଦ୍ଧଜୟନ୍ତୀ ପାର୍କ** - ଏଠି ବୋଧିଦ୍ରୁମ ଅଛି ।

**ଖ) ଲୋଧୀ ଗାର୍ଡନ** - ଲୋଧିବଂଶର ସୁଲତାନ ମାନଙ୍କ ସମାଧୀପୀଠ

**ଗ) ପ୍ରଗତି ମଇଦାନ** - ଜାତୀୟ ଓ ଆନ୍ତର୍ଜାତୀୟ ମେଳା ପାଇଁ ଏକ ବିରାଟ ପଡ଼ିଆ ଉଦ୍ଦିଷ୍ଟ । ଏଠି ନେହୁରୁ ପାଭିଲିଅନ ଆଣବିକ ଶକ୍ତି ମଣ୍ଡପ, ପ୍ରତିରକ୍ଷା ମଣ୍ଡପ, ହସ୍ତଶିଳ୍ପ ମଣ୍ଡପ ଭଳି ବହୁ ମଣ୍ଡପ ରହିଛି ।

କନଟସରକସ୍ ଦିଲ୍ଲୀବାସୀଙ୍କ ପାଇଁ ସବୁ ପ୍ରକାର ଜିନିଷ କିଣାବିକାର ପେଣ୍ଠସ୍ଥଳୀ । ଠିକ୍ ସେମିତି ଚାନ୍ଦିନୀ ଚୌକ ଦିଲ୍ଲୀର ମୁଖ୍ୟ ବଜାର । ସୁନାରୂପା ଗହଣା ଦୋକାନ ପାଇଁ ପ୍ରସିଦ୍ଧ ।

ଦିଲ୍ଲୀ ଛାଡ଼ିବା ପୂର୍ବରୁ ରାଜେନ୍ଦ୍ର ଓ ମୁଁ ଆଗ୍ରା ଗଲୁ । ସେଠି ଦେଖିଲୁ ତାଜମହଲ । ତାଜମହଲ ପୃଥିବୀର ଅନ୍ୟତମ ସପ୍ତାଶ୍ଚର୍ଯ୍ୟ । ମୋଗଲ ବାଦଶାହା ଶାହାଜାହାନ ତାଙ୍କ ପ୍ରିୟତମା ପତ୍ନୀ ମମତାଜଙ୍କ ପ୍ରେମର ସ୍ମାରକୀ ରୂପେ ଏହି କବର ନିର୍ମାଣ କରିଛନ୍ତି ଶଂଖ ମଲମଲ ପରି ଶୁଭ୍ର ଗୋଲେଇ ଛାତ । ଚାରିପଟ କାନ୍ଥ ସବୁ ଦାମୀ ପଥର ଓ ମଣିମୁକ୍ତାରେ ସୁଶୋଭିତ । ପ୍ରବେଶ ପଥରେ ଉଦ୍ୟାନ । ଉଦ୍ୟାନ ଅତିକ୍ରମ କଲେ ତାଜ ମହଲ । ଶୋଭା ଅବର୍ଣ୍ଣନୀୟ । ଦେଖି ନୟନ ମନ କୃତାର୍ଥ ହେଲା ।

Digitized by srujanika@gmail.com

ଆଗ୍ରାର ଅନ୍ୟତମ ଆକର୍ଷଣ ଆଗ୍ରା ଦୁର୍ଗ । ନାଲି ମାଙ୍କଡ଼ା ପଥରରେ ୧୬୫୪ ମସିହାରେ ସମ୍ରାଟ ଆକବରଙ୍କ ଦ୍ୱାରା ନିର୍ମିତ । ସାମରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି ଦୁର୍ଗ ରାଜ ପ୍ରାସାଦ ରୂପେ ବ୍ୟବହୃତ ହେଉଥିଲା । ଦୁର୍ଗ ଭିତରେ ଥିବା ଜାହାଙ୍ଗିର ଭବନ ବେଶ୍ ଆକର୍ଷଣୀୟ ।

ଟ୍ରେନିଂ ସରିବା ପରେ ସାଙ୍ଗ ସାଥୀଙ୍କଠାରୁ ବିଦାୟ ନେଇ ଫେରିଲି ।

ବରିଷ୍ଠ ଅଫିସରମାନଙ୍କ ପାଇଁ ଡାକ୍ତରଖାନା ଅନୁଶାସନ (ହସ୍‌ପିଟାଲ ଆଡ୍‌ମିନିଷ୍ଟ୍ରେସନ ଫର ସିନିଅର ଆଡ୍‌ମିନିଷ୍ଟ୍ରେଟର୍ସ) ୨୭.୧୦.୭୮ରୁ ୨୭.୧୧.୭୮

ଡାକ୍ତରଖାନା ପରିଚାଳନା ତଥା ଅନୁଶାସନ ପାଇଁ ଉଚ୍ଚପଦସ୍ଥ ଅଫିସର ମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଏ । ମୁଁ ତ ଏ ପ୍ରକାର ସୁଯୋଗାକୁ ଚାହିଁ ବସିଥିଲି । ହାତଛଡ଼ା କରନ୍ତି କିପରି ? ଦିଲ୍ଲୀର ଯେଉଁ ଅନୁଷ୍ଠାନରୁ ଆଧୁନିକ ପ୍ରଣାଳୀରେ ନଥିପତ୍ର ରଖିବାକୁ ନ ମାସ ତଳେ ଟ୍ରେନିଂ ନେଇଥିଲି ସେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କେନ୍ଦ୍ରରେ ଏ ଟ୍ରେନିଂର ଆୟୋଜନ କରାଯାଇଛି । ପୁରଣା ଜାଗା । ରହିବା, ଖାଇବା ବ୍ୟବସ୍ଥା ଉତ୍ତମ । ମୋତେ ବିଭିନ୍ନ ସ୍ଥାନ ସରକାରୀ ଖର୍ଚ୍ଚରେ ବୁଲି ଦେଖିବାର ସୁବିଧା ମିଳୁଛି । ଫୁଲବାଣୀ ଭଳି ନିରସ ସ୍ଥାନରେ ଟିକିଏ ପରିବର୍ତ୍ତନ ଦରକାର । ସରକାରୀ ଆଦେଶ ପାଇବା ପୂର୍ବରୁ ମୁଁ କମ୍ପାନୀ ମାନଙ୍କ ପ୍ରତିନିଧି ତଥା ରାଜେନ୍ଦ୍ର ସହ ସଂପର୍କ ସ୍ଥାପନ କରି ସାରିଥିଲି । ଅର୍ଡର ପାଇଲା ମାତ୍ରେ ଠିକଣା ସମୟରେ ଦିଲ୍ଲୀରେ ହାଜର ହୋଇଗଲି ।

କାର୍ଯ୍ୟରେ ଯୋଗାଦାନ କରି ଛାତ୍ରାବାସରେ ରହିଲି । ପାଠପଢ଼ା ଚାଲିଲା । ଅନୁଷ୍ଠାନ ତରଫରୁ ଟ୍ରେନିଂ ଦେବା ସାଥେ ସାଥେ ଦିଲ୍ଲୀର ବିଭିନ୍ନ ହସ୍‌ପିଟାଲ, ହରିଆନାର କେତେକ ଜିଲ୍ଲା ହସ୍‌ପିଟାଲ ପରିଚାଳନା ସଂପର୍କରେ ସମ୍ୟକ ଧାରଣା ଦିଆଗଲା । ମୁଁ ଏମାନଙ୍କ ସହ ଆମ ହାସପାତାଳ ଗୁଡ଼ିକର ପରିଚାଳନା ସଂପର୍କରେ ତୁଳନା କରୁଥିଲି । ମଝିରେ ମଝିରେ ଭାବର ଆଦାନ ପ୍ରଦାନ ବି ହୁଏ ।

ମେଳା ମହୋତ୍ସବ ନିୟନ୍ତ୍ରଣ ସମ୍ବନ୍ଧରେ ହରିଦ୍ୱାର ଭଳି କେତେକ ଧର୍ମପୀଠ ମଧ ବୁଲାଇ ଦେଖାଇଲେ । ପାଖରେ ଥିବା ହିନ୍ଦୁସ୍ଥାନ ଆଣ୍ଟିବାଇଓଟିକ୍ସର ନୂଆକରି ଖୋଲିଥିବା ପେନ୍‌ସିଲିନ୍ ତିଆରି କାରଖାନା ମଧ ବୁଲି ଦେଖିଲୁ ।

ହରିଦ୍ୱାର ଈଶ୍ୱର ଦର୍ଶନର ପ୍ରବେଶ ପଥ (ଗେଟ୍ ୱେ ଟୁ ଗଡ୍) ରୂପେ ପରିଚିତ । ହରିଦ୍ୱାର ଘାଟ ଭର୍ତ୍ତୃହରିଙ୍କ ସ୍ମୃତିରକ୍ଷା ପାଇଁ ବିକ୍ରମାଦିତ୍ୟଙ୍କ ଦ୍ୱାରା ନିର୍ମିତ । ଏଠାରେ ଅନୁଷ୍ଠିତ କୁମ୍ଭମେଳା ପୃଥିବୀ ବିଖ୍ୟାତ କୁହାଯାଏ । ପୃଥିବୀ ସୃଷ୍ଟିହେବା ଦିନଠାରୁ ଏଠାରେ କୁମ୍ଭମେଳା ହେଉଛି । ଅସଂଖ୍ୟ ବିଷ୍ଣୁ, ଶିବମନ୍ଦିର ସହ ଚଣ୍ଡିଦେବୀ ମନ୍ଦିର, ଜାମ୍ମୁର ବୈଷ୍ଣୋଦେବୀ ମନ୍ଦିର ଢାଞ୍ଚାରେ ତିଆରି ବୈଷ୍ଣୋଦେବୀ ମନ୍ଦିର, ଭାରତ ମାତା ମଂଦିର ଇତ୍ୟାଦି । ମନ୍ଦିର ମାଳିନୀ ହରଦ୍ୱାରର ଅନ୍ୟାନ୍ୟ ଆକର୍ଷଣ ଭିତରେ ହରଦ୍ୱାର ଠାରୁ ତିନୋଟି ତୀର୍ଥସ୍ଥାନ ଯିବାକୁ ହୁଏ। ଋଷିକେଶ, ବଦ୍ରିନାଥ, କେଦାରନାଥ ।

**ଋଷିକେଶ** - ହରିଦ୍ୱାର ଠାରୁ ୨୫ କିଲୋମିଟର । ବାଟରେ ସପ୍ତଋଷି ଆଶ୍ରମ । ଗଙ୍ଗାନଦୀ ଏଠି ୭ଟି ଧାରାରେ ପ୍ରବାହିତ । ଋଷିକେଶଠାରେ ଗଙ୍ଗା

Digitized by srujanika@gmail.com

ସମତଳ ଅଂଚଳରେ ପ୍ରବେଶ କରିଛି । ଲକ୍ଷ୍ମଣଝୁଲା ଦେଇ ଋଷିକେଶ ଯିବା ଦୃଶ୍ୟ ଅତ୍ୟନ୍ତ ଆନନ୍ଦ ଦାୟକ । ଲକ୍ଷ୍ମଣଝୋଲା ଗଙ୍ଗାନଦୀ ଉପରେ ଏକ ଭାସମାନ ସେତୁ । ଋଷିକେଶରେ ସବୁ ଋଷିମାନଙ୍କ ଆଶ୍ରମ । ଗୀତା ଭବନ ବି । ଏଠକାର ଗୋଟିଏ ହୋଟେଲ କଥା ମନେ ପଡୁଛି । ଚୁଟୀବାଲା ହୋଟେଲ । ହୋଟେଲ ସମ୍ମୁଖରେ ଲମ୍ୱାଚୁଟି ଥିବା ଏକ ବିରାଟକାୟ ଲଣ୍ଡାମୁଣ୍ଡିଆ ଲୋକ ଉପରେ ଦୁଇଜଣ ଅହରହ ତେଲ ମର୍ଦ୍ଦନ କରୁଛନ୍ତି । ଏଠି ସବୁ ତ ନିରାମିଷ । ହେଲେ ବି ଖାଦ୍ୟପେୟ ସୁସ୍ୱାଦୁ । ଅପେକ୍ଷାକୃତ ଶସ୍ତା । ହିମାଳୟ ପାଦ ଦେଶରେ ଅବସ୍ଥିତ ଏଇ ମନୋରମ ପବିତ୍ର ପୀଠରେ କିଛି ସମୟ କଟାଇଲୁ ।

**ବଦ୍ରିନାଥ** - ବଦ୍ରିନାଥ ହରିଦ୍ୱାରଠାରୁ ୩୦୦ କିଲୋମିଟର । ଅଳକା ନଦୀ ତୀରରେ ହିମାଳୟ ବକ୍ଷରେ ଅବସ୍ଥିତ । ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ ଅଷ୍ଟାଦଶ ଶତାବ୍ଦୀର ଏହି ମନ୍ଦିର ୧୦ ମିଟର ଉଚ୍ଚ ଓ ଭଗବାନ ବିଷ୍ଣୁ ପୂଜା ପାନ୍ତି - ବଦ୍ରିନାଥ ନାମରେ । ହିନ୍ଦୁମାନଙ୍କର ଚାରୋଟି ମୁଖ୍ୟ ଧର୍ମପୀଠ ମଧ୍ୟରେ ଏହା ଅନ୍ୟତମ ଓ ତ୍ୟାଗକ୍ଷେତ୍ର ରୂପେ ଜଣାଶୁଣା । ବଦ୍ରିନାଥରୁ ପ୍ରବାହିତ ଅଳକାନନ୍ଦା ନଦୀ ସହ ବିଭିନ୍ନ ସ୍ଥାନରେ ଅନ୍ୟନଦୀ ମାନଙ୍କର ମିଳନ ହୋଇଛି । ଏହି ମିଳନ ସ୍ଥଳୀକୁ ପ୍ରୟାଗ କୁହାଯାଏ । ଋଷିକେଶଠାରୁ ୭୦ କି.ମି ଦୂରରେ ଦେବ ପ୍ରୟାଗ । ଏଠାରେ ଅଳକାନନ୍ଦା ସହ ଗୋମୁଖଠାରୁ ପ୍ରବାହିତ ଭାଗୀରଥି ନଦୀର ମିଳନ ଓ ମିଳିତ ଜଳଧାରା ଗଙ୍ଗା ନଦୀ  ନାମରେ ପରିଚିତ । ଅନ୍ୟ ଅର୍ଥରେ ଦେବ ପ୍ରୟାଗ ଗଙ୍ଗାର ଜନ୍ମସ୍ଥାନ ବା ଉତ୍ପତ୍ତି ସ୍ଥଳ । ଏହିପରି ପଂଚ ପ୍ରୟାଗ ରହିଛି - ରୁଦ୍ର ପ୍ରୟାଗ, କର୍ଣ୍ଣ ପ୍ରୟାଗ, ନନ୍ଦ ପ୍ରୟାଗ ଓ ବିଷ୍ଣୁ ପ୍ରୟାଗ ।

**କେଦାର ନାଥ** - ବଦ୍ରିନାଥ ପାର ହେଲେ କେଦାରନାଥ । ଏହି ଜ୍ୟୋତିର୍ଲିଙ୍ଗମ୍ ମନ୍ଦାକିନୀର ଉତ୍ପତ୍ତି ସ୍ଥଳରେ । ସମୁଦ୍ର ପତନ ଠାରୁ ୩୫୦୦ ମିଟର ଉଚ୍ଚରେ ଅବସ୍ଥିତ । ୧୦୦୦ ବର୍ଷର ପୁରୁଣା ମଂଦିର । ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ । ବାହାରେ ନନ୍ଦିର ପ୍ରତିମୂର୍ତ୍ତି । ସବୁ ମନ୍ଦିର ପରି ୩ ଭାଗରେ ବିଭକ୍ତ - ଗର୍ଭଗୃହ, ଦର୍ଶନ ମଣ୍ଡପ, ସଭାଗୃହ ଓ ସିଂହଦ୍ୱାରା । ମେ ମାସରୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ଖୋଲା । ଏବେ ରାସ୍ତା ବନ୍ଦ । ଆମ ପାଇଁ ଠାକୁର ଦର୍ଶନ ବଂଦ ।

ଟ୍ରେନିଂ ଚାଲିଥିବା ବେଳେ ଭୂସ୍ୱର୍ଗ କାଶ୍ମୀରରେ କିଛିଦିନ କଟାଇବା ପାଇଁ ମନ ବଳାଇଲି । ରାଜେନ୍ଦ୍ରକୁ ସାଙ୍ଗ କଲି । ସେ ରାଜି ହୋଇଗଲେ । ଆମେ ଦୁହେଁ ଯାଇଁ କାଶ୍ମୀରର ରାଜଧାନୀ ଶ୍ରୀନଗରରେ ପହଁଚିଲୁ । ପର୍ଯ୍ୟଟକ ମାନଙ୍କ ପାଇଁ ହୋଟେଲ ସୁବିଧା ଥିଲେ ବି ସ୍ୱଳ୍ପ ଖର୍ଚ୍ଚରେ ସୀମିତ ସମୟ ଭିତରେ ଚଳିବା ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ଲାଳସାରେ ଡାଲ୍ ହ୍ରଦରେ ଥିବା ଗୋଟେ ବୋଟହାଉସରେ ରହିବା ପାଇଁ ସ୍ଥିର କଲୁ । ବୋଟ ହାଉସରେ ରହି ଶ୍ରୀନଗର ସହର ପହେଲଗ୍ରାମ ତଥା ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ବୁଲି ଦେଖିଲୁ ।

କାଶ୍ମୀର ସମ୍ବନ୍ଧରେ କିଛି ଲେଖିବା ପୂର୍ବରୁ ଏହାର ତତ୍କାଳୀନ ରାଜନୈତିକ ସ୍ଥିତି ସମ୍ବନ୍ଧରେ ଦି ଧାଡ଼ି ଲେଖିବା ଉଚିତ ମନେ କରୁଛି ।

Digitized by srujanika@gmail.com

୧୯୪୭ ମସିହାରେ ଇଂରେଜମାନଙ୍କ ଦ୍ୱାରା ଧର୍ମଭିତ୍ତିକ ଦେଶ ବିଭାଜନ ବେଳେ ପ୍ରାୟ ୫ଶହ ରାଜୁଡ଼ା ଶାସିତ ଅଂଚଳ (ଗଡ଼ଜାତ) ଭାରତ କି ପାକିସ୍ତାନ ସହ ମିଶି ନଥିଲେ । ସେଥି ମଧ୍ୟରେ କାଶ୍ମୀର ଅନ୍ୟତମ । କାଶ୍ମୀର ମୁସଲମାସ ବହୁଳ ଅଂଚଳ । କାଶ୍ମୀରୀ ଭାଷା, କିନ୍ତୁ ହିନ୍ଦୁ ରାଜା ।

ରାଜା ହରିସିଂ ଶେଖ ଅବ୍‌ଦୁଲ୍ଲାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରି ସ୍ୱାଧୀନ ଭାବେ ଶାସନ ଚଳାଇବାକୁ ମନସ୍ଥ କଲେ । ୧୯୪୭ ଅକ୍ଟୋବର ମାସରେ ଶେଖ ଅବଦୁଲ୍ଲା ଉଭୟ ଭାରତ ଓ ପାକିସ୍ତାନକୁ ଏହି ରାଜ୍ୟର ମିଶ୍ରଣ ନିମନ୍ତେ ଜନସାଧାରଣଙ୍କୁ କିଛି ସମୟ ଦେବାକୁ ଅନୁରୋଧ କଲେ । କିନ୍ତୁ ପାକିସ୍ତାନ ଜାମ୍ମୁ-କାଶ୍ମୀର ରାଜ୍ୟର ପ୍ରବେଶ ପଥକୁ ଅବରୋଧ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପରିବହନ ବଂଦ କରିଦେଲା । ରାଜା ହରିସିଂହ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଲିଆକତ ଅଲ୍ଲୀଖାଁଙ୍କ ମଧ୍ୟରେ ମତଭେଦ ହେଲା । ୧୯୪୭ ଅକ୍ଟୋବର ୨୦ ତାରିଖରେ ପାକିସ୍ତାନ ସେନାବାହିନୀ ପାର୍ବତୀୟ ଅଂଚଳର ଗରିଲା ମାନଙ୍କ ସହ ମିଶି କାଶ୍ମୀର ଆକ୍ରମଣ କରି ରାଜ୍ୟର ପ୍ରାୟ ଏକ ତୃତୀୟାଂଶ ଅଂଚଳ ଦଖଲ କରିଗଲେ । ଅକ୍ଟୋବର ୨୪ ତାରିଖରେ ରାଜା ହରି ସିଂହ ଭାରତର ସାହାଯ୍ୟ ପ୍ରାର୍ଥନା କଲେ । ଭାରତର ତତ୍‌କାଳୀନ ଘରୋଇ ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଭାରତ ସହ ମିଶ୍ରଣ ନହେବା ପର୍ଯ୍ୟନ୍ତ ସାହାଯ୍ୟ କରିବାକୁ ମନା କରିଦେଲେ । ରାଜା ବାଧ ହୋଇ ଅକ୍ଟୋବର ୨୬ ତାରିଖରେ ଶେଖ ଅବଦୁଲ୍ଲାଙ୍କ ସହମତିରେ ଭାରତ ସହ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ଆଇନ ଅନୁସାରେ କାଶ୍ମୀର ଭାରତର ଅଂଶ ବିଶେଷ ହେଲା ।

ଭାରତୀୟ ସେନାବାହିନୀ ପାକିସ୍ତାନୀ ସେନା ତଥା ପାର୍ବତୀୟ ଅଂଚଳର ଗରିଲାମାନଙ୍କ ଆକ୍ରମଣକୁ ପ୍ରତିହତକରି ସେମାନଙ୍କୁ ତଡ଼ିବାକୁ ଲାଗିଲେ । ସେତେବେଳେ ପାକିସ୍ତାନ ସେନାବାହିନୀକୁ ସଂପୂର୍ଣ୍ଣଭାବେ ପରାସ୍ତ କରିବାର କ୍ଷମତା ଭାରତର ଥିଲେ ମଧ୍ୟ ଲେଡି ମାଉଣ୍ଟବାଟେନଙ୍କ ପ୍ରରୋଚନାରେ ଅଧିକ ଲୋକକ୍ଷୟ ଏଡ଼ାଇବା ପାଇଁ ୧୯୪୭ ଡିସେମ୍ବର ୩୦ ତାରିଖରେ ଭାରତ ଜାତିସଂଘର ଦ୍ୱାରସ୍ଥ ହେଲା । ତତ୍‌କାଳୀନ ବୈଦେଶିକ ମନ୍ତ୍ରୀ ଶ୍ରୀକୃଷ୍ଣ ମେନନ ମିଶ୍ରଣ ସପକ୍ଷରେ ଯୁକ୍ତି ବାଢ଼ିଲେ । କିନ୍ତୁ ଜାତିସଂଘ ତୁରନ୍ତ ଯୁଦ୍ଧ ବନ୍ଦ ପାଇଁ ନିର୍ଦ୍ଦେଶ ଦେଲା ଓ ପଣ୍ଡିତ ନେହେରୁଙ୍କର ଅପିରଣାମଦର୍ଶିତାର ସୁଯୋଗ ନେଇ ଖେଳ ଖେଳିଲା । ସେ ଖେଳର ଅବସାନ ଏ ପର୍ଯ୍ୟନ୍ତ ହୋଇନାହିଁ । କାଶ୍ମୀରର ଏକ ତୃତୀୟାଂଶ ଅଂଚଳ ଏବେ ମଧ୍ୟ ଆଜାଦ କାଶ୍ମୀର ନାମରେ ପାକିସ୍ତାନର ନିୟନ୍ତ୍ରଣାଧୀନ ।

୧୯୬୩ରେ କାଶ୍ମୀରର ଏକ ଅଂଚଳ ଅଖାଇ ଚୀନକୁ ଚୀନର ସହଯୋଗ ପାଇବା ଆଶାରେ ବେଆଇନ ଭାବେ ପାକିସ୍ତାନ ଚୀନ ହାତରେ ଟେକି ଦେଇଛି । ୧୯୬୫ରେ ପାକିସ୍ତାନ ପୁଣି କାଶ୍ମୀର ଦଖଲ ପାଇଁ ଅପରେସନ ଜିବ୍ରାଲେଟର ଆରମ୍ଭ କରି ଦୟନୀୟ ଭାବେ ଯୁଦ୍ଧରେ ପରାସ୍ତ ହେବା ପରେ ୧୯୬୬ରେ ତାସକେଣ୍ଟ ରାଜିନାମା ଅନୁସାରେ ଭାରତ ଅଧିକୃତ ପାକିସ୍ତାନୀ ଅଂଚଳରୁ ହଟି ଆସିଲା । ପୁଣି ୧୯୭୧ ମସିହାରେ ପାକିସ୍ତାନ ଭାରତ ସହ ଆଉ ଏକ ଯୁଦ୍ଧରେ

Digitized by srujanika@gmail.com

ପ୍ରବୃତ୍ତ ହୋଇ ଶେଷରେ ସିମିଳା ରାଜିନାମା ଅନୁସାରେ କାଶ୍ମୀର ସମସ୍ୟା ବିନା ମଧ୍ୟସ୍ଥିରେ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ସମାଧାନ ପାଇଁ ଚୁକ୍ତିବଦ୍ଧ ହେଲା । କିନ୍ତୁ ୧୯୭୭ରୁ ପାକିସ୍ଥାନ କାଶ୍ମୀରରେ ପୁଣି ଛାୟାଯୁଦ୍ଧ ଚଳାଇଛି ।

ଜାମ୍ମୁ କାଶ୍ମୀର ରାଜ୍ୟକୁ ଭୌଗୋଳିକ ତଥା ରାଜନୈତିକ ଦୃଷ୍ଟିକୋଣରୁ ୩ ଭାଗରେ ବିଭକ୍ତ କରାଯାଇପାରେ । ମୁସଲମାନ ବହୁଳ ଅଂଚଳ କାଶ୍ମୀର ଉପତ୍ୟକା ଅପେକ୍ଷାକୃତ ଅଧିକ ହିନ୍ଦୁବାସ କରୁଥିବା ଜାମ୍ମୁ ଓ ବୌଦ୍ଧ ଧର୍ମାବଲମ୍ବୀ ଅଧୁଷିତ ଅଂଚଳ ଲାଡ଼ାଖ । ପ୍ରତ୍ୟେକ ଅଂଚଳର ଲୋକେ ସ୍ୱୟଂଶାସିତ ଅଂଚଳ ହୋଇ ରହିବାକୁ ଚାହୁଁଛନ୍ତି ।

ସାମରିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ କାଶ୍ମୀର ଉପତ୍ୟକା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର । ପୁଣି ଭାରତକୁ ଧର୍ମ ଭିତ୍ତିରେ ଖଣ୍ଡ ବିଖଣ୍ଡିତ କରିବା ରାଜନୈତିକ ଅପରିପକ୍ୱତାର ପରିଚୟ ହେବ । ସେପରି ହେଲେ ଦେଶସାରା ଭାରତ ବିଭାଜନ ବେଳର ଧର୍ମଯୁଦ୍ଧ ବ୍ୟାପିଯିବାର ଆଶଂକା ରହିଛି । ଏଣେ କାଶ୍ମୀର ମୁସଲମାସନ ବହୁଳ ଅଂଚଳ ଓ ଧର୍ମଭିତ୍ତିରେ ପାକିସ୍ଥାନ ସୃଷ୍ଟି ହୋଇ ଥିବାରୁ କାଶ୍ମୀର ବିନା ପାକିସ୍ଥାନ ଗଠନ ଅସମ୍ପୂର୍ଣ୍ଣ ବୋଲି କହିବା ଅସ୍ୱାଭାବିକ ନୁହେଁ ।

ଆଇନ ଅନୁସାରେ କାଶ୍ମୀର ଭାରତର ଅଂଶ ବିଶେଷ ହେଲେ ବି ଆନ୍ତର୍ଜାତିକ ଦରବାରରେ ଏହାକୁ ଏକ ବିବାଦୀୟ ଅଂଚଳ ରୂପେ ଚିତ୍ରିତ କରିବାର ପ୍ରଚେଷ୍ଟା ଜାରି ରହିଛି । ଏପରି ଏକ ଜଟିଳ ସମସ୍ୟାର ସମାଧାନ ପାଇଁ ଭାରତ, ପାକିସ୍ଥାନ ଓ କାଶ୍ମୀରବାସୀଙ୍କର ସହଯୋଗ ତଥା ରାଜନୈତିକ ପ୍ରଚେଷ୍ଟା ଆବଶ୍ୟକ ।

ଶ୍ରୀନଗର କାଶ୍ମୀରର ଗ୍ରୀଷ୍ମକାଳୀନ ରାଜଧାନୀ । ଏହି ସହର ପ୍ରଖ୍ୟାତ ଡାଲହ୍ରଦ ଓ ଝେଲମ ନଦୀ କୂଳରେ ଅବସ୍ଥିତ । ୨୮.୫ ବର୍ଗ କିଲୋମିଟର ପରିମିତ ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଜନବହୁଳ ଏହି ନଗରୀକୁ ପୂର୍ବ ଗୋଲାର୍ଦ୍ଧର ଭେନିସ୍ ବୋଲି କୁହାଯାଏ ।

ସମ୍ରାଟ ଅଶୋକ ଏହି ସହର ସ୍ଥାପନ କରିଥିଲେ । ବର୍ତ୍ତମାନର ନଗରୀ ରାଜା ପ୍ରଭରସେନ ନିର୍ମାଣ କରିଥିଲେ । ପୂର୍ବେ ଏହାର ନାମ ଥିଲା ସୂର୍ଯ୍ୟନଗର । ପରବର୍ତ୍ତୀ ସମୟରେ ଏହାକୁ ଶ୍ରୀନଗର ନାମରେ ନାମିତ କରାଯାଇଛି । ସହରଟି ବିଭିନ୍ନ ପାର୍କରେ ପରିପୂର୍ଣ୍ଣ । ପର୍ଯ୍ୟଟକମାନେ ଏହି ପାର୍କରେ ବହୁ ସମୟ କଟାନ୍ତି ।

ଡାଲହ୍ରଦ - ଏଇ ହ୍ରଦର ଲମ୍ବ ୬୪ କିଲୋମିଟର ଓ ପ୍ରସ୍ଥ ୪ କିଲୋମିଟର । ଶୀତଦିନେ ବରଫାବୃତ୍ତ । ଅନ୍ୟ ସମୟରେ ଏହାର କେତେକାଂଶରେ ଭାସମାନ ପ୍ରଣାଳୀରେ ଚାଷବାସ ହୁଏ । ଉତ୍ପାଦିତ ପରିବାପତ୍ର ନେଇ ହାଉସ ବୋଟରେ କିଣାବିକା କରନ୍ତି । ହ୍ରଦ କୂଳରେ ରହିଛି ଚିନାରା ଗଛ । ଚାରଚିନାରା ବୋଲି ଗୋଟିଏ ରମଣୀୟ ସ୍ଥାନ ଅଛି ହ୍ରଦ ଭିତରେ । ଆମେ ଯାଇ ତାକୁ ଦେଖିଲୁ ।

ଡାଲହ୍ରଦରେ ହାଉସ ବୋଟ ଗୁଡ଼ିକ ଅନ୍ୟତମ ଆକର୍ଷଣ । ହ୍ରଦ କୂଳେ କୂଳେ ଏଇ ବୋଟ ଗୁଡ଼ିକ ନଙ୍ଗର ପକାଇଥାନ୍ତି । ବୋଟରେ ଥିବା ସୁସଜ୍ଜିତ ଘର ଗୁଡ଼ିକ ବେଶ୍ ଆନନ୍ଦ ଦାୟକ ଓ ହ୍ରଦର ପ୍ରାକୃତିକ ଶୋଭା ଉପଭୋଗ କରିବାରେ ସାହାଯ୍ୟ କରେ। ଆମେ ଏଇଭଳି ଗୋଟିଏ ହାଉସବୋଟରେ ୭ ଦିନ କଟାଇଲୁ ।

Digitized by srujanika@gmail.com

"ସିକାରା" ଗୁଡ଼ିକ ଯନ୍ତ୍ର ଚାଳିତ ବୋଟ । ଏକ ପ୍ରକାର ଜଳ ଟାକ୍ସି । ଏଥିରେ ବସି ପର୍ଯ୍ୟଟକ ମାନେ ଡାଲହ୍ରଦର ପ୍ରାକୃତିକ ଶୋଭା ଉପଭୋଗ କରନ୍ତି ।

**ନିଶୀତ ବାଗ** - ଗାର୍ଡନ ଅଫ୍ ଗ୍ଲାଡନେସ୍ ୧୬୩୨ରେ ନୂରଜାହାନଙ୍କର ଭାଇ ଆସଫ ଖାଁ ନିର୍ମାଣ କରିଥିଲେ । ଏହି ଉପବନ ଥରେ ବୁଲି ଆସିଲେ କ୍ଲାନ୍ତି ଦୂର ହୁଏ ଓ ମନରେ ଅସରନ୍ତି ଆନନ୍ଦ ଭରିଯାଏ ।

**ଶାଲିମାର ବାଗ** - ଶ୍ରୀନଗରରୁ ୪ କି.ମି. ଦୂର । ଜାହାଙ୍ଗୀରଙ୍କ ଦ୍ୱାରା ପ୍ରସ୍ତୁତ ।

କାଶ୍ମୀରରେ ବରମୂଳା ଅନନ୍ତନାଗ ସେପାରୋ ଭଳି ସହର ସବୁ ଝେଲମ ନଦୀ କୂଳରେ । ପହେଲଗାଓଁ ଟିକିଏ ଭିତରକୁ । କାଶ୍ମୀରୀ ମାନଙ୍କର ସ୍ୱତନ୍ତ୍ରତା ରହିଛି । ଆଜାଦ କାଶ୍ମୀରରେ ମୁଖ୍ୟତଃ ପଠାଣ । କାଶ୍ମୀର ଉପତ୍ୟକାରେ କାଶ୍ମୀରୀ ଭାଷାଭାଷୀ । ଉର୍ଦ୍ଦୁଠାରୁ ସ୍ୱତନ୍ତ୍ର । ଏମାନେ କିଛିଟା ହିନ୍ଦୀ ମଧ୍ୟ ବୁଝନ୍ତି । କାଶ୍ମୀର ଉପତ୍ୟକାର ଜନସାଧାରଣ ବେଶଭୂଷାରେ ସଂଯତ, ଆଚାର ବ୍ୟବହାରରେ ଭଦ୍ର । ଖାଦ୍ୟପେୟରେ ରୁଚି ସମ୍ପନ୍ନ । ହେଲେ ଭାରତ ସହ ମିଶି ରହିବାର ମନୋଭାବ ମୁଁ ମୋ ରହଣୀକାଳ ମଧ୍ୟରେ ଉପଲବ୍ଧି କରି ପାରିଲି ନାହିଁ ।

ପର୍ଯ୍ୟଟନ ଶିଳ୍ପ ପାଇଁ କାଶ୍ମୀରର ସମୃଦ୍ଧି । ପୃଥିବୀର ସବୁଦେଶର ପର୍ଯ୍ୟଟକମାନେ ଏଠି ଭିଡ଼ ଜମାନ୍ତି । ପର୍ଯ୍ୟଟନ ବ୍ୟତୀତ ହସ୍ତଶିଳ୍ପ ବିଶେଷ କରି କାଶ୍ମୀର ସାଲ୍, ଗାଲିଚା ପୃଥିବୀ ପ୍ରସିଦ୍ଧ । ଶାଢ଼ୀ ଗୁଡ଼ିକ ବହୁତ ମହଙ୍ଗା । ଜରି ଭିତରେ ସୁନାତାର ଦିଆଯାଇଛି । ତଥାପି ସ୍ମାରକୀ ପାଇଁ ଖଣ୍ଡିଏ ସାଲ୍, ମୋ ପୁଅ ପାଇଁ ଟୋପି, ଗୃହ ସଜ୍ଜା ପାଇଁ ପାଇନ କାଠର କିଛି ସଂରଜାମ କିଣି ମୋ ବଜାର ସଉଦା ଶେଷ କଲି ।

ଏବେ ଆଖି ଜାମ୍ମୁ ଉପରେ । ଜାମ୍ମୁରେ ବୈଷ୍ଣୋଦେବୀ ମନ୍ଦିର । ଜାମ୍ମୁଠାରୁ ୭୦ କିଲୋମିଟର । ବସ୍ ଯାଏ କଟରା ପର୍ଯ୍ୟନ୍ତ । ୨ ଘଣ୍ଟାର ବାଟ । ସେଠୁ ୧୨ କିଲୋମିଟର ବାଟ ଚାଲିଚାଲି ଯିବାକୁ ହୁଏ ।

**ଅମରନାଥ** - ପହେଲଗ୍ରାମରୁ ଅମରନାଥ ଗୁମ୍ଫାର ଦୂରତା ୫୬ କି.ମି । ଚନ୍ଦନବାଡ଼ି ପର୍ଯ୍ୟନ୍ତ ୧୬ କିଲୋମିଟର । ଜିପ୍‌ରେ ଯାଇହେବ । ଅବଶିଷ୍ଟ ୪୧ କି.ମି ଚାଲି ଚାଲି ବା ଘୋଡ଼ା ପିଠିରେ । ଅମରନାଥ ଗୁମ୍ଫା ୩୦ ଫୁଟ ଚଉଡ଼ା ୧୫ ଫୁଟ ଉଚ୍ଚ ୫୦ ଫୁଟ ଗଭୀର । ଗୁମ୍ଫା ଛାତରୁ ଗଳୁଥିବା ପାଣି ଜମାଟ ବାନ୍ଧି ହିମଲିଙ୍ଗରେ ପରିଣତ ହୁଏ । ସ୍ୱୟଂନିର୍ମିତ ବରଫର ଏହି ହିମଲିଙ୍ଗ ଶ୍ରାବଣ ପୂର୍ଣ୍ଣିମାରେ ପୂର୍ଣ୍ଣତା ପ୍ରାପ୍ତି ହୁଏ । ଅମରନାଥ ହିମପିଣ୍ଡ ପାଖରେ ଆଉ ଦୁଇଟି ହିମପିଣ୍ଡ ଅଛି । ଏହାକୁ ପାର୍ବତୀ ଓ ଗଣେଶ କୁହାଯାଏ । ଅମରନାଥ ଦର୍ଶନ ଆମ କଳ୍ପନା ବାହାରେ । ଆମେ କେବଳ ଫଟୋ ଚିତ୍ର ଦେଖି ସନ୍ତୋଷ ଲାଭକଲୁ ।

ଟ୍ରେନିଂ ପରେ ମୁଁ ସାର୍ଟିଫିକେଟ୍ ଧରି ସମସ୍ତଙ୍କଠାରୁ ବିଦାୟ ନେଇ ଫୁଲବାଣୀ ଫେରି ଆସିଲି ।

Digitized by srujanika@gmail.com

## ୪ର୍ଥ କନ୍ୟାରତ୍ନ ଲାଭ

ଫୁଲବାଣୀରେ ଥିବାବେଳେ ୨୨.୩.୭୮ରେ ମୋର ୪ର୍ଥ କନ୍ୟା ଟିକିର ଜନ୍ମ । ଆମ ମହିଳା ସହକାରୀ ସର୍ଜନ ବିଜୟଲକ୍ଷ୍ମୀ ଟିକି ଜନ୍ମ ପରେ ତା ମା'ର ଗର୍ଭନିରୋଧ ଅପରେସନ କରିଦେଲେ । ଟିକି ଅଲୋଡ଼ା ହେଲେ ବି ମୋର ଅତି ଆଦରର । ସମସ୍ତଙ୍କଠାରୁ ପ୍ରିୟ । ଚନ୍ଦ୍ରକଳା ପରି ବଢ଼ିଲା ।

## ଗୌରହରି ନନ୍ଦଙ୍କ ଅବସର ଗ୍ରହଣ

ଚାକିରୀ ଜୀବନରୁ ଅବସର ନେବା ଏକ ଦୁଃଖ ଦାୟକ ଘଟଣା । ହଠାତ୍ ଚଳଚଂଚଳ ଜୀବନରେ ଯବନିକା ପଡ଼େ । କ୍ଷମତା ଅପସରି ଯାଏ । ମାନ ସମ୍ମାନ ସବୁକିଛି ଚାଲିଯାଏ କ୍ଷମତାର ପିଛାଧରି, ଯାହା ଅବଶ୍ୟମ୍ଭାବୀ ତାକୁ ଏଡ଼ି ହେବନି ।

ଡାକ୍ତର ନନ୍ଦଙ୍କ ସହ ମୁଁ ପ୍ରାୟ ୨ ବର୍ଷ କଟାଇଛି । କେତେ ଭଲ ମଣିଷ । ମତେ କେବେ ସେ ତାଙ୍କ ଅଧସ୍ତନ କର୍ମଚାରୀ ଭାବେ ଦେଖିନାହାନ୍ତି କି ମୋ ମନରେ କଷ୍ଟ ହେଲାଭଳି ପଦେ କହିନାହାନ୍ତି । ମୋ ଅନୁରୋଧରେ ଆମ ଗ୍ରାମର ଗୋଟିଏ ପିଲା, ପତିତପାବନ ରାଉତକୁ ଲାବୋରେଟରୀ ଟେକ୍ନିସିଆନ ଚାକିରୀ ଦେଇଥିଲେ । ସେ ପିଲା ଫିରଙ୍ଗିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଲା ।

ଫିରିଙ୍ଗିଆ ଆଦିବାସୀ ଅଧ୍ୟୁଷିତ ଅଂଚଳ । ଫୁଲବାଣୀ ପାଖରେ । ମୁଁ ବହୁବାର ଯାଇଛି । ଡାକ୍ତର ଥାନ୍ତି ଅଲେଖ ଦାଶ । ତାଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ମତେ ସେଠାକୁ ଟାଣି ନେଉଥିଲା । ଆମେ ଦୁହେଁ ଚାଲି ଚାଲି ପାହାଡ଼ ପର୍ବତ ବୁଲି ଦେଖୁ । ଆଦିବାସୀଙ୍କ ଘରେ ଆନନ୍ଦରେ ଖାଉ । ସେ ଅନୁଭବ ଭୁଲିବାର ନୁହେଁ ।

ଡାକ୍ତର ନନ୍ଦଙ୍କ ବିଦାୟକାଳୀନ ସଭା ଓ ଭୋଜି ପାଇଁ ଲାଗି ପଡ଼ିଲି । ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ସବୁ କର୍ମଚାରୀ ଆସିଲେ । ଡାକ୍ତର ନନ୍ଦଙ୍କୁ ସୁସଜ୍ଜିତ ଜିପ୍‌ରେ ସହର ସାରା ବୁଲାଗଲା । ବିଦାୟ କାଳୀନ ମର୍ମସ୍ପର୍ଶୀ ଭାଷଣ ବିଶେଷ କରି ଡାକ୍ତର ରଜନୀ ମହାନ୍ତିଙ୍କ ଲୁହଝରା ଭାଷଣ ସବୁ ଭୁଲି ହେବନି ।

ଡାକ୍ତର ନନ୍ଦଙ୍କ ପୁରୁଣା ଗାଡ଼ିଟି ଅଚଳ । ତାଙ୍କୁ କାର୍‌ରେ ନେଇ ତାଙ୍କ ଭୁବନେଶ୍ୱର ଘରେ ଛାଡ଼ି ଦିଆଗଲା । ଜିନିଷ ପତ୍ର ବି ଟ୍ରକରେ ପଠାଇଦେଲି । ମୁଁ ଭୁବନେଶ୍ୱର ଗଲେ ବହୁବର୍ଷ ଧରି ତାଙ୍କ ଘରକୁ ଯିବା ଆସିବା କରୁଥିଲି ।

## ଡାକ୍ତର ଦୟାନିଧି ବଳ

ଡାକ୍ତର ନନ୍ଦଙ୍କ ଠାରୁ ମୁଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱ ନେଇଥିଲି । ପ୍ରାୟ ବର୍ଷେକାଳ କାମ ଚଳାଇଲା ପରେ ଆସିଲେ ଡାକ୍ତର ଦୟାନିଧି ବଳ ନୂଆ ସିଡିଏମ୍‌ଓ ଭାବେ । ମୁଁ ଦାୟିତ୍ୱ ହସ୍ତାନ୍ତର କଲି ।

ଡାକ୍ତର ବଳଙ୍କ ଘର ରାଜକନିକା । ମୁଁ ମେଡ଼ିକାଲରେ ପଢୁଥିବା ବେଳେ ସେ ମୋ ଗାର୍ଡ଼ିଅନ ଭାବେ ମତେ ସଂଯତ କରିବାରେ ସାହାଯ୍ୟ କରୁଥିଲେ । ସୁତରାଂ ମୁଁ ତାଙ୍କ ପ୍ରତି ଅନୁଗତ ରହିବା ସ୍ୱାଭାବିକ । ମୁଁ ତାଙ୍କୁ ପାଇ ଖୁବ୍ ଖୁସି ହେଲି । ତାଙ୍କ ଅଧୀନରେ କିଛିଦିନ ମୋ ଦାୟିତ୍ୱ ମୁଁ ତୁଲାଇଥିଲି । ସେ ଆଧ୍ୟାତ୍ମିକ

Digitized by srujanika@gmail.com

ଭାବାପନ୍ନ । ଉଦାର ହୃଦୟ । ତାଙ୍କ ଅଧୀନରେ କାମ କଲେ ଆନନ୍ଦ ମିଳେ । ଏଇ ସମୟରେ ପାରାଦୀପ ପୋର୍ଟ ମେଡ଼ିକାଲ ଅଫିସର ପୋଷ୍ଟ ପାଇଁ ଡାକରା ଆସିଲା । ମୁଁ ଇଣ୍ଟରଭିଉ ଦେବାକୁ ଗଲି ।

ପାରାଦୀପ ଓଡ଼ିଶାର ବୃହତ୍ତମ ବଂଦର । ଲୁହାପଥର ପରିବହନ ପାଇଁ ଏହି ବଂଦର ନିର୍ମାଣ କରାଯାଇଥିଲା । ଏବେ ଖଣିଜ ପଦାର୍ଥ ରପ୍ତାନୀରେ ସାରା ଭାରତରେ ଆଗୁଆ । ଖଣିଜ ଧାତୁ ସମେତ କୋଇଲା, ପେଟ୍ରୋଲ, ସାର, ଖାଦ୍ୟଦ୍ରବ୍ୟ ରପ୍ତାନୀ ବା ଆମଦାନୀ ପାଇଁ ଅଲଗା ଅଲଗା ବର୍ଥ ନିର୍ମାଣ କରା ଯାଇଛି । ବନ୍ଦର ନଗରୀର ଲୋକସଂଖ୍ୟା ୮୦ ହଜାର । ଅଠରବାଙ୍କି କେନାଲରୁ ଜଳ ଯୋଗାଣ । ରାସ୍ତାଘାଟ ଉତ୍ତମ । କଟକରୁ ଦୂରତା ୧୦୦ କି.ମି । ପୋର୍ଟ ଡାକ୍ତରଖାନାରେ ୬୦ଟି ଶଯ୍ୟା ଆଉ ଦୁଇଟି ଡିସ୍ପେନସରୀ । ଏଠି ଚାକିରୀ ପାଇଲେ ସରକାରୀ ଚାକିରୀରୁ ଇସ୍ତଫା ଦେବାକୁ ପଡ଼ିବ । ସିଡିଏମ୍‌ଓ ହେବାର ନିଶା ବି ଛାଡ଼ିବ । ଏଣୁ ମନରେ ଦ୍ୱିଧାଭାବ ଥାଏ । ସୌଭାଗ୍ୟ କି ଦୁର୍ଭାଗ୍ୟକୁ ସେ ଚାକିରୀ ମିଳିଲାନି । ଅତିଥି ଭବନ ବନ୍ଦର ଓ ସମୁଦ୍ରକୂଳ ବୁଲାବୁଲି କରି ଫେରିଲି ।

ଡକ୍ଟର ବଳଙ୍କ ପାଖରେ ଭଲରେ ଭଲରେ କେଇମାସ କଟିଗଲା । ହେଲେ ସେ ଯୋଗାଡ଼ କରି ଅନ୍ୟତ୍ର ପଳାଇଲେ । ତାଙ୍କ ସ୍ଥାନରେ ଆସିଲେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ଫେବୃଆରୀ ୧୯୮୦ରେ ।

## ଡାକ୍ତର ପ୍ରଫୁଲ ଚନ୍ଦ୍ର ସ୍ୱାଇଁ

ଡାକ୍ତର ସ୍ୱାଇଁ ମୋର ସହପାଠୀ । ବିଶେଷ କରି ସ୍ନାତକୋତ୍ତର ଉପାଧି ଏମ୍‌ଏସ୍ କଲାବେଳେ ଆମେ ଦୁହେଁ ଏକାଠି କାମ କରୁଥିଲୁ । ସେ ଅବଶ୍ୟ ପ୍ରଫେସର ଖାଡ଼ଙ୍ଗା ଓ ମୁଁ ପ୍ରଫେସର ଦାସ ମହାପାତ୍ରଙ୍କ ପାଖରେ କାମ କରୁଥିଲି । ବହୁ ସମୟରେ ତାଙ୍କ ସ୍ୱାସ୍ଥ୍ୟ ଭଲ ରହେନି । ମୁଁ ତାଙ୍କ କାମ ଚଳାଇ ଦେଉଥିଲି । ଭାବିଥିଲି ଆମେ ଦୁହେଁ କିଛିଦିନ ଭଲରେ କଟାଇଦେବୁ । କିନ୍ତୁ ତା' ହୋଇ ପାରିଲାନି ।

ନୂଆକରି ପଦୋନ୍ନତି ପାଇଛନ୍ତି ଡାକ୍ତର ସ୍ୱାଇଁ । ସିଡିଏମ୍‌ଓ କ୍ଷମତାର ସୀମା ସରହଦ ସଂପର୍କରେ ଭ୍ରାନ୍ତ ଧାରଣା । କ୍ଷମତା ଜାହିର କରିବାକୁ ଚାହିଁଲେ। କର୍ମଚାରୀ ମାନଙ୍କର ବଦଳି କରିବା ନେଇ ସମସ୍ୟା ସୃଷ୍ଟିହେଲା । ମାତ୍ରାଧିକ ଅବାସ୍ତବ ଆଶାବାଦ ଜଟିଳତା ସୃଷ୍ଟି କରିଥାଏ । ତାହାହିଁ ହେଲା । ମେ ମାସରେ ତାଙ୍କର କାର୍ଯ୍ୟ କଳାପ ସମାଜ ଓ ପ୍ରଜାତନ୍ତ୍ରର ସ୍ତମ୍ଭ ମଣ୍ଡନ କଲା । ସେ ଭାବିଲେ ଏସବୁ ପଛରେ ମୋର ହାତ ଅଛି । କର୍ମଚାରୀମାନଙ୍କ ଦରମା ବଣ୍ଟନ ନେଇ ଅବଶ୍ୟ ମୋ ସହିତ କିଛିଟା ମତଭେଦ ଥିଲା । ସେ ଯାଇଁ ତତ୍‌କାଳୀନ ସ୍ୱାସ୍ଥ୍ୟସେବା ଯୁଗ୍ମ ନିର୍ଦ୍ଦେଶିକା ଡାକ୍ତର ବାସନ୍ତୀ ବାଳା ଜେନାଙ୍କ ସହାୟତାରେ ମୋର ବଦଳି ଆଦେଶ ନେଇ ଆସିଲେ ୨୩.୭.୮୦ରେ ।

ମୋର ବଦଳି ହୋଇଥାଏ ଜୋନାଲ ଲେପ୍ରୋସି ଅଫିସର ଭାବେ ବାଲେଶ୍ୱର । ଗୋଟିକିଆ ଅର୍ଡର । କାର୍ଯ୍ୟକାରୀ ହୋବାର ଆଶା କ୍ଷୀଣ । ମୋ

Digitized by srujanika@gmail.com

ପଦୋନ୍ନତି ଆଉ କେଇମାସ ପରେ । ମୁଁ ବିଚଳିତ ନ ହୋଇ ଏ ଆଦେଶ ରଦ୍ଦ ବା ରହିତ କରିବାକୁ ଆବେଦନ କଲି ।

ମୁଁ ଆମ ଡାକ୍ତରୀ ସଂଘ ଓମ୍‌ସାର ଜଣେ ଟାଣୁଆ କର୍ମକର୍ତ୍ତା । ନିଜେ କେଉଁଠିକୁ ଗଲିନି । ଆମ ଅଣ ଗେଜେଟେଡ୍ ସଂଘର କର୍ମକର୍ତ୍ତାମାନେ କଲେକ୍ଟରଙ୍କୁ ଭେଟିଲେ । ଆଗରେ ଥାନ୍ତି ତାଙ୍କ ସଂଘର ସଭାପତି ପ୍ରିୟ ପାଣିଗ୍ରାହୀ । ତିନିଜଣ ଯାକ ସ୍ଥାନୀୟ ବିଧାୟକ -ଚନ୍ଦ୍ରଶେଖର ବେହେରା ଫୁଲବାଣୀ, ନାଗାର୍ଜ୍ଜୁନ ପ୍ରଧାନ ଜି.ଉଦୟଗିରି, ସଉରା ମଳିକ ବାଲିଗୁଡ଼ା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖରେ ବସି ମୋ ବଦଳି ଅର୍ଡର ରଦ୍ଦ କରି ଆଣିଲେ । ଏଇ ବଦଳି ଆଦେଶ ମତେ ପରୋକ୍ଷରେ ସାହାଯ୍ୟ କଲା । ମୁଁ ଜଣେ ଲୋକପ୍ରିୟ କାର୍ଯ୍ୟଦକ୍ଷ ସଚ୍ଚୋଟ ଅଫିସର ଭାବେ ଉପର ମହଲରେ ନିଜକୁ ପ୍ରତିପାଦିତ କରି ପାରିଲି । ଜୋକ ମୁହଁରେ ଲୁଣଦେବା ପରି ଆମ ମୁଖ୍ୟ ଚିକିତ୍ସକ ସାହେବ ଚୁପ୍ ରହିଲେ ।

## ମୋର ପଦୋନ୍ନତି ଓ ବଦଳି

ଫୁଲବାଣୀରେ ମୁଁ ସାଢ଼େ ଚାରିବର୍ଷ ରହିଲିଣି । ଏହାର ପାଣିପବନ, ବଣଜଂଗଲ ପାହାଡ଼ ପର୍ବତ ବିଶେଷ କିର ମୋର ସହକର୍ମୀ ମାନଙ୍କର ସ୍ନେହଶ୍ରଦ୍ଧା, ସରଳ ଆଦିବାସୀ ମାନଙ୍କର ପ୍ରେମ ଫାଶରେ ବାନ୍ଧି ହୋଇଗଲିଣି । ମୁକୁଳିବି କିପରି ?

ପଦୋନ୍ନତି ହେବ । ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦ ପାଇଁ ଉତ୍କୋଚ । ସହକାରୀ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସକ ଏକା ପାହ୍ୟାର । ହେଲେ ମୁଖ୍ୟ ଚିକିତ୍ସକ ପଦବୀ ଆମର ସର୍ବୋକ୍ରୃଷ୍ଟ ପଦବୀ। ସମସ୍ତେ ସେଥିପାଇଁ ଲାଳାୟିତ । ଅର୍ଥ ଓ କ୍ଷମତା ସବୁ ସେଇଠି ଠୂଳ ।

ମୋ ଚାକିରୀ ଜୀବନରେ କେଉଁଠି ଉତ୍କୋଚ ଦେଇନି । ମୋ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ମତେ ଏ ପର୍ଯ୍ୟନ୍ତ ବଂଚାଇ ରଖିଛି । ହେଲେ ଏଣିକି ଆଉ ଚଳିବନି । ମୁଖ୍ୟ ଚିକିତ୍ସକ ପଦବୀ ଗୁଡ଼ିକ ପ୍ରକାରାନ୍ତରେ ନିଲାମ ହୁଏ। ଖାଲି ଟଙ୍କା ନୁହେଁ । ପ୍ରଭାବଶାଳୀ ରାଜନେତା ପଛରେ ଥିବା ଦରକାର । ମୋର ମନେ ପଡ଼ିଲା ଏମ୍‌ବିବିଏସ୍ ସିଲେକ୍‌ସନ ବେଳ କଥା । ମୋ ପଛରେ ବଳିଷ୍ଠ ରାଜନେତା ନ ଥିବାରୁ ପ୍ରଥମ ତାଲିକାରେ ମୋ ନାମ ରହିଲାନି । ୩୦ ବର୍ଷ ପରେ ପୁଣି ଆଜି ସେହି ଅବସ୍ଥା।

ଏତିକିବେଳେ ମତେ ସାହାଯ୍ୟ କରିବାକୁ ଓହ୍ଲାଇ ଆସିଲେ ସ୍ୱର୍ଗର ଦେବଦୂତ ପରି ମୋର ସଢୁ ସୁରସେନା ଜେନା, ଆଇଏଏସ୍ । ବହୁତ ବୁଝାବୁଝି କଲେ। ଚାକିରୀ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ମୋ ଠାରୁ ଅଧିକ । ଆଇଏଏସ୍ ହୋଇଥିବାରୁ ଜଣେ ପ୍ରଭାବଶାଳୀ ଅଫିସର ଭାବେ ବହୁତ ଜଣାଶୁଣା । ରାଜନେତା ଭାବେ ଆସିଲେ ବଉଦର ବିଧାନସଭା ସଦସ୍ୟ ହିମାଂଶୁ ପାଢ଼ୀ । ଆମ ବିଧାସଭାର ଉପବାଚସ୍ପତି ଥାନ୍ତି ସେ । ସେ ମତେ କାହିଁକି ଭଲ ପାଉଥିଲେ ମୁଁ ଜାଣେନି । ମୁଁ ତାଙ୍କୁ ଦେବା ନେବା କିଛି କରିନି । ସ୍ୱାସ୍ଥ୍ୟମନ୍ତ୍ରୀ ଥାନ୍ତି ଦଶପଲ୍ଲାର ବିଧାସଭା

Digitized by srujanika@gmail.com

ସଦସ୍ୟ ହରିହର କରଣ । ତାଙ୍କ ବ୍ୟକ୍ତିଗତ ସେକ୍ରେଟେରୀ ସୁରସେନ ଜେନାଙ୍କ ସାଙ୍ଗ । ତାଙ୍କରି ମାଧ୍ୟମରେ ଦରଦାମ୍ ଛିଣ୍ଡିଲା । ସୁରସେନ ଜେନା ପ୍ରସ୍ତୁତ କରିଥିବା ସୁପାରିଶ ପତ୍ର ଦସ୍ତଖତ କରି ହିମାଂଶୁ ବାବୁ ନିଜେ ନେଇ ହରି କରଣଙ୍କୁ ଦେଲେ। ଦର ବେଶୀ ନୁହେଁ । ମାତ୍ର ଛ'ହଜାର । ମୋର ଅନିଚ୍ଛା ସତ୍ୱେ ମୁଁ ନିଜେ ନେଇ ଦେଇ ଆସିଛି ଭୟରେ ଥରଥର ହାତରେ । ତାପରେ ସବୁ ଠିକ ହୋଇଗଲା ।

ବିଭାଗୀୟ ପଦୋନ୍ନତି କମିଟି (ଡି.ସି.ପି) ବସି ସବୁ ଠିକ୍ ଠାକ୍ କରି ସାରିଥିଲେ । ୧୯୮୦ ଡିସେମ୍ବର ପ୍ରଥମ ସପ୍ତାହରେ ନୋଟିଫିକେସନ ହେଲା । ପଦୋନ୍ନତି ପରେ ମତେ କଳାହାଣ୍ଡି ସିଡିଏମ୍‌ଓ ଭାବେ ଅବସ୍ଥାପିତ କରାଗଲା ଭବାନୀପାଟଣା ଠାରେ । ମୁଁ ସରକାରୀ ନିର୍ଦ୍ଦେଶ ପାଇବା ପରେ ୧୨.୧୨.୮୦ରେ ଚାର୍ଜ ଦେଇ ଭବାନୀପାଟଣା ଆସିବାକୁ ସ୍ଥିର କଲି ।

ବିଦାୟକାଳୀନ ସମ୍ବର୍ଦ୍ଧନା ସଭା । ଜିଲ୍ଲାସାରା ସ୍ୱାସ୍ଥ୍ୟ ବିଭାଗର ସବୁ କର୍ମଚାରୀ ମାନଙ୍କ ସହ ମୋର ଓ ମୋର ପରିବାରର ବିରାଟ ଫଟୋଗ୍ରାଫ । ଏ ପର୍ଯ୍ୟନ୍ତ ମୁଁ ସାଇତି ରଖିଛି । ସଭାହେଲା । ସହକର୍ମୀ, ସାଙ୍ଗସାଥୀ ମାନଙ୍କର ସମ୍ଭାଷଣ ଅତି ମର୍ମସ୍ପର୍ଶୀ । ଅଭୁଲା ସ୍ମୃତି । ପଦୋନ୍ନତିର ଆନନ୍ଦରେ ଅଧୀର ହେବାର ବେଳ ଏ ନୁହେଁ । ଚାପା ଗଳା । ଅଶ୍ରୁଳ ନୟନରେ କହିଥିଲି ଯଦି ମୋ ରହଣୀକାଳ ଭିତରେ କାହାରି ମନରେ ଦୁଃଖ ଦେଇଥିବି ମତେ କ୍ଷମାକର । ମୁଁ ଜୀବନରେ କେବେ ତୁମମାନଙ୍କୁ ବା ଫୁଲବାଣୀକୁ ଭୁଲି ପାରିବି ନାହିଁ । ଏହା ସାମୟିକ ଉତ୍ତେଜନା ନ ଥିଲା । ଥିଲା ଦରଦୀ ହୃଦୟର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶ ।

ପରଦିନ ଫୁଲବାଣୀ ଛାଡ଼ିଲି । ବିରାଟ ଶୋଭାଯାତ୍ରା ସହରର ଶେଷମୁଣ୍ଡ ପର୍ଯ୍ୟନ୍ତ । କଲେଜ ପାଖରୁ ମୁଁ ସେମାନଙ୍କୁ ବିଦାୟ ଦେଲି । କାନ୍ଦି ଉଠିଲେ ମୋ ଛୋଟପୁଅ ବାବୁ ଓ ଟିକିଝିଅ ଟିକି ।

୦୦୦

Digitized by srujanika@gmail.com

# ରାଜୁଡ଼ା ରାଇଜର ରାଜା

**୧୩.୧୨.୮୦ ରୁ ୨୧.୧୨.୮୪**

କଳାହାଣ୍ଡି ପଶ୍ଚିମ ଓଡ଼ିଶାର ଗୋଟିଏ ଅନୁନ୍ନତ ଜିଲ୍ଲା । ଏହାକୁ ସାଧାରଣତଃ ୧୨ ନମ୍ବର (ଫୁଲବାଣୀ ୧୩ ନମ୍ବର) ବୋଲି କୁହାଯାଇଥାଏ । ଏହାର ଲୋକସଂଖ୍ୟା ୧୩ ଲକ୍ଷ । ତିନୋଟି ସବ୍‌ଡିଭିଜନ - ଭବାନୀପାଟଣା, ଧରମଗଡ଼ ଓ ନୂଆପଡ଼ା । ୧୮ଟି ବ୍ଲକ ଲାଞ୍ଜିଗଡ଼ ଓ ଥୁଆମୂଳା ରାମପୁର ବ୍ଲକ ଦୁଇଟ ଆଦିବାସୀ ଅଧ୍ୟୁଷିତ ଓ ଅତିମାତ୍ରାରେ ଅବହେଳିତ । ୨୩୪ଟି ଗ୍ରାମ ପଂଚାୟତ ଓ ୨୬୫୩ଟି ଗ୍ରାମ । ତେଲ୍ ନଦୀ ଜିଲ୍ଲାକୁ ଦୁଇଭାଗରେ ବିଭକ୍ତ କରିଛି । ନୂଆପଡ଼ା ଓ ଧରମଗଡ଼ର ଗୋଲାମୁଣ୍ଡା ବ୍ଲକ ପଶ୍ଚିମକୁ ଓ ଜିଲ୍ଲାର ଅବଶିଷ୍ଟାଂଶ ପୂର୍ବକୁ। ଲୋକସଂଖ୍ୟାର ଶତକଡ଼ା ୧୯ ଭାଗ ସ୍ୱାକ୍ଷର । ଜନବସତି ପ୍ରତି ବର୍ଗ କି.ମିଟର ପିଛା ୧୧୩ ଓଡ଼ିଶାରେ ୧୬୯ । ଜନସଂଖ୍ୟା ବୃଦ୍ଧି ବିଗତ ଦଶକରେ ହଜାର ପିଛା ୧୪ (ଓଡ଼ିଶାରେ ୧୯ ଓ ଭାରତରେ ୨୩) । ଏଇ ନିମ୍ନ ଅଭିବୃଦ୍ଧି ହାର ସାମାଜିକ ନିରାପତ୍ତାର ଅଭାବ ପାଇଁ ।

ଚାଷ ଏମାନଙ୍କର ମୁଖ୍ୟ ଜୀବିକା । ପ୍ରାୟ ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । ପରିସଂଖ୍ୟାନ ଅନୁସାରେ ପ୍ରତି ପରିବାର ପିଛା ୮ଏକର ଜମି ଦର୍ଶାଯାଇଥିଲେ ମଧ୍ୟ ପ୍ରକୃତରେ ଜମି ସବୁ ବଡ଼ ବଡ଼ ଚାଷୀ (ଗୌନ୍ତିଆ)ଙ୍କ ହାତରେ । ଫସଲ ଏକମାତ୍ର ଧାନ । ତା ପୁଣି ବୃଷ୍ଟି ଉପରେ ନିର୍ଭରଶୀଳ । ସ୍ୱଳ୍ପବୃଷ୍ଟି ପାଇଁ ଉତ୍ପାଦନ ବହୁତ କମ୍ ।

ଇନ୍ଦ୍ରାବତୀ ନଦୀ ଉପରେ ମୁଖିଗୁଡ଼ା ଠାରେ ବଂଧ କରାଯାଇ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ବ୍ୟବସ୍ଥା କରାଯାଇଛି । ଏହା କାର୍ଯ୍ୟକାରୀ ହେଲେ ବରଗଡ଼ ଭଳି ବହୁ ଅଂଚଳ ଜଳ ପାଇ ପାରିବ ।

ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ କଳାହାଣ୍ଡି ଲୋକଙ୍କୁ ୩ ଶ୍ରେଣୀରେ ବିଭକ୍ତ କରାଯାଇପାରେ :

୧) ଜମି ଥିଲାବାଲା ଲୋକ - ଭୂମଧିକାରୀ, ଗୌନ୍ତିଆ

୨) କୃଷି ଶ୍ରମିକ ଓ ଅଣକୁଶଳୀ ଶ୍ରମିକ

୩) ବଣ ଜଂଗଲରେ ରହୁଥିବା ଆଦିବାସୀ, ହରିଜନ ।

Digitized by srujanika@gmail.com

ଆଦିବାସୀ ହରିଜନଙ୍କ ସଂଖ୍ୟା ଲୋକସଂଖ୍ୟାର ୪୬ ଭାଗ । ଏମାନେ ବିଶେଷ କରି ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ବ୍ଲକରେ ରହନ୍ତି । ଅତ୍ୟଧିକ ଶିଶୁମୃତ୍ୟୁ ହାର, ପୁଷ୍ଟିହୀନତା ଓ ମଦ୍ୟପାନ ଏମାନଙ୍କର ପ୍ରଧାନ ସମସ୍ୟା । ଆଠଜଣ ବିଧାନସଭା ସଦସ୍ୟ ଓ ଜଣେ ଲୋକସଭା ସଦସ୍ୟ ଏ ଜିଲ୍ଲାକୁ ପ୍ରତିନିଧିତ୍ୱ କରନ୍ତି ।

କଳାରେ ଉତ୍କର୍ଷ ଲାଭ କରିଥିବାରୁ ନାମ କଳାହାଣ୍ଡି । ମାଣିକେଶ୍ୱରୀ ମନ୍ଦିର ତାର ନିଦର୍ଶନ । ଠିକ୍ ସେମିତି ସାଂସ୍କୃତିକ କ୍ଷେତ୍ରରେ ଘୁମୁରା ନାଚ ମୟୂରଭଂଜର ଛଉନାଚ ପରି ।

ବଜାର କହିଲେ କେସିଙ୍ଗା, ଭବାନୀ ପାଟଣା, ଧରମଗଡ଼, ଖରିଆର, ନୂଆପଡ଼ା ଓ ନର୍ଲା । ଏଠି ଜନସଂଖ୍ୟାର ୧୫ ଭାଗ ଲୋକ ରହୁଥିବେ । ଅନ୍ୟମାନେ ପାହାଡ଼ ପର୍ବତ ବଣ ଜଂଗଲରେ । ହା ଅନ୍ନ ଚିତ୍କାର କରୁଥିବା ଅମୃତର ସନ୍ତାନ ।

ଯା ହେଉ ପଦୋନ୍ନତି । ସେ ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସକ । ବୋହୂ କାଳୀ ହେଲେ ବି କଟକିଆଣୀ । ବାରଶହ ଟଙ୍କା ଦରମା । କିପରି ଶୀଘ୍ର କାର୍ଯ୍ୟରେ ଯୋଗଦାନ କରିବି ସେଥିପାଇଁ ତତ୍ପର ।

ଆଗରୁ ଖବର ଦିଆଯାଇଛି । ମୁଁ ୧୩.୧୨.୮୦ ତାରିଖରେ ମୁହଁ ସଂଜ ବେଳକୁ ଭବାନୀପାଟଣାରେ ପହଁଚିଲି । ପଛେ ପଛେ ମୋ ଜିନିଷ ପତ୍ର ଧରି ଆସୁଥିବା ଟ୍ରକ୍ ।

ଡାକ୍ତର ବ୍ରହ୍ମାନନ୍ଦ ପରିଡ଼ା ସେଠି ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ଅଫିସର (ଡି.ଟି.ଓ) ଥାନ୍ତି । ସେ ଅପେକ୍ଷା କରିଥାନ୍ତି । ମୋ ରହିବା ଖାଇବାର ଯୋଗାଡ଼ ବି କରିଥାନ୍ତି । ସେଠିକାର ମୁଖ୍ୟ କିରାଣୀ ବି ଆମ ଅଂଚଳର ।

ମୋ ପୂର୍ବରୁ ଡାକ୍ତର ହରିଶ ମିଶ୍ର ସେଠି ମୁଖ୍ୟ ଚିକିତ୍ସକ ଥିଲେ ଅଳ୍ପଦିନ ପାଇଁ । ତାଙ୍କୁ ବ୍ରିଟିଶ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଆଂଚଳିକ ବିକାଶ ଯୋଜନା (ଏରିଆ ଡେଭଲପମେଣ୍ଟ ପ୍ରୋଜେକ୍ଟ)ର ପ୍ରୋଜେକ୍ଟ ଅଫିସର ଭାବେ ବଦଳି କରାଯାଇ ମତେ ଅବସ୍ଥାପିତ କରାଯାଇଥାଏ । ସେ ଦାୟିତ୍ୱ ହସ୍ତାନ୍ତର କରି ଚାଲି ଯାଇଥିଲେ । କିନ୍ତୁ ତାଙ୍କ ପିଲାମାନେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବାସ ଭବନରେ ରହୁଥିଲେ । ତାଙ୍କ ପିଲାମାନେ ସେଠି ୬ ମାସ କାଳ ରହିଥିଲେ । ମୁଁ ସେମାନଙ୍କ ଖବର ଅନ୍ତର ବୁଝିଲି । ଦୁଇଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ସେମାନଙ୍କ ପାଇଁ ନିୟୋଜିତ ହେଲେ । ତଥାପି ଶେଷ ପର୍ଯ୍ୟନ୍ତ ଡାଃ ମିଶ୍ର ମୋ ବିରୋଧୀ ହୋଇ ରହିଲେ ମୁଁ ତାଙ୍କୁ ହଟାଇଛି ବୋଲି ।

ମୁଖ୍ୟ ଚିକିତ୍ସକଙ୍କ କାର୍ଯ୍ୟାଳୟ ପରିସରରେ ମୋ ରହିବା ପାଇଁ ଅସ୍ଥାୟୀ ଘର । ଚକ୍ଷୁ ବିଶେଷଜ୍ଞ ଡାଃ. ଚକ୍ର ବଦଳି ହୋଇ ଯାଇଥିଲେ, ତାଙ୍କରି କ୍ୱାଟର ଖାଲି ଥିଲା ମୁଁ ସେଠି ରହିଲି । ମୁଁ ପହଁଚିବା ପରେ ସଦର ହସ୍ପିଟାଲର ବହୁ ଡାକ୍ତର ଆସିଲେ । ସେମାନଙ୍କ ଭିତରେ ଥାନ୍ତି ଡାଃ. ତ୍ରିଲୋଚନ ମହନ୍ତ, ପରିବାର ନିୟନ୍ତ୍ରଣ ବିଭାଗର ସହକାରୀ ଜିଲ୍ଲା ଅଧିକାରୀ, ଡାଃ ଶ୍ୟାମସୁନ୍ଦର ଦାଶ ଏ.ଡି.ଏମ୍.ଓ ମେଡ଼ିକାଲ । ଡାଃ ରାମ ନାରାୟଣ ନନ୍ଦ ଭେଷଜ ବିଶେଷଜ୍ଞ, ଡାଃ ଶଚ୍ଚିଦାନନ୍ଦ ପଣ୍ଡା ଶଲ୍ୟଚିକିତ୍ସା ବିଶେଷଜ୍ଞ, ଡାଃ ସୁରେଶ ପାଢ଼ୀ, ଏକ୍ସରେ, ଡାଃ. ଲୋକନାଥ

Digitized by srujanika@gmail.com

ହାତୀ ନିଦାନ, ଡାଃ ପି.କେ. ଶତପଥୀ ଚକ୍ଷୁ, ଡାଃ. ପାଲ ନିଶ୍ଚେତକ । ସ୍ଥାନୀୟ ଡାକ୍ତର ମଳୟ ବେହେରା, ଶୁଭ୍ରାଂଶୁ ଓ ଅନ୍ୟମାନେ । ଏଇମାନେ ଡାକ୍ତରଖାନା ଚଳାନ୍ତି । ଏଇମାନଙ୍କ ଉପରେ ନିର୍ଭର ଏ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ସଫଳ ରୂପାୟନ ତଥା ମୋର ସୁନାମ ବା ଦୁର୍ନାମ । ମୁଁ ସମସ୍ତଙ୍କ ସହ ଆଳାପ କଲି । ସେମାନେ ଗଲା ପରେ ସେଠାକାର ପରିସ୍ଥିତି ସଂପର୍କରେ ବ୍ରହ୍ମାନନ୍ଦ ସହ ଆଲୋଚନା କଲି ।

ପରଦିନ ସକାଳେ କଳାହାଣ୍ଡିର ପ୍ରତିଷ୍ଠିତ ଦେବୀ ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ମହାରାଜା ପ୍ରତାପ କେଶରୀ ଦେବଙ୍କୁ ଭେଟିଲି । ମହାରାଜା ଖୁବ୍ ଉଦାର, ସାହିତ୍ୟ ଓ କଳାପ୍ରେମୀ । ଲୋକସଭା ସଦସ୍ୟ ଥିଲେ । ସେ ଖୁବ୍ ଖୁସି ହେଲେ । ରାଣୀ ମା ବି ଆସିଲେ। କଲେକ୍ଟର ଲିଭିନସ କୁଣ୍ଡୁ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍.ପି) ଗୌରାଙ୍ଗ ଚରଣ ଲେଙ୍କାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲି । କଲେକ୍ଟର ଏସ୍.ପି. ଓ ଜିଲ୍ଲା ମୁଖ୍ୟ ଚିକିତ୍ସକ ହେଲେ ଜିଲ୍ଲାର ତ୍ରିନାଥ । ଏ ତିନିଜଣଙ୍କ ସହଯୋଗରେ ଜିଲ୍ଲା ଶାସନ ଚାଲେ । ଏମାନଙ୍କ ଭିତରେ ସହଯୋଗ ଓ ସୌହାର୍ଦ୍ଦ୍ୟ ରହିବା ଏକାନ୍ତ ଆବଶ୍ୟକ ।

୧୫.୧୨.୮୦ରେ ମୁଁ ଜିଲ୍ଲାର ମୁଖ୍ୟ ଚିକିତ୍ସକ ଭାବେ ଦାୟିତ୍ୱ ଗ୍ରହଣ କଲି ଡାଃ. ଶ୍ୟାମସୁନ୍ଦର ଦାଶ ଏଡିଏମ୍ଓ ମେଡ଼ିକାଲଙ୍କଠାରୁ । ଡାଃ. ମିଶ୍ର ତାଙ୍କୁ ଦାୟିତ୍ୱ ଦେଇ ଚାଲି ଯାଇଥିଲେ । ସଦର ମହକୁମାର ସବୁ ଡାକ୍ତର ମାନଙ୍କୁ ଭେଟିଲି । ସେମାନଙ୍କର ବ୍ୟକ୍ତିଗତ ସମସ୍ୟା ଡାକ୍ତରଖାନାର ଅଭାବ ଅସୁବିଧା ଓ ତାର ସମାଧାନ ସଂପର୍କରେ ସେମାନଙ୍କ ମତାମତ ନେଲି । କିରାଣୀ ମାନେ ମଧ ସେମାନଙ୍କର ସମସ୍ୟା କଥା କହିଲେ ।

ଜିଲ୍ଲା ସଦର ହାସପାତାଳରେ ୧୫୦ ଶଯ୍ୟା । ଦୁଇଟି ସବ୍‌ଡିଭିଜନାଲ ହସ୍ପିଟାଲ - ନୂଆପଡ଼ା ଓ ଧରମଗଡ଼ । ଅନ୍ୟାନ୍ୟ ଛୋଟ ଡାକ୍ତରଖାନା । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହାୟକ ସ୍ୱାସ୍ଥ୍ୟକେନ୍ଦ୍ର (ଏମ୍ଏଚ୍‌ସି ଓ ଏମ୍ଏସି) ଗୁଡ଼ିକୁ ମିଶାଇ ସମୁଦାୟ ୫୧ଟି ଡାକ୍ତରଖାନା ଓ ରୋଗୀମାନଙ୍କ ରହିବା ପାଇଁ ୫୭୯ ଶଯ୍ୟା ରହିଛି । ଖରିଆର ଓ ଖରିଆର ରୋଡ଼ରେ ଦୁଇଟି ମିଶନାରୀ ଡାକ୍ତରଖାନା ଅଛି । ଖରିଆର ରୋଡ଼ରେ ଥିବା ମିଶନ ଡାକ୍ତରଖାନା ଖୁବ୍ ଭଲ । ସେମାନେ ମତେ ପୁରା ମାତ୍ରାରେ ସହଯୋଗ କରିଛନ୍ତି । ସରକାରୀ ଓ ଘରୋଇ ଚିକିତ୍ସା କରୁଥିବା ଡାକ୍ତରମାନଙ୍କୁ ମିଶାଇ ଜିଲ୍ଲାର ସର୍ବମୋଟ ଡାକ୍ତରସଂଖ୍ୟା ୧୩୦ ବା ପ୍ରତି ୧୦ ହଜାର ଲୋକଙ୍କ ପାଇଁ ଜଣେ ଡାକ୍ତର ।

ଉତ୍ତମ ସ୍ୱାସ୍ଥ୍ୟ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର । ସରକାରଙ୍କର ସମସ୍ତ ଯୋଜନାର ସଫଳ ରୂପାୟନ ଦାୟିତ୍ୱରେ ଥିବା ବ୍ୟକ୍ତିର ସ୍ୱାସ୍ଥ୍ୟ ଉପରେ ନିର୍ଭରଶୀଳ । ଏପରିକି ଯୁଦ୍ଧ କ୍ଷେତ୍ରରେ ଅସ୍ତ୍ର ଅପେକ୍ଷା ସୈନିକର ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ଅଧିକ ଜରୋରୀ ।

୨୦୦୦ ମସିହା ସୁଦ୍ଧା ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (WHO) ନିର୍ଦ୍ଦେଶ ଦେଇଛି । ଏହାର ଅର୍ଥ ନୁହେଁ ଡାକ୍ତରମାନେ ସମସ୍ତଙ୍କୁ ଚିକିତ୍ସା କରି ନିରୋଗ କରିଦେବେ । ସାମାଜିକ ସ୍ତରରେ ସ୍ୱାସ୍ଥ୍ୟସେବା ପ୍ରତି ଜନ ସଚେତନତା ବୃଦ୍ଧି ଏହାର ଲକ୍ଷ ।

Digitized by srujanika@gmail.com

ଆଲମାଟା ସନନ୍ଦ ଅନୁସାରେ ପ୍ରତ୍ୟେକ ନାଗରିକକୁ ସେ ଗ୍ରହଣ କରି ପାରୁଥିବା ଭଳି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ତା ପାଖରେ ପହଁଚାଇ ଦେବାକୁ ପଡ଼ିବ । ସ୍ୱାସ୍ଥ୍ୟ ସେବା ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିର ଅଂଶ ବିଶେଷ । ଖାଦ୍ୟ, ବାସଗୃହ, ବିଶୁଦ୍ଧ ପାନୀୟଜଳ, ପରିମଳ ବ୍ୟବସ୍ଥା, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ ଏଗୁଡ଼ିକୁ ଛାଡ଼ି ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାର ପରିକଳ୍ପନା କରାଯାଇ ପାରେନି । ଏଥିପାଇଁ ସରକାରଙ୍କର ବିଭିନ୍ନ ସଂସ୍ଥା ତଥା ସମାଜର ସବୁ ଶ୍ରେଣୀର ନାଗରିକମାନଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ।

କେତେକଙ୍କର ମତ ସ୍ୱାସ୍ଥ୍ୟ ବିଭାଗ ଗୋଟେ ଆୟକାରୀ ସଂସ୍ଥା ନୁହେଁ । ସମ୍ଭବତଃ ସେଇଥିପାଇଁ ଜାତୀୟ ଆୟର ମାତ୍ର ଏକ ଭାଗ ସ୍ୱାସ୍ଥ୍ୟସେବା ପାଇଁ ମିଳେ । ଏଥିରେ ସ୍ୱାସ୍ଥ୍ୟର ଉନ୍ନତି ହେବ କିପରି ?

ମୁଖ୍ୟ ଚିକିତ୍ସକ ଭାବେ ଏ ମୋର ପ୍ରଥମ ପଦୋନ୍ନତି । ୧୨ ନମ୍ବର ଜିଲ୍ଲା । ୧୩ ନମ୍ବରରୁ ୧୨ ନମ୍ବର । ସମସ୍ୟା ବହୁଳ ଆଦିବାସୀ ଅଧ୍ୟୁଷିତ ଅଂଚଳ । ରୋଗୀ ଚିକିତ୍ସା ସମେତ ଶିଶୁ ମୃତ୍ୟୁହାର, ପୁଷ୍ଟିହୀନତା, ମଦ୍ୟପାନ, ରୋଗ ନିରୋଧକ ଟୀକା, ତରଳ ଝାଡ଼ା, ମ୍ୟାଲେରିଆ, କୁଷ୍ଠ, ଯକ୍ଷ୍ମା ନିୟନ୍ତ୍ରଣ, ଆଂଚଳିକ ଉନ୍ନୟନ ଯୋଜନା (ଏଡିପି)ରେ ତିଆରି ହେଉଥିବା କୋଠାବାଡ଼ି ସର୍ବୋପରି ଚାକିରୀ ରକ୍ଷା ପାଇଁ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ମୁଁ ମୋ ଯୋଜନା ପ୍ରସ୍ତୁତ କଲି । ଦୁଇଟି ନୂଆ ପ୍ରୋଜେକ୍ଟ କାମ କରୁଛି । ସମନ୍ୱିତ ଶିଶୁ ବିକାଶ ଓ ନିରାପଦ ମାତୃତ୍ୱ ଯୋଜନା (ଆଇସିଡିଏସ୍) ଓ ବ୍ରିଟିଶ ସରକାରଙ୍କ ସହାୟତାରେ ଡାକ୍ତରଖାନା କାମପାଇଁ ନୂଆ କୋଠା ବାଡ଼ି ନିର୍ମାଣ କରୁଥିବା ଏରିଆ ଡେଭଲପମେଣ୍ଟ ପ୍ରୋଗ୍ରାମ । ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ । ପ୍ରୋଗ୍ରାମ ଅଫିସର ମାନଙ୍କୁ ବିଶ୍ୱାସକୁ ନେଇ ସେଇମାନଙ୍କ ସହାୟତାରେ ସବୁ ଯୋଜନା କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏ ଥିଲା ମୋପାଇଁ ବିରାଟ ଆହ୍ୱାନ । ଶିଶିର ପଣ୍ଡାଙ୍କ ଠାରୁ ଶାସନ କରିବାର ଦକ୍ଷତା ଓ ଡାଃ ଗୌରହରି ନନ୍ଦଙ୍କଠାରୁ ପରକୁ ଆପଣାର କରିବାର ଯେଉଁ କଳା ଶିଖିଥିଲି ତାକୁ ଏଠି ପ୍ରୟୋଗ କରି ଦୀର୍ଘ ୪ ବର୍ଷ କାଳ ସୁରୁଖୁରୁରେ ଶାସନ ଚଳାଇ ପ୍ରତ୍ୟେକ ବିଭାଗରେ ମୁଁ ମୋର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହେଲି ।

ଆଗ ପିଲାମାନଙ୍କ ଯତ୍ନ ନେବାକୁ ପଡ଼ିବ । ସେଇ ମାନଙ୍କ ପାଇଁ ତ ଘରଦ୍ୱାର ଛାଡ଼ି ଏତେ ଦୂରରେ । ବଡ଼ ଝିଅ ଦୁଇଟି ମାମି, ବେବି ଭବାନୀ ପାଟଣା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ତୃତୀୟ ଝିଅ ଠୁବୁ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲା । ଆମ ଅଂଚଳର ଜଣେ ଶିକ୍ଷକ ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ତାଙ୍କରି ତତ୍ତ୍ୱାବଧାରେ ସେଠି ଠୁବୁ ପଢ଼ିଲା । ମୋର ଏକମାତ୍ର ପୁଅ ବାବୁକୁ ରାୟପୁରେ ଛାଡ଼ିବା ପାଇଁ ମୁଁ ଚାହୁଁଥିଲି । ମୋ ସଢୁଙ୍କ ପୁଅ ସେଠି ପଢୁଥିଲା, ତାଙ୍କ ମା ରାଜି ହେଲେ ନାହିଁ । ମୋ ନିଜର ବି ଦୁର୍ବଳତା ଥିଲା । ଭବାନୀପାଟଣାରେ ଯେଉଁ ଇଂରାଜୀ ମାଧ୍ୟମ ସ୍କୁଲ, ତା ହତାରେ ଗୋଟେ ପୋଖରୀ । ସେଠି ପିଲା ବୁଡ଼ି ଯାଇଥିବାର ଶୁଣିବାକୁ ମିଳେ । ସେହି ଭୟରେ ଅଗତ୍ୟା ବାଧ ହୋଇ ଆମ ସରାକରୀ ବାସଭବନକୁ ଲାଗି ରହିଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସେ ନାମ ଲେଖାଇଲା । ମୋର ସବା ସାନ ଝିଅ ଟିକି ।

Digitized by srujanika@gmail.com

ତାକୁ ପାଖାପାଖି ତିନିବର୍ଷ । ସେ ବି ଯାଇଁ ବସିଲା । ବହୁ ସମୟରେ ପିଲାଙ୍କ ମା ଶିକ୍ଷାକେନ୍ଦ୍ରକୁ ଯା'ନ୍ତି । ବ୍ରହ୍ମାନନ୍ଦ ବାବୁ ଆମ ଘର ଖବର ବୁଝନ୍ତି । ମୁଁ ସେ ଘରୋଇ ବିଭାଗ ପାଇଁ ଏକ ପ୍ରକାର ନିଶ୍ଚିନ୍ତ ।

ଦେଉଳରେ ପଶିବା ପୂର୍ବରୁ ମୁଖଶାଳା ଦର୍ଶନ ପରି ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସୂଚନା ମିଳେ ଜିଲ୍ଲା ସଦର ହସ୍‌ପିଟାଲରୁ । ତେଣୁ ପ୍ରଥମେ ସେଠି ମୋ ନଜର ପଡ଼ିଲା । ୧୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାଟି ବେଶ୍ ସଫାସୁତୁରା ରହିଛି । ବହିର୍ବିଭାଗ (ଆଉଟ୍‌ଡୋର), ବିଶେଷଜ୍ଞ ମାନଙ୍କ ବିଭାଗ ବିଶେଷ କରି ଭେଷଜ, ଚକ୍ଷୁ, ନିଦାନ, ଏକ୍ସରେ ଇତ୍ୟାଦିରେ ବେଶ୍ ଲୋକଭିଡ଼ । ଯକ୍ଷ୍ମା ନିବାରଣ ଦାୟିତ୍ୱରେ ଥିବା ଡାଃ. ବ୍ରହ୍ମାନନ୍ଦ ପରିଡ଼ା ମଧ୍ୟ ଲୋକପ୍ରିୟ । ଅପରେସନ ଥିଏଟର ଉଚ୍ଚମାନର । ସର୍ଜନ ଡାକ୍ତର ପଣ୍ଡା । ଏତିଏମ୍‌ଓ ଡାଃ ଦାଶଙ୍କ ସହ ମୁଁ ମିଶିଲି । ଡାଃ ଦାଶ ଜଣେ ଭଲ ସର୍ଜନ ଭାବରେ ଏ ଅଂଚଳରେ ବେଶ୍ ଜଣାଶୁଣା । ସର୍ଜନ ହିସାବରେ ମୁଁ ମଧ୍ୟ ମୋର ସୁଖ୍ୟାତି ଭୁଲିନାହିଁ । ଖଟିଆ ବଣ୍ଟା ପ୍ରହସନ ନକରି ଆମେ ମିଳିମିଶି କାମ କଲୁ । ବଡ଼ ବଡ଼ ଅପରେସନ ବିଶେଷ କରି ପାକସ୍ଥଳୀରେ ଘା, ପିତ୍ତନଳୀରେ ପଥର, ଜରାୟୁ ବା ସ୍ତନ କର୍କଟ ଭଳି ରୋଗୀ ଆମେ ନେଇଥାଉ । କଟକରୁ ମୋର ବି କେତେକ ରୋଗୀ ଆସିଛନ୍ତି । ମୁଁ ଅପରେସନ କଲେ ଡାଃ ଦାଶ ନିଃସଙ୍କୋଚନରେ ମତେ ସାହାଯ୍ୟ କରନ୍ତି । ଅପରେସନ ପରେ ଆମେ ସମସ୍ତେ ସମସ୍ତଙ୍କ କେଶ୍ ଦେଖିଥାଉ ।

ମୁଁ ପ୍ରତିଦିନ ସକାଳୁ ୱାର୍ଡ଼ ବୁଲିଯାଏ । ମୋର ତ ଆଖି ସବୁବେଳେ ପାଇଖାନା, ବିଛଣା ଚାଦର ଓ ଘର ସଫା ସୁତୁରା ଉପରେ । ରୋଗୀ ମାନଙ୍କ ଖାଦ୍ୟ ତଦାରଖ ହୁଏ । ବେଳେ ବେଳେ ଚଖାଯାଏ ବି ।

ସ୍ୱାସ୍ଥ୍ୟ ସମସ୍ୟା ବିଶେଷକରି କର୍କଟ ରୋଗ ଭଳି ମାରାତ୍ମକ ରୋଗ ସମ୍ବନ୍ଧରେ କେଉଁଠି ଚର୍ଚ୍ଚା ହେଲେ ମୋସହ ଡଃ ଦାଶଙ୍କୁ ମଧ୍ୟ ଡାକନ୍ତି । ଆମେ ସ୍ୱାଧୀନ ଭାବେ ଆମ ମତାମତ ଦେଉ । ଏଥିରେ ଈର୍ଷା ଦ୍ୱେଷ କିଛି ନଥାଏ ।

ଡାଃ ଦାଶଙ୍କ ଭଳି ଭେଷଜ ବିଶେଷଜ୍ଞ ଡାଃ ରାମନାରାୟଣ ନନ୍ଦ ମଧ୍ୟ ଲୋକପ୍ରିୟ । ଉଭୟଙ୍କ ଭିତରେ ସଂପର୍କ ବିଶେଷ ଭଲ ନ ଥିଲେ ବି ମତେ ଦୁହେଁ ଉପଯୁକ୍ତ ସମ୍ମାନ ଦିଅନ୍ତି । ଡାଃ. ଦାଶଙ୍କ ଧର୍ମପତ୍ନୀ ଆଖି ଡାକ୍ତରାଣୀ ଡାଃ. ରେଣୁକା ମହାନ୍ତି, ଭଲ ମାଂସ ରାନ୍ଧନ୍ତି । ମୁଁ ତାଙ୍କଘରେ ଅନେକ ସମୟରେ ଖାଇଛି । କଳାହାଣ୍ଡିକୁ ସେତେବେଳେ ଟି.ଭି ଆସିନଥାଏ । ମୁଁ ଯାଇ ଡାକ୍ତର ନନ୍ଦଙ୍କ ଘରେ ଟେଲିଭିଜନ ଦେଖେ । ଖୁବ୍ କମ୍ ସମୟ ମଧ୍ୟରେ ଡାକ୍ତରଖାନା ଉପରେ ମୁଁ ମୋ କର୍ତ୍ତୃତ୍ୱ ଜାହିର କରି ନେଲି କାହାରି ମନରେ କଷ୍ଟ ନଦେଇ ।

ଡାକ୍ତରଖାନା ମଝିରେ ଯାଇଥାଏ ସହରର ମୁଖ୍ୟ ରାସ୍ତା । ଗୋଟିଏ ପଟେ ଶିଶୁଭବନ, ଅନ୍ୟ ପଟରେ ଆଉସବୁ । ପିଲା ମାନଙ୍କୁ ଷ୍ଟ୍ରେଚରରେ ଏପଟୁ ସେପଟକୁ ନେବାବେଳେ ସମସ୍ୟା ସୃଷ୍ଟି ହୁଏ । ଅନତି ଦୂରରେ ଯକ୍ଷ୍ମା ବିଭାଗ । ନିର୍ବାହୀ ଯନ୍ତ୍ରୀ ଓ କାଉନସିଲର ମାନଙ୍କୁ ଧରାଧରି କରି ରାସ୍ତାଟି ବଂଦ କରିଦେଲୁ । ସେମାନେ ଡାକ୍ତରଖାନା ବାହାରେ ରାସ୍ତାଟିକୁ ବୁଲାଇ କରିନେଲେ । ବିଶେଷ ଖର୍ଚ୍ଚ ହୋଇ ନ ଥିବ ।

Digitized by srujanika@gmail.com

କଲେକ୍ଟରର ରେଡ଼କ୍ରସ ଫଣ୍ଡରୁ କିଛି ଟଙ୍କା ଦେଲେ । ଆଉ କିଛି ଚାନ୍ଦା ଚେନ୍ଦା କରି ଶିଶୁ ଭବନ ଆଗରେ ପିଲା ମାନଙ୍କ ଖେଳିବା ପାଇଁ ଗୋଟିଏ ପାର୍କ କରାଗଲା । ମୁଁ ଏତିକିରେ ଲୋକମାନଙ୍କୁ ଆକର୍ଷଣ କରି ପାରିଲି ।

ଡାକ୍ତରମାନଙ୍କର ମାସିକିଆ ମିଟିଂ ପୂର୍ବରୁ ଜିଲ୍ଲାର ସବୁ ଡାକ୍ତରଖାନା ବିଶେଷ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ବୁଲି ଦେଖି ଆସିଲି ଓ ଜିଲ୍ଲାର ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ବନ୍ଧରେ ଗୋଟେ ସ୍ଥୂଳ ଧାରଣ କରିନେଲି ।

ଜିଲ୍ଲାସ୍ତରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିୟନ୍ତ୍ରଣରେ ମୁଖ୍ୟତଃ ନଅଟି ବିଭାଗ ଅଛି । ପ୍ରତ୍ୟେକ ବିଭାଗ ଦାୟିତ୍ୱରେ ଜଣେ ଜଣେ ପ୍ରଥମ ଶ୍ରେଣୀ ବା ତତୁଲ୍ୟ ପାହ୍ୟାର ଅଫିସର । ଏମାନଙ୍କୁ ନବରତ୍ନ ବା ନବଗ୍ରହ କୁହାଯାଇପାରେ । ଏମାନେ ହେଲ

୧) ଏଡିଏମ୍‌ଓ ମେଡ଼ିକାଲ - ଡାକ୍ତରଖାନାରେ ରୋଗୀ ଚିକିତ୍ସା
୨) ଏଡିଏମ୍‌ଓ ଫ୍ୟାମିଲି ପ୍ଲାନିଂ - ପରିବାର ନିୟନ୍ତ୍ରଣ
୩) ଏଡିଏମ୍‌ଓ ପବ୍ଲିକ୍ ହେଲ୍‌ଥ - ସଂକ୍ରାମକ ରୋଗ ନିୟନ୍ତ୍ରଣ
୪) ପ୍ରୋଜେକ୍ଟ ଅଫିସର - ଆଂଚଳିକ ବିକାଶ ଯୋଜନାରେ ନିର୍ମାଣ ହେଉଥିବା ଘର ଗୁଡ଼ିକର ଦେଖାଚାହାଁ ।
୫) ଆଇସିଡିଏସ୍ ଅଫିସର - ସମନ୍ୱିତ ଶିଶୁ ବିକାଶ ଯୋଜନା
୬) ଚକ୍ଷୁ ଅଫିସର - ଅନ୍ଧତ୍ୱ ଦୂରିକରଣ ଯୋଜନା
୭) ଡିଏମ୍‌ଓ - ମ୍ୟାଲେରିଆ ନିରାକରଣ
୮) ଡିଟିଓ - ଯକ୍ଷ୍ମା ନିରୋଧକ ଅଫିସର
୯) ଡିଏଲ୍‌ଓ - କୁଷ୍ଠ ନିବାରଣ ଅଫିସର
୧୦) ସ୍କୁଲ ମେଡ଼ିକାଲ ଅଫିସର - ବିଦ୍ୟାଳୟ ଛାତ୍ର ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ।

ଏ ସମସ୍ତଙ୍କର କାମ, ତୃଣମୂଳ ସ୍ତରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତୁଲାଇ ଥାନ୍ତି । ସେ ମୁଖ୍ୟ ଚିକିତ୍ସକଙ୍କ ପାଖରେ ସବୁକାମ ପାଇଁ ଉତ୍ତରଦାୟୀ । ସେମାନେ ହେଉଛନ୍ତି ଆମ ସଂସ୍ଥାର ମେରୁଦଣ୍ଡ ବା ସବୁ ଯୋଜନାର ସଫଳତାର ଚାବିକାଠି ସଦୃଶ । ତାଙ୍କ ଅଧୀନରେ ଅବଶ୍ୟ ବହୁତ ବହୁମୁଖୀ କର୍ମୀ (ମଲ୍‌ଟି ପରପସ୍ ୱାର୍କରସ୍) ଧାଇ ବା ଗ୍ରାମ ସ୍ୱାସ୍ଥ୍ୟ ସହାୟକ ଓ ଅଙ୍ଗନାବାଡ଼ି କର୍ମୀ କାମ କରନ୍ତି । ସେମାନେ ହେଉଛନ୍ତି ଅମର ବାନରସେନା ବା ପଦାତିକ ବାହିନୀ । ଏ ସମସ୍ତଙ୍କ କାମକୁ ନିୟନ୍ତ୍ରଣ କରନ୍ତି ବିଚରା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ।

ପ୍ରଥମ ମାସିକିଆ ମିଟିଂରେ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଲି । ପ୍ରତ୍ୟେକଙ୍କର ସମସ୍ୟା ଲିପିବଦ୍ଧ ହେଲା । ସେଗୁଡ଼ିକୁ ସମାଧାନ କରିବା ପାଇଁ ୩ ମାସ ସମୟ ନେଲି । ବିଭାଗୀୟ ଅଫିସରମାନେ ତାଙ୍କ ବିଭାଗର ଲକ୍ଷ୍ୟ ଓ ସାଫଲ୍ୟର ହାର ଲେଖିବାରେ ବ୍ୟସ୍ତ । ସେମାନେ ତ ରିପୋର୍ଟ ନେଇକରି ଆସିଛନ୍ତି । ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନ ଦେଲେ ଆମ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବ । ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଅନ୍ଧତ୍ୱ ଦୂରୀକରଣ ପାଇଁ ଚକ୍ଷୁକ୍ୟାମ୍ପ କରିବାକୁ ଅନୁରୋଧ କଲି ଓ ସେଥିପାଇଁ ମୁଁ ସବୁପ୍ରକାର ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲି । ମିଟିଂ ପରେ ଏଥର ଭୋଜିର ବ୍ୟବସ୍ଥା,

Digitized by srujanika@gmail.com

ସମ୍ଭବତଃ ମୋ ସମ୍ବର୍ଦ୍ଧନା ପାଇଁ । ମୁଁ ପ୍ରତି ମାସରେ ଭୋଜି କରିବାକୁ ପରାମର୍ଶ ଦେଲି ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ ଉପରବେଳାକୁ ଆଉଥରେ ମିଟିଂ ବସିଲା । ଏଥିରେ ଘରୋଇ ଡାକ୍ତରମାନେ ମଧ୍ୟ ଯୋଗ ଦେଲେ । ଡାକ୍ତରମାନଙ୍କ ଚାକିରୀ ସମସ୍ୟା ଆଲୋଚନା ହେଲା । ମୁଁ ଓମ୍ସା (ଓଡ଼ିଶା ଡାକ୍ତରୀ ସଂଘ)କୁ ମଜବୁତ୍ କରିବାକୁ ପରାମର୍ଶ ଦେଲି । ମୃତବତ୍ ପଡ଼ିଥିବା ଭାରତୀୟ ଡାକ୍ତରୀ ସଂଘ (ଆଇଏମ୍ଏ)ର କଳାହାଣ୍ଡି ଶାଖାକୁ ପୁନର୍ଜୀବନ ଦେବା ପାଇଁ ପ୍ରବର୍ତ୍ତାଇବାରେ ସମର୍ଥ ହେଲି । ୧୯୮୧-୮୨ ପାଇଁ କର୍ମକର୍ତ୍ତା ମନୋନୀତ ହେଲେ । ମୁଁ ସଭାପତି ରହିଲି । ଉପସଭାପତି ନୂଆପଡ଼ା ଏସ୍‌ଡିଏମ୍ଓ ଡାଃ. ସୂର୍ଯ୍ୟ ପାତ୍ର, ସଂପାଦକ ଚକ୍ଷୁବିଶେଷଜ୍ଞ ଡାଃ. ପି.କେ ଶତପଥୀ, ଯୁଗ୍ମ ସଂପାଦକ ଡାଃ. ବଂଶୀଧର ସାହୁ, କେନ୍ଦ୍ରିୟ କମିଟି ପାଇଁ ପ୍ରତିନିଧିତ୍ୱ କରିବେ ଡାଃ. ମଳୟ କୁମାର ବେହେରା, ସଭ୍ୟ ଜିଲ୍ଲାର ସବୁ ଡାକ୍ତର ।

ମୁଁ ତ ସଂଘର ଜଣେ ରାଜ୍ୟସ୍ତରୀୟ କର୍ମକର୍ତ୍ତା । ତା ଛଡ଼ା ମୋର ସ୍ୱାର୍ଥ ଅଛି । ସବୁ ଡାକ୍ତର ଐକ୍ୟବଦ୍ଧ ହୋଇ କାମ କଲେ ଜିଲ୍ଲାର ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ହୋଇ ପାରିବ । ଡାକ୍ତରମାନଙ୍କୁ କିପରି ଏକଜୁଟ କରିହେବ ସେଇ ଚିନ୍ତାକରି ବାଟ ଖୋଜୁଥିଲି । ପାଇଗଲି । ଭାରତୀୟ ଚିକିତ୍ସକ ସଂଘ, ଓଡ଼ିଶା ଶାଖାର ୩୨ଶ ଅଧିବେଶନ ଭବାନୀପାଟଣାଠାରେ କରାଇବାକୁ ପ୍ରସ୍ତାବ ଦେଲି । ସମସ୍ତେ ରାଜି ହୋଇଗଲେ । ଟଙ୍କା ପ୍ରଶ୍ନ ଉଠିଲା । ଟଙ୍କା ଅଭାବ ହେବନି ବୋଲି ସମସ୍ତେ ଏକ ସ୍ୱରରେ କହିଲେ । ସେମାନଙ୍କ ଆଗ୍ରହ ମତେ ସ୍ତମ୍ଭୀଭୂତ କଲା । ଅଗ୍ରଣୀ ଥିଲେ ଡାକ୍ତର ଲମ୍ବୋଦର ସାହୁ, ଡା. ବଂଶୀଧର ସାହୁ, ଡାଃ ତ୍ରିଲୋଚନ ମହନ୍ତ, ଡାଃ. ଶ୍ୟାମସୁନ୍ଦର ଦାଶ, ଡାଃ. ରାମନାରାୟଣ ନନ୍ଦ ଓ ଡାଃ. ବ୍ରହ୍ମାନନ୍ଦ ପରିଡ଼ା ।

ପ୍ରଥମ କାମ ହେଲା ରାଜ୍ୟ କମିଟି ସହ ଯୋଗାଯୋଗ କରି କଳାହାଣ୍ଡି ଶାଖା ଦ୍ୱାରା ଆଇଏମ୍ଏ ଓଡ଼ିଶା ଶାଖା ୩୨ଶ ଅଧିବେଶନ ପାଇଁ ସ୍ୱୀକୃତି ଆଣିବା ଓ ସମୟ ଧାର୍ଯ୍ୟ କରି କେନ୍ଦ୍ର କମିଟିକୁ ଜଣାଇବା ।

ରାଜ୍ୟ ଶାଖା ସଭାପତି ଥାନ୍ତି ଡାଃ. ଦାମୋଦର ମିଶ୍ର, ଉପସଭାପତି ଡଃ. ଦିବାକର ନାଥଶର୍ମା, ସଂପାଦକ ଡା. ବିଷ୍ଣୁ ଚରଣ ମିଶ୍ର । ୧୯୮୧-୮୨ ମସିହା ପାଇଁ ଡାଃ ସୁଧାକର ଆଚାର୍ଯ୍ୟ ଓ ଡାଃ ନାରାୟଣ ପ୍ରସାଦ ମହାପାତ୍ର ଯଥାକ୍ରମେ ସଭାପତି ଓ ଉପସଭାପତି ପଦ ପାଇଁ ନିର୍ବାଚିତ ହୋଇଥାନ୍ତି । ଉଭୟେ ଘରୋଇ ଚିକିତ୍ସକ । ଡାକ୍ତର ଆଚାର୍ଯ୍ୟ ମୋଠାରୁ ୨ ବର୍ଷ ସିନିଅର ଓ ଡାକ୍ତର ମହାପାତ୍ର ୨ ବର୍ଷ ଜୁନିଅର । ଉଭୟେ ମୋର ଅନ୍ତରଙ୍ଗ । ସେହିପରି ଡାଃ ମିଶ୍ର, ଡାଃ. ଶର୍ମା ଓ ବିଷ୍ଣୁବାବୁ ସମସ୍ତ ଜଣାଶୁଣା । ସେମାନେ କଳାହାଣ୍ଡି ଭଳି ଗୋଟିଏ ପଛୁଆ ଆଦିବାସୀ ବହୁଳ ଜିଲ୍ଲାର ସଦର ମହକୁମାରେ ଆଇଏମ୍ଏର ବାର୍ଷିକ ଅଧିବେଶନ ପାଇଁ ଉଦ୍ୟମ ହେଉଛି ଜାଣି ଖୁସି ହେଲେ ଓ ସ୍ୱୀକୃତି ଦେଇଦେଲେ । ବାର୍ଷିକ ଅଧିବେଶନ ସବୁ କଟକ କି ଭୁବନେଶ୍ୱରରେ ହୋଇଥାଏ । ଏ ଗୋଟିଏ ନୂଆକଥା ।

ଭବାନୀ ପାଟଣା ଲୋକପ୍ରତିନିଧି ଦୟାନିଧି ନାୟକ ଥାନ୍ତି ପୂର୍ତ୍ତମନ୍ତ୍ରୀ । ତାଙ୍କ ଜିଲ୍ଲାରେ ଏଭଳି ଗୋଟେ ନୂଆ କଥା । ସେ ପୁଣି ଉଦ୍‌ଘାଟନ କରିବେ । ତାଙ୍କ ଛାତି କୁଣ୍ଢେମୋଟ । ତାଙ୍କ ଇଙ୍ଗିତରେ ନିର୍ବାହୀଯନ୍ତ୍ରୀଙ୍କ ଠାରୁ କିଛି ଆର୍ଥିକ ସାହାଯ୍ୟ

Digitized by srujanika@gmail.com

ବ ମିଳିଲା । ଦଶପଲା ପ୍ରତିନିଧି ହରିକରଣ ଥାନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ତାଙ୍କ ଆଶୀର୍ବାଦରୁ ମୋର ଏ ମୁଖ୍ୟ ଚିକିତ୍ସା ଅଧିକାରୀ ପଦ । ସେ ବି ଖୁସିହେଲେ । ମନ୍ତ୍ରୀଙ୍କ ପ୍ରୋତ୍ସାହନ ଥିବାରୁ ଚାମଚା ମାନଙ୍କର ସହଯୋଗ ବି ମିଳିଲା ।

ଜୁନ ୬ ଓ ୭ ତାରିଖ ଅଧିବେଶନ ପାଇଁ ଦିନ ସ୍ଥିର ହେଲା । ୬ ତାରିଖରେ ଉଦ୍‌ଘାଟନ, ୭ ତାରିଖରେ ବିଭିନ୍ନ ଡାକ୍ତରୀ ବିଷୟରେ ଚର୍ଚ୍ଚା ଓ ମନୋରଂଜନ । ବିଭିନ୍ନ ସବ୍‌କମିଟି ଗଢ଼ାହେଲା । ସୋଭେନିଅର ଦାୟିତ୍ୱରେ ରହିଲେ ଲମ୍ବୋଦର ସାହୁ । ଡାକ୍ତରୀ ଆଲୋଚନା ଓ ପ୍ରବନ୍ଧପାଠ ପାଇଁ ବ୍ରହ୍ମାନନ୍ଦ ପରିଡ଼ା, ଖାଦ୍ୟପେୟ ପାଇଁ ଡାଃ. ମହନ୍ତ । ଅର୍ଥ ବିଭାଗରେ ଡାଃ ଦାଶ ଓ ଡାଃ ନନ୍ଦ ଦୁଇ ମହାରଥୀ । ଅତିଥି ମାନଙ୍କର ରହଣୀ ଓ ଗମନାଗମନ ପାଇଁ ଡାଃ. କୁମୁଦ ରଂଜନ ରାଉତ ଇତ୍ୟାଦି ।

ହାତରେ ଖୁବ୍ କମ୍ ଦିନ । କାମ ପୁରା ଦମ୍‌ରେ ଚାଲିଲା । କଲେକ୍‌ଟର, ନିର୍ବାହୀଯନ୍ତ୍ରୀ, ରାଜନେତା, ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ଅକୁଣ୍ଠ ସମର୍ଥନରେ ଆମେ ଆଗେଇଲୁ । ସମ୍ମିଳନୀ କକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସକଙ୍କ କାର୍ଯ୍ୟାଳୟ ପରିସରରେ । ଔଷଧ କମ୍ପାନୀ, ପର୍ଯ୍ୟଟନ ବିଭାଗ, ଜଂଗଲ ବିଭାଗ, କୁଟୀର ଶିଳ୍ପ ବିଭାଗ ତାଙ୍କ ପ୍ରଦର୍ଶନୀ କକ୍ଷ ସବୁ ସମ୍ମିଳନୀ ମଣ୍ଡପ ପ୍ରବେଶ ପଥ ପାଖରେ ସଜାଇଲେ । ଅତିଥିମାନଙ୍କ ପାଇଁ ସବୁ ହୋଟେଲ, ଡାକ୍ତରଖାନା ନୂଆ ଘର ଗୁଡ଼ିକ ସଂରକ୍ଷିତ ହୋଇ ରହିଲା । ଆମ କେନ୍ଦ୍ରିୟ ଭଣ୍ଡାରରୁ ବିଛଣାପତ୍ର ଦେଇଦେଲି । ଅତିଥିମାନଙ୍କୁ ନେବା ଆଣିବା ତଥା ପର୍ଯ୍ୟଟକ ସ୍ଥଳୀ ଦେଖାଇବା ପାଇଁ ଆମର ୧୦ଟି ଜିପ୍ ରଖାଗଲା ।

ପ୍ରଚଣ୍ଡ ରୌଦ୍ରତାପକୁ ଉପହାସ କରି ତିନିଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଲେ । ପୁରୁଣା ଓ ନୂଆ ପ୍ରେସିଡେଣ୍ଟ, ସେକ୍ରେଟେରୀ, ଓଡ଼ିଶାର ସବୁ ଶାଖା (ଆଇଏମ୍‌ଏ)ର ପ୍ରତିନିଧି, ଆଇଏମ୍ଏ ଛାତ୍ର ପ୍ରତିନିଧି, ଆମ ଜିଲ୍ଲାର ସବୁ ଡାକ୍ତର, ମିଶନାରୀ ଡାକ୍ତର, କାମଠଣା ଡାକ୍ତର, ଜିଲ୍ଲାର ସବୁ ବ୍ୟବସ୍ଥାପକ, କଲେକ୍ଟର, ଏସ୍‌ପି, ଡିଏଫ୍‌ଓ, ନିର୍ବାହୀଯନ୍ତ୍ରୀଙ୍କ ସମେତ ଜିଲ୍ଲାର ସବୁ ଅଫିସର, ଅଭ୍ୟର୍ଥନା କମିଟିର ସଭ୍ୟ ତଥା ସାମ୍ବାଦିକମାନଙ୍କ ଦ୍ୱାରା ସମ୍ମିଳନୀକକ୍ଷ ଭରପୁର । ସୋଭେନିଅର ବଣ୍ଟାଗଲା । ମନ୍ତ୍ରୀ ଦୟାନିଧି ନାୟକ ଉଦ୍‌ଘାଟନ କଲେ । ଆତସବାଜୀ ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହେଲା । ସଭାକାର୍ଯ୍ୟ ସୁରୁଖୁରୁରେ ଶେଷ ହେଲା । ପରଦିନ ସେମିନାର ଓ ସିମ୍ପୋଜିଅମ ସବୁ ଯଥାରୀତି ଚାଲିଲା ।

ଖାଦ୍ୟପେୟ ଜଂଗଲି ମାଂସ, ମୋର ମନେ ପଡୁଛି ମିଠା ଥିଲା କଳାକାନ୍ଦ, ତରଭୁଜ । ଆଇସ୍‌କ୍ରିମ୍ ଅପେକ୍ଷା ତରଭୁଜ ପ୍ରତି ଅଧିକ ଶ୍ରଦ୍ଧା । ସେଇଭଳି ମନୋରଂଜନ ପାଇଁ ସ୍ଥାନୀୟ କଳାକାର ଘୁମୁରା ଓ ସିଙ୍ଗବାଦ୍ୟ । ରମଣୀୟ ସ୍ଥାନ ପରିଦର୍ଶନ ପାଇଁ ବାଛିଥିଲୁ ଫୁଲିଝରଣ, ଅସୁରଗଡ଼ ଓ ପାତାଳ ଗଙ୍ଗା । ବଣ ପାହାଡ଼ ଘେରା ଅଂଚଳର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର ହୋଇ ଅତିଥିମାନେ ଆନନ୍ଦରେ ଫେରିଗଲେ । ରାଜ୍ୟଶାଖାର ଉପସଭାପତି ପଦଟି ବି ମତେ ମିଳିଗଲା ।

୧୩୦ ଜଣ ଡାକ୍ତରଙ୍କ ଅକୁଣ୍ଠ ସମର୍ଥନ ତଥା ହାଡ଼ଭଙ୍ଗା ପରିଶ୍ରମରେ ଆମେ ଖୁବ୍ ସଫଳତାର ସହ ଏଇ ସମ୍ମିଳନୀକୁ ଠିକ୍ ସମୟରେ ସମସ୍ତଙ୍କ ମନକୁ ଛୁଇଁଲା

Digitized by srujanika@gmail.com

ଭଳି କରି ପାରିଲୁ । ଆନନ୍ଦରେ ମୋ ଛାତି ଫୁଲି ଉଠିଲା । ମୋ ସହକର୍ମୀମାନଙ୍କ ସହଯୋଗ ପାଇଁ ମୋ ଗର୍ବର ସୀମା ନଥିଲା । ମୁଁ ଯେ ଅନ୍ୟ ପ୍ରୋଗ୍ରାମ ଗୁଡ଼ିକ ସୂଚାରୁ ରୂପେ ସଂପାଦନ କରି ପାରିବି ଏ ବିଶ୍ୱାସ ଦୃଢ଼ୀଭୂତ ହେଲା ।

ଏତିକିରେ ମୋ କାମ ସରିଲା ନାହିଁ । ଆର୍ଥିକ ସ୍ୱଚ୍ଛତା ରକ୍ଷା ପାଇଁ ମୁଁ ଖୁବ୍ ତତ୍ପର । ସମ୍ମିଳନୀ ପାଇଁ ଆୟବ୍ୟୟର ଟିକିନିଖି ବିବରଣୀ ପ୍ରକାଶ କରାଗଲା । ସଂଗୃହୀତ ବଳକା ଅର୍ଥରେ ଡାକ୍ତରଖାନା ପାଖରେ ଆମ ସଂସ୍ଥା ପାଇଁ ଗୋଟେ ଗୃହ ନିର୍ମାଣ କରାଗଲା - ଆଇଏମ୍ଏ ହାଉସ । ଏଇହେଲା ଡାକ୍ତରୀସଂଘ ତଥା କଳାହାଣ୍ଡି ଜିଲ୍ଲାର ଡାକ୍ତର ମାନଙ୍କ ପାଇଁ ମୋର ସର୍ବଶ୍ରେଷ୍ଠ ଅବଦାନ । ଆଇଏମ୍ଏ ଲାଇବ୍ରେରୀ ପାଇଁ ଆମେ କିଛି ବହି ବି କିଣିଲୁ । ବ୍ରିଟିଶ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଆଂଚଳିକ ଉନ୍ନୟନ ଯୋଜନାରୁ ୫୦ ହଜାର ଟଙ୍କାର ଡାକ୍ତରୀ ବହି ଦାନ ସୂତ୍ରରେ ମିଳିଲା । ଏଭଳି ଅନୁଷ୍ଠାନ କୌଣସି ଜିଲ୍ଲାରେ ତ ନାହିଁ, ଆମ ରାଜ୍ୟ ରାଜଧାନୀ ବା କଟକରେ ମଧ୍ୟ ନାହିଁ । ମୋର ଏ ସତ୍ ସାହସ ପାଇଁ ମୁଁ ବେଶ୍ ପ୍ରଶଂସିତ ଓ ଗର୍ବିତ ବି ।

ହରିଶବାବୁଙ୍କ ପିଲାମାନେ ମୋ ସରକାରୀ ବାସଭବନ ଛାଡ଼ିଲେ । ମୁଁ ମୋ ଅସ୍ଥାୟୀ ବାସଭବନରୁ ସେଠାକୁ ଗଲି । ଗୋଟେ ବିରାଟ ହତା ଭିତରେ ମୁଖ୍ୟ ଚିକିତ୍ସକଙ୍କ ବାସଭବନ । ଆୟତନରେ ତିନିଚାରି ଏକର । ଭିତରେ ଗାଡ଼ି ରଖିବା ପାଇଁ ଗାରେଜ ଅଛି । ହତା ଚାରିପଟେ ଦେବାଲ ବୁଲିଛି । ପ୍ରବେଶ ପଥରେ ଫାଟକ । ଓଡ଼ିଶାରେ ବୋଧହୁଏ ସିଡିଏମ୍ଓ ମାନଙ୍କ ପାଇଁ ଥିବା ଏଇ ବଂଗଳାଟି ବୃହତ୍ତମ । ଇଏତ ମହାରାଜାଙ୍କ ଅବଦାନ । ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ହତଶ୍ରୀ ହୋଇ ପଡ଼ିଛି । ମୁଁ ପ୍ରଥମେ ଫାଟକଟିର ଶ୍ରୀବୃଦ୍ଧି କଲି । ପ୍ରବେଶ ପଥରେ ଲେଖାଗଲା ସର୍ବେ ସନ୍ତୁ ନିରାମୟାଃ । ମୋ ବସାକୁ ଲାଗିଛି କଲେକ୍ଟରଙ୍କ ବଙ୍ଗଳା । ତାଙ୍କଠାରୁ ଯେପରି କମ୍ ନହୁଏ ସେଥିପ୍ରତି ସଚେତନ ଥିଲି । ଉଦ୍ୟାନ ବିଭାଗ ସହାୟତାରେ ଆଗରେ ଗୋଟିଏ ଘାସର ଗାଲିଚା ସୃଷ୍ଟି କରାଗଲା ତା' ସାଙ୍ଗକୁ ଚାରିକଡ଼ରେ ଗୋଲାପ ଗଛର ସମ୍ଭାର । ମୁଁ ତ ଚଷାପିଲା । ପ୍ରକୃତି ଛାଡୁଛି କିପରି ? ଘର ପଛ ପଟରେ କାନ୍ଦୁଳ ବୁଣାହେଲା । ହତା ଭିତରେ ଥିବା ଜାମୁଗଛ ଗୁଡ଼ିକ ରହିଲା । ମୁଁ ସେଇ ବଙ୍ଗଳରେ ରୋଗୀ ଦେଖେ । ଆଗନ୍ତୁକ ତଥା ଅଫିସ କର୍ମଚାରୀମାନଙ୍କୁ ଭେଟେ ।

କଲେକ୍ଟର କିଣ୍ଡୁ ସାହେବ ବଦଳି ହୋଇଗଲେ । ତାଙ୍କ ସ୍ଥାନରେ ଆସିଲେ ମୀନା ଗୁପ୍ତା । ମୋର ପ୍ରଥମ ମହିଳା କଲେକ୍ଟର ଓ ପଡ଼ୋଶୀ । ସେ ଅବିବାହିତା, ଏକା ରହୁଥାନ୍ତି । ତାଙ୍କ ବାପା ଜଣେ ଅଧୀକ୍ଷଣ ଯନ୍ତ୍ରୀ । ସେ କଲିକତାରେ ରହନ୍ତି । ମଝିରେ ମଝିରେ ଆସନ୍ତି । ଝିଅ ବାହା ହୋଇନି ବୋଲି ବହୁତ ଦୁଃଖ । ମୁଁ ଯାଇ ଅଭିନନ୍ଦନ ଜଣାଇଲି । ମତେ ନିଜ ହାତରେ ଖାଇବାକୁ ଦେଲେ ଓ ସମୟ ସମୟରେ ଆସିବାକୁ କହିଲେ । ମୁଁ କାହିଁକି ଏ ସୁଯୋଗ ହାତଛଡ଼ା କରିବି ? ବେଳେବେଳେ ତାଙ୍କ ବସାକୁ ଯାଏ । ସେ ନିଜେ ହାତରେ ତିଆରି କରି ରଖିଥିବା ବେଲପଣା ଓ ସିଙ୍ଗଡ଼ା ଦିଅନ୍ତି । ତାଙ୍କ ହତାରେ ଗୁଡ଼ିଏ ବେଲଗଛ ଥାଏ । ଆମ ସହ ମିଶିଲେ ଡିଏଫ୍ଓ । ଆମ ଭିତରେ ସୌହାର୍ଦ୍ଦ୍ୟ ବଢ଼ି ଉଠିଲା । ଡିଏଫ୍ଓ ମତେ ବିଭିନ୍ନ ପ୍ରକାର ଫୁଲଚାରା ଦେଲେ । ତାଙ୍କ ସଙ୍ଗରେ ଜଙ୍ଗଲ

Digitized by srujanika@gmail.com

ବୁଲାଇ ଦେଖାଇଲେ । ମୋର ଜଙ୍ଗଲ ନିଶା ଛାଡ଼ି ନଥିଲା । ସେଇ ସୁଯୋଗରେ କଳାହାଣ୍ଡିର ପାହାଡ଼ ପର୍ବତ ବଣ ଜଙ୍ଗଲ୍ ସବୁ ବୁଲି ଦେଖିଲି ।

ସରକାରୀ କାମ କରିବାକୁ ହେବ । ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ଦୁଇଟି ଆଦିବାସୀ ଅଧ୍ୟୁଷିତ ଅଂଚଳ ଓ ଆଇସିଡିଏସ୍ ବ୍ଲକ । ଥୁଆମୂଳ ରାମପୁର ବହୁତ ଥଣ୍ଡା କିନ୍ତୁ ଅତ୍ୟନ୍ତ ରମଣୀୟ । ଦାର୍ଜିଲିଂ ସହିତ ତୁଳନା କରାଯାଇପାରେ । ଡାକ୍ତର ଥାନ୍ତି ଶୁଭ୍ରାଂଶୁ ମହାପାତ୍ର । ସଂବେଦନଶୀଳ ଏ ବ୍ଲକକୁ ଅତି ଦକ୍ଷତାର ସହ ଚଳାଉଥାନ୍ତି । ମୁଁ ଯାଇଁ ଗୋଟିଏ ଦିନ ସେମାନଙ୍କ ମେଳରେ ରହିଲି । ଆଇସିଡିଏସ୍ କାର୍ଯ୍ୟର ତଦାରଖ କଲି । ପୁଷ୍ଟିକର ଖାଦ୍ୟ ଓ ଭିଟାମିନ୍ ଯୋଗାଣ, ପିଲାଙ୍କୁ ରୋଗ ନିରୋଧକ ଟିକା ଦିଆଯାଉଛି ବୋଲି ଆଦିବାସୀ ଭାଇମାନେ କହିଲେ । ମଦ ପିଆବି କମିଛି । ଶୁଭ୍ରାଂଶୁର ସେମାନଙ୍କ ସହ ଅବାଧ ମିଳାମିଶାକୁ ପସନ୍ଦ କଲି ।

ଖଣିଜ ସଂପଦ ଭରା ଲାଞ୍ଜିଗଡ଼ ବି ଗଲି । ନିରନ୍ନ ଆଦିବାସୀଙ୍କ ପାଇଁ ପ୍ରକୃତି ସାଇତି ରଖିଛି ଅମୂଲ୍ୟ ଭଣ୍ଡାର । ହେଲେ ଲୁଟିନେବେ ବେପାରୀ । 'ହା ଅନ୍ନ' ଚିତ୍କାର କରୁଥିବେ ଅମୃତସ୍ୟ ପୁତ୍ରାଃ । ଫୁଲିଝରଣ ଗଲି । ଭବାନୀପାଟଣାଠାରୁ ୧୫ କି.ମି. ଦୂର । ୧୬ ମିଟର ଉଚ୍ଚରୁ ଝରୁଛି ପାଣି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ମନୋରମ ପରିବେଶ ଭିତରେ ମନ୍ଦ୍ରମଧୁର ଗତିରେ ବହି ଚାଲିଛି ଝରଣା ଅଜଣା ରାଇଜକୁ । ମନ୍ତ୍ରମୁଗ୍ଧ ଦର୍ଶକ ଇଚ୍ଛା କରେ ଧାଇଁବାକୁ ତା ପଛେ ପଛେ । କ'ଣ ସମ୍ଭବ ? ମୋ ରହଣୀ କାଳ ଭିତରେ ଏଠାକୁ ବହୁବାର ଅସିଛି, ବସିଛି, ଫେରିଛି ଉଦାସ ହୃଦୟରେ ।

ଠିକ୍ ସେମିତି ନୂଆପଡ଼ାର ପାତାଳ ଗଙ୍ଗା । ବୋଡେନ ନିକଟସ୍ଥ ଘଞ୍ଚ ଜଙ୍ଗଲରେ ତ୍ରେତୟା ଯୁଗରେ ଶ୍ରୀରାମଙ୍କ ବନବାସ କାଳରେ ଦେବୀ ସୀତାଙ୍କ ତୃଷା ନିବାରଣ ନିମନ୍ତେ ଲକ୍ଷ୍ମଣ ମାଟିରେ ଶର ପ୍ରହାର କରି ପାତାଳରୁ ଜଳ ବାହାର କରିଥିଲେ । ତାହା ପାତାଳ ଗଙ୍ଗା ନାମରେ ଖ୍ୟାତ । ପାତାଳ ଗଙ୍ଗା ନିକଟରେ ଆଦିବାସୀ ସଂସ୍କୃତିର ନିଦର୍ଶନ ସ୍ୱରୂପ ମା ଦୁଆରସନୀ ପୂଜା ପାଉଛନ୍ତି । ସେ ଆଦିମାତା ବା ଆଦିଶକ୍ତି ଭାବେ ଅଭିହିତ । ନୂଆପଡ଼ାର ମାରାଗୁଡ଼ା ଉପତ୍ୟକା ଓଡ଼ିଶାରେ ଶକ୍ତି ଉପାସନାର ଆଦିପୀଠ ବୋଲି ଏ ଅଂଚଳ ଲୋକେ ଦାବୀ କରନ୍ତି । ତେବେ ତନ୍ତ୍ରସାଧନା ପାଇଁ ଏ ଅଂଚଳର ସୁଖ୍ୟାତି ରହିଛି ।

ଠାକୁର ଦେଖା କଦଳୀ ବିକା । କ୍ଷତି କଅଣ ? ଡାକ୍ତରଖାନା ପରିଦର୍ଶନ ସାଥେ ସାଥେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ । ଆଦିବାସୀ ସଂସ୍କୃତି ସମ୍ବନ୍ଧରେ କିଛିଟା ଜାଣିବା ପାଇଁ ସେମାନଙ୍କ ସଙ୍ଗେ ସୁଖଦୁଃଖ ହୋଇ ସେମାନଙ୍କୁ ଆପଣେଇ ନେବାର ଉଦ୍ୟମ ନିରର୍ଥକ ହୋଇନି ।

ଆମ ଜୟପାଟଣା ଡାକ୍ତରଖାନାଠାରୁ ଇନ୍ଦ୍ରାବତୀ ଉପରେ ତିଆରି ହେଉଥିବା ମୁଖିଗୁଡ଼ା ପ୍ରକଳ୍ପ ଖୁବ୍ କମ୍‌ବାଟ । ପ୍ରକଳ୍ପ ଇଞ୍ଜିନିୟର ଥାନ୍ତି ଦାମ ସାହୁ । ଆମ ଅଂଚଳର । ଆମେ ସାଥି ହେଇ ପଢୁଥିଲୁ ରେଭେନ୍ସା କଲେଜରେ । ଡାକ୍ତରଖାନା କାମ ସାରି ସେଠାକୁ ଗଲି । ସେ ଖୁସି ହେଲେ । ତାଙ୍କ ନିର୍ଦ୍ଦେଶରେ ତାଙ୍କ ଇଂଜିନିୟରମାନେ ମତେ ନେଇ ପ୍ରକଳ୍ପର ସବୁ ସ୍ଥାନ ବୁଲାଇ ଦେଖାଇଲେ । ଜଳ ଭଣ୍ଡାର ସୁଡ଼ଙ୍ଗ ଦେଇ ଜଳ ପ୍ରବାହ, ବିଦ୍ୟୁତ ଉତ୍ପାଦନ କିପରି ହେବ ବୁଝାଇଲେ ।

Digitized by srujanika@gmail.com

ଇଂଜିନିଅରମାନଙ୍କ ଉଦ୍ୟମରେ ଶୃଙ୍ଖଳା ଠେଙ୍ଗ ଭୂଇଁ ସୁଜଳା ସୁଫଳା ହୋଇ ଉଠିବ ।

ଜୁନାଗଡ଼ରେ ରତ୍ନପଥର ଅଛି ବୋଲି ହୋ ହଲ୍ଲା । ଆମ ଡାକ୍ତରଖାନା ସେଠି ଅଛି । ମୁଁ ଗଲି । କଳାହାଣ୍ଡି ମହାରାଜାଙ୍କ ପୁଅ ବିକ୍ରମ ସେଠିକାର ବ୍ୟବସ୍ଥାପକ । ଡାକ୍ତର ଥାନ୍ତି ଜବାହାର ଅଗରୱାଲ । ଡାକ୍ତରଖାନା ପରିଦର୍ଶନ ପରେ ମୁଁ ତାଙ୍କୁ ରତ୍ନପଥର କଥା ପଚାରିଲି । ସେ ଖଣ୍ଡେ ପଥର ଆଣି ଦେଲେ । ସେଥିରେ ରତ୍ନ ଅଛି ବୋଲି ଜାଣିବ କେମିତି ବା ବାହାରିବ କିପରି ? ତଥାପି ଚୋରାରେ ସେ ପଥର ଓଡ଼ିଶା ବାହାରକୁ ଚାଲାଣ ହେଉଛି । ମୁଁ ହସି ହସି କହିଲି – ତୁମେ ତ ସୁନାରେ ଛାଇ ହୋଇଥିଲ ଏବେ ରତ୍ନବେଦୀ ତା ପରେ ବନିଯିବ ସ୍ୱୟଂ ଜଗନ୍ନାଥ ।

କଳାହାଣ୍ଡି ଲୋକଙ୍କର ସୁନା ଗହଣା ପ୍ରତି ବହୁତ ଆକର୍ଷଣ । ଜଣେ ଜଣେ ମହିଳା କେଜିଏ ଦିକେଜି ଓଜନର ସୁନା ଗହଣା ପିନ୍ଧିଥିବାର ମୁଁ ଦେଖିଛି । ଆମ ନୂଆପଡ଼ା ଏସ୍‌ଡିଏମ୍‌ଓଙ୍କ ଧର୍ମପତ୍ନୀଙ୍କ ବେକରୁ ୩୦ଭରି (୩୩୦ଗ୍ରାମ) ଓଜନର ସୁନାହାର ଚୋର ନେଇଗଲା । ଗୌନ୍ତିଆମାନେ ସୁନା ଇଟା ଘରେ ରଖନ୍ତି । ହାଟରେ ସୁନା ବିକ୍ରୀ ହୁଏ । ମୁଁ ନିଜେ ହାଟରୁ ୧୧୦୦ଟଙ୍କା ମୂଲ୍ୟରେ ୫ଭରି ସୁନା କିଣିଛି । ପରୀକ୍ଷା କରି ଦେଖିଛି ଖାଣ୍ଟି ସୁନା ୨୪ କାରେଟ୍ । ପ୍ରଥମରୁ ଏ ଜିଲ୍ଲା ଉପରେ ଥିବା ଧାରଣା ବଦଳି ଗଲାଣି । ଏଠି ଥିଲାବାଲା ଲୋକ ବି ଅଛନ୍ତି । ଚାଷ, ଜଙ୍ଗଲ ସଂପଦ ଓ ବେପାର ବଣିଜ କରି ବେଶ୍ ଦି ପଇସା ରଖିଛନ୍ତି । ଖରିଆର ସାଗୁଆନ୍ ଭାରତ ପ୍ରସିଦ୍ଧ । ମୁଁ ଆମ କଣ୍ଟ୍ରାକ୍‌ଟର ସହାୟତାରେ ମୋ ଘରପାଇଁ କବାଟ ଝରକା ଆସବାବପତ୍ର ଅପେକ୍ଷାକୃତ କମ୍‌ମୂଲ୍ୟରେ ଆଣିଛି ।

ସ୍ୱାସ୍ଥ୍ୟ ସଚେତନତା ଓ ଟାରଜେଟ୍ ହାସଲପାଇଁ ଯୁବସମାଜ ତଥା ରାଜନେତାମାନଙ୍କ ସହ ସୁସଂପର୍କ ରକ୍ଷା ଏକାନ୍ତ ଆବଶ୍ୟକ । ଡାକ୍ତରଖାନା ପରିଦର୍ଶନ ପାଇଁ ଯିବା ପୂର୍ବରୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଥାଏ ସ୍ଥାନୀୟ ଏମ୍‌ଏଲ୍‌ଏଙ୍କୁ ଜଣାଇବା ପାଇଁ । ଏହାଦ୍ୱାରା ସେମାନେ ନିଜକୁ ଗୌରବାନ୍ୱିତ ମନେ କରନ୍ତି ଅଯଥା ଅଭିଯୋଗ ଉପସ୍ଥାପନ ନ କରି ଆମକୁ ଆମ କାର୍ଯ୍ୟରେ ସହାୟତା କରନ୍ତି । ଠିକ୍ ସେମିତି ମୁଁ ସେଠି ପହଁଚିବା ପରେ ସ୍ଥାନୀୟ ଯୁବକ ସଂଘର ପିଲା ମାନଙ୍କୁ ଡକାଏ । ଜଣେ ଅଧେଙ୍କୁ ପାଖରେ ବସାଇ ଖୁଆଏ ବି । ଏଇ ଯୁବକ ସଂଘର କର୍ମୀମାନେ ଆମ ପାଇଁ କ୍ୟାମ୍ପ ଅରଗାନାଇଜ୍ କରନ୍ତି ତାଙ୍କ ଖର୍ଚ୍ଚରେ । ସେମାନଙ୍କ ହସ ହସ ମୁହଁ ମୁଁ ଭୁଲିପାରିବିନି । କେତେଗୁଡ଼ିଏ ଅଗ୍ରଣୀ କ୍ଲବର ନାମ ଲେଖୁଛି । ଭୂପିନ୍ଦର ସିଂଙ୍କ ଦ୍ୱାରା ପରିଚାଳିତ କେସିଙ୍ଗା ୟଙ୍ଗ ବ୍ଲଡ କ୍ଲବ, ଚାରବାହାଲ, ଜୟପାଟନା, ଜୁନାଗଡ଼ର ମାରୱାଡ଼ି କ୍ଲବ ଇତ୍ୟାଦି ।

କଳାହାଣ୍ଡିର ବ୍ୟବସ୍ଥାପକ ଓ ସାଂସଦମାନେ ଅତି ଭଦ୍ର । ସେମାନେ କେହି କେବେ ଭୁଲରେ ବି ମୋ କାମରେ ହସ୍ତକ୍ଷେପ କରିନାହାନ୍ତି । ଏପିରିକି ଅଫିସ ଭିତରକୁ ପଶି ନାହାନ୍ତି । ମୋର ବ୍ୟକ୍ତିଗତ ସଂପର୍କ ଥିଲା କେସିଙ୍ଗାର ଭୂପିନ୍ଦର ବାବୁ ଓ ଲୋକସଭା ପ୍ରତିନିଧି ରାସବିହାରୀ ବାବୁଙ୍କ ସହ । ରାସବିହାରୀ ବାବୁ ତାଙ୍କ ଆଖୁକ୍ଷେତକୁ ନେଇ ଗୁଡ଼ମରା ଦେଖାଇଛନ୍ତି । ଗୁଡ଼, ଚାଉଳ ପଠାଇଛନ୍ତି ।

Digitized by srujanika@gmail.com

ନୂଆକରି ରାଜନୀତି କରୁଥିବା ଭକ୍ତ ଦାସ ଫୋନ୍‌ରେ କଣ କହିଲେ ମୁଁ ଅଫିସକୁ ଆସ କହି ଫୋନ୍ ରଖିଦିଏ । ସେ କେବେ ବି ଅଫିସକୁ ଆସି ନାହାନ୍ତି ।

ରାଜନେତା ଓ ଯୁବକ ସଂଘ ଗୁଡ଼ିକ ସହ ସୁସଂପର୍କ ସ୍ଥାପନ ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ଆସିଥିବା ଟାରଜେଟ୍ ହାସଲ ପାଇଁ ଆଗେଇଲି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନଙ୍କ ମଧ୍ୟରେ ସେଗୁଡ଼ିକୁ ବାଣ୍ଟି ଦିଆଗଲା । ବିଭାଗୀୟ ଅଫିସରମାନଙ୍କ ସହାୟତାରେ ଲକ୍ଷ୍ୟ ହାସଲପାଇଁ ନିଶ୍ଚିତ ପଦକ୍ଷେପମାନ ନିଆଗଲା ।

ପ୍ରଥମେ ମୁଖ୍ୟତଃ ଜନସଂଖ୍ୟା ବୃଦ୍ଧି ରୋକିବାପାଇଁ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ । ସବୁ ପି.ଏଚ୍.ସି ଏରିଆରେ ପ୍ରତିମାସରେ ଗର୍ଭନିରୋଧକ ଅପରେସନ କ୍ୟାମ୍ପ । ବିଭାଗୀୟ ଅଫିସର ଡାଃ ମହନ୍ତ ସମନ୍ୱୟ ରକ୍ଷା କରିବାରେ ଧୁରନ୍ଧର । ଅଧିକାଂଶ କ୍ୟାମ୍ପ ମୁଁ ନିଜେ ପରିଚାଳନା କଲି । ଅଭୂତପୂର୍ବ ସଂଫଳତା ମିଳିଲା । ଗର୍ଭନିରୋଧକ ଅପରେସନ ସହ ଗର୍ଭନିରୋଧକ ବଟିକା, କପରଟି ଓ ନିରୋଧ ବଣ୍ଟନପାଇଁ ମଧ୍ୟ ଧ୍ୟାନ ଦିଆଗଲା । ପ୍ରସୂତିର ସ୍ୱାସ୍ଥ୍ୟରକ୍ଷା ଓ ଶିଶୁମୃତ୍ୟୁହାର କମାଇବାପାଇଁ ପ୍ରତିଷେଧକ ଟିକା - ଟକ୍ସଏଡ୍, ଡିପିଟି, ଡିଟି, ପଲିଓ, ବିସିଜି ଇତ୍ୟାଦି ଦେବାପାଇଁ ସ୍ୱାସ୍ଥ୍ୟ ସହାୟିକା ଏଏନ୍‌ଏମ୍ ମାନଙ୍କ ଉପରେ ଚାପ ପ୍ରୟୋଗ କରାଗଲା । ଜନସଂପର୍କ ବୃଦ୍ଧିପାଇଁ ସେମାନଙ୍କୁ ସକାଳ ବେଳା ଉପକେନ୍ଦ୍ରରେ ରହି ମାଗଣାରେ ଔଷଧ ବଣ୍ଟନ ଓ ଉପରବେଳା ଟୁର୍ ପ୍ରୋଗ୍ରାମ ଦେଇ ଭିନ୍ନ ଭିନ୍ନ ଗ୍ରାମକୁ ଯାଇ ଗର୍ଭବତୀ ସ୍ତ୍ରୀ, ପ୍ରସୂତି ଓ ଛୋଟପିଲାଙ୍କୁ ଦେଖିବାକୁ କୁହାଗଲା । ଟୁରପ୍ରୋଗ୍ରାମ ଉପକେନ୍ଦ୍ର କାନ୍ଥରେ ଝୁଲାହେଲା । ପ୍ରତ୍ୟେକ କାମ ପାଇଁ ଅଲଗା ଅଲଗା ରେଜିଷ୍ଟର ରଖାଗଲା । ମୁଁ ନିଜେ କେତେକ ଉପକେନ୍ଦ୍ର ବୁଲି ଦେଖିଛି । ତାହାହିଁ ଥିଲା ଆମ ସଫଳତାର ଚାବିକାଠି । ଆମେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଅଗ୍ରଣୀ ରହିଲୁ ।

ସାଇ ସମିତି, ଯୁବକ ସଂଘ ତଥା ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ପ୍ରତିମାସରେ ଅନ୍ଧତ୍ୱ ଦୂରୀକରଣ ପାଇଁ ପ୍ରତି ପିଏଚ୍‌ସି ଏରିଆରେ ଅନ୍ତତଃ ଗୋଟିଏ ମୋତିଆ ବିନ୍ଦୁ ଅପରେସନ କ୍ୟାମ୍ପ କରାଗଲା । ବିଶେଷକରି ମାରୱାଡ଼ି ଯୁବବଂଧୁ ମାନଙ୍କ ସହାୟତାରେ ଆମେ ଆମ ଲକ୍ଷ ହାସଲ କରିପାରିଲୁ । ରୟାଲ ସୋସାଇଟିରୁ ଅନ୍ଧତ୍ୱ ଦୂରୀକରଣ ପାଇଁ ଯେଉଁ ସାହାଯ୍ୟ ମିଳେ ମୁଁ ତାକୁ ଯୁବକସଂଘ ମାନଙ୍କୁ ଦେଇଦିଏ ।

ମ୍ୟାଲେରିଆ କଳାହାଣ୍ଡି ଲୋକଙ୍କର ଚିର ସହଚର । ମ୍ୟାଲେରିଆ ନିରାକରଣ ପାଇଁ ଚିରାଚରିତ ପନ୍ଥାରେ ଡିଡିଟି ସିଞ୍ଚନ, ଜ୍ୱର ରୋଗୀର ରକ୍ତ ପରୀକ୍ଷା ଓ ମାଗଣାରେ କ୍ଲୋରୋକୁଇନ ବଟିକା ବିତରଣ ଚାଲିଥାଏ । ମୁଁ ଗ୍ରାମ ସ୍ୱାସ୍ଥ୍ୟ ସହାୟକ ଓ ଯୁବକ ସଂଘ ସଭ୍ୟମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର କ୍ଲୋରୋକୁଇନ ବଟିକା ଜମାଇଦେଲି - ଜମା ଖର୍ଚ୍ଚ ହିସାବ ଉପରେ ଗୁରୁତ୍ୱ ନ ଦେଇ । ଡିଡିଟି ବିକ୍ରି ହେଉଛି ବୋଲି ଅଭିଯୋଗ ଆସେ । ଆମ ଡିଡିଟି ଗୋଡାଉନ କେସିଙ୍ଗାରେ । ସେଠିକୁ ଯାଇ ତଦନ୍ତ କରେ । ପୋଲିସ ଅଫିସର ଆସି ହଇଚଇ କରନ୍ତି । ମୋ ରହଣୀ କାଳରେ କୌଣସି ମ୍ୟାଲେରିଆ ଜନିତ ମୃତ୍ୟୁ ପ୍ରମାଣ ମିଳିନାହିଁ ।

Digitized by srujanika@gmail.com

ଯକ୍ଷ୍ମା ନିରାକରଣ ଆଉ ଏକ ସମସ୍ୟା । ଭବାନୀପାଟଣାଠାରୁ ଅଳ୍ପଦୂରରେ ଉଦିତନାରାୟଣ ପୁର (କାମଠଣା)ଠାରେ ରାଜ୍ୟ ସରକାରଙ୍କର ୭୫ଟି ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଯକ୍ଷ୍ମାରୋଗୀଙ୍କ ପାଇଁ ରହିଛି । ଏଇଟି ରାଜ୍ୟର ସବୁ ଅଂଚଳରୁ ଆସୁଥିବା ଯକ୍ଷ୍ମା ରୋଗୀଙ୍କ ପାଇଁ । ସେଇଟି ବି ମୋ ନିୟନ୍ତ୍ରଣାଧୀନ ନୁହେଁ । ତା ପାଇଁ ଅନ୍ୟ ଡାକ୍ତର । ଡାକ୍ତର ଥାନ୍ତି ରାସ ବିହାରୀ ସେନାପତି । ରୋଗୀ ଚିକିତ୍ସା ତାଙ୍କ କାମ । ସେ ଅବଶ୍ୟ ରୋଗ ନିରୋଧ କାମରେ ଆମକୁ କିଛିଟା ସାହାଯ୍ୟ କରନ୍ତି । ଆମ ଯକ୍ଷ୍ମା ନିବାରଣ ଅଫିସର ବେଶ୍ ପାରିବାର ।

କ୍ରମାଗତ ଭାବେ ୧୫ ଦିନ ଧରି କାଶ ଓ ଜ୍ୱର ହେଲେ ସେମାଙ୍କର କଫ ପରୀକ୍ଷା କରାଯାଏ, ଛାତିର ଫଟୋ ଉଠାଯାଏ । ଏଇ କେଶ୍ ଗୁଡ଼ିକ ପ୍ରାଥମିକ କେନ୍ଦ୍ରର ଡାକ୍ତରମାନେ ଆମ ଯକ୍ଷ୍ମା ନିୟନ୍ତ୍ରଣ କେନ୍ଦ୍ରକୁ ପଠାନ୍ତି । ରୋଗ ଚିହ୍ନଟ ହେଲେ ରୋଗୀକୁ ମାଗଣାରେ ଔଷଧ ଦିଆଯାଏ ଛମାସରୁ ଦେଢ଼ବର୍ଷ ପର୍ଯ୍ୟନ୍ତ । ଔଷଧ ହେଲା ରିଫାମ୍ପିସିନ୍ ଏଥାମ୍ବୁଟୁଲ ଓ ପାଇରାଜିନାମାଇଡ୍ । ମାସକୁ ମାସ ରୋଗୀ ଆସି ଔଷଧ ନେଇଯାଏ ବା ଏଏନ୍ଏମ୍ ତାଙ୍କ ଘରେ ଦେଇଆସେ, ଖାଇଲା ବେଳେ ରହେ । ଆମେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ବି ବହୁ ପରିମାଣରେ କମାଇ ପାରିଲୁ ।

କୁଷ୍ଠରୋଗ ଏ ଜିଲ୍ଲାର ଅନ୍ୟ ଏକ ସମସ୍ୟା । ମଦନପୁର ରାମପୁର ଅଂଚଳରେ ଏ ରୋଗ ବେଶୀ । ପ୍ରତି ହଜାରରେ ୧୨ । ଓଡ଼ିଶାରେ ହଜାରରେ ୮ ଅସ୍ୱାସ୍ଥ୍ୟକର ପରିବେଶ ଯଥା ବାସଗୃହ ଅଭାବରୁ ବହୁ ଲୋକେ ଗୁଞ୍ଜି ଗୁଞ୍ଜି ହୋଇ ଏକାଠି ରହିବା । ନିଜ ରହିବା ଘର ଓ ଚତୁଃପାର୍ଶ୍ୱକୁ ସଫା ନ ରଖିବା, ପୁଷ୍ଟିକର ଖାଦ୍ୟର ଅଭାବ ଓ ଶିକ୍ଷାର ଅଭାବ ଯୋଡ଼ି ହୋଇ ରହିଥିବାରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ଠାରେ ଏ ରୋଗ ବେଶୀ ଦେଖାଯାଏ । କିନ୍ତୁ ଧନୀ, ଦରିଦ୍ର, ଶିକ୍ଷିତ, ଅଶିକ୍ଷିତ, ଉଚ୍ଚ ଜାତି, ନୀଚ ଜାତି କେହି କୁଷ୍ଠ କବଳରୁ ମୁକ୍ତ ନୁହନ୍ତି ।

ଶତକରା ୮୫ ଭାଗ କୁଷ୍ଠରୋଗୀ ସଂକ୍ରାମକ ନୁହନ୍ତି । କୁଷ୍ଠରୋଗୀ ସଂକ୍ରାମକ ହୋଇଥିଲେ ତା କାଶ ସିଂଘାଣିରେ କୁଷ୍ଠ ଜୀବାଣୁ ବାହାରକୁ ଆସି ବାୟୁରେ ଉଡ଼ି ବୁଲନ୍ତି ଓ ସୁସ୍ଥଲୋକର ନିଃଶ୍ୱାସରେ ଯାଇ ତାକୁ ଆକ୍ରମଣ କରନ୍ତି । ଜନସାଧାରଣଙ୍କ ଭିତରେ ଶତକରା ୯୯ ଭାଗ ଲୋକଙ୍କର ଏ ରୋଗ ପ୍ରତିଷେଧକ ଶକ୍ତି ଅଛି । ସେମାନଙ୍କୁ ରୋଗ ଆକ୍ରମଣ କରି ପାରେ ନାହିଁ । ଯେଉଁ ଏକ ଭାଗ ରହିଲେ ତାଙ୍କ ମଧ୍ୟରୁ ଅଧିକାଂଶଙ୍କର ପ୍ରତିରୋଧକ ଶକ୍ତି ଅଳ୍ପ ମାତ୍ରାରେ ଥାଏ । ଜୀବାଣୁ ପ୍ରବେଶ କଲା ପରେ ବଂଶବୃଦ୍ଧି କରି ରୋଗ ଆରମ୍ଭ କରେ କିନ୍ତୁ ଆଗେଇ ପାରେ ନାହିଁ। ଯେଉଁ ମାନଙ୍କର ପ୍ରତିରୋଧ ଶକ୍ତି ଅତି ମାତ୍ରାରେ କମ୍, ସେମାନେ ନିଶ୍ଚିତ ଭାବେ ଏ ରୋଗର ଶିକାର ହୁଅନ୍ତି । ଶରୀରରେ ଜୀବାଣୁ ପ୍ରବେଶର ବର୍ଷେ ଦୁଇବର୍ଷ ପରେ ରୋଗର ଲକ୍ଷଣ ପ୍ରକାଶ ପାଏ ।

ତମ୍ବାଳିଆ ରଙ୍ଗର ଚିକଣିଆ ଓ ତେଲିଆ ଛଉ ସ୍ପର୍ଶ ଶକ୍ତି ନଥିଲେ, କୁଣ୍ଡାଇ ହେଉ ନଥିଲେ ତା ଉପରେ ବାଳ ନଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ସାଧାରଣତଃ ଏ ଛଉ ମୁହଁ, ହାତ, ପିଠା, ପିଠି ଓ ଜଂଘ ଇତ୍ୟାଦି ସ୍ଥାନରେ ହୋଇଥାଏ । କୁଷ୍ଠ ସ୍ନାୟୁକୁ ମଧ ଆକ୍ରମଣ କରେ । ୮୫ ଭାଗ କୁଷ୍ଠରୋଗୀ

Digitized by srujanika@gmail.com

ବିକଳାଙ୍ଗ ହୁଅନ୍ତି ନାହିଁ । ବାସ୍ତବ ଭୟରେ ରୋଗୀ ରୋଗ ଲୁଚାନ୍ତି ଓ ଆମ କର୍ମୀ ମାନଙ୍କ ପାଖକୁ ଆସନ୍ତି ନାହିଁ ।

ରୋଗ ଚିହ୍ନଟ ପାଇଁ ରୋଗୀକୁ ପ୍ରଥମେ ବିଶ୍ୱାସକୁ ନେବାକୁ ହେବ । ଗ୍ରାମୀଣ ନେତା ତଥା ସାମ୍ବାଦିକ ମାନଙ୍କର ସାହାଯ୍ୟ ନେଲୁ । ରୋଗୀର ନାମ ଗୋପନ ରଖାଯିବ ବୋଲି ପ୍ରତିଶ୍ରୁତି ଦେଲୁ । ଛକ ଜାଗା ମାନଙ୍କରେ ରୋଗ ଚିହ୍ନଟ ପାଇଁ ଛଉ ଥିବା କୁଷ୍ଠ ରୋଗୀଙ୍କ ଫଟୋ ସବୁ ଟଙ୍ଗାଗଲା । ରୋଗୀଙ୍କୁ ଚିହ୍ନଟ ପରେ ମାଗଣାରେ ବହୁବିଧ ଔଷଧ ଏମ୍‌ଡିଟି ରୋଗ ଭଲ ହେବା ପର୍ଯ୍ୟନ୍ତ ମାଗଣାରେ ଯୋଗାଇ ଦିଆଗଲା ।

## ବହୁବିଧ ଔଷଧ (ଏମ୍‌ଡିଟି)

ସଂକ୍ରାମକରୋଗ - ମାସକୁ ଥରେ ରିଫାମ୍ପିସିନ୍ ଲାମ୍ପିନ୍ ଓ ଡାପସୋନ ଡାକ୍ତରଙ୍କ ଉପସ୍ଥିତିରେ ଖାଏ । ଅନ୍ୟ ଦିନ ମାନଙ୍କରେ ଲାମ୍ପନ ଓ ଡାପସୋନ ଘରେ ଖାଏ । ଦୁଇବର୍ଷ ପାଇଁ ଚିକିତ୍ସିତ ହୁଏ ।

ଅଣସଂକ୍ରାମକ ରୋଗ - ମାସକୁ ଥରେ ରିଫାମ୍ପିସିନ୍ ଓ ଡାପସୋନ ଡାକ୍ତରଙ୍କ ଉପସ୍ଥିତିରେ ଖାଏ । ଅନ୍ୟ ଦିନ ମାନଙ୍କରେ କେବଳ ଡାପସୋନ ଖାଏ ୬ ମାସ ପର୍ଯ୍ୟନ୍ତ ।

ଏକନିଷ୍ଠ ଉଦ୍ୟମ ଫଳରେ ରୋଗୀ ସଂଖ୍ୟା ହଜାରରେ ୧୨ରୁ ୯କୁ ଖସି ଆସିଲା। ଆମେ ସବୁ ବିଭାଗରେ ଆମ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରି ଆଗକୁ ଆଗକୁ ମାଡ଼ି ଚାଲିଲୁ ।

କାର୍ଯ୍ୟକ୍ରମରେ ସଫଳତାକୁ ଭିତ୍ତି କରି ଡାକ୍ତରମାନଙ୍କର ଗୁପ୍ତ ଚରିତ୍ର ପତ୍ରିକା ଲେଖାହୁଏ । ଏକୁ ଆରେକ ବୁଲିଆର । ୪ ବର୍ଷ ଭିତରେ ମୁଁ କାହାରି ଚରିତ୍ର ପତ୍ରିକାରେ କଳାଦାଗ ମାରିନାହିଁ ।

ଜୟପୁରରେ ରେଡିଓ ଷ୍ଟେସନ । କୋରାପୁଟ, କଳାହାଣ୍ଡି ଓ ଗଂଜାମ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ହାଲଚାଲ ସେଠୁ ପ୍ରଚାରିତ ହୁଏ । ତାଙ୍କ ଅଫିସରମାନେ ପ୍ରତିମାସରେ ଆମଠାରୁ ଫିଗର ନେଇଯାନ୍ତି । ମୁଁ ମଧ୍ୟ ମୋର ସଂକ୍ଷିପ୍ତ ଭାଷଣ ଦେଇଥାଏ । ମଝିରେ ମଝିରେ ପ୍ରୋଗ୍ରାମ ଅନୁସାରେ ରେଡ଼ିଓ ଷ୍ଟେସନ ଯାଇଁ ମୋ ଭାଷଣ ରେକର୍ଡିଂ କରେ । ସୁନାବେଡ଼ା ମିଗ୍ ଫ୍ୟାକ୍‌ଟ୍ରିରେମୋ ଭାଣିଜି ଜ୍ୱାଇଁ ଇଂଜିନିଅର ଥାନ୍ତି । ସେଇ ଅବସରରେ ମୁଁ ସୁନାବେଡ଼ା ଯାଇଁ ତାଙ୍କ ପାଖରେ ରହେ ଓ ଫ୍ୟାକ୍‌ଟ୍ରି ବୁଲି ଦେଖେ ।

କିଣାକିଣି ପାଇଁ ଭବାନୀପାଟଣାର ବଜାର ହେଉଛି ରାୟପୁର । ସେଠି ମୋର ଜଣେ ସଂପର୍କୀୟ ଭାଇ ବ୍ୟାଙ୍କ ଅଫିସର ଥାଏ । ସୁବିଧା ଦେଖି ତା ପାଖକୁ ଯାଇଁ କିଛି ସମୟ କଟାଏ । ସେଇଠୁ ଗୋଟିଏ ରେଫ୍ରିଜରେଟର ଓ ସୁଟ୍‌କପଡ଼ା କିଣିଥିଲି । କୋଣାର୍କ ଟିଭିର ଆଦର ସେଠି ବହୁତ । ଭବାନୀପାଟଣାରେ ସେ ପର୍ଯ୍ୟନ୍ତ ଟିଭି ଦେଖିବାର ସୁବିଧା ନ ଥିଲା ।

ପିଲାମାନେ ସେମାନଙ୍କ ପାଠପଢ଼ାରେ ଆଶାନୁରୂପ ଆଗେଇଥାନ୍ତି । ବେବି, ମାମି ଭବାନୀପାଟଣା କଲେଜରେ ପଢ଼ିଲେଣି । ଠୁବୁ ବି ମାଇନର ପଢ଼ିଲାଣି । ବାବୁ ବଡ଼ ହୋଇଗଲାଣି । ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ଆଣୁଛି । ମଂଚ ଅଭିନୟ ମଧ୍ୟ ଆକର୍ଷଣୀୟ । ପ୍ରତିବର୍ଷ ତାର ଜନ୍ମଦିନ ପାଳନ

Digitized by srujanika@gmail.com

କରାଯାଉଛି । କଲେକ୍ଟର ତ ଆସନ୍ତି । ମହାରାଜା ଆଶୀର୍ବାଦ ଥାଳି ପଠାନ୍ତି । ଭବାନୀ ପାଟଣାର ଅଧିକାଂଶ ଯୁବ ପ୍ରତିନିଧି ଅଫିସର ଓ ଆମ ଡାକ୍ତର ମାନଙ୍କ ସମେତ ଅନ୍ୟ ଷ୍ଟାଫ୍ ଭାଗ ନିଅନ୍ତି । ଷ୍ଟାଫ୍ ଓ ସାଧାରଣ ଲୋକଙ୍କର ଆନ୍ତରିକତା କଳିବାର ଏହା ଏକ ମାଧ୍ୟମ ।

ଜିଲ୍ଲା ପାଇଁ ଔଷଧ ଓ ଯନ୍ତ୍ରପାତି କିଣା ଗୋଟିଏ ବଡ଼ ସମସ୍ୟା । ମୁଁ ତ ସମ୍ବଲପୁରରେ ସେଣ୍ଟ୍ରାଲ ଷ୍ଟୋରଚ ଧନ୍ଦା ଜାଣିଥିଲି । ଏଠି ସାବଧାନତାର ସହ କମିଟିର ସୁପାରିଶରେ ସବୁ କିଣାକିଣି କଲି । କେନ୍ଦ୍ରୀୟ ଭଣ୍ଡାର କେତେବେଳେ କେମିତି ତଦାରଖ କରିଥାଏ । ସବୁ ଜିଲ୍ଲାରେ କିଣାକିଣି ପାଇଁ ଜଣେ ମୁଖ୍ୟ ସିଡିଏମ୍ଓ । ଏ ଜିଲ୍ଲାରେ କିନ୍ତୁ ଦୁଇଜଣ । ସିଡିଏମ୍ଓ ଓ କାମଠଣାରେ ଥିବା ଯକ୍ଷ୍ମା ହସ୍‌ପିଟାଲ ସୁପରିଣ୍ଟେଣ୍ଡେଣ୍ଟ୍ । ସେଥିପାଇଁ ମୁଁ କଳାହାଣ୍ଡିରୁ ଗଲାପରେ ମୋ ପାଖକୁ ଚିଠି ଆସିଲା ଆଲଟମେଣ୍ଟ ଠାରୁ ଅଧିକା ଖର୍ଚ୍ଚ ହୋଇଛି ବୋଲି ଓ କେତେକ ନିୟମ ବହିର୍ଭୂତ କିଣା ପାଇଁ । ଟିବି ହସ୍ପିଟାଲ ଅଧକ୍ଷଙ୍କୁ ବଂଚାଇବା ପାଇଁ ଏପରି ଚାଲ ଖେଳିଛନ୍ତି । ମୁଁ ମୋ ନଥିପତ୍ର ନେଇ ସରକାର (ସେକ୍ରେଟେରୀ)ଙ୍କ ପାଖରେ ଦାଖଲ କରି ଏ ଅଭିଯୋଗରୁ ରକ୍ଷା ପାଇଲି ।

୩ ବର୍ଷ ଯାଇଁ ୪ବର୍ଷ ଚାଲିଲା । ମୋ କାର୍ଯ୍ୟଧାରା ତଥା ସଫଳତାରେ ସନ୍ତୁଷ୍ଟ ହୋଇ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ତଥା ସେକ୍ରେଟେରୀ ପରିଦର୍ଶନରେ ଆସିଲେ । ନିର୍ଦ୍ଦେଶକ ଥାନ୍ତି ଡଃ ପାଣିଗ୍ରାହୀ । ସେକ୍ରେଟେରୀ କେ.ବି.ବର୍ମା । ସେମାନେ ବୁଲି କାମ ଦାମ ଦେଖି ଖୁସି ହେଲେ । ମୁଁ ତ ସୁଯୋଗ ଉଣ୍ଟୁଥିଲି । ଏଇ ଅବସରରେ ବର୍ମା ସାହେବଙ୍କୁ କହିଲି ମୁଁ ଅନ୍ଧାରୀ ମୁଲକରେ ୧୦ବର୍ଷ କଟାଇଲିଣି । ଆଉ କେତେକାଳ ରହିବି । କଟକ ପାଇଁ ଅନୁରୋଧ କଲି । ସେ କହିଲେ କହିବ ଯଦି ମୁଁ ପୁରୀ ନେଇଯିବି । କଟକ ମୋ ହାତରେ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ ଦରକାର । ପୁରୀରେ ମୋ ସାଥୀ ତ୍ରୈଲୋକ୍ୟ ପାଣି ଥାନ୍ତି । ମୋ ସାଙ୍ଗ । ମୁଁ ସେଠାକୁ ଯିବାକୁ ଚାହିଁଲିନି । ସାଲେପୁର ବିଧାନସଭା ସଦସ୍ୟ ମାୟାଧର ସେଠୀଙ୍କ ଜରିଆରେ ମାଡାମ ପଟ୍ଟନାୟକଙ୍କୁ କହିଲି ସେ କୁଆଡ଼େ ତାଙ୍କ ଧରମ ପୁଅ । ଜୟନ୍ତୀ ପଟ୍ଟନାୟକ କହିଲେ ଜାନକୀ ପଟ୍ଟନାୟକ ନ ଶୁଣିବେ କିପରି ? ମୁଁ ଯାଇଁ ସେକ୍ରେଟେରୀଙ୍କୁ ପ୍ରସ୍ତାବ ଦେବା ପାଇଁ ଅନୁରୋଧ କଲି । ସେ ରାଜି ହେଲେ ।

ହଠାତ୍ ବଦଳି ଆଦେଶ ଆସିଲା ବଲାଙ୍ଗୀରକୁ । ମୁଁ ହତବାକ୍ । କଳାହାଣ୍ଡି ଛାଡ଼ି ବଲାଙ୍ଗିର ଯିବି କାହିଁକି ? ସେକ୍ରେଟେରୀ ବର୍ମା ସାହେବଙ୍କୁ ଦେଖା କଲି । ସେ କହିଲେ ବଲାଙ୍ଗୀର ଟିକିଏ ଗଣ୍ଡଗୋଳିଆ ଅବସ୍ଥାରେ ଅଛି । ତୁମେ ତାକୁ ସୁଧାରି ପାରିବ । ଚାରିମାସ ପରେ କଟକ ଖାଲି ହେବ । ମୁଁ ନେଇ ଆସିବି । ତାଙ୍କ ଉପରେ ଭରସା ରଖି ମୁଁ ବଲାଙ୍ଗୀର ଯିବା ପାଇଁ ପ୍ରସ୍ତୁତ ହୋଇଗଲି ।

ପିଲାମାନେ ଭବାନୀପାଟଣାରେ ରହି ପଢ଼ାପଢ଼ି କରିବେ । ମୁଁ ପ୍ରତି ରବିବାର ଆସିବି । ନଈ ଏପାରି ସେପାରି । ମଝିରେ ତେଲନଦୀ ।

ମୁଁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ଠାରୁ ଅର୍ଡର ପାଇବା ମାତ୍ରେ ୧୭.୪.୮୪ରେ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱରେ ଥିବା ଏଡିଏମ୍ଓଙ୍କୁ ଚାର୍ଜ ଦେଇ ବଲାଙ୍ଗିର ପଳାଇ ଆସିଲି ।

Digitized by srujanika@gmail.com

## ବଲାଙ୍ଗୀର

ବଲାଙ୍ଗୀର ମଧ୍ୟ ଗଡ଼ଜାତ । ଗଡ଼ଜାତ ମିଶ୍ରଣ ବେଳେ ଏହା ଓଡ଼ିଶା ସହ ମିଶିଛି । ପାଟଣା ମହାରାଜା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ଏବେ ବି ଓଡ଼ିଶା ରାଜନୀତିରେ ବଲାଙ୍ଗୀର ରାଜପରିବାରର ପ୍ରଭାବ ରହିଛି ।

ବଲାଙ୍ଗୀର ଛୋଟିଆ ଜିଲ୍ଲାଟିଏ । କଳାହାଣ୍ଡି ଠାରୁ ଉନ୍ନତ । ସାଧାରଣ ଲୋକଙ୍କ ଆର୍ଥିକ ମାନଦଣ୍ଡ ଉଚ୍ଚରେ । ହେଲେ ବି ଆୟତନରେ ଛୋଟ । ଲୋକ ସଂଖ୍ୟା ୧୫ ଲକ୍ଷ । ୩ଟି ସବ୍‌ଡିଭିଜନ । ସଦର, ସୋନପୁର ଓ ଟିଟିଲାଗଡ଼ । ସହର ମଝିରେ ରାଜେନ୍ଦ୍ର କଲେଜ । ଔଷଧିବୃକ୍ଷ ତଥା ଖଣିଜ ସଂପଦ ଭରା ଗନ୍ଧମାର୍ଦ୍ଦନ ପର୍ବତ ମାଳାର ଶିଖରୀରେ ହରିଶଙ୍କର । ଆରପଟେ ନୃସିଂହନାଥ ସମ୍ବଲପୁରରେ । ବଲାଙ୍ଗୀର ଓଡ଼ିଶାର ଅନ୍ୟତମ ତନ୍ତ୍ରପୀଠ । ତନ୍ତ୍ର ସାଧନା ପାଇଁ ଟିଟିଲାଗଡ଼ର 'ରାଣୀପୁର ଝରିଆଲ'ଠାରେ ୬୪ ଯୋଗିନୀପୀଠ, ବହୁଗୁମ୍ଫା । ସୁବିସ୍ତୃତ ପଥର ଚଟାଣ । ମନ୍ଦିର ମାଳିନୀ ସୋନପୁରର ଅନ୍ୟତମ ଆକର୍ଷଣ ସୂତାକଳ । ଟିଟିଲାଗଡ଼ ରେଳବାଇ ଜଙ୍କସନ୍ ଓ ବ୍ୟବସାୟ ପ୍ରତିଷ୍ଠାନ । ବଲାଙ୍ଗିର ପାଟବସ୍ତ୍ର ମଧ୍ୟ ବେଶ୍ ଖ୍ୟାତି ଲାଭ କରିଛି ।

୧୭.୪.୮୪ରେ ମୁଁ ବଲାଙ୍ଗୀରରେ ପହଁଚିଲି । ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଥାନ୍ତି ଡାଃ ହର ପ୍ରସାଦ ମହାନ୍ତି । ମୁଁ ସମ୍ବଲପୁର ଗଲାବେଳକୁ ସେ ଥିଲେ ଏଡିଏମ୍ଓ ଫାମିଲିପ୍ଲାନିଂ । ତାଙ୍କଠାରୁ ମୁଁ ଚାର୍ଜ ନେଇଥିଲି । ଉତ୍କଟ ସମ୍ବଲପୁରୀ ମନୋଭାବ । ଚକ ଘୂରି ଯାଇଛି । ମୋର ତାଙ୍କ ପ୍ରତି ସାମାନ୍ୟ ଦ୍ୱେଷ ନ ଥିଲା । ସେ ବଲାଙ୍ଗୀର ଲୋକ । କିନ୍ତୁ ସହକର୍ମୀ ତଥା କର୍ମଚାରୀମାନଙ୍କ ସହ ଅମେଳ । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଥାନ୍ତି ଡାଃ ଭାସ୍କର ରଥ ଓ ଯୁଗ୍ମ ନିର୍ଦ୍ଦେଶକ ଡାଃ ଶୈଳେନ୍ଦ୍ର ନାରାୟଣ ହୋତା । ଉଭୟେ ବଲାଙ୍ଗୀରର । କେହି ତାଙ୍କୁ ସାହାଯ୍ୟ କରୁ ନଥାନ୍ତି । ସେ ମତେ ଚାର୍ଜ ଦେଇ ଛୁଟିରେ ରହିଲେ । କ୍ୱାର୍ଟର ଛାଡ଼ିଲେନି । ମୁଁ ଯାଇଁ ପ୍ରଥମେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ରହିଲି । ଆମ ଖାଦ୍ୟ ପଦାର୍ଥ ନିରୀକ୍ଷକ ଫୁଡ୍ ଇନିସ୍‌ପେକ୍ଟର ମୋ ଖାଇବା ଖବର ବୁଝିଲେ ।

ବଙ୍ଗଳାରେ ଦେଖାକଲେ ପରିବାର କଲ୍ୟାଣ ବିଭାଗର ଡାକ୍ତର ଚାଟାର୍ଜୀ । ମ୍ୟାଲେରିଆ ନିରାକରଣ ଡାକ୍ତର ମନୋରଂଜନ ମହାପାତ୍ର ଆଉ ଡାକ୍ତରଖାନା ଚାର୍ଜରେ ଥିବା ଏଡିଏମ୍ଓ ଡି,ଏମ୍ଓ ବଲାଙ୍ଗୀର ଲୋକ । ବହୁ ପ୍ରଭାବଶାଳୀ । ରାଜନେତା ସହ ନିବିଡ଼ ସଂପର୍କ । ସମ୍ଭବତଃ ବିଦାୟୀ ସିଡିଏମ୍ଓଙ୍କ ସହ ସଂପର୍କ ଭଲ ନ ଥିଲା । ସେମାନଙ୍କଠାରୁ ଜିଲ୍ଲା ସ୍ୱାସ୍ଥ୍ୟସେବାର ହାଲଚାଲ ବୁଝିଲି । କେହି ସନ୍ତୁଷ୍ଟ ନୁହନ୍ତି । ସମୁଦାୟ ୧୫ଟି ପିଏଚ୍‌ସି । ପରିବାର କଲ୍ୟାଣ, ଏଡିଏମ୍ଓ ତାଙ୍କର ଟାରଜେଟ୍ ପାଇଁ ବ୍ୟସ୍ତ । କଣ କିପରି ହେବ ତାଙ୍କ ସହ ପରାମର୍ଶ କଲି । ଶେଷ ପର୍ଯ୍ୟନ୍ତ ସେ ମୋ ପାଖେ ପାଖେ ରହିଛନ୍ତି । ବଲାଙ୍ଗୀର ଜିଲ୍ଲାର ଗୋଟିଏ ମାନଚିତ୍ର ଓ ସେଥିରେ ପିଏଚ୍‌ସି ଗୁଡ଼ିକର ଅବସ୍ଥିତି ଆଣି ଦେଖିଲି । ଗୋଟିଏ ଦିନରେ ସବୁ ପିଏଚ୍‌ସି ବୁଲି ଯାଇହେବ । ଡ୍ରାଇଭର ଓ ଷ୍ଟେନୋବାବୁଙ୍କୁ ଡାକି ତରବରିଆ ଭାବେ ଗୋଟେ ପ୍ରୋଗ୍ରାମ କରିଦେଲି । କାହାରିକୁ ଜଣାଇବା ପାଇଁ ସମୟ ବା ଆବଶ୍ୟକତା ନଥିଲା । ମୁଁ ଷ୍ଟେନୋବାବୁଙ୍କୁ ଧରି ପରଦିନ ସକାଳୁ ଜିଲ୍ଲାସାରା ବୁଲି ଆସିଲି । ଅଧିକାଂଶ ଡାକ୍ତର ଷ୍ଟେସନରେ ନଥିଲେ । କେଉଁଠି

Digitized by srujanika@gmail.com

କେଉଁଠି ଡାକ୍ତରଖାନା ପୁରା ବନ୍ଦ । ସଂଧ୍ୟାବେଳକୁ ବଙ୍ଗଳାରେ ଡାକ୍ତରଙ୍କର ଭିଡ଼ । ମୁଁ ତ ଶାସ୍ତି ଚାହେଁନା । କାମ ଦରକାର । ଅଧିକାଂଶ ଯୁବକ । ବଲାଙ୍ଗିର କି ଆଖପାଖର । ସମସ୍ତଙ୍କସହ ହସଖୁସିରେ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ବୁଝି ବିଦା କରିଦେଲି । ମାସିକିଆ ମିଟିଂକୁ ଆଗତୁରା କରାଇବାକୁ ପ୍ରସ୍ତାବ ଦେଲି । ସେହି ଅନୁସାରେ ତାରିଖ ଧାର୍ଯ୍ୟ ହୋଇ ସମସ୍ତଙ୍କୁ ଜଣାଇ ଦିଆଗଲା ।

ଡିଏମ୍‌ଓ ମ୍ୟାଲେରିଆ ଅଫିସ କୋଠାଟି ଖାଲି କରିଦେଲେ । ମୁଁ ସେଠି ରହିଲି ବଲାଙ୍ଗୀର ଛାଡ଼ିବା ପର୍ଯ୍ୟନ୍ତ । ଫୁଡ୍ ଇନିସ୍‌ପେକ୍ଟର ମୋ ଖାଇବା ଖବର ବୁଝିଲେ । ଅନ୍ୟାନ୍ୟ ଖବର ଏଡିଏମ୍‌ଓ ଫାମିଲିପ୍ଲାନିଂ ।

ମତେ ତ ସେକ୍ରେଟେରୀ କହିଛନ୍ତି, କିଛି କାମ ଦେଖାଇବାକୁ ହେବ । ମୁଁ ପ୍ରଥମେ ସଦର ହସ୍‌ପିଟାଲ ଆଗରେ ପଡ଼ିଥିବା ଭଙ୍ଗା ଗାଡ଼ି ଗୁଡ଼ା ହଟାଇ ଦେଲି । ମୁଁ ଥିବା ଭିତରେ ସେଗୁଡ଼ିକ ନିଲାମ ହୋଇଗଲା । ଡାକ୍ତରଖାନା ବିଶେଷ କରି ଅପରେସନ ଥିଏଟର ସଫାକରାଇ ନିଜେ ଅପରେସନ କଲି । ଡାକ୍ତରଖାନାରୁ ପ୍ରତିଦିନ ସାଧାରଣ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ମାଇକରେ ପ୍ରଚାର କରାଗଲା । ସ୍କ୍ରିପ୍ଟ ଲେଖିଲେ ଓ ରେକର୍ଡ କଲେ ପରିବାର କଲ୍ୟାଣ ବିଭାଗର ମିଡ଼ିଆ ଅଫିସର ଓ କେତେକ ସ୍ୱେଚ୍ଛାସେବୀ କଲେଜ ପିଲା । ମୁଁ ଦିଲ୍ଲୀରେ ଥିଲାବେଳେ ଏତକ ଶିଖିଥିଲି ହରିଆନାରୁ । ସେଇ ପୁରୁଣା କଥା – ବିଡ଼ି ଖାଅନି, ମଦ ପିଅନି, କଳପାଣି ପିଅ, ପାଇଖାନା ବ୍ୟବହାର କର, ଘର ଚାରିପାଖ ସଫାରଖ । ମ୍ୟାଲେରିଆ, ଯକ୍ଷ୍ମା, କୁଷ୍ଠ ସବୁପାଇଁ ଔଷଧ ମାଗଣା । ସରକାରୀ ଡାକ୍ତରଖାନାରୁ ମାଗଣା ଔଷଧ ନିଅ । ରକ୍ତ, ମଳ,ମୂତ୍ର ପରୀକ୍ଷା ପାଇଁ ଉତ୍କୋଚ ଯାଚ ନାହିଁ । ଦୁଇଟି ପିଲାରୁ ଅଧିକ ଥିଲେ ପରିବାର ନିୟନ୍ତ୍ରଣ କର ଇତ୍ୟାଦି । ମଝିରେ ମଝିରେ ମନୋରଂଜନ ପାଇଁ କିଛି ଗୀତ ବି ।

କାର୍ଯ୍ୟଭାର ନେବା ପରେ ପରେ କଲେକ୍ଟରଙ୍କୁ ସାକ୍ଷାତ କଲି । କଲେକ୍ଟର ଥାନ୍ତି ଭାସ୍କର ଚାଟାର୍ଜୀ । ସେ ମତେ ସବୁ ପ୍ରକାର ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ ।

ମୁଁ ନିଜେ ସକାଳବେଳା ଅଫିସ ଖୋଲିବା ପୂର୍ବରୁ ଆଉଟଡୋରରେ କିଛି ସମୟ ବସିଲି । ୱାର୍ଡ ରାଉଣ୍ଡ କଲି । ୱାର୍ଡ ସବୁ ସଫା ସୁତୁରା ରହିଲା । କଣ୍ଟ୍ରାକ୍ଟର ଭୟରେ ରୋଗୀମାନଙ୍କୁ ଭଲ ଖାଦ୍ୟ ଦେଲା । ଅପନ୍ତରା ପଡ଼ିଥିବା ଜିଲ୍ଲା ହସ୍ପିଟାଲ ଚଳଚଞ୍ଚଳ ହୋଇ ଉଠିଲା । ଗୋଟିଏ ସପ୍ତାହ ଭିତରେ ମୁଁ ବଲାଙ୍ଗିର ବାସୀଙ୍କ ଦୃଷ୍ଟି ଆକର୍ଷଣ କରି ପାରିଲି ।

ମୁଁ ଦାୟିତ୍ୱ ନେବାର ଦୁଇ ସପ୍ତାହ ଭିତରେ ୩୦ ତାରିଖରେ ଡାକ୍ତର ମାନଙ୍କର ମାସିକିଆ ମିଟିଂ ହେଲା । ମୁଁ ତ ଡାକ୍ତରଖାନା ସବୁ ଦେଖି ଆସିଥିଲି । ପ୍ରତ୍ୟେକ ଡାକ୍ତର ନିଜ ନିଜର ବକ୍ତବ୍ୟ ପ୍ରଦାନ କଲେ । କେହି ଜଣେ ହେଲେ ଡାକ୍ତର ନିଜ ଟାରଗେଟ ହାସଲ କରିବାକୁ ଉଦ୍ୟମ କରିନାହାନ୍ତି । ବିଭିନ୍ନ ଆଳ ଦେଖାଇ ଖସିଯିବା ପ୍ରଚେଷ୍ଟା । ମୁଁ ଦୃଢ଼ କଣ୍ଠରେ କହିଲି, ଟାରଜେଟ୍ ହାସଲ କରିବା ଆପଣମାନଙ୍କ କାମ । କିପରି କରିବେ ତାହା ନିଜେ ନିଜେ ସ୍ଥିର କରିବେ । ଆପଣମାନେ ଗେଜେଟଡ ଅଫିସର । ୪ର୍ଥ ଶ୍ରେଣୀ କର୍ମଚାରୀ ନୁହନ୍ତି ଯେ ମୁଁ ବତାଇବି ଏଇଟା କର, ସେଇଟା କର । ସରକାର ଚାହାନ୍ତି ଆପଣମାନେ

Digitized by srujanika@gmail.com

ନିଷ୍ଠିତଭାବେ ନିଜ ନିଜର ଟାର୍‌ଗେଟ୍ ପୂର୍ଣ୍ଣ କରିବେ । ହେଳା କଲେ ଆଇନ ତା ବାଟରେ ଯିବ । ପ୍ରତ୍ୟେକ ଡାକ୍ତରଙ୍କୁ ବିଶେଷ କରି ଗର୍ଭନିରୋଧ ଅପରେସନ ପାଇଁ ଟାର୍‌ଗେଟ୍ ଦିଆଗଲା ମାସକ ପାଇଁ । ଆସନ୍ତା ମାସରେ ସମୀକ୍ଷା କରାଯିବ ।

ଗାଡ଼ି ଦାୟିତ୍ୱରେ ଥିବା କିରାଣୀ ବାବୁଙ୍କୁ ଡାକିଲି । ସବୁ ପି.ଏଚ୍.ସି ଗାଡ଼ି ସ୍ଥାନୀୟ ପ୍ରାଇଭେଟ୍ ଗାରେଜରେ କାମ କରାଇ ସପ୍ତାହକ ମଧ୍ୟରେ ଡାକ୍ତରମାନଙ୍କୁ ଦେଇ ଦେବାକୁ ଲିଖିତ ଆକାରରେ ଆଦେଶ ଦେଲି । ଏଡିଏମ୍‌ଓଙ୍କୁ କହି ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଦିଆଗଲା । ଡାକ୍ତରମାନଙ୍କୁ ଆବଶ୍ୟକ ହେଲେ ଛୋଟକାଟିଆ ଗାଡ଼ି ମରାମତି ଓ ପେଟ୍ରୋଲ କିଣିବା ପାଇଁ କ୍ଷମତା ଦିଆଗଲା । ଜିଲ୍ଲା ସାରା କାମ ଚାଲିଲା ।

ମୁଁ ଷ୍ଟେନୋ ବାବୁଙ୍କୁ ଧରି ଘନ ଘନ ପରିଦର୍ଶନ ଓ ରିପୋର୍ଟ କଲି । ରିପୋର୍ଟ ସବୁ ଡାଇରେକ୍ଟରଙ୍କ ପାଖକୁ ପଠାଗଲା । କୈଫିୟତ ମଗାଗଲା । ଷ୍ଟେନୋବାବୁ ଡିକ୍ଟେସନ ନେଇ ପାରୁ ନ ଥାନ୍ତି । ପିଲାଲୋକ । ସମସ୍ତେ ବସି ଶୋଇକରି ଦରମା ନେଉଛନ୍ତ । ସେ କାହିଁକି ଖଟିବେ । ସେ ହାତରେ ଲେଖି ମତେ ଦେଖାନ୍ତି। ମୁଁ ଠିକ୍‌ଠାକ୍ କରିଦେଲେ ଟାଇପ ହୁଏ । ପୁଣି ଥରେ ଟାଇପ ହୁଏ, ଏମିତି ଚାଲେ । ଏବେ ଡାକ୍ତରମାନେ ଡାକ୍ତରଖାନାରେ ରହିଲେ । ରୋଗୀ ସଂଖ୍ୟା ବଢ଼ିଲା । କେତେକ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଗଲା । କାମ ଚାଲିଲା ସମସ୍ତଙ୍କ ସହଯୋଗରେ ।

ବଲାଙ୍ଗିରର ଦୁଇଟି ଆକର୍ଷଣ । ହରିଶଙ୍କରର ମନକିଣା ଝରଣା ଓ ମନ୍ଦିର ମାଳିନୀ ସୋନପୁର । ମୋ ଟୁର ସମୟରେ ଏ ଦୁଇଟି ସ୍ଥାନରେ ମୁଁ ବେଶି ରହିଛି । ହରିଶଙ୍କର ଗନ୍ଧମାର୍ଦ୍ଦନର ପଶ୍ଚିମ ପାର୍ଶ୍ୱରେ । ବଲାଙ୍ଗିରରୁ ୮୦ କି.ମି. ଦୂର । ପାଖରେ ଆମ ଗୋଟିଏ ଡିସ୍ପେନ୍ସରୀ ଓ ତା ଉପରକୁ ଗୋଟିଏ ଚିଡ଼ିଆଖାନା । ଡାକ୍ତର ନଥାନ୍ତି । ଚାର୍ଜରେ ଜଣେ ଫାର୍ମାଶିଷ୍ଟ । ନାମ ମନେ ପଡୁନି । ମୁଁ ଝରଣା ପାଖରେ ବୁଲି ବୁଲି ପ୍ରକୃତିର ସୌନ୍ଦର୍ଯ୍ୟରେ ଆତ୍ମହରା । ସଂଧ୍ୟାରେ ଡାକ୍ତରଖାନା ଖବର ବୁଝି ସେଇଠି ଶୋଇପଡ଼େ । ଖାଇବା ଖବର ସେ ବୁଝନ୍ତି ।

ମନ୍ଦିର ମାଳିନୀ ସୋନପୁର ମହାନଦୀ ଓ ତେଲନଦୀ ସଙ୍ଗମ ସ୍ଥଳରେ । ସୋନପୁରକୁ ପଶ୍ଚିମା ଶ୍ରୀଲଙ୍କା ବି କୁହାଯାଏ । ପ୍ରତ୍ୟେକ ମନ୍ଦିରର ସ୍ୱତନ୍ତ୍ରତା ରହିଛି । ପ୍ରତ୍ୟେକ ପଛରେ ବି କିଛିନା କିଛି କାହାଣୀ । ଅନ୍ୟତମ ଆକର୍ଷଣ ସୂତାକଳ । ଭଲ ବଙ୍ଗଳାଟିଏ ବି ଅଛି । ଏସ୍‌ଡିଏମ୍‌ଓ ରହିବା ଖାଇବାର ବ୍ୟବସ୍ଥା କରନ୍ତି ।

ମୁଁ ଲାଗିପଡ଼ି ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଆଗେଇ ନେଲି । ଟିଟିଲାଗଡ଼ରେ ଜଣେ ଭଲ ସର୍ଜନ ଥାନ୍ତି । ତାଙ୍କ ଘର ଆମ ଅଂଚଳରେ । ସେଠି ବେଶି କ୍ୟାମ୍ପ କରାଯାଏ। କ୍ୟାମ୍ପ ପରିଚାଳନା ଭିତରେ ମୁଁ ନିଜେ ବି ଓଟିରେ କିଛି ଅପରେସନ କରେ। ମୁଁ ସାଇତି ରଖିଥିବା ବାଘ ଚମଡ଼ାଟି ଏଇଠି ଟାନିଂ କରିଛି ।

ଅନ୍ୟ ଗୋଟିଏ କାମ ହେଲା ମୋତିଆବିନ୍ଦୁ ଅପରେସନ । ବହୁତ ଗୁଡ଼ିଏ ଚକ୍ଷୁ ସହାୟକ ନିଯୁକ୍ତି ପାଇଥାନ୍ତି । ସମସ୍ତେ ଯୁବକ । ସେମାନଙ୍କର କାମ କରିବା ପାଇଁ ଉତ୍ସାହ ମୋ ଠାରୁ ଅଧିକ । ସେମାନଙ୍କୁ ଦେଖିଲେ ମୋ ବୟସ କିଛି ବର୍ଷ କମିଗଲା ପରି ମନେହୁଏ । ସେଇମାନଙ୍କ ସହାୟତାରେ ଅନ୍ଧତ୍ୱ ଦୂରୀକରଣ ପାଇଁ

Digitized by srujanika@gmail.com

ଚକ୍ଷୁ ଅପରେସନ କ୍ୟାମ୍ପ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଗଲା । ଏହା ଲୋକମାନଙ୍କ ମଧ୍ୟରେ ଶିହରଣ ସୃଷ୍ଟି କଲା ।

ଏଇ ସମୟରେ ବଲାଙ୍ଗୀରର ସଇଁତଲା ଠାରେ ଗୋଳାବାରୁଦ କାରଖାନା ପ୍ରତିଷ୍ଠା କରାଗଲା । ଶୁଭ ଦେବାପାଇଁ କେନ୍ଦ୍ରମନ୍ତ୍ରୀ ଆସିଥାନ୍ତି । ମନ୍ତ୍ରୀ ଥାନ୍ତି ଢେଙ୍କାନାଳ ରାଜା ସାହେବ କାମାକ୍ଷା ପ୍ରସାଦ ସିଂହଦେଓ । ସେ କଳାହାଣ୍ଡି ମହାରରାଜାଙ୍କ ଜ୍ୱାଇଁ, ତାଙ୍କୁ ତାଙ୍କ ଘରେ ହିଁ ଚିହ୍ନିଥିଲି । ସୌଜନ୍ୟ ମୂଳକ ସାକ୍ଷାତ କଲି ।

ଆଉ ଗୋଟିଏ ଘଟଣା ବି ଘଟିଲା । ଜିଲ୍ଲା ସଦର ମହକୁମା ଡାକ୍ତରଖାନା ପାଇଁ ଶହେ ଶଯ୍ୟା ବିଶିଷ୍ଟ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ । ପୂର୍ତ୍ତମନ୍ତ୍ରୀ ଥାନ୍ତି ବଲାଙ୍ଗୀର ବିଧାନସଭା ସଦସ୍ୟ ମୁଜାଫର ହୋସେନ । ସ୍ୱାଧୀନ ସଭ୍ୟ ବାଳ ଗୋପାଳ ମିଶ୍ର ବି ସେ ସଭାରେ ଥାନ୍ତି । ମୋର ଏଥିରେ କିଛି ହାତ ନ ଥିଲା । ହେଲେ ମୁଁ କରାଇଛି ବୋଲି ପ୍ରଚାର ହେଲା ।

ଚାହୁଁ ଚାହୁଁ ଚାରିମାସ ବିତିଗଲା । ମୋର ଲୋକପ୍ରିୟତା ଶୀର୍ଷ ସ୍ଥାନରେ ପହଁଚିଲାଣି । ହେଲେ ବଦଳି ଅର୍ଡର କାହିଁ ? ସେକ୍ରେଟେରୀ ଠକିଲେ କି ? ଏମିତି ଭାବୁ ଭାବୁ ୧୮.୧୨.୮୪ରେ ମୋ ବଦଳି ଆଦେଶ ଆସି ପହଁଚିଗଲା - ଚିର ଇପ୍ସିତ କଟକ ଜିଲ୍ଲାକୁ ସିଡିଏମ୍ଓ ଭାବେ । ମୁଁ ଆନନ୍ଦରେ କୁରୁଳି ଉଠିଲି । ମୋ ସହକର୍ମୀମାନେ ବହୁତ ଖୁସି ହେଲେ । ବେଶୀ ଖୁସି ହେଲେ ଡିଏମ୍ଓ ।

ବଡ଼ ଧରଣରେ ବିଦାୟ ସମ୍ବର୍ଦ୍ଧନାର ଆୟୋଜନ କଲେ ୨୦.୧୨.୮୪ରେ । ସବୁ ଡାକ୍ତର ଆସିଲେ । ମୁଁ କହିଲି ଆପଣମାନେ ମୋ ପାଇଁ ବହୁତ କିଛି କରିଛନ୍ତି । ମୋର ସମ୍ମାନ ରଖିଛନ୍ତି । ହେଲେ ପ୍ରତିଦାନରେ ମୁଁ କିଛି କରିପାରିନାହିଁ । ତେବେ ଯାହା ହୋଇଛି ସବୁ ଆପଣମାନଙ୍କର ମଙ୍ଗଳ ପାଇଁ । ମୁଁ କଳାହାଣ୍ଡିରୁ ବିଦାୟ ନେଇନଥାଏ । କିନ୍ତୁ ବଲାଙ୍ଗୀରରେ ମୋର ଏତେ କମ୍‌ଦିନ ରହଣୀ ଭିତରେ ମୁଁ ସବୁ ବର୍ଗର ଲୋକଙ୍କୁ ନିଜର କରି ନେଇପାରିଥିଲି । ସମ୍ବଲପୁରରୁ ଆରମ୍ଭ ହୋଇ ବଲାଙ୍ଗୀରରେ ସରିଲା । ଏ ହେଲା ପଶ୍ଚିମ ଓଡ଼ିଶା । ଛାଡ଼ିଲା ବେଳକୁ ମତେ ବହୁତ କଷ୍ଟ ଲାଗିଲା - ଯଦିଓ ମୋ ଜନମଭୂଇଁକୁ ଯାଉଛି । ବିଶେଷ କରି ସେ ଚକ୍ଷୁ ସହାୟକମାନଙ୍କୁ ବହୁତଦିନ ଧରି ଭୁଲି ପାରିଲି ନାହିଁ ।

୨୧.୧୨.୮୪ରେ ମୁଁ ସାଥୀମାନଙ୍କ ଠାରୁ ବିଶେଷ କରି ଡିଏମ୍ଓ ମନୁବାବୁଙ୍କଠାରୁ ଶେଷ ବିଦାୟ ନେଇ ସିଧାସଳଖ କଟକ ଅଭିମୁଖେ ଚାଲିଲି - ମୋର ସେଇ ଫିଆଟ ଗାଡ଼ିଟାରେ ।

୦୦୦

Digitized by srujanika@gmail.com

# କଟକ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ

୨୧.୧୨.୮୪ରୁ୩.୫.୮୬

୨୧.୧୨.୮୪ରେ ସିଧା ସଳଖ ବଲାଙ୍ଗୀରରୁ ଆସି କଟକ ସିଡିଏମ୍‌ଓ ଅଫିସରେ ପହଁଚି ଚାର୍ଜ ନେଲି - ଏଡିଏମ୍‌ଓ ମେଡ଼ିକାଲ ଡା. ହାସାନଙ୍କଠାରୁ । ଚାର୍ଜ ନେବାରେ କିଛି ଅସୁବିଧା ହେଲା ନାହିଁ । ମୋ ପୂର୍ବରୁ ଡାଃ ନଗେନ ନାୟକ ସିଡିଏମ୍‌ଓ ଥିଲେ । ସେ ଅବସର ଗ୍ରହଣ କରିବାରୁ ଚାର୍ଜ ଦେଇ ଚାଲି ଯାଇଥିଲେ । ତାଙ୍କ ପୂର୍ବରୁ ଡାଃ ନୟିମ ସିଡିଏମ୍‌ଓ ଥିଲେ । ଏମାନେ ସବୁ ନିଜ ଘରେ ରହୁଥିଲେ । ସିଡିଏମ୍‌ଓଙ୍କ ପାଇଁ ବାସଗୃହ ନ ଥିଲା । ସିଟି ହସ୍ପିଟାଲ କାମ୍ପସ ଭିତରେ ମୋ ପାଇଁ ୨/୩ଟି କୋଠରୀ ରଖା ଯାଇଥିଲା । ମୋ ପିଲାମାନେ ତ ଆସି ନ ଥିଲେ । ସେମାନେ କଳାହାଣ୍ଡିରେ ଥିଲେ । ମୋ ପାଖରେ ରହିଲେ ମୋର ଜଣେ ସଂପର୍କୀୟ ଭାଇ ଅଶୋକ ଭଞ୍ଜ । ଡାକ ନାମ ଲଙ୍ଗୁଳି ।

କଟକ ଏକ ନମ୍ବର ଜିଲ୍ଲା । ୧୩,୧୨,୧୧ରୁ ପ୍ରମୋସନ ୧କୁ । ତ୍ରିପଲ ପ୍ରମୋସନ । କେହି ଯେପରି ପ୍ରଶ୍ନ କରୁଛି - ସମ୍ଭାଳିବୁଟି ? ଠାକୁରଙ୍କ ଇଚ୍ଛା ।

କଟକ ଓଡ଼ିଶାର ସର୍ବ ବୃହତ୍ତମ ଜିଲ୍ଲା । ଆୟତନରେ ୧୧୧୪୨ ବର୍ଗ କିଲୋମିଟର । ଲୋକସଂଖ୍ୟା ପାଖାପାଖି ୫୦ ଲକ୍ଷ । କେବଳ କଟକ ମହାନଗରୀର ଲୋକସଂଖ୍ୟା ୩ ଲକ୍ଷ । ଜନବସତି ପ୍ରତି ବର୍ଗ କିଲୋମିଟର ପିଛା ୪୧୪ । ୬ଟି ସବ୍‌ଡିଭିଜନ - କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ଆଠଗଡ଼ ଓ ବାଙ୍କୀ । ୯୯୪ ଗ୍ରାମ ପଂଚାୟତ । ୬୬୨୭ ଗ୍ରାମ । ୪୧ଟି ବ୍ଲକ । ୫୨ଟି ପଂଚାୟତ ସମିତି, ୨୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ, ୪ ଜଣ ଲୋକସଭା ସଦସ୍ୟ, ଅଧଡର୍ଜନ ମନ୍ତ୍ରୀ ଉପମନ୍ତ୍ରୀ ସର୍ବୋପରି ସାମ୍ବାଦିକ ଦଳ । ସରପଂଚଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଆଖି ସିଡିଏମ୍‌ଓ ଉପରେ ।

ଜିଲ୍ଲାରେ ୪୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଡାକ୍ତରଖାନା ସଂଖ୍ୟା ୧୬୯ । ସିଡିଏମ୍‌ଓଙ୍କ ଅଧୀନରେ କାମ କରୁଥିବା ଡାକ୍ତରଙ୍କ ସଂଖ୍ୟା ୩୪୩, ଉପକେନ୍ଦ୍ର ୯୧୫, ଏଲ୍.ଏଚ୍.ଭିଙ୍କ ସଂଖ୍ୟା ୨୨୦, ଏ.ଏନ୍.ଏମ୍ ୮୮୦, ଭି.ଏଚ୍.ଜି (ଗ୍ରାମ ସ୍ୱାସ୍ଥ୍ୟ ସହାୟକ) ୪୨୩୭, ଟିବିଏ ୪୦୩୩ ସମୁଦାୟ କର୍ମଚାରୀଙ୍କ ସଂଖ୍ୟା ୧୦୫୭୦ । ଚଳନ୍ତି ୫୦ଟି ଗାଡ଼ି ସାଥୀକୁ ୨୦ଟି ଭଙ୍ଗା ଗାଡ଼ି । ୬୦ଟି ଶୀତଳିକରଣ ଯନ୍ତ୍ର, ଭାକ୍ସିନ୍ ରଖିବାକୁ ।

Digitized by srujanika@gmail.com

ଚଣ୍ଡିମନ୍ଦିର ଗଲି । ସମାଜ ଅଫିସରେ ରାଧାନାଥ ବାବୁଙ୍କୁ ସାକ୍ଷାତ କରି ତାଙ୍କ ଆଶୀର୍ବାଦ ଆଣିଲି । ମୁଁ ଆଡ଼ଗଡ଼ରେ ଥିବାବେଳେ ସେ ମତେ ଜାଣିଥିଲେ ।

ପରଦିନ ସକାଳେ ଅଫିସ ପରିସ୍ଥିତି ଦେଖି ମୁଣ୍ଡରେ ହାତ ଦେଲି । ଏଡିଏମ୍‌ଓ କେହି ନାହାନ୍ତି ବା କାର୍ଯ୍ୟ କରୁ ନାହାନ୍ତି । କାହାକୁ ନେଇ ମୁଁ କାମ କରିବି ?

ବିଂଝାରପୁର, ଆଠଗଡ଼, ଯାଜପୁରେ ଥିବା ସମୟଠାରୁ ଏ ଅଫିସ ସହ ମୋର ସଂପର୍କ । ଏବେ ଅଫିସରେ କେବଳ ହେଡ୍‌କ୍ଲର୍କଙ୍କୁ ଜାଣେ । ଷ୍ଟେନୋ ସାହୁ ବାବୁଙ୍କୁ ବିଶ୍ୱାସକୁ ନେଇହେବ । ଆଉ କେଇଜଣ ଯୁବ କିରାଣୀ । ପ୍ରତିଦିନ ଅଭିଯୋଗ ପତ୍ର ଗଦା ଗଦା - ଏମ.ଏଲ୍.ଏ, ସାମ୍ବାଦିକ, ସରପଂଚ ଓ ଆମ କର୍ମଚାରୀ ମାନଙ୍କ ଠାରୁ । ତା ଛଡ଼ା ମନ୍ତ୍ରୀ ସେକ୍ରେଟାଣୀ ବା ଡାକରେକ୍ଟରଙ୍କ ପାଖକୁ ଯାହା ଆସେ ସେମାନ ତାକୁ ତଦନ୍ତ ପାଇଁ ସିଡିଏମ୍‌ଓ ପାଖକୁ ପଠାଇ ଦିଅନ୍ତି । ଏଗୁଡ଼ିକ ପଢ଼ି ଫୈସଲା କରୁ କରୁ ଦିନଶେଷ ।

ପୂର୍ବରୁ ୪ର୍ଥ ଶ୍ରେଣୀ ଚାକିରୀ ଦେବାକୁ କହି ବହୁତ ଲୋକଙ୍କଠାରୁ ଟଙ୍କା ନେଇଛନ୍ତି ବୋଲି ଅଭିଯୋଗ । ଶହେରୁ ଅଧିକ ପିଲାଙ୍କ ନାମ ଚାକିରୀ ପାଇଁ ଉଏଟିଙ୍ଗ ଲିଷ୍ଟରେ । ଏମାନେ ଛୁରାଧରି ସବୁବେଳେ ସିଟି ହସ୍ପିଟାଲ କାମ୍ପସରେ ।

ଅଣଗେଜେଟେଡ୍ କର୍ମଚାରୀ ସଂଘର ନେତା ସଦାଶିବ ମିଶ୍ରଙ୍କ ପଛରେ ସବୁ ଅଣଗେଜେଟେଡ଼ କର୍ମଚାରୀ । ଡାଃ ଗୁଣନିଧି ଭୂୟାଁ ରାଜନୀତି କରିବା ପାଇଁ ଓମସା ମାଧମରେ ତାଙ୍କ ପ୍ରଭାବ ଜାହିର କରିବାକୁ ତତ୍ପର । ଡାକ୍ତରମାନେ ସଂଘବଦ୍ଧଭାବେ ତାଙ୍କ ନେତୃତ୍ୱରେ ପରିଚାଳିତ । ବିଶ୍ୱନାଥ ପଣ୍ଡିତ ମେହେନ୍ତର ସଂଘ (୪ର୍ଥ ଶ୍ରେଣୀ କର୍ମଚାରୀ)ଙ୍କର ପ୍ରେସିଡେଣ୍ଟ । ସେ ମୋ ଶ୍ୱଶୁରଙ୍କ ବଂଧୁ ବୋଲି ମୋ ଉପରେ କର୍ତ୍ତୃତ୍ୱ ଜାରି ପାଇଁ ଉଦ୍ୟମ ।

ଏସ୍‌ଡିଏମ୍‌ଓ ଭାବେ ଆଠଗଡ଼ର ଡାଃ. ଚିତ୍ତ ସାହୁ ଯାଜପୁରର ଡ୍ରାଃ ପ୍ୟାରିମୋହନ ସିଂହଙ୍କ ବ୍ୟତୀତ ଅନ୍ୟ କାହାରିକୁ ବିଶ୍ୱାସକୁ ନେଇ ହେବ ନାହିଁ । ଅଧିକାଂଶ ଡାକ୍ତର ଅନୈତିକ ଉପାୟରେ ପଇସା ରୋଜଗାର କରିବାକୁ ତତ୍ପର । ମିଛ ଗସ୍ତ ବିବରଣୀ, ଔଷଧ ବିକ୍ରି, ରୋଗୀ ନଥାଇ ରୋଗୀର ଖାନା ପାଇଁ ବିଲ୍ ପ୍ରସ୍ତୁତି ଧାରାବାହିକ ଭାବେ ଚାଲିଥାଏ ।

କଟକ ଜିଲ୍ଲାରେ ମୋ ଜନ୍ମ । କଟକ ମହାନଗରୀରେ ମୋ ପାଠପଢ଼ା । ୧୯୪୬ରୁ ସ୍କୁଲ, କଲେଜ, ମେଡ଼ିକାଲ କଲେଜ, ଚାକିରୀ ସବୁକିଛି ହେଲେ ମୁଁ କଟକକୁ ଚିହ୍ନିପାରି ନଥିଲି । ଏ ମଣିଷମାନେ ନିଆରା । ଏଠିକାର ପାଣିପବନ ସବୁ ବିଷାକ୍ତ । ତେବେ ମୁଁ କ'ଣ ହାରିଯିବି ? ନା । ସାହସ ବାଂଧିଲି ।

କଲେକ୍ଟର ଥାନ୍ତି ଅକ୍ଷୟ ପଟ୍ଟନାୟକ, ପୋଲିସ ଅଧୀକ୍ଷକ ସୁରେନ୍ଦ୍ର ସ୍ୱାଇଁ । ଉଭୟଙ୍କୁ ସାକ୍ଷାତ କରି ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କଲି । ସ୍ୱାଇଁ ବାବୁ ସାହସ ଦେଲେ । ସାଥେ ସାଥେ ପୋଲିସ ପ୍ରୋଟେକ୍ସନ ମିଳିଲା । ସିଟି ହସ୍‌ପିଟାଲ କାମ୍ପସରେ ୪/୫ ଜଣ କନେଷ୍ଟବଲ ରହିଲେ ।

ଆମ ଚାରିପାଖରେ କ'ଣ ହେଉଛି ସେ ସଂର୍ପକରେ ଜାଣିବାର କୌତୁହଳ ମଣିଷର ସ୍ୱଭାବଗତ । ଚାରିପାଖର ଘଟଣା କିପରି ଆମକୁ ପ୍ରଭାବିତ କରିବ ତାକୁ ଜାଣିବା ପାଇଁ ମଧ କୌତୁହଳ । ଏ ଦୁଇଟି କାମ ସାମ୍ବାଦିକମାନେ କରନ୍ତି । ହେଲେ ମୁଁ କେବଳ ସ୍ୱାଭାବିକ ଭାବେ ପରିବେଶ ଉପରେ ମୋ ବକ୍ତବ୍ୟ ଦେଲି ।

Digitized by srujanika@gmail.com

ତାହା ଜଳଖିଆ ପରେ ସମ୍ମିଳନୀ ଶେଷ ହେଲା । ମୁଁ ଜଣେ ପ୍ରଶାସକ ଭାବେ ମୋ ଘରର ଗୁମର ପଦାରେ ପ୍ରକାଶ କରିବାକୁ ଦେଲିନି । ପରିବେଶ କ'ଣ ଓ ତାକୁ କିପରି ପ୍ରଦୂଷଣ ମୁକ୍ତ କରିପାରିବି । ସାମ୍ବାଦିକ ସମ୍ମିଳନୀ ଓ ପରିବେଶ ସୁରକ୍ଷା ଉପରେ ଚର୍ଚ୍ଚା ।

କାର୍ଯ୍ୟଭାର ଗ୍ରହଣ କଲାପରେ ଭବାନୀପାଟଣା ଖବର ଦେଲି । ସେଠାକୁ ଯାଇ ପିଲାମାନଙ୍କୁ ଓ ଜିନିଷପତ୍ର ଧରି ଆସିଲି ।

ଡା. କିଶୋର ମହାନ୍ତି ସେଠିକୁ ନୂଆ ସିଡିଏମ୍‌ଓ ଭାବେ ଆସିଥାନ୍ତି । ସେ ମୋ ସାଙ୍ଗ । ମୁଁ ଭବାନୀପାଟଣାରୁ ବିଦାବିଦି ହୋଇ ଆସି ନଥିଲି । ନୂଆ ସିଡିଏମ୍‌ଓଙ୍କ ଅଭ୍ୟର୍ଥନା ଓ ମୋର ବିଦାୟ କାଳୀନ ସଭା ଏକାବେଳକେ ହେଲା । ଭବାନୀପାଟଣାରୁ ଆସିବାପରେ ମୁଁ ମୋର କଲେଜଛକରେ ତିଆରି ହେଉଥିବା ଘରକୁ ଚାଲି ଆସିଲି । ସେଠି ରହିବା ଅବସରରେ ମୋ ଘରକାମ ଚାଲିଲା ।

ମୋ ବଡ଼ଝିଅ ଭବାନୀପାଟଣାରେ ବି.ଏସ୍.ସି ପଢୁଥାଏ । ସେ ସେଠି ରହିଲା ତା ପରୀକ୍ଷା ଶେଷ ପର୍ଯ୍ୟନ୍ତ । ଡାଃ ବ୍ରହ୍ମାନନ୍ଦ ପରିଡ଼ା ତା ଦାୟିତ୍ୱ ନେଲେ । ସେଠୁ ଆସି ରେଭେନ୍ସା କଲେଜରେ ବଟାନୀରେ ଏମ୍‌ଏସ୍‌ସି ପଢ଼ିଲା । ମତେ ସେଥିପାଇଁ ସମାଜସେବୀ ଗିରିଜା ଭୂଷଣ ପଟ୍ଟନାୟକ ସାହାଯ୍ୟ କରିଥିଲେ । ତାଙ୍କ ସ୍ତ୍ରୀ କମଳ ପଟ୍ଟନାୟକ ବଟାନୀର ମୁଖ୍ୟ ଏଚ୍.ଓ.ଡି ଥିଲେ । ବେବି ଆସି ରେଭେନ୍ସାରେ ବି.ଏସ୍.ସିରେ ନାମ ଲେଖାଇଲା । ସେ ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବୁର୍ଲା କଲେଜରେ ସିଟ୍ ପାଇଲା ଓ ସେଇଠି ନାମ ଲେଖାଇଲା । ପ୍ରଥମ ବର୍ଷରେ ବୁର୍ଲାରୁ କଟକ ବଦଳି ହୋଇ ପାରିଲାନି । ଦ୍ୱିତୀୟ ବର୍ଷରେ ସେ ଆସିବାକୁ ଚାହିଁଲାନି । ତୃତୀୟ ଝିଅ ଠୁବୁ ରେଭେନ୍ସା ଗାର୍ଲ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିଲା । ସେ ମୋ ସାଙ୍ଗରେ ସ୍କୁଲକୁ ଯାଏ । ମୁଁ ଅଫିସରୁ ଫେରିଲା ବେଳକୁ ନେଇ ଆସେ ବା ଆମର ଗୋଟିଏ ପିଅନ ତାକୁ ନେଇ ଆମ ଘରେ ଛାଡ଼ିଦିଏ । ବାବୁ ଓ ଟିକି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପଢ଼ିଲେ । ବାବୁ ତ ଟ୍ରାନ୍‌ସଫର ସାର୍ଟିଫିକେଟ୍ ଆଣିଥିଲା, ଟିକି ଏଇଠି ପାଠପଢ଼ା ଆରମ୍ଭ କଲା । ଉଭୟେ ତାଙ୍କ ସ୍କୁଲ ଗାଡ଼ିରେ ସ୍କୁଲକୁ ଯାନ୍ତି ଓ ସ୍କୁଲରୁ ଘରକୁ ଫେରନ୍ତି । ମୋ କାମ ସାଥିରେ ତାଙ୍କ ପାଠପଢ଼ା ଧୀର ମନ୍ଥର ଗତିରେ ଚାଲିଲା ।

କାର୍ଯ୍ୟଭାର ଗ୍ରହଣ କରିବାର କେଇଦିନ ପରେ ମୁଁ ଆମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦର୍ଶନକୁ ଗଲି । ମନ୍ତ୍ରୀ ମହୋଦୟ ଗର୍ଜନ କରି କହିଲେ "ଇଉ ଆର୍ ଦି ମୋଷ୍ଟ କରପ୍ଟ ସିଡିଏମ୍‌ଓ" ମନେ ମନେ ଭାବୁଥାଏ କହିବିକି "ଇଉ ଆର ଦି ମୋଷ୍ଟ କରପ୍ଟ ମିନିଷ୍ଟର"। ସାହସ ହେଲାନି । ଆଗକୁ ଚାକିରୀ ଆହୁରି ତିନି ବର୍ଷ । ଚାକିରୀ ମୋହ ଲୋଭ ସମ୍ବରଣ କରି ପାରିଲିନି । ମୁଣ୍ଡ ନୁଆଁଇ ଫେରି ଆସିଲି । ହେଲେ ତାର କୌଣସି ପ୍ରତିକ୍ରିୟା ମୋ ପରେ ପଡ଼ିଲାନି । ମୁଁ ତ କଂସାରିଘରର ପାରା । ମୁଁ ଜାଣିଥିଲି ମନ୍ତ୍ରୀଙ୍କ ପାଟି ବନ୍ଦ କରିବା ପାଇଁ ସେତିକି ଯଥେଷ୍ଟ ।

ଏବେ ମୁଁ ମୋ କାମ ଆରମ୍ଭ କଲି । ମୋ ପ୍ରଥମ କାମ ହେଲା କର୍ମଚାରୀ ମାନଙ୍କ ଭିତରେ ଶୃଙ୍ଖଳା ଫେରାଇ ଆଣିବା ଓ କିଛି ଆଖିଦୃଶିଆ କାମ ହାତକୁ ନେବା ।

Digitized by srujanika@gmail.com

ସିଟି ହସ୍ପିଟାଲକୁ ବାଗେଇଲି । ନିୟମିତ ଭାବରେ ଅପରେସନ କଲି । ଶଲ୍ୟ ଚିକିତ୍ସକ ଥାନ୍ତି ଡାଃ ଚିତ୍ତରଂଜନ ପଟ୍ଟନାୟକ । ସେ କିଛି କରୁ ନଥାନ୍ତି । ମୋ ବିରୁଦ୍ଧରେ ଅଭିଯୋଗ ହେଲା ସେ ସବୁବେଳେ ଅପରେସନ କରୁଛି, ଅଫିସକାମ କରିବ କେତେବେଳେ ? ମୁଁ ସେଥିପ୍ରତି କର୍ଣ୍ଣପାତ କଲିନାହିଁ ।

ଆମର ୩ୟ ଓ ୪ର୍ଥ ଶ୍ରେଣୀରେ ଯେଉଁ ସବୁ ଚାକିରୀ ଖାଲି ପଡ଼ିଥିଲା ତାକୁ ସବୁ ସବ୍‌ଡିଭିଜ୍‌ନାଲ ଅନୁସାରେ ବାଣ୍ଟି ଦିଆଗଲା । ଏସ୍‌ଡିଏମ୍‌ଓ ମାନଙ୍କୁ ବଛାବଛି କରିବାର ଦାୟିତ୍ୱ ଦିଆଗଲା । ସେଇଠି ଏକାଦିନରେ ସାକ୍ଷାତକାର, ବଛାବଛି, ନିଯୁକ୍ତିପତ୍ର ଓ ସାଥେସାଥେ କାର୍ଯ୍ୟରେ ଯୋଗଦାନ । ସେମାନଙ୍କୁ ଧରାଧରି କରିବାକୁ ସମୟ ଦିଆଗଲାନାହିଁ । କାହାରି ସୁପାରିଶକୁ ଶୁଣାଗଲା ନାହିଁ । ଏପରିକି ସେକ୍ରେଟେରି ମହାଶୟ କରିଥିବା ସୁପାରିଶକୁ ଏଡ଼ାଇ ଦିଆଗଲା । ଆଗରୁ ଗଡ଼ି ଆସୁଥିବା ପ୍ରାର୍ଥୀ ତାଲିକା ରଦ୍ଦ କରାଗଲା । ପୋଲିସ ସହାୟତା ମିଳିଲା । ସମସ୍ତଙ୍କ ମୁହଁ ବଂଦ । ସିଡିଏମ୍‌ଓ ଅଫିସ୍‌ରେ ଇଣ୍ଟରଭିଉ ନହେବାରୁ ଅଫିସ ଷ୍ଟାଫ୍ ଅସନ୍ତୁଷ୍ଟ ହେଲେ । ହେଲେ ଏଇ ସ୍ୱଚ୍ଛତା ପାଇଁ ମୋ ଭାବମୂର୍ତ୍ତି ବଢ଼ିଲା ।

ଡାକ୍ତରଖନା ଗୁଡ଼ିକରେ ଘନଘନ ପରିଦର୍ଶନ । ପ୍ରତି ଡାକ୍ତରଖାନାର ଜଣେ ଅଧେ କର୍ମଚାରୀକୁ ନିଲମ୍ବନ ବା ବଦଳି । ପରିଦର୍ଶନ ରିପୋର୍ଟ ସେଇଦିନ ଡାଇରେକ୍ଟରଙ୍କ ପାଖକୁ ପ୍ରେରଣ ଧାରାବାହିକ ଭାବେ ଚାଲିଲା । ବିଶେଷ କରି ସବ୍‌ଡିଭିଜିନାଲ୍ ହସ୍‌ପିଟାଲ ଉପରେ ଆଖି । କର୍ମଚାରୀ ମାନଙ୍କ ମନରେ ଭକ୍ତି ତ ନୁହେଁ ଭୟର ସଂଚାର ହେଲା । କିଛିଟା ଶୃଙ୍ଖଳା ଫେରିଲା ।

କେନ୍ଦ୍ରାପଡ଼ା ମୋ ନିଜ ସବ୍‌ଡିଭିଜନ । ଏ ସବ୍‌ଡିଭିଜନଟି ସବୁଠାରୁ ବିଶୃଙ୍ଖଳ । କଣ କରିହେବ ଚିନ୍ତା କରୁଥାଏ । ସବୁ ପି.ଏଚ୍.ସି ଡାକ୍ତର ମାନଙ୍କ ବିରୁଦ୍ଧରେ ଅଭିଯୋଗ । ବିଶେଷ କରି ଇନ୍ଦୁପୁର, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା ଓ ଖୋଦ କେନ୍ଦ୍ରାପଡ଼ା ହାସପାତାଳ । ଭାଗବତ ମହାନ୍ତି କେନ୍ଦ୍ରାପଡ଼ାର ଟାଣୁଆ ବିଧାନସଭା ସଦସ୍ୟ । ସେ ପଂଚାୟତ ସମିତି ମିଟିଂରେ ଇନ୍ଦୁପୁର ପି.ଏଚ୍.ସି କଥା ଉଠାଇଲେ । ସେଠି କେହି ରହୁ ନଥାନ୍ତି । ମୁଁ ସେ ମିଟିଂରେ କହିଲି ଆପଣ ଚୁପ୍ ରହିଲେ ମୁଁ ଇନ୍ଦୁପୁର ଅବସ୍ଥା ସୁଧାରି ଦେବି । ସେଇଦିନ ୨/୩ ଜଣ କର୍ମଚାରୀଙ୍କୁ ଚାକିରୀରୁ ନିଲମ୍ବନ କରାଗଲା । ଅବସ୍ଥା ସୁଧୁରି ଗଲା । ସେ ଚୁପ ରହିଲେ । ମୁଁ କୃତକାର୍ଯ୍ୟ ହେଲି । ଜଣେ ସାମ୍ବାଦିକ ଥିଲେ ଡାକ୍ତରଖାନା ବିରୁଦ୍ଧରେ ଲେଖିବାପାଇଁ । ଲୋକ ଲଗାଇ ତାଙ୍କ ମୁହଁ ବଂଦ କରିଦିଆଗଲା । କେନ୍ଦ୍ରାପଡ଼ାରେ ନୂଆ କରି ରକ୍ତଭଣ୍ଡାର ଖୋଲା ହେବାର ବ୍ୟବସ୍ଥା କରାଗଲା । ଆମ ଗ୍ରାମ ପଳସିଂହାରେ ବି ଗୋଟିଏ ଏ.ଏନ୍.ଏମ୍ ସବ୍‌ସେଣ୍ଟର ଖୋଲାଗଲା । ଆଶା ଥିଲା ଏହା ବଢ଼ି ବଢ଼ି ଦିନେ ଡାକ୍ତରଖାନାରେ ପରିଣତ ହେବ, ଆଶା ଆଶାରେ ରହିଗଲା ।

ଆଠଗଡ଼ ସବ୍‌ଡିଭିଜନଟି କମ୍ ବିଶୃଙ୍ଖଳ । ସେଠି ଡାକ୍ତର ଥାନ୍ତି ଚିତ୍ତରଂଜନ ସାହୁ । ସେ ମତେ ପୂର୍ଣ୍ଣମାତ୍ରାରେ ସାହାଯ୍ୟ କରିଛନ୍ତି । ଯାଜପୁର ବିଶୃଙ୍ଖଳ ହେଲେ ବି ଏସ୍‌ଡିଏମ୍‌ଓ ପ୍ୟାରୀମୋହନ ସିଂ କୌଣସି ପ୍ରକାରେ ଚଳାଇ ନେଉଥାନ୍ତି । ତା ଛଡ଼ା ସେଠି ମୁଁ ଆଗରୁ ଥିଲି । ମୋ ପ୍ରତି ସେଠିକା କର୍ମଚାରୀ ମାନଙ୍କର ଭୟ ଥିଲା । ଜଗତ୍‌ସିଂହପୁରରେ ଦ୍ୱୈତ ଶାସନ । ଅଧେ କଲେଜ ଅଧୀନରେ । ବାକି

Digitized by srujanika@gmail.com

ଛୋଟିଆ ସବ୍‌ଡିଭିଜନ । ବିଶେଷ କିଛି ଝାମେଲା ନଥାଏ । ସଦର ସବ୍‌ଡିଭିଜନ ମୁଁ ନିଜେ ଦେଖିଲି ।

ଡାକ୍ତର ମାନଙ୍କର ମାସିକିଆ ମିଟିଂ କଟକରେ ନକରି ପ୍ରତି ସବ୍‌ଡିଭିଜନରେ କରାଗଲା । ସେଇଠି ଅଭିଯୋଗପତ୍ର ଗୁଡ଼ିକର ଅନୁସଂଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । କୌଣସି ରାଜନୈତିକ ଚାପକୁ ଭ୍ରୂକ୍ଷେପ କରାଗଲା ନାହିଁ । କର୍ମଚାରୀ ମାନଙ୍କୁ ରାଜନେତା ମାନଙ୍କ ପାଖକୁ ଦୌଡ଼ିବା ପାଇଁ ସମୟ ବା ସୁଯୋଗ ଦିଆଗଲା ନାହିଁ । ଏବେ କର୍ମଚାରୀ ମାନଙ୍କର ମୋ ପ୍ରତି ଶ୍ରଦ୍ଧା ଓ ସମ୍ମାନ ବଢ଼ିଲା । ସେମାନେ ନିୟମିତ କାମ କଲେ । ପୂର୍ବପରି ସାମାନ୍ୟ କଥାରେ ଲୋକଙ୍କଠାରୁ ମାଡ଼ଗାଳି ଖାଇଲେ ନାହିଁ ।

ସବୁ ଜିଲ୍ଲା ପରି ଏଠି ବି ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । କ୍ୟାମ୍ପ କରିବା ପାଇଁ ଡାକ୍ତରମାନଙ୍କୁ ଗାଡ଼ି, ପେଟ୍ରୋଲ, କଣ୍ଟିଜେନ୍ସି ଯୋଗାଇ ଦିଆଗଲା । ଏ ଜିଲ୍ଲାରେ ସର୍ଜନ ଅଭାବ ନାହାନ୍ତି । କ୍ୟାମ୍ପ କରିବା ବି କଷ୍ଟକର ନୁହେଁ ।

ଆଇସିଡିଏସ୍ ଆଂଚଳିକ ଉନ୍ନୟନ ଯୋଜନା ଯକ୍ଷ୍ମା ନିରୋଧ ବାତଜ୍ୱର ଅନ୍ଧତ୍ୱ ଦୂରୀକରଣ ପାଇଁ ସ୍ୱତନ୍ତ୍ର ବିଭାଗମାନ କାର୍ଯ୍ୟ କରୁଛି । ବନ୍ୟାବାତ୍ୟା କଟକ ଜିଲ୍ଲାର ଚିର ସହଚର । ମୁଁ ଥିଲାବେଳେ କାଳିଆ ପାଣିର ଘୂର୍ଣ୍ଣିବାତ୍ୟାର ବିଭୀଷିକା ମତେ ସ୍ତବ୍ଧ କରିଦେଇଥଲା । ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେବା ପାଇଁ ଜିଲ୍ଲାକୁ କେତେଗୁଡ଼ିଏ ସେକ୍ଟରରେ ବିଭକ୍ତ କରଯାଇଛି । ପ୍ରତି ସେକ୍ଟର ଦାୟିତ୍ୱରେ ଜନସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ କର୍ମଚାରୀ । ସେଥିପାଇଁ ପବ୍ଲିକ୍ ହେଲ୍‌ଥ ସେକ୍ସନଟି ବିଶୃଙ୍ଖଳ ହେଲେବି ଏଠି ଅଧିକ କର୍ମପ୍ରବଣ ।

ମ୍ୟାଲେରିଆ ନିରାକରଣ ପାଇଁ ୪ଜଣ ଡାକ୍ତର ସମେତ ୫୦୦ ଜଣ କର୍ମଚାରୀ, କୁଷ୍ଠ ନିରାକରଣ ପାଇଁ ୧୨ଟି ଇଉନିଟ କାର୍ଯ୍ୟକାରୀ କରାଯାଇଛି । ୩୫୦ କର୍ମଚାରୀ ହିନ୍ଦ୍ କୁଷ୍ଠ ନିରାକରଣ ସମିତିର ରୋଗୀ ରହିବା ପାଇଁ ୪୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ।

କଟକ ଜିଲ୍ଲାରେ ମେଳା ମହୋତ୍ସବ ବର୍ଷସାରା ଲାଗି ରହିଛି । ସେଗୁଡ଼ିକୁ ସୂଚାରୁରୂପେ ନିୟନ୍ତ୍ରଣ କରିବା କଷ୍ଟକର ବ୍ୟାପାର । କେନ୍ଦ୍ରାପଡ଼ାର ବଳଦେବଜୀଉ, ଯାଜପୁରର ବିରଜା ପୀଠ, ଜଗତ୍‌ସିଂହପୁରର ସାରଳା, ଆଠଗଡ଼ର ଧବଳେଶ୍ୱର, ବଡ଼ମ୍ବାର ଉଗ୍ରତାରିକା, ବାଙ୍କିର ଚର୍ଚ୍ଚିକା । ସବୁଠି କିଛି ନା କିଛି ମେଳା ମହୋତ୍ସବ । ତା ପାଇଁ ସ୍ୱାସ୍ଥ୍ୟ ରକ୍ଷାର ବ୍ୟବସ୍ଥା । କେତେକ ମେଳାକୁ ମୁଁ ନିଜେ ଯାଇଛି ଫୁଡ୍ ଇନିସ୍‌ପେକ୍ଟର ଓ ହେଲ୍‌ଥ ଇନିସ୍‌ପେକ୍ଟର ମାନଙ୍କୁ ସାଥୀରେ ନେଇ । ୨ଜଣ ଫୁଡ୍ ଇନିସ୍‌ପେକ୍ଟର । ସେମାନେ ଖାଦ୍ୟ ଲାଇସେନ୍ସ ଦିଅନ୍ତି । ଖାଦ୍ୟ ସାମଗ୍ରୀ ସଂଗ୍ରହ କରି ପାିକ୍ଷାଗାରକୁ ପଠାନ୍ତି, ମିଶ୍ରଣ ଥିଲେ କେଶ୍ ହୁଏ କୋର୍ଟରେ ।

ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଜିଲ୍ଲା ଭିତରେ ଗସ୍ତ କରୁଥିବା ବେଳେ ତାଙ୍କ ଗହଣରେ ରହିବାକୁ ପଡ଼େ । ବଡ଼ ଜିଲ୍ଲା ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କର ବହୁତ ଗସ୍ତ । ତା ଛଡ଼ା ତାଙ୍କ ସହ ସଂପର୍କ ସ୍ଥାପନ କରିବାର ଇଏ ହେଲା ସୁବର୍ଣ୍ଣ ସୁଯୋଗ ।

Digitized by srujanika@gmail.com

କଟକରେ ରାଜନୈତିକ ହସ୍ତକ୍ଷେପ ଅତି ଉତ୍କଟ । ମୁଁ ସେମାନଙ୍କ ଅଭିଯୋଗ ମନଯୋଗ ସହକାରେ ଶୁଣେ । ଲେଖିରଖେ । ହେଲେ ସେମାନଙ୍କ ଇଙ୍ଗିତରେ କାମ କରେନି । ବରଂ ସେମାନଙ୍କ ହାତଲେଖା ଚିଠି ଗୁଡ଼ିକୁ ସେଇମାନଙ୍କ ବିରୁଦ୍ଧରେ ଲଗାଇଥାଏ । ଗୋଟିଏ ଦୁଇଟି ଉଦାହରଣ ଏଠାରେ ଦେଉଛି ।

ମୁଁ କାର୍ଯ୍ୟଭାର ଗ୍ରହଣ କରିବାପରେ ବହୁ ଅଭିଯୋଗ ହେଉଥିବାରୁ କର୍ମଚାରୀମାନେ କୌଣସି ଗୋଟିଏ ସ୍ଥାନରେ ୫ ବର୍ଷରୁ ଅଧିକ ରହି ପାରିବେ ନାହିଁ ବୋଲି ସର୍କୁଲାର ବା ବିଜ୍ଞାପନ ଜାରି କରିଥିଲି । ଯଦିଓ ସରକାରୀ ଆଇନରେ ଏହା ୩ବର୍ଷ ପାଇଁ ସୀମିତ । କିନ୍ତୁ ମୁଁ ଭଲଭାବରେ ଜାଣିଥିଲି ତାକୁ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ ।

ମାହାଙ୍ଗା ପି.ଏଚ୍.ସିର ଜଣେ କର୍ମଚାରୀଙ୍କୁ ମୁଁ ସାଲେପୁର ବଦଳି କଲି । ସେ ସେଠି ୧୭ ବର୍ଷ ରହିଥିଲେ । ମାହାଙ୍ଗା ସାଲେପୁରକୁ ଲାଗିଛି । ଏଥିରେ ମାହାଙ୍ଗା ବିଧାନସଭା ସଦସ୍ୟ ମତଲୁବ୍ ଅଲ୍ଲୀ ଉତ୍କ୍ଷିପ୍ତ ହୋଇ ମୋ ପାଖକୁ ୨/୩ ପୃଷ୍ଠାର ଖଣ୍ଡିଏ ଚିଠି ଲେଖିଲେ । ତାର ସାରମର୍ମ ହେଲା ମୋ ନିର୍ବାଚନ ମଣ୍ଡଳୀର କର୍ମଚାରୀ ଉପରେ ତୁମ ଆଖି ପଡ଼ିଲା । ମୁଁ ତାଙ୍କୁ ଯଥେଷ୍ଟ ସମ୍ମାନ ଦିଏ । ସେ ମତେ ବହୁତ ସାହାଯ୍ୟ କରିଛନ୍ତି । ମୁଁ ଫୋନ୍‌ରେ ତାଙ୍କ ସହ କଥାବାର୍ତ୍ତା କଲି । ପରଦିନ ଘରେ ଯାଇ ସାକ୍ଷାତ ବି କଲି । ରାଗ ଟିକିଏ ଥଣ୍ଡା ପଡ଼ିଲା । ତଥାପି କହିଲେ ଆମକୁ ତ ପୁଣି ନିର୍ବାଚନ ମଣ୍ଡଳୀ ଦେଖିବାକୁ ପଡ଼ିବ । ସବୁଠି ନ୍ୟାୟ ଖୋଜିଲେ କିପରି ହେବ ?

ଜଣେ ମନ୍ତ୍ରୀଙ୍କ ଧର୍ମପତ୍ନୀ ବହୁ ସମୟରେ ଫୋନ କରନ୍ତି । ମୁଁ ବାବୁଙ୍କୁ କହିବି ବୋଲି କହନ୍ତି । ମୁଁ ଫୋନ ରଖିଦିଏ । ଥରେ ଜଣେ ବିଧାନସଭା ସଦସ୍ୟ ଅଫିସରେ ଜବରଦସ୍ତ ପଶୁଥିଲେ । ମୋ ପିଅନ ତାଙ୍କୁ ଅଟକାଇ ଦେଲା । ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ଫୋନ୍ କଲେ ମୋ ଏମ୍ଏଲ୍ଏ ମାନଙ୍କୁ ଅଫିସକୁ ଯିବାକୁ ଦେଉନ ? ମୁଁ ନମ୍ର ଭାବରେ ଉତ୍ତର ଦେଲି ମୁଁ ତ ସବୁ ଏମ୍ଏଲ୍ଏ ମାନଙ୍କୁ ଚିହ୍ନି ନାହିଁ । ସେ ନାମ ଲେଖି ଖଣ୍ଡେ ପ୍ରବେଶ ପତ୍ର ଦେଇ ପାରିଥାନ୍ତେ ବା ଫୋନ୍‌ରେ ମୋ ସହିତ ପରିଚୟ ଦେଇ କଥାବାର୍ତ୍ତା ହୋଇ ପାରିଥାନ୍ତେ । ସେ ତମ୍‌ତମ୍ ହୋଇ ଫୋନ୍ ରଖିଦେଲେ । ସେ ଯାହାହେଉ ରାଜନୈତିକ ହସ୍ତକ୍ଷେପ କମିଲା ।

କଟକ ଜିଲ୍ଲା ସ୍ୱାସ୍ଥ୍ୟ ସେବା ସଂସ୍ଥାରେ ବିଶୃଙ୍ଖଳା ମୂଳରେ ଥିଲେ ଦୁଇଜଣ । ତନ୍ମଧ୍ୟରୁ ଜଣକ ପ୍ରଭାବ ପ୍ରତିହତ କରିବା ପାଇଁ ମୁଁ ନିଜେ ଆମ ଡାକ୍ତରୀ ସଂଘ ଓମସାର ପ୍ରେସିଡେଣ୍ଟ ପଦ ପାଇଁ ପ୍ରାର୍ଥୀ ହେଲି ୧୯୮୫ରେ । ଅନ୍ୟ ଦୁଇଜଣ ପ୍ରାର୍ଥୀ ଥିଲେ ଡାଃ. ଶଶୀମଣି ପଣ୍ଡା ଓ ଡାଃ ବୈକୁଣ୍ଠ ମିଶ୍ର । ସେ ଦୁଇଜଣ ମେଡ଼ିକାଲ କଲେଜର । ମୋର ବିଜୟ ସୁନିଶ୍ଚିତ ବୋଲି ଧରିନେଲି । କିନ୍ତୁ ଡାକ୍ତର ଭୂୟାଁ ତାଙ୍କ ଗୋଟି ଚାଳନା ଆରମ୍ଭ କରିଦେଲେ ।

୧୬.୪.୮୫ରେ ରାଜନଗରରେ ଗୋଟିଏ ସ୍ତ୍ରୀଲୋକର ଗର୍ଭ ନିରୋଧକ ଅପରେସନ ପରେ ମୃତ୍ୟୁ ହୋଇଯିବାରୁ ଟଙ୍କା ପଇସା ଧରି ସମ୍ଭାବ୍ୟ ଗଣ୍ଡଗୋଳକୁ ପ୍ରଶମନ ପାଇଁ ମୁଁ ସେଠାକୁ ଯାଇଥାଏ । ଫେରିଲାବେଳକୁ ସିଡିଏମ୍ଓ ଅଫିସରେ ଲଙ୍କାକାଣ୍ଡ । ଆମ ଏଡିଏମ୍ଓ ପିଏଚ୍‌କୁ ତାଙ୍କ ଅଫିସର କିରାଣୀ ସଦାଶିବ ମିଶ୍ର ଦୁର୍ବ୍ୟବହାର (କାନି ଟାଣି ଦେଇଛି) କରିଛି ବୋଲି ଅଭିଯୋଗ କରି ସେ ଲାଲବାଗ

Digitized by srujanika@gmail.com

ଥାନାରେ ଏଫ୍ଆଇଆର ଦେଇଛନ୍ତି । ଗୋଟେ ପଟେ ଡାକ୍ତର ଅନ୍ୟ ପଟେ ଅଣଗେଜେଟେଡ୍ କର୍ମଚାରୀ ସଂଘ । ଡାକ୍ତର ଭୂୟାଁଙ୍କ ଇଙ୍ଗିତରେ ମୋର ବିରୋଧୀ ଡାଃ ଶଶିମଣି ପଣ୍ଡା ଆସି ମିଟିଂ କରି ଯାଇ ସାରିଲେଣି । ଏଇଟା ମୋର କଟକରେ ପ୍ରଥମ ଅଗ୍ନି ପରୀକ୍ଷା ।

ସଦାଶିବ ମିଶ୍ର ଅଣଗେଜେଟେଡ୍ କର୍ମଚାରୀ ସଂଘର ନେତା । କର୍ମଚାରୀ ମାନଙ୍କ ନିଯୁକ୍ତି, ଅଦଳବଦଳ ସବୁ ତାଙ୍କରି ପରାମର୍ଶରେ ସିଡିଏମ୍‌ଓମାନେ କରନ୍ତି । ସେ ରାଜନେତା ମାନଙ୍କ ସହ ଘନିଷ୍ଠ ଭାବେ ସଂପୃକ୍ତ । ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କର ଖୋଦ ଲୋକ । ତେଣୁ ସେ ଅଫିସରେ କାହାରିକୁ ଖାତିର କରନ୍ତି ନାହିଁ । ଏଡିଏମ୍‌ଓ ପି.ଏଚ୍ ଗୋଟିଏ କାଠ କଣ୍ଢେଇ ପରି ରହିଥାନ୍ତି ।

ମୁଁ ସଦାଶିବ ମିଶ୍ରଙ୍କୁ ଡାକି ପଚାରିଲି । ସେ ମୋ ପାଦ ଛୁଇଁ କହିଲେ, "ମୁ ଚଞ୍ଚଳା ମିତ୍ରଙ୍କ ପ୍ରତି କୌଣସି ଅସୌଜନ୍ୟ ବ୍ୟବହାର କରିନାହିଁ । ମୋର ତାଙ୍କ କଥାରେ ବିଶ୍ୱାସ ହେଲା । କିଛି ଅଫିସ କର୍ମଚାରୀ ଓ ସବୁ ଡାକ୍ତର ମାନଙ୍କୁ ଜଣଜଣ କରି ଡାକି ପଚାରିଲି । ସେମାନଙ୍କ ଭିତରୁ କେହି ଜଣେ ହେଲେ ଏ ଘଟଣା ଦେଖିଛନ୍ତି ବୋଲି କହିଲେ ନାହିଁ । ତାସତ୍ୱେ ମୁଁ ତାଙ୍କୁ କୈଫୟତ ମାଗି ୨୨.୪.୮୫ରେ ପ୍ରୋସିଡିଙ୍ଗ ଡ୍ର କଲି ।

ଏ ଘଟଣା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଓ ସେକ୍ରେଟେରୀ ଜାଣି ତାଙ୍କ ସିଦ୍ଧାନ୍ତ ନେଇ ସାରିଲେଣି । ଡାଇରେକ୍ଟର ଥାନ୍ତି ସତ୍ୟ ନାରାୟଣ ଶତପଥୀ । ସେ ଫୋନ୍ କରି ଘଟଣା ସମ୍ବନ୍ଧରେ ମତେ ପଚାରିଲେ । ମୁଁ ଜବାବ ଦେଲି ମୁଁ ଯାହା ଜାଣିଛି ଏ ଅଭିଯୋଗରେ କୌଣସି ସତ୍ୟତା ନାହିଁ ।

ଡାଃ. ଶତପଥୀ ଫୋନ୍‌ରେ ଡାକି କହିଲେ ସେକ୍ରେଟେରୀ ଚାହୁଁଛନ୍ତି, ସଦାଶିବଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଦିଅ । ମୁଁ କହିଲି ଆପଣ ଅର୍ଡର ପଠାନ୍ତୁ । ସେ ମୋତେ ଭଲ ଭାବରେ ଜାଣନ୍ତି । ମୁଁ ଅବାଟରେ ଗୋଡ଼ ଦିଏନି କି ସହଜରେ ମୋ ମତ ପରିବର୍ତ୍ତନ କରେନି । ସେ ସେକ୍ରେଟେରୀଙ୍କୁ କହିଲେ ଆପଣ ଅର୍ଡର ନ କଲେ ଡାକ୍ତର ପରିଡ଼ା ଶୁଣିବନି । ଜଣେ ଆଇଏଏସ୍ ଅଫିସର ସିଡିଏମ୍‌ଓଙ୍କୁ ବିଶ୍ୱାସକୁ ନ ନେଇ, ଏପରିକି ତାଙ୍କୁ ଟିକିଏ ଫୋନ୍‌ରେ ନ ପଚାରି ୨୪.୪.୮୫ରେ ସସ୍‌ପେଣ୍ଡ କରିବାକୁ ଟେଲିଗ୍ରାଫିକ୍ ଅର୍ଡର ପଠାଇଲେ । ମୁଁ ଜାଣେ ତାର ପରିଣତି ଯାହା ହେବ । ସେକ୍ରେଟେରୀଙ୍କର ସସ୍‌ପେଣ୍ଡ କରିବା କ୍ଷମତା ନାହିଁ । ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି କରିଥାନ୍ତି ସିଡିଏମ୍‌ଓ । ଯା ହେଉ ମୁଁ କାଳ ବିଳମ୍ବ ନ କରି ସଦାଶିବ ମିଶ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କଲି । As directed by Secy. Health Sadasiv Mishra is placed under suspension with immediate effect.

କନଫାର୍ମେସନ ପାଇଁ ଫୋନ୍‌ରେ ହୋଇଥିବା ସମସ୍ତ କଥାବାର୍ତ୍ତା ଉଲ୍ଲେଖ କରି ନିଲମ୍ବନ ଅର୍ଡରକୁ ଡାଇରେକ୍ଟର ଓ ସେକ୍ରେଟେରୀଙ୍କ ପାଖକୁ ପଠାଇଦେଲି । ସଦାଶିବ ବାବୁ ଅର୍ଡର ନେଲେନି । ଛୁଟି ଦରଖାସ୍ତ ପକାଇ ଘରକୁ ଚାଲିଗଲେ । ଏ ଅର୍ଡର ତାଙ୍କ ଘରେ ଝୁଲାଇ ଦିଆଗଲା ଓ ସେହି ୨୪.୪.୮୫ରେ ସମାଜ ଓ ପ୍ରଜାତନ୍ତ୍ରରେ ପ୍ରକାଶ କରାଗଲା ।

Digitized by srujanika@gmail.com

ମୁଁ ସଦାଶିବଙ୍କୁ ପ୍ରୋତ୍ସାହନ ଦେଉଛି ବୋଲି ପ୍ରତିଦ୍ୱନ୍ଦ୍ୱିମାନେ ପ୍ରଚାର ଚଳାଇଲେ । ସେକ୍ରେଟେରୀ ସାହେବ ତାଙ୍କ ବେଆଇନ ଅର୍ଡରକୁ କାର୍ଯ୍ୟକାରୀ କରାଇବାକୁ ମତେ ବାଟରୁ ହଟାଇବା ପାଇଁ ପ୍ରୟାସ ଜାରି ରଖିଲେ । ପ୍ରଥମେ ମତେ ସସ୍‌ପେଣ୍ଡ କରିବାକୁ ମସୁଧା ଚାଲିଲା । ଆପାରଗ ସିଡିଏମ୍‌ଓ ବୋଲି ଚିତ୍ରଣ କରାଗଲା । ଏତ ରାଜନୀତିର ଖେଳ । ଅଣଗେଜେଟେଡ୍ କର୍ମଚାରୀ ସଂଘ ବହୁତ ବଳବାନ । ମୁଁ ବି ମୋ ଜାଲ ବିଛାଇଲି । ୧୪ ଜଣ ବିଧାନ ସଭା ସଦସ୍ୟ, ୨ ଜଣ ଲୋକ ସଭା ସଦସ୍ୟ ଓ ୪ ଜଣ ମନ୍ତ୍ରୀ ଅଡ଼ି ବସିଲେ, ଯଦି ସିଡିଏମ୍‌ଓ ଅପାରଗ, ଡାଇରେକ୍ଟର ଓ ସେକ୍ରେଟେରୀ କଲେ କ'ଣ ? ସମସ୍ତଙ୍କୁ ନିଲମ୍ବନ କରାଯାଉ । ଶେଷରେ ନିଲମ୍ବିତ କରା ନଯାଇ ମତେ ବଦଳି କରାଗଲା ଫୁଲବାଣୀକୁ ସିଡିଏମ୍‌ଓ ଭାବେ । ଅର୍ଡର ନଂ ୧୮୬୨୬ ଅଫ୍ ୧୬.୭.୮୫ କଟକ ଜିଲ୍ଲାର ମୁଖ୍ୟ ଚିକିତ୍ସକ ରୂପେ କାର୍ଯ୍ୟ କରୁଥିବା ଡାକ୍ତର ହୃଷୀକେଶ ପରିଡ଼ାଙ୍କୁ ବଦଳି କରାଯାଇ ଫୁଲବାଣୀ ଜିଲ୍ଲାର ମୁଖ୍ୟ ଚିକିତ୍ସକ ଭାବେ ଡାକ୍ତର ଅନିରୁଦ୍ଧ ଆଚାର୍ଯ୍ୟଙ୍କ ସ୍ଥାନରେ ମୁତୟନ କରାଗଲା । ଡାଃ. କାଳୀପଦ ପଣ୍ଡାଙ୍କୁ କଟକରେ ମୁତୟନ କରାଗଲା । ହେଲେ ଏ ଆଦେଶ କାର୍ଯ୍ୟକାରୀ ହେବା ତ ଦୂରର କଥା ପକ୍ଷମାନଙ୍କୁ ଦିଆଯାଇ ପାରିଲା ନାହିଁ । ମାସକ ଭିତରେ ରଦ୍ଦ କରାଗଲା । ଅର୍ଡର ନଂ ୨୩୨୧୦ ଅଫ୍ ୨୮.୮.୮୫ । ଗଂଜାମ ଜିଲ୍ଲାର ମୁଖ୍ୟ ଚିକିତ୍ସକ ଡାକ୍ତର କାଳୀପଦ ପଣ୍ଡା ଏବଂ କଟକ ଜିଲ୍ଲାର ମୁଖ୍ୟ ଚିକିତ୍ସକ ହୃଷୀକେଶ ପରିଡ଼ାଙ୍କୁ ଯଥାକ୍ରମେ ବିଭାଗୀୟ ଆଦେଶ ସଂଖ୍ୟା ୧୮୬୨୫ ଓ ୧୮୬୨୬ ଅଫ୍ ୧୬.୭.୮୫ରେ କଟକ ଜିଲ୍ଲାର ମୁଖ୍ୟ ଚିକିତ୍ସକ ଓ ଫୁଲବାଣୀ ଜିଲ୍ଲାର ମୁଖ୍ୟ ଚିକିତ୍ସକ ଭାବେ ବଦଳି ଓ ମୁତୟନ କରାଯାଇଥିବା ଆଦେଶନାମା ରଦ୍ଦ କରାଗଲା । ଅସଲ ଉଦ୍ଦେଶ୍ୟ ଥିଲା ମତେ ନିଲମ୍ବନ କରାଯାଇଛି କି ବଦଳି କରାଯାଇଛି ବୋଲି ପ୍ରଚାର କରି ନିର୍ବାଚନ ରଣାଙ୍ଗନରେ ପୂର୍ବତନ ନେତାଙ୍କ କୂଟନୀତି, ସେକ୍ରେଟେରୀଙ୍କ ଅଭିମାନ, ଡାଇରେକ୍ଟରଙ୍କର ବ୍ରାହ୍ମଣପ୍ରୀତି କୌଣସିଟା କାମ ଦେଲାନି । ମୁଁ ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେଲି । ହେଲେ ନାଟକର ଯବନିକା ପଡ଼ିଲା ନାହିଁ । ଏ ଥିଲା ମାତ୍ର ଗୋଟିଏ ଦୃଶ୍ୟ ।

ସେହି ୨୪.୪.୮୫ରୁ ପ୍ରତିଦିନ ପୋଲିସ ଘେରରେ ସିଟି ହସ୍ପିଟାଲ କାମ୍ପସରେ ଅଣଗେଜେଟେଡ୍ କର୍ମଚାରୀ ସଂଘର ମିଟିଂ ଚାଲିଲା, ସଦାଶିବ ମିଶ୍ରର ନିଲମ୍ବନ ଆଦେଶ ରଦ୍ଦ ହେବା ପର୍ଯ୍ୟନ୍ତ । ସଦାଶିବ ମିଶ୍ରଙ୍କ ପଛରେ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଆଶୀର୍ବାଦ । ତାଙ୍କ ନିଲମ୍ବନ ଆଦେଶ ୩.୫.୮୫ରେ ରଦ୍ଦ ହେଲା । ମୁଁ ଟିକିଏ ନିଃଶ୍ୱାସ ମାରିଲି । ସେ କାମରେ ଯୋଗଦାନ କରିବା ପରେ ତାଙ୍କ ବିରୁଦ୍ଧରେ ୨୨.୪.୮୫ରେ ଅଣାଯାଇଥିବା ଅଭିଯୋଗ ପତ୍ର ତାଙ୍କୁ ୮.୫.୮୫ରେ ଦିଆଗଲା । ସେ ତାକୁ ଗ୍ରହଣ କଲେ । ତାଙ୍କୁ ପବ୍ଲିକ୍ ହେଲ୍‌ଥରୁ ମ୍ୟାଲେରିଆ ସେକ୍‌ସନକୁ ବଦଳି କରାଗଲା । ସେ ପୋଷ୍ଟଟି ତଦାରଖକାରୀ ପୋଷ୍ଟ (ସୁପରଭାଇଜରୀ ପୋଷ୍ଟ) ନ ହୋଇଥିବାରୁ ଆପତ୍ତି ଉଠାଇଲେ । ମୁଁ ଶୁଣିଲିନି । ଧାରଣା ଦିଆଯାଇଥିବା ସମୟର ଦରମା ଦିଆଗଲା । ହୋ ହଲ୍ଲା ଚାଲିଲା । କାନ୍ଥବାଡ଼ରେ ଅନେକ କଥା ଲେଖାଗଲା ।

୧୧.୮.୮୫ରେ ଓମ୍‌ସା ନିର୍ବାଚନ । ନିର୍ବାଚନ ସଭା ଓ ଭୋଟ ଭୁବନେଶ୍ୱରରେ । କଟକରେ ହୋଇଥିଲେ ମୁଁ ହୁଏତ କିଛି ଅଧିକ ଭୋଟ ପାଇଥାନ୍ତି ।

Digitized by srujanika@gmail.com

ନିର୍ବାଚନ ସଭାରେ ଜଣେ ଡାକ୍ତର କାନ୍ଦି କାନ୍ଦି କହିଲେ, "ଗୋଟେ କିରାଣୀ ମୋ ଇଜ୍ଜତ ନେଲା, ଡାକ୍ତର ପରିଡ଼ା ତାକୁ ସମର୍ଥନ କଲେ ।" ଲଜ୍ଜାକର ଲଜ୍ଜାକର ବୋଲି ଚାରିଆଡ଼ୁ ଚିତ୍କାର ଓ ତାଳିମାଡ଼ ହେଲା । ତାଙ୍କୁ ହିଁ ସମର୍ଥନ କରି ବହୁତ ବକ୍ତା ଭାଷଣ ଦେଲେ । କେବଳ ବିରୋଧ କରିଥିଲେ ଡାଃ. ଚିତ୍ତରଂଜନ ସାହୁ । ମୁଁ ମୋ ଭାଷଣରେ କହିଲି - କୋର୍ଟରେ କେଶ୍ ଚାଲିଛି । ଆଇନ ତା ବାଟରେ ଯିବ । ମୁଁ ଆଇନ ଅନୁମୋଦିତ ପନ୍ଥାରେ କାମ କରି ଚାଲିଛି । ଆଇନକୁ ନିଜ ହାତକୁ ନେଲେ ଆମେ ତ କାହାରିକୁ ସାହାଯ୍ୟ କରି ପାରିବା ନାହିଁ, ବରଂ ଜନ ସାଧାରଣଙ୍କ ଦ୍ୱାରା ନିନ୍ଦିତ ହେବା । ମେ ବକ୍ତବ୍ୟର ପ୍ରଭାବ ପଡ଼ିଲା ନାହିଁ ।

ଭୋଟ ହେଲା । କଟକ ଜିଲ୍ଲା ଡାକ୍ତରମାନେ ବି ମୋ ବିରୁଦ୍ଧରେ ଭୋଟ ଦେଲେ । ଭୋଟରେ ମୁଁ ହାରିଲି । ଡାଃ ଶଶିମଣି ପଣ୍ଡା ଜିତିଗଲେ । ମୁଁ ସାଙ୍ଗେ ସାଙ୍ଗେ ତାଙ୍କୁ ଅଭିନନ୍ଦନ ଜଣାଇ ସଂଘ କାମରେ ସବୁ ପ୍ରକାର ସହଯୋଗ ଦେବାକୁ ପ୍ରତିଶ୍ରୁତି ଦେଲି ।

ସବୁ ଈଶ୍ୱରଙ୍କ ଇଚ୍ଛା । ମୁଁ ତାଙ୍କ ପାଖରେ କୃତଜ୍ଞତା ଜଣାଇଲି । ମୁଁ ଯାହା ଚାହୁଁଥିଲି ହାସଲ କରିପାରିଛି ।

ଏଣିକି ମୋର ଦୁଃଖର ସମୟ ଆସିଗଲା । କଟକ ଜିଲ୍ଲାରେ ମୁଁ ମୋ ପ୍ରଭାବ ବିସ୍ତାର କରି ଆସୁଥିବାବେଳେ ବିପଦ ମାଡ଼ି ଆସିଲା ।

ପ୍ରଥମେ ମୋ ପୁଅ ଦେହ ଖରାପ ହେଲା । ମୁଣ୍ଡ ବିଂଧା ସାଥିକୁ ଘନ ଘନ ବାନ୍ତି । ଉପର ଆଖିପତା ପଡ଼ି ଯାଉଥାଏ । ଘରେ ସାଲାଇନ ଚାଲିଥାଏ । ଡାଃ ସନାତନ ରଥଙ୍କ ପରାମର୍ଶ କଲି । ସେ ବ୍ରେନ୍ ଟ୍ୟୁମର ବୋଲି କହିଲେ । ଗୋଟିଏ ବୋଲି ପୁଅ । ଡାକ୍ତର ବ୍ରହ୍ମାନନ୍ଦ ଆଚାର୍ଯ୍ୟଙ୍କୁ ଡାକି ଆଣି ଦେଖାଇଲି । ସେ ବ୍ରେନ୍ ଟିବି (ଟ୍ୟୁବର କୁଲୋମା) ବୋଲି କହି ଟିବି ଔଷଧ ଲେଖିଦେଲେ । ମୁଁ ଭାଙ୍ଗିପଡ଼ିଲି । ଏତିକିବେଳେ ଆଠଗଡ଼ ଏସ୍‌ଡିଏମ୍‌ଓ ଡାଃ ଚିତ୍ତରଂଜନ ସାହୁ ମତେ ବହୁତ ସାହସ ଦେଲେ । ସେତେବେଳେ କେବଳ ହୋଟେଲ ଲର୍ଡ୍‌ସ୍‌ରେ ବ୍ରେନ୍ ଫଟୋ (ସିଟି ସ୍କାନିଂ) ଉଠା ଯାଉଥାଏ । ସେ ବାବୁକୁ ଆଣି ନିଜେ ଯାଇ ସ୍କାନିଂ କରି ଆଣିଲେ । କିଛି ବାହରିଲା ନାହିଁ । ମୁଁ ସାମାନ୍ୟ ଆଶ୍ୱସ୍ତ ହେଲି । ମୋ ପୁଅ ଘରେ ଥାଏ । ଆମ ସମସ୍ତଙ୍କର ଖିଆ ପିଆ ବନ୍ଦ । ଶିଶୁ ବିଭାଗର ଡାଃ ସୁବୋଧ ପ୍ରହରାଜ, ଡାଃ ସଂଗ୍ରାମ ବେହେରା ଆମ ଘରେ ଏକ ପ୍ରକାର ରହିଥାନ୍ତି । ପ୍ରଫେସର ରବି ସାହୁ ଆସି ଦେଖିଲେ, କିଛି ନ ପାଇବାରୁ ଚକ୍ଷୁ ବିଭାଗର ଡାକ୍ତର କେ.ସି ପାଢ଼ୀଙ୍କୁ ଦେଖାଇବାକୁ ପରାମର୍ଶ ଦେଲେ । ଡାଃ. ପାଢ଼ୀ ଆସିଲେ । ତା ଆଖି ଦେଖି ଆଖି ଖରାପ ଅଛି କହି ଚଷମା ଦେଲେ । ଚଷମା ବ୍ୟବହାର କରିବାରୁ ସେ ଭଲ ହୋଇଗଲା । ଆମେ ବାପ ମା ଠାକୁରଙ୍କୁ ମୁଣ୍ଡିଆ ମାରିଲୁ ।

## ମୋ ସ୍ୱାସ୍ଥ୍ୟର ଅବନତି

ମାର୍ଚ୍ଚ ୧୯୮୪ରୁ ମୋ ପରିସ୍ରାରେ ବେଗ ବଢ଼ିବାକୁ ଲାଗିଲା । ପରିସ୍ରା ସାମାନ୍ୟ ପୋଡ଼ିଲାବି । ମୁଁ ବିଶେଷ ଗୁରୁତ୍ୱ ନଦେଇ ଆଣ୍ଟିବାୟୋଟିକ୍ ଔଷଧ ଖାଇ ଦେଉଥାଏ । ଜୁଲାଇ ୧୯୮୪ରେ ପରିସ୍ରା ପରେ ପ୍ୟାଣ୍ଟରେ ଟିକିଏ ଦାଗ ଲାଗିଲା । ଡିସେମ୍ବର ୧୯୮୪ରେ ପରିସ୍ରାରେ ରକ୍ତ ଦେଖାଗଲା । ଔଷଧ ଖାଇଲି ।

Digitized by srujanika@gmail.com

୧୯୮୫ ଫେବୃୟାରୀରେ ମୋର ପରିସ୍ରା ଶେଷରେ ରକ୍ତ ପଡ଼ିବାରୁ ସର୍ଜରୀ ପ୍ରଫେସର ଖାଡ଼ଙ୍ଗାଙ୍କ ସହ ପରାମର୍ଶ କଲି । ତାଙ୍କ କହିବା ଅନୁସାରେ ରକ୍ତ ପ୍ରରୀକ୍ଷା କରିବାରୁ ରକ୍ତରେ ରକ୍ତ ଶର୍କରା ଅଧିକ ଥିବାର ଜଣା ପଡ଼ିଲା । ଖାଲିପେଟରେ ୧୦୦ ମି.ଗ୍ରା ଖାଇ ସାରିବା ପରେ ୧୮୦ ମି.ଗ୍ରାମ ପ୍ରତି ୧୦ ୦ସିସି ରକ୍ତରେ । ଫଟୋରେ କିଛି ବାହାରିଲା ନାହିଁ । ମଧୁମେହ ବିଶେଷଜ୍ଞ ଡାକ୍ତର କ୍ଷିତିଶ ସାମଲଙ୍କ ପରାମର୍ଶରେ ଔଷଧ ଖାଇଲି ମଧୁମେହ ପାଇଁ । ଡିସେମ୍ବର ୧୯୮୫ରେ ପରିସ୍ରାରେ ପୁଣି ରକ୍ତ ପଡ଼ିଲା ଓ ପେଟ ଦରଜ ହେଲା । ପିତ୍ତନଳୀରେ କିଛି ଥାଇପାରେ ଭାବି ଫଟୋ ଉଠାଇଲି । କିଛି ବାହାରିଲା ନାହିଁ । ନିଦାନ ବିଭାଗ ଡାକ୍ତର ପ୍ରଫେସର ଗୌରୀଶଙ୍କର ଆଚାର୍ଯ୍ୟ ପରିସ୍ରା କଲ୍‌ଚର କଲେ । ସେଥିରେ କୌଣସି ଜୀବାଣୁ ଥିବାର ଜଣା ପଡ଼ିଲା ନାହିଁ । ପ୍ରଫେସର ରାଜକିଶୋର ଦାଶ (ସର୍ଜରୀ)ଙ୍କ ପରାମର୍ଶରେ ଫାଇଲେରିଆ ଔଷଧ ଖାଇଲି । ଉପଶମ ମିଳିଲାନି । ମୂତ୍ରାଶୟ-ବୃକକ୍‌ରେ କିଛି ଥାଇପାରେ ଆଶଙ୍କା କରି ଆଇ.ଭି.ପି କରାଗଲା । ଫଟୋରୁ ବୃକକ୍‌ରେ କର୍କଟ ରୋଗ ବୋଲି କେହି କେହି ଯୁବ ଡାକ୍ତର ସଂଦେହ କଲେ । ମୁଁ ଘରେ କିଛି କହୁ ନଥାଏ । ଛୋଟ ଛୋଟ ପିଲା । କ୍ୟାନସର ରୋଗ ତା ପୁଣି ବୃକକ୍‌ରେ । ମୋର ସହପାଠୀ ପ୍ରଫେସର ଡାଃ. ବାଳଚାନ୍ଦ ଅଗରୱାଲା ଦେଖି ପ୍ରୋଷ୍ଟେଟ୍‌ଗ୍ଲାଣ୍ଡ ବଢ଼ିଛି ବୋଲି ସଂଦେହ କରି ଦିଲ୍ଲୀ ଯାଇଁ ପରାମର୍ଶ କରିବାକୁ କହିଲେ । ସେଠିକାର ଇଉରୋଲଜି ପ୍ରଫେସରଙ୍କ ପାଖକୁ ଖଣ୍ଡିଏ ଚିଠି ବି ଲେଖିଦେଲେ । ତାଙ୍କ ସୁପାରିଶ କ୍ରମେ ମୋ ଦିଲ୍ଲୀ ଖର୍ଚ୍ଚ ପାଇଁ ୧୮.୭.୮୬ରେ ଡାଇରେକ୍ଟର ୫ ହଜାର ଟଙ୍କା ମଂଜୁର କଲେ । ୨୮.୭ ୮୬ରେ ମୁଁ ଘରେ କିଛି ନକହି ଡାଃ ରାଜକିଶୋର ଦାସଙ୍କ ପୁଅଙ୍କୁ ସାଥିରେ ନେଇ ଦିଲ୍ଲୀ ପଳାଇଲି । ଡାଃ ଦାଶ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାରେ ଟ୍ରେନିଂ ନେଇଥିଲେ ଓ ସେତେବେଳେ ଚାନ୍ଦୋଳ ଡାକ୍ତରଖାନାରେ କାମ କରୁଥିଲେ । ମାତ୍ର ଆଠଦିନ ଛୁଟିରେ ଯାଇଥିଲି ।

ସେଠି ପ୍ରଥମେ ଆଭନ ଗେଷ୍ଟହାଉସରେ ରହିଲି । ସବୁ ଜଣା ଅଜଣା ଓଡ଼ିଆ ଡାକ୍ତର ଲାଗିଗଲେ । ୩୧.୭.୮୬ରେ ଏଆଇଏମ୍‌ଏସ୍‌ରେ ଫଟୋ ଉଠିଲା ଓ ପ୍ରୋଷ୍ଟେଟ ଗ୍ଲାଣ୍ଡ ବଢ଼ିଛି ବୋଲି ଜଣା ପଡ଼ିଲା । ପ୍ରଫେସର ଏସ୍. ଏମ୍. ସିଂହଙ୍କ ପାଖକୁ ମତେ ପଠାଗଲା । ଡାଃ ଅଗରୱାଲା ମଧ ତାଙ୍କ ପାଖକୁ ଚିଠି ଦେଇଥିଲେ । ତାଙ୍କର ପାଳିଥିଲା ୪.୮.୮୬ ୨ଟା ୩୦ ମିନିଟ୍‌ରେ ଇଉରୋଲଜି କ୍ଲିନିକ୍‌ରେ । ସେ କିନ୍ତୁ ମତେ ୧.୮.୮୬ରେ ଦେଖି ପ୍ରୋଷ୍ଟେଟ ବଢ଼ିଛି କହି ପେଇଁ ୱାର୍ଡ଼ରେ ରଖିବାକୁ ଆଦେଶ ଦେଲେ । ପେୟିଂ ୱାର୍ଡ଼ରେ ସ୍ଥାନ ମିଳିବ ୨୫.୯.୮୬ରେ ।

ନୂତନ ପଦ୍ଧତିରେ ଅପରେସନ ହାଇଥାନ୍ତା । ପେଟ ଚିରା ହୋଇ ନଥାନ୍ତା । ପରିସ୍ରାଦ୍ୱାର ବାଟେ ନଳୀ ପୂରାଇ ଯନ୍ତ୍ର ସାହାଯ୍ୟରେ ପ୍ରୋଷ୍ଟେଟ ଗ୍ଲାଣ୍ଡକୁ କାଟିକରି ବାହାର କରାଯାଇଥାନ୍ତା । ମୋ ପୂର୍ବରୁ ଆମ ରାଜ୍ୟପାଳଙ୍କର ଏହି ପ୍ରଣାଳୀରେ ଏଠି ଅପରେସନ ହୋଇଥିଲା । ତାଙ୍କର ଅତ୍ୟଧିକ ରକ୍ତସ୍ରାବ ହେଲା । ଏ ପ୍ରଣାଳୀ ନୂଆକରି ପ୍ରବର୍ତ୍ତିତ ହୋଇଥାଏ । ମୋ ପାଖରେ ମୋ ପିଲାମାନେ ନଥାନ୍ତି । ମୋର ଭୟ ହେଲା । ଡାକ୍ତରମାନେ ଅବଶ୍ୟ ରକ୍ତ ଇତ୍ୟାଦିର ବ୍ୟବସ୍ଥା ସାଥେ ସାଥେ କରିଦେଲେ । ମୁଁ ଏତେଦିନ ଅପେକ୍ଷା କରିବାକୁ କୁଣ୍ଠାବୋଧ କଲି ।

Digitized by srujanika@gmail.com

କଟକରେ ପ୍ରୋଷ୍ଟେଟ ଅପରେସନ ହେଉଛି । ମୁଁ ନିଜେ ମଧ୍ୟ କେତୋଟି କରିଛି । ତେଣୁ କଟକରେ କରିବି ବୋଲି ସ୍ଥିର କରି ଦିଲ୍ଲୀରୁ ଫେରି ଆସିଲି ।

ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜରେ ସର୍ଜରୀ ପ୍ରଫେସର ଥାନ୍ତି ଡାକ୍ତର ଗୁରୁ ପ୍ରସାଦ ମହାନ୍ତି, ଏଫ୍ଆରସିଏସ୍ । ତାଙ୍କ ସହ ପରାମର୍ଶ କରି କଟକରେ ଅପରେସନ କରିବାକୁ ସିଦ୍ଧାନ୍ତ ନେଲି । ଅଗଷ୍ଟ ଆଠ ତାରିଖରେ ନର୍ସିଂହୋମରେ କେବିନ ପାଇଁ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦରଖାସ୍ତ କଲି, ରେଜିଷ୍ଟ୍ରେସନ ନମ୍ବର ୮୧୪/୮.୮.୮୬, କେବିନ ଏତେଶୀଘ୍ର ମିଳିଲା ନାହିଁ । ସର୍ଜିକାଲ ୱାର୍ଡ଼ ପାଖରେ ଗୋଟିଏ ରୁମ୍‌ରେ ଅପରେସନ ପରେ ରହିବାର ବ୍ୟବସ୍ଥା କରାଗଲା । ଅପରେସନ ପୂର୍ବରୁ ସେ ରୁମ୍‌ଟିକୁ ଭଲଭାବରେ ସଫା କରାଗଲା ।

ମୁଁ ୧୬.୮.୮୬ରେ ଆଠଦିନ ପାଇଁ ସାମୟିକ ଛୁଟି ଦରଖାସ୍ତ (କାଜୁଆଲ ଲିଭ୍) ପକାଇ ଡାକ୍ତର ହୋସେନଙ୍କୁ ଚାର୍ଜ ଦେଇ ଡାକ୍ତରଖାନା ପଳାଇ ଆସିଲି ।

ଅଗଷ୍ଟ ୧୮ ତାରିଖରେ ଅପରେସନ ହେଲା । ମୁଁ ଆଗରୁ ଦୁଇ ବୋତଲ ରକ୍ତ ଯୋଗାଡ଼ କରି ରଖିଥିଲି । ଅପରେସନବେଳେ ଅଧିକ ରକ୍ତସ୍ରାବ ହେବାରୁ ମୋ ଭାଣିଜୀ ରୁନା ବୋତଲେ ରକ୍ତ ଦେଇଥିଲା ବୋଲି ପରେ ଜାଣିଲି ।

୭/୮ ଦିନ ଭିତରେ ଭଲ ହୋଇ ଅଫିସ ଫେରିବି ବୋଲି ଭାବିଥିଲି । ବିଧିର ବିଧାନ ବିଚିତ୍ର । ମନ ଯାହା ଚାହେଁ ତାହା ହୁଏନି । ଅପରେସନ ପରେ ମୋର ରକ୍ତ ଶର୍କରା ବହୁତ ବଢ଼ିଗଲା । ଖାଲି ପେଟରେ ୨୪୦ । ହୁଏତ ଅପରେସନ ପୂର୍ବରୁ ସବୁ ଠିକ୍ ଅଛି ବୋଲି ଡାଃ କ୍ଷିତିଶ ସାମଲ ମତ ଦେଇଥିଲେ । କ୍ଷତସ୍ଥାନ ନ ଶୁଖି ଘା' ସେପ୍‌ଟିକ୍ ହୋଇଗଲା । ସିଲେଇ ସବୁ ଖୋଲି ପେଟ ଦି'ଫାଳ ହୋଇଗଲା । ଇନ୍‌ସୁଲିନ୍ ଚାଲିଲା । ଆଉଥରେ ସିଲେଇ ହେଲା । ମୁଁ ତ ଆଗରୁ କାହାରିକୁ ଜଣାଇ ନଥିଲି । ଏବେ ଖବର ପାଇ ଆମ ବଂଧୁ ବାନ୍ଧବ, ଗ୍ରାମଲୋକ, ଆମ କର୍ମଚାରୀ ସମସ୍ତେ ଧାଡ଼ି ଲଗାଇଲେ । ମୁଁ ଭୟ କରିଗଲି । ମୋ ପୁଅକୁ ମୋ ପାଖରୁ ଛାଡୁ ନଥାନ୍ତି । ମୁଁ ଡାକ୍ତରଖାନାରୁ ମୋ ଛୁଟି ବଢ଼ାଉଥାଏ । ଯା ହେଉ ମୁଁ ଡାକ୍ତରମାନଙ୍କର ସମ୍ମିଳିତ ଉଦ୍ୟମରେ ଆସ୍ତେ ଆସ୍ତେ ଭଲ ହେବାରେ ଲାଗିଲି । କିନ୍ତୁ ଡାକ୍ତରଖାନାରେ ୨୪.୧୦.୮୬ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇମାସ କାଳ ରହିଲି । ଏଇ ଲମ୍ବା ସମୟ ମଧ୍ୟରେ ଡାଇରେକ୍ଟର ବା ସେକ୍ରେଟେରୀ କେହି ସୌଜନ୍ୟମୂଳକ ସାକ୍ଷାତ ପାଇଁ ଆସି ନାହାନ୍ତି ।

୩୦.୬.୮୬ରେ ଡାଃ. ଏସ୍.ଏନ୍. ହୋତା ଡେପୁଟି ଡାଇରେକ୍‌ଟର ପଦରୁ ଅବସର ଗ୍ରହଣ କଲେ । ସରକାରୀ ଆଦେଶ ବଳରେ ମୁଁ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲି । ୮.୯.୮୬ରେ ଡାଃ. ପ୍ରଫୁଲ କୁମାର ସ୍ୱାଇଁଙ୍କୁ ସେହି ସ୍ଥାନରେ ଅବସ୍ଥାପିତ କରାଗଲା । ମୁଁ ରୋଗ ଶଯ୍ୟାରେ ତାଙ୍କୁ ଚାର୍ଜ ଦେଇଦେଲି ।

ଏତିକିବେଳେ ଆରମ୍ଭ ହେଲା ପୁଣି ମୋ ବଦଳି ପାଲା । ନଇଁ ପଡ଼ିଥିବ ଯେତିକିବେଳେ, ବିଧାଏ ମାରିବ ସେତିକିବେଳେ । ଡାଇରେକ୍ଟର ସତ୍ୟ ନାରାୟଣ ଶତପଥୀ ଓ ସେକ୍ରେଟେରୀ ଏସ୍.ଆର. ପାଲ ଚାହିଁ ବସିଥିଲେ ପ୍ରତିଶୋଧ ନେବା ପାଇଁ । ମୁଁ ବାରଂବାର ଛୁଟି ବଢ଼ାଇବାରୁ କଟକ ଭଳି ବରିଷ୍ଠ ସିଡିଏମ୍‌ଓ ପୋଷ୍ଟ ଏତେକାଳ କିପରି ଖାଲି ରହିବ ବୋଲି ସରକାରଙ୍କୁ ମୋ ବଦଳି ପାଇଁ ପ୍ରସ୍ତାବ ଦେଲେ । କାଳୀପଦ ପଣ୍ଡା ଗୋଡ଼ ଟେକି ବସିଥିଲେ । ଏଥର ବୁଜୁଳା ଆଉ

Digitized by srujanika@gmail.com

ଟିକିଏ ଭାରି । ମୁଁ ତ ଶଯ୍ୟାଶାୟୀ । ମତେ ଏ ଖବର ଦେବାକୁ କେହି ନାହାଁନ୍ତି । ମୃତ୍ୟୁ ସାଥୀରେ ଲଢ଼େଇ କରୁଥିବା ଲୋକ ଏତେ ଆଡ଼କୁ ଧ୍ୟାନ ଦେବ କିପରି ?

୧୪.୮.୮୬ ଅର୍ଡ଼ର ନମ୍ବର ୨୭୨୩୦ ଏଚ୍‌ରେ ମତେ ଇଏସ୍‌ଆଇ ହସ୍‌ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାଂଶବାହାଲରେ ଅବସ୍ଥାପିତ କରାଗଲା । ଏ ପୋଷ୍ଟଟି ଶ୍ରମ ବିଭାଗର । ଶ୍ରମ ଓ କଲ୍ୟାଣ ବିଭାଗ ସେକ୍ରେଟେରୀ ଲେଖିଲେ ଆମ୍ଭେ ଆମ୍ଭ ବିଭାଗରେ ଥିବା ଉପଯୁକ୍ତ ଲୋକଙ୍କୁ ପଦୋନ୍ନତି ଦେଉଛୁ । ଆପଣ ଅବସ୍ଥାପିତ କରିଥିବା ଡାଃ ହୃଷୀକେଶ ପରିଡ଼ାଙ୍କୁ କାଂସବାହାଲ ନ ପଠାଇ ଅନ୍ୟତ୍ର ପଠାଇବାର ବ୍ୟବସ୍ଥା କରନ୍ତୁ । ସେତେବେଳକୁ ସେକ୍ରେଟେରୀ ଏସ୍.ଆର୍. ପାଲଙ୍କ ସ୍ଥାନରେ ଚନ୍ଦ୍ରମଣି ନାରାୟଣ ସ୍ୱାମୀ ସେକ୍ରେଟେରୀ ହୋଇ ଆସିଥାନ୍ତି । ସତ୍ୟନାରାୟଣ ବାବୁଙ୍କ ମନ୍ତ୍ର ଆଉ କାଟୁ କରୁ ନଥାଏ । ମୁଁ ସେହି ରୋଗ ଶଯ୍ୟାରେ ଥାଇ ୨.୯.୮୬ରେ କାଂଶବାହାଲ ବଦଳି ଆଦେଶକୁ ରଦ୍ଦ କରିବାକୁ ସେକ୍ରେଟେରୀଙ୍କୁ ଡି.ଓ ଲେଖିଲି । ବୋଧହୁଏ ସେକ୍ରେଟେରୀ କହିବାରୁ ସତ୍ୟନାରାୟଣ ବାବୁ ମୋ ପାଖକୁ ଖଣ୍ଡିଏ ଚିଠି ନଂ ୩୪୩୧୮ ପଠାଇଲେ •୨୦.୧୦.୮୬ରେ ଘର ଠିକଣାରେ, ଫିଟ୍‌ନେସ୍ ସାର୍ଟିଫିକେଟ୍ ପାଇଁ । ମୁଁ ତ ଡାକ୍ତରଖାନରେ ଶଯ୍ୟାଶାୟୀ, ଫିଟ୍‌ନେସ୍ ସାର୍ଟିଫିକେଟ୍ ଦେବ କିଏ ?

ମୋରି ଅସୁସ୍ଥତା ଭିତରେ ଡାଃ କାଳୀପଦ ପଣ୍ଡା ଚାର୍ଜ ଦେବା ପାଇଁ ଦୁଇଟି ଚିଠି କରି ସାରିଲେଣି । ମୁଁ ତାଙ୍କ ନିଯୁକ୍ତି ସମ୍ବନ୍ଧରେ କିଛି ଜାଣିନି କି ତାଙ୍କୁ ଚାର୍ଜ ଦେବାକୁ ମତେ କେହି କହି ନାହାନ୍ତି । ମୁଁ ଡାଃ. ହାସାନଙ୍କୁ ଚାର୍ଜ ଦେଇ ଆସିଛି, ସେ ବି ତାଙ୍କଠାରୁ ଚାର୍ଜ ନେଇ ସାରିଛନ୍ତି । ଭୟ ଡାକ୍ତର ପରିଡ଼ା ବିଛଣାରୁ ଉଠିଲେ କାଳେ କିଛି ଓଲଟ ପାଲଟ କରିଦେବ ।

ଯା ହେଉ ମୋର କାସଂବାହାଲ ପୋଷ୍ଟିଂ ଅର୍ଡର ରଦ୍ଦ କରାଯାଇ ମତେ ୧୨.୧୧.୮୬ରେ ଅର୍ଡର ନମ୍ବର ୩୭୧୬୯ରେ ଦକ୍ଷିଣାଞ୍ଚଳ ଡେପୁଟି ଡାଇରେକ୍ଟର ଭାବରେ ଅବସ୍ଥାପିତ କରାଗଲା । ଏ ଅର୍ଡର ଡାଇରେକ୍ଟର ମୋ ପାଖକୁ ପଠାଇଲେ ୨୮.୧୧.୮୬ରେ ଚିଠି ନମ୍ବର ୩୮୩୦୫ । ମୋର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ମୁଁ ସମସ୍ତ ବିଷୟ ଉଲ୍ଲେଖ କରି ବରହମପୁର ନ ଯିବା ପାଇଁ ଚିଫ୍ ସେକ୍ରେଟେରୀ ଓ ଗ୍ରିଭାନ୍ସ ସେଲ୍‌କୁ  ଲେଖିଲି ।

ତା ଭିତରେ ଆମର ତିନୋଟି ନୂଆ ଜଏଣ୍ଟ ଡାଇରେକ୍ଟର ପଦବୀ ସୃଷ୍ଟି ହୋଇଥାଏ । ମୋ ନାମ ବି ସେଥିପାଇଁ ସୁପାରିଶ କରାଯାଇଥାଏ ।

ଚନ୍ଦ୍ରମଣି ନାରାୟଣ ସ୍ୱାମୀ ଯାଇଁ ମୀନାଗୁପ୍ତା ସେକ୍ରେଟେରୀ ହୋଇ ଆସିଲେ । ସତ୍ୟନାରାୟଣ ଶତପଥୀ ଯାଇଁ ହରିଶ ମିଶ୍ର  ଡାଇରେକ୍ଟର ହେଲେ । ଏ ଦୁହେଁ କେହି ମୋ ସିସିଆର ଲେଖିଲେ ନାହିଁ । ସମ୍ବଲପୁରେ ଥିବା ବେଳେ ଡାକ୍ତର ଭାସ୍କର ରଥ ମଧ ଦେଇ ନ ଥିଲେ । ସରକାରୀ ଦପ୍ତରରେ ଜାତିଆଣ ଭାବ କେତେ ଉତ୍କଟ ମୁଁ ଅନୁଭବ କଲି । ବ୍ରାହ୍ମଣ ଅଫିସରମାନେ ମିଶି ହାକିମୀ କରନ୍ତି ।

ମୀନାଗୁପ୍ତାଙ୍କୁ ମୁଁ ଆଗରୁ ଜାଣିଥିଲି । ଅସୁସ୍ଥ ଥିବା ଅବସ୍ଥାରେ ଯାଇଁ ତାଙ୍କୁ ସାକ୍ଷାତ କଲି । ଘନ ଘନ ପରିସ୍ରା ହେଉଥାଏ । ସେ ମୋ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ଦୁଃଖ ପ୍ରକାଶ କଲେ । ଗୁରୁବାବୁ ଦେଇଥିବା ସାର୍ଟିଫିକେଟ୍ । ବଦଳି ଆଦେଶ ରଦ୍ଦ କରିବା ପାଇଁ ଆବେଦନ ପତ୍ର ଦେଲି । ମୁଁ ଚିଫ୍ ସେକ୍ରେଟେରୀଙ୍କୁ ଲେଖିଥିବା ଚିଠି

Digitized by srujanika@gmail.com

ତାଙ୍କ ପାଖକୁ ଆସି ସାରିଥିଲା । ସେ ନୂଆ ପୋଷ୍ଟିଂ ପର୍ଯ୍ୟନ୍ତ ଛୁଟିରେ ରହିବାକୁ ପରାମର୍ଶ ଦେଲେ ।

୬.୧.୮୭ରେ ଅର୍ଡର ବାହାରିଲା ଅର୍ଡର ନମ୍ବର ୩୦୭ । ଡାକ୍ତର ହୃଷୀକେଶ ପରିଡ଼ାଙ୍କର ପଦୋନ୍ନତି କରାଗଲା ଓ ତାଙ୍କୁ କେନ୍ଦ୍ରାପଡ଼ା ଜୋନ୍‌ରେ ଯୁଗ୍ମ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଗଲା । ମୋ ବଦଳି ନାଟକର ପରିସମାପ୍ତି ଘଟିଲା । ମୁଁ ମଧ୍ୟ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରି କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିଥିଲି । କଟକ ନିଶା ଛାଡ଼ି ଯାଇଥିଲା । ଏବେ ମୁଁ ମୋ ନୂତନ ଦାୟିତ୍ୱ ନେବା ପାଇଁ ବାହାରି ପଡ଼ିଲି ।

କଟକରେ ତ ମତେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇ ନଥିଲେ । ସେଥିପାଇଁ ଅବସର ବି ନଥିଲା । ମୁଁ ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ସିଡିଏମ୍‌ଓ ଅଫିସ ଯାଇ ଟିକି ନିଖି ଚାର୍ଜ ଦେଇଦେଲି । ସେତିକିବେଳେ ଅଫିସ କର୍ମଚାରୀମାନେ ମତେ ବରା, ସିଙ୍ଗଡ଼ା, ଚାହାରେ ଆପ୍ୟାୟିତ କରିଥିଲେ । ଇଏ ହେଉଛି ବଡ଼ ଜିଲ୍ଲାର ବଡ଼ ଗୁମର କଥା ।

୦୦୦

Digitized by srujanika@gmail.com

# ନିର୍ବାଣ ପଥେ

## ଯୁଗ୍ମ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ

୦୬.୦୧.୮୭ରୁ୩୦.୦୯.୮୮

୧୯.୮.୮୬ରେ ଚାକିରୀରେ ବରିଷତା, କାର୍ଯ୍ୟଦକ୍ଷତା ଓ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶକୁ ଭିତ୍ତିକରି ମତେ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ଉନ୍ନୀତ କରାଗଲା । ସେହି ଅନୁସାରେ ୧୯୮୭ ମସିହା ଜାନୁଆରୀ ୬ ତାରିଖରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା । ମତେ କେନ୍ଦ୍ରାଞ୍ଚଳ ଯୁଗ୍ମ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଭାବେ କଟକରେ ଅବସ୍ଥାପିତ କରାଗଲା । ବିଜ୍ଞପ୍ତି ନମ୍ବର - ୩୦୭ ଏଚ୍./୬.୧.୮୭

ମୁଁ ୭.୧.୮୭ରେ କାର୍ଯ୍ୟଭାର ଗ୍ରହଣ କଲି । ବେତନହାର ୨୫୫୦-୮୫ - ୨୬୩୫-୯୦ - ୩୦୭୫ ଇବି - ୯୫-୩୬୫୦ । ମହଙ୍ଗାଭତ୍ତା, ରୋଗୀ ଦେଖା ଭତ୍ତା ସ୍ୱତନ୍ତ୍ର । ମୋ ଦରମା ଧାର୍ଯ୍ୟ ହେଲା ମାସକୁ ଟ୩୧୦୦ (ତିନିହଜାର ଏକଶହ) ଭତ୍ତାକୁ ଛାଡ଼ି । ବରିଷ୍ଠ ପ୍ରଶାସନିକ ଅଧିକାରୀ (ପ୍ରଥମଶ୍ରେଣୀ ଚାକିରୀ) । ରାଜସ୍ୱ ବିଭାଗ ଢାଞ୍ଚାରେ ସମଗ୍ର ରାଜ୍ୟକୁ ତିନି ଭାଗରେ ବିଭକ୍ତ କରଯାଇଛି - ଉତ୍ତର, ଦକ୍ଷଣ ଓ କେନ୍ଦ୍ରାଞ୍ଚଳ । କେନ୍ଦ୍ରାଞ୍ଚଳ ଅଧୀନରେ ତତ୍‌କାଳୀନ ପାଂଚଟି ଜିଲ୍ଲା - କଟକ, ପୁରୀ, ବାଲେଶ୍ୱର, କେଉଁଝର ଓ ମୟୂରଭଂଜ । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ କାର୍ଯ୍ୟ ଲାଘବ ପାଇଁ ଏଇସବୁ ପଦବୀ ସୃଷ୍ଟି, ଡାକ୍ତରୀ ସଂଘର ଦୀର୍ଘଦିନର ଆନ୍ଦୋଳନ ପରେ ।

ନୂଆ ପଦବୀ ସୃଷ୍ଟି ହୋଇଥିବାରୁ କାର୍ଯ୍ୟ ପରିସର ଅସ୍ପଷ୍ଟ । ସହକାରୀ ଜିଲ୍ଲା ଚିକିତ୍ସକ ପଦବୀ ସୃଷ୍ଟି ବେଳେ ଏହିପରି ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସକ ମାନେ ତାଙ୍କ ସହକାରୀ ମାନଙ୍କୁ ପ୍ରଥମେ ପ୍ରଥମେ କିଛି କରିବାକୁ ଦେଉ ନଥିଲେ । ଏଠିବି ସେହି ଅବସ୍ଥା । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଯେତିକି ଚାହିଁବେ । ଭୁବନେଶ୍ୱରରେ ଅବସ୍ଥାପିତ ହୋଇଥିଲେ କିଛି କାମ ସାଥେ ସାଥେ ମିଳିଥାନ୍ତା ।

ସେ କହିଲେ ତମେ କ'ଣ ୪ର୍ଥ ଶ୍ରେଣୀ କର୍ମଚାରୀ ହୋଇଛ ଚାର୍ଜସିଟ୍ ପଠାଯିବ ? ଯା ହେଉ କେନ୍ଦ୍ରାଞ୍ଚଳର ବିଭିନ୍ନ ଜିଲ୍ଲାରେ ଥିବା ଆମ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଥିବା ଅଭିଯୋଗ ତଦନ୍ତ ଓ ସେମାନଙ୍କ ଚାକିରୀ ସମ୍ବନ୍ଧୀୟ ରେକର୍ଡ ଯାଞ୍ଚ କରିବାର ଦାୟିତ୍ୱ ଦିଆଗଲା ।

Digitized by srujanika@gmail.com

ଅଫିସ କହିଲେ ପ୍ରଜାତନ୍ତ୍ର ପ୍ରେସ୍ ପାଖରେ ଖଣ୍ଡେ ଭଡ଼ାଘର । ଏଠି ଆଗେ ସହକାରୀ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ କାର୍ଯ୍ୟ ଚଳାଉଥିଲେ । ସେଇ ପଦବୀର କ୍ରମୋନ୍ନତି । କର୍ମଚାରୀ ହେଲେ ଷ୍ଟେନୋ ସମେତ ତିନିଜଣ କିରାଣୀ । ଦୁଇଜଣ ପିଅନ ଓ ଜଣେ ଝାଡୁଦାର । ହରପ୍ରିୟା ପଟ୍ଟନାୟକ ବରିଷ୍ଠ କିରାଣୀ, ଶିବନାଥ ଗୁପ୍ତା ଷ୍ଟେନୋ । ସିନି ବୋଲି ପିଲାଟିଏ କନିଷ୍ଠ କିରାଣୀ । ସେ ମୋ ଖବର ଅନ୍ତର ବୁଝିଲେ । ମୁଖ୍ୟ ଚିକିତ୍ସକ ଅଫିସର ଆଦବ କାଇଦା ବା ମର୍ଯ୍ୟାଦା ନାହିଁ । ନାମକୁ ମାତ୍ର ବରିଷ୍ଠ ପ୍ରଶାସନିକ ଅଧିକାରୀ ।

ମୁଁ ଦେଖିଲି ମତେ ସେତିକିରେ ସନ୍ତୁଷ୍ଟ ରହିବାକୁ ପଡ଼ିବ । ଚାକିରୀ ଆଉ ଦେଢ଼ବର୍ଷ । ସେଥିରେ ପୁଣି ପଦୋନ୍ନତିର ଆଶା । ହତୋତ୍ସାହ ହେବି କାହିଁକି ? ମନେ ପଡ଼ିଲା ଗୀତାର ସେଇ ମହାନ ବାଣୀ "ଦେହିନୋସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା" ଚାକିରୀ ଜୀବନର ଇଏ ହେଲା ଜରାବସ୍ଥା । ଏଠି କେଉଁଠି ସତ୍‌ସଂଗ ହେଉଛି ବୁଲି ଦେଖିବାକୁ ପଡ଼ିବ ।

ଅଫିସ କର୍ମଚାରୀମାନଙ୍କ ସହ ମିଷ୍ଟାଳାପ ପରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ଅବଗତି ତଥା ମଂଜୁରୀ ପାଇଁ ଆଗୁଆ ଗସ୍ତ କାର୍ଯ୍ୟକ୍ରମର ଏକ କିତା ନକଲ ତାଙ୍କ ପାଖକୁ ପଠାଇଦେଲି । ସବୁ ଜିଲ୍ଲା ଛୁଆଁ ଯାଇଥାଏ ।

ମୁଁ ଜାଣେ ମୋ ଗାଡ଼ିରେ ଗଲେ ଗସ୍ତଖର୍ଚ୍ଚ ମିଳିବନି । ମତେ ମଧ ଜଣେ ଡ୍ରାଇଭର ରଖିବାକୁ ପଡ଼ିବ । ଡାଇରେକ୍ଟର ଅଫିସ୍ ଗଲି । ଡାକ୍ତର ସୁର ଚୌଧୁରୀ ଯାନ ବାହନ ଦାୟିତ୍ୱରେ ଥାନ୍ତି । ସେ ମୋ ସାଙ୍ଗ । ତାଙ୍କୁ କହି କୌଣସି ପ୍ରକାରେ ଗାରେଜରୁ ଗୋଟେ ଜିପ୍ ଆଣିଲି । କଟକ ସିଡିଏମ୍‌ଓ ଥିବା ବେଳେ ସେ ଷ୍ଟାଫ୍ ସବୁ ଜଣାଶୁଣା । ସେମାନେ ସାହାଯ୍ୟ କଲେ । ହାତରୁ କିଛି ପଇସା ଖର୍ଚ୍ଚ କରି ଗାଡ଼ି ମରାମତ କଲି । ପରେ କଣ୍ଟିଜେନ୍‌ସିରୁ ସେ ଖର୍ଚ୍ଚ ଭରଣା କରାଗଲା । କଟକ ମୁଖ୍ୟ ଚିକିତ୍ସକଙ୍କ ଦପ୍ତରରୁ ଜଣେ ଡ୍ରାଇଭର ଡ଼େପୁଟେସନ୍‌ରେ ଆସିଲା । ମୋ କାମ ଚାଲିଲା ।

କର୍ମଚାରୀ ମାନଙ୍କ ବିରୁଦ୍ଧରେ ଥିବା ଅଭିଯୋଗ ଗୁଡ଼ିକର ତଦନ୍ତ ଏକ ସ୍ପର୍ଶକାତର କାମ । ସାବଧାନତାର ସହ ସେଗୁଡ଼ିକୁ ତୁଲାଇବାକୁ ପଡ଼ିବ । ମୁଁ ଜାଣେ ମୋର କ୍ଷମତା ସୀମିତ । ସୁପାରିଶ କରିବା ମୋର କାମ । ଦଣ୍ଡଦେବେ ବା ଛାଡ଼ କରିବେ ଡାଇରେକ୍ଟର । ମୁଁ ଅକାରଣେ ସେମାନଙ୍କ ସହ ଶତ୍ରୁତା କରିବି କାହିଁକି ? ବାଡ଼ି ଉଠାଇବ ପିଟିବ ନାହିଁ । ଏହି ରୀତିରେ କାମ ଚାଲିଲା । ସମସ୍ତଙ୍କ ସହ ସଦ୍‌ଭାବ ରହିଲା । ମୁଁ ମୋ ଦାୟିତ୍ୱରେ ଥିବା ସବୁ ଜିଲ୍ଲା ବୁଲି ଅଭିଯୋଗ ତଦନ୍ତ ସାଥିକୁ ଜନସ୍ୱାସ୍ଥ୍ୟ ବିଭାଗର କାମ ସବୁ ଦେଖିଲି । ସେ ଜିଲ୍ଲାର ଦର୍ଶନୀୟ ସ୍ଥାନ ଗୁଡ଼ିକ ବୁଲି ଦେଖିଲି । ଠାକୁର ଦେଖା କଦଳୀ ବିକା ।

କଟକ ଜିଲ୍ଲାରେ ଡା. ଗୁଣନିଧି ଭୂୟାଁ ଓ ଡାକ୍ତର ହେମନ୍ତ କୁମାର ନାୟକଙ୍କ ବିରୁଦ୍ଧରେ ଥିବା ଅଭିଯୋଗର ଫାଇଲ ଖୋଲିଲି ନାହିଁ । ଏମାନେ ମୋ ବିରୁଦ୍ଧରେ କାର୍ଯ୍ୟ କରିଥିଲେ । ପ୍ରତିହିଂସା ପରାୟଣ ହୋଇ କିଛି କରିଥିଲେ ମୁଁ ଶାନ୍ତିରେ ରହି ପାରି ନଥାନ୍ତି । ମୋ ନୀତି ବି ଭିନ୍ନ । ଅପରାଧୀକୁ କ୍ଷମା ଦିଅ । ସେ ଫାଇଲ ଗୁଡ଼ିକ ଏବେ ବି ମୋ ପାଖରେ ।

Digitized by srujanika@gmail.com

ମୁଁ ପ୍ରଥମେ ବାରିପଦା ଗଲି । ବାରିପଦା ମୋର ପ୍ରିୟ ଜାଗା । ବିଲାତରୁ ଫେରିବା ପରେ ମୋର ପ୍ରଥମ ପେରିଫେରାଲ ଚାକିରୀ । ୧୯୬୮ରେ ମେଡିକାଲ କଲେଜ ଚାକିରୀରେ ବିକଳ୍ପ ଭାବେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ପଦବୀରେ ଏଠାକୁ ଆସିଥିଲି । ଏଠିକାର ରହଣୀକୁ ଉପଭୋଗ କରିବା ସାଥେ ସାଥେ ବେଶ୍ ସୁନାମ ବି କରିଥିଲି । ତରଳ ବୟସର ସ୍ମୃତି ସବୁ ଭାସି ଆସୁଥିଲା ।

ବାରିପଦା ମ୍ୟୁନିସିପାଲିଟି ହେଲ୍‌ଥ ଅଫସରଙ୍କ ବିରୁଦ୍ଧରେ ତଦନ୍ତ । ମୁଖ୍ୟ ଚିକିତ୍ସକ ଥାନ୍ତି ଡା. ଭରତ ବେହେରା । ଜିଲ୍ଲା ମ୍ୟାଲେରିଆ ଅଫିସର ଡାକ୍ତର ତ୍ରିଲୋଚନ ମହାନ୍ତ । ଡାଃ. ମହାନ୍ତ ମୋ ପାଖରେ ଆଗରୁ କଳାହାଣ୍ଡିରେ ଥିଲେ । ଆଗରୁ ପ୍ରୋଗ୍ରାମ ଯାଇଥାଏ । ମୁଁ ପହଁଚିବା ମାତ୍ରେ ଏ ଦୁଇ ଅଫିସରଙ୍କୁ ଭେଟି ଶିମିଳିପାଳ ଜାତୀୟ ପାର୍କ ବୁଲି ଯିବା ପାଇଁ କହିଲି । ପର୍ଯ୍ୟଟନ କେନ୍ଦ୍ର ଭାବେ ଏହାର ଖ୍ୟାତି ଅଛି । ବାଘ ଓ ହାତୀ ସଂରକ୍ଷଣ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଶିମିଳିପାଳ ଅନ୍ୟାନ୍ୟ ବନ୍ୟଜନ୍ତୁ, ପକ୍ଷୀ, ପର୍ବତମାଳା, ବୃକ୍ଷରାଜି, ଗୁଳ୍ମ, ନଦୀ, ଜଳପ୍ରପାତ, ଘଞ୍ଚ ଜଙ୍ଗଲ ଆଦିର ବିଭିନ୍ନତା ନେଇ ଖ୍ୟାତି ଲାଭ କରିଛି ସମଗ୍ର ଦେଶରେ ।

ନଭେମ୍ବରରୁ ଜୁନ ପର୍ଯ୍ୟନ୍ତ ସର୍ବ ସାଧାରଣଙ୍କ ପାଇଁ ଖୋଲା । ପୂର୍ବରୁ ଜଙ୍ଗଲ ବିଭାଗ ଅଫିସରଙ୍କଠାରୁ ଅନୁମତି ନେବାକୁ ପଡ଼େ । ଡାଃ. ମହାନ୍ତ, ସ୍ଥାନୀୟ ଲୋକ । ଖୁବ୍ ପାରିବାର ବି । ସେ ସବୁ ଯୋଗାଡ଼ କରିଦେଲେ । ଆମେ ସାମାନ୍ୟ ଜଳଯୋଗ କରି ବାହାରି ପଡ଼ିଲୁ । ଲଲୁଙ୍ଗ ପ୍ରବେଶ ପଥ (ଅନ୍ୟଟି ଯଶିପୁର ବାଟ) ଦେଇ ପାର୍କରେ ପ୍ରବେଶ କଲୁ । ତାରି ଭିତେର ବ୍ୟାଘ୍ର ପ୍ରକଳ୍ପ । ଘଞ୍ଚ ଜଙ୍ଗଲ ରାସ୍ତାରେ ଯିବା ବାଟରେ ହାତୀ, ବାଘ, ଭାଲୁ, ହରିଣ, ମୟୂର, ବିଭିନ୍ନ ପ୍ରକାର ପକ୍ଷୀ, ଉଦ୍‌ଭିଦ ଦେଖି ବରେହି ପାଣି ଜଳପ୍ରପାତ ପାଖରେ ପହଁଚିଲୁ । ପାଣି ୪୦୦ ମିଟର ଉପରୁ ପଡୁଛି । ଶବ୍ଦରେ ବନଭୂମି ପ୍ରକମ୍ପିତ । ପ୍ରକୃତିର ସେ ଅପରୂପ ଶୋଭା ଉପଭୋଗ ପାଇଁ ଘଡ଼ିଏ ବସିଗଲୁ ।

ଖଣ୍ଡେ ଦୂରରେ ବଂଗଳା । ପର୍ଯ୍ୟଟକ ମାନଙ୍କ ପାଇଁ ଜଳପାନର ବ୍ୟବସ୍ଥା । ସେଠି ଅଳ୍ପ ସମୟ କଟାଇବା ପରେ ବ୍ୟାଘ୍ର ପ୍ରକଳ୍ପ ଦେଖିବାକୁ ଗଲୁ । ସାଥିରେ ଗଲେ ରେଞ୍ଜ ଅଫିସର । ସେଠୁ ଫେରି ଯୋରନ୍ଦାଠାରେ ପ୍ରାୟ ୧୫୦ ମିଟର ଉପରୁ ପଡୁଥିବା ଆଉ ଗୋଟିଏ ଜଳପ୍ରପାତ ଦେଖିଲୁ । ମଝିରେ ମଝିରେ ଆଦିବାସୀଙ୍କ ଝୁମ୍ପୁଡ଼ି ଘର ବି ରହିଛି ।

ସେଠୁ ଫେରି ଡାଃ. ମହାନ୍ତଙ୍କ ଘରେ ଦିବ୍ୟ ଭୋଜନ । ଯାହା ବିଭାଗୀୟ ତଦନ୍ତ କାମ ଥିଲା ସିଡିଏମ୍‌ଓ ଅଫିସରେ ବସି ହେଲ୍‌ଥ ଅଫିସରଙ୍କ ଉପସ୍ଥିତରେ ସାରିଲି । ସଂଧ୍ୟାରେ ଘୋଷ ଭାଇଙ୍କ ସମେତ ଯେଉଁ କେତେଜଣ ଚିହ୍ନାଜଣା ଥିଲେ ତାଙ୍କୁ ଦେଖା କରି ବଙ୍ଗଳାରେ ରାତ୍ରିଯାପନ କଲି ।

ପରଦିନ ସକାଳୁ ସମସ୍ତଙ୍କୁ ଧନ୍ୟବାଦ ଦେଇ ଅଫିସ ଫେରିବା ମାତ୍ରେ ତଦନ୍ତ ରିପୋର୍ଟ ଡାଇରେକ୍‌ଟରଙ୍କ ପାଖକୁ ପଠାଇ ଦେଲି ।

୨୪.୬.୮୭ରେ କେଉଁଝର ମ୍ୟୁନିସିପାଲିଟି ପରିଦର୍ଶନରେ ଗଲି । କେଉଁଝର ଯିବା ବାଟରେ ଆନନ୍ଦପୁର ପାରିହୋଇଗଲେ ଘଟଗାଁ ଠାରେ ରାଜପଥ କଡ଼ରେ ଜଂଗଲ ଭିତରେ ତାରିଣୀ ପୀଠ । ପ୍ରତ୍ୟକ୍ଷ ଦେବୀ । ଓଡ଼ିଶା ସାରା ନାଁ । ଗୋଟିଏ

Digitized by srujanika@gmail.com

ପର୍ଯ୍ୟଟନ ପୀଠ ବି । ଜନଗଣଙ୍କର ଦୁଃଖ ତ୍ରାଣ କରୁଥିବାରୁ ନାମ ତାରିଣୀ । ଘଟ ପୂଜା ହେଉଥିବାରୁ ଘଟଗାଁ । ଦେବୀଙ୍କୁ ମହାକାଳୀ, ଦୁର୍ଗା, ଯୋଗମାୟା ବୋଲି ବି ଅଭିହିତ କରାଯାଇଥାଏ ।

ମା' ତାରିଣୀ ନଡ଼ିଆ ପ୍ରିୟ । କୁଢ଼ କୁଢ଼ ନଡ଼ିଆ ଜମା ହୋଇଛି । ଭକ୍ତମାନେ ବସ୍‌ରେ ନଡ଼ିଆ ପଠାନ୍ତି । ନଡ଼ିଆ ତିଆରି କୋରା ଖୁବ୍ ଶସ୍ତା ଓ ସୁସ୍ୱାଦୁ । ଏବେ ପାଖରେ ମନ୍ଦିର, ଧର୍ମଶାଳା ଗଢ଼ି ଉଠିଲାଣି ।

ଗାଡ଼ି ରଖି ଠାକୁରାଣୀଙ୍କ ଦର୍ଶନ ପାଇଁ ଗଲି । ବେଲଗଛ ମୂଳେ ମା' ପୂଜା ପାଉଛନ୍ତି । ପଥର ଉପରେ ସୁନ୍ଦର ବୋଳା ହୋଇଛି । କେତେ ଲୋକ ଗୁଣ୍ଡ । ଭୋଗ ତାଙ୍କର ପ୍ରିୟ ନଡ଼ିଆ କଦଳୀ । ବେଲପତ୍ରରେ ପୂଜା । ତିନୋଟି ଗୁଆ ରଖିଲେ ଅଭୀଷ୍ଟ ସିଦ୍ଧି ହୁଏ । ଓଡ଼ିଶା ଧର୍ମଭୀରୁ । ସବୁ ଭକ୍ତମାନେ ଯାହା କରୁଥିଲେ ମୁଁ ବି ତାହା କଲି । ସେ ସ୍ଥାନରେ ଘଡ଼ିଏ ବସିବାରୁ ଆନନ୍ଦ ମିଳିଲା ।

ଗ୍ରାମରେ ଠାକୁରାଣୀଙ୍କ ପୂଜା ମଂଗଳବାର ଦିନ ହୁଏ । ଆସ୍ଥାନରେ ତିନୋଟି ଗୁଆ । ଆସ୍ଥାନ ପାଖରେ ଘଟ (କଳସ), ଘଣ୍ଟ ହୁଳହୁଳି ଭିତରେ ନଡ଼ିଆ କଦଳୀ ପୂଜା । ଭୋଗ ସମସ୍ତଙ୍କୁ ବାଣ୍ଟି ଦିଆଯାଏ ।

କିମ୍ବଦନ୍ତୀ ଅନୁସାରେ ୧୪୭୫ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମ ଦେବ ଥିଲେ କଳିଙ୍ଗର ରାଜା । କାଞ୍ଚି ରାଜଜେମାଙ୍କ ରୂପରେ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଲେ । ରାଜା ବି ସମ୍ମତି ପ୍ରଦାନ କଲେ । କାଞ୍ଚି ରାଜାଙ୍କ ମନ୍ତ୍ରୀ ପୁରୁଷୋତ୍ତମ ଦେବଙ୍କୁ ରଥରେ ଛେରା ପହଁରା କରୁଥିବାର ଦେଖିଲେ । ରାଜା ଏହାଶୁଣି ଚଣ୍ଡାଳ ରାଜାଙ୍କୁ ଝିଅ ଦେବାକୁ ମନା କରିଦେଲେ । ଅପମାନରେ ଜର୍ଜରିତ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କ ଶରଣାପନ୍ନ ହେଲେ । ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଗୋବିନ୍ଦ ଭଂଜଙ୍କୁ ପୁରୀରେ ଠାବ କରିବାକୁ ।

କେନ୍ଦୁଝର ରାଜପୁତ୍ର ଗୋବିନ୍ଦ ଭଂଜ ରାଜ୍ୟ ହରାଇ ଶ୍ରୀକ୍ଷେତ୍ରରେ ରହୁଥିଲେ । ତାଙ୍କ ଘର ଉପରେ ହଳଦିଆ ପତାକା ଉଡୁଥିଲା । ରାଜ କର୍ମଚାରୀମାନେ ତାଙ୍କୁ ଠାବ କରିବା ପରେ ତାଙ୍କ ସେନାପତିତ୍ୱରେ ପୁଣି କାଂଚି ଅଭିଯାନ ଆରମ୍ଭ ହେଲା । କାଂଚି ଯିବା ବାଟରେ ବିଜୟନଗର ଠାରେ ଘୋଡ଼ା ଆଉ ଆଗକୁ ଗଲେନି । ଜଂଗଲର ଆଦିବାସୀମାନେ କହିଲେ, ସୀତାଙ୍କୁ ରାବଣ ଚୋରୀ କରି ନେବାପରେ ରାମଲକ୍ଷ୍ମଣ ବହୁତ ଖୋଜାଖୋଜି କରି ଦେବୀ ଦୁର୍ଗାଙ୍କୁ ଏଠାରେ ପୂଜା କଲେ । ଦେବୀ ଆବିର୍ଭାବ ହେବା ପୂର୍ବରୁ ତାଙ୍କୁ ନ ଚାହିଁବାକୁ ରାମଚନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାମଚନ୍ଦ୍ର ଭାବାବେଗ ସମ୍ଭାଳି ନପାରି ଚାହିଁଦେବାରୁ ଦେବୀ ପଥର ହୋଇଗଲେ । ରାମଚନ୍ଦ୍ର ବହୁତ ସ୍ତୁତି କରିବାରୁ ଦେବୀ ଆଶ୍ୱାସନା ଦେଇ କହିଲେ ମୋତେ ସ୍ମରଣ କଲେ ତୁମେ କାର୍ଯ୍ୟରେ ଜୟଯୁକ୍ତ ହେବ । ସେହି ଦିନରୁ ଦେବୀ ସେଠାରେ ରହିଛନ୍ତି । ପୁରୁଷୋତ୍ତମ ଦେବ ଦେବୀଙ୍କୁ ପୂଜାର୍ଚ୍ଚନା କରି, ଦେବୀ ସନ୍ତୋଷ ହେବାରୁ କାଂଚି ଯାତ୍ରା କଲେ ।

ଯୁଦ୍ଧରେ ଘମାଘୋଟ ଲଢ଼େଇ ହେଲା । ଗୋଟେ ପଟେ ଜଗନ୍ନାଥ, ବଳଭଦ୍ର ଅନ୍ୟପଟେ ଶ୍ରୀଗଣେଶ । ମା'ଙ୍କ ଦୟାରୁ ପୁରୁଷୋତ୍ତମ ଦେବ ଯୁଦ୍ଧରେ ବିଜୟୀ ହେଲେ । ଫେରିବା ବାଟରେ ମାଙ୍କୁ ପ୍ରାର୍ଥନା କରିବାରୁ ସେ ପୁରୀ ଆସିବାକୁ ସମ୍ମତି ଜଣାଇଲେ ଓ ପୁରୀରେ ଅବସ୍ଥାନ କଲେ ।

Digitized by srujanika@gmail.com

ସେହିବର୍ଷ କେଉଁଝରେ ରାଜା ତ୍ରିଲୋଚନ ଭଂଜ ମୃତ୍ୟୁ ବରଣ କରିବାରୁ ପୁରୁଷୋତ୍ତମ ଦେବ ଗୋବିନ୍ଦ ଭଂଜଙ୍କୁ କେନ୍ଦୁଝର ରାଜଗାଦୀରେ ବସାଇଲେ । ଗୋବିନ୍ଦ ଭଂଜ ମା'ଙ୍କୁ ସାଥିରେ ନେବାକୁ ରାଜାଙ୍କ ଅନୁମତି ଲୋଡ଼ିଲେ । ପୁରୁଷୋତ୍ତମ ଦେବ ମା'ଙ୍କୁ ରାଜି କରାଇବାକୁ କହିଲେ । ଗୋବିନ୍ଦ ଭଂଜଙ୍କ ପ୍ରାର୍ଥନାରେ ମା' କେଉଁଝର ଯିବାକୁ ରାଜି ହୋଇ ସର୍ତ୍ତ ରଖିଲେ ପଛକୁ ଫେରି ମା'ଙ୍କୁ ନ ଚାହିଁବାକୁ । ଯିବା ବାଟରେ ବୈତରଣୀ ନଦୀ, ଘଞ୍ଚ ଜଂଗଲ । ଘୋଡ଼ା ଟାପୁର ଶବ୍ଦ ନ ଶୁଣିବାରୁ ଗୋବିନ୍ଦ ଭଂଜ ପଛକୁ ଫେରି ଚାହିଁଦେଲେ । ମା' ସେଠି ପାଷାଣୀ ହୋଇଗଲେ । ଶୂନ୍ୟବାଣୀ ହେଲା । ମା' ସେଠି ତାରିଣୀ ଭାବେ ଖ୍ୟାତି ଲାଭ କଲେ । ରାଜା ପୂଜାର୍ଚ୍ଚନାର ବ୍ୟବସ୍ଥା କଲେ । ସେବାୟତ ଖଞ୍ଜିଦେଲେ ।

କେଉଁଝର ସିଡିଏମ୍‌ଓ ଥାନ୍ତି ଡାକ୍ତର ଝସକେତନ ସାହୁ । ସମ୍ବଲପୁରରୁ ଜଣାଶୁଣା । ଜନସ୍ୱାସ୍ଥ୍ୟ ବିଭାଗରେ ଥିବା ଡାକ୍ତର ମନ୍ତ୍ରୀଙ୍କ ଲୋକ । ରାତିରେ ବଂଗଳାରେ ରହିବାର ବ୍ୟବସ୍ଥା କରିଥାନ୍ତି । ସେଠି ତାଙ୍କ ସହ କଥାବାର୍ତ୍ତା କଲି । ସକାଳେ କାମ ଦେଖିବି ବୋଲି କହିଲି । ମୋର ଗୋଟିଏ ଭଗ୍ନୀ ପତି ସେଠି ରହେ । ତା ଘରକୁ ଗଲି । କେନ୍ଦୁଝରର ପୂର୍ବତନ ସିଭିଲ ସର୍ଜନ ଡାକ୍ତର କରୁଣାକର ବେହେରା ଅବସର ଗ୍ରହଣ ପରେ ସେଠି ଗୋଟେ ଘରୋଇ ଚିକିତ୍ସାଳୟ କରିଥାନ୍ତି । ତାଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କଲି । ସେ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କଲେ ଓ ଆମ ଜନସ୍ୱାସ୍ଥ୍ୟ ବିଭାଗରେ କାମ କିପରି ଚାଲିଛି କହିଲେ ।

ପରଦିନ ସକାଳୁ ଡାକ୍ତରବାବୁ କେଉଁଝରର ମ୍ୟୁନିସିପାଲିଟିର ଜଳ ଯୋଗାଣ କେନ୍ଦ୍ର ଦେଖାଇଲେ । ଜଳ ଭଣ୍ଡାରଟି ସହରଠାରୁ ୫ କିଲୋମିଟରେ । ପ୍ରାୟ ୫ ଲକ୍ଷ ଗ୍ୟାଲେନ୍ ପାଣି ଏଠାରେ ରହିପାରିବ । ଏ ପାଣି ଉପର ମୁଣ୍ଡରୁ ଗଡ଼ି ଗଡ଼ି ଏଠାରେ ରହୁଛି ଓ ସହରଠାରୁ ୧କି.ମି. ଦୂରରେ ଥିବା ବିଶୋଧନ କେନ୍ଦ୍ରକୁ ପାଇପ ଦ୍ୱାରା ନିଆଯାଉଛି । ସେଠାରୁ ସହରର ୩୦୦ ପଏଣ୍ଟରେ ପାଣି ଯୋଗାଇ ଦିଆଯାଉଛି । ସବୁ ଗୁଡ଼ିକ ପଏଣ୍ଟ କାମ କରୁଛି । କାହାରି ଠାରୁ ତାଙ୍କ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଅଭିଯୋଗ ପାଇଲି ନାହିଁ । ସେ ମତେ କେଉଁଝରର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ (ସହର ପାଖାପାଖି) ନେଇ ବୁଲାଇ ଦେଖାଇଲେ । ମୁଁ ଉପରବେଳା ଫେରି ଆସିଲି ।

୮.୭.୮୭ରେ ଗଲି ବାଲେଶ୍ୱର । ସେଠି ବି ସେଇ ମ୍ୟୁନିସିପାଲିଟି ହେଲ୍‌ଥ ଅଫିସରଙ୍କ ବିରୁଦ୍ଧରେ କିଛି ଅଭିଯୋଗ । ତାଙ୍କ କାଗଜପତ୍ର ଦେଖିଲି । ସଂଧ୍ୟାରେ ଗଲି ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର ଦେଖିବାକୁ । ବାଲେଶ୍ୱରରୁ ୯ କିଲୋମିଟର । ଓଡ଼ିଶାର ବୃନ୍ଦାବନ ଭାବେ ଖ୍ୟାତି ଲାଭ କରିଛି । ତୀର୍ଥସ୍ଥଳୀ । ଶ୍ରୀ ଚୈତନ୍ୟ ଦେବ ଏଠାରେ କିଛି ସମୟ କଟାଇ ଥିଲେ । ପ୍ରସାଦ କ୍ଷୀରା ଓ ଏହାର ପ୍ରସିଦ୍ଧି ଅଛି । ସେବନ କଲୁ । ବେଶ୍ ସୁସ୍ୱାଦୁ । ମୋ ଝିଅଙ୍କ ବଡ଼ଭାଇ ଅଜୟ ଚନ୍ଦ୍ର ଜେନା ସେଠି ବ୍ୟାଙ୍କ ଅଫିସର ଥାନ୍ତି । ରାତିରେ ତାଙ୍କ ଘରେ ଖାଇଲି ।

ପରଦିନ ସକାଳେ ଗଲି ଚାନ୍ଦିପୁର । ବାଲେଶ୍ୱରରୁ ୧୮ କିଲୋମିଟର । ସମୁଦ୍ରକୂଳ ବିଶେଷ ଉପଭୋଗ୍ୟ ନୁହେଁ । ଜଳ ବହୁତ ଦୂରରେ । ଜୁଆର ବେଳେ ପାଖକୁ ଆସେ । ଅନତି ଦୂରରେ ରକେଟ୍ ପରୀକ୍ଷା କେନ୍ଦ୍ର । ସେଠିକୁ ଯିବା ମନା । କିଛି ସମୟ ବୁଲାବୁଲି କରି କଟକ ଫେରିଲି ।

Digitized by srujanika@gmail.com

ପୁରୀ ତ ଜଗନ୍ନାଥ ଧାମ । ସେଠି ତ ସବୁଦିନେ ମେଳା । ମେଳା ନିୟନ୍ତ୍ରଣ ବା ସେଠାରେ ଥିବା ସଂକ୍ରାମକ ରୋଗ ଡାକ୍ତରଖାନା ବା ଜିଲ୍ଲା ହାସପାତାଳ ଦେଖିବା ବାହାନାରେ ଯେତେବେଳେ ଇଚ୍ଛା ପୁରୀ ଚାଲିଯାଏ । ମୁଖ୍ୟ ଚିକିତ୍ସକ ବ୍ରଜଗୋପାଳ ଢେନା । ତାଙ୍କ ଘରେ ଦିବ୍ୟ ଭୋଜନ ବା ଖାଦ୍ୟ ନିରୀକ୍ଷକ (ଫୁଡ୍ ଇନିସ୍‌ପେକ୍ଟର)ଙ୍କ ଆନୁକୂଲ୍ୟରେ ମନ୍ଦିରରେ ଠାକୁରଙ୍କ ପ୍ରସାଦ । ଭେଷଜ ବିଶେଷଜ୍ଞ ଥାନ୍ତି ଡାକ୍ତର ଦେବେନ୍ଦ୍ର ମିଶ୍ର । ବହୁଦିନ ଧରି ମୋ ସହ କାମ କରିଛନ୍ତି । ସେ ବି ରହନ୍ତି ପାଖେ ପାଖେ । ନୟାଗଡ଼ରେ ମୁଁ କାମ କରୁଥିଲି । ସେ କାଳରୁ ସିଭିଲ୍ ସର୍ଜନଙ୍କ ସଦିଚ୍ଛାରୁ ପୁରୀ ଜିଲ୍ଲାର ସବୁସ୍ଥାନ ଦେଖି ସାରିଛି ।

କୋଣାର୍କ ମାଘମେଳା । ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ସ୍ୱର୍ଗଲାଭ ସୁନିଶ୍ଚିତ । ସରକାରୀ ପଇସାରେ ଯଦି ଏତେ ଧର୍ମ କରିହେବ ଛାଡ଼ିବି କାହିଁକି ? ମେଳା ନିୟନ୍ତ୍ରଣ କରିବାକୁ ପାହାନ୍ତାରୁ ବାହାରି ପଡ଼ିଲି । ସୂର୍ଯ୍ୟୋଦୟ ପୂର୍ବରୁ ପହଁଚିବାକୁ ପଡ଼ିବ । କୋଣାର୍କ କଟକରୁ ଶହେ କିଲୋମିଟର । ଅଢ଼େଇ ଘଣ୍ଟାର ବାଟ । ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ । ସ୍ୱର୍ଣ୍ଣ ତ୍ରିଭୂଜର ସ୍ୱର୍ଣ୍ଣବାହୁ । (ଅନ୍ୟ ଦୁଇଟି ବାହୁ ପୁରୀ ଓ ଭୁବନେଶ୍ୱର) । କୋନା ଓ ଅର୍କ ଦୁଇ ଶବ୍ଦର ମିଳନରେ କୋଣାର୍କ । ସୂର୍ଯ୍ୟ (ଅର୍କ) ପୂଜା ହେଉଥିବାରୁ ନାମ ଅର୍କକ୍ଷେତ୍ର ।

ସୂର୍ଯ୍ୟୋଦୟର ସୌନ୍ଦର୍ଯ୍ୟ ଉପଭୋଗ କଲି । କୋଣାର୍କ ଡାକ୍ତରଖାନା ଓ ପୁରୀର ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଆସି ସାରିଥାନ୍ତି । ମେଳାସ୍ଥାନରେ ତାଙ୍କର ପ୍ରାଥମିକ ଚିକିତ୍ସା କେନ୍ଦ୍ର । ମାଇକ ବ୍ୟବସ୍ଥା ଅଛି । ଖାଦ୍ୟ ନିରିକ୍ଷକ ତାଙ୍କ ସହାୟକ ମାନଙ୍କୁ ଧରି ହୋଟେଲ ଓ ଜଳଖିଆ ଦୋକାନ ଗୁଡ଼ିକର ଖାଦ୍ୟଦ୍ରବ୍ୟ ପରୀକ୍ଷା କରୁଛନ୍ତି । ବୁଡ଼ ସ୍ଥାନରେ ଯଥାରୀତି ବିଶୋଧନ କାର୍ଯ୍ୟ ହୋଇଛି । ବଙ୍ଗଳାରେ ଖାଦ୍ୟ ନିରୀକ୍ଷକ ଜଳ ଯୋଗର ବ୍ୟବସ୍ଥା କରିଥିଲେ । ପୃଥିବୀ ବିଖ୍ୟାତ ସୂର୍ଯ୍ୟ ମନ୍ଦିରର ଭଗ୍ନାଂଶ ଓ ପାଖରେ ଥିବା ନବଗ୍ରହ ମୂର୍ତ୍ତି ବୁଲି ଦେଖି ସାରିବା ପରେ ଉପର ବେଳା ଫେରି ଆସିଲି ।

କଟକ ଜିଲ୍ଲାରେ ପାରାଦୀପ ବନ୍ଦର ନଗରୀକୁ ଲାଗିଛି ପାରାଦୀପ ସାର କାରଖାନା । ପି.ପି.ଏଲ୍ ଏସିଆର ଦ୍ୱିତୀୟ ବୃହତ୍ତମ ଡି.ଏ.ପି କାରଖାନା । ୧୯୮୧ରୁ ବିରଳା ଓ ମରକୋର ଏକ କମ୍ପାନୀ ମିଶି ପ୍ରାୟ ୨୫୦୦ ଏକର ପରିମିତ ଅଞ୍ଚଳରେ ଏ କାରଖାନା ନିର୍ମାଣ କରାଯାଇଛି । ବାର୍ଷିକ ଉତ୍ପାଦନ କ୍ଷମତା ସାତଲକ୍ଷ କୋଡ଼ିଏ ହଜାର ଟନ୍ ଡି.ଏ.ପି । କାରଖାନାର କର୍ମଚାରୀ ସଂଖ୍ୟା ୯୯୨ । ପ୍ଲାଣ୍ଟରେ କାମ କରନ୍ତି ୭୫୮ ।

କାରଖାନାର ପରିବେଶ ତଥା ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ, ଅଗ୍ନି ନିର୍ବାପନ ବ୍ୟବସ୍ଥା ଇତ୍ୟାଦି ଇଣ୍ଡଷ୍ଟ୍ରିଆଲ୍ ହାଇଜିନ୍ ତଦାରଖ କରିବାକୁ ଆଗୁଆ ପ୍ରୋଗ୍ରାମ ଦେଇଥିଲି । ସେମାନେ ମଧ୍ୟ ମୋ ପାଇଁ ଇନ୍‌ଫର୍ମେସନ୍ ସିଟ୍ ପ୍ରସ୍ତୁତ କରିଥିଲେ । କାରଖନାରେ ପଦସ୍ଥ ଅଫିସର ମତେ ନେଇ କାରଖାନା ଭିତରେ ବୁଲାଇ ଦେଖାଇଲେ । କାର୍ଯ୍ୟରତ ଶ୍ରମିକମାନେ କେହି ମୁଖା (ମାସ୍କ) ହାତରେ ଗ୍ଲୋଭ୍‌ସ ଏପରିକି ଗୋଡ଼ରେ ବୁଟ ବ୍ୟବହାର କରୁ ନଥିଲେ । ଏ ଗୁଡ଼ିକ ହୁଏତ ଭଣ୍ଡାର ଘରେ ବହୁ ପରିମାଣରେ ଗଚ୍ଛିତ ହୋଇ ରହିଥିଲା । ମୁଁ ହସି ହସି କହିଲି ଆପଣମାନେ ତ ମାସକୁ ଆଠକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଶ୍ରମିକମାନଙ୍କୁ ଟିକିଏ

Digitized by srujanika@gmail.com

ଚାହାନ୍ତୁ । ନଚେତ କ୍ଷତିପୂରଣ ବାବଦରେ ବହୁତ ଖର୍ଚ୍ଚ କରିବାକୁ ପଡ଼ିବ । ଶ୍ରମିକ ଅଶାନ୍ତି ବି ବଢ଼ିବ ।

ସେମାନେ ମୋ ରହିବା ଖାଇବାର ସୁବନ୍ଦୋବସ୍ତ କରିଥିଲେ । ମୁଁ ବନ୍ଦର ଭିତରେ ବୁଲାବୁଲି କରି ଫେରିଲି । ମୋ ପରିଦର୍ଶନ ରିପୋର୍ଟ ଭାରତ ସରକାରଙ୍କ ସଂପୃକ୍ତ ବିଭାଗକୁ ପଠାଇ ଦେଲି । କିଏ ଦେଖୁଛି ତାକୁ ?

କଟକ ମୋ ନିଜ ଜିଲ୍ଲା । ସେଇଠି ମୁଁ ବଢ଼ିଛି । ପାଠ ପଢ଼ିଛି, ଚାକିରୀ କରିଛି ପୁଣି ସିଡିଏମ୍‌ଓ ଥିଲି । ଏହାର ପ୍ରତ୍ୟେକ ସମସ୍ୟା ମତେ ଜଣା । ତଥାପି ସରକାରୀ କଳକୁ ବଂଚାଇ ରଖିବାକୁ କର୍ମଚାରୀ ମାନଙ୍କୁ କାର୍ଯ୍ୟରତ ଅବସ୍ଥାରେ ରଖିବାକୁ ପ୍ରତି କୋଣ ଅନୁକୋଣ ବୁଲି ଆସିଲି । କିଛି ମିଳିବାର ଆଶା ନ ଥାଏ । ତେବେ ଚାକିରୀରୁ ଅବସର ନେବା ପୂର୍ବରୁ ଲୋକସଂପର୍କ ବଢ଼ାଇ ପାରିବି ।

ଯାଜପୁର କେନ୍ଦ୍ରାପଡ଼ାରେ ବନ୍ୟାର ପ୍ରଭାବ । ବନ୍ୟା ପୂର୍ବରୁ ଦୁର୍ଗମ ଅଂଚଳରେ ଔଷଧ ପତ୍ର ମହଯୁଦ ରଖିବା ଓ ପିଇବା ପାଣିର ଅବସ୍ଥା ଆକଳନ କରିବାକୁ ବୁଲାବୁଲି କଲି । ମନେ ପଡୁଛି ବିଂଝାରପୁରର ଖରସ୍ରୋତା ନଦୀ କୂଳରେ ଗୋଟିଏ ଛୋଟ ଡିସ୍‌ପେନ୍‌ସରୀ ଗୋବିନ୍ଦପୁର । କେହି କେବେ ସେଠିକୁ ଯାଆନ୍ତିନି । ଯାଜପୁର ଡାକ୍ତରଖାନାର ଗାଡ଼ି ଓ ଡ୍ରାଇଭରକୁ ନେଇ ଗଲି । ସେ ଡ୍ରାଇଭର ମୋ ପାଖରେ କାମ କରୁଥିଲା । ପାଖ ଗାଁ ପାଳିମି ମହନପୁରେ ମୋ ଝିଅ ପାଇଁ ଗୋଟେ ବରପାତ୍ର ଦେଖିବାକୁ ଗଲି । ଡାକ୍ତରଖାନା ପାଖରୁ ସେ ଗ୍ରାମ ୪/୫ କିଲୋମିଟର । ରାସ୍ତାର ନାମ ଗଂଧ ନାହିଁ । ଡ୍ରାଇଭର ଚାଷ ଜମି ଭିତରେ ଖାଲ ଢିପ ନମାନି ଜିପ୍ ପୂରାଇ ଦେଲା ।

ଏମିତି ଦିନ ଗଡ଼ି ଚାଲିଲା । ସୁପ୍ତପ୍ରାୟ ଥିବା ଅଫିସ ଚଳଚଞ୍ଚଳ ହୋଇ ଉଠିଲା । ହେଲେ ଆମ ଡାଇରେକ୍‌ଟର ହରିଶ ମିଶ୍ର ଖୁସି ହେବା ପରିବର୍ତ୍ତେ ରାଗରେ ରକ୍ତ ଚାଉଳ ଚୋବାଇ ହେଲେ ।

ସରକାରୀ କାମ ଅପେକ୍ଷାକୃତ କମ୍ ହେଲେ ବି ବ୍ୟକ୍ତିଗତ ସମସ୍ୟା ଘରେ ବାହାରେ ବହୁତ । ଏଇ ଚାକିରୀ ସମୟ ମଧ୍ୟରେ ମତେ ସେ ସବୁର ସମାଧ୍ୟାନ କରିବାକୁ ପଡ଼ିଲା ।

**ବୈଦେଶିକ ମୁଦ୍ରା ସମସ୍ୟା :**

ମୁଁ ବିଲାତରେ ପଢୁଥିବା ବେଳେ ମୋ ଚାକିରୀର ବଳକା ଟଙ୍କାକୁ ସେଠିକାର ଭାରତୀୟ ଷ୍ଟେଟବ୍ୟାଙ୍କରେ କିଛି ରଖିଥିଲି । ସେହି ଟଙ୍କାର ସୁଧ ବଢୁଥାଏ । ଆଶା ଥିଲା ସୁବିଧା ପାଇଲେ ପୁଣିଥରେ ଆସି ପରୀକ୍ଷା ଦେବି ବା ପିଲାଙ୍କ କାମରେ ଲାଗିବ । ମୋର ଅଜ୍ଞତା ବଶତଃ ରିଜର୍ଭ ବ୍ୟାଙ୍କର ଅନୁମତି ନେଇ ନ ଥିଲି ସେଥି ପାଇଁ । ୧୯୭୩ ମସିହାରେ ସମ୍ଭବତଃ ଚନ୍ଦ୍ରଶେଖରଙ୍କ ପ୍ରଧାନମନ୍ତ୍ରୀତ୍ୱ ଅମଳରେ ବୈଦେଶିକ ମୁଦ୍ରା ନିଅଣ୍ଟ ପଡ଼ିବାରୁ ବିଦେଶୀ ବ୍ୟାଙ୍କରେ ଟଙ୍କା ଜମା ରଖିବା ବିରୁଦ୍ଧରେ ନିଷ୍ପତ୍ତି ନିଆଯାଇଥିଲା । ମୋର ଏ ସାମାନ୍ୟ କେତେଟଙ୍କା ଉପରେ ବି ଏନ୍‌ଫୋର୍ସମେଣ୍ଟ ବିଭାଗର ନଜର ପଡ଼ିଲା । ୧.୭.୮୭ରେ ମତେ କାରଣ ଦର୍ଶାଅ ନୋଟିସ ଆସିଲା । ମୁଁ ମୋ ଓକିଲ ବଂଧୁ ପ୍ରବୋଧ ପଟ୍ଟନାୟକଙ୍କ ପରାମର୍ଶରେ ନୋଟିସ୍ ପାଇବା ମାତ୍ରେ ସେ ଆକାଉଣ୍ଟ କ୍ଲୋଜ୍ କରି ଗଚ୍ଛିତ ଥିବା ୬୨୮୮.୭୮ ପାଉଣ୍ଡକୁ ଟଙ୍କା ଆକାରରେ ଏକଲକ୍ଷ ୩୫ ହଜାର ସାତଶହ

Digitized by srujanika@gmail.com

ଦୁଇଟଙ୍କା ୧୦.୭.୮୭ରେ ଉଠାଇ ଆଣି ସାର୍ଟିଫିକେଟ୍ ସହ ସମସ୍ତ ବିଷୟ ଉଲ୍ଲେଖ କରି ପତ୍ରୋତ୍ତର ଦେଇଦେଲି । ହେଲେ ଏଥିରେ ସେମାନେ କ୍ଷାନ୍ତ ନ ହୋଇ ମତେ ହଜାରେ ଟଙ୍କା ଜୋରିମାନା (ପେନାଲ୍‌ଟି) କଲେ । ମୁଁ ଆଉ ଅପିଲ ନ କରି ହଜାରେ ଟଙ୍କାର ବ୍ୟାଙ୍କଡ୍ରାଫ୍‌ଟ ସଂପୃକ୍ତ ବିଭାଗକୁ ୯.୧୦.୮୭ରେ ପଠାଇ ଦେଇ ସେଥିରୁ ମୁକୁଳିଲି । ୨୭.୧୧.୮୭ରେ ପ୍ରାପ୍ତି ସ୍ୱୀକାର ଆସିଲା ।

**ଶାଶୁ ଶ୍ୱଶୁରଙ୍କ ଦେହାନ୍ତ :**

ମୋ ଶାଶୁଙ୍କ ଦେହ ଅସୁସ୍ଥ ହେଲା । ମୋ ସ୍ତ୍ରୀ ତାଙ୍କ ବଡ଼ ଝିଅ । ତାକୁ ବି ସେ ବେଶି ଭଲ ପାଆନ୍ତି । ସେ ଆସି ଝିଅ ପାଖରେ ରହିଲେ । ପୃଥୁଳ ବପୁ । ଉଚ୍ଚ ରକ୍ତ ଚାପ, ଆଣ୍ଠୁଗଣ୍ଠି ବାତ । ଚଲାବୁଲା କଷ୍ଟକର । ପୁଣି ଦମା ପେଲା । ମୁଁ ମୋର ସ୍କୁଲବେଳର ସହପାଠୀ ଡାକ୍ତର ରାଧାନାଥ ରଥଙ୍କୁ ଦେଖାଇଲି । ସେ କହିଲେ ଇଂଜିନ୍ ଛୋଟ, ଡବା ବହୁତ । ଓଜନ କମାଅ । ଖାଇବା କମାଇବାକୁ କିଏ କହିବ ? ସେ ଔଷଧ ସେବନ କରୁଥିବା ଭିତରେ ହୃଦ୍‌ଘାତରେ ଆମ ଘରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଆମେ ତାଙ୍କର ବିଶେଷ ସେବା ଶୁଶ୍ରୁଷା କରିନାହୁଁ । ତାଙ୍କ ପିଲାମାନେ ଆସି ଶବସଂସ୍କାର କଲେ ।

ଶ୍ୱଶୁର ବାମନ ପରିଡ଼ା ସନ୍ନ୍ୟାସୀ ହୋଇ ଯାଇଥିଲେ । ଘରୁ ଯାଇ ୨/୩ କିଲୋମିଟର ଦୂର କଦମକଣ୍ଡା ମଠରେ ରହୁଥିଲେ । ସେ ସ୍ୱାମୀ ନିଗମାନନ୍ଦଙ୍କ ଭକ୍ତ ଓ ଦୀକ୍ଷା ନେଇଛନ୍ତି । ଅନୁଷ୍ଠାନ ପ୍ରତି ଅବଦାନ ଅଛି । ସଂପତ୍ତି ବାଡ଼ି ଦାନ କରି ମଠ କରିଛନ୍ତି । ଛୋଟ ଛୋଟ ପିଲା ରହି ପାଠ ପଢ଼ନ୍ତି । ମଠ ଆୟରେ ସେ ପିଲାମାନେ ଚଳନ୍ତି । ସେଇ ମଠରେ ସେ ଦେହତ୍ୟାଗ କଲେ । ସନ୍ନ୍ୟାସୀମାନେ ଆସିଲେ । ସେମାନଙ୍କ ନିର୍ଦ୍ଦେଶରେ ଯଥା ସମୟରେ ସମାଧି ଦିଅଗଲା । ମୁଁ ଓ ମୋ ପିଲାମାନେ ସେ କାର୍ଯ୍ୟରେ ସହଯୋଗ କଲୁ । ଗୋଟିଏ ପୀଢ଼ିର ଅବସାନ ଘଟିଲା ।

**ନୂଆବୋଉଙ୍କ ଗୃହତ୍ୟାଗ :**

୧୯୫୯ରେ ମୁଁ ବିଲାତ ଯିବା ପରଠାରୁ ନୂଆବୋଉ ଘର ଚଳାଉଥିଲେ । ତାଙ୍କୁ ସାହାଯ୍ୟ କରୁଥିଲେ ଆମର ସୂର୍ଯ୍ୟବଂଧୁ ସାନମାଣତିଆର ସୂର୍ଯ୍ୟମଣି ରାଉତଙ୍କ ପୁଅ ବୀରବର ରାଉତ । ତାଙ୍କ ସାନଭାଇ ଚୂଟ (ନାରଣ ସାମଲ) ବାହାର ଚାକିରୀଆ କାଳିଆ, ପ୍ରବୀର, ସେଠି ଇତ୍ୟାଦି । ଆମର ଧାନ, ମୁଗ, ବିରି, ନଡ଼ିଆ, ବାଉଁଶ ଇତ୍ୟାଦି ଯାହା ଅମଳ ହୁଏ ବିକ୍ରିଟିକ୍ରି କରି ଘର ଖର୍ଚ୍ଚ କରନ୍ତି । ମୁଁ ବିଲାତରୁ ଫେରିବା ପରେ ଘରଖର୍ଚ୍ଚ ସବୁ ବହନ କଲି । ୧୯୬୮ରେ ଝିଅ ବିଭାଘର ଓ ପରେ ପରେ ତାର ପିଲାମାନଙ୍କର ସମସ୍ତ ଖର୍ଚ୍ଚ ବହନ କରୁଥିଲି ।

ମୋ ଭାଇ ପିଲାଟି ଦିନରୁ ପୁଅ ହୋଇ ଯାଇଥିବାରୁ ତାଙ୍କ ନାମରେ ଅଲଗା ସଂପତ୍ତି । ମୁଁ ସେଥିରେ ହାତ ଦେଇନି । ଝିଅ ବିଭାଘର ପରେ ପରିସ୍ଥିତି ବଦଳିବାକୁ ଲାଗିଲା । କ୍ୱାଇଁ ମୋ ଅନୁପସ୍ଥିତିର ସୁଯୋଗ ନେଇ ଚକବନ୍ଦୀବେଳେ ଭାଇଙ୍କ ନାମରେ ଥିବା ସଂପତ୍ତି ତାଙ୍କ ଝିଅ ଶାନ୍ତି ନାମରେ କରିନେଲେ । ନୂଆବୋଉଙ୍କ ନାମରେ କିଛି ରହିଲାନି । ସେ ଚଳିବେ କିପରି ? ଏ ତ ବେଆଇନ କାମ । ମୋ ପରିବାରରେ ଅଶାନ୍ତି ସୃଷ୍ଟି ପାଇଁ ଉଦ୍ୟମ । ଝିଅର ଜନ୍ମ ୧୯୫୨ ପୂର୍ବରୁ । ତା ନାମରେ ସଂପତ୍ତି ହୋଇ ପାରିବନି ଦର୍ଶାଇ ଚକବନ୍ଦୀ କମିଶନର ରାଧାକାନ୍ତ

Digitized by srujanika@gmail.com

ନାୟକଙ୍କ ସହାୟତା ଲୋଡ଼ିଲି । ତାଙ୍କ ନିର୍ଦ୍ଦେଶରେ ପୂର୍ବ ଆଦେଶ ରଦ୍ଦ କରି ଜମିବାଡ଼ି ସବୁ ନୂଆବୋଉଙ୍କ ନାମରେ କରାଗଲା । ଏଥିରେ ସମସ୍ତଙ୍କର ଗାତ୍ରଦାହ ହେଲା । ନୂଆବୋଉ ତାଙ୍କ ଝିଅ ପାଖରେ ରହିଲେ ।

## ଭଡ଼ାଟିଆ ସମସ୍ୟା :

କଟକରେ ଆଗଘର ଉପର ମହଲାରେ ମୁଁ ରହୁଥାଏ । ତଳ ମହଲାଟି ଭଡ଼ା ଦିଆ ଯାଇଥାଏ । ଏଇଟିକୁ ପ୍ରଥମେ ଜଣେ ପଂଜାବୀ ଭଡ଼ାନେଇ ରନ୍ଧନଗ୍ୟାସ ରଖୁଥିଲେ । ସେ ଗଲାପରେ ୧୯୮୧ରେ ମଉସା ମାଧଜେନାଙ୍କ ସୁପାରିଶରେ ରାଣୀହାଟର ସୁରସାହୁ ମୋଠାରୁ ଚାବି ଆଣି ଭଡ଼ାରେ ରହିଲେ । ସୁରସାହୁ ଓ ବିଦ୍ୟାସାହୁ ମିଶି ଉତ୍କଳ ମଟର୍ସ ନାମରେ ଗୋଟିଏ କବାଡ଼ିବାଲା ଦୋକାନ ସେଠି କରିଥାନ୍ତି । ସବୁ ଭଙ୍ଗା ଘାଡ଼ି ଘର ଆଗରେ ଜମା । ଠକ୍ ଠକ୍ ଶବ୍ଦ । ମୁଁ ତ ରହୁ ନଥିଲି । ୧୯୮୫ରେ ମୁଁ ସେଘରେ ରହିଲାପରେ ମତେ ଭଲ ଲାଗିଲାନି । କିନ୍ତୁ ମୋପ୍ରତି ସେମାନଙ୍କର ବ୍ୟବହାର ଭଲ ହୋଇଥିବାରୁ ମୁଁ କିଛି କହି ପାରୁନଥାଏ ।

୧୯୮୭ରେ ମୋ ଝିଅ ବିଭାଘର ପୂର୍ବରୁ ମୁଁ ସୁରବାବୁଙ୍କୁ ଡାକି କହିଲି ମୋ ଝିଅ ବିଭାଘର, ଆପଣ ଅନ୍ତତଃ ଘର ଅଧେ ଖାଲି କରି ଦିଅନ୍ତୁ । ପୂରା ଘର ବରଂ ପରେ ଖାଲି ହେବ । ସୁରବାବୁ କହିଲେ ହଁ ଝିଅ କଣ ଆପଣଙ୍କର ମୋର ନୁହେଁ । ମୁଁ ସବୁ ଠିକ୍ କରିଦେବି । ଦିନ ଗଡ଼ି ଚାଲିଲା, କିଛି କଲେନି । ମୋ ସଢ଼ୁ ସୁରସେନ ଜେନା (ଆଇ.ଏ.ଏସ୍.) ସେଠି ରହୁଥାନ୍ତି । ତାଙ୍କ ସହ ପରାମର୍ଶ କଲି । ସେ କହିଲେ ସେ ଜିନିଷ ଉଠାଇବ ନାହିଁ କି ସହଜରେ ଘର ଛାଡ଼ିବ ନାହିଁ । ଆପଣ ଘର ଆଗରେ ପାଚେରୀ ଉଠାଇ ଦିଅନ୍ତୁ । ମୁଁ ପାଚେରୀ ଉଠାଇବାର ବ୍ୟବସ୍ଥା କଲି । ହେଲେ ସେ ମୂଲିଆ ମିସ୍ତ୍ରୀ ସୁରବାବୁଙ୍କ ଇଙ୍ଗିତରେ ସହଯୋଗ କଲେ ନାହିଁ । ଆମ ମୁନିସିପାଲିଟି ହେଲ୍‌ଥ ଅଫିସର ଥାନ୍ତି ଡାକ୍ତର ପତି । ସେ ଆଇନ ଅନୁସାରେ ରାସ୍ତାରୁ ଜିନିଷ ହଟାଇବାକୁ ଚିଠି କଲେ । ମୁଁ ଆମ ଗ୍ରାମରୁ ମିସ୍ତ୍ରୀ, ମୂଲିଆ ଆଣି ରଖିଥିଲି । ସେମାନେ ମୁନିସିପାଲିଟି ହେଲ୍‌ଥ ଅଫିସର ଓ ସୁରସେନ ଜେନାଙ୍କ ଉପସ୍ଥିତିରେ ଜିନିଷ ସବୁ ଉଠାଇବାକୁ ଆରମ୍ଭ କଲେ । ତାପରେ ସେ ଦୁହେଁ ତାଙ୍କ ଜିନିଷ ପତ୍ର ଉଠାଇନେଲେ । ପାଚେରୀ ଭଲରେ ଭଲରେ ହୋଇଗଲା । ଘର ବି ପୂରା ଖାଲି କରିଦେଲେ । ସେମାନେ ଏବେ ଆମ ଆଗରେ ଗୋଟେ ଘର ଭଡ଼ା ନେଇଅଛନ୍ତି ।

## ଝିଅ ବିଭାଘର :

ମୋ ବଡ଼ଝିଅ ସାଗରୀକା । ଡାକ ନାମ ମାମିନା । ବଟାନୀରେ ଏମ୍‌ଏସ୍‌ସି କରିଥାଏ, ଦ୍ୱିତୀୟ ଶ୍ରେଣୀ । ୨୨ ବର୍ଷ ହେଲାଣି । ମୋ ଚାକିରୀ ଆଉ ଅଳ୍ପଦିନ । ଭାବିଲି ଚାକିରୀରେ ଥିବାବେଳେ ଅନ୍ତତଃ ଗୋଟିଏ ଝିଅ ଉଠାଇ ଦେବି । ଚାରିଆଡ଼େ ଆଖି ପକାଉଥାଏ । ସରକାରୀ ଗସ୍ତରେ ଗଲାବେଳେ ପିଲାଙ୍କୁ ଦେଖେ । ମଧ୍ୟସ୍ଥ ମାନଙ୍କର ଭିଡ଼ । ମୋର ଇଚ୍ଛା ଡାକ୍ତର କି ଇଂଜିନିଅର ଜ୍ୱାଇଁଟିଏ କରିବି । ପିଲାଟି ଦେଖିବାକୁ ସୁନ୍ଦର ହୋଇଥିବ । ମୋ ଝିଅର ବର୍ଣ୍ଣ ଶ୍ୟାମଳ । ମନ ଯାହା ଖୋଜେ ସବୁବେଳେ ମିଳେନାହିଁ । ଯାଜପୁର ମୋର ଚରାଭୂଇଁ । ଡାକ୍ତର କେହି ରାଜି ହେଲେ ନାହିଁ । ଇଂଜିନିଅର, ମାରାଇନ୍ ଇଂଜିନିଆର ଆସିଲେ । କିନ୍ତୁ ହେଲାନାହିଁ

Digitized by srujanika@gmail.com

ମୋ ଶଳା ରମାର ଶଶୁର ଘର ଗାଁ ପାଳିମିମହନପୁର ଗ୍ରାମର ପିଲାଟିଏ ଓ.ଏ.ଏସ୍ ପାଶ୍ କରିଥାଏ । ଦେଖିବାକୁ ଖୁବ୍ ସୁନ୍ଦର । ମୋ ମନକୁ ପାଇଲା । ଡାକ୍ତର ଇଂଜିନିଅର ସ୍ୱପ୍ନ ଭୁଲିଲି । ମୋର ଯୁଗ୍ମ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଭାବେ ପୋଷ୍ଟିଂ ବେଳେ ସମାଜରେ ଫଟୋ ବାହାରିଥିଲା । ତାଙ୍କ ବାପା ସେ ଫଟୋ କାଟୁରେ ମାରି ସମସ୍ତଙ୍କୁ ସମୁଦୀ ବୋଲି କହୁଥାନ୍ତି । ମୁଁ ସେ ଗ୍ରାମକୁ ଯାଇଛି, ଯାଜପୁରରୁ ୪୦ କିଲୋମିଟର । ରାସ୍ତାଘାଟ ନାହିଁ । କୌଣସି କାରଣରୁ ସେ ବି ଓହରି ଗଲେ ।

ମୁଁ ପାଗଳ ପ୍ରାୟ ବୁଲୁଥିଲି । ଏତିକିବେଳେ ଯାଜପୁରର ମୋର ଜଣେ ବଂଧୁ ରମେଶ ମହାପାତ୍ର ଆସି କହିଲେ, ଝିଅ ବିଭାଘର ପାଇଁ ବ୍ୟସ୍ତ ହେଉଥିଲେ, ଭଲ ପିଲାଟିଏ ଅଛି, କରିବେ ? ରମେଶ ବାବୁ ଆୟକର ବିଭାଗର ନିରୀକ୍ଷକ ସୁଦର୍ଶନ ମଲ୍ଲିକର ସାଙ୍ଗ । ସେ ବି ମୋର ବହୁ ଦିନର ସାଙ୍ଗ ।

ପ୍ରସ୍ତାବଟି ହେଉଛି ପୁରୀ ଜିଲ୍ଲା କାକଟପୁର ପାଖ ମୁଡୁଣିଆ ଭଣ୍ଡିସାହିର ତ୍ରିଲୋଚନ ଦଳାଇଙ୍କ ପୁଅ ପ୍ରସନ୍ନ ଦଳାଇ । ସେ ରସାୟନ ବିଭାଗର ଅଧ୍ୟାପକ । ଢେଙ୍କାନାଳ କଲେଜରେ ଥାନ୍ତି । ଆଗରୁ ରେଭେନ୍‌ସା କଲେଜରେ ଥିଲେ । ଏମାନେ ୫ ଭାଇ । ବଡ଼ଭାଇ ବ୍ୟାଙ୍କ ଅଫିସର, ତାଙ୍କ ତଳଭାଇ ଅତୀଶ ପଂଜାବର ଭାଟିଣ୍ଡାଠାରେ ମିଲିଟାରୀ କାଣ୍ଟନ୍‌ମେଣ୍ଟରେ ଇଂଜିନିଅର । ପ୍ରସନ୍ନବାବୁ ତୃତୀୟ । ଅନ୍ୟ ଦୁଇଟି ଭାଇ ପାଠ ପଢୁଥାନ୍ତି । ଭଉଣୀ ବିବାହ କରିଛନ୍ତି ନିରଂଜନ ପ୍ରଧାନଙ୍କୁ । ସେ ପୋଷ୍ଟାଲ କର୍ମଚାରୀ । ଭଉଣୀ ଶିକ୍ଷୟିତ୍ରୀ । ଭାଇ ଦୁଇଟି ଭଲ ଜାଗାରେ ବିବାହ କରିଛନ୍ତି । ଭଲ ପରିବାର । ମୋର ଜଣେ ଇଂଜିନିଅର ବଂଧୁ ଗଣେଶ୍ୱର ପରିଡ଼ା ତାଙ୍କ ଗ୍ରାମ ପାଖର । ତାଙ୍କ ସହ ପରାମର୍ଶ କଲି । ଦଳେଇ ସାଙ୍ଗିଆଟା ଭଲ ଲାଗୁ ନଥାଏ । ତଥାପି ରାଜି ହେଲି ।

ନିରଂଜନ ବାବୁଙ୍କ ସ୍ତ୍ରୀ ଓ ସେ ପିଲା ଆସି ଝିଅକୁ ଦେଖି ସମ୍ମତି ପ୍ରଦାନ କଲେ । ମୁଁ, ମୋ ଶଳା ରଜନୀ, ଭିଣୋଇ ଦାମ ଜେନା, ରମେଶବାବୁଙ୍କ ସହ ତାଙ୍କର କାକଟପୁର ଠାରେ ଥିବା ଘରକୁ ଗଲୁ । ତାଙ୍କ ଗ୍ରାମ ମୁଡୁଣିଆ ନଈପାରି । ଗାଡ଼ି ଯିବାକୁ ରାସ୍ତା ନ ଥାଏ । ସେଠି ମଙ୍ଗଳାଙ୍କ ଦର୍ଶନ କଲି । ସେଇଠି ହିଁ ଭରି ପଳାଇ ଆସିଲୁ । ୧୫.୬.୮୮ରେ ଜବାବ ହେଲା । ତାଙ୍କର କିଛି ଯୌତୁକ ଦାବୀ ନଥିଲା । ତେବେ ତାଙ୍କ ବାପାଙ୍କୁ ସେଦିନ ମୁଁ ବାହାଘର ଖର୍ଚ୍ଚ ତୁଲାଇବା ପାଇଁ କୋଡ଼ିଏ ହଜାର ଟଙ୍କା ଦେଲି । ଝିଅକୁ କଟକରେ ଖଣ୍ଡେ ଜାଗା ଦେବାକୁ ଇଚ୍ଛା ଥିଲେ ବି ସେଦିନ କହି ନଥିଲି । ମନ ମୁତାବକ ଜାଗା ନମିଳିବାରୁ ବି ବିବାହ ବେଳକୁ ଦେଇ ପାରି ନଥିଲି । ପରେ ତାଙ୍କ ଭିଣୋଇ କଲ୍ୟାଣ ନଗର ପାଖରେ ଯେଉଁ ଜାଗା ଦେଖାଇଥିଲେ ମୁଁ ରାଜି ହୋଇ ନଥିଲି । ତାଙ୍କ ପାଇଁ ଖଣ୍ଡେ ଜାଗା ଭୁବନେଶ୍ୱର କଳିଙ୍ଗ ନଗର ବି.ଡି.ଏ ପ୍ଲଟ ନମ୍ବର ୧୦୭ ରଖିଛି, ଏ ପର୍ଯ୍ୟନ୍ତ ନେଇ ନାହାନ୍ତି ।

୨୨.୬.୮୮ରେ ନିର୍ବନ୍ଧ ହେଲା ଗଡ଼ଗଡ଼ିଆ ଘାଟ ଗଡ଼ଗଡ଼େଶ୍ୱର ମନ୍ଦିରରେ । ସବୁ ଦାୟିତ୍ୱ ଧନୀ ଭାଇଙ୍କର । ଆମର ବଂଧୁବାଂଧବ ଓ ତାଙ୍କ ଲୋକ ମିଶି ୬୦/୭୦ ଜଣ । ଭଲରେ ଭଲରେ ହୋଇଗଲା । ବିବାହ ଦିନ ବି ସ୍ଥିର ହେଲା ।

Digitized by srujanika@gmail.com

ମୋ ବଡ଼ ଝିଅ । ଚାକରୀରେ ଅଛି । କାଠ କାରିଗର ଆସି ଘର ପାଇଁ ଆସବାବପତ୍ର କରି ସାରିଛି । ତାଙ୍କ ମା'ଙ୍କ ପସନ୍ଦ ମୁତାବକ ୨୫୦ ଗ୍ରାମର ସୁନା ଗହଣା କଟକର ନାମଜାଦା ଗହଣା ଦୋକାନୀ ରାଧାଗୋବିନ୍ଦ ରାୟ ପାଖରେ ତିଆରି ସରିଛି । କେବଳ ଜ୍ୱାଇଁ ପାଇଁ ମୁଦିଟିଏ ହୋଇ ନ ଥାଏ ମାପ ନ ଥିବାରୁ । ଟେଲିଭିଜନ, ରେଫ୍ରିଜ୍‌ରେଟର୍ ଇତ୍ୟାଦି ଅନ୍ୟାନ୍ୟ ସରଂଜାମ ମୋ ପିଉସୀପୁଅ ଭାଇ କୈଳାଶ ଭୁବନେଶ୍ୱରରୁ କିଣିଥାନ୍ତି । ସେ ସେତେବେଳେ ବାଣିଜ୍ୟକର ବିଭାଗର ନିରୀକ୍ଷକ ଥାନ୍ତି । ନିମନ୍ତ୍ରଣ ପତ୍ର ଛପା ସରିଥାଏ । ବଂଧୁବାଂଧବଙ୍କ ଚିଠା ବି ପ୍ରସ୍ତୁତ । ଖାଇବା ପିଇବା ଓ ସାଜସଜ୍ଜାର ଦାୟିତ୍ୱ ଧନୀଭାଇଙ୍କ ଉପରେ । ଯୋଗ୍ରାର କଣ୍ଟ୍ରାକ୍‌ଟର କରିବ, ପ୍ରସ୍ତୁତି ସମାପ୍ତ ପ୍ରାୟ ।

ବିଭାଘର ୩/୪ ଦିନ ଅଛି । ମୋର ବଂଧୁ ବହି ଦୋକାନୀ ଜଗଦୀଶ ଖଣ୍ଡେଇ ଡାକି କହିଲେ, "ହୃଷୀବାବୁ ! ମୁଁ ଶୁଣୁଛି ସେ ପିଲାର ମୁଣ୍ଡ ଖରାପ । ଟିକିଏ ବୁଝି ଶୁଝି କର" । କିତାବ ମହଲର ରେଭେନ୍‌ସା କଲେଜ ସହ ଭଲ ସଂପର୍କ । ଜଗଦୀଶ ଭାଇ ମତେ ମିଛ କାହିଁକି କହିବେ ? ମୁଁ ରେଭେନ୍ସା କଲେଜ ଛାତ୍ର ହେଲେ ବି କେବେଠୁଁ କଲେଜ ଛାଡ଼ିଲିଣି । ହେଲେ ଶୁଭେଚ୍ଛୁ ଗିରିଜା ପଟ୍ଟନାୟକ ଓ କମଳ ପଟ୍ଟନାୟକଙ୍କ ଜରିଆରେ ସଂଧାନ ନେଲି । ସମସ୍ତେ ଭଲପିଲା ବୋଲି କହିଲେ । ମନ ମାନିଲାନି । ଢେଙ୍କାନାଳ ଗଲି । ଢେଙ୍କାନାଳ ମୁଖ୍ୟ ଚିକିତ୍ସକଙ୍କ ମାଧ୍ୟମରେ କଲେଜରୁ ଖବର ନେଲି । ସେ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ବୋଲି ସମସ୍ତେ କହିଲେ । ମୁଣ୍ଡ ଖରାପ ସମ୍ବନ୍ଧରେ କେହି କିଛି ଜାଣି ନାହାନ୍ତି ।

୧୧.୭.୮୮ରେ ବାହାଘର ଶୃଙ୍ଖଳାର ସହିତ ହୋଇଗଲା । ମୁଖ୍ୟ ଚିକିତ୍ସକ ଓ ଯୁଗ୍ମ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଅଫିସ କର୍ମଚାରୀ ଓ ଡାକ୍ତରମାନେ ଆସି ସହଯୋଗ କଲେ । ମୋର ପ୍ରଥମ ଶୁଭାକର୍ଯ୍ୟ ଭଲରେ ଭଲରେ ହୋଇଗଲା । ବରକନ୍ୟା ବିଦାବିଦି ହେଲେ । ବିଧି ମୁତାବକ ଚତୁର୍ଥୀ, ଅଷ୍ଟମଙ୍ଗଳା ଓ ଅନ୍ୟାନ୍ୟ ଭାର ବେଭାର ଦିଆଗଲା । ମୋର ମଧ ଅନ୍ୟ ଝିଅ ମାନଙ୍କ ପାଇଁ ଅଭିଜ୍ଞତା ହେଲା ।

ସେ ଜ୍ୱାଇଁ ଏବେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ଅଧ୍ୟାପକ । ଝିଅ ସେଠି ମାଷ୍ଟରାଣୀ ଚାକିରୀ କରିଛି । ଏକମାତ୍ର ପୁତ୍ର ଈଶାନ୍, ଭଲ ପଢୁଛି । ଚେସ୍ ଖେଳ ପ୍ରିୟ । ପୁରୀରେ ମାଉସୀମା ମନ୍ଦିର ପାଖରେ ନିଜ ଆୟରେ ସୁନ୍ଦର ଘର ଖଣ୍ଡିଏ କରିଛନ୍ତି । ଛୋଟ ପରିବାର, ସୁଖୀ ପରିବାର ।

ଅବସର ଗ୍ରହଣ ପାଇଁ ପ୍ରସ୍ତୁତି ଆରମ୍ଭ କଲି । ଗାଁରୁ ନୂଆବୋଉ ଘରଛାଡ଼ି ଯିବା ପରେ ସେଠି ଦେଖିବାକୁ କେହିନାହିଁ । ମୁଁ କଟକ ସି.ଡି.ଏମ୍.ଓ ଥିବାବେଳେ ଆମ ଗ୍ରାମରେ ଗୋଟିଏ ଉପକେନ୍ଦ୍ର ଖୋଲି ଜଣେ ଏ.ଏନ୍.ଏମ୍ ପୋଷ୍ଟିଂ କରିଥିଲି । ଆମ ଗ୍ରାମରେ ତାଙ୍କ ରହିବା ଭଳି ଘର ନଥିବାରୁ ସେ ଆମଘରେ ରହୁଥିଲେ । ସେ ଏବେ ଆମ ଘର ଦେଖାଚାହାଁ କରୁଛନ୍ତି । ମୁଁ ମଝିରେ ମଝିରେ ଯାଇ ଜମିବାଡ଼ି ଖବର ବୁଝୁଛି । ଅବସର ଗ୍ରହଣ ପରେ ସେଠି ଗୋଟିଏ ନର୍ସିଂହୋମ୍ କରିବା ପାଇଁ ଚିନ୍ତା କଲି ।

Digitized by srujanika@gmail.com

ଏଣେ କଟକ ମୋହ ଛାଡ଼ି ହେଉନି । ଔଷଧ ଦୋକାନ ସମେତ ମୁଁ ରୋଗୀ ଦେଖିବା ପାଇଁ ଗୋଟିଏ ଚେମ୍ବର ଆବଶ୍ୟକ । କଟକରେ ରହିବାକୁ ହେଲେ ସାଙ୍ଗ ସାଥୀ ସୃଷ୍ଟି କରିବାକୁ ପଡ଼ିବ । ପ୍ରଫେସର ଆକୁଳାନନ୍ଦ ଷଡ଼ଙ୍ଗୀ, ଚନ୍ଦ୍ରମଣି ନାୟକଙ୍କ ଦଳରେ ମିଶିଲି । ଏମାନେ ସମସ୍ତେ ଅବସର ଗ୍ରହଣ କରି ସାରିଲେଣି । ଗୁରୁବାବୁଙ୍କ ନେତୃତ୍ୱରେ ଚାଲୁଥିବା ୱାନ୍‌ୱାର୍ଲଡ୍ ଭଳି ବେସରକାରୀ ସଂସ୍ଥାର ସଭ୍ୟ ହେଲି । ଗୁରୁବାବୁ ମୋର ପ୍ରୋଷ୍ଟେଟ୍ ଅପରେସନ୍ କରିଥିଲେ । ମୁଁ ତାଙ୍କ ପାଖରେ ଋଣୀ । ସେ କୁମ୍ଭୀର ପ୍ରୋଜେକ୍ଟ ଦେଖିବାକୁ ମନ ବଳାଇଲେ ।

ରାଜନଗର ଡାକ୍ତରଖାନାର ଦାୟିତ୍ୱରେ ଥାନ୍ତି ଡାକ୍ତର ରମେଶ ଦାଶ । ତାଙ୍କ ସହାୟତାରେ ସେଠିକା ଡାକ୍ତରଖାନା ପାଇଁ ଥିବା ସ୍ୱାସ୍ଥ୍ୟ ବିଭାଗର ଲଞ୍ଚ ବରାଦ ହେଲା । ସେ ଆମ ରହିବା, ଖାଇବା ପିଇବାର ସବୁ ଦାୟିତ୍ୱ ନେଲେ । ଆମେ ସବୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଜିପ୍‌ରେ ଯାଇଁ ସେଠୁ ଲଞ୍ଚ୍ ଯୋଗେ ବ୍ରାହ୍ମଣୀ ନଦୀରେ ଡାଙ୍ଗମାଳ ଗଲୁ । କୁମ୍ଭୀରଚାଷ ପାଇଁ ଭିତର କନିକା ପୃଥିବୀ ପ୍ରସିଦ୍ଧ । ଏଠି କୁମ୍ଭୀର ସଂଖ୍ୟା ଦେଢ଼ହଜାର । ତିନି ପ୍ରକାର କୁମ୍ଭୀର ଦେଖିବାକୁ ମିଳନ୍ତି । ଘଡ଼ିଆଳ (ଥଣ୍ଟିଆ), ବଉଳା ଓ ମଗର । କୋଡ଼ିଏ ଫୁଟରୁ ଅଧିକ ଲମ୍ବର କୁମ୍ଭୀର ବି ଅଛନ୍ତି । ସେସବୁ ବୁଲି ଅତି ଆଗ୍ରହର ସହ ଦେଖିଲୁ । ସେଠିକାର ଗେଷ୍ଟ ହାଉସ୍‌ରେ ମଧ୍ୟାହ୍ନ ଭୋଜନ ପରେ ଲଞ୍ଚରେ ଗଲୁ ହୁକିଟୋଲା ଓ ବଟୀଘର । ରାଜନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ପରେ କଟକ ଫେରି ଆସିଲୁ ।

ଚାକିରୀରୁ ଅବସର ନେବା ପାଇଁ ସରକାରଙ୍କ ଠାରୁ ଚିଠି ଆସିଲା ।

ମୁଁ ମୋ ପେନ୍‌ସନ୍ ସଂପର୍କୀୟ କାଗଜପତ୍ର ଠିକଣା କରିବାରେ ଲାଗିପଡ଼ିଲି । ଯାହା କିଛି ଅଭାବ ଥିଲା ତାକୁ ପୂରଣ କଲି। ଯେଉଁଠି ତ୍ରୁଟି ଥିଲା ତାହା ସଂଶୋଧନ କରାଗଲା ।

ମୁଁ ସରକାରଙ୍କ ଠାରୁ ଅନୁମତି ନେଇ ଚିଠି ନମ୍ବର (୧୩୯୩୩ ଏଚ୍/ ୨୬.୧୧.୫୯) ଉଚ୍ଚତର ଶିକ୍ଷା ପାଇଁ ୧୫.୧୨.୫୯ ରୁ ୨୦.୧୨.୬୪ ପର୍ଯ୍ୟନ୍ତ ବିଲାତ (ୟୁ.କେ) ଯାଇଥିଲି । ଛୁଟିରୁ ଫେରି ୨୧.୧୨.୬୪ କାର୍ଯ୍ୟରେ ଯୋଗଦାନ ପରେ ୨୫.୧.୬୬ରେ (ଚିଠି ନମ୍ବର ୧୧୫୭ ଏଚ୍/ ୨୫.୧.୬୬) ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଛୁଟି ମଂଜୁର କରିଥିଲେ । କିନ୍ତୁ ତତ୍ ସଂକ୍ରାନ୍ତିୟ ବିଜ୍ଞାପନ ପ୍ରକାଶ ପାଇ ନଥିଲା ।

ଏ.ଜି ରିପୋର୍ଟ ଅନୁସାରେ ୧୫.୧୨.୫୯ରୁ ୧୨.୩.୬୦ ପର୍ଯ୍ୟନ୍ତ ମୋର ଅର୍ଜିତ ଛୁଟି ରୂପେ ୧୫.୧.୬୬ ଚିଠି ନମ୍ବର ୨୬୯୬୭ ଏମ୍.ରେ ମଂଜୁର କଲେ ଓ ୧୩.୩.୬୦ରୁ ୨୦.୧୨.୬୪ ପର୍ଯ୍ୟନ୍ତ ଛୁଟି ମଂଜୁର କରିବାକୁ ସରକାରଙ୍କୁ ଲେଖିଲେ । ସରକାର ୨୬.୧.୬୬ରେ ତାକୁ ମଂଜୁର କରିଥିଲେ । ଏବେ ପୁଣି ଥରେ ସ୍ୱାସ୍ଥ୍ୟ ବିଭାଗକୁ ଲେଖିବା ପରେ ସ୍ୱାସ୍ଥ୍ୟ ବିଭାଗ ୨୮.୫.୮୮ ଅର୍ଡର ନମ୍ବର ୧୯୦୭୦ରେ ୧୩.୩.୬୦ରୁ ୨୦.୧୨.୬୪ ପର୍ଯ୍ୟନ୍ତ ଛୁଟି ମଂଜୁର କଲେ - ରୁଲ ୭୯(ବି)(୨) ଅନୁସାରେ । ସେହି ସମୟତକ ମୋ ଚାକିରୀ ପାଇଁ ଗଣାହେବ ଓ ମୋର ଦରମା ବୃଦ୍ଧିହେବ (Increment ମିଳିବ) ବୋଲି ଉଲ୍ଲେଖ ରହିଲା ।

Digitized by srujanika@gmail.com

ପରବର୍ତ୍ତୀ କାଳରେ ମୁଁ ସରକାରଙ୍କ ବିରୁଦ୍ଧରେ ପ୍ରଶାସନିକ ନ୍ୟାୟାଧୀକରଣ ପାଖରେ କେଶ୍ କରିବାରୁ ପ୍ରାୟ ବର୍ଷକ ପରେ ୩୧.୫.୮୯ରେ ଉପରୋକ୍ତ ଅର୍ଡରକୁ ବଦଳାଇ ଧାରା ୭୯ ପରିବର୍ତ୍ତେ ଧାରା ୩୭(i)(ii) ଅନୁସାରେ ଛୁଟି ମଂଜୁର କରାଗଲା । ଏହି ଧାରା ଅନୁସାରେ ଚାକିରୀ ସମୟ ପାଇଁ ଛୁଟି ଗଣାହେବ କିନ୍ତୁ ଦରମା ବୃଦ୍ଧି ହେବ ନାହିଁ । ମୋର ହାରି ଗୁହାରି ପ୍ରତି କେହି କର୍ଣ୍ଣପାତ ନ କରିବାରୁ ମୁଁ ପୁଣି ପ୍ରଶାସନିକ ନ୍ୟାୟାଧୀକରଣର ଦ୍ୱାରସ୍ଥ ହେଲି ଓ କେଶ୍ ଚାଲିଲା ।

୨.୨.୮୮ (ଚିଠି ନମ୍ବର ୨୯୫୬ ଏଚ୍)ରେ ୧୨ଟି ଯୁଗ୍ମ ନିର୍ଦ୍ଦେଶକ ପୋଷ୍ଟର ୬ଟିକୁ ସରକାର ଲେଭେଲ ୧କୁ ଉନ୍ନତି କଲେ । ଦରମା ବିଭିନ୍ନ ଭତ୍ତା ବାଦ ମାସକୁ ୨୮୫୦ରୁ ୩୯୫୦ ଟଙ୍କା ।

୨୦.୨.୦୮୮ରେ ବିଭାଗୀୟ ପଦୋନ୍ନତି କମିଟି ବସି ୬ ଜଣଙ୍କ ନାମ ଏଇ ପୋଷ୍ଟ ପାଇଁ ସୁପାରିଶ କଲେ । ଅନ୍ୟ ଚାରୋଟି ନାମ ଅପେକ୍ଷମାଣ ତାଲିକା (waiting list)ରେ ରଖିଲେ । ମୋର ବରିଷ୍ଠତା ଥିଲେ ବି ମତେ ଉପେକ୍ଷା କରି ମୋ ତଳେ ଥିବା ଡାକ୍ତରାଣୀ ଧୀ ବାନାର୍ଜୀଙ୍କ ନାମ ସୁପାରିଶ କଲେ । ପଦୋନ୍ନତି କମିଟି ଲେଖିଲେ ସାମଗ୍ରିକ ଭାବେ ଚରିତ୍ର ପଂଜିକା ଅନୁଧାନ କରି ଦେଖିଲୁ ଡାକ୍ତର ହୃଷୀକେଶ ପରିଡ଼ା ଏହି ପୋଷ୍ଟ ପାଇଁ ଉପଯୁକ୍ତ ନୁହନ୍ତି ।

୧୯.୯.୮୬ରେ ବସିଥିବା ପଦୋନ୍ନତି କମିଟି ରିପୋର୍ଟ ପରେ କମିଟିର ଏହା ପ୍ରଥମ ବୈଠକ । ସେହି କମିଟିର ରିପୋର୍ଟକୁ ଭିତ୍ତି କରି ମତେ ୬.୧.୮୭ରେ ପଦୋନ୍ନତି ଦିଆ ଯାଇଥିଲା, ଓ ଡଃ ବାନାର୍ଜୀଙ୍କ ନାମ ମୋ ତଳେ ଥିଲା । ଏହି ସମୟ ଭିତରେ ସରକାରଙ୍କର ବାରଂବାର ତାଗିଦ୍ (ଚିଠି ନଂ. ୨୮୧୫/୧.୨.୮୮) ସତ୍ତ୍ୱେ ମୋର ଚରିତ୍ର ଲିପି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଦେଇ ନାହାନ୍ତି । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡଃ. ହରିଶ ମିଶ୍ର ମଧ ପଦୋନ୍ନତି କମିଟିର ସଭ୍ୟ । ତାଙ୍କ ସହ ୧୯୮୦ରୁ ମୋର ସଂପର୍କ ଭଲ ନୁହେଁ ।

ମୋ ଚରିତ୍ର ଲିପିରେ କିଛି ପ୍ରତିକୂଳ ମନ୍ତବ୍ୟ ଥିଲେ ମତେ ଜଣାଇ ଦିଆ ଯାଇଥାନ୍ତା । ତାହା ହୋଇନାହିଁ । ମୋ ଚାକିରୀ କାଳ ଭିତରେ ବିଶେଷ କରି ୧୯୮୦ ମସିହାରେ ମୁଁ ମୁଖ୍ୟ ଚିକିତ୍ସକ ପଦବୀରେ ରହିବାଠାରୁ ୧୯୮୮ ପର୍ଯ୍ୟନ୍ତ ମୋ ବିରୁଦ୍ଧରେ କୌଣସି ଅଭିଯୋଗ ନାହିଁ ।

୧୮.୪.୮୮ରେ ବିଜ୍ଞାପନ ନମ୍ବର (୧୪୧୪୬/ଏଚ୍. ୧୮.୪.୮୮) ପଦୋନ୍ନତି କମଟିର ସୁପାରିଶ ଅନୁସାରେ ୬ ଜଣଙ୍କୁ ନିଯୁକ୍ତି ଦିଆଗଲା । ଡାକ୍ତର କିଶୋର ପାଢ଼ୀ ଓ ଡାକ୍ତର ଅନିରୁଦ୍ଧ ଆଚାର୍ଯ୍ୟ ଚାକିରୀରୁ ଅବସର ଗ୍ରହଣ ପରେ ମୁଁ ପୁଣି ମୋକଥା ବିଚାର କରିବାକୁ ୧୧.୫.୮୮ରେ ଲେଖିଲି । କେହି ଶୁଣିଲେ ନାହିଁ ।

୧୯.୫.୮୮ରେ (ବିଜ୍ଞାପନ ନମ୍ବର ୧୭୭୦୧/ଏଚ୍) ଡାଃ. ତ୍ରୈଲୋକ୍ୟ ନାଥ ପାଣି ଓ ଡାଃ ଧୀ ବାନାର୍ଜୀଙ୍କୁ ନିଯୁକ୍ତି ଦିଆଗଲା ବର୍ଷକ ପାଇଁ । ସେମାନେ ହେଲେ ଲେଭେଲ୍ (ii)୨ ଯୁଗ୍ମ ନିର୍ଦ୍ଦେଶକ ଥିବାବେଳେ ଯେଉଁଠି ଥିଲେ ସେହି ସ୍ଥାନରେ ରହିବେ ବୋଲି ବିଜ୍ଞାପନରେ ଉଲ୍ଲେଖ କରାଗଲା । ସୁତରାଂ ଯେଉଁ କାମ କରୁଥିଲେ ସେହି କାମ କରିବେ ।

Digitized by srujanika@gmail.com

କମିଟି ସୁପାରିଶ କରି ନ ଥିଲେ ବି ମୋ କାର୍ଯ୍ୟକାଳ ୬ ମାସ ପାଇଁ ବୃଦ୍ଧି କରାଗଲା (ଚିଠି ନମ୍ବର ୧୫୨୨୯/୨୯.୪.୮୮) ମୁଁ ସେମାନଙ୍କ ପରି ସେହି ପୋଷ୍ଟରେ ରହି ଅବସର ନେବା ପର୍ଯ୍ୟନ୍ତ ସେହି କାମ କଲି କିନ୍ତୁ ଅପେକ୍ଷାକୃତ କମ୍ ଦରମାରେ ।

ମୁଁ ଉଚ୍ଚ ନ୍ୟାୟାଳୟରେ ରହିତାଦେଶ ପାଇଁ ପ୍ରାର୍ଥନା କରି ପାରିଥାନ୍ତି । କିନ୍ତୁ ମୋର ଓକିଲ ବଂଧୁମାନେ ନିବର୍ତ୍ତାଇଲେ । ସେକ୍ରେଟେରି, ପ୍ରିନ୍ସପାଲ ସେକ୍ରେଟେରି ଗ୍ରିଭାନ୍ସ ସେଲ୍, ବିଭାଗୀୟ ମନ୍ତ୍ରୀ ସମସ୍ତଙ୍କ ପାଖରେ ଗୁହାରି କରି ବିଫଳ ହେଲି ।

ମୋର ଏଇ ସ୍ଥାନଚ୍ୟୁତି Super Session ପାଇଁ ୧୩.୨.୮୯ ରେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହେଲି । କେଶ୍ ନମ୍ବର ୧୯୮/୮୯ (୯୫/୮୯) ଆଡ୍‌ଭୋକେଟ ପ୍ରବୋଧ ପଟ୍ଟନାୟକ କେଶ୍ ଚଳାଇଲେ । ସରକାର ତାଙ୍କ ଜବାବରେ ମୋର ବରିଷ୍ଠତା ସ୍ୱୀକାର କରିଛନ୍ତି । ମୋ ଚରିତ୍ର ପଂଜୀକାରେ କେଉଁଠି କଳାଦାଗ ରହିଛି ଦେଖାଇବାକୁ ବାକୀ ଅଛି । ଅନ୍ୟାୟ ବିରୁଦ୍ଧରେ ଲଢ଼ିବାରେ ଆନନ୍ଦ ରହିଛି ।

୩୦.୯.୮୮ରେ ମୁଁ ଚାକିରୀରୁ ଅବସର ନେବା ପାଇଁ ସରକାରଙ୍କ ଠାରୁ ଚିଠି ଆସିବା ପରେ ପେନ୍‌ସନ ସଂପର୍କୀୟ କାଗଜପତ୍ର, ସରକାରଙ୍କ ପାଖରେ ମହଜୁଦ ଥିବ ଅବ୍ୟବହୃତ ଛୁଟି, ଗ୍ରାଚୁଇଟି ଓ ପ୍ରଭିଡେଣ୍ଟ ଫଣ୍ଡ ଟଙ୍କା ଇତ୍ୟାଦିର ମଂଜୁରୀ ପାଇଁ ତତ୍ପର ହୋଇ ଉଠିଲି ।

ପେନ୍‌ସନ୍ କାଗଜପତ୍ର ତିଆରିରେ ସାହାଯ୍ୟ କଲେ ସିନି ଓ ବରିଷ୍ଠ କିରାଣୀ ହରପ୍ରିୟା ପଟ୍ଟନାୟକ । ସିନିର ବଡ଼ଭାଇ ପଶୁପାଳନ ବିଭାଗ ଅଫିସର ବରିଷ୍ଠ କିରାଣୀ । ସେ ଏସବୁ କାମ ପାଇଁ ଧୁରନ୍ଧର । ସେ ନିର୍ଦ୍ଧାରିତ ସମୟ ପୂର୍ବରୁ କାଗଜ ପତ୍ର ସବୁ ପ୍ରସ୍ତୁତ କରିଦେଲେ ।

ମୁଁ ଅବସର ନେବା ବେଳକୁ ମୋ ଦରମା ମାସକୁ ମାତ୍ର ଟ୩୧୯୦/-(ତିନି ହଜାର ଏକଶହ ନବେ) ସମସ୍ତ ଭତ୍ତାକୁ ମିଶାଇ ଟ.୩୮୭୦/- (ତିନିହଜାର ଆଠଶହ ସତୁରୀ) । ଚାକିରୀ କାଳ ତିରିଶବର୍ଷ ସାତମାସ ଦୁଇଦିନ । ଦରମା ସମୀକରଣ ହୋଇଥିଲେ ମୁଁ ଆଉକିଛି ଅଧିକା ପାଇଥାନ୍ତି । କୋର୍ଟ ଅର୍ଡରକୁ ଅପେକ୍ଷା କରିବାକୁ ପଡ଼ିବ । ବର୍ତ୍ତମାନ ପ୍ରାପ୍ୟ -

ପେନ୍‌ସନ୍ ମାସକୁ ଟ.୧୭୮୯/-
ଗ୍ରାଚୁଇଟି ଟ୫୯୦୧୮/-
ଜିପିଏଫ୍ ଟ୧୮୭୦୫୯/-
୨୨୧ ଦିନ ଅବ୍ୟବହୃତ ଛୁଟିର ଦରମା ଟ ୨୯୭୧୨/-
ଜି.ଆଇ.ଏସ୍ ଟ୨୫୭୦/-

ମୁଁ ଠିକଣା ସମୟରେ ପେନ୍‌ସନ୍ କାଗଜପତ୍ର ଦେଇଦେଲି । ଆମ ଡାଇରେକ୍‌ଟର ହରିଶ ମିଶ୍ର ତାକୁ ଅଯଥାରେ ବର୍ଷେକାଳ ପକାଇ ରଖିଲେ । ମୁଁ ଚାକିରୀରୁ ଅବ୍ୟାହତି ନେବା ପରେ ବି ସେକ୍ରେଟେରି ପ୍ରିନ୍‌ସପାଲ ସେକ୍ରେଟେରି କେହି ଶୁଣିଲେନି । ୩.୬.୮୯ରେ ଓକିଲ ନୋଟିସ ଦିଆଯିବାରୁ ପେନ୍‌ସନ୍ କାଗଜପତ୍ର ହିସାବରକ୍ଷା ଅଧୀକ୍ଷକଙ୍କ ପାଖକୁ ପଠାଗଲା । ଇଏ ହେଲା ବ୍ୟକ୍ତିଗତ

Digitized by srujanika@gmail.com

ଅସୂୟା ତଥା ପ୍ରିୟାପ୍ରୀତି ତୋଷଣର ଏକ ନମୁନା ମାତ୍ର ।

ଜାତସ୍ୟ ହି ଧ୍ରୁବ ମୃତ୍ୟୁ । ଜନ୍ମ ହେଲେ ମୃତ୍ୟୁ ଯେପରି ନିଶ୍ଚିତ ଚାକିରୀ କଲେ ଅବସର ଗ୍ରହଣ ସେହିପରି ନିଶ୍ଚିତ । ସେଥିପାଇଁ ଜୀବନକାଳ ଭିତରେ ଲୋକ ଏପରି କିଛି କାର୍ଯ୍ୟ କରନ୍ତି ଯେଉଁଥିପାଇଁ ଅନ୍ୟମାନେ ତାଙ୍କୁ ଝୁରି ହୁଅନ୍ତି । ଚାକିରୀ କ୍ଷେତ୍ରରେ ଅବସ୍ଥା ଠିକ୍ ସେହିପରି । ପଦପଦବୀରେ ଥିବା ଲୋକ ବ୍ୟାପକ ଭାବେ ସେମାନଙ୍କ କ୍ଷମତାର ଦୁରୁପଯୋଗ କରୁଛନ୍ତି । ଅନ୍ୟକୁ ନିପୀଡ଼ିତ କରି ତାର କ୍ଷତି ସାଧନ କରି ନିଜର ହୀନମନ୍ୟତାର ପରିଚୟ ଦେଉଛନ୍ତି । ନ୍ୟାୟାଳୟରୁ ନ୍ୟାୟ ପାଇବା ଏକ ସମୟ ସାପେକ୍ଷ ବ୍ୟାପାର ହୋଇ ପଡ଼ିଛି । ସେଥିପାଇଁ ଧୈର୍ଯ୍ୟ ଆବଶ୍ୟକ ।

ଅନ୍ୟାୟ, ଅନୀତି, ଅଧର୍ମକୁ ଧର୍ମ ସହେ ନାହିଁ । ଯେତେ ପରାକ୍ରମ ହେଲେ ବି ନିଜ କର୍ମଫଳ ନିଜକୁ ଭୋଗିବାକୁ ପଡ଼େ । ଯେଉଁମାନେ ନିଜ କର୍ମଚାରୀ ମାନଙ୍କୁ ନ୍ୟାୟୋଚିତ ଭାବେ ସାହାଯ୍ୟ କରିଥାନ୍ତି ସେମାନେ ପ୍ରଶଂସିତ ହୁଅନ୍ତି । ପ୍ରାଣୀର ଭଲମନ୍ଦ ବାଣୀ - ମରଣ କାଳେ ତାହା ଜାଣି ।

ଦାୟିତ୍ୱ ହସ୍ତାନ୍ତର ପାଇଁ ଚିଠି ଆସିଗଲା । ଦୀର୍ଘ ୩୦ ବର୍ଷର ଚଳ ଚଞ୍ଚଳ ଜୀବନର ଅବସାନ ଘଟିଲା । ଚାକିରୀ କାଳର ଏଇ ସମୟତକ ଥିଲା ସେଥିପାଇଁ ପ୍ରସ୍ତୁତି ।

୩୦.୯.୮୮ ସଂଧ୍ୟାରେ କଟକ ଜିଲ୍ଲାର ମୁଖ୍ୟ ଚିକିତ୍ସକ ଡାକ୍ତର କିଶୋର ଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କଲି । ମୋର ସେଇ କେଇଜଣ କର୍ମଚାରୀ ମତେ ଅଶ୍ରୁଳ ନୟନରେ ବିଦାୟ ଦେଲେ ।

୦୦୦

Digitized by srujanika@gmail.com

# ଅବସର ପରେ କୋଡ଼ିଏ ବର୍ଷ

୩୦.୯.୮୮ ରୁ ୨୬.୧୦.୨୦୦୮

୧୯୮୮ ସେପ୍ଟେମ୍ବର ୩୦ ତାରିଖରେ ଚାକିରୀରୁ ଅବସର ନେଲି । ହଠାତ୍ ଚଳଚଂଚଳ କର୍ମମୟ ଜୀବନର ଅବସାନ । ସମୟ କିପରି କଟାଇବି ଚିନ୍ତାକଲି ।

ନିଜ ପ୍ରଫେସନକୁ ଭୁଲି ହେବନି । ଜଣେ ଡାକ୍ତର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରୋଗୀସେବା କରିବାକୁ ପ୍ରତିଶ୍ରୁତିବଦ୍ଧ । ତଥାପି ସେ ମଣିଷ । ଗୋଟେ ସାମାଜିକ ପ୍ରାଣୀ । ସମାଜର ସବୁ ଶ୍ରେଣୀର ଲୋକଙ୍କ ସହ ସୁସଂପର୍କ ରଖି ସେମାନଙ୍କ ଭଲମନ୍ଦ ବୁଝିବାକୁ ପଡ଼ିବ । ଯେଉଁ ପିଲାମାନଙ୍କୁ ସଂସାରକୁ ଆଣିଛୁ ସେମାନଙ୍କ ପ୍ରତି ଆମର କର୍ତ୍ତବ୍ୟ ଏଡ଼ାଇ ଦେଇ ହେବନି । ସେମାନେ କିପରି ଭଲ ପାଠ ପଢ଼ି ଭଲ ମଣିଷ ହେବେ, ସମାଜରେ ପ୍ରତିଷ୍ଠିତ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ ହେବ । ପରିଣତ ବୟସରେ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବାକୁ ପଡ଼ିବ । ସଦ୍‌ଗୁରୁ ଖୋଜିବାକୁ ଯାଇ ନପାରେ, ସଦ୍‌ଗ୍ରନ୍ଥ ଚିର ସହଚର କରିନେବାକୁ ପଡ଼ିବ । ସେଇଠୁ ମିଳିବ ଶାନ୍ତି-ମୁକ୍ତି । ଏଇସବୁ ଚିନ୍ତାକରି ମୁଁ କିପରି ଜୀବନର ଅବଶିଷ୍ଟ ସମୟ କଟାଇବି ମନେ ମନେ ସ୍ଥିର କରି ନେଲି । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସତ୍‌କର୍ମ କରି ଚାଲିଥିବି, ବିଶ୍ରାମ ନାହିଁ ।

କଲେଜ ଛକରେ ଥିବା ମୋ ଘରର ତଳ ମହଲା ଉତ୍କଳ ଅଟୋ ଛାଡ଼ିଦେଇଥାଏ । ସେଠି ଗୋଟିଏ ଔଷଧ ଦୋକାନ ପାଇଁ ବ୍ୟବସ୍ଥା ହୋଇଥିଲା । ମୋ ଶଳା ରଜନୀ ସେଠି ବସିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ଘର ପାର୍ଟିସନ୍ ଓ ଆସବାବ ପାଇଁ କାଠ ବି ଯୋଗାଇଥିଲା । ଦୋକନରେ ଔଷଧ ପତ୍ର ରଖିବା ପାଇଁ ର୍‍ୟାକ୍ ଓ ଟେବୁଲ୍ ଇତ୍ୟାଦି କାଠ ଓ କାଚକାମ ସବୁ ଜଣେ ପଂଜାବୀ ମିସ୍ତ୍ରୀ ଆସି କଲେ । ପରିଡ଼ା ଫାର୍ମାସିଉଟିକାଲ୍‌ସ ନାମରେ ବୋର୍ଡ଼ ଝୁଲିଲା । ଶେଷରେ ସେ ବସିବାକୁ ରାଜି ହେଲାନି । ମୁଁ ତାକୁ ଜଣେ ଫର୍ମାସିଷ୍ଟକୁ ଭଡ଼ାରେ ଦେଲି । ସେ ସେହି ନାମରେ ଔଷଧ ଦୋକାନ ଚଳାଉଥିଲେ । ଫର୍ମାସିଷ୍ଟ ଜଣକ ମିଷ୍ଟଭାଷୀ, ଭଦ୍ର, ସୁଲେଖକ, ହେଲେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅଳ୍ପ ଦିନ ଭିତରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଘର କିଛିଦିନ ଖାଲି ପଡ଼ିଲା । ଆମ ସ୍ୱାସ୍ଥ୍ୟ ବିଭାଗର ଜଣେ କିରାଣୀ ତାଙ୍କ ସାନଭାଇ ବିଜୟ ପରିଡ଼ାଙ୍କୁ ନେଇକରି ଆସିଲେ । ସେ କେନ୍ଦ୍ରାପଡ଼ା ପାଖ ପାଟକୁରା ପିଲା । ସେ ସେହି ଦୋକନ ଚଳାଇଲେ ରାଧାଗୋବିନ୍ଦ ଡ୍ରଗ୍ ହାଉସ ନାମରେ । ଦୋକାନ ଭଲରେ ଚାଲିଛି ।

Digitized by srujanika@gmail.com

ଘରର ଅନ୍ୟ ଅଂଶଟି ଖାଲି ଥିଲା । ଆମ ଅଂଚଳ ପାଖାପାଖି ବଡ଼ପଡ଼ାର ଡାକ୍ତରାଣୀ ଦ୍ରୌପଦୀ ଦେବୀ ଥାନ୍ତି ଶ୍ରୀ ରାମଚନ୍ଦ୍ରଭଂଜ ମେଡ଼ିକାଲ କଲେଜ ପ୍ରସୂତି ବିଭାଗର ମୁଖ୍ୟ । ତାଙ୍କର ଅବସର ନେବାର ସମୟ ହୋଇ ଗଲାଣି । ତାଙ୍କ ଘର ଆମଘର ପଛପଟକୁ । ସେଇଠି ସେ ନର୍ସିଂହୋମ୍ (ଦେବୀ ନର୍ସିଂହୋମ) କରିବାକୁ ମନସ୍ଥ କରିଥାନ୍ତି । ଆମଘର ରାସ୍ତା ଉପରେ । ସେଠି ସେ ରୋଗୀ ଦେଖିବାକୁ ଚାହିଁଲେ । ତାଙ୍କର ଜଣେ ସ୍ତ୍ରୀଲୋକ ବି ରହିଲେ । ମୁଁ ଅବସର ଗ୍ରହଣ କଲାପରେ ସେ ସେଠି ରାତିବେଳା ରୋଗୀ ଦେଖୁଥିଲେ । ମୁଁ ଦିନରେ ଦେଖୁଥିଲି । ସେ ଘର ଛାଡ଼ିଦେବା ପରେ ମୁଁ ପ୍ରାକ୍ଟିସ୍ ଆରମ୍ଭ କରିଦେଲି । ରୋଗୀ ଦେଖିବା ସାଥେ ସାଥେ ରକ୍ତ, ମଳ, ମୂତ୍ର ଇତ୍ୟାଦି ପରୀକ୍ଷା ପାଇଁ ଲାବୋରୋଟରି ଟେକ୍‌ନିସିଆନ୍ ରହିଲେ । ଔଷଧ ଦୋକାନ, ପାଥଲାବ୍ ଆଉ ମୁଁ ଏମିତି ଗୋଟିଏ ଇଉନିଟ୍ । ବାଂଛାନିଧି ଯୋଡ୍ରା, ଆକୁଳିବାକୁ ରହମନ ଛକ ଆଉ କଲେଜ ଛକରେ ମୁଁ । ଏମିତି ଚାଲିଲା ।

ସର୍ଜନ ଛୁରୀ ନ ଧରିଲେ ଶାନ୍ତିରେ ରହି ପାରିବନି । ମୁଁ ବେଳେବେଳେ ଯାଇଁ ଆମ ଘର ପାଖରେ ଥିବା ପାର୍ବତୀ ନର୍ସିଂହୋମରେ ଅପରେସନରେ ସାହାଯ୍ୟ କଲି । ନର୍ସିଂହୋମର ମାଲିକାଣି ଡାକ୍ତର ପ୍ରଭାତ ନଳିନୀ ଦେବୀ ପ୍ରସୂତି ବିଭାଗର ଡାକ୍ତରାଣୀ । ସେ କେବଳ ସ୍ତ୍ରୀ ଲୋକମାନଙ୍କୁ ରଖନ୍ତି । ମତେ ସେଠି କାମ କରିବାକୁ ଭଲ ଲାଗୁ ନଥାଏ । ରାଣୀହାଟର ଗ୍ରୀନ୍ ନର୍ସିଂହୋମରେ ବି ଛୋଟ ମୋଟ ଅପରେସନ କରୁଥାଏ । ନର୍ସିଂହୋମ ମାଲିକ ଡାଃ. ଲିଙ୍ଗରାଜ ବସ୍ତିଆ ଓ ତାଙ୍କ ସାଥୀ ଉଭୟେ ମୋ ପାଖରେ କାମ କରୁଥିଲେ । ମତେ ବେଶ୍ ସମ୍ମାନ ଦିଅନ୍ତି । ଛୋଟ ନର୍ସିଂ ହୋମ । ଆତ୍ମସନ୍ତୋଷ ପାଇଲା ଭଳି କିଛି ନ ଥିଲା । ଭଦ୍ରଖ ଓ ରାଜନଗରର ଦୁଇଟି ନର୍ସିଂହୋମକୁ ସପ୍ତାହରେ ଦୁଇଦିନ ଯାଏ । ସେଠି ରୋଗୀ ଦେଖିବା ସାଥେ ସାଥେ ଛୋଟ ମୋଟ ଅପରେସନ କରେ । ନିଶ୍ଚେତକ ନ ଥାନ୍ତି । ଭଲ ଅପରେସନ ଥିଏଟର ବି ନ ଥାଏ ।

ଏଇ ସମୟରେ ମୋର ପୂର୍ବତନ ଡାଇରେକ୍‌ଟର ଡାକ୍ତର ମିତ୍ରଙ୍କ ସହ ଦେଖାହେଲା । ସେ ଜାମସେଦ୍‌ପୁର ଠାରେ ରାମକୃଷ୍ଣ ମିଶନରେ କାମ କରୁଥାନ୍ତି । ଭଲ ସର୍ଜନ ହିସାବରେ ମୋର ଖ୍ୟାତି ଥିଲା । ସେ ମତେ ସେଇଠି ଚାକିରୀ କରିବାକୁ ପରାମର୍ଶ ଦେଲେ । ତାଙ୍କ ପରାମର୍ଶ ଅନସାରେ ମୁଁ ନିର୍ଦ୍ଦିଷ୍ଟ ସମୟରେ ଜାମସେଦପୁରଠାରେ ପହଁଚିଲି । ସେଠୁ ମିଶନର ଲୋକେ ମୋତେ ପାଛୋଟି ନେଲେ । ମୁଁ ଜଣେ ସଂଚାଳକଙ୍କ ଘରେ ବିଶ୍ରାମ ନେଲି । ତାଙ୍କ ବୈଠକ ଖାନାରେ ଲେଖା ହୋଇଛି YOUR FATHER KNOW WHAT YOU WANT । ଲେଖାଟି ମନକୁ ପାଇଲା । ପ୍ରସାଦ ସେବନ ପରେ ଇଣ୍ଟରଭିଉ । ସମ୍ଭବତଃ ମୋର ଆଧାତ୍ମିକ ବା ସେବା ମନୋଭାବ ଜାଣିବା ପାଇଁ କିଛି ପ୍ରଶ୍ନ ବି କଲେ । ସେ ସଂସ୍ଥାର ୫/୭ଟି ଡିସ୍‌ପେନ୍‌ସରି ଅଛି । ଗୋଟିଏ ଭଲ ହସପିଟାଲ । ହସ୍‌ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଚାକିରୀ । ଦରମା ମାସକୁ ୫ ହଜାର । ଖଣ୍ଡେ ଜିପ୍ ଓ କ୍ୱାର୍ଟର୍ସ ମିଳିବ । ସବୁ ଡାକ୍ତରଖାନା ଦେଖିବା ସାଥେ ସପ୍ତାହରେ ଗୋଟିଏ ଦିନ କୁଷ୍ଠରୋଗୀ ମାନଙ୍କ ଉପରେ Reconstructive Surgery କରିବାକୁ ପଡ଼ିବ । ମୁଁ ଭଲ ହିନ୍ଦୀ କରି ପାରୁ ନ ଥାଏ । ଏ ପ୍ରକାର ସର୍ଜରୀ ଉପରେ ମୋର ଦଖଲ କମ୍ । ତା ସତ୍ତ୍ୱେ ଡାକ୍ତର ମିତ୍ରଙ୍କ ସୁପାରିଶ ହେତୁ ମତେ ଚାକିରୀ ଦେବାକୁ ସ୍ଥିର କରିଥିଲେ । ସେତେବେଳକୁ

Digitized by srujanika@gmail.com

ମୋ ପୁଅକୁ ମାତ୍ର ବାରବର୍ଷ । ମୋ ପାଖରେ ଶୁଏ । ମୁଁ ତା ପାଠପଢ଼ା ଦେଖେ । ତାକୁ ଛାଡ଼ି ଏତେ ଦୂରରେ କିପରି ରହିବି ? ତା ମା କ'ଣ କହିବ ? ଏଇସବୁ କଥା ଭାବି ମୋ ନିଷ୍ପତ୍ତି ପରେ ଜଣାଇବି କହି ଫେରି ଆସିଲି । ସେମାନେ ବି ଆଉ ନିଯୁକ୍ତି ପତ୍ର ପଠାଇଲେ ନାହିଁ ।

ପୁଅ ବଡ଼ ହୋଇଯିବା ପରେ କେନ୍ଦ୍ରାପଡ଼ା ଓ ଭଦ୍ରଖର ଅପଥାଲମିକ ଆଡ୍‌ଭାଇଜର ପୋଷ୍ଟ ପାଇଁ ଦରଖାସ୍ତ କରିଥିଲି । ସମ୍ଭବତଃ ବୟସ ସୀମା ଅତିକ୍ରାନ୍ତ ହୋଇଥିବାରୁ ସେ ଚାକିରୀ ମିଳିଲାନି । ମୁଁ ମୋର consultant clinics ରେ ଅଧିକ ସମୟ କଟାଇ ତାକୁ ଟିକିଏ ଲୋକ ପ୍ରିୟ କରିବାକୁ ଚାହିଁଲି ।

ପ୍ରଫେସର ଡାକ୍ତର ଆକୁଳାନନ୍ଦ ଷଡ଼ଙ୍ଗୀ ମୋ ଠାରୁ 'ଦୁଇବର୍ଷ ବରିଷ୍ଠ । ଆମେ କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପଢୁଥିଲୁ । ସେ ଥିଲେ ଧର୍ମପ୍ରାଣ । ତାଙ୍କରି ପ୍ରେରଣାରେ ମୁଁ ସେଠି ପ୍ରତି ଏକାଦଶୀରେ ମାସରେ ଦୁଇଦିନ ଉପବାସ କରୁଥିଲି । ମୁଁ କଟକ ଆସିଲି ସେ ସେଠି ରହିଲେ । ପୁଣି ସାକ୍ଷାତ ମେଡ଼ିକାଲ କଲେଜରେ । ସେ ତୃତୀୟ ବାର୍ଷିକ ଛାତ୍ର ଥିବାବେଳେ ମୁଁ ନାମ ଲେଖାଇଲି । ଆମର ପୂର୍ବ ସଂପର୍କ ଫେରି ଆସିଲା । ସେ ଜଣେ ମେଧାବୀ ଛାତ୍ର । ବିଲାତ ଯାଇ MRPC କରିଥିଲେ । ଡାକ୍ତର ବିଧାନ ଚନ୍ଦ୍ର ରାୟ ମେଡାଲ ବିଜେତା । ଆମ ପ୍ରେସିଡେଣ୍ଟଙ୍କ ଅବୈତନିକ ଡାକ୍ତର । ରୋଟାରୀ ପ୍ରେସିଡେଣ୍ଟ । ସମାଜ ସେବା ପାଇଁ ଅଗ୍ରଣୀ । ବହୁଦିନ ଧରି ମେଡ଼ିକାଲ କଲେଜରେ ଭେଷଜ ବିଭାଗର ଅଧ୍ୟାପକ ଥିଲେ । କର୍କଟ ରୋଗ ପ୍ରତିଷ୍ଠାନର ଡାଇରେକ୍‌ଟର ଭାବେ ଚାକିରୀରୁ ଅବସର ନେଇ ତାଙ୍କ ଯୋବ୍ରା ଘରେ ରହୁଥାନ୍ତି । ବଂଧୁବତ୍ସଳ । ମତେ ସବୁବେଳେ ତାଙ୍କ ସାନଭାଇ ଭଳି ଦେଖନ୍ତି । ମୁଁ ମଧ ତାଙ୍କୁ ଯଥୋଚିତ ସମ୍ମାନ ଦିଏ । ତାଙ୍କର ବିଭିନ୍ନ ସଭା ସମିତିରେ ଯୋଗ ଦିଏ । ତାଙ୍କ ପୁଅ ଝିଅ ଡାକ୍ତର । ମୁଁ ପ୍ରାୟ ତାଙ୍କ ଘରକୁ ଯାଏ । ମୋ ରୋଗିଣୀ ସ୍ତ୍ରୀଟିକୁ ତାଙ୍କ ଭରସାରେ ଛାଡ଼ି ଦେଇଯାଏ । ସେ ନିଜେ ରହି ବ ତାଙ୍କ ପୁଅକୁ ପଠାଇ ତାର ଯତ୍ନ ନିଅନ୍ତି । ଏଭଳି ଜଣେ ବଂଧୁଙ୍କର ହୃଦ୍‌ଘାତ ରୋଗରେ ଦେହାନ୍ତ ହୋଇଗଲା, ମୁଁ କଟକରେ ନ ଥିବା ବେଳେ । ଡାକ୍ତରଖାନାରେ ଦୁଇଦିନ ରହି ଜୀବନ ସହ ସଂଗ୍ରାମ କଲେ । ତାଙ୍କୁ ବଂଚାଇ ରଖିବାକୁ ଡାକ୍ତରମାନଙ୍କର ସବୁ ଉଦ୍ୟମ ବ୍ୟର୍ଥ ହେଲା । ମୁଁ ରେଡିଓରୁ ଶୁଣି ଧାଇଁ ଆସିଲି । ହେଲେ ଶେଷ ଦର୍ଶନ ପାଇଲି ନାହିଁ ।

ପ୍ରଫେସର ଡାକ୍ତର ଗୁରୁପ୍ରସାଦ ମହାନ୍ତି ଆକୁଳିବାବୁଙ୍କ ସହପାଠୀ । ସେ ମଧ ବିଲାତରେ F.R.C.S କରିଥିଲେ । ତାଙ୍କରି ପ୍ରେରଣାରେ ଆମେ ସବୁ ବିଲାତ ଯାଇଥିଲୁ । ୧୯୮୬ରେ ମୋର ପ୍ରୋଷ୍ଟେଟ୍ ଅପରେସନ କରିଥିଲେ । ଅବସର ପରେ 'ଓ୍ୱାନ୍ ଓ୍ୱାର୍ଲଡ ଆସୋସିଏସନ୍' ବସୁଧୈବ କୁଟୁମ୍ବକମ୍ ଢାଞ୍ଚାରେ ଗୋଟିଏ ସଂଘ ଗଢ଼ିଥାନ୍ତି । ଦେଉଳସାହିରେ ଥିବା ତାଙ୍କ ନର୍ସିଂହୋମ ପଲି ହସ୍‌ପିଟାଲରେ ପ୍ରତି ସପ୍ତାହରେ ଥରେ ମିଟିଂ ହୁଏ । ବହୁ ଜଣାଶୁଣା ବୈଜ୍ଞାନିକ, ସାମ୍ବାଦିକ, ଅବସରପ୍ରାପ୍ତ ପୋଲିସ ଅଫିସର ତାର ସଭ୍ୟ । ପ୍ରତି ମିଟିଂ ପାଇଁ ଜଣେ ଜଣେ ବକ୍ତା ଓ ଭାଷଣ ପରେ ବିଷୟବସ୍ତୁ ଉପରେ ଆଲୋଚନା । ବର୍ଷକେ ଥରେ ଟାଙ୍ଗୀ ପାଖରେ ଥିବା ତାଙ୍କର କଳକଳା ଫାର୍ମ ହାଉସରେ ବଡ଼ ଧରଣର ମିଟିଂ ହୁଏ । କିଛି କଲେଜ ପିଲା ଯାନ୍ତି । ଭୋଜିଭାତ ହୁଏ । ମୁଁ ତାର ସଭ୍ୟ ହୋଇଗଲି ଓ ଯାଉଛି ବି । କିଛି ନ ହେଲେ ବି ଜ୍ଞାନୀ ଲୋକମାନଙ୍କର ସଂସ୍ପର୍ଶରେ ଆସୁଛି ।

Digitized by srujanika@gmail.com

ଚନ୍ଦ୍ରମଣି ନାୟକ ଓଏଏସ୍, ମୋର ଅନ୍ୟଜଣେ ଅନ୍ତରଙ୍ଗ ବଂଧୁ । ଆକୁଳିବାବୁ, ଚନ୍ଦ୍ରମଣିବାବୁ ଓ ମୁଁ ଥିଲୁ ତ୍ରିମୂର୍ତ୍ତି । ସେ ଅବସର ପରେ ଭୁବନେଶ୍ୱର ଶହୀଦ ନଗରରେ ରହୁଥିଲେ ବି ସବୁବେଳେ କଟକରେ । ମୁଁ ତାଙ୍କ ବାହୁଛାୟା ତଳେ କଟକର ବହୁସଂଘ ସହ ସଂପୃକ୍ତ । ସେ ମତେ ରାଜ୍ୟ ଉପଭୋକ୍ତା ସଂଘର ସଭ୍ୟ କରାଇ ଦେଇଥିଲେ । ପରେ ମୁଁ ତାର ଉପସଭାପତି ହେଲି । ହେଲେ ତାଙ୍କର ଅକାଳ ବିୟୋଗ ପରେ ମୁଁ ଆଉ ସକ୍ରିୟ ନୁହେଁ । ସେକ୍ରେଟରି ଆଡ଼ଭୋକେଟ କେଦାରବାବୁ ଡାକିଲେ ବେଳେ ବେଳେ ଯାଏ ।

ମୈତ୍ରୀ ସରଣୀର ଗିରିଜା ଭୂଷଣ ପଟ୍ଟନାୟକଙ୍କ The Universe ଏହିପରି ଆଉ ଗୋଟିଏ ସଂସ୍ଥା । ଗିରିଜା ବାବୁ ବାମପନ୍ଥୀ ହେଲେ ବି ସାହିତ୍ୟ ଆସର ଓ ସମାଜସେବା ପାଇଁ ତାଙ୍କ ଅବଦାନ ଅତୁଳନୀୟ । ସମୟ ସମୟରେ ଯାଏ ।

ଯୋବ୍ରାରେ ରହୁଥିବା ପଦାର୍ଥ ବିଜ୍ଞାନୀ ପ୍ରଫେସର କୁଳମଣି ସାମଲ ଅବସର ନେବା ପରେ ଯୋବ୍ରା ହାଇସ୍କୁଲ ପ୍ରାଙ୍ଗଣରେ ପ୍ରତି ମାସରେ ବିଜ୍ଞାନ ବା ସମସାମୟିକ ଘଟଣାବଳୀ ଉପରେ ଆଲୋଚନା ପାଇଁ ମିଟିଂ କରନ୍ତି । ଆମେ ସବୁ ତାର ସଭ୍ୟ । ସେଠି ମଧ୍ୟ କିଛି ସମୟ ଯାଏ ।

ଡାକ୍ତର ବିଷ୍ଣୁ ପ୍ରସାଦ ମିଶ୍ର ସର୍ଜରୀ ପ୍ରଫେସର ଥିଲେ । ମୋର ହାର୍ଣିଆ ଅପରେସନ କରିଥିଲେ । I.M.A. ପ୍ରେସିଡେଣ୍ଟ । ଓଡ଼ିଶାରେ Surgeon's Conference କରାଇଥିଲେ । ତାଙ୍କ ନର୍ସିଂହୋମ ମିଶ୍ର ସର୍ଜରୀ ବେଶ୍ ଜଣାଶୁଣା । ଅବସର ପରେ ସେ ବି ଜଣେ ସମାଜସେବୀ । ଆମ ଗ୍ରାମର ହେଲ୍‌ଥକ୍ୟାମ୍ପକୁ ଯାଇଛନ୍ତି । ଏବେ ଆଧ୍ୟାତ୍ମିକ ଚର୍ଚ୍ଚା ସହ ଗୀତା ଉପରେ ଛୋଟ ଟୀକା ଲେଖିଛନ୍ତି । ମୋର ଆଇ.ଏମ୍.ଏ ତଥା ସର୍ଜନ୍ସ କନ୍‌ଫରେନ୍ସରେ ସଂପୃକ୍ତି ପାଇଁ ତାଙ୍କ ସହ ସଂପର୍କ ରଖିଛି ।

ଚର୍ମରୋଗ ବିଭାଗର ପ୍ରଫେସର ଡା. ହରିଶ ମହାନ୍ତି ପଦାର୍ଥ ବିଜ୍ଞାନୀ ପ୍ରଫେସର ଭୀମସେନ ଦାଶ ସାଇଭକ୍ତ । ଏମାନଙ୍କ ସହ ମିଶି ବାଦାମବାଡ଼ି ସାଇ ସମ୍ମିଳନୀରେ ବେଳେବେଳେ ଯୋଗଦିଏ ।

କଲେଜ ଛକ ପାଖରେ ରେଲୱେ କଲୋନୀରେ ପ୍ରତିଦିନ ସଂଧ୍ୟାରେ ପ୍ରଜ୍ଞାନନ୍ଦ ସରସ୍ୱତୀ ଗୀତା ଜ୍ଞାନଯଜ୍ଞ ଉପରେ ବହୁଦିନ ଧରି ପ୍ରବଚନ ଦେଲେ । ଅନ୍ୟ ବଂଧୁ ମାନଙ୍କ ସହ ସେଠି ପ୍ରବଚନ ଶୁଣିଲି । ମୁଁ ତ ଆଗରୁ ଟିକିଏ ଗୀତା ପଢୁଥିଲି । ଭଗବତ ଗୀତା ଆମ ଉପନିଷଦ ଗୁଡ଼ିକର ନିର୍ଯାସ । ୭୦୦ ଶ୍ଳୋକ ଅଠର ଅଧ୍ୟାୟରେ ଲେଖିଛନ୍ତି ବ୍ୟାସଦେବ ମୁକ୍ତିକାମୀ ମଣିଷମାନଙ୍କ ପାଇଁ । ସ୍ଥୂଳତଃ ଏହା ତିନି ଭାଗରେ ବିଭକ୍ତ - କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ । ମୁକ୍ତି ବା ଭଗବତ୍ ପ୍ରାପ୍ତି ପାଇଁ ଏହା ଅଲଗା ଅଲଗା ମାର୍ଗ ନୁହେଁ - ଗୋଟିଏ ଗୋଟିଏ ସୋପାନ ମାତ୍ର । କର୍ମଯୋଗଦ୍ୱାରା ଆତ୍ମଶୁଦ୍ଧି ପରେ ଜ୍ଞାନ ଯୋଗ । ଜ୍ଞାନଯୋଗରେ ଜୀବ ବ୍ରହ୍ମ ଐକ୍ୟ ପ୍ରତିପାଦିତ ହୁଏ । ବେଦର ଏଇ ଜ୍ଞାନ ଏକମେବା ଦ୍ୱିତୀୟମ୍ (ପ୍ରଜ୍ଞାନମ୍ ବ୍ରହ୍ମ, ଅୟଂ ଆତ୍ମା ବ୍ରହ୍ମ, ତତ୍ୱମସି, ଅହଂ ବ୍ରହ୍ମାସ୍ମି) ଲାଭ ହେଲେ ଭକ୍ତି ସ୍ୱତଃ ହୃଦୟରେ ଦୃଢ଼ ହୁଏ । ବ୍ୟକ୍ତି ଭକ୍ତି ଯୋଗର ସାଧକ ପାଲଟିଯାଏ । ପରଂବ୍ରହ୍ମ ପାଖରେ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିଦିଏ । କର୍ମଯୋଗର ନବମ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି :

Digitized by srujanika@gmail.com

ଯଜ୍ଞାର୍ଥାତ୍ କର୍ମଣୋନ୍ୟତ୍ର
ଲୋକାୟଂ କର୍ମ ବନ୍ଧନଃ
ତଦର୍ଥଂ କର୍ମ କୌନ୍ତେୟ
ମୁକ୍ତ ସଙ୍ଗ ସମାଚାର ।

ରାଧାକ୍ରିଷ୍ଣନଙ୍କ ପରି ପ୍ରସିଦ୍ଧ ଭାଷ୍ୟକାର ମାନେ ଯଜ୍ଞ ଅର୍ଥ ପରୋପକାର ବୋଲି କହିଛନ୍ତି । ତାକୁ ହିଁ ଅନୁସରଣ କରି ମୁଁ ମୋ ଜୀବନ ଶୈଳୀ ପରିବର୍ତ୍ତନ କରିବାକୁ ଚାହିଁଛି ।

## ଖଣ୍ଡାୟତ ମହାସଭା

ଚାକିରୀ କାଳରେ ମୁଁ ବ୍ରାହ୍ମଣ ଅଫିସର ମାନଙ୍କ ଦ୍ୱାରା ନିର୍ଯାତିତ ହୋଇଥିଲି । ଖଣ୍ଡାୟତ ମେସରେ ରହି ୧୯୪୬ ରୁ ୧୯୪୮ ପର୍ଯ୍ୟନ୍ତ ପଢୁଥିଲି । ସେ ଛାତ୍ରାବାସ ଏବେ ଜୀର୍ଣ୍ଣଶୀର୍ଣ୍ଣ ।

ପ୍ୟାରୀମୋହନ ସାମନ୍ତରାୟ ଆଇଏଏସ୍, ଅଖିଳ ଭାରତୀୟ କ୍ଷତ୍ରିୟ ମହାସଭା କଟକ ସହର ଓ ସଦର ଶାଖାର ସଭାପତି ଥାନ୍ତି । ଯୋଗେଶ ରାଉତ, ପ୍ରସନ୍ନ ପାଟଶାଣୀ, କାହ୍ନୁଲେଙ୍କା ଇତ୍ୟାଦି ମହାସଭାର ପୃଷ୍ଠପୋଷକ । ମୋ ପିଲାଦିନର ସାଙ୍ଗ ଓ ଖଣ୍ଡାୟତ ମେସରେ ରହୁଥିବା ରବୀନ୍ଦ୍ର ସାମଲ ଚାଟାର୍ଡ ଆକାଉଣ୍ଟାଣ୍ଟ, ଆଡ୍‌ଭୋକେଟ ଶରତ ବିଶ୍ୱାଳ, କାହ୍ନୁ ରାଉତ, ପୀତାମ୍ବର ଜେନା ଇତ୍ୟାଦି ସଭ୍ୟ । ସେମାନଙ୍କ ପ୍ରରୋଚନାରେ ମହାସଭାର ଜଣେ ସକ୍ରିୟ ସଭ୍ୟ ହୋଇ କଟକ ସଦର ଆଳି, ବାଙ୍କି ଇତ୍ୟାଦି ସ୍ଥାନରେ ହେଉଥିବା ସଭା ସମିତିରେ ଭାଷଣ ଦେଇ ଜନମତ ସୃଷ୍ଟିରେ ସାହାଯ୍ୟ କଲି ।

ଏତିକିବେଳେ ମଣ୍ଡଳ କମିଶନ ରିପୋର୍ଟ ବାହାରିଥାଏ । ଖଣ୍ଡାୟତ ମାନଙ୍କୁ ପଛୁଆ ବର୍ଗ ଓବିସିରେ ସାମିଲ କରିବାକୁ ଚେଷ୍ଟା । ସମୁଦାୟ ମଣ୍ଡଳ କମିଶନ ରିପୋର୍ଟ ପଢ଼ି ତର୍ଜମା କରି ମହାସଭାର ମୁଖପାତ୍ର ଶୌର୍ଯ୍ୟରେ ବରାବର ଲେଖାଲେଖି କଲି ।

ଏଇଭଳି ଭାବେ ସମସ୍ତଙ୍କ ସହ ସୁସଂପର୍କ ରଖି ମୋନିଜର ବୃତ୍ତି, କିଛି ସମାଜସେବା ତଥା ଆଧାତ୍ମିକ ବିଚାର ଆଲୋଚନାରେ ସଂପୃକ୍ତରହି ସମୟ କଟାଇଲି ।

## ପିଲାମାନଙ୍କ ପାଠପଢ଼ା

ବେବି କଳାହାଣ୍ଡିରୁ ଆସି ରେଭେନ୍ସାରେ +୩ ବିଜ୍ଞାନରେ ନାମ ଲେଖାଇଥିଲା । JEE ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବୁର୍ଲା ମେଡିକାଲ କଲେଜରେ ସ୍ଥାନ ପାଇଲା ୧୯୮୫ରେ । ସେଠି ଯାଇଁ ହଷ୍ଟେଲରେ ରହିଲା । ମୁଁ ମଝିରେ ମଝିରେ ବୁର୍ଲା ଯାଏ । ତାକୁ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜକୁ ବଦଳି କରି ଆଣିବାକୁ ମୋର ସମସ୍ତ ଉଦ୍ୟମ ପଣ୍ଡ ହେଲା । ସେ ସେଠି ଦ୍ୱିତୀୟ ବାର୍ଷିକ ଛାତ୍ରୀ ଥିବାବେଳେ ତାଙ୍କ କଲେଜ ଡ୍ରାମାରେ ନାୟିକା ଭୂମିକାରେ ଅଭିନୟ କରି ଶ୍ରେଷ୍ଠ କଳାକାର ଭାବେ ପ୍ରଶଂସିତ ହୋଇ ମତେ ଖଣ୍ଡିଏ ଚିଠି ଲେଖିଲା । ମୁଁ ପ୍ରତ୍ୟୁତ୍ତରରେ ଲେଖିଲି ରଂଗମଂଚରୁ ଓହ୍ଲାଇ ଆସ ଜୀବନ ମଂଚକୁ । ସେଠି ତୁମର ଶ୍ରେଷ୍ଠତା ପ୍ରତିପାଦନ କଲେ ଖୁସି ହେବି । ସେ ତା ପାଠପଢ଼ାରେ ଅବହେଳା କରିନି । କିନ୍ତୁ ଆମଠୁଁ କ୍ରମେ ଦୂରେଇ ଯାଇଛି । ସେଠି କୃତିତ୍ୱର ସହ ପାଶ୍ କଲା ପରେ ଏସ୍‌ସିବି ମେଡ଼ିକାଲ କଲେଜରେ ଆସି ହାଉସ ସର୍ଜନ ରହିଲା ଦ୍ରୌପଦୀ

Digitized by srujanika@gmail.com

ଦେବୀଙ୍କ ପାଖରେ । ପାର୍ବତୀ ନର୍ସିଂ ହୋମରେ ବି କାମଦାମ କରେ । ଉଭୟ ଡାକ୍ତରାଣୀ ପ୍ରସୂତି ବିଭାଗର ସର୍ଜନ । ମୋର ଇଚ୍ଛାଥିଲା ସେ ପ୍ରସୂତି ବିଭାଗରେ ସ୍ନାତକୋତ୍ତର ଉପାଧି ହାସଲ କରିବ । ତାର ପୋଷ୍ଟିଂ ହେଲା ନୂଆ କରି ଖୋଲିଥିବା କୁନ୍ଦପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ । ଏଇଟି ମଧୁବନ ପି.ଏଚ୍.ସି ଅଧୀନରେ । ଡାକ୍ତର ଥାନ୍ତି ଅଶୋକ ଦାଶ । ସେଠି କାର୍ଯ୍ୟରେ ଯୋଗଦାନ କରି ଘରେ ରହି ପଢ଼ାପଢ଼ି କଲା ସ୍ନାତକୋତ୍ତର ଉପାଧି ପାଇଁ ।

ଠୁବୁ ରେଭେନ୍ସା ବାଳିକା ବିଦ୍ୟାଳୟରେ ପଢୁଥାଏ । ତାର ଭଲ ପାଠ ହୁଏନି । ତା ପଛରେ ବହୁତ ଟିଉସନ ମାଷ୍ଟର । ବିଶେଷ କରି ଇଂରାଜୀରେ ବହୁତ ଦୁର୍ବଳ । ମୁଁ ମୋର ଜଣେ ସହପାଠୀ ରାଣୀହାଟ ହାଇସ୍କୁଲର ପୂର୍ବତନ ଶିକ୍ଷକ ମହେଶ୍ୱର ସାମନ୍ତରାୟଙ୍କୁ ଅନୁରୋଧ କଲି ତା ଇଂରାଜୀ ପାଠପଢ଼ା ଦେଖିବାକୁ । ସେ ମୋ ଅନୁରୋଧ ରକ୍ଷା କରି ଲାଗିପଡ଼ିଲେ । ମୁଁ ମଧ ଦିନ ରାତି ତା ପିଛା ଲାଗିଲି । ଯା ହେଉ କିଛି ସତ୍ କିଛି ଅସତ୍ ଉପାୟରେ ମାଟ୍ରିକ୍ ପାଶ୍ କଲା । ଜଗତପୁର ଠାରେ ଥିବା ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟରେ ନାମ ଲେଖାଇଲା । ସେଇଠୁ ସେ +୨ ଓ +୩ କଳା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏମ୍.ଏରେ ନାମ ଲେଖାଇଲା ଓ ପରୀକ୍ଷା ଦେଲା । ମୁଁ ଆଉ ଶେଷ ପରୀକ୍ଷା ପର୍ଯ୍ୟନ୍ତ ଅପେକ୍ଷା ନ କରି ତାର ବିବାହ କରିଦେଲି ।

ବାବୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାଶ୍ କଲା । ମୁଁ ଭାବିଥିଲି ଅନ୍ତତଃ ପ୍ରଥମ ଶହେ ଜଣଙ୍କ ଭିତରେ ରହିବ । ତା ହେଲାନି । ଓଡ଼ିଆରେ ମାତ୍ର ୫୧ ନମ୍ବର ରଖିଲା । ମୁଁ ଆଶ୍ଚର୍ଯ୍ୟ ହେଲି ।

ସେ ଓଡ଼ିଆରେ ଭଲ କରେ । ପ୍ରବନ୍ଧ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ କି ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କାର ଆଣେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି. ସିଂହଙ୍କ ଉପରେ ପ୍ରବନ୍ଧ ଲେଖି ବହୁ ପ୍ରଶଂସିତ ହୋଇଥିଲା । ଦି ଇଉନିଭର୍ସରେ 'କୋରିଆ' ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ ତା ଉପର ଶ୍ରେଣୀରେ ପଢୁଥିବା ରେଭେନ୍ସା କଲେଜିଏଟ୍‌ର ଶ୍ରେଷ୍ଠ ବାଗ୍ମୀ କାଳୀଦାସ ପଣ୍ଡାଙ୍କ ସହ ଟକ୍କର ଦେଇ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କାର ଆଣିଥିଲା ।

ତା ଘରୋଇ ଶିକ୍ଷକ ତା ଖାତା ଦେଖି ଆସି କହିଲେ ପରୀକ୍ଷକ ତା ଭାଷା ବୁଝି ପାରିନି । ରଚନାରେ ମାତ୍ର ଗୋଟିଏ (ଏକ) ନମ୍ବର ଦେଇଛନ୍ତି । ମୁଁ ଓଡ଼ିଆ ସମେତ ଅନ୍ୟ ତିନୋଟି ବିଷୟର ପୁନଃ ମୂଲ୍ୟାୟନ ପାଇଁ ବୋର୍ଡକୁ ଲେଖିଲି । ବୋର୍ଡ ଶୁଣିଲାନି । ହାଇକୋର୍ଟରେ ରିଟ୍ କଲି । ଖାତା ନଷ୍ଟ କରି ଦିଆଯାଇଛି ଦର୍ଶାଇ ଆଉଥରେ ପରୀକ୍ଷା ଦେବାକୁ କହିଲେ । ସେତେବେଳକୁ ସେ ରେଭେନ୍ସା କଲେଜରେ ନାମ ଲେଖାଇ ପଢ଼ାପଢ଼ି କଲାଣି । ମୁଁ ଆଉ ସେଥିରେ ମନ ଦେଲିନି ।

ମୁଁ ତାକୁ +୨ ବିଜ୍ଞାନରେ ବାଇଓଲୋଜି ଅପସ୍‌ନାଲ ନେବାକୁ ପରାମର୍ଶ ଦେଲି । ତାର ବାଇଓଲୋଜି ପ୍ରତି ଆଦୌ ଆଗ୍ରହ ନଥିଲା । କାହିଁକି ମୁଁ ଜାଣେନି । ଷାଣ୍ମାସିକ ପରୀକ୍ଷାପରେ କେମିତି କରିଛୁ ପଚାରିବାରୁ 'ଭଲ କରିଛି' ବୋଲି

Digitized by srujanika@gmail.com

ଜବାବ ଦେଲା । ମୋ ମନ ମାନିଲାନି । ଆମ ଘରେ ଜୟା ରାୟ ବୋଲି ଜଣେ ରେଭେନ୍ସା କଲେଜର ବେଙ୍ଗଲି ଅଧ୍ୟାପକ ଭଡ଼ାରେ ରହୁଥିଲେ । ତାଙ୍କରି ମାଧ୍ୟମରେ ଯାଇଁ ଦେଖିଲି ପ୍ରାଣୀବିଜ୍ଞାନ ପରୀକ୍ଷା ଦେଇନି । ବହୁତ ବୁଝାବୁଝି ପରେ ପଢ଼ିଲା, ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାଶ୍ କଲା ।

ସବୁ ପିଲାଙ୍କ ପରି JEE ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା । ବାଇଓଲୋଜି ପ୍ରତି ବିମୁଖ । ମତେ ଦେଖାଇବା ପାଇଁ କେବଳ ବହି ରଖିଥାଏ । ତା ଉପରେ ତା ସାଙ୍ଗ ମାନଙ୍କର ପ୍ରଭାବ ମୋ ଅପେକ୍ଷା ଅଧିକ । କେହି କହିଛି ଡାକ୍ତର ହେଲେ ଗୁହାଳେ ରହିବୁ । ବହୁତ ବୁଝାବୁଝି କଲି । ଇଂଜିନିଅରିଂ ଅପେକ୍ଷା ଡାକ୍ତରୀରେ ସିଟ୍ ପାଇବା ସହଜ । ଡାକ୍ତର ମାନଙ୍କର ସାମାଜିକ ସ୍ଥିତି ଭଲ । ଏଠି ଯେତେ କୋଠା ଅଛି ଦେଖ୍ କେତେଟା ଡାକ୍ତରଙ୍କର ଆଉ କେତେଟା ଇଂଜିନିଅରଙ୍କର । ନିଜେ ବାଉଓଲୋଜି ପଢ଼ାଇଲି । ପରୀକ୍ଷା ଫଳ ବାହାରିଲା । ୪୦୨ ର୍‍ୟାଙ୍କ ରହିଲା । ୨୫୦ ଭିତରେ ହେଲେ ମେଡ଼ିକାଲ ସିଟ୍ ମିଳିବ । ସାହସ ଦେଇ କହିଲି ପ୍ରଥମଥର କ୍ୱଚିତ କୃତକାର୍ଯ୍ୟ ହୁଅନ୍ତି । ଆସନ୍ତା ପରୀକ୍ଷାରେ ନିଶ୍ଚୟ ପାଇବୁ । ସବୁ ବିଷୟରେ ଧୈର୍ଯ୍ୟ ଓ ସାହସ ଦରକାର । ଏହାଦ୍ୱାରା ମନୋବଳ ବଢ଼େ । ଅଧୈର୍ଯ୍ୟ ବିଫଳତାର ପୂର୍ବାବସ୍ଥା ।

ମାର୍କସିଟ୍ ଆଣିଲା । ବାଇଓଲୋଜିରେ ଭଲ ନମ୍ବର ରଖିଥାଏ । ଯେଉଁ ଫିଜିକ୍ସ ପାଇଁ ଅର୍ଦ୍ଧାଧିକ ସମୟ ବ୍ୟୟ କରେ ସେଥିରେ ଭଲ ନମ୍ବର ନାହିଁ । ସଚଦେବା କୋଚିଂ ସେଣ୍ଟରରେ ନାମ ଲେଖାଇଲା । ସେଠି ବି ଭଲ ରେଜଲ୍ଟ କଲା । ସେଠି ତାଙ୍କ କ୍ଲାସ ପରୀକ୍ଷାରେ ୧୬/୧୭ ପୋଜିସନ୍ ରହୁଥାଏ । ମୁଁ ବି ଯାଇଁ ଦେଖୁଥାଏ । କେନ୍ଦ୍ରିୟ ପରୀକ୍ଷା ଦେଲା । କଲିକତା ଯାଇ AIIMS ପାଇଁ ପରୀକ୍ଷା ଦେଲା । କୌଣସିଟିରେ କୃତକାର୍ଯ୍ୟ ହେଲାନି ।

ଫିଜିକ୍ସ ଅନର୍ସ ନେଇ +୩ ରେ ରେଭେନ୍ସାରେ ପଢୁଥାଏ । ଲାଗ ଲାଗ ୩ ଥର JEE ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ +୩ର ଶେଷବର୍ଷରେ ଆଉ ପରୀକ୍ଷା ଦେଲାନି ।

ମୋ ପୁଅଟି କିପରି ଡାକ୍ତର ହେବ ସେଥିପାଇଁ ମୋର ଅଧିକ ଚିନ୍ତା । ଭୁବନେଶ୍ୱରରେ ଗୋଟିଏ ଘରୋଇ ମେଡ଼ିକାଲ କଲେଜ ଖୋଲିବ ବୋଲି ବେଶ୍ ପ୍ରଚାର ହେଲା । ସେମାନେ ବି ଅଗ୍ରିମ ଟଙ୍କା ନେଇଗଲେ । ଯେଉଁ ଅଧ୍ୟାପକମାନେ କାମ୍ କରୁଥାନ୍ତି ସେମାନେ ସବୁ ଜଣାଶୁଣା । ସେମାନେ କହିଲେ IMA ର ସ୍ୱୀକୃତି ନାହିଁ । ପରୀକ୍ଷା କିପରି ହେବ ? ପ୍ରଯୋଜକମାନେ କହିଲେ ଆମେ ହାଇଦ୍ରାବାଦ ପଠାଇବୁ ସେଠି ପରୀକ୍ଷା ଦେବ । ସେସବୁ ପ୍ରତିଶ୍ରୁତି ମନକୁ ପାଇଲାନି । ସେ ବର୍ଷ ପିଲାସବୁ ଋଷିଆ ଯାଉଥିଲେ । ସନ୍ତ୍ରମାନଙ୍କ ସହ ଦେଖା କଲି । ଋଷର କୌଣସି ମେଡ଼ିକାଲ କଲେଜ ଆଇଏମ୍ଏର ସ୍ୱୀକୃତି ପାଇନାହିଁ । ଭାଷା ସମସ୍ୟା ବି ରହିଛି । ବିଲାତରେ ମୋ ନିଜ ଅବସ୍ଥା କଥା ମନେ ପକାଇ ଆଗେଇଲିନି । ବାଙ୍ଗାଲୋର ଠାରେ ମୋର ଜଣେ ସାଙ୍ଗ ଡାକ୍ତର ନିମ୍ସ୍‌ରେ ସର୍ଜରୀ ପ୍ରଫେସର ଥିଲେ । ବାରଲକ୍ଷ ଟଙ୍କା ଡୋନେସନ ଦେଲେ ସିଟ୍ ମିଳିଯିବ କହି ମୁତେ ସେଠିକୁ ଯିବାପାଇଁ ପରାମର୍ଶ ଦେଲେ । ବହୁତ ଚିନ୍ତାକଲି । ତା ମା ନାହିଁ । ତା ଇଚ୍ଛା ବିରୁଦ୍ଧରେ ପଠାଇବି । କେଉଁ ଆଡ଼େ ଚାଲି ଯାଇପାରେ । ଠାକୁରଙ୍କର ଯାହା ଇଚ୍ଛା

Digitized by srujanika@gmail.com

ତାହା ହିଁ ହେବ । ଏଇସବୁ କଥା ଭାବି ପୁଅକୁ ଡାକ୍ତର କରିବା ଆଶାରୁ ନିବୃତ୍ତ ହେଲି ।

+୩ ପରୀକ୍ଷାରେ ଫିଜିକ୍ସ ଅନର୍ସରେ ପ୍ରଥମଶ୍ରେଣୀ ପାଇଲା । ଇଲେକ୍‌ଟ୍ରନିକ୍ସରେ ଏମ୍‌ଏସ୍‌ସି କରିବ ବୋଲି ସ୍ଥିର କଲା । ରେଭେନ୍ସା କଲେଜ ଓ ଉତ୍କଳ ଇଉନିଭରସିଟିରେ ଇଲେକ୍‌ଟ୍ରନିକ୍ସ ଥାଏ । ଏଠି ନ ପଢ଼ି ରାଉରକେଲାରେ ଆରଇସିରେ ପଢ଼ିବ ବୋଲି ସ୍ଥିର କଲା । ସବୁ ସେହି ସାଙ୍ଗ ମାନଙ୍କର ପ୍ରଭାବ । ମୁଁ ଫିଜିକ୍ସର ଜଣେ ଖ୍ୟାତନାମା ପ୍ରଫେସର କୁଳମଣି ସାମଲଙ୍କ ପରାମର୍ଶ ନେଲି । ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ତାଙ୍କ ମତ ଦେଲେ । ମୁଁ ତା ଇଚ୍ଛା ବିରୁଦ୍ଧରେ ଯିବାକୁ ଚାହିଁଲିନି । ସେ ଯଥା ସମୟରେ ଆରଇସିରେ ନାମ ଲେଖାଇଲା ଓ ପରୀକ୍ଷାରେ ତାଙ୍କ ବ୍ୟାଚରେ ଟପର ହେଲା । ତା ସାଙ୍ଗ ତାକୁ ଏମ୍‌ସିଏ କରିବାକୁ ପ୍ରବର୍ତ୍ତାଇଲା ତା କଥା ଶୁଣିଲାନି ।

ମୁଁ ପ୍ରାୟ ପ୍ରତିମାସରେ ତା ପାଖକୁ ରାଉରକେଲା ଯାଏ । ମୋର ସହପାଠୀ ଡାକ୍ତର ନୀଳାମ୍ବର ଆଚାର୍ଯ୍ୟଙ୍କୁ କହିଥାଏ ତା ଉପରେ ଟିକିଏ ନଜର ରଖିବାକୁ । ଡାକ୍ତର ଆଚାର୍ଯ୍ୟ ରାଉରକେଲା ଇସ୍ପାତ ଜେନେରାଲ ହସ୍‌ପିଟାଲରୁ ଅବସର ଗ୍ରହଣ କରିଥାନ୍ତି । ତଥାପି ତାଙ୍କର ପ୍ରଭାବ ବେଶ୍ କିଛି ଥାଏ । ବାବୁର ଅଧ୍ୟାପକ ତଥା ସାଙ୍ଗ ମାନଙ୍କ ସହ ସୁସଂପର୍କ ରହିଛି । ତାଙ୍କ ବିଭାଗର ମୁଖ୍ୟ ଅଧ୍ୟାପକ ଏଚ୍‌ଓଡ଼ି ତାକୁ ଭଲ ପାଉଥାନ୍ତି । ଟପର ହେବା ପରେ ଆରଇସିରେ ପାର୍ଟଟାଇମ୍ ଲେକ୍‌ଚରର ଥାଏ । ପି.ଏଚ୍‌ଡ଼ି ପାଇଁ ଜଣେ ପ୍ରଫେସରଙ୍କ ପାଖରେ କାମ କରୁଥାଏ । ଆଇଏଏସ୍, ଆଇଏଫ୍‌ଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚାଲିଥାଏ । ସବୁଠି ତାର ସୁନାମ ।

ହଠାତ୍ ଥରେ ଯାଇଁ ଦେଖିଲି ଗୋଟିଏ ଘରୋଇ କଲେଜ (ଗାନ୍ଧୀ କଲେଜ)ରେ ଚାକିରୀ କରିଛି । କୋଚିଂ କ୍ଲାସ ନେଉଛି । ମୁଁ କିଛି ବୁଝି ପାରିଲି ନାହିଁ । ପଇସା ଆମର ଅଭାବ ନାହିଁ । ମୁଁ ଅବଶ୍ୟ ଆବଶ୍ୟକତା ଠାରୁ ଅଧିକା ପଇସା ପିଲାମାନଙ୍କୁ ଦେବାକୁ ପସନ୍ଦ କରେନି । ତେବେ ତା ନାମରେ ବି ବେଶ୍ କିଛି ପଇସା ଅଛି । ଘରୋଇ କଲେଜରେ ଦରମା ମାତ୍ର ମାସକୁ ସାତଶହ ଟଙ୍କା । ବସାଠାରୁ କଲେଜ ଦଶ କିଲୋମିଟର ଦୂର । ମଟର ବାଇକରେ ଯିବା ଆସିବା କରୁଛି । ତାଙ୍କ ପ୍ରିନ୍‌ସିପାଲଙ୍କୁ ସାକ୍ଷାତ କଲି । ସେ କହିଲେ ଏ ପୋଷ୍ଟ ସ୍ଥାୟୀ ହେବାର ନାହିଁ । ଆମେ କିଛି ଦରମା ବଢ଼ାଇ ଦେବୁ । ଆରଇସିରେ ଟପର ହୋଇଥିବା ପିଲା ଘରୋଇ କଲେଜକୁ ମୁହାଁଇବା ଲଜ୍ଜାଜନକ । ନିର୍ଦ୍ଦିଷ୍ଟ ଲକ୍ଷ ନ ଥିଲେ ଜୀବନରେ ସଫଳତା ହାସଲ କରିବା ଦୁରୂହ ବ୍ୟାପାର । ମୁଁ ଭାବିଲି ସେ ବୋଧହୁଏ ଆଇ.ଏ.ଏସ୍ ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ ଭାଙ୍ଗି ପଡ଼ିଛି । ଘରୋଇ କଲେଜ ଚାକିରୀ ଛାଡ଼ି ପି.ଏଚ୍.ଡି ପାଇଁ ଅଧିକ ସମୟ ଦେବାକୁ ପ୍ରବର୍ତ୍ତାଇଲି । ପି.ଏଚ୍.ଡି ପାଇଲେ ଆରଇସି ଚାକିରୀ ନିଶ୍ଚୟ ମିଳିବ ବୋଲି ପ୍ରବୋଧନା ଦେଲି । ଏହାର କୌଣସି ପ୍ରଭାବ ତା ଉପରେ ପଡ଼ିଲାନି ।

ଫିଜିକ୍ସ ପ୍ରତି ତାର ଆଗ୍ରହ ଥିବାରୁ ଭୁବନେଶ୍ୱରରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଡିପାର୍ଟମେଣ୍ଟରେ ପି.ଏଚ୍.ଡି ପାଇଁ ପ୍ରବେଶିକା ପରୀକ୍ଷା ଦେଲା । ପରୀକ୍ଷା ପୂର୍ବରୁ ଦୁଇଜଣ ପ୍ରଫେସରଙ୍କ ପାଖକୁ ନେଇଥିଲି । ସେମାନେ ତାର ଷ୍ଟାଣ୍ଡାର୍ଡ ଭଲ ବୋଲି ମତ ଦେଲେ । ସେମାନେ ଯେଉଁ ସବୁ ପ୍ରବଲେମର ସମାଧାନ ବତାଇଥିଲେ

Digitized by srujanika@gmail.com

ସେଇ ପ୍ରଶ୍ନ ବି ଆସିଥିଲା । ମୁଁ ସେ ବିଭାଗରେ ପରୀକ୍ଷା ସହ ସଂପୃକ୍ତ ଚିହ୍ନା ଅଧ୍ୟାପକ ମାନଙ୍କୁ ବି କହିଥିଲି । ତଥାପି ସେ କୃତକାର୍ଯ୍ୟ ହୋଇ ପାରିଲାନି । ପ୍ରତିଯୋଗିତା ମୂଳକ ପରୀକ୍ଷା ଗୁଡ଼ିକରେ ସମ୍ଭବତଃ ଧୈର୍ଯ୍ୟହରା ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛି । ସଂସାରରେ ଯାବତୀୟ ଘାତ ପ୍ରତିଘାତ ଦୃଢ଼ଚେତା ବ୍ୟକ୍ତିକୁ ଲକ୍ଷ୍ୟଚ୍ୟୁତ କରିପାରେ ନାହିଁ । ଅସ୍ଥିର ଚିତ୍ତ ବ୍ୟକ୍ତି ଐକାନ୍ତିକ ନିଷ୍ଠା ଏକାଗ୍ରତା ଅଭାବରୁ କୌଣସି କାମରେ ଜୟଯୁକ୍ତ ହୁଏନି ।

ଟିକି ଭଲ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍ ପାଶ୍ କଲା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ । ରେଭେନ୍ସା କଲେଜରେ ସିଟ୍ ମିଳିଲା ନାହିଁ । ଓ.ଏମ୍.ପି. ଛକରେ ଥିବା ଜେ.କେ.ବି.କେ କଲେଜରେ +୨ ବିଜ୍ଞାନରେ ନାମ ଲେଖାହେଲା । ଜାତୀୟ କବି ବୀରକିଶୋରଙ୍କ ନାମରେ ନାମିତ ଏହି କଲେଜରେ ଶୃଙ୍ଖଳାର ଅଭାବ । ଜାତୀୟତା ଭାବ ଉଦ୍ରେକ କଲାଭଳି କିଛି ନ ଥିଲା । ପ୍ରତିଦିନ ଟାଉନ ବସ୍, ସାଇକେଲ୍ ବା ରିକ୍ସାରେ ଯାଏ । ତା ପାଠପଢ଼ା ପାଇଁ ମୋର ଚିନ୍ତା ନ ଥିଲା । +୨ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ଜେ.କେ.ବି.କେ.ରେ +୩ ନ ଥାଏ । +୨ ପରୀକ୍ଷା ପରେ JE ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲା । ତା ସହିତ ମିଶିଲେ ନୀଳମାଧବ ଜେନା (ନିଲୁ) । ସେ ଖ୍ରୀଷ୍ଟ କଲେଜରୁ ପାଶ୍ କରିଥାନ୍ତି । ଉଭୟେ ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ । ଟିକି +୩ ବିଜ୍ଞାନ ପଢ଼ିଲା ଶୈଳବାଳା ମହିଳା ମହାବିଦ୍ୟାଳୟରେ । ସେଠି ତାର ଅନର୍ସ ରହିଲାନି । ସେ ଭାଙ୍ଗି ପଡ଼ିଲାନି । ସ୍ନାତକ ହେବା ପରେ NIIT କମ୍ପୁଟର ସଫ୍‌ଟଓୟାର କୋର୍ସ ନେଇ ପଢ଼ିଲା । ୧୯୯୯-୨୦୦୦ ପରୀକ୍ଷାରେ ଶତକଡ଼ା ୯୮ପ୍ରତିଶତ ନମ୍ବର ରଖି ଶୀର୍ଷସ୍ଥାନ ଅଧିକାର କଲା ।

## ପତ୍ନୀ ବିୟୋଗ

ସବୁଦିନ କାହାରି ସୁଖରେ ଯାଏନି । ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନି ଚ ଦୁଃଖାନି ଚ ।

ମୋ ବଡ଼ଝିଅର ପୁଅର ଜନ୍ମଦିନ । ତାଙ୍କ ମା' ମନ ବଳାଇଥାନ୍ତି ଝିଅ ଘରକୁ ଯିବେ, ନାତିର ଜନ୍ମଦିନରେ । ଆମ ବାଡ଼ିରେ ବଡ଼ବଡ଼ ପାଟକପୁରା କଦଳୀ ହୁଏ । ପଚାଶରୁ ଉର୍ଦ୍ଧ୍ୱ ନଡ଼ିଆଗଛ । ମୁଁ ଗ୍ରାମକୁ ଗଲି ଚାଉଳ, କଦଳୀ, ନଡ଼ିଆ ଆଣିବା ପାଇଁ । ଦିନକ ପରେ -

୧୯୯୦ ମସିହା ଡିସେମ୍ବର ୧୭ ତାରିଖ । ବଉଳ ଅମାବାସ୍ୟା ପରଦିନ ରାତି ଦଶଟାରେ ମୋ ଶଳା ରମା ଆସି ପହଁଚିଲା ପଳସିଂହାରେ ଆମ ଘରେ । କହିଲା ଦେଈ ଦେହ ଭଲନାହିଁ, ସାଥେ ସାଥେ ଚାଲ । ହଠାତ୍ କ'ଣ ହେଲା ଭାବି ପାରିଲିନି । ମିଛଟାରେ ଅନ୍ୟ କୌଣସି କାମପାଇଁ ଡାକୁଛି ଭାବି କହିଲି, ତୋ ଭଉଣୀ ଦେହ ଖରାପ, ଡାକ୍ତରଖାନା ନେଇ ଗଲୁନି, ଏଠିକୁ କାହିଁକି ଆସିଛୁ ? ମୋପାଖକୁ ଆସିବା ପୂର୍ବରୁ ସେ ଦାଦାଙ୍କ ଘରେ ସବୁକଥା କହି ସାରିଲାଣି । ସେମାନେ ଆସି କହିଲେ କ'ଣ ହୋଇଥିବ ଚାଲିଯା । ସେ ଗାଡ଼ି ଆଣି ନ ଥାଏ । ଆସିଥାଏ ନିଜ ସ୍କୁଟରରେ । ମୁଁ ସାଥେ ସାଥେ ତା ପଛରେ ବସି ଆସିଲି । ଦୁଇ ଚକିଆ ପଛରେ ବସି ମୁଁ କେବେ କୁଆଡ଼େ ଯାଏନି । ପୁଣି

Digitized by srujanika@gmail.com

ଅର୍ଦ୍ଧରାତ୍ରି । ମତେ ଡର ଲାଗୁଥାଏ । ସେ ଅସୁରେଶ୍ୱର ପାଖରେ ଗାଡ଼ି ରଖିଲା । ମତେ କିଛି କହୁ ନଥାଏ । ଧନ୍ୟ ତାର ଧୈର୍ଯ୍ୟ ।

ରାତ୍ରି ପ୍ରାୟ ଗୋଟାଏ ବେଳେ ଆମେ ଆସି ପହଁଚିଲୁ । ଘର ଲୋକାରଣ୍ୟ । ମୁଁ କିଛି ବୁଝିପାରୁ ନଥାଏ । ଦୁଇଦିନ ପୂର୍ବରୁ ଘର ଛାଡ଼ିଛି । ମୋ ଶାଳୀ, ସତ୍ତୁ, ଅନ୍ୟ ଶଳା ରଞ୍ଜନୀ, ମାମୀ ତା ସ୍ୱାମୀ ତାଙ୍କ ଭିଣୋଇ ନିରଂଜନ ବାବୁ, ଭଉଣୀ ବୁଲି, ଭିଣୋଇ ହୃଦାନନ୍ଦ ବାବୁ, ମୋର ବଂଧୁ ଇଂଜିନିଅର ଗଣେଶ ଚନ୍ଦ୍ର ପରିଡ଼ା, ଯୋଗ୍ରା ଧନୀଭାଇ, ଭଡ଼ାଟିଆ ହରି ହାଲିଦାର ସମସ୍ତେ ରୁଣ୍ଡ । କେହି କିଛି ମୁହଁ ଖୋଲି କହୁ ନଥାନ୍ତି । ବାହାରେ ଆଖି ବୁଲାଇ ଦେଇ ଘର ଭିତରେ ପଶିଲି । ଘରେ ଯାହା ଦେଖିଲି ମୁଁ ହତବାକ୍ । ମୋ ସ୍ତ୍ରୀ ଶୋଇଛି, ତା ଉପରେ ଖଣ୍ଡେ ଲୁଗା ଢାଙ୍କି ଦିଆଯାଇଛି । ମୁଁ ଧୈର୍ଯ୍ୟ ନହରାଇ ଚାଲିଲି ପିଲାଙ୍କୁ ଦେଖିବାକୁ । ମାମୀ ବେବି ସେଠି ବସିଛନ୍ତି । ଉପରେ ଯାଇ ଦେଖେ ବାବୁ ଶୋଇଛି । ଟିକି ଠୁବୁ କାନ୍ଦୁଛନ୍ତି ।

କ'ଣ ହୋଇଛି ଏପର୍ଯ୍ୟନ୍ତ ମତେ କେହି ମୁହଁ ଖୋଲି କହୁ ନାହାନ୍ତି । ସଂଧ୍ୟା ୬ଟାରୁ ଦେହାନ୍ତ ହେଲାଣି । ଡାକ୍ତରାଣୀ ପ୍ରଭାତ ନଳିନୀ ଦେବୀ, ଡାକ୍ତର ଆକୁଳାନନ୍ଦ ଷଡ଼ଙ୍ଗୀ, ଡାକ୍ତର ବାଂଛାନିଧି ପରିଡ଼ା ଆସି ଦେଖି ଯାଇଛନ୍ତି । ଘରେ ତ ତା ଝିଅ ଡାକ୍ତରାଣୀ । ତାଙ୍କ ଦେହ ଖରାପ ହେଲେ ଆକୁଳିବାବୁ ନିଜେ ଆସି ବସି ରହନ୍ତି । ଏତେ ସୁବିଧା ଥାଇ ଏମିତି କ'ଣ ହେଲା ?

ପୃଥୁଳ ଶରୀର ହେଲେ ବି ରକ୍ତଚାପ ନ ଥିଲା । ହୃଦଘାତ କି ଷ୍ଟ୍ରୋକ୍ କେବେ ହୋଇନି । ତଥାପି ହୃଦରୋଗ ବିଶେଷଜ୍ଞ ଡାକ୍ତର ମୃତ୍ୟୁଞ୍ଜୟ ଶତପଥୀ କେତେବେଳେ କେମିତି ଦେଖିଛନ୍ତି । ତାଙ୍କର ଅପସ୍ମାର ରୋଗ ଥିଲା । ତେବେ ଏ ରୋଗତ ପିଲାଦିନରୁ ଥିଲା । ବାହାଘର ବେଳେ ଦିନକୁ ୧୦/୨୦ ଥର ବାତ ମାରୁଥିଲା । ସେଇଥିରେ ସେ ପାଂଚଟି ପିଲାର ମା' । ଘରର ସବୁ କାମ କରନ୍ତି । ରୋଷେଇ ନିଜ ହାତରେ । ବର୍ଷ ବର୍ଷ ଧରି ଔଷଧ ସେବନ କରୁଛନ୍ତି । ବିଲାତରେ ସବୁ ପ୍ରକାର ପରୀକ୍ଷା ନିରୀକ୍ଷା ସରିଛି । ଏବେ ମାସକୁ ଥରେ ଅଧେ ବାତ ମାରେ । ରାଧାନାଥ ରାୟଙ୍କ ଦରବାର କାବ୍ୟରୁ ପଦେ ମନେ ପଡ଼ିଲା -

"ବଡ଼ କ୍ରୁର କାଳ ବଡ଼ ଅବିଶ୍ୱାସୀ
ହାବୋଡ଼ି ଯିବ ସେ କେତେବେଳେ ଆସି ।"

ବାଂଛାନିଧି ଆସି କହିଲା ବାତ ମାରିବା ବେଳେ ସମ୍ଭବତଃ ତକିଆରେ ମୁହଁ ଚାପି ହୋଇ ଶ୍ୱାସରୁଦ୍ଧ ହୋଇ ଯାଇଛି । ବାତ ମାରିବା ବେଳେ ସେ ବିକଟାଳ ଚିତ୍କାର କରନ୍ତି (Post Epileptic Cry) ବାତ ମାରିବାର ପୂର୍ବାନୁମାନ କରି (Pre Epileptic Aura) ଶୋଇ ପଡ଼ନ୍ତି । ମୁଁ ମୁହଁଟିକିଏ ବୁଲାଇ ଦେଇ କବାଟ ଆଉଯାଇ ବାହାରେ ଜଗି ରହୁଥିଲି । ଯେପରି ଏହି ଚିତ୍କାର ଅନ୍ୟ କେହି ନ ଶୁଣନ୍ତି । ପାଖରେ ଥିବା ତା ଡାକ୍ତରୀ ଝିଅ କ'ଣ ଏତିକି କରି ପାରି ନଥାନ୍ତା ? ଅନ୍ତତଃ ଚିତ୍କାର କରିବା ମାତ୍ରେ ପାଖରେ ରହି ପାରିଥାନ୍ତା । ନିଃଶ୍ୱାସ ବଂଦ ହୋଇଗଲେ ହଠାତ୍ କେହି ମରନ୍ତିନି । ଯା ହେଉ ଏସବୁ ବିଷୟ ପଚାରିବାକୁ ବା ଆଲୋଚନା କରିବାକୁ ମୋର ଧୈର୍ଯ୍ୟ ନଥିଲା ।

Digitized by srujanika@gmail.com

ବେବି କୁଆଡ଼େ କହୁଥିଲା ସେମାନେ ସାଥୀ ହୋଇ ସଂଧ୍ୟାରେ ବଜାର ବୁଲି ଯାଇଥିଲେ । ବଜାରରୁ ଫେରି ମା କହିଲା ଚା କରିବାକୁ । ସେ ଚାହା ନେଇ ଗଲା ବେଳକୁ ମା ନାହିଁ । ଆମ ଶୋଇବାଘର ରୋଷେଇ ଘରକୁ ଲାଗିଛି । ଚାହା କରିବା ପାଇଁ କେତେ ସମୟ ଲାଗିବ ? ଏଭଳି ଉକ୍ତିକୁ ମୁଁ ସହଜରେ ଗ୍ରହଣ କରି ପାରିବି ନାହିଁ । ମୁଁ ମଧ ପଚାରିନି ୧୮ ବର୍ଷ ପରେ ମଧ ମୁଁ କୌଣସି ସିଦ୍ଧାନ୍ତରେ ପହଁଚି ପାରିନାହିଁ । ପିଲାମାନେ ବଡ଼ ହୋଇଛନ୍ତି । ମା କିପରି ମଲା କାହିଁକି ମଲା କେବେ ବି କେହି ଚିନ୍ତା କରିନାହାନ୍ତି ।

ଯା ହେଉ ଶବ ସଂସ୍କାର କରିବାକୁ ପଡ଼ିବ । ଆମ ସାମାଜିକ ପ୍ରଥା ଅନୁସାରେ ଶବ ବାସି ହେବ ନାହିଁ । ପିଲାମାନଙ୍କ ମନରେ ଅଧିକ କଷ୍ଟ ଦେବାକୁ ଚାହିଁଲିନି । ଶୀଘ୍ର କିପରି ସଂସ୍କାର ହେବ ସେ ଚିନ୍ତା କଲି । ସ୍ୱର୍ଗଦ୍ୱାରକୁ ନେବା କଥା ମନକୁ ଆଣିଲିନି ।

ସେତେବେଳକୁ ମୁନିସିପାଲିଟିରେ ଇଲେକ୍‌ଟ୍ରିକ୍ ଚୂଲାରେ ସଂସ୍କାର ହେଉଥାଏ । ମୋ ବଂଧୁ ଗଣେଶ୍ୱର ପରିଡ଼ା ମୁନିସିପାଲିଟି ଇଂଜିନିଅର । ସେ ସାଥେ ସାଥେ ବ୍ୟବସ୍ଥା କରିଦେଲେ । ଧନୀଭାଇ ଶବ ନେବାର ଆନୁସଙ୍ଗିକ ବ୍ୟବସ୍ଥା ସବୁ କରିଦେଲେ । ନିରଂଜନ ବାବୁ, ସୁରବାବୁ ସମସ୍ତେ ଲାଗି ପଡ଼ିଲେ । ଗାଧୁଆ ପାଧୁଆ କୁନି ଓ ତାଙ୍କ ମାମୁଁ ଘରର ସ୍ତ୍ରୀଲୋକମାନେ ଆସି କରିଦେଲେ । ଢୋଲ ମହୁରୀ ବା ଯାକଯମକର ପ୍ରଶ୍ନ ନାହିଁ ।

ଇଲେକ୍‌ଟ୍ରିକ ଚୂଲା ଖାନନଗର ଶ୍ମଶାନ ପାଖରେ । ବାବୁକୁ ୧୩ ବର୍ଷ । ସେ ଏତେବାଟ ଚାଲିକରି ଯାଇ ପାରିବନି । ସୁରବାବୁ ତାକୁ କାର୍‌ରେ ନେଇଗଲେ । ଆମେ ସବୁ ଶବାଧାରରେ । ତାଙ୍କର ଦୁଇଭାଇ, ଜ୍ୱାଇଁ ଓ ନିରଂଜନ ବାବୁ ସାଜିଲେ ଶବ ବାହକ । "ରାମ ନାମ ସତ୍ୟ ହେ" କହି କହି ଚାଲିଲେ ଅନ୍ୟମାନେ ।

ଆମଘରେ ଭଡ଼ାରେ ରହୁଥିବା ହାଲଦାର ବାବୁ ଏକ ପ୍ରକାର ଆମଘର ଲୋକ । ୧୯୮୪ରୁ ଏ ପର୍ଯ୍ୟନ୍ତ ସେ ଭଡ଼ାରେ ଅଛନ୍ତି । ସେ ରାତିରେ ଦୋକାନୀକୁ ଉଠାଇ ଜଳଖିଆ ବ୍ୟବସ୍ଥା କଲେ ।

ଆମେ ମୁନିସିପାଲିଟି ଇଲେକ୍‌ଟ୍ରିକ୍ ଚୂଲା ପାଖରେ ପହଁଚିଲୁ । ବାବୁ ଆଗରୁ ପହଁଚି ସାରିଥିଲା । ସେ ମୁଖାଗ୍ନି ଦେଲା । ଘଣ୍ଟାକରେ କାମ ଶେଷ । ରାତି ପାହି ସାରିଥିଲା । ୪୮ ବର୍ଷ ବୟସର କର୍ମମୟ ଜୀବନର ଅବସାନ । ନିର୍ଯାତନାର ପରିସମାପ୍ତି । ଘଡ଼ିକ ଭିତରେ କେବଳ ମୁଠାଏ ପାଉଁଶ ରହିଗଲା ଅନ୍ୟମାନଙ୍କ ପାଇଁ ।

ଆମେ ସ୍ନାନ ତର୍ପଣ ସାରି ଘରେ ଆସି ଜଳଯୋଗ କଲୁ । ସମସ୍ତଙ୍କ ମନ ବିଷାଦଭରା । ଅକାଳ ବିୟୋଗ ପାଇଁ । ଗ୍ରାମରେ ତ ସମସ୍ତେ ଜାଣି ସାରିଥିଲେ । ପରଦିନ ଆସି ପହଁଚିଲେ ସଂଖୋଳିବା ପାଇଁ । ଭୁବନେଶ୍ୱରରୁ କୈଳାଶ, ନିରଂଜନ, ଅଭୟବାବୁ, ମାନୀ ଆସି ପହଁଚିଲେ । କୁଶୁପୁରରୁ ନୂଆବୋଉ, ମାଡୁ, ସଂଜୟ, ମୋ ଭଉଣୀ ଭିଣୋଇ । କେତେ ଚେଷ୍ଟା କରି ବାହା କରାଇଥିଲେ । ଶେଷ ବେଳକୁ ଟିକିଏ ଦେଖି ପାରିଲେ ନାହିଁ । ଅବଶୋଷ ରହିଗଲା ।

Digitized by srujanika@gmail.com

ଶବଦାହପରେ ସୁରବାବୁ ବାବୁକୁ ନେଇ ତା ସ୍କୁଲରେ ଛାଡ଼ି ଦେଇ ଆସିଥିଲେ - ତାକୁ ଏସବୁ ଚର୍ଚ୍ଚାରୁ ଦୂରରେ ରଖିବାପାଇଁ । ମୁଁ ଗଲି ତାକୁ ଆଣିବାକୁ । ତା ଶିକ୍ଷକ ବାବୁଲି ଭାଇଙ୍କୁ ସବୁକଥା କହିଲି । ସେ ବହୁତ ଦୁଃଖ କଲେ । କିନ୍ତୁ ଆଶ୍ଚର୍ଯ୍ୟ ହୋଇଗଲେ ବାବୁର ବ୍ୟବହାର ଦେଖି । ସେ କାହାରିକୁ ତା ମା ମରିବା କଥା କହିନାହିଁ । ସବୁଦିନ ପରି କ୍ଲାସରେ ବସି ପଢ଼ାପଢ଼ି କରୁଛି ।

ବିଧି ମୁତାବକ ସଜକର୍ମ ହେଲା । ଗ୍ରାମରୁ ବ୍ରାହ୍ମଣ ବାରିକ ଆସି ରହିଲେ । ମୁଁ ଆଉ ପିଲାଙ୍କୁ ନେଇ ଗ୍ରାମକୁ ଶୁଦ୍ଧିକର୍ମ ପାଇଁ ଗଲିନାହିଁ । ଧନୀଭାଇଙ୍କ ସହାୟତାରେ ସେସବୁ କର୍ମ ଏଇଠି ହୋଇଗଲା । ଗ୍ରାମରେ ଭାଇମାନେ କଷା, ଦଶା ଖାଇଲେ । ଶୁଦ୍ଧି ହେଲେ । ଏକାଦଶରେ ବ୍ରାହ୍ମଣ ଭୋଜନ ହେଲା । ମୋ ଭାଇମାନେ ସେସବୁ କାମ ତୁଲାଇଲେ ।

କଟକରେ ଏକାଦଶ ଦିନ ମହାପ୍ରସାଦ କୁଡ଼ିଆ ଆଣି କାର୍ଯ୍ୟ ସଂପାଦନ କଲୁ । ଏଠି ବି ବ୍ରାହ୍ମଣ ଭୋଜନ ହେଲା । ସବୁ ବଂଧୁବାଂଧବ ଆସିଲେ । କଟକ ଭୁବନେଶ୍ୱରର ସାଙ୍ଗସାଥୀ ଚିହ୍ନାଜଣା ସମସ୍ତେ ଆସିଲେ । ହେଲେ ମନେ ନାହିଁ ଶାନ୍ତି ସୁଧା କଣ୍ଠେ ନାହିଁ ଭାଷା । ମୋ ଆଖି ମାତୃହରା ଠୁବୁ, ବାବୁ, ଟିକି ଉପରେ । ସେମାନଙ୍କ ଆଖିରୁ ଯେପରି ପାଣି ନ ଗଡ଼େ । ଦ୍ୱାଦଶ ଦିନ ବଂଧୁ ବାଂଧବ ବିଦା ହୋଇଗଲେ ।

ଘର କିପରି ଚଳିବ ? ଏକାଦଶ ପର୍ଯ୍ୟନ୍ତ ଆମେ ଗ୍ରାମ ପୂଜାରୀ କାମ ଚଳାଉଥିଲେ । ଚାକିରୀ ଥିଲା କର୍ମଚାରୀ ମାନେ ଆସି ଘରର ସବୁକାମ କରି ଦେଇ ଯାଉଥିବେ । ଦୁଇବର୍ଷ ହେଲା ଚାକିରୀ ଗଲାଣି । ପିଲାମାନଙ୍କୁ ମିଶାଇ ଆମେ ପାଂଚଜଣ । ମାମିନାର ଛୋଟ ଛୁଆ । ତା ଘର ସମ୍ଭାଳିବାକୁ କେହି ନାହାନ୍ତି । ଯେତେ ଅନୁନୟ ବିନୟ ହୋଇ କହିଲେ ବି ମାତୁ କି ତା ମା (ମୋ ଭାଉଜ) କେହି ଦଶ ପନ୍ଦରଦିନ ରହିବାକୁ ବି ରାଜି ହେଲେନି । ନିରଂଜନ (ମୋ ପିଉସାଙ୍କ ଝିଅ) କହୁଥିଲା ତା ସ୍ତ୍ରୀ ବୁଢ଼ୀକୁ କିଛିଦିନ ପାଇଁ ଛାଡ଼ିବ ବୋଲି । ସେ ବି କେଜାଣି କାହିଁକି ପଛାଇଲା । ଆମ ଘରେ କାମ କରେ ପଦ୍ମା । ସେ କଣ ଏତେ ଜଣଙ୍କୁ ସମ୍ଭାଳିବ ? ବେବିନା ୪/୫ ଦିନ ରୋଷେଇ କରି କହିଲା ପୂଜାରୀ ଆଣ । ସାଥେ ସାଥେ ପୂଜାରୀ କେଉଁଠି ମିଳୁଛନ୍ତି । ସେ ପଳାଇଲା ହଷ୍ଟେଲକୁ । ଟିକି ଠୁବୁ ସମ୍ଭାଳିଲେ ପଦ୍ମାର ସହାୟତାରେ । ମୁଁ ବି କିଛିଟା ସାହାଯ୍ୟ କଲି ।

ପତ୍ନୀର ବିୟୋଗ ପରେ ଘର ଚଳାଇବାରେ ତାର ପାରଦର୍ଶିତା ମର୍ମେ ମର୍ମେ ଉପଲବ୍ଧି କଲି । ତିନି ପୁରୁଷ ଏକାଠି ବା ଏକାନ୍ନବର୍ତ୍ତି ପରିବାର ଏବେ ସ୍ୱପ୍ନ । ଏକକ ପରିବାର ଏକ ସାମାଜିକ ଇନ୍‌ସୁରାନ୍ସ । ପିଲାମାନଙ୍କୁ ମଣିଷ କରିବା ଆମ ଦାୟିତ୍ୱ । ସେତକ ଆମକୁ ତୁଲାଇବାକୁ ପଡ଼ିବ ।

ଚଳ ଚଞ୍ଚଳ ଶୈଶବ, କର୍ମମୁଖର ଯୌବନ ପରେ ଜୀବନର ଅପରାହ୍ନ । କେବେ ଜୀବନ ସଂଧ୍ୟା ଆସିଯିବ ଅଜଣା । ତା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ ।

ଦେହୀନୋସ୍ମିନ୍ ଯଥା ଦେହେ
କୌମାରଂ ଯୌବନଂ ଜରା
ତଥା ଦେହାନ୍ତର ପ୍ରାପ୍ତି
ଧୀରସ୍ତତ୍ର ନ ମୁହ୍ୟନ୍ତି ।

Digitized by srujanika@gmail.com

ଜୀବନର ଅପରାହ୍ନରେ ମଣିଷ ଯେତିକି କର୍ମକ୍ଷମ ହେବ ତା ସମାଜ ପାଇଁ ମଙ୍ଗଳ । ଫକୀର ମୋହନ ଏଇ ବୟସରେ ତାଙ୍କ ଉପନ୍ୟାସ ଲେଖା ଆରମ୍ଭ କରିଥିଲେ । ଦୁସ୍ଥ ଜନତାର ସେବାରେ ମନୋନିବେଶ କଲେ ଈଶ୍ୱର ପ୍ରାପ୍ତି ବା ଶାନ୍ତିର ଦ୍ୱାର ଉନ୍ମୁକ୍ତ ହୁଏ । ସତ୍‌ଚିନ୍ତା ସଦ୍‌ଭାବନା ପାଇଁ ଆଉ ଗୁରୁ ଖୋଜିବାର ଆବଶ୍ୟକତା ପଡ଼େନି ।

ସହରରେ ବହୁ ଅନୁଷ୍ଠାନ ସହ ସଂପର୍କ ରଖି ମଧ୍ୟ ମୁଁ ନିଜକୁ ଏକୁଟିଆ ବୋଧ କଲି । ମନଖୋଲି ଦିପଦ କହିବାକୁ ପାଖରେ କେହିନାହିଁ । ରାଗ ଅଭିମାନ କାହା ଉପରେ ସୁଝାଇବି ? ସବୁବେଳେ ସେଇ କ୍ଲିନିକ ସେଇ ରୋଗୀ । ଆଉକଣ କିଛି ବାଟ ନାହିଁ ? ଭାବି ଭାବି ସ୍ଥିର କଲି ଗ୍ରାମରେ କିଛି ସମୟ କଟାଇବି । ଚାଷବାସ ଦେଖିବି । ଗାଁ ଲୋକଙ୍କୁ ପରୋକ୍ଷରେ କିଛି ସାହାଯ୍ୟ କରିବି । ପର ମୁହୂର୍ତ୍ତରେ ଚିନ୍ତା ପିଲା କିପରି ଚଳିବେ ? ଉତ୍ତର ଆସେ ଟାଟା ବିରଳା ଏତେ ଆଡ଼େ ତାଙ୍କ ସାମ୍ରାଜ୍ୟ ବିସ୍ତାର କରିଛନ୍ତି କିପରି ? ପରୀକ୍ଷା ମୂଳକ ଭାବେ ମଝିରେ ମଝିରେ ଗ୍ରାମରେ ଯାଇଁ ରହିବି ବୋଲି ସ୍ଥିର କଲି ।

## ପଳସିଂହା ଚାଷ ଓ ନର୍ସିଂହୋମ

ଆମ ଗ୍ରାମରେ ମୋର ପୈତୃକ ସଂପତ୍ତି କେନାଲ ପାଣି ମଡ଼ା ଦୋଫସଲି ଚାଷଜମି ପ୍ରାୟ କୋଡ଼ିଏ ଏକର । ମୋ ଭାଇଙ୍କ ନାମରେ ଥିବା ତତ୍ତୁଲ୍ୟ ପରିମାଣର ଜମି ଏବେ ନୂଆବୋଉଙ୍କ ନାମରେ । ସେ ତାଙ୍କ ଜମି ଭାଗ ଲଗାଇ ଝିଅ ଘରେ ରହୁଥାନ୍ତି । ଆଗରୁ ସବୁ ଜମିବାଡ଼ି ସେ ଦେଖୁଥିଲେ । ସାନମାଣତିଆର ବୀରବର ରାଉତ ତାଙ୍କୁ ସାହାଯ୍ୟ କରୁଥିଲେ । ଚାଷଜମି ବାଦ ଡିହବାଡ଼ି, ବଗିଚା (ଆମ୍ବ, ନଡ଼ିଆ, ତାଳ, ବାଉଁଶ, କଦଳୀ) ପୋଖରୀ ମିଶି ପ୍ରାୟ ତିନି ଏକର । ବିରାଟ କୋଠାଘର, ଚାଳଘର । ଏସବୁ ସ୍ଥାବର ସଂପତ୍ତିର ମୂଲ୍ୟ ପ୍ରାୟ ତିରିଶ ଲକ୍ଷ ଟଙ୍କାରୁ କମ୍ ହେବନି । ଏତେ ସଂପତ୍ତି ହାତଛଡ଼ା କରି ହେବନି । ରକ୍ଷଣାବେକ୍ଷଣ କିପରି ହେବ ? ବିକ୍ରି କରିଦେଇ ପଳାଇ ଯିବାକୁ ଇଚ୍ଛା ନୁହେଁ । ନେବ ବା କିଏ ? ସଂପତ୍ତିର ମୋହ । ଲୁପ୍ତପ୍ରାୟ ସାଆନ୍ତେ ଡାକର ଉନ୍ମାଦନା ସର୍ବୋପରି ଯୌଥ ପରିବାରର ଆକର୍ଷଣ ସହଜରେ ଏଡ଼ାଇ ହେଉନି । ତେଣୁ ସ୍ଥିର କଲି ଗ୍ରାମରେ ମଝିରେ ମଝିରେ ଆସି କିଛିଦିନ ରହିବି । କିପରି ରହିବି ? ମୁଣ୍ଡକୁ ଜୁଟିଲା ଗୋଟିଏ ନର୍ସିଂହୋମ କରିବି ।

ଜମିଦାରୀ ଉଚ୍ଛେଦ ହୋଇଛି । ହେଲେ ଜମିଦାର ଅଛନ୍ତି । ତାଙ୍କର ରୂପାନ୍ତର ହେବ ଡାକ୍ତରକୁ । ଅତ୍ୟାଚାର, ଭୟ, ଆଶଂକା ବଦଳରେ ଆସିବ ସ୍ନେହ ଶ୍ରଦ୍ଧା, ସମ୍ମାନ । ଯେଉଁମାନେ ଲୁହ ଲହୁ ଢାଳି ମତେ ମଣିଷ କରିବାରେ ସାହାଯ୍ୟ କରିଛନ୍ତି ସେଇମାନଙ୍କ ପାଇଁ ଶେଷ ଜୀବନରେ କରିବି କିଛି ଶ୍ରମଦାନ - ସେବା । ବ୍ରିଟିଶ ସାମ୍ରାଜ୍ୟର ପତନ ହେଲା । ହେଲେ ଇଂରେଜୀ ଭାଷା ଓ ଇଂରେଜୀ ସଂସ୍କୃତି ଆମକୁ କବଳିତ କଲା ।

ଛୋଟରୁ ଆରମ୍ଭ ହୋଇ ବଡ଼ ହୁଏ । ମୋର ଏ ନିଃସ୍ୱାର୍ଥପର ଉଦ୍ୟମ ଦିନେ ନା ଦିନେ ସଫଳ ହେବ । ମୋ ମା ଚାହିଁଥିଲା ମୁଁ ଡାକ୍ତର ହୁଏ । ମୁଁ ଡାକ୍ତର ହେଲି । ତାରି ନାମରେ ମୋର ଅନ୍ତୁଡ଼ିଶାଳ ଉପରେ ଗଢ଼ିଲି ପଦ୍ମା ନର୍ସିଂ ହୋମ୍ । ମୋ ସିଦ୍ଧାନ୍ତରେ ମୁଁ ଅଟଳ ରହି ଆଗେଇଲି ।

Digitized by srujanika@gmail.com

ରୋଗୀଙ୍କ ରହିବା ପାଇଁ ଦଶ ଶଯ୍ୟା ବିଶିଷ୍ଟ ଗୋଟିଏ ଲମ୍ବା ଘର ତିଆରି ହୋଇଗଲା । ପରେ ଅବଶ୍ୟ ଆଧୁନିକ ଅସ୍ତ୍ରୋପଚାର ଗୃହ, ଷ୍ଟେରିଲାଇଜେସନ୍ ଗୃହ ଇତ୍ୟାଦି ତିଆରି ସରିଛି । ନର୍ସିଂହୋମ୍ ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡ଼ିବ । ବିଶେଷ କରି ରାସ୍ତା, ବିଜୁଳି, ପାଣି, ଖଜୁରୀ ବଂଧ (ଗୋଗୁଆ ଚୌଦକୁଲାଟ) ରାସ୍ତାରୁ ଗୋଟିଏ ମୋରମ ରାସ୍ତା ହୋଇଗଲା ନର୍ସିଂ ହୋମ ପର୍ଯ୍ୟନ୍ତ । ଅଗଣାରେ ଥିବା କୂଅରେ ଢିଙ୍କିଆ ପଡ଼ିଲା । ପରେପରେ ଟ୍ୟୁବ୍‌ୱେଲ । ଗାଁ ମୁଣ୍ଡର ଇଲେକ୍‌ଟ୍ରିକ୍ ସବଷ୍ଟେସନ୍ । ଗ୍ରାମକୁ ଲାଇନ ନାହିଁ । ମୋର ବଂଧୁ ଗୋପବଂଧୁ ସାମଲ ଥାନ୍ତି ହରିଜନ ଆଦିବାସୀ କଲ୍ୟାଣ ବିଭାଗର ଅଣ୍ଡର ସେକ୍ରେଟାରୀ । ସେ ମତେ ସାହାଯ୍ୟ କରିବାକୁ ଆଗଭର ହେଲେ । ଆମ ଗ୍ରାମର ଶେଷମୁଣ୍ଡରେ ହରିଜନ ବସ୍ତି । ମଝିରେ ପ୍ରସ୍ତାବିତ ନର୍ସିଂହୋମ । ହରିଜନ ବସ୍ତିକୁ ଲାଇନ ନେବାପାଇଁ ସେ ସବୁ ବ୍ୟବସ୍ଥା କରିଦେଲେ । ଲାଇନ ଆମ ଦାଣ୍ଡରେ ଗଲା । ସେଠୁ ଗୋଟେ ଖୁଣ୍ଟ ପକାଇ ଲାଇନ ମୁଁ ନର୍ସିଂହୋମ ପର୍ଯ୍ୟନ୍ତ ନେଇଗଲି । ଏଥିରେ ମତେ ସାହାଯ୍ୟ କଲେ ବଡ଼ ମାଣତିଆର ସୁଭାଷ ବିଶ୍ୱାଳ । କେନ୍ଦ୍ରାପଡ଼ା ଇଲେକ୍‌ଟ୍ରିକ ଅଫିସ୍‌ର ଜଣେ କର୍ମଚାରୀ ।

ଆବଶ୍ୟକ ଭିତ୍ତିଭୂମି ପରେ କର୍ମଚାରୀ ଓ ରୋଗୀ । ମୁଁ ଅବିଭକ୍ତ କଟକ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଥିବା ସମୟରେ ଆମ ପଂଚାୟତରେ ଗୋଟିଏ ଏ.ଏନ୍.ଏମ୍ ଉପକେନ୍ଦ୍ର ଖୋଲାଯାଇଥିଲା, ଇନ୍ଦୁପୁର ପି.ଏଚ୍.ସି ଅଧୀନରେ । ସେଇଟି ଆମ ଘରେ କାର୍ଯ୍ୟ କରୁଥିଲା । ସେଠି ଜଣେ ଏ.ଏନ୍.ଏମ୍ ଥିଲେ । ତାଙ୍କୁ ସାମୟିକ ଭାବେ ନର୍ସିଂ ହୋମ କାର୍ଯ୍ୟରେ ନିୟୋଜିତ କଲି ।

ରଘୁ ବାରିକ ଆସି ପହଁଚିଲେ । ସେ ପ୍ରଫେସର ଗୁରୁ ମହାନ୍ତିଙ୍କ ନର୍ସିଂହୋମ ଓ ଅନ୍ୟାନ୍ୟ ନର୍ସିଂହୋମରେ କାମ କରୁଥିଲେ । ମୁଁ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଥିବାବେଳେ ସେ ମୋର ପାଖକୁ ଆସିଛନ୍ତି ଓ ମୋ ସାଥିରେ ବାଲେଶ୍ୱର ସମେତ ଅନ୍ୟ କେତେକ ସ୍ଥାନକୁ ଯାଇଛନ୍ତି । ଜଣେ ଭଲ ସଂଗଠକ ସେ ଆସି ରହିଲେ । ଇଂଜେକ୍‌ସନ ଓ ସାଲାଇନ ଦେବା ସମେତ ଲୋକସଂପର୍କ ରକ୍ଷା କରିବାରେ ସାହାଯ୍ୟ କଲେ । ଅପରେସନ ବେଳେ ଓ.ଟି ଆସିଷ୍ଟାଣ୍ଟ ଭଳି କାମ ବି କଲେ ।

ଡାକ୍ତର ପାଲ ନିଶ୍ଚେତକ ଓ ଡାକ୍ତର ସଜଳେନ୍ଦୁ ମାଳାକାର ଜଣେ ଭଲ ସର୍ଜନ । ଏମାନେ ମୋ ପାଖରେ କାମ କରୁଥିଲେ । ସାମାନ୍ୟ ପାରିଶ୍ରମିକ ନେଇ ମତେ ଅପରେସନରେ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଜଣେ ଭଲ ସର୍ଜନ, ନିଶ୍ଚେତକ, ଓଟି ଆସିଷ୍ଟାଣ୍ଟ ଓ ଏ.ଏନ୍.ଏମ୍‌କୁ ନେଇ ମୋ ଟିମ୍ ଗଢ଼ାହେଲା ।

ସର୍ଜନ ହିସାବରେ ଏ ଅଂଚଳରେ ମୋର ସୁଖ୍ୟାତି ଥିଲା । ଆମେ ହାଇଡ୍ରୋସିଲ, ହାର୍ଣ୍ଣିଆ, ଅର୍ଶ, ଭଗନ୍ଦର, ଷ୍ଟ୍ରିକ୍‌ଚର ୟୁରେଥ୍ରା, ଟିଉମର ବିଶେଷ କରି କେତେକ ବଂଧ୍ୟା ସ୍ତ୍ରୀଙ୍କ ଉପରେ ସଫଳ ଅସ୍ତ୍ରୋପଚାର (ଡିଆଣ୍ଡସି) ପରେ ରୋଗୀମାନଙ୍କର ଅଭାବ ରହିଲା ନାହିଁ । ଘରଭଡ଼ା ନାହିଁ । କଣ୍ଟ୍ରାକ୍ଟ ବେସିସ୍‌ରେ ସ୍ୱଚ୍ଛ ଖର୍ଚ୍ଚରେ ନିୟମିତ ବ୍ୟବଧାନରେ ଅପରେସନ ହେଲା ।

ୱାର୍ଡ଼କୁ ଲାଗି ନୂଆ ପ୍ଲାନରେ ଆଧୁନିକ ଅପରେସନ ଗୃହ ନିର୍ମାଣ କରାଗଲା । ଅପରେସନ ଟେବୁଲ୍, ଲାଇଟ, ନିଶ୍ଚେତକ ମେସିନ, କଟେରି ମେସିନ୍, ସକ୍ସନ

Digitized by srujanika@gmail.com

ଆପାରୋଟସ ଆଦି ଆବଶ୍ୟକ ଯନ୍ତ୍ରପାତି ଭୁବନେଶ୍ୱର ରବୀନ୍ଦ୍ର ସର୍ଜିକାଲ ଏଡ଼ରୁ ଅଣାଗଲା । ଆମକୁ ସାହାଯ୍ୟ କଲେ ଘାଗରାର ସବ୍ୟସାଚୀ ପରିଡ଼ା ।

ମଝିରେ ମଝିରେ ମାଗଣା ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଗଲା । ଭେଷଜ, ଅସ୍ତ୍ରଶଲ୍ୟ, ସ୍ତ୍ରୀରୋଗ, ଶିଶୁରୋଗ, ନାସାକର୍ଣ୍ଣଗଳା, ଦନ୍ତ ବିଭାଗର ବିଶେଷଜ୍ଞମାନେ ବିଶେଷ କରି ପ୍ରଫେସର ଗୁରୁ ମହାନ୍ତି, ପ୍ରଫେସର ବିଷ୍ଣୁ ମିଶ୍ର, ଡା. ଇନ୍ଦୁଭୂଷଣ କର ଭଳି ଖ୍ୟାତନାମା ପ୍ରଫେସର ମାନେ ଆସିବାରୁ ବହୁ ରୋଗୀ ଆସିଲେ । କମ୍ପାନୀ ସବୁ ମାଗଣା ଔଷଧ ବି ଯୋଗାଇଲେ । ପ୍ରତି କ୍ୟାମ୍ପରେ ୫୦୦ରୁ ଏକ ହଜାର ରୋଗୀ ଉପକୃତ ହେଲେ ।

ମୁଁ କେବଳ ସର୍ଜରୀ ଉପରେ ଭରସା ନରଖି ସବୁ ପ୍ରକାର ରୋଗୀ ଦେଖିଲି । ଲାବୋରେଟରି ବ୍ୟବସ୍ଥା କରାଯାଇ ମଳ, ମୂତ୍ର, ରକ୍ତ ଇତ୍ୟାଦି ପରୀକ୍ଷା କରାଗଲା । ଏକ୍ସରେ, ଅଲଟ୍ରାସାଉଣ୍ଡ ପାଇଁ ବ୍ୟବସ୍ଥା ହେଉଛି । ୮.୫.୨୦୦୧ରେ ଅତ୍ୟାଧୁନିକ ନର୍ସିଂହୋମ ପାଇଁ ହଜାର ହଜାର ଲୋକଙ୍କ ଗହଣରେ ମୋ ବୋହୂ ଡାକ୍ତର ସସ୍ମିତା ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଭଲକାମ କଲେ ବାଧାବିଘ୍ନ ଆସେ । ଆମ ପାଖ ଗ୍ରାମ ସାନମାଣତିଆର ରଘୁ ରାଉତଙ୍କ ପୁଅ ରାଘବ । ହିସାବରେ ଦୂର ସଂପର୍କୀୟ ମାମୁଁ ପୁଅ ଭାଇ । ୨୮.୬.୯୮ରେ ମୋତେ କିଛି ଟଙ୍କା ମାଗିଲେ ଔଷଧ ବ୍ୟବସାୟ ପାଇଁ । ମୁଁ ଟଙ୍କା ଦେଲି । ବ୍ୟବସାୟ କଲେ । ପରେ ମୁଁ ପ୍ରବର୍ତ୍ତାଇବାରୁ ଲାବୋରେଟରି ଟେକ୍ନିସିଆନ ଟ୍ରେନିଂରେ ଯିବା ପାଇଁ ରାଜି ହେଲେ । ଭୁବନେଶ୍ୱର ବିଜେବି କଲେଜ ପାଖରେ ଥିବା ବିକ୍ରମ ଇନ୍‌ଷ୍ଟିଚ୍ୟୁଟ୍ ରେ ଡି.ଏମ୍.ଏଲ୍.ଟିରେ ନାମ ଲେଖାଇ ପଢ଼ାପଢ଼ି କଲେ । ଆମଘରେ ରହି ଯିବା ଆସିବା କରି ପଢୁଥାନ୍ତି । ପ୍ରତିଦିନ ମୁଁ ଖର୍ଚ୍ଚ ଦିଏ । ସିଏ ବି ଆମ ପରିବାରର ଜଣେ ସଭ୍ୟ ହୋଇଗଲେ । ମୁଁ ପାଗଳା ଡାକେ । ପିଲାମାନେ କକାର ସମ୍ମାନ ଦିଅନ୍ତି । ସକାଳେ ମୋ କ୍ଲିନିକରେ କାମ ଶିଖନ୍ତି । ଅଲିଖିତ ବୁଝାମଣା ଥିଲା ପାଶ୍ କଲାପରେ ନର୍ସିଂହୋମରେ ରହିବେ । ପାଶ୍ କଲାପରେ ବି ଅଧିକ ଅଭିଜ୍ଞତା ପାଇଁ ବ୍ୟବସ୍ଥା କରାଗଲା । ମୋ କ୍ଲିନିକ୍‌ରେ କାମ କଲେ । ନର୍ସିଂହୋମରେ ରହିବା ପାଇଁ ମାସକୁ ତିନି ହଜାର ଟଙ୍କା ଦେବାକୁ କହିଲି । କିନ୍ତୁ ସେ ଆମ ଘରେ ଚାରିବର୍ଷ ରହିବାପରେ ଆମପାଖରୁ ଯାଇ ଡାକ୍ତର ଗିରିଙ୍କ ପାଖରେ ରହିଲେ ।

ସେ ଛାଡ଼ିଯିବା ପରେ ଦଶଜଣ ଲାବୋରେଟରି ଟେକ୍ନିସିଆନ ଆସିଲେଣି । କେହି ଗ୍ରାମୀଣ ପରିବେଶରେ ଅଧିକ ଦିନ ରହିବାକୁ ପସନ୍ଦ କରୁନାହାନ୍ତି ।

ଅପରେସନ ପରେ ରେକରେନ୍ସ ବା ସେପଟିକ ହେବା ଅସ୍ୱାଭାବିକ ନୁହେଁ । ଗୋଟେ ଦୁଇଟି ହାର୍ଣ୍ଣିଆ ଓ ଆନାଲ ଫିଷ୍ଟୁଲା ରେକରେନ୍ସ ହେବାରୁ କିଛିଟା ବିରୋଧାଭାଷ ମିଳିଲା । ରଘୁ ବାରିକର ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ତା ବିରୁଦ୍ଧରେ ଲାଗିଲେ । ସେ ଛାଡ଼ି ପଳାଇଲା । ଭିତ୍ତି ପ୍ରସ୍ତର ପଡ଼ିଥିବା ନର୍ସିଂହୋମ ପ୍ଲଟରୁ କିଛି ଅଂଶ ଏନ୍‌କ୍ରୋଚ୍ କଲେ ଶୀତମଳିକ ବୋଲି ଜଣେ ହରିଜନ ଅନ୍ୟ ମାନଙ୍କ ପ୍ରରୋଚନାରେ । ମୁଁ ଏସବୁଥିରେ ବିଚଳିତ ହୋଇନି । ସବୁତ ଈର୍ଷାର ପରିଣାମ । ଜୀବନର ଦୀର୍ଘ ଚଲାପଥରେ କେତେ ପର ଆପଣାର ହୁଅନ୍ତି । କେତେ ଅନ୍ତରଙ୍ଗ ବିପଦ ଭିତରକୁ ଠେଲି ଦିଅନ୍ତି । ସ୍ୱାମୀ ବିବେକାନନ୍ଦ କହିଥିଲେ ଅସୂୟା

Digitized by srujanika@gmail.com

ପରବଶ ହୋଇ ମୋ ପଥକୁ କଣ୍ଟକିତ କରିବା ପାଇଁ ଯିଏ ଯେତେ ଚେଷ୍ଟା କରନ୍ତୁ ନା କାହିଁକି ସମୟକ୍ରମେ ତାହା କୁସୁମିତ ହେବା ସୁନିଶ୍ଚିତ ।

ମୋ ବିରୁଦ୍ଧରେ ପ୍ରଚାର ହେଉ । ଲୋକେ ମତେ ଖରାପ କହନ୍ତୁ, ଧିକ୍କାର କରନ୍ତୁ, ମୋର ପଥରୋଧ କରନ୍ତୁ, କିନ୍ତୁ ସମୟ ମତେ ଅବିଚଳିତ କରିଦେଉ ଏତିକି ପ୍ରାର୍ଥନା । ନାନା ଘାତ ପ୍ରତିଘାତ ଭିତରେ ଏଇ ଅନୁଷ୍ଠାନଟି ମୁଣ୍ଡ ଟେକିବ ଓ ସାଧାରଣ ଲୋକଙ୍କ ଉପକାରରେ ଆସିବ ଏ ବିଶ୍ୱାସ ମୋର ରହିଛି ।

ଗ୍ରାମରେ ରହିଲେ ଲୋକମାନଙ୍କ ସହ ମିଳିମିଶି ଚଳିବାକୁ ପଡ଼ିବ । ଗ୍ରାମରେ ଗଢ଼ି ଉଠୁଥିବା ଅନୁଷ୍ଠାନ, ଯୁବପୀଢ଼ି ପାଇଁ ଖେଳ କସରତ, ଚିତ୍ତ ବିନୋଦନ ପାଇଁ ମେଳା ମହୋତ୍ସବ ଇତ୍ୟାଦି ସହ ସଂପୃକ୍ତ ହୋଇ ସେଗୁଡ଼ିକ କିପରି ଭଲରେ ଚଳିବ ତା ପାଇଁ ଉଦ୍ୟମ କଲେ ଲୋକ ମାନଙ୍କ ଠାରୁ ସହାନୁଭୂତି ତଥା ସମ୍ମାନ ମିଳିବ । ସେମାନେ ବି ଆମ କାମରେ ସାହାଯ୍ୟ କରିବେ ।

ଆମ ଗ୍ରାମରେ ଥିବା ଘରୋଇ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ମୁଁ ଥିଲି । ସରକାରୀ ଗ୍ରାଣ୍ଟ ମିଳି ନଥାଏ । ଶିକ୍ଷକମାନେ କିପରି ଦରମା ପାଇବେ, ନୂଆ ଶିକ୍ଷକ ମାନଙ୍କ ନିଯୁକ୍ତିରେ ସ୍ୱଚ୍ଛତା, ସେମାନଙ୍କ ଭିତରେ ଶୃଙ୍ଖଳାରକ୍ଷା, ଶିକ୍ଷକ ଅଭିଭାବକଙ୍କ ମଧ୍ୟରେ ସୁସଂପର୍କ ବିଦ୍ୟାଳୟ ସଂପତ୍ତିର ସୁରକ୍ଷା, ଭଲ ପାଠପଢ଼ା ପ୍ରତି ଧ୍ୟାନ ଦିଆଗଲା । ଛାତ୍ରସଂଖ୍ୟା ତିନିଶହରୁ ବଢ଼ିଲା । ସତୁରୀ ଭାଗ ପିଲା ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ୪/୫ ଜଣ ପ୍ରଥମ ଶ୍ରେଣୀ ପାଇଲେ । ସ୍କୁଲର ସୁନାମ ବଢ଼ିଲା । ପରିଦର୍ଶକ ମାନଙ୍କୁ ମୁଁ କୁହେ ଏଇଟା ଆମର ନାଳନ୍ଦା ।

ବିଦ୍ୟାଳୟକୁ ଲାଗି ଖେଳ ପଡ଼ିଆ । ସ୍କୁଲପିଲାମାନେ ଖେଳନ୍ତି । ଯୁବକମାନଙ୍କର ଗୋଟିଏ କ୍ରିକେଟ କ୍ଲବ ଅଛି । ସେମାନେ ବି ଟୁର୍ଣ୍ଣାମେଣ୍ଟ ଆରେଞ୍ଜ କରନ୍ତି । ଏଇ ପଡ଼ିଆରେ ପାଖ ଆଖ ସ୍କୁଲର ପିଲାମାନେ ଆମ ପିଲାଙ୍କ ସହ ମିଶି ବିଭିନ୍ନ ପ୍ରକାର ଖେଳ ପ୍ରଦର୍ଶନ କରନ୍ତି । ଏହାକୁ ଆମେ ଗୋଟିଏ ମିନି ଷ୍ଟେଡିଅମରେ ରୂପାନ୍ତରିତ କରିବାକୁ ଉଦ୍ୟମ କରୁଛୁ ।

ଗ୍ରାମ ମଝିରେ ମୁକ୍ତେଶ୍ୱର ମହାଦେବଙ୍କ ଆସ୍ଥାନ । ତାଙ୍କର ଗୋଟିଏ ବଡ଼ ପୋଖରୀ । ସେ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରାଗଲା । ମୁଁ ସେଇ ପିଲାମାନଙ୍କ ହାତରେ ଦଳ କଢ଼ାଇ ମାଛ ଚାଷ କଲି । ବର୍ଷକୁ ୩୦/୩୫ ହଜାର ଟଙ୍କାର ମାଛ ବିକ୍ରି ହେଲା । ସେଇ ଟଙ୍କାରେ ମନ୍ଦିର ନିର୍ମାଣ ହେଲା ଓ ଦୋଳ ମେଲଣ ସମେତ ଅନ୍ୟାନ୍ୟ ଯାନିଯାତ୍ରା ଚଳିଲା । ତାଙ୍କରି ନାମରେ ଗୋଟିଏ ଯୁବକସଂଘ ବି ଗଢ଼ାହେଲା ।

ଗ୍ରାମର ଗୋଟିଏ ପଟେ ରାମବାବାଙ୍କ ଦ୍ୱାରା ପରିଚାଳିତ ହନୁମାନଜୀଉ ମଠ, ଅନ୍ୟପଟେ ସିଦ୍ଧ ମହାପୁରୁଷ ରାମଦାସଙ୍କ ମଠ । ଗ୍ରମାବାସୀଙ୍କ ଚାନ୍ଦାରେ ଏଠାରେ ରାମଲୀଳା ଓ ଅନ୍ୟାନ୍ୟ ମହୋତ୍ସବ ହୁଏ ।

ମୋ ପିଲାଦିନର ସହପାଠୀ ସଂଖାଳି ସୁନ୍ଦର ରାୟ ଏବେ ଆଧ୍ୟାତ୍ମିକ ଚର୍ଚ୍ଚାରେ ମସଗୁଲ । ତାଙ୍କ ସହ ମିଶି ଗ୍ରାମରେ ପୋଷ୍ଟ ଅଫିସ, ପଶୁଡାକ୍ତରଖାନା ଇତ୍ୟାଦି କରିଥିଲି । ଏବେ ତାଙ୍କ ଦ୍ୱାରା ଆୟୋଜିତ ଆଧ୍ୟାତ୍ମିକ ସଭାରେ ମୁଁ ଜଣେ ପ୍ରବକ୍ତା ।

Digitized by srujanika@gmail.com

ଗ୍ରାମରେ ଗୋଟିଏ କୀର୍ତ୍ତନ ଦଳ ଅଛି । ସଂଧ୍ୟାରେ ପିଲାମାନେ ମନ୍ଦିରରେ କୀର୍ତ୍ତନ କରନ୍ତି । ଅଷ୍ଟପ୍ରହରୀ ନାମ ଯଜ୍ଞ ହୁଏ । ବେଳେବେଳେ ଆମନ୍ତ୍ରଣ ରକ୍ଷା କରି ଅନ୍ୟ ଗ୍ରାମକୁ ବି ଯାଆନ୍ତି ।

## ଚାଷ

ଆମ ଗ୍ରାମରେ ପ୍ରାୟ ପ୍ରତ୍ୟେକ ପରିବାର ଜୀବିକା ନିର୍ବାହ ପାଇଁ ଚାଷ କରନ୍ତି । ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ କ୍ଷୁଦ୍ର ବା ନାମମାତ୍ର ଚାଷୀ । ଅଧିକାଂଶ କ୍ଷେତମୂଲିଆ । କେନାଲ କୂଳିଆ ଜମି । ବର୍ଷରେ ୪ ମାସ ପାଣି ମାଡ଼େ ଖରିଫ ଋତୁରେ । ଧାନ ପ୍ରଧାନ ଫସଲ । ଏକମାତ୍ର ଫସଲ କହିଲେ ଚଳେ । ତା ପୁଣି ବର୍ଷରେ ଥରେ । କେବେ କେମିତି ଦାଲୁଅ, ମୁଗ, ବିରି ଅଳ୍ପ କିଛି ଜମିରେ ଚାଷ ହୁଏ । ବର୍ଷରେ ଆଠମାସ ଜମି ପଡ଼ିଆ, ବ୍ୟବସାୟ ଭିତ୍ତିରେ କେହି ଚାଷ କରନ୍ତି ନାହିଁ । ଲାଭ କ୍ଷତିର ବିଚାର ନାହିଁ । ପିଲାଙ୍କ ତୁଣ୍ଡରେ ମୁଠେ ଦେବାକୁ ଚାଷ । ଆଖୁ, ଝୋଟ, ଚିନାବାଦମ ଭଳି ଅର୍ଥକରୀ ଫସଲ ବା ପନିପରିବା କରିବାକୁ କେହି ଆଗ୍ରହୀ ନୁହନ୍ତି । ରୋଜଗାରର ଅନ୍ୟ କିଛି ପନ୍ଥା ନାହିଁ । ସମସ୍ତେ ଦାରିଦ୍ର୍ୟର ସୀମାରେଖା ତଳେ । ଗର୍ବର ସହ କହନ୍ତି ଆମେ ବି.ପି.ଏଲ୍ । ସତେ ଯେମିତି କେଉଁ ବିଶ୍ୱବିଦ୍ୟାଳୟର ଡିଗ୍ରୀ କି ଡିପ୍ଲୋମା । ମୁଁ ତାଚ୍ଛଲ୍ୟ କରି କହେ ଏଇଟା ମାଗିଖିଆ ପତ୍ର ।

ଗାଁ ମୁଣ୍ଡରେ ବସି ତାସ ଖେଳିବେ । ଗୁଲି କରିବେ, ରାଜନୀତିର ଧାର ଧାରି ନଥିବା ପଂଝାଏ ନିଷ୍କର୍ମା ଟୋକା । ଆପେ ଆପେ ରାଜନେତା ବୋଲାଇ ଚକ୍କର କାଟନ୍ତି । ଯେଉଁ କେତେଜଣ କଲେଜ ଦେଖିଛନ୍ତି, ସେମାନଙ୍କର ପକେଟ ଖର୍ଚ୍ଚ ପାଇଁ ବାପମାଙ୍କ ଉପରେ ଜୁଲମ । ତାର ସୁଯୋଗ ନିଅନ୍ତି କ୍ଷେତମୁଲିଆ । ଦିନରେ ଖୁବ୍ ବେଶୀରେ ୪ ଘଣ୍ଟା କାମ କରି ଷାଠିଏ ଟଙ୍କା ମଜୁରୀ । ତେଣୁ ଚାଷ ଖର୍ଚ୍ଚ ବଢୁଛି ।

ମୁରବୀମାନେ ଚାଷରେ ଲାଭ ନାହିଁ, ମୁଲିଆ ମଜୁରୀ ବହୁତ, ଚୋରୀ, ପନିପରିବା ମାଙ୍କଡ଼ ରଖି ଦେଉନାହାନ୍ତି ଇତ୍ୟାଦି ବିଭିନ୍ନ ଆଳରେ ଚାଷ ପ୍ରତି ବୀତସ୍ପୃହ । ଯୁବକମାନେ ଶ୍ରମକାତର । ସ୍ୱାଭିମାନ ନାହିଁ । ଜମି ବିକି ଲାଞ୍ଚ ଦେଇ ପିଅନ ଚାକିରୀ କି ଅନ୍ୟ କିଛି ଗୋଲାମୀ କରିବାକୁ ତତ୍ପର । ମୁଲିଆ ପିଲାମାନେ କାମ କରିବାକୁ କୁଣ୍ଠିତ । ସମସ୍ତେ ଗୁଜରାଟ, ହାଇଦ୍ରାବାଦ ବା ଅନ୍ୟ କୌଣସି ସହରକୁ ଯିବା ପାଇଁ ଗୋଡ଼ ଟେକିଛନ୍ତି । ଚାଷ ହେବ କେମିତି ?

ଗ୍ରାମାଞ୍ଚଳରେ ଏଭଳି ଅବସ୍ଥା ଆଗରୁ ନଥିଲା । ମୂଳ ସମସ୍ୟା, ଉତ୍ପାଦନ ଖର୍ଚ୍ଚକୁ ଭିତ୍ତିକରି ସରକାର କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରୁନାହାନ୍ତି । ଖାଉଟିମାନଙ୍କ ସ୍ୱାର୍ଥ ପାଖରେ ବିଚରା କୃଷକ ବଳି ପଡୁଛି । ନିର୍ଦ୍ଧାରିତ ଦରରେ ବି ବେପାରି ଖାଦ୍ୟଶସ୍ୟ ନନେବାରୁ ଅଭାବୀ ବିକ୍ରି ପାଇଁ ବାଧ ହେଉଛନ୍ତି । ପିଲାମାନେ ପାଠଶାଠ ପଢ଼ିଲେଣି । ତାଙ୍କ ଆଖି ଖୋଲିଲାଣି । ଯୁଗ ଯୁଗ ଧରି ଚାଷୀ କେମିତି ମହାଜନ, ବେପାରୀ, ଜମିଦାର (ସରକାର)ଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି ତାହା ସେମାନେ ବୁଝିଲେଣି । ହେଲେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପାରୁ ନାହାନ୍ତି - ସଂଗଠନ ଅଭାବରୁ । ସେମାନଙ୍କୁ ନେତୃତ୍ୱ ଦେବାକୁ କେହି ନାହିଁ ।

Digitized by srujanika@gmail.com

ମୁଁ ଚାଷ ଆରମ୍ଭ ପୂର୍ବରୁ ଚାଷଖର୍ଚ୍ଚ କମାଇବାକୁ ଚେଷ୍ଟାକଲି । ବଳଦ କାମ କରିବ ମାସେ । ତାଙ୍କୁ ବର୍ଷ ସାରା ପୋଷିବାକୁ ପଡୁଛି । ତେଣୁ ବଳଦ ସବୁ ବିକ୍ରି କରିଦେଲି । ବିହନ ରଖିବା ପାଇଁ ଓଳିଆ ବା ଧାନ ରଖିବା ପାଇଁ ଖଣି ପକା ବଂଦ କରିଦେଲି । ବହିନ ଅଖାରେଧାନ ଅମାରରେ ସାଇତା ହେଲା । ହଳ ପାଇଁ ପାୱାର ଟିଲର ବା ଟ୍ରାକ୍ଟର । ନିଜେ ଅକ୍ଳାନ୍ତ ପରିଶ୍ରମ କରି ଏକର ପିଛା ଧାନଚାଷ ଉପରେ ଖର୍ଚ୍ଚ ଓ ଆୟର ବିବରଣୀ ପ୍ରଦାନ କରୁଛି ।

ଖର୍ଚ୍ଚ ଆୟ

୧. କାଦୁଅ ପାଇଁ ଦୁଇ ଓଡ଼ ଚାଷ ଟ. ୮୦୦/-

୧) ଧାନ ବାରବସ୍ତା ଟ. ୫୪୦୦/-

୨. କଟିମରା ଟ. ୨୫୦/-

୨) ଛଣ ଟ. ୪୫୦/-

ଟ୫୮୫୦/-

୩. ତଳି ଟ. ୫୦୦/-

୪. ରୁଆ ମଜୁରୀ ଟ.୧୫୦୦/-

୫. ବଛା ଟ. ୧୦୦/-

୬. କଟାବୁହା ଟ.୧୦୦୦/-

୭. ବାଡ଼ିଆ, ଅମଳ ଟ. ୨୫୦/-

୮. ଜଳକର ଟ. ୧୦୦/-

ଟ.୪୬୫୦/-

ଟ.୮୬୫୦

ଜମିର ଦାମ(ମୂଳଧନ ୫୦ ହଜାର

ଟ.୫୮୫୦

ଟଙ୍କାଉପରେ ୮% ସୁଧ) ଟ୪୦୦୦/-

ମୋଟ ଟ୮୬୫୦/-

କ୍ଷତି ଟ.୨୮୦୦/-

ଏକର ପିଛା ପ୍ରତିବର୍ଷ ଚାଷୀ ଟ୨୮୦୦/- କ୍ଷତି ସହୁଛି । ମୂଳଧନ ଉପରେ ସୁଧକୁ ବାଦ୍ ଦେଲେ ଖୁବ୍ ବେଶୀରେ ଏକର ପିଛା ନେଟ୍ ଲାଭ ବାରଶହ । ଦଶ ଏକର ଜମି ରଖିଥିବା ତଥାକଥିତ ବଡ଼ଚାଷୀ ପାଏ ବର୍ଷକୁ ବାରହଜାର ବା ମାସକୁ ହଜାରେ ଟଙ୍କା । କ୍ଷେତ ମୂଲିଆ ପାଏ ଟ୧୮୦୦/-, କାରଖାନା ଶ୍ରମିକ ଖୁବ୍ କମ୍‌ରେ ୩ ହଜାର, ପିଅନ ୩ ହଜାର, କିରାଣୀ ପାଂଚ ହଜାର, ଅଫିସର ୧୦ ହଜାର, ବିଧାୟକଙ୍କ ଦରମା ୧୨୫୦୦, ବିଭିନ୍ନ ଭତ୍ତା ସମେତ ମାସକୁ ତେତିଶ ହଜାର ।

Digitized by srujanika@gmail.com

ଚାଷୀକୁ ଦ୍ୱିତୀୟ ଶ୍ରେଣୀ ନାଗରିକ ରୂପେ ଏ ସରକାର ଦେଖୁଛନ୍ତି । ସେ ମଣିଷ । ତାର ସ୍ୱାଭିମାନ ଅଛି । ଅର୍ଥନୈତିକ ଓ ସାମାଜିକ ବୈଷମ୍ୟ ସେ ସବୁଦିନେ ସହି ପାରିବନି । ଚାଷୀଙ୍କୁ ଭାଗ ଭାଗ କରିବାପାଇଁ ତାଙ୍କ ଭିତରେ ବିଭିନ୍ନ ଶ୍ରେଣୀ (ନାମମାତ୍ର ଚାଷୀ, କ୍ଷୁଦ୍ରଚାଷୀ, ବୃହତ ଚାଷୀ) ସୃଷ୍ଟି କରାଯାଇଛି । ନାନା ପ୍ରକାର କଟକଣା । ଦଶ ଏକରରୁ ଅଧିକ ଜମି ରଖି ପାରିବ ନାହିଁ । ଧାନ ମହଜୁଦ, ବିକ୍ରି, ଅଣବସୁମତୀ ଚାଉଳ ରପ୍ତାନୀ ଉପରେ କଟକଣା । ଜମି ତାର ପୈତୃକ ସଂପତ୍ତି, କେହି ଦାନ କରିନି କି ସେ ସରକାରୀ ଜମିରେ ଚାଷ କରୁନି । ପ୍ରତିବର୍ଷ କର ଟିକସ ଦେଉଛି । ଜଣେ ପୁଂଜିପତି କୋଟି କୋଟି ଟଙ୍କା ବ୍ୟାଙ୍କରେ ରଖି ପାରିବ । ଖଣି ଖାଦାନ ମଟରଗାଡ଼ି ରଖିବାରେ କଟକଣା ନାହିଁ । ଚାଷୀ ପାଇଁ ଏତେ କଟକଣା କାହିଁକି ?

ଔଷଧ ଦର ବଢୁଛି । ବିଜୁଳି କର ବଢୁଛି, ପେଟ୍ରୋଲ, ଜାଳେଣି ଗ୍ୟାସ, ପିନ୍ଧାଲୁଗା ଦର ବଢୁଛି । ସୁନାଭରି ବାରହଜାର । କଥା କଥାକେ ଆମ ଅଫିସରମାନେ ବିଲାତ ଆମେରିକାର ଦୁହାଇ ଦେଉଛନ୍ତି । କୃଷିଜାତ ଦ୍ରବ୍ୟର ମୂଲ୍ୟ ଆନ୍ତର୍ଜାତିକ ବଜାର ଦରରୁ କମ୍ ହେବ କାହିଁକି ? ସରକାର ପେଟ୍ରୋଲ ଦର କମାଇବା ପାଇଁ ସବସିଡ଼ି ଦେଉଛନ୍ତି । ଚାଷୀଠାରୁ ଉଚିତ ମୂଲ୍ୟରେ ଧାନ କିଣି ସବସିଡାଇଜଡ ରେଟରେ ବିକିବାକୁ ପଛଘୁଞ୍ଚା କାହିଁକି ?

ଧାନଦର କ୍ୱିଣ୍ଟାଲ ପିଛା ପନ୍ଦରଶହ ବା ଚାଉଳ କେ.ଜି. ଟ୨୦/- ନହେଲେ ଚାଷୀର କ୍ଷତି ଭରଣା ହେବନି । ଜଳସେଚନ ବା ସାର ପାଇଁ ସବସିଡ଼ିରେ ଯେଉଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି ତାହା ଚାଷୀ ହାତକୁ ଯାଏନି । ସେ ଟଙ୍କା ଯାଏ କଣ୍ଟ୍ରାକ୍ଟର, ସଂପୃକ୍ତ ଅଫିସର ଓ ରାଜନେତା ମାନଙ୍କ ପକେଟକୁ । ସରକାର ସବୁ ପ୍ରକାର ସବସିଡି ବଂଦ କରିଦେଲେ ଶାସନରେ ସ୍ୱଚ୍ଛତା ରହିବ ।

ପରିସଂଖ୍ୟାନ ଅନୁସାରେ ଗ୍ରାମାଞ୍ଚଳରେ ୧୪ କୋଟି ଚାଷୀ ପରିବାରଙ୍କ ଦାରିଦ୍ର୍ୟ ବୃଦ୍ଧି ପାଇଛି । ୧୯୯୬-୯୭ ତୁଳନାରେ ଚାଷୀଙ୍କର ଆୟ ୨୮ରୁ ୪୦ ଭାଗ କମିଛି, ଅଥଚ ସହରରେ ଶ୍ରମଜୀବି ଓ କର୍ମଚାରୀମାନଙ୍କ ଆୟ ବଢ଼ିଛି ।

କୃଷିରୁ ଆୟ ଜାତୀୟ ଆୟର ୧୮.୫ ଭାଗ, ୫୬ ଭାଗ ଲୋକ ପେଟ ପୋଷନ୍ତି ସେଥିରୁ । ସେବା କ୍ଷେତ୍ରରୁ ଆୟ ୫୫ ଭାଗ, ତାକୁ ଉପଭୋଗ କରନ୍ତି ୨୨ ଭାଗ ଲୋକ । ଶିଳ୍ପ କ୍ଷେତ୍ରରୁ ଆୟ ୨୬ ଭାଗ, କର୍ମନିଯୁକ୍ତି ୨୩ ଭାଗ । ଅବଶ୍ୟ ସିଂହଭାଗ ଯାଏ ପୁଂଜିପତିଙ୍କ ପକେଟକୁ ।

ସେବା ଓ ଶିଳ୍ପ କ୍ଷେତ୍ରରେ ଗୋଟିଏ ଚାକିରୀ ସୃଷ୍ଟି ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ । ବିନା ଖର୍ଚ୍ଚରେ କୃଷିକ୍ଷେତ୍ରରେ ୫୬ ଭାଗ ଲୋକେ ଆତ୍ମନିଯୁକ୍ତ ପାଇଛନ୍ତି । ସେମାନଙ୍କ ପାଇଁ କାହାରି ଦରଦ ନାହିଁ । ଜାତୀୟ ଅଭିବୃଦ୍ଧି ହାର ବର୍ଷକୁ ୮ ହୋଇଥିବା ବେଳେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ବର୍ଷକୁ ୨.୩ । ସରକାର ଏହାକୁ ୪ ଭାଗ କରିବାକୁ ଚିନ୍ତା କରୁଛନ୍ତି । ହେବ କିପରି ? ଶିଳ୍ପପରି କୃଷିକ୍ଷେତ୍ରରେ ମଧ୍ୟ ଭିତ୍ତିଭୂମି ବଢ଼ାଇବାକୁ ପଡ଼ିବ । ସେବା ଓ ଶିଳ୍ପ କ୍ଷେତ୍ରରେ ଯେଉଁ ବିପୁଳ ପରିମାଣର ଘରୋଇ ଓ ବିଦେଶୀ ପୁଂଜି ବିନିଯୋଗ ହେଉଛି ତାର କାଣିଚାଏ ମଧ୍ୟ କୃଷି କ୍ଷେତ୍ରରେ ନାହିଁ, କୃଷିର ଅଭିବୃଦ୍ଧି ପାଇଁ ଆବଶ୍ୟକ

Digitized by srujanika@gmail.com

୧) ଗ୍ରାମାଞ୍ଚଳରେ ଭିତ୍ତିଭୂମିର ଉନ୍ନତି - ଜଳସେଚନ, ସଡ଼କ, ବିଜୁଳି, ଶୀତଳ ଭଣ୍ଡାର, କୃଷିବଜାର ହାଟ ଇତ୍ୟାଦି ସାଙ୍ଗକୁ ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତି

୨) କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା

୩) ଶ୍ରମିକର ଉତ୍ପାଦିକା ଶକ୍ତି ବୃଦ୍ଧି ଓ ତାର ସର୍ବୋତ୍ତମ ଉପଯୋଗ

ସର୍ବୋପରି କୃଷକର ସ୍ୱାଭିମାନ ପ୍ରତି ସମ୍ମାନ ଦେବାକୁ ପଡ଼ିବ । କୃଷି ଉତ୍ପାଦନ ପାଇଁ ସେ ହିଁ ପ୍ରମୁଖ ଅଂଶୀଦାର । ପରିସଂଖ୍ୟାନ ଅନୁସାରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ -

ଭୌତିକ ସମ୍ବଳ (ଚାଷଖର୍ଚ୍ଚ) ୧୬ ଭାଗ

ପ୍ରାକୃତି ସମ୍ବଳ (ଜମି) ୨୦ ଭାଗ

ମାନବୀୟ ଓ ସାମାଜିକ ପୁଂଜି (କୃଷକ) ୬୪ ଭାଗ ଦାୟୀ ।

ସେମାନଙ୍କ ପିଲାଙ୍କ ପାଠପଢ଼ା ପାଇଁ ବୃତ୍ତି, ଷାଠିଏ ବର୍ଷ ପରେ କୃଷିଭତ୍ତା, ସମ୍ବାଦପତ୍ର, ରେଡିଓ, ଟେଲିଭିଜନରେ ସେମାନଙ୍କର ଅଂଶଗ୍ରହଣ, ସେମାନଙ୍କ ସମସ୍ୟା ସଂପର୍କରେ ବିଚାର ଆଲୋଚନା, ସର୍ବୋପରି ବିଧାନସଭା, ଲୋକସଭାରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଦ୍ୱାରା ସେମାନଙ୍କୁ କୃଷିପ୍ରତି ଆକୃଷ୍ଟ କରିବାକୁ ପଡ଼ିବ । ଦିନେ ଅବସ୍ଥା ସୁଧୁରିବ ଏହି ଆଶାରେ ବଂଚି ରହିଛି ଚାଷୀ । ଆଶା ଓ ବିଶ୍ୱାସ ମଣିଷର ସର୍ବଶ୍ରେଷ୍ଠ ବଂଧୁ ।

ଓଡ଼ିଶାରେ ଚାଷଜମି ୬୨ ଲକ୍ଷ ହେକ୍ଟର । ଜଳ ସେଚିତ ଜମିର ପରିମାଣ ୨୮ ଲକ୍ଷ ହେକ୍ଟର । ଆମେରିକାରେ ଜନ ସଂଖ୍ୟାର ୨ ଭାଗ ଲୋକ ଚାଷ କରି ୩୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଉଛନ୍ତି, ହୁଏତ ଆମ ଜନ ସଂଖ୍ୟାର ୬୦ ଭାଗ ଲୋକ କୃଷି କର୍ମରେ ନିୟୋଜିତ ରହି ମଧ୍ୟ ଆମକୁ ନିଅଣ୍ଟ । ଏହାର ଅନ୍ୟତମ କାରଣ ହେକ୍ଟର ପିଛା ଆମର କମ୍ ଉତ୍ପାଦନ ।

| | ଚୀନ | ଭାରତ | ଓଡ଼ିଶା |
|---|---|---|---|
| ହେକ୍ଟର ପିଛା ଧାନ ଉତ୍ପାଦନ | ୬୩ | ୩୨ | ୨୦କ୍ୱିଣ୍ଟାଲ |

କେବଳ ଚାଷୀ ଚାହିଁଲେ ଉତ୍ପାଦନ ବୃଦ୍ଧି ହେବ । ତାକୁ ଉପଯୁକ୍ତ ସମ୍ମାନ ଦିଅ । ସେ ଧାର୍ଯ୍ୟଲକ୍ଷ ନିଶ୍ଚୟ ପୂରଣ କରିବ ।

ମୁଁ ୧୨ ଏକର ଜମି ହାତରେ ଚାଷ କରୁଛି । ୬ ଏକର ଜମି ଭାଗ ଦେଇଛି । ସେଥିରୁ ପାଏ ପ୍ରାୟ ୧୬୦ ବସ୍ତା ଧାନ । ବିକ୍ରି ଲବ୍ଧ ପଇସାରୁ ଖର୍ଚ୍ଚ ବାର୍ଚ୍ଚ ଯାଇଁ ବର୍ଷରେ ମୋଟ ୧୫/୨୦ ହଜାର ଟଙ୍କା ହାତକୁ ଆସେ ।

ସାଇଭକ୍ତି ବାଇଓପ୍ଲାଣ୍ଟେସନ କମ୍ପାନୀର କର୍ମଚାରୀ ସାଲେପୁର ବିଜୟ ଶତପଥୀ ୨୦୦୫ ଜାନୁଆରୀ ମାସରେ ଆସି ଅନୁରୋଧ କଲେ ଅଷ୍ଟ୍ରେଲିଆନ ସାଗୁଆନ ଚାରା ନେବା ପାଇଁ । ଭାବିଲି ମୁଁ ତ ଘର ପାଇଁ କିଛି କରିନି । ବାପ ଅଜା କରି ଯାଇଥିବା ବାଡ଼ି ବଗିଚା ଉପଭୋଗ କରୁଛି । ସାଗୁଆନ ଚାରା, ସେଥିସହ ସାଇବାବାଙ୍କ ନାମ ଯୋଡ଼ା । ତାଙ୍କ କଥାରେ ରାଜି ହୋଇଗଲି । ସେ ଶହେ ଚାରା ପାଇଁ କହୁଥିଲେ, ମୁଁ ୫୦ଟି ନେଲି । ତାଙ୍କ ପରେ ବିରଳା କମ୍ପାନୀର ଲୋକ ଆସିଲେ । ସେ ବି ଦଶଟି ଚାରା ଦେଲେ । ସେମାନେ କହିଥିଲେ ଗଛ କେହି ଖାଇବେନି । ମୁଁ ଜାଫ୍ରି ଦେଲି । ବାଡ଼ବଂଦି କଲି, ତଥାପି ଛେଳି ଖାଇଲେ । ସେମାନେ କେହି ଦେଖିବାକୁ ଆସିଲେନି । ଗଛ ଭଲ ବଢ଼ିଲାନି ।

Digitized by srujanika@gmail.com

ବର୍ଷାଦିନ୍ରେ କିଛି ପଚିଗଲା । ଦୁଇବର୍ଷ ପରେ ୩୦ଟି ଗଛ ଅଛି । କିନ୍ତୁ ଆଶାନୁରୂପ ବଢ଼ିନାହିଁ ।

ଆମ ଘର ପାଖରେ ଥିବା ପୋଖରୀକୁ ଲାଗି ପ୍ରାୟ ୫୦ ଡେସିମିଲ ଜମିରେ ମୁଁ ଗୋଟିଏ ଫଳ ବଗିଚା କରିଛି । ଆମର ତ ଆଗରୁ ନଡ଼ିଆ, ଗୁଆ, ଆମ୍ବ ଥିଲା। ମୁଁ ଏଥିରେ ବିଭିନ୍ନ ଜାତିର ଆମ୍ବ, ପଣସ, ଲିଚୁ, ଜାମୁରୋଳ, ସପେଟା, ବାତାପି, କମଳା, କାଗିଜି ଚାରା ଲଗାଇଛି । ମାଙ୍କଡ଼ ମୋର ପ୍ରଧାନ ଶତ୍ରୁ । କେଉଁଟି ତ ଫଳିନି, ମୁଁ ଧୈର୍ଯ୍ୟହରା ନ ହୋଇ ଚାହିଁ ରହିଛି, ଫଳ ଦେଖିବାକୁ ।

ପୋଖରୀରେ ମାଛ ଚାଷ କରୁଛି । ସେ ବି ଗୋଟେ ଆନନ୍ଦ । ପଇସା ବି କିଛି ମିଳେ ।

## ପିଲାମାନଙ୍କ ବିଭାଘର

ମୋ ବଡ଼ଭାଇଙ୍କ ଝିଅ ସମେତ ମୋର ପାଂଚଟି ଝିଅ ଓ ଗୋଟିଏ ପୁଅ । ମୁଁ ସବୁ ବିଭାଘର କରାଇଛି । ପ୍ରତ୍ୟେକଟି ଅନ୍ୟଠାରୁ ଭିନ୍ନ । ପ୍ରତ୍ୟେକଙ୍କ ପାଇଁ କିଛିଟା ନୂଆ ସମସ୍ୟା । ମୁଁ ଚାକିରୀରେ ଥିବାବେଳେ ଦୁଇଟି ଝିଅଙ୍କର ବିଭାଘର ସରିଥିଲା । ଏବେ ତୃତୀୟ ଝିଅ ଶୁଭବ୍ରତାର ପାଳି ।

ବେବି ଡାକ୍ତରାଣୀ । ରୂପ ଅଛି । ଗୁଣ ଅଛି । ଆମ ଜାତିରେ ଡାକ୍ତରୀ ଝିଅ ବି ବହୁତ କମ୍ । ତେଣୁ ତାପାଇଁ ମୋର ଚିନ୍ତା ନ ଥାଏ । ସେ ଡାକ୍ତର ହେବା ପରେ ବହୁତ ଆଡୁ ପ୍ରସ୍ତାବ ଆସୁଥାଏ । ମୁଁ ଭାବିଥାଏ ଭଲ ପରିବାରର ସୁନ୍ଦର ଡାକ୍ତର ପିଲାଟିଏ ଯିଏ ତା ମନଲାଖି ହୋଇଥିବ ସେଇଠି ବାହାଘର କରିବା । ବଂଧୁମାନେ ପ୍ରସ୍ତାବ ଦେଉଥାନ୍ତି ।

ତତ୍କାଳୀନ ଜଂଗଲ ବିଭାଗ ମନ୍ତ୍ରୀ ଅଦୈତ ପ୍ରସାଦ ସିଂହଙ୍କ ଭଣଜା ଭୁବନେଶ୍ୱରର ୬ନମ୍ବର ଇଉନିଟ୍‌ରେ ଡାକ୍ତର ଥାନ୍ତି । ସେ କେବଳ ଆସିଥିଲେ ଘର ଦେଖିବାକୁ । ସେତେବେଳେ ତା ମା ବଂଚିଥିଲା । ବେବି କିନ୍ତୁ କହୁଥାଏ ଠୁବୁର ବାହାଘର ଆଗ କରିଦିଅ । ମୋର ପରେ କରିବ। ଏ କଥାର ତାତ୍ପର୍ଯ୍ୟ ମୁଁ ଠିକ୍ ଭାବରେ ବୁଝି ପାରି ନଥିଲି । ଏହା କେବେ ବି ସମ୍ଭବ ନୁହେଁ ।

ଦିନକର କଥା, ମୁଁ ସମ୍ବଲପୁରରେ ଥିବାବେଳେ ସେଠିକାର ଆର.ଡି.ସିଙ୍କ ସେକ୍ରେଟେରୀ ଆମ ଘରକୁ ବୁଲି ଆସିଥାନ୍ତି । ସେ ମତେ ସେଠିକାର ସିଡିଏମ୍‌ଓଙ୍କ ସହ ଷଣ୍ଢ ଲଢ଼େଇରେ ବହୁତ ସାହାଯ୍ୟ କରିଥିଲେ । ବେବି ସେତେବେଳେ ସମ୍ବଲପୁର ଜିଲ୍ଲା ସ୍କୁଲରେ ୫ମ ଶ୍ରେଣୀରେ ପଢୁଥିଲା । ସେ ବେବିକୁ ଦେଖିବାକୁ ଚାହିଁଲେ । କୌଣସି ବିଭାଘର ପ୍ରସ୍ତାବ ଆଖିରେ ରଖି ଆସିଥିଲେ କି ନା ଜାଣେନି । ମୁଁ ଜଣେ ପୁରୁଣା ବଂଧୁ ହିସାବରେ ଅଭ୍ୟର୍ଥନା କରିଥିଲି । ବେବି ଆଦୌ ଆସିଲାନି । ମୁଁ ଟିକିଏ ଅପ୍ରସ୍ତୁତ ହେଲେ ବି ତା ଉପରେ ଏତେଟା ଗୁରୁତ୍ୱ ଦେଲିନି । ମୋ ପାଖରେ ବହୁତ ବିଭାଘର ପ୍ରସ୍ତାବ । କେତେଗୁଡ଼ିଏ ଉଲ୍ଲେଖ କରୁଛି :

୧) ଡାକ୍ତର ଅଶୋକ ରାୟ । ସେଇ ବୁର୍ଲା ପିଲା । ନିଷ୍ଠେତକ । ଚିଲିକା ପାଖାପାଖି ଘର । ମଧ୍ୟସ୍ଥ ଦିଲ୍ଲୀପ ସ୍ୱାଇଁ ।

୨) ଡାକ୍ତର ନିହାର ରଂଜନ ସାମଲ । ରେଡିଓଲୋଜିଷ୍ଟ । ଘର ସତ୍ୟଭାମାପୁର, ପାଗା ପାଖାପାଖି ।

Digitized by srujanika@gmail.com

୩) ଡାକ୍ତର ବିମଳ କୁମାର ନାୟକ । ସର୍ଜରୀରେ ପି.ଜି. କରୁଥାନ୍ତି । ବୁର୍ଲା ପିଲା । ଘର ବାରିପଦା ପାଖରେ ।

୪) ଡାକ୍ତର ଆଲୋକ କୁମାର ସ୍ୱାଇଁ । ପେଡିଆଟ୍ରିକ୍ସରେ ପି.ଜି କରି କୋଲଇଣ୍ଡିଆରେ ବିଳାସପୁର ଠାରେ ଥାନ୍ତି । ଘର ଆମ ମହାକାଳପଡ଼ା । ବାପା ଜଣେ ଅଧୀକ୍ଷଣ ଯନ୍ତ୍ରୀ ଭୁବନେଶ୍ୱରରେ ।

୫) ଡାକ୍ତର କାଳୀକିଙ୍କର ସେନାପତି । ରାଉରକେଲା ରେଲୱେ ହସ୍ପିଟାଲର ପ୍ରଥମଶ୍ରେଣୀ ଅଫିସର । ମଧ୍ୟସ୍ଥ ବଂଧୁ ପୀତାମ୍ବର ଜେନା ।

୬) ତାଳଚେର ସାର କାରଖାନାର ଚିଫ୍ ଇଂଜିନିଅର ଏ.କେ. ଦାସବର୍ମାଙ୍କ ପୁଅ ଏ.ଆଇ.ଆଇ.ଏମ୍.ଏସ୍‌ରେ ପିଜି କରୁଥାନ୍ତି । ମଧ୍ୟସ୍ଥ ଡାକ୍ତର ବଂଧୁ ରମାକାନ୍ତ ମିଶ୍ର ।

୭) ଡାକ୍ତର ପି.କେ. ବିଶ୍ୱାଳ । ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜରେ ପ୍ରସୂତୀ ବିଭାଗରେ ପି.ଜି କରୁଥାନ୍ତି । ଜଣେ ଡିଏଫ୍‌ଓଙ୍କ ପୁଅ । ପ୍ରସ୍ତାବ ଦେଇଥାନ୍ତି ମୋର ବହୁଦିନର ବଂଧୁ ଅବସରପ୍ରାପ୍ତ ଡି.ଏଫ୍.ଓ. ମନି ମିତ୍ର ।

ଏମିତି ବହୁତ ପ୍ରସ୍ତାବ । ମୁଁ ସମସ୍ତଙ୍କୁ ଦେଖି ନ ଥାଏ । ମୋ ମନ ଥାଏ, ପି.କେ ବିଶ୍ୱାଳଙ୍କ ଉପରେ । ପିଲାଟି ଶାନ୍ତ । ସୌମ୍ୟ । ଦେଖିଲେ ଯେ କେହି ଟିକିଏ ଛିଡ଼ା ହୋଇଯିବ । ମିତ୍ରବାବୁ ଆମ ପରିବାରର ବଂଧୁ । ନୟାଗଡ଼ରେ ଥିବାବେଳେ ସେ ବି ବେବିକୁ ବହୁତ ଭଲ ପାଉଥିଲେ ।

ମା ଚାଲିଗଲା । ଆମ ଚିନ୍ତାରେ ଭଟ୍ଟା ପଡ଼ିଲା । ତେବେ କାନକୁ ଦିକାନ ଖବର ମିଳିଲା ସେ ତାର କେଉଁଠି ବିବାହ କରିବ ବୋଲି ସ୍ଥିର କରି ସାରିଛି । ପ୍ରଥମେ କଥାଟା ଭଲ ଲାଗିଲା ନାହିଁ । ମା ନାହିଁ । ତରଳ ବୟସ । ଭାବପ୍ରବଣ ହୋଇ କେଉଁଠି କାହାକୁ କଣ କହି ଦେଇଛି । ମୁଁ ଜାଣିବାରେ ଯେତେ ଡାକ୍ତର ପ୍ରେମ ବିବାହ କରିଛନ୍ତି କାହାରି ପାରିବାରିକ ଜୀବନ ଭଲ ନୁହେଁ। କଣ କରାଯିବ । ସେ ତ ଛୋଟ ପିଲାନୁହେଁ ।

ଲାଳୟେତ ପଂଚବର୍ଷାଣି
ଦଶ ବର୍ଷାଣି ତାଡ଼ୟେତ୍
ପ୍ରାପ୍ତେଷୁ ଷୋଡ଼ଶ ବର୍ଷେ
ପୁତ୍ରଂ ମିତ୍ର ମିବାଚରେତ୍ ।

ଏଇ ଆପ୍ତବାକ୍ୟ ବହୁବାର ଦୋହରାଇଲି । ପରେ ଜାଣିଲି, କଥାଟି ସତ୍ୟ।

ମୋ ଭଣଜା ସେ ପିଲାର ଠିକଣା ଆଣିଦେଲା । କହିଲା କରଣ ପିଲା । ମୁଁ କହିଲି, କରଣ ହେଲା କ'ଣ ହେଲା ? ମୁଁ ସେତେବେଳେ କରଣମାନଙ୍କ ବିରୁଦ୍ଧରେ ଲେଖାଲେଖି କରୁଥିଲି ବୋଲି ବୋଧହୁଏ ଏପରି ହେଲା । ସେ ତ ରାଜନୀତି । ତା ସହିତ ବିବାହର କି ସଂପର୍କ । ତେବେ ସେ ପର୍ଯ୍ୟନ୍ତ ମତେ ବେବି କିଛି କହିନି କି ମୁଁ ତାକୁ କିଛି ପଚାରିନି ।

ପିଲାର ଘର ଅର୍ଜୁନ ବ୍ରହ୍ମଚାରୀ ପାଟଣା । ଅହିୟାସ ପାଖରେ । ମୁଁ ତ ଯାଜପୁରରେ ଥିଲି । ଜଣେ ସାଙ୍ଗ ବିଧୂଭୂଷଣ ମିଶ୍ରଙ୍କୁ ଧରି ସେଠାକୁ ଗଲି । ସମସ୍ତଙ୍କ ଅଜଣାରେ । ଅହିୟାସ ଯାଜପୁରରୁ ୧୦ କିଲୋମିଟର । ସେ ପର୍ଯ୍ୟନ୍ତ କାର୍ ଚାଲିଗଲା । ଅହିୟାସରୁ ନଈ ପ୍ରାୟ ୫ କି.ମି । ଗାଡ଼ି ତ ଯିବନି । ଦୁଇ ଚକିଆ ଯାନ ବି ଯିବା କଷ୍ଟ । ଆମେ ଦୁଇଜଣ ଚାଲିଗଲୁ । ନଈପାରି ହେଲେ ବ୍ରହ୍ମଚାରୀ

Digitized by srujanika@gmail.com

ପାଟଣା । କୂଳକୁ ଦେଖା ଯାଉଛି । ତା ପାଖକୁ ଲାଗି ଅର୍ଜୁନ ପୁର । ଝୁଲି ଡଙ୍ଗାରେ ନଈ ପାରିହେଲୁ । ପଚାରି ପଚାରି ଘର ପାଖରେ ପହଁଚିଲୁ । ନଈ ପାଖରୁ ଡାକେ ବାଟ । ଚାଳଘର । ମୁଁ ଭିତରକୁ ଯାଇନି । ଗ୍ରାମରେ ସେଭଳି ଜଣାଶୁଣା ନୁହେଁ । ବାପା କେବେଠୁଁ ମରି ଯାଇଛନ୍ତି । ଘରେ ମା ଓ ତାଙ୍କର ତିନିପୁଅ । ବଡ଼ ପୁଅ ନନ୍ଦ ଟିସ୍କୋରେ ଇଲେକ୍‌ଟ୍ରିକାଲ ଡିପାର୍ଟମେଣ୍ଟରେ କାମ କରନ୍ତି । ମଝିଆଁ ପୁଅ ଆନନ୍ଦ ଯୋର୍ଡ଼ାରେ । ସାନପୁଅ ଅରୁଣ ଡାକ୍ତର । ତାଙ୍କ ପରିବାର ତଥା ଗ୍ରାମର ଉଚ୍ଚଶିକ୍ଷିତ । ବଡ଼ଭାଇଙ୍କ ସହାୟତାରେ ସାନ ଦୁଇଭାଇ ପାଠ ପଢ଼ିଛନ୍ତି ।

ଏ ପ୍ରସ୍ତାବରେ ମୋଆଡୁ ଆଗେଇବାକୁ ଆଦୌ ଇଚ୍ଛା ହେଲାନି । ବେବି ନିଜେ କି ଅରୁଣ ତରଫରୁ ତାଙ୍କର କେହି ବଂଧୁ ବାଂଧବ ଏ ପ୍ରସ୍ତାବ ମତେ ଦେଲେନି । ବେବିକୁ ମୁଁ ପିଲାଦିନରୁ ବହୁତ ଭଲ ପାଉଥିଲି । କିନ୍ତୁ ତାର ମା'ର ଦେହାନ୍ତ ପରେ ମୋର ଅସ୍ୱାଭାବିକ ପରିବର୍ତ୍ତନ ଆସିଛି ।

ବର୍ତ୍ତମାନକୁ ନଜର କରିବାକୁ ଯାଇ ଅତୀତକୁ ଭୁଲିଛି । ଭବିଷ୍ୟତକୁ ଦୂରେଇ ଦେଇଛି । ଯୁଗଯୁଗ ଧରି ରହି ଆସିଥିବା ସାମାଜିକ କର୍ତ୍ତବ୍ୟବୋଧକୁ ଅସମ୍ମାନ କରିଛି । ପରିବାର ପ୍ରତି ଆନୁଗତ୍ୟ ହୀନତା ଯୋଗୁ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରାର ବ୍ୟାପକ ପ୍ରସାର ଘଟୁଛି ।

ସମାଜ ବିନା ମଣିଷର ସ୍ଥିତି ନାହିଁ । ଗଣମତ ଦ୍ୱାରା ପରିବାର ଚାଲେ ନାହିଁ । ଯୌଥ ପରିବାରରେ ପରିବାରର ମୁଖ୍ୟଙ୍କ ସିଦ୍ଧାନ୍ତ ସମସ୍ତେ ଗ୍ରହଣ କରୁଥିଲେ । ଏବେ ଏକକ ପରିବାରରେ ପିତା ହିଁ ସର୍ବେସର୍ବା । ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମତପଃ - ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।

ଆଧୁନିକତାର ନାମରେ ପରଂପରାକୁ ଜଳାଞ୍ଜଳି ଦେବାର ବିଷମୟ ପରିଣତି ମୋ ବିବେକକୁ ଆନ୍ଦୋଳିତ କଲା । ଗୁରୁଜନମାନଙ୍କର ସତ୍ ପରାମର୍ଶ ଯୌବନର ଔଦ୍ଧତ୍ୟରେ ନ ମାନିବାର ପରିଣାମ ସମସ୍ତଙ୍କୁ ଜଣା । ଗୋଟିଏ ପିଲାର ଖିଆଲି ମନୋଭାବ ପାଖରେ ମୁଣ୍ଡ ନୋଇଁଲେ ଅନ୍ୟ ତିନୋଟି ପିଲାଙ୍କ ପାଇଁ ବିଶୃଙ୍ଖଳାର ପଥ ପରିଷ୍କାର ହୋଇଯିବ । ଗୋଟିଏ ବିଶୃଙ୍ଖଳ ପରିବାରର ଦାୟିତ୍ୱ ବହନ କରିବା ମୋ ପକ୍ଷରେ ଅସମ୍ଭବ ହୋଇ ପଡ଼ିବ ।

ଏତେଦିନ ଧରି ସ୍ନେହ ଶ୍ରଦ୍ଧାର ପାତ୍ର ହୋଇ ଆସିଥିବା ଝିଅକୁ ପ୍ରଭାବିତ କରି ପାରିନି ବୋଲି ଦୁଃଖ ହେଲା । ଅନ୍ୟର ମତ ପ୍ରତି ସମ୍ମାନ ଦେଖାଇବା ଆମ ଜୀବନର ଧାରା । ମନ ତ ନଈର ସୁଅ ନୁହେଁ ଯେ ତାକୁ କେହି ବଂଧ ପକାଇ ଅଟକାଇ ଦେବ । ବନ୍ୟା ଆସିଲେ ବଂଧ ଭାଙ୍ଗି ଖେଳାଇ ହୋଇଯିବ । ସେ ଯଦି ତାର ଜୀବନ ସାଥୀ ବାଛୁଛି ମୁଁ କାହିଁକି ବାଧାଦେବି ? ମିଛ ସତ କହି ଯେଉଁମାନଙ୍କୁ ମୋ ଶତ୍ରୁ କରିବାରେ ଉଦ୍ୟତ, ସେଇମାନେ ତାର ଶତ୍ରୁ । ତାର ଉତ୍ଥାନରେ ଈର୍ଷାନ୍ୱିତ । ପରିବାରରେ ଅଶାନ୍ତି ସୃଷ୍ଟି ପାଇଁ ଉଦ୍ୟତ ।

ବିବାହ ନିମନ୍ତ୍ରଣ ପତ୍ର ବଣ୍ଟା ସରିଲାଣି । ସେଥିରେ ବାପାଙ୍କ ନାମ ଉଲ୍ଲେଖ ନାହିଁ । ମତେ ଏ ପର୍ଯ୍ୟନ୍ତ ବିବାହ ପ୍ରସ୍ତାବ କେହି ଦେଇ ନାହାନ୍ତି । ମନା କରିବାର ପ୍ରଶ୍ନ କାହିଁ ? ନିରବ ରହିବା ଶ୍ରେୟ ମନେ କଲି । ବିଭାଘର ପୂର୍ବଦିନ

Digitized by srujanika@gmail.com

ତା ମାଉସୀ ଫୋନ କଲେ, ବେବି ତା ବିଭାଘରକୁ ଡାକୁଛି ଆମେ ଯିବୁ ନା ନାହିଁ ? ମୁଁ ସଂକ୍ଷେପରେ 'ତମ ବିଚାର' କହି ଫୋନ ରଖିଦେଲି ।

୧୩.୩.୯୩ ଶନିବାର ମାସନ୍ତ । ତା'ର ବିବାହ ହୋଇଗଲା ।

ବିଭାଘର ହେବାର ୧୪ ବର୍ଷ ବିତିଲାଣି । ତାର ପୁଅଟିଏ ଝିଅଟିଏ । ପୁଅର ଏକୋଇଶିଆ, ଜନ୍ମଦିନ, ଝିଅର ଏକୋଇଶିଆକୁ ଯାଇଛି । ସେ ମଧ୍ୟ ବାବୁର ବାହାଘର ଓ ତା ଝିଅର ଏକୋଇଶିଆକୁ ଆସିଛନ୍ତି । ହେଲେ ଉଜୁଡ଼ା ସଂସାର ସଜଡ଼ା ହୋଇ ପାରିନି ।

## ଠୁବୁ ବାହାଘର

ବେବି ପରେ ଠୁବୁର ପାଳି । ସବୁ ଭଉଣୀ ମାନଙ୍କ ମଧ୍ୟରେ ସେ ଟିକିଏ ନିପାରଗ । ହେଲେ ସ୍ନେହୀ । ଗ୍ରାମୀଣ ପରିବେଶରେ ବଢ଼ିଥିବା ବରଟିଏ ତା ପାଇଁ ମନେ ମନେ ଖୋଜୁଥାଏ । ସେ ଟିକିଏ ଶାନ୍ତିରେ ରହିବ । ଗାଉଁଲି ମଧ୍ୟସ୍ଥ ମାନଙ୍କୁ ବି କାମରେ ଲଗାଇ ଥାଏ । ବହୁତ ପ୍ରସ୍ତାବ ବି ଆସିଲା । ମୋର ସିଡିଏମ୍‌ଓ ଛାପା ଲିଭି ନ ଥାଏ ।

୧୯୯୭ ଆରମ୍ଭରୁ ଦେଖାଦେଖି ଚାଲିଲା । ଆମ ଗାଁ ପାଖ ଘାଗରା ନଟ ପରିଡ଼ାଙ୍କ ଭଣଜା ଅଶୋକ ସୁରଟରେ ବ୍ୟାଙ୍କ ମ୍ୟାନେଜର । ସେକପୁରର ରତ୍ନାକର । ସେ ବି ସେଇ ସୁରଟରେ ଇଂଜିନିଅର । ସୁନ୍ଦର ଚେହେରା । ଘରର ଅବସ୍ଥା ଭଲ ନୁହେଁ । ସେଇ ଗ୍ରାମର ମୋର ସ୍କୁଲ ବେଳର ସହପାଠୀ ବଳରାମ ଖଣ୍ଡେୟାଙ୍କ ଶଳାର ପୁଅ ରେଲୱେରେ ଅଡିଟ ଅଫିସର । ମୋ ଭଣଜା କୁଟିଆ ଦେଇଥିବା ପ୍ରସ୍ତାବ ଦେବବ୍ରତ ଇନ୍ଦୁପୁରର ଜଣେ ଇଂଜିନିଅର । ଯାଜପୁରର ଦାନ୍ତ ଡାକ୍ତର ସୁରେନ୍ଦ୍ର ଜେନା । ଛତିଆର ପ୍ରଭାକର ସାହୁ ରେଲୱେ ଇଂଜିନିଅର ଏମିତି ବହୁତ ପ୍ରସ୍ତାବ ଦେଖିଲି, କେଉଁଠି କୋଷ୍ଠି ପଡୁନି ତ କେଉଁଠି ପିଲା ସେମାନଙ୍କ ମନକୁ ଯାଉନି ।

ଏତିକି ବେଳେ ମୋ ପାଖରେ କାମ କରୁଥିବା ରଘୁ ବାରିକ ଗୋଟିଏ ପ୍ରସ୍ତାବ ଦେଲେ । ବିରଂଚି ପ୍ରସାଦ ପରିଡ଼ା (ଡାକ ନାମ ପିକୁ) ବାଙ୍ଗାଲୋରରେ ମାରାଇନ ଇଂଜିନିଅର ଅଛି ବୋଲି କହିଲେ । ଠିକଣା ବି ଦେଲେ । ତାଙ୍କ ବାପା ଶ୍ୟାମସୁନ୍ଦର ପରିଡ଼ା ଯାଜପୁରରୋଡ଼୍ ମେକ୍ନୋ କମ୍ପାନୀରେ ଜଣେ ଅମିନ । ଘର ଝାରପଡ଼ା ତିଗ୍ରିପୁର । ମୋ ଶଶୁରଘର ପାଖରେ । ମୁଁ ଯାଇଁ ତାଙ୍କ ଘରଦ୍ୱାର ଦେଖିଲି । ତାଙ୍କ ବାପା ଝିଅକୁ ଆସି ଦେଖିଲେ । ସେ ପିଲା (ପିକୁ) ଝିଅକୁ ଦେଖିଯାଇ ଖଣ୍ଡିଏ ସମ୍ମତି ସୂଚକ ଚିଠି ମୋ ପାଖକୁ ବି ପଠାଇଲେ । ଏବେ ରହିଲା କେବଳ ଲଗ୍ନ ସ୍ଥିର କରିବା ।

କଟକରେ ଆମର ଯେଉଁ ମାରାଇନ ଇଂଜିନିଅରିଂ ଅଫିସ ଅଛି ସେଠୁ ବୁଝିଲି ଏଇ ନାମରେ ଆମର କେହି ମାରାଇନ ଇଂଜିନିଅର ନାହାନ୍ତି । ମୋ ଶଳାର ପୁଅ ଟୁଲୁ ବାଙ୍ଗାଲୋରରେ ଇଂଜିନିଅରିଂ ପଢୁଥାଏ । ତା ପାଖକୁ ପିକୁର ଠିକଣା ଦେଇ ଲେଖିଲି । ସେ ବୁଝିକରି ଲେଖିଲା ସେ ପିଲା ଇଂଜିନିଅର ନୁହେଁ । ଏ ଗୋଟେ ନୂଆ ଅନୁଭୂତି । ଠାକୁର ରକ୍ଷା କରିଦେଲେ ।

ଅଂଧ ବିଶ୍ୱାସ ତୁଟି ନଥାଏ । ଠୁବୁର ଅଧ୍ୟାପକ ସୁରେନ୍ଦ୍ରନାଥ ସ୍ୱାଇଁଙ୍କୁ ସାଥିରେ ଧରି ଦିନେ କାକଟପୁର ଗଲି । ସେଠି ଜଣେ ବାବା ବିଭାଘର କେଉଁଠି ହେବ

Digitized by srujanika@gmail.com

କହି ଦେଉଥାନ୍ତି । ତାଙ୍କଠାରୁ ନାମ ଓ ଠିକଣା ଧରି ଫେରିଲୁ । ବୟାଳିଶିମୌଜା ସାରା ବୁଲି ବୁଲି ଇଂଜିନିଅର ତ ଦୂରର କଥା ସେଇ ନାମରେ ପିଲା ମିଳିଲେନି । ଯୋଗକୁ ଗୁବ୍ ମେଡ଼ିକାମେଣ୍ଟ ରିପ୍ରେଜେଣ୍ଟଟିଭ୍ ସେଇ ବୟାଳିଶ ମୌଜାର ଜଣେ ଡିପ୍ଲୋମା ଇଂଜିନିଅରଙ୍କ ପାଇଁ । ପ୍ରସ୍ତାବ ଦେଲେ । ସେଠି ବି କୋଷ୍ଠି ପଡ଼ିଲାନି ।

ଡାକ୍ତର ଜଗଦେବ ଆମ ଅଂଚଳର ପିଲା । ମୋର ଅନ୍ତରଙ୍ଗ ବି । ସେ କହିଲେ ସାର୍ ମୋ ଝିଅ ପାଇଁ ବୁଲି ବୁଲି ମୁଁ ଏମିତି ବ୍ୟସ୍ତ ହୋଇ ପଡ଼ିଥିଲି । ପଂଚମୁଖୀ ହନୁମାନ ପାଖରେ ନଡ଼ିଆ ବସାଇଲି । ମାସକ ଭିତରେ ମୋ ଝିଅର ବିଭାଘର ହୋଇଗଲା । ତାଙ୍କ କଥା ଉପରେ ଗୁରୁତ୍ୱ ଦେଇ ମୁଁ ୨୪.୧୦.୯୭ରେ ପଂଚମୁଖୀ ହନୁମାନଙ୍କ ପାଖରେ ନଡ଼ିଆ ବସାଇଲି । ଠୁବୁ ମଂଗଳବାର, ଶନିବାର ଅରୁଆ ଖାଇଲା । ହନୁମାନ ଚାଳିଶା ପଢ଼ିଲା । ଏମିତି ଚାଲିଲା ।

ଯାଜପୁର ଡାକ୍ତର ବଟକୃଷ୍ଣ ମହାନ୍ତି ଗୋଟିଏ ପ୍ରସ୍ତାବ ଦେଇଥାନ୍ତି । ବରୀର ସୁନାମଣି ସାମଲଙ୍କ ପୁଅ ବିଷୟରେ । ଯାଜପୁର ବି.ଡି.ଓ ରମେଶ ରାଉତରାୟ ତାଙ୍କ ପଡ଼ୋଶୀ । ମୁଁ ଯାଇଥାଏ ବିଡିଓଙ୍କୁ ସାଥିରେ ନେଇ ବରୀ ଯିବା ପାଇଁ । ଯାଜପୁର ଡାକ୍ତରଖାନାରେ ଗାଡ଼ି ରଖି ସେଠି ବୁଲାବୁଲି କରୁଥାଏ । ଯାଜପୁର ରକ୍ତଭଣ୍ଡାର ଚାର୍ଜରେ ଥିବା ଜଣେ ଡାକ୍ତର କଥାବାର୍ତ୍ତା ଛଳରେ କହିଲେ ଏତେ ବୁଲୁଛନ୍ତି, ରାଜର ଗୋଟେ ଭଣଜା ଇଂଜିନିଅର ଅଛି ଦେଖୁ ନାହାନ୍ତି ? ରାଜ (ରାଜକିଶୋର ସାମଲ) ଯାଜପୁର ଡାକ୍ତରଖାନାର ଲାବୋରେଟରୀ ଆଟେଣ୍ଡାଣ୍ଟ । ସମ୍ଭବତଃ ମୁଁ ସିଡିଏମ୍ଓ ଥିବା ବେଳେ ଚାକିରୀ ପାଇଛନ୍ତି । ମୁଁ ତାଙ୍କୁ ଡାକିଲି । ସେ କହିଲେ ଆପଣ ତାଙ୍କ ଘର ଦେଖନ୍ତୁ ଯଦି ମନକୁ ଯାଏ ମୁଁ ପ୍ରସ୍ତାବ ଦେବି । ମୁଁ ତାଙ୍କ କଥାରେ ରାଜି ହୋଇ ସାଥେ ସାଥେ ବାହାରିଲି । ତାଙ୍କ ଗ୍ରାମ ଟିଣା । ଯାଜପୁରରୁ ପ୍ରାୟ ୨୫ କିଲୋମିଟର । ତାଙ୍କ ଘରେ ପହଁଚିଲା ବେଳକୁ ଦିନ ଏଗାରଟା । ଆଗରୁ ତ ଖବର ଦିଆ ଯାଇନି । ସେ ପିଲାର ମା ଓ ଭଉଣୀ ଆମକୁ ଭିତରକୁ ପାଛୋଟି ନେଲେ । ସେମାନଙ୍କ ଆତିଥେୟତାରେ ମୁଁ ମୁଗ୍ଧ ହେଲି ।

ଛାତପକା ଦି ବଖରା କୋଠାଘର । ଅଗକୁ ଚାଳଘର । ପାଖକୁ ଲାଗି କିଛି ଡିହ ବାଡ଼ି । ସେ ପିଲାର ଫଟୋ ଦେଖିଲି । ଜମାଇ ରଖିଥିବା କୋହିପତ୍ର ବି । ଡିପ୍ଲୋମା କି ଡିଗ୍ରୀ ଇଂଜିନିଅର ଜାଣି ହେଲାନି । ଆଗରୁ ବୁଦ୍ଧି ଶିଖିଛି । ତାଙ୍କ ମା ଆମକୁ ବାଧ କରି ଖାଇବାକୁ ଦେଲେ । ଆମେ ସାଥେ ସାଥେ ଫେରି ଆସିଲୁ ଯାଜପୁର ।

ଯାଜପୁର ମୋର କର୍ମକ୍ଷେତ୍ର । ପ୍ରଭାବ କମି ନାହିଁ । ମୁଁ ପ୍ରଥମେ ଗଣେଶ ଓ ତା ସ୍ତ୍ରୀ ସହ କଥାବାର୍ତ୍ତା ହେଲି । ଡାକ୍ତର ଗଣେଶ ଚନ୍ଦ୍ର ରାୟ ସ୍ତ୍ରୀରୋଗ ବିଶେଷଜ୍ଞ । ମୋର ଦୂର ସଂପର୍କୀୟ ଭାଣିଜୀ ଜ୍ୱାଇଁ । ବାଙ୍କିରେ ଆଗରୁ କାମ କରୁଥିଲେ । ଡାକ୍ତର ବଟକୃଷ୍ଣ ମହାନ୍ତିଙ୍କୁ ଡକାଇଲି । ସ୍ଥାନୀୟ ଡାକ୍ତର । ମୋ ପାଖରେ କାମ କରିଛନ୍ତି । ସେମାନେ କହିଲେ ବଂଧୁ ସମାସ୍କନ୍ଦ ନ ହୋଇପାରେ । ଆମେ ଯାହା ଶୁଣିଛୁ ପିଲାଟି ଚରିତ୍ରବାନ । ଆପଣ ଆଗ ପିଲାକୁ ଦେଖନ୍ତୁ ।

ରାଜର ବଡ଼ଭାଇ ଦୁର୍ଯ୍ୟୋଧନ ସାମଲ । ଖୋର୍ଦ୍ଧାରେ ଲାବରୋଟରୀ ଟେକ୍ନିସିଆନ ଥାନ୍ତି । ସେ ପିଲାର ବଡ଼ ମାମୁଁ । ସେ ମୋ ପାଖରେ ନୟାଗଡ଼ ଡାକ୍ତରଖାନାରେ ତିନିବର୍ଷକାଳ ଲାବୋରେଟରୀ ଟେକ୍ନିସିଆନ ଥିଲେ । ମୁଁ

Digitized by srujanika@gmail.com

୪.୨.୯୮ରେ ଖୋର୍ଦ୍ଧା ଯାଇଁ ବିଭାଘର ପ୍ରସ୍ତାବ ସମ୍ବନ୍ଧରେ କିଛି ନ କହି ସେ ପିଲା ସମ୍ବନ୍ଧରେ ପଚାରି ବୁଝିଲି । ମୁଁ ଯେତେବେଳେ ବରପାତ୍ରଟିଏ ଖୋଜୁଛି ଜାଣିଲେ ସେ ତାଙ୍କ ପୁଅ ପାଇଁ ପ୍ରସ୍ତାବ ଦେଲେ । ସେ ପିଲାଟି ଇଂଜିନିଅର ।

ମୁଁ ସେଇ ଚାରି ତାରିଖରେ ଗଣେଶକୁ ଫୋନ କରି ସେ ପିଲାକୁ ଡକାଇବାକୁ କହିଲି । ମୋ ସମ୍ମତି ବି ଦେଲି । ପିଲାର ମା ଓ ମାଇଁ ଆସି ଠୁବୁକୁ ଦେଖିଗଲେ । ଦବାନବା ସଂପର୍କରେ କଥାବାର୍ତ୍ତା ହେଲା । ରାଜ ଏ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସାଧମତେ ଲାଗିଛି ।

୧୩.୨.୯୮ରେ ପିଲାକୁ ଗଣେଶ ଘରେ ଦେଖି ଆଶୀର୍ବାଦ କଲି । ଠୁବୁକୁ ମ୍ୟାଚ କରିବ । ପିଲାର ନାମ ଜ୍ଞାନରଂଜନ ସାମଲ । ଡାକ ନାମ ବାବୁ । ମୋ ପୁଅର ନାମ ବି ବାବୁ । ମେକାନିକାଲ ଇଂଜିନିଅର । ମାଡ୍ରାସରୁ ଏ.ଏମ୍.ଆଇ.ଇ କରିଛନ୍ତି । ମାଡ୍ରାସର ଅମ୍ବାଟୁରଠାରେ ସିଡକୋ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଚାକିରୀ । ପ୍ରାଇଭେଟ କଂପାନୀ । ଶାଳୀନତା ଦୃଷ୍ଟିରୁ ଦରମା କଥା ପଚାରିବାକୁ ବିବେକ ବାଧା ଦେଲା । ବୟସ ୨୫ ପାଖାପାଖି । ବାପା ମାଙ୍କର ବଡ଼ ପୁଅ । ଘରର ସବୁ ଦାୟିତ୍ୱ ତାଙ୍କ ଉପରେ । ଚାରୋଟି ଭଉଣୀ, ଗୋଟିଏ ସାନଭାଇ । ବାପା ଅକ୍ଷୟ କୁମାର ମହାପାତ୍ରଙ୍କର ଗୋଟିଏ ଛୋଟକାଟିଆ ଲୁଗା ଗୋଦାମ । ଜମିବାଡ଼ି ଅଛକିଛି । ବାପାଙ୍କର ଉପାଧି ବାଉଳସିଂ । ସବୁ ଯାଜପୁରିଆ ଖଣ୍ଡାୟତ ମାନଙ୍କର ଏମିତି ଗୋଟେ ଉପାଧି ଥାଏ । ଯା ହେଉ ପିଲାଟିର ବ୍ୟବହାର ଚାଲିଚଳନରେ ସନ୍ତୁଷ୍ଟ ହୋଇ ଗଣେଶକୁ ନିର୍ବନ୍ଧ ପାଇଁ ଯୋଗାଡ଼ କରିବାକୁ କହିଲି ।

ସେହିଦିନ ବିରଜା ମଂଦିରରେ ବିନା ଆଡ଼ମ୍ବରରେ ନିର୍ବନ୍ଧ ହୋଇଗଲା । ବିବାହ ପାଇଁ ଦିନ ବାର ବି ସ୍ଥିର ହେଲା ।

୩.୫.୯୮ - ସ୍ୱୀକାର
୭.୫.୯୮ - ମଙ୍ଗଳପାକ
୮.୫.୯୮ - ବିବାହ

ନିର୍ବନ୍ଧ ପରେ ତାଙ୍କୁ ନଗଦ ଏକଲକ୍ଷ ଟଙ୍କା ଓ ଡ୍ରେସ ପାଇଁ ପାଂଚ ହଜାର ଟଙ୍କା ଦେଇଦେଲି । ଅବଶିଷ୍ଟ ଦୁଇଲକ୍ଷ ଟଙ୍କା ଟିଡିଆର୍ ଆକାରରେ ଝିଅ ନାମରେ ଦିଆଯିବ ବୋଲି କଥାବାର୍ତ୍ତା ହୋଇଥିଲା । ବାବୁ ଚାକିରୀକୁ ଚାଲିଗଲେ । ବିବାହ ପୂର୍ବରୁ ସେ ତିନିଖଣ୍ଡି ଚିଠି ମୋ ପାଖକୁ ଦେଇଛନ୍ତି, ସବୁ ଗୁଡ଼ିକ ହୃଦୟସ୍ପର୍ଶୀ ।

ବିବାହ ଦିନ ଆସିଗଲା । ଆମର କଥା ହୋଇଥଲା ବର ରୋଷଣୀ ମୁଁ ଯୋଗାଡ଼ କରିଦେବି । ସେମାନେ ମତେ ୧୫ ହଜାର ଟଙ୍କା ଦେଇଦେବେ । ମୁଁ ସବୁ ଯୋଗାଡ଼ କରିଥିଲି । ସେମାନେ ବି ବାଣ ଆଣିଥିଲେ । ବରଯାତ୍ରୀ ସଂଧ୍ୟା ୬ଟାରେ ଆସିବାର ଥିଲା । ବର୍ଷା ପବନ ବାଧକ ସାଜିଲା । ସେମାନେ ଆସି ପହଁଚିଲା ବେଳକୁ ରାତି ବାର । ଆମର ଆମନ୍ତ୍ରିତ ଅତିଥି ମଧ କମ୍ ଆସିଲେ । ଯା ହେଉ ସେମାନଙ୍କୁ ଯଥୋଚିତ ସମ୍ବର୍ଦ୍ଧନା ଦିଆଯାଇ ସତ୍କାର କରାଗଲା । ଠିକ୍ ସମୟରେ ବିବାହ ବି ସରିଲା ।

ମୁଁ ବେବି ବିଭାଘର ପାଇଁ ଯେଉଁ ସରଂଜାମ ଯୋଗାଡ଼ କରିଥିଲି ସବୁ ଠୁବୁକୁ ଦିଆ ଯାଇଥିଲା । ଅନ୍ୟ ଭଉଣୀମାନଙ୍କ ପରି ରାଧାଗୋବିନ୍ଦ ରାୟ ଦୋକାନରେ

Digitized by srujanika@gmail.com

୨୫୦ ଗ୍ରାମ ଓଜନର ଗହଣା ଠୁବୁ ପାଇଁ ହୋଇଥିଲା । ସବୁ ସବୁ ମିଶି ଯାଇ ୭ ଲକ୍ଷ ଟଙ୍କା ଖର୍ଚ୍ଚ ।

ଟି.ଭି., ଫ୍ରିଜ୍ ସମେତ ସବୁ ସାଜ ସରଂଜାମ ଦେଖି ସେମାନେ ବି ଖୁସି ହୋଇଗଲେ । ମୁଁ କହିଲି ଚଳିଲା ଭଳି ଜିନିଷପତ୍ର ନେଇଯାଅ । ଅବଶିଷ୍ଟ ଜିନିଷ ଅଷ୍ଟମଂଗଳା ଭାର ସାଥିରେ ପଠାଇଦେବି । ବରକନ୍ୟା ଭଲରେ ଭଲରେ ବିଦା ହୋଇଗଲେ ।

ଠୁବୁ ଏମ୍.ଏ, ପଢୁଥାଏ । ତେଣୁ ତାକୁ ମାସକ ଭିତରେ ପଠାଇ ଦେବାକୁ ଜବାବ ହୋଇଥିଲା । ସେମାନେ ତାକୁ ଜୁନ୍‌ରେ ନ ପଠାଇ ଜୁଲାଇରେ ପଠାଇବାକୁ କହିଲେ । ମୁଁ କଡ଼ା ଭାଷାରେ ରାଜ ପାଖକୁ ଚିଠି ଦେଲି । ଯା ହେଉ ଜୁନ୍ ୧୭ ତାରିଖରେ ବାବୁ ଯାଇଁ ଝିଅ ଜ୍ୱାଇଁଙ୍କୁ ନେଇ ଆସିଲା । ବାବୁ ଏଠୁ ମାଡ୍ରାସ ଚାଲିଗଲା । ତା ପରେ ଆଉ କିଛି ଅସୁବିଧା ହୋଇନି ।

ବିଭାଘର ହେବାର ୧୦ ବର୍ଷ ବିତିଲାଣି । ସେମାନେ ଏବେ ମାଡ୍ରାସରେ । ଦୁଇଟି ପିଲା । ଝିଅ ପୁଅ । ଶାନ୍ତିରେ ଅଛନ୍ତି । ମୁଁ ବି ଠୁବୁ ନାମ୍‌ରେ ଗଣ୍ଡାଣିଆରେ ଗୋଟେ ପ୍ଲଟ କିଣି ପାଚେରୀ ବୁଲାଇ ଦେଇଛି । ଚଳିଲା ଭଳି ଦି ବଖରା ଘର ବି । ସେମାନେ କେବେ ତାଙ୍କ ଘରଦ୍ୱାର କରିବେ ।

## ଯୌତୁକ ଯୁଇରେ ସୁବିଦିତା

ଠୁବୁ ପରେ ଟିକିର ପାଳି । ଦୁଇ ହଜାର ମସିହା ଆରମ୍ଭରୁ ବରଖୋଜା ହେଲା । ବହୁ ପ୍ରସ୍ତାବ ଆସିଲା । ଇଂଜିନିଅର, ଏରୋନଟିକ ଇଂଜିନିଅର, ଡାକ୍ତର ଆଇ.ଏ.ଏସ୍, ଏମ୍.ବି.ଏ, ଏମ୍.ସି.ଏ ବ୍ୟାଙ୍କ ପ୍ରବେସନ ଅଫିସର ଇତ୍ୟାଦି । ୧୫ରୁ ଅଧିକ ପିଲା ଦେଖିଲି । ମୋ ଇଚ୍ଛା ଥିଲା ଡାକ୍ତର ଜ୍ୱାଇଁ କରିବାକୁ । ଶ୍ରୀକାନ୍ତ ବିଶ୍ୱାଳଙ୍କ ପୁଅକୁ ଦେଖିଥାଏ । ସେ ଥିଲେ ଅସ୍ଥିଶଲ୍ୟ ବିଭାଗରୁ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର । କିନ୍ତୁ ଟିକି କହିଲା ଡାକ୍ତର ଛଡ଼ା ଆଉ ଯେଉଁଠି କହିବ ବିବାହ କରିବି । ଆଇ.ଏ.ଏସ୍ ପିଲାଟି ଅଣ ଓଡ଼ିଆ । ଭାଇ ବଂଧୁଙ୍କ ସମାଲୋଚନା ଭୟରେ ଆଗେଇଲି ନାହିଁ । ଆଖି ପଡ଼ିଲା ବଂଗାଳି ସାହିର ଅବସରପ୍ରାପ୍ତ ଚିଫ୍ ଇଂଜିନିଅର ଜଗନ୍ନାଥ ନାୟକଙ୍କ ପୁଅ ଉପରେ । ବଂଧୁ ହୃଦାନନ୍ଦ ବିଶ୍ୱାଳଙ୍କ ସହ ତାଙ୍କ ଘରକୁ ଗଲି । ସେ ଝିଅ ଦେଖିବାକୁ ଦୁଇଥର ଆସିବାକୁ କହି ଆସିଲେନି । ହରି ମାହାଲିକଙ୍କ ପୁଅ ହିମାଂଶୁ ଇଂଜିନିଅର । ମୋ ଶଶୁରଘର ଆଡୁ ଜଣାଶୁଣା । ଗୁରୁଭାଇ । ପିଲାଟି ଦେଖିବାକୁ ଭଲ । ସେମାନେ ଖୁବ୍ ଆଗ୍ରହୀ । କୋଷ୍ଠି ପଡ଼ିଲାନି । ତା ପରେ ଭେଟିଲି ମହାନଦୀ ବିହାରରେ ରହୁଥିବା ଅବସର ପ୍ରାପ୍ତ ଏସ୍.ଇ ଇଲେକ୍‌ଟ୍ରିକାଲ ଏ.ସି. ନାୟକଙ୍କୁ । ତାଙ୍କ ପୁଅ ଏମ୍.ବି.ଏ କରିଥାନ୍ତି । ଖଣ୍ଡାୟତ ମହାସଭା ସଭ୍ୟ ଭାବେ ଜଣାଶୁଣା । ସେ ବିଶେଷ ଆଗ୍ରହ ଦେଖାଇଲେ ନାହିଁ । ଏମିତି ବର୍ଷ ଆରମ୍ଭରୁ କାହାକୁ କେନ୍ଦ୍ରାପଡ଼ା, କାହାକୁ ଭୁବନେଶ୍ୱର, କାହାକୁ ଅଡ଼ଶପୁରଠାରେ ଦେଖି ଦେଖି ବ୍ୟସ୍ତ ହୋଇ ପଡ଼ିଲି । କିଛି ସ୍ଥିର କରିନଥାଏ ।

ଦୁଇ ହଜାର ମସିହା ମାର୍ଚ୍ଚ ମାସ । ଦ୍ୱିତୀୟ ସପ୍ତାହ । ମୋ ବାଲ୍ୟବଂଧୁ ବଂଶୀଧର ପ୍ରତିହାରୀ ଭୁବନେଶ୍ୱରରୁ ଫୋନ କଲେ ତୁମେ ପରା ଟିକି ପାଇଁ ବର ଖୋଜୁଥିଲ । ଗୋଟିଏ ସୁନ୍ଦର ପ୍ରସ୍ତାବ ଅଛି କରୁନ । ଏମ୍.ବି.ଏ କରିଛି । ତାଙ୍କ ବାପା ଡାକ୍ତର ଉମେଶ ବିଶ୍ୱାଳ । ସି.ଆର୍.ପି.ରେ ଚାକିରୀ କରୁଥିଲେ ହୃଦ୍‌ଘାତରେ

Digitized by srujanika@gmail.com

ପ୍ରାଣତ୍ୟାଗ କରିଛନ୍ତି । ପିଲାର ସାନଭାଇ ଇଂଜିନିଅର ଆମେରିକାରେ ଅଛି । ଠିକ୍ ସେତିକିବେଳେ ସେ ପିଲାର ସଂପର୍କୀୟ ମାମୁଁ ରାଉରକେଲା ଗାନ୍ଧୀ କଲେଜର ହେଡ୍‌କ୍ଲର୍କ ସେଇ ପ୍ରସ୍ତାବ ମୋ ପୁଅକୁ ଦେଇଥିଲେ । ମୁଁ ଚାହୁଁଥିଲି ସମ୍ଭ୍ରାନ୍ତ ପରିବାରର ସୁନ୍ଦର ପିଲାଟିଏ । ସଦ୍‌ଗୁଣ ସମ୍ପନ୍ନ ହୋଇଥିବ । ପାଠ ପଢ଼ିଥିବ । ଏସବୁ ମିଳୁଥିବାରୁ ମୁଁ ଆଗେଇବାକୁ ସଂକେତ ଦେଲି ।

୧୩.୩.୨୦୦୦ରେ ବଂଶୀଭାଇ ଟିକିର ଫଟୋ ଓ ଜାତକ ନେଇଗଲେ । ଜାତକ ମେଳ ହେଲା, ଫଟୋ ମନକୁ ପାଇଲା । ମୋର କୋଷ୍ଠି ମେଳକରେ ବିଶ୍ୱାସ ନ ଥିଲେ ବି ଯାଜପୁରର ଜ୍ୟୋତିଷ ବଂଧୁ ବିଧୁଭୂଷଣ ମିଶ୍ର କୋଷ୍ଠି ମିଳାଇଲେ । ମୁଁ ରେଭେନ୍ସା କଲେଜର ପ୍ରାଧ୍ୟାପକଙ୍କ ପରାମର୍ଶ ବି ନେଲି ଜାତକ ଉପରେ ।

୨୫.୩.୨୦୦୦ରେ ପିଲା ନିଜେ (ଉତ୍ତମ କୁମାର, ଡାକ ନାମ ବାବୁନି), ତାଙ୍କ ପୁଅର ଭଉଣୀ ଆସି ଟିକିକୁ ଦେଖି ତା ସହିତ କଥାବାର୍ତ୍ତା କରି ତାକୁ ମନୋନୀତ କଲେ । ତା ପରେ ତାଙ୍କ ବଡ଼ବାପା, ମାମୁଁ ପୁଅ ଭାଇ, ଜଣେ ଦିଜଣ ସ୍ତ୍ରୀଲୋକ ଆସି ଟିକି ସହ କଥାବାର୍ତ୍ତା କଲେ । ଦେଖାଚାହାଁ ଭିତରେ ତାଙ୍କ ମା ଓ ଅନ୍ୟମାନେ ତୁହାଇ ତୁହାଇ କହୁଥାନ୍ତି ପିଲା ମନକୁ ପାଇଛି । ଆମର କୌଣସି ଯୌତୁକ ଦାବୀନାହିଁ । ତିନିମାସ ଭିତରେ ଆମେ ଘର କରିଦେବୁ । ବଡ଼ପୁଅ ତା ସାନଭାଇ ପାଖକୁ ଆମେରିକା ଯିବ ଇତ୍ୟାଦି ।

ମୁଁ ଦେଖିଲି ସେମାନେ ଆମ ଘରେ ବଂଧୁ କରିବା ପାଇଁ ବିଶେଷ ଆଗ୍ରହୀ । ସେମାନେ ପଚରା ଉଚୁରା ପାଇଁ ଦୁଇଟି ନାମ କହିଲେ ଭୁବନେଶ୍ୱର କାପିଟାଲ ହସ୍ପିଟାଲର ନିଦାନ ବିଶେଷଜ୍ଞ ଡାକ୍ତର ଲୋକନାଥ ହାତୀ ଓ କଟକ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅଧ୍ୟାପିକା ଡାକ୍ତର ବିଜୟଲକ୍ଷ୍ମୀ ନାୟକ । ଉଭୟଙ୍କୁ ମୁଁ ଭଲ ଭାବରେ ଜାଣେ । ସେମାନେ ମୋସହ କାମ କରୁଥିଲେ । ଦୁଇଜଣଯାକ ପିଲାଟି ଭଲ ବୋଲି କହିଲେ । ମୋ ଡାକ୍ତର ଭ୍ରାଇଁ ବି ଆଗ୍ରହ ଦେଖାଇଲେ । ୩୧.୩.୨୦୦୦ରେ ସେ ପିଲାର ମା ଓ ଆଉ ଦୁଇଜଣ ସ୍ତ୍ରୀଲୋକ ଆସି ଟିକିକୁ ଗୋଟେ ମୁଦି ପିନ୍ଧାଇ ଦେଇଗଲେ ।

ଏଥର ଆମ ପାଳି । ମୁଁ ଭୁବନେଶ୍ୱରରେ ରହୁଥିବା ମୋ ପିଉସୀପୁଅ ଭାଇ କୈଳାଶ ସହ ପରାମର୍ଶ କଲି । ସେ ଏ ପ୍ରସ୍ତାବରେ ରାଜି ହେଲା । ତା ମାମୁ ରଜନୀ ମଧ ଏକମତ ହେଲା ।

୨.୪.୨୦୦୦ରେ କୈଳାଶ, କୈଳାଶ ପୁଅ, ବଂଶୀ, ଦୀପକ (ବାବୁର ସାଙ୍ଗ) ଓ ମୁଁ ତାଙ୍କ ଘରକୁ ଗଲୁ । ସେମାନଙ୍କ ଆତିଥେୟତା ଆମକୁ ଅଭିଭୂତ କଲା । ଦବାନବା କଥା ମୁଁ ଉଠାଇଲି । ସେହି ଏକା ଉତ୍ତର । ନିର୍ଦ୍ଦିଷ୍ଟ ଭାବେ ଘରର ଆସବାବ କଥା ପଚାରିଲି । କହିଲେ ସବୁ ତ ଆମର ଅଛି । ଆଣି ରଖିବୁ କେଉଁଠି ? ଭଡ଼ାଘର ୨/୩ ବଖରା । କଳିଙ୍ଗ ନଗରରେ ପ୍ଲଟ ଅଛି । ଭାବିଲି ନୂଆଘର କଲେ ବୋଧହୁଏ ନେବେ ।

୫.୪.୨୦୦୦ରେ ଯୋବ୍ରାରେ ରହୁଥିବା ତାଙ୍କ ବଡ଼ବାପାଙ୍କ ଘରକୁ ଗଲି । ବଡ଼ବାପା ବସନ୍ତ କୁମାର ରାଉତଙ୍କ ସହ କଥାବାର୍ତ୍ତା କଲି । ସେ କହିଲେ ତାଙ୍କର କିଛି ଯୌତୁକ ଦାବୀ ନାହିଁ । ମୁରବୀ ନାହାନ୍ତି । ଆପଣ ମୁରବୀ ହେବେ । ତଥାପି

Digitized by srujanika@gmail.com

ତାଙ୍କୁ ଗାଡ଼ି ଓ ଆସବାବ ପତ୍ର ପାଇଁ ଲକ୍ଷେ ଟଙ୍କା ଦେବାକୁ ଇସାରା ଦେଲି ଓ ପ୍ରସ୍ତାବରେ ସମ୍ମତି ଦେଲି । ସେହିଦିନ କୈଳାଶ ଘରକୁ ଆସି ବରଡ୍ରେସ୍ ପାଇଁ ୧୦ ହଜାର ଟଙ୍କା ପଠାଇ ଦେଇ ଆସିଲି । ୧୬.୪.୨୦୦୦ରେ ନିର୍ବନ୍ଧ ପାଇଁ ଆପାତତଃ ଦିନ ସ୍ଥିର ହେଲା ।

ନିର୍ବନ୍ଧ ପୂର୍ବରୁ ବାବୁ ରାଉରକେଲାରୁ ଆସି ପହଁଚିଲା । ସେ କେଉଁଠୁ ବୁଝି ଆସିଲା ସେ ପିଲାର ଚାକିରୀ ନାହିଁ । ଆମକୁ ସେମାନେ କହିଥିଲେ ପିଲା ପେଷ୍ଟିସାଇଡ୍ ଇଣ୍ଡିଆ କମ୍ପାନୀରେ ଚାକିରୀ କରୁଛି ବୋଲି । ବାବୁ କହିଲା ସେଠି ବିଭାଘର ହୋଇ ପାରିବନି । ମୁଁ କହିଲି ତୁ କାହିଁକି ସେଥିରେ ମୁଣ୍ଡ ଖେଳାଉଛୁ ? ସେ ଜବାବ ଦେଲା, ମୁଁ ତା ଭାଇ । ମୁଁ ମୁଣ୍ଡ ଖେଳାଇବି ନାହିଁ, ଆଉ କିଏ ଖେଳାଇବ ? ମୁଁ ନରମି ଗଲି । କିଛି ସମୟ ପରେ ଟିକିକୁ ଡାକି ପଚାରିଲି । ସେ କହିଲା ମୁଁ ସେଠି ବିବାହ କରିବି କିନ୍ତୁ ଉତ୍ତମ ଚାକିରୀ କରିବା ପରେ । ମୁଁ କହିଲି ସେ ଯଦି ଚାକିରୀ ନ କରିଥାଏ, ସେ ଚାକିରୀ ପାଇବା ପର୍ଯ୍ୟନ୍ତ ମୁଁ ତୁମ ଦୁହିଁଙ୍କର ସମସ୍ତ ଖର୍ଚ୍ଚ ବହନ କରିବି ।

ପରଦିନ ସକାଳେ ଥଣ୍ଡା ମିଜାଜରେ କଥାବାର୍ତ୍ତା କଲି । ସ୍ଥିର ହେଲା ବାବୁ ତାଙ୍କ ଘରକୁ ଯାଇଁ ପିଲାର ଚାକିରୀ ଅଛି କି ନାହିଁ ବୁଝିବ । କୈଳାଶକୁ ଫୋନ କଲି । ବାବୁ ଯାଇଁ ତାଙ୍କ ଘର ଓ ପିଲାକୁ ଦେଖିବ ବୋଲି ଜଣାଇ ଦିଆଗଲା । ବାବୁ ତାଙ୍କ ଘର କି ପିଲାକୁ ଦେଖି ନ ଥିଲା । ତା ସାଙ୍ଗ ଦୀପକ ଯାଇଥିଲା । ସେହି ଅନୁସାରେ ବାବୁ, ଦୀପକ, କୈଳାସ ଓ ମୁଁ ତାଙ୍କ ଘରକୁ ଗଲୁ । ବାବୁ ଓ କୈଳାଶ ଉତ୍ତମ ସହ କଥାବାର୍ତ୍ତା କଲେ । ଆମ୍ଭେ କଂପାନୀରୁ ଆସିଥିବା ନିଯୁକ୍ତି ପତ୍ର ଦେଖିଲେ । ବିବାହ ପରେ ଚାକିରୀରେ ଯୋଗଦାନ କରିବ । ଏବେ ପଥ ପରିଷ୍କାର । ମୁଁ ଆଗେଇଲି । ପ୍ରକୃତରେ ମୁଁ ପିଲାର ରୂପ ଓ ବ୍ୟବହାରରେ ଆକୃଷ୍ଟ ହେଇ ଯାଇଥିଲି ।

୧୬.୪.୨୦୦୦ରେ ମହାନଦୀର ଗଡ଼ଗଡ଼ିଆ ଘାଟ ଠାରେ ଗଡ଼ଗଡ଼େଶ୍ୱର ମଂଦିରରେ ନିର୍ବନ୍ଧ ହେଲା । ଆମର ସବୁ ବଂଧୁବାଂଧବ ଆସିଥିଲେ । ଆଚାର୍ଯ୍ୟ ମାନଙ୍କ ପୂଜାପାଠ ପରେ ସ୍ୱୀକାର ଓ ସମ୍ମତି ବେଭାର ଥିବା ଦୁଇଟି ଆଟାଚି ସମସ୍ତଙ୍କ ସାମ୍ନାରେ ଆଦାନ ପ୍ରଦାନ କରାଗଲା । ବିବାହ ତିଥି ୨୩.୪.୨୦୦୦କୁ ଧାର୍ଯ୍ୟ କରାଗଲା ।

ପ୍ରସାଦ ସେବନ ପରେ ଆମେ ସବୁ ଘରକୁ ଫେରିଲୁ । ଭାବୀ ସମୁଦୁଣୀ ଶାନ୍ତିଦେବୀ ମୋ ସାଥିରେ ଆମ ଘରକୁ ଆସିଲେ । ମୁଁ ତାଙ୍କୁ ସେଠି ନଗଦ ଏକଲକ୍ଷ ଟଙ୍କା ଦେଲି । କିଛି ପାଟି ତୁଣ୍ଡ ନଫିଟାଇ ସେ ଟଙ୍କାତକ ତାଙ୍କ ଭ୍ୟାନିଟି ବ୍ୟାଗରେ ଭରିଲେ । ଡ୍ରେସ୍ ପାଇଁ ଟଙ୍କା ଅଣ୍ଟିଲାନି କହିବାରୁ ଆଉ ପାଞ୍ଚହଜାର ଦେଲି । ହେଲେ ନିର୍ବନ୍ଧରେ ଯେଉଁ ୩ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା ସେଥିପାଇଁ ବହୁ କୁଣ୍ଠାର ସହ ଏକଶହ ଟଙ୍କା ଦେଲେ ।

୨୩.୪.୨୦୦୦ ବିଭାଘର ଦିନ ୧୧ଟା ବେଳକୁ ଅନୁକୂଳ ଦହି ହାଣ୍ଡି ଆସିଲା। ମୁଁ ଶଂଖୁଆ ଭାରିଆଙ୍କୁ ବିଦାକଲି। ପୂର୍ବ ନିର୍ଦ୍ଧାରିତ ସମୟରେ ବରଧରା ଗଲା । ବରଧରା ବେଭାରତ ଦୂରର କଥା ନାଜିମତ ମାନଙ୍କୁ ବିଦାକି ଦେଲେ ନାହିଁ । ଡ୍ରାଇଭରକୁ ପାଣି ଗୋଟିଏ ଗ୍ଲାସ ଯାଚିଲେନି । ଶଂଖୁଆକୁ କୋଡ଼ିଏ ଟଙ୍କା

Digitized by srujanika@gmail.com

ଦେଇଥିଲେ । ତାଙ୍କର କେହି ମୁରବୀ ନାହାନ୍ତି କହି ମୁଁ ସେମାନଙ୍କୁ ବିଦାବିଦି କରିଦେଲି ।

ରାତି ନ'ଟା ବେଳକୁ ଆସିବାକୁ କହିଥିଲେ ବି ରାତି ୧୧ଟା ବେଳକୁ ବରଯାତ୍ରୀମାନେ ଆସି ପହଁଚିଲେ, ଓ.ଏମ୍.ପି. ଡାକ ବଙ୍ଗଳାରେ । ସେଠି ସେମାନଙ୍କୁ ଯଥୋଚିତ ସମ୍ବର୍ଦ୍ଧନା କରାଗଲା । ବାଣ ଫୁଟାଇ ବରର ରୋଷଣୀ ଆସି ପହଁଚିଲା, ଆମ ଘରେ ରାତ୍ରି ସାଢ଼େବାରଟା ବେଳକୁ । ଆମ କାମେରାମ୍ୟାନ୍ ତିନିଥର ତା ଘଡ଼ି ଦେଖିଲାଣି । ଯା ହେଉ ଯଥା ରୀତିରେ ବରଯାତ୍ରୀ ମାନଙ୍କର ସତ୍କାର କରାଗଲା । ବିବାହ କାର୍ଯ୍ୟ ରାତି ଗୋଟାକ ବେଳକୁ ଆରମ୍ଭ ହେଲେ ହେଁ ଶେଷ ହେଲା ବେଳକୁ ରାତି ପାହି ଆସୁଥାଏ ।

ହଠାତ୍ କଳା ବାଦଲ ଘୋଟି ଆସିଲା, ବିନା ମେଘରେ ବିଜୁଳି ଘଡ଼ଘଡ଼ି । ବରପକ୍ଷର ସମସ୍ତେ ଜିଦ୍ ଧରି ବସିଲେ କନ୍ୟାକୁ ବିଦା କରିଦିଅ । ଆମେ ନ ଖାଇ ନପିଇ ଚାଲିଯିବୁ । ଆମକୁ ଅସମ୍ମାନ କରାଯାଇଛି । ମୁଁ କିଛି ବୁଝି ପାରିଲି ନାହିଁ । ପଚରା ଉଚୁରା ପରେ ବୁଝିଲି ମୋ ପୁଅ ଓ ବରର ସାନଭାଇ ଭିତରେ କିଛି ବଚସା ହୋଇଛି । ରାତିରେ ସେମାନେ କିଛି ଥଣ୍ଡା ପାନୀୟ ମାଗିଛନ୍ତି । ମୋ ପୁଅ କହିଛି, ସରି ଯାଇଛି, ଟିକିଏ ଅପେକ୍ଷା କରନ୍ତୁ, ମୁଁ ବଜାରରୁ ଆଣି ଦେଉଛି । ମା ତାଙ୍କର ରାତିରୁ ଚାଲି ଯାଇଥାନ୍ତି । ମୁରବୀ କେହି ନାହାନ୍ତି । ମୁଁ ଅନୁନୟ ବିନୟ ହେଇ ଜଣ ଜଣକୁ କ୍ଷମା ମାଗିଲି । କିଛି ଫଳ ହେଲାନି । ଏପରିକି ତାଙ୍କ ବଡ଼ବାପା କହିଲେ ମୋ କଥା କେହି ବୁଝି ନାହାନ୍ତି । ହୁଏତ ମୁଁ ନିଜେ ତାଙ୍କ କଥା ବୁଝୁଥିଲି । ଏହାର ରହସ୍ୟ ବୁଝି ପାରିଲିନି । ଉତ୍ତମକୁ ଡାକି କହିଲି । ସେ କହିଲେ ଯେଉଁ ଭାଇ ମୋ ସାମ୍ନାକୁ ଆସେନି, ସେ ଆସି କହି ଯାଇଛି ପଳାଇଯିବ । ମା ବି ଯିବା ପାଇଁ ଫୋନ୍ କଲେଣି । ଯା ହେଉ ସେ ମୋ କଥା ମାନି ରହିଲେ । ଗୋଟିଏ ମିଠା ଖାଇଲେ । ପରେ ସମାଧାନ ହେବ ଭାବି ମୁଁ ବରକନ୍ୟାଙ୍କୁ ତରବରରେ ବିଦା କରିଦେଲି । ଏଇ ଅଶାନ୍ତ ପରିବେଶରେ ଉତ୍ତମର ରିସେପ୍ସନକୁ ସେମାନେ ଆମକୁ ଡାକିଲେନି କି ଆମର କେହି ଗଲେ ନାହିଁ ।

୨୬.୪.୨୦୦୦ ଦିନ ଚତୁର୍ଥୀ । ୪ର୍ଥୀ ଅଷ୍ଟମଙ୍ଗଳା ଓ ସଂଖୁଳା ଭାରବେଭାର ନେଇ ମୋ ପୁଅ ଗଲା ତାଙ୍କ ଘରକୁ । ଭାରବେଭାର କୁଆଡ଼େ ତାଙ୍କ ମନକୁ ଗଲା ନାହିଁ । ମୋ ପୁଅକୁ ବେଭାର କଲେ ନାହିଁ । ସେ କିଛି ନକହି ଫେରି ଆସିଲା । ମୁଁ ଶୁଣି କହିଲି ସମୟ ବଡ଼ ବଳବାନ । ସମୟ କ୍ରମେ ସବୁ ସୁଧୁରିଯିବ । ଟିକିକୁ ଚିଠି ଦେଲି ଧୈର୍ଯ୍ୟରସହ ସବୁ ସହିଯିବାକୁ । ନିଜର ବଂଶ ମର୍ଯ୍ୟାଦା ଓ ସ୍ୱାଭିମାନକୁ ବଳି ନଦେଇ । ମୁଁ ଜାଣେ ସେ ସହନଶୀଳତାର ଗୋଟେ ଅବତାର ।

୩୦.୪.୨୦୦୦ ଉତ୍ତମ ନିଜେ ଫୋନ କଲେ ବାବୁ ଓ ମୋ ପାଖକୁ - ବିର୍ଭାଘର ଦିନର ସବୁ କଥା ଭୁଲିଯିବାକୁ । ୨.୫.୨୦୦୦ରେ ଆମ ଘରକୁ ବୁଲି ଆସିବା ପାଇଁ ପ୍ରତିଶ୍ରୁତି ଦେଲେ । ଟିକି ମଧ୍ୟ ଫୋନ୍‌ରେ କଥାବାର୍ତ୍ତା କଲା । ମୁଁ ଖୁସି ହେଲି । କେହି ଆସିଲେନି । ୧୦.୫.୨୦୦୦ ସକାଳେ ମୁଁ ଫୋନ୍ କଲି । ୧୧ ତାରିଖ ସକାଳେ ଆସିବେ ବୋଲି ଉତ୍ତମ ପ୍ରତିଶ୍ରୁତି ଦେଲେ । ସେ ଦିନ ରାତିରେ ଟିକି ଫୋନ୍ କରି କହିଲା ତାଙ୍କ ଶାଶୁ ଚାହୁଁ ନାହାନ୍ତି ସେମାନେ ୧୧ ତାରିଖରେ ଆସିବେନି । ସେହିଦିନ କୈଳାଶ ଫୋନ୍ କରି କହିଲେ ସେମାନେ

Digitized by srujanika@gmail.com

ଭାର ବେଭାରରେ ସନ୍ତୁଷ୍ଟ ନୁହନ୍ତି । ଲକ୍ଷେଟଙ୍କା କେବଳ ବାଟଖର୍ଚ୍ଚ ପାଇଁ ନେଇଛନ୍ତି । ଭାର ବେଭାର କିଛି ପାଇ ନାହାନ୍ତି । ମୁଁ କହିଲି ସେମାନଙ୍କର ପରା ଯୌତୁକ ଦାବୀ ନଥିଲା । ସବୁ ଜିନିଷତ ଭୁବନେଶ୍ୱର କଳାମନ୍ଦିରରୁ ସେମାନେ ତାଙ୍କ ପସନ୍ଦ ମୁତାବକ କିଣିଛନ୍ତି । ମୁଁ ରାଧାଗୋବିନ୍ଦ ରାୟ ଦୋକାନରୁ ୨୫୦ ଗ୍ରାମ ଓଜନର ସୁନା ଗହଣା କିଣି ଦେଇଛି । ସବ୍‌ଷ୍ଟାଣ୍ଡାର୍ଡ କେଉଁଟା ? ସେ ଯଦି ଆଉ କିଛି ନେବାକୁ ଚାହିଁବେ ଦିଆଯିବ । ମୁହଁ ଖୋଲି କହୁ ନାହାନ୍ତି ?

ପୁଅ ସ୍ୱାଭାବିକ ସଂପର୍କ ଫେରାଇ ଆଣିବାକୁ ଚାହୁଁଥିବା ବେଳେ ମା ତାର ବିରୋଧ କରୁଛି । ପରିବାରର ସମସ୍ତ କଥା ଜାଣିବା ପରେ ମୁଁ କ୍ଷୁବ୍‌ଧ ହୋଇଥିଲି ।

ବିଭାଘର ପୂର୍ବରୁ କଥା ହୋଇଥିଲା ବିବାହର ୧୫/୨୦ ଦିନ ପରେ ସେମାନେ ଟିକିକୁ ଆମ ଘରକୁ ପଠାଇଦେବେ । ସେ ତାର କମ୍ପ୍ୟୁଟର କୋର୍ସ ଶେଷ କଲାପରେ ଫେରିଯିବ । ସେଇ ସର୍ତ୍ତରେ ସେ ବିବାହ କରିବାକୁ ରାଜି ହୋଇଥିଲେ । ୧୪.୫.୨୦୦୦ରେ ଟିକି ଫୋନ୍ କଲା ବାବୁକୁ ପଠାଇବା ପାଇଁ । ବାବୁ ଗଲେ ସେମାନେ ଆସିବେ । ବାବୁ ଘରେ ନଥିଲା । ସେ ୧୫ ତାରିଖରେ ଆସିବାରୁ ସେଦିନ ଗାଡ଼ି ନେଇଗଲା ଓ ସେମାନେ ଆସିଲେ । ସେଠି ବାବୁକୁ ବି ଯୌତୁକ କଥା କହିଲେ ।

ମୁଁ ଭାବିଲି ସେମାନେ ତ ଯୌତୁକ ନେବାପାଇଁ ମନାକଲେ । ତାଙ୍କର ଯାହା ଦରକାର କହିଲେ ତ ମୁଁ ଦିଅନ୍ତି । ଏପରି ବ୍ୟବହାର ଦେଖାଉଛନ୍ତି କାହିଁକି ? କାହାରି ପ୍ରରୋଚନାରେ ଏପରି କରୁ ନାହାନ୍ତି ତ ? ଯାହେଉ ଉତ୍ତମ ଆମ ଘରେ ତିନିଦିନ ରହିଲେ । ଯୌତୁକ ପ୍ରଶ୍ନ ଉଠାଇ ନାହାନ୍ତି । ତାଙ୍କପାଇଁ ବେଭାର ଲୁଗାପଟା ରାଜହଂସରୁ ନିଜେ ଯାଇ କିଣି ଆଣିଲେ । ବାବୁ ନେଇ ଛାଡ଼ି ଦେଇ ଆସିଲା । ଟିକି ତାର କମ୍ପ୍ୟୁଟର କୋର୍ସରେ ମନନିବେଶ କଲା ।

ଟିକିର କମ୍ପ୍ୟୁଟର କୋର୍ସ ଶେଷ ହେଲା । ପରୀକ୍ଷା ଦେଲା । ପରୀକ୍ଷାରେ ଶୀର୍ଷସ୍ଥାନ ଅଧିକାର କଲା । ଏବେ ଶାଶୁ ଘରକୁ ଫେରିଯିବା କଥା । ସେମାନେ ନେବା ପାଇଁ ନ ଆସିଲେ ମୁଁ ପଠାଇବି କେମିତି ? ୩.୧୦.୨୦୦୦ରେ ଉତ୍ତମ ଟିକି ଓ ବାବୁକୁ ଫୋନ୍ କରି କହିଲେ ଟିକିକୁ ଭୁବନେଶ୍ୱରରେ ଛାଡ଼ି ଦେଇ ଯିବାକୁ । ଟିକି ଯାଇଁ ପହଁଚିଲେ ସେ ଦୁହେଁ ଯିବେ ତାଙ୍କ ବାପାଙ୍କର ଅସ୍ଥି ବିସର୍ଜନ ପାଇଁ । ମୁଁ ସେ ଦୁହିଁଙ୍କ କଥାରେ ବିଶ୍ୱାସ କରି ଟିକି ଯିବାର ସବୁ ବ୍ୟବସ୍ଥା କଲି । କାରିଗର ଆସି ମିଠା ପ୍ରସ୍ତୁତ କଲା । ଲୁଗାପଟା କିଣା ସରିଲା ।

୭ ତାରିଖ ମହାଷ୍ଟମୀ । ସେ ଦିନ ଯିବାକୁ ସ୍ଥିର ହୋଇଥାଏ । ଯିବା ବାଟରେ ଡା. ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଝିଅକୁ ଦେଖିବାର ଥାଏ । ବିଧିର ବିଡ଼ମ୍ବନା । ପୂର୍ବଦିନ ୬.୧୦.୨୦୦୦ ରାତିରେ ଟିକିର ଶାଶୁ ଟିକିକୁ ଫୋନ୍ କଲେ, ସେ ନକହିବା ପର୍ଯ୍ୟନ୍ତ ଟିକି ତା ଶାଶୁ ଘରକୁ ଫେରିବନି । ତଥାପି ମୁଁ ତାକୁ ନେଇକରି ଗଲି । କୈଳାଶ ଘରେ ଆମେ କଥାବାର୍ତ୍ତା ହେଲୁ । ଟିକି ଯିବା ପାଇଁ ରାଜି ହେଲାନାହିଁ । ଶେଷରେ ଠିକ୍ ହେଲା ତାଙ୍କ ଘର ପାଇଁ ଆସିଥିବା ମିଠେଇ ସବୁ ନେଇ କୈଳାସ ଓ ବାବୁ ଯିବେ । ସେ ଦୁହେଁ ଗଲେ । ତା ଶାଶୁ ଘର ଖୋଲିଲେ ନାହିଁ । ଏମାନେ ଫେରି ଆସିଲେ । ମୋ ସ୍ୱାଭିମାନରେ ଆଂଚ

Digitized by srujanika@gmail.com

ଆସିଲା । ତଥାପି ମୁଁ ବିବ୍ରତ ନ ହୋଇ ଟିକିକୁ ସାଥିରେ ନେଇ ଫେରି ଆସିଲି ।

୨୧.୧୧.୨୦୦୦ରେ ମୁଁ ଏକୁଟିଆ ତାଙ୍କ ଘରକୁ ଗଲି । ତାଙ୍କ ମା ଦେହ ଅସୁସ୍ଥ କହି ଶୋଇ ରହିଲେ । ତାଙ୍କ ମାମୁ ଆସି କଥାବାର୍ତ୍ତା କଲେ । ତାଙ୍କ କଥାବାର୍ତ୍ତାରୁ ଜାଣିଲି, ଟି.ଭି., ରେଫ୍ରିଜିରେଟର ସମେତ ଘରର ଆସବାବପତ୍ର ଓ ଭୁବନେଶ୍ୱରରେ ଝିଅ ନାମରେ ଖଣ୍ଡେ ପ୍ଲଟ ଦେବାକୁ ପଡ଼ିବ । ମୋର ଅନ୍ୟ ଝିଅମାନେ କ'ଣ ନେଇଛନ୍ତି ତାର ହିସାବ ସେ ରଖିଛନ୍ତି । ମୋର ଏଥିରେ କିଛି ଆପତ୍ତି ନଥିଲା । ମୁଁ ତ ବହୁତ କିଛି ଦେବାପାଇଁ ପ୍ରସ୍ତୁତ ଥିଲି । ହସି ହସି କହିଲି ଏତିକି ଆଗରୁ କହିଥିଲେ କ'ଣ ହୋଇ ନଥାନ୍ତା ? ମନ ଖୁସିରେ ଘରକୁ ଫେରିଲି ।

ମୁଁ ଘରେ ନଥିବା ବେଳେ ୭.୧୦.୨୦୦୦ରେ ଟିକି ଶାଶୁ ଆସି ଟିକିକୁ ତାଙ୍କ ଘରକୁ ନେଇଗଲେ । ସେଠି ତା ଦେହ ଖରାପ ହେଲା । ଧାନକଟା ବେଳ । ମୁଁ ଗ୍ରାମରେ ଥାଏ । ଅରୁଣ (ବେବୀର ସ୍ୱାମୀ, ଡାକ୍ତର ଅରୁଣ କୁମାର ମହାନ୍ତି) ଦେଖାଦେଖି କରୁଥାନ୍ତି ବୋଲି ଶୁଣିଲି । ଟିକି ଦେହ ବହୁତ ଖରାପ ହେବାରୁ ମୁଁ ନ ଥିବା ସମୟରେ ମୋ ଅଜଣାରେ ୨୦୦୧ ଜାନୁଆରୀ ଆଠ ତାରିଖ ରାତିରେ ଆଣି ଆମ ଘରେ ଛାଡ଼ି ଦେଇଗଲେ । ଆମ ଘରେ ରହୁଥିବା ପାଗଳା ରାତି ୧୦ଟାରେ ମତେ ଫୋନ୍ କଲା ।

ମୁଁ ୯ ତାରିଖ ସକାଳ ଆଠଟା ବେଳେ ପହଁଚି ଯାହା ଦେଖିଲି ସେଥିରେ ମୋ ଆଖି ଖୋସି ହୋଇଗଲା । ଟିକି ନିଃଶ୍ୱାସ ନେଇ ପାରୁନାହିଁ । ଗୋଟାପଣ ଫୁଲି ଯାଇଛି । ରକ୍ତ ଆଦୌ ନାହିଁ, ମାସକ ଭିତରେ ଏମିତି କି ରୋଗ ହେଲା । ସେମାନେ କେବଳ ଗୁଣି ଗାରେଡ଼ି କରୁଥିଲେ। ଅରୁଣ କରୁଥିଲେ କ'ଣ ? ମୁଁ ଆଉ ଲୁଗା ପାଲଟିବି କ'ଣ ସାଥେ ସାଥେ ପାର୍ବତୀ ନର୍ସିଂହୋମକୁ ଧାଇଁଲି । ଡାକ୍ତରାଣୀ ପ୍ରଭାତ ନଳିନୀ ଦେବୀ ଆସିଲେ । ତାଙ୍କରି ଗାଡ଼ିରେ ତାଙ୍କ ନର୍ସିଂହୋମକୁ ନେଇଗଲି । ସେଠି ଅମ୍ଳଜାନ ଦିଆଗଲା ଓ ସାଲାଇନ୍ ଚାଲିଲା । ରୋଗ ନିର୍ଣ୍ଣୟ ପୂର୍ବରୁ କିପରି ବଂଚିବ ସେ ଚିନ୍ତା । ରକ୍ତ ଭଣ୍ଡାରରୁ ରକ୍ତ ଆଣି ସାଥେ ସାଥେ ଦିଆଗଲା । ପାଗଳା ନିଜେ ତା ରକ୍ତ ଦେଇ ରକ୍ତ ବୋତଲେ ଧରି ଆସିଥିଲା । ଆମ ଭଡ଼ାଟିଆ ପଡ଼ୋଶୀମାନେ ତାକୁ ଜଗି ବସିଥାନ୍ତି । ଡାକ୍ତରାଣୀ ଭାବୁଥାନ୍ତି Ruptured Tubal Pregnancy, ମୋର ଆଶଙ୍କା ରକ୍ତ କର୍କଟ ରୋଗ । ଏତିକି ବେଳେ ତା ଶାଶୁ ଗହଣା ପୁଟୁଳିଟା ଧରି ଆସି ପହଁଚିଲେ । ଯେମିତ ଲାଗୁଥିଲା ସେ ତାର ମରଣକୁ ଚାହିଁ ବସିଥିଲେ । ମୋ ଅନୁପସ୍ଥିତିରେ ତା ମରଣ ନିଶ୍ଚିତ ଭାବି ବୋଧହୁଏ ସକାଳୁ ମୁର୍ଦ୍ଦାର ଦେଖିବାକୁ ଆସିଥିଲେ ।

୧୦ ତାରିଖ ସକାଳେ ବାବୁ ଆସି ପହଁଚିଲା । ସେ ବୋତଲେ ରକ୍ତ ଦେଲା। ଏବେ ତାକୁ ପରୀକ୍ଷା କରି ଦେଖିବା ସମ୍ଭବ ହେଲା । କଫ, ରକ୍ତ, ପେଟରୁ ପାଣି ନେଇ ପରୀକ୍ଷା କରାଗଲା । ମୁଁ ତାକୁ ନେଇ ଛାତି ଏକ୍ସରେ ଓ ଅଲଟ୍ରାସାଉଣ୍ଡ କରାଇଲି । ଛାତି ଫଟୋରୁ ଯାହା ଦେଖିଲି ନିଜେ ବି ବିଶ୍ୱାସ କରି ପାରିଲି ନାହିଁ । ଦୁଇଟା ଯାକ ଫୁସ୍‌ଫୁସ୍ ପ୍ରାୟ ନାହିଁ । ଯକ୍ଷ୍ମା ବୋଲି ରୋଗ ନିର୍ଣ୍ଣୟ

Digitized by srujanika@gmail.com

ହେଲା। ସେ ଦିନ ରାତିରେ ମିସେସ୍ ବିଶ୍ୱାଳ ଫୋନ୍ କରି ଟିକି ସ୍ୱାସ୍ଥ୍ୟ କଥା ପଚାରିଲେ । ମୁଁ ନର୍ସିଂହୋମରୁ ବୁଝିବାକୁ ପରାମର୍ଶ ଦେଲି ।

ରୋଗ ନିର୍ଣ୍ଣୟ ପରେ ମୁଁ ୧୨ ତାରିଖ ତାକୁ ନର୍ସିଂହୋମରୁ ଘରକୁ ନେଇ ଆସିଲି । ଯକ୍ଷ୍ମାରୋଗ ବିଶେଷଜ୍ଞ ପ୍ରଫେସର ରମେଶ ଭୁଟିଆ, ଭେଷଜ ବିଶେଷଜ୍ଞ ପ୍ରଫେସର ସବ୍ୟସାଚୀ ଦାଶଙ୍କ ପରାମର୍ଶରେ ଚିକିତ୍ସା ଚାଲିଲା । ୬ଟି ଆଣ୍ଟିବାଇଓଟିକ୍ ସାଥିରେ ପ୍ରୋଟିନ୍, ଆଇରନ, ଭିଟାମିନ୍ ଇତ୍ୟାଦି ଦିଆଗଲା । ଦୂର ସଂପର୍କୀୟ ଭାଇ ଡାକ୍ତର ବ୍ରହ୍ମାନନ୍ଦ ପରିଡ଼ା ବି ଆସି ଦେଖୁଥାନ୍ତି । ସେ ବି ଜଣେ ଯକ୍ଷ୍ମାରୋଗ ବିଶେଷଜ୍ଞ ।

ସମସ୍ତଙ୍କର ଚିନ୍ତା ଏ ରୋଗ ଆସିଲା କେଉଁଠୁ ? ଏତେ ଶୀଘ୍ର ଏତେ ବ୍ୟାପକ କ୍ଷତି କଲା କିପରି ? ଯୌତୁକ ପାଇଁ ମାନସିକ ନିର୍ଯାତନାର ଶିକାର ହୋଇ ଖାଇବା ପିଇବା ବଂଦ କରି ଦେଇଛି । ଦୁର୍ବଳ ଅବସ୍ଥାରେ ନିଜ ଦେହରେ ଥିବା ଜୀବାଣୁ ବା ବାହାରର ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଛି ବୋଲି ଧରିନେଲୁ ।

ଔଷଧ ସେବନର ମାତ୍ର ୧୦ ଦିନ ପରେ ଆଖି ହଳଦିଆ ହୋଇଗଲା । ପରିସ୍ରାରେ ବାଇଲ ପିଗମେଣ୍ଟ ଓ ରକ୍ତରେ ସିରମ ବିଲିରୁବିନର ମାତ୍ରା ବଢ଼ିଗଲା । କିନ୍ତୁ କଫରେ ଆଉ ଯକ୍ଷ୍ମା ଜୀବାଣୁ ଦେଖାଗଲେ ନାହିଁ । ଏତେ ଶୀଘ୍ର କେମିତି ସ୍ପୁଟମ୍ ନେଗେଟିଭ୍ ହେଲା ତାହାବି ଚିନ୍ତାର ବିଷୟ । ଡାକ୍ତର ଭୁଟିଆଙ୍କ ପରାମର୍ଶ ଅନୁସାରେ Refampicin ବନ୍ଦ କରି ଦିଆଗଲା । ୧୫ ଦିନ ପରେ କ୍ରମ ବର୍ଦ୍ଧିଷ୍ଣୁ ଅନୁପାନରେ ଦେଲେ ବି ପୁଣି ଜଣ୍ଡିସ ଦେଖାଗଲା । ରିଫାମ୍ପିସିନ୍ ପୁରା ବଂଦ କରି ଦିଆଗଲା । ୧୦୦ ଦିନ ପରେ ଷ୍ଟ୍ରେପ୍ଟୋମାଇସିନ୍ ମଧ । ଏବେ ମାତ୍ର ଚାରୋଟି ଆଣ୍ଟିବାଇଓଟିକ୍ ଚାଲିଲା ।

ଟିକି ଏବେ ଆରୋଗ୍ୟ ପଥରେ ଅଗ୍ରସର ହେଲା । ବଂଚିବାର ଆଶା ଉଦ୍ରେକ ହେଲା । ନିଜେ ଖିଆ ପିଆ କରି ବୁଲାଚଲା କଲା। କିନ୍ତୁ ଜ୍ୱର ପୂରା ଛାଡୁ ନ ଥାଏ । ସ୍ପୁଟମ୍ ତ ନେଗେଟିଭ୍ ଥିଲା । କଲଚରରେ କିଛି ଗ୍ରୋଥ ହେଉ ନଥାଏ । କୁଳବୃଦ୍ଧ ଯକ୍ଷ୍ମା ଡାକ୍ତର ପ୍ରଫେସର ଏସ୍.ଏନ୍. ତ୍ରିପାଠୀଙ୍କୁ ଦେଖାଇଲି । ତାଙ୍କର ବି ସେହି ପ୍ରଶ୍ନ ଏତେ ଶୀଘ୍ର ସ୍ପୁଟମ ନେଗେଟିଭ୍ ହେଲା କିପରି ? ଅନ୍ୟ ଅର୍ଥରେ ପ୍ରଥମ ସ୍ପୁଟମ ପରୀକ୍ଷା ରିପୋର୍ଟ ଭୁଲ ହୋଇପାରେ । ଫୁସ୍‌ଫୁସ୍‌ର କ୍ଷତ Staphylocous କି Fungus ଜୀବାଣୁ ଦ୍ୱାରା ହୋଇପାରେ । ଏ ସବୁ ସତ୍ତ୍ୱେ ଟିକି ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଆସୁଥାଏ । ୪.୫.୨୦୦୧ରେ ବାବୁର ବିବାହ ଭୋଜି ଖାଇବାକୁ ଅଶୋକା ହୋଟେଲକୁ ଗଲା ।

ଜ୍ୱର କିନ୍ତୁ ପୂରା ଛାଡୁ ନ ଥାଏ । ବେଳେ ବେଳେ ରାତିରେ ବାଉଳି ଚାଉଳି ହୁଏ । ବ୍ରହ୍ମାନନ୍ଦ କହିଲେ ଏତେ ଔଷଧ ସତ୍ତ୍ୱେ ଜ୍ୱର ଛାଡୁନାହିଁ କାହିଁକି ? କେହି ଗୁଣି ଟୁଣି କରିଛି କି ? ମୋର ଗୁଣି ଟୁଣିରେ ବିଶ୍ୱାସ ନ ଥିଲେ ବି ମନକୁ ପାପ ଛୁଇଁଲା । ମୋ ଭଣଜା କୁଟିଆ ପରାମର୍ଶରେ ତାକୁ ଇଉନିଟ ୯ରେ ଥିବା ଅଂଧ ବଧୀର ସ୍କୁଲର ଜଣେ ଶିକ୍ଷକ ଗୁଣିଆ ପଂଚାନନ ପାଢ଼ୀଙ୍କୁ ୨୫.୬.୨୦୦୧ରେ ଦେଖାଇଲି । ସେ ଦେଖାଦେଖି କରି କହିଲେ, ଗୁଣି କରି ତାକୁ ମାରି ଦେଇଥାନ୍ତା । ଆପଣ ଠିକଣା ସମୟରେ ଆଣିଛନ୍ତି । ରକ୍ଷା ହୋଇ ଯାଇଛି । ସେ କିଛି ଦୁବ ଓ ଔଷଧ ଦେଇ କଣ ସବୁ କରିବାକୁ ହେବ କହିଲେ

Digitized by srujanika@gmail.com

ଓ ୧୪ ଘଣ୍ଟା ଭିତରେ ଫଳ ମିଳିବ ବୋଲି ସାହାସ ଦେଲେ । ତଥାପି ତାର ଘୁମୁସା ଜର (ସ୍ଲୋ ଫିଭର) ଲାଗି ରହିଲା ।

ଭଲ ହୋଇଯିବାରୁ କମ୍ପ୍ୟୁଟର ସ୍କୁଲ ନିଟ୍‌ରୁ ତା ମାର୍କ ଆଣିଲା । ଇଗ୍‌ନୋରୁ ନାମ ଲେଖା ପାଇଁ ଫର୍ମ ଆଣିଲା । ଉତ୍ତମ ସହ ଫୋନ୍‌ରେ କଥାବାର୍ତ୍ତା କଲା ଫେରିଯିବା ପାଇଁ ।

ମନ ଯାହା ଚାହେଁ ତା ସବୁବେଳେ ମିଳେନି । ଇଚ୍ଛାମୟଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହୁଏ, ସୃଷ୍ଟିର ମଙ୍ଗଳ ପାଇଁ । ୧୯.୭.୦୧ ଗୁରୁବାର ଅମାବାସ୍ୟା, ସଂକ୍ରାନ୍ତି । ସବୁଦିନ ପରି ରାତି ୧୦.୩୦ରେ ଖାଇଲା । ଜ୍ୱର ମାତ୍ର ୯୯°F । ରାତି ୧୧.୩୦ ମିନିଟ ପର୍ଯ୍ୟନ୍ତ ଭାଉଜ ସହ ଗପସପ କଲା । ମୋ ପାଖ ରୁମ୍‌ରେ ସବୁଦିନ ପରି ଶୋଇଲା । ଏଇଥିଲା ତା ପାଇଁ ଶେଷ ରାତ୍ରୀ - କାଳରାତ୍ରୀ ।

ରାତି ଗୋଟାକ ବେଳେ ଚିତ୍କାର କରି ମୋ ଘରକୁ ପଶି ଆସିଲା । ହାତରେ କିଛି ରକ୍ତ ଆଉ ବାପା ବୋଲି ଶେଷ ଡାକ । ପାଗଳା ଉଠି ତାକୁ ଟେକି ନେଇ ତା ଖଟିଆରେ ଶୁଆଇ ଦେଲା । ଗୋଟେ ଦୁଇଟି ଦୀର୍ଘଶ୍ୱାସ ପରେ ସବୁ ଶେଷ । ମୁଁ ଛିଡ଼ା ହୋଇଛି । Cardiac massage, mouth to mouth breathing କିଛି କାମ ଦେଲାନି । ଘରେ ଅମ୍ଳଜାନ ନ ଥାଏ । ବାବୁ ଓ ତା ସ୍ତ୍ରୀ ଉଠି ଆସି ଅମ୍ଳଜାନ ପାଇଁ ଦଉଡ଼ିଲେ ନର୍ସିଂହୋମ । ଡାକ୍ତରାଣୀ ଆସିଲେ । କ'ଣ ହେବ ?

ଗୋଟିଏ ବୃନ୍ତରେ ୫ଟି ଫୁଲ । ସବୁଠୁ କଅଁଳିଆ ଫୁଲଟି ଝଡ଼ି ପଡ଼ିଲା ଅକାଳରେ । ସତେ ଯେମିତି ଅଭିଶପ୍ତ ଦେବକନ୍ୟା ଅଭିଶାପ ଭୋଗିବା ପରେ ହସି ହସି ଦେବଲୋକକୁ ଚାଲିଗଲା । ତା ଇଚ୍ଛା ବିରୁଦ୍ଧରେ ପରିବାରର ସମସ୍ତଙ୍କ ଅନିଚ୍ଛା ସତ୍ୱେ ବାହା ଦେଇଥିଲି ଭଲରେ ରହିବ ବୋଲି । ସେ ଚାଲିଗଲା ଏବେ ମୁଁ ଛିଡ଼ା ହୋଇଛି କାଠଗଡ଼ାରେ ।

ତା ଶାଶୁଘରକୁ ଫୋନ୍ କରାଗଲା । ଘଣ୍ଟାକ ଭିତରେ ଶାଶୁ, ଉତ୍ତମ, ଭଣଜା ପୁରନ୍ଦର (ବାଇଆ) ଆଉ ଜଣେ ଦିଜଣ ସଂପର୍କୀୟ ଆସି ପହଁଚି ଗଲେ । ଏ ଭଳି ଗୋଟେ ଅଘଟଣ ଘଟିବ ବୋଲି ଜାଣି ସେମାନେ କୁଆଡ଼େ ଶୋଇ ନ ଥିଲେ । ଡାକ୍ତରୀ ଶାସ୍ତ୍ର ମୃତ୍ୟୁର ସଠିକ୍ କାରଣ କହିପାରୁନି । ହୋଇପାରେ ଗୁଣିଆର ପ୍ରଭାବ ।

ଆମ ଲୋକ ସବୁ ଗୁଣ୍ଡ ହୋଇଗଲେ । ମୁଁ ନିସ୍ତବ୍ଧ । ବାକ୍‌ଶକ୍ତିହୀନ । ଗାଡ଼ି ବ୍ୟବସ୍ଥା କରି ଦିଆଗଲା ।. ଶବକୁ ସେମାନେ ନେଇଗଲେ । ସାଥୀରେ ଗଲେ ବାବୁ ଓ ପାଗଳା । ପୁରୀ ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କରାଗଲା ।

ଟିକିର ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ବାବୁ ଓ ପାଗଳା ଯାଇଥିଲେ ଭୁବନେଶ୍ୱର । ସେଠି ବାବୁର ଉତ୍ତମ ସହ ବଚସା ହୋଇ ମାଡ଼ପିଟ ପର୍ଯ୍ୟନ୍ତ କଥାଗଲା । ଖଣ୍ଡଗିରି ଥାନାରେ ମୀମାଂସା ହେଲା । ମୋର ଆଉ ସେ ପରିବାର ସହ ସଂପର୍କ ନାହିଁ ।

## ବାବୁର ବାହାଘର

ବାବୁ ରାଉରକେଲା ଇଂଜିନିଅରିଂ କଲେଜରେ ଇଲେକ୍‌ଟ୍ରୋନିକ୍ସରେ ଏମ୍.ଏସ୍‌ସି କଲାପରେ ସେଇ କଲେଜରେ ସାମୟିକ ଭାବେ ଅଧ୍ୟାପନା କରି କିଛି ପଇସା ପାଉଥାଏ । ଆଇ.ଏ.ଏସ୍ ପରୀକ୍ଷାରେ ଅକୃତକାର୍ଯ୍ୟ ହେବାପରେ ଆଇ.ଏଫ୍.ଏସ୍ ଓ ପିଏଚ୍‌ଡି ପାଇଁ ପ୍ରସ୍ତୁତି ଚଳାଇଥାଏ । ମୁଁ ତ ବରାବର

Digitized by srujanika@gmail.com

ରାଉରକେଲା ଯାଉଥାଏ । ହଠାତ୍ ଦିନେ ଯାଇଁ ଦେଖିଲି ସେ ଗୋଟେ ଘରୋଇ କଲେଜ (ଗାନ୍ଧୀ କଲେଜ)ରେ ଚାକିରୀ କରିଛି । ଦରମା ମାସକୁ ସାତଶହ ଟଙ୍କା । ଯିବା ଆସିବା ୨୦ କିଲୋମିଟର । ମଟର ବାଇକରେ ଯାଉଛି । ମୋ ମୁଣ୍ଡ ଘୂରିଗଲା । ଏ ପଇସା ଆମର କ'ଣ ହେବ ? ଇଲେକ୍ଟ୍ରୋନିକ୍ସରେ ଟପ୍ପର ହୋଇଥିବା ପିଲା ଘରୋଇ କଲେଜ ଆଡ଼କୁ ମୋହିଁବ ? ମୁଁ ତାଙ୍କ ପ୍ରିନ୍ସପାଲଙ୍କୁ ଦେଖାକଲି । ସେ କହିଲେ ଏ ଚାକିରୀ ସ୍ଥାୟୀ ହେବାର ନାହିଁ । ଆମେ ହୁଏତ ଦରମା କିଛି ବଢ଼ାଇଦେବୁ । ତାକୁ କିଛି ନ କହି ମୁଁ ଫେରି ଆସିଲି ।

ତା'ର ଫିଜିକ୍ସ ପ୍ରତି ବିଶେଷ ଆଗ୍ରହ । ତେଣୁ ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍‌ସରେ ପିଏଚ୍‌ଡି ପାଇଁ ଚେଷ୍ଟା କଲି । ସେଠି ସେ ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହେଲା । ଆର୍‌ଇସିରେ ସ୍ଥାୟୀ ଚାକିରୀ ପାଇଁ Principal Secy. ମୀନାଗୁପ୍ତାଙ୍କୁ ଭେଟିଲି । ସେ କହିଲେ ସେ କଲେଜ ତ କେନ୍ଦ୍ର ସରକାରଙ୍କ ଅଧୀନରେ । ସେ ବେଳ ବି ଆସିନାହିଁ । ତୁମେ ବିଭାଗୀୟ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ କୁହ । ତାଙ୍କ ସହ ମୋର ଜଣାଶୁଣା ନାହିଁ । ସେ ସବୁ ଆଶା ଛାଡ଼ି ମୁଁ ତାର ବିବାହ କଥା ଚିନ୍ତା କଲି - ମନ ପରିବର୍ତ୍ତନ ହେବା ଆଶାରେ । ତାକୁ ମାତ୍ର ୨୪ ବର୍ଷ । ସେ ବିବାହ କରିବାକୁ ମନା କଲା । କହିଲା ମୋର କଣ ବୟସ ହୋଇଗଲାଣି ?

ତା ପ୍ରତିବାଦକୁ ଭ୍ରୂକ୍ଷେପ ନ କରି ଭଲ ପାତ୍ରୀଟିଏ ଖୋଜିବାକୁ ଲାଗିଲି । ଡାକ୍ତରାଣୀଟିଏ ବୋହୂ କରି ଆଣିବାକୁ ଇଚ୍ଛା । ଜଣାଶୁଣା ଲୋକଙ୍କ ଉପରେ ଆଖି ପକାଇଲି । ପ୍ରଫେସର ଆଦିକନ୍ଦ ସ୍ୱାଇଁଙ୍କ ଝିଅ ଡାକ୍ତରୀ ପଢୁଥାଏ । ସେ ମନାକଲେ । ଯେତେ ଡାକ୍ତରୀ ଝିଅ ଦେଖିଲି କେହି ରାଜି ହେଲେନି । ସମ୍ଭବତଃ ବାବୁର ଚାକିରୀ ନ ଥିଲା ବୋଲି । ଅନ୍ୟାନ୍ୟ ବହୁ ପ୍ରସ୍ତାବ ଆସିଲା । କେହି ମାଇକ୍ରୋବାଇଓଲୋଜିରେ ଏମ୍‌ଏସ୍‌ସି ତ କେହି ଇଂଜିନିଅରିଂ ଛାତ୍ରୀ । ଡାକ୍ତର ପାଲଙ୍କ ସାଙ୍ଗରେ ଜାଗାଏ ଦିଜାଗା ଯାଇଁ ଦେଖିଛି । କେଉଁଠି ମନ ମାନିଲାନି ।

ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ ଥାନ୍ତି ଭୁବନେଶ୍ୱର ହୋମିଓପାଥି ମେଡ଼ିକାଲ କଲେଜର ପ୍ରଫେସର । ଏତଦ୍ ବ୍ୟତୀତ ଓଡ଼ିଶାର ଜଣେ ଖ୍ୟାତନାମା କବି ଓ ନାଟ୍ୟକାର ତଥା 'ଶତଦ୍ରୁ' ସାହିତ୍ୟ ପତ୍ରିକାର ମୁଖ୍ୟ ସଂପାଦକ ଭାବେ ସୁପ୍ରତିଷ୍ଠିତ । ଡାକ୍ତର ନାୟକ ୧୯୭୪ରୁ ମୋର ଜଣାଶୁଣା । ସେ କଲିକତାରେ ହୋମିଓପାଥି ପଢୁଥିବା ବେଳେ, ତାଙ୍କ ଘର ଭଦ୍ରଖକୁ ଯେବେ ଆସନ୍ତି ଯାଜପୁରେ ଆମ ବସାରେ ରହନ୍ତି । ସେଇ ଦିନଠୁଁ ଆମ ସହ କ୍ଷୀର ନୀର ସଂପର୍କ । ମୁଁ ତାଙ୍କ ସହ ତାଙ୍କ ଘରକୁ ଯାଇଛି । ତାଙ୍କ ଭାଇ ମାନଙ୍କୁ ଜାଣିଛି । ତାଙ୍କ ଝିଅ ହୋମିଓପାଥିରେ ଡାକ୍ତରୀ ପାଶ୍ କରି ହାଉସ ସର୍ଜନ ଥାଏ । ତାଙ୍କ ବ୍ୟାଚର ବେଷ୍ଟ ଗ୍ରାଜୁଏଟ୍ । ମେଡିସିନ୍, ରିପରଟୋରୀରେ ଅନର୍ସ ପାଇଥାଏ । ପୋଷ୍ଟ ଗ୍ରାଜୁଏଟ କରିବ ବୋଲି ଗୋଡ଼ ଟେକି ବସିଛି ।

ସେ ଝିଅଟିକୁ ୫ ବର୍ଷ ତଳେ ମୁଁ କଲିକତାରେ ଦେଖିଥିଲି । ତାଙ୍କ ବାପାଙ୍କ ସାଙ୍ଗରେ ଯାଇଥାଏ । ବାବୁ ଓ ସେ ଉଭୟ ଯାଇଥିଲେ ମେଡ଼ିକାଲ ଏଣ୍ଟ୍ରାନ୍ସ ଦେବା ପାଇଁ । ସେ କାଳରୁ ଭାବିଥିଲି ଝିଅଟି ଡାକ୍ତରାଣୀ ହେଲେ ବୋହୁକରି ଆଣିବି । ମୋର ତାଙ୍କ ଘରକୁ ଯିବା ଆସିବା ଥିଲା । ମୁଁ ଡାକ୍ତର ନାୟକଙ୍କୁ ଏ

Digitized by srujanika@gmail.com

ପ୍ରସ୍ତାବ ଦେଲି । ସେ ତ ଆମକୁ ଓ ପୁଅକୁ ଜାଣିଛନ୍ତି । ରାଜି ହୋଇଗଲେ । ମୁଁ ଆସି କୈଳାଶ ସହ ପରାମର୍ଶ କଲି । ସେ ବି ରାଜି ହେଇଗଲା । ପିଲାର କୋଷ୍ଠି ଆଣିଲି । ବିଧୁଭୂଷଣ ମିଶ୍ର ଦେଖିଲେ କୋଷ୍ଠି ମେଳକ ହେଲା । ପିଲାର ହାଉସମ୍ୟାନସିପ୍ ସରିବ ୨୦୦୧ ଫେବୃୟାରୀରେ । ତା ପରେ ବିଭାଘର ।

କୈଳାଶ ଓ ମୁଁ ମିଶି ବାବୁକୁ କୌଣସି ପ୍ରକାରେ ବିଭାଘର ପାଇଁ ରାଜି କରାଇଲୁ । ବାବୁ ଓ ଟିକି ଦୁହେଁ ସାଥିହୋଇ ଝିଅ ଦେଖିବାକୁ ଗଲେ । ୭.୧୦.୨୦୦୦ରେ । ୧୩.୧୦.୨୦୦୦ରେ ବାବୁ ତାର ସମ୍ମତି ପ୍ରଦାନ କଲା । କିନ୍ତୁ କହିଲା ଏପ୍ରିଲ ପୂର୍ବରୁ ନୁହେଁ । କାରଣ ସେ ଆଇ.ଏଫ୍.ଏସ୍ ପାଇଁ ପ୍ରସ୍ତୁତି ଚଳାଇଥିଲା । ମୁଁ ଡାକ୍ତର ନାୟକଙ୍କୁ ସଙ୍ଗେ ସଙ୍ଗେ ଜଣାଇଦେଲି ।

୨୫.୧୦.୨୦୦୦ରେ ଡାକ୍ତର ନାୟକ ଆମ ଘରକୁ ଆସିଲେ । ଆମେ ଦୁହେଁ ବସି ଏ ବିଷୟରେ ସବିଶେଷ ଆଲୋଚନା କଲୁ । ଆମ ଭିତରେ ଆନ୍ତରିକା ଏତେ ନିବିଡ଼ ଯେ କୌଣସି ପ୍ରତିବଂଧକ ଛିଡ଼ା ହୋଇ ପାରିଲାନି । ୧୯.୧୧.୨୦୦୦ରେ ଡାକ୍ତର ନାୟକ, ତାଙ୍କ ଇଂଜିନିଅର ବଡ଼ଭାଇ ଭଣଜା ସହ ଆସି ବାବୁ ସହ କଥାବାର୍ତ୍ତା କଲେ । ଏଠି ସେମାନେ ପରୋକ୍ଷରେ ଯୌତୁକ ପ୍ରସଙ୍ଗ ଉଠାଇଥିଲେ । ମୁଁ କିନ୍ତୁ ନମ୍ରତାର ସହ ନାସ୍ତିବାଣୀ ଶୁଣାଇଲି ।

ମୋ ଭିଣୋଇ, ବାବୁର ମାମୁ, କୈଳାଶ ଓ ମୁଁ ଯାଇ ତାଙ୍କ ଘରେ ଯଥା ବିଧି ବେଭାର ଦେଇ ଆସିଲୁ । ଉତ୍ପଳ ଓ କାକଳି ସେନ ସହାୟତାରେ ଗୋଟେ ନୂଆଗାଡ଼ି ମାରୁତି ୮୦୦ କିଣିବାର ବ୍ୟବସ୍ଥା କଲି, ବିବାହ ପୂର୍ବରୁ କାଳେ ତା ସାଙ୍ଗମାନେ କହିବେ ତା ଶଶୁରଘର କାର୍ ଦେଲେନି ବୋଲି ।

ଅନନ୍ତ ବାସୁଦେବ ମନ୍ଦିରରେ ନିର୍ବନ୍ଧ ହେଲା । ବାବୁର ମଉସା, ମାଉସୀ, ପିଉସା, ପିଉସୀ, ମାମୁ, ମାଇଁ, ଭଉଣୀ, ଭିଣୋଇଙ୍କ ସହ ଡାକ୍ତର ନାୟକଙ୍କ ବଂଧୁ ବାଂଧବ ଓ ଉଭୟ ପକ୍ଷର ବହୁ ହିତାକାଂକ୍ଷୀ ଆସିଥିଲେ । ସେଇଠି ବିଭାଘର ପାଇଁ ଦିନ ସ୍ଥିର ହେଲା ।

ମଂଗଳ ପାକ - ୩୦.୪.୨୦୦୧
ବିବାହ - ୧.୫.୨୦୦୧
ପଳସିଂହା ଅଭ୍ୟର୍ଥନା - ୮.୫.୨୦୦୧

ମୁଁ ଆଗେଇଲି । ଘରେ ମୃତ୍ୟୁସହ ଲଢ଼େଇ କରୁଛି କୁନିଝିଅ ଟିକି । ଏଣେ ଏକମାତ୍ର ପୁଅର ବିଭାଘର । ବାପାର ମାନସିକ ସ୍ଥିତି ସହୃଦୟ ପାଠକମାନେ ବିଚାର କରିବେ ।

ଯା ହେଉ ଏ ଶୁଭକାର୍ଯ୍ୟକୁ ସମସ୍ତଙ୍କ ସହଯୋଗରେ ସମ୍ପନ୍ନ କରିବାକୁ ସାଧ୍ୟମତେ ଚେଷ୍ଟା କଲି । କୈଳାଶ ଭୁବନେଶ୍ୱରରେ ଶୋଭାଯାତ୍ରାର ସବୁ ଦାୟିତ୍ୱ ନେଲା । ସବୁ ବଂଧୁବାଂଧବ ଆସିଲେ । ସେଦିନ ମୋର ଗୋଟିଏ ପୁତୁରାର ବିଭାଘର ଥିଲେ ବି ଆମ ଗ୍ରାମରୁ ପ୍ରାୟ ଶହେ ଜଣ ବରଯାତ୍ରୀ ଆସିଥିଲେ । ବଂଧୁବାଂଧବ କଟକ ଭୁବନେଶ୍ୱରର ସାଙ୍ଗ ସାଥୀ ମିଶି ପ୍ରାୟ ଦେଢ଼ଶହ । ବାବୁର ସାଙ୍ଗମାନେ ରାଉରକେଲାରୁ ଆସି ବିଭିନ୍ନ ହୋଟେଲରେ ରହିଥାନ୍ତି । ଆମେ ଆମ ପ୍ରତିଶ୍ରୁତି ମୁତାବକ କଟକରୁ ରାତି ୯ଟାରୁ ବାହାରିଲୁ । ସେମାନେ ଗ୍ରିଡକୋ ରେଷ୍ଟ ହାଉସରେ ୩୦୦ ବରଯାତ୍ରୀଙ୍କ ପାଇଁ ସମ୍ବର୍ଦ୍ଧନା ବ୍ୟବସ୍ଥା କରିଥିଲେ । ସେଇଠୁ

Digitized by srujanika@gmail.com

ରୋଷଣୀ ଆରମ୍ଭ ହେଇ ନଅ ନମ୍ବର ଇଉନିଟରେ ତାଙ୍କ ଘରେ ପହଁଚିଲା ବେଳକୁ ରାତି ଗୋଟାଏ । ସେମାନଙ୍କ ଆତିଥେୟତାରେ ତ୍ରୁଟି ନ ଥିଲା । ଠିକ୍ ସମୟରେ ବିଭାଘର ଆରମ୍ଭ ହୋଇ ସୁରୁଖୁରୁରେ ସରିଗଲା । ଅଧିକାଂଶ ବରଯାତ୍ରୀ ରାତିରେ ଫେରି ଯାଇଥିଲେ । ସକାଳୁ ସକାଳୁ ଆମେ ବରକନ୍ୟା ସହ ଘରକୁ ଫେରିଲୁ ।

ମେ ୪ ତାରିଖରେ କଟକରେ ରିସେପ୍‌ସନ୍ । ବାବୁର ଇଚ୍ଛା ମୁତାବକ କଲେଜ ଛକରେ ଥିବା ଅଶୋକା ହୋଟେଲରେ ସବୁ ବ୍ୟବସ୍ଥା ୩୦୦ ଅତିଥିଙ୍କ ପାଇଁ । ଦାୟିତ୍ୱ ନେଇଥାନ୍ତି ପାର୍ବତୀ ନର୍ସିଂହୋମର ଡାକ୍ତରାଣୀ ପ୍ରଭାତ ନଳିନୀ ଦେବୀ । ସମସ୍ତେ ଆସିଲେ । ଟିକି ବି ଆସିଲା । ସେ ତା ଭଗ୍ନ ସ୍ୱାସ୍ଥ୍ୟ ପାଇଁ ଭାଇ ବାହାଘରକୁ ଯାଇ ନଥିଲା । ସବୁ ଭଲରେ ଭଲରେ ହୋଇଗଲା ।

ମେ ଆଠ ତାରିଖରେ ଆମ ଗ୍ରାମ ପଳସିଂହାରେ ରିସେପ୍‌ସନ । ଗ୍ରାମବାସୀ ସମସ୍ତେ ଆନନ୍ଦ ବିଭୋର । ବଂଧୁବାଂଧବ ସମସ୍ତେ ଯାଇଥାନ୍ତି । ଡାକ୍ତର ନାୟକ ବି । ସେ ଅଂଚଳର ଗଣ୍ୟମାଣ୍ୟ ଲୋକଙ୍କ ଗହଳି । ମୋ ପୁତୁରାମାନେ ମିଶି ସବୁ ବ୍ୟବସ୍ଥା କରିଥାନ୍ତି । ତାଙ୍କ ସାନଭାଇର ବାହାଘର ମୁଁ କାହିଁକି ମୁଣ୍ଡ ଖେଳାଇବି । ପ୍ରାୟ ହଜାରେ ଭଳି ଅତିଥି ।

ସେଦିନ ସେଠି ଗୋଟିଏ ଅତ୍ୟାଧୁନିକ ନର୍ସିଂହୋମ ପାଇଁ ଶୁଭ ଦେଲେ ମୋର ପୁତ୍ରବଧୂ ଡାକ୍ତର ସସ୍ମିତା ନାୟକ ସମସ୍ତଙ୍କ ଉପସ୍ଥିତିରେ । ଆମେ ପରଦିନ କଟକ ଫେରି ଆସିଲୁ ।

ବୋହୂ ପି.ଜି କରିବ ବୋଲି ଶୁଣିଥିଲି । ମୋର ଇଚ୍ଛା ଥିଲା ବର୍ଷେ ଖଣ୍ଡେ ସର୍ଜରୀରେ କାମ ଶିଖି ନର୍ସିଂହୋମ ଚଳାଇବ । ସେ ତାଙ୍କ ମତ ପରିବର୍ତ୍ତନ କରି ଚାକିରୀ କରିବେ ବୋଲି ସ୍ଥିର କରିଥାନ୍ତି । ମୁଁ ଏଥିରେ ଏକମତ ନୁହେଁ ବୋଲି ପ୍ରକାରାନ୍ତରେ ତାଙ୍କ ବାପାଙ୍କୁ କହିଥିଲି । ଦିନେ ବାବୁ ମତେ ଫୋନ କରି ପଚାରିଲା ସେ ପାଠ ପଢ଼ିଛି ଚାକିରୀ କରିବ ନାହିଁ ? ତାର ଏ ରୁଗ୍‌ଣ ମାନସିକତା ମତେ କଷ୍ଟ ଦେଲା । ମୁଁ ତାକୁ ପିଲାଦିନରୁ ଗୋଟିଏ ଶ୍ରୀଅରବିନ୍ଦଙ୍କ ଫଟୋ ଦେଇଥିଲି । ଅନୁଚ୍ଚ ଗଳାରେ କହିଲି ଶ୍ରୀଅରବିନ୍ଦ, ପଣ୍ଡିତ ନେହେରୁ, ଗୋପବଂଧୁ ଦାଶ, ଗୋପବଂଧୁ ଚୌଧୁରୀ, ଟାଟା, ବିରଳା, ବଂଶୀପଣ୍ଡା କଣ ପାଠ ପଢ଼ିନାହାନ୍ତି ? ଏତିକି କହି ଫୋନ୍ ରଖିଦେଲି । ମୁଁ ଜାଣେ ଏହାର କୌଣସି ପ୍ରଭାବ ତାଙ୍କ ଉପରେ ପଡ଼ିବନି ।

ବିଭାଘରର ୭ ବର୍ଷ ବିତିଗଲାଣି । ପୁଅବୋହୂ ଉଭୟେ ଚାକିରୀ କରୁଛନ୍ତି । ୨୨.୪.୦୫ରେ ଗୋଟିଏ କନ୍ୟା ସନ୍ତାନ ପ୍ରାପ୍ତି । ତାର ଏକୋଇଶିଆ, ଜନ୍ମଦିନ ଖୁବ୍ ଜାକଯମକରେ କରିଛନ୍ତି । ସେ ପିଲାଟି ଏବେ ପାଠ ପଢ଼ିଲାଣି । ଗୁଲୁରୁ ଗୁଲୁରୁ କେତେ କଥା କହୁଛି । ଭଗବାନ ତାକୁ ଭଲ ମଣିଷଟିଏ କରି ଗଢ଼ନ୍ତୁ ।

## ତୀର୍ଥ ପର୍ଯ୍ୟଟନ

ମୁକ୍ତି (ଶାନ୍ତି) ପାଇଁ ଜପ, ତପ, ଯଜ୍ଞ, ଦାନ, ଧର୍ମ, ତୀର୍ଥ, ବ୍ରତ ଇତ୍ୟାଦିର ବ୍ୟବସ୍ଥା ଶାସ୍ତ୍ରରେ ଉଲ୍ଲେଖ ଅଛି । ଜୀବନର ସାୟଂ କାଳରେ ତୀର୍ଥ ଦର୍ଶନକୁ ଅଗ୍ରାଧିକାର ଦିଆଯାଇଛି ।

ତରନ୍ତି ଅନେନା ଇତିଃ ତୀର୍ଥ । ଯାହା ଅଜ୍ଞାନ ଅଂଧକାର ଦୂର କରେ ତାହା ତୀର୍ଥ । ତୀର୍ଥସ୍ଥାନ ମାନଙ୍କରେ ସାଧୁସନ୍ଥଙ୍କର ଗହଳି । ସତ୍‌ସଙ୍ଗ ମୃତ୍ୟୁକୁ ଅମୃତମୁଖୀ

Digitized by srujanika@gmail.com

କରେ । ମୃତ୍ୟୁଂ ମା ଅମୃତଂ ଗମୟ । ସେମାନଙ୍କ ସଂସ୍ପର୍ଶରେ ଆସିଲେ ଶାନ୍ତି ମିଳେ । ଅୟମାତ୍ମା ବ୍ରହ୍ମ ଜାଣି ମଧ୍ୟ ଏଇ ପବିତ୍ର ପୀଠ ଗୁଡ଼ିକର ଦର୍ଶନ ପାଇଁ ମୁକ୍ତିକାମୀ ମଣିଷର ପ୍ରାଣ ବ୍ୟାକୁଳ । ହିନ୍ଦୁଧର୍ମରେ ଚାରୋଟି ପୀଠକୁ ପ୍ରାଧାନ୍ୟ ଦିଆଯାଇଛି । ସବୁଠି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମଠ ।

୧) ବଦ୍ରିନାଥ - ତ୍ୟାଗକ୍ଷେତ୍ର
୨) ଦ୍ୱାରିକାନାଥ - ଐଶ୍ୱର୍ଯ୍ୟକ୍ଷେତ୍ର
୩) ରାମେଶ୍ୱର - କର୍ମକ୍ଷେତ୍ର
୪) ଜଗନ୍ନାଥ ପୁରୀ - ଭୋଗକ୍ଷେତ୍ର, ଶ୍ରୀକ୍ଷେତ୍ର

ଛାତ୍ର ଜୀବନରେ ତଥା ଚାକିରୀ କାଳରେ ବହୁତ ଧର୍ମପୀଠ ବୁଲି ଦେଖିଛି । ହେଲେ ସ୍ୱତନ୍ତ୍ର ପୀଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା । ସିନେମା ଆରମ୍ଭ ପୂର୍ବରୁ ଟ୍ରେଲର ଦେଖିବା ଭଳି ଭାରତର ଧନାଢ୍ୟ ଠାକୁର ତିରୁପତିର ଭେଙ୍କଟେଶ୍ୱରଙ୍କ ଦର୍ଶନର ସୁଯୋଗ ଆସିଲା ।

୨୦୦୭ ଜାନୁଆରୀ ୨୩ ତାରିଖ ଶ୍ରୀପଂଚମୀ ଦିନ ରାତି ୮.୪୦ ମିନିଟରେ ଆମେ (ବାବୁ, ତା ସ୍ତ୍ରୀ ଓ ଝିଅ) କରମଣ୍ଡଳ ଏକ୍ସପ୍ରେସ୍‌ରେ କଟକ ଛାଡ଼ିଲୁ । ଆମେ ଯାଉଥାଉ ତିରୁପତିରେ ନାତୁଣୀର ବାଳ ପକାଇବାକୁ । ଆମେ ଚେନ୍ନାଇରେ ପହଁଚିଲୁ ୨୪ ତାରିଖ ସଂଧ୍ୟା ୫ଟାରେ । ସେଠୁ ମୋ ଜ୍ୱାଇଁ ଜ୍ଞାନରଂଜନ ଆମକୁ ତାଙ୍କ ବସାକୁ ନେଇଗଲେ । ତାଙ୍କ ବସାରେ ରାତ୍ରୀ ଯାପନ କଲୁ । ସେଠି ଶୁଣିଲୁ ସାଇବାବା ଚେନ୍ନାଇ ଆସିଛନ୍ତି ଯଜ୍ଞ କରିବାକୁ ।

ବାବାଙ୍କ ଦର୍ଶନ ଆଶାରେ ଆମେ ଯଜ୍ଞସ୍ଥଳକୁ ଆସିଲୁ । ବାବାଙ୍କର ପୂର୍ବାହ୍ନ ୧୧ଟା ବେଳେ ଆସିବାର ଥିଲା । ଆସିଲେନି । ପୂଜାମଣ୍ଡପ ପାଖରେ ବାବାଙ୍କ ଜୀବନ ଦର୍ଶନ ଉପରେ ଯେଉଁ ପ୍ରଦର୍ଶନୀ ହେଉଥିଲା ବୁଲି ଦେଖିଲି । ସେଥିରେ ପୁଟପର୍ତ୍ତିରେ ବାବାଙ୍କ ଜନ୍ମ, ବାଲ୍ୟ ଜୀବନ, ସାଧକ ଜୀବନ, ମାନବ ସମାଜ ପାଇଁ ତାଙ୍କର ନିଃସ୍ୱାର୍ଥପର କାର୍ଯ୍ୟକଳାପ ଉପରେ ଆଧାରିତ ଫଟୋଚିତ୍ର ସବୁ ଦେଖିଲି । ଅପରାହ୍ନ ଦୁଇଟା ବେଳେ ପୁଣି ଯଜ୍ଞ ମଣ୍ଡପ ପାଖକୁ ଆସିଲୁ । କିନ୍ତୁ ବାବା ୫ଟା ସୁଦ୍ଧା ନଆସିବାରୁ ମନଦୁଃଖରେ ଫେରି ଆସିଲି ।

ଚେନ୍ନାଇରୁ ବାଙ୍ଗାଲୋର ୩୫୦ କିଲୋମିଟର । ୬ ଘଣ୍ଟାର ବାଟ । ବସ୍‌ରେ ଟିକେଟ୍ ନ ମିଳିବାରୁ ଟ୍ରେନ୍‌ରେ ଟିକେଟ୍ କାଟି ଗାଡ଼ି ଚଢ଼ିଲୁ ରାତି ୧୧.୩୦ ମିନିଟରେ । ଟ୍ରେନ୍ ବାଙ୍ଗାଲୋରରେ ପହଁଚିଲା ୨୬ ତାରିଖ ସକାଳ ୫.୧୫ ମିନିଟରେ । ସେଠି ବାବୁର ଜଣେ ଛାତ୍ର ବାରିପଦାର ପ୍ରଜ୍ଞାଦୀପ୍ତ ଜେନା ଆମ ରହିବାର ସୁବ୍ୟବସ୍ଥା କରିଦେଲା । ସାମାନ୍ୟ ଜଳଯୋଗପରେ ଆମେ ଗଲୁ ଇସ୍‌କନ ମନ୍ଦିର । ସେଠୁ ଆସିଲୁ ଟିପୁ ସୁଲ୍‌ତାନ୍‌ଙ୍କ ରାଜପ୍ରାସାଦ ଦେଖିବାକୁ । ଅପରାହ୍ନରେ ଟାକ୍ସି ଯୋଗେ ଗଲୁ ହ୍ୱାଇଟଫିଲ୍‌ଡ । ବାଙ୍ଗାଲୋରୁ ୨୫ କିଲୋମିଟର ଦୂର । ସେଠି ବାବାଙ୍କ ଦ୍ୱାରା ପରିଚାଳିତ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫି ହାୟାର ମେଡ଼ିକାଲ ସାଇନ୍‌ସରେ ମୋର ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଥିଲା । ସେଦିନ ଜାନୁଆରୀ ୨୬ ତାରିଖ ପାଇଁ ଡାକ୍ତରଖାନା ବନ୍ଦ ।

ବାଙ୍ଗାଲୋରରୁ ପୁଟପର୍ତ୍ତି ୨୫୦ କିଲୋମିଟର । ୪ ଘଣ୍ଟାର ବାଟ । ଆମେ ଅପରହ୍ନ ୫ଟା ବେଳେ ବସ୍ ଚଢ଼ିଲୁ । ରାତି ସାଢ଼େ ନଟା ବେଳେ ସେଠି

Digitized by srujanika@gmail.com

ପହଁଚିଲୁ । ବସ୍‌ଷ୍ଟାଣ୍ଡ ପାଖରେ ସାଇବାବାଙ୍କ ଆଶ୍ରମ । ସେତେବେଳକୁ ଆଶ୍ରମ ବଂଦ ହୋଇ ଯାଇଥିଲା । ଆମେ ପାଖ ହୋଟେଲରେ ରାତ୍ରି କଟାଇଲୁ । ୨୭ ତାରିଖ ସକାଳେ ଆମେ ସମସ୍ତେ ଆଶ୍ରମ ଗଲୁ ।

ଆଶ୍ରମରେ ବାବା ନାହାନ୍ତି । ସାମାନ୍ୟ ଜଳଯୋଗ ପରେ ପ୍ରାର୍ଥନା ସଭା ପାଇଁ ଧାଡ଼ି ବାଂଧିଲୁ । ୯ଟା ବେଳେ ଭଜନ ଆରମ୍ଭ ହେଲା । ଓଁକାର ବେଦଧ୍ୱନି ପରେ ଭଜନ । ୯.୩୦ ମିନିଟରେ ଭଜନ ସରିଲା ।

ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରଶାନ୍ତି ଗ୍ରାମ ଅନନ୍ତପୁରଠାରେ । ଆଶ୍ରମଠାରୁ ୬ କି.ମି. ଦୂର । ସବୁବେଳେ ବସ୍, ଟ୍ରେକର, ଟେମ୍ପୁ ମିଳେ । ସେଠାକୁ ଯାଇଁ ଇଉରୋଲଜି ଡିପାର୍ଟମେଣ୍ଟରେ ମୁଁ ନେଇଯାଇଥିବା ରିପୋର୍ଟ ସବୁ ଦେଖାଇ ପରାମର୍ଶ କଲି । ସେମାନେ ସେଇ ରିପୋର୍ଟ ଭିତ୍ତିରେ ଔଷଧ ଲେଖିଦେଲେ । ଆଶ୍ରମରେ ପଂକ୍ତି ଭୋଜନ ପରେ ବାବାଙ୍କ ଜନ୍ମସ୍ଥାନ, ଚୈତନ୍ୟ ଜ୍ୟୋତି ଚିତ୍ରଶାଳା, ବାବାଙ୍କ ଅନୁଦାନରେ ନିର୍ମିତ ଓ ପରିଚାଳିତ ସ୍କୁଲ, କଲେଜ, ରେଲୱେ ଷ୍ଟେସନ ସବୁ ବୁଲି ଦେଖିଲୁ ।

ପୁଟପର୍ତ୍ତିରୁ ତିରୁପତି ୩୫୦ କି.ମି. ୯ ଘଣ୍ଟାର ବାଟ । ଆମେ ଅପରାହ୍ନ ୫ଟା ବେଳେ ବସ୍ ଚଢ଼ିଲୁ । ରାତି ୨ଟାରେ ତିରୁପତିରେ ପହଁଚିଲୁ । ପହଁଚିବା ମାତ୍ରେ ବାବା ଭେଙ୍କଟେଶ୍ୱରଙ୍କ ଦର୍ଶନ ପାଇଁ ଟିକେଟ୍ କରିବାକୁ ପଡ଼ିଲା । ଦର୍ଶନ ମିଳିବ ୨୯ ତାରିଖରେ । ତା ପୂର୍ବରୁ ନୁହେଁ । କମ୍ପ୍ୟୁଟରରେ ପ୍ରତ୍ୟେକଙ୍କର ଫଟୋ ଓ ଆଙ୍ଗୁଳିର ଛାପ ନିଆଗଲା । ଏଗୁଡ଼ିକ ମନ୍ଦିରରେ ମେଳ କରାଯାଏ । ମେଳକ ନହେଲେ ମନ୍ଦିର ଭିତରକୁ ଯାଇ ପାରିବ ନାହିଁ ।

ତିରୁପତି-ତିରୁମଲା କଟକ-ଭୁବନେଶ୍ୱର ଭଳି ଦୁଇଟି ଯମଜ ନଗରୀ । ତିରୁପତି ପର୍ବତମାଳାର ପାଦ ଦେଶରେ । ତିରୁମଲା ଶିଖର ଦେଶରେ । ଦୂରତା ୨୫ କି.ମି. । ରାମାୟଣ ବର୍ଣ୍ଣିତ ନୈମିଷାରଣ୍ୟରେ ବିନ୍ଧ୍ୟ ପର୍ବତମାଳା ଏଇ ପର୍ବତ ମାଳାର ୭ଟି ପର୍ବତରେ ତିରୁପତି ତିରୁମଲା ଦେବସ୍ଥଳୀ । ତେଣୁ ଏହାର ଅନ୍ୟନାମ ସପ୍ତଗିରି । ଦେବଦର୍ଶନ ପାଇଁ ଆମେ ନାମ ପଂଜୀକରଣ ପରେ ତିରୁମଲା ପାଇଁ ଟିକେଟ କାଟିଲୁ । ଶହ ଶହ ବସ୍ ଚାଲିଛି । ପାହାଡ଼ିଆ ଘାଟି ରାସ୍ତା । ଘଣ୍ଟାକ ପରେ ୨୮ ତାରିଖ ସକାଳ ୪ଟା ବେଳେ ଆମେ ପହଁଚିଲୁ ଦେବସ୍ଥଳୀରେ ।

ବାବୁ ଧାଡ଼ିରେ ଛିଡ଼ା ହେଲା ଘର ପାଇଁ । ଘଣ୍ଟାକ ପରେ ଘର ବ୍ୟବସ୍ଥା କରି ଆସିଲା । ପ୍ରଜ୍ଞାଦୀପ୍ତ ବାବୁ ଝିଅର ଚୂଳ କାଟିବା ପାଇଁ ନାମ ପଂଜୀକରଣ କରି ଟିକେଟ ନେଇ ଆସିଲେ । ବସ୍‌ଷ୍ଟାଣ୍ଡ ପାଖାପାଖି ଆମକୁ ଘର ମିଳିଥାଏ । ସେଠି ନିତ୍ୟକର୍ମ ଶେଷ ପରେ ସାମାନ୍ୟ ଜଳଯୋଗ କରି ଝିଅକୁ ଲଣ୍ଡା କରିବାକୁ ବାହାରି ପଡ଼ିଲୁ । ଲଣ୍ଡାହେବା ପାଇଁ ଦୁଇଟି ମଣ୍ଡପ - କଲ୍ୟାଣ କଟା ରହିଛି । ଯେଉଁଠି ଟିକେଟ୍ ହୋଇଥିବ ସେଇ ମଣ୍ଡପରେ ଲଣ୍ଡା ହେବ । ସେଠି କେବଳ ପିଲା ନୁହନ୍ତି, ବୟସ୍କ ବ୍ୟକ୍ତିମାନେ ମଧ୍ୟ ଲଣ୍ଡା ହୁଅନ୍ତି ।

କେଶ ପୁରୁଷ, ସ୍ତ୍ରୀ ଉଭୟଙ୍କ ସୌନ୍ଦର୍ଯ୍ୟ ତଥା ବ୍ୟକ୍ତିତ୍ୱ ବୃଦ୍ଧିରେ ସହାୟକ । ପରୋକ୍ଷରେ ଆମ ଅହଂତ୍ୱ ବୃଦ୍ଧି ପାଇଁ ଦାୟୀ । ଅହଂତ୍ୱକୁ ବିନାଶ କରି ପାରିଲେ ଆମେ ପରମାତ୍ମାଙ୍କ ସାନିଧ୍ୟ ଲାଭ କରିପାରିବା । କଟାଚୂଳର କିଛି ଅଂଶ ଠାକୁରଙ୍କ ପାଖକୁ

Digitized by srujanika@gmail.com

ଯାଏ । ଏହା ପ୍ରତୀକାତ୍ମ ସମର୍ପଣ । ଏଇ ସମର୍ପଣ ଭାବ ଭକ୍ତମାନଙ୍କ ହୃଦୟରେ ଜାଗ୍ରତ ପାଇଁ ଭେଙ୍କଟେଶ୍ୱରଙ୍କ ଦର୍ଶନ ପୂର୍ବରୁ ବାଳ ପକାଇବା ବିଧି ରହିଛି ।

କଲ୍ୟାଣୀ କଟାରେ ଲଣ୍ଡାହେବା ପରେ ଝିଅ ସ୍ନାନ କଲା ଓ ଆମେ ତାକୁ ନେଇ ପାଖରେ ଥିବା ଶ୍ରଭାରି ମନ୍ଦିରରେ ପୂଜାର୍ଚ୍ଚନା କଲୁ । ମଧ୍ୟାହ୍ନ ଭୋଜନ ପରେ ୩/୪ କି.ମି. ବ୍ୟାସାର୍ଦ୍ଧ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକ ବୁଲି ଦେଖିଲୁ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏଇ ସ୍ଥାନ ଗୁଡ଼ିକ ହେଲା ବାଲାଜୀଙ୍କ ପଦ୍ମପାଦ, ଶିଳାତୋରଣ, ଚକ୍ରତୀର୍ଥ, ଗୋପାଳସ୍ୱାମୀଙ୍କ ସମାଧିପୀଠ, ଆକାଶଗଙ୍ଗା ଓ ଶେଷରେ ଚିଡ଼ିଆଖାନା । ଟାକ୍ସିରେ ବୁଲିବାକୁ ୪ଘଣ୍ଟା ଲାଗିଲା । ସଂଧ୍ୟାରେ ଦୋକାନ ବଜାର ବୁଲି ଦେଖିଲୁ । ରାତି ୧୦ଟାରେ ପଞ୍ଚାଦୀପ୍ତ ବାବୁ ଆମଠାରୁ ବିଦାୟ ନେଇ ତାଙ୍କ କର୍ମକ୍ଷେତ୍ରକୁ ଗଲେ ।

୨୯ ତାରିଖ ସକାଳୁ ନିତ୍ୟକର୍ମ ସାରି ମୁଁ ଗଲି ବରାହ ସ୍ୱାମୀଙ୍କ ଦର୍ଶନ ପାଇଁ । ସପ୍ତଗିରି ମଧ୍ୟରୁ ଅଂଜନାଦ୍ରିରେ ବରାହସ୍ୱାମୀ ପୂଜା ପାଉଛନ୍ତି । କିମ୍ବଦନ୍ତୀ ଅନୁସାରେ ହିରଣାକ୍ଷକୁ ବଧ କଲାପରେ ଦେବତାମାନଙ୍କ ଅନୁରୋଧରେ ସ୍ୱର୍ଗଧାମକୁ ନ ଫେରି ଅଂଜନାଦ୍ରିରେ ପୂଜା ପାଉଛନ୍ତି ।

ମଧ୍ୟାହ୍ନ ଭୋଜନ ପରେ ବାରଟା ବେଳେ ଭେଙ୍କଟେଶ୍ୱରଙ୍କ ଦର୍ଶନ ପାଇଁ ଧାଡ଼ି ଲଗାଇଲୁ । ଅଂଜନାଦ୍ରିକୁ ଲାଗି ଶେଷାଦ୍ରି । ଶେଷାଦ୍ରିର ଶିଖର ଦେଶ ଭେଙ୍କଟାଦ୍ରି । ସେଇଠି ବାବା ଭେଙ୍କଟେଶ୍ୱରଙ୍କ ମନ୍ଦିର । ମନ୍ଦିର ବିଶେଷ ଆକର୍ଷଣୀୟ ନୁହେଁ । ହେଲେ ମନ୍ଦିରର ଆୟ ବର୍ଷକୁ ୩୫୦ କୋଟି । ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମନ୍ଦିରର ଆୟ ବର୍ଷକୁ ଏକକୋଟି ଷାଠିଏ ଲକ୍ଷଟଙ୍କା ।

ଅପରାହ୍ନ ଦୁଇଟା ବେଳେ ଫାଟକ ଖୋଲିଲା । ଅପେକ୍ଷାମାଣ ଭକ୍ତମାନେ ଧାଡ଼ି ହୋଇ ପ୍ରବେଶ ପତ୍ର ଧରି ଆଗେଇ ଚାଲିଲେ । ପ୍ରବେଶପତ୍ର ଯାଞ୍ଚ ପରେ ଭିତରକୁ ପ୍ରବେଶ । ସେଇଠି ବାଲାଜିଙ୍କ ପ୍ରିୟଭୋଗ ଲଡୁ ପାଇଁ ପ୍ରତ୍ୟେକ ଦର୍ଶନାର୍ଥୀକୁ ପାଂଚଟଙ୍କାର ଗୋଟେ କୁପନ ମିଳିଲା ।

ଲଡୁ ଗୋଲାକାର ଓ କେତେ ଗୁଡ଼ିଏ ଗୁଳି (ଦାନା)ର ସମଷ୍ଟି । ଗୋଟିଏ ଗୋଟିଏ ଦାନା ଗୋଲାକାର ପୃଥିବୀର ପ୍ରତୀକ । ସମୁଦାୟ ଲଡୁଟି ବିଶ୍ୱ ବ୍ରହ୍ମାଣ୍ଡ । ତାକୁ ଉଦରସ୍ଥ କରୁଛନ୍ତି ବାବା ଭେଙ୍କଟେଶ୍ୱର ।

ଦୀର୍ଘ ୫ ଘଣ୍ଟା ଧରି ଧାଡ଼ିରେ ଯିବା ପରେ ଠାକୁରଙ୍କ ଦର୍ଶନ ମିଳିଲା ସଂଧ୍ୟା ୫ଟାରେ । ପ୍ରବେଶ ପଥର ଦୁଇ ପାର୍ଶ୍ୱରେ ନାରାୟଣ (ଶ୍ରୀନିବାସ) ଓ ପଦ୍ମାବତୀ (ଲକ୍ଷ୍ମୀ)ଙ୍କ ପ୍ରତିମୂର୍ତ୍ତି । ପ୍ରାୟ ୭ଫୁଟ ଭିତରକୁ ଗଲେ ଶୋଭା ପାଉଛନ୍ତି ଭୁବନମୋହନ କାଳୁ ଭେଙ୍କଟେଶ୍ୱର ।

ଦର୍ଶନ ସାରି ବାହାରକୁ ଆସିବା ପରେ ଆମ ଲଡୁ ସଂଗ୍ରହ କରି ଫେରିଲୁ । ମର୍ତ୍ତ୍ୟ ବୈକୁଣ୍ଠ ତିରୁପତି ତିରୁମଳାରୁ ଆମେ ବସ୍ ଚଢ଼ିଲୁ ରାତି ଦଶଟା ତିରିଶ ମିନିଟରେ ଓ ୩ଟା ୩୦ (ପାହାନ୍ତା)ରେ ଚେନ୍ନାଇରେ ପହଁଚିଲୁ । ପରଦିନ ଅର୍ଥାତ୍ ୩୦.୧.୦୭ ପୂର୍ବାହ୍ନ ୯.୩୦ରେ ଚେନ୍ନାଇ ଛାଡ଼ି କଟକ ଅଭିମୁଖେ ଟ୍ରେନ୍ ଧରିଲୁ । ୩୧.୧.୦୭ ସକାଳ ୫.୪୦ ମିନିଟରେ ଦୀର୍ଘ ଆଠଦିନର ଭ୍ରମଣ ପରେ କଟକରେ ପହଁଚିଲୁ ।

୦୦୦

Digitized by srujanika@gmail.com

# ତୀର୍ଥଦର୍ଶନ

ତୀର୍ଥ ଯାତ୍ରା କରିବାର ଝୁଙ୍କ ଲାଗିଛି । ଚାରି ମୁଖ୍ୟ ପୀଠ ମଧ୍ୟରୁ ରାମେଶ୍ୱର ଅନ୍ୟତମ କର୍ମକ୍ଷେତ୍ର । ରାମେଶ୍ୱର ଦର୍ଶନ ଉଦ୍ଦେଶ୍ୟରେ ମୋ ଝିଅ ଜ୍ୱାଇଁ ନାତି ନାତୁଣୀ ଗହଣରେ ୨୮.୨.୦୮ ରାତି ୯ଟାରେ କରମଣ୍ଡଳ ଏକ୍ସପ୍ରେସରେ କଟକ ଛାଡ଼ିଲି । ଗାଡ଼ି ପହଁଚିଲା ଚେନାଇରେ ୨୯.୨.୦୮ ସନ୍ଧ୍ୟା ୭ଟାରେ । କଟକରୁ ଚେନାଇ ୧୨୫୧ କିଲୋମିଟର । ରିଜର୍ଭେସନ ସହ ଭଡା ଟ ୩୦୨.୦୦ ଜଣେ ବରିଷ୍ଠ ନାଗରିକ ପାଇଁ । ଚେନାଇ ଷ୍ଟେସନରୁ ମୋ ଜ୍ୱାଇଁ ରହୁଥିବା ସ୍ଥାନ ୨୦ ଝାନ୍ସୀରାଣୀ ଷ୍ଟ୍ରିଟ୍, ଏମ.ଏମ. ନଗର କାଂଚିପୁରମ । ପ୍ରାୟ ଦୁଇଘଣ୍ଟାର ବାଟ । ଆମେ ଲୋକାଲ ଟ୍ରେନ୍ ଓ ଅଟୋରିକ୍ସା ସହାୟତାରେ ତାଙ୍କ ଘରେ ରାତି ୯ଟାରେ ପହଞ୍ଚି ବିଶ୍ରାମ ନେଲୁ ।

ମହାନଗରୀ ସମ୍ବନ୍ଧରେ ସ୍ଥୁଳ ଧାରଣା ପାଇଁ ପରଦିନ ନଗର ଭ୍ରମଣରେବାହରିଲୁ । ମାରିନା ବିଚ୍‌ରେ ଆନ୍ନା ଦୁରାଇଙ୍କ ସମାଧି ଆନ୍ନା ସ୍କୋୟାର ; ଏମ.ଜି.ଆରଙ୍କ ସମାଧି ଏମ.ଜି.ଆର ସ୍କୋୟାର ଦେଖିଲୁ, ଏଇମାନଙ୍କ ପାଇଁ ତାମିଲନାଡୁ ରାଜ୍ୟର ସୃଷ୍ଟି ଓ ସମୃଦ୍ଧି । ପାଖାପାଖି ଚିଦାମ୍ବରମ ଷ୍ଟେଡିଅମ ଅନ୍ୟଜଣେ ବରପୁତଙ୍କ ନାମରେ । ବିଧାନସଭା, ବିଶ୍ୱବିଦ୍ୟାଳୟ ବସ୍ତୁରବା ଓ ମାଡ୍ରାସ ସରକାରୀ ହସପିଟାଲ ବୁଲି ଦେଖିଲୁ । ଟମ୍ବରମ ରେଲୱେ ଜଙ୍କସନ ପାଖରେ ଥିବା ସପିଂ କମ୍ପ୍ଲେକ୍ସ ମଧ୍ୟ ବୁଲି ଦେଖିଲୁ । ସେଠୁ ଗୋଟିଏ କାମେରା, ମୋର କିଛି ଯନ୍ତ୍ରପାତି ଓ ଡାକ୍ତରୀ ବହି ମଧ୍ୟ କିଣିଲି ।

ରାମେଶ୍ୱର କନ୍ୟାକୁମାରୀ ଏପରିକି ମଦୁରାଇ ପର୍ଯ୍ୟନ୍ତ ଯିବାକୁ ଟ୍ରେନ କି ବସ୍‌ରେ ରିଜରଭେସନ ମିଳିଲା ନାହିଁ ଆମେ ବାଧ୍ୟହୋଇ ଟ୍ରାଭେଲ ଏଜେଣ୍ଟଙ୍କ ସହଯୋଗ ଲୋଡିଲୁ । ଶ୍ରୀପ୍ରସାଦ ଟୁର ଓ ଟ୍ରାଭେଲ କଂପାନୀ ସହ ଗୋଟିଏ ତିନି ଦିନିଆଁ ଭ୍ରମଣ ପ୍ରୋଗ୍ରାମ ପାଇଁ ଅଢେଇ ହଜାର ଟଙ୍କା ଦେବାକୁ ଚୁକ୍ତି କରି ଅଗ୍ରିମ ଏକହଜାର ଟଙ୍କା ଦେଇ ମଦୁରାଇ ପର୍ଯ୍ୟନ୍ତ ବସ୍ ଟିକେଟ୍ ନେଇ ଆସିଲୁ । ଯାତ୍ରା ଆରମ୍ଭ ହେବ ୮ ତାରିଖରେ ୧୧ ତାରିଖରେ କଟକ ଫେରିବା ପାଇଁ ରିଟର୍ଣ୍ଣ ଟିକେଟ କରି ବସାକୁ ଫେରିଲୁ । ଜଗନ୍ନାଥ ଦର୍ଶନ ପୂର୍ବରୁ ବାଟରେ ବାଟ ମଙ୍ଗଳାଙ୍କୁ ମୁଣ୍ଡିଆ ମାରିବାକୁ ପଡେ । ଶ୍ରୀକ୍ଷେତ୍ରରେ ଲୋକନାଥ ଦର୍ଶନ । ନରେନ୍ଦ୍ର ପୋଖରୀ

Digitized by srujanika@gmail.com

କି ମନ୍ଦିର ବେଢାରେ ବିମଳା, ଲକ୍ଷ୍ମୀଙ୍କ ଦର୍ଶନ ଭଳି ଏଠାରେ ରାମେଶ୍ୱର ଦର୍ଶନ ପୂର୍ବରୁ ଅନ୍ୟାନ୍ୟ ଦେବାଦେବୀ, ଐତିହାସିକ କୀର୍ତ୍ତିରାଜି, ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନ ଦର୍ଶନ ସହ ନିଜର ସ୍ୱାସ୍ଥ୍ୟପରୀକ୍ଷା ପାଇଁ ଏଇ ସମୟତକ ବିନିଯୋଗ କଲି ।

୧.୩.୨୦୦୮ ଶନିବାର ସନ୍ଧ୍ୟାରେ ଆମେ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କଲୁ । ରାତି ପ୍ରାୟ ବାରଟାବେଳେ ସେଠାରେ ପହଞ୍ଚିଲୁ । ରହିବା ପାଇଁ ଓଡ଼ିଆ ନିଳୟମ ଓଡ଼ିଶା ହାଉସ ସମେତ କୌଣସି ଗେଷ୍ଟ ହାଉସ୍‌ରେ ସ୍ଥାନ ସଂରକ୍ଷଣ କରିନଥିଲୁ । ଶ୍ରୀଅରବିନ୍ଦ ଆଶ୍ରମ ପାଖାପାଖି ଗୋଟିଏ ହୋଟେଲରେ ରାତ୍ରୀ ଯାପନ କଲୁ । ପୂର୍ବତନ ଫରାସୀ ଉପନିବେଶ ପଣ୍ଡିଚେରୀରେ ୧୯୨୬ ରେ ସ୍ଥାପିତ ଶ୍ରୀ ଅରବିନ୍ଦ ଆଶ୍ରମ ଶ୍ରୀମାଙ୍କ ପରିଚାଳନାରେ ବଢ଼ି ବଢ଼ି ପରିଣତ ହୋଇଛି ମହାଦ୍ରୁମରେ । ପ୍ରତ୍ୟୁଷରୁ ନିତ୍ୟକର୍ମ ସାରି ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଆଶ୍ରମର ମୁଖ୍ୟ ସୌଧ ନିକଟରେ ପହଞ୍ଚିଲୁ । ଏଇଠି ଶ୍ରୀ ଅରବିନ୍ଦ ଓ ଶ୍ରୀମା ବାସ କରୁଥିଲେ । ଏହାର କେନ୍ଦ୍ର ସ୍ଥଳରେ ଏକ ବିଶାଳ ବୃକ୍ଷର ଛାୟାତଳେ ଉଭୟଙ୍କର ସମାଧି ବିଦ୍ୟମାନ । ଶ୍ୱେତ ମାର୍ବଲ ନିର୍ମିତ ବେଦି । ପୁଷ୍ପଶୋଭିତ ସମାଧିରେ ଆମେ ପୁଷ୍ପାର୍ପଣ କରି ଅନ୍ୟମାନଙ୍କ ସହ କିଛିସମୟ ଧ୍ୟାନରେ ବସିଲୁ । ଧ୍ୟାନ ମାଧମରେ ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ ଓ ସାଧକର ସତ୍ତାକୁ ରୂପାନ୍ତରିତ କରିବା ପାଇଁ ଏହା ଏକ ପ୍ରକ୍ରିୟା ।

ଆଶ୍ରମ ଭିତରେ ପାଠାଗାର ସମେତ ବିଭିନ୍ନ ଅନୁଷ୍ଠାନ ବୁଲି ଦେଖିଲୁ । ସେଠାରୁ ଫେରି ମନୋଜ ଦାଶଙ୍କ ବାସ ଭବନକୁ ଆସି; ମନୋଜ ବାବୁ ଓ ତାଙ୍କ ପତ୍ନୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କଲୁ । ଅଟୋରିକ୍ସାରେ ଆମେ ଆରୋଭିଲ ଆସିଲୁ । ପଣ୍ଡିଚେରୀରୁ ଆରୋଭିଲ ପ୍ରାୟ ୧୫ କି.ମିଟର । ସମୁଦ୍ର ତଟବର୍ତ୍ତୀ ଏହି ସ୍ଥାନଟି ଅତି ମନୋରମ । ମାନବୀୟ ଐକ୍ୟ ପ୍ରତିଷ୍ଠା ପାଇଁ ଏକ ଆନ୍ତର୍ଜାତୀୟ ନଗରୀ ଗଢ଼ିବା ଲକ୍ଷ ରଖି ୧୯୬୮ରେ ଶ୍ରୀମା ଏହାର ଶୁଭ ଦେଇଥିଲେ । ଶ୍ରୀ ମା ୧୯୭୩ ନଭେମ୍ବର ୧୭ରେ ଦେହତ୍ୟାଗ କରିବାପରେ ଏହି ମହାନଗରୀ ଗଠନ କାର୍ଯ୍ୟ ଧୀମେଇ ଗଲାପରି ମନେ ହେଉଛି । ଆମେ ପ୍ରାର୍ଥନା ସଭାରେ କିଛି ସମୟ କଟାଇଲୁ ।

ବିଭିନ୍ନ ରାଷ୍ଟ୍ରର ସହଯୋଗରେ ନିର୍ମାଣ ହେଉଥିବା ଗମ୍ବୁଜଟି ଏବେବି ଅସମ୍ପୂର୍ଣ୍ଣ । ଏଇଟି ଆରୋଭିଲରୁ ପ୍ରାୟ ଏକ କିଲୋମିଟର ଦୂର । ନେବା ଆଣିବା ପାଇଁ ସଂସ୍ଥା ତରଫରୁ ଗାଡି ଯୋଗାଇ ଦିଆଯାଇଛି । ଆରମ୍ଭ ବେଳେ ମାଟି ପକାଇଥିବା ଜଣେ ଇଂଜିନିୟରଙ୍କୁ ଭେଟିଲୁ । ସେ ତାଙ୍କ ପୁଅକୁ ସାଥିରେ ନେଇ ଆସିଥିଲେ କାମର ଅଗ୍ରଗତି ଦେଖିବାକୁ । କିଛି ସମୟ ବୁଲାବୁଲି ପରେ ପଣ୍ଡିଚେରୀ ଫେରିଲୁ ଓ ସେଠୁ ଦିନ ୧୧ଟା ବେଳେ ଆସି ମହାବଳିପୁରମ୍‌ରେ ପହଞ୍ଚିଲୁ ଦିନ ଦୁଇଟା ବେଳେ । ଚେନାଇ ଠାରୁ ୫୮ କି.ମି. ଦୂରରେ ମହାବଳିପୁରମ୍ । ୨୦୦୦ ବର୍ଷର ପୁରୁଣା ସହର । ସମୁଦ୍ର ବେଳାଭୂମି ଓ ଐତିହାସିକ କୀର୍ତ୍ତିରାଜି ଏହାର ଆକର୍ଷଣ । ପ୍ରାୟ ୪୦ଟି ଐତିହାସିକ ମନୁମେଣ୍ଟ, ୧୧ଟି ମନ୍ଦିର । ମନ୍ଦିର ଗୁଡ଼ିକ ପାହାଡ ଗାତ୍ରରେ ବା ଖଣ୍ଡିଏ ଖଣ୍ଡିଏ ପଥରରେ ଖୋଳା- ପୃଥିବୀର ସର୍ବବୃହତ୍ତ ପ୍ରସ୍ତର ଖୋଦେଇ ।

Digitized by srujanika@gmail.com

ପଥରରେ ଖୋଳା ମନ୍ଦିରକୁ ରଥ କୁହାଯାଏ ପଞ୍ଚରଥ- ପ୍ରବେଶିକା ଫିସ୍ ଦଶଟଙ୍କା । ଗୋଟିଏ ଗୋଟିଏ ପଥରରେ ଗଢ଼ା ପାଞ୍ଚଟି ରଥ, ପଞ୍ଚପାଣ୍ଡବ ରଥ ବୋଲି ବି କୁହାଯାଏ । ସବୁଠାରୁ ସୁନ୍ଦର ଓ କେନ୍ଦ୍ରସ୍ଥଳରେ ଥିବା ରଥଟି ଅର୍ଜୁନରଥ । କୌଣସି ଦେବାଦେବୀ ଗୁମ୍ଫା- ଗୁମ୍ଫାରେ ଦୁର୍ଗାଙ୍କ ମୂର୍ତ୍ତି ଖୋଦେଇ ହୋଇଛି । ବ୍ୟାଘ୍ରଗୁମ୍ଫା- ପାହାଡରେ କଟା ଯାଇଥିବା ବ୍ୟାଘ୍ର ମୁହଁ । ଅର୍ଜୁନର ମୋହଭଙ୍ଗ- ପାହାଡ ଗାତ୍ରରେ ୨୭୦୯ ମିଟର ସ୍ଥାନରେ ଅର୍ଜୁନଙ୍କୁ ବିଶ୍ୱରୂପ ଦର୍ଶନର ଚିତ୍ର ଖୋଦିତ ହୋଇଛି ।

କୃଷ୍ଣଙ୍କ ଲହୁଣୀ ଖଣ୍ଡ । ଖଣ୍ଡିଏ ବର୍ତ୍ତୁଳାକାର ପଥର ରାସ୍ତାକଡରେ ଥିବା ପାହାଡ ଉପରେ ରହିଛି । ତଳକୁ ଗଡୁନି ବତୀଘର ମୁଖ୍ୟ ରାସ୍ତାକଡରେ ଥିବା ଉଚ୍ଚପାହାଡ ଉପରେ ଲାଇଟ ହାଉସ । ଐତିହାସିକ କୀର୍ତ୍ତିରାଜି ଦେଖି ସମୁଦ୍ର କୂଳକୁ ଗଲୁ । ସମୁଦ୍ର ଏଠି ଶାନ୍ତ । ବୋଟକ୍ଲବ ଗଲୁ । ସମୁଦ୍ର କୂଳକୁ ଲାଗି ପାଚେରୀ ଘେରା ଗୋଟିଏ ମନ୍ଦିର, ଅଷ୍ଟମ ଶତାବ୍ଦୀରେ ତିଆରି । କୌଣସି ଠାକୁର ପୂଜା ପାଉନାହାନ୍ତି । ପ୍ରବେଶ ପଥରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି । ପ୍ରାଙ୍ଗଣରେ ଧାଡିଏ ବୃଷଭ । ସନ୍ଧ୍ୟାରେ ଫେରିଲୁ ଚେନାଇ । ୪.୩.୦୮ ରେ ବାହରିଲୁ ଭେଲୋର । ଠାକୁର ଦେଖା ସାଥିକୁ ମୋ ସ୍ୱାସ୍ଥ୍ୟ ପରୀକ୍ଷା । ସକାଳ ୬ଟାରେ ଚେନାଇ ଛାଡିଲୁ । କାଞ୍ଚିପୁରମ୍‌ରେ ପହଞ୍ଚିଲୁ ୭.୩୦ ରେ । କାଞ୍ଚିପୁରମ୍ ଗୋଟିଏ ତୀର୍ଥ କ୍ଷେତ୍ର । କାଞ୍ଚିବାବାକୋଟି ପିଠମ୍ ଭାବେ ଜଣାଶୁଣା । ମଠର ସନ୍ନ୍ୟାସୀ ନିଜକୁ ଶଙ୍କରାଚାର୍ଯ୍ୟ ବୋଲି ଅଭିହିତ କରନ୍ତି । କିଛି ବର୍ଷ ତଳେ ନରହତ୍ୟା ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ।

ଏଠାରେ ମୁଖ୍ୟତଃ ୫ଟି ମନ୍ଦିର ଅଛି । ମୁଖ୍ୟ ମନ୍ଦିର କାମାକ୍ଷୀ । ଦେବୀଙ୍କ ହାତରେ ବୀଣା । ମନ୍ଦିରର କାରୁକାର୍ଯ୍ୟରେ ଦକ୍ଷିଣ ଭାରତୀୟ ମନ୍ଦିରର ଛାପ । ସେଠି ପୂଜାର୍ଚ୍ଚନା କଲୁ । ଅନ୍ୟ ମନ୍ଦିର ଗୁଡ଼ିକ ହେଲା- ଭେଙ୍କଟେଶ୍ୱର, ଶିବ, ବାମନ, ଚିତ୍ରଗୁପ୍ତ । କାଞ୍ଚିପୁରମ୍‌ରୁ ଗଲୁ ଭେଲୋର । ସେଠାରେ ଖ୍ରୀଷ୍ଟିଆନ ମେଡିକାଲ କଲେଜ ଗଲି ମୋ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ । ପ୍ରବେଶିକା ଫିସ୍ ଟ ୫୦ । ଆନୁଷଙ୍ଗିକ କାର୍ଯ୍ୟ ପରେ ପହଞ୍ଚିଲାବେଳକୁ ସେ ବିଭାଗର ଡାକ୍ତର ନାହାନ୍ତି । ଭେଲୋର ସହରର ଅନତିଦୂରରେ ଫୋଟ ଉଇଲିଅମ ଦୁର୍ଗର ଭଗ୍ନାବଶେଷ । ଦୁର୍ଗ ଚାରିପଟରେ ଗଡ଼ଖାଇ । ସେଠି ନୌଚାଳନା ହୁଏ । ଭେଲୋର ଠାରୁ ୭ କି.ମି. ଦୂରରେ ସ୍ୱର୍ଣ୍ଣମନ୍ଦିର । ତିରୁପତି ତିରୁମାଲାଠାରେ ଭେଙ୍କଟେଶ୍ୱର ଦର୍ଶନ ପରି ସ୍ୱର୍ଣ୍ଣମନ୍ଦିରରେ ନାରାୟଣୀ ଦର୍ଶନ ବ୍ୟବସ୍ଥା । ସ୍ୱତନ୍ତ୍ର ଦର୍ଶନପାଇଁ ପ୍ରବେଶିକା ଫିସ୍ ଟ୨୫୦ । ଆମେ ସାହାଣ ମେଳା ଦର୍ଶନ ପାଇଁ ଧାଡି ଲଗାଇଲୁ । ବିଶେଷ ସମୟ ଲାଗିଲାନି । ଧାଡିରେ ଘଣ୍ଟାକ ପରେ ନାରାୟଣୀ ଦର୍ଶନ । ପ୍ରସାଦ ନଡ଼ିଆ କୋରା । ସମ୍ଭବତଃ ମନ୍ଦିରଟା ନୂଆକରି ହୋଇଛି । ଅମୃତସର ସ୍ୱର୍ଣ୍ଣମନ୍ଦିର ଢାଞ୍ଚାରେ ବିଶୁଦ୍ଧ ସ୍ୱର୍ଣ୍ଣ କି ସ୍ୱର୍ଣ୍ଣପୁଟ ଯାହା ହେଉ ଅତ୍ୟନ୍ତ ଚିତାକର୍ଷକ । ପରିବେଶ ମନଲୋଭା । ମନ୍ଦିର ସମ୍ମୁଖରେ କୃତ୍ରିମ ଝରଣା । ଯିବା ବାଟସାରା ପୁଷ୍ପ ଉଦ୍ୟାନ; ଆଧ୍ୟାତ୍ମିକ ଚିନ୍ତା ଉଦ୍ରେକ ହେଲାଭଳି ଲେଖା, ଭକ୍ତ ମାନଙ୍କର ଉଦଣ୍ଡନାଚ ମନରେ ପରିବର୍ତ୍ତନ ଆଣେ ।

Digitized by srujanika@gmail.com

ମନ୍ଦିରରୁ ବାହାରିଲେ ମାଗଣା ପ୍ରସାଦ ବଣ୍ଟନ ଆଉ ହୁଣ୍ଡି। ଆମେ ସେଠୁ ଫେରି ଘରେ ପହଞ୍ଚିଲୁ ସନ୍ଧ୍ୟାରେ।

୬.୩.୦୮ ରେ ଗଲୁ ଆପୋଲୋ ହସପିଟାଲ ସ୍ୱାସ୍ଥ୍ୟପରୀକ୍ଷା ପାଇଁ। ରେଜିଷ୍ଟ୍ରେସନ ଫିସ୍ ଟ୧୦୦ଙ୍କା। ଡାକ୍ତର ଗଣେଶନ୍ ମୋ ପୋଷ୍ଟ୍ରେଟ ଗ୍ରନ୍ଥି ପରୀକ୍ଷା କରି ମାଲିଗ୍ନାସିର ସୂଚନା ନାହିଁ ବୋଲି ମତଦେଲେ। ୮.୩.୦୮ ସନ୍ଧ୍ୟା ୫ଟାରେ ଆମେ ଚେନ୍ନାଇରୁ ଯାତ୍ରାକଲୁ ମଦୁରାଇ ଅଭିମୁଖେ। ଦୂରତା ୪୫୦ କି.ମି.। ୧୨ ଘଣ୍ଟାର ରାସ୍ତା। ବସ୍‌ଟି ବେଶ୍ ଆରାମଦାୟକ। ବାଟରେ ଅଳ୍ପ ସମୟ ପାଇଁ ଯାଗାଏ ଦିଯାଗା ରହି ମଦୁରାଇରେ ପହଞ୍ଚିଲା ସକାଳ ୮ଟା ବେଳେ ସେଠାରେ ତାଙ୍କ ଲୋକଥିଲେ। ଆମକୁ ନେଇଗଲେ ଗୋଟେ ହୋଟେଲକୁ, ଅନ୍ୟଜଣେ ଟ୍ରାଭେଲ ଏଜେଣ୍ଟ ପାଖକୁ। ସେଠି ଆମେ ନିତ୍ୟକର୍ମ ଶେଷ କଲୁ। ରାମେଶ୍ୱର ଅଭିମୁଖେ ଅନ୍ୟ ଏକ ଗାଡିଯିବ ସକାଳ ୮ଟାରେ। ଏଇ ସମୟ ମଧ୍ୟରେ ଆମେ ମୀନାକ୍ଷୀ ମନ୍ଦିର, ମଦନ ଗୋପାଳ ମନ୍ଦିର ଓ ମାରିଆମା ପୁଷ୍କରିଣୀ ଦେଖିନେଲୁ। ମୀନାକ୍ଷୀ ମନ୍ଦିର ତାମିଲନାଡୁର ବୃହତ୍ତମ ମନ୍ଦିର। ମନ୍ଦିର ମଧ୍ୟରେ ଶିବ ସୁନ୍ଦରେଶ୍ୱର ମଧ୍ୟ ପୂଜା ପାଉଛନ୍ତି। ତେଣୁ ତାକୁ ମୀନାକ୍ଷୀ ସୁନ୍ଦରେଶ୍ୱର କୁହାଯାଏ। କାରୁକାର୍ଯ୍ୟ ଅନନ୍ୟ। ଦକ୍ଷିଣ ଭାରତୀୟ ସ୍ଥାପତ୍ୟକଳାର ନିଦର୍ଶନ। କୂଳଶେଖର ପାଣ୍ଡିଆନ ମନ୍ଦିର ନିର୍ମାଣ କରାଇଥିଲେ। କଳା ମୁଗୁନି ପଥରର ନନ୍ଦି ମୂର୍ତ୍ତିଟିଏ ଅଛି। କଥିତ ଅଛି ପାର୍ବତୀ ଓ ଶିବ ପାଣ୍ଡ୍ୟରାଜ୍ୟ କିଛିକାଳ ଶାସନ କଲାପରେ ମିନାକ୍ଷୀ ଓ ସୁନ୍ଦରେଶ୍ୱର ନାମରେ ମୀନାକ୍ଷୀ ମନ୍ଦିରରେ ଅବସ୍ଥାନ କରୁଛନ୍ତି।

ଅଦୂରରେ ମଦନ ଗୋପାଳ ମନ୍ଦିର କମନୀୟ ମୂର୍ତ୍ତି ବେଢା ପରିକ୍ରମା କଲୁ, ରାମେଶ୍ୱର ଯିବା ବାଟରେ ମାରିଆମା ପୁଷ୍କରିଣୀ। ପୁଷ୍କରିଣୀ ମଝିରେ ମନ୍ଦିର। ଚନ୍ଦନ ପୋଖରୀ ପରି ଠାକୁରଙ୍କ ପାଖକୁ ଯିବାପାଇଁ ଫୁଟୁଫୁଟି ପଡ଼ିଛି। ବିଷ୍ଣୁମନ୍ଦିର, କାର୍ତ୍ତିକ ମନ୍ଦିର, ଗାନ୍ଧି ମ୍ୟୁଜିୟମ ଦୂରରେ। ସେଠିକୁ ଯାଇ ହେଲାନି। ରାମେଶ୍ୱର ପାଇଁ ବସ୍ ଛାଡିଲା ସକାଳ ଆଠଟା ବେଳେ। ୧୬୪ କି.ମି. ରାସ୍ତା। ୪ଘଣ୍ଟାର ବାଟ। ଘଣ୍ଟାକ ପରେ ରହିଲା ରାମନାଦ ବସ ଷ୍ଟାଣ୍ଡରେ ଜଳଯୋଗ ପାଇଁ। ଆମେ ସବୁ ଓହ୍ଲାଇଲୁ। ଏଠି ବରା ଗୋଟା ଟ୫, ମସଲା ଦୋଷା ଅଠର ଟଙ୍କା, ପଇଡ ୧୦ଟଙ୍କା। ତା'ପରେ ଗାଡ଼ି ଆଗେଇଲା ରାମେଶ୍ୱର ଅଭିମୁଖେ। ରାସ୍ତାଦୁଇପଟେ ନଡ଼ିଆ ବଗିଚା ତାଳ ବଣ। କଣ୍ଟାଗଛ ମଝିରେ ମଝିରେ ମିଶ୍ରିତ ଚାଷ- ଆଖୁ, କଦଳୀ, କାଁଭାଁ ଧାନ। ବହୁତ ଜନାକୀର୍ଣ୍ଣ। ଦୁଇପାଖରେ ବି.ଇଡି ଓ ଇଂଜିନିୟରିଂ କଲେଜ ସବୁ। ରାମେଶ୍ୱର ପାଖେଇ ଆସିଲା ସମୁଦ୍ର ଅଣଓସାରିଆ। ସମୁଦ୍ର ଉପରେ ପୋଲ ପ୍ଲଂବନ୍ ବ୍ରିଜ। ପୋଲ ପାରିହେଲେ ରାମେଶ୍ୱର। ଦ୍ୱୀପ ଭଳି ଦେଖାଯାଉଛି ସେଇଠି ଘଡିଏ ରହିଲୁ। ବାମ ପଟରେ ରେଳଧାରଣା। ଡାହାଣ ପଟେ ଖଣ୍ଡେ ଦୂରରେ ଦେଖାଯାଉଛି ରାମସେତୁ। ସେତୁ ଜଳମଗ୍ନ। ସେଇଠି ସେତୁ ସମୁଦ୍ର ଯୋଜନା କାର୍ଯ୍ୟକାରୀ ପାଇଁ ଟଣାଓଟରା। ଶ୍ରୀଲଙ୍କା ବହୁଦୂରରେ। ରାମସେତୁ ପାଖକୁ ଯିବାକୁ ବାଟନାହିଁ। କିଛି ସମୟ ପରେ ଗାଡି ଆସିଲାଗିଲା ଅଗ୍ନୀ ତୀର୍ଥରେ

Digitized by srujanika@gmail.com

ଆମ ସାଥିରେ ଗାଇଡ । ଡ୍ରାଇଭରର ମଧ୍ୟ ସବୁସ୍ଥାନ ଜାଣିଛି । ଅଗ୍ନିତୀର୍ଥ ହେଉଛି ସମୁଦ୍ରରେ ସ୍ନାନ ପାଇଁ ଘାଟ ! ଏଇଠି ବୁଡ଼ ପକାଇ ରାମନାଥସ୍ୱାମି ମନ୍ଦିରକୁ ଦର୍ଶନ ପାଇଁ ଯାନ୍ତି । ସମସ୍ତେ ଗାଡିରେ ଲୁଗାପଟା ରଖି ସମୁଦ୍ରରେ ସ୍ନାନ କଲେ । ପଣ୍ଡାମାନେ ଆସି ଯୁଟି ଗଲେଣି । ସେଇ ଓଦାଲୁଗାରେ ଦର୍ଶନ କରିବାକୁ ପଡେ । ମନ୍ଦିର ବେଢାରେ ମନ୍ଦିର ଚାରିପଟେ ପ୍ରାୟ ୨୦ଟି କୂଅ ଅଛି । ଦର୍ଶନ ପୂର୍ବରୁ ଏଇ କୂଅ ପାଣିରେ ଗାଧୋଇବାକୁ ପଡେ । ପ୍ରତି କୂଅପାଖରେ ଲୋକ ଠିଆ ହୋଇଥାନ୍ତି ପାଣି ଢାଳିବାକୁ । ଏ ସବୁ ସେଇ ସମୁଦ୍ର ପାଣି । ଏଇ ସ୍ନାନ ପାଇଁ ଫିସ୍ ଏକାବନ ଟଙ୍କା । ଓଦା ଗାମୁଛାକୁ ମୁଣ୍ଡରୁ ପାଣି ଗଡୁଛି, ଧାଡିରେ ଛିଡା ହେବାପାଇଁ ଧୈର୍ଯ୍ୟ କାହିଁ । ସ୍ପେଶାଲ ଦର୍ଶନ ପାଇଁ ଫିସ୍ ଟ ୫୦ ଟଙ୍କା । ଯା ହେଉ ଶିବ ରାମନାଥ ସ୍ୱାମୀଙ୍କ ଦର୍ଶନ କଲୁ । ଏଇଠି ରାମଚନ୍ଦ୍ର, ରାମନାଥ ସ୍ୱାମୀଙ୍କୁ ପୂଜାକରି ଲଙ୍କାକୁ ଯାଇଥିଲେ ରାବଣସହ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର କରିବାପାଇଁ । ମନ୍ଦିର ବେଢାତ ଖାଲି କୂଅରେ ଭରା । କଳା ମୁଗୁନି ପଥର ଗୋଟିଏ ନନ୍ଦୀ ମୂର୍ତ୍ତି ଦେଖିଲୁ । ମନ୍ଦିରକୁ ଲାଗି ଶଙ୍କରାଚାର୍ଯ୍ୟଙ୍କ ଶୃଙ୍ଗେରୀ ମଠ । ଟିକିଏ ଦୂରରେ ରାମ ମନ୍ଦିର । ରାମ ମନ୍ଦିର ବେଢାରେ ସୀତା ତୀର୍ଥ, ଲକ୍ଷ୍ମଣତୀର୍ଥ, ପଞ୍ଚମୁଖୀ ହନୁମାନ, ଶ୍ରୀରାମଙ୍କ ପାଦଚିହ୍ନ ଓ ଭାସମାନ ପଥର ଖଣ୍ଡମାନ । କୌତୂହଳୀ ହୋଇ ପଥରଖଣ୍ଡ ମାନଙ୍କରେ ହାତମାରି ଦେଖିଲୁ । ଖାଇବାକୁ କେଉଁଠି କିଛି ନାହିଁ । ଛୋଟିଆ ଗାଁଟିଏ କହିଲେ ଅତ୍ୟୁକ୍ତି ହେବନାହିଁ । ସେଇଥିପାଇଁ ବୋଧହୁଏ ଏ ତୀର୍ଥର ନାମ ରଖାଯାଇଛି କର୍ମକ୍ଷେତ୍ର । ରାମେଶ୍ୱର ଆସିଲୁ କିନ୍ତୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି କେଉଁଠି ଦେଖିଲୁ ନାହିଁ ।

ଦୁଇଟା ବେଳେ ରାମେଶ୍ୱରରୁ ଫେରି ମଦୁରାଇରେ ସନ୍ଧ୍ୟା ୬ଟାରେ ପହଞ୍ଚିଲୁ । ସେଠୁ ରାତି ୧୧ଟାରେ ବାହାରି କନ୍ୟାକୁମାରୀରେ ସକାଳ ୪ଟା ବେଳେ ପହଞ୍ଚିଲୁ । ଏ ବି ପ୍ରାୟ ୨୩୨ କି.ମି. ରାସ୍ତା । ରାତିରେ ବିଶେଷ କିଛି ଦେଖି ପାରିଲୁନି । ବର୍ଷା ବି ହେଲା । ଅମେ ପହଁଚିଲା ମାତ୍ରେ ଆମକୁ ହୋଟେଲକୁ ନେଇଗଲେ । ସମସ୍ତଙ୍କପାଇଁ ରହିବାର ବନ୍ଦୋବସ୍ତ ହୋଇଛି । ମୁଁ ଓ ମୋ କ୍ୱାଇଁଙ୍କ ରହିବା ପାଇଁ ଗୋଟିଏ କୋଠରୀ ଦ୍ୱିତୀୟ ମହଲାରେ । ସବୁତ ସମୁଦ୍ର କୂଳରେ । ହେଲେ ଆମ ରୁମ୍ ସାମ୍ନାରେ ଗୋଟିଏ ସୁନ୍ଦର ଅତିକାୟ ଚର୍ଚ୍ଚ । ସେଇ ଦୃଶ୍ୟଦେଖି ସବୁ ଭୁଲିଗଲୁ । ଲୁଗାପଟା ବଦଳାଇ କିଛି ସମୟ ବିଶ୍ରାମ ନେବା ପରେ ନିତ୍ୟକର୍ମ ଶେଷକଲୁ । ସୂର୍ଯ୍ୟୋଦୟ ସକାଳ ୬ଟା ୩୦ ମିନିଟରେ । ୬ଟା ବେଳେ ଗାଇଡ୍ ହାଜର । ଗାଡି ବ୍ୟବସ୍ଥା ହୋଇ ସାରିଛି ଆମେ ସମସ୍ତେ ଯାଇଁ ପହଞ୍ଚିଲୁ ସ୍ୱାମୀ ବିବେକାନନ୍ଦ ରକ ପାଖ ସମୁଦ୍ରକୂଳରେ । ବଙ୍ଗୋପସାଗରରେ ସୂର୍ଯ୍ୟୋଦୟ ଆରବ ସାଗରରେ ସୂର୍ଯ୍ୟାସ୍ତ । ମେଘୁଆ ପାଗ । ଆକାଶ ବାଦଲରେ ଛାଇ ହୋଇଯାଇଛି ୭ଟା ପର୍ଯ୍ୟନ୍ତ ଅପେକ୍ଷା କଲୁ । କିନ୍ତୁ ସୂର୍ଯ୍ୟୋଦୟ ଦେଖି ପାରିଲୁ ନାହିଁ । ଗାଡିସହ ଗାଇଡ ଆମକୁ ଆଣିଲେ ଗୋଟିଏ ମ୍ୟୁଜିୟମ ଦେଖିବାକୁ । ଏଠି ମୂର୍ତ୍ତିସବୁ ଯଉରେ ତିଆରି । ଗାନ୍ଧୀ, ନେହେରୁ,ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସବୁ ରହିଛି । ପ୍ରବେଶିକା ଫିସ୍ ଟ୫୦ । ଏ ମ୍ୟୁଜିୟମ ଶଚୀନ୍ଦମ ମନ୍ଦିର ଯିବା ବାଟରେ ମନ୍ଦିର କନ୍ୟାକୁମାରୀ ଠାରୁ ୧୩ କି.ମି. ଦୂର । ଆମକୁ ଆଣି ମନ୍ଦିର ପାଖରେ ପହଞ୍ଚାଇ ଦେଲେ । ଶଚୀନ୍ଦ୍ରମ ମନ୍ଦିର ଗୋଟିଏ

Digitized by srujanika@gmail.com

ଶିବ ମନ୍ଦିର । ଏହା ପଛରେ ପାପନାଶିନୀ ପୁଷ୍କରିଣୀ । କୁହାଯାଏ ଇନ୍ଦ୍ର ଏଠାରେ ସ୍ନାନକରି ଅହଲ୍ୟା ଅପହରଣ ଜନିତ ପାପ ପାଇଁ ଗୌତମ ଋଷିଙ୍କ ଅଭିଶାପରୁ ମୁକ୍ତ ହୋଇଥିଲେ । ଏଠାରେ ଗୋଟିଏ ଗଣେଶ ମୂର୍ତ୍ତି - ଇନ୍ଦ୍ରକାନ୍ତ ବିନାୟକ ତାଙ୍କୁ ଇନ୍ଦ୍ର ପୂଜା କରୁଥିଲେ । ମନ୍ଦିର ବେଢ଼ାରେ ଧଳା ନନ୍ଦୀ ମୂର୍ତ୍ତି ଓ ବିରାଟ ହନୁମାନ ।

କଥିତ ଅଛି କନ୍ୟାକୁମାରୀଙ୍କ ସତୀତ୍ୱ ପରୀକ୍ଷାପାଇଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଭିକାରୀ ବେଶରେ ଭିକ୍ଷା କରିବା ପାଇଁ ଆସିଥିଲେ । କୁମାରୀ ଭିକ୍ଷା ଦେବାକୁ ଆସନ୍ତେ ସେମାନେ ତାଙ୍କୁ ଉଲଗ୍ନ ହୋଇ ଭିକ୍ଷା ଦେଲେ ଭିକ୍ଷା ଗ୍ରହଣ କରିବେ ବୋଲି କହିଲେ । କୁମାରୀ ତାଙ୍କ ସତୀତ୍ୱ ବଳରେ ସେମାନଙ୍କୁ ଛୋଟ ଛୋଟ ବାଳକ କରିଦେଲେ ଓ ଭିକ୍ଷା ଦେଲେ । ବ୍ରହ୍ମା ବିଷ୍ଣୁ ମହେଶ୍ୱର । ସେଠି ଗୋଟିଏ ସ୍ଥାନରେ ପୂଜା ପାଉଛନ୍ତି । ଶଚୀନ୍ଦ୍ରମ ମନ୍ଦିର ନଗର କୋଇଲି ଯିବା ବାଟରେ । ମନ୍ଦିର ଦେଖିବା ପରେ ଗାଡି ଆମକୁ ଆଣି ବିବେକାନନ୍ଦ ଶୀଳା ପାଖରେ ଛାଡି ଦେଇଗଲା । ସମୁଦ୍ର ବକ୍ଷରେ ବିବେକାନନ୍ଦ ଶିଳା ପାଖକୁ ଲଞ୍ଚରେ ଯିବାକୁ ପଡେ । ଯିବା ଆସିବା ଭଡା ୨୦ଟଙ୍କା । ଅଗ୍ରିମ ଟିକେଟ କଲୁ । ଧାଡିରେ ଯାଇ ଲଞ୍ଚରେ ଚଢିବା ପୂର୍ବରୁ ଲାଇଫ ବୋଟ ବାନ୍ଧିଲୁ । ନହେଲେ ଲଞ୍ଚରେ ଯାଇ ପାରିବନି । ଅଚ୍ଚ କେଇ ମିନିଟର ବାଟ । କୂଳକୁ ଦେଖାଯାଉଛି । ଲଞ୍ଚରୁ ଓହ୍ଲାଇ ଦର୍ଶନ ପାଇଁ ଦଶ ଟଙ୍କା ଲେଖା ଦେଲୁ । ସ୍ୱାମୀଜୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି । ସୁନ୍ଦର ମନ୍ଦିର । ସୁନ୍ଦର ପରିବେଶ । ଗୋଟିଏ ସ୍ଥାନରେ ଦେବୀ କନ୍ୟାକୁମାରୀଙ୍କ ପାଦଚିହ୍ନ । ତାକୁ ହିଁ ସ୍ପର୍ଶକରି ସ୍ୱାମୀଜୀ ଆମେରିକା ଯାଇଥିଲେ-ହିନ୍ଦୁଧର୍ମର ସାରତତ୍ୱ ପ୍ରଚାର କରିବାକୁ । ପାଖରେ ଆଉଗୋଟିଏ ଶିଳା ତାମିଲ ସାହିତ୍ୟ ରଥି ଥିରୁଭାଲୁଭାରଙ୍କ ପ୍ରତିମୂର୍ତ୍ତି । ଫେରିବା ବାଟରେ ସେଠିକୁ ଯିବାକୁ ପଡେ । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଦର୍ଶନ ଓ ସମୁଦ୍ର ବକ୍ଷରେ ନୌବିହାର ସାରି ଫେରିଲୁ କନ୍ୟାକୁମାରୀର ଅସଲ ତୀର୍ଥ କନ୍ୟାକୁମାରୀ ମନ୍ଦିରରେ ଦେବୀ କନ୍ୟାକୁମାରୀଙ୍କ ଦର୍ଶନ ପାଇଁ । ଯର୍ଜୁବେଦରେ କନ୍ୟାକୁମାରୀଙ୍କ ନାମ ଉଲ୍ଲେଖ ଅଛି । ସେ ପରାଶକ୍ତି କନ୍ୟାରୂପ ଧାରଣ କରି ତପସ୍ୟା କରୁଥିଲେ । ବାଣାସୁର ବଧପାଇଁ କାଶୀରେ ଗଙ୍ଗା ଓ କନ୍ୟାକୁମାରୀରେ ସାଗର ସ୍ନାନ କଲେ ସବୁ ପାପ ଧୌତ ହୋଇଯାଏ । ମନ୍ଦିରର ଭାସ୍କର୍ଯ୍ୟ ଦାକ୍ଷିଣାତ୍ୟର ସବୁ ମନ୍ଦିରପରି ହେଲେ ବି ଏହାର ଅବସ୍ଥିତି ଅତି ରମଣୀୟ । ସାଗର ବେଳାରେ ମନ୍ଦିରକୁ ଚାହିଁଲେ ମନରେ ଭକ୍ତି ଭରିଯାଏ । ସମୁଦ୍ର ଭିତରକୁ ପଶିଯାଇଛି ମନ୍ଦିରର ଭିତ୍ତିଭୂମି । ପୂର୍ବରେ ବଙ୍ଗୋପସାଗର ପଶ୍ଚିମରେ ଆରବ ସାଗର, ଦକ୍ଷିଣରେ ଭାରତ ମହାସାଗର ତିନି ସାଗରର ସଂଗମସ୍ଥଳ ତ୍ରିବେଣୀ ସଂଗମ । ସେଇଠି ଗାଧୁଆ ଘାଟ । କେତେ ଆଗ୍ରହରେ ଭକ୍ତମାନେ ବୁଡ ପକାଉଛନ୍ତି । ଆମେ ଟିକିଏ ପାଣି ଛିଞ୍ଚିହୋଇ ପଡିଲୁ । ମନ୍ଦିରରେ ପ୍ରବେଶକରି କୁମାରୀ ଆମ୍ମାଙ୍କ ଦର୍ଶନ ସାରି ବେଢା ବୁଲିଲୁ । ବାହାରେ ଶଙ୍କରାଚାର୍ଯ୍ୟଙ୍କ ମଣ୍ଡପ । କାମରାଜ ମଣ୍ଡପ, ପାଖାପାଖି ଗାନ୍ଧୀ ମଣ୍ଡପ । ଆମକୁ ସାଢେ ବାରଟା ସୁଦ୍ଧା ହୋଟେଲକୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଇଚ୍ଛା ଥିଲେ ବି ବେଶୀ ସମୟ ରହି ହେଲାନି । ପାଖ ହୋଟେଲରେ ଦକ୍ଷିଣ ଭାରତୀୟ ଖାଦ୍ୟରେ ସନ୍ତୁଷ୍ଟ ହୋଇ ହୋଟେଲକୁ ଫେରି ଆସିଲୁ । ଲୁଗାପଟା

Digitized by srujanika@gmail.com

ଆମ ସାଥିରେ ଗାଇଡ। ଡ୍ରାଇଭର ମଧ ସବୁସ୍ଥାନ ଜାଣିଛି। ଅଗ୍ନିତୀର୍ଥ ହେଉଛି ସମୁଦ୍ରରେ ସ୍ନାନ ପାଇଁ ଘାଟ। ଏଇଠି ବୁଡ଼ ପକାଇ ରାମନାଥସ୍ୱାମି ମନ୍ଦିରକୁ ଦର୍ଶନ ପାଇଁ ଯାନ୍ତି। ସମସ୍ତେ ଗାଡିରେ ଲୁଗାପଟା ରଖି ସମୁଦ୍ରରେ ସ୍ନାନ କଲେ। ପଣ୍ଡାମାନେ ଆସି ଯୁଟି ଗଲେଣି। ସେଇ ଓଦାଲୁଗାରେ ଦର୍ଶନ କରିବାକୁ ପଡେ। ମନ୍ଦିର ବେଢାରେ ମନ୍ଦିର ଚାରିପଟେ ପ୍ରାୟ ୨୦ଟି କୂଅ ଅଛି। ଦର୍ଶନ ପୂର୍ବରୁ ଏଇ କୂଅ ପାଣିରେ ଗାଧୋଇବାକୁ ପଡେ। ପ୍ରତି କୂଅପାଖରେ ଲୋକ ଠିଆ ହୋଇଥାନ୍ତି ପାଣି ଢାଳିବାକୁ। ଏ ସବୁ ସେଇ ସମୁଦ୍ର ପାଣି। ଏଇ ସ୍ନାନ ପାଇଁ ଫିସ୍ ଏକାବନ ଟଙ୍କା। ଓଦା ଗାମୁଛାକୁ ମୁଣ୍ଡରୁ ପାଣି ଗଡୁଛି, ଧାଡିରେ ଛିଡା ହେବାପାଇଁ ଧୈର୍ଯ୍ୟ କାହିଁ। ସ୍ପେଶାଲ ଦର୍ଶନ ପାଇଁ ଫିସ୍ ଟ ୫୦ ଟଙ୍କା। ଯା ହେଉ ଶିବ ରାମନାଥ ସ୍ୱାମୀଙ୍କ ଦର୍ଶନ କଲୁ। ଏଇଠି ରାମଚନ୍ଦ୍ର, ରାମନାଥ ସ୍ୱାମୀଙ୍କୁ ପୂଜାକରି ଲଙ୍କାକୁ ଯାଇଥିଲେ ରାବଣସହ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର କରିବାପାଇଁ। ମନ୍ଦିର ବେଢାତ ଖାଲି କୂଅରେ ଭରା। କଳା ମୁଗୁନି ପଥର ଗୋଟିଏ ନନ୍ଦୀ ମୂର୍ତ୍ତି ଦେଖିଲୁ। ମନ୍ଦିରକୁ ଲାଗି ଶଙ୍କରାଚାର୍ଯ୍ୟଙ୍କ ଶୃଙ୍ଗେରୀ ମଠ। ଟିକିଏ ଦୂରରେ ରାମ ମନ୍ଦିର। ରାମ ମନ୍ଦିର ବେଢାରେ ସୀତା ତୀର୍ଥ, ଲକ୍ଷ୍ମଣତୀର୍ଥ, ପଞ୍ଚମୁଖୀ ହନୁମାନ, ଶ୍ରୀରାମଙ୍କ ପାଦଚିହ୍ନ ଓ ଭାସମାନ ପଥର ଖଣ୍ଡମାନ। କୌତୂହଳୀ ହୋଇ ପଥରଖଣ୍ଡ ମାନଙ୍କରେ ହାତମାରି ଦେଖିଲୁ। ଖାଇବାକୁ କେଉଁଠି କିଛି ନାହିଁ। ଛୋଟିଆ ଗାଁଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ସେଇଥିପାଇଁ ବୋଧହୁଏ ଏ ତୀର୍ଥର ନାମ ରଖାଯାଇଛି କର୍ମକ୍ଷେତ୍ର। ରାମେଶ୍ୱର ଆସିଲୁ କିନ୍ତୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି କେଉଁଠି ଦେଖିଲୁ ନାହିଁ।

ଦୁଇଟା ବେଳେ ରାମେଶ୍ୱରରୁ ଫେରି ମଦୁରାଇରେ ସନ୍ଧ୍ୟା ୬ଟାରେ ପହଞ୍ଚିଲୁ। ସେଠୁ ରାତି ୧୧ଟାରେ ବାହାରି କନ୍ୟାକୁମାରୀରେ ସକାଳ ୪ଟା ବେଳେ ପହଞ୍ଚିଲୁ। ଏ ବି ପ୍ରାୟ ୨୩୨ କି.ମି. ରାସ୍ତା। ରାତିରେ ବିଶେଷ କିଛି ଦେଖି ପାରିଲୁନି। ବର୍ଷା ବି ହେଲା। ଅମେ ପହଁଚିଲା ମାତ୍ରେ ଆମକୁ ହୋଟେଲକୁ ନେଇଗଲେ। ସମସ୍ତଙ୍କପାଇଁ ରହିବାର ବନ୍ଦୋବସ୍ତ ହୋଇଛି। ମୁଁ ଓ ମୋ ଜ୍ୱାଇଁଙ୍କ ରହିବା ପାଇଁ ଗୋଟିଏ କୋଠରୀ ଦ୍ୱିତୀୟ ମହଲାରେ। ସବୁତ ସମୁଦ୍ର କୂଳରେ। ହେଲେ ଆମ ରୁମ୍ ସାମ୍ନାରେ ଗୋଟିଏ ସୁନ୍ଦର ଅତିକାୟ ଚର୍ଚ୍ଚ। ସେଇ ଦୃଶ୍ୟଦେଖି ସବୁ ଭୁଲିଗଲୁ। ଲୁଗାପଟା ବଦଳାଇ କିଛି ସମୟ ବିଶ୍ରାମ ନେବା ପରେ ନିତ୍ୟକର୍ମ ଶେଷକଲୁ। ସୂର୍ଯ୍ୟୋଦୟ ସକାଳ ୬ଟା ୩୦ ମିନିଟରେ। ୬ଟା ବେଳେ ଗାଇଡ୍ ହାଜର। ଗାଡି ବ୍ୟବସ୍ଥା ହୋଇ ସାରିଛି ଆମେ ସମସ୍ତେ ଯାଇଁ ପହଞ୍ଚିଲୁ ସ୍ୱାମୀ ବିବେକାନନ୍ଦ ରକ ପାଖ ସମୁଦ୍ରକୂଳରେ। ବଙ୍ଗୋପସାଗରରେ ସୂର୍ଯ୍ୟୋଦୟ ଆରବ ସାଗରରେ ସୂର୍ଯ୍ୟାସ୍ତ। ମେଘୁଆ ପାଗ। ଆକାଶ ବାଦଲରେ ଛାଇ ହୋଇଯାଇଛି ୭ଟା ପର୍ଯ୍ୟନ୍ତ ଅପେକ୍ଷା କଲୁ। କିନ୍ତୁ ସୂର୍ଯ୍ୟୋଦୟ ଦେଖି ପାରିଲୁ ନାହିଁ। ଗାଡିସହ ଗାଇଡ ଆମକୁ ଆଣିଲେ ଗୋଟିଏ ମ୍ୟୁଜିୟମ ଦେଖିବାକୁ। ଏଠି ମୂର୍ତ୍ତିସବୁ ଯଉରେ ତିଆରି। ଗାନ୍ଧୀ, ନେହେରୁ,ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସବୁ ରହିଛି। ପ୍ରବେଶିକା ଫିସ୍ ଟ୫୦। ଏ ମ୍ୟୁଜିୟମ ଶଚୀନ୍ଦମ ମନ୍ଦିର ଯିବା ବାଟରେ ମନ୍ଦିର କନ୍ୟାକୁମାରୀ ଠାରୁ ୧୩ କି.ମି. ଦୂର। ଆମକୁ ଆଣି ମନ୍ଦିର ପାଖରେ ପହଞ୍ଚାଇ ଦେଲେ। ଶଚୀନ୍ଦ୍ରମ ମନ୍ଦିର ଗୋଟିଏ

Digitized by srujanika@gmail.com

ଶିବ ମନ୍ଦିର । ଏହା ପଛରେ ପାପନାଶିନୀ ପୁଷ୍କରିଣୀ । କୁହାଯାଏ ଇନ୍ଦ୍ର ଏଠାରେ ସ୍ନାନକରି ଅହଲ୍ୟା ଅପହରଣ ଜନିତ ପାପ ପାଇଁ ଗୌତମ ଋଷିଙ୍କ ଅଭିଶାପରୁ ମୁକ୍ତ ହୋଇଥିଲେ । ଏଠାରେ ଗୋଟିଏ ଗଣେଶ ମୂର୍ତ୍ତି - ଇନ୍ଦ୍ରକାନ୍ତ ବିନାୟକ ତାଙ୍କୁ ଇନ୍ଦ୍ର ପୂଜା କରୁଥିଲେ । ମନ୍ଦିର ବେଢାରେ ଧଳା ନନ୍ଦୀ ମୂର୍ତ୍ତି ଓ ବିରାଟ ହନୁମାନ ।

କଥିତ ଅଛି କନ୍ୟାକୁମାରୀଙ୍କ ସତୀତ୍ୱ ପରୀକ୍ଷାପାଇଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଭିକାରୀ ବେଶରେ ଭିକ୍ଷା କରିବା ପାଇଁ ଆସିଥିଲେ । କୁମାରୀ ଭିକ୍ଷା ଦେବାକୁ ଆସନ୍ତେ ସେମାନେ ତାଙ୍କୁ ଉଲଗ୍ନ ହୋଇ ଭିକ୍ଷା ଦେଲେ ଭିକ୍ଷା ଗ୍ରହଣ କରିବେ ବୋଲି କହିଲେ । କୁମାରୀ ତାଙ୍କ ସତୀତ୍ୱ ବଳରେ ସେମାନଙ୍କୁ ଛୋଟ ଛୋଟ ବାଳକ କରିଦେଲେ ଓ ଭିକ୍ଷା ଦେଲେ । ବ୍ରହ୍ମା ବିଷ୍ଣୁ ମହେଶ୍ୱର । ସେଠି ଗୋଟିଏ ସ୍ଥାନରେ ପୂଜା ପାଉଛନ୍ତି । ଶଚୀନ୍ଦ୍ରମ ମନ୍ଦିର ନଗର କୋଇଲି ଯିବା ବାଟରେ । ମନ୍ଦିର ଦେଖିବା ପରେ ଗାଡି ଆମକୁ ଆଣି ବିବେକାନନ୍ଦ ଶୀଳା ପାଖରେ ଛାଡି ଦେଇଗଲା । ସମୁଦ୍ର ବକ୍ଷରେ ବିବେକାନନ୍ଦ ଶିଳା ପାଖକୁ ଲଞ୍ଚରେ ଯିବାକୁ ପଡେ । ଯିବା ଆସିବା ଭଡା ୨୦ଟଙ୍କା । ଅଗ୍ରିମ ଟିକେଟ କଲୁ । ଧାଡିରେ ଯାଇ ଲଞ୍ଚରେ ଚଢିବା ପୂର୍ବରୁ ଲାଇଫ ବୋଟ ବାନ୍ଧିଲୁ । ନହେଲେ ଲଞ୍ଚରେ ଯାଇ ପାରିବନି । ଅଳ୍ପ କେଇ ମିନିଟର ବାଟ । କୂଳକୁ ଦେଖାଯାଉଛି । ଲଞ୍ଚରୁ ଓହ୍ଲାଇ ଦର୍ଶନ ପାଇଁ ଦଶ ଟଙ୍କା ଲେଖା ଦେଲୁ । ସ୍ୱାମୀଜୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି । ସୁନ୍ଦର ମନ୍ଦିର । ସୁନ୍ଦର ପରିବେଶ । ଗୋଟିଏ ସ୍ଥାନରେ ଦେବୀ କନ୍ୟାକୁମାରୀଙ୍କ ପାଦଚିହ୍ନ । ତାକୁ ହିଁ ସ୍ପର୍ଶକରି ସ୍ୱାମୀଜୀ ଆମେରିକା ଯାଇଥିଲେ-ହିନ୍ଦୁଧର୍ମର ସାରତତ୍ୱ ପ୍ରଚାର କରିବାକୁ । ପାଖରେ ଆଉଗୋଟିଏ ଶିଳା ତାମିଲ ସାହିତ୍ୟ ରଥି ଥିରୁଭାଲୁଭାରଙ୍କ ପ୍ରତିମୂର୍ତ୍ତି । ଫେରିବା ବାଟରେ ସେଠିକୁ ଯିବାକୁ ପଡେ । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଦର୍ଶନ ଓ ସମୁଦ୍ର ବକ୍ଷରେ ନୌବିହାର ସାରି ଫେରିଲୁ କନ୍ୟାକୁମାରୀର ଅସଲ ତୀର୍ଥ କନ୍ୟାକୁମାରୀ ମନ୍ଦିରରେ ଦେବୀ କନ୍ୟାକୁମାରୀଙ୍କ ଦର୍ଶନ ପାଇଁ । ଯର୍ଜୁର୍ବେଦରେ କନ୍ୟାକୁମାରୀଙ୍କ ନାମ ଉଲ୍ଲେଖ ଅଛି । ସେ ପରାଶକ୍ତି କନ୍ୟାରୂପ ଧାରଣ କରି ତପସ୍ୟା କରୁଥିଲେ । ବାଣାସୁର ବଧପାଇଁ କାଶୀରେ ଗଙ୍ଗା ଓ କନ୍ୟାକୁମାରୀରେ ସାଗର ସ୍ନାନ କଲେ ସବୁ ପାପ ଧୌତ ହୋଇଯାଏ । ମନ୍ଦିରର ଭାସ୍କର୍ଯ୍ୟ ଦାକ୍ଷିଣାତ୍ୟର ସବୁ ମନ୍ଦିରପରି ହେଲେ ବି ଏହାର ଅବସ୍ଥିତି ଅତି ରମଣୀୟ । ସାଗର ବେଳାରେ ମନ୍ଦିରକୁ ଚାହିଁଲେ ମନରେ ଭକ୍ତି ଭରିଯାଏ । ସମୁଦ୍ର ଭିତରକୁ ପଶିଯାଇଛି ମନ୍ଦିରର ଭିତ୍ତିଭୂମି । ପୂର୍ବରେ ବଙ୍ଗୋପସାଗର ପଶ୍ଚିମରେ ଆରବ ସାଗର, ଦକ୍ଷିଣରେ ଭାରତ ମହାସାଗର ତିନି ସାଗରର ସଂଗମସ୍ଥଳ ତ୍ରିବେଣୀ ସଂଗମ । ସେଇଠି ଗାଧୁଆ ଘାଟ । କେତେ ଆଗ୍ରହରେ ଭକ୍ତମାନେ ବୁଡ ପକାଉଛନ୍ତି । ଆମେ ଟିକିଏ ପାଣି ଛିଞ୍ଚିହୋଇ ପଡିଲୁ । ମନ୍ଦିରରେ ପ୍ରବେଶକରି କୁମାରୀ ଆମ୍ମାଙ୍କ ଦର୍ଶନ ସାରି ବେଢା ବୁଲିଲୁ । ବାହାରେ ଶଙ୍କରାଚାର୍ଯ୍ୟଙ୍କ ମଣ୍ଡପ । କାମରାଜ ମଣ୍ଡପ, ପାଖାପାଖି ଗାନ୍ଧୀ ମଣ୍ଡପ । ଆମକୁ ସାଢେ ବାରଟା ସୁଦ୍ଧା ହୋଟେଲକୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଇଚ୍ଛା ଥିଲେ ବି ବେଶୀ ସମୟ ରହି ହେଲାନି । ପାଖ ହୋଟେଲରେ ଦକ୍ଷିଣ ଭାରତୀୟ ଖାଦ୍ୟରେ ସନ୍ତୁଷ୍ଟ ହୋଇ ହୋଟେଲକୁ ଫେରି ଆସିଲୁ । ଲୁଗାପଟା

Digitized by srujanika@gmail.com

ତ ବନ୍ଧାବନ୍ଧି ସରିଥାଏ । ବିଛଣାରେ ବସି ଚାହିଁ ରହିଲୁ ସମୁଦ୍ରବେଳାରେ ଥିବା ନୟନ ମନହରା ସେଇ ଚର୍ଚ୍ଚକୁ । ଗାଇଡଙ୍କ ଠକ୍ ଠକ୍ ଆବାଜ୍‌ରେ ଘର ଖୋଲି ଜିନିଷ ପତ୍ର ଧରି ବାହାରକୁ ଆସିଲୁ ଓ ବିଳମ୍ବ ନକରି ଗାଡିରେ ବସିଲୁ । ଅପରାହ୍ନ ଗୋଟାକ ବେଳେ ଗାଡି ଛାଡିଲା ମଦୁରାଇ ଅଭିମୁଖେ । ଆମେ ପହଞ୍ଚିଲୁ ସନ୍ଧ୍ୟା ଛ'ଟାରେ । ଏପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ ।

ଚେନାଇ ଅଭିମୁଖେ ଆମ ଗାଡି ଛାଡିବା କଥା ରାତି ଆଠଟା ବେଳେ ଅଫିସ୍‌ବାଲାଙ୍କ କଥା ଅନୁସାରେ ହୋଟେଲ ଛାଡି ଆସି ପହଞ୍ଚିଲୁ ଟ୍ରାଭେଲ ଏଜେଣ୍ଟଙ୍କ ଅଫିସରେ । ଗାଡି ଆସିବାରେ ବିଳମ୍ବ ଦେଖି ମୁଁ ଟିକିଏ ଘଡବଡେଇ ଗଲି । କାଲି କଟକ ଫେରିବି । ଠିକ୍ ସମୟରେ ନ ପହଞ୍ଚିଲେ ରିଜରଭେସନ ମିଳିବନି । ଏଣେ ତାଙ୍କ ଗାଡି ଅନିବାର୍ଯ୍ୟ କାରଣରୁ ଆସିପାରୁନାହିଁ । ସେ ବି ଅନ୍ୟ ଗାଡି ପାଇଁ ଚେଷ୍ଟା କରୁଛନ୍ତି । ଯାହେଉ ଆମ ଆଶା ନିରାଶାରେ ପୂର୍ଣ୍ଣଛେଦ ପକାଇ ଗାଡି ଲାଗିଲା ରାତି ୧୦ଟା ୩୦ ମିନିଟରେ । ଅଢେଇ ଘଣ୍ଟା ବିଳମ୍ବରେ । ଆଉ କୌଣସି ଅସୁବିଧା ହୋଇନି । ନିର୍ଦ୍ଧାରିତ ସମୟ ପୂର୍ବରୁ ଗାଡି ଚେନ୍ନାଇ ସ୍ପର୍ଶକଲା ସକାଳ ୭ଟା ୩୦ମିନିଟରେ । ଆମକୁ ଆମ ବସା ପାଖରେ ଓହ୍ଲାଇ ଦେଲା । ସେଦିନ ରାତି ୧୧ଟା ୩୦ ମିନିଟରେ ହାବଡ଼ା ମେଲରେ ମୁଁ କଟକ ଫେରି ପରଦିନ ରାତି ୯ଟାରେ ପହଞ୍ଚିଲି ।

ଚାକିରୀରେ ଥିବାବେଳେ ବଦ୍ରିନାଥ ଦେଖିଥିଲି । ରାମେଶ୍ୱର ପରେ ଦ୍ୱାରକାରେ ଦ୍ୱାରକାନାଥ ଦର୍ଶନ ପାଇଁ ପ୍ରବଳ ଆଗ୍ରହ ଥିଲେ ବି ସୁଯୋଗ ମିଳୁନି । ଶେଷରେ ପୁରୁଷୋତ୍ତମ କ୍ଷେତ୍ର, ପିଲାଟି ଦିନରୁ ପୁରୀ ଦେଖି ଆସିଛି । ମତେ ଆଠବର୍ଷ ବୟସରେ ମୋ ବୋଉ ବଡ଼ଛତା ମଠରେ ବାବାଜୀ କରିଦେଇଥିଲା । ମୋ ପାଇଁ ସେଠି ନୂଆ କିଛି ନାହିଁ । ହିନ୍ଦୁଧର୍ମର ପ୍ରଧାନ ଚାରିଧାମ ମଧ୍ୟରେ ଭୋଗକ୍ଷେତ୍ର, ଶ୍ରୀକ୍ଷେତ୍ର ପୁରୀ ଶୀର୍ଷ ସ୍ଥାନରେ । ସବୁପୀଠ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଜଗନ୍ନାଥ ଦର୍ଶନକୁ ଆସିଥାନ୍ତି । ମୁଁ ଶ୍ରୀକ୍ଷେତ୍ର ସମ୍ବନ୍ଧରେ ସମ୍ୟକ ଆଲୋଚନା କରି ମୋ ଲେଖାର ମୁଣ୍ଡିମାରୁଛି ।

କଥିତ ଅଛି ଯଦୁବଂଶ ଧ୍ୱଂସ ପରେ ଦ୍ୱାରକାଧିପତି ଶ୍ରୀକୃଷ୍ଣ ଜାରାଶବର ତୀରରେ ଆହତ ହୋଇ ଦେହତ୍ୟାଗ କରିବା ପରେ ପାଣ୍ଡବମାନେ ତାଙ୍କ ମର ଶରୀରକୁ ଦାହ କରୁଥିଲେ । ସଂପୂର୍ଣ୍ଣ ଦାହ ନହେବାରୁ ଅର୍ଦ୍ଧଦଗ୍ଧ ଶରୀରକୁ ସମୁଦ୍ରରେ ଭସାଇ ଦେଲେ । ସେଇଟି 'ଦାରୁ' ରୂପରେ ଭାସି ଆସି ବାଙ୍କି ମୁହାଣରେ ଲାଗିଲା । ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶ ପାଇ ଦାରୁ ଆଣି ତିନିମୂର୍ତ୍ତି ନିର୍ମାଣ କରାଇଲେ ।

ଅନ୍ୟ ଏକ କିମ୍ବଦନ୍ତୀ କହେ, ଅବନ୍ତୀ ନୃପତି ଇନ୍ଦ୍ରଦ୍ୟୁମ୍ନ ଲୋକମୁଖରୁ ନୀଳକନ୍ଦରରେ ପୂଜା ପାଉଥିବା ନୀଳ ମାଧବଙ୍କ ମହିମା ଶ୍ରବଣ କରି ତାଙ୍କୁ ଠାବ କରିବା ପାଇଁ ରାଜ ପୁରୋହିତଙ୍କ ଭାଇ ବିଦ୍ୟାପତିଙ୍କୁ ପଠାଇଲେ । ନୀଳକନ୍ଦରରେ ଶବର ରାଜା ବିଶ୍ୱାବସୁ ନୀଳ ମାଧବଙ୍କୁ ପୂଜା କରୁଥିଲେ । ବିଦ୍ୟାପତି, ବିଶ୍ୱାବଶୁଙ୍କ ଝିଅ ଲଳିତା ସହାୟତାରେ ନୀଳମାଧବଙ୍କୁ ଠାବ କରିବା ପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଖବର ଦେଲେ । ଇନ୍ଦ୍ରଦ୍ୟୁମ୍ନ ସୈନ୍ୟ ସାମନ୍ତ ଧରି ସେଠାକୁ ଅଗ୍ରସର ହେବାବେଳେ

Digitized by srujanika@gmail.com

ସ୍ୱପ୍ନାଦେଶ ହେଲା ସେ ଦାରୁ ରୂପରେ ଭାସି ଆସୁଛନ୍ତି ତାଙ୍କୁ ଉଦ୍ଧାର କରି ମୂର୍ତ୍ତି ନିର୍ମାଣ କର ।

ଦ୍ୱିତୀୟ କିମ୍ବଦନ୍ତୀ ଅଧିକ ଗ୍ରହଣୀୟ, କାରଣ ଜଗନ୍ନାଥଙ୍କ ସେବାରେ ଶବର ମାନଙ୍କର ଅଂଶ ଗ୍ରହଣ । ଇନ୍ଦ୍ରଦ୍ୟୁମ୍ନ ବାଙ୍କି ମୁହାଣରୁ ମହାଦାରୁ କୁ ଆଣି ବିଶ୍ୱକର୍ମାଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରାଇଲେ । କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ ରୁଦ୍ଧଦ୍ୱାର ଖୋଲି ଦେବାରୁ ଚତୁର୍ଦ୍ଧା ମୂର୍ତ୍ତି (ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା) ଅସମ୍ପୂର୍ଣ୍ଣ ରହିଗଲା । ଉପନିଷେଦ ବର୍ଣ୍ଣିତ ହସ୍ତପଦହୀନ ମୂର୍ତ୍ତି ରୂପରେ ପୂଜା ପାଇଲା । ଅଣାକାର ପରଂବ୍ରହ୍ମଙ୍କୁ କିଏ କେଉଁ ରୂପରେ ପୂଜା କରିବ ?

ହିନ୍ଦୁମାନଙ୍କର ପବିତ୍ର ଚାରିଧାମ ମଧ୍ୟରେ ପୁରୀ ଅନ୍ୟତମ ।ଏହାକୁ ନୀଳଗିରି, ନିଳାଦ୍ରି, ନୀଳାଚଳ, ପୁରୁଷୋତ୍ତମ, ଶଂଖକ୍ଷେତ୍ର, ଶ୍ରୀକ୍ଷେତ୍ର, ଜଗନ୍ନାଥ ପୁରୀ ଇତ୍ୟାଦି ନାମରେ ନାମିତ କରାଯାଇଛି । ମହୋଦଧି (ବଙ୍ଗୋପସାଗର)ର ବେଳାଭୂମି ଓ ଶ୍ରୀ ମନ୍ଦିର ଏହି ପୂଣ୍ୟପୀଠର ଆକର୍ଷଣ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ୬୦ କି.ମି. ଦୂର । ଏହି ସ୍ଥାନର ନାମକରଣ କେବେ ଓ କିପରି ହୋଇଛି ତାର କୌଣସି ଐତିହାସିକ ସିଦ୍ଧାନ୍ତ ନାହିଁ । ଠିକ୍ ସେମିତି ମନ୍ଦିର ନିର୍ମାଣର ସମୟ ସଂପର୍କରେ ନାନାକଥା ଶୁଣିବାକୁ ମିଳେ । ଜଗନ୍ନାଥ ମନ୍ଦିର ଖ୍ରୀଷ୍ଟପୂର୍ବ ପ୍ରଥମ ବା ଦ୍ୱିତୀୟ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା ବୋଲି ଜନଶ୍ରୁତି କହେ । ତେବେ ଶ୍ରୀମନ୍ଦିର ବର୍ତ୍ତମାନର ମନ୍ଦିର ନୁହେଁ । ଶ୍ରୀକ୍ଷେତ୍ର ନବମ ଶତାବ୍ଦୀରୁ ପ୍ରସିଦ୍ଧି ଲାଭ କରିଛି । ଦଶମ ଶତାବ୍ଦୀରେ ଚୋଡଗଙ୍ଗଦେବ ନିର୍ମାଣ କରିଥିଲେ ମନ୍ଦିର ଓ ମୁଖଶାଳା । ଧଳାରଙ୍ଗ ଦିଆ ଯାଇଥିବାରୁ ଇଉରୋପୀୟ ନାବିକମାନେ ଏହାକୁ କହୁଥିଲେ WHITE PAGODA. ଅନଙ୍ଗଭୀମ ଦେବ ୧୧୯୦ରୁ ୧୨୦୫ ରେ ଜଗମୋହନ ନାଟ୍ୟ ମନ୍ଦିର, ଭୋଗ ମଣ୍ଡପ ଓ ବାହାର ବେଢ଼ା, ମେଘନାଦ ପାଚେରୀ ଇତ୍ୟାଦି ସଂପୂର୍ଣ୍ଣ କଲେ । ପାର୍ଶ୍ୱଦେବତା ମାନଙ୍କୁ ସ୍ଥାପନ କରି ସେମାନଙ୍କ ପାଇଁ ମଧ୍ୟ ମନ୍ଦିର ନିର୍ମାଣ କଲେ । ମନ୍ଦିର ନିର୍ମାଣ ପରେ ନୀଳାଚଳର ପ୍ରସିଦ୍ଧି ଚାରିଆଡେ ବ୍ୟାପିଗଲା । ଜଗନ୍ନାଥ ଧର୍ମର ପ୍ରଚାର ପାଇଁ ପୁରୀର ସେବକ ମାନଙ୍କୁ ବିଭିନ୍ନ ପ୍ରଦେଶକୁ ପଠାଗଲା । ସେହି ସମୟରୁ ପଣ୍ଡାପ୍ରଥା ପ୍ରଚଳନ ଅଛି । ୧୬ଶ ଶତାବ୍ଦୀରେ ପଞ୍ଚସଖା (ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ, ଅନନ୍ତ) ଙ୍କ ସମୟରେ ଏହା ସୁବିଖ୍ୟାତ ହେଲା ।

୧୦.୭ ଏକର ଜମି ଉପରେ ନିର୍ମିତ ଏହି ମନ୍ଦିରର ଉଚ୍ଚତା ୨୧୪ ଫୁଟ (୬୫ମିଟର) ଅଷ୍ଟଧାତୁରେ ନିର୍ମିତ ନୀଳଚକ୍ରର ଉଚ୍ଚତା ୧୧ଫୁଟ ଆଠ ଇଞ୍ଚ, ବ୍ୟାସ ୬ଫୁଟ ୬ଇଞ୍ଚ, ଆଠଟି ଅର ପ୍ରତ୍ୟେକ ୧ଫୁଟ ୧ଇଂଚ, ଲିଙ୍ଗରାଜ ମନ୍ଦିର ଶୈଳୀରେ ଗଢା । ମନ୍ଦିରର ଦୁଇଟି ବେଢ଼ା । ବାହାର ବେଢ଼ା ମେଘନାଦ ପାଚେରୀ ୬୬୫୬୪୪ ଫୁଟ । ଉଚ୍ଚତା ୨୦ରୁ ୨୪ ଫୁଟ । ଏଥିରେ ୪ଟି ଦ୍ୱାର । ପୂର୍ବରେ ସିଂହଦ୍ୱାର, ପଶ୍ଚିମରେ ବ୍ୟାଘ୍ର, ଦକ୍ଷିଣରେ ଘୋଡା, ଉତ୍ତରରେ ହସ୍ତୀ । ଭିତର ବେଢ଼ା କୁର୍ମ ବେଢ଼ା ୪୨୦ଘ୩୧୫ ଫୁଟ । କପିଳେନ୍ଦ୍ର ଦେବ ନିର୍ମାଣ କରିଥିଲେ । ତାର

Digitized by srujanika@gmail.com

ମଧ ଚାରୋଟି ଦ୍ୱାର । ଦୁଇ ବେଢ଼ା ଭିତରେ ରୋଷଘର । ବେଢା ଭିତରେ ୪୦ ରୁ ଅଧିକ ମନ୍ଦିର ଓ ମୁକ୍ତି ମଣ୍ଡପ ।

ଜଗନ୍ନାଥଧର୍ମ ସବୁଧର୍ମର ସମନ୍ୱୟ । ପ୍ରତ୍ୟେକ ଧର୍ମର ଧର୍ମାବଲମ୍ବୀ ତାଙ୍କ ଇଷ୍ଟଙ୍କୁ ଜଗନ୍ନାଥଙ୍କ ଭିତରେ ପାଇଥାନ୍ତି । ଭାରତବର୍ଷରେ ପାଞ୍ଚଟି ସମ୍ପ୍ରଦାୟ ମୁଣ୍ଡ ଟେକିଛି । ସେମାନେ ହେଲେ ଶୈବ, ଶକ୍ତି, ବୈଷ୍ଣବ, ଗାଣପତ୍ୟ ଓ ସୌର । ଶ୍ରୀ ଜଗନ୍ନାଥଙ୍କୁ ଏସବୁ ସମ୍ପ୍ରଦାୟର ସମନ୍ୱୟ ଦେବତା ଭାବେ ଗ୍ରହଣ କରାଯାଇଛି । ଶ୍ରୀମନ୍ଦିରରେ ସବୁ ସମ୍ପ୍ରଦାୟର ପୂଜାର୍ଚ୍ଚନାକୁ ପ୍ରାଧାନ୍ୟ ଦିଆଯାଇ ସମନ୍ୱୟ ସାଧନ କରାଯାଇଛି । ବଳଭଦ୍ରଙ୍କୁ ଶିବ ଓ ବୈଷ୍ଣବର ସମନ୍ୱୟ ଦେବତା ଭାବେ ଗ୍ରହଣ କରାଯାଇଛି । ତାନ୍ତ୍ରିକ ମାନେ ଜଗନ୍ନାଥଙ୍କୁ ତନ୍ତ୍ରଧର୍ମର ପରମ ଅରାଧ୍ୟ ଇଷ୍ଟଦେବ ରୂପେ ଗ୍ରହଣ କରନ୍ତି । ତାନ୍ତ୍ରିକ ମାନଙ୍କ କଳନା ପୁରୀର ଅନ୍ୟନାମ ଭୈରବୀ ଚକ୍ର । ଏହାର ଅଧିଷ୍ଠାତ୍ରୀ ଦେବୀ ବିମଳା ପରମ ବୈଷ୍ଣବୀ ଓ ଜଗନ୍ନାଥ ଭୈରବ । ସ୍ନାନ ପୂର୍ଣ୍ଣିମାରେ ଜଗନ୍ନାଥ ହାତୀବେଶ (ଗଣପତି) ହୁଅନ୍ତି ଓ ମନ୍ଦିରରେ ସୂର୍ଯ୍ୟପୂଜା ହୁଏ । ଅତଏବ ଜଗନ୍ନାଥ କେବଳ ବେଦର ଓଁକାର ନୁହନ୍ତି । ପୁରୁଷସୂକ୍ତର ପୁରୁଷ ନୁହନ୍ତି, ଉପନିଷେଦର ପାଦପାଣି ହୀନ ସର୍ବରସ ଗ୍ରାହୀ ମୂର୍ତ୍ତି ନୁହନ୍ତି, ଗୀତାର ପୁରୁଷୋତ୍ତମ ନୁହନ୍ତି, ତନ୍ତ୍ରର ଦକ୍ଷିଣ କାଳିକା ନୁହନ୍ତି, ବୈଷ୍ଣବର ରାଧାକୃଷ୍ଣ ନୁହନ୍ତି, ପାଞ୍ଚ ସଂପ୍ରଦାୟର ଶୈବ, ଗଣପତି, ସୂର୍ଯ୍ୟ ମଧ୍ୟ ଅଟନ୍ତି । ଶବର ମାନଙ୍କର ଦେବତା । ଆର୍ଯ୍ୟ ମାନଙ୍କର ପ୍ରଣବ, ହିନ୍ଦୁମାନଙ୍କର ବିଷ୍ଣୁପୁରୁଷୋତ୍ତମ, ଜୈନ ମାନଙ୍କର ଜୀନ ବୌଦ୍ଧ ମାନଙ୍କର ତ୍ରିରତ୍ନ । ସର୍ବଜନଗ୍ରାହୀ ସର୍ବବିଦ୍ୟମାନ ସମନ୍ୱୟ ବିଗ୍ରହ ଭାବରେ ଓଡ଼ିଶାରେ ପୂଜାପାଇ ଓଡିଶାର ଗର୍ବ ଓ ଗୌରବ ର ପ୍ରଭୁ ହୋଇଛନ୍ତି ।

ଖ୍ରୀଷ୍ଟିଆନ ମୁସଲମାନ ଧର୍ମାବଲମ୍ବିମାନେ ମଧ୍ୟ ତାଙ୍କୁ ଭକ୍ତି ଓ ଶ୍ରଦ୍ଧା କରିନ୍ତି । ପୁରୀ ଦର୍ଶନରେ ଆସିଥିବା ଖ୍ରୀଷ୍ଟିଆନ ସିଲ୍ଭିଆନ ଲେଭି ବୈଦିକଧର୍ମରେ ମାନବିକତାର ସଂଧାନ ପାଇଲେ ପୁରୁଷୋତ୍ତମ କ୍ଷେତ୍ରରୁ । ରଥଯାତ୍ରା ଏବେ ଖ୍ରୀଷ୍ଟୀଆନ ସଂପ୍ରଦାୟରେ ଦେଖାଯାଉଛି । ଇସ୍‌ଲାମ ମୁସଲମାନମାନେ ସେମାନଙ୍କ ରାଜତ୍ୱ କାଳରେ ମନ୍ଦିର ଧ୍ୱଂସ କରିବାକୁ ପ୍ରୟାସ କରିଥିଲେ । ଏବେ ସେ ଅବସ୍ଥା ବଦଳିଯାଇଛି । ମହାପ୍ରସାଦ ଭାତୃତ୍ୱର ବନ୍ଧନକୁ ସୁଦୃଢ଼ କରେ । ସାଲବେଗ ଜଗନ୍ନାଥ ସେବାରେ ତାଙ୍କ ଜୀବନ ଉତ୍ସର୍ଗ କରିଛନ୍ତି ।

## ଠାକୁର ଦର୍ଶନ

ଦକ୍ଷିଣ ଦ୍ୱାରରେ ଥିବା ଅରୁଣସ୍ତମ୍ଭ ପାଖରୁ ଅଣହିନ୍ଦୁମାନେ ଜଗନ୍ନାଥ ଦର୍ଶନ କରିପାରିବେ । ସିଂହଦ୍ୱାର ଗୁମୁଟିରେ ପତିତପାବନ ହନୁମାନ ଦେଖିବା ପରେ ବାଇଶି ପାହାଚ । ତାକୁ ପାର ହେଲେ ଭିତର ବେଢା । ସେଠାରେ ମନ୍ଦିର ପରିକ୍ରମା । ତା'ପରେ ଭୋଗମଣ୍ଡପ, ନାଟ ମନ୍ଦିର ଓ ଜଗମୋହନରେ ଦୀପଦାନ କରି ଜଗନ୍ନାଥ ଦର୍ଶନ । ଗର୍ଭଗୃହରେ ରତ୍ନବେଦୀ ଉପରେ ଜଗନ୍ନାଥଙ୍କୁ ଛୁଇଁ ପାରିବା ନାହିଁ । ତାହା କେବଳ ରଥଯାତ୍ରା ବେଳେ ସମ୍ଭବ । ବେଢା ଭିତରେ ପ୍ରାୟ ୪୦ ଟି ମନ୍ଦିର । ସେଥିଭିତରୁ ଅଧିଷ୍ଠାତ୍ରୀ ଦେବୀ ବିମଳା, ମହାଲକ୍ଷ୍ମୀ,

Digitized by srujanika@gmail.com

ଅନନ୍ତବାସୁଦେବ, କ୍ଷେତ୍ରପାଳ, ମୁକ୍ତେଶ୍ୱର, ଗଣପତି, ରୋହିଣୀ କୁଣ୍ଡ ଇତ୍ୟାଦି ଦର୍ଶନୀୟ। ବେଢା ବାହାର ପ୍ରତ୍ୟେକ ଦ୍ୱାର ପାଖରେ ଦୁଇ ବେଢା ମଧ୍ୟରେ ବହୁ ଦେବାଦେବୀ। କୋଇଲି ବୈକୁଣ୍ଠ ଠାକୁରଙ୍କ ପାଇଁ ଶ୍ମଶାନ। ନବକଳେବରବେଳେ ଗୋଲକ ଗମନ ଲୀଳା ଏଠାରେ ସଂଗଠିତ ହୁଏ। ନିଳାଦ୍ରୀବିହାର- ଜଗନ୍ନାଥ ଓ କୃଷ୍ଣଲୀଳାର ମ୍ୟୁଜିୟମ, ବିଗ୍ରହ ମାନଙ୍କ ପାଇଁ ପୁଷ୍ପ ଓ ତୁଳସୀ ଉଦ୍ୟାନ। ବେଢା ବୁଲା ପରେ ଆନନ୍ଦ ବଜାରରେ ପ୍ରସାଦ ସେବନ। ପ୍ରଭୁଙ୍କର ନୈବେଦ୍ୟ ଅନ୍ନ ଅମୃତ ତୁଲ୍ୟ। ଏଠି ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ବସି ମହାପ୍ରସାଦ ସେବନ କରି ପାପ ମୁକ୍ତ ହୁଅନ୍ତି।

**ଶ୍ରୀକ୍ଷେତ୍ରରେ ଦେବାଦେବୀ ଓ ଶ୍ରୀ ମନ୍ଦିର ସହ ସେମାନଙ୍କର ସଂପର୍କ-**

(୧) ଶିବ ମନ୍ଦିର -ଅଷ୍ଟଶମ୍ଭୁ- ଜଗନ୍ନାଥ ଶଙ୍ଖର ମଧ୍ୟସ୍ଥଳରେ ଓ ଚାରିପଟେ ଶମ୍ଭୁ।

(କ) କପାଳ ମୋଚନ- ଶ୍ରୀମନ୍ଦିର ଦକ୍ଷିଣ ପଶ୍ଚିମ କୋଣରେ।

(ଖ) ମାର୍କଣ୍ଡେଶ୍ୱର- ମାର୍କଣ୍ଡେଶ୍ୱର ପୋଖରୀ ପାଖରେ।

(ଗ) ଯମେଶ୍ୱର- ଦକ୍ଷିଣ ଦିଗରେ।

(ଘ) ନୀଳକଣ୍ଠ- ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପାଖରେ।

(ଙ) ଲୋକନାଥ- ଶ୍ରୀମନ୍ଦିର ଦକ୍ଷିଣ ପଶ୍ଚିମ ଦିଗରେ।

(ଚ) ବଟେଶ୍ୱର- ବଟମୂଳରେ।

(ଛ) କ୍ଷେତ୍ରପାଳ।

(ଜ) ବିଶ୍ୱେଶ୍ୱର।

(୨) ଦେବୀ ମନ୍ଦିର- ଆଠ ଦେବୀ

ଦକ୍ଷିଣ କାଳୀ, ବାସେଳୀ, ହରଚଣ୍ଡୀ, କାଳିକା, ରାମଚଣ୍ଡୀ, ବଟ୍ଟଳ ଯୋଗିନୀ, ଝାଡେଶ୍ୱରୀ, ଶ୍ମଶାନ ଚଣ୍ଡୀ।

(୩) ନୃସିଂହ ମନ୍ଦିର- ବହୁତ

(୪) ହନୁମାନ ମନ୍ଦିର- ବହୁତ

(୫) ଗୁଣ୍ଡିଚା ମନ୍ଦିର

**ପଞ୍ଚତୀର୍ଥ ଓ ଚାରିଆଶ୍ରମ**

ମହୋଦଧି-ସମୁଦ୍ର ସ୍ନାନ

ରୋହିଣୀକୁଣ୍ଡ-କାକ ଜଳପାନ କରି ଚତୁର୍ଦ୍ଧା ମୂର୍ତ୍ତି।

ମାର୍କଣ୍ଡେୟ ସରୋବର-ଏଠାରେ କାଳୀୟ ଦଳନ ହୁଏ।

ଶ୍ୱେତ ଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ସରୋବର।

ନରେନ୍ଦ୍ର ପୁଷ୍କରିଣୀ, ମାର୍ଗଶୀର କୃଷ୍ଣ ପଞ୍ଚମୀରେ ପଞ୍ଚତୀର୍ଥ ଯୋଗପଡେ।

**ଚାରିଆଶ୍ରମ**

ଅଙ୍ଗିରା ଆଶ୍ରମ- ଦୋଳ ମଣ୍ଡପ ସାହି

ଭୃଗୁଆଶ୍ରମ- ବାଲି ସାହି

Digitized by srujanika@gmail.com

କଣ୍ଣୁଆଶ୍ରମ- ହରଚଣ୍ଡି ସାହି
ମାର୍କଣ୍ଡେୟ ଆଶ୍ରମ-ମାର୍କଣ୍ଡେଶ୍ୱର ସାହି
ଏଗୁଡିକ ଶ୍ରୀ ମନ୍ଦିର ନୀତି ସହ ସଂପୃକ୍ତ
ଶ୍ରୀ ମନ୍ଦିରର ଛତିଶା ନିଯୋଗ ।

ଜଗନ୍ନାଥଙ୍କୁ ସାର୍ବଜନୀନ କରିବାକୁ କଳିଙ୍ଗରେ ଥିବା ଛତିଶ ପାଟକଙ୍କୁ ରାଜା ଅନଙ୍ଗଭୀମଦେବ ସେବା କାର୍ଯ୍ୟରେ ନିୟୋଜିତ କରିଥିଲେ ସ୍ୱସ୍ୱ ବୃତ୍ତିରେ । ସେମାନଙ୍କ ପାଇଁ ଜମିବାଡି ଖଞ୍ଜାହେଲା । ସେମାନେ ଦେବତାଙ୍କ ପୂଜା କରିବା ତାଙ୍କ କର୍ତ୍ତବ୍ୟ ବୋଲି ମନେ କଲେ । ଉଦାହରଣ ସ୍ୱରୂପ-

୧. ଦଇତା- ଶବର ସ୍ନାନ ପୂର୍ଣ୍ଣିମାଠାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ କାର୍ଯ୍ୟରତ ।
୨. କରଣ- ବିବରଣୀ ଲେଖା ଓ ନୀତି ଚଳାଇବେ ।
୩. ସୂପକାର- ସୁଆର-ରୋଷେଇ
୪. ପଣ୍ଡା- ପୂଜା
୫. ବିମାନ ବଡୁ- ଗରୁଡ଼ ବିମାନ କାନ୍ଧେଇବା ।

ଶ୍ରୀମନ୍ଦିରରେ ୬୦୦୦ ସେବକ କାମ କରନ୍ତି । ରୋଷେଇ ଶାଳାରେ ପ୍ରତିଦିନ ୧୦,୦୦୦ ଓ ପର୍ବ ପର୍ବାଣୀରେ ୨୫୦୦ ଲୋକଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ହୁଏ ।

## ମଠ ମନ୍ଦିର ସହ ସଂପର୍କ

ଜଗନ୍ନାଥ ମନ୍ଦିର ଏକ ସମନ୍ୱୟ ପୀଠ । ଏହି କ୍ଷେତ୍ରରେ ହିନ୍ଦୁମାନଙ୍କର ପଞ୍ଚଦେବତା ପୂଜାର ସମନ୍ୱୟ ଘଟିଛି ପଞ୍ଚ ଦେବତା ପୂଜାର ପ୍ରବକ୍ତା । ସାଧୁ ସନ୍ନ୍ୟାସୀମାନେ ଏଠାକୁ ଆସିଛନ୍ତି ଓ ଜଗନ୍ନାଥଙ୍କ ମଧ୍ୟରେ ନିଜର ପରିକଳ୍ପିତ ଦେବତାଙ୍କୁ ଦେଖିଛନ୍ତି । ନିଜର ମଠ ସ୍ଥାପନ କରିଛନ୍ତି । ପୁରୀ ସହରରେ ପ୍ରାୟ ୭୦ଟି ମଠ ରହିଛି । ଏଗୁଡିକ ଭିତରୁ ବହୁତ ଜଗନ୍ନାଥଙ୍କ ନୀତି ସହ ସଂପୃକ୍ତ । ସେଗୁଡିକ ହେଲା ।

ଶୈବ ମଠ

ଗୋବର୍ଦ୍ଧନ ପୀଠ, ଶିବତୀର୍ଥ, ଗୋପାଳ ତୀର୍ଥ, ମହୀ ପ୍ରକାଶ ମଠ ।

ବୈଷ୍ଣବ ମଠ

ରାମାନୁଜ ସଂପ୍ରଦାୟ- ଏମାର ମଠ, ଦକ୍ଷିଣ ପାର୍ଶ୍ୱମଠ, ଉତ୍ତରପାର୍ଶ୍ୱ ମଠ, ତ୍ରିମାଳୀ, ତୋରାଣୀ ଛତ୍ର କୈଶଲ୍ୟା ଦାସ ମଠ ।

**ରାମାନନ୍ଦି ସଂପ୍ରଦାୟ-** ଏହି ସଂପ୍ରଦାୟ ଦ୍ୱାରା ପ୍ରତିଷ୍ଠିତ ମଠ ଗୁଡିକ ମନ୍ଦିରର ସୁରକ୍ଷା ଦାୟିତ୍ୱରେ ଭୋଗ ଆଖଡା, ଖାକି ଆଖଡା, ହାତୀ ଆଖଡା, ବାଘ ଆଖଡା, ନିର୍ମାଣ ଆଖଡା, ବଡ ଆଖଡା, ସାନ ଆଖଡା ।

ଶାକ୍ତ ମଠ- ଲଙ୍ଗୁଳୀମଠ, ଅର୍ଦ୍ଧାଶିନୀ ମଠ
ନିମ୍ବାକ- ରାଧାବଲ୍ଲଭ ମଠ
ବିଷ୍ଣୁସ୍ୱାମୀ- ଜଗନ୍ନାଥ ବଲ୍ଲଭ ମଠ
ମାଧ୍ୱାଚାର୍ଯ୍ୟ-ରାଧାକାନ୍ତ ମଠ
ଓଡ଼ିଆମଠ- ବଡ ଓଡ଼ିଆ, ସାନ ଓଡ଼ିଆ

Digitized by srujanika@gmail.com

**ଇସଲାମ ସଂପ୍ରଦାୟ-** ସାଲବେଗ ମଠ, କବୀର ଚଉରା ମଠ।

**ଶିଖ ସଂପ୍ରଦାୟ-** ମଂଗୁମଠ, ବାଉଳି ମଠ।

ମଠ ମାଧ୍ୟମରେ ହିନ୍ଦୁ ଦର୍ଶନ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର କରାଯାଏ। ତୀର୍ଥଯାତ୍ରୀ ମାନଙ୍କ ପାଇଁ ଆଶ୍ରୟ ସ୍ଥଳ। ଗରିବ ଓ ମେଧାବୀ ଛାତ୍ରଙ୍କୁ ସାହାଯ୍ୟ ଓ ଆଶ୍ରୟଦେବା ଓ ଜଗନ୍ନାଥଙ୍କ ବିଭିନ୍ନ ପର୍ବ ପର୍ବାଣୀରେ ଭାଗନେବା।

**ଜଗନ୍ନାଥ ବଲ୍ଲଭ-** ପ୍ରମୋଦ ଉଦ୍ୟାନ। ବସନ୍ତ ପଞ୍ଚମୀରେ ଠାକୁର ସେଠାକୁ ଯାନ୍ତି।

**ରାଘବ ଦାଶ ମଠ-** ସ୍ନାନ ପୂର୍ଣ୍ଣମା ଓ ରଥଯାତ୍ରାରେ ଟାହିଆ ଯୋଗାଏ।

**ଓଡ଼ିଆ ମଠ-** ଅଧର ପଣା, ତେଲ ଘିଅ ଯୋଗାନ୍ତି।

**ଏମାର ମଠ-** ବଡ଼ ସିଂହାର ବେଶ ପାଇଁ ଫୁଲର ଚନ୍ଦ୍ରିକା ଓ ଚୋଷର ଯୋଗାନ୍ତି।

**ଗୋବର୍ଦ୍ଧନ ମଠ-** ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏଇ ମଠ ପାଇଁ ଚାରିତୀର୍ଥରେ ପୁରୀ ସ୍ଥାନ ପାଇଛି।

**ବଡ଼ ଛତା ମଠ-** ମନ୍ଦିର ସମ୍ମୁଖରେ । ମଙ୍ଗଳ ଆଳତୀ ସମୟରେ କୀର୍ତ୍ତନ କରନ୍ତି।

**ବାସୁଳି ମଠ-** ନବମୀ ଦିନ ବିମଳାଙ୍କ ପାଇଁ ବଳି ଯୋଗାନ୍ତି।

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା

ଶ୍ରୀକ୍ଷେତ୍ରରେ ବାରମାସରେ ତେର ଯାତ ହୁଏ ବୋଲି ପ୍ରବାଦ ଅଛି। ସେଥି ମଧ୍ୟରୁ ସ୍ନାନଯାତ୍ରା ଚନ୍ଦନ ଯାତ୍ରା, ଦୋଳଉତ୍ସବ, ନୀଳାଦ୍ରି ମହୋଦୟ (ପ୍ରତିଷ୍ଠା ଦିବସ) ଓ ଶ୍ରୀଗୁଣ୍ଡିଚା ପ୍ରଧାନ। ଶ୍ରୀଗୁଣ୍ଡିଚା ପୃଥିବୀ ପ୍ରସିଦ୍ଧ। ସେହି ଯାତ୍ରା ବିଷୟରେ ସମ୍ୟକ ସୂଚନା ଦେଇ ଲେଖା ଶେଷ କରିବି।

ଆଷାଢ ଶୁକ୍ଳ ଦ୍ୱିତୀୟାରେ ଶ୍ରୀକୃଷ୍ଣଙ୍କ ଗୋକୁଳରୁ ମଥୁରା ଯାତ୍ରା ଦିବସରେ ପ୍ରଭୁ ଜଗନ୍ନାଥ ଭାଇ ଭଉଣୀଙ୍କୁ ସାଥୀରେ ଧରି ତିନି ରଥରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି ଓ ସେଠାରେ ସାତଦିନ ରହି ଶ୍ରୀମନ୍ଦିରକୁ ଫେରନ୍ତି। ଫେରିବା ଦିନ ଏକାଦଶୀ ତିଥିରେ ରଥରେ ସୁନାବେଶ ହୁଏ। ଗୁଣ୍ଡିଚା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ। ସେ ହିଁ ଦାରୁ ବ୍ରହ୍ମରୁ ଜଗନ୍ନାଥ ନିର୍ମାଣ ପାଇଁ ବିଶେଷ ଆଗ୍ରହ ଦେଖାଇଛନ୍ତି।

ଅକ୍ଷୟ ତୃତୀୟାରେ ରଥତିଆରି ଆରମ୍ଭ ହୁଏ। ସ୍ନାନଯାତ୍ରା ପରେ ପ୍ରଭୁଙ୍କୁ ଜ୍ୱର ହୁଏ ଓ ସେ ଅଣସରଘରେ ରହନ୍ତି ୧୫ ଦିନ। ସେଠୁ ବାହାରିବା ପରେ ନବଯୌବନ ଓ ନେତ୍ରୋତ୍ସବ।

ତିନିରଥ- ବଳଭଦ୍ରଙ୍କ ପାଇଁ ତାଳଧ୍ୱଜ

ଜଗନ୍ନାଥଙ୍କ ପାଇଁ ନନ୍ଦିଘୋଷ

ସୁଭଦ୍ରାଙ୍କ ପାଇଁ ଦେବଦଳନ।

ନନ୍ଦିଘୋଷରଥ ୪୩ଫୁଟ ଉଚ୍ଚ, ୩୩ଫୁଟ ଚଉଡା, ୧୬ଟି ଚକ। ତାଳଧ୍ୱଜରେ ୧୪ ଓ ଦର୍ପଦଳନରେ ୧୨ଟି ଚକ। ଶ୍ରୀଗୁଣ୍ଡିଚା ପୂର୍ବରୁ ରଥ ପ୍ରସ୍ତୁତି ସରିଥାଏ। ପ୍ରଥମେ ଠାକୁରମାନେ ପହଣ୍ଡି ବିଜେ କରନ୍ତି। ସୁଭଦ୍ରାଙ୍କ ରଥରେ

Digitized by srujanika@gmail.com

ସୁଦର୍ଶନ । ଜଗନ୍ନାଥଙ୍କ ରଥରେ ମଦନ ମୋହନ ଓ ବଳଭଦ୍ରଙ୍କ ରଥରେ ରାଧାକୃଷ୍ଣ ରହନ୍ତି । ଠାକୁରମାନେ ଆସ୍ଥାନରେ ବସିବା ପରେ ଠାକୁର ରାଜା ଛେରା ପହଁରା କରନ୍ତି । ତା'ପରେ ତିନିରଥ ଟଣା ହୋଇ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଆସନ୍ତି । ସେଦିନ ଆସି ନପାରିଲେ ପରଦିନ ·ରଥ ଲାଗେ ଓ ଠାକୁରମାନେ ପହଣ୍ଡି କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ବାହୁଡା ଯାତ୍ରା ଶୁକ୍ଳ ଦଶମୀରେ ହୁଏ ଓ ସେହି ରାତିରେ ରଥଟଣା ହୁଏ ।

**ନବକଳେବର-** ଯେଉଁ ବର୍ଷ ଦୁଇଟି ଆଷାଢ ମାସ ପଡେ ସେବର୍ଷ· ନବକଳେବର ହୁଏ । ୧୨ ରୁ ୧୯ବର୍ଷ ପରେ ଏପରି ଯୋଗ ପଡେ । ପୁରୁଣା ମୂର୍ତ୍ତିକୁ ବିସର୍ଜନ କରାଯାଇ ନୂଆ ମୂର୍ତ୍ତି ଗଢାଯାଏ । ଅନ୍ୟସବୁ ପୂର୍ବପରି । ରଥଯାତ୍ରାରେ ବିଭିନ୍ନ ଜାତି ଓ ଧର୍ମର ଲୋକେ ଠାକୁରଙ୍କୁ ଦର୍ଶନ କରିବା ସାଥେ ସାଥେ ଆଲିଙ୍ଗନ ବି କରିପାରିବେ । ଏହା ହେଉଛି ଏହି ଯାତ୍ରାର ବିଶେଷତ୍ୱ ।

ଏଇ ପୃଥିବୀ ପ୍ରସିଦ୍ଧି ଦେବତାଙ୍କ ନାମରେ ୪୭୮୦୦ ଏକର ଜମି ଅଛି । ହେଲେ ସମୁଦାୟ ବାର୍ଷିକ ଆୟ ୨୩ଲକ୍ଷ ଓ ଖର୍ଚ୍ଚ ୨୮ ଲକ୍ଷ ଟଙ୍କା ବୋଲି ଜଣାଯାଏ । ଏହା ପୃଥିବୀର ଅନ୍ୟ ଏକ ଆଶ୍ଚର୍ଯ୍ୟ ।

୦୦୦

Digitized by srujanika@gmail.com



୨୦.୧୨.୫୫ରେ ଏମ.ବି.ବି.ଏସ୍. ଡାକ୍ତର

Digitized by srujanika@gmail.com



ବିବାହ ବେଦୀରେ ବରକନ୍ୟା



୧୯୫୯ରେ ବିଲାତ ଯାତ୍ରା ପୂର୍ବରୁ

Digitized by srujanika@gmail.com



୧୯୮୦ରେ କଳାହାଣ୍ଡି ସିଡିଏମଓ ଭାବେ ଯୋଗଦାନ



୧୯୮୮ ସେପ୍ଟେମ୍ବର ୧୫ରେ ଚାକିରିରୁ ଅବସର ଗ୍ରହଣ ବେଳେ ପତିପତ୍ନୀ

Digitized by srujanika@gmail.com



କଳାହାଣ୍ଡିରେ ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖା ୩୨ତମ ଅଧିବେଶନ ପାଇଁ
ଅଭ୍ୟର୍ଥନା ସମିତିର ସଭାପତି ଭାବେ ସ୍ୱାଗତଭାଷଣ । ପାଖରେ ପୂର୍ବମନ୍ତ୍ରୀ ଦୟାନିଧି ନାୟକ



କଳାହାଣ୍ଡିର ସିଡିଏମ୍‌ଓ ଥିବାବେଳେ କେସିଙ୍ଗା ଯୁବ କ୍ଲବ୍ ଉଦ୍‌ଘାଟନ

Digitized by srujanika@gmail.com



କଳାହାଣ୍ଡି ସିଡିଏମଓ ଭାବେ ସ୍ଥାନୀୟ ଯୁବକ୍ଲବ୍ ଉଦ୍ଘାଟନ



କଳାହାଣ୍ଡି ସିଟିଏମ୍ଓ ଥିବାବେଳେ ଓଡ଼ିଶାର ରାଜ୍ୟପାଳ ଦମ୍ପତିଙ୍କ ଗହଣରେ

Digitized by srujanika@gmail.com



 କଳାହାଣ୍ଡି ସିଡ଼ିଏମ୍‌ଓ ଥିବାବେଳେ କଲେକ୍ଟର ମୀନାଗୁପ୍ତା,
ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ତଥା ସେକ୍ରେଟେରୀଙ୍କ ଗହଣରେ



ବିଲାତରେ ପଦାର୍ପଣ ପରେ

Digitized by srujanika@gmail.com



ପୁତ୍ର ବାବୁ (ଛତ୍ରପତି), ପୁତ୍ରବଧୂ ସସ୍ମିତା, ନାତୁଣୀ ସାରା (ଅନସୂୟା)
ଓ ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଗହଣରେ

Digitized by srujanika@gmail.com



ବିଲାତର ବାସଗୃହ ସମ୍ମୁଖରେ ପତିପତ୍ନୀ

Digitized by srujanika@gmail.com



ସ୍ୱାଧୀନତା ସଂଗ୍ରାମୀ କଂଗ୍ରେସର ପ୍ରତିଷ୍ଠିତ ଯୁବନେତା ତଥା
କଟକ ଜିଲାବୋର୍ଡ଼ ସଭ୍ୟ ମୋର ପୂଜନୀୟ ଭ୍ରାତୃଦେବ ପ୍ରହଲ୍ଲାଦ ପରିଡ଼ା



ବିଲାତରେ ଭାରତୀୟ ଛାତ୍ରାବାସ ସମ୍ମୁଖରେ ସେ ସମୟରେ ସେଠାରେ ପଢୁଥିବା
ଡାକ୍ତରମାନଙ୍କ ଗହଣରେ

Digitized by srujanika@gmail.com



ବିବାହ ଲଗ୍ନରେ ଟିକି (ସୁବିଦିତା) ବର (ଉତ୍ତମ) ମଝିରେ ଭାଇ ଛତ୍ରପତି



ବିବାହ ଲଗ୍ନରେ ଟିକି (ସୁବିଦିତା)

Digitized by srujanika@gmail.com



ସାନମଝିଆଁ ଝିଅ ଠୁନୁ, ଜ୍ୱାଇଁ ଜ୍ଞାନରଂଜନ ଓ ସେମାନଙ୍କ ପୁଅ, ଝିଅ

Digitized by srujanika@gmail.com



ମଝିଆଁ ଝିଅ ବେବି (ଶୁଭବ୍ରତା), ଜ୍ୱାଇଁ ଡାକ୍ତର ଅରୁଣ ମହାନ୍ତି ଓ ତାଙ୍କର ପୁଅ, ଝିଅ



ବଡ଼ଝିଅ ସାଗରିକା, ବଡ଼ଜ୍ୱାଇଁ ପ୍ରସନ୍ନ ଓ ତାଙ୍କ ପୁଅ ଈଶାନ

Digitized by srujanika@gmail.com



ବଂଧୁ ପ୍ରଫେସର ଗଙ୍ଗାଧର ମିଶ୍ର, ପ୍ରଫେସର ଯୋଗେନ୍ଦ୍ର ମୋହନ ସେନାପତି ଓ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଗହଣରେ



ପ୍ରଫେସର ଡାକ୍ତର ଉମାକାନ୍ତ ନନ୍ଦ, ସମୁଦି ଡାକ୍ତର ଉପେନ୍ଦ୍ରପ୍ରସାଦ ନାୟକଙ୍କ ସହ

Digitized by srujanika@gmail.com



ମୋ ପୁଅର ଝିଅ ଏକୋଇଶିଆରେ ସାଥୀ ପ୍ରଫେସର ଡାକ୍ତର ଉମାକାନ୍ତ ନନ୍ଦଙ୍କ ସହ



ଭଉଣୀ ଶଚୀରାଣୀ ଓ ଭିଣୋଇ ଦାମ ଜେନା, କୁଶୁପୁର

Digitized by srujanika@gmail.com



ମୋ ପୁଅ ଝିଅ ପାଞ୍ଚୋଟି ଏକତ୍ରିତ ମାମି (ସାଗରିକା) ବେବି (ଶୁଭବ୍ରତ)
ଠୁକୁ (ସୁଚରିତା) ବାବୁ (ଛତ୍ରପତି) ଓ ଟିକି (ସୁବିଦିତା)

Digitized by srujanika@gmail.com



କଳାହାଣ୍ଡି ସିଡିଏମଓ ଥିବା ସମୟରେ ସ୍ଥାନୀୟ ରଂଗମଂଚରେ ପୁରସ୍କାର ବିତରଣ

Digitized by srujanika@gmail.com